ଚିନ୍ତା

(ଅଜ୍ଞେଭ୍ୟୋ ଗ୍ରନ୍ଥିନଃ ଶ୍ରେଷ୍ଠା
ଗ୍ରନ୍ଥିଭ୍ୟୋ ଧାରିଣୋ ବରାଃ ।
ଧାରିଭ୍ୟୋ ଜ୍ଞାନିନଃ ଶ୍ରେଷ୍ଠା
ଜ୍ଞାନିଭ୍ୟୋ ବ୍ୟବସାୟିନଃ ।।—ମନୁ ।

ଅଜ୍ଞ ଅପେକ୍ଷା ଗ୍ରନ୍ଥାଧ୍ୟାୟୀ ଶ୍ରେଷ୍ଠ ।
ଗ୍ରନ୍ଥାଧ୍ୟାୟୀ ଅପେକ୍ଷା ଗ୍ରନ୍ଥାର୍ଥକାରୀ ଶ୍ରେଷ୍ଠ ।
ଗ୍ରନ୍ଥାର୍ଥକାରୀ ଅପେକ୍ଷା ଜ୍ଞାନୀ ଶ୍ରେଷ୍ଠ ।
ଜ୍ଞାନୀ ଅପେକ୍ଷା ଜ୍ଞାନାନୁଯାୟୀ କର୍ମୀ ଶ୍ରେଷ୍ଠ ।)

ବ୍ରଜବିହାରୀ

Digitized by srujanika@gmail.com

ଚିନ୍ତା

ରଚନା— ବ୍ରଜବିହାରୀ
ବଲାଙ୍ଗିର

ପ୍ରକାଶକ— **ଉତ୍କଳ ବିଶ୍ୱବିଦ୍ୟାଳୟ**
ବାଣୀବିହାର, ଭୁବନେଶ୍ୱର

ପ୍ରଚ୍ଛଦପଟ— ଶ୍ରୀ ଶ୍ରୀକାନ୍ତ ଉଦ୍‌ଗାତା
କବିକୁଟୀର, ବଲାଙ୍ଗିର

ମୁଦ୍ରାକର— ଶ୍ରୀ କମଳଲୋଚନ ଟଗ୍‌ବନ୍ଧୁ
ଶ୍ରୀରାଧାରମଣ ପ୍ରେସ
କଟକ—୨

ପ୍ରଥମ ପ୍ରକାଶ—୧୯୬୫

ମୂଲ୍ୟ—ଛଅ ଟଙ୍କା ପଚିଶ ପଇସା

Digitized by srujanika@gmail.com

"ଭୂତାନାଂ ପ୍ରାଣିନଃ ଶ୍ରେଷ୍ଠାଃ ପ୍ରାଣିନାଂ ବୁଦ୍ଧିଜୀବିନଃ,
ବୁଦ୍ଧିମତ୍ସୁ ନରାଃ ଶ୍ରେଷ୍ଠା ନରେଷୁ ବ୍ରାହ୍ମଣାଃ ସ୍ମୃତାଃ ।
ବ୍ରାହ୍ମଣେଷୁ ଚ ବିଦ୍ୱାଂସୋ ବିଦ୍ୱତ୍ସୁ କୃତବୁଦ୍ଧୟଃ,
କୃତବୁଦ୍ଧିଷୁ କର୍ତ୍ତାରଃ କର୍ତ୍ତୃଷୁ ବ୍ରହ୍ମବେଦିନଃ ।" (ମନୁସ୍ମୃତି)

"ସମସ୍ତ ଭୂତମାନଙ୍କ ମଧ୍ୟରେ ପ୍ରାଣୀ ଶ୍ରେଷ୍ଠ; ପ୍ରାଣୀମାନଙ୍କ ମଧ୍ୟରେ ବୁଦ୍ଧିଯୁକ୍ତ ପ୍ରାଣୀ ଶ୍ରେଷ୍ଠ । ବୁଦ୍ଧିଯୁକ୍ତ ପ୍ରାଣୀ ମଧ୍ୟରେ ମନୁଷ୍ୟ ଶ୍ରେଷ୍ଠ; ଆଉ ମନୁଷ୍ୟମାନଙ୍କ ମଧ୍ୟରେ ବ୍ରାହ୍ମଣ ଶ୍ରେଷ୍ଠ । ବ୍ରାହ୍ମଣମାନଙ୍କ ମଧ୍ୟରେ ବିଦ୍ୱାନ୍ ଶ୍ରେଷ୍ଠ, ବିଦ୍ୱାନ୍‌ମାନଙ୍କ ମଧ୍ୟରେ ପ୍ରତିଭାଶାଳୀ ବିଦ୍ୱାନ୍ ଶ୍ରେଷ୍ଠ, ପ୍ରତିଭାଶାଳୀ ବିଦ୍ୱାନ୍ ମଧ୍ୟରେ ତତ୍ତ୍ୱାବିଷ୍କାରକ ବିଦ୍ୱାନ୍ ଶ୍ରେଷ୍ଠ; ଆଉ ତତ୍ତ୍ୱାବିଷ୍କାରକ ବିଦ୍ୱାନ୍ ମଧ୍ୟରେ ବ୍ରହ୍ମଜ୍ଞାନୀ ଶ୍ରେଷ୍ଠ ।"

Digitized by srujanika@gmail.com

ଆରମ୍ଭରେ—

ଅଗ୍ରପୂଜ୍ୟୋ ଗଣାଧିପଃ

ଅଗ୍ର ଅର୍ଥାତ୍ ସର୍ବାଗ୍ରରେ, ସର୍ବ ପ୍ରଥମରେ, କୌଣସି ଏକ କାର୍ଯ୍ୟ ଆରମ୍ଭ କରିବାର ସର୍ବାଦ୍ୟରେ, ଗଣ ଅର୍ଥାତ୍ ଇନ୍ଦ୍ରିୟଗଣର ଅଧିପ ଅର୍ଥାତ୍ ରାଜା, ସେ' ରାଜା ପରମ କଲ୍ୟାଣମୟ ପରମେଶ, ଗଣେଶ, ପ୍ରତ୍ୟେକ ଗଣ, ପ୍ରତ୍ୟେକ ମନୁଷ୍ୟର ସେ ରାଜା, ରାଜାର ବି ସେ ରାଜା, ତାଙ୍କର ପୂଜା ଅର୍ଥାତ୍ ତାଙ୍କର ସମ୍ମାନ କରିବା ଉଚିତ । ସେ ସମ୍ମାନ କାହିଁକି ?—ତା'ର କୌଣସି ମନ ଅଛି ଅନ୍ତର ଅଛି ? ତାର ସମ୍ମାନ କରିବା ଅର୍ଥ ତାର ସମ୍ମାନ କରି ନିଜେ ସମ୍ମାନିତ ହେବା । ଯେ ଦୀପରେ ପୂଜାରିଣୀ ଦେବତାର ଆରତି କରେ, ସେ ଦୀପର ତେଜରେ ଉପାସକର ମୁଖ ଆଲୋକିତ ହୁଏ । ତାର ସମ୍ମାନ କରିବା ଅର୍ଥ ତାର ଉଦ୍ଦେଶ୍ୟରେ ସର୍ବାର୍ପଣ କରି ଅଭିମାନଶୂନ୍ୟ ହୋଇ କର୍ତ୍ତବ୍ୟ-ପଥରେ ଅଗ୍ରସର ହେବା । ଯେ ପଦାର୍ଥ ନିଜସ୍ୱ ନୁହେ, ତାର ପ୍ରାପ୍ତିରେ ଅଭିମାନ କାହିଁକି ? ଏ ଅଭିମାନ ତ ଚୌର୍ଯ୍ୟବୃତ୍ତିର ଅନ୍ୟ ନାମ । ଏପରି ଏକ ବିଶ୍ବାସର ପୂତ ଧାରା ପ୍ରବାହ ପ୍ରବର୍ତ୍ତନ ଶାସ୍ତ୍ରଚରଣ ଭାରତବର୍ଷରେ ପ୍ରବାହମାନ ଥିଲା । ସେହି ପ୍ରାଚୀନ କାଳରେ, ପ୍ରବୁଦ୍ଧ ଭାରତବର୍ଷରେ ଏପରି ଭାବରେ ମଙ୍ଗଳାଚରଣ, (ମଙ୍ଗଳ+ଆଚରଣ) କରିବାର ଏକ ସର୍ବସମ୍ମାନିତ ସାର୍ବଜନୀନ ପ୍ରଥା ଥିଲା । ଏହାର ଏକ ଉଜ୍ଜ୍ୱଳ ପରିଣତି ଆଧୁନିକ ଭାରତବର୍ଷରେ ବି ମ୍ରିୟମାଣ ଏ ପର୍ଯ୍ୟନ୍ତ ହୋଇ ପାରି ନାହିଁ—ଆଧୁନିକ ଅନ୍ଧବିଶ୍ବାସୀ ଭାରତରେ ବି ତାହା

Digitized by srujanika@gmail.com

ଏକ ଅଭିନବ ରୂପରେ ବା ପରମ ଶାନ୍ତିରେ, ପରମ ବିଶ୍ୱାସରେ ଉଦ୍‌ବେଳିତ ହୋଇ ଅନେକ କ୍ଷେତ୍ରରେ ଦୃଶ୍ୟମାନ । ୧ । ନୂତନବସ୍ତ୍ର ଧାରଣ କାଳରେ ହଳଦୀର ସ୍ପର୍ଶ ସହିତ ତୁଳସୀ ବୃକ୍ଷର ସ୍ପର୍ଶ ଦେବା ବସ୍ତ୍ରକୁ, । ୨ । ଅନ୍ନଗ୍ରହଣ କରିବା ପୂର୍ବରୁ ଈଶ୍ୱରଙ୍କର ଧ୍ୟାନରେ ଅନ୍ନକୁ କପାଳର ସ୍ପର୍ଶ ଦେବା, କାହିଁକି ନ ଦେବା ? ଏଥିପାଇଁ ଦେବା ଯେ ଏପରି କୌଣସି ପଦାର୍ଥକୁ ଈଶ୍ୱରଙ୍କୁ ଅର୍ପଣ କରିବା ଉଚିତ ନୁହେଁ, ଯା' ତାମସିକ । ତାମସିକ ଅର୍ଥରେ ଯେ କୌଣସି କୁପ୍ରବୃତ୍ତିର ମାଧ୍ୟମରେ ଅନ୍ନର ଉପାର୍ଜ୍ଜନକୁ ବୁଝାଏ । ଶାସ୍ତ୍ରରେ ଅଗ୍ରଜମାନଙ୍କ ପାଇଁ ନିଷେଧାଜ୍ଞା ଅଛି ଯେ ସେମାନେ କାହାରିଠାରୁ ଅନ୍ୟାୟ-ଉପାର୍ଜିତ ଅନ୍ନ ଗ୍ରହଣ କରିବା ଉଚିତ ନୁହେଁ । ଅନ୍ୟାୟ-ଉପାର୍ଜିତ ଅନ୍ନ ତିନି ପ୍ରକାର । ୧ । ଅନ୍ୟକୁ କଷ୍ଟ ଦେଇ ଅନ୍ନ ଉପାର୍ଜନ କରିବା । ୨ । ନିଜକୁ କଷ୍ଟ ଦେଇ (ଲୋଭବଶତଃ ଅତ୍ୟଧିକ ପରିଶ୍ରମ କରି) ଅନ୍ନ ଉପାର୍ଜ୍ଜନ କରିବା । ୩ । ଅଧ୍ୟୟନ ସମୟଟାକୁ ଅନ୍ନ-ଉପାର୍ଜ୍ଜନରେ ବ୍ୟୟ କରି ଅନ୍ନ ଉପାର୍ଜ୍ଜନ କରିବା । ଭାବି ଦେଖନ୍ତୁ, କି ସୁନ୍ଦର ବ୍ୟବସ୍ଥା ଥିଲା ପ୍ରାଚୀନ ସମୟରେ । ପ୍ରାଚୀନ ସମୟରେ ସମସ୍ତଙ୍କ ପାଇଁ, ଅଗ୍ରଜକୁଳ ବ୍ରାହ୍ମଣ ସ୍ତ୍ରୀ ପୁରୁଷ ସମସ୍ତଙ୍କ ପାଇଁ ଅଧ୍ୟୟନର ଉଦ୍ଦେଶ ଥିଲା ସମସ୍ତଙ୍କୁ ଜ୍ଞାନୀ ହେବାକୁ ହେବ, ବୁଦ୍ଧିମାନ୍ ହେବାକୁ ହେବ, ଏ ଥିଲା ପ୍ରାଚୀନ ଅଗ୍ରଜ ଗଣଙ୍କ ବିଚାରଧାରା । ଜ୍ଞାନାର୍ଜ୍ଜନରୁ ଚ୍ୟୁତ ହୋଇ ଅନ୍ନ-ଉପାର୍ଜ୍ଜନରେ ମାତିଲେ ତାକୁ ପାପ, ଅନ୍ୟାୟ ବୋଲି ଗଣ୍ୟ କରାଯାଉଥିଲା । ଫଳତଃ ଉପର୍ଯ୍ୟୁକ୍ତ ତିନି ଉପାୟରେ ଉପାର୍ଜିତ ଅନ୍ନ ବି ତାମସିକ ଅନ୍ନ । ଏ ଗୋଟାଏ ପ୍ରକାରର ତାମସିକ ଅନ୍ନ—ଆଉ ଗୋଟାଏ ପ୍ରକାରର ତାମସିକ ଅନ୍ନ ହେଉଛି ଅଭକ୍ଷ୍ୟ—ପଶୁପକ୍ଷୀଙ୍କ ମାଂସ ଆଦି ଦୁଷ୍ପାଚ୍ୟ ଅନ୍ନ ; ଏପରି ବିଚାର ମନରେ ଆସିଲେ ମନୁଷ୍ୟ ତାମସିକ-

Digitized by srujanika@gmail.com

ତାକୁ ଦୂରରେ ରଖି ପାରିବ । ମନୁଷ୍ୟ ତାମସିକ ଖାଦ୍ୟରୁ ଦୂରରେ ରହିଲେ ଲାଭ କଣ ହେବ ? ସେ କଥା ଛାନ୍ଦୋଗ୍ୟ କହୁଛନ୍ତି—"ଆହାରଶୁଦ୍ଧୌ ସତ୍ତ୍ୱଶୁଦ୍ଧିଃ । ସତ୍ତ୍ୱଶୁଦ୍ଧୌ ଧ୍ରୁବାସ୍ମୃତି ।" ଆହାର ଶୁଦ୍ଧ ରହିଲେ ସତ୍ତ୍ୱ, ଶରୀରର ସମସ୍ତ ସତ୍ତ୍ୱ, ପଞ୍ଚମହାଭୂତ, ଯେଉଁଥିରେ ଆମର ଶରୀର ଗଠିତ, ତା' ଶୁଦ୍ଧ ରହେ । ସତ୍ତ୍ୱ ଶୁଦ୍ଧ ରହୁଥିଲେ ସ୍ମୃତି, ସ୍ମରଣ-ଶକ୍ତି, ମାନସିକ ଧାରଣା-ଗ୍ରହଣ-ଶକ୍ତି ଅଟଳ ଅଚଳ ରହେ । ଅଟଳଅଚଳ ସ୍ମୃତିର ଆବଶ୍ୟକତା କାହିଁକି ? ବଳବାନ ହେବାପାଇଁ । ଏହା ପୁଣି କାହିଁକି ଆବଶ୍ୟକ ? ଦେଶକୁ ଅନ୍ଧ ସଂସ୍କାରରୁ ମୁକ୍ତ କରି, ଅର୍ଥାତ୍ ଅଜ୍ଞାନଜନିତ ନାନା ଯନ୍ତ୍ରଣାରୁ ଦେଶକୁ ମୁକ୍ତ କରି, ତାକୁ ବଳବାନ କରି ତୋଳିବା ପାଇଁ । ଆହାରଶୁଦ୍ଧି ଉପରେ ଯେ ସଭ୍ୟତା ପ୍ରତିଷ୍ଠିତ, ତା' ଆର୍ଯ୍ୟ-ଜନର ସଭ୍ୟତା—ତା' ଭାରତୀୟ ସଭ୍ୟତା । ତାର ଉଦାହରଣ ରାମ କୃଷ୍ଣ ଆଦି । ଯେ ସଭ୍ୟତା ତାମସିକ ଆହାର ଉପରେ ପ୍ରତିଷ୍ଠିତ, ସେ ସଭ୍ୟତା ଅନାର୍ଯ୍ୟ-ଜନୋଚିତ—ପାଶ୍ଚାତ୍ୟ ଦେଶୀୟ— ଏଥିରେ ଭୋଗର ପ୍ରାବଲ୍ୟ ମୁଖ୍ୟ ଲକ୍ଷ୍ୟ । ରାବଣ ଏହାର ଏକ ପରିଣାମ—କଂସ ଏପରି ଏକ ପରିଣାମ । ଏପରି ବିଗ୍ରହର ପରିଣତି ଯେତେବେଳେ ଏ ଦେଶରେ ପ୍ରତ୍ୟକ୍ଷ ହେଉଥିଲା, ସେତେବେଳେ ଏ ଦେଶ ଥିଲା ରାମକୃଷ୍ଣ, ସୀତା ସାବିତ୍ରୀଙ୍କ ଦେଶ— ଯାଜ୍ଞବଲ୍କ୍ୟ ମନୁ ପରାଶରଙ୍କର ଦେଶ— ଫିରିଙ୍ଗୀଙ୍କ ପଦାଙ୍କାନୁସରଣ କାରୀ ଏ ଦେଶ ସେତେବେଳେ ନ ଥିଲା । ୩ । ଶୋଇବା ପୂର୍ବରୁ ଦୈପାକ୍ତ ହସ୍ତରେ ମହେଶଙ୍କ ଧ୍ୟାନ କରି ନିଦ୍ରା ଯିବା । ୪ । ପ୍ରଭାତରେ ସର୍ବ ପ୍ରଥମରେ ଭୂମିରେ ପାଦ ପକାଇବା ପୂର୍ବରୁ ଭୂମିକୁ ମାତା ଜ୍ଞାନରେ ଭୂମିମାତାଠାରେ କ୍ଷମା ଯାଚନା କରି, ଈଶ୍ୱରଙ୍କ ଆଶୀର୍ବାଦ ପ୍ରାପ୍ତ ହେବାପାଇଁ ତାଙ୍କୁ ପ୍ରାର୍ଥନା ଜଣାଇ ଶଯ୍ୟା ତ୍ୟାଗ କରିବା । ୫ । ସ୍ନାନ କରିବା

Digitized by srujanika@gmail.com

ପୂର୍ବରୁ ଅଳ୍ପ ଜଳ ମସ୍ତକରେ ଲଗାଇ ଜଳ ମଧ୍ୟରେ ପ୍ରବେଶ କରିବା । କାହିଁକି ଏପରି କରିବା ? ହଠାତ୍ ପାଦରେ ପାଣି ଲାଗିଲେ ପାଦରୁ ଆରମ୍ଭ କରି ଶରୀରର ସମସ୍ତ ରକ୍ତରେ ଯେ ପ୍ରତିକ୍ରିୟା ଦେଖାଦିଏ ତାକୁ ଦମନ କରିବା । ଏପରି ଏ ସମସ୍ତ ଆଧ୍ୟାତ୍ମିକତାର ଉଦ୍ଦେଶ୍ୟ ସ୍ୱାସ୍ଥ୍ୟ । ୭ । ମୈଥୁନରେ ଯୁକ୍ତହେବା ପୂର୍ବରୁ ସନ୍ତାନର କେବଳ କାମନା କରି, ଈଶ୍ୱରଙ୍କଠାରେ ଏଥିପାଇଁ ପ୍ରାର୍ଥନା କରିସାରି ସ୍ତ୍ରୀକୁ ସ୍ପର୍ଶ କରିବା । ଏ କଥା କାହିଁକି କରିବା ? ସ୍ତ୍ରୀ ପ୍ରତି ମନୁଷ୍ୟର କାମନା ଅତି ମାତ୍ରାଧିକ ଭାବରେ ପ୍ରବଳ । ଉଦ୍ଦେଶ୍ୟହୀନ ଭାବରେ କାମରେ ପ୍ରବୃତ୍ତ ହେଲେ ବାରମ୍ବାର ପ୍ରବୃତ୍ତିର ପ୍ରବଳ ଇଚ୍ଛା ହେବ । ଏ ପ୍ରବୃତ୍ତି ସ୍ୱାସ୍ଥ୍ୟର ଘାତକ । ଫଳତଃ ଆଧ୍ୟାତ୍ମିକତାର ବି ଘାତକ । ମୈଥୁନରୁ ବିରତ ପରେ ବି ଈଶ-ଧ୍ୟାନରେ ନିଦ୍ରା ଯିବା ଦୁଃଶ୍ଚିନ୍ତା, ଇନ୍ଦ୍ରିୟ-ଲୋଲୁପତାକୁ ଏଡ଼ିବା ପାଇଁ । ରତି ପରେ କଣ ବୋଲି ଈଶ୍ୱରଙ୍କଠାରେ ପ୍ରାର୍ଥନା କରିବା ? 'ପୁନର୍ମୈତ୍ୱ-ଇନ୍ଦ୍ରିୟଂ'- 'ହେ ଈଶ ! ତୁମେ ଅଙ୍ଗ ଦେଇଛ, ତା ସଙ୍ଗକୁ ପ୍ରବୃତ୍ତି ଦେଇଛ ଭୋଗ କରିବାକୁ । ଆମେ ଦୁର୍ଭୋଗରେ ମଗ୍ନ ହେବାକୁ ବାଧ୍ୟ ତୁମର ଇଚ୍ଛାରେ । ସେ ଆମର ପଶୁ-ପ୍ରବୃତ୍ତି । କିନ୍ତୁ ଏ ଭୋଗ ଫଳରେ ଆମର ଯେପରି ମନେ ହେଉଛି, ଆମର ଇନ୍ଦ୍ରିୟ ନଷ୍ଟ ହୋଇଗଲା—ଆମେ ଦୁର୍ବଳ ହୋଇଗଲୁ । ଆମକୁ ସେ ଇନ୍ଦ୍ରିୟ ଦିଅ—ଆମକୁ ସେ ଶୁକ୍ର ଫେରାଇ ଦିଅ । ଆମକୁ ଦୁର୍ବଳ ହେବାକୁ ଦିଅନା । ଆମେ କୌଣସି ଦିନ ଯେପରି ଅକାମତଃ ଶୁକ୍ର କ୍ଷୟ ନ କରୁଁ, ଏପରି ବୀର୍ଯ୍ୟରେ ବୀର୍ଯ୍ୟବାନ ହୋଇ ଆଧ୍ୟାତ୍ମିକତାର ପଥରେ ଅଗେଇ ଯିବାକୁ ଆମକୁ ମନୋବଳ ଦିଅ ।' ଦିନେ ଏପରି ଥିଲା ଭୋଗରେ ମତ୍ତ ହେବାର ଭାରତୀୟ ସଂସ୍କୃତିର ନିର୍ମଳ ପରଂପରା । ଏ ସମସ୍ତର ଏକମାତ୍ର ଲକ୍ଷ୍ୟ ସମସ୍ତ କର୍ମ, ସମସ୍ତ ଚିନ୍ତା,

Digitized by srujanika@gmail.com

ସମସ୍ତ ଭୋଗ ଈଶ୍ୱରାର୍ପଣ ପୂର୍ବକ ଭୋଗ, ଯାକୁ ଉପନିଷଦର ଭାଷାରେ କହନ୍ତି, ତେନ ତ୍ୟକ୍ତେନ ଭୁଞ୍ଜୀଥାଃ । ଏପରିଭାବରେ ଆର୍ଯ୍ୟ ଭାରତବର୍ଷର ସମସ୍ତ କର୍ମ, ସମସ୍ତ ଭୋଗ ଆଧ୍ୟାତ୍ମିକତାଭିମୁଖୀ—ଏପରିଭାବରେ ପୌର୍ବାତ୍ୟ ଭାରତବର୍ଷରେ ଧର୍ମ-ପ୍ରବଣତାର ସହିତ ଅନୁସରଣ ଅଜ ପାଶ୍ଚାତ୍ୟ ଦେଶରେ ଜଡ଼ବାଦର ସମ୍ଭବ ।

ଆଧୁନିକ ଜଡ଼ବାଦୀଙ୍କ ଭାଷାରେ ଅନଗ୍ରସର ଭାରତବର୍ଷ ଆଜି ବି ତାର ପ୍ରାଣବାୟୁ ଆଧ୍ୟାତ୍ମିକତାରୁ ବଞ୍ଚିତ ହୋଇ ନାହିଁ ବୋଲି ନାନା ଅକଥନୀୟ ଉପଦ୍ରବ ଅତ୍ୟାଚାର ସତ୍ତ୍ୱେ ଅଦ୍ୟ ବି ସେ ଜୀବିତ । ଏ ଦେଶର ଶିକ୍ଷା ସଭ୍ୟତା ସଂସ୍କୃତିକୁ ସମୂଳେ ସମାପ୍ତ କରି ଦେବା ଉଦ୍ଦେଶ୍ୟରେ—ଏ ଦେଶର ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ କୋଟି କୋଟି ଲୋକଙ୍କୁ ହତ୍ୟା କରାହେଲା—ବାଛି ବାଛି ବଡ଼ ବ୍ରାହ୍ମଣ, ପଣ୍ଡିତ, ମହାପଣ୍ଡିତ, ଅଗ୍ନୁର୍ଜ, ଶାସ୍ତ୍ରୀ, ବେଦପାଠୀ, ସ୍ୱାମୀସନ୍ନ୍ୟାସୀଙ୍କୁ ହତ୍ୟା କରା ହେଲା—ମଠମନ୍ଦିର ଧ୍ୱଂସ କରାହେଲା କୋଟି କୋଟି ଅର୍ଥର ଲକ୍ଷ ଲକ୍ଷ ଦୁର୍ଲ୍ଲଭ ଉପାଦେୟ ଗ୍ରନ୍ଥ, ବେଦ, ଉପନିଷଦ, ସ୍ମୃତିଶାସ୍ତ୍ର, ଇତିହାସ ପୁରାଣକୁ ଅଗ୍ନିରେ ଆହୁତି ଦିଆହେଲା—ଇତିହାସ ଏହାର ସାକ୍ଷୀ ରହିଛି, ତଥାପି ଏ ଦେଶ ଅମର ହୋଇ ରହିଲା । ଯେଉଁ ବେଦର ଜନ୍ମ ଏହି ଦେଶରେ, ସେହି ବେଦ ବି ଏ ଦେଶରେ ରହିଲା ନାହିଁ—ଜର୍ମାନରୁ ତାକୁ ଅଣା ହେଲା । ବର୍ତ୍ତମାନ ସୁଦ୍ଧା ଭାରତୀୟ ଅନେକ ଉପାଦେୟ ଗ୍ରନ୍ଥ ଭାରତରେ ଉପଲବ୍ଧ ନୁହେ—ଅନୁସନ୍ଧାନ କରି ଅଣା ଯାଉଛି ବିଦେଶରୁ । ତଥାପି, ଭାରତୀୟ ଜ୍ଞାନ ଅମର । କାରଣ ସେ ଆର୍ଷ ଜ୍ଞାନ—ସେ ଅମୃତଠାରୁ ନିହୃତ, ଏଥିପାଇଁ ତ ଭାରତ ଅମର ହୋଇ ରହିଛି—ତାର ଆଧ୍ୟାତ୍ମିକ ଶକ୍ତିରଧାରା ତାକୁ ଅମର କରି ରଖିଛି ଚିରକାଳ । ଅନ୍ୟାନ୍ୟ ଦେଶରେ ପ୍ରସ୍ତର

Digitized by srujanika@gmail.com

ପ୍ରାଚୁର୍ଯ୍ୟ ଥାଇ ପାରେ—ଜ୍ଞାନର ପ୍ରାଚୁର୍ଯ୍ୟ, ବୀରତ୍ୱଶାଳୀନତାର ପ୍ରାଚୁର୍ଯ୍ୟ ନାହିଁ ? ବୈଜ୍ଞାନିକ ଜ୍ଞାନ ତ କେବଳ ଜ୍ଞାନ ନୁହେଁ । ଏ ଦେଶରେ ଆଧ୍ୟାତ୍ମିକତାକୁ ଛାଡ଼ି ବିଜ୍ଞାନର କୌଣସି ମୂଲ୍ୟ ନାହିଁ । ସ୍ୱତ୍ୟା ଦୃଢ଼ ଧର୍ମ-ରକ୍ଷା ପାଇଁ କରିବା ଏ ଦେଶର ସଂସ୍କୃତିର ସହଜ ସ୍ୱଭାବ । ଦେଶ-ରକ୍ଷା ପାଇଁ ନାନାଦି କୁଟିଳ କର୍ମ, ହତ୍ୟାବିଭୀଷିକାରେ ଲିପ୍ତ ହେବାକୁ ତାଙ୍କର ମହାନ ରାଜନୀତି—ଗ୍ରନ୍ଥ କୌଟିଲ୍ୟ ଅର୍ଥ-ଶାସ୍ତ୍ରରେ ଅପୂର୍ବ ଗୁଣବତ୍ୟ ଉପଦେଶ ଦେଇଥିବା ସତ୍ତ୍ୱେ ବି ସେ କହନ୍ତି, ଏ ସମସ୍ତ କର୍ମ ଧର୍ମରକ୍ଷା ପାଇଁ କରିବାକୁ ହେବ—ନିଜକ ନିରର୍ଥକ ସୁଖବିଗ୍ରହ ପାଇଁ ନୁହେଁ—ଅତ୍ୟାଚାର ଅବିଚାର ପାଇଁ ତ ଆଦୌ ନୁହେଁ । ତେଣୁ ସେ କହନ୍ତି ।

"ସୁଖସ୍ୟ ମୂଲଂ ଧର୍ମଃ
ଧର୍ମସ୍ୟ ମୂଲମର୍ଥଃ ।
ଅର୍ଥସ୍ୟ ମୂଲଂ ରାଜ୍ୟମ୍
ରାଜ୍ୟମୂଲମିନ୍ଦ୍ରିୟଜୟଃ ।

ଇନ୍ଦ୍ରିୟଜୟସ୍ୟ ମୂଲଂ ବିନୟଃ
ବିନୟସ୍ୟ ମୂଲଂ ବୃଦ୍ଧୋପସେବା ।
ବୃଦ୍ଧସେବାୟା ବିଜ୍ଞାନମ୍
ବିଜ୍ଞାନେନାତ୍ମାନଂ ସଂପାଦୟେତ୍ ।

ସଂପାଦିତାତ୍ମା ଜିତାତ୍ମା ଭବତି
ଜିତାତ୍ମା ସର୍ବାର୍ଥୈଃ ସଂଯୁଜ୍ୟତେ ।
ଅର୍ଥସମ୍ପତ୍ ପ୍ରକୃତି ସମ୍ପଦଂ କରୋତି ।

ପ୍ରକୃତି ସମ୍ପଦା ହ୍ୟନାୟକମପି ରାଜ୍ୟଂ ନୀୟତେ ।
ପ୍ରକୃତି କୋପଃ ସର୍ବ କୋପେଭ୍ୟୋ ଗରୀୟାନ୍ ।

Digitized by srujanika@gmail.com

(ସୁଖର ମୂଳ ଧର୍ମ, ଧର୍ମର ମୂଳ ଅର୍ଥ, ଅର୍ଥର ମୂଳ ରାଜ୍ୟ । ଇନ୍ଦ୍ରିୟ-ବିଜୟ ରାଜ୍ୟର ମୂଳ । ବିନୟ ଇନ୍ଦ୍ରିୟବିଜୟର ମୂଳ । ବିନୟର ମୂଳ ବୃଦ୍ଧସେବା । ବୃଦ୍ଧସେବାର ମୂଳ ବିଜ୍ଞାନ । ବିଜ୍ଞାନ ଆତ୍ମୋନ୍ନତିର ମୂଳ । ଆତ୍ମୋନ୍ନତିର ସାଧକ ଜିତାତ୍ମା । ଜିତାତ୍ମା ଅପଣାର ସମସ୍ତ ମନୋରଥର ପୂର୍ଣ୍ଣତାର କାରଣ । ସର୍ବ ପ୍ରକୃତିର (ଅମାତ୍ୟ, ସେନାପତି ଆଦି) କାରଣ । ଯେ ପ୍ରକୃତି-ସମ୍ପଦରେ ଧନୀ, ସେ ବିନା ନାୟକ (ରାଜା) ରେ ବି ରାଜ୍ୟ କରିପାରେ । ପ୍ରକୃତି (ଅମାତ୍ୟ ଆଦି) ର କୋପ ଅନ୍ୟାନ୍ୟ ସମସ୍ତ କୋପ ଅପେକ୍ଷା ଭୟଙ୍କର ।) ଏହିପରିଭାବରେ ଭାରତର ସଙ୍ଗୀତ-ସାହିତ୍ୟର ଅର୍ଥାତ୍ ଆନନ୍ଦଆମୋଦର, ଶାସ୍ତ୍ରାବିଷ୍କାରର, ଜ୍ଞାନଗରିମାର, ମନୀଷାର ଲକ୍ଷ୍ୟ ତ୍ରି ସେହି ଏକ—'ଅଭିମାନ ଶୂନ୍ୟ ହୋଇ ଊର୍ଦ୍ଧ୍ୱ-ସ୍ଥିତିର ଅନୁସରଣ କରିବା ଘୋର ସାଂସାରିକତାରୁ ଅପସରି ଯାଇ । ସତରେ ସାଧକ ପକ୍ଷରେ ସଂସାର କି ଘୋର ବିଷମୟ ନୁହେ !!

ସେତେବେଳେ ଭାରତବର୍ଷରେ ସିକନ୍ଦରଙ୍କ ଉତ୍ପାତର କାଳ । ସିକନ୍ଦର ଶୁଣିଲେ, ଏପରି ଜଣେ ଯୋଗୀ ଅଛନ୍ତି ଯେ ଅନେକ ବର୍ଷ ହେଲା କଥା କହୁ ନାହାନ୍ତି । ଏ କଥାକୁ ସେ ବିଶ୍ୱାସ କରି ପାରିଲେ ନାହିଁ; ଅଜ ଯଦି ବିଶ୍ୱାସ କଲେ, ଆଶ୍ଚର୍ଯ୍ୟାନ୍ୱିତ ହେଲେ । ମନୁଷ୍ୟ କଥା ନ କହି ରହିପାରେ, ଏ ବିଶ୍ୱାସ ଜଣେ ରକ୍ତଲୋଲୁପ ପକ୍ଷରେ ହେବା କି ସମ୍ଭବ ? ଏପରି କଥା ନୃପ ତାଙ୍କର ଦେଶରେ ସ୍ୱପ୍ନ—ଅକଳ୍ପନୀୟ । ଯୋଗୀଙ୍କୁ ତାଙ୍କ ଆଦେଶରେ ତାଙ୍କ ସମ୍ମୁଖକୁ ଅଣା ହେଲା । ମୃତ୍ୟୁ-ଭୟ ପର୍ଯ୍ୟନ୍ତ ଦେଖାଇ ଯୋଗୀଙ୍କୁ, କଥା କହିବାକୁ ବାଧ୍ୟ କରା ହେଲା । ଯୋଗୀ କଥା କହିଲେ ନାହିଁ । ତାଙ୍କୁ ହତ୍ୟା କରା ହେଲା । ତାଙ୍କର ଖଣ୍ଡିତ ମସ୍ତକ

Digitized by srujanika@gmail.com

‘ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ’ କେବଳ ଏତକ କହି ଟଳି ପଡ଼ିଲା । ......ଜଣେ ଅତି ବିଦ୍ୱାନ ବ୍ରାହ୍ମଣଙ୍କ ସଙ୍ଗରେ ସିକନ୍ଦରଙ୍କ ଆଳାପ ହେଲା । ସେ ବ୍ରାହ୍ମଣଙ୍କ ବିଦ୍ୟା-ବୁଦ୍ଧିରେ ମୁଗ୍ଧ ହୋଇ ତାଙ୍କୁ ନିଜ ଦେଶକୁ ନେବାକୁ ଚାହିଁଲେ । ସେ ଯିବାକୁ ମନା କଲେ । ସିକନ୍ଦର ଅଜସ୍ର ଧନର ପ୍ରଲୋଭନ ଦେଲେ । ବ୍ରାହ୍ମଣ କହିଲେ—‘ମୁଁ ବ୍ରାହ୍ମଣ । ମୋର ଧନ ବିଦ୍ୟା, ଜ୍ଞାନ—କୌଣସି ପାର୍ଥିବ ଭୋଗ୍ୟ ବସ୍ତୁ ପ୍ରତି ମୋର ଅଭିଳାଷ ନାହିଁ ।’ ବ୍ରାହ୍ମଣଙ୍କୁ ହତ୍ୟା କରିବାର ଧମକ ଦେଲେ ସିକନ୍ଦର । ବ୍ରାହ୍ମଣ କହିଲେ, ‘ମୁଁ ଅମର । ମୋତେ ହତ୍ୟା କରିବାର କାହାରିର ସାଧ୍ୟ ନାହିଁ-ସ୍ୱୟଂ ସୃଷ୍ଟିକର୍ତ୍ତାର ବି ନାହିଁ । ଅଥଚ ତୁମେ ତ ଛାର ଗୋଟାଏ ମନୁଷ୍ୟ ।’ ସିକନ୍ଦର କ୍ରୁଦ୍ଧ ହୋଇ ବ୍ରାହ୍ମଣଙ୍କୁ ହତ୍ୟା କଲେ ।

ଏ ଥିଲା ପ୍ରାଚୀନ ଭାରତର ଆଧ୍ୟାତ୍ମିକ ପରମ୍ପରା । ଏ ଥିଲା ପ୍ରାଚୀନ ଭାରତର ଊର୍ଦ୍ଧ୍ୱସ୍ଥିତ ପ୍ରତି ଦୃଷ୍ଟିର ଅନୁରାଗର ଅକୁଣ୍ଠ ଶୁଭ ପରିଣାମ । ‘ଆତ୍ମା ଅମର—ମନୁଷ୍ୟ ଅମୃତସ୍ୟ ପୁତ୍ରାଃ’, ଏ କଥା ପ୍ରତି ଏହା ବଜ୍ର ନିର୍ଘୋଷ । ମୃତ୍ୟୁ କେତେ ତୁଚ୍ଛ, କେତେ ସହଜ ଏମାନଙ୍କ ପକ୍ଷରେ !!

ପ୍ରତ୍ୟେକ କ୍ଷେତ୍ରରେ ଆଧ୍ୟାତ୍ମିକତା । ସଙ୍ଗୀତର ଆରମ୍ଭରେ ବି ଆଧ୍ୟାତ୍ମିକତା । ଗ୍ରନ୍ଥ ରଚନାର ଅଧ୍ୟାୟରେ ବି ଆଧ୍ୟାତ୍ମିକତା !—ପ୍ରତ୍ୟେକରେ ସର୍ବପ୍ରଥମରେ ଈଶ୍ୱରଙ୍କର ନାମରେ ମଙ୍ଗଳାଚରଣ କରିବା ପ୍ରଥା ।—ଆଜି ସେହି ଗ୍ରନ୍ଥରେ କେବଳ ଆଧ୍ୟାତ୍ମିକ ବସ୍ତୁର ଧାରାରେ ଓତଃପ୍ରୋତ ଭୋଗର ବର୍ଣ୍ଣନ । ଏହାହିଁ କାରଣ ଯେ, ଋଷି ଋକ୍-ବେଦରେ ପ୍ରାର୍ଥନା କରୁଛନ୍ତି—

Digitized by srujanika@gmail.com

ତ୍ୱାଂ ସ୍ତୋମା ଅବୀବୃଧନ୍
ତ୍ୱାମୁକ୍ଥା ଶତକ୍ରତୋ ତ୍ୱାଂ ।
ବର୍ଦ୍ଧନ୍ତୁ ନୋ ଗିରଃ ।

("ହେ ଶତକ୍ରତୁ ! ହେ ଅସଂଖ୍ୟ ଜ୍ଞାନ ଓ କର୍ମର ଅଧିଷ୍ଠାତ୍ରୀ ଦେବତା ! 'ତ୍ୱାମ୍', ତୁମକୁ 'ସ୍ତୋମାଃ', ସ୍ତୁତି ସମୂହ, 'ଅବୀବୃଧନ୍' ବଢ଼ାଇ ଅଛନ୍ତି । ଅର୍ଥାତ୍ ତୁମର ମହିମା ବଢ଼ାଇଛନ୍ତି । 'ଉକ୍ଥା ତ୍ୱାମ୍', ବେଦର ସୂକ୍ତ ସମୂହ ବି ତୁମର ମହିମା ଗାନ କରୁଛନ୍ତି । 'ନଃ ଗିରଃ', ଆମର ବାଣୀ ବି, 'ତ୍ୱାଂ ବର୍ଦ୍ଧନ୍ତୁ', ତୁମର ମହିମା ଗାନ କରୁ । ଅର୍ଥାତ୍ ଆମେ ଯେଉଁ ଗ୍ରନ୍ଥ ଲେଖିବୁ, ତୁମପାଇଁ ଲେଖିବୁ—ତୁମକୁ ଲକ୍ଷ୍ୟରେ ରଖି ଲେଖିବୁ । ଆଉ ଯେଉଁ ଗୀତ ଗାଇବୁ, ତୁମ ନାମରେ ଗୀତ ଗାଇବୁ ।")

ସେଥିପାଇଁ ସଙ୍ଗୀତ ଗାୟନ ପୂର୍ବରୁ ଓଁ ଉଚ୍ଚାରଣ କରି କଣ୍ଠରେ ସ୍ୱର-ଲହରୀକୁ ଶୋଭିତ କରିବା ଥିଲା ଏ ଦେଶର ପ୍ରାଚୀନ ପ୍ରଥା । (କାଳକ୍ରମେ ଏକ ଐତିହାସିକ ଘଟଣାରୁ 'ତାନ୍ନା' ଓ 'ନାନ୍ନା', ଏ ଉଭୟ ଭଗିନୀଙ୍କ ନାମ ସଙ୍ଗରେ ଓଁକୁ ଯୋଡ଼ି ଦିଆ ହେଲା । ତେଣୁ ଆଧୁନିକ କାଳରେ 'ଓଁ ତାନାନାନା'ରୁ ଗାୟନର ଆରମ୍ଭ ହେଲା । ଏ ସମ୍ବନ୍ଧରେ କେହି ଅଧିକ ଜାଣିବାକୁ ଇଚ୍ଛା କଲେ, ମୋର 'ସତ୍ୟ ଓ କଳ୍ପନା' ପୁସ୍ତକ ପଢ଼ି ପାରନ୍ତି) । ପତ୍ର ଲେଖିବାବେଳେ ମଧ୍ୟ ପତ୍ରରେ ସର୍ବପ୍ରଥମରେ ସର୍ବାଗ୍ରରେ ଓଁ ଲେଖି ବା ଓଁ ତତ୍ସତ୍ ଲେଖି ପତ୍ର ଆରମ୍ଭ କରିବା ଥିଲା, ଏ ଦେଶର ଚଳଣି—ଏ ଥିଲା ହିନ୍ଦୁଙ୍କ ଭାରତବର୍ଷର ପ୍ରାଚୀନ ପରମ୍ପରା । ଏ ସମସ୍ତର ଏକମାତ୍ର ଲକ୍ଷ୍ୟ ଥିଲା—'କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍', ସମଗ୍ର ବିଶ୍ୱକୁ ଆର୍ଯ୍ୟ, ଶ୍ରେଷ୍ଠ ଅର୍ଥାତ୍ ସଦାଚାରୀ

Digitized by srujanika@gmail.com

ହେବାକୁ ଦଅ, ଅର ସେ ତା' ହେବା ପୂର୍ବରୁ ପ୍ରଥମରୁ ନିଜେ ଶ୍ରେଷ୍ଠ ହୁଅ—'କୃଣ୍ୱନ୍ତୋ ସ୍ୱସ୍ୱମାର୍ଜ୍ଜନମ୍' । ଅନ୍ୟଥା ତୁମେ ଅନ୍ୟକୁ ପ୍ରଭାବିତ କରି ପାରିବ ନାହିଁ

ମୋର ଏ ଗ୍ରନ୍ଥରେ ଯା' ଅଛି, ତା' ଏ ଦେଶର ପ୍ରାଚୀନ କାଳର କଥା, ତେଣୁ ମୁଁ ଏ ଦେଶର ସେହି ପ୍ରାଚୀନ ପ୍ରଥାର ଅନୁସରଣରେ ଗଣପତି ଗଣେଶଙ୍କ,—ଈଶ୍ୱରଙ୍କ ନାମ ନେଇ ଗ୍ରନ୍ଥର ମଙ୍ଗଳାଚରଣ କରୁଛି ।

ମୁଁ ନତ ଜଣାଉଛି, ସେହି ଗଣେଶଙ୍କ ପରମ ଅଦୃଶ୍ୟମାନ୍ ପାଦପଦ୍ମରେ ଏଥିପାଇଁ ଯେ, ମୋର ନିଜର କୌଣସି ବୁଦ୍ଧି, ବିଦ୍ୟା ଯୋଗ୍ୟତା ବଳରେ ମୁଁ ଏ ଗ୍ରନ୍ଥ ରଚନା କରି ନାହିଁ । ଏହି ପ୍ରକାରର କୌଣସି ଯୋଗ୍ୟତା ଥିବାର ମୋର ବିଶ୍ୱାସ ନାହିଁ । ତେଣୁ ମୁଁ କହି ରଖୁଛି, "ନାମୂଳଂ ଲିଖ୍ୟତେ କିଞ୍ଚିତ୍"—ମୁଁ ମୋର ସମସ୍ତ ପୁସ୍ତକ ପାଇଁ ଏ ପୁସ୍ତକରେ କହି ରଖୁଛି, "ନାମୂଳଂ ଲିଖ୍ୟତେ କିଞ୍ଚିତ୍ ।" ମୁଁ ଏହି ପ୍ରାଚୀନ ଦେଶର ଏହି କବିଗୁରୁ ପରମ୍ପରାର ଅନୁଚର । ମୁଁ କି ଶୂଦ୍ରକ ? କାଣଭଟ୍ଟ ? ରାଜଶେଖର ? ଭବଭୂତି ? ସୌମିଲ୍ଲ ? କବିପୁତ୍ର ? ଭାସ ? ବା କାଳିଦାସ, ଯେ ମୂଳ କରି ଲେଖିବି ? ଭାସଙ୍କର 'ସ୍ୱପ୍ନବାସବଦତ୍ତା' ପଢ଼ି ମୁଁ ଅଭିଭୂତ । କାହିଁ 'ସ୍ୱପ୍ନବାସବଦତ୍ତା' ? ଅର କାହିଁ ମୋର କୈକେୟୀ ? (କୈକେୟୀ ମୋର ଅପ୍ରକାଶିତ ନାଟକ) । ଅର 'ସ୍ୱପ୍ନବାସବଦତ୍ତା' ମହାକବି ଭାସଙ୍କ ଏକ କ୍ଷୁଦ୍ର ନାଟକ । ମହାକବିଙ୍କ ଅନ୍ୟାନ୍ୟ ବାର ନାଟକ ଅପେକ୍ଷା ଏ ସର୍ବଶ୍ରେଷ୍ଠ ଅର ବିଶ୍ୱଖ୍ୟାତ । ପାଶ୍ଚାତ୍ୟ ଦେଶରେ ଏ ଅତି ସମାଦୃତ । ସଂସ୍କୃତ ସାହିତ୍ୟର ପ୍ରସିଦ୍ଧ ବିଦ୍ୱାନ୍ ଏ. ବି. କୀଥ ଏହାର ପ୍ରାବକ ।)

Digitized by srujanika@gmail.com

'କାଳିଦାସ', ଯେ କାଳିଦାସ ମହାକବି, ବିଶ୍ୱକବି, ସେ ବି ତାଙ୍କର 'ମାଳବିକାଗ୍ନିମିତ୍ରମ୍'-ନାଟକର ପ୍ରସ୍ତାବନାରେ କହିଛନ୍ତି :—

ପ୍ରଥିତଯଶସାଂ ଭାସସୌମିଲ୍ଲକବିପୁତ୍ରାଦୀନାଂ
ପ୍ରବନ୍ଧାନ୍ ଅତିକ୍ରମ୍ୟ
ବର୍ତ୍ତମାନ କବେଃ କାଳିଦାସସ୍ୟ କ୍ରିୟାୟାଂ
ପ୍ରତି କଥଂ ପରିଷଦୋ ବହୁମାନଃ ।

(ଭାସ, ସୌମିଲ୍ଲ, କବିପୁତ୍ର ଆଦି ମହାକବିଙ୍କର କୃତିର ତୁଳନାରେ ବର୍ତ୍ତମାନର କବି କାଳିଦାସଙ୍କର କୃତିପ୍ରତି ପଣ୍ଡିତ ଜନର କିପରି ପ୍ରୀତି ହେବ ?)

ମହାକବି କାଳିଦାସ ବି ତାଙ୍କର ସୃଷ୍ଟିରେ ମୂଲ୍ୟ ଦେଖି ପାରୁ ନାହାନ୍ତି—ତାଙ୍କର କୃତିରେ ଅଲୌକିକତା ଦେଖି ପାରୁ ନାହାନ୍ତି । ଆଉ ମୋର ... ... ?

ଅନେକେ କହନ୍ତି, ମୋର ଲେଖାରେ ଚିନ୍ତା ଅଛି—ରସ ନାହିଁ । ଅନ୍ୟ କେହି କେହି କହନ୍ତି—ନା, ମୋର ଲେଖାରେ ରସ ଅଛି—ଚିନ୍ତା ନାହିଁ । ଅର୍ଥାତ୍ ସେମାନେ କହିବାକୁ ଚାହାନ୍ତି, ମୁଁ ସାହିତ୍ୟିକ ହୋଇ ପାରେ । କିନ୍ତୁ ଚିନ୍ତାଶୀଳ ସାହିତ୍ୟିକ ନୁହେଁ । ବା ମୁଁ ଚିନ୍ତାଶୀଳ ହୋଇ ପାରେଁ । କିନ୍ତୁ ସାହିତ୍ୟିକ ନୁହେଁ । ଅଶ୍ଚର୍ଯ୍ୟ । କେଉଁ ଦିନ ମୁଁ ଦାବୀ କଲି ଯେ, ମୋର ରଚନାରେ ଯଥେଷ୍ଟ ରସ ଅଛି—ଯଥେଷ୍ଟ ଚିନ୍ତା ଅଛି । ଏପରି ମୋର କହିବାର ଯଦି କାହାରିର ବିଶ୍ୱାସ ଥାଏ, ସେମାନଙ୍କୁ ପୁନର୍ବାର କହି ଦେଉଛି—ନାମୂଲଂ ଲିଖ୍ୟତେ କିଞ୍ଚିତ୍ ।

ଉତ୍ସାହ ଦେବା ତ ଦୂରେ ଥାଉ, ସମାଲୋଚନା ! କେବଳ ସମାଲୋଚନା ! ଅଦ୍ଭୁତ ସମାଲୋଚନା ! କୁତ୍ସା ରଟନା ! ଏପରି

Digitized by srujanika@gmail.com

ଏ ମୋର ପୁସ୍ତକ ତାହାଙ୍କୁ ଅର୍ପିତ ମୁଁ ଉପହାର ଦେଲେ, ପୁସ୍ତକରେ ଲେଖୁଛି—ଅମୁକଙ୍କୁ 'ଭକ୍ତି-ନିବେଦନ' । ଏହି ଭକ୍ତି-ନିବେଦନ' ପ୍ରୟୋଗର ବି ସମାଲୋଚନା ହେଉଛି । ସେମାନେ କହନ୍ତି—'ନି' ଉପସର୍ଗ 'ବଦ୍' ଧାତୁରୁ ଅନ୍' ନିବେଦନ । 'ବଦ୍' ଧାତୁର ଅର୍ଥାତ୍ କହିବା । 'ଭକ୍ତି ନିବେଦନ' କିପରି ଠିକ୍ ହେବ ? କିନ୍ତୁ 'ବଦ୍' ଧାତୁର ଅର୍ଥ କି କେବଳ କହିବା ? ବହ୍ୱର୍ଥାପି ଧାତବୋ ଭବନ୍ତି । 'ବଦ୍' ଧାତୁର ଅର୍ଥ କେବଳ କହିବା ନୁହେ—'ବଦ୍' ଧାତୁର ଅର୍ଥ 'ଦେବା' ମଧ୍ୟ, ଯଥା— ଆତ୍ମ ନିବେଦନଂ—ଆତ୍ମ ଅର୍ଥାତ୍ ନିଜକୁ ନିବେଦନ କରିବା ଅର୍ଥ 'ଦେବା', ସମର୍ପଣ କରିବା ଅର୍ଥାତ୍ ପରପାଇଁ ଆତ୍ମତ୍ୟାଗ କରିବା ।

ମୋର 'କୁମୁଦ ଓ କୁମୁଦନୀ' ଉପନ୍ୟାସ ପଢ଼ି କେତେ ମତ ଦେଲେ ଯେ ଏଥିରେ ଅଶ୍ଳୀଳତା ଅଛି । ଅଶ୍ଳୀଳତା ! ! ମୋର ଲେଖାରେ ଅଶ୍ଳୀଳତା ! ! Lady chatterley's Lover (D. H. Lawrance) ଶ୍ଳୀଳ ବୋଲି ପ୍ରମାଣିତ ହେଲା, ଅଥଚ ମୋର ଲେଖା ଅଶ୍ଳୀଳ ! !

"ଲଳିତାନିଧି ହେ, ଲାଜେ ମୁଁ ଗଲିଣି ସଢ଼ି
ଲୁଚୁଅଛି କାହିଁ, ଦିଅ ମୋ ନୀଳ ଶାଢ଼ୀ ।

କୃଷ୍ଣ କେଳି କଉତୁକ କରିବା ପାଇଁ ରାଧାଙ୍କୁ ନେଇ ଅରଣ୍ୟକୁ ଆସିଲେ । ଦୂତୀ ଲଳିତା ଏହାର ବ୍ୟବସ୍ଥା କଲେ । ଦୂତୀ ଘରକୁ ଫେରିଆସିଲେ । ରାତସାରା ରାଧାକୃଷ୍ଣ ମାତିଲେ । ସକାଳ ହେଲା— କଥାଟା ପ୍ରକଟ ହୋଇଯିବ' । ତେଣୁ ଲଳିତା ଦୁହିଁଙ୍କୁ ଚେତାଇ ଦେବାକୁ ଆସିଲେ । ଲଳିତାଙ୍କୁ ଦେଖି ରାଧା ଉପରୋକ୍ତ କଥା କୃଷ୍ଣଙ୍କୁ କହୁଛନ୍ତି । ଉକ୍ତ କଥାର ଅର୍ଥ କଣ ? କୃଷ୍ଣ ରାଧାଙ୍କର ଶାଢ଼ୀ

Digitized by srujanika@gmail.com

ଲକ୍ଷ୍ମୀ ଦେବୀଙ୍କୁ ରାଧା ଜଳନ୍ତ ହୋଇ ପଡ଼ି ରହିଛନ୍ତି, ସକାଳ ହୋଇ ଗଲାଣି—ସମସ୍ତେ ଜାଣି ପାରିବେ, ଲଜ୍ଜା ମଧ୍ୟ ଅସି ଗଲାଣି । ଅତଏବ ହେ କୃଷ୍ଣ ଶାଢ଼ୀଆ ବେଗି ଦିଅ ।

ଏ ଢଙ୍ଗରେ ଶ୍ରୀଙ୍କ ପ୍ରୀତି ଅଧୁନାତ କାଳରେ ହେଉଥିବ କି ନା ସନ୍ଦେହ । କିନ୍ତୁ କବି କୃଷ୍ଣଙ୍କ କାଳରେ ମଧ୍ୟ ଏପରି ହେଉଥିବାର ଦେଖିଲେ । ଅଉ ସ୍ୱୟଂ ଯୋଗୀରାଜ କୃଷ୍ଣ, ଗୀତାର ଉଦ୍‌ଗାତା କୃଷ୍ଣ, ଏପରି କରୁଥିବାର ଯୋଗବଳରେ (?) ଜାଣିଲେ । ଏହା ଯଥାର୍ଥ ଚରିତ୍ର ଚିତ୍ରଣ ? ଏହା ଶ୍ଳୀଳତା ? କବିସୂର୍ଯ୍ୟ ଲେଖିଲେ ବୋଲି ଏହା ଶ୍ଳୀଳତା ?

ଧୀର ସମୀରେ ଯମୁନା ତୀରେ ବସତି ବନେ ବନମାଳୀ,
ପୀନପୟୋଧର ପରିସର ମର୍ଦ୍ଦନ ଚଞ୍ଚଳ କରଯୁଗଶାଳୀ ।
(ଗୀତଗୋବିନ୍ଦ)

"ଗୋ ରାଧେ ! ଧୀର ସମୀର ବହୁଛି । ଅଜ୍ ତୋତେ ଅପେକ୍ଷା କରି ଯମୁନା ତୀରରେ ବନମାଳୀ ବସିଛନ୍ତି । ତାଙ୍କର କରଯୁଗଶାଳୀ ତୋର ପୀନପୟୋଧରର ପରିସରକୁ ମର୍ଦ୍ଦନ କରିବାକୁ ଚଞ୍ଚଳ ହୋଇ ଉଠୁଛି ।" ଏହାକୁ ଅଧୁନିକ ରୀତିଏ କଥିତ ଭାଷାରେ କହିଲେ ହେବ, ତୋର ସ୍ଥୂଳ ସ୍ତନଯୁଗଳକୁ ମର୍ଦ୍ଦନ କରିବା ପାଇଁ କୃଷ୍ଣଙ୍କ ହାତ ଦୁଇ ଅଧୀର ହୋଇ ଉଠୁଛି ।" ତେଣୁ, ହେ ରାଧେ, 'ନକୁରୁ ନିତମ୍ବିନି ଗମନ ବିଲମ୍ବନ ମନୁସର ତଂ ହୃଦୟେଶଂ ।' ହେ ସ୍ଥୂଳ ନିତମ୍ବିନୀ ରାଧେ ! ଅଉ ଯିବାରେ ବିଳମ୍ବ କର ନା— ତୋର ହୃଦୟେଶ ତୋତେ ଅନୁସରି ବସିଛନ୍ତି ।

Digitized by srujanika@gmail.com

ଏହା କଣ ଏଥିପାଇଁ ଅଶ୍ଳୀଳତା ହେବ ନାହିଁ ଯେ ଉକ୍ତର ଛଳନାରେ ଏ ଅବୃତ । କଣ ସତରେ ଏ ଅବୃତ ? ନୁହେ, ଏ ସମ୍ପୂର୍ଣ୍ଣ ଅନାବୃତ ।

ତା ପରେ ପୁଣି, ମୁଁ ମହର୍ଷି ବାଲ୍ମୀକିଙ୍କ ଅପେକ୍ଷା ବେଶୀ ଅଶ୍ଳୀଳ ? ବାଲ୍ମୀକିଙ୍କ ତାଙ୍କର କାବ୍ୟରେ କଣ ଲେଖିଛନ୍ତି, ତାର ଗୋଟିଏ ଦୁଇଟା ଉଦାହରଣ ତାହା ହେଲେ, ଦିଏଁ । ଋଷି ଶରତ କାଳର ବର୍ଣ୍ଣନା କରୁଛନ୍ତି—

ମୀନୋପ ସନ୍ଦର୍ଶିତମେଖଳାନାଂ,
ନଦୀବଧୂନାଂ ଗତୟୋଽଦ୍ୟ ମନ୍ଦାଃ ।
କାନ୍ତୋପଭୁକ୍ତାଲସଗାମିନୀନାଂ,
ପ୍ରଭାତକାଲେଷ୍ୱିବ କାମିନୀନାମ୍ ॥

ଅର୍ଥଟା କହୁଦିଏଁ, 'ରାତରେ ସ୍ୱାମୀ ଦ୍ୱାରା ଉପଭୋଗିତା ସ୍ତ୍ରୀର ଗତ ସକାଳରେ ଯେପରି ମନ୍ଦ ପଡ଼ିଯାଏ', ସେହିପରି (ଶରତ କାଳ ଆସିବାରୁ) ମୀନମେଖଳାଧାରିଣୀ ନଦୀବଧୂଙ୍କ ଗତ ମନ୍ଦ ହେଉଛି ।' କାଳିଦାସ ଅଦିଙ୍କ ଉଦାହରଣ ଦେବି ନାହିଁ, ଭଞ୍ଜଙ୍କ କଥା ବି କହିବି ନାହିଁ । ସେହି ରାମାୟଣରୁ ଆଉ ଗୋଟାଏ ଉଦାହରଣ ଦେଉଛି—

ଦର୍ଶୟନ୍ତି ଶରନ୍ନଦ୍ୟଃ ପୁଲିନାନି ଶନୈଃ ଶନୈଃ ।
ନବସଙ୍ଗମସବ୍ରୀଡ଼ା ଜଘନାନୀବ ଯୋଷିତଃ ॥

ଅର୍ଥ ହେଉଛି, 'ପ୍ରଥମ ସମାଗମ କାଳରେ ଲଜ୍ଜାବତୀ ଯୁବତୀମାନେ ଯେପରି ବାରମ୍ବାର ନିଜର ଜଘନକୁ ଦେଖାଇବାକୁ ବିବଶ ହୁଅନ୍ତି, ସେହିପରି ଶରତ ଋତୁରେ ନଦୀମାନେ ଅପଣାର

Digitized by srujanika@gmail.com

ନଗ୍ନ ଚିତ୍ର ଦେଖାଉଛନ୍ତି ।' ଏ କଥା ପୁଣି କହୁଛନ୍ତି କାବ୍ୟର ସର୍ବପ୍ରଧାନ ସର୍ବଶ୍ରେଷ୍ଠ ନାୟକ (ଖଳ ନାୟକ ନୁହେ) ଭଗବାନ ରାମଚନ୍ଦ୍ର । ମନେ ରଖନ୍ତୁ, ଭଗବାନ ରାମଚନ୍ଦ୍ର, ସହସ୍ର ସହସ୍ର ବର୍ଷ ଅତୀତ ହେବା ପରେ ମଧ୍ୟ ଯାଙ୍କୁ ଆମେ ଭଗବାନ ବୋଲି ପୂଜା କରୁଛୁ, ସେହି 'ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ରାମଚନ୍ଦ୍ର କହୁଛନ୍ତି ।—ଯାଙ୍କର 'ଶାସନ'କୁ ଆମେ ରାମରାଜ୍ୟ କହୁଛୁ, ସେହି ରାଜ୍ୟର ଶାସକ ରାମଚନ୍ଦ୍ର କହୁଛନ୍ତି । ମୋର 'କୁମୁଦ ଓ କୁମୁଦନୀ'ରେ ଏପରି ଅଶ୍ଲୀଳତା ଅଛି ? ଯେଉଁମାନେ ମୋର ଏ ପୁସ୍ତକ ପଢ଼ିନାହାନ୍ତି, ସେମାନଙ୍କୁ ଏହା ପଢ଼ିବାକୁ ଅନୁରୋଧ କରୁଛି ।

ଯେଉଁମାନେ ରାମଙ୍କୁ ଏ କାବ୍ୟର ନାୟକ ମନେ କରନ୍ତି, ସେମାନେ ରାମଙ୍କ ମୁହଁରେ ବାଲ୍ମୀକିଙ୍କ ଏ ଉକ୍ତିର ଦେବାରେ ଆପତ୍ତି କରନ୍ତି ନାହିଁ । କିନ୍ତୁ ରାମ କଣ କେବଳ କାବ୍ୟର ନାୟକ ? ରାମଙ୍କୁ କଣ ସେ ଠାଏ କାବ୍ୟର ନାୟକ ବୋଲି ମନେ କରି ଆମେ ଆଜି ତାଙ୍କର ପୂଜା କରୁଛୁ ? ଅଳଙ୍କାର ଶାସ୍ତ୍ରାନୁସାରେ ନାୟକର ମୁଖ୍ୟ ଭେଦ ଚାରି—ଧୀର ଲଳିତ, ଧୀର ପ୍ରଶାନ୍ତ, ଧୀରୋଦାତ୍ତ, ଧୀରୋଦ୍ଧତ । ପ୍ରଥମ ନାୟକର ଲକ୍ଷଣ ହେଉଛି—ସନ୍ତୋଷୀ, ଶାନ୍ତିପ୍ରିୟ, ସୁଖଭୋଗୀ, କୋମଳହୃଦୟ, କଳାବିଦ, ସମ୍ଭୋଗୀ । ଏହାଠାରେ ଶୃଙ୍ଗାର ରସର ପ୍ରାଧାନ୍ୟ । ଦ୍ୱିତୀୟ ନାୟକର ଲକ୍ଷଣ ହେଉଛି—ଶାନ୍ତିପ୍ରିୟ, ସନ୍ତୋଷୀ ; ଏ ନାୟକ ବ୍ରାହ୍ମଣ ଅଥବା ବୈଶ୍ୟ । ତୃତୀୟ ନାୟକ, କ୍ଷମାଶୀଳ, ଶକ୍ତିଶାଳୀ, ଉଦାର, ଅସ୍ୱ-ସ୍ଲାଘୀ, ଗମ୍ଭୀର, ବିନୟୀ, ଅହଂଭାବହୀନ ତଥା ଦୃଢ଼ । ଚତୁର୍ଥ ନାୟକ ଚଞ୍ଚଳ, ପ୍ରତାରକ, ଯେପରି ଦୁର୍ଯ୍ୟୋଧନ ଦୁଃଶାସନ ଆଦି ।

Digitized by srujanika@gmail.com

·········ନାୟକର ଅନ୍ୟ ଚାରିପ୍ରକାରର ଭେଦ ବି ଅଛି—ଅନୁକୂଳ—ଏ ନାୟକ କେବଳ ଜଣେ ନାୟିକାର ପତି । ଦକ୍ଷିଣ—ଏ ନାୟକର ଅନେକ ପ୍ରେମିକା । ଶଠ— ଏ ନାୟକ ପ୍ରଧାନ ନାୟିକା ସଙ୍ଗରେ ବାହ୍ୟ ପ୍ରେମ ରଖେ ; ଆଉ ଅନ୍ୟାନ୍ୟ ନାୟିକାଙ୍କ ସଙ୍ଗରେ ଗୁପ୍ତପ୍ରେମ । ଧୃଷ୍ଟ—ଏ ନାୟକ ଅପଣାର ଦୁର୍ବ୍ୟବ-ସ୍ୱଭାବ ଦ୍ୱାରା ପ୍ରଧାନ ନାୟିକା ପ୍ରତି ଅତ୍ୟାଚାର କରେ ଅଥଚ ତାର ଚିନ୍ତା ବି କରେନା । (ସାହିତ୍ୟ-ବିବେଚନ) । ନାୟକର ପ୍ରଥମ ପ୍ରକାରର ଭେଦାନୁସାରେ ନାୟକଠାରେ ଶୃଙ୍ଗାର ରସର ପ୍ରାଧାନ୍ୟ ହେବା କଥା । ଆଉ ଦ୍ୱିତୀୟ ପ୍ରକାରର ଭେଦାନୁସାରେ ନାୟକ ଏକ-ପତ୍ନୀବ୍ରତୀ ହେବା ଉଚିତ । କିନ୍ତୁ ବାଲ୍ମୀକି 'ସାହିତ୍ୟ-ବିବେଚନ' ପଢ଼ି ରାମାୟଣ ଲେଖିଥିଲେ ? ଆଦିକାବ୍ୟ ରାମାୟଣର ସୃଷ୍ଟି ପୂର୍ବରୁ 'ସାହିତ୍ୟର ବିବେଚନ' କରିବା ପାଇଁ କୌଣସି ଲକ୍ଷଣ ଥିଲା ? ଅତଏବ ବାଲ୍ମୀକି ତାଙ୍କର କାବ୍ୟର ନାୟିକା ସୃଷ୍ଟିକର ନାହାନ୍ତି—ଏକ ଅଦ୍ୱିତୀୟ ଐତିହାସିକ ପୁରୁଷଙ୍କୁ ତାଙ୍କର କାବ୍ୟରେ ନାୟକ କରି ଥୋଇଛନ୍ତି । କିନ୍ତୁ ଇତିହାସକୁ ଉପେକ୍ଷା କରି ତ ସାହିତ୍ୟକୁ ପ୍ରତିଷ୍ଠା ଦେବା ବାଲ୍ମୀକିଙ୍କ ପକ୍ଷରେ ଉଚିତ ହୋଇନାହିଁ । କିନ୍ତୁ ସେଥିରେ କଣ ବାଲ୍ମୀକି ଦୋଷୀ ? ଏ ପ୍ରଶ୍ନର ବିଚାର ପରେ କରିବା ।

ତେବେ, ରାମଙ୍କ ମନରେ ନଦୀକୁ ଦେଖି ଏପରି କବି-ଭାବ କାହିଁକି ଜାଗ୍ରତ ହେଲା ? ରାମ କି କବି ? ନୁହନ୍ତି ସେ କବି । ଏ ରାମଙ୍କ ସମ୍ବନ୍ଧରେ ଯେ ଲେଖିଲା, ସେ କବି । ଏହା ଫଳରେ ରାମଙ୍କର ଚରିତ୍ର ଚିତ୍ରଣରେ କଣ ଦୋଷ ରହିଲା ? ଯଦି ଦୋଷ ରହିଲା, ଗୋଟିଏ କାବ୍ୟର ନାୟକ ଆଉ ପୂଜ୍ୟ କାହିଁକି ? ରାମଚନ୍ଦ୍ର

Digitized by srujanika@gmail.com

ତ ଏ ଅଶ୍ଳୀଳ (?) କାବ୍ୟରୁ ଜନ୍ମ । ପଙ୍କରେ ପଦ୍ମ ଫୁଟେ । ଅଭ ଏଇ ପଙ୍କଜ (ପଙ୍କ+ଜ) ଦେବତାର ମଥାରେ ଶୋଭା ପାଏ । ମୋର 'କୁମୁଦ ଓ କୁମୁଦନୀରେ' ପଦ ସତରେ ପଙ୍କ ଥାଏ, ଅଛି ଏପରି କେହି ଲୋକ ଏ ଦେଶରେ, ଯେ 'କୁମୁଦ ଓ କୁମୁଦନୀ' ରୂପକ ଅଶ୍ଳୀଳତାର ପଙ୍କରୁ ପଦ୍ମକୁ ନେଇ ଦେବତାର ମଥାରେ ଥୋଇବ ? ଯେ ଥୋଇବ, ସେ ହେବ ଦେବତାର (ବିଦ୍ୱାନମାନଙ୍କର) ଭକ୍ତ । ଅଉ ସେ ଦେବତା କେତେ ମହାନ୍, କେତେ ଉଦାର ଯେ ଏ ପଙ୍କକୁ ମଥାରେ ଧାରଣ କରିବେ ! ଅମେ ଚଢ଼ିବାକୁ 'ଗୃଦ୍ଧ', ଯେ' ଫଳ ତୋଳିବାକୁ ଗଛ ଉପରକୁ ଚଢ଼ୁଛି, ତାକୁ ଉତ୍ସାହ ଦିଅ—ପଛରୁ ତାର ଗୋଡ଼ ଟାଣ ନା । କିମ୍ବା ତୁମେ ନିଜେ ଗଛ ଉପରକୁ ଚଢ଼ ।...ତା' ପରେ ଶ୍ଳୀଳତା, ଅଶ୍ଳୀଳତାର ଦାର୍ଶନିକ ବ୍ୟାଖ୍ୟା ଏଠି ମୁଁ କରିବି ନାହିଁ—କରି ଲାଭ ନାହିଁ । କିଏ ତା' ଗ୍ରହଣ କରିବ ? ଯେ ମସ୍ତିଷ୍କରେ ଈର୍ଷା ଦ୍ୱେଷ ଭର୍ତ୍ତି ରହିଛି, ସେଠି ବିଚାର କରିବାକୁ ସ୍ଥାନ ତ ଶୂନ୍ୟ ଥାଇ ପାରେ ନା ।

ଚନ୍ଦ୍ରା-ବିଭ୍ରାଟକୁ ନେଇ 'କୁମୁଦ ଓ କୁମୁଦନୀ' ସମ୍ବନ୍ଧରେ ମତ-ବିଚାରର କଥା କି କହୁଛି । ଜଣେ କହିଲେ, ପୁସ୍ତକର ପରିଶିଷ୍ଟ ଭାଗ ଦେବା ଉଚିତ ନ ଥିଲା । ଏହା ଦ୍ୱାରା ଲେଖାର ଗୌରବ ତଥା ସୌନ୍ଦର୍ଯ୍ୟର ନଷ୍ଟ ହେଲା । ଅଉ ଜଣେ କହିଲେ, ନା, ପରିଶିଷ୍ଟ ଦେବାଟା ଠିକ୍ ହୋଇଛି—ଲେଖାର ସୌନ୍ଦର୍ଯ୍ୟ ହାନି ହୋଇ ନାହିଁ, ବରଂ ବଢ଼ିଛି । ଜଣେ ଓକିଲ କହିଲେ, 'ଲେଗ ଟା କ୍ଲାସିକ୍' । ଲେଖାରେ ମଝିରେ ମଝିରେ ଛନ୍ଦପଦଗୁଡ଼ିକ ଦେବା ଦ୍ୱାରା ଲେଖାର ମର୍ଯ୍ୟାଦା ହାନି ହେଲା । ତାଙ୍କର ବୋଧ ହୁଏ ଧାରଣା

Digitized by srujanika@gmail.com

କ୍ଲାସିକ୍ ସଙ୍ଗରେ କେବଳ ଭାଷାର ସମ୍ବନ୍ଧ—ବସ୍ତୁର ସମ୍ବନ୍ଧ ନାହିଁ । ଯେଉଁ ଦ୍ୱନ୍ଦ୍ୱ ଦେଗୁଣ୍ଡିକୁ ଏ ଉପନ୍ୟାସରେ ସ୍ଥାନ ଦିଆ ଯାଇଛି, ତା’ ବସ୍ତୁ-ସୌଷ୍ଠବର ଅନୁପ ଉଦାହରଣ ।, Clacsio ବା classical ସମ୍ବନ୍ଧରେ ବସ୍ତୁର ଗମ୍ଭୀରତାର ସହିତ କହିବା ଉଚିତ । ଆଉ ଜଣେ କହୁଲେ, ଉପନ୍ୟାସଟି ମିଳନାନ୍ତକ ହୋଇଥିଲେ ଭଲ ହୋଇଥାନ୍ତା । Endingଟା ଭଲ ହୋଇନି । ଅନ୍ୟ ଜଣେ କହୁଲେ, ଏ ପୁସ୍ତକରେ ସବୁଠାରୁ ଭଲ ଅଂଶଟା ହେଉଛି, ପୁସ୍ତକର Endingଟା । ଉପନ୍ୟାସଟି ମିଳନାନ୍ତକ ହୋଇଥିଲେ ତ ଲେଖାର ଉଦ୍ଦେଶ୍ୟ ପଥଭ୍ରଷ୍ଟ ହୋଇଥାନ୍ତା । ଜଣେ କହୁଲେ, ମଝିରେ ଗୋଟିଏ ସନ୍ନ୍ୟାସୀକୁ ଆଣିବାର କି ଆବଶ୍ୟକତା ଥିଲା । ଆଉ ଜଣେ କହୁଲେ, ଏ ସନ୍ନ୍ୟାସୀ ଆସିବା ଦ୍ୱାରା ତ ପୁସ୍ତକ-ରଚନାର ଉଦ୍ଦେଶ୍ୟ ସାର୍ଥକତା ଲଭ କରିଛି । ମୋର ଜଣେ ବନ୍ଧୁ, ବାଲ୍ୟ-ସାଥି ମୋର ‘କୁମୁଦ ଓ କୁମୁଦିନୀ’ ପୁସ୍ତକଟିକୁ ପଢ଼ି ସାର ମୋ’ ପାଖକୁ ଆସି କହୁଲେ ‘ସତରେ କୁହ, କେଉଁ ତରୁଣୀ ସହିତ ତମର ପ୍ରେମ ହୋଇଥିଲା ?’ ଏ ପ୍ରଶ୍ନ ଶୁଣି ମୁଁ ଅବାକ୍ । ତାଙ୍କର ବୋଧହୁଏ ଧାରଣା, କୌଣସି ତରୁଣୀ ସହିତ ମୋର ପ୍ରେମ ଥିଲା—ଏଥିରେ ବାଧା ପଡ଼ିବାରୁ ମୁଁ ଅବିବାହିତ ରହିଛି । ମୋର ଅନୁମାନ, ତାଙ୍କର ଏ ଶଙ୍କାର କାରଣଟା ବୋଧହୁଏ ଏହି ଯେ ମୁଁ ମୋର ଏ ଉପନ୍ୟାସକୁ ପ୍ରଥମ ପୁରୁଷରେ ଲେଖିଛି, ଆଉ ନାୟକର ଘର ଆଗରେ ନାୟିକାର ଘର ଥିବା କଥା ଲେଖିଛି, ପୁଣି ନାୟକର ଘର ବାରଣ୍ଡାରୁ ନାୟିକାର ଦୋମହଲା କୋଠା ଦେଖା ଯାଉଥିବା କଥା ଲେଖିଛି । ଆଉ ସତକୁ ସତ ମୋର ସେଇ ବନ୍ଧୁଙ୍କ ଘର ମୋ’ ଘର ଆଗରେ, ଆଉ ଏହି ଢଙ୍ଗରେ ଅଛି । ଜଣେ କଲେଜ ଛାତ୍ର ତ ମୋ’ ବସାକୁ

Digitized by srujanika@gmail.com

ଦେଖିବାକୁ ଆସିଥିଲେ, ସେଠି କୌଣସି ବନଉପବନ ଅଛି କି ନା । କିନ୍ତୁ ସେ ନିରାଶ ହେଲେ, କହିଲେ ପାଖରେ ତ ବନଉପବନ ନାହିଁ । ଅଥଚ ମୁଁ ମୋର ପୁସ୍ତକରେ ବନଉପବନର ଏପରି ବର୍ଣ୍ଣନ କିପରି କରି ପାରିଛି । ତାଙ୍କର ବୋଧହୁଏ ଧାରଣା, କାଳିଦାସ ହେମଗିରିରୁ ଅଳକାପୁରୀ ପର୍ଯ୍ୟନ୍ତ ମେଘ ସଙ୍ଗରେ ଉଡ଼ି ଉଡ଼ି ଯାଇଥିଲେ । ଆଉ ମେଘ ଯେଉଁଠି ଯାହା ଯାହା ଦେଖୁଥିଲା, କରୁଥିଲା, ସେ ସବୁ ଟିପି ରଖୁଥିଲେ, ଆଉ ଘରକୁ ଫେରି ଆସି 'ମେଘଦୂତମ୍' ଲେଖିଲେ । ମେଘ କାଳିଦାସଙ୍କୁ ସୃଷ୍ଟି କରିଛି ନା କାଳିଦାସ ମେଘକୁ ସୃଷ୍ଟି କରିଛନ୍ତି ? ଉପବନ ଯେପରି ମୋତେ ସୃଷ୍ଟି କରିଛି । ମୁଁ ତାକୁ ସୃଷ୍ଟି କରିନାହିଁ । ହାୟରେ ଅଭାଗା ଦେଶ ! ଆଉ ଜଣେ ଭଦ୍ର ଲୋକ ତ କହିଲେ, ମୁଁ ତ ବିବାହ କରିନାହିଁ । ପ୍ରେମ କଥା କିପରି ଜାଣିଲି ଯେ ଏ ପୁସ୍ତକରେ ଲେଖିଲି । ଶୁଣିଛି, କାମଶାସ୍ତ୍ରର ପ୍ରଣେତା ଋଷି ବାତ୍ସାୟନ ବିବାହ କରି ନ ଥିଲେ । କଣ୍ୱ ଋଷିଙ୍କର ଆଶ୍ରମରେ କଣ କାଳିଦାସ ଶକୁନ୍ତଳାଙ୍କ ପ୍ରାଇଭେଟ ସେକ୍ରେଟେରୀ ହୋଇ ରହି ଥିଲେ ଯେ ତାଙ୍କର ପ୍ରଣୟ-କାହାଣୀକୁ 'ଅଭିଜ୍ଞାନ ଶାକୁନ୍ତଳମ୍'ରେ ଏପରିଭାବରେ ଲେଖିଲେ ? ଚରିତ୍ର ଚିତ୍ରଣ ସମ୍ବନ୍ଧରେ ଏପରି ଅଦ୍ଭୁତ ବିଚାର କିପରି ଉଠୁଛି ଲୋକଙ୍କ ମନରେ, ବୁଝି ହେଉ ନି । ମନୁଷ୍ୟର ନିଜର ମନ ଅନ୍ୟର ମନକୁ ଚିହ୍ନିତ କରିବାକୁ ସାହାଯ୍ୟ କରେ—ମନୁଷ୍ୟର ନିଜର ପ୍ରକୃତି ଅନ୍ୟର ପ୍ରକୃତିର ଚିତ୍ରଣର କାରଣ, ଏ ଅତି ସାଧାରଣ କଥାଟାକୁ କି ବୁଝାଇବାକୁ ପଡ଼ିବ ? ପାରିପାର୍ଶ୍ୱିକ ଅବସ୍ଥା କଣ ମନୁଷ୍ୟର ମନରେ ଚିତ୍ରର ରେଖାପାତ କରେ ନା ?

ଚରିତ୍ର ଚିତ୍ରଣ ସମ୍ବନ୍ଧରେ ବିଦ୍ୱାନମାନଙ୍କ ମନରେ କି ଅଦ୍ଭୁତ ସଂସ୍କାର ଥିବା କଥା ସେ ଦିନ ଶୁଣିଲି । ଜଣେ ସଂସ୍କୃତ

Digitized by srujanika@gmail.com

ତଥା ଓଡ଼ିଆ ଅଧ୍ୟାପକ 'ରାମାୟଣ'କୁ ଗଙ୍ଗାଧରଙ୍କ 'ତପସ୍ୱିନୀ' ସଙ୍ଗରେ ତୁଳନା କରି ସମାଲୋଚନା କରୁଥିଲେ । " ସେ ପଦ କହିଲେ, ବାଲ୍ମୀକିଙ୍କ ସୀତା ଅପେକ୍ଷା ଗଙ୍ଗାଧରଙ୍କ ତପସ୍ୱିନୀର ସୀତା ଉତ୍କୃଷ୍ଟ । ଯେପରି ବୁଝନ୍ତି ସୀତା ! ହାୟରେ ବିଧାତା ! ଗଙ୍ଗାଧରଙ୍କ ସୀତାଙ୍କଠାରେ ଶ୍ରେଷ୍ଠତ୍ୱ ଆରୋପ କରିବାର କାରଣ ହେଲା, ଠିକ୍ ଗୋଟାଏ ଓଡ଼ିଆ ଝିଅଟିଏ ପରି ପରି ଗଙ୍ଗାଧର ସୀତାଙ୍କ ଚରିତ୍ର ଅଙ୍କନ କରିଛନ୍ତି । ଯେ ଯେପରି ବୁଝନ୍ତି, ତାର ସେପରି ଅଙ୍କନ କରିବାଟା କଣ ଯଥାର୍ଥ ଚରିତ୍ର ଅଙ୍କନ ? କି ଅଦ୍ଭୁତ ଚିନ୍ତା-ଧାରାଟ ! ! ସୀତା ଓଡ଼ିଆ ଝିଅ ନ ଥିଲେ—ସେ ଉତ୍ତର ଭାରତର ଝିଅ । ଅଜି ବାଲ୍ମୀକି ସୀତାଙ୍କ ସମ୍ବନ୍ଧରେ ନାଟକ କାବ୍ୟ ଲେଖି ନାହାନ୍ତି—ସୀତାଙ୍କ ସମ୍ବନ୍ଧରେ ଇତିହାସ ଲେଖିଛନ୍ତି କାବ୍ୟର ଢଙ୍ଗରେ । ବାଲ୍ମୀକି ସୀତାଙ୍କ ସମସାମୟିକ । ବାଲ୍ମୀକିଙ୍କ ଆଶ୍ରମରେ ସୀତା ଅନେକ କାଳ ପର୍ଯ୍ୟନ୍ତ ଥିଲେ । ବାଲ୍ମୀକି ତାଙ୍କୁ ଦେଖିଛନ୍ତି—ତାଙ୍କ ସଙ୍ଗରେ କଥାବାର୍ତ୍ତା କରିଛନ୍ତି । ସୀତାଙ୍କୁ ଦେଖି, ତାଙ୍କଠାରୁ ନାନାକଥା, ପାରିବାରିକ କଥା ଶୁଣି ଏ ଐତିହାସିକ କାବ୍ୟ ଲେଖିଛନ୍ତି । ଯେ ସୀତାଙ୍କୁ ସୃଷ୍ଟି କଲା ତାର ଐତିହାସିକ କାବ୍ୟରେ, ସେ ସୀତାଙ୍କର ଭୁଲ୍ ଚରିତ୍ର ଅଙ୍କନ କଲା ?—ଅଜି ବାଲ୍ମୀକିଙ୍କଠାରୁ ଧାର ଅଣି ସୀତାଙ୍କୁ, ଯେ ହଜାର ହଜାର ବର୍ଷ ପରେ ସୀତାଙ୍କୁ ଦେଖି ପାରିଲେ, ସେ ସୀତାଙ୍କର ଯଥାର୍ଥ ଚରିତ୍ର ଅଙ୍କନ କଲେ ! ! ମନେ ରଖିବାକୁ ହେବ, ବାଲ୍ମୀକିଙ୍କ ସୀତା କାବ୍ୟର କେବଳ ନାୟିକା ନୁହନ୍ତି—ଇତିହାସର ପାତ୍ରୀ । ଅଜି ଗଙ୍ଗାଧରଙ୍କ ସୀତା କେବଳ କାବ୍ୟର ନାୟିକା । ନାୟିକା-ଭେଦ ଦୃଷ୍ଟିରୁ ମଧ୍ୟ ଏ ଉଭୟ ସୀତାଙ୍କ ଆଲୋଚନା ଏକ ଢଙ୍ଗରେ କରିବା ଠିକ୍ ହେବ ନାହିଁ । କାରଣ ସୀତା ନାୟିକା ନୁହନ୍ତି—ସେ

Digitized by srujanika@gmail.com

ରଚନାବଳୀ । ପ୍ରାଚୀନ କାଳରେ 'ରାମାୟଣ' 'ମହାଭାରତ' ପରି ଇତିହାସ-ଲେଖନର ଢଙ୍ଗର ଏ ଦେଶରେ ପ୍ରଚଳନ ଥିଲା ।

ପୃଥିବୀରେ 'ରାମାୟଣ' 'ମହାଭାରତ'ର ସମକକ୍ଷ ହେବାକୁ କାବ୍ୟ ଏ ପର୍ଯ୍ୟନ୍ତ ସୃଷ୍ଟି ହୋଇ ପାରି ନାହିଁ, ଆଉ ହେବା ସମ୍ଭବ ବି ନୁହେ । ଲକ୍ଷ ଲକ୍ଷ ବର୍ଷ ତ ବିତି ଗଲଣି । କାହିଁ, ଅଛି କେଉଁଠି ଏପରି ସାହିତ୍ୟ ? ପୃଥିବୀରେ କାହାରି ଅଧିକାର ନାହିଁ ଏ କାବ୍ୟ ଦ୍ୱୟକୁ ନିକୃଷ୍ଟ ବୋଲି ସମାଲୋଚନା କରିବାକୁ । ଯେଉଁ କବିଙ୍କୁ, ମହାକବି ବିଶ୍ୱକବି ବହୁ ସମ୍ମାନ ଦେଉଛ, ସେହି କାଳିଦାସ ବି ବାଲ୍ମୀକିଙ୍କଠାରୁ ଧାର ନେଇ ଥିଲା । ରାମାୟଣ ନିଜ ଗୁଣରେ ନିଜେ ମହୀୟାନ । ଅନ୍ୟର ସଙ୍ଗରେ ତାର ତୁଳନା ଚଳେ ନା । ତାର ତ୍ରୁଟିକୁ ସମାଲୋଚନା କାହାରି ପକ୍ଷରେ ସମ୍ଭବ ନୁହେଁ; ଏ କଥା ମୁଁ ପ୍ରମାଣ କରିବି—ଅପେକ୍ଷା କରନ୍ତୁ । ସେ ଦିନ ଠିକ୍ ଏ କଥା କହିବାବେଳେ ଜଣେ କଲେଜ ଛାତ୍ର କହିଲେ—"ସାର୍, ରବୀନ୍ଦ୍ରନାଥ ତ ରାମାୟଣକୁ ସମାଲୋଚନା କରିଛନ୍ତି । ସେ କହିଛନ୍ତି—ବାଲ୍ମୀକି ଉର୍ମିଳାଙ୍କୁ ଉପେକ୍ଷା କରିଛନ୍ତି । ରାମ ବନକୁ ଗଲେ—ସୀତା ବି ତାଙ୍କ ସଙ୍ଗରେ ଗଲେ । ଲକ୍ଷ୍ମଣ ବନକୁ ଗଲେ; କିନ୍ତୁ ଉର୍ମିଳା ତ ଅଯୋଧ୍ୟାରେ ରହିଲେ । ଉର୍ମିଳାଙ୍କ ଏ ତ୍ୟାଗକୁ ବାଲ୍ମୀକି ତ ଉପେକ୍ଷା କରିଛନ୍ତି ।"

ମୁଁ କହିଲି—"ତମେ କିପରି ଜାଣିଲ ଯେ ଉର୍ମିଳା ତ୍ୟାଗ କରିଛନ୍ତି ?"

"ରାମାୟଣରେ ଲେଖା ଅଛି ।"

"ତେବେ, ରାମାୟଣରେ ଲେଖାଅଛି ଉର୍ମିଳା ତ୍ୟାଗ କଲେ ବୋଲି । ଆଉ ତାଙ୍କୁ ବାଲ୍ମୀକି ଉପେକ୍ଷା କଲେ ବୋଲି

Digitized by srujanika@gmail.com

ବାହିଁକି କହୁଛ ? କେଉଁ ଧାତୁରେ, କେଉଁ ଢଙ୍ଗରେ ଏ ତ୍ୟାଗର କଥା ସେ କହିବେ ଯେ ,,ତମେ କଣ ତାଙ୍କୁ ଇନ୍‌ସ୍‌ପିରେଶନ୍‌ ଦେବ ?"

ରବୀନ୍ଦ୍ରନାଥଙ୍କ 'ଉପେକ୍ଷିତା ନାୟିକା, ଏ ଶୀର୍ଷକ ଛୋଟାଏ ନିବନ୍ଧରେ ତାଙ୍କର କୌଣସି ଏକ ପୁସ୍ତକରେ ଏ କଥା ଆଗରୁ ମୁଁ ପଢ଼ିଥିଲି । ଅଜି ସେ କଲେଜ ଛାତ୍ର ଜଣକ ଜାଣନ୍ତି ଯେ ମୁଁ ରବୀନ୍ଦ୍ରନାଥଙ୍କ ବି ଭକ୍ତ । ତେଣୁ ସେ ଏ କଥା ବାଢ଼ିଲେ । କିନ୍ତୁ ଯଥାର୍ଥରେ କଣ ଊର୍ମିଳା ସୀତାଙ୍କ ଅପେକ୍ଷା ବେଶି ତ୍ୟାଗଶୀଳା ? ଅଗ୍ନିର ପାଖରେ ରହି ଅଗ୍ନିର ଉତ୍ତାପକୁ ସହ୍ୟ କରିଯିବା ଧୈର୍ଯ୍ୟପୂର୍ବକ, ବେଶି ତ୍ୟାଗଶୀଳତାର ଲକ୍ଷଣ ନା ଅଗ୍ନିର ବହୁ ଦୂରରେ ରହି, ଅଗ୍ନିର ଉତ୍ତାପକୁ ଉପେକ୍ଷା କରିବା ବେଶି ତ୍ୟାଗର ଲକ୍ଷଣ ? ରାମ ଚୌଦ ବର୍ଷ ଅରଣ୍ୟରେ ରହିଲେ । ଅରଣ୍ୟରେ ମଧୁମାସ ବାରମ୍ବାର ଆସିଲା । ଲକ୍ଷ୍ମଣ ଅନୁଗଳରେ ରହିଲେ—ଦ୍ୱାରପାଳ ହେଲେ । କିନ୍ତୁ ସୀତା ଅଯୋଧ୍ୟାକୁ ଫେରି ଗର୍ଭବତୀ ହେଲେ । ବାଲ୍ମୀକି ଏପରି ଭାବରେ ନାନା କଥା ରାମାୟଣରେ କହିଛନ୍ତି । ଏ ସବୁ ବୁଝିବାକୁ ଭାରତୀୟ ଦୃଷ୍ଟିକୋଣ ଆବଶ୍ୟକ । ସେ ଦିନ ଜଣେ ଭାରତୀୟ ଇସାଇ ଶିକ୍ଷୟିତ୍ରୀ କହୁଥିଲେ, ରାମାୟଣରେ ସମସ୍ତ ଘଟଣା କପୋଳକଳ୍ପିତ । ଯଥାର୍ଥ ଅଧ୍ୟୟନର ଅଭାବ, ଏପରି ବିଶୃଙ୍ଖଳତା, ପ୍ରଳାପର କାରଣ । ବାଲ୍ମୀକି କିଏ, ତାଙ୍କର କାବ୍ୟ କଣ, ଏ ସମସ୍ତ କଥା ମୁଁ ମୋର 'ରାମାୟଣ—କଥା' ଗ୍ରନ୍ଥରେ ଲେଖୁଛି । ବିଧର୍ମୀମାନଙ୍କ ଦୃଷ୍ଟିକୋଣ ଆମର ଶାସ୍ତ୍ରପୁରାଣାଦି ସମ୍ବନ୍ଧରେ, ବିପରୀତ ହେବା ତ ସ୍ୱାଭାବିକ । କିନ୍ତୁ ଆମର ଲୋକ ମଧ୍ୟ ଆମର ଶାସ୍ତ୍ରପୁରାଣ ପ୍ରତି ବିରୁଦ୍ଧ ମତ

Digitized by srujanika@gmail.com

ପୋଷଣ କରନ୍ତୁ, ଏ କଥା ଆମକୁ ପୀଡ଼ା ଦିଏ । ଇଂରେଜି ଉପନ୍ୟାସ ପଢ଼ି ସେମାନଙ୍କର ବୋଧହୁଏ ଧାରଣା ଯେ ଆମ ଦେଶର କାବ୍ୟନାଟକରେ ବଳ୍କ ଉପନ୍ୟାସର ନାୟକ ନାୟିକାର ଚରିତ୍ରଚିତ୍ରଣ ମଧ୍ୟ ଇଂରେଜ ଢଙ୍ଗରେ ହେବା ଉଚିତ ବା ଆଧୁନିକ ଲେଖକଙ୍କର ମନ ଅନୁଯାୟୀ ହେବା ଉଚିତ । କିନ୍ତୁ ବିଚାରିବା ଉଚିତ ଯେ ରାମାୟଣ ନାଁ ତ କାବ୍ୟ ନାଁ ଆଧୁନିକ କୌଣସି କାବ୍ୟ । ଏହା ଇତିହାସ ଅଙ୍ଗ ଅତି ପ୍ରାଚୀନ କାଳର ଲେଖା, ଅଚ୍ ଲେଖାର ଲେଖକ କୌଣସି ସାଧାରଣ ବ୍ୟକ୍ତି ନୁହନ୍ତି । ଜଣେ ଋଷି ଏହାର ଲେଖକ—ଦ୍ୱାଦଶ ବର୍ଷ ପର୍ଯ୍ୟନ୍ତ ସହସ୍ର କୀଟର ଦଂଶନ ଜ୍ୱାଳା ସେ ସହ୍ୟ କରିପାରିଥିଲେ, ସେପରି ଏକ ଋଷି ଏ ଗ୍ରନ୍ଥର ଲେଖକ । ଏହି ଦୃଷ୍ଟି-କୋଣରୁ ଏ ଗ୍ରନ୍ଥର ବିଚାର କଲେ ଏ ଗ୍ରନ୍ଥ ପ୍ରତି ନ୍ୟାୟ ପ୍ରଦର୍ଶିତ ହେବ । ଏ ଗ୍ରନ୍ଥର ପ୍ରକ୍ଷିପ୍ତାଂଶକୁ ଛାଡ଼ିଦେଲେ ଏହା ବେଦର ବାଣୀ ପରି ଅମୃତ ।

ଏ ଦେଶର ଯୋଗୀଋଷି, ଜ୍ଞାନୀମାନୀ, ପୁରୁଷମହାପୁରୁଷ, ସନ୍ଥସାଧ୍ୱୀ, ଦେବୀମହାଦେବୀ ମାନଙ୍କଠାରୁ ଏ ଦେଶର ଆଧୁନିକଙ୍କ ଶିକ୍ଷା ଇଟିମିଚାଠାରୁ ଅଚ୍ ଫଳାଟମଯୁ ପରିଚ୍ଛିତ କଣ ହୋଇପାରେ ! ସେଥିପାଇଁ ସେ ଦିନ ମୁଁ ଯେତେବେଳେ କହିଲି ଯେ ସୀତା ଅରଣ୍ୟରୁ ଫେରି ଅଯୋଧ୍ୟାରେ ଅନ୍ତଃସତ୍ତ୍ୱା ହେଲେ, ଏ କଥା ପ୍ରତି ଅନେକଙ୍କ ବିଶ୍ୱାସ ହେଉନାହିଁ । ଓଲଟା ମୋର ଏ ଉକ୍ତିର ବିରୁଦ୍ଧରେ ବିତର୍କ ଚଳିଲା । ସେମାନେ କହିଲେ, ଅରଣ୍ୟରେ ହୁଏ ତ ରାମ ସୀତାଙ୍କ ମଧ୍ୟରେ ସମ୍ଭୋଗ ହୋଇଥିବ । କିନ୍ତୁ ସୀତା ଗର୍ଭବତୀ ହୋଇ ନ ଥିବେ ଅରଣ୍ୟରେ । ସମ୍ଭୋଗ, ଅଥଚ ଗର୍ଭ ନ ରହିବା, ଏହା ପ୍ରାଚୀନ ଭାରତ ପକ୍ଷରେ ଏକ ଚିନ୍ତାର କଥା—ଏହା

Digitized by srujanika@gmail.com

ଉପେକ୍ଷାର କଥା କଦାପି ପ୍ରାଚୀନ ଭାରତ ପକ୍ଷରେ ନୁହେ । ଏ କଥାର ବିଶ୍ଳେଷଣ ଅନ୍ୟ କେଉଁଠି କରିବି । କିନ୍ତୁ ଯେଉଁ କାରଣରୁ ମୈଥୁନ ସତ୍ତ୍ୱେ ବି ଗର୍ଭ ନ ରହେ, ସେ କାରଣ ପ୍ରଧାନତଃ ତନୋଟି—(୧) ସ୍ତ୍ରୀ ପୁରୁଷ ମଧ୍ୟରୁ କେହି ଯଦି ନପୁଂସକ ବା ବନ୍ଧ୍ୟା ହୁଅନ୍ତି । (୨) ଉଭୟେ ଯତି ସଂଯମୀ ହୁଅନ୍ତି । (୩) ଯଦି ପୁରୁଷ ବୀର୍ଯ୍ୟର ଅପବ୍ୟବହାର କରେ । (କାମଶାସ୍ତ୍ରାନୁସାରେ କେତେଗୁଡ଼ିଏ ଅଗୂର ଅଛି ଯା' ମାନିଲେ ବୀର୍ଯ୍ୟକୁ ଅନ୍ୟତ୍ର ନିକ୍ଷେପ କରି ଗର୍ଭର କାରଣକୁ ନଷ୍ଟ କରିଯାଇ ପାରେ । ଏହା ଏକ ଅସ୍ୱାଭାବିକ ପ୍ରକ୍ରିୟା ଅତି ନିତାନ୍ତ କଷ୍ଟସାଧ୍ୟ । ଏହା କେବଳ ପଢ଼ାଯାଏ ଶୁଣାଯାଏ । ଏପରି କୌଣସିଟି ହେଉଥିବାର ଅମର ପ୍ରତ୍ୟକ୍ଷାନୁଭୂତ ନାହିଁ । ଏହା ସମ୍ଭବ ହୋଇ ପାରୁଥିଲେ ଲୋକ ସଂଖ୍ୟା ବୃଦ୍ଧି ପରି ଏକ ବିକଟ ପରିସ୍ଥିତିର ଅମେ ସମ୍ମୁଖୀନ ହୋଇ ନ ପାରନ୍ତେ । ମୈଥୁନ ପରେ ପରେ ଯୋନି ବୀର୍ଯ୍ୟ ପାଇଁ ବ୍ୟାକୁଳ ହୋଇ ରହେ । ବୀର୍ଯ୍ୟ ଅନ୍ୟତ୍ର ନିକ୍ଷେପ କରିବା ଫଳରେ ଯୋନି ବୀର୍ଯ୍ୟରୁ ବଞ୍ଚିତ ହୋଇ ରୁଗ୍‌ଣ ଅତି ଦୁର୍ବଳ ହୋଇପଡ଼େ । ସ୍ତ୍ରୀର ନାନା ପ୍ରକାରର ଯୋନିଗତ ରୋଗର କାରଣମାନଙ୍କ ମଧ୍ୟରୁ ଏହା ମଧ୍ୟ ଗୋଟାଏ କାରଣ । ଅତି ଏ ଅସ୍ୱାଭାବିକ କ୍ରିୟା ଦ୍ୱାରା ମାନସିକ ବିକୃତି ବି ଘଟେ । ରାମ ଏପରି କରୁଥିଲେ, ଏପରି ଏକ ଗର୍ହିତ ଚରିତ୍ର ଚିତ୍ରଣ କରିବା ଋଷି ବାଲ୍ମୀକିଙ୍କ ପକ୍ଷରେ ସମ୍ଭବ ବୋଲି ଅମର ବିଶ୍ୱାସ ହେଉନାହିଁ ।) ବାଲ୍ମୀକି ରାମଙ୍କ ସମ୍ବନ୍ଧରେ ଏପରି କଥା କେଉଁଠି ହେଲେ କହି ନାହାନ୍ତି ବା ରାମ ବା ସୀତା କେହି ହେଲେ ନପୁଂସକ ବା ବନ୍ଧ୍ୟା ଥିବା କଥା ମଧ୍ୟ ସେ କହି ନାହାନ୍ତି । ଏହାର ପ୍ରମାଣ ଏହି ଯେ ସୀତା ଅଯୋଧ୍ୟାକୁ ଫେରିବା ପରେ ଗର୍ଭବତୀ ହେବା କଥା ସେ କହିଛନ୍ତି । ଅତି ବିନା

Digitized by srujanika@gmail.com

ଅସ୍ତ୍ରୋପଚାରରେ ବା ବିନା ଔଷଧପ୍ରୟୋଗରେ ସୀତା ଗର୍ଭବତୀ ହେବା କଥା ସ୍ପଷ୍ଟ କହୁଛନ୍ତି । ଦେଖନ୍ତୁ, ବାଲ୍ମୀକି କେବଳ କାବ୍ୟ ଲେଖି ନାହାନ୍ତି—ଇତିହାସ ଲେଖିଛନ୍ତି । ଅମେ ଯା' କହୁଛୁ, ବାଲ୍ମୀକିଙ୍କ ଏହି ଐତିହାସିକ କାବ୍ୟ ଉପରେ ନିର୍ଭର କରି କହୁଛୁ, ଅତ ଅନ୍ୟ ଯେଉଁମାନେ ରାମ ସୀତାଙ୍କ ସମ୍ବନ୍ଧରେ କହିବେ, ସେମାନେ ବି ଠିକ୍ ସେପରି କହିବା ଉଚିତ । ବାଲ୍ମୀକି ବାରମ୍ବାର କହୁଛନ୍ତି ଯେ ରାମ ଏବଂ ସୀତା ଅରଣ୍ୟବାସ କାଳରେ ସଂଯମତା ଅବଲମ୍ବନ କରିଥିଲେ । ଏପରି ବ୍ରତୀ ହେବାପାଇଁ ସୀତା ପ୍ରତିଜ୍ଞାବଦ୍ଧ ହେବା ପରେ ଯାଇ ରାମ ସୀତାଙ୍କୁ ସଙ୍ଗରେ ଅରଣ୍ୟକୁ ନେବାକୁ ସମ୍ମତ ହୋଇଛନ୍ତି । ଏପରିକି ରାମ ନିଜର ଅନୁପସ୍ଥିତିରେ ବି ସୀତାଙ୍କୁ ଅଯୋଧ୍ୟାରେ ସଂଯମତାବଲମ୍ବନ କରି ରହିବାକୁ ନିର୍ଦ୍ଦେଶ ଦେଉଛନ୍ତି ।

ସ୍ୱୀତେ ଚ ମୁଞ୍ଚି କଲ୍ୟାଣି ବନଂ ମୁନିନିଷେବିତମ୍ ।
ବ୍ରତୋପବାସପରୟା ଭବିତବ୍ୟଂ ତ୍ୱୟାନଘ ॥

"ହେ ଅନଘେ ସୀତେ ! ଅର୍ଥାତ୍ ହେ ଶୁଦ୍ଧ ପବିତ୍ର ନିର୍ମଳ ସୀତେ । ହେ ନିଷ୍ପାପ ସୀତେ ! ତେଣୁ ହେ କଲ୍ୟାଣି ସୀତେ, । ମୁଁ ମୁନିବେଶ ଧାରଣ କରି ବନକୁ ଗଲେ, ତୁମେ ବ୍ରତ ଉପବାସ କରିବ । (ବ୍ରତ, ଉପବାସ କରିବାଟା ସଂଯମ-ସାଧନାର ଏକ ନିୟମାନ୍ତର—ଶାସ୍ତ୍ର ଦେଖି ପାରନ୍ତି ।) ରାମ ଠିକ୍ ଶାସ୍ତ୍ରର କଥାଟାଏ କହୁଛନ୍ତି । ଋଷି ଯାଜ୍ଞବଲ୍କ୍ୟ ତାଙ୍କର ଶାସ୍ତ୍ରରେ କହୁଛନ୍ତି—"ହାସ୍ୟଂ ପରଗୃହେ ଯାନଂ ତ୍ୟଜେତ୍ ପ୍ରୋଷିତ-ଭର୍ତ୍ତୃକା !" ପ୍ରୋଷିତ ଅର୍ଥ ପ୍ରବାସୀ । 'ପ୍ରୋଷିତଭର୍ତ୍ତୃକା' ଅର୍ଥ ଯା'ର ଭର୍ତ୍ତା ଅର୍ଥାତ୍ ସ୍ୱାମୀ ବିଦେଶ ଯାଇଛନ୍ତି । ଏହି 'ପ୍ରୋଷିତ ଭର୍ତ୍ତୃକା' ପକ୍ଷରେ ଉଚିତ ସବୁଥିରେ ସଂଯମତା ଅବଲମ୍ବନ

Digitized by srujanika@gmail.com

କରିବା—ଅନ୍ୟାନ୍ୟଙ୍କ ସଙ୍ଗରେ ବେଶୀ ହାସ୍ୟାଳାପ କରିବା ଉଚିତ ନୁହେ, ତଦ୍ଵାରା ମନରେ ବିକାର ଜନ୍ମେ ବା ଅନ୍ୟ ଘରକୁ ଯାଇ ପାନ ଭୋଜନ ବି କରିବା ଉଚିତ ନୁହେ, ଫଳରେ ସଙ୍ଗ ଦୋଷରେ ଅସଂଗତ ଘଟିବା ସମ୍ଭବ । ଯାଜ୍ଞବଲ୍କ୍ୟ ରାମଙ୍କ ସମକାଳୀନ । ଏହି ଯାଜ୍ଞବଲ୍କ୍ୟ ରାଜର୍ଷି ଜନକଙ୍କ ଅଗ୍ରଗଣ୍ୟ—ତାଙ୍କର ଅଦ୍ଭୁତ ଧାର୍ମିକ ସଭାରେ ଯାଜ୍ଞବଲ୍କ୍ୟ ଜୟଯୁକ୍ତ ହୋଇ ଏକଲକ୍ଷ ସ୍ଵର୍ଣ୍ଣମଣ୍ଡିତ ଗୋରୁ ଜୟ କରିଥିଲେ । ଏ କଥାର ଉଲ୍ଲେଖ ବୃହଦାରଣ୍ୟକ ଉପନିଷଦରେ ଅଛି । ଏହି ଯାଜ୍ଞବଲ୍କ୍ୟ ସେତେବେଳେ ଅତି ପ୍ରସିଦ୍ଧ ଥିଲେ ତାଙ୍କର ନୀତିବାକ୍ୟ ସର୍ବମାନ୍ୟ ଥିଲା । ତାଙ୍କର ଏହି ନୀତିବାକ୍ୟରୁ ଗୋଟାକର ଉପଦେଶ ଦେଲେ ରାମ ଓ ସୀତାଙ୍କୁ ତାଙ୍କର ବନ ଗମନର ପ୍ରାକ୍ କାଳରେ । ସୀତା, କିନ୍ତୁ ରାମଙ୍କର ବାରମ୍ବାର ବୁଝାଇବା ସତ୍ତ୍ଵେ ତାଙ୍କ ସଙ୍ଗରେ ବନକୁ ଯିବାକୁ ଜିଦ୍ ଧରି ବସିଲେ । ସେତେବେଳେ ସେ ନାନାପ୍ରକାର ଯୁକ୍ତି ରାମଙ୍କ ଆଗରେ ବାଢ଼ି ବସିଲେ । ସେଇଥିରୁ ଗୋଟାକେତେର ଉଦାହରଣ ଦେଉଛି—

ଯଦି ତ୍ଵଂ ପ୍ରସ୍ଥିତୋ ଦୁର୍ଗଂ ବନମଦ୍ୟୈବ ରାଘବ ।
ଅଗ୍ରତସ୍ତେ ଗମିଷ୍ୟାମି ମୃଦ୍ନନ୍ତୀ କୁଶକଣ୍ଟକାନ୍ ॥

"ହେ ରାଘବ ! ଯଦି ତୁମେ ଦୁର୍ଗମ ବନକୁ ଯିବ, ମୁଁ ତୁମର ଆଗରେ ଆଗରେ ଯାଇ କୁଶକଣ୍ଟକାଦି ଦୂର କରିବି ।" ସୀତା କହିବାକୁ ଚାହୁଁଛନ୍ତି—ସେ ରାମଙ୍କ ସଙ୍ଗରେ ବନକୁ ଗଲେ, ବରଂ ସେ ରାମଙ୍କର ଦୁଃଖର କାରଣକୁ, ରାମଙ୍କର ଅଗ୍ରଗମନର ଅର୍ଥାତ୍ କର୍ତ୍ତବ୍ୟ କର୍ମର ବାଧାର କାରଣକୁ ଦୂର କରିବାର କାରଣ ସେ ହେବେ—ତାଙ୍କର ଦୁଃଖର କାରଣ ସେ ହେବେ ନାହିଁ । 'ଯଥେ

Digitized by srujanika@gmail.com

ନାରୀ ବିବର୍ଜିତା', ଏହି ଯେ ନୀତିକଥା ଅଛି, ଏ କଥାର ସେ ଲଙ୍ଘନର କାରଣ ହୋଇ 'ପଥେ ନାରୀ ଅବଶ୍ୟକତା', ଏ କଥାଟାର ବରଂ ସେ କାରଣ ହେବେ । ଅର୍ଥାତ୍ ଇନ୍ଦ୍ରିୟ-ଗୃହିଣୀ, ଇନ୍ଦ୍ରିୟ ଭୋଗ, ଏକ କଥାରେ ଅସଂଯମତା, ଯା' ସମସ୍ତ ଅଗ୍ରଗତିର, ଉନ୍ନତିର ବାଧା ସ୍ୱରୂପ, ତାକୁ ସେ (ସୀତା) ପ୍ରଶ୍ରୟ ଦେବେ ନାହିଁ । ବରଂ ତା'ଠାରୁ ଯେ ନିଜେ ଦୂରରେ ରହି, ରାମ ବି ଯେପରି ଦୂରରେ ରହନ୍ତି, ସେପରି ଯେ ଯତ୍ନ କରିବେ ଅଗେ—ଅଗ୍ରତସ୍ତେ ଗମିଷ୍ୟାମି । ସେଥିପାଇଁ ସେ ରାମଙ୍କୁ ଅନୁରୋଧ କରୁଛନ୍ତି—

ଈର୍ଷ୍ୟାରୋଷୌ ବହିଷ୍କୃତ୍ୟ ଭୁକ୍ତଶେଷମିବୋଦକମ୍ ।
ନୟ ମାଂ ବୀର ବିସ୍ରବ୍ଧଃ ପାପଂ ମୟି ନ ବିଦ୍ୟତେ ॥

"ହେ ବୀର ! ଈର୍ଷା ଅଉ ରୋଷକୁ ତ୍ୟାଗ କରି, ନିଃଶଙ୍କ ହୋଇ ମୋତେ ସଙ୍ଗରେ ବନକୁ ନିଅ । ଏପରି କଣ ପାପ ମୋ ଦ୍ୱାରା ହୋଇଛି ଯେ, ମୋତେ ଏଠାରେ ଛାଡ଼ିଯିବାଟା, ସେଇଟା ହୋଇପାରେ କାରଣ ।" ଈର୍ଷା ଅଉ ରୋଷ ତ୍ୟାଗ କରିବାକୁ ସୀତା ରାମଙ୍କୁ କହୁଛନ୍ତି । ଈର୍ଷା କାହିଁକି ? କେବଳ କଣ ରାମଚନ୍ଦ୍ର ସଂଯମୀ ସାଧୁ ହୋଇ ପାରନ୍ତି; ଅଉ ସୀତା ସଂଯମୀ ସାଧ୍ୱୀ ହେଲେ, ସେଥିପାଇଁ ଈର୍ଷା କରିବା ଉଚିତ ? ଲୋକେ କେବଳ ରାମଙ୍କୁ ସାଧୁ, ସନ୍ଥ, ତ୍ୟାଗୀ, ତପସ୍ୱୀ କହନ୍ତୁ, ଅଉ ସୀତାଙ୍କ ବେଳକୁ ସେ କେବଳ ସୀତା, ତା'ଠାରୁ ଅଧିକ କିଛି ନୁହନ୍ତି ? ବନକୁ ତାଙ୍କୁ (ସୀତାଙ୍କୁ) ସଙ୍ଗରେ ନେଇ ତାଙ୍କୁ ଏପରି ହେବାର ସେ ସୁବିଧା ଦେବେ ନାହିଁ କାହିଁକି ? ସୀତା ଟିକେ ବିରକ୍ତ ହୋଇ, ରାଗିଯାଇ, ଏପରି କଥା କହୁଛନ୍ତି, ରାମଙ୍କୁ ତାଙ୍କୁ ସଙ୍ଗରେ ବନକୁ ନେବାପାଇଁ ବାଧ୍ୟ କରିବାପାଇଁ, ଏହା ସୀତାଙ୍କର ପ୍ରେମମୂଳକ

Digitized by srujanika@gmail.com

କାବ୍ୟକ ଭର୍ତ୍ସନା ମାତ୍ର—ଏହା ତାଙ୍କର ଅନ୍ତରର କଥା ନୁହେଁ—ଏହା ତାଙ୍କର କେବଳ ମୁହଁର କଥା—କାବ୍ୟର ନାୟିକାର ଶ୍ଳେଷ-ବାକ୍ୟ ତାର ପ୍ରିୟତମ ପ୍ରତି । ତେଣୁ ସେ କହୁଛନ୍ତି, ଯାଙ୍କୁ ରାମ ନିଃଶଙ୍କ ହୋଇ ବନକୁ ନେବା ଉଚିତ । ସେ ରାମଙ୍କର ଗୃହଶାନ୍ତିର କାରଣ ହେବେନାହିଁ । ରାମ ଯେପରି ସଂଯମୀ, ସୀତାଙ୍କର ବି ସେପରି ସଂଯମୀ ହେବାର କାରଣ ଉପସ୍ଥିତ ହେଲେ, ସେଥିପାଇଁ ରାମ ଶ୍ଳେଷ କରିବା ଆଉ ଉଚିତ ନୁହେଁ । ସେଥିପାଇଁ ସୀତା ରାମଙ୍କୁ ଶ୍ଳେଷ ତ୍ୟାଗ କରିବାକୁ ବି କହୁଛନ୍ତି । (ଏହା ମଧ୍ୟ କାବ୍ୟର ନାୟକ ନାୟିକାଙ୍କ ମଧ୍ୟରେ ଶ୍ଳେଷମିଶ୍ରିତ ପ୍ରେମମୂଳକ ସଂଳାପ । ଏହି ଶ୍ଳେଷ-ତ୍ୟାଗ କରିବା କଥାଟା କୌଣସି ଇତିହାସ ନୁହେଁ ।) ତା'ପରେ ବିରକ୍ତ ହୋଇ ସୀତା କହୁଛନ୍ତି ଯେ, ସେ କଣ ପାପିନୀ ?-ତାଙ୍କୁ ପରିତ୍ୟାଗ କରିବା ଭଳି ସେ କଣ ଏପରି କୌଣସି ପାପ କରିଛନ୍ତି ? କି, ତାଙ୍କୁ ବନକୁ ସଙ୍ଗରେ ନେଲେ ଏପରି କୌଣସି ସେ ପାପ କରିବାର ଆଶଙ୍କା ଅଛି ଯେ ସେ ସ୍ୱାମୀ-ପରିତ୍ୟକ୍ତା ହୋଇ ଅଯୋଧ୍ୟାରେ ରହିବେ ? ଏପରି କୌଣସି ପାପ ସେ କରିନାହାନ୍ତି ବା କରିବେ ନାହିଁ, ଏଥିପାଇଁ ସେ ରାମଙ୍କୁ ନିଃଶଙ୍କ ହେବାପାଇଁ ଅନୁରୋଧ କରୁଛନ୍ତି । ତଥାପି ରାମଙ୍କ ମନରେ ଶଙ୍କା ରହିଛି । ସେଥିପାଇଁ ସୀତା ବାରମ୍ବାର କହୁଛନ୍ତି—

ସୁଖଂ ବନେ ନିବତ୍ସ୍ୟାମି ଯଥୈବ ଭବନେ ପିତୁଃ ।
ଅଚିନ୍ତୟନ୍ତୀ ତ୍ରୀଁଲ୍ଲୋକାଂଶ୍ଚିନ୍ତୟନ୍ତୀ ପତିବ୍ରତମ୍ ॥

"ମୁଁ ବନରେ ପିତାଙ୍କ ଘରରେ ରହିବା ଭଳି ସୁଖରେ ରହିବି । ମୁଁ ସେଠାରେ ପତିବ୍ରତାରେ ହିଁ ରହିବି । ତିନି ଲୋକର ସୁଖର ଚିନ୍ତା ବି ମୁଁ କରିବି ନାହିଁ । ବିନା ସ୍ୱାମୀରେ ମଧ୍ୟ ସୁଖ ଅଛି ।

Digitized by srujanika@gmail.com

ପିତୃ ଗୃହରେ ସ୍ତ୍ରୀ ଥିଲେ ତ, ସେଠି ପତି ନ ଥାନ୍ତି । ତଥାପି ସ୍ତ୍ରୀ ସେଠି ବିଶ୍ୱସ୍ତରେ ଥାଏ । ଏହି ଅରଣ୍ୟକୁ ସେପରି ପିତୃଗୃହ ମନେକରି ସେ ରହିବେ, ଏ କଥା ସୀତା ନିର୍ଭରଭାବରେ ଜଣାଇ ଦେଉଛନ୍ତି ସ୍ୱାମୀଙ୍କୁ । ତଥାପି ସେ ସ୍ୱାମୀଙ୍କ ସେବା କରିବାରେ ଅବହେଳା କରିବେ ନାହିଁ, ଏ କଥା ମଧ୍ୟ ସେ ଜଣାଇ ଦେଉଛନ୍ତି । ଅର୍ଥାତ୍ ସେ ସ୍ୱାମୀଙ୍କ ସଙ୍ଗରେ ରହିବେ, କିନ୍ତୁ ସ୍ୱାମୀଙ୍କ ସଙ୍ଗରେ କୌଣସି ଇନ୍ଦ୍ରିୟ-ସୁଖର ସେ କାମନା କରିବେ ନାହିଁ । କେବଳ ଏତିକି ନୁହେଁ, ସେ ନିଜେକର ଅନ୍ୟାନ୍ୟ ସମସ୍ତ ସୁଖ-ବସ୍ତୁର ଚିନ୍ତନକୁ ମଧ୍ୟ ଜଳାଞ୍ଜଳି ଦେଇପାରିବେ, ଏପରି ବସ୍ତୁକୁ ସେ ମନରେ ଅସିବାକୁ ବି ଦେବେ ନାହିଁ, ରାମ ଯଦି ତାଙ୍କୁ ସଙ୍ଗରେ ବନକୁ ନିଅନ୍ତି । ରାମଙ୍କ ସଙ୍ଗରେ ରହି ତାଙ୍କର ସେବା କରିବାର ଯେଉଁ ସୁଖ, ସେ କଣ ନିଜେକର ସୁଖ ଅପେକ୍ଷା କମ୍ କି ?

ତଥାପି ରାମଚନ୍ଦ୍ର ସୀତାଙ୍କୁ ବିଶ୍ୱାସ କଲେନାହିଁ । ତେଣୁ ସୀତା ବାଧ୍ୟହୋଇ କଥାଟାକୁ ସ୍ପଷ୍ଟ କରି କହିଲେ—

ଶୁଶ୍ରୂଷମାଣା ତେ ନିତ୍ୟଂ ନିୟତା ବ୍ରହ୍ମଚାରିଣୀ ।
ସହ ରଂସ୍ୟେ ତ୍ୱୟା ବୀର ବନେଷୁ ମଧୁଗନ୍ଧିଷୁ ॥

'ହେ ବୀର ! ମୁଁ ନିତ୍ୟ ନିୟମପୂର୍ବକ ବ୍ରହ୍ମଚର୍ଯ୍ୟ ବ୍ରତ ଧାରଣ କରି ଆପଣଙ୍କ ସଙ୍ଗରେ ସେହି ମଧୁର ଗନ୍ଧଯୁକ୍ତ ବନରେ ବିଚରଣ କରିବି ।' ସୀତା କହିବାକୁ ଚାହୁଁଛନ୍ତି, ଗନ୍ଧଯୁକ୍ତ ବନ ତାଙ୍କର ଅତି ପ୍ରିୟ । ତା ସଙ୍ଗକୁ ଅଧିକ ସୌଭାଗ୍ୟର, ଅନନ୍ତର କଥା ଯେ ସ୍ୱାମୀ ସଙ୍ଗରେ ସେ ରହିବେ । ଏଥିରୁ କଣ କାମ-ସୁଖଟା ଛାଡ଼ି ଦେଇ ସେ ବ୍ରହ୍ମଚର୍ଯ୍ୟ ବ୍ରତ ଧାରଣ କରିପାରିବେ ନାହିଁ ? ସେ ନିଶ୍ଚୟ ଏ ବ୍ରତ ପାଳନ କରିପାରିବେ ଅଉ ନିତ୍ୟ ନିୟମପୂର୍ବକ ସେ ତା' ପାଳନ କରିବେ ।

Digitized by srujanika@gmail.com

ଫଲମୂଲାଶନା ନିତ୍ୟଂ ଭବିଷ୍ୟାମି ନ ସଂଶୟଃ ।
ନ ତେ ଦୁଃଖଂ କରିଷ୍ୟାମି ନିବସନ୍ତୀ ସହ ତ୍ୱୟା ॥

"ମୁଁ ଫଳମୂଳରେ ନିତ୍ୟ ନିଜର ନିର୍ବାହ କରିବି । ତୁମ ସଙ୍ଗରେ ଅରଣ୍ୟରେ ରହି ତୁମକୁ କୌଣସି କଷ୍ଟ ଦେବିନାହିଁ । 'ରାଜ ପ୍ରାସାଦରେ ରହି ରାଜ-ଭୋଗ କଲେ ଯିନା ମନରେ କାମବାସନା ଆସିବା ସମ୍ଭବ । ମୁଁ ତ ଅରଣ୍ୟରେ ରହିବି—ଫଳମୂଳ ଖାଇବି, ମୋର ମନରେ ଚାଞ୍ଚଲ୍ୟ ଆସିବାର ତ କାରଣ ନଥିବ । ଅରଣ୍ୟରେ ରହି, ଫଳମୂଳ ଖାଇ ଋଷିମାନେ କି ତ ବ୍ରହ୍ମଚର୍ଯ୍ୟ ଧାରଣ କରି ପାରୁଛନ୍ତି—ମୁଁ ପାରିବି ନାହିଁ କାହିଁକି ? ଅତଏବ ମୁଁ ତୁମକୁ କୌଣସି—ଦୁଃଖ ଦେବିନାହିଁ—ମୁଁ ତୁମର ଚିନ୍ତାର କାରଣ ହେବିନାହିଁ । ମୁଁ ତୁମପରି ବ୍ରହ୍ମଚର୍ଯ୍ୟ ରକ୍ଷା କରି ପାରିବି, ଆଉ ଚିନ୍ତା କାହିଁକି ?'

ଅହଂ ଗମିଷ୍ୟାମି ବନଂ ସୁଦୁର୍ଗମଂ,
ମୃଗାୟୁତଂ ବାନରବାରଣୈର୍ଯୁତମ୍ ।
ବନେ ନିବତ୍ସ୍ୟାମି ଯଥା ପିତୁର୍ଗୃହେ,
ତବୈବ ପାଦାବୁପଗୃହ୍ୟ ସଂଯୁତା ॥

'ହରିଣ-ହସ୍ତୀ-ବାନର-ସେବିତ ଦୁର୍ଗମ ବନକୁ ମୁଁ ଯିବି । ତୁମର ଚରଣ ସେବା କରି ସେଠି ସୁଖରେ ରହିବି, ଯେପରି ସୁଖରେ ପିତୃ ଗୃହରେ ରହୁଥିଲି ।' ସୀତା ବାରମ୍ବାର ସେହି କଥା କହୁଛନ୍ତି; ସେ ପିତୃଗୃହରେ ରହିବା ପରି ମନ ନେଇ ବନରେ ରହିବେ । ରାମ ତାଙ୍କ ସଙ୍ଗରେ ଥିଲେ ସୁଦ୍ଧା ସେ ତାଙ୍କ ପ୍ରଭୁ ସ୍ୱାମୀ ଭାବରେ ତାଙ୍କ ପାଖରେ ରହିବେ—ଇନ୍ଦ୍ରିୟସୁଖର ସଙ୍ଗୀ-ଭାବରେ ନୁହେଁ । ତେଣୁ ତାଙ୍କ ରାମଙ୍କର ଚରଣ ସେବା କରିବା

Digitized by srujanika@gmail.com

ପାଇଁ କେବଳ ଅନୁମତି ମିଳିବା ଉଚିତ—ଏଥିରୁ ଅଧିକ ଅଭି-
ଳଷିତ ସେ ଗୃହାନ୍ତ ନାହିଁ । କାହିଁକି ବା ସେ ଗୃହିବେ ? ଦୁର୍ଗମ
ହେଲେ ଶ୍ୱ ହରିଣ-ହସ୍ତୀ-ବାନର ସେବିତ ବନ, ଅଥ ତା'
ସଙ୍ଗରୁ ସ୍ୱାମୀର ସାନ୍ନିଧ୍ୟ, ଏ ଭଣ ଭମ୍ ସୁଖ କାମ-ସୁଖ ଅପେକ୍ଷା ?
ପିତୃ ଗୃହରେ ସେ ଥିଲେ ତାଙ୍କର ଭାର ରାମଙ୍କୁ ବହନ କରିବାକୁ
ପଡ଼ନ୍ତା ନାହିଁ, ଠିକ୍ ଏଠି ମଧ୍ୟ ସେ ରାମଙ୍କର କୌଣସି ପ୍ରକାର ଭାର
ହେବେ ନାହିଁ, ଏ ପ୍ରତିଶ୍ରୁତି ସୀତା ଦେଉଛନ୍ତି—

ନ ତେ ମଯ୍ୟାଃ ତୋ ଗୁରୁତା ଭବିଷ୍ୟତି—'ମୋର କୌଣସି
ଭାର ତୁମକୁ ବହନ କରିବାକୁ ପଡ଼ିବ ନାହିଁ ।'

ବନବାସେ ହି ଜାନାମି ଦୁଃଖାନି ବହୁଧା କିଲଃ ।
ପ୍ରାପ୍ୟନ୍ତେ ନିୟତଂ ବୀର ପୁରୁଷୈରକୃତାତ୍ମଭିଃ ॥

"ହେ ବୀର ! ବନବାସରେ ଅନେକ ଦୁଃଖ ଅଛି, ତା' ମୁଁ
ଜାଣେ । କିନ୍ତୁ ଏ ଦୁଃଖ ତାକୁ ହୁଏ, ଯେ ଅଜିତେନ୍ଦ୍ରିୟ ।" ଅର୍ଥାତ୍
ସୀତା ରାମଙ୍କୁ ଜଣାଇ ଦେବାକୁ ଚାହୁଁଛନ୍ତି ଯେ, ସେ ଅଜିତେନ୍ଦ୍ରିୟ
ନୁହନ୍ତି । ତେଣୁ ବନର କୌଣସି ପ୍ରକାର ଦୁଃଖ ତାଙ୍କୁ ପୀଡ଼ିତ କରି
ପାରିବ ନାହିଁ । ମନୁଷ୍ୟ ଅଜିତେନ୍ଦ୍ରିୟ ହେଲେ, ସେ ଦୁର୍ବଳ ହୁଏ ।
ଅଥ ସେ ଦୁର୍ବଳ ହେଲେ, ପୀଡ଼ା ସହିବାର ତା'ର ଶକ୍ତିର ହ୍ରାସ
ହୁଏ । କିନ୍ତୁ ସୀତା ଶରୀରରେ, ମନରେ ସବଳ । କାରଣ ସେ
ସଂଯମୀ । ତେଣୁ ତାଙ୍କପାଇଁ ରାମଙ୍କର ଚିନ୍ତିତ ହେବାର କାରଣ
ନାହିଁ । ତେଣୁ ସେ ପୁନର୍ବାର କହୁଛନ୍ତି—'ଶୁଦ୍ଧାତ୍ମନ୍ ପ୍ରେମ-
ଭାବାଦ୍ଧି ଭବିଷ୍ୟାମି ବିକଲ୍ମଷା—'ହେ ଶୁଦ୍ଧାତ୍ମନ୍ ! ନିଜର
ପ୍ରୀତିପୂର୍ଣ୍ଣ ସ୍ୱଭାବରେ ତୁମର ଅନୁଗମନ କରି ମୁଁ ପାପରହିତ
ହେବି ।' ହେ ଶୁଦ୍ଧାତ୍ମନ୍ । ତମେ ନିଜେ ଶୁଦ୍ଧ । ଶୁଦ୍ଧ ପଦାର୍ଥ

Digitized by srujanika@gmail.com

ପାଖରେ ଅଶୁଦ୍ଧ ରହିଲେ ବି ସେ ଶୁଦ୍ଧ ହୋଇ ଉଠିବ । ମୁଁ ଯଦି କେବେ ଅଶୁଦ୍ଧ ହୁଏ, ଚଞ୍ଚଳ ହୁଏ, ତମେ ଶୁଦ୍ଧଶାନ୍ତ ଥିବାରୁ ମୋର ଗୃହଲକ୍ଷ୍ମୀ ବି ଶାନ୍ତ ପଡ଼ିଯିବ । ତେଣୁ ମୋ'ପାଇଁ ଅଧିକ ଚିନ୍ତିତ ହେବା ଅନାବଶ୍ୟକତା ନାହିଁ । ମୁଁ ତୁମ ସଙ୍ଗରେ ଯିବା-ପାଇଁ ଏତେ ବ୍ୟାକୁଳ ହେବାର ତ ଅନ୍ୟ କୌଣସି କାରଣ ନାହିଁ—ମୁଁ ତୁମକୁ ଭଲପାଏ, ପ୍ରେମସ୍ପୃହାଙ୍କି, ଏହାହିଁ ତ କେବଳ କାରଣ ।

ଏବମସ୍ୱାତନ୍ତ୍ରକାଂ ନାରୀଂ ସୁବୃତ୍ତାଂ ହି ପତିବ୍ରତାମ୍ ।
ନାଭିରୋଚୟସେ ନେତୁଂ ତ୍ୱଂ ମାଂ କେନେହ ହେତୁନା ॥

'କାହିଁକି ମୋ' ପରି ସଦାଗ୍ରୃହିଣୀ ପତିବ୍ରତା ସ୍ତ୍ରୀକୁ ସଙ୍ଗରେ ନେବାକୁ ତମର ଇଚ୍ଛା ହେଉନାହିଁ ?' ଏହାର କାରଣ କଣ ଯେ ସ୍ତ୍ରୀ ପତିବ୍ରତାମ୍, ପତି ଯା ବ୍ରତ, ସେ ବ୍ରତରେ ସେ କି ବ୍ରତୀ ହେବାକୁ ସଙ୍କଳ୍ପବଦ୍ଧ ଅର୍ଥାତ୍ ସ୍ୱାମୀ ଯଦି ବ୍ରହ୍ମଚର୍ଯ୍ୟ ବ୍ରତ ଧାରଣ କରିବାକୁ ଇଚ୍ଛୁକ, ସେ ବି ତା କରିବାକୁ ସ୍ଥିର କରନ୍ତୁ । ତା' ପରେ ସେ ବି ସୁବୃତ୍ତାଂ, ସେ ସଦାଗ୍ରୃହିଣୀ । ଏପରି ସ୍ଥଳେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଆଚରଣରେ ପାର୍ଥକ୍ୟ ରହିଲା କେଉଁଠି ଯେ କୌଣସି ଅଘଟନ ଆଶଙ୍କା କରି ଏପରି ସ୍ତ୍ରୀକୁ ପରିତ୍ୟକ୍ତ କରି ତମେ ଏକାକୀ ବନକୁ ଯିବ ? ମୁଁ ବାରମ୍ବାର ତୁମକୁ କହୁଛି—ଏହି ଶେଷଥର ପାଇଁ ପୁଣି କହୁଛି—

'ନ ଚ ତନ୍ ଗତଃ କ୍ୱଚିଦ୍ଦ୍ରଷ୍ଟୁମର୍ହସି ବିପ୍ରିୟମ୍ ।
ମତ୍କୃତେ ନ ଚ ତେ ଶୋକୋ ନ ଭବିଷ୍ୟତି ଦୁର୍ଭରଃ ॥

(ମୋ ପାଇଁ କେବେ ତୁମକୁ କୌଣସି କ୍ଳେଶ ହେବନି-ନାହିଁ ବା ତୁମକୁ ମୋ' ପାଇଁ ଝୁରିବାକୁ ପଡ଼ିବ ନାହିଁ ।) .

Digitized by srujanika@gmail.com

(ଅରଣ୍ୟରେ ବ୍ରହ୍ମଚର୍ଯ୍ୟ ବ୍ରତ ଧାରଣ ପୂର୍ବକ ତପସ୍ୱିନୀ ଜୀବନ ଯାପନ କରିବା ପାଇଁ ସୀତା ବାରମ୍ବାର ପ୍ରତିଜ୍ଞାବଦ୍ଧ ହେବାରୁହିଁ ରାମ ସୀତାଙ୍କୁ ବନକୁ ନେବାକୁ ଇଚ୍ଛା ପ୍ରକାଶ କରି ଶେଷରେ କହିଲେ—

ମମ ଛନ୍ଦା ମିତଃ ସୀତେ ତ୍ୱାଂ ନେତୁଂ ଦଣ୍ଡକାବନମ୍
ବସିଷ୍ୟାମୀତି ସା ତ୍ୱଂ ମାମନୁଯାତୁଂ ସୁନିଶ୍ଚିତା ॥

‘ହେ ସୀତେ ! ତୁମର ମନର କଥା ମୋତେ ଜଣା ନ ଥିବାରୁ ପ୍ରଥମରେ ମୁଁ ତୁମକୁ ସଙ୍ଗରେ ନେବାକୁ ଇଚ୍ଛା କରୁ ନଥିଲି । କିନ୍ତୁ ତୁମର ମନର ଦୃଢ଼ତା ଦେଖି ବର୍ତ୍ତମାନ ତୁମକୁ ବନକୁ ନେବାଟା ସୁନିଶ୍ଚିତ ।’

ଅର୍ଥାତ୍, ରାମ ଯେତେବେଳେ ଦେଖିଲେ ଯେ ସୀତା ମନରେ ଦୃଢ଼, ସେ ଅରଣ୍ୟରେ ଚଞ୍ଚଳ ହେବେ ନାହିଁ—ତାଙ୍କପରି ସେ ବି ଯମୀ ହେବେ, ଯତବ୍ରତ ଧାରଣ କରିବେ, ସେତେବେଳେହିଁ କେବଳ ସେ ତାଙ୍କୁ ବନକୁ ନେବାକୁ ପ୍ରସ୍ତୁତ ହେଲେ ।

ଏତା ସତ୍ତ୍ୱେ ବି କଣ କାହାରି ମନରେ ସନ୍ଦେହ ରହିଲା ଯେ ଅରଣ୍ୟରେ ସୀତାଙ୍କ ସହିତ ରାମଙ୍କର ଅଙ୍ଗ-ସମ୍ବନ୍ଧ ହୋଇଥିଲା ? ଅଥଚ ସୀତା ଗର୍ଭବତୀ ହେଲେ ଅଯୋଧ୍ୟାରେ ? ଦେଶର ଦୁର୍ଭାଗ୍ୟ ଯେ, ଏପରି ସାଦା କଥାଟାକୁ ଆମକୁ ଏପରି ଭାବରେ ବିଶ୍ଳେଷଣ କରିବାକୁ ପଡ଼ୁଛି, ନିଜ ଦେଶର ସମସ୍ତ ପ୍ରତି ଦେଶବାସୀଙ୍କର ଅବିଶ୍ୱାସର କାରଣରୁ ଅନ୍ୟ ଲୋକଙ୍କର ଶତ୍ରୁ-ଶକ୍ତିର ପ୍ରସାର, ଭାବଣରୁ ।

ସୀତାଙ୍କୁ ସଙ୍ଗରେ ରଖି ୧୪ ବର୍ଷ କାଳ ସଂଯମୀ ହୋଇ ରହିବା ମନୁଷ୍ୟ ପକ୍ଷରେ ଅସମ୍ଭବ ବୋଲି ଯେଉଁମାନେ ରାମଙ୍କ ପ୍ରତି

Digitized by srujanika@gmail.com

ଅକ୍ଷେପ କରନ୍ତୁ, ସେମାନେ ଜାଣି ରଖିବା ଉଚିତ ଯେ, ରାମ ସାଧାରଣ ମନୁଷ୍ୟ ନୁହନ୍ତି-ସେ ମହାମାନବ । ଏପରି କେତେଗୁଡ଼ିଏ ଅଲୌକିକ କାରଣରୁ ତ ଆମେ ତାଙ୍କୁ ଭଗବାନଙ୍କ ଅବତାର ବୋଲି ବିଶ୍ୱାସ କରି ଶ୍ରଦ୍ଧା କରୁଛୁ । ତାଙ୍କର ପ୍ରସ୍ତର ମୂର୍ତ୍ତିର ମଧ୍ୟ ପୂଜା କରୁଛୁଁ ।

ଆମ ଦେଶର ସାହିତ୍ୟର ନାୟକ ନାୟିକାଙ୍କ ଚରିତ୍ର ଚିତ୍ରଣର ସହିତ ପାଶ୍ଚାତ୍ୟ ସାହିତ୍ୟର ନାୟକ ନାୟିକାଙ୍କ ଚରିତ୍ର ଚିତ୍ରଣର ସାମଞ୍ଜସ୍ୟ ନ ଦେଖି ବିସ୍ମିତ ହେବା ବୁଦ୍ଧିହୀନତାର ପରିଚାୟକ— ଚିନ୍ତାହୀନତାର ଦ୍ୟୋତକ । ଆମ ଦେଶର ରୁଚିରେ ପାଶ୍ଚାତ୍ୟ ଦେଶର ରୁଚିରେ ସାମଞ୍ଜସ୍ୟ ନ ଥିବାରେ ବିସ୍ମିତ ହେବାର କଣ ଅଛି ? ଯେଉଁଠି ବାପା କହେ ଝିଅକୁ—Well, I am going to see your mother, will you accompany me ? ଝିଅ ଉତ୍ତର ଦିଏ—No father, I have dates. ସେଇଠି ରାମ ଆଉ ସୀତାଙ୍କୁ ନେଇ ଥୁଥୁ ହେଉଛି କାହିଁକି ?

ଆମେ ଏକ କଥାରେ କହିବୁ, ମନର ସମ୍ପୂର୍ଣ୍ଣ ଉଲଗ୍ନତା ସାହିତ୍ୟରେ, ଏ ଦେଶରେ ବର୍ଜନୀୟ—ଏକାନ୍ତରେ ପତ୍ନୀଠାରେ ସୀମାଭିତରେ କେବଳ ଏହା ଏ ଦେଶରେ ରଳନୀୟ । ଆଉ ଯେଉଁଠି ଏହାର ବିପରୀତ ଏ ଦେଶର ଅଛି, ତା' ସତ୍ ସାହିତ୍ୟ ନୁହେ ।

ତେବେ ସେ ଯା' ହେଉ ଆମେ ଏ କଥାଟାକୁ ଏଇଠି ଏତିକିରେ ରଖିବୁଁ ଆଉ ଅନ୍ୟାନ୍ୟ ପ୍ରସଙ୍ଗ ଅନେକ ବେଳୁ ବାକି ରହିଛି ।

Digitized by srujanika@gmail.com

ମୋର 'କୁମୁଦ ଓ କୁମୁଦନୀ' ସମ୍ବନ୍ଧରେ ଏ କଥା କି ଲୋକେ କହିଲେ ଯେ ମୁଁ ମୋର ନିଜର ଅଶା ଅକାଙ୍କ୍ଷାକୁ ପସ୍ତା ଏ ପୁସ୍ତକରେ ନାୟକର ମୁଖରେ ଫୁଟାଇଛି ଅଉ କେହି କେହି ତ କହିଲେ, ଉପନ୍ୟାସର ସନ୍ନ୍ୟାସୀଟି ତ ମୋର ଚରିତ । ଯେପରି ଏ ଉପନ୍ୟାସଟି ମୋର ଜୀବନୀ ।

ଅଉ ଜଣେ ମୋ' ପାଖକୁ ଲେଖିଲେ, ବିଧବା ବିବାହ ତ ଚଳିଲାଣି—ଏଥିପାଇଁ ଅଉ ଲେଖିବାର କି ଦରକାର ଥିଲା । ଯା' ହେଉ ଏହା ଏକ ଶେଷ ଅଘାତ । କିନ୍ତୁ ବର୍ତ୍ତମାନ ବି ବିଧବାମାନେ ସଢ଼ୁଛନ୍ତି । ସେଠିକୁ ଏ ବିଚାର ପହଞ୍ଚି ନାହିଁ ଏପର୍ଯ୍ୟନ୍ତ । ଅନେକଙ୍କର ଧାରଣା ଏ ପର୍ଯ୍ୟନ୍ତ ଏହା ରହିଛି ଯେ ଏଥିପାଇଁ ଶାସ୍ତ୍ରର ସମର୍ଥନ ନାହିଁ—କେବଳ ଗାନ୍ଧି କହୁଥିଲେ । ମୋତେ ଯଦି ବିଶ୍ୱାସ କରିବେ କହିବି, ଏପରି ଏକ ବିଧବାକୁ ଦେଖି ମୋର ଆଖିରୁ ଲୁହ ଗଢ଼ୁଛି । ବିଧବାଟି ଯୁବତୀ, ସୁନ୍ଦରୀ, ସୁଶୀଳା । ମୋର ମନ ଏପରି ଏକ ଯୁବତୀଟି ନିରାଭରଣା ଦେଖିଲେ ସହ୍ୟକରି ପାରେ ନା—ଏପରି ଧୈର୍ଯ୍ୟ ମୋର ନାହିଁ । ଫଳରେ, ବିଧବା—ବିବାହ ସପକ୍ଷରେ ଶାସ୍ତ୍ରର ସମର୍ଥନ ପାଇବା ପାଇଁ ମୁଁ ଶାସ୍ତ୍ର ଦେଖିବାରେ ଲାଗିଛି । ଶାସ୍ତ୍ରର କଥାଟାକୁ ନିଜର ବୁଦ୍ଧିରେ ଗ୍ରହଣ କରିବା ଲାଗି ଯୁକ୍ତିର ସାହାଯ୍ୟ ନେଇଛି । ଏହାହିଁ ତ ମୋର 'କୁମୁଦ ଓ କୁମୁଦନୀ ।' ଏ ସାମାଜିକ ରୋଗ ଏପରି ଜଡ଼ ଧରିଛି ସମାଜରେ ଯେ ତାକୁ ଉପାଡ଼ିବାକୁ ହେଲେ ବାରମ୍ବାର ପ୍ରଯତ୍ନ ଅବଶ୍ୟକ, ଏ ବିଚାର ମୋର ମନରେ ରହିଛି । ଏ ଉପନ୍ୟାସ ଲେଖିବାର ଏହା ମଧ୍ୟ ଅନ୍ୟତମ କାରଣ । ତା'ପରେ ମୁଁ ଉପନ୍ୟାସ ଲେଖିଛି, ବିଧବା-ବିବାହ ସମ୍ବନ୍ଧରେ ଶାସ୍ତ୍ର ଲେଖି ନାହିଁ । ଏ ଦୃଷ୍ଟିରୁ ବିଚାର କଲେ ଏହା ଏକ ନୂତନ ପ୍ରଚେଷ୍ଟା, ଏ ବିଚାର ଲୋକଙ୍କ ମନରେ ଉଠୁନାହିଁ କାହିଁକି ?

Digitized by srujanika@gmail.com

କିଛି ଲେଖିବାବେଳେ ଏପରି କିଛି ଲେଖିବାକୁ ସ୍ୱତଃ ଏକ ବିଶ୍ୱର 'ମନରେ ହୁଏ ଯେ ଏପରି କିଛି ଲେଖିବା ଯା' ଦ୍ୱାରା କିଛି କାର୍ଯ୍ୟ ହେବ—କେବଳ ଲେଖା ହେବ ନୁହେଁ । ତେଣୁ ଉପନ୍ୟାସ ଲେଖିବା ବେଳେ ସମାଜର ରୋଗର ଉପଚାର ସମ୍ବନ୍ଧରେ ଲେଖିବାକୁ ସ୍ୱତଃ ମନରେ ଭାବନା ଆସେ । ଏହାର ପରିଣତି ସେ 'କୁମୁଦ ଓ କୁମୁଦଦାସ' । ସ୍ତ୍ରୀ ପୁରୁଷ ମଧ୍ୟରେ ଯେ ମାନସିକ ଦ୍ୱନ୍ଦ ସାଧାରଣତଃ ଦେଖାଦିଏ । ସେ ଦ୍ୱନ୍ଦ ଅଯଥାର୍ଥ ଧର୍ମର ଅନ୍ତରାଳର ଉପରେ ବିକୃତ ହୋଇ ସମାଜକୁ କଳୁଷିତ କରିବା ସଙ୍ଗେ ସଙ୍ଗେ ରାଷ୍ଟ୍ରକୁ ଦୁର୍ବଳ କରେ, ଏକଥାକୁ ଏକ ଭାଷା ଦେବା ପାଇଁ ମୋର ଏ ଉପନ୍ୟାସର ସୃଷ୍ଟି । ଏହାକୁ ଏ ଦୃଷ୍ଟିରୁ ବିଶ୍ୱରଲେ ସମାଜରେ ବିଧବା-ବିବାହ ଅଛି କି ନାହିଁ, ରହିବା ଉଚିତ କି ନୁହେଁ, କେବେ ଥିଲା କି ନ ଥିଲା, ଏପରି ଦ୍ୱନ୍ଦ ମନରୁ ଉଭେଇଯିବ ।

ସେ ମହାଶୟ ଆହୁରି ଲେଖିଛନ୍ତି, 'ଚରିତ୍ର ଚିତ୍ରଣରେ ତ୍ରୁଟି ରହିଲା । ନାୟିକା (ବିଧବା) ସଙ୍ଗରେ ଅବାଧରେ ନାୟକ ସଙ୍ଗରେ ମିଳାମିଶା କରିବାକୁ ଦେବା ଉଚିତ ନ ଥିଲା । ଅଜ ଏହା ଉଭୟ ପରିବାରର ସମର୍ଥନ ପାଇବା ଆହୁରି ଅନୁଚିତ ।' ଉପନ୍ୟାସଟିକୁ ଅଉ ଥରେ ପଢ଼ନ୍ତୁ । ସମାଜର ଅନ୍ତରାଳରେ ନାୟକ-ନାୟିକା ପରସ୍ପରରେ ଆହୁରି ନିକଟକୁ ଆସି ବିବାହ ବନ୍ଧନରେ ଆବଦ୍ଧ ହୁଅନ୍ତୁ ଏହା ଥିଲା ଉଭୟ ପରିବାରର ଲକ୍ଷ୍ୟ । କାରଣ ଉଭୟ ପରିବାର ଆଧୁନିକ ଶିକ୍ଷିତ ପରିବାର । ସମାଜଟାକୁ ଉପହାସ କରିବା ଅଲକ୍ଷ୍ୟରେ, ଉଭୟ ପରିବାରର ଲକ୍ଷ୍ୟ । ଏ କଥାଟା ଉପନ୍ୟାସର ଏକ ଲକ୍ଷ୍ୟ । ଲେଖକଙ୍କୁ ଲକ୍ଷ୍ୟରୁ ଚ୍ୟୁତ କରିବା ଠିକ୍ ହେବ ନାହିଁ—ଲକ୍ଷ୍ୟ ଲକ୍ଷ୍ୟସ୍ଥଳୀରେ ପହଞ୍ଚି ନ ପାରିଲେ ଉପହାସ କରିବା କଥା ସିନା ।

Digitized by srujanika@gmail.com

ଅନେକଙ୍କ ମୁହଁରୁ ଶୁଣିଲି, ଉପନ୍ୟାସଟି ଅଧୁନାତ ନୁହେଁ । ମୁଁ ଅଧୁନାତ କାଳରେ ଅଛି—ଅଧୁନାତ ଉପନ୍ୟାସ କିଛି ପଢ଼ିଛି । ଅଧୁନାତ ଅର୍ଥରେ କଣ ଲୋକେ ବୁଝନ୍ତି, ଅବଶ୍ୟ ମୁଁ ଜାଣେ ନା । ହସିଲି, କାନ୍ଦିଲି, ଦେଖିଲି, ଶୋଇଲି, ଉଠିଲି, ଚାଲିଲି, ଏସବୁ ଗୁଡ଼ାଏ ଲେଖିବାକୁ ଯଦି ଅଧୁନାତ ଉପନ୍ୟାସ କୁହାଯାଏ, କ୍ଷମା କରନ୍ତୁ, ମୁଁ ତା' ପାରିବି ନାହିଁ । ମୋର ଇଚ୍ଛା, ମୁଁ ଏପରି କିଛି ଲେଖିବି, ଯା' ବାହାରର କୌଣସି ଢାଞ୍ଚାରେ ଯେପରି ଲାଗିବ ? ମୋର ଏ ଚେଷ୍ଟାରେ ମୁଁ ଅସଫଳ ହୋଇପାରେ—କିନ୍ତୁ ମୋର ଲେଖନୀ ଧାରଣର ଏହା ଉଦ୍ଦେଶ୍ୟ । ସାରହୀନ କିଛି ଖାଇବାକୁ ଦେବା 'ବା ସାରହୀନ କିଛି ଲେଖିବା ର ସେଇୟା ।

ଜଣେ ଓକିଲ କହିଲେ—ଲେଖାରେ ଚିନ୍ତା ବିକ୍ଷିପ୍ତ ହୋଇଛି । ଚିନ୍ତା ବିକ୍ଷିପ୍ତ ହୋଇନି—ବିକ୍ଷିପ୍ତ ପରି ମନେ ହେଉଛି । ନ ବୁଝି ପାରିଲେ ଏପରି ମନେହେବ । ବିକ୍ଷିପ୍ତ ମନରେ ସଂକ୍ଷିପ୍ତ ଚିନ୍ତା ବିକ୍ଷିପ୍ତ ହେବା ସ୍ୱାଭାବିକ । ଏହା ଉପନ୍ୟାସ—ଦର୍ଶନ ଗ୍ରନ୍ଥ ନୁହେଁ । ଅଥଚ ଉପନ୍ୟାସରେ ଦାର୍ଶନିକ ତତ୍ତ୍ୱର ରହିଛି । ଏ ତତ୍ତ୍ୱର ସଂକ୍ଷିପ୍ତ ହେବାକୁ ବାଧ୍ୟ । ଫଳତଃ ଲୋକଙ୍କ ମଧ୍ୟରେ ଚିନ୍ତା ବିକ୍ଷିପ୍ତ ହେବା ପରି ଭ୍ରମ ଉତ୍ପାଦନ କରିବା ସ୍ୱାଭାବିକ ।

ଜଣେ ପଣ୍ଡିତ, ଖୁବ୍ ଜଣେ ବଡ଼ ପଣ୍ଡିତ କହିଲେ, ସେ ଯଦି 'କାଟିବାକୁ ଯିବେ, ସାରା ବହିଟି କଲ୍ ହୋଇଯିବ । ସତରେ ବହିଟା ଲାଲ୍ ହୋଇଯିବ ଯଦି ସେ କାଟିବେ ।

Digitized by srujanika@gmail.com

ଏ ସବୁ କଥା ଶୁଣି ଗୋଟାଏ ବିଶ୍ୱବିଖ୍ୟାତ କାହାଣୀ ମନେପଡ଼େ । କୌଣସି ଏକ ପାଶ୍ଚାତ୍ୟ ଦେଶରେ କୌଣସି ଏକ ବିଖ୍ୟାତ ଚିତ୍ରକର ତାଙ୍କର ଗୋଟାଏ ସର୍ବୋତ୍ତମ ଚିତ୍ରକୁ ନଗରର ମଝିସ୍ଥଳରେ ରଖିଦେଇ, ଛବି ତଳରେ ଲେଖିଦେଲେ ଯେ 'ଏ ଛବିରେ ଯେଉଁଠି ତ୍ରୁଟି ଦେଖିବେ, ସେଠି ଲାଲ୍ ସ୍ୟାହିରେ ଗୋଟାଏ ଛକ ଚିହ୍ନ ଦେଇ ଦେବେ । ଚିତ୍ରକର ପରଦିନ ଆସି ଦେଖନ୍ତି, ଚିତ୍ରରେ ଏପରି କୌଣସି ସ୍ଥାନ ଶୂନ୍ୟ ନାହିଁ, ଯେଉଁଠି ଲାଲଛକ ପଡ଼ି ନାହିଁ । ଅନଧିକାରୀଭାବରେ ସମାଲୋଚନା କଲେ, କଳା ଏପରିଭାବରେ ଅପମାନିତ ହୁଏ ।

ପଣ୍ଡିତେ କହିଲେ, ଲେଖକଙ୍କ ଶବ୍ଦପାଇଁ ଆମର କିଛି କହିବାର ନାହିଁ । କାରଣ ଶବ୍ଦଟା ତାଙ୍କର ନିଜସ୍ୱ । କିନ୍ତୁ ଶବ୍ଦଗୁଡ଼ାକର ଭୁଲ ପ୍ରୟୋଗ ହୋଇଛି । ଏ କଥା ଶୁଣି 'ରକ୍ତାକ୍ତ ଅଭିଶାପ' ଏପରି ପ୍ରୟୋଗ ଦେଖି ଜଣେ କିପରି ବିରକ୍ତ ହୋଇଥିଲେ, ସେ କଥା ମୋର ମନେ ପଡ଼ୁଛି । ଅଭିଶାପ ତ ଅଭିଶାପ । ସେ ପୁଣି ରକ୍ତାକ୍ତ ହେବ କିପରି ? ଅଭିଶାପଟା କଣ ଲୁଗାପଟା ଯେ, ସେ ରକ୍ତରଞ୍ଜିତ ହେବ ? ଏପରି ଯୁକ୍ତି ! ଏହା ଯୁକ୍ତି !

'ଅଭିଜ୍ଞାନ୍ ଶାକୁନ୍ତଳମ୍'ରେ ଅଛି—'ସହକାର ବୃକ୍ଷ ଲତାସନାଥ !' ସହକାରବୃକ୍ଷ ଲତାସନାଥ ? ବୃକ୍ଷ ଲତାଦ୍ୱାରା ସନାଥ ? ନା, ଲତା ବୃକ୍ଷଦ୍ୱାରା ସନାଥ ? କଣ ଲତା ବୃକ୍ଷର ନାଥ ହେବାଟା ଏଥିପାଇଁ ଠିକ୍ ଯେ, ଏହା ସ୍ପଷ୍ଟତରେ ଲେଖାଅଛି, ଅଉ ଲେଖିଛନ୍ତି କାଳିଦାସ ! ତାଙ୍କୁ କି ଲେଖିଛନ୍ତି—'ମୀନମେଖଳାଧାରିଣୀ ନଦୀବଧୂ', ମାଇଲ ମାଇଲ ଧରି ଲମ୍ବ ନଦୀବଧୂର କଟି କେଉଁଟା ? ଧରନ୍ତୁ, ନଦୀର ମଝିସ୍ଥଳଟା ! କିନ୍ତୁ ମୀନ ତା'ର ମେଖଳା ହେବ କିପରି ?

Digitized by srujanika@gmail.com

ବଣ ନଦୀର ଏ କୂଳରୁ ଅନ୍ୟ କୂଳକୁ ଠିକ୍ ସୂତାପରି ମୀନଗୁଡ଼ାକ ଲମ୍ବି ଯାଇଛନ୍ତି । ହଁ, ଯାଉଛନ୍ତି; କିନ୍ତୁ ନଦୀର ଠିକ୍ ମଝିରେ—ତାର ବେକ ପାଖରେ ବା ତା'ର ପାଦ ପାଖରେ ନୁହେଁ ତ ? ନଦୀଟା ପୁଣି ବଧୂ । ଏ ବଧୂର ନାକ, କାନ, ଗଣ୍ଡି, ମୁଣ୍ଡ କେଉଁଠି ? ଯେ ଏକ ସହସ୍ର କୀଟର ଦଂଶନ ଜ୍ୱାଳା ଦ୍ୱାଦଶ ବର୍ଷ ପର୍ଯ୍ୟନ୍ତ ସହ୍ୟକରି ମହର୍ଷି ବାଲ୍ମୀକି ହେଲେ, ସେ ବି ଏ ପ୍ରଶ୍ନ ଶୁଣି କଣ୍ଠା ଛିଣ୍ଡାଇ ଦେବାକୁ ଉଦ୍ୟତ ହୋଇ ଉଠିଥାନ୍ତେ ।

'ସହକାରବୃକ୍ଷ ଲତାସନାଥ', ଅଭ 'ମୀନମେଖଳାଧାରିଣୀ' ନଦୀବଧୂ' ଅପେକ୍ଷା ତ 'ରକ୍ତାକ୍ତ ଅଭିଶାପ' ସୁସ୍ପଷ୍ଟ ପ୍ରୟୋଗ । ରକ୍ତାକ୍ତ ଅଭିଶାପ ଅର୍ଥ ତ ରକ୍ତରଞ୍ଜିତ ଅଭିଶାପ । ରକ୍ତଟା ହିଂସାର ଚିହ୍ନ । ଯେ ଅଭିଶାପଟା ପଡ଼ନ୍ତି, ସେ ହିଂସାରେ ଜର୍ଜ୍ଜରିତ ହୋଇ ପଡ଼ନ୍ତି । ଏପରି ବୁଝିଲେ କାହିଁକି 'ରକ୍ତାକ୍ତ ଅଭିଶାପଟା' ଭୁଲ୍ ପ୍ରୟୋଗ ହେବ ? ଏପରି ପ୍ରୟୋଗକୁ କୁହାଯାଏ 'କବିତ୍ୱମୟ ପ୍ରୟୋଗ' ଯାକୁ ଇଂରେଜୀରେ କହନ୍ତି Poetic use ।

କିନ୍ତୁ ଏ ପୁସ୍ତକ ସମ୍ବନ୍ଧରେ ପୂଜ୍ୟ କାଳନ୍ଦୀଚରଣ ପାଣିଗ୍ରାହୀ ଲେଖିଲେ—"ପ୍ରିୟବନ୍ଧୁ ! ଆପଣଙ୍କର 'କୁମୁଦ ଓ କୁମୁଦନୀ' ପୁସ୍ତକ ଖଣ୍ଡି ପାଇ ଅତ୍ୟନ୍ତ ଆନନ୍ଦିତ ହେଲି । ଗଳ୍ପ ଛଳରେ ସମାଜର ଶିକ୍ଷା ଓ ନୈତିକମାନର ଉନ୍ନତି ଲକ୍ଷ୍ୟକରି ମନୋରମ ଭାଷାରେ ଏହି ପୁସ୍ତକଟି ଲିଖିତ । ଏହାର ଉପାଦେୟତା ଯେ ଯଥେଷ୍ଟ ଏବଂ ଆଜିର ଶସ୍ତା ସାହିତ୍ୟ ଯୁଗରେ ଏହା ଯେ ଗୋଟିଏ ସୁନ୍ଦର ସୁନିର୍ମଳ ଦିଗ୍‌ଦର୍ଶନ । ସେଥିଲାଗି ଆପଣଙ୍କୁ ମୁଁ ଅଭିନନ୍ଦନ ଜଣାଉଛି । ଆପଣଙ୍କର ଲେଖନୀରୁ ଅଧିକ ସଂଖ୍ୟାରେ ସତ୍ ସାହିତ୍ୟ ସୃଷ୍ଟିହୋଇ ଦେଶ ଓ ଦଶର କଲ୍ୟାଣ ସାଧନ କରୁ, ଏହି କାମନା କରି ରହିଲି ।

(କଟକ, ପତ୍ର ତା ୧୮-୯-୭୨) ।

Digitized by srujanika@gmail.com

ଏ ପୁସ୍ତକ ସମ୍ବନ୍ଧରେ ପୂଜ୍ୟ କାଳିନ୍ଦୀ ବାବୁ ତଥା ଅନ୍ୟାନ୍ୟଙ୍କ ଦୃଷ୍ଟିକୋଣର ପାର୍ଥକ୍ୟ ଅନୁଧ୍ୟାନ କରନ୍ତୁ । ତ୍ରୁଟିକେ—ଯଥାର୍ଥ ସମାଲୋଚନା କାହାକୁ କୁହାଯାଏ । ଲେଖାର ପ୍ରଶଂସା କରା-ଯାଇଛି ବୋଲି ଏହାକୁ ମୁଁ ଯଥାର୍ଥ ସମାଲୋଚନା କହୁ ନାହିଁ—ଲେଖକଙ୍କୁ ସେ ନିରୁତ୍ସାହିତ କରୁ ନାହାନ୍ତି ବୋଲି ତାଙ୍କୁ ମୁଁ ଯଥାର୍ଥ ସମାଲୋଚନା କରୁଛି ।

ତା ୨୨-୪-୬୨ରେ 'କଳିଙ୍ଗ' ଲେଖିଲେ—"ସାଧାରଣ ଜୀବନ ନିମନ୍ତେ ଏ ଅଭିଜ୍ଞାନ ଗ୍ରନ୍ଥ ଅମୂଲ୍ୟ । ଏହା ଉପନ୍ୟାସ ନୁହେଁ, ନାଟକ ନୁହେଁ କିମ୍ବା ଦର୍ଶନ ମଧ୍ୟ ନୁହେଁ । (ମୁଁ ଏ କଥା ଅନେକବାର ଅନେକଙ୍କୁ କହିଛି—ମୁଁ ଉପନ୍ୟାସ ଲେଖି ଜାଣେ ନା—ନାଟକ ଲେଖି ଜାଣେ ନା—ଦର୍ଶନ ବି ଜାଣେ ନା । କେବଳ ଲେଖେ, ଏହା ମୋ ପକ୍ଷରେ ପରମ ସୌଭାଗ୍ୟ । ଠିକ୍ ମୋର କଥାକୁ କଳିଙ୍ଗ ତାଙ୍କର ଭାଷାରେ କହୁଛନ୍ତି । ତାଙ୍କ ପ୍ରତି ମୁଁ କୃତଜ୍ଞ ।) ବ୍ୟଥିତ ଅନ୍ତର ତଳେ ଯାହା ଜାଗି ଉଠିଛି, ତାକୁ ସେ ଭାଷାରେ ରୂପ ଦେଇଛନ୍ତି । (ବାସ୍ତବିକ ଏହାହିଁ ହୋଇଛି । ଏ କଥା ଆଗରୁ ଏଠି କହିଛି ।) ସତ୍ୟ ଓ ଅସତ୍ୟ, ସାଂସାରିକ ଓ ପାରମାର୍ଥିକ ଜୀବନ-ଧାରାକୁ ଯୁକ୍ତି ମଧ୍ୟଦେଇ ତାହାର ସତ୍ୟତା ପ୍ରତିପାଦନ କରିବାକୁ ଉଦ୍ୟମ କରିଛନ୍ତି । ପ୍ରଥମରୁ ଘଟଣାଟା ବିକ୍ଷିପ୍ତ ମନେ ହେଲେ ମଧ୍ୟ ଅବଶେଷରେ ସୁନ୍ଦର ଧାରାବାହିକ ମନେ ହୁଏ । (ଏହାର କୈଫିୟତ୍ ଆଗରୁ ଦେଇଛି ।) ପୁରୁଷର ସ୍ତ୍ରୀର ତଳେ ବୈଧବ୍ୟର କୈଫିୟତ୍ତ ଯଥେଷ୍ଟ ବିବେଚିତ ମନେ ହୁଏ । 'କୁମୁଦନୀ'ର ବୈଧବ୍ୟ 'କୁମୁଦ'ର ଜୀବନକୁ ଛନ୍ନଛାଡ଼ କରିଛି ଓ ତାର ଫଳରେ 'କୁମୁଦନୀ'ର ମୃତ୍ୟୁପରେ 'କୁମୁଦ' କୋଳାହଳମୟ ସମାଜରୁ ନିଜକୁ ଦୂରେଇ ନେଇଛି । କହିବା

Digitized by srujanika@gmail.com

୧୨୫ ପୃଷ୍ଠାରେ (ବହିର ପୃଷ୍ଠା ୧୪୭) ସେ ବୈଧବ୍ୟର ନିର୍ଦ୍ଦୋଷତା ପ୍ରତିପାଦନ କରିବାକୁ ଯାଇ ସେ ଯେଉଁ ଯୁକ୍ତି ବାଢ଼ିଛନ୍ତି, ତାହା ଅକାଟ୍ୟ । ସମାଜରେ ବିଧବାର ସମ୍ମାନିତ ଅଧିକାରକୁ ଅନ୍ତରର ସ୍ୱୀକୃତ ସମର୍ଥିତ କରି ରଖି ଯାଇଛନ୍ତି । ଚମତ୍କାର ବହି । ମୂଲ୍ୟ ଯଥାର୍ଥ? (ମୂଲ୍ୟ ଟ ୨·୫୦) ।

'ମାତୃଭୂମି' ଲେଖିଛନ୍ତି—"କୁମୁଦ ଓ କୁମୁଦିନୀ'କୁ ଗୋଟାଏ ଉପନ୍ୟାସ କହିଲେ ଠିକ୍ ହେବ ନାହିଁ । ଉପନ୍ୟାସ ଛଳରେ ଏ ସମାଜକୁ, ଏ ଜନତାକୁ କେତୋଟି ଉପଦେଶ କହିଲେ ଠିକ୍ ହେବ । ଆମ ସମାଜର ନୈତିକ ଚରିତ୍ର ତଥା ଅନ୍ୟ ସମସ୍ତ ଜିନିଷ ଧୀରେ ଧୀରେ ଅଧୋଗାମୀ ହେଉଛି । ଏ କଥା ଆମେ ଆଉ ଅସ୍ୱୀକାର କରି ପାରିବା ନାହିଁ । ଆମର ସମାଜ ଜୀବନର ଉନ୍ନତି ପାଇଁ ଆଜି ଆମର କଠୋର ସଂଯମ ଲୋଡ଼ା, ଆତ୍ମ ବିଶ୍ୱାସ ଲୋଡ଼ା ।"

"ଅଲୋଚ୍ୟ ପୁସ୍ତକଟିରେ ପ୍ରଧାନତଃ ଦୁଇଟି ବିଷୟ ଉପରେ ଜୋର ଦିଆ ହୋଇଛି । ମନୁଷ୍ୟ ଜୀବନରେ ଦୁଃଖର ଅବସାନ ଘଟେ ନା, ତଥାପି ତାରି ଭିତରେ ଆମକୁ ଅଗେଇ ଯିବାକୁ ହେବ ।"

"ଆଲୋଚ୍ୟ ପୁସ୍ତକଟିର ଭାଷା ଓ ରଚନା-ଶୈଳୀ ବାସ୍ତବିକ ସୁନ୍ଦର ତଥା ସାହିତ୍ୟର ଏକ ନୂତନ ଦିଗର ପ୍ରଦର୍ଶକ କହିଲେ ଅତ୍ୟୁକ୍ତି ହେବ ନାହିଁ ।"

କବି ଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ ତାଙ୍କର ଗୋଟାଏ ଚିଠିରେ ମୋ ପାଖକୁ ଲେଖିଥିଲେ—"...... ବର୍ତ୍ତମାନ ଯେଉଁ ପରିସ୍ଥିତି, ଜୀବନ ସଂଗ୍ରାମ ଯେପରି ତିକ୍ତ ଓ ଅସହନୀୟ ହୋଇ ଉଠୁଛି, ସେଥିରେ ଯେଉଁମାନେ ନିରଳସ ଭାବରେ ସାହିତ୍ୟ ସେବା କରୁଛନ୍ତି,

Digitized by srujanika@gmail.com

ସେମାନେ ଅଭିନନ୍ଦନର ପାତ୍ର । ଯେତେଦିନ ଯାଏ ସାହିତ୍ୟ ଜୀବନର ଅବଲମ୍ବନ ନ ହୋଇ କେବଳ ସୌଖିନ୍ ଅବସର ବିନୋଦନର ସାମଗ୍ରୀ ହୋଇ ରହିଥିବ, ସେତେଦିନ ଯାଏ ତାହା ଗଭୀର କମ୍ପା ଜୀବନ ମଧ୍ୟରେ ଶାଣିତ ହୋଇ ପାରିବ ନାହିଁ । ଅଧିକାଂଶ ସାହିତ୍ୟ-କର୍ମ ସେଥିପାଇଁ ଉପରଠାଉରିଆ ହୋଇ ଯାଉଛି । ଆପଣଙ୍କର ଲେଖାରେ ଗଭୀରତାର ମୁଦ୍ରାଙ୍କ ଅଛି, ଏହା ଆଶାର କଥା । ଭାଷା ଅଲ୍ପ କେତେକାଂଶରେ ଟିକିଏ ଅଧୁନିକ କଥିତ ସ୍ତରର ନିକଟବର୍ତ୍ତୀ ହେଲେ ଭଲ ହୁଅନ୍ତା । ଅଧୁନିକ ସାହିତ୍ୟର ଭାଷା, ତାହା ଗଦ୍ୟ ହେଉ ବା ପଦ୍ୟ ହେଉ, ଝରଝର ଜୀବନ୍ତ ହେବା ଅବଶ୍ୟକ ।"

"ସବୁଠାରୁ ଯାହା ମୋତେ ମୁଗ୍ଧ କରିଛି, ତାହା ହେଉଛି ଆପଣଙ୍କର ବିଦଗ୍ଧ-କବିମାନସ । ସୁଦୂର ବାଙ୍ଗାଲୋରରେ ରହି ଆପଣ ଓଡ଼ିଆ ସାହିତ୍ୟ ଚର୍ଚ୍ଚାରେ ନିମଗ୍ନ ଅଛନ୍ତି, ଏହା ଖୁବ୍ ପ୍ରଶଂସାର କଥା ।"

"ମୋର କବିତା—୧୯୬୨' ନାମକ ଏକ ବଡ଼ କବିତା ବହି ଗତବର୍ଷ ଶେଷରେ ପ୍ରକାଶ ପାଇଛି । ପ୍ରକାଶକ, ଗ୍ରନ୍ଥ-ମନ୍ଦିର, କଟକ—୨ । ଉକ୍ତ ବହିରେ ମୁଁ ପ୍ରାୟ ୨୦୦ ଶତ ପୃଷ୍ଠାବ୍ୟାପୀ 'ନୂତନ କବିତାର ଭୂମିକା ନାମକ ଏକ ସନ୍ଦର୍ଭରେ ଅଧୁନିକ କବିତା ତଥା ସାହିତ୍ୟର ପରିସ୍ଥିତି ସମସ୍ୟା ଓ ଅଭିମୁଖ୍ୟ, ପୁଣି ଭାଷା ଶୈଳୀ ଓ ଅଂଗିକ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଛି । ସୁବିଧା ହେଲେ ପଢ଼ି ଦେଖିବେ, ଯଦି ସେଥିରୁ କିଛି ସୂଚନା ବା ଉପକାର ବା ସାହାଯ୍ୟ ପାନ୍ତି, ମୁଁ ସୁଖୀ ହେବି ।"

Digitized by srujanika@gmail.com

"ଆପଣଙ୍କର ଖବର ବେଳେ ବେଳେ ଜଣାଉ ଥିବେ । ମୁଁ ଗତବର୍ଷ ଆରମ୍ଭରେ ଧନକ ପାଇଁ ବଲାଙ୍ଗୀର ଯାଇଥିଲି—ଏକ ଦୀର୍ଘ ଭ୍ରମଣର ମାଧ୍ୟମ ସୋପାନରେ । କୋରାପୁଟ, ଗଞ୍ଜାମ, କଳାହାଣ୍ଡି, ବଲାଙ୍ଗିର, ବୌଦ୍ଧ, ଫୁଲବାଣୀ, ନୂଆଗଡ଼, ଦଶପଲ୍ଲା ହୋଇ କଟକ । ବେଶ ଲାଗିଲା ।"

"କଟକ ଆସିଲେ ଟେଲିଫୋନ୍ କରିବେ ଏବଂ ସାକ୍ଷାତ କରିବେ । ଆନନ୍ଦିତ ହେବି । ଆଶା, ଭଲ ଅଛନ୍ତି । ନମସ୍କାରାନ୍ତେ— ଆପଣଙ୍କର ସୌଜନ୍ୟ ମୁଗ୍ଧ—ସଚ୍ଚିଦାନନ୍ଦ ରାଉତରାୟ । ଫୋନ୍— ୭୦୭, ମେରିଆ ବଜାର, କଟକ—୧, ଜୁଲାଇ ୨୮, ୧୯୬୩ ।

ଏ ସବୁକଥା ମୁଁ ଏଥିପାଇଁ କହୁଛି ଯେ, ଏମାନେ ମୋତେ ସାମନାରୁ ଧକ୍କା ଦେଇ ପଛରୁ ଠେଲି ଦେବାର ଉଦ୍ୟମରେ ନାହାନ୍ତି । ଏମାନେ ବି ମୋର ମଧ୍ୟରେ ତ୍ରୁଟିବିଚ୍ୟୁତି ଥିବା କଥା କହୁଛନ୍ତି । କିନ୍ତୁ "ଛାଟିଲେ ଭଲ ହୋଇଯିବ, ଏ ଢଙ୍ଗରେ କଥା କହୁ ନାହାନ୍ତି । ଅଥଚ କି ସହଜ, ସରଳ ସହାନୁଭୂତି ମୋ ପ୍ରତି— ମୋ ପ୍ରତି ସେମାନଙ୍କର ଅବଜ୍ଞା ବା ଅବହେଳା ତ ମୁଁ ଲକ୍ଷ୍ୟକରି ପାରୁ ନାହିଁ ତାଙ୍କର କଥାରୁ । ମୋତେ ଯଦି ଭୁଲ ନ ବୁଝିବେ, କହିବି—ତାହାରିବ ପ୍ରଶଂସାର ଗ୍ରାହକ ମୁଁ ନୁହେଁ—ମୁଁ ଶୂନ୍ୟ ଆକାଶ ଅଙ୍କକୁ ଢାଳଢାଳ ଅନାଇବାକୁ ପ୍ରସ୍ତୁତ । ଆତ୍ମବିଶ୍ୱାସ ମୋର ଅଛି । କିନ୍ତୁ ମୋର ସାଧନାକୁ ସନ୍ଦେହ କରିବା—ମୋର ସାଧନା ପାଇଁ ମୋତେ ଅପମାନିତ କରିବା ତ ଠିକ୍ ହେଉ ନାହିଁ । ମୁଁ ତ ଅଜ ବାଲ୍ମୀକି ନୁହେଁ ଯେ, ବାରବର୍ଷ ପର୍ଯ୍ୟନ୍ତ ସହସ୍ର କୀଟର ଦଂଶନ ଜ୍ୱାଳା ସହି ପାରିବି ? ବାଲ୍ମୀକିଙ୍କ ପରି ସହି

ପାରଲେ ତ ବାଲ୍ମୀକିଙ୍କ ପରି କବି ହୋଇ ପାରନ୍ତୁ । କିନ୍ତୁ ଈଶ୍ୱର ଏକ ଛଡ଼ା ଦ୍ୱିତୀୟ ବାଲ୍ମୀକିଙ୍କୁ ସୃଷ୍ଟି କରିବାକୁ ନାରାଜ ।

ଏ ପୁସ୍ତକଟିକୁ ନ ପଢ଼ି ବି ଜଣେ ବନ୍ଧୁ ମତଦେଇ ପଚାରିଲେ ଯେ, ଉପନ୍ୟାସଟିରେ ଏତେ ଚିନ୍ତା ଦେବାର କି ଆବଶ୍ୟକତା ଅଛି ? ତାଙ୍କର ବୋଧ ହୁଏ ଧାରଣା ରସପ୍ରଧାନ ରଚନାହିଁ କେବଳ ଉପନ୍ୟାସ । 'ଉପନ୍ୟାସ' ଶବ୍ଦର ବ୍ୟାକରଣଗତ ବ୍ୟୁତ୍ପତ୍ତିର କଥା ବି. ତାହା ହେଲେ ଟିକିଏ କହୁଦିଏ । ଉପ+ନି+ଅସ୍+ଅ=ଉପନ୍ୟାସ; ଠିକ୍ ଯେପରି ଉପ+ନି+ସଦ୍= ଉପନିଷଦ । ଏ ଦୁଇ ଶବ୍ଦର ଅର୍ଥ ହେଉଛି, ଯେଉଁ ଜ୍ଞାନବଳରେ ମନୁଷ୍ୟ ଈଶ୍ୱରଙ୍କର ନିକଟବର୍ତ୍ତୀ ହୁଏ, ତା' ଉପନ୍ୟାସ ବା ଉପନିଷଦ । ଆଉ ଗୋଟାଏ କଥା କହିବି—ରବୀନ୍ଦ୍ରନାଥଙ୍କ 'ଗୋରା' 'ଘରେ ବାଇରେ' 'ଯୋଗାଯୋଗ' କେବଳ କଣ 'ରସପ୍ରଧାନ ? କେବଳ କଣ ନାଟକ କଳ୍ପନା ? ଭଗବତୀଚରଣ ବର୍ମାଙ୍କ ବିଖ୍ୟାତ ଉପନ୍ୟାସ 'ଚିତ୍ରଲେଖା' କଣ କେବଳ ଆଧୁନିକ ଶସ୍ତା ଉପନ୍ୟାସ ? ଟଲଷ୍ଟୟଙ୍କ (War and peace) କଣ ?

ସୁବିଧା ତ ପାଉଛି, ମୋର ଆଉ ଗୋଟାଏ ପୁସ୍ତକ ସମ୍ବନ୍ଧରେ ବି କହୁଛି । ମୋର 'ପ୍ରେମ ଓ ପରାଜୟ' ପୁସ୍ତକକୁ ଦେଖି ଜଣେ ପଣ୍ଡିତ ହସୁଥିଲେ । ଏଇ ପଣ୍ଡିତ କହନ୍ତି; ପୂର୍ବକାଳରେ ଗଛଗୁଡ଼ାକ କଥାବାର୍ତ୍ତା କରୁଥିଲେ । (ଏବେ କଣ ଜଗଦୀଶ ବୋଷ ତା' କହି ନାହାନ୍ତି ।) କିନ୍ତୁ ପଣ୍ଡିତେ କହନ୍ତି, ମନୁଷ୍ୟମାନଙ୍କ ସଙ୍ଗରେ ଗଛମାନେ କଥାବାର୍ତ୍ତା କରୁଥିଲେ । ଆଉ ପାହାଡ଼ଗୁଡ଼ାକ ଆକାଶରେ ଉଡୁଥିଲେ । ହାୟ ରେ, ବିଧାତା ! ପଦାର୍ଥ-ବିଜ୍ଞାନର ଜ୍ଞାନର ଭିତରେ ଭୟଙ୍କର ଅଭାବ ! ଏଇ ସ୍ତରର ପଣ୍ଡିତମାନେ କହନ୍ତି, ଏଇ ଆକାଶଟି

Digitized by srujanika@gmail.com

ଧରି ଅମଳ ଚିଲ୍ ମୁଣ୍ଡ ଉପରକୁ ଥିଲା । ଗୋଟାଏ ବୁଢ଼ୀ ଝାଡ଼ୁ କରୁଥିବାବେଳେ ଯେତେବେଳେ ସେ ଠିଆ ହେଲା, ଅଖାଣ୍ଟା ତା' ମୁଣ୍ଡରେ ବାଜିଲା । ବୁଢ଼ୀକୁ ଖୁବ୍ କଷ୍ଟ ହେଲା । ବୁଢ଼ୀ ରାଗିଯାଇ ଝାଡ଼ୁଣୀରେ ଖୁନ୍ଦ ଦେବାରୁ ଅଖାଣ୍ଟା ଉପରକୁ ଉଠିଗଲା—ଭୟରେ ଆଉ ତଳକୁ ଖସିଲା ନାହିଁ । ସେହି ଦିନଠୁଁ ଅଖାଣ୍ଟା ଏତେ ଉପରେ ରହିଛି !

ଦେଖନ୍ତୁ, ସଂସ୍କୃତ ଭାଷା ଜାଣିବାଟା ବିଦ୍ୱତ୍ତାର ଲକ୍ଷଣ ନୁହେଁ, ଭାଷାରୁ ଜ୍ଞାନକୁ ଆହରଣ କରିନେଇ ପାରିବା ଆଉ ବିଚାରବାନ୍ ହେବା ବିଦ୍ୱତ୍ତାର ଲକ୍ଷଣ । ଆଉ ଜ୍ଞାନ, ବିଚାର ଯେ କୌଣସି ଭାଷାରୁ ନିଆଯାଇ ପାରେ । ସାଧାରଣ ଦୃଷ୍ଟି ଯେଉଁ କଥାକୁ ଦେଖିପାରେ ନା, ସେ କଥାକୁ ଯେଉଁ ଦୃଷ୍ଟି ଦେଖିପାରେ, ସେ ଜ୍ଞାନୀ, ବିଦ୍ୱାନ୍, ମନୀଷୀ, କବି—ଭାଷା ଜାଣିବା ବ୍ୟକ୍ତି ଏ ସବୁରୁ କୌଣସିଟା ନୁହେଁ ।

ଦୁଇଜଣ ଅଧ୍ୟାପିକା କହୁଥିଲେ, ଏ ପୁସ୍ତକରେ ପୁନରୁକ୍ତି ଦୋଷ ଅଛି । ଏ ଦୋଷ ଥାଇପାରେ । କିନ୍ତୁ ପୁନରୁକ୍ତି ସବୁବେଳେ ଦୋଷ ନୁହେ—କ୍ଷେତ୍ର ବିଶେଷରେ ତା' ଗୁଣ । ମୁଁ ଅଧ୍ୟାପିକା-ମାନଙ୍କ ପାଇଁ ଲେଖେ ନା—ସେମାନେ ତ ମୋଠାରୁ ଯଥେଷ୍ଟ ବିଦୁଷୀ—ମୁଁ ତ ଦରପାଠୁଆ । ମୁଁ ଲେଖେଁ ସାଧାରଣ ଲୋକଙ୍କ ପାଇଁ । ମୁଁ ଯା' ପଢ଼ି ଜାଣେଁ, ତାକୁ ଅନ୍ୟକୁ ଜଣାଇ ଦେବାକୁ ଚାହେଁ । ଏଇ ଅନ୍ୟମାନେ ପଣ୍ଡିତମାନେ ନୁହନ୍ତି ବା ଅଧ୍ୟାପକ, ଅଧ୍ୟାପିକାମାନେ ନୁହନ୍ତି—ସେମାନେ ମୋ ପରି ସାଧାରଣ ଲୋକ—ତାଙ୍କର ଆଉ ମୋର ମଧ୍ୟରେ ଭେଦ କେବଳ ଏତିକି ଯେ, ସେମାନେ ମୋ ପରି ଅଧ୍ୟୟନ କରନ୍ତି ନାହିଁ । ତେଣୁ ମୋ ଜାଣିଥିବା

Digitized by srujanika@gmail.com

କଥା ହୁଏତ ସେମାନେ ଜାଣି ନ ଥାନ୍ତି—ସେଥିପାଇଁ ସେ କଥା ତାଙ୍କୁ ଜଣାଇ ଦେବା କଥା, ନ ହେଲେ ତ ଅନ୍ଧବିଶ୍ୱାସ ଅଉ ପ୍ରବଳ ଭାବରେ ବ୍ୟାପିବ । ଏଥିପାଇଁ, ମୁଁ ସେହି ସାଧାରଣଙ୍କପାଇଁ ତତ୍ତ୍ୱକଥା ସାଧାରଣ ଲୋକଙ୍କ ବୁଝିବା ଭଳି ଢଙ୍ଗରେ, ଅଉ ଭାଷାରେ ଲେଖେଁ । ପଣ୍ଡିତମାନେ, ଅଧ୍ୟାପକ ଅଉ ଅଧ୍ୟାପିକାମାନେ ଏଥିରୁ ରସ ନ ପାଇ ପାରିଲେ, ମୁଁ ଅଉ କଣ କରି ପାରିବି, କହନ୍ତୁ । ଲୋକ-ସାଧାରଣ ବାରମ୍ବାର କହିଲେ ଯାଇ ବୁଝନ୍ତି । ସେଇ ଗୋଟାଏ ଶ୍ଳୋକକୁ ବାରମ୍ବାର ମହାଭାରତରେ ଲେଖା ହୋଇଛି—ରାମାୟଣରେ ବି ଏଇ କଥା—ସେଇ ଗୋଟାଏ ବିଷୟକୁ ବି ବାରମ୍ବାର ରାମାୟଣ ଓ ମହାଭାରତରେ କୁହା ହୋଇଛି । ଏହାର ପ୍ରାଞ୍ଜଳ ପ୍ରମାଣ ପାଇଁ ସମୟସାପେକ୍ଷ । ପରେ ସୁବିଧା ପାଇଲେ, ପ୍ରମାଣ ଦେବି—ବର୍ତ୍ତମାନ ପାଇଁ ଏଥିରୁ କ୍ଷାନ୍ତ ହେଲି ।

ଏ ପୁସ୍ତକ ସମ୍ବନ୍ଧରେ 'କଳିଙ୍ଗ' ଲେଖିଛନ୍ତି—"ପ୍ରେମ ଓ ପରାଜୟ" ନାଟକ ନୁହେଁ—ରମ୍ୟ ରଚନା । ତିନିଗୋଟି ପୌରାଣିକ କଥାବସ୍ତୁ 'ଉର୍ବଶୀ-ଅର୍ଜ୍ଜୁନ' 'କଚ-ଦେବଯାନୀ' ଓ 'ଉଲୁପୀ-ଅର୍ଜ୍ଜୁନ'ଙ୍କ ପ୍ରେମ କାହାଣୀକୁ ନେଇ ତିନିଗୋଟି ରମ୍ୟରଚନା କରା ଯାଇଛି । ନାରୀର ନିବେଦନ ବ୍ୟର୍ଥ ହୁଏ ନାହିଁ ବୋଲି ସାଧାରଣତଃ କୁହା ଯାଇଥାଏ; ମାତ୍ର ଅର୍ଜ୍ଜୁନ ଓ କଚଙ୍କ ନିକଟରେ ଉର୍ବଶୀ, ଉଲୁପୀ ଓ ଦେବଯାନୀଙ୍କ ନିବେଦନ କିପରି ବ୍ୟର୍ଥ ହୋଇଛି, ତାହା ବର୍ଣ୍ଣନା କରାଯାଇ ପୁସ୍ତକର ନାମକରଣ ଯଥାର୍ଥତା ପ୍ରତିପାଦନ କରାଯାଇଛି । ବିଷୟ ବସ୍ତୁ ସୁଖପାଠ୍ୟ ଓ ସଂଳାପଗୁଡ଼ିକ ସରସ ହୋଇଛି । (ତା ୩-୨-୬୩) ।

ମାତୃଭୂମି ଲେଖିଲେ—"ପୁରାଣସେବିତ ଭାରତୀୟ ସମାଜରେ କଥାବସ୍ତୁର ଏକ ଚିରନ୍ତନ ମୂଲ୍ୟ ଅଛି । କାଳ କାଳ ଧରି ରାମାୟଣ,

Digitized by srujanika@gmail.com

ମହାଭାରତର କାହାଣୀଗୁଡ଼ିକ ନାନା ପୁରାଣ ଆଖ୍ୟାୟିକା ମାଧ୍ୟମରେ ପ୍ରାଚୀନ ଅଧୁନିକ ସାହିତ୍ୟର ବହୁମୁଖୀ ସ୍ରୋତ ଅତିକ୍ରମ କରି ଜନ ସମାଜରେ ବିସ୍ତୃତ ହୋଇଥିଲେହେଁ ତାହା ପ୍ରାଚୀନ ହୋଇ ନାହିଁ । ସେହି କାରଣରୁ ପ୍ରେମ ଓ ପରିଜନ୍ମର କଥାବସ୍ତୁ ଅତି ପ୍ରାଚୀନ ଏବଂ ଅତି ପରିଚିତ ହେଲେହେଁ ତାହା ପାଠକ ମହଲରେ ଅନାଦୃତ ନ ହେବାରୁ କଥା । ବିଶେଷତଃ ଏହି ପୁସ୍ତକରେ ଯେଉଁ ତିନିଗୋଟି ପ୍ରଣୟ-କାହାଣୀ ଲିପିବଦ୍ଧ କରି ଯାଇଛି, ତାହା ଅତ୍ୟନ୍ତ ଉଲ୍ଲେଖ ଯୋଗ୍ୟ । 'ଉର୍ବଶୀ ଓ ଅର୍ଜୁନ', 'କଚ ଓ ଦେବଯାନୀ', 'ଉଲୂପୀ-ଅର୍ଜୁନ'—ଏହି ତିନିଗୋଟି ପ୍ରଣୟ କାହାଣୀକୁ ସଂଳାପ ଜରିଆରେ ଲେଖକ ପ୍ରକାଶ କରିଛନ୍ତି । ତଥାପି ତାହା ନାଟକ ହୋଇ ନାହିଁ । ବିଷୟ ନିର୍ବାଚନ ଏବଂ ପୁସ୍ତକର ନାମକରଣରୁ ସମଗ୍ର କଥାବସ୍ତୁଟି ପ୍ରଣୟପ୍ରଧାନ ହୋଇଥିବ ବୋଲି ଅନୁମାନ କରାଗଲେହେଁ ଫଳତଃ ତାହା ହୋଇ ନାହିଁ ।"

ପୁସ୍ତକର ନାମକରଣ ସମ୍ବନ୍ଧରେ ଯଥାର୍ଥ ଜ୍ଞାନପାଇଁ ରବୀନ୍ଦ୍ରନାଥଙ୍କ 'ଯୋଗାଯୋଗ'ର ପରିଶିଷ୍ଟ ଭାବରେ ଥିବା 'ନାମାନ୍ତର' ଶୀର୍ଷକ ରଚନାଟି ପଢ଼ିବାକୁ ପାଠକଙ୍କୁ ଅନୁରୋଧ କରୁଛୁ । 'ଯୋଗାଯୋଗ' ଯେତେବେଳେ 'ବିଚିତ୍ରା'ରେ ଧାରାବାହିକ ଭାବରେ ସର୍ବପ୍ରଥମରେ ପ୍ରକାଶିତ ହୁଏ, ସେତେବେଳେ ତା'ର ନାମ ଥିଲା—'ତିନ୍‌ପୁରୁଷ ।' ଯେତେବେଳେ ପୁସ୍ତକ ଆକାରରେ ପ୍ରକାଶିତ ହେଲା, ସେତେବେଳେ ନାମ ଧରିଲା, 'ଯୋଗାଯୋଗ ।' ଏହି ନାମାନ୍ତରର କୈଫିୟତ ଦେବାକୁ ଯାଇ ରବୀନ୍ଦ୍ରନାଥ ନାମକରଣର ଯଥାର୍ଥତା ସମ୍ବନ୍ଧରେ ହୃଦୟଗ୍ରାହୀ ପ୍ରମାଣ ଉପସ୍ଥାପିତ କରିଛନ୍ତି; କହିଛନ୍ତି—"... ... ବ୍ୟକ୍ତି ସମ୍ବନ୍ଧେ ମାନୁଷେର୍ ନାମ୍ ତାର୍ ବିଶେଷତା ନୟ୍, ସମ୍ବୋଧନ୍ ମାତ୍ର—ଲକ୍ଷ୍ୟେର ବୋଁଟା ନୟେ ଲକ୍ଷ୍ୟେର ବସ୍ତୁର୍ କାଜ୍ କରେ

Digitized by srujanika@gmail.com

ନା, ଓଟାତେ ଦର୍‌କାର୍ ସୁବିଧେ । ଯାର୍ ନାମ ହୟେଛେ ସୁଶୀଲ୍, ତାର ଶୀଲତା ନିୟେ ଆମାର୍ କୋନୋ ଜବାବ୍‌ଦିହି ନେଇ । ସୁଶୀଲ୍—ଟୈଭାନାୟ ଚନ୍ଦ ପାଠାଲେ ଶବ୍ଦେର ସଙ୍ଗେ ପ୍ରତ୍ୟୋଗେର୍ ଅସଙ୍ଗତି ଦୋଷ୍ ନିୟେ ଡାକ୍‌ଟେପେୟୁଦା କାଗଜେ ଲେଖାଲେଖି କରେ ନା, ଠିକ୍ ଜାୟଗାୟ୍ ଶଟି ପୌଁଛୟ୍ ।"

"ବ୍ୟକ୍ତିଗତ ନାମ୍ ଡାକ୍‌ବାର୍ ଜନ୍ୟେ, ବିଷୟଗତ ନାମ ସ୍ୱଭାବ ନିର୍ଦ୍ଦେଶେର ଜନ୍ୟେ । ମାନୁଷକେଓ ଯଖନ୍ ବ୍ୟକ୍ତି ବଲେ, ଦେଖିନେ, ବିଷୟ ବଲେ ଦେଖି, ତଖନ୍ ତାର ଗୁଣ୍ ବା ଅବସ୍ଥା ମିଲିୟେ ତାର୍ ଉପାଧି ହଇ—ତାଇତେ ବଲି ବକେବଜ୍, କାଜତେ ବଲି ମାଷ୍ଟର୍ ମଶାୟ । ('ପ୍ରେମ ଓ ପରିଜୟ' ପୁସ୍ତକ ସାହିତ୍ୟ ପୁସ୍ତକ—ରସର ପୁସ୍ତକ—ବିଜ୍ଞାନର ପୁସ୍ତକ ନୁହେ—ଏ ସାହିତ୍ୟ ପୁସ୍ତକରେ ରସର ବିଶ୍ଳେଷଣ ନାହିଁ—ଏହା ସାହିତ୍ୟ, ଅଳଙ୍କାର ଶସ୍ତ୍ର ନୁହେ । ଏଥିରେ କେବଳ ନିଛକ ରସ ଅଛୁ । ତେଣୁ ଏହାର ନାମକରଣ ହୋଇଛୁ; କେବଳ ଧରିବା ପାଇଁ—ବିଷୟ ନିର୍ଦ୍ଦେଶନ ପାଇଁ ନୁହେ ।")

"ସାହିତ୍ୟେ ଯଖନ୍ ନାମ୍ କରନେର୍ ଲଗ୍ନ ଆସେ ଦ୍ୱିଧାର ମଧ୍ୟେ ପଡ଼ି । ସାହିତ୍ୟ-ରଚନାର ସ୍ୱଭାବଟା ବିଷୟଗତ ନା ବ୍ୟକ୍ତିଗତ ଏଇଟେ ହଲ୍ ଗୋଡ଼ାକାର ତର୍କ । ବିଜ୍ଞାନ ଶାସ୍ତ୍ରେ ବିଷୟଟାଇ ସର୍ବେସର୍ବା, ସେଖାନେ ଗୁଣ୍‌ଧର୍ମେର୍ ପରିଚୟଇ ଏକମାତ୍ର ପରିଚୟ । ମନସ୍ତତ୍ତ୍ୱଘଟିତ ବଇୟେର୍ ଶିରୋନାମାୟ୍ ଯଦି ଦେଖିବ 'ସ୍ତ୍ରୀର ସମ୍ବନ୍ଧେ ସ୍ୱାମୀର ଈର୍ଷା,' ବୁଝ୍‌ବ ବିଷୟଟିକେ ବ୍ୟାଖ୍ୟା ଦ୍ୱାରାଇ ନାମଟି ସାର୍ଥକ ହବେ । କିନ୍ତୁ ଓଥେଲୋ, ନାଟକେର୍ ପକ୍ଷେ ଓଇ ନାମ ହତ ପଛନ୍ଦ୍ କରତୁମ୍ ନା ।

Digitized by srujanika@gmail.com

ନା । (କାରଣ ନାଟକର ରସଟାହିଁ ପ୍ରଧାନ—ବିଷୟ ନୁହେଁ ଅର୍ଥାତ୍ ବିଷୟର ବିଶ୍ଳେଷଣ ନୁହେଁ । ସାହିତ୍ୟରେ ନାମକରଣ ହୁଏ ନାମ ଧରିବା ପାଇଁ—ବିଷୟ-ନିର୍ବାଚନ ପାଇଁ ନୁହେଁ ।) କେନନା ଏଖାନେ ବିଷୟଟି ପ୍ରଧାନ ନୟ୍—ନାଟକଟିଇ ପ୍ରଧାନ । ଅର୍ଥାତ୍ ଅଂଶୀନିବସ୍ତୁ, ରଚନାଗ୍ରଛ, ଚରିତ୍ରଚିତ୍ରଣ, ଭାଷା, ଛନ୍ଦ, ବ୍ୟଞ୍ଜନା, ନାଟ୍ୟରସ, ସବ୍‌ଟା ମିଲେ ଏକ୍‌ଟି ସମସ୍ତ ବସ୍ତୁ । ଏକେଇ ବଲ୍‌ ଚଲେ ବ୍ୟକ୍ତିରୂପ୍ (ଅର୍ଥାତ୍ କେବଳ ବିଷୟକୁ ନେଇ, ଘଟଣାକୁ ନେଇ ପୁସ୍ତକର ନାମକରଣ ହୁଏନା । ହେଲେ, ତା' ବିଜ୍ଞାନ ପୁସ୍ତକ ହେବ—ସାହିତ୍ୟ ପୁସ୍ତକ ନୁହେଁ ।) ବିଷୟେର୍ କାଛ୍ ଥେକେ ସମ୍ବାଦ ପାଇ, ବ୍ୟକ୍ତିର କାଛ୍ ଥେକେ ତାର୍ ଅନ୍ତପ୍ରକାଶଜନିତ ରସ ପାଇ । ବିଷୟକେ ବିଶେଷଣେର୍ ଦ୍ୱାରା ମନେ ବାଁଧି, ବ୍ୟକ୍ତିକେ ସମ୍ବୋଧନ ଦ୍ୱାରା ମନେ ରାଖି । ('ପ୍ରେମ ଓ ପରିଜନ'ର ନାମକରଣ ସମ୍ବୋଧନ ପାଇଁ—'ପ୍ରେମ' ଓ 'ପରିଜନ', ଏ ଦୁଇ ଶବ୍ଦ ବା କଥାର ବିଶ୍ଳେଷଣ ପାଇଁ ନୁହେଁ । ଏହା ହୋଇଥିଲେ ଏହା ସାହିତ୍ୟ ନ ହୋଇ ମନୋବିଜ୍ଞାନର ପୁସ୍ତକ ହୋଇଥାନ୍ତା ।)

"......ଯଦି ମୂର୍ତ୍ତି ଗଡ଼ତେମ୍ ଏକ ତାଲ୍ ମାଟି ନିୟେ ବସ୍‌ତେ ହତ । ଅତଏବ ଓଟାକେ 'ମାଟି' ଶିରୋନାମାୟ୍ ନିର୍ଦ୍ଦେଶ କର୍‌ଲେ ବିଜ୍ଞାନେ ବା ତତ୍ତ୍ୱଜ୍ଞାନେ ବାଧତ ନା । ଜ୍ଞାନୀ ଯଖନ୍ କୁଣ୍ଡଲ୍‌କେ ଉପେକ୍ଷା କରେ ତାର୍ ସୋନାର ତତ୍ତ୍ୱ ଅଲୋଚନା କରେ ତଖନ୍ ତାକେ ନମସ୍କାର କରି । କିନ୍ତୁ କନେର୍ କୁଣ୍ଡଲ୍ ନିୟେ ନୟ୍ ଯଖନ୍ ସେଇ ଅଲୋଚନାଟାକେଇ ପ୍ରାଧାନ୍ୟ ଦେୟ୍ ତଖନ୍ ତାକେ ବଲି ବର୍ବର । ରସଶାସ୍ତ୍ରେ ମୂର୍ତ୍ତିଟା ମାଟିର୍ ଚେୟେ ବେଶି, ଗଲ୍ପଟା ବିଷୟେର୍ ଚେୟେ ବଡ଼ୋ । ('ପ୍ରେମ

Digitized by srujanika@gmail.com

ଓ ପରାଜୟରେ' ଗଲ୍ପର ପ୍ରାଧାନ୍ୟ—ବିଷୟରେ ପ୍ରାଧାନ୍ୟ ନାହିଁ । ପ୍ରେ'ମ ଓ 'ପରାଜୟ'କୁ ନେଇ ଗଳ୍ପ ଲେଖା ହୋଇଛି—'ପ୍ରେମ' ଓ ପରାଜୟ' ସମ୍ବନ୍ଧରେ ତତ୍ତ୍ୱ-ଜ୍ଞାନ ପରିବେଷଣ କରାଯାଇ ନାହିଁ ।) ଏଇ ଜନ୍ୟେ ବିଷୟନିଷ୍ଠାକେଇ ଶିରୋଧାର୍ଯ୍ୟ କରେ ନିୟେ ଗଲ୍‌ପେର୍ ନାମ୍ ହତେ ଆମାର୍ ମନ୍ ଯାୟ ନା । ବସ୍ତୁତଃ ରସ-ସୃଷ୍ଟିତେ ବୈଷୟିକତାକେ ବଡୋ ଜାୟ୍‌ଗା ଦେଓୟା ଉଚିତ୍ ହୟନା । ('ପ୍ରେମ' ଓ 'ପରାଜୟ' ବିଷୟ ନହେଁ—ରସ ।) ଯାଁରା ବୈଷୟିକ ପ୍ରକୃତିର ପାଠକ୍ ତାଁଦେର ଦାବିର୍ ଜୋରେ ସାହିତ୍ୟରାଜ୍ୟେ ହାଟେର୍ ପତ୍ତନ ହଲେ ଦୁଃଖେର ବିଷୟ୍ ଘଟେ । ହାଟେର୍ ମାଲିକ୍ ବିଷୟବୁଦ୍ଧିପ୍ରଧାନ ବଣିକ ।"

"......ରୂପେର୍ ଅପର୍ ନାମ୍ ହଇ, ବସ୍ତୁର୍ ହଇ ସଂଜ୍ଞା । ସନ୍ଦେଶ୍ ଯେଖାନେ ରୂପ୍ ସେଖାନେ ତାକେ ବଲି 'ଅବାକ୍‌ଗୃକ୍ଷ', ଯେଖାନେ ବସ୍ତୁ ସେଖାନେ ତାକେ ବଲି ମିଷ୍ଟାନ୍ନ । ସମ୍ପାଦକ ମହାଶୟେର୍ ସଂଜ୍ଞା ହବେଇ 'ସମ୍ପାଦକ', ଏଖାନେ ଅର୍ଥ ମିଲିୟେ ଅଦାଲତେ ହଲଫ୍ କରେ ବଲ୍‌ତେ ପାରି । ଶବ୍ଦେର ସଙ୍ଗେ ବିଷୟେର୍ ଷୋଲୋ ଆନା ମିଲ୍ ଆଛେ । କିନ୍ତୁ ଯେଖାନେ ତିନି ବିଷୟ ନନ୍ —ରୂପ—ଅର୍ଥାତ୍ ସ୍ୱତନ୍ତ୍ର ଓ ଏକମାତ୍ର—ସେଖାନେ କୋନୋ ଏକଟି ମାତ୍ର ସଂଜ୍ଞା ଦିୟେ ତାଁକେ ବାଁଧା ଅସମ୍ଭବ । ସେଖାନେ ତାର୍ ନାମ୍ ଆଛେ । ସେଇ ନାମେର୍ ସଙ୍ଗେ ମିଲିୟେ ଶତ୍ରୁମିତ୍ର କେଉ ତାର୍ ଯାଚାଇ କରେନା । ପିତାମାତା ଯଦି ତାଁକେ ସମ୍ପାଦକ ନାମଇ ଦିତେନ୍ ତବେ ନାମ୍ ସାର୍ଥକ୍ କର୍‌ବାର୍ ଜନ୍ୟେ ସମ୍ପାଦକ ହବାର କୋନୋ ଦରକାର ତାଁର୍ ଥାକ୍‌ତ ନା । (ଅନ୍ଧର 'ପଦ୍ମଲୋଚନ' ନାମ ଥାଇପାରେ—ଲଣ୍ଡିତମସ୍ତକା ସ୍ତ୍ରୀର ନାମ ସୁକେଶୀ ବି ହୋଇପାରେ, ଅଜ ଶୀଳହୀନ ବ୍ୟକ୍ତିର ନାମ ସୁଶୀଳ

Digitized by srujanika@gmail.com

ଦେବାରେ ତ ଅପତ୍ତି ହୋଇ ପାରେନା । କାରଣ ନାମଟା ଡାକିବା ପାଇଁ । ସାହିତ୍ୟରେ ନାମ ଯଥାର୍ଥ ଜାଣିବା ପାଇଁ—କେବଳ ଜାଣିବା ପାଇଁ । ବାଙ୍ଗଲା ପୁସ୍ତକର ନାମକରଣ ହୁଏ ବିଷୟବସ୍ତୁ ଜାଣିବା ପାଇଁ ।)

"ଗଳ୍ପ ଜିନିଷଟାଓ ରୂପ ; ଇଂରେଜିତେ ଯାକେ ବଲେ କ୍ରିଏସନ୍ । ଆମି ତାଇ ବଁଲି ଗଲ୍ପେର୍ ଏମନ୍ ନାମ୍ ଦେଓୟା ଉଚିତ ନୟ୍ ଯେଟା ସଜ୍ଞା, ଅର୍ଥାତ୍ ଯେଟାତେ ରୂପେର୍ ଚେୟେ ବସ୍ତୁଟାଇ ନିର୍ଦ୍ଦିଷ୍ଟ । 'ବିଷବୃକ୍ଷ' ନାମଟାତେ ଆମି ଆପତ୍ତି କରି । 'କୃଷ୍ଣକାନ୍ତେର୍ ଉଇଲ୍' ନାମେ ଦୋଷ ନେଇ । କେନନା ଓ-ନାମେ ଗଲ୍ପେର କୋନୋ ବାଖ୍ୟାଇ କରା ହୟ୍ନି । ('ପ୍ରେମ ଓ ପରିଜନ୍' ପୁସ୍ତକରେ ପ୍ରେମ ଅନ୍ତ ପରିଜନ୍ର ବ୍ୟାଖ୍ୟା କରା ହୋଇନାହିଁ ।)

......"ଗଲ୍ପ ନିଜେଇ ନିଜେର୍ ପରିଚୟ ଦେବାର୍ ସାହସ୍ ରାଖେ ଯେନ—ନାମ୍ଟାକେ ଯେନ ଜୋର୍ ଗଲାୟ୍ ଆଗେ ଆଗେ ନାକିବର୍ଗିର କରତେ ନା ପାଠାୟେ ।"

ରବୀନ୍ଦ୍ରନାଥଙ୍କ ଏ ସମସ୍ତ କଥାର ବିଶ୍ଳେଷଣ କରିବାର ଅବଶ୍ୟକତା ନାହିଁ ବୋଧହୁଏ—କାରଣ ତାଙ୍କର ଉଦ୍ଦେଶ୍ୟ ପ୍ରାଞ୍ଜଳ ତଥା ସୁସ୍ପଷ୍ଟ । ତେଣୁ ପୁସ୍ତକର ନାମକରଣ ସମ୍ବନ୍ଧରେ କହିବାବେଳେ ରବୀନ୍ଦ୍ରନାଥଙ୍କ ଏ କଥାଗୁଡ଼ାକ ମନରେ ପଡ଼ିଲେ ଆଲୋଚନା ସଙ୍ଗତ ହେବ ।

ମାତୃଭୂମି ଅନ୍ତର ଲେଖିଛନ୍ତି—ବର୍ଣ୍ଣନା ବିଳାସରେ ତାହା (ପ୍ରେମ ଓ ପରିଜନ୍) ପ୍ରାଧାନ୍ୟ ମଧ୍ୟ ଲାଭ କରିନାହିଁ । ଉଦାହରଣ ସ୍ୱରୂପ 'ଉର୍ବଶୀ-ଅର୍ଜୁନ' ; ଘଟନାଟିରେ ପ୍ରଧାନତଃ ପଞ୍ଚପାଣ୍ଡବ ଓ ଦ୍ରୌପଦୀଙ୍କର ବନବାସ ଦୁଃଖ, ସେହି ଦୁଃଖରୁ ପରିତ୍ରାଣ ପାଇବା

Digitized by srujanika@gmail.com

ପାଇଁ ମନ୍ତ୍ରଣା, ମହାମନା ଯୁଧିଷ୍ଠିର, ଦ୍ରୌପଦୀ ଏବଂ ଅନ୍ୟାନ୍ୟ ଭ୍ରାତାମାନଙ୍କର ମାନସିକ ଦ୍ୱନ୍ଦ୍ୱ ଏବଂ ପରିଶେଷରେ ଦୈବାନୁଗ୍ରହ ଲାଭ କରିବାପାଇଁ ଅର୍ଜୁନଙ୍କର ସ୍ୱର୍ଗପୁର ଯାତ୍ରା ଇତ୍ୟାଦି ବର୍ଣ୍ଣନାରେ ଅଧିକାଂଶ ଅଂଶ ବିନିଯୁକ୍ତ ହୋଇ ସାରିବା ପରେ, ସ୍ୱଳ୍ପ ପରିସର ମଧ୍ୟରେ କାମାତୁରା ଉର୍ବଶୀର ପ୍ରେମାନୁଭୂତ ବର୍ଣ୍ଣନା କରିଯାଇଛନ୍ତି । ତେଣୁ ବିଷୟବସ୍ତୁର ଗୁରୁତ୍ୱ ବହୁ ପରିମାଣରେ ହ୍ରାସ ପାଇଛି ।"

କାମାତୁରା ଉର୍ବଶୀର ମନୋବୈଜ୍ଞାନିକ ବିଶ୍ଳେଷଣ ପୁସ୍ତକ-ରଚନାର ଧ୍ୟେୟ ଆଦୌ ନୁହେ—ପୁସ୍ତକରେ ଯା ଲେଖା ଯାଇଛି, ତାହାହିଁ କେବଳ ପୁସ୍ତକ-ରଚନାର ଲକ୍ଷ୍ୟ । ଏ ସବୁ ପୌରାଣିକ ଘଟଣାର ଐତିହାସିକତା ପ୍ରମାଣ କରିବା ଭିତର ମାଧ୍ୟମରେ, ଏ ପୁସ୍ତକର ଉଦ୍ଦେଶ୍ୟ । ଏ କଥାକୁ ମୁଁ ମୋର ଏ ପୁସ୍ତକର ସୂଚନାରେ ବି କହିଛି—"ମହାଭାରତରୁ ପୌରାଣିକତାକୁ ବାଦ୍ ଦେଲେ ଯା ବାକି ରହିଲା, ତା' ଇତିହାସ । ଏ ଇତିହାସ ଅତି କଳ୍ପନାରେ ଏପରିଭାବରେ ବିକୃତ ହୋଇଛି ଯେ, ଏଥିରେ କେଉଁଟା ଇତିହାସ ଆଉ କେଉଁଟା କାବ୍ୟକଳା, ଜାଣିବା ସମ୍ଭବ ହୋଇ ପାରୁନାହିଁ । ମୁଁ କେବଳ ନିଜର ଲେଖନ ଶୈଳୀରେ, ନିଜର ରୁଚିର ଅନୁକୂଳରେ, ଇତିହାସକୁ ରୂପକର ମାଧ୍ୟମରେ ପ୍ରକାଶ କରିବାର ଚେଷ୍ଟା କରିଛି ମାତ୍ର ଏ ଗ୍ରନ୍ଥରେ । ଏଥିରୁ ଅଧିକ କିଛି ଯଦି ଥାଏ ଏ ଗ୍ରନ୍ଥରେ, ତା' ଆକସ୍ମିକ ।"

"ଋଷି ବେଦବ୍ୟାସ ଗୃହନିକ ଭବ୍ୟତାକୁ ତାଙ୍କର ଏ ଐତିହାସିକ କାବ୍ୟ-ଗ୍ରନ୍ଥରେ ପରିସ୍ଫୁଟ କରିବାର ପ୍ରୟାସ କରିଛନ୍ତି ; ଆଉ ଗୃହନିକ ଭବ୍ୟତାକୁ ଅତି ମହାନ୍ କରି ତୋଳିବା ଉଦ୍ଦେଶ୍ୟରେ, ତାର ସ୍ପଷ୍ଟ ଆତ୍ମପ୍ରକାଶନ ପାଇଁ ତୁଳନାତ୍ମକ ଦୃଷ୍ଟିକୋଣରୁ ସେ ଯେ ବିକୃତ ଚରିତ୍ରର ଉପସ୍ଥାପନ କରିଛନ୍ତି

ଟାଙ୍କର ଏ ଗ୍ରନ୍ଥରେ, ତା' କଳାଦୃଷ୍ଟିର ଗୋଟାଏ ଉତ୍କୃଷ୍ଟ ନମୁନା । ଋଷିଙ୍କର ଏ ଶୁଦ୍ଧ କଳା-ସୃଷ୍ଟି କାଳକ୍ରମେ ପ୍ରକ୍ଷିପ୍ତତା ଦୋଷରେ ଦୁଷ୍ଟ ହୋଇ ଉଠିଛି । ମୁଁ କେବଳ ମୋର ରୁଚିର ମାଧ୍ୟମରେ ସେ ପ୍ରକ୍ଷିପ୍ତତାକୁ ପ୍ରକ୍ଷିପ୍ତତା ବୋଲି ଜଣାଇ ଦେବାକୁ ପ୍ରୟାସ ମାତ୍ର କରିଛି ଏ ଗ୍ରନ୍ଥରେ । ତେଣୁ, ଏହା ଯଦି ଅନ୍ୟର ରୁଚିଅନୁକୂଳ ନ ହୁଏ, ମୁଁ ନିରୁପାୟ ।"

ତା ପରେ ଅତୁଳ ବ କହନ୍ତି—"ସମାଲୋଚନାର ଦୃଷ୍ଟି-କୋଣ" ଜ୍ଞାନାନୁଶୀଳତାର ବଳିଷ୍ଠ ଅଶ୍ରୟରେ ଯଦି ପୁଷ୍ଟ ହୋଇ ଉଠେ, ସେତେବେଳେ ସେ ଯଥାର୍ଥ ସମାଲୋଚନା ହୁଏ । ଏପରି ସମାଲୋଚନାର ଆଶୀର୍ବାଦକୁ ନତ ହୋଇ ଗ୍ରହଣ କରିବାକୁ ମନ ବଳେ । କିନ୍ତୁ ସମାଲୋଚନା ଯଦି ବ୍ୟକ୍ତିଗତ ଈର୍ଷାପରାୟଣତା ବା ଅନ୍ୟ କୌଣସି କ୍ଷୁଦ୍ର ମନୋବୃତ୍ତିର ସାନ୍ନିଧ୍ୟ କାମନାରେ ପାପଦୁଷ୍ଟ ହୁଏ, ସ୍ୱଭାବତଃ ତା' ବୁଦ୍ଧିର ଅଗ୍ରାହ୍ୟ ହେବ । ଅଜ ଏପରି ସମାଲୋଚନାର ଉତ୍ପାତରୁ ଆତ୍ମରକ୍ଷା କରିବାର ଏକମାତ୍ର ଉପାୟ ହେବ, ଏହାକୁ ଉପେକ୍ଷା କରିବା । ସମାଲୋଚନା କେବଳ ସମାଲୋଚନା କରିବାକୁ କରାଯାଏ ନା । ରଚନା ଯଦି ସତ୍ୟର ଅପଳାପ କରୁଛି, ନ୍ୟାୟର ତଣ୍ଟି ଚିପିବାକୁ ଉଦ୍ୟତ ହେଉଛି, ଅକର୍ମ କୁକର୍ମକୁ ଯଦି କର୍ମ-ସୁକର୍ମ ବୋଲି ପ୍ରତିପାଦନ କରିବାକୁ ଚେଷ୍ଟା କରୁଛି, ସେତେବେଳେ ତାକୁ ଏ ଦୁଷ୍କର୍ମରୁ ନିବୃତ୍ତ କରିବା ପାଇଁ ସମାଲୋଚନା-ଯଷ୍ଟି ପ୍ରହାର କରାଯାଏ । ତେଣୁ ସମାଲୋଚନା କରିବାବେଳେ ନିଜର ବ୍ୟକ୍ତିଗତ ସ୍ୱଭାବର ଅନ୍ଧାନୁସରଣ କରିବା ଉଚିତ ହେବ ନାହିଁ । ସ୍ରଷ୍ଟାର ମନୋବୃତ୍ତି, ତା'ର ସ୍ୱତନ୍ତ୍ର ରଚନା-ଶୈଳୀ, ତା'ର ଯୋଗ୍ୟତାର ମାନଦଣ୍ଡ ପ୍ରତି ଯଥାର୍ଥ ଦୃଷ୍ଟିଦେଇ ସମାଲୋଚନା କଲେ, ଅସ୍ୱବସ୍ଥତାରୁ ଅନେକାଂଶରେ ଆତ୍ମରକ୍ଷା କରି ହେବ ।"

Digitized by srujanika@gmail.com

ଏ କଥାକୁ ପୁନର୍ବାର ମୋତେ କହିବାକୁ ପଡ଼ିଲା, ଏ ମୋର ଦୁର୍ଭାଗ୍ୟ । ସେଥିପାଇଁ କ୍ଷମା ଯାଚନା କରୁଛି । ଅତି ନମ୍ରତାର ସହିତ ଅନୁରୋଧ କରୁଛି ଯେ, ମୋର କୌଣସି ପୁସ୍ତକ ପଢ଼ିବା ପୂର୍ବରୁ ପୁସ୍ତକର ଭୂମିକା ଆଦିକୁ ପଢ଼ିବାକୁ ପାଠକେ ହୃଦୟରୁ ଇଚ୍ଛା କରନ୍ତୁ । ସେଟା ଉଭୟଙ୍କ ପକ୍ଷରେ ଯଥାର୍ଥ ବସ୍ତୁର ବାର୍ତ୍ତାପ୍ରଦର କାରଣ ହେବ । ଏ ପୁସ୍ତକଟା ଯେତେ ଭଲ ଲାଗିବା କଥା, ସେତେ ଭଲ ମୋତେ ବି ଲାଗେ ନା, ଏ କଥା ବି ସର୍ବାନ୍ତଃକରଣରେ କହି ରଖୁଛି ।

କିନ୍ତୁ ପୂଜ୍ୟ କାଳନ୍ଦୀଚରଣ ପାଣିଗ୍ରାହୀ ବି ମୋର ଏ ପୁସ୍ତକ ପ୍ରତି ଉଦାର ଦୃଷ୍ଟିକୋଣ ରଖି ମୋତେ ଅନୁଗ୍ରାହିତାର ଅନ୍ଧ-କୂପରୁ ଉଦ୍ଧାର କରିବାର ସଫଳ ପ୍ରୟାସ କରିଛନ୍ତି । ତାଙ୍କର ଏ ଉଦାରତା ପାଇଁ ତାଙ୍କଠାରେ ମୁଁ କୃତଜ୍ଞ । ସେ ଲେଖିଛନ୍ତି— "ସ୍ନେହର ବ୍ରଜବିହାରୀ ବାବୁ । 'ପ୍ରେମ ଓ ପରିଣତି' ପୁସ୍ତକଟି ପାଇଁ ଧନ୍ୟବାଦ ଜଣାଉଛି । ରମ୍ୟ-ରଚନାରେ, ଆପଣଙ୍କର ଲେଖନୀର ଦକ୍ଷତା ଏଥିରେ ଅଙ୍କିତ ଓ ସେ ଲେଖନୀରୁ ଅଧିକ ରସ ପରିବେଶିତ ହୋଇ ଆପଣଙ୍କର ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦିଏ ।" (ପତ୍ର ତା ୫-୧-୭୨) ।

ମୋର ପ୍ରଶଂସା କରିଛନ୍ତି ବୋଲି କାଳନ୍ଦୀ ବାବୁଙ୍କୁ ମୁଁ ପ୍ରଶଂସା କରୁଛି, ଏପରି କେହି ନ ବୁଝନ୍ତୁ ବୋଲି ମୋର ଅନୁରୋଧ । ସମାଲୋଚନା କରିବାକୁ ଆସିଲେ, ନିଜର ଲୋକ ହୋଇ ଆସନ୍ତୁ । ସରକାରୀ ପିଅଦା ହୋଇ ଆସନ୍ତୁ ନାହିଁ । କେବଳ ଏତିକି ଏଠି ମୁଁ ନିବେଦନ କରିବି ଯେ, କାଳନ୍ଦୀ ବାବୁଙ୍କ ଦୃଷ୍ଟିକୋଣ ନେଇ ପୁସ୍ତକ ସମାଲୋଚନାର କ୍ଷେତ୍ରରେ ପ୍ରବେଶ କଲେ, ସାହିତ୍ୟରେ ମଙ୍ଗଳ ଅନିଷ୍ଟିତ ନୁହେ । ସାହିତ୍ୟିକ ସାହିତ୍ୟର ମୂଲ୍ୟ

Digitized by srujanika@gmail.com

ନିରୂପଣ କରିବାରେ ତା'ର ଦକ୍ଷତାକୁ ପ୍ରାଧାନ୍ୟ ଦେବାରେ ମଙ୍ଗଳ ନିହିତ । କବି ସଚ୍ଚିଦାନନ୍ଦ ରାଉତରାୟ ମୋ ପାଇଁ ତା' କରିବାର ଚେଷ୍ଟା କରିଛନ୍ତି ବୋଲି ମୋର ମନେ ହୁଏ ।

ତା' ପରେ ମାତୃଭୂମି ପୁଣି ଲେଖିଛନ୍ତି—"ଦ୍ୱିତୀୟ କଥା, କଚ ଓ ଦେବଯାନୀ ମଧ୍ୟ ସମଶ୍ରେଣୀୟ । ଦେବଗୁରୁ ପୁତ୍ର କଚ ଅସୁରଗୁରୁଙ୍କ କନ୍ୟା ଦେବଯାନୀକୁ ପ୍ରଣୟ ଦାନକରି ଦେବତାମାନଙ୍କ ଇଷ୍ଟ ସିଦ୍ଧିପାଇଁ ବଦ୍ଧ ପରିକର । ତେଣୁ ପ୍ରଥମ ଦୁଇଟି ପ୍ରଣୟ କାହାଣୀ ଉଜ୍ଜ୍ୱଳ ନୁହେ । ତାହା ସ୍ୱାର୍ଥ ଜଡ଼ିତ । (ପୁନର୍ବାର କହୁଛି, ଏହା ପ୍ରଣୟ-କାହାଣୀ ଆଦୌ ନୁହେ । କଚ ଓ ଦେବଯାନୀଙ୍କ ପ୍ରେମ ଏ ରଚନାର ଲକ୍ଷ୍ୟ ଆଦୌ ନୁହେ । କଚ ଓ ଦେବଯାନୀର ପ୍ରେମକୁ ନେଇ ସେ କାଳର ରାଜନୀତି ଓ କୂଟନୀତିର କଥା କହିବା ଗଳ୍ପର ଶ୍ରେଷ୍ଠାଂଶ; ଏ କଥା ଗ୍ରନ୍ଥର ଭୂମିକାରେ ଦର୍ଶାଇ ଦିଆ ଯାଇଛି ।-) ମାତ୍ର ଶେଷୋକ୍ତ କାହାଣୀ ଉଲୁପୀ-ଅର୍ଜୁନ ବାସ୍ତବରେ ହୃଦୟସ୍ପର୍ଶୀ । କାହିଁକି ? ପ୍ରେମ ଅଛି ବୋଲି ? ଏହା ଲେଖାର ଉଦ୍ଦେଶ୍ୟ ନୁହେ । ସେଇ ଏକା କଥା, ଉଲୁପୀ-ଅର୍ଜୁନର ପ୍ରେମ କାହାଣୀର ଲକ୍ଷ୍ୟ ସେତେବେଳକାର ଭାରତର ବିଭିନ୍ନ ବନ୍ୟଜାତିମାନଙ୍କ ସଙ୍ଗରେ ସଖ୍ୟ ସ୍ଥାପନ କରି ମହାଭାରତ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇ ରହିବା ପାଣ୍ଡବମାନଙ୍କ ପକ୍ଷରେ । ଏ କଥା ଏ ଗଳ୍ପର ସର୍ବପ୍ରଥମ ସର୍ବପ୍ରଧାନ ଅଂଶ, ଏ କଥା ଗଳ୍ପଟିରେ ଅତି ଉଜ୍ଜ୍ୱଳଭାବରେ ସ୍ପଷ୍ଟ । ଋଷି ବେଦବ୍ୟାସଙ୍କ ମଧ୍ୟ ଏହା ଲକ୍ଷ୍ୟ । ସନ୍ଦେହ ହେଲେ, ମୂଳ ମହାଭାରତ ପଢ଼ି ପାରନ୍ତି । ଏହାର ବିଶଦ ଆଲୋଚନା ମୁଁ ମୋର ଅପ୍ରକାଶିତ ଗ୍ରନ୍ଥ 'ମହାଭାରତ ଦର୍ଶନ'ରେ କରିଛି । ତା ପରେ ପ୍ରେମ କଥା ଏକା ପରି ଅଛି ତିନି ଗଳ୍ପରେ । ଗୋଟାଏ କାହିଁକି ପ୍ରେମରେ ଉଜ୍ଜ୍ୱଳ ହେବ, ଆଉ

Digitized by srujanika@gmail.com

ଦୁଇଟି ଅନୁକୂଳ ?) ନାଗକନ୍ୟାଙ୍କ ଅତୃପ୍ତ ପ୍ରଣୟ-ବାସନା ଏବଂ ପ୍ରେମ ପାଇଁ ଉଜ୍ଜ୍ୱଳ ଆତ୍ମତ୍ୟାଗର ଦୃଷ୍ଟାନ୍ତ, ଅନନ୍ୟସାଧାରଣ । (ଏହା ତ୍ୟାଗ ନୁହେ—ଭୋଗ । ଏହା ବ୍‌ ଏକ ସ୍ୱାର୍ଥ । ଭୋଗ ଓ ତ୍ୟାଗର ଯଥାର୍ଥ ପରିଭାଷା ଜାଣିବାକୁ ଚାହିଁଲେ ମୋର ଏହି 'ଚିନ୍ତା' ପୁସ୍ତକକୁ ମନୋନିବେଶର ସହିତ ପଢ଼ିବାକୁ ଅନୁରୋଧ କରୁଛି ।) ଏଥିରୁ ତିନି ଗୋଟି ପ୍ରଣୟ କାହାଣୀ (ପ୍ରଣୟ କାହାଣୀ ?) ପରିବେଷଣ କରି ଲେଖକ ଏକ ଚିରସବୁଜ କଥାକୁ ସ୍ମରଣ କରିବାକୁ ଅବସର ଦେଇଛନ୍ତି, (କେଉଁ ? କେବଳ ଏତକ ମୋର ଲକ୍ଷ୍ୟ ?) ମାତ୍ର ଭାଷା ସ୍ଥାନେ ସ୍ଥାନେ ଏପରି କ୍ଳିଷ୍ଟ ଯେ, ତାହା ସାଧାରଣ ପାଠକର ମନକୁ ରସାପ୍ଳୁତ କରି ପାରିବ ବୋଲି ମନେ ହୁଏ ନାହିଁ । ଅଉ ମଧ୍ୟ ବିଷୟ ବସ୍ତୁର ମହତ୍ତ୍ୱ, ପ୍ରକାଶ-ଭଙ୍ଗୀର ସାବଲୀଳତା ଯୋଗୁଁ ସ୍ଥାନେ ସ୍ଥାନେ ବ୍ୟାହତ ହୋଇ ଥିବାର ଲକ୍ଷିତ ହୁଏ (ଏ କଥା ବୁଝିବାକୁ ସମୟ ନେଇଛି ।) ତଥାପି ସର୍ବତୋଭାବରେ ପୁସ୍ତକଟି ଯେ ସୁଖପାଠ୍ୟ ହୋଇଛି ଏଥିରେ ସନ୍ଦେହ ଅଛି ନାହିଁ । (ଏକଥା ପାଇଁ କୃତଜ୍ଞତା ଜ୍ଞାପନ କରୁଛି ।)—ବୃହନ୍ନଳା, ତା ୨୩-୧୨-୬୨ ।

ମାତୃଭୂମିରେ ଏ ସମାଲୋଚନା ପ୍ରକାଶିତ ହେବା ମାତ୍ରେ ଜଣେ ଭଦ୍ରଲୋକ ଚାଲି ଆସିଲେ ମୋର ବସାକୁ ଖାସ୍ କରି ମୋତେ ଜଣାଇ ଦେବାକୁ ଯେ ମୋର ପୁସ୍ତକର ଏପରି ବିରୁଦ୍ଧ ସମାଲୋଚନା ହୋଇଛି । କି ଅଦ୍ଭୁତ ଈର୍ଷା ! ସଂଶୋଧନ କରିବା ଛଳରେ ଈର୍ଷା-ପ୍ରକାଶନର କି ଅଦ୍ଭୁତ କୌଶଳ ! ! ଏ ଭଦ୍ରଲୋକ ପୁଣି ଶିକ୍ଷା-ବିଭାଗର ଜଣେ କର୍ତ୍ତା । ଏ ବ୍ୟକ୍ତି ଏହା ପୂର୍ବରୁ ବି 'ମୋ ପାଖକୁ ଥରେ ଆସିଥିଲେ ଏହାଙ୍କ ସଙ୍ଗରେ ମୋର ବ୍ୟକ୍ତିଗତ ଆଳାପ ନ ଥିବା ସତ୍ତ୍ୱେ । ଏ ଜାଣିବାକୁ ଆସିଥିଲେ ଯେ

Digitized by srujanika@gmail.com

ମୁଁ କେଉଁ କେଉଁ ହିନ୍ଦୀ ପୁସ୍ତକର ନକଲ କରୁଛି ? କି ମୁଁ ହିନ୍ଦୀ ପୁସ୍ତକର ନକଲ କରିବି କାହିଁକି ? କିଏ ଅଛି ଏ ଭାଷାରେ ? ଭବଙ୍ଗନାନନ୍ଦ ସୁରମୀବୃକ୍କ ଛାଡ଼ିଦେଲେ କିଏ ଅଛି ସେଠି ? ହଁ, କହିବ ତ ବଙ୍ଗାଳୀକୁ ନକଲ କରୁଛି ବୋଲି କୁହ । ଜଣେ ବଙ୍ଗାଳୀ ଅଧ୍ୟାପିକା ଏ ଅପବାଦ ଦେଇଥିଲେ । ମୁଁ ପରା ରବୀନ୍ଦ୍ର-ନାଥଙ୍କୁ ନକଲ କରୁଛି । ଈଶ୍ୱର ଯେପରି ରବୀନ୍ଦ୍ରନାଥଙ୍କୁ କେବଳ ସୃଷ୍ଟି କରି ତାଙ୍କର ସମସ୍ତ ପ୍ରତିଭା ନିଃଶେଷ କରି ଦେଲେ—ଆଉ ବାକି କିଛି ରହିଲା ନାହିଁ । ହଁ, କହିବତ ଏ କଥା କୁହ ଯେ କେଉଁଠି କେମିତି ରବୀନ୍ଦ୍ରନାଥଙ୍କ ଶୈଳୀର ଛାପ ମୋର ଲେଖାରେ ପଡ଼ୁଛି । ଏହା ସମ୍ଭବ ହୋଇ ପାରେ । ମୁଁ ରବୀନ୍ଦ୍ରନାଥଙ୍କ ସାହିତ୍ୟ ପ୍ରତି ସଶ୍ରଦ୍ଧ । ତାଙ୍କର ରଚନା ଖୁବ୍ ପଢ଼ିଛି—ବାରମ୍ବାର ପଢ଼ୁଛି—ଚତୁରତାର ସହିତ ସେ ପଢ଼ିଛି, ଅଉ ତାର ସମାଲୋଚନା ଲେଖିଛି, ଲେଖୁଛି—ଏ ପୁସ୍ତକରେ ବି ତା ଅଛି । କିନ୍ତୁ ତାଙ୍କୁ ନକଲ କରିବି କାହିଁକି ? ଯେଉଁ ମହାକବି ବା ବିଶ୍ୱକବି ଦେଶର ପ୍ରାଚୀନ ଭଣ୍ଡାରରୁ ରତ୍ନ ନେଇ ତାଙ୍କର ସାହିତ୍ୟ-ବଧୂକୁ ସଜେଇଛନ୍ତି, ତାକୁ ନୂତନ କରି ତୋଳିଛନ୍ତି, ସେହି ପ୍ରାଚୀନ ସାହିତ୍ୟରୁ ରତ୍ନ ନେଇ ମୁଁ ବି ମୋର ବଧୂକୁ ସଜେଇବି ନାହିଁ କାହିଁକି ଯେ ତାଙ୍କୁ ନକଲ କରିବି ? ପ୍ରାଚୀନ ରଚନା ଶୈଳୀର ଧାରକୁ ମଧ୍ୟ ରବୀନ୍ଦ୍ରନାଥ ଅବଲମ୍ବନ କରିଛନ୍ତି । ତାଙ୍କର ବିଖ୍ୟାତ ଉପନ୍ୟାସ 'ଘରେ ବାଇରେ'ର ନାୟକ ନିଖିଳେଶ ପ୍ରାଚୀନ ରାମଙ୍କ ଆଧୁନିକ ରୂପ । ନାୟିକା ବିମଳା ସୀତାଙ୍କର ନୂତନ ରୂପ । ଆଉ ରାବଣର ନୂତନ ଚରିତ୍ର-ଚିତ୍ରଣ ଖଳ ନାୟକ ସନ୍ଦୀପ । ରାବଣର (ସନ୍ଦୀପର) କବଳରୁ ସୀତା (ବିମଳା) ଶେଷରେ ରକ୍ଷା ପାଉଛି ଠିକ୍ ରାମାୟଣର ସୀତା ରାବଣର କବଳରୁ ରକ୍ଷା ପାଇଲା ପରି । କିନ୍ତୁ ସେଠି ଥିଲା

Digitized by srujanika@gmail.com

ଭୟଙ୍କର ବାସ୍ତବ ଯୁଦ୍ଧ—ଆଉ ଏଠି ଥିଲା ବୁଦ୍ଧିର ଯୁଦ୍ଧ, କେବଳ ଏତିକି ପ୍ରଭେଦ ।

ଯେ ବିଶ୍ୱକବି କଲିକତାର ସ୍ନାନଘାଟରେ କେବଳ 'ହିନ୍ଦୁସ୍ଥାନି ମେୟେ' ଆଉ 'ଉଡ଼ିଆ ବାମୁନଙ୍କୁ ଦେଖନ୍ତି, ଆଉ ତାହାକୁ ସାମ୍ନାସ୍ତରରେ ଦେଖି ପାରନ୍ତି ନାହିଁ, ତାଙ୍କୁ ଅନୁକରଣ କରିବି ? "ଜଲ୍ ଥେକେ ଜଲ୍ ନେବାର୍ ପ୍ରତିଯୋଗିତାୟ୍ ଏକ୍ ହିନ୍ଦୁସ୍ଥାନି ମେୟେର୍ ସଙ୍ଗେ ଉଡ଼ିଆ ବ୍ରାହ୍ମଣେର୍ ଠେଲାଠେଲି ବଢାବଣ୍ଡ କମେଛେ ।" ('ଯୋଗାଯୋଗ'-ରବୀନ୍ଦ୍ରନାଥ) । 'ଘରେବାଇରେ' ଉପନ୍ୟାସରେ ଖଳନାୟକ ନାୟିକାକୁ କିଛି ମାଗିବା ପରେ କହୁଛି 'ଉଡ଼େ ରକମ୍ ଦିବେ ବଲ୍ଲୁମ୍ ।' ଓଡ଼ିଆମାନେ ଯେପରି ବିନା ଲଜ୍ଜାସଙ୍କୋଚରେ ଯାକୁ ତାକୁ ମାଗି ପକାନ୍ତି, ସେପରି ଖଳ ନାୟକ ମାଗିଲା । ନାୟକଟା ଓଡ଼ିଆ ପରି ଖଳ କି ନା ସେଥିପାଇଁ । ଏପରି ଚରିତ୍ର ଚିତ୍ରଣ ମୁଁ କରିବି କୋଉଠାଏ ଜାତିର ରବୀନ୍ଦ୍ରନାଥଙ୍କୁ ଅନୁସରଣ କରି ?

ସେହି ଭଦ୍ରଲୋକଟି ଥରେ ମୋତେ କହିଲେ, ମୁଁ ଶବ୍ଦ-ସମ୍ଭାରର ଅର୍ଥ ନ ବୁଝି କେଉଁକୁ ନ ଜାଣି, ମଧ୍ୟ ମୋର ରଚନାରେ ପ୍ରୟୋଗ କରୁଛି, ଯେପରି 'ଖଙ୍ଗ' ଶବ୍ଦ । ସେ କହିଲେ, 'ଖଙ୍ଗ' ଶବ୍ଦ ଭାରତୀୟ କୌଣସି ଭାଷାରେ ନାହିଁ । ମୁଁ ହିନ୍ଦୀରେ ଲେଖାଥିବା 'ଖଡ଼୍ଗ'କୁ ପଢ଼ି 'ଖଙ୍ଗ' ବୋଲି ପଢ଼ି ଏପରି ଲେଖୁଛି । (ବିନୟର ସହ କହୁଛି, ମୁଁ ରାଷ୍ଟ୍ର ଭାଷାରେ 'କୋବିଦ'—ପଣ୍ଡିତ ନୁହେଁ, ଏ ଏକ ଉପାଧି ମାତ୍ର । ଆଉ ହିନ୍ଦୀ ପତ୍ର ପତ୍ରିକାରେ ମୋର ଲେଖା ପ୍ରକାଶିତ ହୁଏ । ଅକ୍ଷର ଚିହ୍ନି ନ ପାରିବା ଭଳି ଦୋଷାରୋପ ମୋ ପ୍ରତି କେତେଦୂର ସଙ୍ଗତ ଆପଣମାନେ ବିଚାର କରିବେ ।). ହଁ, ସେ ପୁଣି ଆହୁରି କହିଲେ, ମୁଦ୍ରା ଦୋଷ ପ୍ରୟୋଗ ମୁଁ ଜାଣେ ନାହିଁ ।

Digitized by srujanika@gmail.com

ତାଙ୍କର ବୋଧହୁଏ ଧାରଣା, ମୁଦ୍ରା ଅର୍ଥ ନାଟ୍ୟ-ଶାସ୍ତ୍ରର ମୁଦ୍ରା ବିଶେଷ—କେବଳ ସେତିକି । 'ମୁଦ୍ରା' ଶବ୍ଦର ଅର୍ଥ ଅଭିଧାନରେ ଦେଖିବାକୁ ତାଙ୍କୁ କହିବାକୁ ମୁଁ ବାଧ୍ୟ ହେଉଛି । ଏ ଶବ୍ଦ ବହୁ ବ୍ୟାପକ ।

ହଁ, ସେ ପୁଣି କହିଲେ, କାଳଜ୍ଞାନ ମୋର ନାହିଁ । ଯେ କାଳରେ ଯେ କଥା ଘଟି ନାହିଁ, ସେ କାଳରେ ସେ କଥା ଘଟିଥିବାର ମୁଁ ଉଲ୍ଲେଖ କରିଛି ପ୍ରସ୍ତରର ପାତ୍ରପାତ୍ରୀର ମୁଖରେ । ଏ ଦୋଷ ମୋର ହେବା ସମ୍ଭବ—କାରଣ ମୋର ଖୁବ୍ ଭୁଲା ମନ । ସେଥିପାଇଁ କ୍ଷମା ମାଗି ନେଉଛି । କିନ୍ତୁ ମୋର ଏ ଦୁର୍ବଳତାକୁ ପ୍ରଚାର କରିବାରେ କି ଯଥାର୍ଥତା ଅଛି ? ବେଗୀକୁ 'ବେଗୀ' 'ବେଗୀ' ବୋଲି ଚିଡ଼େଇଲେ କି ତା'ର ସଂଶୋଧନ ହୁଏ ?

କାଳିଦାସଙ୍କ କଥା କହିବି ? କାଳିଦାସ ତାଙ୍କର ଜଗତ-ପ୍ରସିଦ୍ଧ ନାଟକ 'ଅଭିଜ୍ଞାନ ଶାକୁନ୍ତଳମ୍'ରେ କହିଛନ୍ତି—ଦୁଷ୍ୟନ୍ତଙ୍କ ରାଜଧାନୀ ହସ୍ତିନାପୁର । କିନ୍ତୁ ଦୁଷ୍ୟନ୍ତଙ୍କ ସମୟରେ ହସ୍ତିନାପୁର ବୋଲି କୌଣସି ନଗରୀ ନ ଥିଲା । 'ହରିବଂଶ' ଅନୁସାରେ ଦୁଷ୍ୟନ୍ତଙ୍କ ଠାରୁ ସପ୍ତମ ପିଢ଼ୀ ପରେ, ଆଉ 'ମହାଭାରତ' ଅନୁସାରେ ଦୁଷ୍ୟନ୍ତଙ୍କ ଠାରୁ ପଞ୍ଚମ ପିଢ଼ୀ ପରେ 'ହସ୍ତୀ' ନାମରେ ଜଣେ ରାଜା ଏ ନଗରୀ ବସାଇ ଥିଲେ । ମୁଁ ମଧ୍ୟ ଜାଣିଶୁଣି ମୋର ଅପ୍ରକାଶିତ ନାଟକ 'କୈକେୟୀ'ରେ ଭାରତବର୍ଷ ନାମ ବାରମ୍ବାର ଉଲ୍ଲେଖ କରିଛି । କିନ୍ତୁ କୈକେୟୀଙ୍କ ସମୟରେ ଏ ଦେଶର ନାମ ଭାରତବର୍ଷ ନ ଥିଲା । ଦୁଷ୍ୟନ୍ତଙ୍କ ପୁତ୍ର ଭରତଙ୍କ ନାମାନୁସାରେ ଏ ଦେଶର ନାମ 'ଭାରତ' ହେଲା । ବର୍ଷ ଅର୍ଥ ଦେଶ । (ଏ ସମ୍ବନ୍ଧରେ ଅବଶ୍ୟ ବିଦ୍ୱାନମାନଙ୍କ ମଧ୍ୟରେ ମତଭେଦ ଅଛି ।) ମୋର କୈକେୟୀ ନାଟକ ମଧ୍ୟରେ ଦେଶାତ୍ମବୋଧତା ମୁଖ୍ୟ କଥା, ସେଥିପାଇଁ 'ଭାରତ' ନାମ ଦେବାକୁ ମୁଁ ବାଧ୍ୟ ହୋଇଛି ।

Digitized by srujanika@gmail.com

'ସତ୍ୟ ଓ କଳ୍ପନା' ନାମକ ମୋର ଅନ୍ୟ ଗୋଟାଏ ପୁସ୍ତକ ସମ୍ବନ୍ଧରେ 'ମାତୃଭୂମି' ଲେଖିଥିଲେ :—"ସାତଟି କାହାଣୀକୁ ନେଇ 'ସତ୍ୟ ଓ କଳ୍ପନା' ପୁସ୍ତକଟି ରଚିତ । ଏ ଗୁଚ୍ଛକରେ ଆମ ସମାଜ ଜୀବନ ଓ ଦର୍ଶନର ନାନାରୂପ ନାନା ଆକାରରେ ରୂପାୟିତ । କାହାଣୀଗୁଚ୍ଛକ ଲେଖକଙ୍କର ପୋଖତ ହାତର ପରିଚୟ ଦିଏ । ମାତ୍ର ମଝିରେ ମଝିରେ ଦୁର୍ବଳ ଭାଷା କେତେକ କାହାଣୀର ଗୁରୁତ୍ୱକୁ କେତେକାଂଶରେ କ୍ଷୁଣ୍ଣ କରୁଛି ।" (ମାତୃଭୂମିର ଏ ମତ ବୁଝିବାକୁ ସମୟ ନେଉଛି ।) ସେ ପୁଣି କହୁଛନ୍ତି—ଲେଖକ ଅନ୍ୟତ୍ର ପୁସ୍ତକରେ ଲେଖିଛନ୍ତି—ପୃଥିବୀ ଲେଖକଙ୍କଠାରୁ ଗ୍ରହେ ଚିନ୍ତା— ଭାଷା ବା ଶୈଳୀ ନୁହେ । ବାସ୍ତବରେ କଣ ଏ କଥା ଠିକ୍ ? ଏ କଥା ସତ୍ୟ ଯେ, ଉନ୍ନତ ଚିନ୍ତାହିଁ ଉନ୍ନତ ଲେଖାର ପରିପୂରକ । ମାତ୍ର ଯେତେ ଉଚ୍ଚ ଚିନ୍ତା ହେଲେ ମଧ୍ୟ ତା'ସଙ୍ଗକୁ ଉପଯୁକ୍ତ ଭାଷା ବା ଶୈଳୀ ନ ଥିଲେ, ଚିନ୍ତାର ଉନ୍ନତ ପରିପ୍ରକାଶ ସମ୍ଭବ ନୁହେ । ତେଣୁ ଭାଷା ଯେ ଉନ୍ନତ ଲେଖାର ଅନ୍ୟତମ ଅଂଶ, ଏ କଥା ଅସ୍ୱୀକାର କରି ହେବନି ।" (ମାତୃଭୂମିର ଏହି ବକ୍ତବ୍ୟ ପରସ୍ପରର ଅପେକ୍ଷା କେଉଁଠି ବିରୋଧ କରୁଛି ? ଅପର ପୁସ୍ତକର ସେହି ଭୂମିକାର ଯେଉଁ ଭୂମିକାର ସମାଲୋଚନା କରିଛନ୍ତି ମାତୃଭୂମି, ଆମେ ଲେଖିଛୁଁ—"ବଳିଷ୍ଠ ଭାବକୁ ବୋହି ନେବାପାଇଁ ବଳିଷ୍ଠ ବାହନ, ଅର୍ଥାତ୍ ବଳିଷ୍ଠ ଭାଷା, ବଳିଷ୍ଠ ଶୈଳୀ ଆବଶ୍ୟକ, ଏ କଥା ଆମେ ସ୍ୱୀକାର କରୁଛୁଁ । କିନ୍ତୁ ଏ ବଳିଷ୍ଠ ଶୈଳୀଟା କି ପ୍ରକାର ହେବା ଉଚିତ, ସେ କଥା ଲେଖକଙ୍କୁ ଚିନ୍ତା କରିବାକୁ ଛାଡିଦେଲେ ଭଲ ହେବ ବୋଲି ଭାବୁଛୁ । ତାଙ୍କୁ ଅନ୍ୟାନ୍ୟଙ୍କୁ ଅନୁକରଣ କରିବାକୁ ନ କହିବା ଉଚିତ । କିନ୍ତୁ ଦୁଃଖର କଥା ସେତେବେଳେ ହେବ, ଯେତେବେଳେ ବଳିଷ୍ଠ ବାହନ ଥିବ, କିନ୍ତୁ ବଳିଷ୍ଠ ବୋଝ ନ

Digitized by srujanika@gmail.com

ଥିବ । ବଳିଷ୍ଠ ବାହନ ଅନ୍ୟଠାରୁ ଧାର ଆଣି ନିଜର ଦୁର୍ବଳ ବୋଝକୁ ତାʼ ଉପରେ ଲଦିବା, ହସିବା କଥା ସିନା ହେବ !”)

ମାତୃଭୂମି ଅନ୍ୟତ୍ର ଲେଖିଛନ୍ତି—“ଅଲୋଚ୍ୟ ପୁସ୍ତକଟିରେ ବାଉନ ବୃତ୍ତାନ୍ତ କାହାଣୀଗୁଡ଼ିକ ଅପେକ୍ଷା ୨୨ ପୃଷ୍ଠାବ୍ୟାପୀ ଭୂମିକାଟି ଅତି ଉପାଦେୟ ହୋଇଛି । ସାମାନ୍ୟ କେତୋଟି ତ୍ରୁଟିକୁ ବାଦ୍ ଦେଲେ ଏହା ଯେ ଶିକ୍ଷଣୀୟ, ଏ କଥା ନିଃସନ୍ଦେହରେ କୁହାଯାଇପାରେ ।” (ମାତୃଭୂମି ଯଦି ତ୍ରୁଟି ଅର୍ଥରେ ତାଙ୍କର ଉପରୋକ୍ତ ମତବାଦକୁ ଲକ୍ଷ୍ୟରେ ରଖିଥାନ୍ତି, ତେବେ ଆମେ ନିରୁପାୟ ।)

ମାତୃଭୂମି—“ଅଧିକାଂଶ ବିଷୟରେ ଲେଖକ ହିନ୍ଦିଶବ୍ଦ ବ୍ୟବହାର କରିଛନ୍ତି । ଏପରି କି ଗୋଟିଏ ଗୋଟିଏ ବିଷୟ ମୂଳରୁ ଶେଷ ଯାଏ ହିନ୍ଦି ଭାଷାରେ ଓଡ଼ିଆ ଅକ୍ଷରରେ ଲିଖିତ ।” (ହଁ, ସତକଥା, ହିନ୍ଦିଶବ୍ଦର ବହୁଳ ପ୍ରୟୋଗ କେତୋଟି କାହାଣୀରେ ହୋଇଛି । କିନ୍ତୁ ଏ ପ୍ରୟୋଗ ଲେଖାର ଗୁରୁତ୍ୱକୁ କମାଇ ନାହିଁ, ବଢ଼ାଇଛି । ଯେଉଁ କାହାଣୀରେ ହିନ୍ଦିଶବ୍ଦର ପ୍ରୟୋଗର ବହୁଳତ, ସେ କାହାଣୀର କାଳ ମୋଗଲ୍-ପଠାଣଙ୍କ କାଳ । ଅଉ ସେ କାହାଣୀର ପାତ୍ରପାତ୍ରୀ ମୋଗଲ୍-ପଠାଣ । ଦ୍ୱିତୀୟତଃ, ଯେଉଁ କାହାଣୀ ଦେଶର ହିନ୍ଦି-ପ୍ରାନ୍ତ ସଙ୍ଗେ ସଂଶ୍ଳିଷ୍ଟ, ସେ କାହାଣୀର କେତେକ ସ୍ଥଳରେ ହିନ୍ଦି ଶବ୍ଦର ପ୍ରୟୋଗ ହୋଇଛି । ତାʼ ପରେ ମୁଁ କହୁଛି, ଏ ପୁସ୍ତକ ପଡ଼ି ଆମର ଶଙ୍କା ନାହିଁ । ତଥାପି କେତେକ କଲେଜ ଛାତ୍ରଙ୍କ ମୁହଁରୁ ଶୁଣିଲି, ʼଏ ପୁସ୍ତକର ଅନେକ ଧାଡ଼ି ସେମାନଙ୍କର ମୁଖସ୍ଥ—ହିନ୍ଦି ବାକ୍ୟଗୁଡ଼ିକ ସେମାନଙ୍କର ମୁଖସ୍ଥ) ।

ମାତୃଭୂମି—“... ... ଲେଖକ ଏକ ନୂତନ ଶୈଳୀ ନେଇ କାହାଣୀଗୁଡ଼ିକ ଲେଖିଛନ୍ତି ।” (ମାତୃଭୂମିର ଏ ମତପାଇଁ ତାଙ୍କଠାରେ ମୁଁ କୃତଜ୍ଞ ।) —ମାତୃଭୂମି ୧୧-୩-୬୨

Digitized by srujanika@gmail.com

'କଳିଙ୍ଗ' ଲେଖିଛନ୍ତି—"ନୌରୋଜ୍, କ୍ଷେମରାଜ ଖାରବେଳ, ଫୁଲରାଣୀ, ଦୀପକ-ଦର୍ଧ, ଶ୍ରମଣ ଓ ଦସ୍ୟୁ, ସୁରା ଓ ସାକୀ ଓ ବାସବଦତ୍ତା, ଏହିପରି ୭ଟି ଛୋଟ ଗଳ୍ପର ମାଧ୍ୟମରେ ଲୁଜକନାଗ୍ରଙ୍କ ଭାଷା ଓ ଭାବର ଏକ୍ ବଳିଷ୍ଠ ଅଭିବ୍ୟକ୍ତି ପ୍ରକାଶ ପାଇଛି । ଗଳ୍ପ-ଗୁଡ଼ିକର ଲିଖନ ଶୈଳୀ ଏକ ନୁହେଁ । ତନ୍ମଧ୍ୟରୁ କେତୋଟି ବିଷୟାତ୍ମକ, କେତୋଟି ଦର୍ଶନାତ୍ମକ ଓ ବର୍ଣ୍ଣନାତ୍ମକ । ଅଧିକାଂଶ ବିଷୟାତ୍ମକ କାହାଣୀ ଓ ସେଗୁଡ଼ିକରେ ସତ୍ୟ ଓ କଳ୍ପନା ପରସ୍ପୃକ୍ତ । ତେଣୁ ବୋଧହୁଏ, ବହିଟି ସତ୍ୟ ଓ କଳ୍ପନାରେ ନାମାଙ୍କିତ । ବର୍ଣ୍ଣନାତ୍ମକ ଓ ଦର୍ଶନାତ୍ମକ ଗଳ୍ପଗୁଡ଼ିକରେ ଘଟନା ଓ ଅଭିଜ୍ଞତା ନେଇ ରସ ଓ ସ୍ୱାଦରେ ସୁନ୍ଦର । ତା' ଛଡ଼ା ନାନା ଘଟଣା ଓ ପରିବେଶ ଉପରେ ଲେଖକର ମନସ୍ତାତ୍ତ୍ୱିକ ଆଲୋକପାତ ସ୍ପଷ୍ଟ । ଯାହା ଦେଖିଛନ୍ତି ଓ ଅନୁଭବ କରିଛନ୍ତି, ତାହା ସହଜ, ସରଳ ଓ ମରମୀ ହୋଇ ବ୍ୟକ୍ତ କରିଛନ୍ତି । ଛଳଛଳ ଭାଷାରେ ଭାବସାମ୍ୟ ଅଛି । ପ୍ରଚ୍ଛଦପଟ ଓ ବହିର ମନୋମୁଗ୍ଧକର ନୁହେଁ ।

—କଳିଙ୍ଗ, ତା ୧୮-୩-୬୨

"......ଦୁଃଖର ବିଷୟ, ମୁଁ ଅନେକଥର ବଲାଙ୍ଗିର ଯାଇଥିଲେ ମଧ୍ୟ ଆପଣଙ୍କ ସହିତ ପରିଚିତ ହେବାର ସୁଯୋଗ ପାଇ ନାହିଁ । ଆପଣଙ୍କର ଗଳ୍ପମାନ ଖୁବ୍ ଭଲ ଲାଗିଲା । ଏହିପରି ଆହୁରି ଅନେକ ସାହିତ୍ୟ ରଚନା ସୃଷ୍ଟି କରି ଆପଣ ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବେ ବୋଲି ଆଶା କରେ—

ଆପଣଙ୍କର

ବିନୀତ

ଶଙ୍କାଭନ ସୂପକାର

ପତ୍ର ତା ୧-୨-୬୩, ସମ୍ବଲପୁର

Digitized by srujanika@gmail.com

ଡା. ପି. ମାଚବେ, ଉପମନ୍ତ୍ରୀ, କେନ୍ଦ୍ର ସାହିତ୍ୟ ଏକାଡେମି, ଦିଲ୍ଲୀ, ଲେଖିଛନ୍ତି—

Dear Sir, Thank you for sending a copy of your Oriya collection of short stories entitled 'Satya—O—Kalpana'. It will be a valued addition to the Oriya section of our library. (Letter No. SA 65/10/12641 —Dated. 9. 11. 61.)

କିଏ କଣ କହିବାକୁ ଚାହୁଁଛନ୍ତି—ଅବା ମୋତେ କଣ କହିବାକୁ ହେବ, ମୋତେ ଅଜ୍ଞାତ । ଏସବୁ ନ ଭାବି ମୁଁ ଏ କଥା ଭାବେ ଯେ, ମୁଁ ଲେଖି ପାରୁଛି, ଏହା ମୋ ପକ୍ଷରେ ଯଥେଷ୍ଟ— ଈଶ୍ୱରଙ୍କର ଏହା ଅସୀମ ଆଶୀର୍ବାଦ । ମୁଁ କାହିଁକି କୃତଜ୍ଞ ନ ହେବି ତାଙ୍କ ପ୍ରତି ? ନାନାଦି ଜଟିଳ ବ୍ୟାଧିରେ ମୁଁ ଅନେକ କାଳରୁ ଗ୍ରସ୍ତ । ଯେ ବ୍ୟାଧି ସବୁଠାରୁ ବେଶୀ ମୋର ଅକଲ୍ୟାଣ କରୁଛି; ମୋତେ ଜର୍ଜ୍ଜରିତ କରୁଛି, ସେ ହେଉଛି ମୋର ସ୍ନାୟବିକ ଦୁର୍ବଳତା; ଘୋର ଦୁର୍ବଳତା—ତା ସାଙ୍ଗକୁ ଦୃଷ୍ଟିଶକ୍ତିର କ୍ଷୀଣତା । ଅଉ ଏ କ୍ଷୀଣତା କ୍ରମଶଃ କ୍ଷୀଣତର ହେବାକୁ ବସୁଛି । ଯା' ଫଳରେ ମୁଁ ଯଥେଷ୍ଟ ଅଧ୍ୟୟନ କରିପାରେ ନା, ସହଜରେ କୌଣସି କଥା ବୁଝିପାରେ ନା, ସ୍ମରଣ କରିପାରେ ନା, ଲେଖି ବି ପାରେ ନା ଯଥେଷ୍ଟ—ଚଞ୍ଚଳ ଅବଶ ହୋଇ ପଡ଼େ—ହାତ କୁଣ୍ଠିତ ହୁଏ— ତାକୁ କିଛିକାଳ ବିଶ୍ରାମ ଦେବାପରେ ପୁଣି ଲେଖିବା ଆରମ୍ଭ ହୁଏ । ଅଉ ଚିନ୍ତା ? ଚିନ୍ତା କରିବା ତ ଦୂରର କଥା । ଅଥଚ ଲେଖିବା ପଢ଼ିବା ମୋର ଶ୍ୱାସପ୍ରଶ୍ୱାସ ପରି ମୋର ଶରୀର-ମନର ସ୍ୱାଭାବିକ ପ୍ରକ୍ରିୟା । ଏହା କିପରି ସମ୍ଭବ ହେଲା, ଭାବି ପାରେନା । ଭାବି ନ ପାରି କେବଳ ତାରି ଉଦ୍ଦେଶ୍ୟରେ

Digitized by srujanika@gmail.com

ପ୍ରକଟ କରାଏଁ । ଯଦି ଟିକିଏ ହେଲେ ବି ଧରି ପାରନ୍ତି ଯେ ମୋର ହୃଦୟ କିଛି ହେଉଛି, ତେବେ ନିଜ ମଧ୍ୟରେ ଅଭିମାନ ରହନ୍ତା । ମୋର ଯେ ମୁଖର ଅସ୍ଫାଳନ, କେବଳ ପ୍ରାଚୀନ ଅଗ୍ରଜଙ୍କର ମତବାଦକୁ ପ୍ରତିଷ୍ଠିତ କରିବାର ଅସ୍ଫାଳନ—ସେ ଆତ୍ମଭିମାନ ନୁହେ—ଅନ୍ତରରେ ମୁଁ ଶୂନ୍ୟ । ଏ କଥା ଯେପରି ସତ୍ୟ, ସେପରି ସ୍ପଷ୍ଟ । ତେଣୁ ମୁଁ କହେଁ, ମୋର ସମସ୍ତର କାରଣ ସେହି ଏକ, ଅଦ୍ୱିତୀୟ, ଅନନ୍ତ । ତାଙ୍କୁ ସର୍ବାଗ୍ରରେ ତାର ସ୍ମରଣ ନ କରି ମୁଁ ତ ଆଗକୁ ଅଟେଇ ପାରେଁନା । ଦେଶର ପ୍ରାଚୀନ ମନୀଷିଗଣଙ୍କର ଆଚରଣ ପରି । ଯେ ପରିପୂର୍ଣ୍ଣ ମଙ୍ଗଳ, ତା'ର ପ୍ରତି ଆଚରଣ, ତା'ର ପ୍ରତି ଶ୍ରଦ୍ଧାସମ୍ମାନ ତଥା ଭକ୍ତି ସହକାରେ କାର୍ଯ୍ୟର ଆରମ୍ଭ କରିବା ତ 'ମଙ୍ଗଳାଚରଣ' । ଏହା ମଙ୍ଗଳ ଆଚରଣ—ଏହା ଉତ୍ତମ ବ୍ୟବହାର ନୁହେ କି ? ଏଇ ମଙ୍ଗଳାଚରଣ ମୁଁ ଏଥିପାଇଁ କରୁଛି ଯେ ମୋର ଏ ଗ୍ରନ୍ଥରେ ପ୍ରାଚୀନ ମନୀଷିଗଣଙ୍କର ବିଶ୍ୱପ୍ରତି ମଙ୍ଗଳାଚରଣର ଅନହଙ୍କାରୀ ଅନବସ୍ଥାର ଯେଉଁ ଉଜ୍ଜ୍ୱଳ ସ୍ୱରୂପ, ତାକୁ ମୁଁ ଆଙ୍କିବାକୁ ଚେଷ୍ଟା କରୁଛି ମୋର ତୁଳୀରେ, ମୋର ସ୍ୱଚ୍ଛ ରଙ୍ଗରେ ।

କ୍ଷମା କରିବେ, ନିଜ କଥା ଆଉ ଟିକିଏ କହିବି । ଆରମ୍ଭରେ ମୁଁ ଲେଖୁ ନ ଥିଲି—ଲେଖୁ ଥିଲି କବିତା । ତା' ବି ମୋ' ହାତରେ ଭଲ ହେଉଛି ବୋଲି ଅନେକଙ୍କର ଧାରଣା ହେଲା । କିନ୍ତୁ ଅତି ଦୁଃଖର ସହିତ ଜଣାଇବାକୁ ପଡ଼ୁଛି ଯେ 'ନବଜୀବନ' ପତ୍ରିକାର ସଂଖ୍ୟା ପଞ୍ଚମ. ବର୍ଷ ନଅଟି ମୋର 'ପ୍ରଣୟର ପରାଜୟ' ନାମରେ ଗୋଟାଏ ପ୍ରରୁଣା କବିତାକୁ ପ୍ରମଥନାଥ ଦାସ ବୋଲି କେହି ଜଣେ ଭଦ୍ର ଲୋକ ନିଜ ନାମରେ ପ୍ରକାଶ କରିଛନ୍ତି । ଘରକୁ ଆସି

Digitized by srujanika@gmail.com

ମୋର ପୁରୁଣା ପାଣ୍ଡୁଲିପି ସହିତ ମିଳାଇ ଦେଖିଲି, କବିତାଟି ଅବିକଳ ମୋର—ସମ୍ପୂର୍ଣ୍ଣ ମୋର ।

କିନ୍ତୁ କବିତାର କେବଳ ଗୋଟାଏ ଧାଡ଼ିରେ ଗୋଟାଏ ଶବ୍ଦର ପରିବର୍ତ୍ତନ କରାଯାଇଛି । ମୁଁ ଲେଖିଥିଲି—'ବସନ୍ତ-ଅଗ୍ନିରୁ କୋକିଳଂ ଗର୍ଜନ' ସେ ତାକୁ କରିଦେଲେ 'ମଳୟ ଆସିଛି, କୋକିଳ ଗର୍ଜନ' । କିଛି ବର୍ଷ ତଳେ କୌଣସି ଗୋଟାଏ ଅପ୍ରକାଶିତ ମାସିକ-ପତ୍ରର ସମ୍ପାଦକ ବିଜ୍ଞାପନ ଦେଇଥିଲେ ଯେ ତାଙ୍କର ପ୍ରକାଶୋନ୍ମୁଖୀ ପତ୍ରିକା ପାଇଁ କବିତା ଆବଶ୍ୟକ, ମୁଁ ମୋର କବିତାରୁ କେତୋଟି ତାଙ୍କ ପାଖକୁ ପଠାଇ ଦେଇଥିଲି । ଦୁର୍ଭାଗ୍ୟକୁ ସେ ପତ୍ରିକା ପ୍ରକାଶ ପାଇଲା ନାହିଁ କି ମୋର କବିତା ପ୍ରକାଶ ପାଇଲା ନାହିଁ । ଅଥଚ ଏତେ ବର୍ଷ ବିତି ଯିବା ପରେ ଅନ୍ୟ ନାମରେ ପ୍ରକାଶ ପାଇଲା । ଏ କବିତାକୁ ମୁଁ ବର୍ତ୍ତମାନ ମୋର ବୋଲି କହି ପାରିବି ?—ମୋର ଗୋଟାଏ କବିତା-ସଙ୍କଳନ ପ୍ରକାଶ କରିବାକୁ ଇଚ୍ଛା କରୁଛି । ସେ ସଙ୍କଳନରେ ଏହାକୁ ସ୍ଥାନ ଦେଇ ପାରିବି ? ତଥାପି ପୁରୁଣା ଚିଠିପତ୍ର ଆଡ଼ି ଦେଖୁଛି । ମୋର ମନେ ଅଛି, ସେ ସମ୍ପାଦକ ମହାଶୟ ମୋର ଏ କବିତାଗୁଡ଼ାକର ପ୍ରାପ୍ତି ସ୍ୱୀକାର କରିଛନ୍ତି ।

କି ପ୍ରବଳଭାବରେ ଦୁର୍ନୀତି ବ୍ୟାପୁଛି; ଈଶ୍ୱର ଦେଖନ୍ତୁ ! ଦୁର୍ନୀତି, ଦୁର୍ନୀତି, ଚତୁର୍ଦ୍ଦିଗରେ ଦୁର୍ନୀତି ! ! ଏହାର ଆଉ ଯେପରି ଅନ୍ତ ନାହିଁ, ସୀମା ନାହିଁ । କିନ୍ତୁ ସାହିତ୍ୟରେ କି ଏପରିଭାବରେ ଦୁର୍ନୀତି ରହିବା ଉଚିତ ? ପର ଧନ ନେଇ ଧନୀ ହେବା ପ୍ରବୃତ୍ତି କି ଅସହ୍ୟ ପ୍ରବୃତ୍ତି ! !

ମୋର ଏ କବିତାଟି ସମ୍ପୂର୍ଣ୍ଣ ପ୍ରେମ-କବିତା । ଯୌବନ-ଗୁଞ୍ଜନରୁ ହିଁ ତାର ଉଦ୍‌ଗମର ସ୍ଥଳ । ସେଥିପାଇଁ ଏବେ ତା' ପ୍ରତି

Digitized by srujanika@gmail.com

ମୋର ଲକ୍ଷ୍ୟ ନାହିଁ । କିନ୍ତୁ ମୋର ଲକ୍ଷ୍ୟ ଏଡ଼ାଇ ତାଙ୍କୁ 'ମୋର ନିଜର' ବୋଲି କହିବା ତ ଅସହିଷ୍ଣୁତାର କଥା ହେବ । ମୁଁ ତାଙ୍କୁ ନିଜର ହୃଦୟସ୍ଥ ରସଧେ ସ୍ନେହ ସିଞ୍ଚନ କରି ପାଳିଛି, ତାଙ୍କୁ ମୁଁ ତ୍ୟାଗ ନ କଲେ ଆପଣ କେଉଁ ଅଧିକାର ବଳରେ ମୋର ନିଜର ବୋଲି କହିବେ ?

ଏପରି ହେଲେ ମୁଁ କଣ କେବଳ ଦମ୍ଭର ସହିତ କହି ପାରିବି ଯେ କୌଣସି ଗୋଟାଏ କାଳରେ ମୁଁ କବିତା ଲେଖୁଥିଲି ?

ହଁ, ଛାଡ଼ନ୍ତୁ ସେ କଥା । ଯେତେବେଳେ ମୁଁ କବିତା ଲେଖୁଥିଲି, ସେତେବେଳେ ମୁଁ ନ ଥିଲି ଅଯୋଗ୍ୟ—ଯଥେଷ୍ଟ ଅଧ୍ୟୟନରେ ମୋର ଅଭାବ ଥିଲା—ଅଭାବ ଥିଲା ଶାସ୍ତ୍ରଜ୍ଞାନରେ । କଣ ହେଲା, କପଟ ହେଲା, ଚାହିଁକି ହେଲା, କିନ୍ତୁ କିଛି ହେବ ନାହିଁ, ଅଧ୍ୟୟନ ପ୍ରତି ପ୍ରବଳ ଉତ୍କଣ୍ଠା ଜାଗିଲା । ଅନେକ ଅଧ୍ୟୟନ ଫଳରେ ମନରେ ଗୁଡ଼ାଏ ଶକ୍ତିର ସ୍ଥାନ ପାଇଲା । ଆଜି ସେ ଶକ୍ତିର ବହିର୍ମୁଖୀ ହେବା ପାଇଁ ବ୍ୟାକୁଳ ହେଲା—କିନ୍ତୁ ନ ଥିଲା ସେହି— ସେହି ଅବସ୍ଥାର ଭରବାକୁ ଶକ୍ତିର ବ ନ ଥିଲା,—ଏବେ ବି ନାହିଁ । ସେଥିପାଇଁ ବାରମ୍ବାର ଆମନ୍ତ୍ରଣ ସତ୍ତ୍ୱେ ଭାଷଣ ଦେବାକୁ କୌଣସିଠାକୁ ଯିବାକୁ ଇଚ୍ଛା ନାହିଁ—ସଭାସମିତି ଜନ ଗହଳି ପ୍ରତି ମନରେ ଅନାକୁଳତା—ଆଳାପଆଲୋଚନା ତର୍କବିତର୍କରେ ମାତିବା ପାଇଁ ମନରେ ସ୍ପୃହାର ଅଭାବ । ମନର ରୁଦ୍ଧ ଶକ୍ତିର ଅପ୍ରତ୍ୟାଶିତ-ଭାବରେ ପ୍ରସଙ୍ଗକ୍ରମରେ କ୍ରମେ କ୍ରମେ ପ୍ରକାଶିତ ହେବାକୁ ଲାଗିଲା । ଏ ପ୍ରକାଶ ଅନେକଙ୍କୁ ଆନନ୍ଦ ଦେଲା । ପ୍ରେରଣା ମିଳିଲା, ଏ ପ୍ରକାଶକୁ ଲିପିବଦ୍ଧ କରିବା ପାଇଁ । ଲିପିବନ୍ଧନ ନିରର୍ଥକ ମନେ ହେଲା । କାରଣ ଲିପିବନ୍ଧନର ଯଥାର୍ଥ ଉପଯୋଗ ଥାଇ ନ ଥିଲା

Digitized by srujanika@gmail.com

ଯେନ । କାରଣ ଲେଖକ ଅଖ୍ୟାତ । ଅଭ ଦ୍ୱିତୀୟ କଥା, ଏହୁ ବଣିକ ସଭ୍ୟତାର ଯୁଗରେ, ଅର୍ଥକଗ୍ର ଦ୍ରବ୍ୟର ଯୁଗରେ ଶାନ୍ତା ପାଇଁ ସ୍ଥାନ ନାହିଁ, ସତ ସାହିତ୍ୟ-ସୃଷ୍ଟି ପାଇଁ ସ୍ଥାନ ନାହିଁ, ସ୍ଥାନ ରହିଛି କେବଳ ଅର୍ଥର । ଦେଶରେ ଯେଉଁଠିହି ଯୋଗ୍ୟତାର ମାନଦଣ୍ଡ—ଟଙ୍କା ବସ୍ତ୍ର ହୁଏ । ଅନେକ ସ୍ଥଳରେ ଅର୍ଥହିଁ ଯୋଗ୍ୟତାର ମାନଦଣ୍ଡ—ଚିରନବସ୍ତ୍ର ହୁଏ । ଏଟେଭାବରେ ଅସ୍ୱାଧୀନ ଦେଶରେ ଥାଇ ଆମେ କହିବାକୁ ବାଧ୍ୟ ଯେ, ଯେ ପର୍ଯ୍ୟନ୍ତ ଦେଶ ଯୋଗ୍ୟତାକୁ ଯୋଗ୍ୟତାର ମାନଦଣ୍ଡରେ ତଉଲି ବିଗ୍ଚାର ନ କରନ୍ତି, ସେ ପର୍ଯ୍ୟନ୍ତ ଦେଶ ପରାଧୀନ । କାରଣ, ସ୍ୱାଧୀନ ଦେଶରେ ତ ଏପରି ଘଟୁ ନାହିଁ । ରୁଷିଆରେ ଏପରି ଘଟୁଛି ?—ଆମେରିକାରେ ଏପରି ଘଟୁଛି ?—ବ୍ରିଟେନରେ ଏପରି ଘଟୁଛି ? ରୁଷିଆରେ ଦେଶ ଉପଯୋଗୀ ପୁସ୍ତକ ବାଛି ନଏ—ନିଜ ଖର୍ଚ୍ଚରେ ଛାପେ, ଅଭ ଲେଖକକୁ ପୋଷେ । ଏଥିପାଇଁ ସେ ଖ୍ୟାତି ଦେଖେ ନା—ଯୋଗ୍ୟତାକୁ ତଳକୁପର କରେନା, କେବଳ ଯୋଗ୍ୟତାକୁ ଦେଖେ ।

ବାଧା ସତ୍ତ୍ୱେ, ଅନିଚ୍ଛା ସତ୍ତ୍ୱେ ଅକସ୍ମାତ ବିଗ୍ରତ ଉଠିଲା ମନରେ ପତ୍ରପତ୍ରିକାକୁ ଲେଖା ଦେବାକୁ । ଲେଖା ଗଲା—ପ୍ରକାଶ ପାଇଲା—ଉତ୍ସାହ ମିଳିଲା । ଏ ଗ୍ରନ୍ଥର କେତେକ ଲେଖା ଆଗରୁ ଉତ୍କଳର ବିଭିନ୍ନ ପତ୍ରପତ୍ରିକାରେ, ଏପରିକି ଅଗ୍ରଲେଖ ହୋଇ ପ୍ରକାଶିତ ହୋଇଛି । ଅଭ କେତେକର ହିନ୍ଦି ଅନୁବାଦ ବି ହିନ୍ଦି ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି । ମୋର ଏ ଗ୍ରନ୍ଥର ଅଗ୍ରଲେଖ ଜାବନଟି ଉତ୍କଳର ବିଖ୍ୟାତ ଦୁଇଟି ମାସିକ ପତ୍ରରେ ଅଗ୍ରଲେଖ ହୋଇ ପ୍ରକାଶିତ ହୋଇଛି, ଦେଶର ଏ ଅଞ୍ଚଳର ଆଉ ଗୋଟାଏ ବିଖ୍ୟାତ ମାସିକ ତାକୁ ଜାବିଗ୍ରତରେ ପ୍ରତ୍ୟାଖ୍ୟାନ କରିବା ପରେ ।

Digitized by srujanika@gmail.com

ପର୍ଷଦର ସମ୍ପାଦକ-ସଙ୍ଘର ଇଚ୍ଛା ସତ୍ତ୍ୱେ କେବଳ ଜଣେ ସମ୍ପାଦକଙ୍କ ଅନିଚ୍ଛା ହେତୁରୁ ଏ ନିବନ୍ଧଟି ଅପମାନିତ ହୋଇଛି, ସେ ଏ ଦେଶର ଜଣେ କୁଖ୍ୟାତ ଲେଖକ ।

କିନ୍ତୁ ଦୁଃଖର କଥା 'ସହକାର'ଙ୍କ ବିଶ୍ୱାସ ହେଲା ନାହିଁ ଯେ 'କଳା ଓ ମୃତ୍ୟୁ' (ଏ ଗ୍ରନ୍ଥର ପ୍ରଥମ ରଚନାଟି) ନିବନ୍ଧଟି ଜଣେ ସାଧାରଣ 'ବ୍ରଜବିହାରୀ'ଙ୍କ । ସେ ଡାକ୍ତର ବ୍ରଜବିହାରୀ 'ମହାନ୍ତି M. A. Ph. D.ଙ୍କ ନାମରେ ସହକାରରେ କେତୋଟି ପ୍ରକାଶ କଲେ । ମୁଁ ଯେତେବେଳେ ଆପତ୍ତି କଲି, କ୍ଷମା ମାଗିଲେ, ଅଉ ଏ କଥାକୁ 'ସହକାର'ରେ ଘୋଷଣା କରିବାର କଥା ଦେଲେ, ଅଥଚ କଥା ରକ୍ଷିଲେ ନାହିଁ । ଏପରି ଅବିଶ୍ୱାସ କାହିଁକି, ମୋର ହୁଏ ତ କାରଣ ଏହି ଯେ ମୁଁ ଯେଉଁ ସହରରେ ଥାଏ, ତା' ପାଖରେ ଜଙ୍ଗଲ ଅଛି । ଠିକ୍ ଏହି କଥା ପୂର୍ବରେ ଜଣେ ଭଦ୍ରଲୋକ ମୋତେ ପଚାରି ଥିଲେ—'ଆପଣଙ୍କର ରାଜାଙ୍କର ପ୍ରାସାଦକୁ ଯିବା ବାଟରେ ସବୁ ଜଙ୍ଗଲ ଅଛି ?' ଅପ୍ରାସଙ୍ଗିକ ଏବଂ ଅହେତୁକ ଥିଲା ଏ ପ୍ରଶ୍ନ । ତେଣୁ ମନରେ ବିଷାଦ ଜାତିଲା । ଆପଣମାନଙ୍କ ହୁଏତ ମନେ ନାହିଁ, କିନ୍ତୁ ମୋର ମନେ ଅଛି, ସମସ୍ତ ଉପନିଷଦ ମଧ୍ୟରୁ ଯେ ଉପନିଷଦ ବୃହତ୍, ସବୁ ଦିଗରୁ ଶ୍ରେଷ୍ଠ, ତାର ଜନ୍ମସ୍ଥାନ ଅରଣ୍ୟ । ସେଥିପାଇଁ ତାର ଶିର ଉଚ୍ଚ କରି 'ବୃହଦାରଣ୍ୟକୋପନିଷଦ' ନାମରେ ଜଗତ-ଖ୍ୟାତ । ଅଉ ରାଜା ? ରାଜାର ସୃଷ୍ଟି ଅନାଦି କାଳରୁ—ବେଦର ରାଜନୀତିର-ଚର୍ଚ୍ଚା ଭାଗରେ କେବଳ ରାଜାର ନାମ ଅଛି—ପ୍ରେସିଡେଣ୍ଟର ନାହିଁ । ଦିନେ ଏ ଦେଶରେ ଚତୁର୍ଦ୍ଦିଗରେ ରାଜା ଥିଲେ—ରାଜ୍ୟପାଳ ନୁହେ । ତା' ପରେ, ଯେ ରାଜ୍ୟ କରେ, ସେ ରାଜା ; ତାକୁ ଆଧୁନିକ ଯେଉଁ ନାମରେ ଡାକନ୍ତୁ ନା କାହିଁକି, ସେ ରାଜା । ରାମଚନ୍ଦ୍ର ସେପରି ଜଣେ ରାଜା

Digitized by srujanika@gmail.com

ଥିଲେ । ତେଣୁ ଗୁଣରେ ଅଧୁନାତନ ଯୁଗ ଅପେକ୍ଷା ପ୍ରାଚୀନ ଯୁଗଟା ମନୁଷ୍ୟ ଯେଉଁ ଢାଙ୍କର ରାଜ୍ୟରେ ଜନ୍ମ ହେବାଟା ଆମ ପକ୍ଷରେ ଦୁର୍ଭାଗ୍ୟର କଥା ହେବ ? ଦୋଷଗୁଣର କାରଣ ଜନ୍ମସ୍ଥଳୀ ?— ଦୋଷଗୁଣର କାରଣଟା ମନୁଷ୍ୟ ନିଜେ ନୁହେଁ ?

ମୋର 'ଗୀତା' ନାମକ ଗୋଟାଏ ରଚନାକୁ 'ଝଙ୍କାର' ଛଅ ମାସରୁ ଊର୍ଦ୍ଧ୍ୱ ପକାଇ ରଖିଲେ । ଫଳତଃ ଏଠାରୁ ପ୍ରକାଶିତ ଚତୁରଙ୍ଗକୁ ତାକୁ ଦେଲି । ତତ୍ପର ପର୍ବ ଭାବରେ ଗୋଟାଏ ମାସରେ ସେଇ ଗୋଟାଏ ରଚନା ପ୍ରକାଶିତ ହେଲା । 'ଚତୁରଙ୍ଗ' ଖବରକୁ ହୋଇ ଉଠିଲେ । ଏହାର ବି ମୋତେ କୈଫିୟତ ଦେବାକୁ ହେଲା । ଅଜ୍ ଏ ଲେଖାଟା ମୋର ବୋଲି ବି ଏଠିକାର କେତେକଙ୍କ ବିଶ୍ୱାସ ହେଲା ନାହିଁ । କାରଣ ମୁଁ ଅଜ୍ଞାତ ଅଜ୍ଞ ନିଜକୁ ଅଧୁନା ଅଜ୍ଞାତ କରି ଦିଏଁ ନିଜ ନାମ ସଙ୍ଗରେ ସଞ୍ଜ୍ଞା, କର୍ମଗତ ଉପାଧି, ରାଜଦତ୍ତ ଉପାଧି ନ ଯୋଡ଼ିବା ଫଳରେ । ଆମ ଦେଶରେ ନାମଟାହିଁ ଯୋଗ୍ୟତାର ଚିହ୍ନ—ଯୋଗ୍ୟତା ନୁହେ । ଯୋଗ୍ୟତାହିଁ ଯୋଗ୍ୟତାର ଚିହ୍ନ ହୋଇଥିଲେ ଗଙ୍ଗାଧର ପ୍ରସିଦ୍ଧ ହେବାକୁ ଏତେ ଗୁଡ଼ାଏ ବର୍ଷ ନେଇ ନ ଥାନ୍ତେ ।

ମୋର 'ସତ୍ୟ ଓ କଳ୍ପନା' ପୁସ୍ତକର ପ୍ରଥମ ଗଳ୍ପ ନୈରାଜ୍ୟକୁ ଜଣେ ପ୍ରଲେଖକ ଏହା ହିନ୍ଦୀର ଅନୁବାଦ ବୋଲି ଦୋଷାରୋପ କରି ନବଜୀବନର ସମ୍ପାଦକଙ୍କୁ କହିଲେ । ଏ ଈର୍ଷାର ଏକମାତ୍ର କାରଣ ଯେ ଲେଖାଟି ଖୁବ୍ "ସୁନ୍ଦର" ହୋଇଛି । ଜଣେ ଓଡ଼ିଆ ଲେଖକ ଏପରି ଗଳ୍ପ ଲେଖିପାରେ, ଏଥିର ବିଶ୍ୱାସ କାହିଁକି ନୁହେଁ ନାହିଁ ଓଡ଼ିଆ ଲେଖକମାନଙ୍କର ?

ଏପରି ନାନା କୁଟିଳ ଗତି ମଧ୍ୟରେ ଅଙ୍କେଇ ବଙ୍କେଇ ଆଗେଇବାକୁ ହେଉଛି ।

Digitized by srujanika@gmail.com

କନୁ ପୁସ୍ତକାରରେ ଏ ଗ୍ରନ୍ଥ ପ୍ରକାଶିତ ହୋଇଛି ମୋର ଅନ୍ୟ ଛଟୋଟି ପୁସ୍ତକ ପ୍ରକାଶ ଲାଭ କରିବା ପରେ, ଅଥଚ ମୋର ଏ ପୁସ୍ତକ ପ୍ରଥମ ପୁସ୍ତକ । ଏହା ପୂର୍ବରୁ ମଧ୍ୟ ମୋର ଅଉ ଗୋଟାଏ ପୁସ୍ତକ ଲିଖିତ ହୋଇ ରହିଛି, ସେ ହେଉଛି 'ମହାଭାରତ-ଦର୍ଶନ' । ସେ ଏ ପର୍ଯ୍ୟନ୍ତ ଲୋକଲୋଚନ ଗୋଚର ହୋଇ ପାରି ନାହିଁ । ତା' କେବଳ ମୋର ଦୁର୍ଭାଗ୍ୟ ନୁହେ—ଦେଶର ଦୁର୍ଭାଗ୍ୟ । ଏ କଥା ଏଥିପାଇଁ ମୁଁ କହୁଛି ଯେ ଏଥିରେ ଯା' ଅଛି, ସେ ମୋର କିଛି ନୁହେ, ସେ ଏ ପ୍ରାଚୀନ ଦେଶର ଅମୂଲ୍ୟ ରତ୍ନ । ଅଟେ ଦୁଃଖ କରୁଁ, ଦେଶ ଜ୍ଞାନ ପ୍ରତି ଅନାକାଂକ୍ଷିତ—କେବଳ ନାଟକ ରସ—ଶ୍ଳୀଳତାହୀନ ଦୁର୍ଗନ୍ଧ ରସ ପ୍ରତି ଉତ୍ସୁକ । ଏହାକୁ ଏ ସମାଜ କହେ 'ସାହିତ୍ୟ'; ଆଉ ରାମାୟଣ ମହାଭାରତ ବେଦ ଉପନିଷଦକୁ କହେ ଧର୍ମଗ୍ରନ୍ଥ ! ! ହାୟରେ ବିଧାତା ! ସାହିତ୍ୟ କହିଲେ ଏ ସମାଜର ଏହାହିଁ ପରିଭାଷା ! ଅଉ 'ରସୋ ବୈ ସଃ' ଏହା ସାହିତ୍ୟର ପରିଭାଷା ନୁହେ ।, କାମର ନାନାରସରେ ଏ ପ୍ରାଚୀନ ଗ୍ରନ୍ଥ ସକଳ ଭରପୂର, ଏ କଥା କିଏ ଦେଖିଛି ! ସର୍ବୋତ୍ତମା ନା ସ୍ମୃତ୍ତ କହନ୍ତି, ବେଦର କିଛି ନାହିଁ । ଗୋପାଳ ବାଳକର ଅର୍ଥହୀନ ଗୀତ ପରି ବେଦେକ ଗୀତ ଅଛି । ଏ ପୁଣି କବି ! କବୟଃ କ୍ରାନ୍ତଦର୍ଶୀନଃ; ଏ ଅର୍ଥରେ ଏ କବି ? ଆମର ଏ ଗ୍ରନ୍ଥରେ ବେଦଉପନିଷଦର ଅନେକ କଥା ଉଲ୍ଲେଖ ଅଛି, ପାଠକେ ପରୀକ୍ଷା କରି ପାରିବେ—ପ୍ରମାଣ ପାଇ ପାରିବେ ଯେ ବେଦରେ, ଉପନିଷଦରେ କଣ ଅଛି ।

ସମାଜର ସମସ୍ତ ସ୍ତରରେ ଅତି ଶସ୍ତାଦରର ଅଶ୍ଳୀଳ ଉପନ୍ୟାସ, କାବ୍ୟ-କବିତାର ପ୍ରସାରଣ—ଅତି ଅର୍ଥହୀନ ଉଦ୍ଦେଶ୍ୟହୀନ ଶାଳୀନତାବର୍ଜିତ ଚଳଚ୍ଚିତ୍ରର ବ୍ୟାପକ ପରିବେଷଣ—ଭାଷାହୀନ

Digitized by srujanika@gmail.com

କେବଳ ରୂପଯୌବନରଞ୍ଜିତ କାମୋଦ୍ଦୀପକ ଛନ୍ଦ ଗୀତର ଅନୁସରଣ । ଏ ଛନ୍ଦ ଭାଷାରେ ସାହିତ୍ୟ ଅଛି କି, ନା ? —କି ଖାଲି ଭାଷାଟା ଅଛି ? ଛନ୍ଦ ଗୀତଗୁଡ଼ିକରୁ ତ ଛନ୍ଦ ସାହିତ୍ୟର ପରିଚୟ ମିଳେ ନା ।

ହଁ, ହଠାତ୍ ଥରେ କାମନା ଜାଗିଲା ମନରେ, ମୋର ସମସ୍ତ ଛୋଟିଆ ନିବନ୍ଧଗୁଡ଼ିକୁ ଏକତ୍ର କରିବାକୁ । ସେ ସମସ୍ତେ ଏକତ୍ରିତ ହେଲେ—ନାମ ଧଇଲେ 'ଶନ୍ତା' । ଶନ୍ତା ଅନ୍ୟର ମସ୍ତିଷ୍କରେ ଶନ୍ତା ହେବାକୁ ବ୍ୟାକୁଳ ହେଲା—ମୋତେ କଲା ଶନ୍ତ୍ରତ । କାରଣ ଲେଖକ ଜଣେ କିରାଣୀ । ଅର୍ଥ କେବଳ ତାର ପେଟ ଭରେ—ଆମୋଦ ଦେଇ ପାରେ ନା—ସାହିତ୍ୟ-ବିଳାସର ଆସ୍ୱାଦନ ଦେବା ତା' ପକ୍ଷରେ ସମ୍ପୂର୍ଣ୍ଣ ଅସମ୍ଭବ ।

ଦୈବାତ୍ ମୋର ଜଣେ ହିତୈଷୀ ବନ୍ଧୁ ପରାମର୍ଶ ଦେଲେ, ଉତ୍କଳ ବିଶ୍ୱବିଦ୍ୟାଳୟଙ୍କ ଦ୍ୱାରସ୍ଥ ହେବାକୁ । ଆମ୍ବ ଗଛରେ ତ ଫଳ ଅଛି । ଫଳ ପଡ଼ୁ ନ ପଡ଼ୁ ଢେଲାଟା ଏ ମାରିଦେବା, ଏହି ବିଚାରରେ ବିଶ୍ୱବିଦ୍ୟାଳୟଙ୍କ ଆଡ଼କୁ ମୁହାଁଇଲି । ଭାବିଲି ବିଶ୍ୱ-ବିଦ୍ୟାଳୟ ଜ୍ଞାନର ପୀଠ, ବିଦ୍ୟାର ସର୍ବୋଚ୍ଚ କ୍ଷେତ୍ର, ଜନଶନ୍ତା ଉତ୍କଳର ଏକମାତ୍ର ସ୍ଥଳ, ଏଠି 'ଶନ୍ତା' ହୁଏତ ମର୍ଯ୍ୟାଦା ପାଇବ । ଯଥାର୍ଥରେ 'ଶନ୍ତା' ସେଠି ମର୍ଯ୍ୟାଦା ପାଇଲା । ଏହା କିପରି ହେଲା, ଆମକୁ ଅଜ୍ଞାତ, କିନ୍ତୁ ହେଲା, ଏ କଥା ସତ । ଅନ୍ତର୍ଯ୍ୟାମୀ ଜାଣନ୍ତି, ଆଶା ନ ଥିଲା । କିନ୍ତୁ ନିରାଶା ଆଶାରେ ବଦଳିଲା ସେହି ଅନ୍ତର୍ଯ୍ୟାମୀଙ୍କ ଯୋଗରୁ । ତେଣୁ ଗ୍ରନ୍ଥର ଆରମ୍ଭରେ ତାର ଚରଣ ବନ୍ଦନା କରି ତାର ଆଶୀର୍ବାଦ ଭିକ୍ଷା କରେଁ । 'ତା'ଠାରେ କୃତଜ୍ଞତା ଜ୍ଞାପନ କରିବାରେ ଯଥାର୍ଥତା ନାହିଁ । କାରଣ ସେ ମନୁଷ୍ୟ ଠାରୁ ଅନେକ ଊର୍ଦ୍ଧ୍ୱରେ । ସେ କିଛି ଚାହେଁ ନା—ଚାହିଁଲେ ପାଏ ନା', କାରଣ

Digitized by srujanika@gmail.com

ସେ ଅନେକ ଊର୍ଦ୍ଧ୍ୱରେ—ଦୂରରେ । ମନୁଷ୍ୟ ଗୃହରେ, ଅଳ୍ପ ଗୃହିଲେ ଯାଏ । କିନ୍ତୁ ସେ ଗୃହୁଁ ନ ଗୃହୁଁ; ମୁଁ ମୋର କର୍ତ୍ତବ୍ୟରେ ତ ହୁଟି କରି ପାରିବି ନାହିଁ । କାହିଁକି କରିବି ? ମୁଁ କି ନିଜକୁ ନିଜେ ସୃଷ୍ଟି କରି ପାରିବି ବା ସଂହାର କରି ପାରିବି ? ମୁଁ ତାର କ୍ରୀଡ଼ନକ । ମୁଁ ତାର ହାତରେ ଖେଳିବି ।

ଅଗ୍ର ପୂଜ୍ୟୋ ଗଣାଧିପଃ

ଗଣ ଅର୍ଥାତ୍ ଇନ୍ଦ୍ରିୟ, ପଞ୍ଚେନ୍ଦ୍ରିୟ—ଆଖି, କାନ, ନାକ, ଜିହ୍ୱା, ତ୍ୱକ, ଏହିମାନଙ୍କର ମାଧ୍ୟମରେ ମନୁଷ୍ୟ ଏ ସଂସର୍ଗୀୟ ଜ୍ଞାନ ଅହରଣ କରେ । ଅଳ୍ପ ଜ୍ଞାନ ଅହରିତ ହେବା ପରେ ପ୍ରାଣୀ ପଞ୍ଚ କର୍ମେନ୍ଦ୍ରିୟ, ଦୁଇ ହାତ, ଦୁଇ ଗୋଡ଼, ଅଳ୍ପ ଉପସ୍ଥ ମାଧ୍ୟମରେ କର୍ମ କରେ । ଏ ସମସ୍ତ ଇନ୍ଦ୍ରିୟର ଅଧିପ, ରାଜା ମନ । ମନ ବି ଗୋଟାଏ ଇନ୍ଦ୍ରିୟ-ଇନ୍ଦ୍ରିୟାଣାଂ ମନଶ୍ଚାସ୍ମି (ଗୀତା) । କୌଣସି ଏକ କାର୍ଯ୍ୟ ଅରମ୍ଭ କରିବା ପୂର୍ବରୁ ମନର ପୂଜା ସର୍ବାଗ୍ରେ କରିବା ଉଚିତ । ଅର୍ଥାତ୍ ମନକୁ ମର୍ଯ୍ୟାଦା ଦେବା ଉଚିତ । ଏହାର ଅର୍ଥ ଏହି ଯେ କାର୍ଯ୍ୟର ଲକ୍ଷ୍ୟ, ଉଦ୍ଦେଶ୍ୟ ଧ୍ରୁବ ହେବା ଉଚିତ । ମୋର 'ଚିନ୍ତା' ରଚନାର ଉଦ୍ଦେଶ୍ୟ ଚିନ୍ତା (ପ୍ରାଚୀନ ଋଷିମାନଙ୍କ ଚିନ୍ତା) ନିଜର ଭାଷାର ମାଧ୍ୟମରେ ପରିବେଷଣ କରିବା, ମୋର ଏ ଲକ୍ଷ୍ୟ ସ୍ଥିର । ତେଣୁ ମୁଁ ଗ୍ରନ୍ଥର ଆରମ୍ଭରେ ଗଣାଧିପ ମନର ପୂଜା କରୁଛି ।

ଐଶ୍ୱର୍ଯ୍ୟର ଅଧିଷ୍ଠାତ୍ରୀ ଦେବତା ଲକ୍ଷ୍ମୀ, କୁବେର; ରୂପ ଯୌବନର ଅଧିଷ୍ଠାତ୍ରୀ ଦେବତା କାମଦେବ, ରତି । ଶକ୍ତି ସାମର୍ଥ୍ୟର ଅଧିଷ୍ଠାତ୍ରୀ ଦେବତା ଗୌରୀ, ଶଙ୍କର । ସେଥିପାଇଁ ଗୌରୀର ଅନ୍ୟ ନାମ ଶକ୍ତି ଅଳ୍ପ ଶଙ୍କରଙ୍କର ଅନ୍ୟ ନାମ ରୁଦ୍ର । (ରୁଦ୍ର ଶଙ୍କର ତ୍ରିଶୂଳ ନେଇ ପ୍ରକାଶ କରି ତାଣ୍ଡବ ନୃତ୍ୟ କରି ପାପ-ଦୈତ୍ୟଙ୍କୁ ନାଶ କଲେ—ଭସ୍ମାସୁରକୁ ତାର ହାତରେ ତାକୁ ମରାଇଲେ ।

Digitized by srujanika@gmail.com

ଏହି ଶଙ୍କରଙ୍କର ଅର୍ଦ୍ଧ-ଶକ୍ତି ପାର୍ବତୀ ଅର୍ଜ୍ଜୁନଙ୍କୁ ଅସ୍ତ୍ର ଭିକ୍ଷା ଦେଲେ ଏବଂ ପାର୍ବତୀ-ପତି ଦେଲେ ପାଶୁପତ । ଏହି ପାର୍ବତୀ ଚଣ୍ଡୀ, ଭୈରବୀ, କାଳୀ, ଦୁର୍ଗା ଆଦି ନାମରେ ବିଖ୍ୟାତ (ମାତୃଶକ୍ତି) । ସେହିପରି ବିଦ୍ୟାର ଅଧିଷ୍ଠାତ୍ରୀ ଦେବତା ସରସ୍ୱତୀ, ଗଣେଶ । (ଏ ସମସ୍ତ ସେହି ସର୍ବଶକ୍ତିଧାରୀ ଏକ ଈଶ୍ୱରଙ୍କର ବିଭିନ୍ନ ନାମ ମାତ୍ର—ତାଙ୍କର ମୁଖ୍ୟ ନାମ ଓଁ) ।

ଏହି ଯେ ବିଦ୍ୟାର ଅଧିଷ୍ଠାତ୍ରୀ ଦେବତା ଗଣପତି, ମୁଁ ତାଙ୍କର ନାମ ସ୍ମରଣ କରି ସର୍ବାଗ୍ରରେ ଏ ଗ୍ରନ୍ଥର ଅଗ୍ରପ୍ରାରମ୍ଭ କରୁଛି । କାରଣ ମୋର ଏ ଗ୍ରନ୍ଥରେ ବିଦ୍ୟା ଅଛି, ବୁଦ୍ଧି ଅଛି, ଚିନ୍ତା ଅଛି, ବିଚାର ଅଛି—ନାହିଁ ନିରର୍ଥକ ଗଳ୍ପଗୁଜବ, ଅନାବଶ୍ୟକ କାବ୍ୟ-କବିତା, ଅବିଳ ପ୍ରହସନପ୍ରମାଦ, କଳ୍ପନା-ପ୍ରସୂତ ଅତିରଞ୍ଜନ । କିନ୍ତୁ ଏ ବିଦ୍ୟା ମୋର ନୁହେ, ଏ ବୁଦ୍ଧି ମୋର ନୁହେ, ଏ ଚିନ୍ତା ମୋର ନୁହେ, ଏ ବିଚାର ମୋର ନୁହେ— ଏ ସମସ୍ତ ଏ ଦେଶର ପ୍ରାଚୀନ ପ୍ରବୁଦ୍ଧ ବୈଦିକ ଋଷିମୁନିଙ୍କର । ମୁଁ କେବଳ ଭାରବାହୀ ପଶୁ, ପଣ୍ୟଜାତ ପଶୁଃ । ଆପଣଙ୍କ ମାନଙ୍କ ପିଠିରେ ବୋହି ସେ ସବୁକୁ କେବଳ ପହଞ୍ଚାଇ ଦେଉଛି—ମୁଁ କେବଳ ମାଧ୍ୟମ, ନିମିତ୍ତ କାରଣ--ନିମିତ୍ତ ମାତ୍ର ଭବ ସବ୍ୟସାଚିନ୍,— ଅନ୍ତରର ଏ ନିର୍ଦ୍ଦେଶ, ଗଣପତିଙ୍କ ଏ ଆଜ୍ଞା କେବଳ ମୁଁ ପାଳନ କରୁଛି—

ଯଥା ଖରଶ୍ଚନ୍ଦନ ଭାରବାହୀ,
ଭାରସ୍ୟ ବେତ୍ତା ନ ତୁ ଚନ୍ଦନସ୍ୟ ।

ହେ ଶିବେ! 'ତୋମାର୍ ଇଚ୍ଛା ହଉକ୍ ପୂର୍ଣ୍ଣ ଆମାର ଜୀବନ ମାଝେ' । ଚନ୍ଦନ ଭାରବାହୀ ଗର୍ଦ୍ଦଭ ଯେପରି ଭାରକୁ ଜାଣେ, ଭାରରେ ଥିବା ଚନ୍ଦନର ଗୁଣକୁ ଜାଣେ ନା, ମୁଁ ସେହି ଭାରବାହୀ ।

Digitized by srujanika@gmail.com

ତେଣୁ ସେଇ ଶକ୍ତାକୁ ପ୍ରକାଶନର ମୋର ଏହି ମାଧ୍ୟମରେ କି ଦୋଷ ଥାଇ ପାରେ । ସେଥିପାଇଁ ମୁଁ ଅଗରୁ କ୍ଷମା ମାଗି ନେଉଛି । ଏ ଗ୍ରନ୍ଥରେ ଯେ ଦୋଷ ମୋର ଲକ୍ଷ୍ୟ ଏଡ଼ି ପାରି ନାହିଁ, ସେ କଥା ବି କହୁଛି । ଏ ଗ୍ରନ୍ଥରେ 'ବାଗ୍ବର୍ତ୍ତ' ପୁନଃ ପୁନଃ ପ୍ରକାଶନର ଦୋଷ ଅଛି; ତାର କାରଣ ରଚନାଗୁଡ଼ିକ ଏକକାଳୀନ ନୁହେ । ସେହି ଏକ ଶକ୍ତା ବାରମ୍ବାର ପ୍ରକାଶିତ ହେବାକୁ ଉନ୍ମୁଖ ହୋଇ ଉଠିବାରୁ ଏ ଦୋଷ ଅଟଳ ରହିଲା । ଦ୍ୱିତୀୟତଃ, ସ୍ମରଣ-ଶକ୍ତିର କ୍ଷୀଣତା ଏହାର ଅନ୍ୟତମ କାରଣ । ରଚନା ସମକାଳୀନ ହେଲେ ମଧ୍ୟ ଏ ଦୋଷ ମୋର ଗୁଣର ଅଙ୍ଗ । କାରଣ ମୋର ସାହିତ୍ୟ-ସର୍ଜନାର ଧ୍ୟେୟ କହିଯିବା—ନିଜର ଜନ୍ମଗତ ସ୍ୱଭାବକୁ ଉନ୍ମେଶ ମାରି ନ ମାରି କେବଳ କହିଯିବା, ଲେଖିଯିବା, ଟିକ୍ ପ୍ରତିଷ୍ଠା, ଜ୍ଞାନ ବା ବୃଦ୍ଧି ପ୍ରକାଶ କରିବା ନୁହେ । ଏପରି କିଛି ନିଜସ୍ୱ କି ମୋର ମଧ୍ୟରେ ଅଛି ? ଅତି ଯଦି ଅଛି, ସେ କି ମୋର ନିଜସ୍ୱ ? ତା ପରେ ଏ କହିବାଟା ସାଧାରଣଙ୍କୁ କହିବା—ବୁଧମଣ୍ଡଳକୁ ନୁହେ । ଅତି ସାଧାରଣ ଲୋକଙ୍କୁ ବଡ଼ କଥା କହିବାକୁ ହେଲେ ବାରମ୍ବାର ସେ କଥାକୁ ନ କହିଲେ, ତା' ସେମାନଙ୍କର ପକ୍ଷରେ ସହଜରେ ବୋଧଗମ୍ୟ ହୁଏ ନା ।

ବର୍ତ୍ତମାନ ମୁଁ ଈଶ୍ୱରଙ୍କ ପାଖରୁ ଖସି ମନୁଷ୍ୟର ପାଖକୁ ଆସୁଛି, ଯେ ମନୁଷ୍ୟ କି ଈଶ୍ୱରଙ୍କ ଅନ୍ୟ ଏକ ରୂପ ବୋଲି ଅନେକଙ୍କ ବିଶ୍ୱାସ । ଆମର ବି ଏ ବିଶ୍ୱାସ ଅଛି । କିନ୍ତୁ ଆମର ଏ ବିଶ୍ୱାସ ସେହି ମାନଙ୍କ ପ୍ରତି, ଯେଉଁମାନେ ଯଥାର୍ଥରେ ମନୁଷ୍ୟ—'ମନ ଏବଂ ମନୁଷ୍ୟାଣାଂ', ଅର୍ଥରେ ଯେଉଁମାନେ ମନୁଷ୍ୟ—'ନ ରମତେ ଇତି ନରଃ', ଏହି ଅର୍ଥରେ ଯେଉଁମାନେ ନର ବା ମନୁଷ୍ୟ । କୌଣସି ଉଚ୍ଚ ପଦରେ ଅଧିଷ୍ଠିତ ବ୍ୟକ୍ତି ମୃତ ମଧ୍ୟ ତାଙ୍କର ଏ

Digitized by srujanika@gmail.com

ଅଧିଷ୍ଠାନ ପାଇଁ, ଅମର ଏ ବିଶ୍ୱାସ ନାହିଁ—ରାଜା ପ୍ରତି ମଧ୍ୟ ଅମେ ଅସହିଷ୍ଣୁ, ଯଦି ଯଥାର୍ଥରେ ସେ ମନୁଷ୍ୟ ନୁହେ । 'ମହତୀ ଦେବତା ହ୍ୟେଷା ନରରୂପେଣ ତିଷ୍ଠତି, ଏ ଅର୍ଥରେ ସେ ଯଦି ମହତୀ ଦେବତା, ତେବେ ତାଙ୍କ ପ୍ରତି ଅମର ବିଶ୍ୱାସ । ଏହି କାରଣରୁ ତ କୁହାଯାଏ, ମନୁଷ୍ୟକୁ କୁହାଯାଏ, 'ଅମୃତସ୍ୟ ପୁତ୍ରାଃ; ଈଶ୍ୱର ପ୍ରତ୍ୟକ୍ଷରେ କୌଣସି କାର୍ଯ୍ୟ କରେ ନା—ମନୁଷ୍ୟ ଦ୍ୱାରା କରାଏ । ଏ ମନୁଷ୍ୟ କେବଳ ଶରୀର ନୁହେଁ—ସେ ଆତ୍ମା ବି, ଆତ୍ମାର ସ୍ୱତନ୍ତ୍ର ସତ୍ତା ଅଛି ପରମାତ୍ମାଠାରୁ ବିଚ୍ଛିନ୍ନ ଭାବରେ—ତାର ସ୍ୱତନ୍ତ୍ରତା ଅଛି ସ୍ୱତନ୍ତ୍ରତାର ମାଧ୍ୟମରେ । ଏହି ସ୍ୱତନ୍ତ୍ରତା ଫଳରେ ସେ ଶିଷ୍ଟ ହୋଇପାରେ, ଦୁଷ୍ଟ ବି ହୋଇପାରେ । ସାଧନାର ଫଳରେ ମନୁଷ୍ୟ ଶିଷ୍ଟ ହୁଏ—ସାଧନାର ଅଭାବରେ ମନୁଷ୍ୟ ଦୁଷ୍ଟ ହୁଏ । ମନୁଷ୍ୟ ଶିଷ୍ଟ ହେଲେ ହୁଏ ରାମ— ହୁଏ କୃଷ୍ଣ । ମନୁଷ୍ୟ ଦୁଷ୍ଟ ହେଲେ ହୁଏ ରାବଣ—ହୁଏ କଂସ । ତେଣୁ ମନୁଷ୍ୟ ଈଶ୍ୱରଙ୍କ ନିମିତ୍ତ ହୋଇ କାର୍ଯ୍ୟ କଲେ ମଧ୍ୟ ସେ ନିଜର ସ୍ୱତନ୍ତ୍ର ସତ୍ତା ପ୍ରତି ଅନବଧାନତା ପ୍ରକାଶ କରେ ନା—କରିପାରେ ନା ।

ମୋର ଏ ଗ୍ରନ୍ଥ ପ୍ରକାଶନରେ ଈଶ୍ୱରଙ୍କ ଛଡ଼ା ମନୁଷ୍ୟର ବି ଅବଦାନ ଅଛି । ମୁଁ ସେ ମନୁଷ୍ୟ ପ୍ରତି ଅବହେଳା କରି ପାରେନା, କଲେ ଅକୃତଜ୍ଞ ହେବି; କୃତଜ୍ଞତା ମୋର ସ୍ୱଭାବର ସହଜ ଅଙ୍ଗ ନୁହେଁ । ଅନ୍ୟ ଧର୍ମ ପ୍ରତି ଅସହିଷ୍ଣୁ ବ୍ୟକ୍ତି ପ୍ରତି ମୋର ଶ୍ରଦ୍ଧା ନାହିଁ । କିନ୍ତୁ ଜଣେ ବିଧର୍ମୀ ପ୍ରତି ମୁଁ ଏଥିପାଇଁ ଅବନତ ଯେ ସେ ମୋର ଉପକାରୀ । ଧର୍ମ (ମତବାଦ ବା Reliyion) ଯେତେବେଳେ ଅନ୍ୟ ଧର୍ମରେ ଥିବା ଲୋକଙ୍କୁ ଲୋକ ବୋଲି ଭାବି ନ ପାରି, ବିଧର୍ମୀ (କାଫିର), ବୋଲି ଭାବି ଅସହିଷ୍ଣୁ ହୁଏ, ସେତେବେଳେ ସେ ସେ ଧର୍ମ (?) ପ୍ରତି ବିଦ୍ୱେଷ ସ୍ୱାଭାବିକ ଅଜ କରେ । ଏହା

Digitized by srujanika@gmail.com

ପୂର୍ବରୁ ଅପହସ୍ତ ହେବା ବ୍ୟକ୍ତି ପ୍ରତି ଆମ ମନରେ ଅନାଦରର ଭାବ । ଯେ ମନୁଷ୍ୟ ବା ଯେ ମନୁଷ୍ୟଗଣ ବା ଏହି ମନୁଷ୍ୟର ସଙ୍ଘ ଲିଭ ଯେ ସଂସ୍ଥା ମୋତେ ନ ଜାଣି ବି ମୋର 'ଗ୍ରନ୍ଥକୁ' ତାକୁ ପ୍ରକାଶିତ ହେବାକୁ ଦେଇ ମୋ ପ୍ରତି ଉଦାରତା ଅବଲମ୍ବନ କରନ୍ତି, ମୋତେ ଉତ୍ସାହ ଦେଉଛନ୍ତି, ସମାଜକୁ ଚିନ୍ତା ଦେବାର ପୁଣ୍ୟ ଅର୍ଜନ କରନ୍ତି, ତାର ପ୍ରତି ମୁଁ ନତମସ୍ତକରେ କୃତଜ୍ଞତା ଜଣାଉଛି ।

ଗ୍ରନ୍ଥର ପାଣ୍ଡୁଲିପିକୁ ଉତ୍କଳ ବିଶ୍ୱବିଦ୍ୟାଳୟଙ୍କ ପାଖକୁ ପଠାଇବା ବେଳେ ଲେଖିଥିଲି—"......ମୋର ଆପଣଙ୍କୁ ଏକାନ୍ତ ଅନୁରୋଧ ଯେ ପାଣ୍ଡୁଲିପିରେ କେବଳ ନାମ ଦେଖି ଯେପରି ପୁସ୍ତକଟିକୁ ଅମନୋନୀତ କରି ନ ଦିଅନ୍ତି । ଅମନୋନୀତ କରିବା ପୂର୍ବରୁ ଆପଣ ନିଜେ କିମ୍ବା ଅନ୍ୟ କୌଣସି ବିଜ୍ଞ ବ୍ୟକ୍ତିଙ୍କୁ ପାଣ୍ଡୁଲିପିଟାକୁ ଆମୂଳଚୂଳ ପଢ଼ିବାର ସୁଯୋଗ ଦିଅନ୍ତୁ । ପାଣ୍ଡୁଲିପିର ପୂର୍ଣ୍ଣ ଅଧ୍ୟୟନ ପରେ ଯଦି ପୁସ୍ତକ ଅନୁପଯୋଗୀ ସିଦ୍ଧ ହୁଏ, ତେବେ ଅମନୋନୀତ ତଥା ପ୍ରକାଶର ଅଯୋଗ୍ୟ ସିଦ୍ଧ କରି ପାରନ୍ତି । ଅତି ଏପରି ହେଲେ ଦୟା କରି ମୋତେ ଯଦି ପାଣ୍ଡୁଲିପିଟି ଫେରସ୍ତ ଦିଅନ୍ତି, ମୁଁ ଆପଣଙ୍କର କୃତଜ୍ଞ ହୋଇ ରହିବି । ମୁଁ ଜଣେ ଗରିବ ରୁଗ୍ଣ ବ୍ୟକ୍ତି । ତେଣୁ ବାରମ୍ବାର ପାଣ୍ଡୁଲିପିରୁ ପୁଣି ପାଣ୍ଡୁଲିପି ନିର୍ମାଣ କରିବା ମୋ ପକ୍ଷରେ ଆଉ ସମ୍ଭବ ହୋଇ ପାରେନା ବୋଲି ମୁଁ ଆପଣଙ୍କୁ ଏ ଅନୁରୋଧ କରିବାକୁ ବାଧ୍ୟ ହେଉଛି ।" (ତା ୨-୮-୫୯)

ଏହା ପରେ ଅନେକ ଦିନ ଗଡ଼ି ଯାଇଛି—କୌଣସି ଉତ୍ତର ପାଇନାହିଁ । ଆଶା ହରାଇଛି । ଫଳତଃ ବିଶ୍ୱାସ ହରାଇଛି—ଆତ୍ମ ବିଶ୍ୱାସ ହରାଇ ନାହିଁ, ଅନ୍ୟ ପ୍ରତି ବିଶ୍ୱାସ ହରାଇଛି । ସ୍ମରଣ-ପତ୍ର ଦେଇଛି ବାରମ୍ବାର । ତଥାପି ଉତ୍ତର ପାଇନାହିଁ । ଶେଷରେ ବାଧ୍ୟ ହୋଇ ପାଣ୍ଡୁଲିପିକୁ ଫେରସ୍ତ ଦେବାକୁ ଅନୁରୋଧ କରିଛି, ଉତ୍ତର

Digitized by srujanika@gmail.com

ପାଇ ନାହିଁ । ବିବଶ ହୋଇ ଚୁପ୍ ରହୁଛି । ମୋର ଏ ବିବଶତା କେବଳ ବିବଶତା ମାତ୍ର ଚଞ୍ଚଳତା, ଏହାର ମୂଳ ବୋଲି । କିନ୍ତୁ ହଠାତ୍ ଦିନେ ଦ୍ୱିପ୍ରହରରେ ଉତ୍କଳ ବିଶ୍ୱବିଦ୍ୟାଳୟଙ୍କ ପାଖରୁ ଚିଠି ପାଇ ସେପରି ଚମକି ପଡ଼ିଲି । ଚିଠିରେ ଲେଖା ଅଛି—

Utkal University—No. Ac./E 10L/8304/61, University Office, Cuttack—1. The 5th. July, 1961. Sir, I am directed to inform you that the authorities of University have decided to bear the full cost of printing of your manuscript, entitled 'Chitna'—Assistant Registrar.

ଏ ଚିଠି ପାଇ ଯେତେ ମୁଁ ଆନନ୍ଦିତ ହୋଇନାହିଁ, ତାଠୁଁ ବେଶି ଆଶ୍ଚର୍ଯ୍ୟାନ୍ୱିତ ହୋଇଛି । ଏଥିପାଇଁ ଯେ ଆଶା ନ ଥିଲା, ବିଶ୍ୱାସ ନ ଥିଲା । ଏ କିଣ ହେଲା ? କୌଣସି ଏକ କୋଣରେ ଦେଶ ତାହାହେଲେ ସ୍ୱାଧୀନ ?— ଏପରି ଏକ ସ୍ୱତନ୍ତ୍ର ସ୍ଥଳ ବିଶେଷ ଅଛି ଯେଉଁଠାରେ ଯଥାର୍ଥ ବିଚାର ହୁଏ ? ଯେଉଁମାନେ ମୋର ଏ ପୁସ୍ତକକୁ ପ୍ରକାଶର ଯୋଗ୍ୟ ବୋଲି ବିବେଚନା କରି ଅର୍ଥର ବ୍ୟବସ୍ଥା କଲେ, ସେମାନେ ତ ମୋର ମୁହିଁକୁ ଦେଖି ନାହାନ୍ତି ? ମୁଁ ଅଖ୍ୟାତ, ମୋତେ ସେମାନେ ଜାଣି ନାହାନ୍ତି, ମୁଁ ଅଜ୍ଞାତ, ମୋର ସମ୍ବନ୍ଧରେ ସେମାନେ ଖବର ରଖି ନାହାନ୍ତି, ମୁଁ କେଉଁ ଅଞ୍ଚଳର ଲୋକ ସେ କଥା ଶୁଣିବାକୁ ସେମାନେ ଅବସର ନେଇ ନାହାନ୍ତି, ଯେହେତୁ ମୋର ନାମରେ ପଛରେ ସଂଜ୍ଞା ଥାଏନା ଏହା ଜାତିର ଦ୍ୟୋତକ ବୋଲି । ମୁଁ ଜାତି ମାନେ ନା ଜନ୍ମକୁ ନେଇ । ମୁଁ କିଏ, କ'ଣ କରେ ମୁଁ କେଉଁ ସ୍ତରର ଲୋକ ଏ କଥା ମଧ୍ୟ ସେମାନେ ବୁଝିବାକୁ ଚେଷ୍ଟା କରି ନାହାନ୍ତି । ମୁଁ ତାଙ୍କ ପାଖରେ

Digitized by srujanika@gmail.com

ହାତ ଯୋଡ଼ି, ମୁଣ୍ଡ ନୁଆଇଁ କେବେ ଠିଆ ହୋଇ ନାହିଁ । ସେମାନେ କିଏ ତା'ର ଜାଣିବାକୁ ଚେଷ୍ଟା କର ନାହିଁ । କାରଣ ମୋର ଆତ୍ମବିଶ୍ୱାସ ଅଛି । ଆଜି ନ ହେଲେ କାଲି ସଫଳ ହେବି, ଏ ବିଶ୍ୱାସ ଅଛି । ତଥାପି ସେମାନେ ମୋର ପୁସ୍ତକ ପ୍ରତି ସୁବିଚାର କରନ୍ତି—ମୋର ମୁହଁ ପ୍ରତି ନୁହେଁ । ଏପରି ସ୍ୱାଧୀନ ବ୍ୟକ୍ତି ଏ ଦେଶରେ ଅଛନ୍ତି, ଏ କଥା କହି ମୁଁ ପୁଲକିତ ହୋଇ ଉଠୁଛି । ଏପରି ବ୍ୟକ୍ତିଙ୍କ ପ୍ରତି ଅକୃତଜ୍ଞ ହୋଇ ରହି ହେବ ?

ଏ ଦେଶରେ, ଏ ରାଜ୍ୟରେ 'ସାହିତ୍ୟ ଏକାଡେମୀ' ବୋଲି ସଂସ୍ଥାମାନ ଅଛି । ଅଛି ଏ ଯଥାର୍ଥରେ ? ଥିଲେ ଥାଇପାରେ କୌଣସି ଗୋଟାଏ ବ୍ୟକ୍ତି ବିଶେଷ ମଧ୍ୟରେ ଅବଦ୍ଧ ହୋଇ । କଣ କରୁଛି ଏ ସଂସ୍ଥା ? କଣ କରୁଛି ଏ ସଂସ୍ଥା, ସେ କଥା ପତ୍ରପତ୍ରିକା ମଞ୍ଚରେ ମଞ୍ଚରେ ତ ଜଣାଉଛି । ଏ ସଂସ୍ଥା ଉତ୍କଳ ବିଶ୍ୱବିଦ୍ୟାଳୟ ପରି ସ୍ୱାଧୀନ ? ଏଠି ଏକଛତ୍ରବାଦ ନାହିଁ ତ ? ଯେଉଁଠି କୁତ୍ସିତ ରାଜନୀତି ନାହିଁ, ଈର୍ଷା ଦ୍ୱେଷ ନାହିଁ, ସେ ସ୍ଥଳ ସ୍ୱାଧୀନ, ଏ ଆମର ଦୃଢ଼ ବିଶ୍ୱାସ । ଆମର ଏ ଧାରଣା ପ୍ରତି ଅନ୍ୟର କଟାକ୍ଷକୁ ଆମର ଭ୍ରୂକ୍ଷେପ ନାହିଁ । କାରଣ ଆମେ ନିଜେ ବି ସ୍ୱାଧୀନ—ଆମର ଦେଶରେ ଆମେ ସ୍ୱାଧୀନଭାବରେ ଦଣ୍ଡାୟମାନ, ଆମର ଏ ଦୃଢ଼ ମତ-ପ୍ରକାଶନ ଆମର ସ୍ୱାଧୀନତାର ପ୍ରମାଣପତ୍ର । ଦୁର୍ନୀତି...... ଦୁର୍ନୀତି...ଦୁର୍ନୀତି...ଚତୁର୍ଦ୍ଦିଗରେ ଦୁର୍ନୀତି । ସାହିତ୍ୟରେ ବି ଦୁର୍ନୀତି !! କି ଦୁର୍ଭାଗ୍ୟ ଦେଶର !! ଅଞ୍ଚଳର ଭେଦଭାବ ସାହିତ୍ୟର ବି । ରାଜନୀତିରେ ତା' ହୁଏ ତ ରହିପାରେ । ସହସ୍ର ସହସ୍ର ବର୍ଷର ପରାଧୀନତାର କି ବିକଟ ପରିଣାମ !! ହାୟରେ ଅଭାଗା ଦେଶ !! ଦେଶର ସ୍ୱାର୍ଥକୁ ପଛରେ ପକାଇ ନିଜର ସ୍ୱାର୍ଥରେ ଅଗ୍ରସର । ଗୋଟାଏ ଯୁଗରୁ ପଞ୍ଚ ଦଶ ବର୍ଷ ଅଧିକ

Digitized by srujanika@gmail.com

କ ଏଥିପାଇଁ ଯଥେଷ୍ଟ ନୁହେଁ । ଅତୁଵ ହଜାର ହଜାର ବର୍ଷ ଲେଡ଼ା । ଗୋଟାଏ ଶରୀର କେବଳ ଗୋଟାଏ ବା ଦୁଇଟା ଅଙ୍ଗକୁ ନେଇ କିପରି ପୂର୍ଣ୍ଣ ଶରୀର ହେବ ? ଶରୀର ସାଙ୍ଗ ମାଙ୍ଗଳିକ ପୁଷ୍ଟିସାଧନ ପାଇଁ ଶରୀରର ସବ ଅଙ୍ଗର ମଙ୍ଗଳ—ସାଧନା ଅବଶ୍ୟକ— ରୁଗ୍ଣ, ଅଙ୍ଗର, ଦୁର୍ବଳ ଅଙ୍ଗର ବି ଅବେକ୍ଷ୍ୟସାଧନା ଅବଶ୍ୟକ . ଏ କଥା ବି ବାରମ୍ବାର ବୁଝାଇବାକୁ ହେବ ଏହି ବିଂଶ-ଶତାବ୍ଦୀରେ ? ରୁଗ୍ଣ ଅଙ୍ଗ ବା ଦୁର୍ବଳ ଅଙ୍ଗ ଯଦି ଅବେକ୍ଷ୍ୟତା ଅତକୁ ଅଗ୍ରସର ହେବାକୁ ଅକ୍ଷମ ରହୁଛି, ଏ ଅକ୍ଷମ ଦେବା କଣ ଉଚିତ ନୁହେଁ ବୈଦ୍ୟ ପକ୍ଷରେ ?—ବିଦ୍ୱାନ ବୈଦ୍ୟ ପକ୍ଷରେ ? ଆଜି ଏ ବୈଦ୍ୟ କଣ ଈର୍ଷାଦ୍ୱେଷ, ଲୋଭରୁ ବର୍ଜିତ ହେବା ଉଚିତ ନୁହେଁ ?

ସେଦିନ ସମ୍ବାଦ-ପତ୍ରରେ ପଢ଼ିଲି, ରାଜସ୍ଥାନର ଜଣେ ଖ୍ୟାତ ବିଦ୍ୱାନ, ପଣ୍ଡିତ, ସାହିତ୍ୟିକ, ଲେଖକ ଲେଖିଯାଇଥିଲେ ଯେ ତାଙ୍କର ଦୁଇଟି ଅପ୍ରକାଶିତ ପାଣ୍ଡୁଲିପି ତାଙ୍କର ଶବ ସଙ୍ଗରେ ପୋଡ଼ି ଦିଆଯାଉ ।' ଏ ପାଣ୍ଡୁଲିପି ରାଜ୍ୟ 'ସାହିତ୍ୟ ଏକାଡେମୀ ମାଧ୍ୟମରେ ପ୍ରକାଶିତ ହେବାର ବ୍ୟବସ୍ଥା ହୋଇ ପାରି ନ ଥିଲା । ଏ ପାଣ୍ଡୁଲିପି ଦ୍ୱୟ ଏତେ ଉପାଦେୟ ଯେ ଏହାକୁ ଅଗ୍ନିରେ ଆହୁତି ହେବାକୁ ଲୋକେ ଅମଙ୍ଗ ହେଉଥିଲେ ।

ଭାରତର ବିଭିନ୍ନରେ କର୍ମସ୍ଥାନ ଯେ ମାରାତ୍ମକ ଭାବରେ ମନକୁ ପୀଡ଼ିତ କରେ, ତାର ଏକ ଉଜ୍ଜ୍ୱଳ ଅଭିଶାପ ଆମ ଉପରେ ପଡ଼ୁଛି । କରଣୀ ପୁଣି ଲେଖକ ! ଲେଖା ଯା'ର ପ୍ରାଣ, କଳ୍ପନା ଯାର ଆତ୍ମା, ରସ ଯା'ର ଶରୀର, ସେ ପୁଣି କରଣୀ !! ଲେଖା ଯା'ର ବ୍ୟବସାୟ ନୁହେଁ, ସେ ପୁଣି ଜୀବନ ସଙ୍ଗରେ ଅଙ୍ଗାଙ୍ଗୀଭାବରେ ଜଡ଼ିତ । ସେ ବଞ୍ଚିବ କିପରି ଅନ୍ନ ବିନା ?—

Digitized by srujanika@gmail.com

ଅନ୍ନ ଲେଖା ଯାର ଅଙ୍ଗ ସ୍ୱରୂପ, ସେ ବସ୍ତୁର ଉପରେ ଲେଖା କିନା ? ଏହି କଲ୍ୟାଣୀ ଲକ୍ଷ୍ମୀ ମିଛରୁ ଦୂର ବୋଲି ସର୍ବଦା ଦୁର୍ଦ୍ଦଶାଗ୍ରସ୍ତ— ସର୍ବଦା ଦାସତ୍ୱ ଅନିଶ୍ଚିତ । ମଝିରେ ମଝିରେ ଅନ୍ନଛତ୍ରରେ କପାଳରେ କର ଥୋଇ ବସି ରହିବାକୁ ହୁଏ !

ସୁବେର୍ ଖାଦ୍ୟ, ଜାନତୋ, ମା ବାଣୀ !
ନବେର୍ ମିଟେ ନା କ୍ଷୁଧା ।

ତେଣୁ, ହେ ଭାରତୀସ୍ୱ ମା ବାଣୀ ! ନରର ପାଇଁ ଖାଦ୍ୟର ବ୍ୟବସ୍ଥା କର, ଯେପରି ସେ ସୁସ୍ଥ ହୋଇ ପାରିବ ।

ଋଗ୍‌ବେଦର ଋଷିଙ୍କପରି ବାରମ୍ବାର ପ୍ରାର୍ଥନା ଜଣାଇବାକୁ ଇଚ୍ଛାହୁଏ —'ଇଡା', ବାଣୀ ବା ଭାଷା, 'ସରସ୍ୱତୀ', ବିଦ୍ୟା, 'ମହୀ', ମାତୃଭୂମି, ଏ ତିନିହେଁ 'ମୟୋଭୁବଃ', କଲ୍ୟାଣକାରିଣୀ ଦେବୀ, ଏ ଦେବୀ ତ୍ରୟ, 'ଅସ୍ରିଧଃ', ଅହିତକାରିଣୀ ନୁହନ୍ତି । 'ତିସ୍ରଃ', ଏ ତିନି ଦେବୀ, 'ବର୍ହିଃ ସୀଦନ୍ତୁ', ମୋର ଅନ୍ତରରେ ସର୍ବଦା ବିରାଜମାନ ରହନ୍ତୁ ।

ଇଡା ସରସ୍ୱତୀ ମହୀ ତିସ୍ରୋ ଦେବୀ ମୟୋଭୁବଃ
ବର୍ହିଃ ସୀଦନ୍ତୁ ଅସ୍ରିଧଃ ।

ହେ ଈଶ୍ୱର ! ହେ ପରମ ମଙ୍ଗଳମୟ ପରମାତ୍ମନ୍ ! ହେ ସର୍ବବ୍ୟାପୀ ମହାପ୍ରାଣ ! ମୋର ମଧ୍ୟରେ ଏପରି ଇଚ୍ଛା, ଏପରି ଶକ୍ତି, ଏପରି ସଂସ୍କାର ଦିଅ ଯେପରି ଅଭାବଅନାଟନ ସତ୍ତ୍ୱେ, ରୋଗଦୁଃଖ ସତ୍ତ୍ୱେ, ଅଶାନ୍ତିଅପମାନ ସତ୍ତ୍ୱେ ମୁଁ ଏହି ତିନି ଦେବୀ, ମାତୃଭୂମି, ମାତୃଭାଷା, ସରସ୍ୱତୀଙ୍କ ସେବା କରି ପାରିବି ଆଜୀବନ ।

ଯେ ଭାଷା ତୁମର ଗୁଣଗାନ କରିବାରେ ମାଧ୍ୟମ—ଯେ ଭାଷାର ମାଧ୍ୟମରେ କନିଷ୍ଠଙ୍କୁ ମୁଁ ସ୍ନେହ ଜଣାଏ—ଜ୍ୟେଷ୍ଠଙ୍କୁ

Digitized by srujanika@gmail.com

ଭକ୍ତି କରେ—ପତ୍ନୀଙ୍କୁ ପ୍ରେମ କରେଁ—(କ୍ଷମା କରିବେ ମୋର ପତ୍ନୀ ନାହିଁ) ବନ୍ଧୁଙ୍କୁ ଆଦର ଅଭ୍ୟର୍ଥନା ଦେଖାଏ—ମନର ସମସ୍ତ ଭାବ, ଦୁଃଖସୁଖକୁ ପ୍ରକାଶ କରିବାକୁ ସୁଯୋଗ ପାଏ—ଯେ ଭାଷା ମୋତେ ମୂକତ୍ୱ-ଦୁଃଖରୁ ମୁକ୍ତି ଦେଇଛି—ନିଜର ଚିନ୍ତାକୁ ଅନ୍ୟ ପର୍ଯ୍ୟନ୍ତ ପହଞ୍ଚାଇବାରେ ଆଶୀର୍ବାଦ କରିଛି, ସେ ଭାଷାର ସେବା ମୁଁ ନ କଲେ—ତାର ମୁଁ ଯତ୍ନ ନ ନେଲେ ଘୋର ଅକୃତଜ୍ଞ ହେବି । ହେ ଈଶ ! ମୋତେ ଏପରି କୃତଘ୍ନ ନ ହେବାକୁ ପ୍ରେରଣା ଦିଅ ।

ଏହି ସତ୍ ମାର୍ଗରେ ପଥିକ ହେବା ପାଇଁ ଉତ୍କଳ ବିଶ୍ୱ-ବିଦ୍ୟାଳୟ ମୋତେ ପ୍ରେରଣା ଦେଇଥିବାରୁ ମୁଁ ତାଙ୍କଠାରେ ପୁନର୍ବାର କୃତଜ୍ଞତା ଜ୍ଞାପନ କରୁଛି । ଅଜ, ଏହି ବାଗ୍ଦେବୀଙ୍କ ଉପାସକ ମନୁଷ୍ୟ ମାନଙ୍କୁ ମୋର ପ୍ରଣାମ । ଅଜ କାହାର ପ୍ରତି ଆମର ଶଙ୍କା ନାହିଁ । ଆମେ ବଣିକ ସଭ୍ୟତାର ବିରୋଧୀ—ଘୋର ସାଂସାରିକତାର ବିରୋଧୀ—ପଶୁବୃତ୍ତିର ବିରୋଧୀ । ମନୁଷ୍ୟ ହୋଇ ମନୁଷ୍ୟ ହେବାକୁ ହେବ, ଏ ଆମର ସିଦ୍ଧାନ୍ତ । ମନୁଷ୍ୟ କହିଲେ ଆମେ ବୁଝୁଁ, ମନ ଏବ ମନୁଷ୍ୟାଣାଂ । ମନୁଷ୍ୟ ଏଥିପାଇଁ ମନୁଷ୍ୟ ଯେ ତାର ମନ ଅଛି । ମନୁଷ୍ୟର ସମସ୍ତ ଇନ୍ଦ୍ରିୟଗଣର ରାଜା ମନ ଅଛି, ଅର୍ଥାତ୍ ମନୁଷ୍ୟର ଅସୀମ ବିଚାର କରିବାର ଶକ୍ତି, ତାର ଇନ୍ଦ୍ରିୟଙ୍କୁ ଅୟତ୍ତ କରିବାର ସାଧନ ମନ ଅଛି । ପଶୁର ତା' ନାହିଁ । ପଶ୍ୟତୀତି ପଶୁଃ— ଯେ କେବଳ ଦେଖି ଜାଣିପାରେ, ବିଚାର କରି ଜାଣି ପାରେନା, ସେ ପଶୁ । ତେଣୁ ବିଚାର କରି ନ ପାରିଲେ ପଶୁଙ୍କୁ କ୍ଷମା କରାଯାଇପାରେ । କିନ୍ତୁ ମନୁଷ୍ୟଙ୍କୁ ? ମନୁଷ୍ୟ କହିଲେ ଆମେ ବୁଝୁଁ ପୁରୁଷକୁ । ପୁରୁଷ, ପୁର୍ + ଉଷ୍ = ପୁରୁଷ । ପୁର୍ ଅର୍ଥ ପ୍ରଥମ, ଉଷ୍ ଅର୍ଥ ଦଗ୍ଧ କରିବା ('ଉଷ୍ଦାହେ' ଧାତୁରୁ

Digitized by srujanika@gmail.com

ଏହାର ଉତ୍ପତ୍ତି) । ଯେ ନିଜର ପାପକୁ, ଅଜ୍ଞାନତାକୁ, ଜ୍ଞାନବିଜ୍ଞାନ ଦ୍ୱାରା ଦଗ୍ଧ କରେ, ତସ ପୁରୁଷ । ଅତ୍ର ଏହି ପୁରୁଷ କେବଳ 'ପୁରୁଷ ନୁହେଁ—ସେ ନର 'ନ ରମତେ ଇତି ନରଃ'—ଯେ ଘୋର ସାଂସାରିକତାରେ ମଜ୍ଜମାନ ହୁଏ ନା, ସେ ନରଂ ।

ପ୍ରାଚୀନ ମନୀଷୀଗଣଙ୍କ ସୂକ୍ତ ଭିତରେ ପ୍ରଣାମଂ ଜଣାଇ ବିଦାୟ ନେଉଛି । ବର୍ତ୍ତମାନ ପାଠକମାନେ ଗ୍ରନ୍ଥ ମଧ୍ୟରେ ପ୍ରବେଶ କରନ୍ତୁ ।

ବ୍ରଜବିହାରୀ

Digitized by srujanika@gmail.com

ସୂଚୀ

ବିଷୟ	ପୃଷ୍ଠା
୧ । କଳା ଓ ପ୍ରକୃତି	୧
୨ । ଭୋଗ ଓ ତ୍ୟାଗ	୧୮
୩ । ଆତ୍ମପ୍ରକାଶରେ ମୋହ ତଥା ନିମ୍ନଗାମିତା ଦୁଃଖର କାରଣ	୩୭
୪ । ଅପ୍ରକାଶ	୬୮
୫ । ଆଶ୍ରମ-ପରିବର୍ତ୍ତନ	୧୧୦
୬ । ସ୍ୱାର୍ଥ ପରମାର୍ଥ	୧୩୧
୭ । ଆତ୍ମାର ସ୍ୱରୂପ ...	୧୬୯
୮ । ମଧୁବିଦ୍ୟା ...	୨୩୩
୯ । ବ୍ରହ୍ମବିଦ୍ୟାର ଭିତ୍ତି ସତ୍ୟନିଷ୍ଠା	୨୯୩
୧୦ । ଚିନ୍ତା ଓ ବିଶ୍ୱାସ	୪୫୩

Digitized by srujanika@gmail.com

କଳା ଓ ପ୍ରକୃତି

ତିନୋଟି ତତ୍ତ୍ୱର ସହଯୋଗରେ ସୃଷ୍ଟି । ପ୍ରକୃତି, ପରମାତ୍ମା, ଜୀବ, ଏହି ତିନି ତତ୍ତ୍ୱର ସମାବେଶ ଯେଉଁଠାରେ ନାହିଁ, ସୃଷ୍ଟି ମଧ୍ୟ ସେହିଠାରେ ନାହିଁ । କାହିଁକି ନା ଦ୍ୱନ୍ଦ୍ୱରୁ ସୃଷ୍ଟି । ଯେଉଁଠାରେ ଦ୍ୱନ୍ଦ୍ୱ ନାହିଁ, ସେହିଠାରେ ସୃଷ୍ଟି ମଧ୍ୟ ନାହିଁ । ସୃଷ୍ଟିର ଶେଷ ପରିଣତି ପ୍ରଳୟ; ଏହି ପ୍ରଳୟ ହିଁ ସୃଷ୍ଟିର ଶାନ୍ତ ଅବସ୍ଥା । ସୃଷ୍ଟିର ଆରମ୍ଭଟା ଦ୍ୱନ୍ଦ୍ୱାତ୍ମକ । ଅର୍ଥାତ୍ ସୃଷ୍ଟିର ମୂଳ କାରଣ ଦ୍ୱନ୍ଦ୍ୱ । ଯେଉଁ ମୁହୂର୍ତ୍ତରେ ମନୁଷ୍ୟର ଶାରୀରିକ, ମାନସିକ ଆଦି ସକଳ ପ୍ରକାର ଦ୍ୱନ୍ଦ୍ୱର ଅବସାନ ଘଟେ, ସେହି ମୁହୂର୍ତ୍ତରେ ମନୁଷ୍ୟ-ଶରୀରର ମଧ୍ୟ ଅବସାନ ଘଟେ, ଅର୍ଥାତ୍ ମନୁଷ୍ୟର ମୃତ୍ୟୁ ଘଟେ; ସେତେବେଳେ କେବଳ ମନୁଷ୍ୟ ହୁଏ ନିର୍ଦ୍ୱନ୍ଦ୍ୱ । ଅର୍ଥାତ୍ ସେତେବେଳେ ତା ମଧ୍ୟରେ ହର୍ଷବିଷାଦ, ଲୋଭନିର୍ଲୋଭତା, ଈର୍ଷାଦ୍ୱେଷ, ଇଚ୍ଛାଅନିଚ୍ଛା, ମାୟାମମତା କିଛି ଥାଏ ନା । ଅତଏବ ଏହା ଅନିବାର୍ଯ୍ୟ ଯେ ଯେତେବେଳ ପର୍ଯ୍ୟନ୍ତ ମନୁଷ୍ୟ ସାଂସାରିକ ଯାବତୀୟ କର୍ମରେ ଲିପ୍ତ ରହୁଛି, ସେ କର୍ମ ସାତ୍ତ୍ୱିକ, ରାଜସିକ ବା ତାମସିକ ହେଉ ନା କାହିଁକି, ଦ୍ୱନ୍ଦ୍ୱ ତାର ମଧ୍ୟରେ ଲାଗି ରହିଛି । ଯେତେବେଳେ ସ୍ତ୍ରୀ ପୁରୁଷ ମଧ୍ୟରେ ସୃଷ୍ଟି କରିବାର ଇଚ୍ଛା ହୁଏ, ସେତେବେଳେ ସେମାନଙ୍କର ମଧ୍ୟରେ ଦ୍ୱନ୍ଦ୍ୱର ଆବିର୍ଭାବ ହୁଏ । ସ୍ତ୍ରୀ ପୁରୁଷର ଏହି

Digitized by srujanika@gmail.com

ମାନସିକ ଦ୍ୱନ୍ଦ୍ୱହିଁ ପ୍ରେମ ଆଉ ଶାରୀରିକ ଦ୍ୱନ୍ଦ୍ୱହିଁ କାମ । ଏହି କାମ ଆଉ ପ୍ରେମର ଚରମ ପରିଣତି ସନ୍ତାନ ଅର୍ଥାତ୍ ସୃଷ୍ଟି । ସେଥିପାଇଁ ଭାରତୀୟ ଆର୍ଯ୍ୟଗଣ ବିଶ୍ୱର ଅଶାନ୍ତ ମାନବକୁ ବାରମ୍ବାର ଉପଦେଶ ଦେଇ ଆସିଛନ୍ତି, 'ସାଂସାରିକ ସକଳ ପ୍ରକାର ଦ୍ୱନ୍ଦ୍ୱରୁ ମୁକ୍ତ ହୁଅ, ମୋକ୍ଷ ଲାଭ କରିବ—ଶାନ୍ତି ଲାଭ କରିବ । ଅର୍ଥାତ୍ ତୁମର ଆଉ ସୃଷ୍ଟି ହେବ ନାହିଁ । ସୃଷ୍ଟି ହେଲେ ସିନା ତୁମକୁ ଦୁଃଖ ଭୋଗିବାକୁ ପଡ଼ନ୍ତା ।'

ଏ ଦ୍ୱନ୍ଦ୍ୱ ସକାଶେ ବିପରୀତ ସ୍ୱଭାବସମ୍ପନ୍ନ ବିଭିନ୍ନ ତତ୍ତ୍ୱ ଆବଶ୍ୟକ । ତା ନ ହେଲେ ଆକର୍ଷଣ, ବିକର୍ଷଣ, ସଂଘର୍ଷ ଅସମ୍ଭବ । ସମାନ ଗୁଣସମ୍ପନ୍ନ ତତ୍ତ୍ୱମାନଙ୍କ ମଧ୍ୟରେ ସଂଘର୍ଷ ହୁଏ ନା । ସ୍ତ୍ରୀର ଶରୀର ରଚନା ଆଉ ମନୋଭାବ ପୁରୁଷଠାରୁ ଭିନ୍ନ ବୋଲି ସେମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ପ୍ରକାଶ ପାଏ । ପ୍ରକୃତି, ପରମାତ୍ମା, ଜୀବ ବିଭିନ୍ନ ଗୁଣବିଶିଷ୍ଟ ତତ୍ତ୍ୱ । ପ୍ରକୃତି କେବଳ ସତ୍, ଅର୍ଥାତ୍ ଏହାର କେବଳ ଅସ୍ତିତ୍ୱ ଅଛି । ଏହା ଛଡ଼ା ଏହାର ଆଉ କୌଣସି ଗୁଣ ନାହିଁ । ଜୀବ ଏହା ସତ୍ ଏବଂ ଚିତ୍ । ଅର୍ଥାତ୍ ଏହାର ଅସ୍ତିତ୍ୱ ରହିଛି ଆଉ ଏହା ଚେତନଶକ୍ତିବିଶିଷ୍ଟ ଗୋଟାଏ ତତ୍ତ୍ୱ । ଏହି ଦୁଇ ଗୁଣକୁ ବାଦ୍ ଦେଲେ, ଏହାର ଆଉ କୌଣସି ଗୁଣ ନାହିଁ । କିନ୍ତୁ ପରମାତ୍ମା ସତ୍, ଚିତ୍ ଏବଂ ଆନନ୍ଦ । ଅର୍ଥାତ୍ ଏହି ତତ୍ତ୍ୱର ଅସ୍ତିତ୍ୱ ରହିଛି, ଏହା ଚେତନଶକ୍ତି-ସମ୍ପନ୍ନ ଗୋଟାଏ ତତ୍ତ୍ୱ ଏବଂ ଏହାଠାରେ ଆନନ୍ଦର ମଧ୍ୟ ଅସ୍ତିତ୍ୱ ବିଦ୍ୟମାନ । ଏ ତତ୍ତ୍ୱ ପୂର୍ଣ୍ଣତତ୍ତ୍ୱ । ପ୍ରକୃତି, ପରମାତ୍ମା, ଜୀବ, ଏ ତିନି ତତ୍ତ୍ୱର ସହଯୋଗର ଅଭାବରେ, ଅର୍ଥାତ୍ ସତ୍, ଚିତ୍, ଆନନ୍ଦ ଏହି ତିନି ଗୁଣ ବା କ୍ରିୟାର ଅଭାବରେ ସୃଷ୍ଟି ସମ୍ଭବପର ନୁହେଁ ।

Digitized by srujanika@gmail.com

ମନୁଷ୍ୟ କେବଳ ସତ୍ ଏବଂ ଚିତ୍ । କିନ୍ତୁ ତାହାତେ ଆନନ୍ଦ ନାହିଁ । ଆନନ୍ଦର ଅଭାବରେ ତାର ଅସ୍ତିତ୍ୱ ସମ୍ଭବ ହୁଏ ନ ବୋଲି ସେ ସେହି ଆନନ୍ଦକନ୍ଦଠାରୁ ଆନନ୍ଦ ପାଇବା ପାଇଁ ଲାଳାୟିତ ହୁଏ; ଆଉ ଏଥିପାଇଁ ହିଁ ମନୁଷ୍ୟ ନିଜର ସକଳ ପ୍ରକାର ଉଚ୍ଚ ପ୍ରବୃତ୍ତିର ବିକାଶ କରିବାରେ ତତ୍ପର ହୋଇ ଉଠେ । ଦୟା, ପ୍ରେମ, ସ୍ନେହ, ଭକ୍ତି, ସରଳତା, ସତ୍ୟ, ନ୍ୟାୟ ଇତ୍ୟାଦି ଏସେସବୁରେ କହିବାକୁ ଗଲେ ଧର୍ମ; ଏହି ଧର୍ମ ପାଇଁ ମନୁଷ୍ୟ ତତ୍ପର ହୋଇ ଉଠେ । ଅର୍ଥାତ୍ ଏହି ଧର୍ମ କାର୍ଯ୍ୟ କରି ମନୁଷ୍ୟ ଆନନ୍ଦ ପାଇବାକୁ ଇଚ୍ଛା କରେ । କିନ୍ତୁ ସୃଷ୍ଟି ଯେତେବେଳେ ରହିଛି, ଦ୍ୱନ୍ଦ୍ୱ ଯେତେବେଳେ ରହିଛି, ଅର୍ଥାତ୍ ସଂସାରରେ ଭଲମନ୍ଦ, ପାପପୁଣ୍ୟ, ନ୍ୟାୟଅନ୍ୟାୟ, ଶୁଭାଶୁଭ, ସତ୍ୟମିଥ୍ୟା ଏ ସମସ୍ତ ଦ୍ୱନ୍ଦ୍ୱର ଖେଳ ଯେତେବେଳେ ରହିଛି, ସେତେବେଳେ ଏହା ସମ୍ଭବ ହୁଏନି ଯେ ସୃଷ୍ଟିର ସମସ୍ତେ କେବଳ ଧର୍ମର ଅନୁଶୀଳନ କରିବେ, ଅର୍ଥାତ୍ ସମସ୍ତେ ଏହି ସମସ୍ତ ସୂକ୍ଷ୍ମ ଉଚ୍ଚବୃତ୍ତି ସକଳର ବିକାଶ ଦିଗରେ ଚେଷ୍ଟିତ ହେବେ । ତେଣୁ ମନୁଷ୍ୟ ଖୁବ୍ ସହଜ ଉପାୟରେ ନିତାନ୍ତ ଶସ୍ତା ଦରରେ ଅଥଚ ଅଳ୍ପ ଆୟାସରେ ଆନନ୍ଦ ପାଇବାକୁ ବ୍ୟଗ୍ର ହୋଇ ଉଠେ; ସେତେବେଳେ ସେ ସୃଷ୍ଟି କରେ କଳା । ତେଣୁ କଳା ମନୁଷ୍ୟ-ଚିତ୍ତର ଜିନିଷ । ସାଧାରଣ ମନୁଷ୍ୟ, କିନ୍ତୁ ଏହି ସୂକ୍ଷ୍ମ ପ୍ରବୃତ୍ତି ସକଳକୁ ବାସ୍ତବ ରୂପରେ ଗ୍ରହଣ ନ କରି କଳା ରୂପରେ ଗ୍ରହଣ କରିବାକୁ ବାଧ୍ୟ ହୁଏ । ଅନେକଙ୍କ ମତରେ ଏଥିପାଇଁ ସେହି କଳା ଉତ୍କୃଷ୍ଟ ଯା' ଏ ପ୍ରବୃତ୍ତି ସକଳର ବିଶ୍ଳେଷଣରେ ସିଦ୍ଧହସ୍ତ ।

କଳା ଆନନ୍ଦ ଦିଏ ସାଧାରଣ ମନୁଷ୍ୟକୁ । ପ୍ରକୃତ ଆନନ୍ଦ ଦିଏ ଦାର୍ଶନିକଙ୍କୁ—ତତ୍ତ୍ୱଦର୍ଶୀଙ୍କୁ; ସାଂସାରିକ ସମସ୍ତ ବନ୍ଧନରୁ ମୁକ୍ତ

Digitized by srujanika@gmail.com

ଆନନ୍ଦର ଆକର ସେହି ପ୍ରକୃତିର ସ୍ରଷ୍ଟାଙ୍କୁ ଯେ ଗୃହେ, ତାଙ୍କୁ । ଅତଏବ ମନୁଷ୍ୟଙ୍କୁ ଆନନ୍ଦ ଦେବା ଲାଗି ସେହି ଅଦୃଷ୍ଟ ଶକ୍ତି ଯେଉଁ 'କଳା' ସୃଷ୍ଟି କରନ୍ତି, ତାଙ୍କୁ କଳା ନ କହି କୁହାଯାଏ 'ପ୍ରକୃତି'; ଆଉ ସାଧାରଣ ମନୁଷ୍ୟ ସେହି ପ୍ରକୃତିରୁ ଆନନ୍ଦ ଗ୍ରହଣ କରିବାରେ ବିଫଳମନୋରଥ ହୋଇ ଯେଉଁ ଅସ୍ୱାଭାବିକ ଆନନ୍ଦ ସୃଷ୍ଟି କରେ, ତାର ନାମ କଳା । ଏଥିପାଇଁ କଳାର ଅଭିଧାନିକ ଅର୍ଥ ହେଉଛି— **Opposite to nature** କିନ୍ତୁ କଳାର ଆଶ୍ରୟ ପ୍ରକୃତି । ଅତଃ, ପ୍ରକୃତି ଈଶ୍ୱର-ତଥାରେ ଜନନୀ ।

କଳା ଆଉ ପ୍ରକୃତିର ଏଇ ଘନିଷ୍ଠ ସମ୍ପର୍କକୁ ଲକ୍ଷ୍ୟ କରି ବୋଧହୁଏ ସେକ୍ସପିୟର କହିଛନ୍ତି— **But the art itself is nature** କିନ୍ତୁ ପ୍ରକୃତିର ଯା' ବିପରୀତ, ତା' ହେଉଛି କଳା, ଅର୍ଥାତ୍ ଯା' ଅସ୍ୱାଭାବିକ ତା' କଳା । ଅନ୍ୟ ପକ୍ଷରେ ଯା' ସ୍ୱାଭାବିକ ତା' ପ୍ରକୃତି । ଗୋଲାପ ଗଛରେ ଫୁଲଟିଏ ଫୁଟିଛି, ତା କଳା ନୁହେ—ତା ପ୍ରକୃତି । ଏହି ଫୁଲର ରୂପ ତୂଳି ଦ୍ୱାରା ରଙ୍ଗ ସାହାଯ୍ୟରେ କାଗଜରେ ଯେତେବେଳେ ଚିତ୍ରକର ଦେବ, ସେତେବେଳେ ତା ହେବ କଳା । କବି ଯେତେବେଳେ କହିବ—

'ରକ୍ତ ଗୋଲାପ୍ ରଙ୍ଗୀନ୍ ସୁରା ଆମାର୍ କାଛେ ସମାନ୍ ପ୍ରିୟ୍'
(ଓମାର୍ ଖୟାମ୍)

ସେତେବେଳେ ଗୋଲାପ ହେବ କଳା । କାହିଁକି ନା ଗୋଲାପ ଆଉ ସୁରା କେବେବେଳେ ସମାନ ହୋଇ ପାରନ୍ତି ନାହିଁ । ପ୍ରକୃତରେ, ଅର୍ଥାତ୍ 'ପ୍ରକୃତିର ଦୃଷ୍ଟିରେ ଦୁହେଁ' ଅଲଗା ଅଲଗା ଜିନିଷ; କିନ୍ତୁ ଦୁହେଁ ସମାନ ହେଲେ କବିର ଦୃଷ୍ଟିରେ—କବିତାର କ୍ଷେତ୍ରରେ—ଦାର୍ଶନିକ ବା ତତ୍ତ୍ୱଦର୍ଶୀର

Digitized by srujanika@gmail.com

ଦୃଷ୍ଟିରେ ନୁହେଁ—ତତ୍ତ୍ୱ ବା ଦର୍ଶନର କ୍ଷେତ୍ରରେ ନୁହେଁ । ଦାର୍ଶନିକ ପ୍ରକୃତିର ଉପାସକ—କବି କଳାର ଉପାସକ । (ସାଧାରଣ ଅର୍ଥରେ କବି କହିଲେ ଯାହା ବୁଝାଏ ମୁଁ ଏଠାରେ କେବଳ ସେହି ଅର୍ଥକୁ ଗ୍ରହଣ କରିଛି, ଅଥଚ କବି ଅର୍ଥ ବଡ଼ ବ୍ୟାପକ ।)

ମନୁଷ୍ୟ ଚାହେଁ ଆନନ୍ଦ—ସହଜଲଭ୍ୟ ଆନନ୍ଦ, ଯେହେତୁ ଦୁର୍ଲ୍ଲଭ ଆନନ୍ଦ ଆୟାସସାଧ୍ୟ । ସେଥିପାଇଁ ସେ ସେହି ଦୁର୍ଲ୍ଲଭ ଆନନ୍ଦର ଅନୁକରଣରେ ନିଜେ ସହଜଲଭ୍ୟ ଆନନ୍ଦ ସୃଷ୍ଟି କରେ । ଅର୍ଥାତ୍ ପ୍ରକୃତିକୁ ଅନୁକରଣ କରି ସେ କଳା ସୃଷ୍ଟି କରେ । ଅତଏବ କଳା ପ୍ରକୃତିର ଅନୁଗତ । ଆନନ୍ଦ ଯେତେବେଳେ ସେହି ଅଖଣ୍ଡ ତତ୍ତ୍ୱଠାରେ କେବଳ ନିହିତ, ମନୁଷ୍ୟ ସ୍ୱତନ୍ତ୍ରଭାବରେ ନିଜେ ଆନନ୍ଦ ସୃଷ୍ଟି କରି ପାରିବ କିପରି ? ତେଣୁ ସେ ସେହି ବିରାଟ ଆନନ୍ଦକୁ ବିକୃତ ରୂପରେ ଗ୍ରହଣ କରିବାକୁ ବାଧ୍ୟ ହୁଏ, ଅର୍ଥାତ୍ କଳା ପ୍ରକୃତିର ବିକୃତ ରୂପ ମାତ୍ର ।

କିନ୍ତୁ କଳା ପୂର୍ଣ୍ଣତା ପାଏ କେତେବେଳେ ?—ମନୁଷ୍ୟ ତାକୁ ପୂର୍ଣ୍ଣପ୍ରାଣରେ ଗ୍ରହଣ କରେ କେତେବେଳେ ? ଯେତେବେଳେ କଳା ନିଜର ବାସ୍ତବ ସ୍ୱରୂପକୁ ଅବଗୁଣ୍ଠନ ମଧ୍ୟରେ ଆବଦ୍ଧ ରଖି କହେ, ମୁଁ କଳା ନୁହେଁ—ମୁଁ ପ୍ରକୃତି—ମୁଁ, ବାସ୍ତବ ଜୀବନ୍ତ, ସେତେବେଳେ ମାତ୍ର ମନୁଷ୍ୟ, ସାଧାରଣ ମନୁଷ୍ୟ, ତାକୁ ପାଇବାକୁ ଲାଳାୟିତ ହୁଏ; ଅନ୍ତ ଶେଷରେ ନିରାଶ ହୁଏ—ମରୀଚିକା ପଛରେ ଧାବମାନ ତୃଷାର୍ତ୍ତ ପଥିକର ଅବସ୍ଥା ପ୍ରାପ୍ତ ହୁଏ । କିନ୍ତୁ କଳା ଏଇଠାରେହିଁ ଜୟୀ ହୁଏ—ମନୁଷ୍ୟ ହୁଏ ପରାଜିତ । ପରାଜିତ ମନୁଷ୍ୟ ଏଇଠାରେ ହିଁ କଳାର ସ୍ତବଗାନ କରେ । ସେ କହେ **That is art which conceals art.** କଳା ସାଧାରଣ

ମନୁଷ୍ୟ ଉପରେ ଏତେ ପ୍ରଭାବ ପକାଏ ଯେ, ମନୁଷ୍ୟ ଯଦି ସାବଧାନ ନ ରହେ, ତେବେ ସେ ନିଜର ଅସ୍ତିତ୍ୱକୁ ଭୁଲି ଯାଇ କଳାର ଅସ୍ତିତ୍ୱକୁ ହିଁ କେବଳ ବାସ୍ତବ ବୋଲି ଭାବି ଭୁଲ୍ କରି ନିଜର ଅବମାନନା କରେ । ଯେ କଳା ମନୁଷ୍ୟର ସାଧାରଣ ବୁଦ୍ଧିକୁ ଏପରି ଭାବରେ ଆଚ୍ଛନ୍ନ କରେ, ସେ ଯଦି ପ୍ରକୃତିକୁ ଅନୁସରଣ ନ କରେ—ବାସ୍ତବତା ସଙ୍ଗରେ ଆନ୍ତରିକତା ସ୍ଥାପନ ନ କରେ—ପ୍ରକୃତିର ସ୍ୱଚ୍ଛ ସହଜ ପ୍ରବାହରେ ଅବଗାହନ କରି ନିଜକୁ ଯଦି ପବିତ୍ର, ନିର୍ମଳ ନ କରେ, ତେବେ ସେ ଜନସାଧାରଣଙ୍କର ଅମଙ୍ଗଳ କରିବାରେ ହିଁ ନିଜକୁ ଗୌରବାନ୍ୱିତ ମନେ କରିବ । ଏହି ଧରଣର କଳାର କବଳ କବଳରୁ ମନୁଷ୍ୟକୁ ରକ୍ଷା କରିବାକୁ ଯାଇ ଅଗ୍ରଗଣ୍ୟଗଣେ କହନ୍ତି, କଳାକୁ କଳା ରୂପରେ ହିଁ ଗ୍ରହଣ କରିବାକୁ ହେବ— **Art for art sake.**

ବୈରାଗ୍ୟଭାବୋଦ୍ଦୀପକ ତ୍ୟାଗମୂଳକ ଚଳଚ୍ଚିତ୍ରର ମଧୁର ଦୃଶ୍ୟ ଦର୍ଶନରେ ତନ୍ମୟ ହୋଇ କୁତ୍ସିତ କାମବାସନାଜଡ଼ିତ ଉଦ୍ଦଣ୍ଡ ପ୍ରେମପରିପୂର୍ଣ୍ଣ ଚିତ୍ର ଦର୍ଶନରେ ଆତ୍ମହରା ହୋଇ, ମନୁଷ୍ୟର ନୀଚତମ ଏବଂ ଅଶାନ୍ତ ଭୋଗମୂଳକ ପ୍ରବୃତ୍ତିକୁ ଶାନ୍ତ କରିବାରେ ଏକାନ୍ତ ସହାୟକ ନିଶାଦ୍ରବ୍ୟାଦି ସେବନମୂଳକ, ପ୍ରବୃତ୍ତିପରକ ଦୃଶ୍ୟାବଳୀ ଦର୍ଶନରେ ଅଧୀର ହୋଇ ମନୁଷ୍ୟ ସର୍ବତ୍ୟାଗୀ ପ୍ରେମପାଗଳ ଏବଂ ମଦ୍ୟପ ଅବସ୍ଥାରେ ଇତସ୍ତତଃ ଘୂରି ବୁଲୁଥିବାର ସମ୍ବାଦ ମଧ୍ୟ ସମୟ ସମୟରେ ସମ୍ବାଦପତ୍ର ବିତରଣ କରିଥାଏ । ସାଧାରଣ ଲୋକଙ୍କ କଥା ବାଦ୍ ଦେଲେ ମଧ୍ୟ ଶୁଣିବାକୁ ମିଳେ ଯେ, ବଡ଼ ବଡ଼ ଚିନ୍ତାଶୀଳ ବ୍ୟକ୍ତିଙ୍କ ପକ୍ଷରେ ମଧ୍ୟ କଳା ସେମାନଙ୍କର ଅସ୍ତିତ୍ୱକୁ ଭୁଲାଇ ନିଜର ଅସ୍ତିତ୍ୱକୁ ବାସ୍ତବ ବୋଲି ପ୍ରମାଣ

Digitized by srujanika@gmail.com

କରିବାରେ ଜୟୀ ହୋଇଛନ୍ତି । ଏଥିପାଇଁ ସିନା ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଭଳି ପ୍ରଜ୍ଞାସମ୍ପନ୍ନ ପୁରୁଷଙ୍କୁ ମଧ୍ୟ ଦର୍ଶକ-ମଣ୍ଡଳୀ ମଧ୍ୟରୁ ଉଠିଯାଇ ଅଭିନୟରତ କଳାକାର ଗିରୀଶଚନ୍ଦ୍ରଙ୍କୁ ରଙ୍ଗମଞ୍ଚ ମଧ୍ୟରେହିଁ ଚର୍ମ ପାଦୁକାରେ ପ୍ରହାର କରିବାକୁ ପଡ଼ିଲା । ଏହିପରି ଦାୟିତ୍ୱପୂର୍ଣ୍ଣ କର୍ତ୍ତବ୍ୟକୁ ଯେଉଁମାନେ ନିଜର କରି ନେଇଛନ୍ତି, ସେମାନଙ୍କୁ ଏ ଦିଗରେ କେତେ ସାବଧାନ ହେବାକୁ ହେବ ତା ଏଥିରୁ ସ୍ପଷ୍ଟ ଧାରଣାମାନ ହୁଏ ।

ଈଶ୍ୱରଙ୍କର ସୃଷ୍ଟି ପ୍ରକୃତ ଯେପରି ମଙ୍ଗଳମୟ, ମନୁଷ୍ୟର ସୃଷ୍ଟି କଳା ମଧ୍ୟ ସେହିପରି ଯଦି ମଙ୍ଗଳମୟ ନ ହୁଏ, ତେବେ ରୁଷ୍ଟ ପ୍ରକୃତ ଭୂମିକମ୍ପ, ଅନାବୃଷ୍ଟି, ଅତିବୃଷ୍ଟି, ମହାମାରୀ ଆଦି ରୁଦ୍ର ମୂର୍ତ୍ତି ଧାରଣ କରି ନିରୀହ ଶାନ୍ତ ଜନତାର ଯେପରି ମୂଳୋତ୍ପାଟନ କରିବାରେ ନିଜର ସମସ୍ତ ଶକ୍ତି ବ୍ୟୟ କରୁଛି, କଳା ମଧ୍ୟ ସେହିପରି ଜନତାର କେବଳ ଧ୍ୱଂସ ସାଧନରେ ନିଜର ସମସ୍ତ ତେଜ ନଷ୍ଟ କରିବ । ପ୍ରକୃତର ଏ ପ୍ରକୋପ କିନ୍ତୁ ସ୍ୱାଭାବିକ । କିନ୍ତୁ କଳାର ଏ ଅବାଞ୍ଛନୀୟ ପ୍ରକୋପ ଅସ୍ୱାଭାବିକ । ତେଣୁ ବେଶି କଷ୍ଟଦାୟକ, ହାନିକାରକ । ଭୂମିକମ୍ପ, ଅନାବୃଷ୍ଟି, ଅତିବୃଷ୍ଟି, ମହାମାରୀ ଆଦିରେ ମନୁଷ୍ୟ ଯଦି ମରିଯାଏ, ସେ ନିର୍ଦ୍ୱନ୍ଦ୍ୱ ହୁଏ—ଶାନ୍ତି ପାଏ । କିନ୍ତୁ କୁତ୍ସିତ ମନୋଭାବାପନ୍ନ କଳା ପ୍ରଭାବରେ ମନୁଷ୍ୟ ଯଦି ଦ୍ୱନ୍ଦ୍ୱର ଘୂର୍ଣ୍ଣିବାତ୍ୟାରେ ନିକ୍ଷିପ୍ତ ହୁଏ, ସେ ଶାନ୍ତି ପାଏ ନା—ଜୀବନ୍ମୃତ ଅବସ୍ଥା ପ୍ରାପ୍ତ ହୁଏ । ଏ ଜୀବନ୍ମୃତ ଅପେକ୍ଷା ମୃତ୍ୟୁ ଶ୍ରେୟସ୍କର ।

ଅବୁଝା ଶିଶୁ ଅଖାଦ୍ୟ ଖାଇବାକୁ ଜିଦ୍ ଧରି ବସିଲେ ମଧ୍ୟ ମା ତାଙ୍କୁ ତା ନ ଦେଇ ନିଜର ସ୍ତନ୍ୟ ଦିଏ । ଅଜ୍ଞ, କୁରୁଚିସମ୍ପନ୍ନ ଜନସାଧାରଣ ଅହିତକର ଅକଲ୍ୟାଣକାରୀ ଆନନ୍ଦ ଖୋଜୁଥିଲେ ମଧ୍ୟ

Digitized by srujanika@gmail.com

କବି, ଚିତ୍ରକର, ସଙ୍ଗୀତଜ୍ଞ, ନୃତ୍ୟକାର ସେମାନଙ୍କ ଯଦି ନିର୍ମଳ ଆନନ୍ଦ ବିତରଣ କରନ୍ତି, ତେବେ ଯାଇଁ ଶିଳ୍ପୀର ଶିଳ୍ପକର୍ମ ସାର୍ଥକତା ଲାଭ କରେ । ମଦ୍ୟପ ମଦ ଖାଇ ଯେଉଁ ଆନନ୍ଦ ପାଏ, ଅର୍ଥଲୋଭୀ ପରସ୍ୱ ଅପହରଣରେ ଯେ ଆନନ୍ଦ ପାଏ, ସେହି ଆନନ୍ଦ ଯାହା. ପାଷାଣରେ ଉଲଗ୍ନ ନାରୀମୂର୍ତ୍ତି ଗଢ଼ିବାରେ ଯେଉଁ ଆନନ୍ଦ, ନାରୀର ମାତୃରୂପକୁ କାମ ବାସନାର ଦୃଢ଼ପାଶରେ ଅବଦ୍ଧ କରି ଚିତ୍ତ ଉତ୍କ୍ଷିପ୍ତକାରିଣୀ ତା'ର ସ୍ତନ, ଜାନୁ, ନିତମ୍ବ, ଅଧର ଉତ୍କଟ ବର୍ଣ୍ଣନା କରିବାରେ ଯେ ଆନନ୍ଦ, ତା ମଧ୍ୟ ସେହିପରି । ଯା' କାମ-ଶାସ୍ତ୍ରର ବିଷୟ ତାକୁ କଳା ମଧ୍ୟରେ ଗଣିବା, ସାହିତ୍ୟ ମଧ୍ୟରେ ରଖିବା ଅସଙ୍ଗତ ।

ହଁ, ଏ ସମ୍ବନ୍ଧରେ ଗୋଟାଏ ପ୍ରଶ୍ନ ଉଠିପାରେ । ଯା ବାସ୍ତବ, ଯା ସତ୍ୟ, ତାକୁ ବାସ୍ତବ, ତାକୁ ସତ୍ୟ ବୋଲି ପ୍ରକାଶ କରିବାରେ ଆପତ୍ତି କାହିଁକି ? ପ୍ରଶ୍ନଟା ଯେ ଯଥାର୍ଥ, ଏଥିରେ ମତଦ୍ୱୈଧ ନାହିଁ । କିନ୍ତୁ ପ୍ରତ୍ୟେକ କଥାର ଯଥାର୍ଥତାକୁ ବିଚାର ଦ୍ୱାରା ସ୍ଥିର କରିବା ଉଚିତ—କେବଳ ବିଶ୍ୱାସ ଦ୍ୱାରା ନୁହେଁ । କାରଣ, ଏଇ ବାସ୍ତବତା ତଥା ସତ୍ୟର ମଧ୍ୟ ସୀମା ଅଛି, ଶେଷ ଅଛି । ଏମାନେ ଯଦି ସୀମା ଲଙ୍ଘନ କରିବେ, ଶେଷ ଲଙ୍ଘନ କରିବେ; ତେବେ ସେମାନେ ସେତେବେଳେ ଅତି ବାସ୍ତବ ହେଲେ ସୁଦ୍ଧା ସତ୍ୟର ଆକାର ଧାରଣ କରି ପାରିବେ ନାହିଁ । ପୃଥିବୀରେ ଏପରି କେତେଗୁଡ଼ିଏ ସତ୍ୟ ଅଛି, ଯା କେବଳ ସତ୍ୟ; ତାକୁ ଯଦି ପ୍ରକାଶ କରାଯାଏ, ସେ ହେବ ଅସତ୍ୟ; ଅତି ଠିକ୍ଏ ସ୍ପଷ୍ଟ କରି କହିବାକୁ ଗଲେ, ସେ ହେବ ଅଶ୍ଳୀଳତା । ସମସ୍ତେ ଜାଣନ୍ତି, ସ୍ତ୍ରୀ ପୁରୁଷର ସଂସର୍ଗରେ ସନ୍ତାନର ଉତ୍ପତ୍ତି ହୁଏ ।

Digitized by srujanika@gmail.com

'ସମସ୍ତେ ଏହା ଜାଣନ୍ତି; ଯେଣୁ ଏହା ସତ୍ୟ, ଅଭ ବାସ୍ତବ ବୋଲି କେହୁ ଯଦ୍ୟ ମୁକ୍ତ କ୍ଷେତ୍ରରେ, ଲୋକ ଚକ୍ଷୁର ସମକ୍ଷରେ ଏହାର ଅବଶ୍ୟକତାକୁ ସମର୍ଥନ କରନ୍ତି, ତେବେ ସେସବୁ ସତ୍ୟ ନ ହୋଇ ହେବ ପଶୁତ୍ୱ । ପଶୁ ପକ୍ଷରେ ଏହା ଅପରିହାର୍ଯ୍ୟ । କାରଣ ପଶୁର ବିବେଚନା କରିବାର ଶକ୍ତି ନାହିଁ । ସତ୍ୟର କାର୍ଯ୍ୟ ମନୁଷ୍ୟକୁ ସତ୍‌ପଥକୁ ଆଣିବା, ମନୁଷ୍ୟର ଶତାନୀ ଦୁର୍ଦ୍ଦମନୀୟ ମନକୁ ଉତ୍‌କ୍ଷିପ୍ତ କରିବା ନୁହେଁ । ଏହି ଉତ୍‌କ୍ଷିପ୍ତତାରୁ, ଚଞ୍ଚଳତାରୁ, ପତନରୁ ମନୁଷ୍ୟକୁ ରକ୍ଷା କରିବା ପାଇଁ ଯେଉଁ ବିଦ୍ୟାର ଆଶ୍ରୟ ନିଆଯାଏ, ତା ହେଉଛି କଳା । ଏଥିପାଇଁ ଅରବିନ୍ଦ କହନ୍ତି—**"The first and lowest use of art is purely aesthetic, the second is the intellectual or educational the third and highest is the spiritual."** ଏଥିପାଇଁ ଯେ କଳା ସୃଷ୍ଟି କରେ, ସେ ସାଧାରଣ ଲୋକ ନୁହେ, ସେ ଦାର୍ଶନିକ ନ ହେଲେ ମଧ୍ୟ, ତତ୍ତ୍ୱଦର୍ଶୀ ନ ହେଲେ ମଧ୍ୟ ଅନ୍ତତଃ ସେ ଚରିତ୍ରବାନ୍ ହେବ । ତେବେ ଯାଇ ସେ ଉତ୍କୃଷ୍ଟ କଳା ସୃଷ୍ଟି କରିପାରିବ । ଚରିତ୍ରବାନ୍ କଳାବିତ୍ କଳାକାରର କଳାହିଁ ଉତ୍କୃଷ୍ଟ । ତା ୨୧-୧-୫୪ରେ ଜୟପୁରଠାରେ ଅନୁଷ୍ଠିତ ପି. ଇ. ଏନ୍. ସଭାରେ ଶ୍ରୀ ସର୍ବପଲ୍ଲୀ ରାଧାକୃଷ୍ଣନ୍ ଏହି କଥାଟାକୁ ହିଁ ପରୋକ୍ଷରେ ପ୍ରକାଶ କରିଥିଲେ । ସେ କହିଥିଲେ—**Unless you yourself is a great seer, you can not produce great literature.**

• ଶରତ ପ୍ରଭାତର କଅଁଳ ଦୂବଘାସ ଉପରେ ପତିତ ମୁକ୍ତାନିଭ ଶିଶିର-ବିନ୍ଦୁ; ଅଥବା ରକ୍ତ ଗୋଲାପର ସୁମଧୁର ହାସ୍ୟ । ଚମ୍ପକ-ଗନ୍ଧ-ଭରିତ ନିଶୀଥିନୀର ମନ୍ଦ ମଳୟର ମୃଦୁଳ ପରଶ—ସବୁଜ

Digitized by srujanika@gmail.com

କୋକିଳପୁ ଉଡ଼ାଲେ ଲୁଚି ଧୀର ସମୀର ହିଲ୍ଲୋଳରେ ରଜନୀଗନ୍ଧାର ଲୁଚକାଳି ଖେଳ—ଚଞ୍ଚଳ ଚରଣପାତରେ ଅଉ ଖୁସି ମନରେ ଝିଲ୍ଲୀର ଗାନ—କ୍ଷୁଦ୍ରସ୍ରୋତସ୍ୱିନୀ ପାଖରେ ଭୃଙ୍ଗରାଜର ଗୈରୁପ୍ରୀତି—ଅଜ୍ଞ ପ୍ରେୟସୀର ମନୋରଞ୍ଜନ ଲାଗି ତା'ର ଗୁଞ୍ଜନ, କବିକୁ ସ୍ପର୍ଶ କରେ, କାମୁକକୁ ତା'ତ ସ୍ପର୍ଶକରି ପାରେ ନା । "ଏଣୁ ବାସ୍ତବ ଜଗତକୁ ନେଇ କବି କଳା ସୃଷ୍ଟି କରେ । କାରଣ ବାସ୍ତବତା ହିଁ କଳ୍ପନାର ପ୍ରସୂତି । ଏଇ ପ୍ରାକୃତିକ ସୌନ୍ଦର୍ଯ୍ୟରେ ହିଁ ସେ ଦେଖେ ସେହି ବିରାଟ କଳାକାର ବିଶ୍ୱକର୍ମାର କଳା-କୌଶଳ—ତେଣୁ ତା'ରପ୍ରତି ସେ ନତ ଜଣାଏ । ଏହାର ଅନୁକରଣରେ ସେ ତା'ର କଳାର ନାୟକକୁ ସୃଷ୍ଟି କରେ ରାମଚନ୍ଦ୍ର ରୂପରେ—ଅଉ ନାୟିକାକୁ ସୃଷ୍ଟି କରେ ସୀତା ରୂପରେ । ଅନ୍ୟ ପକ୍ଷରେ, ଏହି ବାସ୍ତବ ଜଗତକୁ ନେଇ କାମୁକ ସୃଷ୍ଟି କରେ କାମୁକତା । ଯଥା, ଚାନ୍ଦନୀ ରାତି—କଳକଳନାଦିନୀ କଲ୍ଲୋଳିନୀ ତୀରସ୍ଥିତ ଉପବନରେ ତା'ର ନାୟିକା ବସିଛି—ଅଉ ଗୁଣୁଗୁଣୁ ସ୍ୱରରେ ଗୀତ ଗାଉଛି । ସରଳା-ତରଳା-ଚପଳା-ଷୋଡ଼ଶୀ ନାୟିକା ନିଃସଙ୍କୋଚ ମନରେ ବସିଛି । ତା'ର ଲଜ୍ଜା ନାହିଁ ଯେ ତା'ର ବକ୍ଷ ଉନ୍ମୁକ୍ତ । ତା'ର ସ୍ତନଯୁଗଳ ସତେ ଯେପରି ଚନ୍ଦ୍ରଠାରୁ ଅମୃତ ପାଇବା ଆଶାରେ ତା' ପ୍ରତି ସତୃଷ୍ଣ ଭାବରେ ଅନାଇ ରହିଛି; ଅଉ ଅମୃତ ପାଇ ପରିପୁଷ୍ଟ ହୋଇ ରହିଛି, ଏଥିପାଇଁ ଯେ ତା'ର ସନ୍ତାନକୁ ସେ ଅମୃତ ଦେବ । କିନ୍ତୁ ସନ୍ତାନ କାହିଁ ? ନାୟକ ଆସିଲେ, ମୁଗ୍ଧ ହେଲେ, ପ୍ରେମ କଲେ, ଚୁମ୍ବନ ଦେଲେ, ସୃଷ୍ଟି ହେଲା ସନ୍ତାନ । ଏ ସେଇ କଳା, ଏ କଳା ମନୁଷ୍ୟର ଆଧ୍ୟାତ୍ମିକ ପଥର ଅନ୍ତରାୟ—ଉଚ୍ଚାର ପବିତ୍ର ନାମରେ କଳଙ୍କ । ଏହାକୁ କଳା ନ କହି କୁହାଯିବ ପାପ । ଗାନ୍ଧିଜୀ ଏହାହିଁ କହନ୍ତି—**All true art must help**

Digitized by srujanika@gmail.com

the soul to realise its inner self. Anything which is hinderance to the flight of the soul is a delusion and a snare.

ମହାଭାରତ ଆଉ ରାମାୟଣର ସ୍ରଷ୍ଟା ମହର୍ଷି ବାଲ୍ମୀକି ଆଉ ମହର୍ଷି କୃଷ୍ଣଦ୍ବୈପାୟନ ମଧ୍ୟ କଳାକାର । ପ୍ରକୃତିର ମୁକ୍ତ, ନିର୍ମଳ, ଉନ୍ମୁକ୍ତ କୋଡ଼ରେ ବସି ଅର୍ଥାତ୍ ପ୍ରକୃତିକୁ ଆଶ୍ରୟ କରି ସେମାନେ କଳା ସୃଷ୍ଟି କଲେ । ସେଥିପାଇଁ ସେମାନଙ୍କର କଳା ପ୍ରକୃତିର ଅନୁଗତ । ପ୍ରକୃତିକୁ ନିର୍ମମଭାବରେ ପ୍ରତ୍ୟାଖ୍ୟାନ କରି ସେମାନେ ପାଗଳାମିକୁ ପ୍ରଶ୍ରୟ ଦେଇ ନାହାନ୍ତି—ଅତି କଳ୍ପନା, ଅସଂଗତ କଳ୍ପନା କରି ନାହାନ୍ତି । ରାମାୟଣର ଚରିତ୍ର-ନାୟିକା ସୀତା କଳାର ଅପୂର୍ବ ସୃଷ୍ଟି । ମହାଭାରତର ଚରିତ୍ର-ନାୟିକା ଦ୍ରୌପଦୀ କଳାର ବିଚିତ୍ର ସୃଷ୍ଟି । ଏହିଠାରେ ହିଁ କଳାର ସ୍ରଷ୍ଟା ଆତ୍ମପ୍ରକାଶ—ଏହିଠାରେହିଁ କଳା ବିଜୟୀ—ଏହିଠାରେହିଁ କଳା କହୁଛି, 'ମୁଁ ଅବାସ୍ତବ କହୁ ନୁହେଁ—ମୁଁ ବାସ୍ତବ ଜଣାଏ । ଅର୍ଥାତ୍ ରାମଚନ୍ଦ୍ର ଅଲୌକିକ ଶକ୍ତିସମ୍ପନ୍ନ 'ବିଷ୍ଣୁ'ଙ୍କ କେବଳ ଅଂଶାବତାର ନୁହନ୍ତି—ସେ କେବଳ ଅବତାରୀ ପୁରୁଷ ନୁହନ୍ତି । ସେ ଅଯୋଧ୍ୟାର ରାଜା—ସ୍ତ୍ରୀପୁତ୍ର, ପିତାମାତା, ପାତ୍ରମନ୍ତ୍ରୀ, ଦାସଦାସୀପରିବେଷ୍ଟିତ ଅଯୋଧ୍ୟାର ରାଜା । ତାଙ୍କୁ ସୀତାଙ୍କ ବିରହରେ ଦୁଃଖ ହେଉଛି—ଲକ୍ଷ୍ମଣଙ୍କ ବିଚ୍ଛେଦରେ ବ୍ୟଥା ହେଉଛି—ଲବକୁଶଙ୍କ ସଙ୍ଗେ ମିଳନରେ ଆନନ୍ଦ ହେଉଛି । ପ୍ରଥମ ଦର୍ଶନରେ ସୀତାଙ୍କ ସୌନ୍ଦର୍ଯ୍ୟ ପ୍ରତି ସେ ମୁଗ୍ଧ ହେଉଛନ୍ତି; ଆଉ ଏ ଦୁର୍ବଳତାକୁ (?) ସେ ଭାଇ ଲକ୍ଷ୍ମଣଙ୍କ ଆଗରେ ସ୍ପଷ୍ଟଭାବରେ ପ୍ରକାଶ ପର୍ଯ୍ୟନ୍ତ କରୁଛନ୍ତି । ସୀତା ମଧ୍ୟ ସେହିପରି ଏ ଅଂଶାବତାର ଭଗବାନଙ୍କ (?) ହ୍ଲାଦିନୀ ଶକ୍ତି ନୁହନ୍ତି—ଅନନ୍ତ ସାଗର ମଧ୍ୟସ୍ଥିତ ଶେଷନାଗଶାୟୀ

Digitized by srujanika@gmail.com

ଭଗବାନ ଖ୍ରୀଷ୍ଟଙ୍କ ଆଦର୍ଶ ପାଖରେ ବସି ସେ କେବଳ ତାଙ୍କରି ମାତ୍ର ମଞ୍ଜିଲା ନାହାନ୍ତି । ସେ ମର୍ଯ୍ୟାଦାପୁରୁଷୋତ୍ତମ ଭଗବାନ ରାମଚନ୍ଦ୍ର, ଯେ କି ଅଯୋଧ୍ୟାର ରାଜା, ତାଙ୍କର ଧର୍ମପତ୍ନୀ—ଲବକୁଶଙ୍କ ଜନନୀ—ଅଯୋଧ୍ୟା ରାଜପରିବାରର କୁଳବଧୂ—ରାଜର୍ଷି ଜନକଙ୍କ ଅତି ଆଦରର କନ୍ୟା । ରାମଙ୍କ ବିରହରେ ବାଲ୍ମୀକିଙ୍କ ଆଶ୍ରମ ନିକଟରେ ସେ ପ୍ରାଣତ୍ୟାଗ କରିବାକୁ ମଧ୍ୟ ପ୍ରସ୍ତୁତ ହୋଇ ଉଠୁଛନ୍ତି । କିନ୍ତୁ ଗର୍ଭରେ ଯେ ତାଙ୍କର ରାମଚନ୍ଦ୍ରଙ୍କର ତେଜ ! ! ତେଣୁ ସେଥିରୁ ସେ ନିରସ୍ତ ହେଉଛନ୍ତି—ସେ ପୁଣି ରାମଙ୍କ ଅନୁପସ୍ଥିତିରେ ଲକ୍ଷ୍ମଣଙ୍କୁ ସନ୍ଦେହ ଚକ୍ଷୁରେ (?) ଦେଖୁଛନ୍ତି, ଆଉ ତାଙ୍କୁ ତିରସ୍କାର ପର୍ଯ୍ୟନ୍ତ କରୁଛନ୍ତି । ରାଜସୂୟ ଯଜ୍ଞରେ ରାମଙ୍କ ଦ୍ୱିତୀୟ ପତ୍ନୀ-ଗ୍ରହଣର ସମ୍ଭାବନା କଳ୍ପନା କରି ବିଚଳିତ ହୋଇ ପଡୁଛନ୍ତି—ମହର୍ଷି ବାଲ୍ମୀକିଙ୍କଠାରୁ ସାନ୍ତ୍ୱନା-ବାଣୀ ଶୁଣି ଶାନ୍ତ ହେଉଛନ୍ତି, ଆଉ ସନ୍ଦେହମନା ପ୍ରଜାଗଣଙ୍କ ଆଗରେ ବାରମ୍ବାର ନିଜର ସତୀତ୍ୱର ପ୍ରମାଣ ଦେବାରେ ସେ କୁଣ୍ଠିତ ହୋଇ ପଡୁଛନ୍ତି—ଅତଏବ ଲଜ୍ଜା, ଅପମାନ, ଅସମ୍ମାନବଶତଃ ତାଙ୍କର ହୃଦୟପୁର ଗତିରୋଧ ହେଉଛି । ସେ ଯେଉଁ ମାଟିରୁ ଜନ୍ମ, ଶେଷରେ ସେହି ମାଟିରେ ମିଶି ଯାଉଛନ୍ତି । ଅର୍ଥାତ୍ ତାଙ୍କର ମହାପ୍ରସ୍ଥାନ ହେଉଛି । ଏ ହେଉଛି କବିଗୁରୁ ମହର୍ଷି ବାଲ୍ମୀକିଙ୍କ ନାରୀ ଚରିତ୍ର-ଚିତ୍ରଣ । ସ୍ୱାଭାବିକତାକୁହିଁ ଅନୁସରଣ କରି ଅର୍ଥାତ୍ ପ୍ରକୃତିକୁ (ବାସ୍ତବତାକୁ) ହିଁ ଅନୁସରଣ କରି କବି ଅସ୍ୱାଭାବିକତା ଅର୍ଥାତ୍ କଳା ସୃଷ୍ଟି କଲେ ।

ଏ କାବ୍ୟର ନାୟକ ନାୟିକା ଭାରତର ଘରେ ଘରେ ମୂର୍ତ୍ତିମାନ୍ତ ହୋଇ ରହିଛନ୍ତି । କାହିଁକି ?—କାହିଁକି ସେମାନେ ଭାରତରେ ଘରେ ଘରେ ପୂଜା ପାଉଛନ୍ତି ?—କାହିଁକି ମନୁଷ୍ୟ ରୋଗରେ, ଦୁଃଖରେ,

Digitized by srujanika@gmail.com

ବିପଦରେ "ହେ ରାମ' କହି ଉଠୁଛୁ ? ଏହିଠାରେ ଦେଖିବା କଥା ଯେ ମହର୍ଷି ବାଲ୍ମୀକି ଗୋଟାଏ ବାସ୍ତବ (ଐତିହାସିକ) ବିଷୟ ବସ୍ତୁକୁ କଳା ସାହାଯ୍ୟରେ କିପରି ଜୀବନ୍ତ, କରି ତୋଳିଛନ୍ତି, ଆଉ ଗୋଟାଏ ଅବାସ୍ତବ କଳ୍ପନାକୁ (କାବ୍ୟକୁ) କଳା ସାହାଯ୍ୟରେ କିପରି ବାସ୍ତବ କରି ତୋଳିଛନ୍ତି, ଯେଉଁଥିପାଇଁକି ଆଜି ସୁଦ୍ଧା ରାମଙ୍କର ନାମ ଉଚ୍ଚାରଣ କଲେ ସମସ୍ତ ଯାତନାରୁ ମୁକ୍ତ ହେବାର ଦୃଢ଼ ଆଶା ଲୋକେ କରନ୍ତି, ଆଉ ରାମଙ୍କର ବିଗ୍ରହ ସମ୍ମୁଖରେ ଦଣ୍ଡାୟମାନ ହୋଇ ଯୁକ୍ତକର ହୋଇ, ଏପରିକି ବିଗ୍ରହକୁ ପ୍ରଲୋଭନ ପର୍ଯ୍ୟନ୍ତ ଦେଖାଇ ନିଜର ଈପ୍ସିତ କାମନା-ସିଦ୍ଧି ପାଇଁ ଯାଚନା କରନ୍ତି ।

ହଜାର ହଜାର ବର୍ଷ ପୂର୍ବେ ଯେଉଁ କାବ୍ୟ ରଚିତ ହୋଇଥିଲା ସେ ଆଜି ଭାରତର ଧର୍ମଗ୍ରନ୍ଥ । ଭାରତର ଘରେ ଘରେ ମୂର୍ଖ ପଣ୍ଡିତ, ଶିକ୍ଷିତ ଅଶିକ୍ଷିତ, ଧନୀ ନିର୍ଦ୍ଧନ ସମସ୍ତେ ରାମାୟଣ ପଢୁଛନ୍ତି, ଶୁଣୁଛନ୍ତି, ଶୁଣାଉଛନ୍ତି । ଗୋଟାଏ କାବ୍ୟ, ଗୋଟାଏ କଳ୍ପନା ଏତେ ବାସ୍ତବ ହୋଇ ଉଠିଲା କାହିଁକି ? କାରଣ ଏ କଳା ପ୍ରକୃତିର ଅନୁଗତ—ମନୁଷ୍ୟର ସୂକ୍ଷ୍ମ ଉଚ୍ଚ ପ୍ରବୃତ୍ତି ସକଳର ଉନ୍ମେଷକ, ଆଉ ମନୁଷ୍ୟର ନୀଚ ପ୍ରବୃତ୍ତି ସକଳର ପ୍ରହରୀ ।

କଳା-ସୃଷ୍ଟିର ଲକ୍ଷ୍ୟ ମନୁଷ୍ୟର ଦୁଷ୍ଟ ଇନ୍ଦ୍ରିୟଗୁଡ଼ିକୁ ଆୟତ୍ତାଧୀନ କରି ସେମାନଙ୍କୁ ଉଚିତ ପଥର ନିର୍ଦ୍ଦେଶ ଦେବା—ଦୁଷ୍ଟ ଇନ୍ଦ୍ରିୟ ସକଳକୁ ଉତ୍ତେଜିତ କରିବା ନୁହେ । ଅର୍ଥାତ୍ ପ୍ରକୃତିର ନିର୍ଦ୍ଦେଶକୁ ମାନି ଚଳିବା କଳାର ପରମ କର୍ତ୍ତବ୍ୟ ହେବା ଉଚିତ । କେହି କେହି କହି ପାରନ୍ତି, ମନୁଷ୍ୟ ଯଥେଷ୍ଟ କାମୋପଭୋଗ କରିବାକୁ ଚାହେଁ, ତାର ଏପରି ବଳବତ୍ ଇଚ୍ଛା ହେଉଛି, ଏହାକୁ

Digitized by srujanika@gmail.com

ପ୍ରକୃତିର ଇଚ୍ଛା ବୋଲି କାହିଁକି ଧରି ନ ଯିବ ?—ଆଉ କଳା ଏଥିପାଇଁ କାହିଁକି ସାହାଯ୍ୟ ନ କରିବ ? ଏହାର ଉତ୍ତର ଏହି ଯେ ଏହା ମନୁଷ୍ୟର ବୈଦ୍ଧିକ ପ୍ରକୃତିର ଉଦ୍ଦେଶ୍ୟ ହୋଇଥାନ୍ତା, ତେବେ ଯଥେଷ୍ଟ କାମୋପଭୋଗ ଫଳରେ ଶରୀରର ମନର ମଙ୍ଗଳ ହୁଅନ୍ତା । କିନ୍ତୁ ଅତି ଇନ୍ଦ୍ରିୟ-ଭୋଗ ଫଳରେ ମନୁଷ୍ୟ ରୁଗ୍ଣ ଦୁର୍ବଳ ହୋଇପଡ଼େ କାହିଁକି ? କାରଣ ପ୍ରକୃତି ଚାହେଁ ନା ଯେ ତାର ଇଚ୍ଛାର ବିରୁଦ୍ଧରେ ତାକୁ ବଳାତ୍କାର କରାଯାଉ ତେଣୁ ସେ ବାଧା ଦିଏ—କଠିଣ ବାଧା । ପ୍ରକୃତିର ଏ ବାଧା ବା ଧକ୍କା ହିଁ ରୋଗ, ଅସୁସ୍ଥତା, ଦୁର୍ବଳତା । ତେବେ ଏ ସବୁ ଚାହେଁ କିଏ ? ଯେ ଚାହେ ସେ ପ୍ରକୃତି ନୁହେ, ସେ ମନ । ଏ ମନ ଯେତେବେଳେ ବୁଦ୍ଧି ବା ମେଧାର ସାହାଯ୍ୟରେ ମାର୍ଜିତ ହୁଏ, ସେତେବେଳେ ସେ ଶାନ୍ତ ହୁଏ । ଏ ବୁଦ୍ଧିକୁ ମାର୍ଜିତ କରେ କିଏ ? ଯେ କରେ, ସେ କଳା । ('ପାଞ୍ଚ ମନ ପଚିଶ ପ୍ରକୃତି' ବୋଲି ଗୋଟାଏ କଥା ଅଛି । ତେଣୁ ଏଠାରେ ମନଟାକୁ ମୁଁ ପ୍ରକୃତି ସଙ୍ଗରେ ଗ୍ରହଣ କରି ନାହିଁ ।)

ମନୁଷ୍ୟ ପ୍ରକୃତିକୁ ଚିହ୍ନିବାକୁ ଉଦ୍‌ବୁଦ୍ଧ ହୁଏ କଳା ସାହାଯ୍ୟରେ—କଳା ଦିଏ ତାକୁ ପ୍ରେରଣା । ଯେତେବେଳେ ମନୁଷ୍ୟ କଳାର ପ୍ରେରଣାରେ ପ୍ରକୃତିକୁ ଚିହ୍ନିପାରେ, ସେତେବେଳେ ସେ ଆଉ କଳାର ଆବଶ୍ୟକତା ଅନୁଭବ କରେ ନା । କାରଣ କଳା ସାଧନା ପଥର ପାଥେୟ ମାତ୍ର—ଲକ୍ଷ୍ୟ ନୁହେ । ଅର୍ଥାତ୍ ଅବାସ୍ତବତା ବାସ୍ତବତାକୁ ପାଇବାର ଉପାୟ ମାତ୍ର । ମନୁଷ୍ୟ ବେଦର, ଉପନିଷଦର, ଗୀତାର ବିରାଟ ସତ୍ୟଗୁଡ଼ାକୁ ରୂପକ ଆକାରରେ ଜାଣିଲା ପରେ, ସେହି ପଥରେ ସେ ଯିବାକୁ ବ୍ରତୀ ହୁଏ । ବ୍ରତ ସମାପ୍ତ

Digitized by srujanika@gmail.com

ହେଲେ ଶ୍ରୁତିର ଫଳ ଯୋଗ୍ୟ ବାସ୍ତବତାକୁ ସେ ହୃଦୟଙ୍ଗମ କରେ । ସେତେବେଳେ ସେ ଆଉ ପଥିକ ନ ହୋଇ, ସଂସାରୀ ନ ହୋଇ, ହୁଏ ମୁକ୍ତ, ନିର୍ଦ୍ୱନ୍ଦ୍ୱ-ମାନବ ନ ହୋଇ ହୁଏ ଅତି-ମାନବ । ଲକ୍ଷ୍ୟ ସ୍ଥଳକୁ ପହୁଞ୍ଚିଲେ ଅର୍ଥାତ୍ ପଥ ଶେଷ କଲେ ଆଉ ତ ପାଥେୟର ଆବଶ୍ୟକତା ରହେ ନା । ଅର୍ଥାତ୍ ପ୍ରକୃତିକୁ ଅନୁଭବ କଲେ, ଚିହ୍ନିଲେ ଆଉ କଳାର ପ୍ରୟୋଜନୀୟତା ରହେ ନା । କିନ୍ତୁ ପ୍ରକୃତି ସଙ୍ଗରେ ପରିଚିତ ପୁରୁଷ, ଲୋକ ସାଧାରଣଙ୍କୁ ପ୍ରକୃତି ସଙ୍ଗରେ ପରିଚୟ କରେଇବାକୁ କଳା ସୃଷ୍ଟି କଲେ । ଏ କଳା ବିଶ୍ୱରେ ରାମାୟଣ, ମହାଭାରତ, ଉପନିଷଦ, ବେଦ ବେଦାନ୍ତ ନାମରେ ପ୍ରକାଶ ଲାଭ କରେ । ଏ ହେଉଛି କଳାର ମୂଲ୍ୟ ଏବଂ ଶେଷ ଧ୍ୟେୟ । ଏଥିପାଇଁ କଳାବିଦ୍ ସାମାନ୍ୟ ମନୁଷ୍ୟ ହୁଏ ନା—ସେ ଅସାଧାରଣ ମନୁଷ୍ୟ ହୁଏ । ତେଣୁ ସେ ମାନନୀୟ, ଆଦରଣୀୟ ହୁଏ । କାରଣ ସେ ଯେ ବିଶ୍ୱର ଗୁରୁ ।

କଳାର ଏ ଗୋପନୀୟ ରହସ୍ୟକୁ ଯେ ବୁଝିଛି, ଆଉ ପ୍ରକୃତିର ଏ ବିରାଟ ସତ୍ୟକୁ ଯେ ଉପଲବ୍ଧି କରିଛି, ସେ କଦାପି କଳାକୁ ପ୍ରକୃତିଠାରୁ ବିଚ୍ଛିନ୍ନ କରିବ ନାହିଁ । (ପ୍ରକୃତି ଅର୍ଥରେ ଏଠାରେ ମୁଁ ଜଡ଼ ଆଉ ଚେତନ, ଏ ଉଭୟ ପ୍ରକୃତିକୁ ଗ୍ରହଣ କରିଛି ।) କଳା ଓ ପ୍ରକୃତିକୁ ସେ ସମଭାବରେ ଗ୍ରହଣ କରିବ । ସେତେବେଳେ ସେ ଆଉ କଳାକୁ ବିକୃତ ବା ବିକଳାଙ୍ଗ କରିବ ନାହିଁ । କଳାକୁ ଗ୍ରହଣ କରିବ କଳା ରୂପରେ, ପ୍ରକୃତିକୁ ଗ୍ରହଣ କରିବ ପ୍ରକୃତି ରୂପରେ, ଆଉ ବୁଝିବ ଯେ ଏ ଦୁହିଙ୍କର ସମ୍ବନ୍ଧ ଘନିଷ୍ଠତମ । ସେତେବେଳେ କଳାକାର ହେବ ତତ୍ତ୍ୱଦର୍ଶୀ, ଆଉ ତତ୍ତ୍ୱଦର୍ଶୀ ହେବ କଳାକାର । ମହର୍ଷି ବାଲ୍ମୀକି ତତ୍ତ୍ୱଦର୍ଶୀ ଅଥଚ କଳାକାର, ଶିଳ୍ପୀ । ରାମାୟଣ

Digitized by srujanika@gmail.com

କାବ୍ୟରେ ସେ କବି । ଅଉ ଏ ରାମାୟଣ କାବ୍ୟ କେବଳ କାବ୍ୟ ନୁହେ—ଏହା ଆଧ୍ୟାତ୍ମିକ ଗ୍ରନ୍ଥ ମଧ୍ୟ । ଆଧ୍ୟାତ୍ମିକତାକୁ, ଚରିତ୍ରବତ୍ତାକୁ, ମନୁଷ୍ୟ ମନର ଉର୍ଦ୍ଧ୍ୱ ପ୍ରବୃତ୍ତି ସକଳକୁ, ବାସ୍ତବତାକୁ ପ୍ରକାଶ କରାଯାଇଛି କଳା ' ସାହାଯ୍ୟରେ (ଅବାସ୍ତବତା ସାହାଯ୍ୟରେ)। କାବ୍ୟରେ । ବ୍ୟାସଦେବ ତତ୍ତ୍ୱଦର୍ଶୀ ଅଥଚ କଳାକାର, କଳାବିତ୍ । ମହାଭାରତ କାବ୍ୟର ସେ କବି । ମହାଭାରତ କାବ୍ୟ କେବଳ ଐତିହାସିକ କାବ୍ୟ ଗ୍ରନ୍ଥ ନୁହେ—ଏହା ମଧ୍ୟ ଆଧ୍ୟାତ୍ମିକତା ଆଧାରିତ ଗ୍ରନ୍ଥ । ଗୀତା ଏ କାବ୍ୟର ଅଂଶ ବିଶେଷ । ଉପନିଷଦର ରଚୟିତା ଦାର୍ଶନିକ ତତ୍ତ୍ୱଦର୍ଶୀ ଅଥଚ କଳାକାର ଶିଳ୍ପୀ, ଅନ୍ୟଥା ଉପନିଷଦରେ ଯମ-ନଚିକେତା ସମ୍ବାଦ, ନାରଦ-ସନତ୍କୁମାର ସମ୍ବାଦ, ଯାଜ୍ଞବଳ୍କ୍ୟ-ମୈତ୍ରେୟୀ ସମ୍ବାଦ ସମ୍ଭବ ହୁଅନ୍ତା କିପରି ? ଦାର୍ଶନିକ ତତ୍ତ୍ୱକୁ, ଆଧ୍ୟାତ୍ମିକ ଉପଲବ୍ଧିକୁ ଏ ରୂପ କାହାଣୀର ଢଙ୍ଗରେ ପ୍ରକାଶ କରିବାର ଶୈଳୀ ଉପନିଷଦର ଏକ ବିଶିଷ୍ଟତା ।

ଦେବର୍ଷି ନାରଦ ତତ୍ତ୍ୱଦର୍ଶୀ । ସେ ପୁଣି ନାରଦୀୟ ସଙ୍ଗୀତର ସ୍ରଷ୍ଟା—ନାରଦୀୟ ବୀଣାର ମଧ୍ୟ ସେ ସ୍ରଷ୍ଟା । ପିନାକପାଣି ରୁଦ୍ରଦେବ ଶଙ୍କର ବୀତରାଗ, ତପସ୍ୱୀ, ବ୍ରହ୍ମଦ୍ରଷ୍ଟା; ସେ ପୁଣି ତାଣ୍ଡବ ନୃତ୍ୟର ଅଗ୍ରଣୀ ତଥା ଅବିଷ୍କାରକ । ଭଗବତୀ ଉମା ତପସ୍ୱିନୀ, ସେ ପୁଣି ଲାସ୍ୟର ଅଧିଷ୍ଠାତ୍ରୀ ଦେବୀ । ଭଗବାନ ଶ୍ରୀକୃଷ୍ଣ ଯୋଗୀରାଜ, ପରମ ଦାର୍ଶନିକ, ସେ ପୁଣି ବଂଶୀବାଦନ କଳାରେ ସିଦ୍ଧହସ୍ତ । ତାଙ୍କର ବାଙ୍କଚୂଡ଼ାଣୀ, ତ୍ରିଭଙ୍ଗଠାଣି, ମୁରଲୀପାଣି କ'ଣ ତାଙ୍କର ନଟବର ହେବାର ସୂଚନା ଦିଏ ନା ?—ଅଉ ଯୁଦ୍ଧକ୍ଷେତ୍ରରେ ଅର୍ଜୁନଙ୍କ ସମକ୍ଷରେ ଅଧ୍ୟାତ୍ମତତ୍ତ୍ୱର ଗୂଢ଼ାର୍ଥ ପ୍ରତିପାଦନ କ'ଣ ତାଙ୍କର ତତ୍ତ୍ୱବେତ୍ତା ହେବାର ସୂଚନା ଦିଏ ନା ? ଆଧୁନିକ କାଳରେ 'ମଧ୍ୟ ଏପରି

Digitized by srujanika@gmail.com

ଉଦାହରଣର ଅଭାବ ଘଟି ନାହିଁ । 'ଭରତନାଟ୍ୟମ୍'ର ଅଗ୍ରଣୀ ତଥା ଅବିଷ୍କାରକ ଜଣେ ଋଷି, ସେ ହେଉଛନ୍ତି ଭରତ ମୁନି । ସଙ୍ଗୀତର ପ୍ରବୀଣ ପ୍ରକାଣ୍ଡ ଅଗ୍ରଣୀ ହରିଦାସ ଜଣେ ଋଷିପ୍ରତିମ ବ୍ୟକ୍ତି ।

ବିଶ୍ୱକର୍ମାର ସମଗ୍ର ସୃଷ୍ଟିର ରହସ୍ୟ ପ୍ରକୃତି ମଧ୍ୟରେ ହିଁ ନିହିତ, ଅତଏବ ସେହି ବିଶ୍ୱକର୍ମାର ଅମୃତ ସନ୍ତାନ ମାନବ କଳାରେ ହିଁ ତାର ସମଗ୍ର ଜୀବନର ରହସ୍ୟକୁ ରୂପ ଦିଏ । ବିଶ୍ୱକର୍ମା ଯେପରି କଳାବିଦ୍,—ମନୁଷ୍ୟ ମଧ୍ୟ ସେହିପରି କଳାବିଦ୍ । ତେଣୁ ମନୁଷ୍ୟ ବିଶ୍ୱକର୍ମାର ନିକଟତମ । ତେଣୁ ମନୁଷ୍ୟ ନିଜକୁ କହେ, ଅହଂ ବ୍ରହ୍ମାସ୍ମି । ବିଶ୍ୱକର୍ମା ଈଶ୍ୱର, ମାନବର ଯେପରି ସେ ଜନକ, ବନ୍ଧୁ, ସେପରି ସେ ତାର ଗୁରୁ ମଧ୍ୟ । ତେଣୁ କଳା ଯଦି ପ୍ରକୃତି ପରି କେବଳ ବହିର୍ମୁଖୀ ନ ହୋଇ ଅନ୍ତର୍ମୁଖୀ ହୁଏ, ତେବେ ତ ମଙ୍ଗଳ । ଏହି ଉଦ୍ଦେଶ୍ୟକୁ ଲକ୍ଷ୍ୟରେ ରଖି ଭାରତୀୟ କଳାର ସୃଷ୍ଟି । ବିଶ୍ୱଗୁରୁ କଳାକାର-କଳାବିଦ୍ ବିଶ୍ୱକର୍ମା, ଈଶ୍ୱର ଭାରତୀୟ କଳାକାର ତଥା କଳାବିଦ୍‌ଗଣଙ୍କୁ ଆଶୀର୍ବାଦ କରନ୍ତୁ ଯେପରି ସେ ଭାରତର ପ୍ରାଚୀନ ଆର୍ଷ କଳାବିଦ୍‌ଗଣଙ୍କ ପଥକୁ ଅନୁସରଣ କରି ପାରିବ । ତେବେ ସିନା ସାରା ବିଶ୍ୱକୁ, 'କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍', ସମଗ୍ର ବିଶ୍ୱକୁ ଆର୍ଯ୍ୟ ଅର୍ଥାତ୍ ଶ୍ରେଷ୍ଠ କରାଯାଇ ପାରିବ ।

Digitized by srujanika@gmail.com

ଭୋଗ ଓ ତ୍ୟାଗ

ଉପନିଷଦ କହନ୍ତି, ଅନ୍ନ ବୈ ପ୍ରାଣିନାଂ ପ୍ରାଣଃ । ବୈ ଅର୍ଥାତ୍ ନିଶ୍ଚୟ ଅନ୍ନ ପ୍ରାଣୀମାନଙ୍କର ପ୍ରାଣ । ନିଜ ମତ ପ୍ରତି ଦୃଢ଼ ଆସ୍ଥା ସ୍ଥାପନ କରି ଉପନିଷଦ୍ କହନ୍ତି ଯେ ଅନ୍ନ ସମସ୍ତ ପ୍ରାଣୀ-ଜଗତ ପକ୍ଷରେ ପ୍ରାଣତୁଲ୍ୟ ଅତ୍ୟାବଶ୍ୟକ ଏବଂ ମୂଲ୍ୟବାନ । କିନ୍ତୁ ଯେ ବିଚାର-ବୁଦ୍ଧି ଗୋହତ୍ୟାକୁ ଅର୍ଥିକ ଦୃଷ୍ଟି-କୋଣରୁ ବିଚାର କରି ଆବଶ୍ୟକ ବୋଲି ସମର୍ଥନ କରି ପାରେ, ସେ ବିଚାର-ବୁଦ୍ଧି ଯେ ସମସ୍ତ ପ୍ରାଣୀ ଜଗତ ପାଇଁ ଅନ୍ନକୁ ଉପନିଷଦର ଦୃଷ୍ଟି-କୋଣରୁ ବିଚାର କରି ଆବଶ୍ୟକ ବୋଲି ସ୍ୱୀକାର କରିବ, ଏ ଆଶା କରିବା ବୃଥା । ତେଣୁ, ସମସ୍ତ ପ୍ରାଣୀ-ଜଗତ ପାଇଁ ଅନ୍ନ ପ୍ରାଣତୁଲ୍ୟ ଅପରିହାର୍ଯ୍ୟ କି ନା, ଆପାତତଃ ଏ ବିଚାର ସ୍ଥଗିତ ରଖିବା ।

ପ୍ରାଣୀ ଅର୍ଥରେ ମନୁଷ୍ୟକୁ ଗ୍ରହଣ କରି ବିଚାର କରି ଦେଖିବା, ମନୁଷ୍ୟ ପକ୍ଷରେ ଅନ୍ନର ଆବଶ୍ୟକ କେତେ ।

ଅନ୍ନ ମନୁଷ୍ୟକୁ ପ୍ରାଣବନ୍ତ କରେ । ତେଣୁ ଅନ୍ନ ପ୍ରାଣୀମାନଙ୍କର ପ୍ରାଣ । ଯେ ରାଷ୍ଟ୍ର ରାଷ୍ଟ୍ରର ଦଳେ ଲୋକଙ୍କୁ ଅନ୍ନ ଦେଇ ପ୍ରାଣବନ୍ତ କରିବାକୁ ଚାହାନ୍ତି, ସେ ରାଷ୍ଟ୍ରର ପତନ ଅନିବାର୍ଯ୍ୟ ହୋଇ ପ୍ରାଣବନ୍ତ ଆଉ ଅପ୍ରାଣବନ୍ତଙ୍କ ସଂଘର୍ଷର ପେଷଣରେ । କାରଣ ଅନ୍ନ ମନୁଷ୍ୟକୁ ଯେପରି ଅଲୁବ୍ଧ କରେ, ସେହିପରି ସେ ତାକୁ ପ୍ରଲୁବ୍ଧ ମଧ୍ୟ କରେ । ଅନ୍ନର ଭାବ, ମନୁଷ୍ୟକୁ ଶକ୍ତିଦିଏ—ଅନ୍ନର ଅଭାବ ମନୁଷ୍ୟକୁ ଈର୍ଷା ଦିଏ ଯା ଶକ୍ତିର ବିକୃତ ପରିଣାମ—ଶକ୍ତିର ଅପବ୍ୟବହାର ମାତ୍ର । ଈର୍ଷା ଆଉ ଶକ୍ତିର (Power) ସଙ୍ଘର୍ଷହିଁ

Digitized by srujanika@gmail.com

ବିପ୍ଳବ । ଯଦି ଈର୍ଷା ପୃଷ୍ଠପୋଷକତା ଲାଭ କରେ, ସେ ଜୟୀ ହୁଏ । ଶକ୍ତି ଯଦି ଅଶକ୍ତଠାରେ ପ୍ରକାଶ ପାଏ, ଶକ୍ତିର ଅପବ୍ୟବହାର ହେବା ଫଳରେ ସେ ପରାଜୟ ଲାଭ କରେ । ସୁଦର୍ଶନ-ଚକ୍ର ଯଦି ଜୟଦ୍ରଥ ଧାରଣ କରିଥାନ୍ତେ, ମହାଭାରତ ଯୁଦ୍ଧର ପରିଣାମ କୁପରିଣାମ ହୋଇଥାନ୍ତା । ତେବେ ସେ ଯା ହେଉନା କାହିଁକି, ବିପ୍ଳବର ପୃଷ୍ଠଭୂମି ହେଉଛି ଅନ୍ନ-ବଣ୍ଟନରେ ଅସାମଞ୍ଜସ୍ୟତା ।

ଶରୀର ଯେ ଅନ୍ନ ସେ । ଜଡ଼ ପ୍ରକୃତି ହିଁ ଅନ୍ନ । ପଞ୍ଚମହାଭୂତ ଜଡ଼ ପ୍ରକୃତି । ଏହି ଜଡ଼ ପ୍ରକୃତିର ସମ୍ମିଶ୍ରଣରେ ଉଦ୍‌ଭବ ବିଭିନ୍ନ ରୂପ, ଯା ଭୋଜ୍ୟ, ତା ଅନ୍ନ । ତେଣୁ ଅନ୍ନ ଭୌତିକ । ଗୋଧୂମରେ, ତଣ୍ଡୁଳରେ ମାଟି ରହିଛି, ପାଣି ରହିଛି, ପବନ ରହିଛି, ତେଜ ରହିଛି, ଆକାଶ ରହିଛି; ଏହାହିଁ ତ ପଞ୍ଚ ମହାଭୂତ; ଆଉ ସ୍ଥୂଳ ଶରୀର ମଧ୍ୟ ଏହି ପଞ୍ଚଭୂତର ସମ୍ମିଶ୍ରଣରେ ନିର୍ମିତ । ତେଣୁ କହନ୍ତି, ପିଣ୍ଡ ବ୍ରହ୍ମାଣ୍ଡ ଏକ ।

ଶରୀରର ସୃଷ୍ଟି, ସ୍ଥିତି, ଆଉ ବିନାଶର ହେତୁ ଅନ୍ନ । ବୀର୍ଯ୍ୟ ଶରୀର ସୃଷ୍ଟିର ମୂଳାଧାର । ବୀର୍ଯ୍ୟ ଅନ୍ନର ଅତି ସଂକ୍ଷିପ୍ତ ପରିଣାମ । ଅନ୍ନର ଛଅଟି ପରିଣାମ ପରେ ସପ୍ତମ ପରିଣାମ ବୀର୍ଯ୍ୟ ଯା ସୃଷ୍ଟିର ବୀଜ । ମାତୃଗର୍ଭରେ ଏ ବୀର୍ଯ୍ୟର ସ୍ଥାପନା ଦ୍ୱାରା ସୃଷ୍ଟିର ଆରମ୍ଭ ହୁଏ । ତେଣୁ ବୀର୍ଯ୍ୟ ସୃଷ୍ଟିର ହେତୁ । ତେଣୁ, ମାତୃଗର୍ଭରେ ଏହି ଅନ୍ନର ସାହାଯ୍ୟରେ ସୃଷ୍ଟି ଅର୍ଥାତ୍ ଭ୍ରୂଣର ସ୍ଥିତି ସମ୍ଭବ ହୁଏ । ସୃଷ୍ଟିକୁ ପ୍ରକାଶ କରିବାରେ ଅର୍ଥାତ୍ ସନ୍ତାନକୁ ଜନ୍ମ ଦେବାରେ ଯଦି କା'ର ବଳର ପ୍ରୟୋଜନ ରହିଛି ତ ତା ହେଉଛି ଅନ୍ନର ବଳ । ଦୁର୍ବଳଶରୀରା ମାତା ପ୍ରସବ ବେଦନାର ତୀବ୍ରତା ସହ୍ୟ କରି ପାରେ ନା । ଆଜି କାଲିକାର ଅଧିକାଂଶ ପ୍ରସୂତି-ମୃତ୍ୟୁ ଏହାର

Digitized by srujanika@gmail.com

ଜ୍ୱଳନ୍ତ ଉଦାହରଣ । ତେଣୁ ସୃଷ୍ଟି ପ୍ରକାଶର ହେତୁ ମଧ୍ୟ ଅନ୍ନ । ସୃଷ୍ଟିକୁ ସ୍ଥିର ରଖିବାର ହେତୁ, ଶରୀରକୁ ସ୍ଥିର ରଖିବାର ହେତୁ ମଧ୍ୟ ଅନ୍ନ । ଶିଶୁ ସ୍ତନ୍ୟପାନ କରି ବଞ୍ଚେ, ଆଉ ଏଇ ଦୁଗ୍ଧ ଅନ୍ନର ଗୋଟିଏ ପରିଣତି । ପ୍ରାଣୀମାନେ ଅନ୍ନ ଭକ୍ଷଣ କରି ବଞ୍ଚନ୍ତି ।

ବିନାଶର ହେତୁ ମଧ୍ୟ ଅନ୍ନ । ଇନ୍ଦ୍ରିୟଗଣ ଶିଥିଳ ହେବା ହେତୁରୁ ଯେଉଁ ଅବସ୍ଥାରେ ମନୁଷ୍ୟ ଅନ୍ନ ଗ୍ରହଣ କରି ପାରେ ନା, ସେ ଅବସ୍ଥା ମନୁଷ୍ୟର ବାର୍ଦ୍ଧକ୍ୟାବସ୍ଥା । ଏହି ବାର୍ଦ୍ଧକ୍ୟର ଶେଷ ପରିଣତି ମୃତ୍ୟୁ । ତେଣୁ ଅନ୍ନ ମୃତ୍ୟୁ ଅର୍ଥାତ୍ ବିନାଶର ମଧ୍ୟ ହେତୁ । ବସ୍ତୁତଃ ସୃଷ୍ଟି, ସ୍ଥିତି, ଆଉ ପ୍ରଳୟର ମୂଳ କାରଣ ଅନ୍ନ ।

ସ୍ଥୂଳ-ସୂକ୍ଷ୍ମ ଶରୀରର ପୂର୍ଣ୍ଣ ବିକାଶରେ ଶରୀର ପୂର୍ଣ୍ଣତା ପ୍ରାପ୍ତ ହୁଏ । ସୂକ୍ଷ୍ମ ଶରୀର ଚେତନାମୟ ଶରୀର । ସ୍ଥୂଳ ଶରୀର ଜଡ଼ତାମୟ ଶରୀର । ଜଡ଼ ପ୍ରକୃତିରୁ ଏହା ତିଆରି ; ଆଉ ପଞ୍ଚମହାଭୂତ ଜଡ଼ ପ୍ରକୃତି, ଏ ପଞ୍ଚମହାଭୂତ ଜଡ଼ ଶରୀରର ଉପାଦାନ । ଏ ଶରୀରର ପୂର୍ଣ୍ଣ ବିକାଶ କେବଳ ଆନନ୍ଦମୟ ଶରୀରର ପ୍ରକାଶ ଦ୍ୱାରାହିଁ ସମ୍ଭବ । ଏହି ଆନନ୍ଦମୟ ଶରୀରର ବିକାଶର ହେତୁ ବ୍ରହ୍ମ ଯେ ଆନନ୍ଦମୟ । ଏହି ସୂକ୍ଷ୍ମ ଶରୀରର ବିକାଶର ହେତୁ ପ୍ରାଣ ଯେ ଚେତନାମୟ । ଏହି ସ୍ଥୂଳ ଶରୀରର ବିକାଶର ହେତୁ ଜଡ଼-ପ୍ରକୃତି ଯା'କେବଳ ସତ୍ । ତେଣୁ ପୂର୍ଣ୍ଣ ବିକଶିତ ଶରୀର ହିଁ 'ସଚ୍ଚିଦାନନ୍ଦ' । ସତ୍-ଜଡ଼ ପ୍ରକୃତି ; ଚିତ୍-ପ୍ରାଣ, ଆନନ୍ଦ-ବ୍ରହ୍ମ । ତେଣୁ କହନ୍ତି, ଅହଂ ବ୍ରହ୍ମାସ୍ମି । ଯେ ବ୍ରହ୍ମ ସଚ୍ଚିଦାନନ୍ଦ, ସେ ବ୍ରହ୍ମ ମନୁଷ୍ୟ ମଧ୍ୟ, ମନୁଷ୍ୟର ଏ କଳ୍ପନା କରିବାରେ ଯୁକ୍ତି ଉପରେ ଲିଖିତ । ଏଥିପାଇଁହିଁ ପୂର୍ଣ୍ଣ ବିକଶିତ ଶରୀର ରାମ ଆଉ କୃଷ୍ଣଙ୍କୁ ମନୁଷ୍ୟ ଭଗବାନଙ୍କ ଅବତାର ବୋଲି କଳ୍ପନା କରି ପାରନ୍ତି ।

Digitized by srujanika@gmail.com

ଏହି ଆନନ୍ଦମୟ, ଚୈତନ୍ୟମୟ, ସତ୍ୟମୟ ଶରୀରର ବିକାଶର ହେତୁ ଅନ୍ନ, କେବଳ ସତ୍ୟମୟ (ଜଡ଼ମୟ) ଶରୀରର ଅର୍ଥାତ୍ ସ୍ଥୂଳ ଶରୀରର ବିକାଶର ହେତୁ ନୁହେ । ମନୁଷ୍ୟ ଅନ୍ନ ଗ୍ରହଣ କଲେ, ତାର ଶରୀରର ସ୍ଥିତି ସମ୍ଭବ ହୁଏ । ଶରୀରର ସ୍ଥିତି ସମ୍ଭବ ହେଲେ, ଶରୀରରେ ଅବାଧ ପ୍ରାଣ-ସଞ୍ଚାର ସମ୍ଭବ ହୁଏ । ଶରୀରରେ ଅବାଧ ପ୍ରାଣ-ସଞ୍ଚାର ସମ୍ଭବ ହେଲେ, ଶରୀରରେ ଆତ୍ମା (ପରମାତ୍ମା) ର ପ୍ରକାଶ ସମ୍ଭବ ହୁଏ । ଅନ୍ନ ଅର୍ଥରେ କିନ୍ତୁ ଉତ୍କୃଷ୍ଟ ଅନ୍ନ, ସାତ୍ତ୍ୱିକ ଅନ୍ନ ହେଲେ ଯାଇ ଶରୀରର ଏଇ ପୂର୍ଣ୍ଣ ବିକଶିତ ରୂପ ସମ୍ଭବ ହେବ । କାରଣ, ଜୈସା ଖାବେ ଅନ୍ନ ବୈସା ହୋବେ ମନ୍, (**A man is what he eats**) ଏଇ ମନର ସ୍ଥିରତା ବା ଅସ୍ଥିରତା ଉପରେ ଆତ୍ମା (ପରମାତ୍ମା) ପ୍ରକାଶ ବା ଅପ୍ରକାଶ ନିର୍ଭର କରେ । ସାତ୍ତ୍ୱିକ ଅନ୍ନ ମନର ସ୍ଥିରତାର କାରଣ—ତାମସିକ ଅନ୍ନ ମନର ଅସ୍ଥିରତାର କାରଣ । ତାମସିକ ଅଥବା ରାଜସିକ ଅନ୍ନଦ୍ୱାରା ଯଦି ଜଡ଼ ଶରୀରର ବିକୃତ ଘଟେ, ତେବେ ଚୈତନ୍ୟମୟ ଶରୀରର ମଧ୍ୟ ବିକୃତ ଘଟିବ । ଅର୍ଥାତ୍ ଶରୀରରେ ପ୍ରାଣର ନିର୍ବିଘ୍ନ ସଞ୍ଚାରରେ ବାଧା ପଡ଼ିବ । ଶରୀରରେ ପ୍ରାଣର ନିର୍ବିଘ୍ନ ସଞ୍ଚାର ନ ହେଲେ ପ୍ରାଣ ଆତ୍ମାକୁ (ପରମାତ୍ମାକୁ) ଉପଲବ୍ଧି କରି ପାରିବ ନାହିଁ । ତେଣୁ ସେ ଆନନ୍ଦ ପାଇ ପାରିବ ନାହିଁ । ଅନ୍ୟ କଥାରେ, ଆନନ୍ଦମୟ ଶରୀରର ବିକାଶର ଗତିରୋଧ ହେବ ।

ଶରୀରର ପୂର୍ଣ୍ଣ ବିକାଶ ପାଇଁ କେବଳ ଅନ୍ନ ଯଥେଷ୍ଟ ନୁହେ । ଏଥିପାଇଁ ଅନ୍ନ ବ୍ୟତୀତ ଅନ୍ୟାନ୍ୟ ଭୋଗ ସାମଗ୍ରୀର ମଧ୍ୟ ଆବଶ୍ୟକତା ରହିଛି । ପୋଷାକପରିଚ୍ଛଦ, ଯାନବାହନ,

Digitized by srujanika@gmail.com

ଗୀତବାଦ୍ୟ, ସଙ୍ଗୀତ-ସାହିତ୍ୟର ଆବଶ୍ୟକତା ରହିଛି । ଯେ ଅନ୍ନ ସମଗ୍ର ଭାବରେ ଜଡ଼ ଶରୀରକୁ ପୁଷ୍ଟ—ବଳିଷ୍ଠ କରେ, ସେ ଅନ୍ନ ଚେତନାମୟ ଶରୀରକୁ, ମନ-ପ୍ରାଧାନ୍ୟ-ଯୁକ୍ତ ଶରୀରକୁ ମଧ୍ୟ ସମଗ୍ର-ଭାବରେ ବିକଶିତ କରେ । କିନ୍ତୁ ଏଥିପାଇଁ ଆବଶ୍ୟକ 'ଭୋଗ' । ଅନ୍ନ ଭୋଗ ନୁହେ—ଅନ୍ନ ପ୍ରୟୋଜନୀୟତା । ଅନ୍ନ ଶରୀରପାଇଁ ଆବଶ୍ୟକ—ଭୋଗ ମନ ପାଇଁ ଆବଶ୍ୟକ । ଯେ ମନୁଷ୍ୟର ସ୍ଥିତି ଉଚ୍ଚ କୋଟୀର, କେବଳ ତା ପକ୍ଷରେ ଭୋଗ ନଗଣ୍ୟ । କାରଣ ସେ ଆନନ୍ଦ ଆହରଣ କରେ ଆନନ୍ଦକନ୍ଦଠାରୁ । ସାଧାରଣ ମନୁଷ୍ୟ ଆନନ୍ଦ ଆହରଣ କରେ ଆନନ୍ଦକନ୍ଦସୃଷ୍ଟ ଏ ବିଶ୍ୱ ପ୍ରପଞ୍ଚରୁ । ତେଣୁ ଯୋଗୀ କଳାକାରକୁ (ପରମାତ୍ମାକୁ) ପାଇବାକୁ ଲାଳାୟିତ ହୁଏ, କଳାକାରର କଳାକୁ (ସଂସାରକୁ) ନୁହେ । ଅର୍ଥାତ୍ ଯୋଗୀ ସୃଷ୍ଟି ପ୍ରତି ଅନୁରକ୍ତ ହୁଏ ନା—ସୃଷ୍ଟିକର୍ତ୍ତା ପ୍ରତି ଅନୁରକ୍ତ ହୁଏ । କିନ୍ତୁ ସାଧାରଣ ମନୁଷ୍ୟ ସୃଷ୍ଟିକର୍ତ୍ତା ପ୍ରତି ଆସକ୍ତ ହୁଏ ନା—ସୃଷ୍ଟି ପ୍ରତି ଆସକ୍ତ ହୁଏ । ରାଷ୍ଟ୍ରର ସମସ୍ତଙ୍କୁ ତ୍ୟାଗୀ ମନେ କରିବା ଅସଙ୍ଗତ । ଯୋଗୀ ପ୍ରତି ଯେପରି ରାଷ୍ଟ୍ରର କର୍ତ୍ତବ୍ୟ ରହିଛି, ସେ ଅଯୋଗୀ ତାର ପ୍ରତି ମଧ୍ୟ ରାଷ୍ଟ୍ରର କର୍ତ୍ତବ୍ୟ ରହିବା ଉଚିତ । ଅର୍ଥାତ୍ ରାଷ୍ଟ୍ର କେବଳ ଯୋଗୀକୁ ମାନ ଦେବ ନାହିଁ, ଆଉ ଅଯୋଗୀକୁ ହତାଦର କରିବ ନାହିଁ । ରାଷ୍ଟ୍ର ତେବେ ଯାଇ ପୂର୍ଣ୍ଣ ବିକଶିତ ରାଷ୍ଟ୍ର ହୋଇ ପାରିବ । ତେଣୁ ଦଳେ ଲୋକଙ୍କର ଭୋଗ ପାଇଁ ସମସ୍ତଙ୍କୁ ତ୍ୟାଗ କରିବାକୁ ଉପଦେଶ ଦେବା ବାତୁଳତା ।

ଯେ ଅନ୍ନ ଏକବିଧ, ସେ ଅନ୍ନ ରାଷ୍ଟ୍ରର ସମସ୍ତ ପ୍ରାଣୀ (ମନୁଷ୍ୟ) ପାଇଁ ଏକାନ୍ତ ପ୍ରୟୋଜନ । ରାଷ୍ଟ୍ରର ସମୂହ କଲ୍ୟାଣ ଯେ ରାଷ୍ଟ୍ରନାୟକଙ୍କ ଲକ୍ଷ୍ୟ, ସେ ରାଷ୍ଟ୍ର-ନାୟକ ରାଷ୍ଟ୍ରର ସମସ୍ତ ପ୍ରାଣୀ ପାଇଁ ଅନ୍ନର ବ୍ୟବସ୍ଥା କରିବାକୁ ବାଧ୍ୟ ।

Digitized by srujanika@gmail.com

ରାଷ୍ଟ୍ରର ସମଗ୍ର ସମ୍ପତ୍ତି ରାଷ୍ଟ୍ରର, କୌଣସି ବ୍ୟକ୍ତିବିଶେଷର ନୁହେ । ରାଷ୍ଟ୍ରର ପ୍ରତ୍ୟେକ ଲୋକ ଆପଣା ଆପଣାର ଯୋଗ୍ୟତାନୁସାରେ ରାଷ୍ଟ୍ରର ସେବା କରିବେ, ଆଉ ରାଷ୍ଟ୍ରର ସମ୍ପତ୍ତିରୁ ଅଂଶ ଭାଗ କରି ନେବେ ଭୋଗ କରିବା ପାଇଁ ଆପଣା ଆପଣାର ଆବଶ୍ୟକତାନୁସାରେ । ସୃଷ୍ଟିର ଏଇ ଅତି ସାଧାରଣ ଅଥଚ ବିରାଟ ସତ୍ୟ ପ୍ରତି ଦଳେ ଲୋକ ଅବହମାନ କାଳରୁ ଅବହେଳା କରି ଆସିଛନ୍ତି । ସେଥିପାଇଁ ରାଷ୍ଟ୍ରର ଅଧିକ ସଂଖ୍ୟକ ଲୋକ ଏଇ ଦଳେ ଲୋକଙ୍କର ସ୍ୱାର୍ଥ-ଦେବତାର ମନ୍ଦିରରେ ନିଜ ନିଜର ଅତି କ୍ଷୁଦ୍ର ସ୍ୱାର୍ଥକୁ ମଧ୍ୟ ବଳି ଦେଇ ବରଣ କରି ନେଇଛନ୍ତି ବିରାଟ ଅନଶନ, ରୋଗ ବ୍ୟାଧି, ଜରା, ମୃତ୍ୟୁ, ବା ହତାଶ । ଚରିତ୍ର-ଭ୍ରଷ୍ଟତାର ଯଦି କୌଣସି ସର୍ବପ୍ରଧାନ କାରଣ ଥାଏ, ସେ ହେଉଛି ଅଭାବ ଅନାଟନ । ଯାର ଆର୍ଥିକ ସ୍ଥିତି ସ୍ୱଚ୍ଛ ନୁହେଁ, ତାର ମାନସିକ ସ୍ଥିତି ସ୍ୱଚ୍ଛ ହେବ କିପରି ? ବୁଭୁକ୍ଷୁଠାରୁ ଆଧ୍ୟାତ୍ମିକତା ଆଶା କରିବା କିଣି ନ୍ୟାଯ୍ୟ ହେବ ?

'ଚୋରି କର ନାହିଁ' କହିବା ପୂର୍ବରୁ କାହିଁକି କୁହାଯିବ ନାହିଁ ଯେ 'ତୁମେ କ୍ଷୁଧାର୍ତ୍ତ—ଅନ୍ନ ନିଅ ।' ନାରୀକୁ ବେଶ୍ୟା ନ ହେବାକୁ ଉପଦେଶ ଦେବା ପୂର୍ବରୁ କାହିଁକି କୁହାଯିବ ନାହିଁ ଯେ, 'ତୁମର ବିବାହର ବୟସ ହେଲା । ଯୋଗ୍ୟ ପତି ବାଛି ନିଅ ରାଜ ନିୟମକୁ ଅନୁସରଣ କରି, ଆଉ ତୁମ ବିବାହରେ ଏତେ ଅଳ୍ପ ବ୍ୟୟ କର ଯା ତୁମକୁ ଆଘାତ କରିବ ନାହିଁ—ଶାନ୍ତି ଦେବ ।' ଏହି ରାଷ୍ଟ୍ରୀୟ ନିୟମ, ଏ ସାମାଜିକ ନିୟମ ପ୍ରଣୟନ କରିବ କିଏ ?—ଯେଉଁମାନେ ବୁଭୁକ୍ଷୁ ନା ଯେଉଁମାନେ ଈଶ୍ୱର ମନରେ ପୃଷ୍ଟ ବଳିଷ୍ଠ ? ଯେଉଁମାନେ ଏଇ ନିୟମ ନିର୍ମାଣ କରନ୍ତେ, ଏ ବ୍ୟବସ୍ଥା କରନ୍ତେ, ସେଇମାନେ ଏ ଦଳେ ଲୋକ ।

Digitized by srujanika@gmail.com

ରାଷ୍ଟ୍ରର ସମ୍ପତ୍ତି ରାଷ୍ଟ୍ରର, ଏ ଅତି ସାଧାରଣ କଥାଟାକୁ ବୁଝେଇବା ଯେପରି ଅସଙ୍ଗତ, ବୁଝିବାକୁ ଚେଷ୍ଟା ନ କରିବା ମଧ୍ୟ ସେହିପରି ଅସଙ୍ଗତ। ରାଷ୍ଟ୍ରର ବାୟୁଟା ଦଳେ ଲୋକଙ୍କର, ରାଷ୍ଟ୍ରର ସମସ୍ତଙ୍କର ନୁହେ; ରାଷ୍ଟ୍ରର ଆକାଶଟା ଦଳେ ଲୋକଙ୍କର, ରାଷ୍ଟ୍ରର ସମସ୍ତଙ୍କର ନୁହେ; ରାଷ୍ଟ୍ରର ନଦନଦୀ, ପାହାଡ଼ ପର୍ବତ, ଅରଣ୍ୟ ଉଦ୍ୟାନ ଦଳେ ଲୋକଙ୍କର ରାଷ୍ଟ୍ରର ସମସ୍ତଙ୍କର ନୁହେ, ଏପରି କହିବା ଯାହା, ରାଷ୍ଟ୍ରର ମାଟି ମଧ୍ୟ ଦଳେ ଲୋକଙ୍କର, ରାଷ୍ଟ୍ରର ସମସ୍ତଙ୍କର ନୁହେ, ଏପରି କହିବା ମଧ୍ୟ ତାହା । ଯେଉଁ ମାଟି ଉପରେ ପାଦ ନ ଦେଲେ ରାଷ୍ଟ୍ରର କେହି ଛିଡ଼ା ହୋଇ ପାରିବେ ନାହିଁ, ସେହି ମାଟି କଣ ରାଷ୍ଟ୍ରର କେବଳ ଦଳେ ଲୋକଙ୍କ ପାଇଁ ପ୍ରକୃତ-ଅଭିପ୍ରେତ ? ଯେଉଁ ଆକାଶ, ଯେଉଁ ବାୟୁ, ଯେଉଁ ମାଟି, ଯେଉଁ ପାଣି ସମଗ୍ରଭାବରେ ସାରା ରାଷ୍ଟ୍ରକୁ ଆଚ୍ଛନ୍ନ କରି ରହିଛି, ଯାର ସମନ୍ୱୟରେହିଁ ରାଷ୍ଟ୍ର ଗଢ଼ି ଉଠିଛି, ତା କଣ ରାଷ୍ଟ୍ରବାସୀ ସମସ୍ତଙ୍କର ନୁହେ ?

ରାଷ୍ଟ୍ରର ସମଗ୍ର ଧନ ଏହି ମାଟିରୁ ଉତ୍ପନ୍ନ; ଲୌହଖଣି ଏହି ମାଟିର ଗର୍ଭରେ ନିହିତ, ସ୍ୱର୍ଣ୍ଣଖଣି ଏହି ମାଟିର ଗର୍ଭରେ ନିହିତ, ରୌପ୍ୟଖଣି ଏହି ମାଟିର ଗର୍ଭରେ ନିହିତ । ଆହାର୍ଯ୍ୟ ପଦାର୍ଥ ଏହି ମାଟିରୁ ଜାତ । ବ୍ୟବହାର୍ଯ୍ୟ ପଦାର୍ଥ ଏହି ମାଟିରୁ ଜାତ । ବିଳାସର ସାମଗ୍ରୀ, ପୋଷାକ, ପରିଚ୍ଛଦାଦିର ମୂଳସ୍ରୋତ ଏହି ମାଟି । ତେବେ ଏହି ମାଟି, ରାଷ୍ଟ୍ରର ଏହି ମାଟି, କୌଣସି ବ୍ୟକ୍ତିବିଶେଷର ନା ରାଷ୍ଟ୍ରଜାତ ସମସ୍ତ ପ୍ରାଣୀର ? ଯେ ମାଟି ସମଗ୍ର ରାଷ୍ଟ୍ରର, ସେ ମାଟିରୁ ଉତ୍ପନ୍ନ 'ଭୋଗ' କେବଳ ଦଳେ ଲୋକଙ୍କର ହେବ କିପରି ? ଯଦି ଦଳେ ଲୋକଙ୍କର ହେବା ଅସଙ୍ଗତ, ତେବେ କଣ ସମଗ୍ର ରାଷ୍ଟ୍ରକୁ ତା ମିଳୁଛି ?

Digitized by srujanika@gmail.com

ସୂର୍ଯ୍ୟଚନ୍ଦ୍ର, ଗ୍ରହତାରା, ସମସ୍ତ ନକ୍ଷତ୍ର କେବଳ ସମଗ୍ର ରାଷ୍ଟ୍ରର ନା ଦଳେ ଲୋକଙ୍କର ? ଏଇଟା ଯେପରି ପ୍ରକୃତିର ସହଜ ସ୍ୱାଭାବିକ ନିୟମ ଯେ ସମସ୍ତ ପ୍ରାଣୀ ସୂର୍ଯ୍ୟଠାରୁ, ଚନ୍ଦ୍ରଠାରୁ ସମଭାବରେ ତେଜ ଗ୍ରହଣ କରି ଶରୀରର ପୁଷ୍ଟି ସାଧନ କରିବେ; ଠିକ୍ ସେହିପରି ଏହା ମଧ୍ୟ ପ୍ରକୃତିର ସହଜ-ସ୍ୱାଭାବିକ ନିୟମ ଯେ ରାଷ୍ଟ୍ରର ସମସ୍ତ ପ୍ରାଣୀ, କେବଳ ଦଳେ ଲୋକ ନୁହନ୍ତି, ରାଷ୍ଟ୍ରର ସମଗ୍ର ଧନକୁ ଭାଗ କରି ନେବେ ଭୋଗ କରିବା ପାଇଁ ଆବଶ୍ୟକତାନୁସାରେ । ଆଉ ବଦଳରେ ରାଷ୍ଟ୍ରକୁ ସେବା ଦେବେ ଆପଣା ଆପଣାର ଯୋଗ୍ୟତାନୁସାରେ ।

ବ୍ୟବସାୟୀ ବିଦେଶ ସଙ୍ଗରେ ବାଣିଜ୍ୟସମ୍ପର୍କ ସ୍ଥାପନ କରି ଅର୍ଥୋପାର୍ଜନ କଲେ, ଧନଟା ବିଦେଶରୁ ଆଗତ; ତେଣୁ ସେ ଧନ ପ୍ରତି ଭୋଗର ଦାବୀ କେବଳ ସେ ବ୍ୟବସାୟୀଙ୍କର ରହୁଛି; ଏ ଯୁକ୍ତି ହୃଦୟ-ସମର୍ଥିତ ଯୁକ୍ତି ନୁହେ—ମନ-ସମର୍ଥିତ ଯୁକ୍ତି ଯେ ମନ କି ଚଞ୍ଚଳ । କିନ୍ତୁ ମୂଳଧନ ଯେ ରାଷ୍ଟ୍ରର । ଯଦି ମୂଳଧନ ମଧ୍ୟ ରାଷ୍ଟ୍ରର ନୁହେ, ତେବେ ଯେଉଁ ଶରୀର, ଯେଉଁ ବୁଦ୍ଧିର ସାହାଯ୍ୟରେ ସେ ଏ ଅର୍ଥୋପାର୍ଜନ କଲେ, ସେ ବୁଦ୍ଧି, ସେ ଶରୀର ଯେ ରାଷ୍ଟ୍ରର; ରାଷ୍ଟ୍ରର ପାଣିପବନ, ଖାଦ୍ୟ ପେୟରୁ ତା' ତିଆରି, ଯେଉଁ ପାଣି ପବନ, ଖାଦ୍ୟପେୟ କି ଦଳେ ବ୍ୟବସାୟୀଙ୍କ ନୁହେ—ସାରା ରାଷ୍ଟ୍ରବାସୀଙ୍କର । ଯଦି ଶରୀରଟା ମଧ୍ୟ ବିଦେଶୀ, ତେବେ ଆମେ ବିଦେଶୀମାନଙ୍କଠାରୁ ତ କିଛି ଆଶାକରୁ ନାହୁଁ, ସେମାନଙ୍କ ଠାରେ କୌଣସି ଦାବୀ ଉପସ୍ଥାପିତ କରୁନାହୁଁ ।

ଭୋଗ ସମସ୍ତଙ୍କ ପାଇଁ ଭୋଗ । ତ୍ୟାଗ ସମସ୍ତଙ୍କ ପାଇଁ ତ୍ୟାଗ । ଭୋଗର ଭାବ ଶକ୍ତି, ଭୋଗର ଅଭାବ ଈର୍ଷା—ଅକର୍ମଣ୍ୟତା ।

Digitized by srujanika@gmail.com

ବଳପ୍ରଯୁକ୍ତ ଈର୍ଷାର ଉତ୍ପାତ ରାଷ୍ଟ୍ର-ବିପ୍ଳବ । ନିଜର ପରିବାରରେ କେହି କେବେ ବିପ୍ଳବ ଘଟାଏ ନା—ଅସନ୍ତୋଷ ଘଟାଏ ନା । ରାଷ୍ଟ୍ରର ମଙ୍ଗଳକାମୀ ଯିଏ ସେହିପରି ରାଷ୍ଟ୍ରରେ ବିପ୍ଳବ ବା ଅମଙ୍ଗଳ କାମନା କରେ ନା । କେବଳ କାମନା ନ କରିବା ତ ଯଥେଷ୍ଟ ନୁହେଁ; କାମନାର ବିନାଶ ଅବଶ୍ୟକ ପୂର୍ବ୍ବାବସ୍ଥାର ସାହାଯ୍ୟରେ ଯେହେତୁ କାମନାର ବିନାଶରେ ଦୁଃଖର ବିନାଶ । ସେଥିପାଇଁ ଉପନିଷଦ କହନ୍ତି, ତ୍ୟକ୍ତେନ ଭୁଞ୍ଜୀଥାଃ, ତ୍ୟାଗପୂର୍ବ୍ବକ ଭୋଗ କର । ଭୁଞ୍ଜୀଥାଃ ଭୋଗ କର । ଆମର ଶରୀର ଭୋଗମୟ—ଆମେ ଭୋକ୍ତା—ଏ ସଂସାର ଆମର ଭୋଗ୍ୟ ବସ୍ତୁ । ସେଥିପାଇଁ ଆମର ଇନ୍ଦ୍ରିୟ ରହିଛି ଯେଉଁ ଇନ୍ଦ୍ରିୟର 'ବିଷୟ' ଚେତନତା, ଅଥଚ ଇନ୍ଦ୍ରିୟ ଜଡ଼ । ଆଉ ଏ ଜଡ଼ତାମୟ ବିଶ୍ୱ ରହିଛି ପା ଆମର ଭୋଗ୍ୟବସ୍ତୁ । ଜଡ଼ରୁ ଆନନ୍ଦ ଆହରଣ କରିବା ଆମର ସହଜାତ ଗୁଣ । ଆନନ୍ଦରୁ (ପରମାତ୍ମାଠାରୁ) ଆନନ୍ଦ ଆହରଣ କରିବା ଆୟାସସାଧ୍ୟ । ଏଥିପାଇଁ ସାଧନା ଆବଶ୍ୟକ । ରାଷ୍ଟ୍ରର ସମସ୍ତଙ୍କୁ ସାଧକ ହେବାପାଇଁ ଉପଦେଶ ଦେବା ବୃଥା । ଆମର ଆଖି ରହିଛି ସୁନ୍ଦର ବସ୍ତୁ ଦେଖିବା ପାଇଁ, କାନ ରହିଛି ସୁନ୍ଦର କଥା ଶୁଣିବା ପାଇଁ, ଜିହ୍ୱା ରହିଛି ସୁସ୍ୱାଦ ବସ୍ତୁର ଆସ୍ୱାଦନ ପାଇଁ, ଆମର ନାକ ରହିଛି ସୁଗନ୍ଧମୟ ପଦାର୍ଥର ଆଘ୍ରାଣ ପାଇଁ । ଆମର ଇନ୍ଦ୍ରିୟଗଣର ଯେପରି ଏ ସମସ୍ତ ପ୍ରକାର ସ୍ୱାଦ ଗ୍ରହଣ କରିବାର ଉତ୍କଟ ଲାଳସା ରହିଛି, ଏହି ଜଡ଼ ପ୍ରକୃତିରେ ମଧ୍ୟ ସେହିପରି ଏ ସମସ୍ତ ସ୍ୱାଦର ଉପାଦାନ ରହିଛି । ପ୍ରକୃତିର ଏ ନିୟମ ରାଷ୍ଟ୍ରର ଦଳେ ଲୋକଙ୍କ ପକ୍ଷରେ ଯେପରି ସତ୍ୟ; ରାଷ୍ଟ୍ରର ଅନ୍ୟ ସମସ୍ତଙ୍କର ପକ୍ଷରେ ମଧ୍ୟ ସେହିପରି ସତ୍ୟ; ଏ କଥା କ୍ଷଣିକ ପାଇଁ ମଧ୍ୟ ଭୁଲିବା ଅର୍ଥ ଅଶାନ୍ତିକୁ ଆହ୍ୱାନ କରିବା । ଜଣେ ଖୁସିରେ ବସି ଖାଉଛି, ଜଣେ ଭିକ୍ଷାପାତ୍ର ନେଇ

Digitized by srujanika@gmail.com

ଅନର ଯାଚ୍ଞା କରୁଛି । ଜଣେ ଅନ୍ୟକୁ, 'ଗୋଟାଏ ଯୁଗ ଯଥେଷ୍ଟ ହୁଏ, ଆଉ କିଛି ଅପେକ୍ଷା କର । ତୁମକୁ ମଧ୍ୟ ଖାଇବାକୁ ମିଳିବ,' ଏପରି ଉପଦେଶ ଦେବା କଣ ସଙ୍ଗତ ? ନା, ଏଇ କଥା ସଙ୍ଗତ ଯେ, ରାଷ୍ଟ୍ରରେ ଯା ବର୍ତ୍ତମାନ ଅଛି, ତାକୁ ରାଷ୍ଟ୍ରର ସମସ୍ତଙ୍କ ମଧ୍ୟରେ ଆବଶ୍ୟକତାନୁସାରେ ଭାଗକରି ଦେବା ।

ମନୁଷ୍ୟର ଶରୀର ଭୋଗ କରେ ନା—ମନୁଷ୍ୟର ମନ ଭୋଗ କରେ । ଶରୀର ପାଇଁ ଅନ୍ନ ଆବଶ୍ୟକ—ମନ ପାଇଁ ଆମୋଦ ପ୍ରମୋଦ ଆବଶ୍ୟକ, ଆତ୍ମାପାଇଁ ଜ୍ଞାନ ଆବଶ୍ୟକ, ସୁସ୍ଥ ଶରୀର ପାଇଁ ଏଇ ବିବିଧ ବସ୍ତୁର ଆବଶ୍ୟକତା ରହିଛି । ଆଉ ସୁସ୍ଥ ରାଷ୍ଟ୍ରପାଇଁ ଏ ବିବିଧ-ସାଧନ-ସମ୍ପନ୍ନ ଶରୀରର ଆବଶ୍ୟକତା ରହିଛି । ଅସୁସ୍ଥ ମନ ନେଇ ଶରୀର ସୁସ୍ଥ ହୋଇ ପାରେ ନା । ଅଜ୍ଞାନତା ନେଇ ଆତ୍ମା ବିକଶିତ ହୋଇ ପାରେ ନା ।

ଭୋଗ ଆଉ ତ୍ୟାଗ, ଏଇ ଉଭୟବିଧ ଗୁଣ ମନର ସହଜାତ । ମନ ଭୋଗ କରେ, ମନ ତ୍ୟାଗ ମଧ୍ୟ କରେ । ମନର ସ୍ୱତନ୍ତ୍ର ଶକ୍ତି ସୀମିତ । ସେ ଆତ୍ମାର ଶକ୍ତି ଉପରେ ନିର୍ଭର କରେ । ଆତ୍ମା ଦୁର୍ବଳ ହେଲେ, ମନର ସ୍ୱତନ୍ତ୍ର ଶକ୍ତିର ବିକାଶରେ ବାଧା ପଡ଼ି ପାରେ ନା; ରାଜା ଦୁର୍ବଳ ହେଲେ ଯେପରି ଶତ୍ରୁର ପ୍ରାଦୁର୍ଭାବ ହୁଏ—ଫଳତଃ ଅରାଜକତା ହୁଏ । ସେହି ମନକୁ କେବଳ ତ୍ୟାଗ କରିବା ପାଇଁ ଉପଦେଶ ଦେବା ଅସଙ୍ଗତ । ଅଭୁକ୍ତ ମନ ତ୍ୟାଗକରି ପାରେ ନା—ବିଶୃଙ୍ଖଳା କରେ । କାରଣ, 'ନ ହି କଶ୍ଚିତ୍ କ୍ଷଣମପି ଜାତୁ ତିଷ୍ଠତ୍ୟ କର୍ମକୃତ୍', ମନୁଷ୍ୟ କ୍ଷଣେ ମାତ୍ର କର୍ମ ନ କରି ରହିପାରେ ନା । 'କାର୍ଯ୍ୟତେ ହ୍ୟବଶଃ କର୍ମ ସର୍ବଃ ପ୍ରକୃତିଜୈର୍ଗୁଣୈଃ,' ପ୍ରକୃତିର ଗୁଣରେ ସେ କାର୍ଯ୍ୟ କରିବାକୁ ବାଧ୍ୟ । ଅତଏବ ଅଭୁକ୍ତ ମନ,

Digitized by srujanika@gmail.com

ଅସନ୍ତୁଷ୍ଟ ମନ ନେଇ ସେ ଯେଉଁ କର୍ମ କରେ ତା' କର୍ମକୁହେଁ, ତା' ବିଶୃଙ୍ଖଳା । ଯୁକ୍ତମନ, ସନ୍ତୁଷ୍ଟ ମନ ନେଇ ସେ ଯେଉଁ କର୍ମ କରେ, ତା' ଗୀତୋକ୍ତ କର୍ମଯୋଗ । ଯେ ଶରୀରର, ଯେ ମନର ସର୍ବଦା କର୍ମ କରିବାଟା ସହଜାତ ଗୁଣ, ତା ପାଇଁ ଅନ୍ନ ଆବଶ୍ୟକ, ଭୋଗ ସାମଗ୍ରୀ ଆବଶ୍ୟକ, ଅନ୍ୟଥା ସେ ଶରୀର, ସେହି ମନ, ଅସୁସ୍ଥ ହେବା ଫଳରେ ରାଷ୍ଟ୍ର ଅସୁସ୍ଥ ହେବ ।

ସେଥିପାଇଁ ସଂସାରକୁ ଭୋଗ୍ୟବସ୍ତୁ କରି ଗଢ଼ିବା ସଙ୍ଗେ ସଙ୍ଗେ ଈଶ୍ୱର ମନୁଷ୍ୟକୁ ଭୋକ୍ତାକରି ଗଢ଼ିଛନ୍ତି । ସଂସାର ପ୍ରତି କୌଣସି ଆକର୍ଷଣ ନ ଥିଲେ, ସଂସାର-ବାସ ମନୁଷ୍ୟ ପକ୍ଷରେ ସହଜ-ସୁଖକର ହୋଇ ପାରେ ନା । ସଂସାରକୁ ସ୍ଥିର ରଖିବା ପାଇଁ ସୃଷ୍ଟିକର୍ତ୍ତାର ସୃଷ୍ଟି ଏଥିପାଇଁ ହିଁ ମନୁଷ୍ୟକୁ ଏତେ ଆକର୍ଷଣ କରେ; ସ୍ତ୍ରୀ, ପୁତ୍ର, ପରିବାର, ଖାଦ୍ୟପେୟ, ଧନଧାନ୍ୟ, ପୋଷାକ ପରିଚ୍ଛଦ, ଘରଦ୍ୱାର ଭୋକ୍ତାକୁ (ମନୁଷ୍ୟକୁ) ଆସକ୍ତ କରି ରଖେ । ଏ ଆକର୍ଷଣ କେବଳ ଦଳେ ଲୋକଙ୍କୁ ଆସକ୍ତ କରି ରଖେ ନା—ରାଷ୍ଟ୍ରର ସମସ୍ତଙ୍କୁ ଆସକ୍ତ କରେ । ସେ ସମସ୍ତେ, 'ନ ହି କଶ୍ଚିତ୍ କ୍ଷଣ-ମପିଜାତୁ ।' ମନୁଷ୍ୟ ମାତ୍ରକେ ଭୋଗପ୍ରାର୍ଥୀ ଲାଳାୟିତ । ତେଣୁ ଉପନିଷଦ କହନ୍ତି, 'ତ୍ୟକ୍ତେନ ଭୁଞ୍ଜୀଥାଃ, ଭୁଞ୍ଜୀଥାଃ, ଭୋଗ କର, କିନ୍ତୁ ତ୍ୟକ୍ତେନ ଭୁଞ୍ଜୀଥାଃ, ତ୍ୟାଗପୂର୍ବକ ଭୋଗ କର—ରାଷ୍ଟ୍ରର ସମସ୍ତ ସମ୍ପଦକୁ ସମସ୍ତେ ଭାଗ କରି ନିଅ ।

କାହିଁକି ମନୁଷ୍ୟ ତ୍ୟାଗପୂର୍ବକ ଭୋଗ କରିବ ? କାରଣ 'ଈଶାବାସ୍ୟମିଦଂ ସର୍ବଂ ଯତ୍କିଞ୍ଚଜଗତ୍ୟାଂ ଜଗତ୍'; ଏହି ସମସ୍ତ ଜଗତରେ ଈଶ ଓତପ୍ରୋତଭାବରେ ବ୍ୟାପକ ହୋଇ ରହିଛନ୍ତି । ଅର୍ଥାତ୍ ରାଷ୍ଟ୍ରର ସମ୍ପଦ କୌଣସି ବ୍ୟକ୍ତି ବିଶେଷର ବା ଦଳ

ବିଶେଷର ନୁହେ—ଈଶ୍ୱରଙ୍କର । ଯେ ସମସ୍ତ ପ୍ରାଣୀର ଜନକ, ସେ ଈଶ୍ୱର । ପିତା ଯେପରି ସମସ୍ତ ପୁତ୍ରଙ୍କ ମଧ୍ୟରେ ସମ୍ପତ୍ତିର ସମଭାବରେ ବଣ୍ଟନ କରେ, ଈଶ ମଧ୍ୟ ପୃଥିବୀର ସମଗ୍ର ବସ୍ତୁର ଭୋଗପାଇଁ ସମ୍ପତ୍ତି ଦେଇଛନ୍ତି—ତେଣୁ ସମଗ୍ର ବସ୍ତୁ ମଧ୍ୟରେ ସେ ସମ୍ପତ୍ତିର ବିଭାଜନ ହେବା ଉଚିତ । ଯେହେତୁ ସେ ବସ୍ତୁକୁ ସମଗ୍ର-ଭାବରେ ନିଜର କରି ନେଇଛନ୍ତି । ତେଣୁ ସେ ସର୍ବବ୍ୟାପକ । ଅତ୍ ସେ ସର୍ବବ୍ୟାପକ ବୋଲି ସେ ସର୍ବନିୟନ୍ତା ।

'ସୁଖାର୍ଥୀ ସଂଯମୀ ଭବେତ୍ ।' ତେଣୁ ମନୁଷ୍ୟ ତ୍ୟାଗପୂର୍ବକ ଭୋଗ କରିବ । ଭୋଗ କରିବ ଭୋଗୀ ହେବାପାଇଁ ନୁହେ—ଯୋଗୀ ହେବାପାଇଁ; ଅର୍ଥାତ୍ ସଂଯମୀ ହେବାପାଇଁ । ସଂଯମୀ ହେବା ଅର୍ଥ ଭୋଗକୁ ପ୍ରାଣାନ୍ତ ପର୍ଯ୍ୟନ୍ତ ସହଜସ୍ୱାଭାବିକଭାବରେ ଗ୍ରହଣ କରି ପାରିବା । ପେଟରେ ଯେତିକି ଭୋକ ସେତିକି ଖାଅ—ଆବଶ୍ୟକତାରୁ ଅଧିକ ଭୋଜନ କଲେ, ଅଜୀର୍ଣ୍ଣ ରୋଗଗ୍ରସ୍ତ ହେବ । ସଂଯମତା କହିଲେ, ଏଇଟାହିଁ ବୁଝାଏ । ଦୁଃଖକୁ ଏଡ଼ିବା ବା ନାଶ କରିବାର ଅନ୍ୟ ନାମ ସଂଯମତା । ତେଣୁ ଆଧିକ୍ୟ ଦୁଃଖର ହେତୁ—ଅନାଧିକ୍ୟ ସୁଖର ହେତୁ ।

ତ୍ୟାଗ କରିବା ଅର୍ଥ ନିଜକୁ ଦୁଃଖ ଦେବା ନୁହେ, ନିଜକୁ ସୁଖୀ କରିବା । ତ୍ୟାଗ କେବଳ ସେ କରେ ଯା ପାଖରେ 'ଅଛି' । 'ଅଛି'କୁ ଦେବାରେ କିଏ କାହିଁକି ଦୁଃଖ କରିବ ? ଚକ୍ଷୁ ଅଛି, ଦେଖିବାରେ ଦୁଃଖ କାହିଁକି ? ଚକ୍ଷୁକୁ ଦେଖିବାକୁ ବାଧ କଲେ, ସେ ଯଦି ବିଚଳିତ ହୁଏ, ସେ ବିଚଳିତା ଅଯଥାର୍ଥ । ଚକ୍ଷୁର ବିଷୟ ଅନେକ । ଅନେକ ଅବଶ୍ୟକ ଅନ୍ଧକାରର ବିନାଶ ପାଇଁ । ତେଣୁ ଯା ଠାରେ ଅଛି, ତାକୁ ଦେଇଦେବା ପାଇଁ ବସ୍ତୁ ଯଦି ବାଧ କରେ,

Digitized by srujanika@gmail.com

ସେ ବାଧ୍ୟତା ତ ଅନ୍ୟାଯ୍ୟ ବାଧ୍ୟତା ହେବ ନାହିଁ, ବରଂ ଏ ନିୟମ ସହଜସ୍ୱାଭାବିକ ନିୟମ ହେବ । ଏଥିପାଇଁ ଭୟ ବା ଆଶଙ୍କା, ଅଯଥା ଭୟ ଅଯଥା ଆଶଙ୍କା । ମସ୍ତିଷ୍କର ବିକୃତ ନ ଘଟିଲେ 'ଅଛି'କୁ ଦେବା ପାଇଁ କାହାର କେବେ ଅନିଚ୍ଛା ହେବ ନାହିଁ । ଯେପରି ଚକ୍ଷୁର ବିକୃତ ନ ଘଟିଲେ ମନୁଷ୍ୟ ଦେଖିବାଁ କାହିଁରୁ ଚକ୍ଷୁକୁ ବିରତ କରେ ନା, ଠିକ୍ ସେହିପରି ଯେ ସ୍ୱାର୍ଥବ୍ୟାଧିଗ୍ରସ୍ତ ସେ କେବଳ ତ୍ୟାଗ କରିବାକୁ କୁଣ୍ଠିତ ହୁଏ ।

ଭାରତୀୟ ସଂସ୍କୃତି କହେ, ପ୍ରବୃତ୍ତ ହୁଅନା—ନିବୃତ୍ତ ହୁଅ । କଥାଟାକୁ ଆହୁରି ଠିକ୍ ଏ ସ୍ପଷ୍ଟ କଲେ ଏଇଟା ବୁଝାଏ ଯେ ପ୍ରବୃତ୍ତ ହୋଇ ନିବୃତ୍ତ ହୁଅ । ଭୋଗ କର ତ୍ୟାଗ କର । ପ୍ରବୃତ୍ତ ନ ହେଲେ ଅର୍ଥାତ୍ ଭୋଗ ନ କଲେ, ତ୍ୟାଗ କରିବା ଅର୍ଥାତ୍ ନିବୃତ୍ତ ହେବା ତମ ପକ୍ଷରେ ସମ୍ଭବ ହୋଇ ପାରିବ ନାହିଁ; କାହିଁକି ନା ଶରୀରର ସ୍ୱଭାବ, ମନର ସ୍ୱଭାବ ଭୋଗ କରିବା । କାରଣ ମନୁଷ୍ୟ, "ନହି କଶ୍ଚିତ୍ କ୍ଷଣମପିଜାତୁ ତିଷ୍ଠତ୍ୟ କର୍ମକୃତ୍" ଆମର ସମସ୍ତ ଇନ୍ଦ୍ରିୟ ଆମର ଅଜ୍ଞାତସାରରେ ମଧ୍ୟ କର୍ମପ୍ରବୃତ୍ତ ଅର୍ଥାତ୍ ଭୋଗାସକ୍ତ । ଆମେ ଯାହା କିଛି କର୍ମ କରୁଛୁଁ, ସେ ସମସ୍ତ ଆମର ଭୋଗର ସାଧନ ମାତ୍ର । ତେଣୁ କର୍ମ ପ୍ରତି ଆମର ପ୍ରବୃତ୍ତି ଅନାସକ୍ତ ହୋଇ ପାରୁନାହିଁ । ଏ ଭୋଗାସକ୍ତି ଯଦି ସଂଯତ ହୁଏ, ମନୁଷ୍ୟ ସୁଖୀ ହେବ, ଶ୍ରେଷ୍ଠ ହେବ । ତେଣୁ କୁହାଯାଏ, "ପ୍ରବୃତ୍ତିରେଷା ଭୂତାନାଂ ନିବୃତ୍ତିସ୍ତୁମହାଫଳାଂ ।" ତ୍ୟାଗୀ ଶିବ ତ୍ୟାଗ କରନ୍ତି ସେ ଶିବ—ମଙ୍ଗଳମୟ । ତେଣୁ ସେ, ଶ୍ରେଷ୍ଠ । ତ୍ୟାଗୀ ଶିବଙ୍କୁ ପାଇବା ପାଇଁ ତ୍ୟାଗ କରନ୍ତି ସତୀ ପୂଜ୍ୟା-ଶ୍ରେଷ୍ଠା ।

Digitized by srujanika@gmail.com

ଅପରିଗ୍ରହ, ଅର୍ଥାତ୍ ସଂଗ୍ରହରେ ସଂଯମତା ଅବଲମ୍ବନ । ଯେତିକି ଆବଶ୍ୟକ କେବଳ ସେତିକି ସଂଗ୍ରହ କରିବା ଅର୍ଥ ଅପରିଗ୍ରହ । ସଂଗ୍ରହାଧିକ୍ୟର ଅର୍ଥ ଅନ୍ୟର ଅଧିକାରରେ ବାଧା ପ୍ରଦାନ, ଯାର କୁପରିଣାମ ବିପ୍ଳବ । ତେଣୁ ସର୍ବଦା ମନେ ରଖିବାକୁ ହେବ ଯେ ରାଷ୍ଟ୍ରର ସମ୍ପତ୍ତି ରାଷ୍ଟ୍ରର, କୌଣସି ବ୍ୟକ୍ତି ବିଶେଷର ବା ଦଳ ବିଶେଷର ନୁହେ ।

ଦୁଃଖ ଜନ୍ମାଏ କଣ ? ବିଚ୍ଛେଦହିଁ ଦୁଃଖ, ତ୍ୟାଗ ଦୁଃଖ ନୁହେଁ । ତ୍ୟାଗ କରିବା ଅର୍ଥ ଯା ଅଛି ତାକୁ ଦେବା । ବିଚ୍ଛେଦ ଅର୍ଥ ଯା ଆବଶ୍ୟକ ତାକୁ ନ ଦେବା—ତାକୁ ଦୂର କରି ନେବା । ତେଣୁ ତ୍ୟାଗରେ ଦୁଃଖ ନାହିଁ—ବିଚ୍ଛେଦରେ ଦୁଃଖ ରହିଛି । ମସ୍ତିଷ୍କ-ବିକୃତି ବିନା ତ୍ୟାଗରେ ଦୁଃଖାନୁଭୂତି ଅସମ୍ଭବ । ପାଖରେ ସମ୍ପତ୍ତି ଅଛି, ତା ଦାନ କଲି, ଏହା ତ୍ୟାଗ, ଏଥିପାଇଁ ଦୁଃଖ କିପରି ? କିନ୍ତୁ ସମ୍ପତ୍ତି ଆବଶ୍ୟକ, ତା ମିଳୁ ନାହିଁ ଏହା ବିଚ୍ଛେଦ, ଏଥିରେ ଦୁଃଖ ନିହିତ । ତେଣୁ ରାଷ୍ଟ୍ରରେ ଏପରି ବ୍ୟବସ୍ଥା ଆବଶ୍ୟକ ଯେପରି ମନୁଷ୍ୟ ବିଚ୍ଛେଦ ଦୁଃଖ ପାଇବ ନାହିଁ, ତ୍ୟାଗ କରି ସୁଖୀ ହୋଇ ପାରିବ ।

ଏକାନ୍ତ ଭୋଗଲିପ୍ସା ସକଳ ଦୁଃଖର ହେତୁ; ସମସ୍ତ ପ୍ରକାର ସୁଖ-ସାଧନାରୁ ଏ ମନୁଷ୍ୟକୁ ଚ୍ୟୁତ କରେ । ପରିବାରର ଅନ୍ୟାନ୍ୟଙ୍କୁ ଅଭୁକ୍ତ ରଖି ଉପାର୍ଜନକ୍ଷମତା-ସମ୍ପନ୍ନ କର୍ତ୍ତା ଯଦି କେବଳ ନିଜେ ଭୋଗ କରେ, ସେ ଭୋଗ ତାକୁ ଶରୀରରୁ ବିଚ୍ଛିନ୍ନ କରିବ, ମନରୁ ବିଚ୍ଛିନ୍ନ କରିବ, ସେ ହେବ ଉଦ୍‌ଭ୍ରାନ୍ତ । ତେଣୁ ତ୍ୟାଗ ଦରକାର ଭୋଗର ବ୍ୟବସ୍ଥା କରିବା ପାଇଁ । ପରିବାରର ଅନ୍ୟ ଲୋକେ ଭୋଜ୍ୟ ପଦାର୍ଥରୁ ଭାଗ ନ ପାଇଲେ ପରିବାରର କର୍ତ୍ତା ପାଇଁ

Digitized by srujanika@gmail.com

ଭୋଗର ବ୍ୟବସ୍ଥା କରି ପାରିବେ କିପରି ? ଜୀବନ ଧାରଣ ପାଇଁ ଯେ ଭୋଗ ଅବଶ୍ୟକ । ତେଣୁ "ବସୁଧୈବ କୁଟୁମ୍ବକଂ" ମନ୍ତ୍ର ଉଚ୍ଚାରଣ କରିବା ପୂର୍ବରୁ "ରାଷ୍ଟ୍ରୈବ କୁଟୁମ୍ବକଂ" ମନ୍ତ୍ରର ଉପାସନା ଆବଶ୍ୟକ ।

ପରିବାରରେ ଯେ ଅନ୍ଧ, ସେ ମଧ୍ୟ ଭୋଗର ଅଧିକାରୀ । ପରିବାରର ଯେ ପଙ୍ଗୁ, ରୁଗ୍‌ଣ, ସେ ମଧ୍ୟ ଭୋଗର ଅଧିକାରୀ । ତେଣୁ, ରାଷ୍ଟ୍ରରେ ଯେ ଅନ୍ଧ, ପଙ୍ଗୁ, ରୁଗ୍‌ଣ, ଦୁର୍ବଳ, ସେମାନଙ୍କ ପ୍ରତି ମଧ୍ୟ ରାଷ୍ଟ୍ରର କର୍ତ୍ତବ୍ୟ ରହିଛି । ଏମାନଙ୍କୁ ଗଳଗ୍ରହ ମନେ କରି ଅବହେଳା କରିବା ଅର୍ଥ ବିଚ୍ଛେଦର କାରଣ ହେବା । ଏ ବିଚ୍ଛେଦ ମମତାଠାରୁ ବିଚ୍ଛେଦ, ସ୍ନେହଠାରୁ ବିଚ୍ଛେଦ, ଦୟାଠାରୁ ବିଚ୍ଛେଦ, ନୈତିକତା-ଠାରୁ ବିଚ୍ଛେଦ । ନୈତିକତାରୁ ବିଚ୍ଛିନ୍ନ ହେବା ଅର୍ଥ ପଶୁତ୍ୱକୁ ପ୍ରାପ୍ତ ହେବା । ରାଷ୍ଟ୍ରର ସୁସଞ୍ଚାଳନ ପାଇଁ ପଶୁର ଅବଶ୍ୟକତା ନାହିଁ, ମନୁଷ୍ୟର ଅବଶ୍ୟକତା ରହିଛି ।

ପୁଣି, ପରିବାରର ସଦସ୍ୟ ସଂଖ୍ୟା ଯଦି ବୃଦ୍ଧି ପ୍ରାପ୍ତ ହୁଏ, ଭୋଗର ପରିମାଣ କମିଯିବ । ସଦସ୍ୟ ସଂଖ୍ୟା ଯଦି କମେ, ଭୋଗର ପରିମାଣ ବଢ଼ିଯିବ । ଏ ସତ୍ୟ ପରିବାର ପକ୍ଷରେ ଯେପରି ସତ୍ୟ, ରାଷ୍ଟ୍ର ପକ୍ଷରେ ମଧ୍ୟ ସେପରି ସତ୍ୟ । ଏଥିପାଇଁ ତ ତ୍ୟାଗ ଅବଶ୍ୟକ— ବିଚ୍ଛେଦ ନୁହେଁ । ଅର୍ଥାତ୍ ଏଥିପାଇଁ ଦୁଃଖ ଦରକାର ନୁହେଁ— ସାଧନା ଦରକାର । ତେଣୁ ଲୋକସଂଖ୍ୟା ବୃଦ୍ଧିର ଦୋହାଇ ଦେଇ ଅର୍ଥ ସମବଣ୍ଟନରେ ଅସାଧ୍ୟତା ଆରୋପ ନୀଚତା । ବରଂ ଏଥିପାଇଁ ଆବଶ୍ୟକ ରାଷ୍ଟ୍ରର ଉପାର୍ଜ୍ଜନ-କ୍ଷମତା ବୃଦ୍ଧିରେ ରାଷ୍ଟ୍ରର ସମସ୍ତଙ୍କର, କେବଳ ଦଳ ବିଶେଷର ନୁହେ, ବ୍ୟକ୍ତି ବିଶେଷର ନୁହେ, ସହଯୋଗର ଆହ୍ୱାନ । ଆଜି ଯାହାକୁ ଆହ୍ୱାନ କରାଯିବ, ତାକୁ

Digitized by srujanika@gmail.com

ମନରେ, ଶରୀରରେ, ଆତ୍ମାରେ ସମ୍ମାନ କରିବାକୁ ହେବ । ଅର୍ଥାତ୍ ତାକୁ ଭୋଗ କରିବାକୁ ଦେବାକୁ ହେବ ।

"ସଂ ସମିଦ୍ୟୁବସେ ବୃଷନ୍ନଗ୍ନେ ବିଶ୍ୱାନ୍ୟର୍ଯ ଆ ଇଳସ୍ପଦେ
ସମିଧ୍ୟସେ ସ ନୋ ବସୂନ୍ୟା ଭର ।" (ଋ ୧୦।୧୯୧।୧)

"ହେ (ବୃଷନ୍) ବଳବାନ ଏବଂ (ଅର୍ଯ) ଶ୍ରେଷ୍ଠ (ଅଗ୍ନେ) ତେଜସ୍ୱୀ ଈଶ୍ୱର ! ତୁମେ (ବିଶ୍ୱାନି) ସବୁ ପଦାର୍ଥକୁ (ଇତ୍) ନିଶ୍ଚୟ (ସଂ ସଂ ଆ-ଯୁବ ସେ) ଏକତ୍ରିତ କରୁଅଛ ଏବଂ (ଇଳଃ ପଦେ) ଭୂମି ଅଥବା ବାଣୀ ସ୍ଥାନରେ (ସଂ ଇଧ୍ୟସେ) ଉତ୍ତମଭାବରେ ପ୍ରକାଶିତ ହେଉଅଛ । ତେଣୁ (ସଃ) ତୁମେ (ନଃ) ଆମମାନଙ୍କ ପାଇଁ (ବସୂନି) ସମସ୍ତ ପ୍ରକାର ନିବାସ-ସାଧକ ଧନ (ଆଭର) ଦିଅ ।"

ପ୍ରାଚୀନ ଆର୍ଯ୍ୟାବର୍ତ୍ତର ତ୍ରିକାଳଦର୍ଶୀ ଋଷିଗଣ ରାଷ୍ଟ୍ରର ଏହି ଭବ୍ୟ ସ୍ୱରୂପକୁ ଧ୍ୟାନପରାୟଣ ଚିତ୍ତରେ ଅବଧାରଣ କରିଥିଲେ । ଫଳତଃ ସେତେବେଳେ ରାଷ୍ଟ୍ର ବାସ୍ତବିକ ରାଷ୍ଟ୍ର ହୋଇ ରହିଥିଲା । ରାଷ୍ଟ୍ରର ସେତେବେଳେ ଏହି ଧାରଣା ଥିଲା ଯେ ଈଶ୍ୱର ସର୍ବବ୍ୟାପକ-ନିର୍ଜୀବ, ନିର୍ବଳ, ପୃଥକ୍ ହୋଇ ବନ୍ଧନଦଶାରେ ସେ ମନ୍ଦିର ବା ମସ୍‌ଜିଦ୍‌ରେ ପଡ଼ି ନାହାନ୍ତି । ସମଗ୍ର ବିଶ୍ୱର ଯେ କର୍ତ୍ତା, ସେ ଈଶ୍ୱର । ସମସ୍ତ ପଦାର୍ଥକୁ ସେ ଏକତ୍ରିତ କରୁଛନ୍ତି । ଅର୍ଥାତ୍ ସେ ସମସ୍ତ ପଦାର୍ଥର ବ୍ୟବସ୍ଥା କରୁଛନ୍ତି । ଯେ ପଦାର୍ଥରେ ଆମର ଅଧିକାର ନାହିଁ, ସେ ପଦାର୍ଥର ଏକତ୍ରିକରଣରେ ମଧ୍ୟ ଆମର ଅଧିକାର ନାହିଁ । ଈଶ୍ୱର ସମସ୍ତ ଜଗତର କର୍ତ୍ତା । ତେଣୁ ସେ ସମସ୍ତ ପଦାର୍ଥର ଏକତ୍ରିକରଣର ଅଧିକାରୀ । ଋଷି ପୁଣି କହୁଛନ୍ତି,— ଈଶ୍ୱର ଭୂମି ଅଥବା ବାଣୀ ସ୍ଥାନରେ ଉତ୍ତମ ଭାବରେ ପ୍ରକାଶିତ

Digitized by srujanika@gmail.com

ହେଉଛନ୍ତି—ଭଲମ୍ବଦେ ସମିଧସେ । ତେଣୁ ଭୂମିରେ କାହାରର ବ୍ୟକ୍ତିଗତ ସତ୍ତ୍ୱ ନାହିଁ । ସେ ଭୂମି ଈଶ୍ୱରଙ୍କର ଅର୍ଥାତ୍ ରାଷ୍ଟ୍ରର; ଯେ ଭୂମିର ବ୍ୟବସ୍ଥାପକ ତା'ର । ଭୂମିର ବ୍ୟବସ୍ଥାପକ ଈଶ୍ୱର । ଈଶ୍ୱରଙ୍କର ପ୍ରତିଭୂ ରାଜା । ତେଣୁ ରାଜା ଭୂମିର ବ୍ୟବସ୍ଥାପକ—ଭୂମିର ଅଧିକାରୀ ନୁହେ । ଈଶ୍ୱର ଯେପରି ବ୍ୟବସ୍ଥାପକ ହେଲେ ମଧ୍ୟ ନିଜେ ଭୋଗ କରେ ନା—ଭୋଗ କରିବାକୁ ଦିଏ, ରାଜା ମଧ୍ୟ ସେହିପରି ଭୂମିର ବ୍ୟବସ୍ଥାପକ ହେଲେ ମଧ୍ୟ ନିଜେ ଭୋଗ ନ କରି ଅନ୍ୟଙ୍କୁ ଦିଏ । ତେଣୁ ରାଜା—ମହତୀ ଦେବତା ନରରୂପେଣ ତିଷ୍ଠତି । ରାଜା ଦିଏ କାହାକୁ ? ରାଷ୍ଟ୍ରର ସମସ୍ତଙ୍କୁ, କେବଳ ଦଳ ବିଶେଷଙ୍କୁ ବା ବ୍ୟକ୍ତି ବିଶେଷଙ୍କୁ ନୁହେ । ରାଜାର ପର ଆପଣାର କେହି ନାହିଁ, ସମସ୍ତେ ତାର ପ୍ରଜା, କାରଣ ରାଜା ଈଶ୍ୱରଙ୍କର ପ୍ରତିଭୂ ।

ଭୂମି ଅଥବା ବାଣୀରେ ମଧ୍ୟ ଈଶ୍ୱର ବିରାଜମାନ । ତେଣୁ ବାଣୀକୁ ଅପବିତ୍ର କରିବା ଅସଙ୍ଗତ । ଲୋକଙ୍କ ବୁଦ୍ଧିକୁ ନିଜର ମାୟାଜାଲଯୁକ୍ତ କୁବୁଦ୍ଧିପ୍ରେରିତ ବାଣୀ ଦ୍ୱାରା ଆଚ୍ଛନ୍ନ କରିବା ଅନ୍ୟାୟ । ରାଷ୍ଟ୍ରର ସତ୍ୟ ସ୍ୱରୂପକୁ, ବାସ୍ତବ ସ୍ୱରୂପକୁ, ରାଷ୍ଟ୍ରବାସୀଙ୍କର ସମ୍ମୁଖରେ ଉପସ୍ଥାପିତ କରିବା ନ୍ୟାୟ । ଦଳେ ଲୋକଙ୍କ ସ୍ୱାର୍ଥପାଇଁ କପଟତାର ସାହାଯ୍ୟ ନେଇ ରାଷ୍ଟ୍ରର ଅନ୍ୟ ସମସ୍ତଙ୍କ ଅହିତ କରିବା ଭୟଙ୍କର ପାପ । ଭୋଗ୍ୟ ପଦାର୍ଥ ପ୍ରତି ଏକାନ୍ତ ଭୋଗଲିପ୍ସା ହେତୁରୁ ଅନ୍ୟକୁ ଅଜ୍ଞ କରି ରଖିବାକୁ ଚେଷ୍ଟା କରିବା ଛଳନାର ଆଶ୍ରୟ ନେଇ, ବାଣୀ ସାହାଯ୍ୟରେ, ନିତାନ୍ତ ନୀଚତା । ସମାନ-ଭାବରେ ଦେଶର ଧନବଣ୍ଟନରେ ଅସମ୍ଭବତାର ଦ୍ୱାହି ଦେଇ ନିଜର ଏକାନ୍ତ ଭୋଗ-ସ୍ପୃହାକୁ ଜାଗରୂକ ରଖିବାର ଚିନ୍ତା କରିବା କୁଚିନ୍ତାର ମାୟାଜାଲ ବିସ୍ତାର କରି; ଅର୍ଥାତ୍ ଲୋକଙ୍କ 'ସ୍ୱାଧୀନ

Digitized by srujanika@gmail.com

ଭାବରେ ଚିନ୍ତା କରିବାର ଗତିକୁ ରୋଧ କରନା, ରବୀନ୍ଦ୍ରନାଥ ଏହାହିଁ କହନ୍ତି :—

"ଚିତ୍ତ ଯେଥା ଭୟଶୂନ୍ୟ ଉଚ୍ଚ ଯେଥା ଶିର୍
ଜ୍ଞାନ ଯେଥା ମୁକ୍ତ ... ... —
ନିଜ ହସ୍ତେ, ନିର୍ମମ ଆଘାତ କରି ପିତଃ !
ଭାରତେରେ ସେହି ସ୍ୱର୍ଗେ କରୋ ଜାଗରିତ ।

ରବୀନ୍ଦ୍ରନାଥ ଚିନ୍ତିତ ଯେ ରାଷ୍ଟ୍ରର ଜ୍ଞାନ ବନ୍ଧନରେ ପଡ଼ିଛି । ନିଜର ସ୍ୱାର୍ଥ ସାଧନାର ବଳିବେଦୀରେ ଦଳେ ଲୋକ ରାଷ୍ଟ୍ରର ଅନ୍ୟାନ୍ୟ ସମସ୍ତଙ୍କର ସ୍ୱାର୍ଥକୁ ବଳି ଦେଉଛନ୍ତି କପଟତାର ଆଶ୍ରୟ ନେଇ, ସତକୁ ମିଛକହି, ମିଛକୁ ସତ କହି, ଏଇ ଘୋର କପଟତାରୁ ମନୁଷ୍ୟ ମୁକ୍ତ ହୋଇପାରୁ ନ ଥିବାରୁ ଭୟରେ ସର୍ବଦା ଜଡ଼ିତ ହୋଇ ରହୁଛି । ଫଳତଃ ସେ ମସ୍ତକ ଉତ୍ତୋଳନ କରି ପାରୁ ନାହିଁ । ଏପରି ହେଲେ ରାଷ୍ଟ୍ରର ମଙ୍ଗଳ ସୁଦୂରପରାହତ । ତେଣୁ କବି ଈଶ୍ୱରଙ୍କଠାରେ ଏଇ ପ୍ରାର୍ଥନା କରୁଛନ୍ତି :—

ନିଜ ହସ୍ତେ ନିର୍ମମ ଆଘାତ କରି ପିତଃ
ଭାରତେରେ ସେଇ ସ୍ୱର୍ଗେ କରୋ ଜାଗରିତ ।

ପିତା (ଈଶ୍ୱର) ତୁମେ ନିର୍ମମ ହୁଅ । ଅନ୍ୟ କଥାରେ ଏହାର ଅର୍ଥ ବୁଝାଏ ଯେ, ଈଶ୍ୱର ! ତୁମେ କେବଳ ଦଳେ ଲୋକଙ୍କର ନୁହଁ—ସମଗ୍ର ରାଷ୍ଟ୍ରର । ଯେ ଦଳେ ଲୋକ ରାଷ୍ଟ୍ରର ଅନ୍ୟାନ୍ୟଙ୍କ ପ୍ରତି ଅବିଚାର କରୁଛନ୍ତି, ତାଙ୍କ ପ୍ରତି ରାଷ୍ଟ୍ରର ଅନ୍ୟାନ୍ୟଙ୍କୁ ନିର୍ମମ ହେବାକୁ ଦିଅ—ସେମାନେ ଅପଣା ଆପଣାର ଦୁଃଖଦୈନ୍ୟ ଭୁଲିଯାଇ ରାଷ୍ଟ୍ରର ସମୂହ ମଙ୍ଗଳ ପାଇଁ ଅତ୍ୟାଚାରୀ ଅବିଚାର ବିରୁଦ୍ଧରେ ଯେପରି ନିର୍ମମ ହୋଇ ପାରିବେ—ଏପରି ପ୍ରେରଣା ଦିଅ । କାରଣ :—

Digitized by srujanika@gmail.com

"ଅନ୍ୟାୟ ଯେ କରେ, ଆର୍ ଅନ୍ୟାୟ ଯେ ସହେ,"
ତବ ଘୃଣା ଯେନ ତାରେ ତୃଣ ସମ ଦହେ ।" (ରବୀନ୍ଦ୍ରନାଥ)

ତୁମେ କାପୁରୁଷ ଅର୍ଥାତ୍ ତୁମେ ଅତ୍ୟାଚାରକୁ ସହ୍ୟ କରି ପାର ନା', ତେଣୁ ତୁମେ ତୁମର ପ୍ରିୟ ସନ୍ତାନଙ୍କୁ ମଧ୍ୟ ଅତ୍ୟାଚାର ନ ସହିବାକୁ ଉଦ୍‌ବୁଦ୍ଧ କରିଥ । ତେବେ ଯାଇ ରାଷ୍ଟ୍ର ସ୍ୱର୍ଗରେ ପରିଣତ ହେବ—ତେବେ ଯାଇ ରାଷ୍ଟ୍ରର କେବଳ ଧନୀ ଲୋକ ନୁହନ୍ତି, ରାଷ୍ଟ୍ରର ସମସ୍ତେ ସୁଖରେ ଶାନ୍ତିରେ ବସବାସ କରି ପାରିବେ । ତେବେ ଯାଇ ରାଷ୍ଟ୍ରର ସମୂହ କଲ୍ୟାଣ ପାଇଁ ରାଷ୍ଟ୍ରର ସମସ୍ତେ ରାଷ୍ଟ୍ରର ବାହ୍ୟଶତ୍ରୁ, ରାଷ୍ଟ୍ରର ଅଭ୍ୟନ୍ତର ଶତ୍ରୁ ସଙ୍ଗରେ ନିର୍ମମଭାବରେ ଲଢ଼ିବାକୁ ପ୍ରସ୍ତୁତ ହୋଇ ପାରିବେ ।

ହେ ଈଶ୍ୱର ! ତୁମେ ଭୂମି ଅଥବା ବାଣୀରେ ଉତ୍ତମ-ଭାବରେ ପ୍ରକାଶିତ ହେଉଛ । ତେଣୁ, ସଃ ନଃ ବସୂନି ଆଭର ସମସ୍ତଙ୍କ ପାଇଁ ସମସ୍ତ ପ୍ରକାର ଧନ ପ୍ରଦାନ କର ।

ଯେଉଁ ପ୍ରାଚୀନ ଭାରତର ଧ୍ୟାନପରାୟଣ ତ୍ରିକାଳଦର୍ଶୀ ଋଷିଗଣ ଭାରତର ଏଇ ଭବ୍ୟ ସ୍ୱରୂପର କାମନା କରୁଥିଲେ, ସେ ଭାରତର ଆଧୁନିକ କାଳର ସ୍ୱରୂପ ସମସ୍ତଙ୍କର ଚକ୍ଷୁକୁ ଅପ୍ରୀତିକର ବୋଧ ହେଉଛି । କିନ୍ତୁ ଦିନେ ସେ ମୂର୍ତ୍ତିମନ୍ତ ହୋଇ ପାରିଥିଲା 'ରାମରାଜ୍ୟ'ରେ । ଯେଉଁ 'ରାମରାଜ୍ୟ'ର ଆଜି କେବଳ ନାମ ଶୁଣା ଯାଉଛି—ତା ସେତେବେଳେ ବାସ୍ତବତାରେ ପରିଣତ ହୋଇ ପାରିଥିଲା ।

ଈଶ୍ୱର ଏହି ଆଧୁନିକ ଭାରତକୁ ସେହି ପ୍ରାଚୀନ ଭାରତରେ ପରିଣତ କରନ୍ତୁ ।

"ଭାରତେରେ ସେହି ସ୍ୱର୍ଗେ କରୋ ଜାଗରିତ ।"

Digitized by srujanika@gmail.com

ଆତ୍ମପ୍ରକାଶରେ ମୋହ ତଥା ନିସ୍ପୃହତା ଦୁଃଖର କାରଣ

ନିଜକୁ ପ୍ରକାଶ କରିବାର ମୋହ ମାରାତ୍ମକ ମୋହ । ଅନ୍ୟାନ୍ୟ ସମସ୍ତ ପ୍ରବୃତ୍ତି ପରି ଏହାର ବେଗ ମଧ୍ୟ ପ୍ରବଳ । ଶରୀର ସାମ୍ୟକୁ ଆଘାତ କରିବାରେ ଏହାର ସିଦ୍ଧହସ୍ତତା ଅନ୍ୟାନ୍ୟ ସକଳ ପ୍ରକାର ପ୍ରବୃତ୍ତିର ସିଦ୍ଧହସ୍ତତା ସଙ୍ଗରେ ତୁଳନୀୟ । କିନ୍ତୁ ଏହାକୁ ଶାନ୍ତ କରିବାର ଏକମାତ୍ର ଉପାୟ ପ୍ରବୃତ୍ତ ହୋଇ ପଡ଼ିବା । କ୍ଷୁଧାକୁ ଶାନ୍ତ କରିବାର ଏକମାତ୍ର ଉପାୟ ଅନ୍ନ ଗ୍ରହଣ କରିବା ।

ପ୍ରବୃତ୍ତ ହେବା ପାଇଁ କିନ୍ତୁ ଯଥେଷ୍ଟ ଯୋଗ୍ୟତା ଆବଶ୍ୟକ, ଅନ୍ୟଥା ପ୍ରବୃତ୍ତିର ପରିଣାମ କୁପରିଣାମ ହେବ । ବିନା କ୍ଷୁଧାରେ ଅନ୍ନ ଭକ୍ଷଣ ଅଜୀର୍ଣ୍ଣର କାରଣ, ଆଉ ଅଜୀର୍ଣ୍ଣ ଦୁଃଖର ହେତୁ । ଯୋଗ୍ୟତା ନାହିଁ, ଅଥଚ ଆତ୍ମପ୍ରକାଶର ପ୍ରବଳ ଆକାଂକ୍ଷା, ଯଦି କାହାରର ଥିଲା ତ ସେ ହେଉଛନ୍ତି ରାବଣ । ଫଳତଃ ପରିବାରର ସହିତ ରାବଣଙ୍କର ବିନାଶ ହେବା ସଙ୍ଗେ ସଙ୍ଗେ ସ୍ୱର୍ଣ୍ଣପୁରୀ ଶ୍ରୀଲଙ୍କା ମଧ୍ୟ ଧ୍ୱଂସ ହୋଇ ପଡ଼ିଲା ।

ରାବଣଙ୍କ ଇଚ୍ଛା ଯେ ସେ ପୃଥିବୀର ସର୍ବଶ୍ରେଷ୍ଠ ବୀର ହେବେ, ଜ୍ଞାନୀ ହେବେ, ପଣ୍ଡିତ ହେବେ ତଥା ପୃଥିବୀର ସର୍ବଶ୍ରେଷ୍ଠ ଧନଶାଳୀ ବ୍ୟକ୍ତି ହେବେ । ପୃଥିବୀର ସର୍ବଶ୍ରେଷ୍ଠ ଧନଶାଳୀ ବ୍ୟକ୍ତି ହେବାରେ ଯେ ଧନର ପ୍ରାଚୁର୍ଯ୍ୟ ଆବଶ୍ୟକ, ତାହା ତାଙ୍କ ପାଖରେ କାହିଁ ? ଚତୁର୍ଦ୍ଦିଗରେ ସମୁଦ୍ରଘେରି ଅରଣ୍ୟପର୍ବତମୟ ଗୋଟିଏ କ୍ଷୁଦ୍ର ଦ୍ୱୀପ ଲଙ୍କା,

Digitized by srujanika@gmail.com

ଶସ୍ୟସମ୍ଭାରର ଅଭାବହିଁ ଯାର ଦୁର୍ଗତିର କାରଣ, ସେ ଦ୍ୱୀପର ରାଜା ପୁଣି ଧନଶାଳୀ ହେବେ କିପରି ? ଏ ଶସ୍ୟସମ୍ଭାରର ଅଭାବହିଁ ଲଙ୍କାବାସୀଙ୍କୁ ପଶୁ ମାଂସ ଆଦି ଅଖାଦ୍ୟ, ସୁରା ଆଦି ଅପେୟ ଗ୍ରହଣ କରିବାକୁ ବାଧ୍ୟ କରୁଛି । ମନୁଷ୍ୟ ଅବସ୍ଥାର ଦାସ । ପରିସ୍ଥିତିର ଅନୁକୂଳତା ପ୍ରତିକୂଳତା ପ୍ରତି ନିଜକୁ ନିଯୁକ୍ତ କରିବାକୁ ସେ ବାଧ୍ୟ । ଏ କୁ ଅନ୍ନ ଭକ୍ଷଣର କୁପରିଣାମ ସ୍ୱରୂପ, ଏ ଜାତିର ସ୍ୱଭାବ ମଧ୍ୟ କୁ ହୋଇ ଉଠିଛି । "ଜୈସା ଖାବେ ଅନ୍ନ, ବୈସା ହୋବେ ମନ୍ ।" ତେଣୁ, ଆର୍ଯ୍ୟମାନେ ଏ ଜାତିକୁ ରାକ୍ଷସ ନାମରେ ନାମିତ କରିବାକୁ ବାଧ୍ୟ ହୋଇଛନ୍ତି । ଆଉ ଏ ଜାତି ମଧ୍ୟ ନିଜକୁ ରାକ୍ଷସ ନାମରେ ପରିଚୟ ଦେବାକୁ କୁଣ୍ଠାବୋଧ କରି ନାହିଁ । ଯେପରି ଭାରତବାସୀ ଆର୍ଯ୍ୟମାନେ ନିଜକୁ 'ହିନ୍ଦୁ' ବୋଲି କହିବାରେ ଲଜ୍ଜିତ ହୁଅନ୍ତି ନାହିଁ । ଅଥଚ ଏ ହିନ୍ଦୁ ନାମ ଆର୍ଯ୍ୟମାନଙ୍କ ପ୍ରତି ବିଦେଶୀମାନଙ୍କ ଦ୍ୱାରା ପ୍ରଦତ୍ତ, ଯାର ଆଭିଧାନିକ ଅର୍ଥ ଆରବୀ ଭାଷାରେ ଦସ୍ୟୁ ଆଦି । (ଏ ପ୍ରସଙ୍ଗରେ ପଣ୍ଡିତମାନଙ୍କ ମଧ୍ୟରେ ମତଭେଦ ଥାଇପାରେ, କିନ୍ତୁ ଏ ପର୍ଯ୍ୟନ୍ତ ଏ କଥା ଅପୌକ୍ତିକ ବୋଲି ପ୍ରମାଣିତ କରାଯାଇ ପାରିନାହିଁ । ଆବଶ୍ୟକ ହେଲେ ଏହାର ବିସ୍ତୃତ ଆଲୋଚନା କରାଯିବ—ଏଠାରେ ତା କଲେ ଅପ୍ରାସଙ୍ଗିକ ହେବ ।)

ଅନ୍ନର ଅଭାବ ଏ ଜାତିକୁ ଏପରି ମାରାତ୍ମକଭାବରେ ଆଘାତ କରିଛି ଯେ ଅନ୍ନର ବହୁଳତା ପ୍ରତି ଏମାନଙ୍କର ସବୁବେଳେ ଈର୍ଷାଯୁକ୍ତ ଦୃଷ୍ଟି ରହିଛି । ଏହାହିଁ ମୂଳ କାରଣ ଯେ ଏମାନେ ଆର୍ଯ୍ୟ ସଭ୍ୟତା ସଂସ୍କୃତିର ବିରୋଧୀ, ବିଶେଷ-ଭାବରେ ଆର୍ଯ୍ୟମାନଙ୍କର ଯଜ୍ଞାନୁଷ୍ଠାନର ବିରୋଧୀ ।

Digitized by srujanika@gmail.com

ଆର୍ଯ୍ୟମାନଙ୍କର ଯଜ୍ଞର ସାମଗ୍ରୀ ହେଉଛି ଘୃତ, ଦୁଗ୍ଧ ନାରିକେଳ ତଥା ଅନ୍ୟାନ୍ୟ ସୁମିଷ୍ଟ ଫଳ, ପାଁବଷ୍ଟୀସ୍ତ ସୁଗନ୍ଧମୟ ସୁସ୍ୱାଦୁ ଭୋଜନ ତଥା ଅଗରୁ ଚନ୍ଦନ ଧୂପଧୂନା ଆଦି ଅନେକ ପ୍ରକାରର ଗନ୍ଧମୟ ଦ୍ରବ୍ୟ । ଏପରି ମୂଲ୍ୟବାନ୍ ତଥା ଉପାଦେୟ ଖାଦ୍ୟ ପଦାର୍ଥକୁ ନ ଖାଇ ପୋଡ଼ିବା କଥା ରାକ୍ଷସମାନଙ୍କ ପକ୍ଷରେ ସହ୍ୟ ହୋଇ ପାରୁ ନାହିଁ । ଯେ ପଦାର୍ଥ ସେମାନଙ୍କୁ ଖାଇବାକୁ ମିଳୁନାହିଁ, ତାକୁ ନ ଖାଇ ପୋଡ଼ିବା କେବେ କଣ ଅଭାବୀ ଲୋକ ପକ୍ଷରେ ସହ୍ୟ ହୋଇପାରେ ? ତେଣୁ ସେମାନେ ଦଳବଦ୍ଧଭାବରେ ଆର୍ଯ୍ୟମାନଙ୍କର ଯଜ୍ଞରେ ରକ୍ତମାଂସାଦି ଅପଦାର୍ଥ ନିକ୍ଷେପ କରି ତା ବନ୍ଦ କରି ଦେବାକୁ ସର୍ବଦା ସଚେଷ୍ଟ ଥାନ୍ତି, ଆଉ ଏପରି ବାଧାବିଘ୍ନକୁ ଏଡ଼ିବାକୁ ଚେଷ୍ଟା କରିବା ଦ୍ୱାରା ଆର୍ଯ୍ୟ ଋଷିମାନଙ୍କୁ ଏ ରାକ୍ଷସମାନେ ହତ୍ୟାପର୍ଯ୍ୟନ୍ତ କରିବାକୁ କୁଣ୍ଠିତ ହୁଅନ୍ତି ନାହିଁ । ଫଳତଃ ଯଜ୍ଞର ଅବଶେଷ ଅନ୍ନ ତଥା ଅନ୍ୟାନ୍ୟ ହବନୀୟ ସାମଗ୍ରୀ ଏ ରାକ୍ଷସମାନଙ୍କର ଭୋଗ ହୋଇଉଠେ । ଏପରି ଭାବରେ ରାବଣ-ପ୍ରେରିତ ଚୌଦ ହଜାର ସୈନ୍ୟ ଖରଦୂଷଣ ସେନାପତି ଦ୍ୱୟଙ୍କ ଅଧିନାୟକତ୍ୱରେ ଭାରତସମ୍ରାଟଙ୍କ ବିନାଅଜ୍ଞାରେ ଆର୍ଯ୍ୟାବର୍ତ୍ତ ମଧ୍ୟକୁ ପ୍ରବେଶ କରି ଋଷିମାନଙ୍କର ଯଜ୍ଞ ଧ୍ୱଂସ କରିବାରେହିଁ ଲାଗି ପଡ଼ନ୍ତି ।

ରାବଣ ନିଜେ ଯଜ୍ଞର ପକ୍ଷପାତୀ ତଥା ନିଜେ ଯଜ୍ଞାନୁଷ୍ଠାନକାରୀ ।

"ଭେରୀ ମୃଦଙ୍ଗାଭିରୁତଂ ଶଙ୍ଖଘୋଷବିନାଦିତମ୍ ।
ନିତ୍ୟାର୍ଚ୍ଚିତଂପର୍ବହୁତଂ ପୂଜିତଂ ରାକ୍ଷସୈଃ ସଦା ॥" (ରାମାୟଣ)

"ଭେରୀମୃଦଙ୍ଗ ଆଉ ଶଙ୍ଖଧ୍ୱନିରେ ପ୍ରତିଧ୍ୱନିତ ହେଉଥିଲା । (ସେ ଭବନରେ) ନିତ୍ୟ ଅର୍ଚ୍ଚନା ତଥା ପର୍ବଦିନମାନଙ୍କରେ ରାକ୍ଷସମାନଙ୍କ ଦ୍ୱାରା ହବନାଦି ମଧ୍ୟ ହେଉଥିଲା ।"

Digitized by srujanika@gmail.com

ସୀତାଙ୍କ ଗୁପ୍ତବେଶରେ ଲଙ୍କାରେ ଅନ୍ୱେଷଣ କରିବା କାଳରେ ହନୁମାନ ଏ କଥା ରାବଣଙ୍କ ଭବନରେ ହେଉଥିବାର ଜାଣିଲେ । କିନ୍ତୁ ଲଙ୍କାରେ ସଚରାଚର ଏ ପ୍ରଥାର ପ୍ରଚଳନ ନ ଥିଲା । ସମ୍ଭବତଃ ଏହାର କାରଣ ଏହା ହୋଇପାରେ ଯେ ରାଜ୍ୟର ଜନସାଧାରଣ ଏ ପ୍ରଥାକୁ ସମର୍ଥନ କରୁ ନ ଥିଲେ, ଯେହେତୁ ରାଜ୍ୟ ଅଭାବଗ୍ରସ୍ତ । ଅତ ଏ ଅଭାବହିଁ କାରଣ ବୋଲି ରାବଣ ନିଜେ ମଧ୍ୟ ଏ ପ୍ରଥାର ପ୍ରଚଳନ ତାଙ୍କ ରାଜ୍ୟରେ କରିନାହାନ୍ତି, ଯେପରି ପ୍ରାଚୀନ ଭାରତବର୍ଷ ଏ ଯଜ୍ଞର ଉପାଦେୟତା ଅଙ୍ଗେ ଅଙ୍ଗେ ଅନୁଭବ କରିଥିଲେ ସୁଦ୍ଧା ଆଧୁନିକ ଅଭାବୀ ଭାରତବର୍ଷ ତା ଅନୁକରଣ କରି ପାରୁନାହିଁ । ତେଣୁ ବିବାହାଦି ପର୍ବଦିନମାନଙ୍କ ଛଡ଼ା ସଚରାଚର ଯଜ୍ଞର ଅନୁଷ୍ଠାନ ଭାରତବର୍ଷରେ ବର୍ତ୍ତମାନ ଆଦୌ ଅନୁଷ୍ଠିତ ହେଉନାହିଁ । କିନ୍ତୁ ରାବଣ ନିଜେ ଏ ପ୍ରଥାର ମର୍ଯ୍ୟାଦା ଅନୁଭବ କରିଥିବାରୁ ଅତ ନିଜେ ବ୍ରାହ୍ମଣ-ସନ୍ତାନ ହୋଇ ଥିବାରୁ ପାରିବାରିକ ସଂସ୍କାରବଶତଃ ନିଜେ କେବଳ ଯଜ୍ଞାନୁଷ୍ଠାନ କରୁଥିଲେ । ପୁଣି ରାବଣ ତ କେବଳ ରାଜନୀତିଜ୍ଞ ନ ଥିଲେ, ବେଦବିଦ୍ୱାନ୍ ମଧ୍ୟ ଥିଲେ । ଯେଉଁ ବେଦରେ ଯଜ୍ଞର ଭୂରି ଭୂରି ପ୍ରଶଂସା ରହିଛି, ତାକୁ ଉପେକ୍ଷା କରିବା ରାବଣ ପରି ବେଦବିଦ୍ୱାନ୍ ପକ୍ଷରେ ସମ୍ଭବ ହୋଇ ପାରିନାହିଁ ।

ତେଣୁ ରାକ୍ଷସ କହିଲେ ବିକୃତରୂପସମ୍ପନ୍ନ କୌଣସି ଜାତି ବା ବ୍ୟକ୍ତିବିଶେଷର ସଂଜ୍ଞା ମନେ କରିବା ନ୍ୟାୟତଃ ଅଯଥାର୍ଥ । ପଣ୍ଡିତମାନେ କହନ୍ତି, 'ରକ୍ଷସ୍' ଶବ୍ଦରୁ ରାକ୍ଷସ ଶବ୍ଦ ନିଷ୍ପନ୍ନ- ହୋଇଛି । ଯେଉଁମାନଙ୍କ ଭବଳରୁ ନିଜକୁ ରକ୍ଷା କରାଯାଏ, ସେମାନେ ହେଉଛନ୍ତି ରାକ୍ଷସ । ସମ୍ଭବତଃ ରାକ୍ଷସ ଶବ୍ଦର ଏହା ରୁଢ଼

Digitized by srujanika@gmail.com

ପ୍ରୟୋଗ (ଶବ୍ଦର ବ୍ୟୁତ୍ପତ୍ତିଗତ ଅର୍ଥକୁ ଗ୍ରହଣ ନ କରି ଅନ୍ୟ ପ୍ରଚଳିତ ଅର୍ଥ ଗ୍ରହଣ କରି ତଦନୁସାରେ ସେ ଶବ୍ଦର ପ୍ରୟୋଗ କରିବା ।) ଯଜ୍ଞଧ୍ୱଂସକାରୀ ଆର୍ଯ୍ୟ ସଭ୍ୟତାର ବିରୋଧୀ ରାକ୍ଷସମାନଙ୍କ ଅତ୍ୟାଚାରରୁ, ଆର୍ଯ୍ୟମାନେ ନିଜକୁ ରକ୍ଷା କରୁଥିଲେ ବୋଲି ଆର୍ଯ୍ୟମାନେ ଏ ଅନାର୍ଯ୍ୟମାନଙ୍କୁ ରାକ୍ଷସ ନାମରେ ନାମିତ କରିଥିଲେ । ରାକ୍ଷସ କହିବା ମାତ୍ରକେ ବିକୃତ-ରୂପ-କଳ୍ପନା ଯେ ଆମ ମସ୍ତିଷ୍କରେ ହଠାତ୍ ଜନ୍ମନିଏ, ଏହା କିନ୍ତୁ ବୁଦ୍ଧିଜନିତ ନୁହେଁ—ସଂସ୍କାରଜନିତ । ପ୍ରଧାନ ପ୍ରଧାନ ରାକ୍ଷସମାନଙ୍କର ନାମକରଣରୁ ସେମାନଙ୍କର ରୂପବିଭବର ସୁନ୍ଦର କଳ୍ପନା କରିହୁଏ । ଯଥାः—ଦଶଶିର, ବିଂଶବାହୁ, ବିଂଶନେତ୍ର ରାବଣ; ଯଥାର୍ଥରେ ଦଶଶିର, ବିଂଶବାହୁ ତଥା ବିଂଶନେତ୍ରବିଶିଷ୍ଟ କୌଣସି ମନୁଷ୍ୟର କଳ୍ପନା କରିବା ସୃଷ୍ଟିପ୍ରକ୍ରିୟାର ବିକୃତ କଳ୍ପନା ହେବ । ଏହା ଯଦି ପ୍ରକୃତିର ଉଦ୍ଦେଶ୍ୟ ହୋଇଥାନ୍ତା, ତେବେ ପ୍ରକୃତି କେବଳ ଏ ଗୋଟାଏ ଲୋକକୁ ସୃଷ୍ଟିକରି କ୍ଷାନ୍ତ ହୋଇ ପଡ଼ି ନ ଥାନ୍ତା । ରାବଣ ଛଡ଼ା ସଂସାରରେ ଏକାଧିକ ଶିର, ବାହୁ, ନେତ୍ରବିଶିଷ୍ଟ ଆଉ ଜଣେହେଲେ ଲୋକର କଳ୍ପନା କରାଯାଇ ପାରିବନି ? ରାବଣ ସମ୍ବନ୍ଧରେ ଯେ ପୁସ୍ତକରେ ବର୍ଣ୍ଣିତ ଅଛି, ତା ଗୋଟିଏ କାବ୍ୟ । କାବ୍ୟକଳା ଦୃଷ୍ଟିରୁ ବିଚାର କଲେ ସହଜରେ ବୁଝାପଡ଼େ ଯେ ଏହା ରାବଣଙ୍କ ଯୋଗ୍ୟତାର ରୂପକ-ବର୍ଣ୍ଣନା ଛଡ଼ା ଅନ୍ୟ କିଛି ନୁହେଁ । ଦଶଟା ଶିରର ବୁଦ୍ଧିର ସମାବେଶ ହୋଇଛି ଯେଉଁ ଶିରରେ ସେ ହେଉଛନ୍ତି ଦଶଶିର । ବିଂଶବାହୁର ବଳ ସଙ୍ଗରେ ସମାନ ଯେ ରାବଣଙ୍କ ଦ୍ୱିବାହୁ, ସେ ବିଂଶବାହୁ ରାବଣ, ସେହିପରି ବିଂଶନେତ୍ର ମଧ୍ୟ । ରାବଣର ଦୂରଦୃଷ୍ଟିଶକ୍ତି ଅର୍ଥାତ୍ ବିଚାର-ଶକ୍ତି ତୀକ୍ଷ୍ଣ ଥିଲା—ସେ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି ଥିଲେ । ତଥାପି ତାଙ୍କର ଯେ ବିନାଶ ଘଟିଛି,

Digitized by srujanika@gmail.com

ସେଠା ତାଙ୍କର ଦୂରଦୃଷ୍ଟିହୀନତାର କାରଣ ପାଇଁ ନୁହେ—ତାଙ୍କର ଅସଂଯତ ପ୍ରବୃତ୍ତିର ପ୍ରବଳ ପ୍ରେରଣା ପାଇଁ । ରାବଣଙ୍କ ଅବାଧ ଦୁର୍ଦ୍ଦମନୀୟ ପ୍ରବୃତ୍ତି ତାଙ୍କର ବୁଦ୍ଧିକୁ ପରାଭୂତ କରିଛି—ଅଚ୍ଛନ୍ନ କରିଛି । ଫଳତଃ ତାଙ୍କର ବିନାଶ ଘଟିଛି ।

'ରାବଣ' ଶବ୍ଦର ବ୍ୟୁତ୍ପତ୍ତି କରିବାକୁ ଯାଇ ପଣ୍ଡିତମାନେ କହନ୍ତି, ଯେ ଅନ୍ୟର ରୋଦନର କାରଣ ଅର୍ଥାତ୍ ଦୁଃଖର କାରଣ, ସେ ରାବଣ । "ରାବୟାମାସ ଲୋକାନ୍ ଯତ୍ ତସ୍ମାଦ୍‌ରାବଣ ଉଚ୍ୟତେ" (ମହାଭାରତ) । ଏଥିରୁ ରାବଣଙ୍କ କେବଳ ଗୁଣର ପରିଚୟ ମିଳୁଛି—ରୂପର ନୁହେ । ତେଣୁ ରାବଣଙ୍କୁ କୁରୂପ ମନେ କରିବା ଯୁକ୍ତିସଂଗତ ହେବ ନାହିଁ । ସେହିପରି ସୂର୍ପଣଖା, କୁଲାପରି ବଡ଼ ବଡ଼ ନଖ ଯାହାର ସେ ସୂର୍ପଣଖା ନୁହେଁ, ବରଂ କୁଲାର ଅଗ୍ରଭାଗ ପରି ସୁନ୍ଦର ଯାର ନଖର ଅଗ୍ରଭାଗ, ସେ ସୂର୍ପଣଖା । ଡାଳିମ୍ବଦନ୍ତୀ କହିଲେ ଯେପରି ବୁଝାଏ ନାହିଁ ଯେ ଡାଳିମ୍ବ ପରି ବଡ଼ ବଡ଼ ଦନ୍ତ ଯାହାର, ବରଂ ଏହାହିଁ ବୁଝାଏ ଯେ ଡାଳିମ୍ବର ଭିତରେ ବୀଜପରି ସୁନ୍ଦର ଦନ୍ତପଂକ୍ତି, ଯାହାର ସେ ଡାଳିମ୍ବଦନ୍ତୀ ।

ସୂର୍ପଣଖା ରାଜକୁମାରୀ । ରାଜକନ୍ୟା ଯେପରି ସୁନ୍ଦର ହେବା କଥା, ସେ ଠିକ୍ ସେହିପରି ସୁନ୍ଦର ରମଣୀ ଥିଲେ । ଏହି ସୁନ୍ଦରତାର ଭରସାରେହିଁ ସେ ଲକ୍ଷ୍ମଣଙ୍କ ସୁନ୍ଦରତା ପ୍ରତି ଆକୃଷ୍ଟ ହୋଇ ତାଙ୍କୁ ନିଜ ପ୍ରତି ଆସକ୍ତ କରିବାକୁ ଚେଷ୍ଟା କରିଥିଲେ । ତାଙ୍କର ଏ ବିଶ୍ୱାସ ଥିଲା ଯେ ସେ ନିଜେ ଯେତେବେଳେ ରାଜକୁମାରୀ ତଥା ସୁନ୍ଦରୀ, ତାଙ୍କୁ ଗ୍ରହଣ କରିବାରେ ଗୋଟାଏ ସୁନ୍ଦର ରାଜକୁମାର କାହିଁକି କୁଣ୍ଠିତ ହେବ ?—ତା'ପରେ, ସେ ପୁଣି ତ୍ରିଲୋକବିଖ୍ୟାତ ରାବଣଙ୍କ ଭଗ୍ନୀ !! କିନ୍ତୁ ବ୍ରହ୍ମଚାରୀ, ତ୍ୟାଗୀ, ତପସ୍ୱୀ ଲକ୍ଷ୍ମଣଙ୍କୁ ସେ

Digitized by srujanika@gmail.com

ପରାଭୂତ କରିପାରିଲେ ନାହିଁ । ପୁଣି ଲକ୍ଷ୍ମଣ ଯେ ବିବାହିତ, ଅତି ରାମଭକ୍ତ ଲକ୍ଷ୍ମଣ ରାମଙ୍କର ଏକ ପତ୍ନୀବ୍ରତର ଆଦର୍ଶରେ ଅନୁପ୍ରାଣିତ । ସୂର୍ପଣଖା ବା ଏ ସବୁ ଜାଣନ୍ତେ କିପରି ?

ସୂର୍ପଣଖା ନିଜର ରାକ୍ଷସୀରୂପ ପରିବର୍ତ୍ତିନ କରି ପ୍ରେମଯାଚନା କରିବାପାଇଁ ଲକ୍ଷ୍ମଣଙ୍କ ପାଖକୁ ଯିବାର ବର୍ଣ୍ଣନା ରାମାୟଣରେ ରହିଛି । ଏ ଅଳଙ୍କାରିକ ବର୍ଣ୍ଣନାର ବାସ୍ତବ ଅର୍ଥ ହେଉଛି ଏଇ ଯେ ରାକ୍ଷସମାନଙ୍କର ନିଜର ସଭ୍ୟତା ସଂସ୍କୃତି ତଥା ଦେଶକାଳ ଅନୁସାରେ ସେମାନଙ୍କର ପୋଷାକ ପରିଚ୍ଛଦ ଆର୍ଯ୍ୟମାନଙ୍କଠାରୁ ନିଶ୍ଚିତ୍ୟ କିଛି ଭିନ୍ନ ହୋଇଥିବ । ଲକ୍ଷ୍ମଣ ଯେତେବେଳେ ଆର୍ଯ୍ୟ ରାଜକୁମାର, ସେ ଏ ରାକ୍ଷସୀ ପୋଷାକପରିଚ୍ଛଦକୁ ପସନ୍ଦ କରିବେ କି ନା ସନ୍ଦେହ, ଏ ସନ୍ଦେହ ସୂର୍ପଣଖାଙ୍କ ଥିଲା । ଦ୍ୱିତୀୟତଃ, ସୂର୍ପଣଖା ଖରଦୂଷଣ ତଥା ଚୌଦ ହଜାର ସୈନ୍ୟଙ୍କ ସଙ୍ଗରେ ଭାରତକୁ ଦମନ କରିବାକୁ ଆସିଥିଲେ । ଏ ନାରୀ, ସୈନିକ ମନୋବୃତ୍ତିର ନାରୀ; ଅନ୍ୟଥା ଗୋଟାଏ ସୈନ୍ୟଦଳ ସଙ୍ଗରେ ସ୍ତ୍ରୀ ହୋଇ ଏତେ ଦୂରଦେଶକୁ ଆସିବା ତାଙ୍କ ପକ୍ଷରେ ସମ୍ଭବ ହୁଅନ୍ତା କିପରି ? ତେଣୁ ଖୁବ୍ ସମ୍ଭବ, ସେ ସର୍ବଦା ସୈନିକ ପୋଷାକରେ ରହୁଥିଲେ । ଲୋକଙ୍କ ପ୍ରତି ଅତ୍ୟାଚାର କରିବା ଅଥବା ଏ ଅତ୍ୟାଚାରକୁ ସମର୍ଥନ କରିବା ଗୋଟାଏ ନାରୀପକ୍ଷରେ ଅଶୋଭନୀୟ । ଏପରି ଗୋଟାଏ ନାରୀକୁ କାବ୍ୟର ଭାଷାରେ ରାକ୍ଷସୀ କହିବା ଉଚିତ ତଥା ସଙ୍ଗତ ହୋଇଛି । ସୂର୍ପଣଖା ଭଲ-ଭାବରେ ଜାଣନ୍ତି, କେବଳ ସୂର୍ପଣଖା ନୁହେଁ, ନାରୀ ମାତ୍ରକେ ଜାଣନ୍ତି ଯେ ପୁରୁଷକୁ ମୁଗ୍ଧ କରିବାକୁ ହେଲେ ସ୍ତ୍ରୀ ପକ୍ଷରେ ନାରୀତ୍ୱ-ଲାବଣ୍ୟ ଆବଶ୍ୟକ, ଶୌର୍ଯ୍ୟ ନୁହେଁ । ଅତି ତା'ମଧ୍ୟ ସୈନିକ-

Digitized by srujanika@gmail.com

ପୋଷାକରେ ନୁହେ—ନାରୀଜନୋଚିତ ସ୍ତ୍ରୀସୁଲଭ ପୋଷାକ ପରିଚ୍ଛଦରେ । ତେଣୁ ସୁର୍ପଣଖା ସୈନିକଜନୋଚିତ ପୋଷାକ ପରିଚ୍ଛଦ ତ୍ୟାଗକରି ସୁନ୍ଦରୀନାରୀ ଭାବରେ, ନାରୀଜନୋଚିତ ପୋଷାକପରିଚ୍ଛଦରେ ନିଜକୁ ସଜ୍ଜିତ କରି ଲକ୍ଷ୍ମଣଙ୍କୁ ମୁଗ୍ଧ କରିବାର ଚେଷ୍ଟା କରିଛନ୍ତି ।

ଲକ୍ଷ୍ମଣ ସୁର୍ପଣଖାଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି । ପ୍ରେମଯାଚକକାରୀ ଜଣେ ରାଜକୁମାରୀଙ୍କୁ ଜଣେ ରାଜକୁମାର ପ୍ରତ୍ୟାଖ୍ୟାନ କରିବା, ସେ ନାରୀପକ୍ଷରେ କିଣ କମ୍ ଅଗୌରବର କଥା !! ସେଇଟା ତାଙ୍କ ପକ୍ଷରେ ନାକ କାନ କଟିଯିବା ଭଳି ଘୋର ଅପମାନଜନକ କଥା ନୁହେଁ କି ? ଅତଏବ ସୁନ୍ଦରୀ ସୁର୍ପଣଖା ଅତ୍ୟନ୍ତ ଲକ୍ଷ୍ମଣଙ୍କଦ୍ୱାରା ଅପମାନିତ ହୋଇଛନ୍ତି—ଅବୟବରେ ଖଣ୍ଡିତ ହୋଇ ନାହାନ୍ତି । ନାକ କଟିଯିବା ଅର୍ଥରେ ଆଜିକାଲି ମଧ୍ୟ ଟେକ ନ ରହିବା ଅର୍ଥାତ୍ ଅପମାନିତ ହେବା କଥା ସମସ୍ତେ ବୁଝନ୍ତି । କାବ୍ୟର ପ୍ରତ୍ୟେକ ଶବ୍ଦକୁ ବେଦବାଣୀ ମନେକରିବା ତ ଠିକ୍ ହେବ ନାହିଁ—କାବ୍ୟଟା କାବ୍ୟ—କଳ୍ପନାଶ୍ରିତ ।

କୁମ୍ଭକର୍ଣ୍ଣ, କୁମ୍ଭର ମୁଖପରି କର୍ଣ୍ଣ ଯାହାର ସେ କୁମ୍ଭକର୍ଣ୍ଣ, ଅର୍ଥାତ୍ କୁମ୍ଭକର୍ଣ୍ଣର କର୍ଣ୍ଣ ସୁନ୍ଦର ଥିଲା । କିନ୍ତୁ ଏ ଜଣେ ଜ୍ୱରାକ୍ରାନ୍ତ ନିଦ୍ରାଳୁ ବ୍ୟକ୍ତି । ଏହା ଗୋଟାଏ ମାରାତ୍ମକ ମାନସିକ ରୋଗ । ପତ୍ରପତ୍ରିକା ଅନେକ ସମୟରେ ଅନେକବାର ଏ ସମ୍ବାଦ ବିତରଣ କରିଛି ଯେ ବିଲାତ ବା ଅନ୍ୟ କୌଣସି ପାଶ୍ଚାତ୍ୟ ଦେଶରେ ଜଣେ ନାରୀ ପାଞ୍ଚ ଛଅମାସ ପର୍ଯ୍ୟନ୍ତ ନିଦ୍ରିତ ଅବସ୍ଥାରେ ରହୁଥିଲେ । ଏ ରୋଗର ଚିକିତ୍ସା ଅବଶ୍ୟ ହୋଇପାରି ନ ଥିଲା । କୁମ୍ଭକର୍ଣ୍ଣର ଏ ନାମଟା ତାର ଗୁଣ ବା ରୂପର ପରିଚାୟକ ନୁହେଁ । ଯେ କୌଣସି ଗୋଟାଏ

ନାମ ରଖିବା କଥା, ସେଥିପାଇଁ ହିଁ ଏ ନାମଟା ରଖାଯାଇଛି । କିନ୍ତୁ କୁମ୍ଭକର୍ଣ୍ଣ ନିଦ୍ରାଳୁ ହୋଇଥିବାରୁ କାଳକ୍ରମେ ଏ ଶବ୍ଦର ଭୁଲ ପ୍ରୟୋଗ ନିଦ୍ରାଳୁ ଅର୍ଥରେ ହେବାକୁ ଲାଗିଲା ।

ମନ୍ଦୋଦରୀ, ମନ୍ଦ ଅର୍ଥାତ୍ ଶ୍ରେଷ୍ଠ ଉଦର ଯାହାର ସେ ମନ୍ଦୋଦରୀ । ମନ୍ଦୋଦରୀ ମଧ୍ୟ ଗୋଟିଏ ସୁନ୍ଦରୀ ନାରୀ; ଏଥିରେ ସନ୍ଦେହ ନାହିଁ । ଠିକ୍ ସେହିପରି ତ୍ରିଜଟା ମଧ୍ୟ । ରାମାୟଣରେ ତ୍ରିଜଟାର ସଚ୍ଚରିତ୍ରତା ସମ୍ବନ୍ଧରେ ଉଲ୍ଲେଖ ରହିଛି । ଅଶୋକବନରେ ସୀତା ବନ୍ଦିନୀ ଥିବାବେଳେ ତାଙ୍କର ଦୁଃଖୀମନକୁ ଆଶ୍ୱାସନ ବାକ୍ୟ-ଦ୍ୱାରା କେହି ଯଦି ଶାନ୍ତ କରୁଥିଲା ତ ସେ ଏହି ତ୍ରିଜଟା । ଅତଏବ ତ୍ରିଜଟା ରାକ୍ଷସକୁଳଜାତା ନାରୀ ହେଲେ ମଧ୍ୟ ସାଧୁସ୍ୱଭାବସମ୍ପନ୍ନା । ଏଥିପାଇଁ ହିଁ ଏ ଅନାର୍ଯ୍ୟ ନାରୀର ପୂଜା ଆର୍ଯ୍ୟ ଭାରତବର୍ଷ କରିଆସୁଛି । କାର୍ତ୍ତିକ, ମାଘ, ବୈଶାଖ, ହିନ୍ଦୁମାନଙ୍କ ମତରେ ପୁଣ୍ୟମାସ । ଏ ମାସର ପ୍ରତିପଦା ତିଥିରେ ସ୍ତ୍ରୀମାନେ ଏ ଲଙ୍କାବାସିନୀ ତ୍ରିଜଟାର ବାଲୁକା-ମୂର୍ତ୍ତି ତିଆରି କରି ପୁଷ୍କରିଣୀ ନିକଟରେ ଫୁଲ ଫଳ ବସ୍ତ୍ରାଦି ଅର୍ପଣପୂର୍ବକ ପୂଜା କରନ୍ତି । ଏହାହିଁ ଜ୍ୱଳନ୍ତ ପ୍ରମାଣ ଯେ ପ୍ରାଚୀନ ଭାରତବର୍ଷ ସର୍ବଦା ଗୁଣର ପୂଜା କରି ଆସିଛି ଜାତି-ଧର୍ମ୍ମ ନିର୍ବିଶେଷରେ । ତ୍ରିଜଟା, ତ୍ରି ଅର୍ଥାତ୍ ତିନି, ଜଟ ଅର୍ଥାତ୍ ବେଣୀ, ତିନିବେଣୀ ବା ଜଟ ଯେ ଧାରଣ କରେ ସେ ତ୍ରିଜଟା । ଆଜିକାଲି ନାରୀମାନେ ସାଧାରଣତଃ ଦୁଇଟା ବେଣୀ ଧାରଣ କରୁଥିବାର ଦେଖିବାକୁ ମିଳେ । ତ୍ରିଜଟା ନିଜର ସୁନ୍ଦର କେଶଗୁଚ୍ଛକୁ ଏପରି-ଭାବରେ ବିନ୍ୟାସ କରୁଥିଲା ଯେ ତା' ତ୍ରିବେଣୀରେ ପରିବର୍ତ୍ତିତ ହୋଇ ସୁନ୍ଦର ଦେଖାଯାଉଥିଲା । ଏହା ତ୍ରିଜଟାର ନାମକରଣ ମାତ୍ର—ତା'ର ବିଶେଷଣ ନୁହେଁ ।

ଏ ରାକ୍ଷସଜାତୀୟ ନରନାରୀମାନଙ୍କ ନାମକରଣ ଯେ ଠିକ୍ ଏମାନଙ୍କର ରୂପ ବା ଗୁଣଅନୁସାରେ ହୋଇଛି, ତା କହିବା ଆମର ଉଦ୍ଦେଶ୍ୟ ନୁହେଁ । ନାମକରଣ କରିବା କଥା; ତେଣୁ କରାଯାଇଛି । କିନ୍ତୁ ଏମାନଙ୍କ ଏ ପ୍ରକାରର ନାମକରଣ ଫଳରେ ଏମାନଙ୍କ ରୂପ-ଗୁଣ ସମ୍ବନ୍ଧରେ ଆମ ମନରେ ଯେ ଅଦ୍ଭୁତ ଧାରଣା ରହିଛି ସେ ଧାରଣା ତ ସଂଗତ ଧାରଣା ହେବ ନାହିଁ । ସୁତରାଂ ରାକ୍ଷସ କହିବା ମାତ୍ରକେ କୁରୂପ-ସଂପନ୍ନ କୌଣସି ଜାତିକୁ ଲକ୍ଷ୍ୟ କରିବା ସଙ୍ଗତ ହେବ ନାହିଁ । ଏମାନେ ଆପଣାର ଦୁର୍ଦ୍ଧର୍ଷ ନୃଶଂସ ଆଚରଣ ଯୋଗୁଁ ଆର୍ଯ୍ୟମାନଙ୍କ-ଦ୍ୱାରା ଏ ନାମରେ ନାମିତ । ରାବଣ ତ ମହର୍ଷି ବିଶ୍ରବାଙ୍କ ସନ୍ତାନ । ଏହାଙ୍କର ମାତାଙ୍କ ନାମ ପୁଷ୍ପୋତ୍କଟା । ଆର୍ଯ୍ୟଜାତୀୟ ରଜବୀର୍ଯ୍ୟରୁ ଏହାଙ୍କର ଜନ୍ମ ହୋଇଥିଲେ ସୁଦ୍ଧା ନିଜର ଆସୁରିକ ପ୍ରବୃତ୍ତିର କାରଣରୁ ଏ ରାବଣ ଅନାର୍ଯ୍ୟ, ରାକ୍ଷସ ନାମରେ ଅପ୍ରଶଂସିତ ହୋଇଅଛନ୍ତି । ତାପରେ, ରାବଣଙ୍କ ପରିବାରରେ ଯେତେ ସ୍ତ୍ରୀ ଥିଲେ ସେ ସମସ୍ତଙ୍କୁ ସେ ଅପହରଣ କରି ଆଣି ନ ଥିଲେ । ଅନେକ ରାଜକୁମାରୀ ତାଙ୍କର ରୂପ ତଥା ଶୌର୍ଯ୍ୟ ପ୍ରତି ମୁଗ୍ଧ ହୋଇ ତାଙ୍କ ପାଖକୁ ଆସିବାକୁ ଇଚ୍ଛା ପ୍ରକଟ କରିବାରୁ, ସେ ଆଣିଥିଲେ । ଏ କଥାର ଉଲ୍ଲେଖ ରାମାୟଣରେ ରହିଛି ।

ହନୁମାନ ସୀତାଙ୍କ ଅନ୍ୱେଷଣରେ ଯାଇ ଲଙ୍କାରେ ପହଞ୍ଚିଛନ୍ତି । ରାତ୍ରି ସମୟରେ ସେ ଲଙ୍କାପୁରୀ ଖୋଜି ବୁଲିବା ବେଳେ ରାବଣଙ୍କର ରାଜପ୍ରାସାଦକୁ ମଧ୍ୟ ପ୍ରବେଶ କରି ତାଙ୍କର ଶୟନ-କକ୍ଷ ପର୍ଯ୍ୟନ୍ତ ଅନ୍ୱେଷଣ କରିଛନ୍ତି । ଅନେକ ସୁନ୍ଦରୀଙ୍କୁ ସେ ନିଦ୍ରିତ ଅବସ୍ଥାରେ ଦେଖିଛନ୍ତି । ଏହା ସେହି ସମୟର ବର୍ଣ୍ଣନା :—

Digitized by srujanika@gmail.com

"ରାଜର୍ଷିବିପ୍ରଦୈତ୍ୟାନାଂ ଗନ୍ଧର୍ବାଣାଂ ଚ ଯୋଷିତଃ ।
ରାକ୍ଷସାଂ ଚ ଭବନ୍‌କନ୍ୟାସ୍ତସ୍ୟା କାମବଶଂଗତାଃ ॥" (ରାମାୟଣ)

"ରାଜର୍ଷି କନ୍ୟା, ବ୍ରାହ୍ମଣ କନ୍ୟା, ଦୈତ୍ୟ କନ୍ୟା, ଗନ୍ଧର୍ବ କନ୍ୟା, ତଥା ରାକ୍ଷସ କନ୍ୟା (ରାବଣଙ୍କ) କାମର ଅଧୀନ ଥିଲେ ।

ଏଥିରୁ ଏକଥା ସ୍ପଷ୍ଟ ଯେ ଏମାନେ ରାବଣଙ୍କୁ ପସନ୍ଦ କରି ଆସିଥିଲେ । ରାବଣ ଏମାନଙ୍କ ପ୍ରତି ବଳପ୍ରୟୋଗ କରି ନ ଥିଲେ ।

"ଯୁଦ୍ଧକାଲେ ତାଃ ସର୍ବା ରାବଣେନ ହୃତାଃ ସ୍ତ୍ରିୟଃ ।
ସମଦା ମଦନନୈବ ମୋହିତା କଶ୍ଚିଦାଗଣ ॥" (ରାମାୟଣ)

"(ଏମାନଙ୍କ ମଧ୍ୟରୁ) ଅନେକଙ୍କୁ ରାବଣ ଯୁଦ୍ଧରେ ଜୟ କରି ଆଣିଥିଲେ; ଆଉ ଅନେକ କାମପୀଡ଼ିତ ହୋଇ ରାବଣ ସଙ୍ଗରେ ଆସିଥିଲେ ।"

କାମପୀଡ଼ିତ ହୋଇ ଆସିବା ଅର୍ଥ ରାବଣଙ୍କ ରୂପଯୌବନ ପ୍ରତି ମୁଗ୍ଧ ହୋଇ କାମଜ୍ୱାଳାରେ ପୀଡ଼ିତ ହେବା ଫଳରେ ତାକୁ ଶାନ୍ତ କରିବା ପାଇଁ ରାବଣ ସଙ୍ଗରେ ଆସିବା ।

"ନ ତତ୍ର କଶ୍ଚିତ ପ୍ରମଦା ପ୍ରସହ୍ୟ
ବୀର୍ଯୋପପନ୍ନେନ ଗୁଣେନ ଲବ୍ଧା
ନ ଚାନ୍ୟ କମାପି ନ ଚାନ୍ୟପୂର୍ବା ବିନା
ବରାର୍ହାଜନକାମସ୍ୱାକାଂକ୍ଷାମ୍ ॥"

ରାବଣ ପରାକ୍ରମୀ ହୋଇ ମଧ୍ୟ କୌଣସି ସ୍ତ୍ରୀକୁ ବଳପୂର୍ବକ ହରଣ କରି ଆଣି ନ ଥିଲେ । ସମ୍ମାନାର୍ହା ଜାନକୀଙ୍କ ଛଡ଼ା ଅନ୍ୟାନ୍ୟ

Digitized by srujanika@gmail.com

ସମସ୍ତ ସ୍ତ୍ରୀ ରାବଣଙ୍କର ଶୌର୍ଯ୍ୟାଦିରେ ମୁଗ୍ଧ ହୋଇ ସ୍ୱୟଂ ତାଙ୍କ ସଙ୍ଗରେ ଆସିଥିଲେ । ପରପୁରୁଷ ପ୍ରତି ଆସକ୍ତ, ଏପରି କୌଣସି ସ୍ତ୍ରୀ ଏମାନଙ୍କ ମଧ୍ୟରେ ନ ଥିଲେ (ଅର୍ଥାତ୍ ଏ ସମସ୍ତ ସ୍ତ୍ରୀ ରାବଣଙ୍କୁହିଁ ସ୍ୱାମୀ ମନେ କରି ଆସିଥିଲେ ।)

ଏହି ରାବଣ ଧନଶାଳୀ ହେବାର ପ୍ରଲୋଭନକୁ ବା ଦମନ କରି ପାରନ୍ତେ କପରି ? ନାରୀମାନଙ୍କୁ, ବିଶେଷକରି ରାଜକୁମାରୀ-ମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଧନର ପ୍ରାଚୁର୍ଯ୍ୟ ଯେ ଆବଶ୍ୟକ । ରାବଣ ସ୍ତ୍ରୀ-ଆସକ୍ତ ହୋଇଥିବାରୁ ଅର୍ଥାତ୍ କାମୁକ ହୋଇ ଥିବାରୁ ତାଙ୍କର ଧନର ଆବଶ୍ୟକତା ଯଥେଷ୍ଟ ଥିଲା । ସୁତରାଂ ଧନପ୍ରତି ତାଙ୍କର ଲାଲସା ମଧ୍ୟ ଯଥେଷ୍ଟ ଥିଲା । କିନ୍ତୁ ଏ ଧନ ସେ ପାଇବେ କପରି ? ଲଙ୍କା ଶ୍ରୀଲଙ୍କା ହେବା ପୂର୍ବରୁ ତ ସାଧାରଣ ଲଙ୍କା ଥିଲା (ଆଧୁନିକ ସିଲୋନ (cylone) ଶବ୍ଦ ପ୍ରାଚୀନ ଏ ଶ୍ରୀଲଙ୍କା ଶବ୍ଦର ଅପଭ୍ରଂଶ ମାତ୍ର ।) । ସେ ବା ଏତେ ଧନ ଦେଇ ପାରିବ କପରି ? ଶେଷରେ, ରାବଣ ତାଙ୍କର ରାକ୍ଷସ-ବୃତ୍ତିର ସାହାଯ୍ୟରେ ତ୍ରିଭୁବନକୁ ଅସ୍ଥିର କରି ପକାଇଛନ୍ତି ଧନଲାଳସାରେ ।

ତ୍ରିଭୁବନ ଅର୍ଥାତ୍ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ । ସ୍ୱର୍ଗ ଅର୍ଥାତ୍ ଆଧୁନିକ ତିବ୍ବତ । ତିବ୍ବତ ଶବ୍ଦ ତ୍ରିବିଷ୍ଟପ ଶବ୍ଦର ଅପଭ୍ରଂଶ ମାତ୍ର । ଶବ୍ଦକୋଷାନୁସାରେ ସ୍ୱର୍ଗ ଶବ୍ଦର ପ୍ରତିଶବ୍ଦ ହେଉଛି ସ୍ୱର୍ଗଲୋକ, ଅମର ଲୋକ; ସ୍ୱର୍ଲୋକ, ସୁରବରଲୋକ, ସୁରଲୋକ, ଦ୍ୟୁଲୋକ, ବୃନ୍ଦାରକ ଲୋକ, ତ୍ରିଦିବ, ତ୍ରିଦଶାଳୟ, ତ୍ରିବିଷ୍ଟପ ବା ବିଷ୍ଟପ । ତ୍ରି ଅର୍ଥ ତିନି; ଆଉ ବିଶ୍ ଧାତୁରୁ ବିଷ୍ଟପ ଶବ୍ଦର ଉତ୍ପତ୍ତି । 'ବିଶ୍' ଧାତୁର ଅର୍ଥ ହେଉଛି, ପ୍ରବେଶ କରି ପାରିବା' ।' ପ୍ରବେଶ କରି ପାରିବା ଅର୍ଥରେ ସାଧାରଣତଃ ଏ ଧାତୁର ପ୍ରୟୋଗ ହୁଏ ।

Digitized by srujanika@gmail.com

ଏ ହିବିଷ୍ଟପକୁ ଅର୍ଥାତ୍ ତିବ୍ବତକୁ ପ୍ରବେଶ କରିବାର ମାର୍ଗ କେବଳ ତିନ୍ ଥିଲା । ବର୍ତ୍ତମାନ ମଧ୍ୟ ଏହା ଅନେକେ ପରୀକ୍ଷା କରି ଦେଖିଛନ୍ତି ଯେ ତିବ୍ବତକୁ ପ୍ରବେଶ କରିବାର ସୁଗମ ମାର୍ଗ କେବଳ ତିନ୍ । ବାକି ଅନେକ ମାର୍ଗ ଅଛି, କିନ୍ତୁ ତା କଣ୍ଟକାକୀର୍ଣ୍ଣ-ବନ୍ଧୁର । ତେଣୁ କୁହାଯାଏ ସ୍ୱଦେହରେ ସ୍ୱର୍ଗକୁ ଯିବା ଅସାଧ୍ୟ, ଅର୍ଥାତ୍ ସ୍ୱଦେହରେ ଏଠାକୁ ଯିବାକୁ ଚେଷ୍ଟା କଲେ ମୃତ୍ୟୁର ସମ୍ଭାବନା ରହିଛି । କିନ୍ତୁ ଯେଉଁମାନେ ପୁଣ୍ୟାତ୍ମା, ସେମାନେ ସ୍ୱଦେହରେ ସ୍ୱର୍ଗକୁ ଯାନ୍ତି, ଆମର ଏ ଧାରଣାର କାରଣ ଏଇ ଯେ ସ୍ୱର୍ଗବାସୀ ଦେବତାମାନେ ଏ ମର୍ତ୍ତ୍ୟବାସୀ ପୁଣ୍ୟାତ୍ମାମାନଙ୍କ ପାଇଁ ସ୍ୱର୍ଗକୁ ଅକ୍ଲେଶରେ ଆସିବାର ବ୍ୟବସ୍ଥା କରି ଦିଅନ୍ତି, କାହିଁକନା ଏମାନଙ୍କ ସଙ୍ଗରେ ଦେବତାମାନଙ୍କ ସ୍ୱାର୍ଥ ଜଡ଼ିତ ଥାଏ ଯାଗଯଜ୍ଞ ମାଧ୍ୟମରେ । (ଏହା ସମ୍ପୂର୍ଣ୍ଣ ଐତିହାସିକ ତଥା ରାଜନୈତିକ କଥା, ତେଣୁ ଏହାର ବିଶଦ ଆଲୋଚନା ଆବଶ୍ୟକ—ଏଠାରେ ତା କଲେ ଅପ୍ରାସଙ୍ଗିକ ହେବ । ଅନ୍ୟତ୍ର ତା କରିବାର କାମନା ରହିଛି ।) ସ୍ୱର୍ଗର ପଥ ସମ୍ବନ୍ଧରେ ମହାଭାରତରେ ଯେଉଁ ବର୍ଣ୍ଣନା ଅଛି, ଅର୍ଥାତ୍ ଯେଉଁ ପଥ ଦେଇ ପଞ୍ଚ ପାଣ୍ଡବ ତଥା ଦ୍ରୌପଦୀ ସ୍ୱଦେହରେ ସ୍ୱର୍ଗକୁ ଯାତ୍ରା କରିଛନ୍ତି, ତଥା ବନବାସ କାଳରେ ବୀର ଅର୍ଜ୍ଜୁନ ଯେଉଁ ପଥ ଦେଇ ପିତା ଇନ୍ଦ୍ରଙ୍କ ପାଖକୁ ଅସ୍ତ୍ରବିଦ୍ୟା ଶିକ୍ଷା କରିବା ପାଇଁ ଯାଇଛନ୍ତି, ସେ ପଥ ବିଷୟରେ ବିଚାର କଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଏ ପଥହିଁ ଆଧୁନିକ ତିବ୍ବତକୁ ଯିବା ପଥ ।

ବୈତରଣୀ ନଦୀ ପାର ହୋଇ ସ୍ୱର୍ଗକୁ ଯିବାକୁ ହୁଏ, ଏ ପ୍ରବାଦ ମଧ୍ୟ ଏ ଦେଶରେ ପ୍ରଚଳିତ । ସ୍ୱର୍ଗ ଅର୍ଥାତ୍ ତିବ୍ବତକୁ ଯିବା ପଥରେ ବାସ୍ତବରେ ବୈତରଣୀ ନଦୀ ରହିଛି ।

Digitized by srujanika@gmail.com

"ତତ୍ର ସ୍ୱୀବିଷ୍ଟପଂ ଗଚ୍ଛେତ୍ ତ୍ରିଷୁ ଲୋକେଷୁ ବିଶ୍ରୁତମ୍ ।
ତତ୍ର ବୈତରଣୀ ପୁଣ୍ୟା ନଦୀ ପାପପ୍ରଣାଶିନୀ ।" (ମହାଭାରତ)

"ତଦନନ୍ତର ତ୍ରିଲୋକବିଖ୍ୟାତ ତ୍ରିବିଷ୍ଟପ ତୀର୍ଥକୁ ଯିବା ଉଚିତ । ସେଠାରେ ବୈତରଣୀ ନାମକ ପୁଣ୍ୟମୟୀ ପାପନାଶିନୀ ନଦୀ ଅଛି ।"

ଏହି ତ୍ରିବିଷ୍ଟପ ଅର୍ଥ ତିବ୍ବତ ଅର୍ଥାତ୍ ସ୍ୱର୍ଗ । ଦେବର୍ଷି ନାରଦ ମହାରାଜ ଯୁଧିଷ୍ଠିରଙ୍କୁ ତୀର୍ଥ-ମହାତ୍ମ୍ୟ ସମ୍ବନ୍ଧରେ କହିବାକୁ ଯାଇ ଏକଥା କହୁଛନ୍ତି । ଏତ ଗଲା ସ୍ୱର୍ଗର କଥା ।

ତା ପରେ ମର୍ତ୍ତ୍ୟ, ମର୍ତ୍ତ୍ୟ ହେଉଛି ଆର୍ଯ୍ୟାବର୍ତ୍ତ । ହିମାଳୟ ତଳ ଦେଶଠାରୁ ଆରମ୍ଭ କରି ଦାକ୍ଷିଣାତ୍ୟକୁ ଛାଡ଼ି ଯେଉଁ ଭୂଭାଗ ବାକି ରହିଲା ତା' ଆର୍ଯ୍ୟାବର୍ତ୍ତ । ଏ ଆର୍ଯ୍ୟାବର୍ତ୍ତ ମଧ୍ୟରେ ବ୍ରହ୍ମାବର୍ତ୍ତ, କଳିଙ୍ଗ, ଅଙ୍ଗ, ବଙ୍ଗ ଆଦି ସମ୍ମିଳିତ । ଏ ଭୂଭାଗର ଅଧିବାସୀ ଆପଣାକୁ ଆର୍ଯ୍ୟ (ଶ୍ରେଷ୍ଠ) ବୋଲି ପରିଚୟ ଦିଅନ୍ତି; ତେଣୁ ସେମାନଙ୍କର ବାସସ୍ଥାନର ନାମ ଆର୍ଯ୍ୟାବର୍ତ୍ତ ।

ତା' ପରେ ପାତାଳ, ଦାକ୍ଷିଣାତ୍ୟହିଁ ପାତାଳ । ତେବେ, ସମଗ୍ର ଦାକ୍ଷିଣାତ୍ୟ ପାତାଳ କି ନା, ପଣ୍ଡିତମାନଙ୍କ ମଧ୍ୟରେ ମତଭେଦ ରହିଛି । ଦାକ୍ଷିଣାତ୍ୟର ପଶ୍ଚିମ ଉପକୂଳ ଭାଗ, କୋଙ୍କଣ ତଥା କୋଙ୍କଣ ନିକଟବର୍ତ୍ତୀ ସମଗ୍ରଅଞ୍ଚଳ ପାତାଳ ବୋଲି ଅନେକଙ୍କର ମତ । ଏ ଅଞ୍ଚଳର ଆଖପାଖରେ ସପ୍ତତଳ ଯଥା— ତଳ, ଅତଳ, ପାତାଳ, ସୁତଳ, ରସାତଳ, ବିତଳ, ତଳାତଳ ଆଦି ଥିବା କଥା ପଣ୍ଡିତମାନେ କହନ୍ତି । (ପାତାଳ ସମ୍ବନ୍ଧରେ ବିସ୍ତୃତଭାବରେ ସ୍ୱତନ୍ତ୍ର ଆଲୋଚନା କରିବାର ବାସନା ରହିଛି—ଏ ପ୍ରସଙ୍ଗରେ ତା କଲେ

Digitized by srujanika@gmail.com

ଅପ୍ରାସଙ୍ଗିକ ହେବ ।) ବିଶେଷକରି ପାତାଳ ନାମରେ କୌଣସି ଅଞ୍ଚଳ ଏବେ ମଧ୍ୟ ଏ ନିକଟରେ ରହିଛି ବୋଲି ଶୁଣିବାକୁ ମିଳେ ! ପତନ୍ତି ଅଲମ୍ ପାତାଳମ୍, ଏ ବ୍ୟୁତ୍ପତ୍ତି ଅନୁସାରେ ତଥା ପାତ୍ + ଅଲମ୍, ଏ ଶବ୍ଦ ଦ୍ୱୟର ସଂଯୋଗରେ ପାତାଳ ଶବ୍ଦ ନିଷ୍ପନ୍ନ ହୋଇଛି । 'ଅଲମ୍' ଶବ୍ଦର ଅର୍ଥ ପ୍ରଚୁର, ଯଥେଷ୍ଟ । ଅତଏବ ଏଥିରୁ ଏହା ସ୍ପଷ୍ଟ ଅନୁମେୟ ଯେ ପାତାଳରେ ଅଭାବ ନ ଥିଲା—ନାନା ପ୍ରକାର ଭୋଗ ସାମଗ୍ରୀର ବହୁଳତା ସେଠି ଥିବାର ସମ୍ଭାବନା ରହିଛି । ପାତାଳର ରାଜଧାନୀ 'ଭୋଗବତୀପୁର'; ଏ ଶବ୍ଦହିଁ ପାତାଳର ପ୍ରାଚୁର୍ଯ୍ୟର ସୂଚକ ।

ସ୍ୱର୍ଗ ତ ସୁଖର ସ୍ଥଳୀ; ସେଠି ଭୋଗ ସାମଗ୍ରୀର ଅଭାବର କଳ୍ପନା ଅସଙ୍ଗତ । ମର୍ତ୍ତ୍ୟ ଅର୍ଥାତ୍ ଆର୍ଯ୍ୟାବର୍ତ୍ତ ବା ଭାରତବର୍ଷ, ଏଠି ଯେ ଅଭାବ ନ ଥିଲା, ଏ କଥା ଭାରତବର୍ଷର ସମଗ୍ର ପ୍ରାଚୀନ ପୁରାଣ-ଇତିହାସ, କାବ୍ୟ-କବିତା, ନାଟକ-ଉପନ୍ୟାସ ସର୍ବୋପରି ତତ୍କାଳୀନ ଐତିହାସିକ କାବ୍ୟଦ୍ୱୟ ରାମାୟଣ-ମହାଭାରତ ସ୍ପଷ୍ଟ ଭାବରେ ପ୍ରକାଶ କରନ୍ତି । ତ୍ରିଭୁବନବିଜୟୀ ରାବଣ, ଏ ଧନଧାନ୍ୟ ପରିପୂର୍ଣ୍ଣ ତ୍ରିଭୁବନକୁହିଁ ବାରମ୍ବାର ନିଜର ପାଶବିକ ବଳରେ, ଅନ୍ୟାୟ ଯୁଦ୍ଧରେ, ଶାନ୍ତ ସ୍ୱସ୍ଥ ନିଷ୍ପିନ୍ଧ ସ୍ୱର୍ଗ-ମର୍ତ୍ତ୍ୟ-ପାତାଳର ଅଧିବାସୀମାନଙ୍କୁ ପରାକ୍ରାନ୍ତ କରି, ସମଗ୍ର ପ୍ରକାରର ଧନ ରତ୍ନ, ଭୋଗ ସାମଗ୍ରୀ, ଏପରି କି ସୁନ୍ଦରୀ ରମଣୀମାନଙ୍କୁ ପର୍ଯ୍ୟନ୍ତ ଅପହରଣ କରି ଲଙ୍କାକୁ ଶ୍ରୀ ସମ୍ପଦରେ ସମ୍ପନ୍ନ କରିଛନ୍ତି । ଧନ ପ୍ରତି ଆସକ୍ତି ରାବଣଙ୍କର ବୁଦ୍ଧିକୁ ଏପରିଭାବରେ ଆଚ୍ଛନ୍ନ କରିଛି ଯେ ସେ ନିଜର ଜ୍ୟେଷ୍ଠଭ୍ରାତା ପ୍ରତି ମଧ୍ୟ ଅତ୍ୟାଚାର କରି ତାଙ୍କ ଠାରୁ ମଧ୍ୟ ଧନ ଅପହରଣ କରି ଆଣିଛନ୍ତି । ରାବଣଙ୍କର ବିଖ୍ୟାତ ପୁଷ୍ପକ ବିମାନ,

Digitized by srujanika@gmail.com

ରାବଣଙ୍କର ନିଜର ନୁହେଁ—ତାଙ୍କର ଜ୍ୟେଷ୍ଠଭ୍ରାତା କୁବେରଙ୍କର । ରାବଣ ଲଙ୍କାର ରାଜସିଂହାସନର ମଧ୍ୟ ଯଥାର୍ଥ ଅଧିକାରୀ ନୁହନ୍ତି; ସେ କୁବେରଙ୍କୁ ରାଜ୍ୟଚ୍ୟୁତ କରି ଏ ସିଂହାସନ ଅଧିକାର କରି ବସିଛନ୍ତି ।

ଅଭାବ ଅସୁବିଧା ସତ୍ତ୍ୱେ ମଧ୍ୟ ଧନଶାଳୀ ବ୍ୟକ୍ତିଭାବରେ ଆତ୍ମ ପ୍ରକାଶର ଏରୂପ ଢଙ୍ଗ ସର୍ବଥା ନିନ୍ଦନୀୟ । ଏହାହିଁ କାରଣ ଯେ ଭାରତବାସୀ ରାବଣଙ୍କୁ କଦାପି କ୍ଷମା କରି ପାରି ନାହିଁ—ନିନ୍ଦାହିଁ କରିଛି । ଆଉ ଏଥିପାଇଁ ହିଁ ଯେ ତାଙ୍କର ପତନ ଘଟିଛି, ଏ କଥାକୁ ଭାରତବାସୀ ବଜ୍ରନିର୍ଘୋଷରେ ବାରମ୍ବାର ପ୍ରଚାର କରି ଆସିଛି ।

ପୃଥିବୀର ସର୍ବଶ୍ରେଷ୍ଠ ଜ୍ଞାନୀ ଭାବରେ ଆତ୍ମ ପ୍ରକାଶ କରିବାକୁ ମଧ୍ୟ ରାବଣ ଚେଷ୍ଟାରେ ତ୍ରୁଟି କରିନାହାନ୍ତି । ପଣ୍ଡିତମାନେ କହନ୍ତି, ଋଗ୍‌ବେଦର ଯେତେ ପ୍ରାଚୀନ ଭାଷ୍ୟକାର ଅଛନ୍ତି, ସେମାନଙ୍କ ମଧ୍ୟରେ ରାବଣ ଅନ୍ୟତମ । ଆଉ ରାବଣଙ୍କର ଏ ଭାଷ୍ୟ ଉଚ୍ଚକୋଟିର ଭାଷ୍ୟ । କିନ୍ତୁ ରାବଣଙ୍କୁ ଅତ୍ୟାଚାରୀ ଭାବରେ ଲୋକେ ଯେତେ ଜାଣନ୍ତି, ତା ତୁଳନାରେ ତାଙ୍କୁ ବେଦର ଭାଷ୍ୟକାର ଭାବରେ କେତେ ଲୋକ ଜାଣନ୍ତି ? କେତେ ଗୁଡ଼ାଏ ପଣ୍ଡିତ ତଥା ଗବେଷକ ଛଡ଼ା ଲୋକସାଧାରଣଙ୍କ ମଧ୍ୟରୁ ପ୍ରାୟ କେହି ଜାଣନ୍ତି ନାହିଁ ଯେ ରାବଣ ବେଦ-ଭାଷ୍ୟକାର । ଏରୂପ ଜ୍ଞାନ ବା ପାଣ୍ଡିତ୍ୟର ବା ମୂଲ୍ୟ କଣ ? ବୁଦ୍ଧିକୁ, ଜ୍ଞାନକୁ, ପାଣ୍ଡିତ୍ୟକୁ ଦୁର୍ବଳତା ଯଦି ଆଚ୍ଛନ୍ନ କରି ରଖିଲେ, ସେ ବୁଦ୍ଧି, ସେ ଜ୍ଞାନ, ସେ ପାଣ୍ଡିତ୍ୟର ବା ମୂଲ୍ୟ କଣ ? ବୁଦ୍ଧିର ଗୁଣ ହେଉଛି ମନୁଷ୍ୟକୁ ତମିସ୍ରାରୁ ଉଜ୍ଜ୍ୱଳତା ଆଡ଼କୁ ନେଇଯିବା, ପାପରୁ ପୁଣ୍ୟ ଆଡ଼କୁ ନେଇଯିବା, ଭୋଗରୁ ତ୍ୟାଗ ଆଡ଼କୁ ନେଇଯିବା । ଇହକାଳ ପରକାଳର ମଙ୍ଗଳର ବାଟ ଯେ ବୁଦ୍ଧିରେ ନିହିତ, ତା ବାସ୍ତବିକ ବୁଦ୍ଧି । ଯେ ଜ୍ଞାନ ମନୁଷ୍ୟର

Digitized by srujanika@gmail.com

ସର୍ବନାଶର କାରଣ ତାକୁ ଜ୍ଞାନ କୁହାଯିବା ଉଚିତ ନା ଅଜ୍ଞାନତା ? ରାବଣଙ୍କର ବୁଦ୍ଧି ନିଜର ସର୍ବନାଶ କରିବା ସଙ୍ଗେ ସଙ୍ଗେ ସମଗ୍ର ଲଙ୍କାର ମଧ୍ୟ ଧ୍ୱଂସର କାରଣ ହୋଇଛି । ନିଜକୁ ଜ୍ଞାନୀ ବୋଲି, ପଣ୍ଡିତ ବୋଲି, ବୁଦ୍ଧିମାନ ବୋଲି ପ୍ରକାଶ କରିବାର ଯେ ମାରାତ୍ମକ ମୋହ, ତା' ରାବଣଙ୍କର ସର୍ବନାଶର କାରଣ ହୋଇଛି । ଏଥିପାଇଁ ଯେ ଯୋଗ୍ୟତାର ଆବଶ୍ୟକତା ରହିଛି, ତା ରାବଣଙ୍କର ଅଭାବ ଥିଲା ବୋଲି ଏ ମୋହ ରାବଣଙ୍କର ପତନର କାରଣ ହୋଇଛି ।

ସେ ସର୍ବଶ୍ରେଷ୍ଠ ବୀର ହେବେ, ଏ ମୋହ ମଧ୍ୟ ରାବଣଙ୍କର ଥିଲା । ବୀରତ୍ୱର ଲକ୍ଷଣ କଣ ଦୁଃସ୍ଥ, ଦୁର୍ବଳ, ଅସହାୟ ମାନଙ୍କ ପ୍ରତି ଅତ୍ୟାଚାର କରିବା ?—ଅନ୍ୟର ସଭ୍ୟତା, ସଂସ୍କୃତିର ବିନାଶର କାରଣ ହେବା ?—ନିଃସହାୟ ଅବଳା ନାରୀ ମାନଙ୍କ ପ୍ରତି ବଳାତ୍କାର କରିବା ? ଆର୍ଯ୍ୟମାନେ ବୀରତ୍ୱର ବ୍ୟାଖ୍ୟା କରିବାକୁ ଯାଇ କହନ୍ତି, 'କ୍ଷମା ବୀରସ୍ୟ ଭୂଷଣମ୍' । ରାବଣ କେବେହେଲେ କାହାରିକୁ କ୍ଷମା କରିଛନ୍ତି ?—ନିଜ ଭାଇ ବିଭୀଷଣଙ୍କୁ ପର୍ଯ୍ୟନ୍ତ ନୁହେ । ଅତର୍କିତ ଭାବରେ ଲୁଚିଛପି, ମାୟାଯୁଦ୍ଧରେ, ଛଳେବଳେ କୌଶଳରେ ସେ ତ୍ରିଭୁବନକୁ ପରାକ୍ରାନ୍ତ କରିବାର ଚେଷ୍ଟା କରିଛନ୍ତି; ଏହା କଣ ବୀରତ୍ୱର ଲକ୍ଷଣ ? ଏକାକିନୀ ଅବସ୍ଥାରେ ରାଜପତ୍ନୀ ସୀତାଙ୍କୁ ଅପହରଣ କରିନେବା କଣ କେବେ କୌଣସି ବୀରର, କୌଣସି କ୍ଷତ୍ରିୟର, କୌଣସି ରାଜ୍ୟର ସର୍ବୋଚ୍ଚ କର୍ତ୍ତାର କର୍ତ୍ତବ୍ୟ ହୋଇପାରେ ? ଯଦି ନିଜର ଶାରୀରିକ ଶକ୍ତି, ବୀରତ୍ୱ, ବିକ୍ରମ, ତେଜ ପ୍ରତି ରାବଣଙ୍କର ଅତୁଟ ବିଶ୍ୱାସ ଥିଲା, ତେବେ ସେ ରାମଚନ୍ଦ୍ରଙ୍କ ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରି ପାରିଲେ ନାହିଁ କାହିଁକି ? ତାଙ୍କର ଉଚିତ ଥିଲା ରାମଚନ୍ଦ୍ରଙ୍କୁ ଯୁଦ୍ଧରେ ପରାସ୍ତ କରି ସୀତାଙ୍କ ଅପହରଣ କରିବା । କ୍ଷତ୍ରିୟମାନଙ୍କ ଏହାହିଁ ଲକ୍ଷଣ ।

Digitized by srujanika@gmail.com

ଅର୍ଯ୍ୟାବର ଅର୍ଜୁନ ସର୍ତ୍ତ ଅନୁସାରେ ଲକ୍ଷ୍ୟ ଭେଦ କରି ମଧ୍ୟ ଯେତେବେଳେ ଦେଖିଲେ ଯେ ତାଙ୍କର ଏ ବିଜୟରେ ଅପମାନିତ ରାଜାମାନେ ତାଙ୍କୁ ସହ୍ୟ କରି ପାରୁନାହାନ୍ତି , ତାଙ୍କୁ ଅପଦସ୍ଥ କରିବାର କୁଚକ୍ର କରୁଛନ୍ତି, ସେତେବେଳେ ସେ ରାଜାମାନଙ୍କୁ ପରାସ୍ତ କରି ଦ୍ରୌପଦୀଙ୍କୁ ପ୍ରାପ୍ତ ହେଲେ । ଏହା, କିନା ବୀରତ୍ୱର ଲକ୍ଷଣ ? ଏ ବୀରତ୍ୱ ରାବଣଙ୍କର କାହିଁ ? ତ୍ରିଲୋକବାସୀ ଯେ ରାବଣଙ୍କୁ ଭୟ କରୁଥିଲେ, ତାର ମୂଳ କାରଣ ରାବଣଙ୍କର ପାଶବିକ ବଳ, ମାୟାଯୁଦ୍ଧ ତଥା ଆସୁରିକ ସୈନ୍ୟ ସମ୍ପଦ । ଯୁଦ୍ଧର ନିୟମ ଭଙ୍ଗ କରି ମଧ୍ୟ ଯୁଦ୍ଧଜୟୀଭାବରେ ଯେଉଁମାନେ ଡିଣ୍ଡିମ ବଜାନ୍ତି, ରାବଣ ସେହି ଦଳର ଲୋକ ।

ନିଜକୁ ବୀର ବୋଲି ପ୍ରଖ୍ୟାତ କରିବାର ଯେ ମାରାତ୍ମକ ମୋହ, ତା ମଧ୍ୟ ରାବଣଙ୍କର ପତନର କାରଣ ହୋଇଛି ।

କୌଣସି କାର୍ଯ୍ୟ ସାଧନ କାଳରେ ମନୁଷ୍ୟର ମନରେ ଯଦି ମୋହ ଜାଗ୍ରତ ହୁଏ, ସେ ବିଚାର-ଶକ୍ତି ହରାଇ ବସେ । ଫଳତଃ କାର୍ଯ୍ୟ ସାଧନର ଭଲ ମନ୍ଦ ଦିଗଟା ପ୍ରତି ଦୃଷ୍ଟି ନ ଦେଇ କେବଳ କାର୍ଯ୍ୟ ସାଧନ କରିବାର ମୋହରେ ପଡ଼ି ଅନ୍ୟାୟ ଅସଙ୍ଗତ ଉପାୟ ଅବଲମ୍ବନପୂର୍ବକ ମଧ୍ୟ ସେ କାର୍ଯ୍ୟ କରିବାରେହିଁ ବ୍ୟସ୍ତ ହୋଇଯାନ୍ତି । ସେ ଯେ କୌଣସି କାର୍ଯ୍ୟ-ସିଦ୍ଧିପାଇଁ ହେଉନା କାହିଁକି, ମନୁଷ୍ୟମନରେ ଯଦି ମୋହଜନିତ କାମନା ଜାଗ୍ରତ ହୁଏ, ତେବେ ସେ ବଳରେ ନ ହେଲେ ମଧ୍ୟ କୌଶଳରେ ସୁଦ୍ଧା କାର୍ଯ୍ୟ-ସିଦ୍ଧିପାଇଁ ଲାଳାୟିତ ହୁଏ । ଏ ଲାଳସା, କାହୁଁ ବୀରତ୍ୱର ଲକ୍ଷଣ ନୁହେଁ— କାପୁରୁଷତାର ଲକ୍ଷଣ ।

Digitized by srujanika@gmail.com

ତେଣୁ, ବିନା ଯୋଗ୍ୟତାରେ ଆପଣାକୁ ଯୋଗ୍ୟ ବୋଲି ପରିଚୟ ଦେବାର ଯେ କାମନା, ସେ କାମନାର ଜନନୀ ମୋହ । ଆଉ ଏ ମୋହ ସର୍ବନାଶର ହେତୁ । ଏଥିତେ ପୁଣି, ଯୋଗ୍ୟତା ଥିବା ସତ୍ତ୍ୱେ ମଧ୍ୟ ତାକୁ ପ୍ରକାଶ କରିବାର ଯେ ନମ୍ରତା ତା ମଧ୍ୟ ଦୁଃଖର କାରଣ । ରାଷ୍ଟ୍ର ପକ୍ଷରେ ଏ ଉଭୟବିଧ ଆଚରଣ ଅମଙ୍ଗଳକର । ତେଣୁ ତ୍ୟାଜ୍ୟ ।

ଶଙ୍କର ପ୍ରକାଣ୍ଡ ଜ୍ଞାନୀ, ଦାର୍ଶନିକ, ତତ୍ତ୍ୱଦର୍ଶୀ । କିନ୍ତୁ ନମ୍ରତା । ଜ୍ଞାନୀଭାବରେ ପରିଚିତ ହେବାକୁ ସେ ଅମଙ୍ଗ, ଶଙ୍କର ମହାନ୍‌ବୀର ଶୌର୍ଯ୍ୟଶାଳୀ କିନ୍ତୁ ନମ୍ରତା । ବୀର ବୋଲି ଖ୍ୟାତି ଅର୍ଜନ କରିବାରେ ସେ ଅନିଚ୍ଛୁକ । ଶଙ୍କର ଉଚ୍ଚକୋଟୀର କଳାକାର ଅଥଚ କଳା ପ୍ରଦର୍ଶନରେ ସେ ନମ୍ରତା, କାରଣ ଖ୍ୟାତିର ଲାଲସା ତାଙ୍କର ନାହିଁ । ଶଙ୍କର ଅତୁଳ ବିଭବଶାଳୀ ଅଥଚ ଭୋଗର ଲାଳସା ତାଙ୍କର ନାହିଁ । ତେଣୁ ସେ ଭୂତ ସ୍ଥାନ (ଆଧୁନିକ ଭୂସ୍ଥାନ) ତ୍ୟାଗ କରି ଜନଶୂନ୍ୟ, ସମ୍ପଦଶୂନ୍ୟ 'କୈଳାସ' ପର୍ବତରେହିଁ ବାସ କରିବାକୁ ଅଧିକ ଇଚ୍ଛୁକ ।

ଶଙ୍କରଙ୍କର ଏ ନମ୍ରତା ଯୋଗୁଁ ଏ ଅଞ୍ଚଳେ ଦେବତାଙ୍କ ଯେ ବିପଦ ! ଦେବତାମାନେ ବିଚାର କରି ଦେଖିଲେ ଯେ ତାଙ୍କର ପତନର ତଥା ବିପର୍ଯ୍ୟୟର ମୂଳରେ ରହିଛି ପୃଥିବୀର ସର୍ବଶ୍ରେଷ୍ଠ ଯୋଗ୍ୟତମ ବ୍ୟକ୍ତିର ଆପଣାର ଯୋଗ୍ୟତା-ପ୍ରଦର୍ଶନରେ ଅନିଚ୍ଛା ତଥା ସେ ଯୋଗ୍ୟତାର କାର୍ଯ୍ୟକାରିତାର ଅଭାବ । ଏଣୁ ଏମାନଙ୍କୁ ବାରମ୍ବାର ଅସୁରମାନଙ୍କ ଦ୍ୱାରା ପରାଭବ ମିଳନ୍ତି । ନେ ଯୋଗ୍ୟତା ତାଙ୍କର ଏତେ ନିକଟରେ, ଯେ ଯୋଗ୍ୟତାର ଅସ୍ୱପ୍ରକାଶ ଫଳରେ ଦେବରାଷ୍ଟ୍ର କାହିଁକି, ଆର୍ଯ୍ୟାବର୍ତ୍ତ, ପାତାଳାଦିର

Digitized by srujanika@gmail.com

ମଧ୍ୟ ମଙ୍ଗଳ ସମ୍ଭବ, ସେ ଯୋଗ୍ୟତା ପ୍ରଚ୍ଛନ୍ନ ହୋଇ ରହିବା କଅଣ ଦୁଃଖର କାରଣ ହେବ ନାହିଁ ? ଜନ୍ତୁ କାହାର ସେ ସତ୍ସାହସ ଅଛି ଯେ ପୀନାକପାଣି ରୁଦ୍ରମୂର୍ତ୍ତି ତଥା ଅତି ନିସ୍ପୃହ ଯୋଗୀରାଜ ଶଙ୍କରଙ୍କୁ ଏ ଯୋଗ୍ୟତାର ପ୍ରଦର୍ଶନ ପାଇଁ ଆହ୍ୱାନ କରିବ ? ନାରୀ ଛଡ଼ା ଏ ଶକ୍ତି ଆଉ କାହାରର ନାହିଁ । ଯେ ହେତୁ ନାରୀହିଁ ଶକ୍ତି—ଶକ୍ତିହିଁ ନାରୀ । ନାରୀ ପୁରୁଷର ସକଳ ପ୍ରେରଣାର ଉତ୍ସ ହୋଇଛି ସେ ଶକ୍ତି । ଭାରତୀୟ ମସ୍ତିଷ୍କ ଏ ଶକ୍ତିର ସୁନ୍ଦର କଳ୍ପନା କରିଛି କାଳୀ, ମହାମାୟା, ଦୁର୍ଗା, ଭୈରବୀ ତଥା ଲକ୍ଷ୍ମୀ, ସରସ୍ୱତୀ, ଭଗବତୀ ଆଦି ରୂପରେ ।

ତେଣୁ, ଅଖଣ୍ଡ ବ୍ରହ୍ମଚର୍ଯ୍ୟ ଶଙ୍କରଙ୍କର ମନକୁ ସଂସାର ପ୍ରତି ଆସକ୍ତ କରିବା ଛଡ଼ା ଆଉ ଅନ୍ୟ ଉପାୟ ନ ଥିଲା ଦେବତାମାନଙ୍କର । ବୈରାଗୀକୁ ସଂସାରୀ କରିବାକୁ ହେଲେ ଏକମାତ୍ର ଉପାୟ ହେଉଛି, ବୈରାଗୀ ମନରେ ନାରୀପ୍ରତି ରାଗ ଉତ୍ପନ୍ନ କରିବା ।

ଉକ୍ତ ସ୍ଥାନର ନିକଟବର୍ତ୍ତୀ ପ୍ରଦେଶ 'ହିମାଳୟ ପ୍ରଦେଶ' । ଆଧୁନିକ ହିମାଚଳ ପ୍ରଦେଶ ପରି ପ୍ରାଚୀନ ହିମାଳୟ ପ୍ରଦେଶ ମଧ୍ୟ ହିମାଳୟର ନିକଟବର୍ତ୍ତୀ ହୋଇ ଥିବାରୁ ଏ ନାମରେ ନାମିତ । ଏ ପ୍ରାନ୍ତର ପ୍ରାନ୍ତପତି ଅର୍ଥାତ୍ ରାଜାଙ୍କ ନାମ ମଧ୍ୟ ହିମାଳୟ । ରାଜକୁମାର ଏ ହିମାଳୟ ନିକଟବର୍ତ୍ତୀ ଅଞ୍ଚଳରେ ଅର୍ଥାତ୍ ହିମାଳୟ ପ୍ରଦେଶରେ ଜନ୍ମ ହୋଇଥିବାରୁ ପିତାମାତା ଆଦରରେ ହୁଏ ତ କୁମାରଙ୍କର ନାମ ହିମାଳୟ ରଖିଥିବେ; କିମ୍ବା ଏହା ମଧ୍ୟ ହୋଇ ପାରେ ଯେ କୁମାରଙ୍କର ନାମ ହିମାଳୟ ହୋଇଥିବାରୁ କୁମାର ଯେତେବେଳେ ଏ ପ୍ରାନ୍ତର ଶାସନଭାର ଗ୍ରହଣ କରିଥିବେ, ସେତେବେଳେ ଏ ପ୍ରାନ୍ତର ନାମ ନିଜ ନାମାନୁସାରେ 'ହିମାଳୟ' ରଖିଥିବେ, ଯେପରି

Digitized by srujanika@gmail.com

ଉତ୍କଳ; ପୃଥ୍ୱୀର ଆଦି ରାଜା ମନୁଙ୍କ କନ୍ୟାଙ୍କ ନାମ 'ଇଳା' । ଏହି ଇଳାଙ୍କ ପୁତ୍ର ସୁଦ୍ୟୁମ୍ନ । ସୁଦ୍ୟୁମ୍ନଙ୍କ ପୁତ୍ର ଉତ୍କଳ, ଏହି ଉତ୍କଳହିଁ ଆଧୁନିକ ଓଡ଼ିଶା ପ୍ରାନ୍ତର ପ୍ରତିଷ୍ଠାତା ତଥା ରାଜାଥିଲେ । (ପଣ୍ଡିତ ଭଗବଦ୍ଦତ୍ତ ବି. ଏ. ଅନୁସନ୍ଧାନାଧ୍ୟକ୍ଷ, ଦୟାନନ୍ଦ ମହାବିଦ୍ୟାଳୟ ଲାହୋର କୃତ 'ଭାରତବର୍ଷ କା ଇତିହାସ' ଦ୍ରଷ୍ଟବ୍ୟ ।) ତେଣୁ ହୁଏତ ସେ ନିଜ ନାମାନୁସାରେ ଏ ପ୍ରାନ୍ତର ନା ମଧ୍ୟ ଉତ୍କଳ ରଖିଥିବେ । (ପ୍ରାଚୀନ ଉତ୍କଳ ଆଉ ଆଧୁନିକ ଉତ୍କଳର ବା ଓଡ଼ିଶାର ସୀମାରେଖା ବର୍ତ୍ତମାନ ସୁଦ୍ଧା ଅନିର୍ଣ୍ଣୀତ ରହିଛି ବୋଲି କହିବା ଦୁଃସାହସିକତା ହେବ । କିନ୍ତୁ ପ୍ରାଚୀନ ଉତ୍କଳର ଅବସ୍ଥିତି ଆଧୁନିକ ଉତ୍କଳର ଅବସ୍ଥିତି ସଙ୍ଗରେ ଅନେକାଂଶରେ ଏକ, ଏକଥା ଐତିହାସିକମାନେ କହୁଛନ୍ତି ।) ତେବେ ସେ ଯାହା ହେଉନା କାହିଁକି, ଏ ପ୍ରାନ୍ତର ରାଜାଙ୍କ ନାମ ଯେ ହିମାଳୟ ଥିଲା, ଏଥିରେ ସନ୍ଦେହ ନାହିଁ । ମହାରାଜ ହିମାଳୟଙ୍କ ପତ୍ନୀଙ୍କ ନାମ ଥିଲା ମେନା ବା ମେନକା । ଏ ରାଜଦମ୍ପତିଙ୍କର ଅତି ଆଦରର କନ୍ୟା ପାର୍ବତୀ । ପାର୍ବତୀ ପର୍ବତ କନ୍ୟା । ଅର୍ଥାତ୍ ହିମାଳୟ ନିକଟବର୍ତ୍ତୀ ଅଞ୍ଚଳ ପର୍ବତମୟ ହେବା ସ୍ୱାଭାବିକ ଆଉ ଏ ପାର୍ବତୀୟ ଅଞ୍ଚଳରେ ଜନ୍ମ ଗ୍ରହଣ କରିଥିବାରୁ ଏହାଙ୍କ ନାମ ପାର୍ବତୀ । ଏହା ଠିକ୍ ନାମ ନା ଡାକନାମ କହିବା ସହଜ ହୋଇ ପାରୁନାହିଁ । କାହିଁକିନା ପାର୍ବତୀଙ୍କ ଅନେକ ନାମ ପୁରାଣାଦିରେ ରହିଛି, ଯଥା—ଗୌରୀ, ଉମା, ସତୀ, ପାର୍ବତୀ, ଶିବାନୀ, ଭବାନୀ ଆଦି । ଏ ନାମଗୁଡ଼ିକ ମଧ୍ୟରୁ କେଉଁଟି ତାଙ୍କର ମାତୃପିତୃଦତ୍ତ ନାମ ଆଉ କେଉଁଟା ଗୁଣ ନାମ କହିବା ସମ୍ଭବ ନୁହେ ।

ପାର୍ବତୀ ମଧ୍ୟ ପ୍ରତିଭାଶାଳିନୀ କନ୍ୟା । କିନ୍ତୁ, ଅନୁକୂଳ ପରିସ୍ଥିତିର ଅଭାବ ପ୍ରତିଭା ବିକାଶ-ପଥର ଅନ୍ତରାୟ । ତେଣୁ

ପାର୍ବତୀଙ୍କ ପ୍ରତିଭା ବିକଶିତ ହୋଇପାରୁ ନଥିଲା । ପଡ଼ୋଶୀ ରାଜ୍ୟର ରାଜାଙ୍କ ପ୍ରତି ପାର୍ବତୀ ଅନୁରକ୍ତ ଥିଲେ ନାରଦାଦି ମୁନିମାନଙ୍କଠାରୁ ଶଙ୍କରଙ୍କର ରୂପ ଗୁଣର ଭୂରି ଭୂରି ପ୍ରଶଂସା ଶୁଣି । ନିଜର ସ୍ୱଭାବ ସଙ୍ଗରେ ଅନ୍ୟର ସ୍ୱଭାବର ସାମଞ୍ଜସ୍ୟତା ଅନେକ କ୍ଷେତ୍ରରେ ପରସ୍ପରକୁ ଦୂରବର୍ତ୍ତୀ ହେଲେ ମଧ୍ୟ କଳ୍ପନାରେ ନିକଟବର୍ତ୍ତୀ ହେବାକୁ ପ୍ରେରଣା ଦିଏ । ଆଉ ଏ କଳ୍ପନା ବଳବତ୍ତର ହେଲେ ତା' ବାସ୍ତବତାରେ ପରିଣତ ହୁଏ ।

ଶଙ୍କର ତାଣ୍ଡବ-ନୃତ୍ୟର ଅବିଷ୍କାରକ; ପାର୍ବତୀ 'ଲାସ୍ୟ'ର ଉଦ୍ଭାବନୀ । ଦକ୍ଷିଣ ଭାରତର ନିମନ୍ତ୍ରଣ କ୍ରମେ ଏ ଦୁହେଁ ଆପଣା ଆପଣାର ନୃତ୍ୟ ପ୍ରଦର୍ଶନ ପାଇଁ ସେଠାକୁ ଯାଇଥିଲେ । ନୃତ୍ୟର ପ୍ରତିଯୋଗିତା କାଳରେ ଶଙ୍କର ଦେଖିଲେ ହୁଏତ ତାଙ୍କର ପରାଜୟର ସମ୍ଭାବନା ହେଉଛି । ତେଣୁ ସେ ନୃତ୍ୟର ଏପରି ଅଙ୍ଗ ଭଙ୍ଗୀର ପ୍ରଦର୍ଶନ କଲେ ଯେ ପାର୍ବତୀ ସ୍ତ୍ରୀ ହୋଇଥିବାରୁ ଏ ଭଙ୍ଗୀର ସମତୁଲ୍ୟ କୌଣସି ଭଙ୍ଗୀ ପ୍ରଦର୍ଶନ କରି ପାରିଲେ ନାହିଁ । ଫଳତଃ ପରାଜିତ ହେଲେ । ଏ ପ୍ରବାଦ ଏବେ ସୁଦ୍ଧା ଦକ୍ଷିଣ ଭାରତରେ ପ୍ରଚଳିତ । ଏ ସ୍ମୃତିକୁ ସ୍ଥାୟୀ କରି ରଖିବାପାଇଁ ଓ ନୃତ୍ୟ-ସ୍ଥଳରେ ଗୋଟିଏ ମନ୍ଦିର ନିର୍ମାଣ କରାଯାଇଛି, ଆଉ ଏ ଦୁହିଁଙ୍କର ନୃତ୍ୟଭଙ୍ଗିମା ମନ୍ଦିର-ଗାତ୍ରରେ ଅଙ୍କିତ ରହିଛି । ବର୍ତ୍ତମାନ ସୁଦ୍ଧା ଦକ୍ଷିଣ ଭାରତର ଅନେକ ମନ୍ଦିର ଗାତ୍ରରେ ଏ ପ୍ରତିଯୋଗିତାମୂଳକ ନୃତ୍ୟ ଭଙ୍ଗୀର ପ୍ରସ୍ତରମୂର୍ତ୍ତି ହେଉଛି ।

କିନ୍ତୁ ଯୋଗ୍ୟତା-ପ୍ରଦର୍ଶନ ଯେତେବେଳେ ସମ୍ଭବ ହୋଇଛି, ସେତେବେଳେ ଏ ଦୁଇ କଳାକାରଙ୍କ ମିଳନ ସମ୍ଭବ ହୋଇଛି । ଏଥିରୁ ଏ କଥା ସ୍ପଷ୍ଟ ଯେ ପାର୍ବତୀ ମଧ୍ୟ ଶଙ୍କରଙ୍କର ପରି

Digitized by srujanika@gmail.com

ପ୍ରତିଦ୍ୱନ୍ଦ୍ୱିତା: ଅତ ଶଙ୍କରଙ୍କର ପର ପ୍ରଦର୍ଶନରେ ନିସ୍ପୃହ । ଆପଣା ଆପଣାକୁ ପ୍ରକାଶ କରିବାର ମୋହରୁ ଦୁହେଁ ମୁକ୍ତ । ତେଣୁ ଦୁହିଙ୍କ ମଧ୍ୟରେ ଆସକ୍ତି ଅନିବାର୍ଯ୍ୟ । କିନ୍ତୁ ଆସକ୍ତି ଯଦି କେବଳ ଆସକ୍ତି ହୋଇ ରହେ, ବାସ୍ତବତାରେ ତା ପରିଣତ ହୋଇ ନ ପାରେ ତା' ମାନସିକ ଉଦ୍‌ବେଗର କାରଣ ହୋଇ ପଡ଼େ । ଅତ ଏମାନେ ଯଦି ଅସାଧାରଣ ସ୍ତ୍ରୀ ପୁରୁଷ ହୁଅନ୍ତି, ତେବେ ରାଷ୍ଟ୍ର ପକ୍ଷରେ ତା ଅହିତକର ହୋଇପଡ଼େ । ଏକଥା ନିଜ ସ୍ୱାର୍ଥ ଦୃଷ୍ଟିରୁ ଦେବତାମାନେ ଅଙ୍ଗେ ଅଙ୍ଗେ ଅନୁଭବ କରିଛନ୍ତି ।

ଦେବାସୁର ସଂଗ୍ରାମରେ ଦେବତାମାନଙ୍କ ବାରମ୍ବାର ପରାଜୟର କାରଣ, ଯୋଗ୍ୟ ସେନାପତିର ଅଭାବ; ଅତ ଯେ ଦୁହିଙ୍କର ମିଳନରୁ ଏ ଅଭାବ ପୂରଣ ହୋଇ ପାରନ୍ତା, ସେ ଦୁହିଙ୍କର ମିଳନର ବ୍ୟବସ୍ଥା ପଦେ ପଦେ ପ୍ରତିହତ । କାରଣ ଦୁହେଁ ତ୍ୟାଗୀ, ତପସ୍ୱୀ, ନିସ୍ପୃହ—ତେଣୁ ଅଭିଶାପର ଭୟ ସର୍ବଦା ରହିଛି । କିନ୍ତୁ ଯୋଗ୍ୟତାର ଆତ୍ମପ୍ରକାଶର ଅଭାବ ଯେ ଦେଶର ଦୁର୍ଗତିର କାରଣ ।

ସ୍ୱର୍ଗରାଜ୍ୟକୁ ଏ ବିପନ୍ନ ଅବସ୍ଥାରୁ ରକ୍ଷା କରିବ କିଏ ? ଅଦିତ୍ୟ ବ୍ରହ୍ମଚାରୀ ସଦାଶିବ, ସଦା ମଙ୍ଗଳମୟ ଶଙ୍କରଙ୍କର ଅମୋଘ ବୀର୍ଯ୍ୟର ସନ୍ତାନ । କିନ୍ତୁ ଶଙ୍କର ଯେ ନିସ୍ପୃହ । ଏ ନିସ୍ପୃହତାକୁ ଦୂର କରିବାକୁ ହେବ ନାରୀଦ୍ୱାରା ସମ୍ମୋହନ ସୃଷ୍ଟି କରି । ତା କି କେବେ ସମ୍ଭବ ? ନିଶ୍ଚୟ ସମ୍ଭବ, ଯେ ନାରୀ ତ୍ୟାଗୀ ଶିବଙ୍କୁ ପାଇବାକୁ ତପସ୍ୟାରତା, ତା ସ୍କନ୍ଧରେ ଏ ଦାୟିତ୍ୱ ନ୍ୟସ୍ତ କରିବାକୁ ହେବ । ଅତ ଏଥିପାଇଁ ପ୍ରକୃତି-ରାଣୀର ବରଦ ହସ୍ତର ଯେ ପେଲବ ସ୍ପର୍ଶ ଅବଶ୍ୟକ, ସେ ସ୍ପର୍ଶ କାମକଳିତ ସ୍ପର୍ଶ ହେବ । ପ୍ରକୃତିକୁ

Digitized by srujanika@gmail.com

(ସ୍ୱଭାବକୁ) ପ୍ରତ୍ୟାଖ୍ୟାନ କରିବା କଷ୍ଟସାଧ୍ୟ । ଏଥିପାଇଁ ଯେ ଭୟଙ୍କର ସାଧନା ଅବଶ୍ୟକ, ଏହା ନିଶ୍ଚିତ । ଏଥିପାଇଁ ଭୂତସ୍ଥାନ ତାଙ୍କର 'କୈଳାସବାସ' ସର୍ବଦା ନିରାପଦ ନୁହେଁ । ଯେଉଁଠିକି ଗଲେ ମଧ୍ୟ ପ୍ରକୃତି ସଙ୍ଗରେ ରହିବ ହିଁ ରହିବ । ପ୍ରକୃତିକୁ ପ୍ରତ୍ୟାଖ୍ୟାନ କରିବାର ଯେ ସାଧନା, ସେ ସାଧନା ସହଜ ସାଧନା ନୁହେଁ । ପ୍ରଥମରେ ପ୍ରକୃତି ସାଙ୍ଗରେ ସହଯୋଗିତା ସ୍ଥାପନ କରି ପରେ ତାକୁ ପ୍ରତ୍ୟାଖ୍ୟାନ କରିବାର ଯେ ସାଧନା ସେ ସାଧନା ଅପେକ୍ଷାକୃତ ସହଜ ସାଧନା ।

ହଠାତ୍ କାମର ବେଗ କାମଜୟୀ ଶଙ୍କରଙ୍କର ଶରୀରରେ ଲକ୍ଷିତ ହେଉଛି । ଏହା କିପରି ସମ୍ଭବ ହେଲା ? ଋତୁରାଜ ବସନ୍ତର ଆବିର୍ଭାବ 'ପ୍ରକୃତି ରାଣୀର' ପତ୍ରେ ପତ୍ରେ ପୁଷ୍ପେ ପୁଷ୍ପେ । ବୃକ୍ଷଲତା ନବପଲ୍ଲବ, ନବକିଶଳୟ ନବପୁଷ୍ପସମ୍ଭାର ନେଇ ହାସ୍ୟମୁଖ । ପାହାଡ଼-ପର୍ବତ, ନଦୀସରୋବର ସ୍ୱଚ୍ଛ ନିର୍ମଳ । କୋକିଳ-କାକଳୀ ଝିଲ୍ଲୀଝଙ୍କାରରେ ଦିବାରାତ୍ରି ଶବ୍ଦାୟିତ । ସରସୀ ଶୀତଳ-ସଲିଳ ହଂସରବ ନୂପୁର ଧ୍ୱନିରେ ଆନ୍ଦୋଳିତ । ମନ୍ଦ ମଳୟର ମୃଦୁଳ ପରଶରେ ବନସ୍ଥଳୀ ପୁଲକିତ । ବିରହୀଜନର ତନୁମନ ଏକ ଅବ୍ୟକ୍ତ ବେଦନାରେ ବ୍ୟଥିତ । ତଦୁପରି ନିର୍ଜନ ନିର୍ମଳ ଉପବନରେ ଛନ୍ଦାୟିତ ଗତିରେ ଗତିଶୀଳ ଅପରୂପ ରୂପସୀ ଲାବଣ୍ୟମୟୀ ନାରୀ-ପ୍ରତିମାର ନୃତ୍ୟରତ ଭ୍ରୂଭଙ୍ଗ ଗୃହାଣୀ କାମ-ବିଳାସର ମାଦକତା ବିଚ୍ଛୁରିତ କରୁଛି ଅହରହ । ଶଙ୍କର ଏ ଅପୂର୍ବ ଆବିର୍ଭାବରେ ସ୍ତବ୍ଧ, ମୁଗ୍ଧ, ଚକିତ । ଫୁଲଧନୁର ଆଘାତରେ ସେ କ୍ଷତବିକ୍ଷତ । କିଏ ସେ ଏ ନାରୀ ? ଏ ନାରୀ ନୁହେଁ—କାମିନୀ । ଏ କାମିନୀ କାମନାର ପ୍ରତୀକ । ଯାଁ'ର ମନରେ·

Digitized by srujanika@gmail.com

କାମନାର ଗନ୍ଧ ନାହିଁ, ତାକୁ ପଧ ବଳାତ୍କାର କାମ-ପ୍ରେରଣା ଦେବାରେ ଏ ଅଧିକାରୀ ହେଲା କିପରି ? ସେଠା ଏ କାମନାର ସ୍ରଷ୍ଟା ବିଶ୍ୱକର୍ମାଙ୍କୁ ହିଁ ଜଣା ।

ନା, ଏନ୍ଦ୍ରାର ଉତ୍ପାତ ଅସହ୍ୟ, ଏହାକୁ ନାଶ କରିବାକୁ ହେବ । କିପରି ? ଏ କଣ ସ୍ଥୂଳ ବସ୍ତୁ ? ଏ ପରା ଅନଙ୍ଗ । ତେବେ ଏପରି ସୂକ୍ଷ୍ମ ବସ୍ତୁକୁ ସୂକ୍ଷ୍ମ ଉପାୟରେ ନାଶ କରିବା ଛଡ଼ା ତ ଅନ୍ୟ ଉପାୟ ନାହିଁ । ଏ ସୂକ୍ଷ୍ମ ଉପାୟ କଣ ? ମନ । ଏ ମନ କାହାର ଆଶ୍ରୟରେ ବଳୀୟାନ ? ଦୃଷ୍ଟିଶକ୍ତିର ଆଶ୍ରୟରେ ; ଯେହେତୁ କାମର ଆଶ୍ରୟ ଦୃଷ୍ଟି । ଦୃଷ୍ଟିରୁ କାମର ଉତ୍ପତ୍ତି । ଏ ଦୃଷ୍ଟିର ସାଧନ କଣ ? ଚକ୍ଷୁ । ତେବେ ଏ ଚକ୍ଷୁ ଦ୍ୱାରା ଏହାକୁ ନାଶ କରିବାକୁ ହେବ । ଏ ସ୍ଥୂଳ ଚକ୍ଷୁ ଦ୍ୱାରା କଣ କାମକୁ ନାଶ କରିବା ସମ୍ଭବ ? ଠିକ୍ କଥା ତ । ଏହାକୁ ନାଶ କରିବାକୁ ହେଲେ ସୂକ୍ଷ୍ମ ଚକ୍ଷୁ ଆବଶ୍ୟକ । ତେଣୁ ଶଙ୍କରଙ୍କୁ ସେହି ସୂକ୍ଷ୍ମ ଚକ୍ଷୁ, ଜ୍ଞାନର ଚକ୍ଷୁ, ତୃତୀୟ ଚକ୍ଷୁକୁ ଅବଲମ୍ବନ କରିବାକୁ ପଡ଼ିଲା । ଯେ ମୋହଜାଲରେ ସେ ଅବଦ୍ଧ ହୋଇ କାମର ଅଧୀନ ହୋଇଥିଲେ ସେ ମୋହ-ଜାଲକୁ ସେ ଜ୍ଞାନାଗ୍ନି ଦ୍ୱାରା ଜାଳିପୋଡ଼ି ଛାରଖାର କରିଥିଲେ । କାମଦେବ ଭସ୍ମୀଭୂତ ହେଲେ ।

ଦେବରାଜ୍ୟ ଅସ୍ଥିର ହୋଇ ପଡ଼ିଲା । ଏ କଣ ହେଲା ? ବିପଦ ଉପରେ ବିପଦ । ଦେବତାମାନଙ୍କ ଏହା ଚକାନ୍ତ ବୋଲି ଯଦି ଶଙ୍କର ଜାଣି ପାରନ୍ତି, ସ୍ୱର୍ଗରାଜ୍ୟ ବିପନ୍ନ ହୋଇ ପଡ଼ିବ । ଶଙ୍କରଙ୍କର କୋପାନଳରୁ ଦେବତାମାନଙ୍କୁ ରକ୍ଷା କରିବ କିଏ ? ଚିନ୍ତା ନାହିଁ, ଉପାୟ ଅଛି । ଶଙ୍କର କେବଳ କାମକୁ ନାଶ କରି ପାରିଛନ୍ତି—କାମପତ୍ନୀ ରତିକୁ ନୁହେ । ରତି ତାଙ୍କର ମନରେ

Digitized by srujanika@gmail.com

ଲାଗି ରହୁଛନ୍ତି । ପ୍ରକୃତ ଶଙ୍କରଙ୍କୁ ମଧ୍ୟ ଘେରି ରହୁଛନ୍ତି । ଯେ କ୍ଷଣିକ ଉତ୍ତେଜନାରେ ସେ ଶରୀରର ପ୍ରବୃତ୍ତିକୁ ନାଶ କରିଛନ୍ତି, ସେ କେବଳ କ୍ଷଣିକ ପାଇଁ । କାମ ନାଶ ହେଲେ ମଧ୍ୟ, ଏଆଡ଼େ ରତି ଯେ ଅହରହ ତାଙ୍କୁ କାମ ଆଡ଼କୁ ଟାଣି ନେବ । ରତିର ଅର୍ଥହିଁ ତ ଲାଗି ରହିବା । (କାମ ମାନସିକ ଦ୍ୱନ୍ଦ୍ୱ ତଥା ରତି ଶାରୀରିକ ଦ୍ୱନ୍ଦ୍ୱ । ଗୋଟାଏ ଅନ୍ୟଟିର ପରିପୂରକ । ମନୁଷ୍ୟର ମନରେ କାମ ପ୍ରତି ବିତୃଷ୍ଣା ଥିଲେ ସୁଦ୍ଧା ରତି ସୁଖର କଳ୍ପନାରେ ସେ କାମ ପାଇଁ ପ୍ରବୃତ୍ତ ହୁଏ । ନପୁଂସକର ମନରେ କାମର ଉଦ୍ରେକ ହୁଏ ନା, କାରଣ ସେ ସ୍ତ୍ରୀ ନୁହେ ବା ପୁରୁଷ ନୁହେ । କିନ୍ତୁ ରତିସୁଖର କଳ୍ପନା ତାକୁ ଏପରି ଅସ୍ତବ୍ୟସ୍ତ କରେ ଯେ ସେ ଅସ୍ୱାଭାବିକ ମୈଥୁନ ପାଇଁ ମଧ୍ୟ ପ୍ରସ୍ତୁତ ହୋଇପଡ଼େ ।)

କାମକୁ ଧ୍ୱଂସ କରି ମଧ୍ୟ ଶଙ୍କର ଶାନ୍ତି ପାଇଲେ ନାହିଁ । ରତିର ବିଳାପ ଅହରହ ତାଙ୍କୁ ଅସ୍ଥିର କରି ପକାଇଲା । ତାଙ୍କର ମନର ନିଭୃତ ତଳ ଦେଶରେ ଥାଇ ସର୍ବଦା ସେ ତାଙ୍କଠାରୁ ଆଶ୍ୱାସନାର ବାଣୀ ପାଇଁ ଉନ୍ମୁଖ ହୋଇ ରହିଲା । ଉପାୟ ନାହିଁ । ଏହାକୁ ସାନ୍ତ୍ୱନା ଦେବାକୁହିଁ ହେବ ।

କ୍ଷୁଧାକୁ ଶାନ୍ତ କରିବା ପାଇଁ ଅନ୍ନ ଗ୍ରହଣ କରିବା କଣ ଅନୁଚିତ ? ତୃଷା ନିବାରଣ ପାଇଁ ଜଳ ଗ୍ରହଣ କରିବା କଣ ଅନ୍ୟାୟ ?—ଶୈତ୍ୟର ନିବାରଣ ପାଇଁ ଉତ୍ତାପ ଗ୍ରହଣ କରିବା କଣ ଅସଙ୍ଗତ ? ଠିକ୍ ସେହିପରି କାମକୁ ଶାନ୍ତ କରିବା ପାଇଁ ଅର୍ଥାତ୍ ସନ୍ତାନ ପାଇଁ ପ୍ରବୃତ୍ତ ହେବା କଣ ଅସ୍ୱାଭାବିକ କଥା ? ସୃଷ୍ଟି ରଚନାହିଁ ସ୍ରଷ୍ଟାର ଧ୍ୟେୟ । ଯୋଗ୍ୟତାର ଆତ୍ମପ୍ରକାଶର ସାଧନାହିଁ ତ ସ୍ରଷ୍ଟାର ସାଧନା । ଯେ ନାରୀ ସ୍ରଷ୍ଟାର ପ୍ରତିନିଧିଭାବରେ

Digitized by srujanika@gmail.com

ତାଙ୍କ ଦ୍ରଷ୍ଟା ଋଷି ଯେଉଁ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି, ସେ ତ ଭୁଲ୍ କରି ନାହିଁ । ସେ ତ ନିଜର ସ୍ୱାର୍ଥ ଦୃଷ୍ଟିରୁ ତା କରି ନାହିଁ— ଜଗତର ମଙ୍ଗଳ କାମନା କରି ସେ ତା କରନ୍ତି ସନ୍ତାନ ପାଇଁ । ଏ ସନ୍ତାନ ଦ୍ୱାରାହିଁ ଯେ ସେ ଜଗତର ମଙ୍ଗଳ କରିବ, ଏ ଦୃଢ଼ ବିଶ୍ୱାସ ତାର ରହିଛି ।

ଶଙ୍କର ପ୍ରବୃତ୍ତି ହେଲେ ପ୍ରବୃତ୍ତିକୁ ଆୟତ୍ତ କରିବା ପାଇଁ । ଶଙ୍କର ପାର୍ବତୀଙ୍କ ମିଳନର ପ୍ରତୀକ ଦେବସେନାପତି କାର୍ତ୍ତିକେୟ ତଥା ଅଗ୍ରଂପ୍ରବର ଗଣେଶ । ଜଣେ ବ୍ରାହ୍ମଣ, ଅନ୍ୟ ଜଣେ କ୍ଷତ୍ରିୟ । ସୃଷ୍ଟି ପାଇଁ ଏହି ଦୁଇ ଶକ୍ତିର ଏକାନ୍ତ ପ୍ରୟୋଜନୀୟତା ରହିଛି (ଗଣେଶଙ୍କର ରୂପ ସମ୍ବନ୍ଧରେ ଅଦ୍ଭୁତ ଅସଙ୍ଗତ କଳ୍ପନା କରାଯାଇଛି । ତାଙ୍କର ମସ୍ତକକୁ ହସ୍ତୀର ମସ୍ତକ ସଙ୍ଗରେ ତୁଳ୍ୟ ମନେ କରିବା ଅତି କଳ୍ପନା ଛଡ଼ା ଅନ୍ୟ କିଛି ନୁହେଁ । ଏହା ଆଳଙ୍କାରିକ ପ୍ରୟୋଗ ମାତ୍ର । ହସ୍ତୀ ପଶୁମାନଙ୍କ ମଧ୍ୟରେ ସର୍ବାପେକ୍ଷା ସ୍ମରଣଶକ୍ତି ବିଶିଷ୍ଟ ଜୀବ ତଥା ବୁଦ୍ଧିମାନ । ଗଣେଶଙ୍କର ମଧ୍ୟ ସ୍ମରଣଶକ୍ତି ତୀବ୍ର ଥିଲା ତଥା ବୁଦ୍ଧିମାର୍ଜିତ । ତେଣୁ ହସ୍ତୀ ସଙ୍ଗରେ ଗଣେଶଙ୍କର ମସ୍ତକକୁ ସମାନ ମନେ କରିବାର ଏ ବଚନ କଳ୍ପନା । ଦ୍ୱିତୀୟତଃ, ଖୁବ୍ ସମ୍ଭବ; ଗଣେଶଙ୍କର ନାକ ଅପେକ୍ଷାକୃତ ଲମ୍ବ ଥିଲା । କାଳକ୍ରମେ ପୌରାଣିକ କବିମାନଙ୍କର କଳ୍ପନାର ବେଗ ଏତେ ଦ୍ରୁତ ଗତିରେ ଗଲା ଯେ ପୃଥିବୀର ସର୍ବାପେକ୍ଷା ଲମ୍ବ ନାକ ଯେଉଁ ଜୀବର, ସେ ଜୀବର ନାକ ସଙ୍ଗରେ ଗଣେଶଙ୍କର ନାକକୁ ତୁଳ୍ୟ ମନେ କରାହେଲା । ତେଣୁ ହସ୍ତୀର ମସ୍ତକକୁ ଗଣେଶଙ୍କର ନିଜର ଯଥାର୍ଥ ମସ୍ତକ ସ୍ଥାନରେ ଯୋଡ଼ିବା ଛଡ଼ା ଅନ୍ୟ ଉପାୟ ନ ଥିଲା । ଏ ମସ୍ତକ ଅଦଳବଦଳ

Digitized by srujanika@gmail.com

ସମ୍ବନ୍ଧୀୟ ଯେ ଆଖ୍ୟାୟିକା ପୁରାଣାଦିରେ ରହିଛି, 'ତା ଉପରୁ ଯୁକ୍ତିହୀନ ତଥା ଅଯଥାର୍ଥ, ଆଲୋଚନା କଲେ ସ୍ପଷ୍ଟ ଜଣାପଡ଼େ— ଅନ୍ୟନ ତା କରିବାର ବାସନା ରହିଛି ।) ରାଜ ଇନ୍ଦ୍ର କାର୍ତ୍ତିକେୟଙ୍କ ସାହାଯ୍ୟରେ ଅସୁରମାନଙ୍କୁ ପରାସ୍ତ କରି ଦେବରାଷ୍ଟ୍ରକୁ ନିଷ୍କଣ୍ଟକ କଲେ, ଅତ୍ର ମହର୍ଷି ବେଦବ୍ୟାସ ଗଣେଶଙ୍କ ଦ୍ୱାରା ମହାକାବ୍ୟ ମହାଭାରତର ଲେଖନ କାର୍ଯ୍ୟ ସମ୍ପାଦନ କଲେ ।

"ଲେଖକୋ ଭାରତସ୍ୟାସ୍ୟ ଭବ ତ୍ୱଂ ଗଣନାୟକ
ମୟୈବ ପ୍ରୋଚ୍ୟ ମାନସ୍ୟ ମନସା କଳ୍ପିତ ସ୍ୟ ଚ ।।"

(ମହାଭାରତ)

ଗଣନାୟକ ! ମୋ ଦ୍ୱାରା କୃତ ଏହି ମହାଭାରତର ଆପଣ ଲେଖକ ହୁଅନ୍ତୁ । ମୁଁ ମନରେ ଯେ ଗ୍ରନ୍ଥର ରଚନା କରିଛି, ତା' ମୁଁ କହି ଯାଉଥିବି, (ଆପଣ ଲେଖି ଯାଉଥିବେ ।)

"ଶ୍ରୁତ୍ୱୈତତ୍ ପ୍ରାହ ବିଘ୍ନେଶୋ ଯଦି ମେ ଲେଖନୀ କ୍ଷଣମ୍
ଲିଖତୋ ନାବତିଷ୍ଠେତ ତଦା ସ୍ୟାଂ ଲେଖକୋହ୍ୟହମ୍ ।।"

(ମହାଭାରତ)

ଏହା ଶୁଣି ବିଘ୍ନରାଜ କହିଲେ, "ଲେଖିବାବେଳେ କ୍ଷଣେକ ପାଇଁ ମଧ୍ୟ ଯଦି ମୋର ଲେଖନୀ ବନ୍ଦ ନ ରହେ, ତେବେ ମୁଁ ଏହି ଗ୍ରନ୍ଥର ଲେଖକ ହେବାକୁ ପ୍ରସ୍ତୁତ ଅଛି ।"

"ବ୍ୟାସୋଽପ୍ୟୁବାଚ ତଂ ଦେବମବୁଦ୍ଧ୍ୱା ମା ଲିଖ କ୍ୱଚିତ୍
ଓଁମିତ୍ୟୁକ୍ତ୍ୱା ଗଣେଶୋଽପି ବଭୂବ କିଲ ଲେଖକଃ ।।"

(ମହାଭାରତ)

Digitized by srujanika@gmail.com

"ବ୍ୟାସଦେବ କହିଲେ, ନ ବୁଝି କୌଣସି ପ୍ରସଙ୍ଗରେ କିଛୁ ଲେଖିବେ ନାହିଁ । ଗଣେଶ ଓଁ ଉଚ୍ଚାରଣ କରି ଲେଖକ ହେଲେ ।"

ବ୍ୟାସଦେବ ତଥା ଗଣେଶଙ୍କର ମଧ୍ୟରେ ଯେ କଥୋପକଥନ ହେଲା, ଏଥିରୁ ଗଣେଶଙ୍କର ଯେ ବିଚକ୍ଷଣ ବୁଦ୍ଧି ତଥା ଧୀଶକ୍ତି ଥିଲା, ତା'ର ସ୍ପଷ୍ଟ ପ୍ରମାଣ ମିଳୁଛି । ବ୍ୟାସଦେବ ଅନୁରୋଧ କଲେ ଯେ, ସେ ଯାହା କହିବେ, ଗଣେଶ ତା' ଲେଖିବେ । ଗଣେଶ ସର୍ତ୍ତ ରଖିଲେ ଯେ, ସେ ଲେଖିବାବେଳେ କ୍ଷଣକପାଇଁ ସୁଦ୍ଧା ବନ୍ଦ ରହିବେ ନାହିଁ । ବ୍ୟାସଦେବ ସ୍ୱୀକାର କଲେ ଯେ, କ୍ଷଣକ ପାଇଁ ସୁଦ୍ଧା ଗଣେଶଙ୍କ ଲେଖନ-କାର୍ଯ୍ୟକୁ ବନ୍ଦ ହେବାକୁ ଦେବେ ନାହିଁ । କିନ୍ତୁ ସର୍ତ୍ତ ରଖିଲେ ଯେ, ଗଣେଶ ଯେପରି ତାଙ୍କର କୌଣସି କଥାକୁ ନ ବୁଝି ଲେଖିବେ ନାହିଁ । ବ୍ୟାସଦେବ ତଥା ଗଣେଶ ଦୁହେଁ ଦୁହିଙ୍କର ବୁଦ୍ଧିମତ୍ତା ତଥା ଧୀଶକ୍ତିର ପ୍ରତିଯୋଗିତା କରିବାକୁ ଯାଉଛନ୍ତି । ପଞ୍ଚମ ବେଦ, ମହାଭାରତ ପରି ମହାନ୍ ତଥ୍ୟପୂର୍ଣ୍ଣ କାବ୍ୟକୁ ନ ବୁଝି ଲେଖିବା ସହଜ କଥା ନୁହେଁ । ଏପରି କଲେ, ତ୍ରୁଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଏଥିରେ କିନ୍ତୁ ଗଣେଶଙ୍କର ଦୃଢ଼ ବିଶ୍ୱାସ ରହିଛି ଯେ, ବ୍ୟାସଦେବ ଯାହା କହିବେ, ସେ ନିଶ୍ଚୟ ତାକୁ ବୁଝି, ବୁଝିବା ପାଇଁ କ୍ଷଣକପାଇଁ ମଧ୍ୟ ଅବସର ନ ନେଇ ଲେଖନ-କାର୍ଯ୍ୟ ସମ୍ପାଦନ କରି ଯାଇବେ । ତେଣୁ ସେ ଓଁ ଅର୍ଥାତ୍ 'ହଁ' କହି ଲେଖନ କାର୍ଯ୍ୟ ସମ୍ପାଦନ କଲେ । (ମନେ ହୁଏ 'ହଁ' ଶବ୍ଦଟା ଓଁ ଶବ୍ଦର ଅପଭ୍ରଂଶିତ ରୂପ ।)

ବୁଦ୍ଧି (ଗଣେଶ) ତଥା ଶୌର୍ଯ୍ୟ (କାର୍ତ୍ତିକେୟ), ଏ ଅପରନ୍ତା ଏଥିପାଇଁ ସମ୍ଭବ ହୋଇ ପାରିଲା ଯେ, ଦୁଇଟି ମହାନ୍ ଯୋଗ୍ୟତା-

Digitized by srujanika@gmail.com

ସମନ୍ତ ଅମ୍ଭର ସମ୍ମିଳିତ ଚେଷ୍ଟାର ମୂଳରେ ଥିଲା ପ୍ରଚ୍ଛନ୍ନଦର୍ଶୀ ଦେବତାମାନଙ୍କର ପ୍ରେରଣା ପ୍ରଦାନ ।

ଶଙ୍କର ପାର୍ବତୀ ଯେ କେବଳ ଲଳିତ କଳା, ତାଣ୍ଡବ-ଲସ୍ୟର ଉପାସକ ଥିଲେ, ତା' ନୁହେ । ଦୁହେଁ ଜ୍ଞାନ-ବିଜ୍ଞାନର ମଧ୍ୟ ଅଗ୍ରଣୀ । ପାର୍ବତୀଙ୍କଠାରୁ ପ୍ରେରଣା ପାଇ ଶଙ୍କର ଦର୍ଶନ ଆଲୋଚନା ମଧ୍ୟ କରିଛନ୍ତି—କାମଶାସ୍ତ୍ରର ମଧ୍ୟ ଆଲୋଚନା କରିଛନ୍ତି । ଭାଗବତରେ ଉଲ୍ଲେଖ ଅଛି ଯେ, ପାର୍ବତୀଙ୍କ ଏକାନ୍ତ ଅନୁରୋଧକ୍ରମେ ଶଙ୍କର କୌଣସି ନିର୍ଜନ ସ୍ଥାନରେ ପାର୍ବତୀଙ୍କୁ ଦର୍ଶନର ଗୂଢ଼ତଥ୍ୟର ଆଲୋଚନା ଶୁଣାଉ ଥିଲେ । ଶଙ୍କରଙ୍କର ଜଣା ନ ଥିଲା ଯେ, ଶୁକପକ୍ଷୀ ମଧ୍ୟ ଏ ଦର୍ଶନ-ଚର୍ଚ୍ଚା ଶୁଣୁଛି । କିନ୍ତୁ ଏ ଶୁକପକ୍ଷୀ ସମଗ୍ର ଦର୍ଶନ ଶୁଣି ବେଦବ୍ୟାସ ପତ୍ନୀଙ୍କ ଗର୍ଭରେ ପ୍ରବେଶ କରି ତାଙ୍କର ସନ୍ତାନଭାବରେ ଜନ୍ମଗ୍ରହଣ କଲା ତ୍ୟାଗୀ ତପସ୍ୱୀ ପ୍ରକାଣ୍ଡ ତତ୍ତ୍ୱଦର୍ଶୀ ଭାବରେ ଶୁକଦେବ ନାମରେ । ଏ କାହାଣୀ ଶଙ୍କରଙ୍କର ଦର୍ଶନାଲୋଚନାର ବୋଧଗମ୍ୟତା ତଥା ଉପାଦେୟତାର କେବଳ ରୂପକ-କଳ୍ପନା । ତଥା ଶୁକଦେବଙ୍କର ଦର୍ଶନରେ ବ୍ୟୁତ୍ପତ୍ତି ଥିବାର ଆଳଙ୍କାରିକ ବର୍ଣ୍ଣନା ମାତ୍ର । ଯେଉଁ ଦର୍ଶନ ଶ୍ରବଣରେ ତର୍ଯ୍ୟକ୍ ଯୋନି ପକ୍ଷୀ ମଧ୍ୟ ମହାନ୍ ଦାର୍ଶନିକ ହୋଇପାରେ, ସେପରି ଦର୍ଶନ କେବଳ ପ୍ରେରଣାର ଅଭାବରେ ଅପ୍ରକଟ ହୋଇ ରହିଥିଲା । ରାଷ୍ଟ୍ର ପକ୍ଷରେ ଏହା କଣ କମ ଦୁଃଖର କଥା !!

ଆଗ୍ରଣୀମାନେ କହନ୍ତି, ଶଙ୍କର କାମଶାସ୍ତ୍ରର ମଧ୍ୟ ଅଗ୍ରଣୀ । ପାର୍ବତୀଙ୍କ ପ୍ରଶ୍ନର ଉତ୍ତର ଦେବା ଛଳରେ ସେ ଏ ମହାନ୍ ଗୁପ୍ତ ବିଦ୍ୟାର ପ୍ରଚାର କରିଛନ୍ତି । ପ୍ରାଚୀନ ଭାରତର ଅନେକ ଆଗ୍ରଣୀ କ୍ରମାନ୍ୱୟରେ ତାଙ୍କଠାରୁ ଏ ବିଦ୍ୟା ଗ୍ରହଣ କରିଛନ୍ତି । ସେମାନଙ୍କ ମଧ୍ୟରୁ ମହର୍ଷି ବାତ୍ସ୍ୟାୟନ ଅନ୍ୟତମ; ଅତ ଐତିହାସିକ କାଳର

Digitized by srujanika@gmail.com

(ଅର୍ଥାତ୍ ପୌରାଣିକ କାଳର ନୁହେ) ଅଗ୍ରୂର୍ଣ୍ଣ ବସ୍ତୁ ଗୁପ୍ତ ଅର୍ଥାତ୍ ଗୁଣଜ୍ଞ । •

ତେଣୁ ଦେଶର ହିତାକାଂକ୍ଷୀମାନଙ୍କ ଏହା କର୍ତ୍ତବ୍ୟ ହେବା ଉଚିତ ଯେ, ଦେଶର ଯୋଗ୍ୟତାର ଅନୁସନ୍ଧାନ କରି ତାକୁ ପ୍ରକଟ ହେବାପାଇଁ ପ୍ରଶ୍ରୟ ଦେବା, ପ୍ରେରଣା ଦେବା, ପକ୍ଷପାତିତାଠାରୁ ଦୂରରେ ରହି । ଅତି ଦେଶର ଅଯୋଗ୍ୟତାର ଅସ୍ଫାଳନକୁ ଅପୃଷ୍ଠ କରିବା ଯୋଗ୍ୟତା-ଅଯୋଗ୍ୟତାର ଉଚିତ ବିବେଚନା କରି । ତେବେ ଯାଇ ଦେଶରେ ଯେ ଦେବାସୁର ସଂଗ୍ରାମ ଚାଲିଛି, ଅର୍ଥାତ୍ ଦୁଷ୍ଟଶିଷ୍ଟଙ୍କ ମଧ୍ୟରେ ଯୋଗ୍ୟତା ଅଯୋଗ୍ୟତା ଜନିତ ଯେ ଅସ୍ୱାଭାବିକ ପରିସ୍ଥିତି ଉପୁଜିଛି, ତା' ଶାନ୍ତ ହୋଇ ପାରିବ । ଉପର୍ଯ୍ୟୁକ୍ତ ପୌରାଣିକ କାହାଣୀ ଏ ତଥ୍ୟରହିଁ ସୂଚନା ଦିଏ ।

ଉପନିଷଦ ମଧ୍ୟ କହନ୍ତି—

"ଅସତୋ ମା ସଦ୍‌ଗମୟ
ତମସୋ ମା ଜ୍ୟୋତିର୍ଗମୟ ।"

ଈଶ୍ୱର ରାଷ୍ଟ୍ରକୁ ସତ୍ୟ ଆଡ଼କୁ ନେଇଯାନ୍ତୁ; ଅର୍ଥାତ୍ ଯା ଅଭାବ ଅଛି, ତା' ପ୍ରଦାନ କରନ୍ତୁ । ତମିସ୍ରାରୁ ଉଜ୍ଜ୍ୱଳତା ଆଡ଼କୁ ନେଇଯାନ୍ତୁ; ଅର୍ଥାତ୍ ଯେ ଅଜ୍ଞାନତା ଅସଙ୍ଗତତା ସମଗ୍ର ରାଷ୍ଟ୍ରକୁ ଆଚ୍ଛନ୍ନ କରି ରଖିଛି, ତାକୁ ଜ୍ଞାନାଲୋକ ଦ୍ୱାରା ଦୂରକରି ଦିଅନ୍ତୁ । ଫଳତଃ :—

"ସର୍ବେ ସୁଖୀନଃ ଭବନ୍ତୁ ସର୍ବେସନ୍ତୁ ନିରାମୟାଃ ,
ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିତ୍ ଦୁଃଖଭାଗ ଭବେତ୍ ।"

ରାଷ୍ଟ୍ରର ସମସ୍ତେ ସୁଖୀ ହୋଇ ପାରିବେ—ନୀରୋଗ ହୋଇ ପାରିବେ । ସମସ୍ତେ ଭଦ୍ରତ ଦର୍ଶନ କରି ପାରିବେ—କେହି ଦୁଃଖର ଭାଗୀ ହେବେ ନାହିଁ ।

Digitized by srujanika@gmail.com

ଅପ୍ରକାଶ

"ମୁକ୍ତ କର ହେ ସୁନ୍ଦରୀ, ଛିନ୍ନ କର ରଙ୍ଗୀନ୍ କୁହୁଡ଼ି
ଅବନତ ଦୃଷ୍ଟିର୍ ଆବେଶ, ଏଇ ଅବରୁଦ୍ଧ ଭାଷା,
ଏଇ ଅବଗୁଣ୍ଠିତ୍ ପ୍ରକାଶ୍ ।"

କୌଣସି ସାଧାରଣ ସ୍ତ୍ରୀକୁ ନୁହେଁ, ସୁନ୍ଦରୀ ସ୍ତ୍ରୀକୁ ମୁକ୍ତ ହେବାକୁ ରବୀନ୍ଦ୍ରନାଥ ଆହ୍ୱାନ କରୁଛନ୍ତି । ସୁନ୍ଦରୀ ସ୍ତ୍ରୀକୁ ମୁକ୍ତ ହେବା ପାଇଁ ଆହ୍ୱାନ କରିବା ଦ୍ୱାରା ସେ ଏହା କହୁ ନାହାନ୍ତି ଯେ, ଯେ ସ୍ତ୍ରୀ ସୁନ୍ଦରୀ ନୁହେଁ, ସେ ପ୍ରଚ୍ଛନ୍ନ ରହୁ । 'ତୁମେ ସମସ୍ତେ ଖାଅ', ଏପରି କହିବାଦ୍ୱାରା ଏହା ବୁଝାଯାଏ ନାହିଁ ଯେ 'ବାକି ସମସ୍ତେ ଅଭୁକ୍ତ ରୁହ ।' ଯେଉଁମାନଙ୍କର ସଙ୍ଗରେ ଯା'ର ସମ୍ବନ୍ଧ, କେବଳ ସେହିମାନଙ୍କୁ ଖାଇବାକୁ କୁହା ଯାଉଛି, ଆଉ ବାକିମାନଙ୍କ ଖାଇବା କଥା ସେହିମାନେ ଚିନ୍ତା କରିବେ ଯେଉଁମାନେ ସେମାନଙ୍କର ସମ୍ବନ୍ଧୀ । ଠିକ୍ ସେହିପରି ରବୀନ୍ଦ୍ରନାଥ ସୁନ୍ଦରୀ ସ୍ତ୍ରୀକୁ, ରୂପରେ ଗୁଣରେ ଯେ ସୁନ୍ଦରୀ, ସେ ସ୍ତ୍ରୀକୁ ମୁକ୍ତ ହେବାକୁ ଆହ୍ୱାନ କରୁଛନ୍ତି । ବାକିମାନେ ମୁକ୍ତ ହେବେ କି ପ୍ରଚ୍ଛନ୍ନ ରହିବେ, ସେଇଟା ସେମାନେ ବିଚାର କରି ଦେଖିବେ । କିନ୍ତୁ ଯେ ଗୁଣ ସମାଜର ହିତ ପାଇଁ ଆବଶ୍ୟକ, ସେ ପ୍ରଚ୍ଛନ୍ନ ହୋଇ ରହିବା କଥାକୁ କୌଣସି ଚିନ୍ତାଶୀଳ ବ୍ୟକ୍ତି—ରାଷ୍ଟ୍ରହିତୈଷୀ ପସନ୍ଦ କରିବ ନାହିଁ । ତେଣୁ ରବୀନ୍ଦ୍ରନାଥଙ୍କ ଆହ୍ୱାନର ଇଙ୍ଗିତ ସୁନ୍ଦରୀ ସ୍ତ୍ରୀମାନଙ୍କ ପ୍ରତି ।

ଉଦ୍ଦେଶ୍ୟହୀନଭାବରେ ସୃଷ୍ଟିର କୌଣସି ପଦାର୍ଥ ସୃଷ୍ଟି ହୋଇ ନାହିଁ । କାହିଁକିନା ଯେ ସ୍ରଷ୍ଟା, ସେ ସର୍ବଜ୍ଞ । କେଉଁ ପଦାର୍ଥ ସଂସାର ପାଇଁ ଆବଶ୍ୟକ, ଆଉ କେଉଁଟା ଅନାବଶ୍ୟକ, ତା' ତାଙ୍କୁ ଅଗୋଚର ନାହିଁ । ସୌନ୍ଦର୍ଯ୍ୟ ସୃଷ୍ଟିର କୌଣସି ଗମ୍ଭୀର ଉଦ୍ଦେଶ୍ୟକୁ

Digitized by srujanika@gmail.com

ଲକ୍ଷ୍ୟରେ ରଖି ସ୍ରଷ୍ଟା ସୌନ୍ଦର୍ଯ୍ୟ ସୃଷ୍ଟି କରନ୍ତି । ସ୍ରଷ୍ଟାର ସେ ଉଦ୍ଦେଶ୍ୟ ପ୍ରତି ଅବହେଳା କରିବା ଅର୍ଥ ସ୍ରଷ୍ଟା ପ୍ରତି ଅବହେଳା କରିବା । ମନୁଷ୍ୟର ଶରୀର ଯେପରି ସମାଜ ପାଇଁ ଆବଶ୍ୟକ, ମନୁଷ୍ୟର ଗୁଣ ମଧ୍ୟ ସେହିପରି ସମାଜ ପକ୍ଷରେ ଆବଶ୍ୟକ । ତେଣୁ ଗୁଣ ପ୍ରଚ୍ଛନ୍ନ ହୋଇ ରହିବା ସମାଜ ପକ୍ଷରେ ଅମଙ୍ଗଳକର; ସେ ଗୁଣ ଶାରୀରିକ ଗୁଣ ହୋଇପାରେ, ମାନସିକ ଗୁଣ ହୋଇପାରେ, ଅର୍ଥାତ୍ ତା ରୂପଯୌବନ, ତ୍ୟାଗତପସ୍ୟା ହୋଇପାରେ, ଦୟାକ୍ଷମା ଶାନ୍ତିସରଳତା ହୋଇପାରେ ।

ସୌନ୍ଦର୍ଯ୍ୟ ଦୃଷ୍ଟିର ବିଷୟ । ଦୃଷ୍ଟି-ଶକ୍ତି ଯେତେବେଳେ ସମସ୍ତଙ୍କର ରହିଛି—ସୌନ୍ଦର୍ଯ୍ୟବୋଧ ଯେତେବେଳେ ସମସ୍ତଙ୍କର ରହିଛି, ସେତେବେଳେ ମନୁଷ୍ୟକୁ ସୌନ୍ଦର୍ଯ୍ୟବୋଧ-ସୁଖରୁ ବଞ୍ଚିତ କରିବା ତ ସ୍ୱାଭାବିକ କଥା ହେବ ନାହିଁ । ମନୁଷ୍ୟର କ୍ଷୁଧା ରହିଛି ଅନ୍ନ ଗ୍ରହଣ କରି ତାକୁ ଶାନ୍ତ କରିବା ପାଇଁ—ମନୁଷ୍ୟର ତନ୍ଦ୍ରା ରହିଛି ବିଶ୍ରାମ ଦ୍ୱାରା ତାକୁ ଶାନ୍ତ କରିବା ପାଇଁ, ଠିକ୍ ସେହିପରି ମନୁଷ୍ୟର ସୌନ୍ଦର୍ଯ୍ୟବୋଧ ରହିଛି ସୌନ୍ଦର୍ଯ୍ୟଦର୍ଶନ ଦ୍ୱାରା ଏ ଲାଳସାକୁ ଅପ୍ଳୁତ କରିବା ପାଇଁ । ଅନ୍ନର ଅଭାବ ଯେପରି ଶାରୀରିକ ଦୁଃଖର କାରଣ, ସୌନ୍ଦର୍ଯ୍ୟର ଅଭାବ ମଧ୍ୟ ସେହିପରି ମାନସିକ ଦୁଃଖର କାରଣ । ଏ ଦୁଇ ପ୍ରକାର ଦୁଃଖ ଶରୀର ପକ୍ଷରେ ଘାତକ । ଶରୀରର ବିକାଶ ପାଇଁ ଯେପରି ଖାଦ୍ୟ ଆବଶ୍ୟକ, ମନର ବିକାଶ ପାଇଁ ମଧ୍ୟ ସେହିପରି ମାନସିକ ଖାଦ୍ୟ ସୌନ୍ଦର୍ଯ୍ୟ ଆବଶ୍ୟକ । (ମାନସିକ ଅନ୍ୟାନ୍ୟ ଖାଦ୍ୟ ମଧ୍ୟ ଆବଶ୍ୟକ, କେବଳ ସୌନ୍ଦର୍ଯ୍ୟ ନୁହେଁ । କିନ୍ତୁ ଏଠାରେ ଆମର ଆଲୋଚନାର ମୁଖ୍ୟ ବିଷୟ ସୌନ୍ଦର୍ଯ୍ୟ ।)

Digitized by srujanika@gmail.com

ତୁଳସୀ ଦାସଙ୍କର ସନ୍ଥ ତୁଳସୀ ଦାସ ହେବାର ମୂଳରେ ରହିଛି ସୌନ୍ଦର୍ଯ୍ୟ-ବୋଧ । ପତ୍ନୀଙ୍କର ସୌନ୍ଦର୍ଯ୍ୟରେ ପ୍ରଥମରେ ସେ ମୁଗ୍‌ଧ ହେଲେ । କିନ୍ତୁ ସେ ବାରମ୍ବାର ପତ୍ନୀର ସୌନ୍ଦର୍ଯ୍ୟ ଦର୍ଶନରେ ବାଧା ପାଇଲେ । ଏ ବାଧା ତାଙ୍କର ସୌନ୍ଦର୍ଯ୍ୟବୋଧକୁ ଆଘାତ କଲା । ଫଳତଃ ସେ ସୌନ୍ଦର୍ଯ୍ୟର କଳ୍ପନା କରି ତୃପ୍ତ ହେବାକୁ ଚେଷ୍ଟା କଲେ । ତେଣୁ ସେ ସୃଷ୍ଟି କଲେ ରାମଚରିତମାନସ (ତୁଳସୀ ରାମାୟଣ), ସୌନ୍ଦର୍ଯ୍ୟର ନାୟକ ରାମଚନ୍ଦ୍ର ତଥା ସୌନ୍ଦର୍ଯ୍ୟର ନାୟିକା ସୀତାଙ୍କୁ ଏ କାବ୍ୟର ପାତ୍ରପାତ୍ରୀ ରୂପରେ କଳ୍ପନା କରି । ତାଙ୍କର ମସ୍ତିଷ୍କ ଯେ ବିକଶିତ ହୋଇ ପାରିଲା ଏ ଆଧ୍ୟାତ୍ମିକତାର ଅନୁସରଣ କରିବା ପାଇଁ, ତା' କେବଳ ତାଙ୍କର ସୌନ୍ଦର୍ଯ୍ୟ-ପିପାସା ଓ ସୌନ୍ଦର୍ଯ୍ୟବୋଧ ପାଇଁ ।

ସୌନ୍ଦର୍ଯ୍ୟବୋଧହୀନତା ଅବିକଶିତ ବା ଅଳ୍ପବିକଶିତ ମସ୍ତିଷ୍କର ଲକ୍ଷଣ । ଜଡ଼ ମନୋଭାବାପନ୍ନ ପଶୁର ଏ ଦୁର୍ଗୁଣ ସହଜାତ । ତେଣୁ ପଶୁର ସୌନ୍ଦର୍ଯ୍ୟବୋଧ ନାହିଁ । ମନୁଷ୍ୟର ମନକୁ ନମ୍ର, ଶାନ୍ତ, ଧୀରସ୍ଥିର ରଖିବାରେ ଯଦି କାହାର ପ୍ରେରଣା ନିତାନ୍ତ ଅବଶ୍ୟକ ତ, ତା' ହେଉଛି ସୌନ୍ଦର୍ଯ୍ୟର ପ୍ରେରଣା, ସଙ୍ଗୀତର ପ୍ରେରଣା । ଏହାହିଁ କାରଣ ଯେ ମନୁଷ୍ୟ ଅପୂର୍ବ ରୂପ-ଦର୍ଶନରେ ସ୍ତବ୍‌ଧ ହୋଇ ପଡ଼େ— ମଧୁର ସଙ୍ଗୀତ ଶ୍ରବଣରେ ତନ୍ମୟ ହୋଇ ଉଠେ । ଆଉ ଏହାର ଅଭାବ ମନୁଷ୍ୟଙ୍କୁ ମାରାତ୍ମକଭାବରେ ଆଘାତ କରେ । ଫଳତଃ ମନୁଷ୍ୟ ରୁକ୍ଷ ହୋଇ ଉଠେ; ଆଉ ଏ ରୁକ୍ଷତା ସମସ୍ତ ପ୍ରକାର ଉତ୍ପାତର କାରଣ; ଆଉ ଏ ଉତ୍ପାତ ସକଳ ପ୍ରକାର ଦୁଃଖର ହେତୁ । ଏପରି ରୁକ୍ଷ ସ୍ୱଭାବସମ୍ପନ୍ନ ବ୍ୟକ୍ତିର ମସ୍ତିଷ୍କକୁ ଅବିକଶିତ ବା ଅଳ୍ପବିକଶିତ କୁହାଯାଏ । ରୁକ୍ଷତା ଶାନ୍ତ ମନର ଲକ୍ଷଣ ହୋଇପାରେ ନା ।

Digitized by srujanika@gmail.com

ମନୁଷ୍ୟ ହୃଦୟର ସୂକ୍ଷ୍ମ ତନ୍ତ୍ରୀକୁ ଯେ ହଠାତ୍ ସ୍ପର୍ଶ କରେ, ସେ ହେଉଛି ମନୁଷ୍ୟ ମନର କୋମଳ ପ୍ରବୃତ୍ତି । ମନୁଷ୍ୟର ହୃଦୟ ସ୍ୱଭାବତଃ ସର୍ବଦା ଶାନ୍ତ ଥାଏ—ଏହାର ସ୍ୱଭାବହିଁ ଶାନ୍ତ ରହିବା । ସେଥିପାଇଁ କୁହାଯାଏ, **Soul is dormant.** ମନୁଷ୍ୟର ମନର ବେଗ ଉପରେ ମନୁଷ୍ୟ-ହୃଦୟର ସ୍ଥିରତା-ଅସ୍ଥିରତା ନିର୍ଭର କରେ । ଅସ୍ଥିର ମନ ଅସ୍ଥିର ହୃଦୟର ପ୍ରତୀକ, ଯଥା ସ୍ଥିର ମନ ସ୍ଥିର ହୃଦୟର ପ୍ରତୀକ । ଯେ ହୃଦୟବାନ୍ ବ୍ୟକ୍ତି, ସେ କଦାପି ଚଞ୍ଚଳ ହୋଇ ପାରେ ନା—ଯେ ହୃଦୟହୀନ ବ୍ୟକ୍ତି, ସେ କଦାପି ସଂଯତ ହୋଇ ପାରେ ନା । ସ୍ଥିର ହୃଦୟର ବିକାଶର ସାଧନ ହେଉଛି ରୂପ—ସଙ୍ଗୀତ । ଏଥିପାଇଁ ହିଁ ସ୍ରଷ୍ଟା ନାରୀକୁ ସୁନ୍ଦର କରି ଗଢ଼ିଛନ୍ତି, ଆଉ ତା'ର କଣ୍ଠରେ ସଙ୍ଗୀତର ମଧୁର ଝଙ୍କାର ଦେଇଛନ୍ତି; ତା'ର ନୃତ୍ୟରେ, ତା'ର ଅଙ୍ଗଭଙ୍ଗୀରେ ହାବଭାବଲୀଳାସମନ୍ୱିତ ଲଳିତ୍ୟଭରା ମାଦକତା ଦେଇଛନ୍ତି । ଏଥିପାଇଁହିଁ ଅସଂଯତ ଯୁବକ ରୂପସୀ ତରୁଣୀ ପତ୍ନୀ ଲାଭରେ ସଂଯତ ହୋଇ ପଡ଼େ, ଅନ୍ତତଃ ପରଦାରାଗମନ କରେନା । (ଏ କଥା ସମସ୍ତ କ୍ଷେତ୍ରରେ ସତ୍ୟ ନ ହେଲେ ମଧ୍ୟ, ଏ ଯୁକ୍ତି ଅନ୍ତତଃ ଅନେକ କ୍ଷେତ୍ରରେ ଚରିତାର୍ଥତା ଲାଭ କରିଛି, ସେ ରୂପର ପ୍ରଭାବ ରହିଛି ।)

ସ୍ଥିର ହୃଦୟର ବିକାଶର ସାଧନ କେବଳ ରୂପ ନୁହେଁ, ସଙ୍ଗୀତ ମଧ୍ୟ । ଅନ୍ୟକୁ ଆଘାତ କରିବା, ଦଂଶନ କରିବା ଯାର ସ୍ୱଭାବ, ସେ ବିଷଧର ସର୍ପ ମଧ୍ୟ ସଙ୍ଗୀତ ଶ୍ରବଣରେ ଶାନ୍ତ ହୋଇପଡ଼େ । ଅତି ଚଞ୍ଚଳ ସ୍ୱଭାବସମ୍ପନ୍ନ ମୃଗ ମଧ୍ୟ ସଙ୍ଗୀତ ଶ୍ରବଣରେ ମୁଗ୍ଧ, ଶାନ୍ତ ହୋଇ ପଡ଼େ । କିନ୍ତୁ ଏମାନଙ୍କର ସୌନ୍ଦର୍ଯ୍ୟବୋଧ ନାହିଁ । ତେଣୁ ଏଥିରୁ ଏକଥା ସ୍ପଷ୍ଟ ପ୍ରମାଣିତ ଯେ

Digitized by srujanika@gmail.com

ସୌନ୍ଦର୍ଯ୍ୟବୋଧ ସଙ୍ଗୀତ ଅପେକ୍ଷା ମଧ୍ୟ ଅଧିକ ପ୍ରବଳ ଅନ୍ତଚେତନତା । କାରଣ, ଜଡ଼ସ୍ୱଭାବ ସମ୍ପନ୍ନ ପଶୁଠାରେ ଏ ଚେତନତା ନାହିଁ—ଏହା ଚେତନ ଶକ୍ତିସମ୍ପୂର୍ଣ୍ଣ ମନୁଷ୍ୟର ସ୍ୱାଭାବିକ ଗୁଣ ।

ଯେ ସ୍ରଷ୍ଟାର ସୃଷ୍ଟି ଏତେ ପ୍ରବଳଭାବରେ ସୌନ୍ଦର୍ଯ୍ୟମୟ, ତାର ସୌନ୍ଦର୍ଯ୍ୟବୋଧ କିପରି ଗଭୀର ହୋଇ ନ ଥିବ ! ! ସେ ପୁଣି ନିଜେ କେତେ ସୁନ୍ଦର ହୋଇ ନ ଥିବ ! ! ! ଏହାହିଁ କାରଣ ଯେ, ଦାର୍ଶନିକମାନେ ସ୍ରଷ୍ଟାଙ୍କୁ ସୌନ୍ଦର୍ଯ୍ୟର ଆଧାର ଭାବରେ କଳ୍ପନା କରି ଉପାସନା କରନ୍ତି । ତେଣୁ ଆଧ୍ୟାତ୍ମିକତାର ଅଂଶ ମଧ୍ୟ ସୌନ୍ଦର୍ଯ୍ୟ । ଫଳତଃ ଦୁଇଟା ରୂପବାନ୍, ରୂପସୀ ରାଜକୁମାର, ରାଜକୁମାରୀଙ୍କର ଜୀବନ କାହାଣୀ 'ରାମାୟଣ-କାବ୍ୟ' ଆମମାନଙ୍କ ପକ୍ଷରେ କାବ୍ୟ ନ ହୋଇ, ଆଧ୍ୟାତ୍ମିକ ଗ୍ରନ୍ଥ. ଧର୍ମଗ୍ରନ୍ଥ ହୋଇ ରହିଛି । ଆଉ ଏଥିପାଇଁ ରାମଚନ୍ଦ୍ର ସ୍ୱୟଂ ଭଗବାନ ତଥା ସୀତା ସେହି ଭଗବାନଙ୍କ ଅର୍ଦ୍ଧାଙ୍ଗିନୀ ଭାବରେ ପୂଜିତ ହେଉଛନ୍ତି । ଏ ଦୁଇ ରାଜକୁମାର, ରାଜକୁମାରୀଙ୍କର ରୂପର ଯେ ଅପୂର୍ବ ରୂପ-ବର୍ଣ୍ଣନା ରାମାୟଣରେ ରହିଛି, ତା' ଏ ସନ୍ଦେଶ ଦେଉଛି ଯେ ବାଲ୍ମୀକିଙ୍କ ସୌନ୍ଦର୍ଯ୍ୟବୋଧ ମଧ୍ୟ ଥିଲା ଅତୀବ ଅଲୌକିକ—କାରଣ, ଏ ରୂପ 'ରୂପ-କଳ୍ପନା' ସାଧାରଣ ମସ୍ତିଷ୍କର ଉପଜ ହୋଇ ପାରେ ନା । ଏ ବାଲ୍ମୀକି ଆଧ୍ୟାତ୍ମିକ ଗୁଣସମ୍ପନ୍ନ ବ୍ୟକ୍ତି, ଏ ବାଲ୍ମୀକି ମହର୍ଷି, ଏହାଙ୍କର ଏ ସୌନ୍ଦର୍ଯ୍ୟବୋଧ ଯେ କାମଜଡ଼ିତ ନୁହେଁ, ଏ କଥାର ପ୍ରମାଣ ଋଷିଙ୍କର ନିଜ ପ୍ରଣୀତ ଆଧ୍ୟାତ୍ମିକତାଆଧାରିତ ଅଥଚ କାବ୍ୟ-କଳା-ସମୁଜ୍ଜ୍ୱଳିତ 'ରାମାୟଣ-କାବ୍ୟ' । ଅତଃ, ରୂପଧାରଣାକୁ ସବୁବେଳେ କାମ ଫଳିଷ୍ଟ ମନୋଭାବ ବୋଲି ଧାରଣା କରିବା ସଙ୍ଗତ ହେବ ନାହିଁ । ବରଂ

Digitized by srujanika@gmail.com

ଭେଦରେ, ସ୍ୱଭାବ ଭେଦରେ, ସଂସ୍କାରଭେଦରେ, ଅବସ୍ଥାଭେଦରେ ସୌନ୍ଦର୍ଯ୍ୟବୋଧ-ଭେଦ ଜନ୍ମ ନିଏ ।

ସୁଗ୍ରୀବ ତଥା ରାମଚନ୍ଦ୍ରଙ୍କ ମଧ୍ୟରେ ମିତ୍ରତା ହେଲା, ଋଷ୍ୟମୂକ ପର୍ବତରେ ପରସ୍ପରକୁ ସାହାଯ୍ୟ କରିବା ପାଇଁ । ବର୍ଷାକାଳ ବିତିଗଲା ପରେ ସୀତାଙ୍କ ଅନ୍ୱେଷଣ କରାହେବ, ଏହା ନିଶ୍ଚିତ ହେଲା । ବର୍ଷାକାଳ ବିତଗଲା, ଶରତ ଆସିଲା, ତଥାପି ସୁଗ୍ରୀବ ନିଶ୍ଚେଷ୍ଟ । ଏ ନିଶ୍ଚେଷ୍ଟତାର କାରଣ ଜାଣିବାପାଇଁ ରାମଚନ୍ଦ୍ର ଲକ୍ଷ୍ମଣଙ୍କୁ ସୁଗ୍ରୀବଙ୍କ ପାଖକୁ ପଠାଇଲେ । ଲକ୍ଷ୍ମଣ ସ୍ୱଭାବତଃ ଅନ୍ୟାୟପ୍ରତି ଉଗ୍ର । ସେ ଉଗ୍ରଭାବରେ ସୁଗ୍ରୀବଙ୍କ ଦ୍ୱାରଦେଶରେ ଆସି ଉପସ୍ଥିତ ହେଲେ । ଯୁବରାଜ ଅଙ୍ଗଦ ସମ୍ବାଦ ପଠାଇଲେ ଅନ୍ତଃପୁରକୁ, 'ବୀର ଲକ୍ଷ୍ମଣ ଉଗ୍ରଭାବରେ ଉପସ୍ଥିତ ।' ରୂପସୀ ତାରାଙ୍କ ବାହୁବନ୍ଧନରେ ଆବଦ୍ଧ ସୁଗ୍ରୀବଙ୍କ ଭୋଗ-ନିଶା ଛୁଟିଲା, ସୁଗ୍ରୀବ ବୁଝିଲେ ସମସ୍ୟା ଗୁରୁତର । ସେ ପ୍ରମାଦ ଗଣିଲେ । ଏ ଉପଗ୍ରହର (?) ଦୌରାତ୍ମ୍ୟରୁ ଆତ୍ମ ରକ୍ଷାର ଉପାୟ କଣ ? ସୁଗ୍ରୀବ ଚିନ୍ତିତ ହେଲେ । ଲକ୍ଷ୍ମଣଙ୍କ ସମ୍ମୁଖରେ ତାଙ୍କର ନିଜର ଉପସ୍ଥିତ ଯେ, ଏ ସମସ୍ୟାର ସମାଧାନର କାରଣ ହୋଇପାରେ ନା, ଏହା ସେ ବୁଝି ଥିଲେ । କାରଣ ସୁଗ୍ରୀବ ନିଜେ ଜଣେ ବିଦ୍ୱାନ୍ ତଥା ଚିନ୍ତାଶୀଳ ବ୍ୟକ୍ତି । ତେଣୁ ସେ ନିଜର ମନ୍ତ୍ରୀ ଭାବରେ ଯେଉଁ ବ୍ୟକ୍ତିଙ୍କୁ ମନୋନୀତ କରି ରଖିଛନ୍ତି, ସେ ହନୁମାନ ମଧ୍ୟ ଜଣେ ପରମ ବିଦ୍ୱାନ୍ ତଥା ବୁଦ୍ଧିମାନ୍ ବ୍ୟକ୍ତି । ବିଦ୍ୱାନ୍ ହିଁ ବିଦ୍ୱତ୍ତାର ମହତ୍ତ୍ୱ ବୁଝିପାରେ, ଗୁଣୀ ହିଁ ଗୁଣ ଚିହ୍ନିପାରେ । ମହାରାଜ ବିକ୍ରମାଦିତ୍ୟ ନିଜେ ବିଦ୍ୱାନ୍ ତଥା ବିଦ୍ୟାଗ୍ରାହୀ ହୋଇ ତାଙ୍କର ସଭା ସର୍ବଦା ନବରତ୍ନଙ୍କ ଦ୍ୱାରା ମଣ୍ଡିତ ହୋଇ ଶୋଭାୟମାନ ହେଉଥିଲା । ପୃଥିବୀର ମହାନ୍ କବି କାଳିଦାସ ଏ ନବରତ୍ନ ମଧ୍ୟରେ

Digitized by srujanika@gmail.com

ଉଜ୍ଜ୍ୱଳତମ ରତ୍ନ । ଆକବରଙ୍କର ରାଜପରିଷଦର ପ୍ରତ୍ୟେକ ଉଚ୍ଚସ୍ଥାନାଧିଷ୍ଠ ସଭ୍ୟ ପରମ ବିଦ୍ୱାନ୍; ଅବୁଲ୍ ଫଜଲ୍, ଫୈଜୀ, ରାଜା ତୋଡ଼ରମଲ୍ଲ, ତାନସେନ ଆଦି । ଏ ତାନସେନ ସର୍ବାପେକ୍ଷା ବେଶୀ ଖ୍ୟାତିସମ୍ପନ୍ନ । ପ୍ରାଗ୍‌ଐତିହାସିକ କାଳର "କାଳିଦାସ, ତଥା ଐତିହାସିକ କାଳର ତାନ୍‌ସେନ୍ ସର୍ବାପେକ୍ଷା ବେଶୀ ଖ୍ୟାତ । ଏହାହିଁ ପ୍ରମାଣ ଯେ ବିଦ୍ୟା ଯଦି କଳାର ଆଶ୍ରୟରେ ଗଢ଼ି ଉଠେ, ସେ ଲୋକଙ୍କର ମନକୁ ପ୍ରବଳଭାବରେ ତଥା ବିନାବାଧାରେ ସ୍ପର୍ଶ କରେ । ଆଜି ଏଭଳି ବିଦ୍ୟାଦାତା ଖ୍ୟାତିସମ୍ପନ୍ନ ହୋଇ ପଡ଼େ । ଏହାହିଁ କାରଣ ଯେ ଚତୁର୍ବେଦ ମଧ୍ୟରୁ ଯେ ସାମବେଦ ଅତି ଗୂଢ଼ ଦାର୍ଶନିକ ତତ୍ତ୍ୱର ଆଧାର, ସେ ସଙ୍ଗୀତମୟ ।

ସୁଗ୍ରୀବଙ୍କ ସଭାର ପ୍ରଖ୍ୟାତ ସଭ୍ୟଗଣ, ନଳ, ଜାମ୍ବୁବାନ, ସୁଷେଣ, ହନୁମାନ ଆଦି । ନଳ, ସ୍ଥାପତ୍ୟ-ବିଦ୍ୟାର ଅଗ୍ରଣୀ; ଜାମ୍ବୁବାନ, ମହାନ୍ କୂଟନୀତିଜ୍ଞ; ସୁଷେଣ; ପ୍ରବୀଣ ଶରୀରଶାସ୍ତ୍ରୀ; ହନୁମାନ, ଭାଷା ତଥା ଶାସ୍ତ୍ରାନୁଶୀଳନତାର ଜୀବନ୍ତ ପ୍ରତୀକ, ସୁଗ୍ରୀବଙ୍କ ପ୍ରଧାନ ମନ୍ତ୍ରଣା-ଦାତା । ରାମଚନ୍ଦ୍ର, ଋଷ୍ୟମୂକ ପର୍ବତ ନିକଟରେ, ପ୍ରଥମ ସାକ୍ଷାତରେ ହିଁ ହନୁମାନଙ୍କ ସଙ୍ଗରେ କଥୋପକଥନ କରି, ଅତଏବ ମୁଗ୍ଧ ହୋଇ ହନୁମାନଙ୍କର କଥାବାର୍ତ୍ତାର ସୁନ୍ଦର ପ୍ରଣାଳୀ, ପାଣ୍ଡିତ୍ୟପୂର୍ଣ୍ଣ ଭାଷା-ଦକ୍ଷତା, ତଥା ଶାସ୍ତ୍ରାନୁଶୀଳନର ପ୍ରଶଂସା ଲକ୍ଷ୍ମଣଙ୍କ ଆଗରେ କରୁଛନ୍ତି :—

"ନାନୃଗ୍‌ବେଦବିନୀତସ୍ୟ ନାଯଜୁର୍ବେଦଧାରିଣଃ ।
ନାସାମବେଦବିଦୁଷଃ ଶକ୍ୟମେବଂ ପ୍ରଭାଷିତୁମ୍ ॥"

"(ହନୁମାନ ଯେପରିଭାବରେ ଆମ ସଙ୍ଗରେ କଥାବାର୍ତ୍ତା କଲେ ସେଥିରୁ ଜଣା ପଡୁଛି ଯେ)......ଋଗ୍‌ବେଦ, ଯଜୁର୍ବେଦ, ସାମବେଦ ନ ଜାଣିବା ବ୍ୟକ୍ତି ଏପରି କରି ପାରେ ନା ।"

Digitized by srujanika@gmail.com

"ନୂନଂ ବ୍ୟାକରଣଂ କୃତ୍ସ୍ନମନେନ ବହୁଧା ଶ୍ରୁତମ୍ ।
ବହୁ ବ୍ୟାହରତାନେନ ନ କିଞ୍ଚିଦପଶବ୍ଦିତମ୍ ।"

"ସେ ନିଶ୍ଚୟ ସମ୍ପୂର୍ଣ୍ଣ ବ୍ୟାକରଣ ଶୁଣିଥିବେ (ଅର୍ଥାତ୍ ପଢ଼ିଥିବେ ।) କାରଣ ସେ ଯାହା କହିଲେ, ସେଥିରେ ଅଶୁଦ୍ଧି (ବ୍ୟାକରଣଗତ ଦୋଷ) ନ ଥିଲା ।"

ହନୁମାନଙ୍କ ସମ୍ବନ୍ଧରେ ରାମଚନ୍ଦ୍ରଙ୍କର ଏ ଉକ୍ତି ଶୁଣି ମଧ୍ୟ ଯଦି କେହି କହନ୍ତି ଯେ ହନୁମାନ ମନୁଷ୍ୟ ନୁହନ୍ତି, ବାନର, ଅରଣ୍ୟଚାରୀ ପଶୁବିଶେଷ, ତେବେ ଆମେ ସେ ମତକୁ ରାମଚନ୍ଦ୍ରଙ୍କର ମତ ଅପେକ୍ଷା ଶ୍ରେଷ୍ଠତା ଦେଇ ପାରିବୁ ନାହିଁ ।

ଏ ବୁଦ୍ଧିମାନ ସୁଗ୍ରୀବ ଉତ୍ତମଭାବରେ ଜାଣନ୍ତି ଯେ ଦୁଷ୍ଟ ମନକୁ ମଧ୍ୟ ଅପ୍ରସ୍ତୁତ କରିବାରେ ସ୍ତ୍ରୀପ୍ରୟୋଗ ସର୍ବୋତ୍କୃଷ୍ଟ ଉପଚାର । ଆଉ ଲକ୍ଷ୍ମଣ ତ ଶିଷ୍ଟସ୍ୱଭାବ- ସମ୍ପନ୍ନ ବ୍ୟକ୍ତି ; ତାଙ୍କୁ ଅପ୍ରସ୍ତୁତ କରିବା ତ ଅପ୍ରାୟସସାଧ୍ୟ କଥା । ତେଣୁ ସେ ଶେଷରେ ରୂପସୀ ତାରାଙ୍କୁ ଲକ୍ଷ୍ମଣଙ୍କ କ୍ରୋଧାଗ୍ନିର ପ୍ରଶମନ ପାଇଁ ପ୍ରେରଣ କଲେ ।

"ତତସ୍ତାରାଂ ହରିଶ୍ରେଷ୍ଠଃ ସୁଗ୍ରୀବଃ ପ୍ରିୟଦର୍ଶନାମ୍ ।
ଉବାଚ ହିତମବ୍ୟଗ୍ରସ୍ତ୍ରାସସମ୍ଭ୍ରାନ୍ତମାନସଃ ॥"

"(ପ୍ରଥମରେ ସୁଗ୍ରୀବ ଭୟ କଲେ ; ପରେ ନିଜକୁ ସମ୍ଭାଳି ନେଇ କହିଲେ), ବାନରଶ୍ରେଷ୍ଠ ସୁଗ୍ରୀବ ସୁନ୍ଦରୀ ତାରାକୁ ଆପଣାର ମଙ୍ଗଳକୁ ଲକ୍ଷ୍ୟରେ ରଖି, ଏକଥା କହିଲେ—"

"ଅଥବା ସ୍ୱୟମେବୈନଂ ଦ୍ରଷ୍ଟୁମର୍ହସି ଭାମିନି ।
ବଚନୈଃ ସାନ୍ତ୍ୱୟୁକ୍ତୈସ୍ତୁ ପ୍ରସାଦୟିତୁମର୍ହସି ॥"

"ଅଥବା, ହେ ଭାମିନି ! ତୁମେ ନିଜେ ଯାଅ, ଆଉ ତାଙ୍କୁ (ଲକ୍ଷ୍ମଣଙ୍କୁ) ବୁଝାଇ ସୁଝାଇ ଶାନ୍ତ କର ।"

Digitized by srujanika@gmail.com

କାରଣ— "ତ୍ୱଦ୍‌ଦର୍ଶନ ବିଶୁଦ୍ଧାତ୍ମା ନ ସ କୋପଂ କରିଷ୍ୟତି ।
ନହି ସ୍ତ୍ରୀଷୁ ମହାତ୍ମାନଃ କ୍ୱଚିତ୍‌କୁର୍ବନ୍ତି ଦାରୁଣମ୍ ।"

"ଲକ୍ଷ୍ମଣ ବିଶୁଦ୍ଧାତ୍ମା ; ତେଣୁ ସେ ତୁମକୁ ଦେଖି କୋପ କରିବେ ନାହିଁ । କାରଣ ମହାତ୍ମାମାନେ ସ୍ତ୍ରୀମାନଙ୍କ ପ୍ରତି କଠୋର ବ୍ୟବହାର କରନ୍ତି ନାହିଁ ।"

"ସ୍ତ୍ରୀ ସନ୍ନିକର୍ଷାଦ୍‌ବିନିବୃତ୍ତକୋପଃ ।"

"ସ୍ତ୍ରୀ-ସାନ୍ନିଧ୍ୟ ଲାଭ ହେବା ଫଳରେ ଲକ୍ଷ୍ମଣଙ୍କ କୋପ ନିବୃତ୍ତ ହେଲା ।" (ଅର୍ଥାତ୍ ତାଙ୍କୁ ଦେଖି ଲକ୍ଷ୍ମଣ ଶାନ୍ତ ହେଲେ ।)

ତାରା ଯେ ସୁନ୍ଦରୀ ରମଣୀ ଥିଲେ, ଏଥିରେ ସନ୍ଦେହ ନାହିଁ । ଏକେ ସେ ସ୍ତ୍ରୀ, ତା'ପରେ ସେ ସୁନ୍ଦରୀ । ସୁନ୍ଦରୀ ସ୍ତ୍ରୀ ଯେ ପୁରୁଷର ଦୁଷ୍ଟ ମନକୁ ମଧ୍ୟ ଅପ୍ରବୃତ୍ତ କରି ତାକୁ ପ୍ରେରଣା ଦେଇପାରେ, ଏକଥା ଯେତେବେଳେ ବର୍ଣ୍ୟ ରାଜା ସୁଗ୍ରୀବ ବୁଝି ଥିଲେ, ସେତେବେଳେ ସେଠା କେବେ କଣ ରବୀନ୍ଦ୍ରନାଥଙ୍କ ପରି ପରମ ଜ୍ଞାନୀଙ୍କ ପକ୍ଷରେ ବୁଝିବା କଠିଣ ହୁଅନ୍ତା ? ତେଣୁ ସେ ସୁନ୍ଦରୀ ସ୍ତ୍ରୀକୁ ସମସ୍ତ ପ୍ରକାର ବନ୍ଧନରୁ ମୁକ୍ତ ହୋଇ ଜଗତର କଲ୍ୟାଣାର୍ଥେ ଆତ୍ମପ୍ରକାଶ କରିବାକୁ ଆହ୍ୱାନ କରୁଛନ୍ତି ।

ସ୍ତ୍ରୀପ୍ରୟୋଗ (ସ୍ତ୍ରୀକୁ କୌଣସି ବିଶିଷ୍ଟ କାର୍ଯ୍ୟ ସାଧନ ପାଇଁ, ସେ କାର୍ଯ୍ୟ ରାଜନୀତିକ ହେଉ, ସାମାଜିକ ହେଉ, ଆଧ୍ୟାତ୍ମିକ ହେଉ, ଅସ୍ତ୍ରରୂପରେ ପ୍ରୟୋଗ କରିବା । ବିଶେଷଭାବରେ କେବଳ ରାଜନୈତିକ ଉଦ୍ଦେଶ୍ୟରେ ସ୍ତ୍ରୀପ୍ରୟୋଗର ଉଲ୍ଲେଖ ପୁରାଣାଦିରେ ରହିଛି ।) ଅତି ପ୍ରାଚୀନ କାଳରୁ ଏ ଦେଶରେ ରହିଛି । କେବଳ ଏ ଦେଶରେ ନୁହେଁ, ଅନ୍ୟାନ୍ୟ ଦେଶରେ ମଧ୍ୟ ସ୍ତ୍ରୀ ପ୍ରୟୋଗର

Digitized by srujanika@gmail.com

ପ୍ରଚଳନ ଥିବା କଥା ଇତିହାସରୁ ଜଣାପଡ଼େ । ଭାରତବର୍ଷର କୌଣସି ତ୍ୟାଗୀ ତପସ୍ୱୀ ଅଗ୍ରଣୀ ରାଷ୍ଟ୍ରର କୌଣସି ସମସ୍ୟାର ସମାଧାନ ପାଇଁ କଠିଣ ତପସ୍ୟା କରୁଥିଲେ । ଅର୍ଥାତ୍ କଠିଣ ଯତ୍ନ କରୁଥିଲେ ତ ସେଥିରେ ଦେବରାଷ୍ଟ୍ରରେ ଆତଙ୍କ ସୃଷ୍ଟି ହେଉଥିଲା ଦେବତାମାନଙ୍କରି ଅଯଥା ଆଶଙ୍କା ହେଉଥିଲା ଯେ କାଳେ ମର୍ତ୍ତ୍ୟବାସୀ କୌଣସି ରାଜା; ଏ ଅଗ୍ରଣୀଙ୍କର ବୁଦ୍ଧି, କୌଶଳର ଆଶ୍ରୟରେ ସ୍ୱର୍ଗପୁର ଆକ୍ରମଣ କରିବେ ।

ଏ ତପସ୍ୟାକୁ ଭେଣ୍ଡୁ ପଣ୍ଡ କରିବା ପାଇଁ ଦେବରାଜ ଇନ୍ଦ୍ର ସ୍ତ୍ରୀ ପ୍ରୟୋଗ କରୁଥିଲେ । ଏଥିପାଇଁ ତ ମେନକା ଋଷି ବିଶ୍ୱାମିତ୍ରଙ୍କ ତପୋଭଙ୍ଗ କଲେ । ଉର୍ବଶୀ ଅର୍ଯ୍ୟାବର୍ତ୍ତର ମହାନ୍ ଶକ୍ତିଶାଳୀ ରାଜା ପୁରୁରବାଙ୍କୁ ଅନେକ ଦିନ ପର୍ଯ୍ୟନ୍ତ ଆସକ୍ତ କରି ରଖିଲେ । ଏ ତ ଗଳ୍ପ ପ୍ରାଚୀନ କାଳର କଥା । ଆଧୁନିକ କାଳରେ ମଧ୍ୟ ଏପରି ଦୃଷ୍ଟାନ୍ତର ଅଭାବ ନାହିଁ । ଶୁଣିବାକୁ ମିଳେ, ରୁଷ-ଜାପାନ ଯୁଦ୍ଧ କାଳରେ ଅନେକ ଜାପାନୀ ରମଣୀ ରୁଷିଆର ବଡ଼ ବଡ଼ ସେନାପତିମାନଙ୍କୁ ବିବାହ କରି ଜାପାନ ବିରୁଦ୍ଧରେ ରୁଷିଆର ସମସ୍ତ ରହସ୍ୟ ଗୁପ୍ତଭାବରେ ଜାପାନକୁ ଜଣାଇ ଦେଉଥିଲେ । ଫଳତଃ ବୃହତ୍ ତଥା ଶକ୍ତିଶାଳୀ ରୁଷ ମଧ୍ୟ କ୍ଷୁଦ୍ର ଜାପାନକୁ ପରାଜିତ କରି ପାରିଲା ନାହିଁ । ପୃଥିବୀର ସର୍ବଶ୍ରେଷ୍ଠ ଗୁପ୍ତଚର ଜଣେ ଜର୍ମାନ ନାରୀ—ସେ ହେଉଛନ୍ତି ରୂପସୀ 'ମାତାହାରୀ' । ଏହାଙ୍କର ବିଚକ୍ଷଣ ବୁଦ୍ଧି, ଦୁଃସାହସିକତା, କାର୍ଯ୍ୟପଟୁତାରେ ପରାଜିତ ମନୋଭାବାପନ୍ନ ବିପକ୍ଷ ଦଳ, ଏହାଙ୍କୁ ଜ୍ୱଳନ୍ତ ଅଗ୍ନିରେ ନିକ୍ଷେପ କରି ହତ୍ୟା କରିଥିଲେ ।

ଯେ ନାରୀ ଏପରି ପ୍ରବଳଭାବରେ କାର୍ଯ୍ୟକୁଶଳ, ତାକୁ ଅଛିଣ୍ଡି କରି ରଖିବା କଣ ଠିକ୍ ହେବ ? ନାରୀ, କୁଶଳତାର ସହିତ କାର୍ଯ୍ୟ

Digitized by srujanika@gmail.com

ସାଧନ କରିପାରେ ବା କୁଶଳ କାର୍ଯ୍ୟର ନାଶର କାରଣ ମଧ୍ୟ ହୋଇପାରେ । କିନ୍ତୁ ଏଥିପାଇଁ ପୁରୁଷର କର୍ତ୍ତୃତ୍ୱ ଏକାନ୍ତଭାବରେ ଦାୟୀ । ତେଣୁ ଯେ ପୁରୁଷ ଉତ୍ତମ, ସେ ସ୍ତ୍ରୀକୁ ଅବଦ୍ଧ କରି ରଖିବାର ପକ୍ଷପାତୀ ହୋଇ ପାରେ ନା । ସ୍ତ୍ରୀକୁ ଅବଦ୍ଧ ନ କଲେ, ସେ ନଷ୍ଟ ହେବ, 'ଏ ଅଟେଙ୍କା କୁ ବା କାପୁରୁଷର ଲକ୍ଷଣ । ରାମଚନ୍ଦ୍ର ଯେତେବେଳେ ସୀତାଙ୍କୁ ଅରଣ୍ୟକୁ ସଙ୍ଗରେ ନେବାକୁ ଅମଙ୍ଗ ହେଲେ, ସୀତା ରାମଙ୍କ ପ୍ରତି ସେତେବେଳେ କଟୂକ୍ତି ପ୍ରୟୋଗ କରିଛନ୍ତି, ଏପରି କି ତାଙ୍କୁ ନପୁଂସକ ବୋଲି କହିଛନ୍ତି—

"କିଂ ତ୍ୱାଃମନ୍ୟତ ବୈଦେହଃ ପିତାମେ ମିଥିଳାଧିପଃ
ରାମ ଜାମାତରଂ ପ୍ରାପ୍ୟ ସ୍ତ୍ରିୟଂ ପୁରୁଷବିଗ୍ରହମ୍ ।"

"ଯଦି ମୋର ପିତା ମିଥିଳାଧିପ ଏହା ଜାଣିଥାନ୍ତେ ଯେ ତମର ଶରୀରଟା କେବଳ ପୁରୁଷର, ଅଥଚ ତୁମର ବ୍ୟବହାର ସ୍ତ୍ରୀଜନୋଚିତ, ତେବେ ସେ କଦାପି ତୁମକୁ ଜାମାତା ପଦରେ ବରଣ କରି ନ ଥାନ୍ତେ ।"

ଯେ ରାମଚନ୍ଦ୍ର ଅକ୍ଲେଶରେ ପ୍ରକାଣ୍ଡ ଶିବ-ଧନୁଷ ଭଙ୍ଗ କରି ସୀତାଙ୍କୁ ପ୍ରାପ୍ତ ହେଲେ, ସେ କେବେ ଜଣେ ନପୁଂସକ ହୋଇ ପାରନ୍ତି । । କିନ୍ତୁ ଯେ ବୀର ବୀର ହୋଇ ମଧ୍ୟ ସ୍ତ୍ରୀର ଅପହରଣ ଭୟରେ ତାକୁ ଅବଦ୍ଧ କରି ରଖିବାକୁ ଇଚ୍ଛା କରେ, ତାର ଶକ୍ତିକୁ, ସାମର୍ଥ୍ୟକୁ ପ୍ରକାଶିତ ହେବାକୁ ଦିଏ ନା, ସେ ତ ବୀର ହୋଇ ପାରେ ନା । ରାମଚନ୍ଦ୍ର ଜାଣନ୍ତି ଅରଣ୍ୟ ରାକ୍ଷସମାନଙ୍କ ଉତ୍ପାତରେ ବ୍ୟତିବ୍ୟସ୍ତ ଏବଂ ତା ହିଂସ୍ର ପଶୁସଙ୍କୁଳ, କଣ୍ଟକାକୀର୍ଣ୍ଣ, ତଥାପି ସେ ପତ୍ନୀ ସୀତାଙ୍କୁ, ରୂପସୀ ସୀତାଙ୍କୁ ଅରଣ୍ୟକୁ ସଙ୍ଗରେ ନେବାକୁ

Digitized by srujanika@gmail.com

କୁଣ୍ଠାବୋଧ କଲେ ନାହିଁ । କାରଣ ସେ ଜାଣୁଥିଲେ, ସୀତା ସର୍ବଶୁଭଗୁଣସମ୍ପନ୍ନା—ଏ ନିଜକୁ ନିଜେ ରକ୍ଷା କରିବାକୁ ପୂର୍ଣ୍ଣ ସମର୍ଥ,—ତାହାର ଅଧିକ ଶକ୍ତିର ଅଶ୍ରୟର ଆବଶ୍ୟକତା ଏହାଙ୍କ ପକ୍ଷରେ ଅନାବଶ୍ୟକ । ଆତ୍ମରକ୍ଷା ପାଇଁ ଗୃହନୀତ ବଳ ତୁଳନାରେ ଶାରୀରିକ ବଳ ନଗଣ୍ୟ । ଏ ଗୃହନୀତ ବଳର ବିକାଶ ଯେତେବେଳେ ସମ୍ଭବ ହୁଏ, ଯେତେବେଳେ ମନୁଷ୍ୟ, ସ୍ତ୍ରୀ ବା ପୁରୁଷ, ଆପଣାକୁ ପ୍ରକାଶ କରେ, ଆପଣାକୁ ପ୍ରଚ୍ଛନ୍ନ କରେ ନା । ସୂର୍ଯ୍ୟର ମହତ୍ତ୍ୱ, ସତ୍ତ୍ୱ ସେତେବେଳେ ଅନୁଭୂତ ହୁଏ, ଯେତେବେଳେ ସେ ପ୍ରକାଶିତ ହୋଇ ଆପଣାର ତେଜପୁଞ୍ଜଦ୍ୱାରା ଜଗତ ଚରାଚରକୁ ଅଭିଷିକ୍ତ କରେ । ସୂର୍ଯ୍ୟର ଅସ୍ତମିତ ହେବା ଅବସ୍ଥା ଅନ୍ଧକାରାବସ୍ଥା—ଅଜ୍ଞାନାନ୍ଧକାରାବସ୍ଥା । ସୀତାଙ୍କ ଯେ, ଅପହରଣ ହୋଇଛି, ତା' ସୀତାଙ୍କ ନିଜ ଦୋଷରୁ ନୁହେ, ରାମ ଲକ୍ଷ୍ମଣଙ୍କ ଅନୁପସ୍ଥିତ ହେତୁରୁ ।

ସୀତା ଯେ ଦୀର୍ଘ କାଳ ପର୍ଯ୍ୟନ୍ତ ରାବଣ ପରି ଅତ୍ୟାଚାରୀ ନାରୀ-ଲୋଲୁପ ଦୁଷ୍ଟର ସାନ୍ନିଧ୍ୟରେ ରହି, ଆତ୍ମରକ୍ଷା କରି ପାରିଲେ, ତାର ମୂଳରେ ରହିଛି ତାଙ୍କର ଆତ୍ମିକଶକ୍ତି, ଗୃହନୀତ ବଳ । ସେହା ଏଥିପାଇଁ ସମ୍ଭବ ହୋଇ ପାରିଲା ଯେ ସୀତା ନିଜର ଅନ୍ତର୍ନିହିତ ଯଥାର୍ଥ ସ୍ୱରୂପକୁ ପ୍ରକାଶ କରି ରାବଣକୁ ଅଭିଭୂତ କରି ପାରିଲେ । ଏଥିପାଇଁ ଆତ୍ମପ୍ରକାଶ ନାରୀ ପକ୍ଷରେ ପରମାବଶ୍ୟକ ।

ନାରୀର ଶରୀରକୁ ରକ୍ଷା କରିବା ପୁରୁଷର କର୍ତ୍ତବ୍ୟ, ଅନ୍ୟ ତାର ମନକୁ ରକ୍ଷା କରିବା ତାର ନିଜର କର୍ତ୍ତବ୍ୟ । ନାରୀର ଶାରୀରିକ ଶକ୍ତି ପୁରୁଷର ଶାରୀରିକ ଶକ୍ତିର ତୁଳନାରେ ସ୍ୱଭାବତଃ କ୍ଷୀଣ; ତେଣୁ ତାର ଶରୀର-ରକ୍ଷା ପାଇଁ ପୁରୁଷର ଶକ୍ତି ଆବଶ୍ୟକ ।

Digitized by srujanika@gmail.com

କିନ୍ତୁ ନାରୀର ଶକ୍ତି କ୍ଷୀଣ ବୋଲି ଭାବି ତାକୁ ସର୍ବଦା ପ୍ରଚ୍ଛନ୍ନ କରି ରଖିବା ଅର୍ଥ ତାର ଏହି କ୍ଷୀଣ ଶକ୍ତିକୁ କ୍ଷୀଣତର କରି ରଖିବା, ଏହା ପୁରୁଷର କାମ୍ୟ ହେବା ତ ଉଚିତ ନୁହେଁ । ଏ ସମ୍ବନ୍ଧରେ ଗଭୀର ଚିନ୍ତା କରି ଯଥାର୍ଥ ପନ୍ଥା ଅବଲମ୍ବନ କରିବା ଉଚିତ ହେବ । କ୍ଷେତ୍ର ବିଶେଷରେ ନାରୀ ଯେ ପୁରୁଷ ଅପେକ୍ଷା ଶରୀରରେ ଦୁର୍ବଳ, ଏ କଥା ମଧ୍ୟ ଭୁଲି ଗଲେ ଚଳିବ ନାହିଁ । ଅତି କ୍ଷେତ୍ର ବିଶେଷରେ କେବଳ ନାରୀର ପ୍ରଚ୍ଛନ୍ନତାର ଆଶ୍ରୟରେ ଯଦି ତାର ଶରୀର-ରକ୍ଷା ବ୍ୟବସ୍ଥା କରାଯାଏ, ତା' ଉଚିତ ହେବ । କିନ୍ତୁ ସର୍ବକ୍ଷେତ୍ରରେ ତା ଅନୁଚିତ ହେବ । ତା' ପରେ ନାରୀର ମନ ; ନାରୀର ମନ ସର୍ବତୋଭାବେନ ନାରୀର ଆୟତ୍ତାଧୀନରେ । ନାରୀ ଯଦି ବିଚଳିତମନା ହୁଏ ତାକୁ ଅବଦ୍ଧ କରି ରଖିଲେ ସେ ଯେ ସ୍ଥିରମନା ହୋଇ ଉଠିବ ; ଏହା ଯଥାର୍ଥ ଆଶା ନୁହେଁ । ନାରୀର ମନକୁ ଅଚଞ୍ଚଳ କରି ରଖିବାକୁ ହେଲେ-ପୁରୁଷର ଆତ୍ମିକ, ଶାରୀରିକ ବଳର ପ୍ରୟୋଜନୀୟତା ରହିଛି, ତାର ମନକୁ ପ୍ରଭାବିତ କରିବା ପାଇଁ—ଏଥିପାଇଁ ନାରୀର ପ୍ରଚ୍ଛନ୍ନତା ଯଥେଷ୍ଟ ନୁହେଁ । ନାରୀ ପ୍ରଚ୍ଛନ୍ନ ହୋଇ ରହିଲେ ମଧ୍ୟ ତା'ର ମନ କୁଚିନ୍ତାଗ୍ରସ୍ତ ହେବାର ସମ୍ଭାବନା ରହିଛି । ଅତି ଅହରହ କୁଚିନ୍ତାର କୁପରିଣାମ ଚରିତ୍ର ସ୍ଖଳନର ମୂଳ କାରଣ ସିଦ୍ଧ ହେବାରେ ଆଶଙ୍କାର ମାତ୍ରା ନଗଣ୍ୟ । ସୀତା ରାବଣ ପାଖରେ ଅପ୍ରଚ୍ଛନ୍ନ ଥିଲେ, ତଥାପି ସେ ଆପଣାକୁ ରକ୍ଷାକରି ପାରିଲେ ରାବଣର ଶାରୀରିକ ମାନସିକ ଉତ୍ପାତର ଦୌରାତ୍ମ୍ୟରୁ । ଅତି ଏ କଥାକୁ ଦୃଢ଼ଭାବରେ ସେ ପ୍ରକାଶ କଲେ ଅଗ୍ନିପରୀକ୍ଷା କାଳରେ—

"ଯଦ୍ୟହଂ ଗାତ୍ରସଂସ୍ପର୍ଶଂ ଗତାସ୍ମି ବିବଶା ପ୍ରଭୋ ।
କାମକାରୋ ନ ମେ ତତ୍ର ଦୈବଂ ତତ୍ରାପରାଧ୍ୟତି ॥"

Digitized by srujanika@gmail.com

"ପ୍ରଭୁ ! ମୁଁ ବିବଶ ଥିବାରୁ ରାବଣ ମୋର ଶରୀର ସ୍ପର୍ଶ କରି ପାରିଥିଲା । ମୋର ଇଚ୍ଛାରେ ସେ ମୋର ଶରୀର ସ୍ପର୍ଶ କରି ପାରି-ନାହିଁ; ଏଥିପାଇଁ ମୁଁ ଅପରାଧୀ ନୁହେଁ, ଦୈବ ଅପରାଧୀ ।"

"ମଦଧୀନଂ ତୁ ଯତ୍ତନ୍ମେ ହୃଦୟଂ ତ୍ୱୟି ବର୍ତ୍ତତେ ।
ପରାଧୀନେଷୁ ଗାତ୍ରେଷୁ କିଂ କରିଷ୍ୟାମ୍ୟନୀଶ୍ୱରୀ ॥"

"ମୋର ଅଧୀନରେ ଥିବା ମୋର ହୃଦୟ ତୁମ ପ୍ରତି ଅନୁରକ୍ତ ଥିଲା । କିନ୍ତୁ ମୋର ଶରୀର ପରାଧୀନ ଥିଲା, ଅତଃ ମୁଁ କଣ କରି ପାରନ୍ତି ?"

ସୀତା କହିବାକୁ ଚାହାନ୍ତି, ସେ ରାବଣ ଅପେକ୍ଷା ଶାରୀରିକ ଶକ୍ତିରେ ଦୁର୍ବଳ, ତେଣୁ ସେ ତାଙ୍କର ଶରୀରକୁ ସ୍ପର୍ଶ କରି ପାରିଲା । ଆଉ ତାଙ୍କର ଏ ଶରୀରକୁ ରାବଣର କବଳରୁ ରାମଚନ୍ଦ୍ରଙ୍କର ରକ୍ଷା କରିବାର ଉଚିତ ଥିଲା, ଆଉ ତା ସେ କରିଛନ୍ତି । କାରଣ, ତାଙ୍କର ଶରୀରଟା ରାମଚନ୍ଦ୍ରଙ୍କ ଅଧୀନ । କିନ୍ତୁ ତାଙ୍କର ମନ ତାଙ୍କର ନିଜର ଅଧୀନ । ଆଉ ତାଙ୍କର ଏ ମନ ରାମଚନ୍ଦ୍ରଙ୍କ ପ୍ରତି ସର୍ବଦା ଅନୁରକ୍ତ ରହିଛି । ତେଣୁ ସେ ନିଷ୍ପାପ, ରାବଣର ସମ୍ମୁଖରେ ସେ ଅପ୍ରଚ୍ଛନ୍ନ ହୋଇ ମଧ୍ୟ ସେ ନିଜର ମନକୁ ଅବିଚଳିତ ରଖି ପାରିଛନ୍ତି, ତେଣୁ ସେ ନିଷ୍ପାପ । ଅତଏବ ନାରୀର ପ୍ରଚ୍ଛନ୍ନତା, ତାର ଶାରୀରିକ ମାନସିକ ଆତ୍ମିକ ମଙ୍ଗଳର ସାଧନ ସିଦ୍ଧ ହୋଇ ପାରେ ନା ।

ଲକ୍ଷ୍ମଣଙ୍କ କୋପ ଯେ ତାରାଙ୍କୁ ଦର୍ଶନ କରିବାରେ ଶାନ୍ତଭାବ ପ୍ରାପ୍ତ ହେଲା, ତାର ମୂଳରେ ରହିଛି ସୌନ୍ଦର୍ଯ୍ୟବୋଧ । କିନ୍ତୁ ଏ ସୌନ୍ଦର୍ଯ୍ୟବୋଧ ତାଙ୍କୁ ଅଘାତ କରି ପାରିଲା ନାହିଁ । କାରଣ ଏ ସୌନ୍ଦର୍ଯ୍ୟବୋଧ କାମଜନିତ ନୁହେ, ଏ ଥିଲା କାମମୁକ୍ତ । କିନ୍ତୁ

Digitized by srujanika@gmail.com

ସୂର୍ପଣଖାର ସୌନ୍ଦର୍ଯ୍ୟ-ପ୍ରଦର୍ଶନରେ ଥିଲା କାମପ୍ରଚେଷ୍ଟା ଯା, ଲକ୍ଷ୍ମଣଙ୍କୁ ଗମ୍ଭୀରଭାବରେ ଆଘାତ କଲା । ଫଳତଃ ସୂର୍ପଣଖା ଅପମାନିତ ହେଲା ଅଥଚ ସୀତା ହେଲେ ସମ୍ମାନିତା । ଜଣେ ବିବାହିତା ନାରୀ, ପ୍ରବୃତ୍ତିର ପ୍ରବଳ ପ୍ରେରଣାକୁ ସଂଯତ କରିବାରେ ଅଭ୍ୟସ୍ତ, ଅନ୍ୟ ଜଣକ ସ୍ୱାମୀବିରହିଣୀ, ନାରୀ ପ୍ରବୃତ୍ତିର ବଶବର୍ତ୍ତୀ ହେବାପାଇଁ ସର୍ବଦା ଉତ୍କଣ୍ଠିତା । ଜଣକର ସୌନ୍ଦର୍ଯ୍ୟ ଚପଳତାର ସୀମା ଲଙ୍ଘନ କରି ଶାନ୍ତିର ନିକଟବର୍ତ୍ତୀ, ଅଥଚ ଅନ୍ୟ ଜଣକର ସୌନ୍ଦର୍ଯ୍ୟ ଉତ୍ତାଳ ତରଙ୍ଗାନ୍ଦୋଳିତ, ବର୍ଷାକ୍ତ ଜଳଚରପ୍ରାଣୀସଙ୍କୁଳ, ବେଗଜନିତ ଚପଳତାରେ ଅସ୍ଥିର, ଗମ୍ଭୀର ସାଗର ମଧ୍ୟରେ ସନ୍ତରଣ କରିବାକୁ ଉଦ୍‌ଗ୍ରୀବ । ତେଣୁ ଜଣଙ୍କୁ ସମାଦର କରି ଅନ୍ୟ ଜଣଙ୍କୁ ହତାଦର କରିବା ସଂଯତମନା ଲକ୍ଷ୍ମଣଙ୍କ ପକ୍ଷରେ ସ୍ୱାଭାବିକ ହୋଇଛି ।

ସୀତା ଯେ ସୁନ୍ଦରୀ ନାରୀ, ଏ କଥାର ଉଲ୍ଲେଖ ରାମାୟଣରେ ରହିଛି । ଆଉ ଏ ସୁନ୍ଦରୀ ନାରୀଙ୍କୁ ଲକ୍ଷ୍ମଣଙ୍କ କୋପ ପ୍ରଶମନ ପାଇଁ ଯେ ପ୍ରେରଣ କରାଯାଇଛି, ଏ କଥାର ଉଲ୍ଲେଖ ମଧ୍ୟ ରାମାୟଣରେ ରହିଛି । ଆଉ ଲକ୍ଷ୍ମଣ ଯେ ଏ ସୁନ୍ଦରୀ ନାରୀର ଆକସ୍ମିକ ଆବିର୍ଭାବରେ ଶାନ୍ତତା ପ୍ରାପ୍ତ କରିଛନ୍ତି, ଏ କଥାର ଉଲ୍ଲେଖ ମଧ୍ୟ ରାମାୟଣରେ ରହିଛି । ଏଥିରୁ, ଏ କଥା ଅତି ସ୍ପଷ୍ଟଭାବରେ ପ୍ରମାଣିତ ହେଉଛି ଯେ ସୌନ୍ଦର୍ଯ୍ୟ ଶାନ୍ତିର କାରଣ । ମହାତ୍ମାମାନେ ସ୍ତ୍ରୀମାନଙ୍କ ପ୍ରତି କଠୋର ବ୍ୟବହାର କରନ୍ତି ନାହିଁ, ଏ କଥାର ଉଲ୍ଲେଖ ମଧ୍ୟ ରାମାୟଣରେ ରହିଛି । ସ୍ତ୍ରୀର ସାନ୍ନିଧ୍ୟ ମହାତ୍ମାମାନଙ୍କର ସକଳ ପ୍ରକାର କୋମଳ-ପ୍ରବୃତ୍ତିକୁ ସଜାଗ ହେବା ପାଇଁ ପ୍ରେରଣା ଦିଏ; ତେଣୁ ମହାତ୍ମାମାନେ ସ୍ତ୍ରୀ ପ୍ରତି କଠୋର ବ୍ୟବହାର କରନ୍ତି ନାହିଁ । ଏହାର ମୂଳରେ ମଧ୍ୟ ରହିଛି ସେହି ଏକ କଥା—'ସ୍ତ୍ରୀର ରୂପ-ଯୌବନର ମନୁଷ୍ୟ ମନରେ ସାତ୍ତ୍ୱିକ ପ୍ରଭାବ ।"

Digitized by srujanika@gmail.com

ମହାତ୍ମା ଅର୍ଥ ଯେଉଁମାନଙ୍କ ଆତ୍ମା ମହାନ୍, ସେମାନେ ମହାତ୍ମା । ଏ ମହାନ୍ ଅର୍ଥ ଆକାର ପ୍ରକାରରେ ମହାନ୍ ନୁହେଁ, ଗୁଣରେ ମହାନ୍ । ମନୁଷ୍ୟର ଆତ୍ମା ଯେତେବେଳେ ମହାନ୍ ହୁଏ, ସେତେବେଳେ ଆତ୍ମାର ସମସ୍ତ ଲକ୍ଷଣ ଶ୍ରେଷ୍ଠତାକୁ ପ୍ରାପ୍ତ ହୁଏ । ଆତ୍ମାର ଲକ୍ଷଣ ହେଉଛି—

"ଇଚ୍ଛାଦ୍ୱେଷପ୍ରଯତ୍ନସୁଖଦୁଃଖଜ୍ଞାନାନ୍ୟାତ୍ମାନୋଲିଂଗମିତି ।"
(ନ୍ୟାୟ ଦର୍ଶନ)

"ଇଚ୍ଛା, ଦ୍ୱେଷ, ପ୍ରଯତ୍ନ, ସୁଖ, ଦୁଃଖ, ଜ୍ଞାନ ଆତ୍ମାର ଲିଙ୍ଗ (ଚିହ୍ନ) ।"

ଆତ୍ମା ଯେତେବେଳେ ସାତ୍ତ୍ୱିକ ସମ୍ପଦ ପାଇଁ ଇଚ୍ଛା କରେ, ଆତ୍ମୋନ୍ନତି ପାଇଁ ଦ୍ୱେଷ କରେ, ମଙ୍ଗଳର ଦର୍ଶନ ପାଇଁ ପ୍ରଯତ୍ନ କରେ, ଆଧ୍ୟାତ୍ମିକ ସୁଖ ଭୋଗକରେ, ଆତ୍ମୋନ୍ନତିରେ ବାଧା ପଡ଼ିଲେ ଦୁଃଖ କରେ, ଈଶ୍ୱର ପ୍ରାପ୍ତିପାଇଁ ଜ୍ଞାନାର୍ଜନ କରେ, ସେତେବେଳେ ସେ ହୁଏ ମହାତ୍ମା । କିନ୍ତୁ ଯେତେବେଳେ ସେ ବିଷୟଭୋଗ ପାଇଁ ଇଚ୍ଛା କରେ, ବିଷୟ-ଭୋଗରେ ବାଧା ପଡ଼ିଲେ ଦ୍ୱେଷ କରେ, ସାଂସାରିକ ସୁଖ ପାଇଁ ପ୍ରଯତ୍ନ କରେ, ସାଂସାରିକ ସୁଖକୁ ସୁଖ ମନେ କରେ, ସାଂସାରିକ ସୁଖର ଅଭାବରେ ଦୁଃଖ କରେ, ସାଂସାରିକ ଭୋଗ୍ୟବସ୍ତୁ ଲାଭାର୍ଥେ ଜ୍ଞାନୋପାର୍ଜନ କରେ, ସେତେବେଳେ ସେ ମହାତ୍ମା ନ ହୋଇ ହୁଏ ସାଧାରଣ ଲୋକ । ତେଣୁ, ରାମାୟଣ ଯେ ଲକ୍ଷ୍ମଣଙ୍କୁ ମହାତ୍ମା କହିବା ଦ୍ୱାରା ତାଙ୍କର ଆତ୍ମାର ସମସ୍ତ ଲକ୍ଷଣକୁ ଶ୍ରେଷ୍ଠତା ପ୍ରଦାନ କରିବାର ଇଚ୍ଛା କରିଛନ୍ତି, ଏ କଥା ଏଥିରୁ ସ୍ପଷ୍ଟ । ତେଣୁ

Digitized by srujanika@gmail.com

ଲକ୍ଷ୍ମଣଙ୍କ ସୁନ୍ଦରୀ ତାରାଙ୍କ ରୂପ ଦର୍ଶନରେ କାମବଶତଃ ଶାନ୍ତତା ପ୍ରାପ୍ତ ହେବା କଥା ଅନୁମାନ କରିବା ଅଯଥାର୍ଥ ହେବ । ରୂପ-ଦର୍ଶନରେ କାମଜନିତ ପ୍ରବୃତ୍ତି ଜାଗ୍ରତ ହେଲେ ମନୁଷ୍ୟ ଶାନ୍ତ ହୋଇପାରେ ନା—ଚଞ୍ଚଳ ହୋଇପଡ଼େ । ଲକ୍ଷ୍ମଣଙ୍କର ଏହା ହୋଇ ନ ଥିବାରୁ ତାଙ୍କର ସୌନ୍ଦର୍ଯ୍ୟବୋଧ ଯେ କାମାଶ୍ରିତ ନୁହେଁ, ଏ କଥା ସ୍ୱୀକାର କରିବାକୁ ହେବ ।

ସୌନ୍ଦର୍ଯ୍ୟବୋଧ ମାତ୍ରକେ କାମାଶ୍ରିତ ମନେ କରିବା ଅସଙ୍ଗତ । ସୌନ୍ଦର୍ଯ୍ୟବୋଧ ମନୁଷ୍ୟର ମନକୁ ସୃଷ୍ଟି ରଚନା ପାଇଁ ଉଦ୍‌ବୁଦ୍ଧ କରିବାର ଯେପରି ସାଧନ, ଠିକ୍ ସେହିପରି ସେ ଉକ୍ତ ମନକୁ ଅବସାଦ ଦୂର କରିବାର ମଧ୍ୟ ସାଧନ । ପରିବାରରେ ପତି ତ ସବୁବେଳେ ପତ୍ନୀର ସୌନ୍ଦର୍ଯ୍ୟ ଦର୍ଶନ କରେ, କିନ୍ତୁ ସେ ତ ସବୁବେଳେ କାମପ୍ରବୃତ୍ତ ହୁଏ ନା । ଏହା ଏଥିପାଇଁ ସମ୍ଭବ ହୁଏ ନା ଯେ ପତ୍ନୀର ସୌନ୍ଦର୍ଯ୍ୟ ସବୁବେଳେ ପତିକୁ କାମ ପ୍ରେରଣା ଦିଏ ନା । ସ୍ଥଳ ବିଶେଷରେ, ସମୟ ବିଶେଷରେ ପତିର ମନକୁ ଚଞ୍ଚଳ କରିବାରେ ଯେପରି ପତ୍ନୀର ସୌନ୍ଦର୍ଯ୍ୟ କାରଣ, ତଦ୍ରୂପ ପତିର ମନକୁ ଶାନ୍ତ ରଖିବାର ମଧ୍ୟ ସେ କାରଣ ।

ତେଣୁ, ସୌନ୍ଦର୍ଯ୍ୟକୁ ସ୍ୱଭାବତଃ କାମଜଡ଼ିତ ମନେ କରିବା ଅଯଥାର୍ଥ ।

ମାତା ସନ୍ତାନର ରୂପରେ ମୁଗ୍ଧ ହୁଏ, ସନ୍ତାନ ମାତାର ରୂପରେ ମୁଗ୍ଧ ହୁଏ; ପିତା, କନ୍ୟା-ସନ୍ତାନର ରୂପଲାବଣ୍ୟ ପ୍ରତି ଆକୃଷ୍ଟ ହୁଏ, ସୁନ୍ଦର ପିତାର ରୂପ ପ୍ରତି କନ୍ୟାର ରୂପବୋଧ ମଧ୍ୟ ରହେ; ଭାଇ ଭଉଣୀର ରୂପକୁ କେନ୍ଦ୍ରକରି ତା ପ୍ରତି ସ୍ନେହଶୀଳ

Digitized by srujanika@gmail.com

ହୁଏ; ଭଗ୍ନୀର ମସ୍ତିଷ୍କରେ ମଧ୍ୟ ଭାଇର ରୂପ ସମ୍ବନ୍ଧରେ ସ୍ପଷ୍ଟ ବ ସ୍ଥାନ ପାଏ, ରୂପସୀବଧୂର ଅନ୍ୱେଷଣରେ ଶ୍ୱଶୁର ମଧ୍ୟ ଚେଷ୍ଟିତ ହୁଏ, ଶାଶୂ ମଧ୍ୟ ରୂପବତୀ ବଧୂପାଇଁ ଲାଳାୟିତ ହୁଏ । ଏ ପ୍ରକାର ସୌନ୍ଦର୍ଯ୍ୟବୋଧର ମୂଳରେ ତ କାମ ବାସନାର କଳ୍ପନା ସଙ୍ଗତ କଳ୍ପନା ହେବ ନାହିଁ ।

ମାତା କନ୍ୟାର ରୂପଦର୍ଶନରେ ମଧ୍ୟ ଆନନ୍ଦ ପ୍ରାପ୍ତ ହୁଏ, ଭାଇ ଭାଇର ରୂପରେ ମଧ୍ୟ ମୁଗ୍ଧ ହୁଏ, ଭଗ୍ନୀ ଭଗ୍ନୀର ରୂପରେ ମଧ୍ୟ ମୁଗ୍ଧ ହୁଏ, ପିତା ପୁତ୍ରର ରୂପରେ ମୁଗ୍ଧ ହୁଏ । ଏ ମୁଗ୍ଧତା— ଏ ଆନନ୍ଦ ପ୍ରାପ୍ତିର ମୂଳତତ୍ତ୍ୱ କଣ କାମପ୍ରେରଣା ? —ଏମାନଙ୍କ ମଧ୍ୟରେ କଣ କାମୋପଭୋଗ ସମ୍ଭବ ?

ମନୁଷ୍ୟ ମସ୍ତିଷ୍କ ଶାନ୍ତ ନ ରହିଲେ, ତାର ବିକାଶ ସମ୍ଭବ ନୁହେଁ ବୋଲି ତାକୁ ବିକାଶୋନ୍ମୁଖ କରିବା ଉଦ୍ଦେଶ୍ୟରେ, ତାକୁ ଶାନ୍ତ କରିବା ପାଇଁ ସୌନ୍ଦର୍ଯ୍ୟ ଦର୍ଶନର ଆବଶ୍ୟକତା ରହିଛି, ଏଥିପାଇଁ ପ୍ରକୃତି ମନୁଷ୍ୟର ମସ୍ତିଷ୍କରେ ସୌନ୍ଦର୍ଯ୍ୟବୋଧକୁ ସ୍ଥାନ ଦେଇଛି । କିନ୍ତୁ ସୌନ୍ଦର୍ଯ୍ୟବୋଧର ବିକାଶ ସେତେବେଳେ କେବଳ ସମ୍ଭବ, ଯେତେବେଳେ ସୌନ୍ଦର୍ଯ୍ୟର ଅହରହ ଦର୍ଶନ ସମ୍ଭବ ହୁଏ, ଅହରହ ନହେଲେ ମଧ୍ୟ ସୌନ୍ଦର୍ଯ୍ୟରୁ ଦୂରତାବଲମ୍ବନ ଅନ୍ତତଃ ନ ହେବା ଉଚିତ । ସୌନ୍ଦର୍ଯ୍ୟ- ସନ୍ନ୍ୟାସ ସୌନ୍ଦର୍ଯ୍ୟ-ବିତୃଷ୍ଣା ପାଇଁ ଦାୟୀ । କୌଣସି ଗୋଟାଏ ପଦାର୍ଥ ପ୍ରତି ଆମ ମନରେ ଯେତେବେଳେ ବିତୃଷ୍ଣା ଆସେ, ସେ ପଦାର୍ଥ ପ୍ରତି ଆମ ମନରେ କାମନା ରହେ ନା, ସେ ପଦାର୍ଥ ପ୍ରତି ଆମ ମନରେ ବିତୃଷ୍ଣା ଆସେ । କାମନା ନ ରହିବା ଫଳରେ ତାର ସାନ୍ନିଧ୍ୟ ଆମ ପକ୍ଷରେ ଅସହ୍ୟ ହୋଇ ଉଠେ— ତା'ଠାରୁ ଦୂରତ୍ୱ ଆମକୁ ଶ୍ରେୟ ମନେ ହୁଏ । ଏ ଦୂରତ୍ୱ ଅବଲମ୍ବନ

Digitized by srujanika@gmail.com

ଦ୍ୱାରା ସେ ପଦାର୍ଥର ବାସ୍ତବ ଗୁଣ ବା ଦୁର୍ଗୁଣ ପ୍ରତି ଆମେ ଉଦାସୀନ ହେଉଁ । ଏ ଉଦାସୀନତା ସନ୍ନ୍ୟାସର ଲକ୍ଷଣ । କିନ୍ତୁ ଏ ସନ୍ନ୍ୟାସ ଚିନ୍ତା ଦ୍ୱାରା ଉଦ୍‌ବୁଦ୍ଧ ନୁହେଁ—ବିଚାରଶକ୍ତିହୀନତା ଦ୍ୱାରା କ୍ଲୁ-ପ୍ରେରିତ । ଯେ ସନ୍ନ୍ୟାସ ଜ୍ଞାନାଶ୍ରିତ, ତା ଶ୍ରେଷ୍ଠ, ଯେ ସନ୍ନ୍ୟାସ ଶ୍ମଶାନ ବୈରାଗ୍ୟ ତୁଲ୍ୟ କ୍ଷଣସ୍ଥାୟୀ; ତା ତ୍ୟାଜ୍ୟ । କାରଣ ଜ୍ଞାନ ହେବା ପରେ ପୁଣି ସନ୍ନ୍ୟାସରୁ ଫେରିବା ପାଇଁ ଏ କ୍ଷଣିକ ଅଜ୍ଞାନତାଜନିତ ସନ୍ନ୍ୟାସ ବାଧ୍ୟ କରେ ।

ସୌନ୍ଦର୍ଯ୍ୟର ଉଚିତ ଅଧ୍ୟୟନ ପାଇଁ ସୌନ୍ଦର୍ଯ୍ୟର ସାନ୍ନିଧ୍ୟ ଅତ୍ୟାବଶ୍ୟକ । ଗ୍ରହତାରାର ଯଥାର୍ଥ ଅଧ୍ୟୟନ ପାଇଁ ଗ୍ରହତାରାର ସାନ୍ନିଧ୍ୟ ଅଣୁବୀକ୍ଷଣ ଯନ୍ତ୍ର ଦ୍ୱାରା ଆବଶ୍ୟକ । ତା' ଯେ କୌଣସି ପ୍ରକାରର ହେଉନା କାହିଁକି; ଅଧ୍ୟୟନ ପାଇଁ ତା'ର ସାନ୍ନିଧ୍ୟ ଆବଶ୍ୟକ, ଏହା ନିଶ୍ଚିତ । ଘରକୋଣରେ ବସି ଗ୍ରହତାରାର ଚଳପ୍ରଚଳନ, ଅବସ୍ଥିତି ସମ୍ବନ୍ଧରେ ମତାମତ ଦେବା ବାତୁଳତା ମାତ୍ର । ସୌନ୍ଦର୍ଯ୍ୟରୁ ଦୂରରେ ରହି ସୌନ୍ଦର୍ଯ୍ୟର କୁ ବା ସୁ ପ୍ରଭାବ ସମ୍ବନ୍ଧରେ ମତ ଦେବା ତ ଠିକ୍ ହେବ ନାହିଁ । ସଂସ୍କୃତଭାଷାନଭିଜ୍ଞ ସଂସ୍କୃତରୁ ଦୂରରେ ରହି ତାକୁ ମୃତଭାଷା କହିବା ତ ବାତୁଳତା ମାତ୍ର । ଅନ୍ୟ ନିର୍ବିଚାରରେ ଏହାର ଫଳ ଧରିବା ବିଚାରବୁଦ୍ଧିହୀନତାର ଚିହ୍ନ ।

ଈଶ୍ୱର ସୃଷ୍ଟ ପ୍ରତ୍ୟେକ ପଦାର୍ଥର ମୂଳରେ କୌଣସି ନା କୌଣସି ମହତ୍ ଉଦ୍ଦେଶ୍ୟ ବା ଗୁଣ ରହିଛି—ଦୁର୍ଗୁଣ ନାହିଁ । ଆମର ବିଚାରଶକ୍ତିହୀନତାର କାରଣରୁ, ତାର ଉଚିତ ଉପଯୋଗ ନ କରି ପାରିବା ଫଳରେ ଆମେ ସେ ପଦାର୍ଥର ଦୁର୍ଗୁଣର କୁଫଳହିଁ ଭୋଗ କରିଥାଉଁ । ବିଷ ତ କଦାପି ଦୂଷିତ ପଦାର୍ଥ ନୁହେଁ । ଏହାର ଉଚିତ ପ୍ରୟୋଗ ନ ହେବା ଫଳରେ ଏ ଦୂଷିତ ହୋଇ

Digitized by srujanika@gmail.com

ଉଚିତ୍ନୁହେଁ । ସୁସ୍ଥଲୋକ ପକ୍ଷରେ ବିଷ ପ୍ରୟୋଗ ମୃତ୍ୟୁର କାରଣ— ଅସୁସ୍ଥ ଲୋକ ପକ୍ଷରେ, ରୋଗୀର ସନ୍ନିପାତ ଅବସ୍ଥାରେ ବିଷ ପ୍ରୟୋଗ ଜୀବନରେ କାରଣ । ତେଣୁ ବିଷକୁ ତ କଦାପି ସମ୍ପୂର୍ଣ୍ଣ ଭାବରେ ତ୍ୟାଗ କରାଯାଇ ପାରେ ନା । ରୋଗ ସମୟରେ ଏହାର ଅଭାବ ଯେ ବାଧିବ । ଠିକ୍ ସେହିପରି ସୌନ୍ଦର୍ଯ୍ୟର କୁପ୍ରଭାବ (ଦୁର୍ଗୁଣ) ସମ୍ବନ୍ଧରେ ଚିନ୍ତା କରି ତା'ଠାରୁ ଦୂରରେ ରହିବାର ଚେଷ୍ଟା କୁଚେଷ୍ଟା ମାତ୍ର । ବିଷ ଯେପରି ରୋଗୀର ସନ୍ନିପାତ ଅବସ୍ଥାରେ ଆବଶ୍ୟକ; ସୌନ୍ଦର୍ଯ୍ୟ ମଧ୍ୟ ସେହିପରି (ସୌନ୍ଦର୍ଯ୍ୟକୁ ବିଷତୁଲ୍ୟ ଗୋଟିଏ ଦୂଷିତ ପଦାର୍ଥ ମନେ କରାଗଲେ ମଧ୍ୟ) ସନ୍ତାନ ଧାରଣ କରିବା ପାଇଁ ନାରୀ ପକ୍ଷରେ ଆବଶ୍ୟକ । " ଗର୍ଭଧାରଣେର ଜନ୍ୟ ଯେ ସମସ୍ତ ଲକ୍ଷଣ୍ ସବ୍ଚେୟେ ଉପଯୋଗୀ ତାଇ ନାରୀର ରୂପ୍"— ଶରତ୍ଚନ୍ଦ୍ର । ପୁଣି ବିଷ ଯେପରି ସୁସ୍ଥ ଲୋକ ପକ୍ଷରେ ଅନାବଶ୍ୟକ, ସୌନ୍ଦର୍ଯ୍ୟ ସେହିପରି ସନ୍ନ୍ୟାସୀପକ୍ଷରେ (ସନ୍ତାନ କାମନା ନ ଥିବାରୁ) ଅନାବଶ୍ୟକ । ଏଥିପାଇଁ ହିଁ ଗୈରିକ-ବସନ-ଧାରଣ, ମସ୍ତକ-ମୁଣ୍ଡନ ଆଦି ସୌନ୍ଦର୍ଯ୍ୟବିହୀନ ତ୍ୟାଗଜନୋଚିତ ବେଶଭୂଷା ଧାରଣ କରିବାର ପ୍ରଥା ଶାସ୍ତ୍ରରେ ରହିଛି, ସନ୍ନ୍ୟାସୀମାନଙ୍କ ପାଇଁ ।

ସୌନ୍ଦର୍ଯ୍ୟ ପ୍ରତି ଆମର ପ୍ରବୃତ୍ତି ଅତି ପ୍ରବଳ, ସୌନ୍ଦର୍ଯ୍ୟ ପ୍ରତି ଆମର ପ୍ରବୃତ୍ତିର ଏଇ ଅତି ପ୍ରବଳତା ହିଁ ପ୍ରମାଣ ଯେ, ଆମ ପକ୍ଷରେ ଏହାର ଆବଶ୍ୟକତା ମଧ୍ୟ ଅତି ପ୍ରବଳ । ସନ୍ତାନ ପାଇଁ କାମ-ପ୍ରବୃତ୍ତିର୍ ଆବଶ୍ୟକତା ରହିଛି ବୋଲି କାମପ୍ରବୃତ୍ତିର ପ୍ରାବଲ୍ୟ ମଧ୍ୟ ଆମ ମନରେ ରହିଛି । ଏ ପ୍ରବୃତ୍ତି ଏତେ ପ୍ରବଳ ହୋଇ ନ ଥିଲେ ମନୁଷ୍ୟ ଏଥିପାଇଁ ଏତେ ବେଗରେ ପ୍ରବୃତ୍ତ ହୁଅନ୍ତା ନାହିଁ । ମନୁଷ୍ୟ ଯେତେବେଳେ କାମ-ପ୍ରବୃତ୍ତିରୁ ନିବୃତ୍ତ ହୁଏ, ସେ

Digitized by srujanika@gmail.com

ପଶ୍ଚାତ୍ପଦ ହେବେ । ଏ ପଶ୍ଚାତ୍ପଦ ହେବାହିଁ ପ୍ରମାଣ ଯେ ଏ ପ୍ରବୃତ୍ତି ମାରାତ୍ମକ ପ୍ରବୃତ୍ତି । ଅଥଚ ଏ ପ୍ରବୃତ୍ତିର ଭୟଙ୍କର ବେଗ ହିଁ ପ୍ରମାଣ ଯେ, ଏ ପ୍ରବୃତ୍ତିର ଆବଶ୍ୟକତା ମନୁଷ୍ୟ ପକ୍ଷରେ ଅପରିହାର୍ଯ୍ୟ । ଆଉ ଏ ଅପରିହାର୍ଯ୍ୟତା ମନୁଷ୍ୟର ମଙ୍ଗଳ ପାଇଁ (ସନ୍ତାନ ପ୍ରାପ୍ତି) ଆବଶ୍ୟକ ବୋଲି ପ୍ରକୃତି ସମସ୍ତଙ୍କୁ ସମଭାବରେ ଏହାକୁ ବାଣ୍ଟି ଦେଇଛି । ତେଣୁ ଯେ 'ରଙ୍ଗୀନ୍ କୁସ୍ଥାଣ୍ଡା', ଯେ ଅବଗୁର ସୌନ୍ଦର୍ଯ୍ୟ ପ୍ରତି ରହିଛି, ତାକୁ ଛନ୍ଦ କରି ସୌନ୍ଦର୍ଯ୍ୟ ପ୍ରକାଶମାନ ହୋଇ ଉଠିବା ଉଚିତ ।

ଏ କଥା ସ୍ୱୀକାର କରିବାରେ ସମ୍ଭବତଃ କେହି ଆପତ୍ତି କରିବେ ନାହିଁ ଯେ ବେଦ ମୁଖ୍ୟତଃ ଅଧ୍ୟାତ୍ମ ବିଦ୍ୟାର ଆଧାର, ଆଉ ଏହା ଅର୍ଷ ଗ୍ରନ୍ଥ । ଏ ଗ୍ରନ୍ଥ ଅର୍ଷ ହେଲେ ମଧ୍ୟ ଏହା ଋଷି-ପ୍ରଣୀତ ନୁହେଁ, ଋଷିଗଣ ଏ ଗ୍ରନ୍ଥର କେବଳ ମନ୍ତ୍ରଦ୍ରଷ୍ଟା । ଏ ଗ୍ରନ୍ଥ ଯେ କେବେ ଅଶ୍ଳୀଳତାର ପ୍ରଚାର କରି ପାରେ, ଏହା ସମ୍ଭବ ନୁହେଁ । ଏ ବେଦ କଣ କହୁଛନ୍ତି, ଶୁଣନ୍ତୁ······

"ସୁସଙ୍କାଶା ମାତୃମୃଷ୍ଟେବ ଯୋଷାବିସ୍ତନ୍ୱଂ କୃଣୁଷେ ଦୃଶେ କମ୍ ।
ଭଦ୍ରା ତ୍ୱମୁଷୋ ବିତରଂ ବ୍ୟୁଚ୍ଛ ନ ତତେ"ଅନ୍ୟା ଉଷସୋ ନଶନ୍ତ ।
—ଋଗ୍‌ବେଦ ।

"ଉଷା ଯେପରି (ତନ୍ୱଂ ଆବିଃ) ବିସ୍ତୃତ ପ୍ରଭାମୟ ଦେହକୁ ପ୍ରକଟ କରେ, (ବିତରଂ ବିଚ୍ଛୁତ) ଅନ୍ଧକାରକୁ ଦୂରକରି ଦିଏ, ସେହିପରି (ଉଷାଃ) ହେ ପ୍ରଭାତବେଳା ସଦୃଶ କମନୀୟ ନବଯୁବତି । (ଯୋଷା) ଦୁଇ କୁଳର ମିଳନର କାରଣ ତୁ (ସୁସଙ୍କାଶା) ଉତ୍ତମଭାବରେ ଶିକ୍ଷିତା ହୋଇ (ମାତୃମୃଷ୍ଟାଇବ) ମାତାଦ୍ୱାରା ଉତ୍ତମଭାବରେ ସ୍ନାନ, ଅନୁଲେପନ, ଅଳଙ୍କାର ତଥା

Digitized by srujanika@gmail.com

ଉତ୍ତମ ଶିକ୍ଷା ଦ୍ୱାରା ସୁଶୋଭିତ ହୋଇ (ଦୃଶେ) ଅନ୍ୟଙ୍କୁ ଦେଖିବା ପାଇଁ (ତନ୍ୱ) ନିଜ ଶରୀରକୁ (ଆବିଷ୍କୃଣୁଷେ) ପ୍ରକଟ କର । (ତ୍ୱମ୍) ତୁ (ଭଦ୍ରା) ମଙ୍ଗଳଯୁକ୍ତ ହୋଇ (ବାଧମାନା ବା ଉକ୍ଷା) ଆପଣାର ଗୁଣକୁ ପ୍ରକଟ କର । (ଅନ୍ୟା ଉଷସଃ) ଅନ୍ୟ ଜନମାନଙ୍କ କନ୍ୟାମାନେ ମଧ୍ୟ (ତତ୍) ସେ ରୂପାଦିକୁ (ନ ପଶ୍ୟନ୍ତି) ପ୍ରାପ୍ତ ନ ହୁଅନ୍ତୁ । (ଅର୍ଥାତ୍ ତୁ ସବୁଠାରୁ ବେଶୀ ସୁଶୋଭିତ ହୁଅ ।)

"ଏଷା ଦିବୋ ଦୁହିତା ପ୍ରତ୍ୟଦର୍ଶି ଜ୍ୟୋତିର୍ବସାନା ସମନା ପୁରସ୍ତାତ୍ ।

ଋତସ୍ୟ ପନ୍ଥାମନ୍ୱେତି ସାଧୁ ପ୍ରଜାନତୀବ ନ ଦିଶୋ ମିନାତି ।"

"(ଦିବଃ ଦୁହିତା) ଜ୍ୟୋତି ଦ୍ୱାରା ଜଗତକୁ ପରିପୂର୍ଣ୍ଣକାରିଣୀ ବା ପ୍ରକାଶମାନ ସୂର୍ଯ୍ୟ-କନ୍ୟା ସଦୃଶ ଉଷା ଯେପରି (ପ୍ରତି ଅଦର୍ଶି) ପ୍ରତ୍ୟକ୍ଷ ଦର୍ଶନ ଦିଏ, (ତଥା) (ପୁରସ୍ତାତ୍) ସମସ୍ତଙ୍କର ସମକ୍ଷରେ (ଜ୍ୟୋତି ବସାନଃ) ଜ୍ୟୋତି ଧାରଣ କରି (ଋତସ୍ୟ ପନ୍ଥାମ୍ ଅନୁଇତି) ସୂର୍ଯ୍ୟ-ମାର୍ଗରେ ଗମନ କରେ (ତଥା) (ପ୍ରଜାନତି ଇବ) ଜ୍ଞାନବତୀ ବିଦୁଷୀ ସଦୃଶ (ଦିଶଃ ନ ପ୍ରମିନାତି) ଅନ୍ୟ ଦିଗକୁ ଲୋପ କରେ ନାହିଁ (ଅର୍ଥାତ୍ ସବୁକୁ ପ୍ରକାଶିତ କରେ ରୂପରେ, ଗୁଣରେ), ଠିକ୍ ସେହିପରି (ଏଷା) ଏ (ଦିବଃ ଦୁହିତା) ଜ୍ଞାନବାନ ତେଜସ୍ୱୀ ପୁରୁଷର କନ୍ୟା ଅଥବା (ଦିବଃ ଦୁହିତା) ସମସ୍ତ କାମନା ପୂର୍ଣ୍ଣକାରିଣୀ (ଅଥବା ରମଣ କ୍ରିୟା) ଇଚ୍ଛୁକ କାମନାବାନ୍ ପତିର ଇଚ୍ଛାପୂର୍ଣ୍ଣକାରିଣୀ ନବବଧୂ (ସମନା ପୁରସ୍ତାତ୍) ଏକତ୍ରିତ ଜନସମୂହର ସମକ୍ଷରେ (ଜ୍ୟୋତିଃ) ସୁନ୍ଦର ବସ୍ତ୍ରାଭୂଷଣ (ବସାନ) ଧାରଣ କରି (ଅର୍ଥାତ୍ ସୁନ୍ଦର ବସ୍ତ୍ରାଭୂଷଣରେ ସଜ୍ଜିତ ହୋଇ)

Digitized by srujanika@gmail.com

(ପ୍ରତି ଅଦର୍ଶି) ପ୍ରତ୍ୟକ୍ଷ ପ୍ରଦର୍ଶିତ ହେଉ (ଅର୍ଥାତ୍ ତାଙ୍କୁ ସମସ୍ତେ ଦେଖନ୍ତୁ) ସେ (ରଭସ୍ୟ) ସତ୍ୟଜ୍ଞାନମୟ ବେଦୋପଦିଷ୍ଟ (ପନ୍ଥାମ୍) ମାର୍ଗର (ସାଧୁ) ଉତ୍ତମସ୍ୱଭାବରେ (ଅନୁଏତ) ଅନୁଗମନ କରୁ ।”

ସୁନ୍ଦର ବସ୍ତ୍ରାଭୂଷଣରେ ନିଜକୁ ସଜ୍ଜିତ କରି ରତିକ୍ରିୟାଇଚ୍ଛୁକ କେବଳ ନିଜର ସ୍ୱାମୀ ସମକ୍ଷରେ ନୁହେଁ, ଏକତ୍ରିତ ସମସ୍ତ ସୌନ୍ଦର୍ଯ୍ୟପିପାସୁ ଲୋକଙ୍କର ସମୂହରେ ନିଜକୁ ପ୍ରକାଶ କରିବା ପାଇଁ ବେଦ-ଭଗବାନ ନାରୀକୁ ଆଦେଶ ଦେଉଛନ୍ତି ।

ସୌନ୍ଦର୍ଯ୍ୟ-ପିପାସା ହେଉଛି, ସୌନ୍ଦର୍ଯ୍ୟବୋଧର କାରଣ । ଆଉ ସୌନ୍ଦର୍ଯ୍ୟବୋଧ ମାନସିକ ଶାନ୍ତିର କାରଣ । ମାନସିକ ଶାନ୍ତି ଇନ୍ଦ୍ରିୟବେଗ ଦମନର କାରଣ । ଇନ୍ଦ୍ରିୟବେଗ ଦମନ ବିଶ୍ୱ-କଲ୍ୟାଣର କାରଣ । ତେଣୁ ସୌନ୍ଦର୍ଯ୍ୟ ପିପାସା ମନୁଷ୍ୟ ପକ୍ଷରେ ସ୍ୱାଭାବିକ— ଆଉ ଏ ପିପାସାକୁ ଶାନ୍ତ କରିବା ପାଇଁ ସୌନ୍ଦର୍ଯ୍ୟ ଦର୍ଶନ ଆବଶ୍ୟକ । ଏ ଆବଶ୍ୟକତାର ପୂର୍ତ୍ତିର ନିର୍ଦ୍ଦେଶ ବେଦ ଉପରୋକ୍ତ ମନ୍ତ୍ରରେ ଦେଉଛନ୍ତି ।

ଏପରି ଭାବପୂର୍ଣ୍ଣ ଅନେକ ମନ୍ତ୍ରର ଦର୍ଶନ ହୁଏ ଋଗ୍‌ବେଦ ସଂହିତାରେ । ଉଷା ଯେପରି ସୁନ୍ଦର ସେପରି ସୁନ୍ଦରଭାବରେ ନିଜକୁ ସଜ୍ଜିତ କରି ଉଷାପରି ନିର୍ବିକାରଭାବରେ ନିଜକୁ ପ୍ରକାଶ କରିବା ପାଇଁ ଋଗ୍‌ବେଦ ନବଯୁବତୀଙ୍କୁ ବାରମ୍ବାର ଉପଦେଶ ଦେଇ ଆସିଛନ୍ତି । ଆଉ ତା’ ସଙ୍ଗେ ସଙ୍ଗେ ଏ କଥା ମଧ୍ୟ କହିଛନ୍ତି ଯେ, ସୌନ୍ଦର୍ଯ୍ୟ ସଙ୍ଗେ ସଙ୍ଗେ ଗୁଣକୁ ମଧ୍ୟ ପ୍ରକାଶ କରିବାକୁ ହେବ ।

ନିଜର ସ୍ୱାମୀର ପାଖରେ ନିଜର ସୁଶୋଭିତ ସଜ୍ଜିତ ଶରୀରକୁ ପ୍ରକାଶ କରିବାର ଯଥାର୍ଥତା ଯଥେଷ୍ଟ ରହିଛି, ଆଉ ଏହା ସ୍ୱାଭାବିକ

Digitized by srujanika@gmail.com

କଥା ମଧ୍ୟ । ଏଥିପାଇଁ ବେଦ ମଧ୍ୟ ଆଦେଶ ଦେଇଛନ୍ତି, କିନ୍ତୁ ଇତର ଜନ ସମକ୍ଷରେ ନିଜର ରୂପ-ପ୍ରକାଶନ ଗୋଟିଏ ଯୁବତୀ ପକ୍ଷରେ କେତେ ଦୂର ସମୀଚୀନ, ତା' ଚିନ୍ତାର ବିଷୟ । ତା' ପୂର୍ଣ୍ଣ ବେଦ, ଯେ ବେଦ ଜ୍ଞାନମୟ ହୋଇ ଥିବାରୁ ବେଦ, ଏପରି ଆଦେଶ ଦେଇଛନ୍ତି; ଏହା ମଧ୍ୟ ଚିନ୍ତାର ବିଷୟ ।

ଯେ ସୌନ୍ଦର୍ଯ୍ୟର ମହୀୟସୀ ଶକ୍ତି, ଆକାଶ ଅବନୀ, ଜଳସ୍ଥଳ, ବୃକ୍ଷଲତା, ଅରଣ୍ୟଉଦ୍ୟାନ, ଦେଶବିଦେଶ, ପୁଣ୍ୟାତ୍ମାପାପାତ୍ମା, ଧନୀଦରିଦ୍ର ସବୁକୁ ସମସ୍ତଙ୍କୁ ଆଚ୍ଛନ୍ନ କରି ରଖିଛି—ଯା'ର ଯୋଗ ଚରାଚର ସବୁକିଛି ବିସ୍ତୃତ, ତାକୁ ଉପେକ୍ଷା କରିବା ଅର୍ଥ ଜଗତର ଗୋଟାଏ ବିରାଟ ସତ୍ୟ ପ୍ରତି ଚକ୍ଷୁ ବନ୍ଦ କରିବା । ଏ ଚକ୍ଷୁବନ୍ଦ ତ ମନକୁ ଶାନ୍ତି ରଖି ପାରେ ନା—ଏହା ଯେ ଗୋଟାଏ ଅସ୍ୱାଭାବିକ ପ୍ରକ୍ରିୟା ହେବ । ଆମର ଚତୁର୍ଦ୍ଦିଗରେ ଯେ ସୌନ୍ଦର୍ଯ୍ୟ, ତେଣୁ ଆମେ ସୌନ୍ଦର୍ଯ୍ୟ-ଦର୍ଶନରେ ଅଭ୍ୟସ୍ତ । ଏ ଅଭ୍ୟାସ ଆମର ପ୍ରକୃତିଗତ—ଆମର ଏହା ସ୍ୱାଭାବିକ ଗୁଣ । ଏ ସ୍ୱାଭାବିକ ଗୁଣରୁ ମନକୁ ଆମେ କେତେଦିନ ବଞ୍ଚିତ କରି ରଖିପାରିବା ? ଏହାର ପ୍ରବଳ ପ୍ରେରଣା ଆମକୁ ଯେତେବେଳେ ଅସ୍ଥିର କରି ପକାଇବ, ଆମେ ହୁଏ ତ ସେତେବେଳେ ବାଧ୍ୟ ହୋଇ କୌଣସି ନା କୌଣସି ଅଶ୍ଳୀଳ ଉପାୟରେ ଏ ପ୍ରବୃତ୍ତିର ପ୍ରଶମନ ପାଇଁ ଚେଷ୍ଟିତ ହେବା, ଯା' ସେତେବେଳେ ଅନ୍ୟାୟ ହେବ । ଆଉ ଏ ଅନ୍ୟାୟ ସାମାଜିକ ଅଶାନ୍ତିର କାରଣ ହେବ । ତା' ଅପେକ୍ଷା କାହିଁକି ଆଗରୁ ଆମେ ସୌନ୍ଦର୍ଯ୍ୟ-ଦର୍ଶନର ସରଳ ଉପାୟର ଆଶ୍ରୟ ନ ନେବା ?

Digitized by srujanika@gmail.com

ତେଣୁ ବେଦ କହନ୍ତି, ନିଜର ସ୍ୱଭାବ ବିରୁଦ୍ଧରେ ଯୁଦ୍ଧ କରନା—ତା ସଙ୍ଗରେ ସନ୍ଧିସ୍ଥାପନ କର। ଏ ଯୁଦ୍ଧରେ ଜୟଲାଭ କରିବା ତୁମ ପକ୍ଷରେ ସମ୍ଭବ ନୁହେଁ, ଆଉ ଏ ଯୁଦ୍ଧରେ ତୁମେ ଜୟୀ ହେଲେ ମଧ୍ୟ ଏ ରକ୍ତପାତ ତ ମଙ୍ଗଳର ସୂଚକ ନୁହେ। ତେଣୁ, ତୁମେ ଯଦି କ୍ଷୁଧାର୍ତ୍ତ, ଅନ୍ନ ଭକ୍ଷଣ କର—ତୁମେ ଯଦି ତୃଷାର୍ତ୍ତ, ଜଳପାନ କର—ତୁମେ ଯଦି କାମପୀଡ଼ିତ, ଦାରଗ୍ରହଣ କର—ତୁମେ ଯଦି ସୌନ୍ଦର୍ଯ୍ୟପିପାସୁ, ସୌନ୍ଦର୍ଯ୍ୟଦର୍ଶନ କର। ପ୍ରକୃତିର ଏ ଆଦେଶକୁ ବେଦ ନିଜ ମୁହଁରେ ଶୁଣାଇଛନ୍ତି; କାରଣ, ପ୍ରକୃତି ପ୍ରକାଶ କରି ପାରେନା—ସେ ମୂକ। ବେଦ ପ୍ରକାଶ କରିପାରନ୍ତି। କାରଣ ସେ ବେଦ-ଜ୍ଞାନ। ଏଥିପାଇଁ ହିଁ ବେଦ ନବଯୁବତୀକୁ ଇତରଙ୍କ ସମ୍ମୁଖରେ ମଧ୍ୟ ନିଜର ରୂପବୈଭବକୁ ପ୍ରକାଶ କରିବାପାଇଁ ଅନୁମତି ଦେଇଛନ୍ତି।

ସୌନ୍ଦର୍ଯ୍ୟ-ବୋଧର ଏ ସୁସ୍ପଷ୍ଟ ତଥା ପରମ ଆବଶ୍ୟକ ତଥ୍ୟ ସମ୍ବନ୍ଧରେ ଅନଭିଜ୍ଞ ରହିବା ଅଜ୍ଞତା। ଏ ଅଜ୍ଞାନ 'ରଙ୍ଗୀନ କୁୟାଶା'। ଏ ଅଜ୍ଞାନର କାରଣରୁ ହିଁ ସୌନ୍ଦର୍ଯ୍ୟର (ନାରୀର) ଦୃଷ୍ଟି ଅବନତ ହେଉଛି। ଫଳତଃ ତାର ଭାଷା ମଧ୍ୟ ଅବରୁଦ୍ଧ ହୋଇ ରହିଛି। ଯେଉଁଠାରେ ଅଜ୍ଞାନତା, ସେଠାରେ ଭାଷାର ସ୍ଥାନ କାହିଁ? ମୂର୍ଖ ବ୍ୟକ୍ତିର ପ୍ରକାଶ କରିବାର ଯୋଗ୍ୟତା ତ ଥାଏ ନା। ଆଉ ଯେ ଅଜ୍ଞାନ, ସେ ମୁହଁ ଟେକି ତ ଚାଲି ପାରେ ନା—ଦୃଷ୍ଟି ସେ ଅବନତ କରିବାକୁ ବାଧ୍ୟ। ତେଣୁ ରବୀନ୍ଦ୍ରନାଥ କହୁଛନ୍ତି, ନାରୀ, ତୁମେ ସୁନ୍ଦରୀ। ଏହା ତୁମର ଅଭିମାନର ସାମଗ୍ରୀ। ତେଣୁ, ନିଜ ସମ୍ବନ୍ଧରେ ତୁମର ନିଜର ଅଜ୍ଞାନତା ଦୂରକର। ଫଳତଃ ତୁମେ ନିଜକୁ ସ୍ପଷ୍ଟଭାବରେ ପ୍ରକାଶ କରି ପାରିବ—ତୁମେ ବାକ୍-ଶକ୍ତି

Digitized by srujanika@gmail.com

ପାଇପାରିବ । ଆଜ ତୁମର ଏ ଅସ୍ପଷ୍ଟପ୍ରକାଶ ସମାଜର, ରାଷ୍ଟ୍ରର ମଙ୍ଗଳର କାରଣ ସିଦ୍ଧ ହେବ । ତେଣୁ ତୁମେ "ସ୍ବନ୍ଧକର ରଙ୍ଗୀନ୍ କୁୟାଶା, ଅବନତ ଦୃଷ୍ଟିର୍ ଆବେଶ, ଏଇ ଅବରୁଦ୍ଧ ଭାଷା, ଏଇ ଅବଗୁଣ୍ଠିତ ପ୍ରକାଶ ।"

"ସଘନ୍ ଲଜ୍ଜାର୍ ଛାୟା
ତୋମାରେ ବେଷ୍ଟନ କରେ
ଦାଁଡ଼ାୟେଛେ ଅସ୍ପଷ୍ଟେର ମାୟା
ଶତ ପାକେ
ଯେ ହୃଦୟେ ସୌନ୍ଦର୍ଯ୍ୟେରେ କରେଛେ ଅବାଧ
ଅପ୍ରକାଶେ ହୟେଛେ ଅଶୁଚି ।"

କେବଳ ଅଙ୍ଗ-ସୌଷ୍ଠବ ନାରୀ ବା ନରର ସୌନ୍ଦର୍ଯ୍ୟର ଠିକ୍ ପରିମାପକ ନୁହେ । ଗୁଣବିନା ରୂପ ନିଃସ୍ୱ—ମଳିନ । କିଂଶୁକର ସୌନ୍ଦର୍ଯ୍ୟ ଅଛି ସତ; ମନୁଷ୍ୟ ତାର ସୌନ୍ଦର୍ଯ୍ୟ ପ୍ରତି ମୁଗ୍ଧ ହୁଏ, ଏହା ମଧ୍ୟ ସତ; କିନ୍ତୁ କିଂଶୁକ ବୃକ୍ଷ ଆଣି ମନୁଷ୍ୟ ନିଜ ଉଦ୍ୟାନରେ ତ ରୋପଣ କରେ ନା । ଦୂରରୁ କେବଳ ତାର ସୌନ୍ଦର୍ଯ୍ୟ ଦେଖି ମନୁଷ୍ୟ ମୁଗ୍ଧ ହେବାକୁ ଚାହେଁ—ଏ ସୌନ୍ଦର୍ଯ୍ୟ ସଙ୍ଗରେ ସେ ଅନ୍ତରଙ୍ଗତା ସ୍ଥାପନ କରି ପାରେ ନା । ଯେ ଆଦର ଗୋଲାପ ପାଏ, ସେ ଆଦର ତ କିଂଶୁକ ପାଏ ନା । ପ୍ରଥମ ଦର୍ଶନରେ ହଠାତ୍ ହୁଏତ ପୁରୁଷ ନାରୀର ସୌନ୍ଦର୍ଯ୍ୟ ପ୍ରତି ମୁଗ୍ଧ ହୋଇପଡ଼େ । କିନ୍ତୁ ଯେତେବେଳେ ସେ ଜାଣେ ଯେ ଏ ନାରୀ ଭ୍ରଷ୍ଟା, ସେତେବେଳେ ସେ ତ ଆଉ ତାର ସାନ୍ନିଧ୍ୟ କାମନା କରେନା—ତାକୁ ନିଜର ଜୀବନ-ସଙ୍ଗିନୀ କରିବାକୁ ଉତ୍ସାହ ପ୍ରକାଶ କରେ ନା । ହିଁ, ଏହା ସମ୍ଭବ ଯେ ସୁନ୍ଦରୀ ଅଥଚ ଭ୍ରଷ୍ଟା ନାରୀକୁ

Digitized by srujanika@gmail.com

ମଧ୍ୟ ଅଙ୍ଗୀକାର କରିବାକୁ ଲୋକ ଅଛନ୍ତି । କିନ୍ତୁ ଏହା ସେମାନେ କରନ୍ତି, ଯେଉଁମାନଙ୍କର ସୌନ୍ଦର୍ଯ୍ୟବୋଧ ଇନ୍ଦ୍ରିୟଲାଳସା ପର୍ଯ୍ୟନ୍ତ କେବଳ ସୀମିତ—ଅଧିକ ବିକାଶଠାରୁ ଦୂରସ୍ଥିତ ।

ତେଣୁ ନାରୀ ସେତେବେଳେ କେବଳ ସମ୍ପୂର୍ଣ୍ଣ ସୁନ୍ଦରୀ ହୋଇ ପାରିବ, ଯେତେବେଳେ ସେ ସର୍ବଗୁଣାଳଂକୃତା ହୋଇ ପାରିବ । ଏଥିପାଇଁ ହିଁ ସୀତା ପରମ ସୁନ୍ଦରୀ; ଦ୍ରୌପଦୀ କୃଷ୍ଣା ହେଲେ ମଧ୍ୟ ରୂପସୀ, ରାଧା ତପ୍ତକାଞ୍ଚନବର୍ଣ୍ଣସମ୍ଭୂତା ନ ହେଲେ ମଧ୍ୟ ସୁନ୍ଦରୀ; ଅତି ରୂପବାନ ତଥା ରାଜରାଜେଶ୍ୱର ଶ୍ରୀକୃଷ୍ଣଙ୍କ ଅତି ପ୍ରିୟବଲ୍ଲଭୀ । କଣ ଭାରତବର୍ଷରେ ସୀତା, ଦ୍ରୌପଦୀ, ରାଧା ପରି ଆଉ କେହି ରୂପସୀ ନ ଥିଲେ ? କଣ ସ୍ରଷ୍ଟା କେବଳ ଏ ତିନି ଜଣଙ୍କୁ ସୁନ୍ଦରୀ କରି ଗଢ଼ିବାରେ ତାଙ୍କର ସମସ୍ତ କଳାନୈପୁଣ୍ୟର ପରାକାଷ୍ଠା ପ୍ରଦର୍ଶନ କରି ତାକୁ ସମାପ୍ତ କରି ଦେଲେ ? ଯୁଗ ଯୁଗ ଧରି ଯେ ଅନେକ କବି, ଦାର୍ଶନିକ, ଆଚାର୍ଯ୍ୟ, ମନୀଷୀ ଅନ୍ୟ କାହାରିର ସେତେ ନୁହେ ଯେତେ ଏମାନଙ୍କର ସୌନ୍ଦର୍ଯ୍ୟର ଯଶୋଗାନ କରି ଆସିଛନ୍ତି, ତାର ମୂଳରେ କଣ ଏମାନଙ୍କର କେବଳ ଅଙ୍ଗ-ସୌଷ୍ଠବ ରହିଛି ? ନା,' ତା ହୋଇ ପାରେ ନା । ଏମାନେ ଏଥିପାଇଁ ପରମ ସୁନ୍ଦରୀ ଯେ, ଏମାନଙ୍କର ସୌନ୍ଦର୍ଯ୍ୟ-ସ୍ୱର୍ଣ୍ଣ ଗୁଣର ପ୍ରଜ୍ଜ୍ୱଳିତ ଅଗ୍ନିରେ ପୋଡ଼ିହୋଇ ଦୀପ୍ତିମାନ ହୋଇ ଉଠିଛି ।

ଲଜ୍ଜା ନାରୀର ଭୂଷଣ, ସେହା ତାର ଶ୍ରୀ—ସୌନ୍ଦର୍ଯ୍ୟ । ଲଜ୍ଜାହୀନା ନାରୀ ସୁନ୍ଦରୀ ହୋଇ ପାରେ ନା । ଶାନ୍ତଚିତ୍ତ, ସୁଶୀଳ, ଚରିତ୍ରବାନ ପୁରୁଷ ଲଜ୍ଜାହୀନା ସ୍ତ୍ରୀକୁ ସ୍ୱୀକାର କରିପାରେନା, ଅନ୍ୟ ଯେ ସ୍ୱୀକାର କରେ, ସେ ତ ତାର ସୌନ୍ଦର୍ଯ୍ୟ ଅନୁଭବ କରିବାପାଇଁ ତା କରେନା, ସୌନ୍ଦର୍ଯ୍ୟର ଅବମାନନା କରିବା ପାଇଁ ସେ ତା କରେ । ଅର୍ଥାତ୍

Digitized by srujanika@gmail.com

କେବଳ ତାକୁ ଭୋଗକରିବା ପାଇଁ ସେ ତା କରେ—ଲମ୍ପଟ ପୁରୁଷ ସିନା ବେଶ୍ୟାଗମନ କରେ । ମନର ଶାନ୍ତ ଅବସ୍ଥାରେ ମଧ୍ୟ ଯେତେବେଳେ ଲକ୍ଷ୍ମଣ ରୂପସୀ ଅଥଚ ଲଜ୍ଜାହୀନା ସୂର୍ପଣଖାର ସାନିଧ୍ୟଲାଭ କରିବାକୁ ଯାଉଛନ୍ତି; ସେତେବେଳେ ତା'ଠାରୁ ସେ ଦୂରବର୍ତ୍ତୀ ହେବାକୁ ଚେଷ୍ଟା କରୁଛନ୍ତି, ତାକୁ ପ୍ରତ୍ୟାଖ୍ୟାନ କରି । ଅଥଚ କ୍ଷୁବ୍ଧ ଅବସ୍ଥାରେ ଏହି ଲକ୍ଷ୍ମଣ ଯେତେବେଳେ ତାରାର ସମ୍ମୁଖୀନ ହେଉଛନ୍ତି, ସେ ତାରାଙ୍କୁ ଦେଖି ଚଞ୍ଚଳ ହେବା ପରିବର୍ତ୍ତେ ସାନ୍ତ୍ୱନା ପ୍ରାପ୍ତ ହେଉଛନ୍ତି; ଯେହେତୁ ତାରା କେବଳ ରୂପସୀ ନୁହନ୍ତି,—ବିଦୁଷୀ ଗୁଣବତୀ । ତେଣୁ ଲଜ୍ଜାବତୀ ।

ଲଜ୍ଜା ନାରୀର ଶାରୀରିକ, ମାନସିକ ସୌନ୍ଦର୍ଯ୍ୟର ଶ୍ରୀବୃଦ୍ଧି ପାଇଁ ଅବଶ୍ୟକ । ଏ ଲଜ୍ଜାକୁ ଭୂଷଣ ମନେ କରି ନାରୀ ଧାରଣ କରିବା ଉଚିତ । କିନ୍ତୁ ସେ ଲଜ୍ଜା ଯଦି 'ଅସ୍ପଷ୍ଟ ମାୟା', ପ୍ରଚ୍ଛନ୍ନ କପଟତାଦ୍ୱାରା ଆବୃତ ହୋଇ ନାରୀକୁ ଅବଶ କରିପକାଏ, ତାକୁ ଅବଷ୍ଟ କରି ରଖେ, ନାରୀର ଯେ ସୌନ୍ଦର୍ଯ୍ୟ ସମାଜର ମଙ୍ଗଳପାଇଁ ପରମ ଅବଶ୍ୟକ, ତା ଯଦି ଏତଦ୍ଦ୍ୱାରା ଅଚଳ ହୋଇପଡ଼େ; ଯେ ଲଜ୍ଜା ନାରୀର ଭୂଷଣ, ସେ ଯଦି ନାରୀର ଅକଲ୍ୟାଣର କାରଣ ସିଦ୍ଧ ହୁଏ, ତେବେ ସେପରି ଲଜ୍ଜାର ବା ମୂଲ୍ୟ କଣ ?

ବୃଥାରେ ଲଜ୍ଜ୍ୟାର ଗୁଣଗାନ କରି, ଲଜ୍ଜା ନାରୀର ଭୂଷଣ, ଏ କଥାର ଦୋହାଇ ଦେଇ ନିଜର ଦୁର୍ନୀତି କୁଚେଷ୍ଟାକୁ ରୂପ ଦେବା ଲାଗି ନାରୀକୁ ବାଗଜାଲଦ୍ୱାରା ଅବରୁଦ୍ଧ କରି ପକାଇବା, ମୋହିତ କରି ରଖିବା, ତାକୁ ପ୍ରକାଶିତ ହେବାକୁ ନ ଦେବା ଅର୍ଥ ନାରୀପ୍ରତି ତାର ସୌନ୍ଦର୍ଯ୍ୟ ପ୍ରତି, ତାର ମହତ୍ତ୍ୱ ପ୍ରତି ଅବିଚାର, ଅତ୍ୟାଚାର କରିବା । ପୁରୁଷ ନାରୀର ଅଯଥା ଗୁଣଗାନ କରି ତାର ସୌନ୍ଦର୍ଯ୍ୟକୁ

Digitized by srujanika@gmail.com

ମୋହଦ୍ୱାରା ଅଚ୍ଛନ୍ନ କରି ଦେଉଛି । ତେଣୁ ତା ପ୍ରକାଶିତ ହୋଇ-ନ ପାରିବା ଫଳରେ ଅବିଳ ହୋଇ ପଡ଼ୁଛି । ସ୍ରୋତଜଳ ଏଥି-ପାଇଁ ସ୍ୱଚ୍ଛ ଯେ ତା ପ୍ରବାହମାନ । ପୁଷ୍କରଣୀ-ଜଳ ଏଥିପାଇଁ ଅବିଳ ଯେ ତା ଅବଦ୍ଧ । ଗୃହାଭ୍ୟନ୍ତରର ଅବଦ୍ଧ ବାୟୁ ଏଥିପାଇଁ ଅଶୁଦ୍ଧ ଯେ ତା ସ୍ୱାସ୍ଥ୍ୟ ପକ୍ଷରେ ଅହିତକର । ମୁକ୍ତ ବାୟୁ ଏଥିପାଇଁ ଶୁଦ୍ଧ ଯେ ଏହା ସ୍ୱାସ୍ଥ୍ୟପକ୍ଷରେ ହିତକର । ସୌନ୍ଦର୍ଯ୍ୟ ଯଦି ଅବଦ୍ଧ ହୋଇ ରହେ—ପ୍ରାକୃତିକ ଗୁଣରୁ ସେ ବଞ୍ଚିତ ହେବା କାରଣରୁ, ପ୍ରକୃତିର ମଧୁର ସ୍ପର୍ଶ ସେ ନ ପାଇ ପାରିବା ହେତୁରୁ, ଅଶୁଦ୍ଧ ଅର୍ଥାତ୍ ବ୍ୟବହାରର ଅନୁପଯୋଗୀ ହୋଇ ପଡ଼ିବ ।

'ଅସ୍ପଷ୍ଟେର ମାୟା', ନିଜ ସମ୍ବନ୍ଧରେ ନିଜର ଅନଭିଜ୍ଞତା ହିଁ ଅସ୍ପଷ୍ଟତା; ଅଉ ମିଥ୍ୟା ହିଁ ମାୟା । ନାରୀର ଏ ଅନଭିଜ୍ଞତା ମିଥ୍ୟା ଜନିତ । ନାରୀପ୍ରତି ପୁରୁଷର ସ୍ତବ ଗାନହିଁ ମୋହ । ଏ ମୋହ ନାରୀକୁ ଅଚ୍ଛନ୍ନ କରି ରଖିଥିବାରୁ ସେ ନିଜକୁ ଉଚିତ ରୂପରେ ଚିହ୍ନି ପାରୁ ନାହିଁ; ତେଣୁ ତାର ନିଜ ସମ୍ବନ୍ଧରେ ନିଜର ଅନଭିଜ୍ଞତା ରହୁଛି । ଫଳତଃ ସ୍ତ୍ରୀ ପୁରୁଷର କେବଳ ଏକାନ୍ତ ଭୋଗ ସାମଗ୍ରୀ ହୋଇ ରହୁଛି । ସ୍ତ୍ରୀ ମଧ୍ୟ ନିଜେ ନିଜକୁ ପୁରୁଷର କେବଳ ଅଙ୍କଶାୟିନୀ ମନେକରି ବସିଛି । ତେଣୁ ସେ ପୁରୁଷର ଅନ୍ୟାୟ ଆଦେଶକୁ ମଧ୍ୟ ଶିରୋଧାର୍ଯ୍ୟ କରୁଛି; ପୁରୁଷର ବାଞ୍ଛା ନିତାନ୍ତ ଅନ୍ଧଭାବରେ ସେ ସ୍ୱୀକାର କରୁଛି; ଅଉ ତାକୁ କେବଳ ତୁଷ୍ଟ କରିବାପାଇଁ ନିଜର ପ୍ରକାଶୋନ୍ମୁଖ ସୌନ୍ଦର୍ଯ୍ୟକୁ ଅବରୁଦ୍ଧ କରି ରଖୁଛି ଗୃହ କୋଣରେ । ଫଳତଃ ଏ ସୌନ୍ଦର୍ଯ୍ୟ ଉଚିତ ଅର୍ଥରେ ସମାଜର ବ୍ୟବହାରୋପଯୋଗୀ ହୋଇପାରୁ ନାହିଁ ।

"ମେୟେର୍ ଯଦ ପୁରୁଷେର କୃତ୍ରିମ ବନ୍ଧନ ଥେକେ
ମୁକ୍ତପେତ, ଆମି କାଲ୍‌କେ ପ୍ରତ୍ୟକ୍ଷ ଦେଖ୍‌ଛୁମ୍"

—ରବୀନ୍ଦ୍ରନାଥ (ଘରେ ବାଇରେ)

Digitized by srujanika@gmail.com

ନାରୀ.କାଳୀ, ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ ପରି ଶକ୍ତିସାମର୍ଥ୍ୟରେ-ବିଦ୍ୟାବୁଦ୍ଧିରେ, ଧନଐଶ୍ୱର୍ଯ୍ୟରେ, ରୂପଗୁଣରେ ବିଭବଶାଳିନୀ । କିନ୍ତୁ ନିଜ ସମ୍ବନ୍ଧରେ, ନିଜର ଏ ରୂପଗୁଣ ସମ୍ବନ୍ଧରେ ଅଜ୍ଞନତା ହେତୁରୁ ସେ ପୁରୁଷର ନୀଚ ସ୍ୱାର୍ଥର ବେଦୀରେ ନିଜକୁ ଆହୁତି ଦେବାପାଇଁ ନିଜକୁ ପ୍ରସ୍ତୁତ କରି ରଖିଛି—ବଳି ପଶୁ ପରି ନିଜକୁ ଆବଦ୍ଧ କରି ରଖିଛି—

"ତାଇ ତୋମାରେ ନିଖିଲ
ରେଖେଛେ ସର୍ବ୍ବେ କୋନେ ।
ବ୍ୟକ୍ତ କରିବାର ଦୀନତାୟ୍
ନିଜେରେ ହାରାଲେ ତୁମି
ପ୍ରଦୋଷେର୍ ଜ୍ୟୋତିଃ କ୍ଷୀନତାୟ୍ ।
ଦେଖିତେ ପେଲେ ନା ଆଜଓ ଆପନାରେ
ଉଦାର ଆଲୋକେ—

ବିଶ୍ୱେରେ ଦେଖେଛ ଶୁଧୁ, କୋନୋ ଦିନ୍ ବାଧାହୀନ୍ ଶ୍ରେଷ୍ଠ-
ଉଚ୍ଚ କରି ଶିର ।"

ନାରୀ, 'ଅପ୍ରକାଶେ ହଯେଛେ ଅଶୁଚି;' ତାଇ, ସେଥିପାଇଁ ନିଖିଳ, ସମସ୍ତ ପୁରୁଷ ଜାତି ତାକୁ କେବଳ ନିଜର କାମନାର ବସ୍ତୁ ମନେକରି 'ବ୍ୟକ୍ତ କରିବାର୍ ଦୀନତାୟ୍' ଅର୍ଥାତ୍ ନାରୀ ଯେ ଶକ୍ତି, ଏ ଧାରଣା ତାକୁ ନ ଦେଇ ତାକୁ ନିଜ କାମନାର ବସ୍ତୁକରି ଧରିରଖିବା ପାଇଁ, ତାକୁ, ତେଣୁ, ନିଜର ମୋହପାଶରୁ ମୁକ୍ତକରି ରଖିବା ପାଇଁ ପୁରୁଷ ନିଜର ଅସମର୍ଥତା ପ୍ରକଟ କରୁଛି । ତେଣୁ,ପ୍ରଦୋଷେର୍ ଜ୍ୟୋତି କ୍ଷୀଣତାୟ୍,ଉତ୍ଥାନର ପ୍ରଥମ ପାଦରେ ଯେତେବେଳେ ସ୍ତ୍ରୀ ନିଜକୁ ପ୍ରକାଶ କରିବା ଉଚିତ, ସେତେବେଳେ

Digitized by srujanika@gmail.com

ସେ 'ନିଜେରେ ହାରିଲେ ଭୂମି' ସେ ନିଜେ ଯେ ଶ୍ରେଷ୍ଠ, ଶକ୍ତିଶାଳିନୀ, ମହାନ୍, ଅଜ୍ଞାନବଶତଃ ଏ କଥା ବୁଝିପାରୁ ନାହିଁ ।

ଯେ ଭୀରୁ, ସେ କଦାପି ବାଧାହୀନ ଚକ୍ଷୁରେ ଈଶ୍ୱରଙ୍କୁ ଜଗତର ବିଶ୍ୱକୁ ଦେଖିପାରେ ନା । ଭୀରୁତା ଗୋଟାଏ ମାରାତ୍ମକ ମାନସିକ କୁସଂସ୍କାର । ଏ ଭୀରୁତାର ଭିତ୍ତି ସର୍ବଦା ସତ୍ୟ ଉପରେ ପ୍ରତିଷ୍ଠିତ ହୋଇ ନ ଥାଏ—ଅଧିକାଂଶ କ୍ଷେତ୍ରରେ ଭୀରୁତାର କାରଣ ଅଜ୍ଞାନତା । ଅଜ୍ଞ ଏ ଅଜ୍ଞାନତାର କାରଣରୁ ମନୁଷ୍ୟର ବୁଦ୍ଧି ଯେତେବେଳେ ମୋହଗ୍ରସ୍ତ ହୁଏ, ନିଜ ସମ୍ବନ୍ଧରେ ସେତେବେଳେ ମନୁଷ୍ୟର ସମ୍ମାନ-ଜ୍ଞାନ ମନୁଷ୍ୟର ମନରୁ ଉଭେଇ ଯାଏ । ତେଣୁ ସେ ନିଜକୁ କ୍ଷୁଦ୍ର ମନେ କରିବା ଫଳରେ ମଥା ଟେକି ଚାଲିପାରେ ନା, ମଥା ଟେକି ନ ଚାଲି ପାରିବା ଫଳରେ, 'ବାଧାହୀନ୍ ଗ୍ରୀବେ, ନିଃସଙ୍କୋଚଭାବରେ, ନିର୍ବିକାରଭାବରେ, ଆତ୍ମଗୌରବ ସହକାରେ ସେ ଅନ୍ୟ କାହାର ପ୍ରତି ଦୃଷ୍ଟିପାତ କରିପାରେ ନା । 'ଉଦାର ଆଲୋକେ' ଅର୍ଥାତ୍ ନିଜକୁ ପ୍ରକାଶ କରିବାର କ୍ଷେତ୍ର ଯେତେବେଳେ ପ୍ରଶସ୍ତ, ସେତେବେଳେ ମଧ୍ୟ ନାରୀ ଭୀରୁ ହୋଇଥିବାରୁ 'ଦେଖିତେ ପେଲେ ନା ଆଜଓ ଆପନାରେ', ନିଜକୁ ଚିହ୍ନିପାରେ ନା, ନିଜକୁ ପ୍ରକାଶ କରିବାର ସୁଯୋଗରୁ ତେଣୁ ସେ ବଞ୍ଚିତ ହୁଏ ।

ଫଳତଃ—"ସ୍ୱରଚିତ ସଙ୍କୋଚେ କାଟାଓ ଦିନ୍
ଅଳ୍ପ-ଅପମାନେ ଚିତ୍ତ ଦୀପ୍ତିହୀନ୍,
ତାଇ ପୁଣ୍ୟହୀନ୍ ।"

ପଶୁ ମନୁଷ୍ୟ ଅପେକ୍ଷା ଶାରୀରିକ ଶକ୍ତିରେ ବଳୀୟାନ୍ ଅଥଚ ସେ ମନୁଷ୍ୟର ବଶ୍ୟତା ସ୍ୱୀକାର କରେ, ମନୁଷ୍ୟକୁ ଭୟ କରେ । କାହିଁକି ? ପଶୁର ମସ୍ତିଷ୍କରେ ଜଡ଼ତା ରହିଛି । ନିଜର ଶକ୍ତିସାମର୍ଥ୍ୟ

Digitized by srujanika@gmail.com

ସମ୍ବନ୍ଧରେ ସେ ଅଜ୍ଞ । ମନୁଷ୍ୟର ମସ୍ତିଷ୍କ ପରି ତାର ମସ୍ତିଷ୍କ ବିକଶିତ ହୋଇପାରି ନାହିଁ । ତେଣୁ ତା'ର ମସ୍ତିଷ୍କ ଶିକ୍ଷା ଗ୍ରହଣ କରିବାର ଅନୁପଯୋଗୀ । ନାରୀର ମସ୍ତିଷ୍କ ପଶୁର ମସ୍ତିଷ୍କ ଭଳି ଶିକ୍ଷାର ଅନୁପଯୋଗୀ ନୁହେଁ । ଯଥାର୍ଥ ଶିକ୍ଷାସଂସ୍କାରବିହୀନ ନାରୀର ମସ୍ତିଷ୍କକୁ ଅଜ୍ଞାନ ଜଡ଼କରି ପକାଇ ଥିବାରୁ ନିଜର ଶକ୍ତିସାମର୍ଥ୍ୟକୁ ନ ବୁଝି ପାରିବା ଫଳରେ ସେ ନିଜକୁ ଅସହାୟ ଅନାଦରଣୀୟ ମନେ କରୁଛି । ତେଣୁ ତା'ର ମନରେ ସର୍ବଦା ସଂକୋଚ ରହୁଛି । ଏ ସଂକୋଚ ତା'ର ସ୍ୱରଚିତ—ତା'ର ନିଜର ସୃଷ୍ଟି । କାରଣ ନିଜ ସମ୍ବନ୍ଧରେ ନିଜେ ସଜାଗ ନ ରହିବା ଅର୍ଥ ନିଜେ ଦୋଷ କରିବା । ଏ ସଂକୋଚକୁ ନିର୍ବିକାରଭାବରେ ବହନ କରି ନାରୀ ଚାଲିଛି । ସଂକୋଚପୀଡ଼ିତ ମନ ଅସ୍ମ-ଅପମାନକୁ ମଧ୍ୟ ସହଜରେ ସହ୍ୟ କରି ନିଏ । ଅସ୍ମ-ଅପମାନ ସହ୍ୟ କରିବା ଫଳରେ ଶକ୍ତି ଦୀପ୍ତିହୀନ ହୋଇ ପଡ଼େ । ଶକ୍ତି ଦୀପ୍ତିହୀନ ହେଲେ, ସେ ପୁଣ୍ୟହୀନ ହୋଇ ପଡ଼େ ।

ଶକ୍ତି ଦୀପ୍ତିହୀନ ହେବା ଅର୍ଥ ସେ ତା'ର ସହଜ ସ୍ୱାଭାବିକ କ୍ରିୟାରୁ ବିରତ ହେବା । ଏପରି ହେଲେ ଆତ୍ମାର ପ୍ରେରଣାକୁ ସେ ଲଙ୍ଘନ କରିବାକୁ ବାଧ୍ୟ ହୁଏ । ଆତ୍ମାର ପ୍ରେରଣାକୁ ନ ମାନିବା ଅର୍ଥ ପାପ କରିବା—ଅସାଧୁ ଉପାୟ ଅବଲମ୍ବନ କରିବା; କେବଳ ମନର ଇଙ୍ଗିତକୁ ଶିରୋଧାର୍ଯ୍ୟ କରି । ଏହା ସେତେବେଳେ ସମ୍ଭବ ହୁଏ, ଯେତେବେଳେ ମନୁଷ୍ୟ ଅସ୍ମ-ଅପମାନକୁ ଅକାତରରେ-ସହ୍ୟକରି ନିଏ, ଅଜ ମନୁଷ୍ୟ ଏହା ସେତେବେଳେ ସହ୍ୟ କରେ, ଯେତେବେଳେ ତା'ର ମନରେ ସଂକୋଚ ସ୍ଥାନ ପାଏ; ଆଜ ମନୁଷ୍ୟ ମନରେ ସଂକୋଚ ସେତେବେଳେ ସ୍ଥାନ ପାଏ, ଯେତେ-

Digitized by srujanika@gmail.com

ବେଳେ ତା'ର ମନରେ ନିଜ ସମ୍ବନ୍ଧରେ ଅଜ୍ଞାନ ଓ ଅବିଶ୍ୱାସ ସ୍ଥାନ ପାଏ ।

ସ୍ତ୍ରୀର ସତୀତ୍ୱ ନଷ୍ଟ ହେବାର ମୂଳରେ ରହିଛି ସ୍ୱାଭିମାନର ଅଭାବ । ଲମ୍ପଟ ପୁରୁଷର ଅଙ୍କଶାୟିନୀ ହେବାର ମୂଳରେ ରହିଛି ନାରୀର ଆତ୍ମ-ଗୌରବ-ବୋଧହୀନତା । ଅବଶ୍ୟ ବେଳେବେଳେ ପ୍ରବୃତ୍ତିର ପ୍ରବଳ ପ୍ରେରଣାର ବଶବର୍ତ୍ତୀ ହୋଇ ନାରୀ ନିଜର ସତୀତ୍ୱ ନଷ୍ଟ କରେ । ଏହାର କାରଣ ମଧ୍ୟ ଅଜ୍ଞାନତା—ପ୍ରବୃତ୍ତିକୁ ଆୟତ୍ତ କରିବା କଳାରେ ଅନଭିଜ୍ଞତା । ଏ କଳା କଣ ? ଗୀତା ତା କହୁଛନ୍ତି—

"ଅସଂଶୟଂ ମହାବାହୋ ମନୋ ଦୁର୍ନିଗ୍ରହଂ ଚଳମ୍ ।
ଅଭ୍ୟାସେନ ତୁ କୌନ୍ତେୟ ବୈରାଗ୍ୟେଣ ଚ ଗୃହ୍ୟତେ ।"

"ହେ ମହାବାହୁ ! (ଅର୍ଜୁନ !) ଏହା ସତ ଯେ ମନ ବଡ଼ ଚଞ୍ଚଳ ଆଉ ଦୁର୍ନିଗ୍ରହ । କିନ୍ତୁ ଅଭ୍ୟାସ ଆଉ ବୈରାଗ୍ୟଦ୍ୱାରା ଏହାକୁ ଆୟତ୍ତ କରାଯାଇ ପାରେ ।" ମନୁଷ୍ୟର ସକଳ ପ୍ରବୃତ୍ତିର ପ୍ରେରଣାର ମୂଳ ମନ; ଆଉ ମନ ଦୁର୍ନିଗ୍ରହ । ଏହାକୁ ଆୟତ୍ତ କରିବାର ଏକ ମାତ୍ର ଉପାୟ ଅଭ୍ୟାସ; ଅର୍ଥାତ୍, ସର୍ବଦା କୌଣସି ନା କୌଣସି କର୍ମରେ ମନକୁ ନିଯୁକ୍ତ କରି ରଖିବା ଏବଂ ଜ୍ଞାନଦ୍ୱାରା ତାକୁ ଆଚ୍ଛନ୍ନ କରି ତୋଳିବା । ଜ୍ଞାନ ହେଲେ (ସାଂସାରିକ ନିଃସାରତା ସମ୍ବନ୍ଧରେ ଯଥାର୍ଥ ଜ୍ଞାନ ହେଲେ) ବୈରାଗ୍ୟ ଆପେଆପେ ଜନ୍ମ ନେବ । ଅତଏବ ଏ ଜ୍ଞାନ ଓ ବୈରାଗ୍ୟ ଦ୍ୱାରାହିଁ କେବଳ ମନକୁ ଆୟତ୍ତ କରି ହେବ—ଅନ୍ୟ ଉପାୟ ନାହିଁ ଏଥିପାଇଁ ।

Digitized by srujanika@gmail.com

କେବଳ ପ୍ରବୃତ୍ତିର ପ୍ରେରଣା ନୁହେଁ, ଅର୍ଥାଭାବ, ସାମାଜିକ ଅତ୍ୟାଚାର, ପାରିବାରିକ ଅଶାନ୍ତି ମଧ୍ୟ ନାରୀର ପତନର କାରଣ । ଏ ଦୋଷର ନିରାକରଣର ଉପାୟ କେବଳ ଜ୍ଞାନ, କେବଳ ଆତ୍ମ-ଚେତନତା; କେବଳ ସ୍ୱାଭିମାନ ନୁହେ—ସୁବ୍ୟବସ୍ଥା ମଧ୍ୟ । ଏ ସୁବ୍ୟବସ୍ଥାର ଦାୟିତ୍ୱ ବିଚ୍ଛିନ୍ନଭାବରେ ସମାଜକୁ, ପରିବାରକୁ ନ ଦେଇ, ରାଷ୍ଟ୍ର ନିଜେ ବହନ କଲେ, ମଙ୍ଗଳର ଦର୍ଶନ ଅଚିରେ ସୁନିଶ୍ଚିତ । ଏ ବିଶ୍ୱାସ ଆମର ଦୃଢ଼ବିଶ୍ୱାସ ।

"ବିକଶିତ ସ୍ଥଳ୍ ପଦ୍ମ ପବିତ୍ର ସେ, ମୁକ୍ତ ତାର୍ ହାସି
ପୂଜାୟ୍ ପେୟେଛେ ସ୍ଥାନ୍ ଆପନାରେ ସଂପୂର୍ଣ୍ଣ ବିକାଶି ।"

ବିକଶିତ ସ୍ଥଳ ପଦ୍ମର ହାସ୍ୟ ମୁକ୍ତହେବା ସ୍ୱାଭାବିକ, କାହିଁକି ନା, ସ୍ତବକ ଅବସ୍ଥାରୁ ଅର୍ଥାତ୍ ବନ୍ଧନଦଶାରୁ ସେ ମୁକ୍ତ ହୋଇ ସିନା ନିଜକୁ ପ୍ରକାଶ କରି ପାରିଛି—ସେ ବିକଶିତ ହୋଇ ଉଠିଛି । ଆଉ ସେ ମୁକ୍ତ ହୋଇ ପାରିଛି ବୋଲି, ନିଜକୁ ବିକଶିତ କରି ପାରିଛି ବୋଲି, ତାର ମୁଖରେ ହାସ୍ୟ ଦେଖା ଦେଇଛି । ଯେ ଆବଦ୍ଧ, ଯେ ଅବିକଶିତ, ସେ ତ କଦାପି ହସି ପାରେ ନା । ବନ୍ଧନହୀନ ମୁକ୍ତ ପ୍ରାଣର ହାସ୍ୟ ଯେ ପବିତ୍ର ହେବ, ଏହା ସ୍ୱାଭାବିକ । ମନୁଷ୍ୟ ଯଦି ପାପ କରି ହସେ, ତା' ଠିକ୍ ହାସ୍ୟ ହେବ ନାହିଁ । ତା' ଆତ୍ମପ୍ରବଞ୍ଚନାର ହାସ୍ୟ ହୋଇ ପାରେ, କାରଣ ସେ ମୁକ୍ତ ନୁହେ—ଆତ୍ମପ୍ରବଞ୍ଚନା-ଦୋଷରେ ଦୁଷ୍ଟ ହୋଇ ଥିବାରୁ ସେ ଅବଦ୍ଧ । 'ଆପନାରେ ସଂପୂର୍ଣ୍ଣ ବିକାଶି', ସ୍ଥଳପଦ୍ମ ଏପରି ଭାବରେ ନିଜକୁ ପ୍ରକାଶିତ କରି ପାରିଛି ବୋଲି ସେ ପୂଜାର ଯୋଗ୍ୟ ବିବେଚିତ ହୋଇ ପାରିଛି । ସ୍ତବକକୁ କେହି କେବେ ପୂଜା ପାଇଁ ଆହରଣ କରେନା । ସ୍ତବକ ପ୍ରସ୍ଫୁଟିତ ହେଲେ ସେ ପୂଜାରେ

Digitized by srujanika@gmail.com

ଯୋଗ୍ୟ ବିବେଚିତ ହୁଏ । ଅତଏବ ନାରୀ ନିଜକୁ ଯଦି ପୂଜାର୍ହ ଯୋଗ୍ୟ କରି ତୋଳିବାକୁ ଚାହେଁ, ତାକୁ ବିକଶିତ ହେବାକୁ ହେବ, ପ୍ରସ୍ଫୁଟିତ ସ୍ଥଳପଦ୍ମ ପରି; ଅନ୍ୟଥା ସେ ବ୍ୟବହାରର ଅନୁପଯୋଗୀ ସିଦ୍ଧ ହେବ । ସମାଜ ତା'ପାଖରୁ କୌଣସି ପ୍ରକାର ମୂଲ୍ୟ ଅହରଣ କରି ପାରିବ ନାହିଁ ।

ନାରୀ ପୂଜାର୍ହା, କାରଣ ସେ ଗୃହଦୀପ୍ତୟଃ । ନାରୀ ଗୃହକୁ ଦୀପ୍ତିଦାନ କରେ ବୋଲି ସେ ପୂଜ୍ୟା । ନାରୀ କେତେବେଳେ ଗୃହକୁ ଦୀପ୍ତି ଦାନ କରି ପାରିବ ? ଯେତେବେଳେ ସେ ମୁକ୍ତ ହେବ—ତାର ନିଜ ସମ୍ବନ୍ଧରେ ଆତ୍ମଚେତନତା ଜାଗ୍ରତ ହେବ, ସେ କାହାରିର ଯେ ଭୋଗ ସାମଗ୍ରୀ ନୁହେ, ଏ କଥା ଯେତେବେଳେ ସେ ଅନବରତ ସ୍ମରଣ ରଖିବ ।

"ଛଦ୍ମାଚ୍ଛନ୍ନ ଯେ ଲଜ୍ଜାର୍ଦ୍ଧ ପ୍ରକାଶେର ଦୀପ୍ତି ଫେଲେ ମୁଛି,
ସତ୍ତ୍ୱର ଘୋଷନାବାଣୀ ସ୍ତବ୍ଧ କରେ କେନୋ ସେ ଅଶୁଚି ।"

କୌଣସି କ୍ଷେତ୍ରରେ 'ଅତି' ନ ହେବା ଉଚିତ । ଲଜ୍ଜା ନାରୀ ପକ୍ଷରେ ଅବଶ୍ୟକ, ତାର ସୌନ୍ଦର୍ଯ୍ୟର ଶ୍ରୀବୃଦ୍ଧି ପାଇଁ, କିନ୍ତୁ ଯଦି ତା' ଅତି ହୁଏ, ସେଟା ଅସ୍ୱାଭାବିକ କଥା ହେବ । ସ୍ତ୍ରୀର ଏକାନ୍ତରେ ଅତି ଲଜ୍ଜାହୀନତା ସୃଷ୍ଟି-ରଚନାର ଯେ ମୂଳ, ଏ କଥା ପ୍ରତ୍ୟେକ ସ୍ତ୍ରୀ ପୁରୁଷ ଜାଣନ୍ତି । ଅତି ଏହାର ଆବଶ୍ୟକତା ସମସ୍ତେ ଅଙ୍ଗେ ଅଙ୍ଗେ ଅନୁଭବ କରନ୍ତି । ତେଣୁ କ୍ଷେତ୍ର ବିଶେଷରେ, ପରମାଣାନୁସାରେ ତଥା ଚରଣାମାନୁସାରେ ନାରୀର ଲଜ୍ଜାର ମୂଲ୍ୟାଙ୍କନର ଆବଶ୍ୟକତା ରହିଛି । ଏ ଲଜ୍ଜା ଯଦି 'ଛଦ୍ମାଚ୍ଛନ୍ନ' ହୁଏ ଅର୍ଥାତ୍ ଏହି ଲଜ୍ଜାବଶତଃ ନାରୀ ଯଦି ନିଜକୁ ପ୍ରକାଶ କରିବାରେ କୁଣ୍ଠିତ ହୁଏ, ତେବେ ସେ

Digitized by srujanika@gmail.com

ଇଚ୍ଛା ନାରୀର ପ୍ରକାଶର ପ୍ରବୃତ୍ତିକୁ ନାଶ କରିବାର କାରଣ ସିଦ୍ଧ ହେବ, ଅର୍ଥାତ୍ ନାରୀ ନିଜେ ଅପ୍ରକାଶିତ ହେବା ଫଳରେ ତାର ସମସ୍ତ ଗୁଣ ମଧ୍ୟ ଅପ୍ରକାଶିତ ହୋଇ ରହିବ । ଆଜି ଯେଉଁମାନେ ନିଜକୁ ସର୍ବଦା ପ୍ରକାଶ କରିବାକୁ ଉଦ୍ୟତ, ଅର୍ଥାତ୍ ଯେଉଁମାନେ ନିଜର ପ୍ରକାଶ ଦ୍ୱାରା, ନିଜର ପ୍ରଚାର ଦ୍ୱାରା ନିଜର ସତ୍ତାକୁ ଦୃଢ଼ଭାବରେ ଉପସ୍ଥାପିତ କରିପାରୁଛନ୍ତି, ସେମାନେହିଁ ନାରୀକୁ, ସେ ଅପ୍ରକାଶିତ ହେବା ଫଳରେ, ଅଶୁଦ୍ଧ ଅଶୁଚି ବୋଲି ଘୋଷଣା କରିବେ । ତେଣୁ ନାରୀ ନିଜକୁ ଦୁର୍ନାମରୁ ମୁକ୍ତ କରିବା ପାଇଁ, ନିଜକୁ ପ୍ରକାଶ କରିବା ପାଇଁ, ଦୃଢ଼ ସଂକଳ୍ପ ହେବା ଉଚିତ । ରବୀନ୍ଦ୍ରନାଥ ଏହା ଚାହାନ୍ତି ।

ସେ ଯେ କୌଣସି ପଦାର୍ଥ ହେଉ ନା କାହିଁକି, ସେ ଯଦି ଅବଦ୍ଧ, ଅଚ୍ଛନ୍ନ ହୋଇ ରହେ, ତେବେ ସେ ଅଶୁଦ୍ଧ ହୋଇ ଉଠିବ, ବ୍ୟବହାରର ଅନୁପଯୋଗୀ ସିଦ୍ଧ ହେବ । ସମାଜ ତା' ପାଖରୁ କୌଣସି ପ୍ରକାର ମୂଲ୍ୟ ସଂଗ୍ରହ କରି ପାରିବ ନାହିଁ । ସୂର୍ଯ୍ୟର ପ୍ରକାଶ, ମୁକ୍ତ ବାୟୁର ହିଲ୍ଲୋଳ, ଶୂନ୍ୟ ଆକାଶର ଉଜ୍ଜ୍ୱଳ ଗମ୍ଭୀରତା, ପ୍ରକୃତିର ରୂପବୈଭବର ଘନଘଟା ମନୁଷ୍ୟ ମନରେ ନବ ଚେତନତା ଆନୟନ କରେ । ଏ ନବ ଚେତନା ମନୁଷ୍ୟର ଶାରୀରିକ ମାନସିକ ସୁସ୍ଥତା ପାଇଁ ଆବଶ୍ୟକ । ରାଷ୍ଟ୍ର ପକ୍ଷରେ ସୁସ୍ଥସବଳ ଲୋକର ଆବଶ୍ୟକତା ଯେପରି ଅପରିହାର୍ଯ୍ୟ, ବୁଦ୍ଧିଜ୍ଞାନସଂପନ୍ନ ଲୋକର ଆବଶ୍ୟକତା ମଧ୍ୟ ସେହିପରି ଅପରିହାର୍ଯ୍ୟ । ଏହା କେବଳ ସେତେବେଳେ ସମ୍ଭବ ହୋଇ ପାରିବ, ଯେତେବେଳେ ରାଷ୍ଟ୍ରବାସୀ ସମସ୍ତେ ସୂର୍ଯ୍ୟ, ବାୟୁ ଓ ଆକାଶ, ପ୍ରକୃତି ପରି ମୁକ୍ତ, ପ୍ରକାଶମାନ ହୋଇ ପାରିବେ ।

Digitized by srujanika@gmail.com

"ଊର୍ଦ୍ଧ୍ୱ-ଶାଖା ବନସ୍ପତି ଯେ ଛାୟାରେ ଦେଉଛେ ଆଶ୍ରୟ,
ତାର୍ ସାଥେ ଆଲୋର୍ ମିତାଲି, ସମୁନ୍ନତ ସେ ବିନୟ ।
ମାଟିତେ ଲୁଣ୍ଠିଛେ ଗୁଳ୍ମ ସର୍ବଅଙ୍ଗ ଛାୟାପୁଞ୍ଜ କରି,
ତଲେ ଗୁପ୍ତ ଗହ୍ୱରେତେ କୀଟେର୍ ନିବାସ୍ ।"

ଊର୍ଦ୍ଧ୍ୱଶାଖା ବନସ୍ପତି ଆଲୋକ ସଙ୍ଗରେ ମିତାଲି ସ୍ଥାପନ କରିବା ଫଳରେ ହିଁ ସେ ତଳରେ ଛାୟା ସୃଷ୍ଟି କରି ପାରୁଛି, ଯେ ଛାୟାର ଶୀତଳ ସ୍ପର୍ଶରେ ଆଶ୍ରୟରେ କ୍ଲାନ୍ତ ପଥିକ ତୃପ୍ତି ଲାଭ କରି ପାରୁଛି । କିନ୍ତୁ ଏଥିଲାଗି ଗୁଳ୍ମ ତାର ସର୍ବାଙ୍ଗକୁ ଆବୃତ କରି ଭୂଲୁଣ୍ଠିତ ହୋଇ ରହୁଛି, ଆଉ ଏ କଥା ସେ ଭୁଲି ଯାଉଛି ଯେ, ଯେ ତଳରେ ସେ ଆଶ୍ରୟ ନେଇଛି ସେ ତଳରେ ଗୁପ୍ତ ଗହ୍ୱର ରହିଛି, ଆଉ ଏ ଗୁପ୍ତ ଗହ୍ୱରରେ କୀଟର ଅବସ୍ଥିତି ସମ୍ଭବ । ଆଉ ଏ କୀଟର ଦଂଶନ ଫଳରେ ଗୁଳ୍ମର ଅବସାନ ମଧ୍ୟ ସମ୍ଭବ । ତେଣୁ ନାରୀ ଯଦି ନିଜର ସର୍ବାଙ୍ଗକୁ ଆବୃତ କରି ଗୁଳ୍ମପରି ଭୂଲୁଣ୍ଠିତ ହୁଏ ଅର୍ଥାତ୍ ନିଜକୁ ପ୍ରକାଶ ନ କରେ, ତେବେ ସେ ନିଜର ଅମଙ୍ଗଳ କରିବ । ତେଣୁ ତାକୁ ଊର୍ଦ୍ଧ୍ୱଶାଖା ବନସ୍ପତି ପରି ଆଲୋକ ସଙ୍ଗରେ ମିତାଲି ସ୍ଥାପନ କରିବାକୁ ହେବ—ନିଜକୁ ପ୍ରକାଶ କରିବାକୁ ହେବ । ତେବେ ଯାଇ ତାର ସୌନ୍ଦର୍ଯ୍ୟର ପ୍ରକାଶରେ, ତାର ଗୁଣର ପ୍ରକାଶରେ ସମାଜ ପ୍ରକାଶମାନ ହୋଇ ପାରିବ । ରବୀନ୍ଦ୍ରନାଥ ଏଥିପାଇଁ କହନ୍ତି, "ମେୟେରା ଯେ ସମାଜେର୍ ଶ୍ରୀ" (ଘରେ ବାଇରେ) ।

ନାରୀ ଜାତି ସମଗ୍ର ସମାଜର ଶ୍ରୀ ସମ୍ପଦ—କୌଣସି ବ୍ୟକ୍ତି ବିଶେଷର ନୁହେଁ । କିନ୍ତୁ ପତ୍ନୀ କେବଳ ପତିର ଏକାନ୍ତ ଭୋଗସାମଗ୍ରୀ—ସାରା ସମାଜର ନୁହେଁ, ଏମିତି ନ ହେଲେ ଯେ ଏହା ଭୋଗ ନ ହୋଇ ବ୍ୟଭିଚାର ହୋଇ ଉଠିବ । କିନ୍ତୁ ନାରୀର

Digitized by srujanika@gmail.com

ସୌନ୍ଦର୍ଯ୍ୟ ଯା' ସର୍ବଦା ସର୍ବତ୍ର ପ୍ରକାଶମାନ, ତା କେବଳ ତାର ପତିର ଭୋଗ ସାମଗ୍ରୀ ତ ହୋଇ ପାରେ ନା । ଏ ସୌନ୍ଦର୍ଯ୍ୟ ଯେପରି ନାରୀର ପତି ସମ୍ମୁଖରେ ଉନ୍ମୁକ୍ତ, ସେପରି ତା' ପର ପୁରୁଷ ସମ୍ମୁଖରେ ମଧ୍ୟ ଉନ୍ମୁକ୍ତ, ଆଉ ସୌନ୍ଦର୍ଯ୍ୟବୋଧ ଯେପରି ତାର ପତିର ରହିଛି—ପର ପୁରୁଷର ମଧ୍ୟ ରହିଛି । ତେବେ, କିପରି ଏହା କୁହାଯାଇ ପାରିବ ଯେ ନାରୀର ସୌନ୍ଦର୍ଯ୍ୟ କେବଳ ତା'ର ପତିର ଭୋଗ ପାଇଁ ଉଦ୍ଦିଷ୍ଟ—ଅନ୍ୟପାଇଁ ନୁହେଁ ? ନାରୀର ଶରୀର ହୁଏତ ସମାଜର ଭୋଗପାଇଁ ଅଭିପ୍ରେତ ନୁହେଁ—କିନ୍ତୁ ସୌନ୍ଦର୍ଯ୍ୟ ? ନାରୀର ଶରୀର ସମାଜର ଭୋଗପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି ଆମ ସମାଜରେ ବିବାହ-ପ୍ରଥା ରହିଛି, ଆଉ ତାର ସୌନ୍ଦର୍ଯ୍ୟ କେବଳ ଜଣକର ଅର୍ଥାତ୍ କେବଳ ତା'ର ପତିର ଭୋଗ-ସାମଗ୍ରୀ ନୁହେ ବୋଲି ସୌନ୍ଦର୍ଯ୍ୟକୁ ଅନାବୃତ କରି ରଖିବାକୁ, ଏପରି କି ବିବାହକାଳରେ ମଧ୍ୟ ଅନବଗୁଣ୍ଠିତ ହେବାପାଇଁ ବେଦ-ଭଗବାନ ଆଦେଶ ଦେଇଛନ୍ତି ନାରୀକୁ; ଆଉ ତାକୁ ଅନାବୃତ କରିବାକୁ ଆଦେଶ ଦେଇଛନ୍ତି ସମାଜକୁ । (ଆଧୁନିକ ଭାରତକୁ ଯେ ପର୍ଦ୍ଦା-ପ୍ରଥାର ଆତିଶଯ୍ୟତା ପଙ୍ଗୁ କରି ପକାଇଛି, ତା' ଭାରତର ଦୁର୍ଯୋଗ କାଳର; ଭାରତରେ ଏହା କେବଳ ଆପଦ୍‌କାଳୀନ ଧର୍ମ ଥିଲା । ଅନେକେ କହନ୍ତି ଯେ, ମୁସଲମାନଙ୍କ ରାଜତ୍ୱ କାଳରେ ଏ ପ୍ରଥା ଭାରତରେ ପ୍ରଚଳିତ ହେବାକୁ ଆରମ୍ଭ କଲା । ବାଲ୍ୟବିବାହ, ପର୍ଦ୍ଦା-ପ୍ରଥା ଏ ସମସ୍ତର ଘଟଣା । ସ୍ତ୍ରୀ ବିବାହିତା ହେଲେ ଅବଗୁଣ୍ଠନବତୀ ହେବ, ଆଉ ଗୃହ କୋଣରେ ଆବଦ୍ଧ ହୋଇ ରହିବ, ଏହା ଭାରତର ସାମାଜିକ ପ୍ରଥା । ଏହା ଏ ପର୍ଯ୍ୟନ୍ତ ରହିଛି । ତେଣୁ ସମାଜ ବାଲ୍ୟକାଳରୁ ବାଳିକାମାନଙ୍କର ବିବାହ ସମ୍ପାଦନ କରି ତାକୁ ଘର କୋଣରେ ଆବଦ୍ଧ କରି ରଖୁଥିଲା । ଫଳତଃ ଯୌବନରେ ପଦାର୍ପଣ କଲା

Digitized by srujanika@gmail.com

ମାନଙ୍କେ ସେମାନଙ୍କର ଆଉ ବାହାରକୁ ଆସିବାର ଉପାୟ ନ ଥିଲା କି ଅତ୍ୟାଗ୍ରହୀ ବିଧର୍ମୀମାନଙ୍କ ଦୃଷ୍ଟି ସେମାନଙ୍କ ଉପରେ ପଡ଼ିବାର ସମ୍ଭାବନା ନ ଥିଲା—ଫଳତଃ ସେମାନେ ଅପହୃତା ହେବାର ମଧ୍ୟ ସମ୍ଭାବନା ନ ଥିଲା । ଲୋକଙ୍କର ଏ ଧାରଣାର ମୂଳରେ ସତ୍ୟ କେତେ ପରିମାଣରେ ରହିଛି, ତା' କହି ହେବ ନାହିଁ । କିନ୍ତୁ ଏଥିରେ ଅସଙ୍ଗତତା ଯେ ଅଳ୍ପ, ଏ କଥା ସ୍ୱୀକାର କରିବାକୁ ହେବ, କଲିକତାର ୧୯୪୭ ସାଲର ଦୁର୍ଘଟଣାକୁ ସ୍ମରଣ କର ।)

ସମାଜ[illegible] ଭୋଗପାଇଁ ନାରୀର ସୌନ୍ଦର୍ଯ୍ୟ ଅନାବୃତ—ନ[illegible] ଶରୀର ଆବୃତ । [illegible]ତିର ଭୋଗପାଇଁ ପତ୍ନୀର ସୌନ୍ଦର୍ଯ୍ୟ ଯେପରି ଅନାବୃତ, ସେପରି ତା'ର ଶରୀର ମଧ୍ୟ ଅନାବୃତ । ଏ ଶରୀର ଅନାବୃତ ରହିବା ମୂଳରେ ରହିଛି ସ୍ରଷ୍ଟାର ମଙ୍ଗଳପୂର୍ଣ୍ଣ ଧ୍ୟେୟ ସୃଷ୍ଟି ଅର୍ଥାତ୍ ସନ୍ତାନ । କିନ୍ତୁ ସମାଜ ଦ୍ୱାରା ତା ସମ୍ଭବ ନୁହେଁ ବୋଲି ସମାଜକୁ ନାରୀର ଅନାବୃତ ଶରୀରର ଭୋଗପାଇଁ ଆଦେଶ ଦିଆ ହୋଇ ନାହିଁ । ସମାଜ କେବଳ ନାରୀର ସୌନ୍ଦର୍ଯ୍ୟ ଉପଭୋଗ କରିବ; ତା'ର ବରଦ ହସ୍ତର ମଧୁର ସ୍ପର୍ଶ ପ୍ରାପ୍ତକରି ବିକାଶୋନ୍ମୁଖ ହେବା ପାଇଁ; ଫଳତଃ ପ୍ରଗତିଶୀଳ ହେବା ପାଇଁ ।

ଯେ ବାସନା-କୀଟ ଗହ୍ୱରରେ ଅର୍ଥାତ୍ ଗୁପ୍ତଭାବରେ ପୁରୁଷ-ଠାରେ ରହିଛି; ଯେ ଊର୍ଦ୍ଧ୍ୱଶାଖା ବନସ୍ପତି ପରି ଆଲୋକ ସଙ୍ଗରେ ମିତ୍ରତା ସ୍ଥାପନ କରିପାରୁ ନାହିଁ, ପୁରୁଷର ସେ ବାସନା-କୀଟର ଦଂଶନ-ଜ୍ୱାଳାର ବେଗ ସହ୍ୟ କରି ନ ପାରି ସ୍ତ୍ରୀ ଯଦି ତା'ର ବାସନା-ବେଦୀରେ ନିଜକୁ ବଳି ଦେବ, ତେବେ ସେ ନିଜର ଅନିଷ୍ଟ ନିଜେ କରିବ । ତେଣୁ—

Digitized by srujanika@gmail.com

"ହେ ସୁନ୍ଦରୀ !
"ମୁକ୍ତ କର ଅସମ୍ମାନ୍, ତବ ଅପ୍ରକାଶ ଅବରନ୍
ହେ ସୁନ୍ଦରୀ, ବନ୍ଧେନେର କରୋନା କୃତ୍ରିମ ଅଭରନ୍ ।
ଲଜ୍ଜିତ ଲଜ୍ଜାର୍ ଶାସ୍ତ୍ର, ସେଥାୟ୍ ଅମ୍ନାର୍ ଅବସାଦ୍—
ଅର୍ଦ୍ଧେକ ବାଧାୟ୍ ସେଥା ଶ୍ରେଗେର୍ ବାଢାୟେ
ଦଦେ ସ୍ୱାଦ୍ ।"

ଅପ୍ରକାଶତା ନାରୀ ପକ୍ଷରେ ଅସମ୍ମାନ । ସେ ଅପ୍ରକାଶିତ ହେବା ଫଳରେ ତାର ଗୁଣ ଅବଗୁଣ୍ଠିତ ହୋଇ ରହୁଛି । ଫଳତଃ ସମାଜ ତାକୁ ଉଚିତ ସମ୍ମାନ ଦେବାର ଗୌରବରୁ ବଞ୍ଚିତ ହେଉଛି । ନାରୀପ୍ରତି ସମାଜର ଉଚିତ ଗୌରବବୋଧର ଅଭାବ ଫଳରେ ନାରୀ, ଯେ ସମ୍ମାନ ପ୍ରାପ୍ତ ହେବାର ଅଧିକାରୀ, ତା' ପାଇପାରୁନାହିଁ । ଫଳତଃ ନାରୀ ସମାଜର ଅତି ନିମ୍ନ ସ୍ତରରେ ପଡ଼ି ରହୁଛି । ତେଣୁ ନାରୀକୁ ପ୍ରକାଶିତ ହେବାକୁ ହେବ—ପୁରୁଷର କୃତ୍ରିମ ବନ୍ଧନରୁ ମୁକ୍ତ ହେବାକୁ ହେବ ।

ନାରୀର ଶୋଭାର ଶ୍ରୀବୃଦ୍ଧି ପାଇଁ ତ ଲଜ୍ଜାର ଆବଶ୍ୟକତା ରହିଛି; ସେହିପରି ଅନାବଶ୍ୟକ ଅହେତୁକ ଲଜ୍ଜାର ଅନାବଶ୍ୟକତା ମଧ୍ୟ ରହିଛି । ଅତ୍ୟଧିକ ଲଜ୍ଜାର କାରଣରୁ ନାରୀର ଅତି ଆବଶ୍ୟକୀୟ ଗୁଣ ପ୍ରକାଶକୁ ଆସି ପାରୁନାହିଁ । ଫଳତଃ ଯେ ଆତ୍ମା ସତ୍ୟ, ଶିବ, ସୁନ୍ଦର, ତାର ବିକାଶ ସମ୍ଭବ ହୋଇ ପାରୁ ନାହିଁ । ଅଥଚ ସେ ଆତ୍ମା ପ୍ରକାଶିତ ହୋଇ ନ ପାରିବା ଫଳରେ ସେ ଅବସାଦଗ୍ରସ୍ତ ହୋଇ ପଡ଼ୁଛି (ଆତ୍ମା ସ୍ୱଭାବତଃ ସୁପ୍ତ, ତେଣୁ ନିଜର ସୁକର୍ମ ଦ୍ୱାରା ତାକୁ ଜାଗ୍ରତ କରିବାକୁ ହୁଏ, କିମ୍ବା କୁକର୍ମଦ୍ୱାରା ସେ ସୁପ୍ତ, ଅବସାଦଗ୍ରସ୍ତ ହୋଇ ପଡ଼େ) ।

Digitized by srujanika@gmail.com

ପ୍ରତ୍ୟେକ ପଦାର୍ଥର ସୀମା ରହିଛି । ସୀମାତିରିକ୍ତ ହେଲେ କୌଣସି ପଦାର୍ଥ ଉପଯୋଗୀ ସିଦ୍ଧ ହୁଏ ନା—ଅସମ୍ମାନର ଆଘାତ ପ୍ରାପ୍ତ ହୁଏ; କାରଣ, ସେ ପଦାର୍ଥର ମୌଳିକ ଗୁଣ ନଷ୍ଟ ହୋଇଯାଏ । ତେଣୁ, 'ଅତି ସର୍ବତ୍ର ବର୍ଜୟେତ୍' । ଲଜ୍ଜା ଯଦି ନାରୀର ଭୂଷଣ ନ ହୋଇ ତାର ବନ୍ଧନର କାରଣ ସିଦ୍ଧ ହୁଏ, ଆଉ ସେହି ବନ୍ଧନ ନାରୀର ଯଦି ଅସମ୍ମାନର କାରଣ ସିଦ୍ଧ ହୁଏ, ତେବେ ସୁଦ୍ଧା କଣ ଲଜ୍ଜାକୁ ଭୂଷଣ ରୂପରେ ଧାରଣ କରିବା ନାରୀ ପକ୍ଷରେ ଉଚିତ ହେବ ? ତେଣୁ, ନାରୀକୁ ଏ ଲଜ୍ଜାର ଖାଁଚା ଅର୍ଥାତ୍ ପିଞ୍ଜରାରୁ ମୁକ୍ତ ହୋଇ ଆତ୍ମପ୍ରକାଶ କରିବାକୁ ହେବ । ତେଣୁ—

"ଲଜ୍ଜାଶୀଳା ବାଡ଼ାଉଛି ଗର୍ବ, ଖର୍ବ କରିଦ୍ୟୋନା ଆପନାରେ,
ଖଣ୍ଡିତ ଜୀବନ ଲଯ୍ୟେ ଅଛନ୍ତ ଚିତ୍ତେର ଅନ୍ଧକାରେ ।"

ନାରୀ ସେତେବେଳେ ସମ୍ପୂର୍ଣ୍ଣ ନାରୀ, ଯେତେବେଳେ ତାର ରୂପ ତଥା ଗୁଣ ସମ୍ପୂର୍ଣ୍ଣ ବିକଶିତ ହୁଏ; ଆଉ ସମାଜ ବା ରାଷ୍ଟ୍ର ଏ ବିକାଶଦ୍ୱାରା ସମ୍ପୂର୍ଣ୍ଣ ଉପକୃତ ହୁଏ, ଅନ୍ୟଥା ନାରୀ ଖଣ୍ଡିତା । ନାରୀ ଖଣ୍ଡିତା କେତେବେଳେ ହୁଏ ? ଯେତେବେଳେ ସେ ପୁରୁଷକୁ ତୁଷ୍ଟ କରିବାକୁ ଆପଣାର କେବଳ ରୂପର ବିକାଶ-ସାଧନାରେ ବ୍ୟସ୍ତ ରହେ,—ଗୁଣର ନୁହେଁ । ଫଳତଃ ନାରୀକୁ, ଶକ୍ତିକୁ ଆପଣା ଅଧୀନ କରିପାରିବା ଫଳରେ ପୁରୁଷର ଅଭିମାନ ବୃଦ୍ଧିପାଏ; ଆଉ ନାରୀ ନିଜକୁ ସମ୍ପୂର୍ଣ୍ଣଭାବରେ ପ୍ରକାଶ ନ କରିପାରିବା ଫଳରେ ଖର୍ବ ଅର୍ଥାତ୍ କ୍ଷୁଦ୍ର ଅର୍ଥାତ୍ ଖଣ୍ଡିତ ହୋଇ ପଡ଼େ । ସେ ନିଜକୁ ପ୍ରକାଶ ନ କରିପାରିବାଦ୍ୱାରା ନିଜର ଗୁଣ ସମ୍ବନ୍ଧରେ, ନିଜର ଶକ୍ତି-ସାମର୍ଥ୍ୟ ସମ୍ବନ୍ଧରେ ଅଜ୍ଞ ହୋଇ ରହେ । ତେଣୁ ତାର ଚିତ୍ତ ଅନ୍ଧକାରାଚ୍ଛନ୍ନ ତଥା ସେ ନିଜେ ଖଣ୍ଡିତ ଅର୍ଥାତ୍ ଅପୂର୍ଣ୍ଣ ହୋଇ ପଡ଼େ ।

Digitized by srujanika@gmail.com

ଯେ ବନ୍ଧନ ନାରୀର 'ଇହକାଳ ପରକାଳର ବନ୍ଧନ ତା' ତ ତା' ପକ୍ଷରେ ସଂଳଳ ସ୍ୱାଭାବିକ, ମଙ୍ଗଳକାରକ ହୋଇ ପାରେନା। ହଁ, ଏକଥା ସତ୍ୟ ଯେ ପାରିବାରିକ ବନ୍ଧନ ନାରୀ ପକ୍ଷରେ ଅବଶ୍ୟକ, ସଂସାର ଯାତ୍ରାକୁ ସହଜ ସୁଖକର କରିବାପାଇଁ । କିନ୍ତୁ ସେ ବନ୍ଧନ ଯଦି ତାର ଚିତ୍ତର ଅନ୍ଧକାରକୁ ଦୂର କରି ନ ପାରି ତାର ଅସ୍ତିତ୍ୱକୁ ଲୁପ୍ତ ଘଟାଏ, ତେବେ ସେ ବନ୍ଧନ ତ ପ୍ରେମର ବନ୍ଧନ ହୋଇ ପାରେ ନା, ଆଦରର ବନ୍ଧନ ହୋଇ ପାରେ ନା, ତଥା ମଙ୍ଗଳର ବନ୍ଧନ ହୋଇ ପାରେ ନା। ରାଷ୍ଟ୍ରର କଲ୍ୟାଣ ଦୃଷ୍ଟିରୁ, ସମାଜର ମଙ୍ଗଳଦୃଷ୍ଟିରୁ ପରିବାରର ହିତ ତଥା ସୁଖସ୍ୱାଚ୍ଛନ୍ଦ୍ୟ ଦୃଷ୍ଟିରୁ ଏରୂପ ବନ୍ଧନରୁ ମୁକ୍ତ ହେବା କଣ ନାରୀର କର୍ତ୍ତବ୍ୟ ନୁହେଁ ?

(ଏ ତଥ୍ୟ ଦର୍ଶନର ଆଶ୍ରୟ, 'ପ୍ରବାସୀ' ୩୧ଶ ଭାଗ, ୨ୟ ଖଣ୍ଡ, ୬ଷ୍ଠ ସଂଖ୍ୟା, ଚୈତ୍ର ୧୩୩୮ରେ ପ୍ରକାଶିତ ରବୀନ୍ଦ୍ରନାଥଙ୍କ 'ଅପ୍ରକାଶ' କବିତା—ଲେଖକ ।)

ଆଶ୍ରମ-ପରିବର୍ତ୍ତନ

ସାୟଂ ସନ୍ଧ୍ୟୋପାସନାପୋରାନ୍ତ, ମହର୍ଷି ଯାଜ୍ଞବଲ୍କ୍ୟ ଗମ୍ଭୀର ମୁଦ୍ରାରେ ପଦ୍ମାସନରେ ଶବପ୍ରତିମାବତ୍ ବସି ରହିଲେ । ଋଷିଙ୍କର ଏ ଭାବାବେଗର ଲକ୍ଷଣ କ୍ରମଶଃ ବୃଦ୍ଧି ପାଉଥିବାର ଲକ୍ଷ୍ୟ କରି ଆସୁଥିଲେ ଋଷି-ପତ୍ନୀ ମୈତ୍ରେୟୀ । ତେଣୁ ଋଷିଙ୍କର ଆଜିକାର ଗାମ୍ଭୀର୍ଯ୍ୟର ତୀକ୍ଷ୍ଣତା ଋଷିପତ୍ନୀଙ୍କୁ ବିଚଳିତ କରି ପକାଇଲା—ହୃଦୟର ନିଭୃତ ସ୍ଥାନରେ ଏହା ଶେଲ ବିନ୍ଧି କଲା । ଧୀର ପଦ କ୍ଷେପରେ, ଭାବୀ ବିରହ-ଯନ୍ତ୍ରଣାର ଅତି କଳ୍ପନାରେ ସାତିଶୟ ଦ୍ରବୀଭୂତ ହୋଇ ଋଷି-ପତ୍ନୀ ଉଭା ହେଲେ ଋଷିଙ୍କ ସମ୍ମୁଖରେ । ଋଷି-ପତ୍ନୀଙ୍କର କରୁଣାବିଗଳିତ ଚକ୍ଷୁଯୁଗଳ ନିବଦ୍ଧ ହେଲା ଋଷିଙ୍କ ମୁଖପ୍ରତି ମୃତ୍ୟୁଦଣ୍ଡ ପ୍ରତ୍ୟାଶୀର ଚକ୍ଷୁ ଆତତାୟୀର ମୁଖ ପ୍ରତି ନିବଦ୍ଧ ହେଲା ପରି । ଦୟାର୍ଦ୍ରଚିତ୍ତ ଋଷି ସଙ୍କେତ କଲେ ପତ୍ନୀଙ୍କୁ ନିକଟରେ ବସିବା ପାଇଁ ।

ମେଘମୁକ୍ତ ଆକାଶର ପଶ୍ଚିମଦିଗନ୍ତର୍ଗତ ସବିତାର କ୍ଷୀଣ ରଶ୍ମିଜାଲ ବିଚ୍ଛୁରିତ ହୋଇପଡ଼ୁଥିଲା ଏ ଯୁଗଳମୂର୍ତ୍ତିଙ୍କର ଆନନୋପରି । ମଧ୍ୟେ ମଧ୍ୟେ ଗଗନଗୁଞ୍ଜୀ ବିହଙ୍ଗମଗଣଙ୍କର ପ୍ରହୃଷ୍ଟତର ଧ୍ୱନି-ମୁଖର ସ୍ତବଗାନ ଆନନ୍ଦହିଲ୍ଲୋଳର ତାଳେ ତାଳେ ନୃତ୍ୟ କରି ଶ୍ରାନ୍ତକ୍ଳାନ୍ତର ହୃଦୟରେ ଶାନ୍ତରସର ଉଦ୍ରେକ କରୁଥିଲା । ପ୍ରକୃତି-ରାଣୀର ଶ୍ରେଷ୍ଠ ସମ୍ପଦ ପୁଷ୍ପ-ସୌରଭକୁ ବହନ କରି ଆଣୁଥିଲା ମୁକ୍ତଗତି ସାନ୍ଧ୍ୟ ସମୀରଣ ଏହି ଗୋଧୂଳି ଲଗ୍ନରେ, ଶ୍ୟାମଳା ଧରିତ୍ରୀର ବନ୍ଦାପନା ପାଇଁ । ପକ୍ୱଶାଳିବୃନ୍ତର ଶସ୍ୟକ୍ଷେତ୍ର ମଥା ନୁଆଁଇ ଗ୍ରହଣ କରୁଥିଲେ ସମୀରଣର ଅର୍ଘ୍ୟ । ପାକଳୀ ସ୍ଥଗିତ ରଖି

Digitized by srujanika@gmail.com

ଅବେଗଭରା ଦୃଷ୍ଟିରେ ମୃଗଶିଶୁଗଣ ଅନାଇଁ ରହିଲେ ଋଷି, ଋଷି-ପତ୍ନୀଙ୍କ ପ୍ରତି । ଅନୁକ୍ଷଣ ବେଦମନ୍ତ୍ର ଶ୍ରବଣରେ କଣ୍ଠସ୍ଥ-କରିବାରେ ଅଭ୍ୟସ୍ତ ବାଗ୍ମୀ ଶୁକପକ୍ଷୀ ଧ୍ୟାନମୌନ ମୁନି ତୁଲ୍ୟ ସ୍ଥିର ହୋଇ ରହିଲେ ଏ ନିସ୍ତବ୍ଧ ଶାନ୍ତ ବାତାବରଣକୁ ମୌନ-ଗମ୍ଭୀର ଋଷି ଯାଜ୍ଞବଲ୍କ୍ୟ ଚେତନା-ଶୃଙ୍ଖଳିତ କରି ନିଜର ମେଘଗମ୍ଭୀର ବାଣୀଦ୍ୱାରା ସଚେତନ କରି କହିଲେ—

"... ଉଦ୍‌ଯାସ୍ୟନ୍ ବା ଅରେଽହମସ୍ମାତ୍ସ୍ଥାନାଦସ୍ମି,
ହନ୍ତ ତେଽନୟା କାତ୍ୟାୟନ୍ୟାନ୍ତଂ କରବାଣୀତି ।" ।୧।

"ଏ ସ୍ଥାନରୁ ଅନ୍ୟତ୍ର ଉଚ୍ଚସ୍ଥାନକୁ ଯିବାକୁ ଇଚ୍ଛା କରୁଛି । କାତ୍ୟାୟନୀ ତଥା ତୁମ ସହିତ ସମ୍ବନ୍ଧର ଅନ୍ତ କରିବା ମୋର ଇଚ୍ଛା, ତେଣୁ ତୁମମାନଙ୍କର ସମ୍ମତି ଆବଶ୍ୟକ ।"

ଋଷିଙ୍କର ଅନେକ ଦିନର କଳ୍ପନା-କାମନା ଆଜି ରୂପ ନେଲା ଏହି ବାକ୍ୟାକାରରେ । ମୈତ୍ରେୟୀ ଋଷିଙ୍କର ଭାବାନ୍ତର ଲକ୍ଷ୍ୟକରି ଯେଉଁ ଭୟ କରି ଆସୁଥିଲେ, ଆଜି ସେ ସେହି ଭୟର ସମ୍ମୁଖୀନ ହେଲେ ଅତର୍କିତଭାବରେ ।......ଋଷି କହିଲେ, ସେ ଏହି ସ୍ଥାନ ଅପେକ୍ଷା ଅର୍ଥାତ୍ ଏହି ଗୃହସ୍ଥାଶ୍ରମ ଅପେକ୍ଷା ଅନ୍ୟତ୍ର ଉଚ୍ଚ ସ୍ଥାନକୁ ଅର୍ଥାତ୍ ବାନପ୍ରସ୍ଥାଶ୍ରମକୁ ତଥା ସନ୍ନ୍ୟାସାଶ୍ରମକୁ ଯିବାକୁ ଚାହାନ୍ତି, ଯେଉଁଠାରେ ଇନ୍ଦ୍ରିୟ ରହିଛି, ଅଥଚ ବିଷୟାସକ୍ତିର ପ୍ରାବଲ୍ୟ ନାହିଁ—ମନ ରହିଛି, ଶୃଙ୍ଖଳା ନାହିଁ—ପ୍ରବୃତ୍ତି ରହିଛି ନିବୃତ୍ତିର ମାର୍ଗକୁ ପ୍ରଶସ୍ତ କରିବା ପାଇଁ—ସାଧନାର କ୍ଷେତ୍ର ରହିଛି କାମନା-ଶୂନ୍ୟତାର ସାଧନା ପାଇଁ—କ୍ଷୁଧା ରହିଛି ଭୋଗପାଇଁ ନୁହେଁ, କେବଳ କ୍ଷୁଧା-ନିବୃତ୍ତି ପାଇଁ—ତପସ୍ୟା ରହିଛି ଋଷିମାନଙ୍କର ସାଂସାରିକ ସୁଖ ସକାଶେ କର୍ମତତ୍ପର ହେବାପାଇଁ ନୁହେଁ,

Digitized by srujanika@gmail.com

ସାଂସାରିକତାର ବିକ୍ଷେପସାଧନ ଦ୍ୱାରା ଅଲୌକିକ ଆନନ୍ଦର ଅନୁଭୂତି ପାଇଁ, ଅଥଚ ଏଇ ସାଂସାରିକ ଆନନ୍ଦରେହିଁ ରହିଛି ସ୍ୱର୍ଗୀୟ ଆନନ୍ଦର ବୀଜ ।·· ···ମନୁଷ୍ୟ, ଆପାତତଃ, ଏଇ ସାଂସାରିକ ଆନନ୍ଦାନୁଭୂତି ବିନା ଆଧ୍ୟାତ୍ମିକ ଆନନ୍ଦ ପାଇଁ ବା ଚେଷ୍ଟିତ ହେବ କିପରି ?—ସ୍ଥୂଳ ସୁଖାନୁଭୂତି ନ ହେଲେ ସୂକ୍ଷ୍ମ ଆନନ୍ଦାନୁଭୂତି ପାଇଁ ବା ସେ ଲାଳାୟିତ ହେବ କିପରି ? ଆନନ୍ଦ ସ୍ଥୂଳ ହେଉ ବା ସୂକ୍ଷ୍ମ ହେଉ, ଆନନ୍ଦ ସାଂସାରିକ ହେଉ ବା ଆଧ୍ୟାତ୍ମିକ ହେଉ, 'ଆନନ୍ଦ' ପଦାର୍ଥଟା କଣ, ସର୍ବପ୍ରଥମରେ ନ ଜାଣିଲେ ଆନନ୍ଦର ଅନ୍ୱେଷଣରେ ମନୁଷ୍ୟ ଶରୀର-ପୀଡ଼ା ବା ମନଃ-ପୀଡ଼ା ସ୍ୱୀକାର କରିବ କାହିଁକି ? ଏଥିପାଇଁ ହିଁ ସର୍ବାଗ୍ରେ ମନୁଷ୍ୟ ପକ୍ଷରେ ସାଂସାରିକ ସୁଖାନୁଭୂତି ଆବଶ୍ୟକ; ଆଉ ଏଥିପାଇଁହିଁ ସ୍ରଷ୍ଟା ଏହି ସାଂସାରିକତାରେ ମଧ୍ୟ ସୁଖାନୁଭୂତିର ବ୍ୟବସ୍ଥା କରିଛନ୍ତି ।

ଆଧ୍ୟାତ୍ମିକ ଆନନ୍ଦ ପାଇଁ, ଆପାତତଃ, ଶାରୀରିକ ମାନସିକ ପୀଡ଼ାର ଅପରିହାର୍ଯ୍ୟତା ରହିଛି, ଆଉ ଏହା ସାଧନାର ବିଷୟ । ସାଧନାପାଇଁ ଶ୍ରମ ଆବଶ୍ୟକ । କାୟିକ ମାନସିକ ଇନ୍ଦ୍ରିୟ-ଶୃଙ୍ଖଳାହିଁ ଶ୍ରମ । ଇନ୍ଦ୍ରିୟ-ଶୃଙ୍ଖଳା ଅର୍ଥ ମନ ଇନ୍ଦ୍ରିୟ-ଶୃଙ୍ଖଳାଜନିତ ବେଗକୁ ଅବଧାରଣା କରିବା ବା ଅବରୋଧ କରିବା, ଯାହା ସାଧାରଣ ଅର୍ଥରେ ଦୁଃଖ ବା କ୍ଲେଶ । ଏ ଦୁଃଖ ମାନସିକ ଦୁଃଖ ହୋଇପାରେ, କାୟିକ ଦୁଃଖ ମଧ୍ୟ ହୋଇପାରେ । ଏ କ୍ଲେଶ ବା ଦୁଃଖ ନସହିବରେ ଯେ ଅଭ୍ୟସ୍ତ ଅର୍ଥାତ୍ ଯେ ସାଧକ, ଯେ ଯୋଗୀ ତା ପକ୍ଷରେ କେବଳ ଏହା ସାଧାରଣ କଥା । କିନ୍ତୁ ଏ ଦୁଃଖ ସହିବାରେ ଯେ ଅନଭ୍ୟସ୍ତ, ଅର୍ଥାତ୍ ଯେ ସାଧକ ନୁହେଁ, ଯେ ଯୋଗୀ ନୁହେ, ଯେ ସାଧନା-ପଥର ପଥିକ ମାତ୍ର, ତା ପକ୍ଷରେ ଏ ଦୁଃଖ କଠିଣତର, ଅସହ୍ୟ ।

Digitized by srujanika@gmail.com

ସାଧନାଜନିତ ଦୁଃଖକୁ ସହ୍ୟ କରିଯିବା ପାଇଁ ଯେ କ୍ଷେତ୍ର ଆବଶ୍ୟକ, ସେ କ୍ଷେତ୍ର ଗୃହ-ସଂସାର ନୁହେଁ—ସେ କ୍ଷେତ୍ର ବାନପ୍ରସ୍ଥାଶ୍ରମ, ସନ୍ନ୍ୟାସାଶ୍ରମ । କିନ୍ତୁ ଏ କ୍ଷେତ୍ରରେ ପ୍ରବେଶ କରିବା ପୂର୍ବରୁ ଅଭ୍ୟାସର-ସାଧନା ପାଇଁ ଯେ କ୍ଷେତ୍ର ଆବଶ୍ୟକ, ସେ କ୍ଷେତ୍ର ଗୃହସ୍ଥାଶ୍ରମ । ତେଣୁ, ଋଷି ଏ ଗୃହସ୍ଥାଶ୍ରମ ତ୍ୟାଗ କରି, ଏଥିରୁ ଅଧିକ ଉଚ୍ଚ ସ୍ତରର କ୍ଷେତ୍ରକୁ ଯିବାକୁ ଉତ୍କଣ୍ଠିତ ହୋଇ ଉଠୁଛନ୍ତି ।"

ସ୍ଥୂଳ ସୁଖାନୁଭୂତି ହେଉଛି ସୂକ୍ଷ୍ମ ସୁଖାନୁଭୂତିର ବୀଜ । ଅର୍ଥାତ୍ ସାଂସାରିକ ଆନନ୍ଦ ହେଉଛି ଆଧ୍ୟାତ୍ମିକ ଆନନ୍ଦର ମୂଳାଧାର । ମନୁଷ୍ୟ ପକ୍ଷରେ, ସର୍ବପ୍ରଥମରେ, ପାରିବାରିକ ସମ୍ବନ୍ଧଜାତ ସ୍ଥୂଳ ଆନନ୍ଦର ଉପଭୋଗ ବିନା ଈଶ୍ୱର-ସମ୍ବନ୍ଧ-ଜାତ ସୂକ୍ଷ୍ମ ଆନନ୍ଦର ଅନୁଭୂତି ପାଇଁ ଲାଳାୟିତ ହେବା ସ୍ୱାଭାବିକ କଥା ନୁହେଁ, ଆଉ ଏହା ତା ପକ୍ଷରେ ସହଜ ବି ନୁହେଁ ।...ମନୁଷ୍ୟ ପ୍ରଥମରେ ସୁମିଷ୍ଟ ଖାଦ୍ୟ ଗ୍ରହଣ କରେ ଜିହ୍ୱା-ଲାଳସାର ତୃପ୍ତି-ସାଧନ ପାଇଁ । ଏ ତୃପ୍ତି ସ୍ଥୂଳ; କାରଣ ଜିହ୍ୱା ସ୍ଥୂଳ ଇନ୍ଦ୍ରିୟ ବିଶେଷ । ଅଥଚ ସୁମିଷ୍ଟ ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରିବା ଫଳରେ ମନୁଷ୍ୟ ଯେଉଁ ଶାରୀରିକ-ମାନସିକ-ଆଧ୍ୟାତ୍ମିକ-ବିକାଶ-ଜନିତ ଆନନ୍ଦ ଉପଲବ୍ଧି କରେ, ସେ ଆନନ୍ଦ ସୂକ୍ଷ୍ମ । କାରଣ ଏ ଆନନ୍ଦାନୁଭୂତି ପାଇଁ ଚିନ୍ତା ଆବଶ୍ୟକ—କେବଳ ଇନ୍ଦ୍ରିୟ ଭୋଗ-ଜନିତ ସୁଖାନୁଭୂତି ଏଥିପାଇଁ ଯଥେଷ୍ଟ ନୁହେଁ । କାରଣ ଚିନ୍ତା ସ୍ଥୂଳକୁ ଅପେକ୍ଷା କରେ ନା—ଚିନ୍ତା ସୂକ୍ଷ୍ମକୁ ଅପେକ୍ଷା କରେ । ଈଶ୍ୱର ଅଚିନ୍ତନୀୟ ବୋଲି ସେ ଅତି ସୂକ୍ଷ୍ମ; ଆଉ ଏ ଅଚିନ୍ତନୀୟ ତତ୍ତ୍ୱ ସମ୍ବନ୍ଧରେ ଚିନ୍ତା କରି ଯେ ଆନନ୍ଦର ସମ୍ୟକ୍ ଉପଲବ୍ଧି କରାଯାଇ ପାରେ, ସେ ଆନନ୍ଦ ସୂକ୍ଷ୍ମ ହେବା ସ୍ୱାଭାବିକ । ଏ ଚିନ୍ତାକୁ

Digitized by srujanika@gmail.com

କ୍ଷେତ୍ରକୁ, ଏ ଅନୁଭୂତିର କ୍ଷେତ୍ରକୁ ପ୍ରଶସ୍ତ କରି ତୋଳିବା ପାଇଁ— ଏ ସାଧନାର ମାର୍ଗକୁ ବାଧାବନ୍ଧନହୀନ କରି ତୋଳିବା ପାଇଁ— ଭୋଗରୁ ଆସକ୍ତିକୁ ନିବାରଣ କରିବା ପାଇଁ—ତଥା ସେ ବିରାଟ ସତ୍ୟ ସଙ୍ଗରେ ଅନ୍ୟାନ୍ୟ ସମସ୍ତ ସତ୍ୟର ସଙ୍ଗ-ଜନିତ ସାମଞ୍ଜସ୍ୟର ସମ୍ୟକ୍ ଉପଲବ୍ଧି ପାଇଁ ଗୃହସ୍ଥ ପକ୍ଷରେ ବାନପ୍ରସ୍ଥାଶ୍ରମ ବା ସନ୍ନ୍ୟାସାଶ୍ରମ ଅବଲମ୍ବନ ବ୍ୟତିରେକେ ଅନ୍ୟ ପନ୍ଥା ନାହିଁ ବୋଲି ଶାସ୍ତ୍ର ଆଶ୍ରମ-ବ୍ୟବସ୍ଥାର ବ୍ୟବସ୍ଥା ଦେଇଛନ୍ତି । ଭାରତର ତ୍ରିକାଳଦର୍ଶୀ ପ୍ରାଚୀନ ଋଷିଗଣ, ଏଥିପାଇଁହିଁ, ଯେ ବ୍ୟବସ୍ଥାର ବିଧାନ କରିଛନ୍ତି, ସେ ବ୍ୟବସ୍ଥା 'ଆଶ୍ରମ-ବ୍ୟବସ୍ଥା' । ତେଣୁ ଆଶ୍ରମ—ପରିବର୍ତ୍ତନ ଆବଶ୍ୟକ ମନୁଷ୍ୟ ପକ୍ଷରେ ।

ପ୍ରଥମ ଆଶ୍ରମ ବ୍ରହ୍ମଚର୍ଯ୍ୟାଶ୍ରମ; ଦ୍ୱିତୀୟ ଗୃହସ୍ଥାଶ୍ରମ; ତୃତୀୟ ବାନପ୍ରସ୍ଥାଶ୍ରମ; ଆଉ ଚତୁର୍ଥ ସନ୍ନ୍ୟାସାଶ୍ରମ ।

ବ୍ରହ୍ମଚର୍ଯ୍ୟାଶ୍ରମରେ ଛଅ ବା ଆଠବର୍ଷଠାରୁ ଆରମ୍ଭ କରି ପଚିଶ ବର୍ଷ ପର୍ଯ୍ୟନ୍ତ କଠିଣ ବ୍ରହ୍ମଚର୍ଯ୍ୟ ବ୍ରତ ଧାରଣପୂର୍ବକ ଗୁରୁକୁଳରେ ବାସ କରିବାକୁ ହୁଏ ତପୋବନଗୃସ୍ଥ, ବିରଳବସନ, ସର୍ବସ୍ୱତ୍ୟାଗୀ ଋଷି ମାନଙ୍କର ତତ୍ତ୍ୱାବଧାନରେ ବେଦାଭ୍ୟାସ କରିବା ପାଇଁ, ଅର୍ଥାତ୍ ଜ୍ଞାନୋପାର୍ଜନ କରିବା ପାଇଁ କିନ୍ତୁ ଏଥିପାଇଁ ବ୍ରହ୍ମଚର୍ଯ୍ୟ କାହିଁକି ଆବଶ୍ୟକ ? ସଂସାର ଭୋଗମୟ ବୋଲି ଆଉ ଆମେ ସଂସାରକୁ ଭୋଗ କରିବା ପାଇଁ ଭୋକ୍ତାରୂପରେ ଜନ୍ମ ନେଇଛୁଁ ବୋଲି । ଆମେ ଭୋକ୍ତା କିପରି ? ଯେହେତୁ ଆମର ସମସ୍ତ ଇନ୍ଦ୍ରିୟ ଭୋଗର ସାଧନ । ତେଣୁ ଆମେ ଭୋକ୍ତା ହେବାକୁ ବାଧ୍ୟ ଆଉ ଏ ସୃଷ୍ଟିକୁ ଭୋଗ ପଦାର୍ଥ ରୂପେ ସୃଜିବାକୁ ସ୍ରଷ୍ଟା ବାଧ୍ୟ । ସୁମିଷ୍ଟ ଖାଦ୍ୟ ଆମର ଭୋଗ-ସାମଗ୍ରୀ ସୁନ୍ଦର କୋମଳ ବସ୍ତ୍ର ଆମର ଭୋଗ

Digitized by srujanika@gmail.com

ପଦାର୍ଥ । ସୌରଭମୟ ପୁଷ୍ପସମ୍ଭାର ଆମର ଭୋଗ୍ୟ ପଦାର୍ଥ । ପ୍ରକୃତିର ମନୋରମ ଛବିଳ ଦୃଶ୍ୟାବଳୀ ଆମର ଭୋଗ ପାଇଁ ଉଦ୍ଦିଷ୍ଟ ରୂପସୀ ନାରୀ ଆମର ଭୋଗ୍ୟ ବସ୍ତୁ । ପୁତ୍ର କନ୍ୟା ଆମର ଭୋଗଜନିତ କର୍ମର ଫଳ; ଆଉ ଏ ସମସ୍ତର ଏକତ୍ର ସମାବେଶହିଁ ତ ଏ ସଂସାର । ପଞ୍ଚମହାଭୂତ, କ୍ଷିତି, ଅପ୍, ତେଜ, ମରୁତ୍, ବ୍ୟୋମ, ଏ ସମସ୍ତ ତ ଆମର ଶରୀର ମନର ପୁଷ୍ଟିର ସାଧନ, ଆଉ ଏହାହିଁ ତ ସଂସାରର ମୂଳ ପିଣ୍ଡ । ତେଣୁ ଜଡ଼ ପ୍ରକୃତି (ସଂସାର) ଆମର ଭୋଗ୍ୟବସ୍ତୁ; ପରମାତ୍ମା ଭୋଗର ବ୍ୟବସ୍ଥାପକ; ଆଉ ଆମେ (ଆତ୍ମା) ଭୋକ୍ତା ।

ମନୁଷ୍ୟର ଶରୀର, ମନ, ଆତ୍ମା ସୁସ୍ଥ ନ ରହିଲେ ସେ ଭୋଗରୁ ଆନନ୍ଦ ଆହରଣ କରି ପାରିବ ନାହିଁ । ଆଉ ଏ ଶରୀର, ଆତ୍ମା, ମନକୁ ସୁସ୍ଥ ରଖିବାକୁ ହେଲେ ବ୍ରହ୍ମଚର୍ଯ୍ୟର ଆବଶ୍ୟକତା ଅପରିହାର୍ଯ୍ୟ । ତେଣୁ ସଂସାରକୁ ଅକଣ୍ଠ ଭୋଗ କରିବା ପାଇଁ ମନୁଷ୍ୟ ପାଇଁ ଯେ ଶକ୍ତି ଆବଶ୍ୟକ, ସେ ଶକ୍ତି ବ୍ରହ୍ମଚର୍ଯ୍ୟ । ଏ ବ୍ରହ୍ମଚର୍ଯ୍ୟର ସାଧନା ପାଇଁ ସାଧାରଣ ସାଂସାରିକ କ୍ଷେତ୍ର ପ୍ରଶସ୍ତ ନୁହେ ବୋଲି ଗୁରୁକୁଳ ବାସ ଆବଶ୍ୟକ । ଯେଉଁ ଗୃହସ୍ଥାଶ୍ରମରେ ଇନ୍ଦ୍ରିୟ-ଚଞ୍ଚଳତାର ଅପରିହାର୍ଯ୍ୟତା ବିଦ୍ୟମାନ, ଯେଉଁଠାରେ ପଦେ ପଦେ ପ୍ରଲୋଭନର ମାୟାଜାଲ ଜଡ଼ିତ, ଯେଉଁଠାରେ ପଦେ ପଦେ ପତନର ସମ୍ଭାବନା ରହିଛି, ସେଠାରେ ତ ଇନ୍ଦ୍ରିୟ-ଦମନ କଦାପି ସମ୍ଭବ ନୁହେ ।

ଅତଏବ, ଗୁରୁକୁଳରେ ବ୍ରହ୍ମଚର୍ଯ୍ୟଧାରଣପୂର୍ବକ ଜ୍ଞାନୋପାର୍ଜନର ବ୍ୟବସ୍ଥା କାହିଁକି ରହିଛି ? ଭୋଗସ୍ପୃହାକୁ ନିୟନ୍ତ୍ରିତ କରିବା ପାଇଁ, ଭୋଗର ମର୍ଯ୍ୟାଦାକୁ ଉଲଙ୍ଘନ ନ କରିବାକୁ ଦେବା

Digitized by srujanika@gmail.com

ପାଇଁ ତଥା ଭୋଗୀକୁ ରୋଗୀ ହେବାକୁ ନ ଦେବା ପାଇଁ । ଜ୍ଞାନ ଅଳ୍ପ ବ୍ରହ୍ମଚର୍ଯ୍ୟର ଏକମାତ୍ର ସମ୍ମିଳିତ ଧ୍ୟେୟ ହେଉଛି ନିଜକୁ ସାଂସାରିକ ତଥା ଆଧ୍ୟାତ୍ମିକ ଆନନ୍ଦାନୁଭୂତି ପାଇଁ ସହଜ-ସ୍ୱାଭାବିକ ଭାବରେ ପରିପୂର୍ଣ୍ଣତାର ସହିତ ଯୋଗ୍ୟ କରି ତୋଳିବା ।

ପ୍ରକୃତି ସଙ୍ଗରେ ମନୁଷ୍ୟର ବିରୋଧ ସହଜ ସ୍ୱାଭାବିକ ନୁହେଁ । ପ୍ରକୃତି ସଙ୍ଗରେ ମନୁଷ୍ୟର ମିତ୍ରତା ମନୁଷ୍ୟ ପକ୍ଷରେ ସ୍ୱାଭାବିକ ଅବସ୍ଥା । ଯେହେତୁ ପ୍ରକୃତିକୁ ପରାସ୍ତ କରି ଆପଣାର କରି ପାରିବା ମନୁଷ୍ୟ ପକ୍ଷରେ ସମ୍ଭବ ନୁହେଁ, କାରଣ ପ୍ରକୃତି ମନୁଷ୍ୟର ସହଜାତ । ଯେ ପ୍ରକୃତି ମନୁଷ୍ୟର ସହଜାତ ଅର୍ଥାତ୍ ମନୁଷ୍ୟର ସ୍ୱାଭାବିକ ଗୁଣ ତାକୁ ନାଶ କରିବାର ଅସମ୍ଭବ ଅସ୍ୱାଭାବିକ ଚେଷ୍ଟା ନ କରି, ତା' ସଙ୍ଗରେ ମିତ୍ରତା ସ୍ଥାପନ କରି ତାକୁ ଆୟତ୍ତ କରିବାର ଚେଷ୍ଟା ଅତି ସ୍ୱାଭାବିକ ଚେଷ୍ଟା ହେବ । କିନ୍ତୁ ଏଥିପାଇଁ ମଧ୍ୟ ଶକ୍ତିର ପ୍ରୟୋଜନୀୟତା ରହିଛି, ସେ ଶକ୍ତି ଶାରୀରିକ ଶକ୍ତି ହେବ ଆଉ ତା ଆତ୍ମିକ ଶକ୍ତି ମଧ୍ୟ ହେବ । ଆତ୍ମିକ-ଶକ୍ତି ଶାରୀରିକ ଶକ୍ତି ଉପରେ ନିର୍ଭର କରେ । ଯେ ହେତୁ ଆମର ଶରୀର ସକଳ ପ୍ରକାର ମାନସିକ ବା ଆତ୍ମିକ ଶକ୍ତିର ଉତ୍ସ । ଆମର ଇନ୍ଦ୍ରିୟ ସବଳ ନ ହେଲେ, ଆମର ଆତ୍ମିକ ଶକ୍ତିର ବିକାଶ ସମ୍ଭବ ହେବ କିପରି ? ଶକ୍ତିର ଉତ୍ସ ଯେ ଇନ୍ଦ୍ରିୟ ! ଏଥିପାଇଁ ତ ରୁଗ୍ଣ-ଦୁର୍ବଳ ମନୁଷ୍ୟର ସ୍ୱଭାବ ଅସହ୍ୟ ହୋଇ ଉଠେ । ଦୁର୍ବଳ ମନୁଷ୍ୟ ପ୍ରକୃତିର ଚଞ୍ଚଳ ବେଗକୁ ଆୟତ୍ତ କରି ପାରେନା— ଆଉ ତାକୁ ଆୟତ୍ତ କରି ନ ପାରିବା ଫଳରେ ତାକୁ ଭୋଗ କରି, ପାରେ ନା । ଅଶ୍ୱ ଚଞ୍ଚଳ ହେଲେ, ଆଉ ଅଶ୍ୱାରୋହୀ ଦୁର୍ବଳ ହେଲେ, ସେ ଏ ଚଞ୍ଚଳ ଅଶ୍ୱକୁ ଆୟତ୍ତ କରି ପାରେ ନା । ଫଳତଃ ସେ ଅଶ୍ୱାରୋହଣର ଆନନ୍ଦ

Digitized by srujanika@gmail.com

ପ୍ରାପ୍ତ କରି ପାରିବେ ନା । କାମ ତଥା ବୈଦ୍ୟକ ଶାସ୍ତ୍ର କହନ୍ତି—ସେହି-ମାନେହିଁ ବେଶୀ କାମାସକ୍ତ, ଯେଉଁମାନେ ଦୁର୍ବଳେନ୍ଦ୍ରିୟ-ବିଶିଷ୍ଟ; ଅଡ ଏ ଦୁର୍ବଳେନ୍ଦ୍ରିୟ ବ୍ୟକ୍ତି ବିଶେଷହିଁ ବାରମ୍ବାର କାମପ୍ରବୃତ୍ତ ହେବା ଫଳରେ କାମ ସୁଖରୁ ବଞ୍ଚିତ ହୁଅନ୍ତି । ତେଣୁ ପ୍ରକୃତିକୁ (ସ୍ତ୍ରୀକୁ) ଆୟତ୍ତ କରିବା ପାଇଁ ଯେ ଶକ୍ତି ଆବଶ୍ୟକ, ତା ବ୍ରହ୍ମଚର୍ଯ୍ୟ ବିନା ଅସମ୍ଭବ । ତେଣୁ ବ୍ରହ୍ମଚର୍ଯ୍ୟର ଆବଶ୍ୟକତା ରହିଛି ଗୁରୁକୁଳ ବାସ କାଳରେ ।

କେବଳ ଇନ୍ଦ୍ରିୟ-ବଳିଷ୍ଠତା ଭୋଗ ପାଇଁ ଯଥେଷ୍ଟ ନୁହେ । ବଳିଷ୍ଠ ଇନ୍ଦ୍ରିୟ ଭୋଗ ପାଇଁ ଲାଳାୟିତ ହେବ ସିନା—ତ୍ୟାଗ ପାଇଁ ତ ସେ ପ୍ରସ୍ତୁତ ହୋଇ ପାରିବ ନାହିଁ । ବଳିଷ୍ଠ କ୍ଷତ୍ରିୟ ହତ୍ୟା କରିବା ପାଇଁ ସିନା ପ୍ରସ୍ତୁତ ହୋଇ ପଡ଼ିବ, କିନ୍ତୁ କ୍ଷମା କରିବା ପାଇଁ ସେ ପ୍ରସ୍ତୁତ ହୋଇ ପାରିବ କି ନା ସନ୍ଦେହ । କିନ୍ତୁ କ୍ଷମା ସେ ସେତେବେଳେ କରି ପାରିବ, ଯେତେବେଳେ ସେ ବଳବାନ ହେବା ସଙ୍ଗେ ଜ୍ଞାନବାନ ମଧ୍ୟ ହେବ । ସେତେବେଳେ ସେ ବାସ୍ତବ ଅର୍ଥରେ ବୀର ହେବ । ସେଥିପାଇଁ ତ କୁହାଯାଏ, 'କ୍ଷମା ବୀରସ୍ୟ ଭୂଷଣମ୍' । ଯେ ଶକ୍ତି ତାକୁ କ୍ଷମା କରିବା ପାଇଁ ପ୍ରେରଣା ଦେବ, ସେ ହେଉଛି ଜ୍ଞାନ; ଅଉ ଯେ ଶକ୍ତି ତାକୁ ବୀରତ୍ୱ ପ୍ରକାଶ କରିବାକୁ ପ୍ରେରଣା ଦେବ, ସେ ହେଉଛି ଶାରୀରିକ ବଳ ।

ଏ ଶାରୀରିକ ତଥା ମାନସିକ ବଳ ମନୁଷ୍ୟର ମସ୍ତିଷ୍କର ଉପଜ । କ୍ଷେତ୍ର ବିଶେଷର ବିଭିନ୍ନତା ତଥା ଉଦ୍ଦେଶ୍ୟର ବିଭିନ୍ନତା ହେତୁରୁ ଏ ଦୁଇ ଶକ୍ତିର ଏପରି ଭିନ୍ନ ନାମକରଣ ହୋଇଛି । ଅନେକ କ୍ଷେତ୍ରରେ ସୁସ୍ଥ-ସବଳ ବ୍ୟକ୍ତି ମଧ୍ୟ ଭୟାକ୍ରାନ୍ତ ହୋଇ ପଡ଼େ । ଏହାର କାରଣ ସ୍ୱାସ୍ଥ୍ୟର ଅଭାବ ନୁହେ, ଅଶିକ୍ଷା ତଥା ମାନସିକ

Digitized by srujanika@gmail.com

ଶକ୍ତିର ଅଭାବ । ତେଣୁ ଶାରୀରିକ ଶକ୍ତି ମାନସିକ ଶକ୍ତିର ରୂପାନ୍ତର ମାତ୍ର ।

ଭୋଗ କରିବା ସଙ୍ଗେସଙ୍ଗେ ତ୍ୟାଗ କରିବା ପାଇଁ ମଧ୍ୟ ମନୁଷ୍ୟ ଯଦି ପ୍ରସ୍ତୁତ ନ ହୁଏ, ତେବେ ସେ ଠିକ୍ ଭୋଗ କରି ପାରିବ ନାହିଁ । ଅନ୍ନ-ଭକ୍ଷଣର ଯଥାର୍ଥ ସ୍ୱାଦ ମନୁଷ୍ୟ ଉପଲବ୍ଧି କରି ପାରିବ ନାହିଁ, ଯଦି ସେ କ୍ଷୁଧାର୍ତ୍ତ ନ ଥାଏ । ଫଳତଃ ସେ ଭକ୍ଷିତ ଅନ୍ନରୁ ସାର ଗ୍ରହଣ ମଧ୍ୟ କରି ପାରିବ ନାହିଁ । ଫଳତଃ ସେ ଦୁର୍ବଳ ଅସୁସ୍ଥ ହୋଇ ପଡ଼ିବ । ଉପନିଷଦ ଏଥିପାଇଁହିଁ କହନ୍ତି, "ତେନ ତ୍ୟକ୍ତେନ ଭୁଞ୍ଜୀଥାଃ—" ତ୍ୟାଗ ପୂର୍ବକ ଭୋଗ କର ; ଅର୍ଥାତ୍ ଯେତେବେଳେ ପେଟରେ ଭୋକ ଅଛି, ଖାଅ, ଅନ୍ୟଥା ଭୋଗ କରି ପାରିବ ନାହିଁ, ଅଜୀର୍ଣ୍ଣ ରୋଗଗ୍ରସ୍ତ ହେବ । ତ୍ୟାଗ କରିବା ଅର୍ଥ ନିଜକୁ ଭୋଗ କରିବା ପାଇଁ ପରିପୂର୍ଣ୍ଣତାର ସହିତ ଯୋଗ୍ୟ କରି ତୋଳିବା ।

ଏ ତ୍ୟାଗ କରିବା ପାଇଁ ଯେ ପ୍ରେରଣା ଦେବ, ସେ କେବଳ ଇନ୍ଦ୍ରିୟ-ଚଳଶୃତା ନୁହେ, ସେ ଜ୍ଞାନ ଯା' ସମ୍ପୂର୍ଣ୍ଣ ମାନସିକ ଶକ୍ତି । ଏ ମାନସିକ ଶକ୍ତିହିଁ ଇନ୍ଦ୍ରିୟକୁ ପରିପୂର୍ଣ୍ଣତାର ସହିତ ଭୋଗ କରିବା-ପାଇଁ, ନ୍ୟାୟ୍ୟୋଚିତଭାବରେ ଭୋଗ କରିବାପାଇଁ ପ୍ରେରଣା ଦେବ । ତେଣୁ, ଗୁରୁକୁଳବାସ କାଳରେ କେବଳ ବ୍ରହ୍ମଚର୍ଯ୍ୟବ୍ରତ ଧାରଣା କରିବା ଯଥେଷ୍ଟ ନୁହେଁ, ଜ୍ଞାନୋପାର୍ଜନର ଅପରିହାର୍ଯ୍ୟତା ମଧ୍ୟ ଅବଶ୍ୟକ ସେତେବେଳେ ।

ଯେ ବୃତ୍ତି ମନୁଷ୍ୟର ସହଜାତ, ସ୍ୱାଭାବିକ ବୃତ୍ତି, ତା' ତାର ପଶୁଜନୋଚିତ ବୃତ୍ତି । ମନୁଷ୍ୟର କେବଳ ବିବେଚନା କରିବାର (ସୂକ୍ଷ୍ମଭାବରେ ବିଚାର କରିବାର) ଶକ୍ତିକୁ ବାଦ୍ ଦେଲେ,

Digitized by srujanika@gmail.com

ତା'ଠାରେ ଅଉ ଯେଉଁ ସବୁ ଗୁଣ ବାକି ରହିଲା, ସେ ସବୁ ପଶୁର ଗୁଣ ସଙ୍ଗେ ସମାନ। ମନୁଷ୍ୟ ମଧ୍ୟ ତ ଗୋଟାଏ ପ୍ରକାର ପଶୁ ଅର୍ଥାତ୍ ପ୍ରାଣୀ। ଏ ବିବେଚନା କରିବାର ଶକ୍ତି ପାଇଁ ସେ ପଶୁ ଅପେକ୍ଷା ଉଚ୍ଚତର ପ୍ରାଣୀ। ଏଥିପାଇଁ ତ ବିଚାରଶକ୍ତିହୀନ ବ୍ୟକ୍ତିକୁ ପଶୁ ସଙ୍ଗରେ ତୁଳନା କରାଯାଇ ଥାଏ। ଏ ବିଚାର କରିବାର ଶକ୍ତି ମନୁଷ୍ୟର ସହଜାତ ଗୁଣ ନୁହେଁ। ଏ ଶକ୍ତି, ଏ ଯୋଗ୍ୟତା ସେ ଶିକ୍ଷା ଦ୍ୱାରା ପ୍ରାପ୍ତ କରେ। ଯେଉଁ ବୁଦ୍ଧି ବାଳକବୃନ୍ଦ, ସ୍ତ୍ରୀବୃନ୍ଦ, ଅଶିକ୍ଷିତ, ଗ୍ରାମ୍ୟଜନପଦ, ସାଧାରଣତଃ ସମସ୍ତଙ୍କଠାରେ ପ୍ରକାଶ ପାଏ, ସେ ବୁଦ୍ଧି ସାଂସାରିକ ଜୀବନ-ଯାତ୍ରା ନିର୍ବାହ କରିବାପାଇଁ ଉପାୟ ଉଦ୍ଭାବନ କରିବାର ବୁଦ୍ଧି-ନିଜକୁ ମହୀୟାନ୍ କରି ତୋଳିବାର ବୁଦ୍ଧି ତା' ନୁହେଁ। ତେଣୁ ସେ ବୁଦ୍ଧି ସ୍ଥୂଳ। କିନ୍ତୁ ଯେ ବୁଦ୍ଧି ମନୁଷ୍ୟ ଅଗ୍ରଜଙ୍କଠାରୁ ପ୍ରାପ୍ତ କରେ, ଯା'ର ଅନ୍ୟ ନାମ ଅର୍ଜ୍ଜଜ୍ଞାନ, ସେ ବୁଦ୍ଧି ମନୁଷ୍ୟର ସୂକ୍ଷ୍ମ ବୁଦ୍ଧି। ଅଉ ଯେ ବୁଦ୍ଧି ବଳରେ ମନୁଷ୍ୟ ସୂକ୍ଷ୍ମ ତତ୍ତ୍ୱର ଅନ୍ୱେଷଣରେ ସମର୍ଥ ହୁଏ, ଅର୍ଥାତ୍ ଏପରି ଦୃଶ୍ୟମାନ ବିରାଟ ଜଗତର ଅନ୍ତରାଳରେ ଯେ ଅପରି-ଦୃଶ୍ୟମାନ ମହାନ୍ ଜଗତ ରହିଛି, ସେ ଜଗତ ସମ୍ବନ୍ଧରେ ଯେ ବୁଦ୍ଧି ମନୁଷ୍ୟକୁ ଜ୍ଞାନ ଆହରଣ କରିବାକୁ ସାମର୍ଥ୍ୟ ଦାନ କରେ, ସେ ବୁଦ୍ଧି ମନୁଷ୍ୟର ସୂକ୍ଷ୍ମ ବୁଦ୍ଧି ହେବା ସ୍ୱାଭାବିକ। ଅଉ ଏ ସୂକ୍ଷ୍ମ ବୁଦ୍ଧିର ସାଧନା ପାଇଁ ସାଧାରଣ କ୍ଷେତ୍ରଠାରୁ ସ୍ୱତନ୍ତ୍ର କ୍ଷେତ୍ରର ଆବଶ୍ୟକତା ରହିଛି। ତେଣୁ ବ୍ରହ୍ମଚାରୀ ପକ୍ଷରେ ଗୁରୁକୁଳବାସ କାଳରେ ଜ୍ଞାନୋପାର୍ଜ୍ଜନର ଆବଶ୍ୟକତା ଅପରିହାର୍ଯ୍ୟ।

ଭୋଗପାଇଁ ସମ୍ପୂର୍ଣ୍ଣ ଯୋଗ୍ୟ ବିବେଚିତ ହେବା ପରେ ଅର୍ଥାତ୍ ସମାବର୍ତ୍ତନ ସଂସ୍କାର (Convocation) ପରେ ବ୍ରହ୍ମଚାରୀ ଭୋଗମସ୍ତୁ

Digitized by srujanika@gmail.com

ଗୃହସ୍ଥାଶ୍ରମରେ ପ୍ରବେଶ କରିବ । ସେ ଏହା କାହିଁକି କରିବ ? 'ମା ଗୃଧ କସ୍ୟ ସ୍ୱିଧନମ୍' ; ମା ଗୃଧ (ଲୋଭ କର ନା) ଲୋଭ ନ କରିବା ପାଇଁ ଅର୍ଥାତ୍ ସଂସାର ପ୍ରତି ଅସକ୍ତ ନ ହେବାପାଇଁ, ଲୋଭ ସେ କାହିଁକି ନ କରିବ ? ସଂସାର ପ୍ରତି ଅସକ୍ତ ସେ କାହିଁକି ନ ହେବ ? କସ୍ୟସ୍ୱିଧନମ୍ । ଯେ ଧନପାଇଁ ସେ ଲୋଭ କରନ୍ତା, ସେ ଧନ କା'ର ? ସେ ଧନ ତ କାହାରିର ନୁହେ—ସେ ଧନ ତ ତା'ର ନୁହେ । ଯେ ଧନ ତା'ର ନୁହେ, ସେ ଧନପାଇଁ ଲୋଭ କରିବା ଅନ୍ୟାୟ ଲୋଭ ହେବ । ଅର୍ଥାତ୍ ସଂସାର ମଧ୍ୟରେ ପ୍ରବେଶ କରି ସଂସାରର ସାଂସାରିକତାର କଟୁ ଅନୁଭୂତି ଗ୍ରହଣ କରିବା ଫଳରେ ତାକୁ (ସାଂସାରିକତାକୁ) ଅକ୍ଳେଶରେ ତ୍ୟାଗ କରିବାକୁ ନିଜକୁ ଯୋଗ୍ୟକରି ତୋଳିବା ପାଇଁ ମନୁଷ୍ୟ ସାଂସାରିକ କ୍ଷେତ୍ରରେ ପ୍ରବେଶ କରିବ । ଫଳତଃ ଭୋଗର ଜନିତ ପ୍ରଭାବରେ ମନ, ଇନ୍ଦ୍ରିୟ ଶିଥିଳ ହେବା ପରେ ସେ ଭୋଗସର୍ବସ୍ୱ ଗୃହସ୍ଥାଶ୍ରମ ତ୍ୟାଗ କରି ତ୍ୟାଗସର୍ବସ୍ୱ ବାନପ୍ରସ୍ଥାଶ୍ରମ ତଥା ସନ୍ନ୍ୟାସାଶ୍ରମରେ ପ୍ରବେଶ କରିବ । କାହିଁକି ନା, ମନୁଷ୍ୟ ଜୀବନର ଚତୁର୍ବିଧ ଧ୍ୟେୟ ଧର୍ମ, ଅର୍ଥ, କାମ, ମୋକ୍ଷ ମଧ୍ୟରୁ ଅନ୍ତିମ ତଥା ସର୍ବପ୍ରଧାନ ଧ୍ୟେୟ ମୋକ୍ଷ; ଏ ମୋକ୍ଷାନନ୍ଦର ଅନୁଭୂତି ପାଇଁ ମନୁଷ୍ୟ ସଂସାର ତ୍ୟାଗ କରିବ ।

ତ୍ୟାଗୀ ଶିବ ତ୍ୟାଗ କରି ହିଁ ସେ ଶିବ—ମଙ୍ଗଳମୟ । ତ୍ୟାଗୀ ଶିବଙ୍କୁ ପାଇବା ପାଇଁ ତ୍ୟାଗ କରନ୍ତି ସତୀ ଧୂର୍ଜଟି—ଯେହେତୁ ସେ ସତ୍-ଗୁଣର ଅଧିଷ୍ଠାତ୍ରୀ । ଏହି ମଙ୍ଗଳ ଆଉ ସତ୍ୟର ମଧୁର ମିଳନହିଁ ତ ଜଗତର କଲ୍ୟାଣର କାରଣ । ମଙ୍ଗଳ ସଙ୍ଗରେ ସତ୍ୟର ଏ ଅପୂର୍ବ ମିଳନ ପାଇଁହିଁ ଗୃହୀ ସନ୍ନ୍ୟାସ ଗ୍ରହଣ କରିବ ସଂସାର ତ୍ୟାଗପୂର୍ବକ । ଅର୍ଥାତ୍ ଯେ ଆତ୍ମା ସତ୍, ତା'ର ସଙ୍ଗରେ ଯେ ପରମ

Digitized by srujanika@gmail.com

ଆତ୍ମା ମଙ୍ଗଳ, ତାର ମଧୁର ମିଳନହିଁ ଆଶ୍ରମ ବ୍ୟବସ୍ଥାର ଅନ୍ତର୍ନିହିତ ଧ୍ୟେୟ । ଏହାକୁହିଁ ଧାର୍ମିକ ଭାଷାରେ କହନ୍ତି, ମୋକ୍ଷ (ଦୁଃଖରୁ ନିବୃତ୍ତି) ।

ସଂସାର ତ୍ୟାଗକରି ସନ୍ନ୍ୟାସ ଗ୍ରହଣ କରିବା ଅର୍ଥ କେବଳ ନିଜେ ଭୋଗ ନ କରି ଅନ୍ୟାନ୍ୟଙ୍କୁ ମଧ୍ୟ ଭୋଗ କରିବା ପାଇଁ ପଥ ଛାଡ଼ି ଦେବା ।

ପଚିଶ ବର୍ଷ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟାଶ୍ରମରେ ତଥା ପଚିଶ ବର୍ଷ ପର୍ଯ୍ୟନ୍ତ ଗୃହସ୍ଥାଶ୍ରମରେ, ଏପରିଭାବରେ ଜୀବନର ଅର୍ଦ୍ଧେକ କାଳ ବ୍ୟତୀତ କଲା ପରେ ମନୁଷ୍ୟ ପ୍ରବେଶ କରିବ ବାନପ୍ରସ୍ଥାଶ୍ରମରେ ଶରୀରକୁ ମନକୁ ଭୋଗରୁ ନିବୃତ୍ତ କରିବା ପାଇଁ । ଭୋଗରୁ ମନ ନିବୃତ୍ତ ହେଲେ, ସେ 'ଜ୍ଞାନ ପାଇଁ, ଅର୍ଥାତ୍ ଆଧ୍ୟାତ୍ମିକତାର ସାଧନା ପାଇଁ ଅଧିକ ବଳଶାଳୀ ତଥା ଉତ୍ସାହିତ ହୋଇ ଉଠିବ । ଫଳତଃ ଜୀବନର ଉତ୍ତର କାଳରେ, ଅର୍ଥାତ୍ ବାନପ୍ରସ୍ଥାଶ୍ରମରେ, ସନ୍ନ୍ୟାସାଶ୍ରମରେ ତାକୁ ଆଉ ବାର୍ଦ୍ଧକ୍ୟର 'ଗ୍ରୁପ ପଙ୍ଗୁ କରି ପାରିବ ନାହିଁ । ତେବେ ଯିନା ସେ ଜଗତର ସମୂହ କଲ୍ୟାଣ ପାଇଁ ଶରୀରକୁ, ମନକୁ, ଆତ୍ମାକୁ ପରିପୂର୍ଣ୍ଣତାରସହିତ ନିୟୋଗ କରି ପାରିବ ! କାରଣ ସେତେବେଳେ ତା'ର କେହି ନ ଥିବେ; ନ ଥିବେ ତା'ର ପିତାପୁତ୍ର, ଭାଇବନ୍ଧୁ, ପତ୍ନୀକନ୍ୟା, ପର ଆପଣାର, ନ ଥିବ ଆସକ୍ତି, ଅଶକ୍ତି, ଈର୍ଷାଦ୍ୱେଷ, କାମନା-କଳ୍ପନା । ସେତେବେଳେ ସେ କେବଳ ଊର୍ଦ୍ଧ୍ୱମୁଖୀ ହୋଇ ଉଠିବ, ସେ ପରମ ଜ୍ୟୋତିରେ ସନ୍ଧାନରେ ଯେ ଜ୍ୟୋତି ତା'ର ନିଜ ମଧ୍ୟରେ ପ୍ରତିଫଳିତ ହୋଇ ମଧ୍ୟ ପ୍ରଚ୍ଛନ୍ନ । ଏ ପ୍ରଚ୍ଛନ୍ନ ଜ୍ୟୋତିର ସନ୍ଧାନର ଯେ ମାର୍ଗ, ସେ ମାର୍ଗ ଗୀତୋକ୍ତ କର୍ମସଂଗ୍ରହର ମାର୍ଗ—ଯୋଗସାଧନାର ମାର୍ଗ । ଆଉ

Digitized by srujanika@gmail.com

ଏ ଯୋଗପାଇଁ ଚିତ୍ତ-ନିବୃତ୍ତି ଅତ୍ୟନ୍ତ ଅବଶ୍ୟକ । ଏ ଚିତ୍ତ-ନିବୃତ୍ତି ପାଇଁ ଜ୍ଞାନ ନିତାନ୍ତ ଆବଶ୍ୟକ । ଜ୍ଞାନ ପାଇଁ ବ୍ରହ୍ମଚର୍ଯ୍ୟ ଆବଶ୍ୟକ । କାରଣ ବ୍ରହ୍ମଚର୍ଯ୍ୟ ଧାରଣ ଫଳରେହିଁ କେବଳ ମନୁଷ୍ୟ ମନକୁ ବଳିଷ୍ଠ କରି ତୋଳି ପାରିବ । ମନ ବଳିଷ୍ଠ ହେଲେ, ସେ ଜ୍ଞାନକୁ ଗ୍ରହଣ କରିବାକୁ ସମର୍ଥ ହୋଇ ପାରିବ । ଜ୍ଞାନ ହେଲେ ଯାଇ ମନୁଷ୍ୟ ଆଧ୍ୟାତ୍ମିକତା ପ୍ରତି ଅର୍ଥାତ୍ ଜନକଲ୍ୟାଣ ପ୍ରତି, ଫଳତଃ ଈଶ୍ୱର-ସାକ୍ଷାତ୍କାର ପ୍ରତି ଅନୁରକ୍ତ ହେବ । ଏଥିପାଇଁହିଁ ଅର୍ଥାତ୍ ଜୀବନର ପରମ ଲକ୍ଷ୍ୟ ମୋକ୍ଷପ୍ରାପ୍ତି ପାଇଁହିଁ ପ୍ରାଚୀନ ଭାରତର ତ୍ରିକାଳଦର୍ଶୀ ଆର୍ଯ୍ୟଗଣ ମନୁଷ୍ୟ ଜୀବନର ଏକଶତବର୍ଷବ୍ୟାପୀ ଜୀବନ କାଳକୁ ଚାରିଭାଗରେ ବିଭକ୍ତ କରି କ୍ରମାନ୍ୱୟରେ ଏ ଚାରି ଆଶ୍ରମ ମଧ୍ୟଦେଇ ଅତିକ୍ରମ କରିବାର ବ୍ୟବସ୍ଥା ଦେଇଛନ୍ତି । ଭାରତବର୍ଷ ଯେତେବେଳେ ଏ ପବିତ୍ର ଭାବଧାରାର, ଏ ମହତ୍ ପ୍ରଥାର ସମ୍ମାନ କରି ଶିଖିଥିଲା, ସେତେବେଳେ ନ ଥିଲା ତାର ରୋଗ-ଦୁଃଖ, ନ ଥିଲା ଅଭାବଅନାଟନ, ନ ଥିଲା ଅନାଦରଅବହେଳା, ନ ଥିଲା ବ୍ୟାଧିବୈରାଗ୍ୟ, ନ ଥିଲା ଅକର୍ମଣ୍ୟତାଆଳସ୍ୟ । ଫଳତଃ ଈର୍ଷାଦ୍ୱେଷ ପରି ନୀଚ ପ୍ରବୃତ୍ତିର ପରିସର ସେତେବେଳେ ବୃଦ୍ଧି ପ୍ରାପ୍ତ ହେଉ ନ ଥିଲା । ସେତେବେଳେ ଭାରତ ଥିଲା ଜଗତ୍-ଗୁରୁ ।

କିନ୍ତୁ ଏପରି ଏକ ମହତ୍ ତଥା ବିରାଟ କ୍ଷେତ୍ରରେ ପ୍ରବେଶ କରିବା କଣ ସମସ୍ତଙ୍କ ପକ୍ଷରେ ସମ୍ଭବ ? ନା, କଦାପି ସମ୍ଭବ ନୁହେଁ । ଏଥିପାଇଁ ଯେ ସାଧନା ଆବଶ୍ୟକ, ସେ ସାଧନା ମହାନ୍ ସାଧନା । ଏ ସାଧନା ପାଇଁ ଯେ ପରମ ଯୋଗ୍ୟତାର ଆବଶ୍ୟକତା ରହିଛି, ତା' ସର୍ବତ୍ର ପରିଲକ୍ଷିତ ହୁଏ ନା ବୋଲି ସମସ୍ତଙ୍କ ପକ୍ଷରେ ଏ କ୍ଷେତ୍ରରେ ପ୍ରବେଶ କରିବା ସମ୍ଭବ ନୁହେଁ, ଅତି ସମୀଚୀନ ମଧ୍ୟ

Digitized by srujanika@gmail.com

ନୁହେ । ଏ କ୍ଷେତ୍ରରେ ପ୍ରବେଶ କରିବାର ମୌଳିକ ଧେୟ ହେଉଛି ନିଜର ବିଦ୍ବତ୍ତା ଦ୍ବାରା (ଅର୍ଜିତଜ୍ଞାନ ଦ୍ବାରା), ଚରିତ୍ରବତ୍ତା ଦ୍ବାରା, ଜୀବନର ଜଂଚସ୍ଥିତି ଦ୍ବାରା ଆଦର୍ଶ ଉପସ୍ଥାପିତ କରି ଜନ-ଶିକ୍ଷାର ମାଧ୍ୟମରେ ଜଗତର ହିତ-ସାଧନ କରିବା । ତେଣୁ ବିଦ୍ବାନ୍ ବ୍ରାହ୍ମଣ ବ୍ୟତିରେକେ ଏ କ୍ଷେତ୍ର-ପ୍ରବେଶ ଅଗୃହୀମାନଙ୍କ ଦ୍ବାରା ନିଷିଦ୍ଧ । ଅଯୋଗ୍ୟ ବ୍ୟକ୍ତି ଏ କ୍ଷେତ୍ରରେ ପ୍ରବେଶ କରିବା ଫଳରେ ଯେ ବିଭ୍ରାଟ ସୃଷ୍ଟି ହେଉଛି ଏ ଦେଶରେ, ତା'ର କୁସଂସ୍କାର ଅନ୍ୟ ଦେଶରେ ମଧ୍ୟ ପଡୁଛି । ଏଥିପାଇଁ ପାଶ୍ଚାତ୍ୟ ସମାଲୋଚକମାନେ କହନ୍ତି, **"The everage Indian Jogis are sub-human"** ଋଷି, ତେଣୁ ନିଜ ପରିବାରର କାହାରିକୁ ଏ କ୍ଷେତ୍ରରେ ପ୍ରବେଶ କରିବାକୁ ପ୍ରେରଣା ଦେଉ ନାହାନ୍ତି । ସେ କେବଳ ନିଜେ ଏ କ୍ଷେତ୍ରରେ ପ୍ରବେଶ କରିବେ, ଏହା ତାଙ୍କର କେବଳ କାମନା ।

ତେଣୁ ଋଷି ଆପଣାର ପରମପ୍ରିୟା ପତ୍ନୀଙ୍କୁ ଆହ୍ବାନ କରି ଏ ଇଚ୍ଛା ତାଙ୍କ ସମ୍ମୁଖରେ ପ୍ରକଟ କରୁଛନ୍ତି । ଋଷିଙ୍କର ଜ୍ୟେଷ୍ଠାପତ୍ନୀ ମୈତ୍ରେୟୀ ବ୍ରହ୍ମବାଦିନୀ, ଜ୍ଞାନ-ପିପାସିନୀ । ଋଷିଙ୍କର ଅହରହ ସାହଚର୍ଯ୍ୟ ପାଇ ଋଷିଙ୍କର ସହିତ ପରମ ମିତ୍ରତାର ସହିତ ନିର୍ବାହ କରି ଆସିଥିବାରୁ ସେ ମୈତ୍ରେୟୀ ହୋଇ ଉଠିଛନ୍ତି । ସଂସାର ପ୍ରତି ଏହାଙ୍କର ଆସକ୍ତି ଯେ ନ୍ୟୂନ ହେବ, ଏହା ସ୍ବାଭାବିକ । ତେଣୁ ଋଷି ସର୍ବାଗ୍ରେ ଏହାଙ୍କୁହିଁ ନିଜର ଗୃହସ୍ଥାଶ୍ରମର ତ୍ୟାଗର କଥା କହୁଛନ୍ତି । କିନ୍ତୁ କାତ୍ୟାୟନୀ 'କତ' ଋଷିଙ୍କ କନ୍ୟା, ଆଉ ସେ କାତ୍ୟାୟନଙ୍କ ଭଗ୍ନୀ, ଏ ସାମାନ୍ୟ ପରିଚୟ ଛଡ଼ା କାତ୍ୟାୟନୀଙ୍କ ଆଉ ଅନ୍ୟ କୌଣସି ଶ୍ରେଷ୍ଠ ପରିଚୟ ନାହିଁ । ଫଳତଃ ସଂସାର ପ୍ରତି

Digitized by srujanika@gmail.com

ଏହାଙ୍କର ଅସକ୍ତି ଯେ ରହିବ, ଏହା ଅସ୍ୱାଭାବିକ କଥା ହେବ ନାହିଁ । ତେଣୁ ଋଷି ଏହାଙ୍କ ପ୍ରତି ଅବହେଳା କରିବାରେ ଦୋଷ ଦେଖି ପାରୁ ନାହାନ୍ତି ବୋଲି ଏହାଙ୍କ ଅଗରେ ସଂସାର ତ୍ୟାଗର କଥା ପ୍ରକାଶ କରିବାର ପ୍ରୟୋଜନୀୟତା ଅନୁଭବ କରୁ ନାହାନ୍ତି ।

କିନ୍ତୁ ସମ୍ପତ୍ତିର ବିଭାଜନ କାଳରେ ଉଭୟ ସ୍ତ୍ରୀଙ୍କ ଉପସ୍ଥିତି ଯେ ନିତାନ୍ତ ଆବଶ୍ୟକ; ବିଶେଷ କରି ଯେ ସ୍ତ୍ରୀ ସାଂସାରିକତା ପ୍ରତି ଅନାସକ୍ତ ନୁହେ, ସେ ସ୍ତ୍ରୀ କାତ୍ୟାୟନୀର ଉପସ୍ଥିତି ଯେ ନିତାନ୍ତ ଆବଶ୍ୟକ, ଏଥିରେ ସନ୍ଦେହ ନାହିଁ । ତେଣୁ ଋଷି ଯେତେବେଳେ ଉଭୟ ସ୍ତ୍ରୀଙ୍କ ମଧ୍ୟରେ ସମ୍ପତ୍ତି ବଣ୍ଟନ କରିବା ପ୍ରସଙ୍ଗ ଆରମ୍ଭ କଲେ, କାତ୍ୟାୟନୀ ସେତେବେଳେ ସମ୍ପତ୍ତି ପ୍ରତି ଅନାସକ୍ତି ପ୍ରଦର୍ଶନ କରି ପାରିଲେ ନାହିଁ । କିନ୍ତୁ ମୈତ୍ରେୟୀ ଏ ସମ୍ପତ୍ତିକୁ ନିତ୍ୟ ସୁଖର ହେତୁ ବୋଲି କଳ୍ପନା ସୁଦ୍ଧା କରି ପାରିଲେ ନାହିଁ । ତେଣୁ କହିଲେ—

"ଭର୍ଗୋଃ ସର୍ବା ପୃଥିବୀ ବିତ୍ତେନ ପୂର୍ଣ୍ଣା
ସ୍ୟାତ୍ କଥଂ ତେନାମୃତା ସ୍ୱାମିତି ... ... ।"

"ଭଗଃ ଅର୍ଥାତ୍ ହେ ପରମପୂଜ୍ୟ ସ୍ୱାମି ! ଯଦି ଏ ଧନଧାନ୍ୟ ପରିପୂର୍ଣ୍ଣ ପୃଥିବୀର ଅଧିକାରିଣୀ ମୁଁ ହୁଏ, ତେବେ କଣ ବାସ୍ତବରେ ମୁଁ ଅମୃତ (ମୋକ୍ଷାନନ୍ଦ) ପ୍ରାପ୍ତ କରି ପାରିବି ?"

ବ୍ରହ୍ମବାଦିନୀ ଋଷିପତ୍ନୀ ମୈତ୍ରେୟୀଙ୍କ ଏ ଶଙ୍କା ଯଥାର୍ଥ ଶଙ୍କା । ଯେ ଶଙ୍କା ସାଧାରଣତଃ କାହାରି ମନରେ ଉଠେ ନାହିଁ, ସେ ଶଙ୍କା ଜଣେ ସାଧାରଣ ସ୍ତ୍ରୀର ମନରେ ଉଠିଲା କିପରି ? ନୁହେ, ନୁହେ, ଏ ସ୍ତ୍ରୀ ସାଧାରଣ ସ୍ତ୍ରୀ ନୁହନ୍ତି । ଏ ସ୍ତ୍ରୀ ମହାନ୍ ଦାର୍ଶନିକ, ପରମ ତପସ୍ୱୀ ଋଷି ଯାଜ୍ଞବଲ୍କ୍ୟଙ୍କ ଧର୍ମପତ୍ନୀ । ଋଷିଙ୍କର ଦାର୍ଶନିକ

Digitized by srujanika@gmail.com

ଜୀବନର ଅହରହ ସାନ୍ନିଧ୍ୟ ଲାଭ କରି, ଜୀବନ୍ତ ଦର୍ଶନର ଛାୟା ସଙ୍ଗରେ ସ୍ୱାପର ନିଜକୁ ଏକୀଭୂତ କରି ଯେ ଦୀର୍ଘ ପଚାଶ ବର୍ଷ ପର୍ଯ୍ୟନ୍ତ କାଳାତିପାତ କରି ସଂସାର ବନ୍ଧନର ତିକ୍ତତାକୁ ଅଙ୍ଗେ ଅଙ୍ଗେ ଅନୁଭବ କରି ଆସିଛନ୍ତି, ସେ ସ୍ତ୍ରୀ କଣ କେବେ ସାଧାରଣ ସ୍ତ୍ରୀ ହୋଇ ପାରନ୍ତି ? ଭୋଗର ସ୍ଥୂଳ ବିକାଶର ଚରମ ପରିଣାମକୁ ସୂକ୍ଷ୍ମଭାବରେ ଅନୁଭବ କରି ଆସିଛନ୍ତି, ଏହି ମୈତ୍ରେୟୀ । କାମୋପଭୋଗ ପରର ଯେ ବିଶ୍ରାନ୍ତି, ତା'ତ ବାସ୍ତବିକ୍ ବିଶ୍ରାନ୍ତି ନୁହେଁ, ତା' ଯେ ଅବସାଦ । ମଧୁର ସ୍ୱର-ସଙ୍ଗୀତ ଶ୍ରବଣର ପରକ୍ଷଣର ଯେ ତୃପ୍ତି, ତା'ତ ବାସ୍ତବିକ୍ ତୃପ୍ତି ନୁହେଁ, ତା' ଯେ ଉଦ୍‌ବେଗ ମାତ୍ର—ମଧୁର ସ୍ୱର ବାରମ୍ବାର ଶୁଣିବାର ତା' ପ୍ରବଳ ଆକାଙ୍କ୍ଷା ମାତ୍ର । ସୁମିଷ୍ଟ ଭୋଜନ ପରର ଯେ ତୃପ୍ତି, ତା ମଧ୍ୟ ତ ବାସ୍ତବିକ୍ ତୃପ୍ତି ନୁହେଁ—ଜିହ୍ୱା ଲାଳସାକୁ ସ୍ଥାୟୀ ରଖିବାର ତା' ମନର ଇଙ୍ଗିତ ମାତ୍ର । ଷୋଡ଼ଶୀ ସୁନ୍ଦରୀ ତରୁଣୀର କୋମଳ-ମଧୁର ସ୍ପର୍ଶ ତ ତୃପ୍ତିର କାରଣ ହୋଇପାରେ ନା, ତା ଶତ-ଶୃଙ୍ଖଳାର କାରଣ ମାତ୍ର । ଅତ ଏ ସମସ୍ତର ମୂଳ କାରଣ ମନୁଷ୍ୟର ଇନ୍ଦ୍ରିୟଗଣ । ଯେ ପର୍ଯ୍ୟନ୍ତ ଆତ୍ମା ଇନ୍ଦ୍ରିୟଗଣର କବଳରୁ ମୁକ୍ତି ପ୍ରାପ୍ତ ନ କରିଛି; ସେ ପର୍ଯ୍ୟନ୍ତ ସେ କଦାପି ଅମୃତତ୍ୱ (ମୋକ୍ଷାନନ୍ଦ) ପ୍ରାପ୍ତ କରି ପାରିବ ନାହିଁ । ଏ ଇନ୍ଦ୍ରିୟଗଣର କବଳରୁ ସେ କେତେବେଳେ ମୁକ୍ତି ପାଇ ପାରିବ ? ଯେତେବେଳେ ସେ ଲିଙ୍ଗ ଶରୀର ଧାରଣ କରି ପାରିବ । ଲିଙ୍ଗ ଶରୀର ସେ କେତେବେଳେ ଧାରଣ କରି ପାରିବ ? ଯେତେବେଳେ ସେ ଯୋଗଯୁକ୍ତ ହୋଇ ମହାପ୍ରସ୍ଥାନ କରି ପାରିବ । ଯୋଗଯୁକ୍ତ ହୋଇ ମହାପ୍ରସ୍ଥାନ ସେ କେତେବେଳେ କରି ପାରିବ ? ଯେତେବେଳେ ସେ ଇନ୍ଦ୍ରିୟଦମନପୂର୍ବକ ଅର୍ଥ ଜ୍ଞାନୋପାର୍ଜନ ଦ୍ୱାରା ଚିତ୍ତକୁ ଆଧ୍ୟାତ୍ମିକତା ଆଡ଼କୁ ପ୍ରେରିତ କରି ପାରିବ । ତେଣୁ ମୈତ୍ରେୟୀଙ୍କ

Digitized by srujanika@gmail.com

ଚିତ୍ତବିକଳତା ଧୀରେ ସୁପ୍ତେ ବ୍ରହ୍ମାନନ୍ଦ ପ୍ରାପ୍ତ କରିବା ପାଇଁ ଉନ୍ମୁଖ ହୋଇ ରହିଛି ଋଷିଙ୍କର କରୁଣାବିଗଳିତ ଅଥଚ ମେଘଗମ୍ଭୀର ବ୍ରହ୍ମବାଣୀର ପ୍ରେରଣା ପାଇ । ଏପରି ଏକ ନାରୀ ଅମୃତତ୍ୱର ସନ୍ଧାନୀ ହେବା ବଦଳରେ ସାଂସାରିକ ସୁଖପାଇଁ ଲାଳାୟିତ ହେବ କିପରି ?

ଋଷିପତ୍ନୀ ଚିନ୍ତିତ ଏଥିପାଇଁ ଯେ, ଯେ ବାଣୀ, ଯେ ସାନ୍ନିଧ୍ୟ, ଏତେ ଦିନ ତାଙ୍କୁ ଦୁଶ୍ଚିନ୍ତାରୁ ଚିନ୍ତା ଆଡ଼କୁ ଟାଣିନେଇ ଯାଉଥିଲା, ଭୋଗରୁ ନିବୃତ୍ତ କରି ତ୍ୟାଗପାଇଁ ପ୍ରେରଣା ଦେଉଥିଲା; କଳ୍ପନାରୁ ନିଶ୍ଚିନ୍ତତାର କ୍ଷେତ୍ରକୁ ଟାଣି ନେଉଥିଲା, ସେ ବାଣୀ, ସେ ସାନ୍ନିଧ୍ୟ ଆଜି ତାଙ୍କଠାରୁ ଦୂର ହେବାକୁ ବସିଛି । ତେଣୁ ସେ ଆଜି ଋଷିଙ୍କର ଧ୍ୟାନଗମ୍ଭୀର ମୌନମୂକ ମୁଖମଣ୍ଡଳ ନିରେଖି ବ୍ୟାକୁଳ ହୋଇ ପଡ଼ୁଛନ୍ତି । ଋଷିପତ୍ନୀ ଚାହାନ୍ତି, ଋଷି ତାଙ୍କୁ ତ୍ୟାଗ ନ କରନ୍ତୁ । କିନ୍ତୁ ଉପାୟ ଯେ ନାହିଁ । ଏହା ଯେ ଜଗଦ୍‌ଗୁରୁ ଭାରତର ସାମାଜିକ ନିୟମ । ଆଶ୍ରମ ପରିବର୍ତ୍ତନ, ମଙ୍ଗଳରୁ ତ୍ରିଗୁଣାତୀତତା ଆଡ଼କୁ ଯିବା, ଚୈତନ୍ୟରୁ ଶାନ୍ତତା ଆଡ଼କୁ ଯିବା, ସୁଖରୁ ମୋକ୍ଷ ଆଡ଼କୁ ଯିବା, କର୍ତ୍ତବ୍ୟରୁ କାମନାଶୂନ୍ୟତା ଆଡ଼କୁ ଯିବା ଏପରି ଏକ ପବିତ୍ର ପ୍ରଥା ପ୍ରାକୃତିକ ନିୟମକୁ, ଏପରି ଏକ ଶୁଦ୍ଧ ଆଧ୍ୟାତ୍ମିକ ବ୍ୟବସ୍ଥାକୁ କେବେ କଣ ଲଙ୍ଘନ କରାଯାଇ ପାରେ ?

ଋଷିପତ୍ନୀଙ୍କର ମନ ସନ୍ଦିହାନ ହୋଇ ଉଠିଛି, ଏଥିପାଇଁ ଯେ ଏ ସାଂସାରିକତାରେ ଯଦି ବାସ୍ତବରେ ଆନନ୍ଦ ଅଛି, ତେବେ ତା' ଋଷି ନିଜେ ତ୍ୟାଗ କରୁଛନ୍ତି କାହିଁକି ? ଏ ଶଙ୍କାର ସମାଧାନ ଋଷି କରୁଛନ୍ତି—

Digitized by srujanika@gmail.com

"ନେତି···ବୃଥୈବୋପକରଣବତାଂ ଜୀବିତଂ ତଥୈବ
ତେ ଜୀବିତଂ ସ୍ୟାଦମୃତତ୍ୱସ୍ୟ ତୁ ନାଽଽଶାସ୍ତି ବିତ୍ତେନେତି ।୨।

"ନା, ସମଗ୍ର ପୃଥିବୀର ସୁଖ ସାମଗ୍ରୀ ପାଇଲେ ମଧ୍ୟ ତୁମେ ସୁଖୀ ହୋଇ ପାରିବ ନାହିଁ । ସାଂସାରିକ ଧନସମ୍ପତ୍ତି ଲାଭରେ ମନୁଷ୍ୟ ଯେଉଁ ସୁଖ ଲାଭ କରେ, ତୁମେ କେବଳ ସେହି ସୁଖ ପାଇବ ।"

ଋଷି କହିବାକୁ ଚାହାନ୍ତି, ସାଂସାରିକ ଜୀବନ-ଯାତ୍ରା ନିର୍ବାହ କରିବା ନିମନ୍ତେ ସାଂସାରିକ ଭୋଗ-ସାମଗ୍ରୀ ଆବଶ୍ୟକ, ଅଭି ମୈତ୍ରେୟୀ ଯେତେବେଳେ ସଂସାର ତ୍ୟାଗ କରୁ ନାହାନ୍ତି, ସଂସାର ମଧ୍ୟରେହିଁ ରହୁଛନ୍ତି, ସେତେବେଳେ ତାଙ୍କ ପକ୍ଷରେ ଏ ସାଂସାରିକ ଭୋଗ୍ୟ ବସ୍ତୁର ଆବଶ୍ୟକତା ଯେ ରହିବ । ତେଣୁ ଋଷି ଆପଣାର ସାଂସାରିକ ଜୀବନ-ଯାତ୍ରା କାଳରେ ଯା' କିଛି ପରିଗ୍ରହ ରଖିଥିଲେ ସେ ସବୁକୁ ସଂସାରତ୍ୟାଗ କରିବା କାଳରେ ସେ ଆପଣାର ସଂସାର-ଯାତ୍ରା ପଥର ସାଥି ଦ୍ୱୟଙ୍କ ମଧ୍ୟରେ ସମ ବିଭାଜନ କରି ଦେବାକୁ ଇଚ୍ଛୁକ । ଅତଏବ, ସାଂସାରିକ ଭୋଗ୍ୟ ବସ୍ତୁରୁ ଆଧ୍ୟାତ୍ମିକ ସୁଖ ଆଶା କରିବା ଦୁରାଶା ମାତ୍ର ।

କିନ୍ତୁ ମୈତ୍ରେୟୀ ସେ ସୁଖ ଚାହାନ୍ତି ଯା'ର ଅନ୍ତ ମୃତ୍ୟୁ ମଧ୍ୟ କରି ପାରେ ନା । ଅର୍ଥାତ୍ ସେ ସୁଖ ଚାହାନ୍ତି ଯାର ଅସ୍ତିତ୍ୱ ଇହକାଳ ତଥା ପରକାଳରେ ମଧ୍ୟ ଅବିଚଳିତ ରହିବ । ତେଣୁ ସେ ଋଷିଙ୍କୁ କହୁଛନ୍ତି—

"···ଯେନାହଂ ନାମୃତା ସ୍ୟାଂ କିମହଂ ତେନ କୁର୍ଯାଂ ଯଦେବ ଭଗବନ୍ ବେଦ ତଦେବ ମେ ବ୍ରୂହୀତି" ।୩।

Digitized by srujanika@gmail.com

"ହେ ଭଗବନ୍ ! ଯା ପାଇଲେ ମୁଁ ସୁଖୀ ହୋଇ ପାରନ୍ତି ନାହିଁ, ତା ନେଇ ମୁଁ କଣ କରିବି, କହନ୍ତୁ ।"

ଋଷି ବୁଝିଲେ, ପତ୍ନୀଙ୍କ ଚିତ୍ତ ବ୍ରହ୍ମାନନ୍ଦ ପ୍ରତି ଉନ୍ମୁଖ । ଏତେ ଦିନ ସହବାସ କାଳରେ ମଧ୍ୟ ଋଷି ଯେଉଁ ପତ୍ନୀଙ୍କୁ କେବଳ ନାରୀ ରୂପରେ ଦେଖି ଆସୁଥିଲେ, ଏଇ ପ୍ରଥମ କରି ସେ ବୁଝିଲେ ଯେ ସେ ନାରୀ କେବଳ ନାରୀ ନୁହେଁ, ସେ ଆତ୍ମା ଯା'ର ରୂପ ନାହିଁ- ଅସ୍ତିତ୍ୱ ରହିଛି, ଯାର ସ୍ଥିତି ନାହିଁ,-ସତ୍ତା ରହିଛି, ଯେ ଚଳନ ଶକ୍ତିହୀନ ଅଥଚ ବ୍ୟାପକ, ଯେ ବିକାରବିହୀନ,-ତେଣୁ ପରମ ଆତ୍ମାର ସମୀପବର୍ତ୍ତୀ, ଯାର କୌଣସି ଲିଙ୍ଗ (ଚିହ୍ନ) ନାହିଁ,-ଅଥଚ ସେ ଲିଙ୍ଗ (ସୂକ୍ଷ୍ମ) ଶରୀରଧାରୀ ଅର୍ଥାତ୍ ସେ ପୁରୁଷ ନୁହେ ବା ସେ ସ୍ତ୍ରୀ ନୁହେ, ସେ ଶକ୍ତି ବିଶେଷ । ଏହିଠାରେହିଁ ଋଷି ଥିଲେ ଆପଣାର ପତ୍ନୀ ସମାନ, ଋଷି ଏ କଥା ବୁଝି ଉତ୍ଫୁଲ୍ଲ ହୋଇ ଉଠି କହିଲେ—

"...ପ୍ରିୟା ବତାରେ ନଃ ସତୀ ପ୍ରିୟଂ ଭାଷସ
ଏହ୍ୟାସ୍ସ୍ୱ ବ୍ୟାଖ୍ୟାସ୍ୟାମି ତେ ବ୍ୟାଚକ୍ଷାଣସ୍ୟ ତୁ ମେ
ନିଦଧ୍ୟାସସ୍ୱେତି" । ୪ ।

"ହେ ପ୍ରିୟେ ! ତୁମର ପ୍ରିୟ ଭାଷଣରେ ମୁଁ ସନ୍ତୁଷ୍ଟ । ତୁମେ ମୋର ବାସ୍ତବରେ ପ୍ରିୟ କରିବ । ତୁମର ଭାଷଣ ପ୍ରେମଯୁକ୍ତ । ମୁଁ ତୁମକୁ ଉପଦେଶ ଦେବି । ନିଦଧ୍ୟାସନ, ଅର୍ଥାତ୍ ମୋର କଥାକୁ ମନ ଦେଇ ଶୁଣିବ (ଅନୁ ଚିନ୍ତା କରିବ) ।"

ଅପାକରେ ବିଦ୍ୟା ଦାନର ଯେ ଅସଙ୍ଗତା ଶାସ୍ତ୍ର ପ୍ରତିପାଦନ କରନ୍ତି, ଏହିଠାରେହିଁ ତାର ଉଦ୍ଦେଶ୍ୟର ସ୍ପଷ୍ଟ ଦର୍ଶନ ମିଳେ । ଉପଦେଷ୍ଟା ପ୍ରତି ଯା'ର ଅନୁରାଗ ନାହିଁ, ଶ୍ରଦ୍ଧା ନାହିଁ, ନିଜେ ବିଦ୍ୟା ଗ୍ରହଣ କରିବାକୁ ଯେ ଆଗ୍ରହୀ ନୁହେ, ଇଚ୍ଛୁକ

Digitized by srujanika@gmail.com

କୁହେ; ବିଦ୍ୟାଗ୍ରହଣ କରି ସାରିବା ପରେ ମନନ ନିଦିଧ୍ୟାସନ ଦ୍ୱାରା ଯେ ବିଦ୍ୟାର ପ୍ରୟୋଗ କରିବାରେ ଅଗ୍ରହୀ କୁହେ, ଅସମର୍ଥ, ସେପରି ଶ୍ରୋତାଙ୍କୁ ଉପଦେଶ ଦେବା ତ ବୃଥା । ତେଣୁ ଋଷି କେବଳ ସାଂସାରିକ ଭୋଗ ସାମଗ୍ରୀ ପ୍ରଦାନ ପୂର୍ବକ ଆପଣାର ପରମ ପ୍ରିୟା ପତ୍ନୀଠାରୁ ବିଦାୟ ନେଇ ଯାଉଥିଲେ । କିନ୍ତୁ ଯେତେବେଳେ ସେ ବୁଝିଲେ ଯେ ପତ୍ନୀ ତାଙ୍କର ବ୍ରହ୍ମବିଦ୍ୟା ପ୍ରତି ଅନୁରାଗଶୀଳା, ଅଉ ତାଙ୍କୁ ବ୍ରହ୍ମବିଦ୍ୟା ଦାନ ଅରଣ୍ୟ ରୋଦନ-ତୁଲ୍ୟ ନିଷ୍ଫଳ ହେବ ନାହିଁ, ସେତେବେଳେ ସେ ତାଙ୍କୁ ବ୍ରହ୍ମଜ୍ଞାନ ଦେବାକୁ ଇଚ୍ଛୁକ ହେଲେ ।

ଉପଦେଶ ଦେବା ପୂର୍ବରୁ ଋଷି ପତ୍ନୀଙ୍କୁ ସାବଧାନ କରି ଦେବାକୁ ଚାହିଁଲେ ଯେ ସେ ଯାହା କହିବେ, ତା' ଗଳ୍ପ କୁହେ, ତା' ବ୍ରହ୍ମଜ୍ଞାନ, ଦାର୍ଶନିକ ତତ୍ତ୍ୱ ବିଶେଷ । ତା' ପାରଲୌକିକ ଜ୍ଞାନ—ପରା ବିଦ୍ୟା । ଏହାକୁ ଶୁଣିବାକୁ ହେଲେ ସ୍ଥିର ମନ ଆବଶ୍ୟକ, ଶ୍ରଦ୍ଧା ଆବଶ୍ୟକ । କାରଣ ଏହା ଗମ୍ଭୀର ବିଷୟ, ତେଣୁ ଗଭୀର ଚିନ୍ତାର ବିଷୟ । ତେବେ ସିନା ସେ ଆତ୍ମାକୁ ଉପଲବ୍ଧି କରି ହେବ । ଯେ ଆତ୍ମା ସକଳ ଆନନ୍ଦର ଆକର, ତାଙ୍କୁ ପ୍ରାପ୍ତ କରିବାକୁ ହେଲେ ଯୋଗଜନିତ ଚିନ୍ତା ଛଡ଼ା ଅନ୍ୟ ଉପାୟ ନାହିଁ । କାରଣ ସେ ଆତ୍ମା—

"ନାୟମାତ୍ମା ପ୍ରବଚନେନ ଲଭ୍ୟଃ ନମେଧୟା ନ
ବହୁନା ଶ୍ରୁତେନ ।"

ସେ ଆତ୍ମାକୁ ଉପଦେଶ ଦ୍ୱାରା ଲାଭ କରି ହୁଏ ନାହିଁ, ବୁଦ୍ଧି ବା ମେଧା ଦ୍ୱାରା ଲାଭ କରି ହୁଏ ନାହିଁ ବା ପାଣ୍ଡିତ୍ୟ ଦ୍ୱାରା ଲାଭ କରି ହୁଏ ନାହିଁ । ତାଙ୍କୁ ପାଇବାର ଏକମାତ୍ର ଉପାୟ ନିଦିଧ୍ୟାସନ

Digitized by srujanika@gmail.com

ଅର୍ଥାତ୍ ଶ୍ରଦ୍ଧାର ସହିତ, ଭକ୍ତିର ସହିତ ସେ ସମ୍ବନ୍ଧରେ ବାରମ୍ବାର ଚିନ୍ତା କରି ଯୋଗଯୁକ୍ତ ହେବା ।

ଯେ ପତ୍ନୀ ଋଷିଙ୍କର ସାଂସାରିକ ଜୀବନର ପ୍ରିୟା, ସେ ପୁଣି ଋଷିଙ୍କର ଆଧ୍ୟାତ୍ମିକ ଜୀବନର ମଧ୍ୟ ପ୍ରିୟା ହୋଇ ଉଠିଲେ ।. ଋଷି, ତେଣୁ, ପୁଲକିତ ହୋଇ ଉଠିଲେ । ଆନନ୍ଦାତିଶଯ୍ୟରେ ଋଷିଙ୍କର ଆତ୍ମା ଚଞ୍ଚଳ ହୋଇ ଉଠିଲା ଆପଣାର ପ୍ରିୟ ଆତ୍ମା ସ୍ୱରୂପ ପତ୍ନୀଙ୍କୁ ବ୍ରହ୍ମବିଦ୍ୟା ଦେବା ପାଇଁ ।

ତେବେ, ସାଂସାରିକତା ପ୍ରତି ବୀତସ୍ପୃହ ମୈତ୍ରେୟୀ ନିତ୍ୟ ସୁଖ (ମୋକ୍ଷ) କାମନା କରି ଯେଉଁ ବ୍ରହ୍ମଜ୍ଞାନ ପାଇଁ ଅନୁରାଗବତୀ ହୋଇ ଉଠିଲେ, ସେ ବ୍ରହ୍ମଜ୍ଞାନ କଣ ବାସ୍ତବରେ ମୋକ୍ଷର କାରଣ ?

ସମସ୍ତ ପ୍ରକାର ସୁଖ ଦୁଃଖର ହେତୁ ମନ । ପ୍ରଜ୍ଞା ଦ୍ୱାରା (ବ୍ରହ୍ମଜ୍ଞାନ ବଳରେ) ସେ ଯେତେବେଳେ ସାଂସାରିକତା ପ୍ରତି ବୀତଶ୍ରଦ୍ଧ ହୋଇ ଶାନ୍ତତା ପ୍ରାପ୍ତ ହୁଏ, ସେତେବେଳେ ସେ ନିତ୍ୟ ସୁଖର ଅନ୍ୱେଷଣରେ ଯତ୍ନଶୀଳ ହୁଏ । ଆଜି ଏକ ଜନ୍ମରେ ନ ହେଲେ ମଧ୍ୟ ଏକାଧିକ ଜନ୍ମରେ ସେ ତାହା ପ୍ରାପ୍ତ ହୋଇ ମୋକ୍ଷ ଲାଭ କରେ । ଏ ପଥର ପଥିକ ହେବା ମୈତ୍ରେୟୀଙ୍କ କାମନା, ଆଉ ତାଙ୍କୁ ଏ ପଥରେ ଆଗେଇ ନେବା ଯାଜ୍ଞବଲ୍କ୍ୟଙ୍କ ଏହା ପ୍ରଚେଷ୍ଟା ।

[ବୃହଦାରଣ୍ୟକୋପନିଷଦ୍, ଦ୍ୱିତୀୟ ଅଧ୍ୟାୟ, ଚତୁର୍ଥ ବ୍ରାହ୍ମଣ—ମନ୍ତ୍ର ୧ ରୁ ୪ ପର୍ଯ୍ୟନ୍ତ, ଯାଜ୍ଞବଲ୍କ୍ୟ ମୈତ୍ରେୟୀ-ସମ୍ବାଦ (ଅପୂର୍ଣ୍ଣ) ।]

Digitized by srujanika@gmail.com

ସ୍ୱାର୍ଥ ପରମାର୍ଥ

ବ୍ରହ୍ମବାଦିନୀ ଋଷିପତ୍ନୀ ମୈତ୍ରେୟୀ ସମ୍ପୂର୍ଣ୍ଣ ଜଗତ ଚରାଚରର ଐଶ୍ୱର୍ଯ୍ୟ ପ୍ରାପ୍ତିରେ ମଧ୍ୟ ସୁଖ ପାଇବାର, ଶାନ୍ତି ପାଇବାର କଳ୍ପନା କରି ପାରୁ ନାହାନ୍ତି ; ଯେ ସୁଖକଳ୍ପନାରେ ସାରା ବିଶ୍ୱ ଅଭିଭୂତ, ସେ ସୁଖ-କଳ୍ପନା ଋଷିପତ୍ନୀଙ୍କ ବ୍ରହ୍ମଜ୍ଞାନଇଚ୍ଛୁକମସ୍ତିଷ୍କ ଗ୍ରହଣ କରି ପାରୁ ନାହିଁ । ସ୍ୱାମୀଙ୍କ ସଂସାର ତ୍ୟାଗର ପ୍ରାକ୍‌କାଳରେ ଯେ ସମ୍ପତ୍ତିର ସେ ଅଧିକାରିଣୀ, ସେ ସମ୍ପତ୍ତିରେ ସେ ଅଣୁ ମାତ୍ର ସୁଖ ଯା' ଶାନ୍ତିର ଶତ୍ରୁ ନୁହେଁ, ଆଶାର ବିଡ଼ମ୍ବନା ମାତ୍ର ନୁହେଁ, ତା' ପାଇବାର ଆଶା ସେ କରି ପାରୁ ନାହାନ୍ତି । ଯେ ସୁଖ ମନୁଷ୍ୟ ମନରେ ବିକାର ଉତ୍ପନ୍ନ କରେ ନା—ମନୁଷ୍ୟର ମନକୁ ଶାନ୍ତ ରଖେ, ମନୁଷ୍ୟର ମୁଖରେ ଗମ୍ଭୀରତା ଆଣେ, ସ୍ନିଗ୍ଧତା ଆଣେ, ମନୁଷ୍ୟର ମନରେ ଇନ୍ଦ୍ରିୟପରାୟଣତାର ପରିଣତିର ଅବସାଦ ଉତ୍ପନ୍ନ କରେ ନା, ସେ ସୁଖ କିଣ ଏହି ଐହିକ ଭୋଗ-ସାମଗ୍ରୀରୁ ଲଭ୍ୟ ?—ଏ ପ୍ରଶ୍ନ ଋଷିପତ୍ନୀଙ୍କୁ ଅସ୍ଥିର କରି ପକାଇଛି । ଯେଉଁ ସୁଖ ସୁଲଭ, ସେ ସୁଖ କେବଳ ସାଂସାରିକ ଭୋଗ ବସ୍ତୁରେ ନାହିଁ, ଯେହେତୁ ଏ ସୁଖାନୁଭୂତିରେ ଇନ୍ଦ୍ରିୟଗଣର ପ୍ରାଧାନ୍ୟ ନାହିଁ । ଯେ ସୁଖ ପାଇଁ ଇନ୍ଦ୍ରିୟଗଣର ଆବଶ୍ୟକତା ନାହିଁ, ଅନ୍ତତଃ ଇନ୍ଦ୍ରିୟଗଣର ପ୍ରାଧାନ୍ୟ ନାହିଁ, ସେ ସୁଖ ଦୁର୍ଲ୍ଲଭ—ସେ ସୁଖ ପାଇଁ ସାଧନା ଆବଶ୍ୟକ ତପୋବନରେ—ଜଟାଜୁଟମଣ୍ଡିତ ବଲ୍‌କଳଧାରୀ ହବନାଗ୍ନିଦୀପ୍ତ କୃଚ୍ଛ୍ରବ୍ରତଧାରୀ ଋଷିମୁନିସେବିତ ତପୋବନରେ ଇନ୍ଦ୍ରିୟର ପ୍ରାବଲ୍ୟକୁ ସଂହନନ କରିବା ପାଇଁ ।

Digitized by srujanika@gmail.com

ଋଷିଙ୍କର ଏଇ ଯେ ଘରସଂସାର ତ୍ୟାଗ କରି ତପୋବନ ପ୍ରସ୍ଥାନର ପ୍ରାକ୍‌କାଳରେ ଋଷିପତ୍ନୀ ପରମ ସୁଖର ଆଶା ବର୍ଜି ସାଂସାରିକ ସୁଖର ଅନୃତ ସମ୍ବନ୍ଧରେ ଚିନ୍ତିତ ହେଉଛନ୍ତି, ଏ ଚିନ୍ତା ଦୂର କରୁଛି କିଏ ?—ଏ ଯୋଗ୍ୟତା ଅଛି କାର ? ଏ ଶକ୍ତି, ଏ ଯୋଗ୍ୟତା, ସାଧାରଣତଃ ସମସ୍ତ ଗୃହସ୍ଥଙ୍କର ଥାଏ ନା । ସେଥିପାଇଁ ତ ସମସ୍ତ ଗୃହସ୍ଥ ବାନପ୍ରସ୍ଥଧର୍ମ ଅବଲମ୍ବନ କରନ୍ତି ନାହିଁ । ଏ ଯୋଗ୍ୟତାର ଯଥାର୍ଥ ଅଧିକାରୀ ଋଷି ଯାଜ୍ଞବଲ୍କ୍ୟ । ଯାଜ୍ଞବଲ୍କ୍ୟ; ଯାଜ୍ଞବଲ୍କଙ୍କ ଅପତ୍ୟ ଯାଜ୍ଞବଲ୍କ୍ୟ । ଯଜ୍ଞ ଯା'ର ବଲ୍କଳ ସ୍ୱରୂପ, ସେ ଯାଜ୍ଞବଲ୍କ । ପ୍ରତ୍ୟେକ ଶୁଭ, ପବିତ୍ର କାର୍ଯ୍ୟକୁ ଯଜ୍ଞ କୁହାଯାଏ । ଦାନ କରିବା ମଧ୍ୟ ଯଜ୍ଞ, ଅନ୍ୟ ଯେ କୌଣସି ପ୍ରକାର ମଙ୍ଗଳକାର୍ଯ୍ୟ କରିବା ମଧ୍ୟ ଯଜ୍ଞ, ଆଉ ମନ୍ତ୍ରୋଚ୍ଚାରଣ ପୂର୍ବକ ଅଗ୍ନିରେ ଘୃତାହୁତି ଦେବା ମଧ୍ୟ ଯଜ୍ଞ । ଅଗ୍ନିରେ ଘୃତାହୁତି ପ୍ରଦାନକୁ, ସାଧାରଣତଃ ଆମେମାନେ କହୁଁ ଯଜ୍ଞ ; ଏହାର ଉଦ୍ଦେଶ୍ୟ ମଧ୍ୟ ସେହି ପରୋପକାର—ଅନ୍ୟର ମଙ୍ଗଳ କାମନା ।

"ଅନ୍ନାଦ୍‌ଭବନ୍ତି ଭୂତାନି ପର୍ଜନ୍ୟାଦନ୍ନ ସମ୍ଭବଃ ।
ଯଜ୍ଞାଦ୍‌ ଭବତି ପର୍ଜନ୍ୟୋ ଯଜ୍ଞ କର୍ମସମୁଦ୍‌ଭବଃ" । ଗୀତା ।

ସମସ୍ତ ପ୍ରାଣୀ ଅନ୍ନରୁ ଉତ୍ପନ୍ନ ହୁଅନ୍ତି, ଅନ୍ନର ଉତ୍ପତ୍ତି ବୃଷ୍ଟିରୁ ହୁଏ ; ବୃଷ୍ଟି ଯଜ୍ଞରୁ ହୁଏ ; ଆଉ ଯଜ୍ଞ କର୍ମ ଦ୍ୱାରା ଅନୁଷ୍ଠିତ ହୁଏ । ଏଇ ଯେ ଯଜ୍ଞ, ଏହାର ମୂଳ କର୍ମ ; ଆଉ ଏହାର ଅନ୍ତିମ ପରିଣତି ମଙ୍ଗଳ । ତେଣୁ ମଙ୍ଗଳ ପାଇଁ ଉଦ୍ଦିଷ୍ଟ ସକଳ କର୍ମ ଯଜ୍ଞ । ଏଇ ଯଜ୍ଞ ଦ୍ୱାରା ବୃଷ୍ଟି ହେଉଛି ; ବୃଷ୍ଟି ହେବା ଫଳରେ ଅନ୍ନ ଉତ୍ପନ୍ନ ହେଉଛି, ଆଉ ଏଇ ଅନ୍ନ ଭକ୍ଷଣ କରି ପ୍ରାଣୀମାନେ ଜୀବନ ଧାରଣ କରୁଛନ୍ତି । ଏଥିରୁ ଏ କଥା ସ୍ପଷ୍ଟ ଯେ ଯଜ୍ଞ କରିବା ଅର୍ଥ ମନୁଷ୍ୟ ପାଇଁ,

Digitized by srujanika@gmail.com

'ସମସ୍ତ ଜୀବଜଗତ ପାଇଁ ଅନ୍ନ ସଂସ୍ଥାନର ବ୍ୟବସ୍ଥା କରିବା, ଆୟୁ ଦେବା, ଆରୋଗ୍ୟ ଦେବା, ଶାନ୍ତି ଦେବା, ଶକ୍ତି ଦେବା । ଈଶ୍ୱରଙ୍କର ସୃଷ୍ଟି ରଚନା ପ୍ରତି ଆନୁଗତ୍ୟ ପ୍ରଦର୍ଶନ ଯଜ୍ଞର ଅନ୍ୟତମ ଲକ୍ଷଣ । ଯେଉଁ ଯଜ୍ଞ ଦ୍ୱାରା ସୃଷ୍ଟି ସମ୍ଭବ ହେଉଛି, ସେ ଯଜ୍ଞଦ୍ୱାରା ସୃଷ୍ଟି ସ୍ଥିର ରହୁ,' ଏହା ମଧ୍ୟ ଯଜ୍ଞାନୁଷ୍ଠାନର ଲକ୍ଷ୍ୟ ।

ଅନ୍ନରୁ ପ୍ରାଣୀ ଉତ୍ପନ୍ନ ହୁଅନ୍ତି । ଅର୍ଥାତ୍ ଅନ୍ନରୁ ରସ, ରସରୁ ରକ୍ତ, ରକ୍ତରୁ ମାଂସ, ମାଂସରୁ ଅସ୍ଥି, ଅସ୍ଥିରୁ ମଜ୍ଜା, ମଜ୍ଜାରୁ ଶୁକ୍ର ଉତ୍ପନ୍ନ ହୁଏ । ଏଇ ଶୁକ୍ର ତ ସୃଷ୍ଟିର କାରଣ । ସ୍ତ୍ରୀରୂପକ କ୍ଷେତ୍ରରେ ଏଇ ଶୁକ୍ରରୂପକ ବୀଜର ବପନ ଫଳରେ ସୃଷ୍ଟି ଆରମ୍ଭ ହୁଏ ; ପୁଣି ଏଇ ଅନ୍ନ ହେତୁରୁ ସୃଷ୍ଟି ସ୍ଥିର ରହେ, ଅର୍ଥାତ୍ ପ୍ରାଣୀ ମାତ୍ରକେ ଅନ୍ନ ଭକ୍ଷଣ କରି ଜୀବନ ଧାରଣ କରନ୍ତି । ହବନକୁଣ୍ଡରୁ ଉତ୍ଥିତ ଔଷଧଯୁକ୍ତ ସୁଗନ୍ଧମୟ ବାୟୁ ସାଧାରଣ ବାୟୁମଣ୍ଡଳକୁ ସୁଗନ୍ଧମୟ ଔଷଧଯୁକ୍ତ କରେ । ଲୋକଙ୍କର ଜୀବନ ଧାରଣ ପାଇଁ ଯେଉଁଭଳି ଅନ୍ନ ଯେପରି ଆବଶ୍ୟକ, ଲୋକଙ୍କର ସ୍ୱାସ୍ଥ୍ୟର ହିତ ସାଧନ ଦୃଷ୍ଟିରୁ ହବନାଗ୍ନିଜାତ ଔଷଧମୟ ବାୟୁ ମଧ୍ୟ ସେପରି ଆବଶ୍ୟକ । ଅଗ୍ନିଉପାସକମାନଙ୍କ ମତରେ ବିଭିନ୍ନ ରୋଗର ପ୍ରଶମନ ପାଇଁ ହବନାଗ୍ନି ଉତ୍କୃଷ୍ଟ ଔଷଧି । "ଗ୍ରହ ଲାଗିଛି— ହୋମ କଲେ ରୋଗ ଛାଡ଼ିବ," ଏ କଥାଟାହିଁ ଏହାର ଗୋଟିଏ ପ୍ରମାଣ । ବିଭିନ୍ନ ରୋଗରେ ବିଭିନ୍ନ ପ୍ରକାର କାଷ୍ଠାଗ୍ନିର ତାପ ଦେବା ବିଧି ମଧ୍ୟ ବୈଦ୍ୟକ ଶାସ୍ତ୍ରସମ୍ମତ । ମେଲେରିଆ ରୋଗରେ ବାଉଁଶ ଜାଳି ତାପ ଦେବା ଏହାର ପ୍ରମାଣ । ଆଉ ତାପ ଦେବାଟା ହବନର ଗୋଟାଏ ସଂକ୍ଷିପ୍ତ କ୍ରିୟା-ହବନର ଗୋଟାଏ ଅନ୍ୟ ରୂପ । ପ୍ରାଚୀନ କାଳର ସକାଳ-ସନ୍ଧ୍ୟାର ହବନାନୁଷ୍ଠାନ ଆଧୁନିକ କାଳର ସନ୍ଧ୍ୟା-ଦୀପ । ଏ ପ୍ରଥା ମୁମୂର୍ଷୁ

Digitized by srujanika@gmail.com

ଅବସ୍ଥାରେ ଆଜି ପର୍ଯ୍ୟନ୍ତ ରହିଛି ହିନ୍ଦୁ ପରିବାରରେ ଏ ସନ୍ଧ୍ୟା-ଦୀପ ଦେବା ପ୍ରଥା ରୂପରେ । ମନ୍ଦିରରେ ଅଳତି ଦେବା ପ୍ରଥା ମଧ୍ୟ ହବନର ଗୋଟିଏ ବିକୃତ—ଅତି ସଂକ୍ଷିପ୍ତ ରୂପ । ଏଥିପାଇଁହିଁ ପ୍ରତ୍ୟେକ ମଙ୍ଗଳାନୁଷ୍ଠାନ କାଳରେ ଯଜ୍ଞାନୁଷ୍ଠାନ ବିଧି ଋଷିମୁନି ସେବିତ ଭାରତବର୍ଷରେ ଅବହମାନ କାଳରୁ ପ୍ରତିଷ୍ଠିତ । ଷୋଡ଼ଶ ସଂସ୍କାରର ପ୍ରତ୍ୟେକ ସଂସ୍କାରର ଆରମ୍ଭରେ ହୋମ କରିବା ବିଧି ଆମ ସମାଜର ନିୟମ ! ନୂତନ ଗୃହ ପ୍ରବେଶ କାଳରେ ହବନ ଆବଶ୍ୟକ ; ଗୃହ ପ୍ରତିଷ୍ଠା କାଳରେ ହବନ ଆବଶ୍ୟକ, ଏ ନିୟମ, ଏ ବ୍ୟବସ୍ଥା ଭାରତର ନିଜର—ଏ ଦିଗରେ ଭାରତ ସ୍ୱତନ୍ତ୍ର । ଏହାର ଉଦ୍ଦେଶ୍ୟ ମଧ୍ୟ ନୂତନ ଗୃହର ବା ପୁରୁଣା ଗୃହର ବାୟୁ ଶୁଦ୍ଧି-କରଣ, ଆଉ ସମସ୍ତ ଐହିକ ଭୋଗ-ସାମଗ୍ରୀକୁ ମଧ୍ୟ ଈଶ୍ୱରଙ୍କରଠାରେ ଅର୍ପଣ ପୂର୍ବକ ଭୋଗ, ଅର୍ଥାତ୍ ଭୋଗ ପ୍ରତି ଆସକ୍ତିର ନିରାକରଣ, ଆଉ ଅବଶ୍ୟକ ବୋଲି କେବଳ ଭୋଗରେ ମତ୍ତତା ; ଉପନିଷଦ ସଂକ୍ଷିପ୍ତରେ ଏକଥାହିଁ କହନ୍ତି, ତେନ ତ୍ୟକ୍ତେନ ଭୁଞ୍ଜୀଥାଃ । ଏ ପର୍ଯ୍ୟନ୍ତ ପୃଥିବୀର ଅନ୍ୟ କୌଣସି ରାଷ୍ଟ୍ର ଭାରତର ଏ ଶୋଭନୀୟ ପ୍ରଥାର ଯଥାର୍ଥତା ହୃଦୟଙ୍ଗମ କରି ପାରି ନାହାନ୍ତି ।

ଏ ଯଜ୍ଞ, ଏ ପବିତ୍ର କର୍ମ ଯା'ର ବଲ୍କଳ ସ୍ୱରୂପ, ସେ ଯାଜ୍ଞବଲ୍କ୍ୟ, ବଲ୍କଳ, ବୃକ୍ଷର 'ଚର୍ମ ଯାକୁ ପରିଧାନ ରୂପରେ ପ୍ରାଚୀନ ତପୋବନଗୃହୀ ଅଗୃର୍ଯ୍ୟମାନେ ବ୍ୟବହାର କରୁଥିଲେ । ପରିଧାନ ବିନା ମନୁଷ୍ୟ ଉଲଗ୍ନ, ଯା' କଦାପି ଶୋଭନୀୟ ହୋଇ ପାରେ ନା । ପବିତ୍ର କାର୍ଯ୍ୟକୁ (ଯଜ୍ଞକୁ) ପରିଧାନ ସ୍ୱରୂପ ଯେ ମନେ କରନ୍ତି, ସେ ହେଉଛନ୍ତି ଯଜ୍ଞବଲ୍କ । ପୁଣ୍ୟ କାର୍ଯ୍ୟ ଲ.

Digitized by srujanika@gmail.com

କଲେ ଯେ ହାସ୍ୟାସ୍ପଦ ହୋଇ ପଡ଼ିବେ, ସମାଜରେ ନିନ୍ଦାର ପାତ୍ର ହୋଇ ଉଠିବେ, ଲୋକ ଦୃଷ୍ଟିରେ ଘୃଣିତ ହେବେ, ଏ ଚିନ୍ତା, ଏ ଶଙ୍କା ସତତ ଯାଙ୍କୁ ଅସ୍ଥିର କରେ, ସେ ହେଉଛନ୍ତି ଯଜ୍ଞବଲ୍କ, ଅର୍ଥାତ୍ ଯଜ୍ଞବଲ୍କ ସର୍ବ ଲୋକ-କଲ୍ୟାଣ ପାଇଁ, ସମସ୍ତ ପ୍ରାଣୀ-ଜଗତର ମଙ୍ଗଳ-କାମନା ପାଇଁ ଚିନ୍ତାରେ, କର୍ମରେ ଲିପ୍ତ । ଏହି ଯଜ୍ଞବଲ୍କଙ୍କ ଆତ୍ମଜ ଯାଜ୍ଞବଲ୍କ୍ୟ, ମୈତ୍ରେୟୀଙ୍କ ସ୍ୱାମୀ, ରାଜର୍ଷି ଜନକଙ୍କ ଋଷି ; ଆଉ ପ୍ରାଚୀନ ଭାରତର ଅନ୍ୟତମ ଶ୍ରେଷ୍ଠ ଦାର୍ଶନିକ । ଆମ୍ର ବୃକ୍ଷର ଫଳ ଆମ୍ର ; ଯଜ୍ଞବଲ୍କଙ୍କ ସନ୍ତାନ ଯାଜ୍ଞବଲ୍କ୍ୟ, ପ୍ରାଚୀନ ଭାରତର ଏ ବଂଶ ପରଂପରା ପ୍ରାଚୀନ ଭାରତ ପକ୍ଷରେ ବଡ଼ ସହଜ ସ୍ୱାଭାବିକ ହୋଇ ଉଠିଥିଲା ।

ଯାଜ୍ଞବଲ୍କ୍ୟଙ୍କ ଦୁଇଟି ପତ୍ନୀ; ଗୋଟିଏ ମୈତ୍ରେୟୀ, ଅନ୍ୟଟି କାତ୍ୟାୟନୀ । ମୈତ୍ରେୟୀ କେବଳ 'ମିତ୍ର' ଋଷିଙ୍କର କନ୍ୟା ନୁହନ୍ତି, 'ମିତ୍ରସ୍ୟାପତ୍ୟଂ ସ୍ତ୍ରୀ ମୈତ୍ରେୟୀ' ମିତ୍ର-କନ୍ୟା ମୈତ୍ରେୟୀ ବି ସେ କେବଳ ନୁହନ୍ତି । କିନ୍ତୁ ମୈତ୍ରେୟୀ ସ୍ୱାମୀଙ୍କର ସଙ୍ଗରେ ସାଂସାରିକ କ୍ଷେତ୍ରରେ ପରମ ମିତ୍ରଭାବ ସହିତ ନିର୍ବାହ କରି ଆସିଛନ୍ତି ସଖୀରୂପରେ, ସେବିକାରୂପରେ, ପତ୍ନୀ ରୂପରେ । ଆଉ ତାଙ୍କର ଆଧ୍ୟାତ୍ମିକ କ୍ଷେତ୍ରରେ ମଧ୍ୟ ସେ ପରମ ମିତ୍ରଭାବ ସହିତ ନିର୍ବାହ କରିବାକୁ ଉତ୍କଣ୍ଠିତ ହୋଇ ଉଠିଛନ୍ତି; ତେଣୁ ସେ ମୈତ୍ରେୟୀ । ଏହାହିଁ ତ ମିତ୍ରତାର ଚରମ ନିଦର୍ଶନ । ମୈତ୍ରେୟୀ ଯାଜ୍ଞବଲ୍କ୍ୟଙ୍କ ମିତ୍ର । ସମାନ ଗୁଣ ବା ମନୋଭାବ ନ ଥିଲେ ମିତ୍ରତା ସମ୍ଭବ ହୁଏ ନା । ଯେଉଁ ସମାନତା ପାଇଁ ପ୍ରାଚୀନ ଭାରତର ଋଷିଗଣ ବଜ୍ରନିର୍ଘୋଷରେ ବେଦବାଣୀ ଶୁଣାଇ ସନ୍ତପ୍ତ, ଚିନ୍ତାକୁଳ, ଅସ୍ଥିରମନ ମନୁଷ୍ୟଙ୍କୁ ସାନ୍ତ୍ୱନା ଦେବାରେ

Digitized by srujanika@gmail.com

ବ୍ରତୀ ହୋଇଛନ୍ତି, ସେହି ସମାନତା ଭାରତର ଏକ ବନବାସୀ ବଳକବସନ ତ୍ୟାଗୀ ସାଧାରଣ ପରିବାରରୁ ଆରମ୍ଭ ହୋଇଛି ଆଦର୍ଶ ସ୍ୱରୂପ—ଭାରତର ଏଇ ଶାନ୍ତ ପରିବାରରେ ତା ମୂର୍ତ୍ତିମନ୍ତ ହୋଇ ଉଠିଛି । ଏହି ସମାନତା କଣ ? —

"ସମାନୋ ମନ୍ତ୍ରଃ ସମିତିଃ ସମାନୀ
ସମାନଂ ମନଃ ସହ ଚିତ୍ତମେଷାମ୍ ,
ସମାନଂ ମନ୍ତ୍ରମାଭି ମନ୍ତ୍ରୟେ ବଃ
ସମାନେନ ବୋ ହବିଷା ଜୁହୋମି ।" ଋଗ୍‌ବେଦ ।
"ସମାନୀବ ଆକୂତିଃ ସମାନା ହୃଦୟାନି ବଃ
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ।"
ଋଗ୍‌ବେଦ

"ତୁମ ସମସ୍ତଙ୍କର ବିଚାର ଏକ ହେଉ, ତୁମର ସମିତି ଏକ ପ୍ରକାରର ହେଉ, ତୁମ ସମସ୍ତଙ୍କର ମନ ଏକ ପ୍ରକାରର ବିଚାର ଦ୍ୱାରା ଯୁକ୍ତ ହେଉ, ତୁମ ସମସ୍ତଙ୍କର ଚିତ୍ତ ଏକ ହେଉ, ତୁମ ସମସ୍ତଙ୍କୁ ଏକ ବିଚାର ଧାରାରେ ଯୁକ୍ତ କରୁଛି, ଆଉ ତୁମ ସମସ୍ତଙ୍କୁ ଏକ ପ୍ରକାରର ଅନ୍ନ ଆଉ ଭୋଗସାମଗ୍ରୀ ଦେଉଛି । ତୁମ ସମସ୍ତଙ୍କର ଉଦ୍ଦେଶ୍ୟ ସମାନ ହେଉ, ତୁମ ସମସ୍ତଙ୍କର ହୃଦୟ ସମାନ ହେଉ, ତୁମ ସମସ୍ତଙ୍କର ମନ ସମାନ ହେଉ, ଫଳତଃ ତୁମ ସମସ୍ତଙ୍କର ଆଚରଣ (ଗୁଣ) ସମାନ ହେବ ।"

ଏଇ ପ୍ରାଚୀନ ଋଷିପତ୍ନୀ ଏଇ ପରମ ମଙ୍ଗଳମୟ ଭାବ-ବ୍ୟଞ୍ଜନାର ଜ୍ୱଳନ୍ତ ପ୍ରତୀକ । ସେଥିପାଇଁ ଋଷି ଆପଣାର ପରମ ପ୍ରିୟାକୁ ପରାବିଦ୍ୟା, ବ୍ରହ୍ମବିଦ୍ୟା ଦେବାକୁ ମଧ୍ୟ କୁଣ୍ଠିତ ହେଉ ନାହାନ୍ତି ।......କିନ୍ତୁ କାତ୍ୟାୟନୀ କେବଳ ମହର୍ଷି କୃତଙ୍କ କନ୍ୟା,

Digitized by srujanika@gmail.com

"କୃତସ୍ୟାପତ୍ୟଂ ସ୍ତ୍ରୀ କାତ୍ୟାୟନୀ ।' ଏ କାତ୍ୟାୟନୀ ବ୍ରହ୍ମବାଦିନୀ ନୁହନ୍ତି, ଏ ସାଧାରଣ ସ୍ତ୍ରୀ ।

କିନ୍ତୁ ଋଷି ଦୁଇଟି ପତ୍ନୀ ଗ୍ରହଣ କଲେ କାହିଁକି ? ଯେଉଁ କାରଣରୁ ଭଗବାନ ଶ୍ରୀକୃଷ୍ଣ ମହାରାଣୀ ରୁକ୍ମିଣୀ ଥିବା ସତ୍ତ୍ୱେ ମଧ୍ୟ ଅନ୍ୟାନ୍ୟଙ୍କୁ ପତ୍ନୀଭାବରେ ଗ୍ରହଣ କଲେ, ଯେଉଁ କାରଣରୁ ଭାରତର ତତ୍କାଳୀନ ପ୍ରଧାନ ସେନାପତି ମହାବୀର ଅର୍ଜୁନ ଚିତ୍ରାଙ୍ଗଦା, ଉଲୂପୀ ଆଦିଙ୍କୁ ସୁଭଦ୍ରା ସହିତ ପତ୍ନୀରୂପରେ ଗ୍ରହଣ କରିବାକୁ ବାଧ୍ୟ ହେଲେ, ଯେଉଁ କାରଣରୁ ସ୍ଥିତପ୍ରଜ୍ଞ ମହର୍ଷି ବ୍ୟାସଦେବ କୃଷ୍ଣଦ୍ୱୈପାୟନ ଆପଣାର ଭ୍ରାତୃପତ୍ନୀର ଗର୍ଭ-ପାଇଁ ଋତୁଦାନ କଲେ, ସେହି କାରଣରୁ ମହର୍ଷି ଯାଜ୍ଞବଲ୍କ୍ୟ ଦୁଇଟି ପତ୍ନୀ ଗ୍ରହଣ କରିବାକୁ ବାଧ୍ୟ ହେଲେ । (ମହର୍ଷି ଯାଜ୍ଞବଲ୍କ୍ୟ ଦୁଇଟି ପତ୍ନୀ ଗ୍ରହଣ କରିବା ଅର୍ଥ ଏହାନୁହେଁ ଯେ ଯାଜ୍ଞବଲ୍କ୍ୟ ମହର୍ଷି ହେବାପରେ ଅର୍ଥାତ୍ ସନ୍ନ୍ୟାସ ଗ୍ରହଣ କରିବା ପରେ ମଧ୍ୟ ଦୁଇଟି ପତ୍ନୀ ଗ୍ରହଣ କରିଥିଲେ । ଏପରି ହୋଇଥିଲେ ସନ୍ନ୍ୟାସ ଗ୍ରହଣ କରିବା ପୂର୍ବରୁ ସେ ଦୁଇ ପତ୍ନୀଙ୍କ ମଧ୍ୟରେ ତାଙ୍କର ସମ୍ପତ୍ତି ବଣ୍ଟନ କରିବାକୁ ଉଭୟଙ୍କୁ ଆହ୍ୱାନ କରି ନ ଥାନ୍ତେ; ଏକଥା ଉପନିଷଦରେ ଅଛି, ଆଉ ପରେ ମଧ୍ୟ ଆଲୋଚିତ ହୋଇଛି ଓ ହେବ । ଋଷି ଯେତେବେଳେ ସାଂସାରିକ କ୍ଷେତ୍ରରେ ଥିଲେ, ସେତେବେଳେ ତାଙ୍କର ଦୁଇଟି ପତ୍ନୀ ଥିଲେ; ଆଉ ଯେତେବେଳେ ସେ ସନ୍ନ୍ୟାସ ଗ୍ରହଣ କରୁଛନ୍ତି, ସେତେବେଳେ ସେ ପତ୍ନୀ-ମାନଙ୍କଠାରୁ ଦୂର ହେଉଛନ୍ତି ।······ଉପନିଷଦ'ରେ ଯାଜ୍ଞବଲ୍କ୍ୟ ମହର୍ଷିଭାବରେ ସର୍ବଦା ଖ୍ୟାତ । ତେଣୁ ଆଦ୍ୟ ସବୁ କ୍ଷେତ୍ରରେ ତାଙ୍କର ନାମର ବିଶେଷଣ ରୂପରେ 'ଋଷି' ବା 'ମହର୍ଷି' ଶବ୍ଦଦ୍ୱୟ

Digitized by srujanika@gmail.com

ପ୍ରୟୋଗ କରୁଛୁ । ତେଣୁ ସନ୍ନ୍ୟାସୀଙ୍କ ପତ୍ନୀ ଥିବାକଥା, ଏଥିରୁ ନ ବୁଝିବାକୁ ଅନୁରୋଧ କରୁଛୁ ।) ଯେ ଯୋଗୀରାଜ, ଅଚ୍ୟୁତ, ସ୍ଥିତପ୍ରଜ୍ଞ ଆଉ ଯେ ଗୀତା ପରି ମହାନ୍ ଦାର୍ଶନିକ ତତ୍ତ୍ୱର ଉଦ୍‌ଗାତା, ସେ ଯେ ଇନ୍ଦ୍ରିୟ-ଲୋଲୁପତାର ଚରମ ଉପଭୋଗ ପାଇଁ ବହୁ ଦାର ଗ୍ରହଣ କଲେ, ଏ କଳ୍ପନା ଆମ ପକ୍ଷରେ ସ୍ୱାଭାବିକ ହୋଇ ପାରୁନାହିଁ । ରୁକ୍ମିଣୀ ଯେ ଭୀଷଣ ପ୍ରତିଜ୍ଞା କଲେ କୃଷ୍ଣଙ୍କୁ ପାଇବା ପାଇଁ ଶ୍ରୀକୃଷ୍ଣଙ୍କ କେବଳ ରୂପପ୍ରତି ନୁହେଁ, ତାଙ୍କର ଶୌର୍ଯ୍ୟ, ତାଙ୍କର ବିଦ୍ୟାବୁଦ୍ଧି, ତାଙ୍କର ଚରିତ୍ରବତ୍ତା, ତାଙ୍କର ଦୂରଦର୍ଶିତାପୂର୍ଣ୍ଣ ରାଜନୀତିଜ୍ଞତା ପ୍ରତି ମୁଗ୍ଧ ହୋଇ । ସେହି ରୁକ୍ମିଣୀଙ୍କୁ ପ୍ରତ୍ୟାଖ୍ୟାନ କରିବା କୃଷ୍ଣଙ୍କ ପକ୍ଷରେ ସମ୍ଭବ ହୋଇ ପାରିଲା ନାହିଁ । ଯଦି ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ଗ୍ରହଣ କରି ନ ଥାନ୍ତେ, ତେବେ ଦୁଷ୍ଟସ୍ୱଭାବ, ଅଯୋଗ୍ୟ, କାପୁରୁଷ ଶିଶୁପାଳ ହାତରେ ପଡ଼ି ରୁକ୍ମିଣୀଙ୍କ ଆତ୍ମା ତିଳ ତିଳ ଯେ ଦଗ୍‌ଧ ହୋଇଥାନ୍ତା, ଏଥିରେ ସନ୍ଦେହ ନ ଥିଲା । ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ବିବାହ କରିବା ଅର୍ଥ ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ଉଦ୍ଧାର କରିବା । ଆଉ ଉପଯୁକ୍ତ କୁମାରୀ କନ୍ୟାର ଇଚ୍ଛା ପ୍ରତି ସମ୍ମାନ ପ୍ରଦର୍ଶନ କରିବା କଥା କୃଷ୍ଣ ବୁଝିଥିଲେ, କାରଣ ସେ ଥିଲେ ସଭ୍ୟତାର ପ୍ରତୀକ । ତା'ପରେ ଯେଉଁ ଭୀଷଣ ରାଜନୈତିକ ପରିସ୍ଥିତିର କାରଣରୁ ସେ ସତ୍ୟଭାମା, ଜାମ୍ବବତୀଙ୍କୁ ଗ୍ରହଣ କଲେ, ସେ ପରିସ୍ଥିତିରୁ ଏଡ଼ିବା ପାଇଁ ଏ ଦୁହିଙ୍କୁ ଗ୍ରହଣ କରିବା ଛଡ଼ା ଅନ୍ୟ ପନ୍ଥା ନ ଥିଲା ତାଙ୍କର (ଏ ସମ୍ବନ୍ଧରେ ଅନ୍ୟତ୍ର ବିଶଦ ଆଲୋଚନା କରିବାର ବାସନା ରହିଲା ।) (ଶ୍ରୀକୃଷ୍ଣଙ୍କ ଅଷ୍ଟପାଟବଂଶୀ ଅର୍ଥାତ୍ ଅଠଟି ପତ୍ନୀ, ପୁଣି ଷୋଳ ସହସ୍ର ପତ୍ନୀ ଥିବା କଥା ମଧ୍ୟ ଶୁଣାଯାଏ । ଏ ସମ୍ବନ୍ଧରେ ଠିକ୍ କୌଣସି ପ୍ରାମାଣିକ ତଥ୍ୟ ମହାଭାରତରେ ନାହିଁ । ଏହାର ଯଥାର୍ଥ ଆଲୋଚନା ଅନ୍ୟତ୍ର ଆମେ କରିବୁଁ ।)

Digitized by srujanika@gmail.com

ପୁଣି ଅର୍ଜୁନ, ଯେଉଁ ଅର୍ଜୁନ ଦେବସଭା ସୁଧର୍ମାର ବିଶାଳ ମନୋହର ସଜ୍ଜିତ ପ୍ରକୋଷ୍ଠ ମଧ୍ୟରେ ଯୌବନ-ଚଞ୍ଚଳ ନୃତ୍ୟରତା ଉର୍ବଶୀର ଲଳିତ-ମଧୁର ଅଙ୍ଗଭଙ୍ଗୀ, ଅଙ୍ଗଶୋଭା ପ୍ରତି ମୁଗ୍ଧ ହୋଇ ସେ ଅଡ଼କୁ ଅପଲକ ନେତ୍ରରେ ଅନାଇ ରହିଥିଲେ ନୃତ୍ୟର ଅନ୍ତିମ ଚରଣ ପର୍ଯ୍ୟନ୍ତ, ସେହି ଅର୍ଜୁନ ପୁଣି ଅଯାଚିତଭାବରେ ଆସିଥିବା ଉର୍ବଶୀର ଏକାନ୍ତ ଶରୀର ସ୍ପର୍ଶର ପରମ ସୁଯୋଗକୁ ପ୍ରତ୍ୟାଖ୍ୟାନ କରି ପାରିଥିଲେ । ଏହା ସହଜ କଥା ନ ଥିଲା । କାରଣ ଏ ଉର୍ବଶୀ କିଏ, ଜାଣନ୍ତି ?

• "ମୁନିଗଣ୍ ଧ୍ୟାନ ଭାଙ୍ଗି ଦେଉ୍ ପଦେ ତପସ୍ୟାର ଫଳ୍
ତୋମାର କଟାକ୍ଷ ପାତେ ତ୍ରିଭୁବନ ଯୌବନ ଚଞ୍ଚଳ୍ ।" ।
(ରବୀନ୍ଦ୍ରନାଥ)

ଏଇ ସେଇ ଉର୍ବଶୀ । ପିତା ଇନ୍ଦ୍ରଙ୍କ ଗନ୍ଧର୍ବରେ ଉର୍ବଶୀର ନୃତ୍ୟ ଦେଖିବାବେଳେ, ନୃତ୍ୟର ମଧୁରିମା ପ୍ରତି ମୁଗ୍ଧ ହେବା ଫଳରେ ଅର୍ଜୁନ ଉର୍ବଶୀଙ୍କ ଅଡ଼କୁ ନିର୍ନିମେଷ ନୟନରେ ଅନାଇ ରହିଥିଲେ । ଇନ୍ଦ୍ର, ଅର୍ଜୁନଙ୍କ ମନରେ ଉର୍ବଶୀର ଦେହ-ଲାଳସାର କାମନା ଥିବାର ଅନୁମାନ କରି ଅର୍ଜୁନଙ୍କ ଏକାନ୍ତ ସେବାପାଇଁ ଉର୍ବଶୀଙ୍କୁ ଅର୍ଜୁନଙ୍କ ପାଖକୁ ପଠାଇଥିଲେ । ଏହି ଅର୍ଜୁନ ଉର୍ବଶୀଙ୍କୁ ପ୍ରତ୍ୟାଖ୍ୟାନ କରି ତାଙ୍କଠାରୁ ଅଭିଶାପ-ଆଶୀର୍ବାଦ ବରଣ କରି ନେଲେ ନତଶିର ହୋଇ ।—

"ତସ୍ମାତ୍ଂ ତ୍ୱଂ ନର୍ତ୍ତନଃ ପାର୍ଥ ସ୍ତ୍ରୀମଧ୍ୟେ ମାନବର୍ଜିତଃ
ଅପୁମାନିତି ବିଖ୍ୟାତଃ ଷଣ୍ଢବତ୍ ବିଚରିଷ୍ୟସି ।"

'ତେଣୁ, ପାର୍ଥ, ତୁମକୁ ସମ୍ମାନହୀନଭାବରେ ନର୍ତ୍ତକ ହୋଇ ସ୍ତ୍ରୀମାନଙ୍କ ମଧ୍ୟରେ ରହିବାକୁ ପଡ଼ିବ । ତୁମେ ନପୁଂସକ ବୋଲି

Digitized by srujanika@gmail.com

କୁଖ୍ୟାତ ହେବ । ଆଜି ତୁମର ସମସ୍ତ ଅସ୍ତ୍ରବ୍ୟବହାର ନପୁଂସକ ଜନୋଚିତ ହେବ ।”

ସେ ଅର୍ଜୁନ ପୁଣି ଚିତ୍ରାଙ୍ଗଦାଙ୍କୁ ଗ୍ରହଣ କଲେ କାହିଁକି ? ଚିତ୍ରାଙ୍ଗଦା ବୀରକନ୍ୟା, ବୀରପୌତ୍ରୀ, ବୀରାଙ୍ଗନା । ବୀରାଙ୍ଗନା ଚିତ୍ରାଙ୍ଗଦାର ବୀରପତ୍ନୀ ହେବାର ବାସନା ଯୌବନର ପ୍ରଥମ କ୍ଷଣରୁହିଁ ରହିଛି । ସେ ପତ୍ନୀ ହେବ ଭାରତବର୍ଷର ସର୍ବଶ୍ରେଷ୍ଠ ବୀରର, ରୂପରେ, ଗୁଣରେ, ଶୌର୍ଯ୍ୟରେ ଯେ ମହାନ୍, ତାଙ୍କର । ଚିତ୍ରାଙ୍ଗଦାର ଏକାନ୍ତ କାମନା, ତାର ଶରୀରର ସ୍ପର୍ଶ ଭାରତର କେବଳ ସର୍ବଶ୍ରେଷ୍ଠ ବୀର, ମହାବୀର କରିପାରିବ । ଏ ଅଭିମାନିନୀ କୁମାରୀ ଚାହେଁ, ତାର ସନ୍ତାନ ମହାବୀର ଅର୍ଜୁନ ପରି ବୀର ହେବ; ରୂପରେ, ଗୁଣରେ, ଶୌର୍ଯ୍ୟରେ ମହୀୟାନ ହେବ ।...ଚିତ୍ରାଙ୍ଗଦାଙ୍କ ଏ କାମନା ପ୍ରବୃତ୍ତିପରକ ନୁହେ—ନିବୃତ୍ତିପରକ । ସେ ଅର୍ଜୁନଙ୍କ ସ୍ପର୍ଶ ଚାହାନ୍ତି, ଭୋଗପାଇଁ ନୁହେଁ—ସନ୍ତାନ ପାଇଁ । ବୀରକନ୍ୟା ଚିତ୍ରାଙ୍ଗଦା, ବୀରପତ୍ନୀ, ବୀରମାତା ହେବା ଲୋଭରେ ଜଡ଼ିତ । ସମୃଦ୍ଧିଶାଳୀ ମଣିପୁର ରାଜ୍ୟର ଭବିଷ୍ୟତ ଶାସକ ଯେ ହେବ, ସେ ଅର୍ଜୁନ ପରି ଶ୍ରେଷ୍ଠ ବୀର ହେବା ଉଚିତ । କ୍ଷତ୍ରିୟର ଯଥାର୍ଥ ଗୁଣର ଅଭାବରେ ରାଜ୍ୟର ଯେ ଅପଯଶ ହେବ, ରାଷ୍ଟ୍ର ନାଶ ହୋଇଯିବ, ଏ ଚିନ୍ତା ଚିତ୍ରାଙ୍ଗଦାଙ୍କୁ ଅସ୍ଥିର କରି ପକାଇଛି । ଫଳତଃ, ଅର୍ଜୁନ ଚିତ୍ରାଙ୍ଗଦାଙ୍କ ବୀର ସନ୍ତାନ ବଭ୍ରୁବାହନଙ୍କୁ ମଣିପୁର ରାଜ୍ୟର ଭାବୀ ଶାସନକର୍ତ୍ତା ଭାବରେ ମଣିପୁର ରାଜ୍ୟ ପାଇଁ ଦାନ କରି ଖାଣ୍ଡବପ୍ରସ୍ଥକୁ ଫେରି ଆସିଛନ୍ତି । ପୁଣି ଯେଉଁ ରାଜନୈତିକ କାରଣରୁ ସେ ନାଗଜାତିର କନ୍ୟା ଉଲୂପୀଙ୍କୁ ବିବାହ କଲେ, ତା କରିବା ଭାରତର ମଙ୍ଗଳ ଦୃଷ୍ଟିରୁ ଆବଶ୍ୟକ ଥିଲା । ଏ

Digitized by srujanika@gmail.com

ଦୁର୍ଦ୍ଧର୍ଷ ନାଗଜାତି ସଙ୍ଗରେ ବୈବାହିକ ସୂତ୍ରରେ ଅବଦ୍ଧ ହେବା ଅର୍ଥ ଏ ଜାତିକୁ ଯଥୁତ୍ୱାଧୀନରେ ରଖିବା; ସମସ୍ତ ସମୟରେ ଏ ଜାତିଦ୍ୱାରା ରାଷ୍ଟ୍ରରେ ଯେ ବିଦ୍ରୋହାଗ୍ନି ପ୍ରଜ୍ୱଳିତ ହେଉଥିଲା, ତାକୁ ଶାନ୍ତ କରିବା ।

ଏ ତ ଗଲା ଭାରତବର୍ଷ ମଧ୍ୟସ୍ଥିତ ଗୋଟାଏ କ୍ଷୁଦ୍ର ରାଜ୍ୟର କଥା । ଏଆଡ଼େ ମହାନ୍ ଭାରତ-ସାମ୍ରାଜ୍ୟର ରାଜସିଂହାସନ ଯେ ଶୂନ୍ୟ । ସମ୍ରାଟ୍ ଶାନ୍ତନୁଙ୍କ ଉତ୍ତରାଧିକାରୀ ଯେ ନାହିଁ । ତେଣୁ, ରାଜମାତା ସତ୍ୟବତୀଙ୍କ ଆଦେଶ ଶିରୋଧାର୍ଯ୍ୟ ପୂର୍ବକ ଋଷି ବେଦବ୍ୟାସ ବୀର୍ଯ୍ୟଦାନ କଲେ ଭ୍ରାତୃପତ୍ନୀ ଅମ୍ବିକା-ଅମ୍ବାଳିକା ଗର୍ଭରେ । ଫଳତଃ ଧୃତରାଷ୍ଟ୍ର ଅଉ ପାଣ୍ଡୁଙ୍କ ଜନ୍ମ ସମ୍ଭବ ହୋଇ ପାରିଲା ବେଦପ୍ରତିପାଦିତ 'ନିୟୋଗ' ପ୍ରଥାର ଅନୁକୂଲ୍ୟରେ । କିନ୍ତୁ ଦୁଃଖର ବିଷୟ ଏଇ ହେଲା ଯେ, କ୍ଷେତ୍ର ଉତ୍କୃଷ୍ଟ ନ ଥିବାରୁ ଉତ୍କୃଷ୍ଟ ବୀଜର ବପନ ଫଳରେ ମଧ୍ୟ ଫଳ ଉତ୍କୃଷ୍ଟ ହୋଇ ପାରିଲା ନାହିଁ । ବିଚିତ୍ରବୀର୍ଯ୍ୟର ଅତି ଭୋଗର ଦୁଷ୍ପରିଣାମ ହେତୁରୁ ତାଙ୍କର ମୃତ୍ୟୁ ଘଟିଲା ମହାବ୍ୟାଧି କ୍ଷୟକାଶର ଦୌରାତ୍ମ୍ୟରୁ, ଆଉ କ୍ଷେତ୍ର ମଧ୍ୟ ଏ ଅତି ଭୋଗର କୁପରିଣାମରୁ ନିବୃତ୍ତି ପାଇ ପାରିଲା ନାହିଁ । ଅର୍ଥାତ୍ ବିଚିତ୍ରବୀର୍ଯ୍ୟଙ୍କ ପତ୍ନୀଦ୍ୱୟ ଅମ୍ବିକା ଅମ୍ବାଳିକାଙ୍କ ଶରୀର ମଧ୍ୟ ଅସୁସ୍ଥ ରହିଲା । ଅବାଦ୍ୟ ବ୍ରହ୍ମର୍ଷି ବେଦବ୍ୟାସଙ୍କ ଉତ୍କୃଷ୍ଟ ବୀଜ (ବୀର୍ଯ୍ୟ) ମଧ୍ୟ ନିଷ୍ଫଳ ହେଲା କହିଲେ ଚଳେ । ଫଳତଃ, ବ୍ୟାସଦେବଙ୍କ ଔରସରୁ ଅମ୍ବିକା ଅମ୍ବାଳିକା ଯେଉଁ ଦୁଇଟି ସନ୍ତାନ ଜନ୍ମ ଦେଲେ, ସେ ଦୁହେଁ ଅକର୍ମଣ୍ୟ—ଜଣେ ଅନ୍ଧ ତ ଅନ୍ୟ ଜଣକ ପଙ୍ଗୁ, ଅର୍ଥାତ୍ ପାଣ୍ଡୁରୋଗ ଗ୍ରସ୍ତ । (ହଁ, ଏଠାରେ ଆଉ ଟୋଟାଏ କଥା ବିଚାର୍ଯ୍ୟ । ଅନେକେ ତା ନ ବୁଝି ଭୁଲ୍ କରନ୍ତି ।

Digitized by srujanika@gmail.com

ବ୍ୟାସଦେବ ସନ୍ନ୍ୟାସୀ ଥିଲେ । କିନ୍ତୁ ସେ ସନ୍ନ୍ୟାସୀ ଥିବା ଅବସ୍ଥାରେ ଆପଣାର ଭ୍ରାତୃପତ୍ନୀ ଗର୍ଭରେ ଋତୁଦାନ କରି ନ ଥିଲେ । ସେ ସେତେବେଳେ ରାଜପ୍ରାସାଦରେ ରହୁଥିଲେ; ଅର୍ଥାତ୍ ସନ୍ନ୍ୟାସ ଧର୍ମ ଗ୍ରହଣ କରି ନ ଥିଲେ । କିନ୍ତୁ ସେ ପୂର୍ଣ୍ଣ ବ୍ରହ୍ମଚାରୀ ଥିଲେ, ଆଉ ସଂସାର ପ୍ରତି ବୀତସ୍ପୃହ । ଅନ୍ୟ ଉପାୟ ନ ଦେଖି, ଆଉ ଏଥିପାଇଁ ଭୀଷ୍ମଦେବ ପ୍ରସ୍ତୁତ ନ ହେବାରୁ, ମାତା ସତ୍ୟବତୀଙ୍କ ଏକାନ୍ତ ଆଗ୍ରହର କାରଣରୁ ସେ ଏ ଋତୁଦାନ କରିବାକୁ ବାଧ୍ୟ ହେଲେ । ସନ୍ନ୍ୟାସୀ ପକ୍ଷରେ ସ୍ତ୍ରୀ-ସହବାସ ଅତି ଗର୍ହିତ ଅନ୍ୟାୟ, ପାପ, ଏ କଥା ବ୍ୟାସଦେବ ଜାଣି ନ ଥିଲେ କିମ୍ବା ଜାଣି ଇନ୍ଦ୍ରିୟ-ଲୋଲୁପତା ହେତୁରୁ ଅମ୍ବିକା ଅମ୍ବାଳିକା ପ୍ରତି ଆସକ୍ତ ହେଲେ, ଏପରି ବିଚାର ଆମର ମନରେ ଉଠି ପାରୁନାହିଁ । ତେଣୁ ସେ ଯା କରିଛନ୍ତି, ତା କେବଳ ତାଙ୍କର ପରିବ୍ରାଜକ ହେବାର ପୂର୍ବର ଘଟଣା ।)

ଠିକ୍ ସେହିପରି ଋଷି ଯାଜ୍ଞବଲ୍କ୍ୟଙ୍କ ସମ୍ବନ୍ଧରେ ମଧ୍ୟ ଏ ପ୍ରଶ୍ନ ମନରେ ଉଠିବା ସ୍ୱାଭାବିକ ଯେ, ମୈତ୍ରେୟୀଙ୍କ ପାଣିଗ୍ରହଣ କଲା ପରେ ମଧ୍ୟ ଋଷି କାତ୍ୟାୟନୀଙ୍କୁ ଦ୍ୱିତୀୟ ପତ୍ନୀ ରୂପରେ ଗ୍ରହଣ କଲେ କାହିଁକି ? ଯେ କାତ୍ୟାୟନୀ ଋଷିଙ୍କ ଚରମ ଆଦର୍ଶକୁ ଅନୁସରଣ ବା ଅନୁକରଣ କରି ନ ପାରିଲେ ମଧ୍ୟ ଯେ ତାଙ୍କର ଏ ଆଦର୍ଶ, ଏ ତେଜ, ଏ ବିଦ୍ୟା, ଏ ବୁଦ୍ଧି ପ୍ରତି ମୁଗ୍ଧ, ଯେ ଋଷିଙ୍କର ଚରଣ ସେବା କରିବାରେ ହିଁ ନିଜକୁ କୃତକୃତ୍ୟ ମନେ କରିବାକୁ ଇଚ୍ଛୁକ, ଆଉ ସେବାହିଁ ଯାର କେବଳ କାମନା, ସେହି କାତ୍ୟାୟନୀଙ୍କ ପ୍ରତି ଅବହେଳା କରିବା ଋଷିଙ୍କ ପକ୍ଷରେ ସମ୍ଭବ ହୋଇ ପାରିଲା ନାହିଁ । ସେବାକୁ ଋଷି ବା ତ୍ୟାଗ କରିବେ କାହିଁକି ? ମନୁଷ୍ୟ ସାମାଜିକ ପ୍ରାଣୀ । ମନୁଷ୍ୟ ପାଇଁ ସହଚରୀ

Digitized by srujanika@gmail.com

ଯେପରି ଅବଶ୍ୟକ, ସେବିକା ମଧ୍ୟ ସେହିପରି ଅବଶ୍ୟକ । ଶରୀର ସାଧନାର ମୂଳ । ଋଷି ଯାଜ୍ଞବଲ୍କ୍ୟ ସାଧକ—ପରମ ସାଧକ—ଫଳତଃ ସର୍ବଦା ଜ୍ଞାନାଲୋଚନା ଉପାସନାଦିରେ ବ୍ୟସ୍ତ । ନିଜ ଶରୀରର ନିଜେ ସେବା କରିବା ପାଇଁ ସମୟ ତଥା ସୁଯୋଗର ଅଭାବ ଘଟିବା ତାଙ୍କ ପକ୍ଷରେ ସ୍ୱାଭାବିକ । ଅତ ଯେ ଶରୀର ସାଧନାର କାରଣ, ସେ ଶରୀରର ସ୍ଥିତି ପାଇଁ ସେବା ଅବଶ୍ୟକ, କେବଳ ସାହଚର୍ଯ୍ୟ ନୁହେଁ । ସେଥିପାଇଁ ସାହଚର୍ଯ୍ୟ ସଙ୍ଗରେ ସେବା ଅବଶ୍ୟକ—କାତ୍ୟାୟନୀ ସଙ୍ଗରେ ମୈତ୍ରେୟୀ ଅବଶ୍ୟକ । ଋଷି ଦୁଇଟି ପତ୍ନୀ ଗ୍ରହଣ କରିବାର ଏହାହିଁ କାରଣ ।

କିନ୍ତୁ ଯେ ଋଷି ବଲ୍କଳବସନ ସନ୍ନ୍ୟାସୀ, ଦଣ୍ଡକମଣ୍ଡଳୁ କେବଳ ଯା'ର ସମ୍ପତ୍ତି, ସେ ପୁଣି ଉଭୟ ପତ୍ନୀଙ୍କ ମଧ୍ୟରେ ନିଜ ସମ୍ପତ୍ତିର ବିଭାଜନ କରିବାକୁ ସମର୍ଥ ହେଲେ କିପରି ?—ଏ ସମ୍ପତ୍ତି ସେ ପାଇଲେ କିପରି ? ସନ୍ନ୍ୟାସ ଗ୍ରହଣ କଲେ ବିତ୍ତ ବର୍ଜନ କରିବା ବିଧି ଶାସ୍ତ୍ରସମ୍ମତ । ଯାଜ୍ଞବଲ୍କ୍ୟ ସନ୍ନ୍ୟାସ ଗ୍ରହଣ କରିବା ପୂର୍ବରୁ ସମ୍ପତ୍ତିର ବିଭାଜନ କରୁଛନ୍ତି ଆପଣାର ପତ୍ନୀ ଦ୍ୱୟଙ୍କ ମଧ୍ୟରେ । ସେତେବେଳେ ତାଙ୍କ ପାଖରେ ସମ୍ପତ୍ତି ଥିବାର ସମ୍ଭାବନା ରହିଛି; କିନ୍ତୁ ଜଣେ ତ୍ୟାଗୀ ଗୃହସ୍ଥ ପକ୍ଷରେ ସମ୍ପତ୍ତି ସମ୍ଭବ ହେଲା କିପରି ? ଏ ଋଷି, ଏ ଅଗ୍ରଣୀ ରାଜର୍ଷି ଜନକଙ୍କ ଅଗ୍ରଣୀ—ତତ୍କାଳୀନ ଭାରତବର୍ଷର ସର୍ବଶ୍ରେଷ୍ଠ ଦର୍ଶନାଗ୍ରଣୀ, ପ୍ରବୀଣ ବକ୍ତା, ଅତ ସର୍ବପ୍ରିୟ ଅଧ୍ୟାତ୍ମିକ ନେତା । ଏପରି ଗୋଟାଏ ବିରାଟ ବିଭୂତିର କେବେ କଣ ଅର୍ଥର ଅଭାବ ଘଟିପାରେ ? ନିସ୍ପୃହ ଋଷି ଅର୍ଥର ପ୍ରାଚୁର୍ଯ୍ୟ ମଧ୍ୟରେ ମଧ୍ୟ ନିସ୍ପୃହ । ତେଣୁ ସେ ଦରିଦ୍ରଭାବରେ ଆମମାନଙ୍କ ସମକ୍ଷରେ

Digitized by srujanika@gmail.com

ପ୍ରତିଭାତ ହୁଅନ୍ତି । (ବୃହଦାରଣ୍ୟକ ଉପନିଷଦରେ ବର୍ଣ୍ଣିତ ଅଛି ଯେ ମହାରାଜ ଜନକଙ୍କ ଦ୍ୱାରା ଅନୁଷ୍ଠିତ ଗୋଟାଏ ଧାର୍ମିକ ସଭାରେ ଜୟଯୁକ୍ତ ହେବା ଫଳରେ ସେ ଏକ ଲକ୍ଷ ସୁବର୍ଣ୍ଣମଣ୍ଡିତ ଗୋରୁ ପୁରସ୍କାର ସ୍ୱରୂପ ପ୍ରାପ୍ତ ହୋଇଥିଲେ । ଏ କଥାର ଅନ୍ତର୍ନିହିତ ତଥ୍ୟ ସମ୍ବନ୍ଧରେ ବିସ୍ତୃତ ଆଲୋଚନା ଅବଶ୍ୟକ, ତା ଅନ୍ୟତ୍ର କରିବାର ବାସନା ରହିଛି । କିନ୍ତୁ ଏ କଥାରୁ ଏଇଟା ଅନାୟାସରେ ପ୍ରମାଣିତ ହେଉଛି ଯେ ଋଷିଙ୍କର ଅର୍ଥର ଅଭାବ ନ ଥିଲା ।)

ପୁତ୍ରର ଅଭାବରେ ଋଷିଙ୍କର ସମ୍ପତ୍ତିର ଅଧିକାରିଣୀ ଋଷିଙ୍କର ଦୁଇ ପତ୍ନୀ । କାତ୍ୟାୟନୀ ସ୍ୱାମୀଙ୍କର ବିରହଜନିତ ଦୁଃଖରେ ମର୍ମାହତ ହେଲେ ମଧ୍ୟ ସାଂସାରିକ ଧନ ସମ୍ପତ୍ତି ପ୍ରତି ଲୋଲୁପତା ତାଙ୍କର ମନରେ ଅକ୍ଷୁଣ୍ଣ ରହିଛି । ତେଣୁ, ସେ ଯେତେବେଳେ ସ୍ୱାମୀଙ୍କଠାରୁ ବିଦାୟ ନେବାକୁ ବାଧ୍ୟ, ସେତେବେଳେ ସେ ସମ୍ପତ୍ତିକୁ ବିଦାୟ ଦେବା ପାଇଁ ସାହସ କରି ପାରୁ ନାହାନ୍ତି । ଯେହେତୁ ସାଂସାରିକ ଜୀବନ-ଯାତ୍ରାପାଇଁ ସ୍ୱାମୀ ଛଡ଼ା, ପୁତ୍ର ଛଡ଼ା, ସମ୍ପତ୍ତି ଯେ ଅନ୍ୟତମ ବଳ । ଯେ ମସ୍ତିଷ୍କ ପ୍ରଜ୍ଞା ଦ୍ୱାରା ମାର୍ଜିତ ନୁହେଁ, ବୈରାଗ୍ୟ ଦ୍ୱାରା ନିସ୍ପୃହ ନୁହେଁ, ଅନ୍ତଶ୍ଚେତନ ତା ଦ୍ୱାରା ବିକଶିତ ନୁହେଁ, ଜ୍ଞାନାଲୋକରେ ଜାଜ୍ୱଲ୍ୟମାନ ନୁହେଁ, ସେ ମସ୍ତିଷ୍କ ଏ ଧାରଣା କରିବାକୁ ବାଧ୍ୟ ଯେ ସମ୍ପତ୍ତି ସାଂସାରିକ ସୁଖର ହେତୁ । କିନ୍ତୁ ମୈତ୍ରେୟୀ ଋଷିଙ୍କର ସେବିକା ନୁହନ୍ତି—ଋଷିଙ୍କର ସହଚରୀ । ଋଷିଙ୍କର ସୌମ୍ୟ ସାହଚର୍ଯ୍ୟ ପ୍ରାପ୍ତ କରି ମୈତ୍ରେୟୀ ଋଷିଙ୍କ ତୁଲ୍ୟ ସୌମ୍ୟ ଗୁଣସମ୍ପନ୍ନା । ଋଷିଙ୍କର ଅଭାବରେ ଧନାଭାବ ମୈତ୍ରେୟୀଙ୍କୁ କଷ୍ଟ ଦେବ ସତ । କିନ୍ତୁ ଜ୍ଞାନାଭାବ ଯେ ଧନାଭାବଠାରୁ ବେଶୀ ଦୁଃଖଦାୟକ ହେବ ମୈତ୍ରେୟୀଙ୍କ ପକ୍ଷରେ । ଯେଉଁ ଜ୍ଞାନ ଦ୍ୱାରା

Digitized by srujanika@gmail.com

ଧନାଭାବକୁ ଲଙ୍ଘନ କରିଯାଇ ପାରେ, ସେ ଜ୍ଞାନ ପ୍ରତି ବିତୃଷ୍ଣା କିଣ ବ୍ରହ୍ମବାଦିନୀ ମୈତ୍ରେୟୀଙ୍କ ପକ୍ଷରେ ସମ୍ଭବ ? ତେଣୁ ସେ ସେହି ଧନ ଗ୍ରହଣ ଯା ତାଙ୍କର ଇହକାଳ ପରକାଳର କାମ୍ୟ— ଯାର ଶନ୍ତାରେ ମନୁଷ୍ୟ ଚଞ୍ଚଳ ହୁଏନା—ଶାନ୍ତିତା ପ୍ରାପ୍ତ ହୁଏ— ଯାର ଆସ୍ୱାଦନରେ ମନୁଷ୍ୟ ସୁଖ ପାଏନା— ଶାନ୍ତି ପାଏ । ଯା'ର ଅଭାବରେ ମନୁଷ୍ୟ ଶନ୍ତିତ ହୁଏନା—ସାଧକ ହୁଏ—ଶନ୍ତାକୁ ଦୂର କରିବାକୁ ,ସାଧନା କରେ । ଏ ଧନ ମନୁଷ୍ୟକୁ ପ୍ରବୃତ୍ତ କରାଏ ନା—ମନୁଷ୍ୟକୁ ନିବୃତ୍ତ କରାଏ । 'ପ୍ରବୃତ୍ତିରେଷା ଭୂତାନାଂ ନିବୃତ୍ତିସ୍ତୁ ମହାତ୍ମାନଂ' । ପ୍ରବୃତ୍ତ ହେବା ସାଧାରଣଙ୍କ ସ୍ୱଭାବ । ନିବୃତ୍ତ ହେବା ମହାତ୍ମାଙ୍କ ସ୍ୱଭାବ । ଯେ ଆତ୍ମା ନିବୃତ୍ତ ହେବାକୁ ଉଚ୍ଛ୍ରିତ, ସେ ଆତ୍ମା ମହାନ୍ । ଅତ ସେ ଆତ୍ମାର ଅଧିକାରଣୀ ଋଷିପତ୍ନୀ ମୈତ୍ରେୟୀ; ନିବୃତ୍ତ ହେବା ପାଇଁ ଏତେ ବ୍ୟାକୁଳ ବୋଲି ନିବୃତ୍ତିପରକ ଜ୍ଞାନର କାମନା ସେ କରୁଛନ୍ତି । ତେଣୁ, ସେ ଋଷିଙ୍କର ସଂସାର ତ୍ୟାଗର ପୂର୍ବ କ୍ଷଣରେ ତାଙ୍କଠାରୁ ସେ ଯେ ଧନର କାମନା କଲେ, ସେ ଧନ ଋଷି ପତ୍ନୀଙ୍କୁ ଦେଉଛନ୍ତି ।

"ନ ବା ଅରେ ପତ୍ୟୁଃ କାମାୟ ପତିଃ ପ୍ରିୟୋଭବତ୍ୟାତ୍ମନସ୍ତୁ
କାମାୟ ପତିଃ ପ୍ରିୟୋ ଭବତି ।"

"ମୈତ୍ରେୟି ! ପତି ପାଇଁ (ସ୍ତ୍ରୀ ପକ୍ଷରେ) ପତି ପ୍ରିୟ ନୁହେଁ । ଜ୍ଞାନ ପାଇଁ (ସ୍ତ୍ରୀ ପକ୍ଷରେ) ପତି ପ୍ରିୟ ।" ଅର୍ଥାତ୍ ସ୍ତ୍ରୀର ମନରେ ପତିର କାମନା ରହିଛି ବୋଲି ସ୍ତ୍ରୀକୁ ପତି ପ୍ରିୟ ଲାଗେ । ପତିର ଅଭାବରେ ସେ ଦୁଃଖ ପାଇବ, ତେଣୁ ଦୁଃଖ ଅପନୋଦନ ପ୍ରକାଶେ ସ୍ତ୍ରୀ ପାଇଁ ପତି ଆବଶ୍ୟକ । ତେଣୁ ସେ ପତିଙ୍କୁ ଭଲପାଏ ।

Digitized by srujanika@gmail.com

ଅର୍ଥାତ୍ ନିଜକୁ ତୃପ୍ତ କରିବାକୁ ପତ୍ନୀ ପତି ଗ୍ରହେ—ପତିକୁ ତୃପ୍ତ କରିବାକୁ ନୁହେଁ; ଅନ୍ତତଃ ଏ ତୃପ୍ତି-କାମନାର ମୂଳରେ ପତିକୁ ତୃପ୍ତ କରିବାର କାମନା ପତ୍ନୀ ପକ୍ଷରେ ଗୌଣ । ମା ସନ୍ତାନକୁ ଦୁଧ ଏଥିପାଇଁ ଦିଏ ଯେ ସେ ସନ୍ତାନକୁ ଦୁଧ ଦେବାରେ ଆନନ୍ଦ ପାଏ । ମା ସନ୍ତାନକୁ ଦୁଧ ଦେବାରେ ଯଦି ଆନନ୍ଦ ପାଇ ନ ଥାନ୍ତା, ତେବେ ସନ୍ତାନକୁ ଦୁଧ ଦିଅନ୍ତା ନାହିଁ । ଫଳତଃ ସନ୍ତାନ ଅବହେଳିତ ହେବା ହେତୁରୁ ନଷ୍ଟ ହୋଇ ଯାନ୍ତା । ଏହି କାରଣରୁ ଈଶ୍ୱର ମାତା ମନରେ ସନ୍ତାନକୁ ଦୁଧ ଦେବାରେ ଆନନ୍ଦ ପ୍ରାପ୍ତ କରିବାର ସାଧନ ଦେଇଛନ୍ତି । ଯେଉଁ କାର୍ଯ୍ୟ କରିବାଦ୍ୱାରା ମନୁଷ୍ୟ ଆନନ୍ଦ ପାଏ, ସେ କାର୍ଯ୍ୟହିଁ ସେ କରେ, ଏହା ପ୍ରାଣୀ ମାତ୍ରର ସ୍ୱଭାବ । ମା ସନ୍ତାନକୁ ଦୁଧ ଦେବାରେ ଆନନ୍ଦ ପାଏ; ଆଉ ସନ୍ତାନ ଦୁଧ ଖାଇ ଆନନ୍ଦ ପାଏ । ସ୍ତ୍ରୀ ସନ୍ତାନ ଲାଭରେ ଆନନ୍ଦ ନ ପାଇଲେ ସେ ଭ୍ରୂଣହତ୍ୟା, ଶିଶୁହତ୍ୟା ପର୍ଯ୍ୟନ୍ତ କରେ, ସେ ଏହା ଏଥିପାଇଁ କରେ ଯେ ନିଜ ଆନନ୍ଦ ପାଇଁ ତାକୁ ସନ୍ତାନ ଆବଶ୍ୟକ—ସନ୍ତାନ ପାଇଁ ତାକୁ ସନ୍ତାନ ଆବଶ୍ୟକ ନୁହେଁ । ଗୁପ୍ତପାପଦୁଷ୍ଟା, ବ୍ୟଭିଚାରିଣୀ ସ୍ତ୍ରୀ ଏଥିପାଇଁ ବାଳହତ୍ୟା, ଭ୍ରୂଣହତ୍ୟା କରେ । ଠିକ୍ ସେହିପରି ପତି ପତ୍ନୀ ପକ୍ଷରେ ମଧ୍ୟ ସେହି ଏକା କଥା । ଗୁପ୍ତ ପ୍ରଣୟାସକ୍ତା ବିବାହିତା ସ୍ତ୍ରୀ ଏଥିପାଇଁହିଁ ସ୍ୱାମୀ ହତ୍ୟା କରେ । କାରଣ ପର ପୁରୁଷର ଅଙ୍ଗ ସ୍ପର୍ଶରେ ସେ ଆନନ୍ଦ ପାଏ ବୋଲି ଆପଣା ପୁରୁଷର ହତ୍ୟା ପର୍ଯ୍ୟନ୍ତ କରେ । ଅର୍ଥାତ୍, ଋଷି କହିବାକୁ ଚାହାନ୍ତି ଯେ ଏ ସଂସାରର ଭିତ୍ତି ସ୍ୱାର୍ଥ । ଯେତେବେଳ ପର୍ଯ୍ୟନ୍ତ ମନୁଷ୍ୟର ସ୍ୱାର୍ଥ ରହିଛି, ସେତେବେଳ ପର୍ଯ୍ୟନ୍ତ ସଂସାରରେ ମନୁଷ୍ୟର ଅସ୍ତିତ୍ୱ ରହିଛି । ମନୁଷ୍ୟର ସ୍ୱାର୍ଥ ନାଶ ହେବା ସଙ୍ଗେ ସଙ୍ଗେ ମନୁଷ୍ୟର ନାଶ ମଧ୍ୟ ସଂଘଟିତ ହେଉଛି । ଇନ୍ଦ୍ରିୟ-

Digitized by srujanika@gmail.com

ଗଣର 'ସ୍ୱାର୍ଥ' ହେଉଛି 'ବିଷୟ' । ଇନ୍ଦ୍ରିୟଗଣ ଯେତେବେଳେ 'ବିଷୟ'ରୁ ଆନନ୍ଦ ଆହରଣ କରିବାକୁ ସମର୍ଥ ହୋଇପାରୁ ନାହାନ୍ତି, ଅର୍ଥାତ୍ ଇନ୍ଦ୍ରିୟଗଣ ଯେତେବେଳେ ଶିଥିଳ ହୋଇ ପଡ଼ୁଛନ୍ତି, ସେତେବେଳେ ଏ ଇନ୍ଦ୍ରିୟଭୋଗରେ ଆନନ୍ଦ ନ ପାଇ ପାରିବା ହେତୁରୁ ମନୁଷ୍ୟ ମୃତ୍ୟୁର କାମନା କରୁଛି; ଅର୍ଥାତ୍ ଇନ୍ଦ୍ରିୟଗଣ ସଙ୍ଗରେ ତାର (ବିଷୟର) ସ୍ୱାର୍ଥ ନ ରହିବାରୁ ସେ ନିଜକୁ ମଧ୍ୟ ନ ରଖିବାକୁ କାମନା କରୁଛି । ମନୁଷ୍ୟର ଏଇ ଅବସ୍ଥା ବାର୍ଦ୍ଧକ୍ୟାବସ୍ଥା; ଆଉ ଏହାର ଅନ୍ତିମ ପରିଣତି ମୃତ୍ୟୁ । ବସ୍ତୁତଃ, ଏ ସଂସାର ସ୍ୱାର୍ଥମୟ, ଏହା କହିବା ଋଷିଙ୍କ ଉଦ୍ଦେଶ୍ୟ । ଆଉ ସ୍ୱାର୍ଥସଂଶ୍ଳିଷ୍ଟ ଉଦ୍ଦେଶ୍ୟ ସମ୍ବନ୍ଧରେ ଜାଣି ରଖିବାପାଇଁ ଋଷିଙ୍କର ଏ ଉପଦେଶ । ସ୍ତ୍ରୀ ପତିକୁ ଭଲ ପାଉଛି, ଏ କଥାରୁ ଏହା ନ ବୁଝିବା ଉଚିତ ଯେ ସ୍ତ୍ରୀ ବାସ୍ତବରେ ପତିକୁ ଭଲ ପାଉଛି, ବରଂ ସେ ନିଜକୁ ଆନନ୍ଦ ଦେବାକୁ ଇଚ୍ଛା କରୁଛି ବୋଲି ପତିକୁ ପ୍ରେମ କରୁଛି, ଏ କଥା ବୁଝିବାକୁ ଋଷି ଉପରୋକ୍ତ ଉପଦେଶ ଦେଇଛନ୍ତି ମୈତ୍ରେୟୀଙ୍କୁ । ନ ବୁଝି କାର୍ଯ୍ୟ କଲେ ପରିଣାମ ଅଶୁଭଙ୍କର ହେବ; ଅନ୍ଧାରରେ ଚାଲିଲେ ବାଧା ଖାଇବା ସମ୍ଭବ; ତେଣୁ ଏ ଅଜ୍ଞାନ-ଜନିତ ଅନାବଶ୍ୟକ ଦୁଃଖରୁ ନିବୃତ୍ତ କରିବା ପାଇଁ ଋଷି ଏ ଉପଦେଶ ଦେଉଛନ୍ତି, ସମଗ୍ର ସଂସାରକୁ ଆପଣାର ପତ୍ନୀର ମାଧ୍ୟମରେ ।

ଚାଲିବା, ବୁଲିବା, ଖେଳିବା, କୁଦିବା, ଏହା ଏଥିପାଇଁ ସମ୍ଭବ ହେଉଛି ଯେ ଆମ ପାଦ ସଙ୍ଗରେ ମାଟିର ସ୍ୱାର୍ଥ ରହିଛି । ଯେଉଁ ମୁହୂର୍ତ୍ତରେ ଆମ ପାଦ ତଳର ମାଟି ରହିବ ନାହିଁ, ସେହି ମୁହୂର୍ତ୍ତରେ ଆମେ ମଧ୍ୟ ରହିବା ନାହିଁ । ଶୂନ୍ୟ-ଅବସ୍ଥାନ ତ ଆମ ପକ୍ଷରେ ସମ୍ଭବ ନୁହେଁ । ଅଥଚ ଆମ ଶରୀରର ଅନ୍ୟାନ୍ୟ ନଅଟି ଦ୍ୱାରରେ ରହିଛି ଶୂନ୍ୟତା; ଏ ଶୂନ୍ୟତା ମଧ୍ୟ ଆମର ଆବଶ୍ୟକ ।

Digitized by srujanika@gmail.com

ଏହା ସଙ୍ଗରେ ମଧ୍ୟ ଆମର ଶରୀରର ସ୍ୱାର୍ଥ ଜଡ଼ିତ । ଆମ୍ଭର ଏ ନଅଷ୍ଟି ଢଗରେ ଯଦି ଶୂନ୍ୟତାରୂପକ ଆମର ସ୍ୱାର୍ଥ ନ ରହେ, ତେବେ ଆମର ଅବସ୍ଥାନ ଠିକ୍ ସେହିପରି ଅସମ୍ଭବ ହୋଇ ଉଠିବ । ଯଦି ମାଟିରୂପକ ସ୍ୱାର୍ଥ ଆମ ପାଦ ତଳରେ ନ ରହେ । ଅର୍ଥାତ୍ ଯେଉଁଠାରେ ଯେତିକି ପରିମାଣରେ, ଯେଉଁପରିଭାବରେ ଆମର ସ୍ୱାର୍ଥ ଆବଶ୍ୟକ, ଠିକ୍ ସେତିକି ପରିମାଣରେ, ସେହିପରିଭାବରେ, ସେହିପରି ସ୍ୱାର୍ଥ ନ ରହିଲେ ସଂସାରରେ ଆମର ଅସ୍ତିତ୍ୱ ସମ୍ଭବ ହୋଇ ପାରିବ ନାହିଁ, ଅର୍ଥାତ୍ ପତ୍ନୀ ପ୍ରତି ପ୍ରେମ କରିବା ଉଚିତ—ଭଗ୍ନୀ ପ୍ରତି ସ୍ନେହ କରିବା ଉଚିତ । ଭଗ୍ନୀ ପ୍ରତି ମଧ୍ୟ ପତ୍ନୀ ପରି ପ୍ରେମ କଲେ, ତାହା କଦର୍ଯ୍ୟ ସ୍ୱାର୍ଥ ହେବ । ଋଷି କହିବାକୁ ଗୃହାନ୍ତି, ସଂସାରରେ ମନୁଷ୍ୟର ସ୍ୱାର୍ଥ ରହିବ ହିଁ ରହିବ, ତା' ରହୁ, କିନ୍ତୁ ତା କଦର୍ଯ୍ୟ ସ୍ୱାର୍ଥ ନ ହେଉ ।

ସଂସାର ସ୍ୱାର୍ଥମୟ; ଏ କଥା ସତ୍ୟ । ସ୍ୱାର୍ଥ ସଂସାର ପାଇଁ ଆବଶ୍ୟକ ବୋଲି ସଂସାର ସ୍ୱାର୍ଥମୟ । ଯେଉଁ ସ୍ଥଳରେ ଯେତିକି ପରିମାଣରେ ସ୍ୱାର୍ଥ ଆବଶ୍ୟକ, ସେହି ସ୍ଥଳରେ ସେତିକି ପରିମାଣରେ ସ୍ୱାର୍ଥ ନ ରହିଲେ, ସେ ସ୍ୱାର୍ଥ ସ୍ୱାର୍ଥ ହେବ ନାହିଁ— ତା ସଙ୍କୀର୍ଣ୍ଣ ସ୍ୱାର୍ଥ ହେବ । ଅଭି ଏ ସଙ୍କୀର୍ଣ୍ଣ ସ୍ୱାର୍ଥ ସ୍ପୃହଣୀୟ ନୁହେଁ, ତାହା ନିନ୍ଦ୍ୟ । ମୁମୁକ୍ଷୁ ତପସ୍ୟା କରେ; ତା' ଏଥିପାଇଁ ସେ କରେ ଯେ ତାର ମନରେ ମୁକ୍ତି ପାଇଁ କାମନା ରହିଛି । ଦୟାଳୁ ଦାନ କରେ; ଦାନ ସେ ଏଥିପାଇଁ କରେ ଯେ ସେ ଏ ଦାନ କରିବା ଫଳରେ ଆନନ୍ଦ ପାଏ । ଏ ପ୍ରକାର କାମନା ମଧ୍ୟ ସ୍ୱାର୍ଥ । ଏ ସ୍ୱାର୍ଥ ଉଚ୍ଚ ସ୍ତରର ସ୍ୱାର୍ଥ ହୋଇ ପାରେ । କିନ୍ତୁ ଏହା ଯେ ସ୍ୱାର୍ଥ, ଏଥିରେ ସନ୍ଦେହ ନାହିଁ । ଶବଟା ସମ୍ରାଟର ଶବ ହୋଇପାରେ । କିନ୍ତୁ

Digitized by srujanika@gmail.com

ଶରୀରଟା ଯେ ଶବ, ଏ କଥା ଅସ୍ୱୀକାର କରିବାକୁ ବାଟ ନାହିଁ । କାରଣ ସାଧାରଣ ଶବର ଯେ ପରିଣତି, ସେ ପରିଣତି ସମ୍ରାଟର ଶବ ପକ୍ଷରେ ମଧ୍ୟ ଯେ ଘଟିବ, ଏ କଥା ଅସ୍ୱୀକାର କରି ହେବ ନାହିଁ । ... .. ଋଷି ଚେତେଇ ଦେବାକୁ ଚାହାନ୍ତି ଯେ, 'ଏ ସଂସାର ସ୍ୱାର୍ଥମୟ', ଏ କଥା ସର୍ବଦା ମନେ ରଖିବାକୁ ହେବ । ଫଳତଃ ସଂସାର ପ୍ରତି ଆମର ଯେ ଅନାବଶ୍ୟକ ଆସକ୍ତି ରହୁଛି, ଯେ ଆମର ସମସ୍ତ ପ୍ରକାରର ସ୍ଖଳନର କାରଣ—ଦୁଃଖର କାରଣ, ତା' କ୍ଷୀଣ ହୋଇ ପଡ଼ିବ । ଆସକ୍ତି ଆବଶ୍ୟକ ମନୁଷ୍ୟ ପକ୍ଷରେ; ଅନ୍ୟଥା ସଂସାର-ଯାତ୍ରା ମନୁଷ୍ୟ ପକ୍ଷରେ ସହଜ ସୁନ୍ଦର ହୋଇ ପାରିବ ନାହିଁ । କାରଣ ସଂସାରରୁ ଆନନ୍ଦ ଆହରଣ କରି ନ ପାରିଲେ ମନୁଷ୍ୟ ପକ୍ଷରେ ସଂସାର-ବାସ ତ ସମ୍ଭବ ହୋଇ ପାରିବ ନାହିଁ । ଏହାହିଁ କାରଣ ଯେ ମନୁଷ୍ୟ ସାଂସାରିକ ସୁଖ ପ୍ରାପ୍ତ କରି ନ ପାରିଲେ ବା ସାଂସାରିକ ସୁଖ ପାଇବାରେ ବାଧା ପାଇଲେ ଆତ୍ମହତ୍ୟା କରେ । ସୁତରାଂ ଯେ ଆସକ୍ତି ମନୁଷ୍ୟର ସ୍ଖଳନର କାରଣ ନ ହୋଇ ମନୁଷ୍ୟର ଉତ୍ଥାନର କାରଣ ସିଦ୍ଧ ହୁଏ, ଯା' ମନୁଷ୍ୟର ସଂସାର-ଯାତ୍ରାର ପାଥେୟ ସିଦ୍ଧ ହୁଏ, ସେ ଆସକ୍ତି, ସେ ସ୍ୱାର୍ଥ କେବଳ ମନୁଷ୍ୟ ପକ୍ଷରେ ଆବଶ୍ୟକ । ଅର୍ଥାତ୍ ଅତି ଆସକ୍ତି ମନୁଷ୍ୟ ପକ୍ଷରେ ଦୁଃଖର କାରଣ । କଥାଟାକୁ ସାଦାଭାବରେ କହିଲେ ଏଇଟାହିଁ ବୁଝାଇବ ଯେ, କ୍ଷୁଧା ସମୟରେ ଅନ୍ନ ଭକ୍ଷଣ କର—ନିଦ୍ରା ସମୟରେ ନୁହେଁ । ଅତି ସେତିକି ପରିମାଣରେ ଭକ୍ଷଣ କର ଯେତିକି ପରିମାଣରେ ଭକ୍ଷଣ କଲେ କ୍ଷୁଧା ନିବୃତ୍ତି ହୋଇ ପାରିବ—ଅଜୀର୍ଣ୍ଣ ରୋଗଗ୍ରସ୍ତ ହେବାକୁ ପଡ଼ିବ ନାହିଁ ଅର୍ଥାତ୍ ଇନ୍ଦ୍ରିୟଗଣଙ୍କୁ ତୁମେ ନିଜେ ଭୋଗ କର—ତାଙ୍କୁ ତୁମକୁ ଭୋଗ କରିବାକୁ ଦିଅନା ।

Digitized by srujanika@gmail.com

ସଂସାର ସ୍ୱାର୍ଥମୟ, ଏ କଥାକୁ କାହିଁକି ମନୁଷ୍ୟ ଅହରହ ମନେ ରଖିବ ? ସଂସାର ପ୍ରତି ମନୁଷ୍ୟର ବୈରାଗ୍ୟକୁ ଅକ୍ଷୁଣ୍ଣ ରଖିବା ପାଇଁ ଅହରହ । ମନୁଷ୍ୟର ମନରେ ବୈରାଗ୍ୟ-ଭାବ ଅକ୍ଷୁଣ୍ଣ ରହିଲେ, ସଂସାର ପ୍ରତି ତାର ମନର ଆସକ୍ତି ଧୀରେ ଧୀରେ କମି ଯିବ । ଫଳତଃ, ଯେ'କୌଣସି ମୁହୂର୍ତ୍ତରେ ମଧ୍ୟ ସେ ସଂସାର ତ୍ୟାଗ କରିବାରେ ତାକୁ ବିରହ-ଦୁଃଖ ଆଘାତ ବାଧା ଦେଇ ପାରିବ ନାହିଁ । ଆଉ ଏ ଅନିତ୍ୟ ସଂସାରର ତ୍ୟାଗରେ ସେ ଜୀବନର ପରମ ସିଦ୍ଧି 'ମୋକ୍ଷ' ପାଇଁ ସାଧନ କରିବାକୁ ପ୍ରସ୍ତୁତ ହୋଇ ପାରିବ ।

"ନ ବା ଅରେ ଜାୟାୟୈ କାମାୟ ଜାୟା ପ୍ରିୟା ଭବତ୍ୟାତ୍ମନସ୍ତୁ
କାମାୟ ଜାୟା ପ୍ରିୟା ଭବତି ।"

'ସ୍ତ୍ରୀ ପାଇଁ (ପୁରୁଷ ପକ୍ଷରେ) ସ୍ତ୍ରୀ ପ୍ରିୟ ନୁହେଁ; ନିଜପାଇଁ (ପୁରୁଷ ପକ୍ଷରେ) ସ୍ତ୍ରୀ ପ୍ରିୟ ।' ନିଜ ସ୍ୱାର୍ଥ ପାଇଁ ଯେପରି ସ୍ତ୍ରୀକୁ ପତି ପ୍ରିୟ ମନେ ହୁଏ, ଠିକ୍ ସେହିପରି ନିଜ ସ୍ୱାର୍ଥ ପାଇଁ ପୁରୁଷକୁ ସ୍ତ୍ରୀ ପ୍ରିୟ ମନେ ହୁଏ । ଅର୍ଥାତ୍, ସ୍ତ୍ରୀକୁ କାମନା କରିବାରେ ପୁରୁଷ ମନରେ ଯେପରି ନିଜ ସ୍ୱାର୍ଥ ସିଦ୍ଧିର ଉତ୍କଟ ଲାଳସା ରହିଛି, ଠିକ୍ ସେହିପରି ପୁରୁଷକୁ କାମନା କରିବାରେ ମଧ୍ୟ ସ୍ତ୍ରୀ ମନରେ ଠିକ୍ ସେହିପରି ଉତ୍କଟ ଲାଳସା ରହିଛି । ଦୁହେଁ ଦୁହିଙ୍କୁ ନିଜ ନିଜ ସ୍ୱାର୍ଥ ପାଇଁ ଭଲ ପାଉଛନ୍ତି । ଆଉ ଏ ଭଲ ପାଇବାଟା ସ୍ୱାଭାବିକ । ଭଲ ପାଇବା ମୂଳରେ ସ୍ୱାର୍ଥ ନ ଥିଲେ ମନୁଷ୍ୟ କେବେ କାହାକୁ ଭଲ ପାଇ ପାରେନା । ଗୋଲାପର ସୌନ୍ଦର୍ଯ୍ୟ ଅଛି; ସୁଗନ୍ଧ ଅଛି; ତେଣୁ ମନୁଷ୍ୟ ଏ ଫୁଲକୁ ଆଦର କରେ । ନିମ୍ବ ପତ୍ରରେ ସ୍ୱାଦ ନାହିଁ—ସୌନ୍ଦର୍ଯ୍ୟ ନାହିଁ, ତେଣୁ ମନୁଷ୍ୟ ତାକୁ ଆଦର କରେ ନା ।

Digitized by srujanika@gmail.com

କିନ୍ତୁ ଏହା ସହିତ ମଧ୍ୟ ରୋଗ ନିବାରଣ ପାଇଁ, କୌଣସି ପ୍ରକାରର ଉପଗ୍ରହ ପାଇଁ ଯେତେବେଳେ ଏ ପଦାର୍ଥର ଅବଶ୍ୟକତା ମନୁଷ୍ୟ ଅନୁଭବ କରେ, ସେତେବେଳେ ସେ ଏହାକୁ ଆଦର କରେ। ଏ ପଦ ପ୍ରାପ୍ତ କରିବାରେ (ଯଦି ଏହା ଦୁର୍ଲ୍ଲଭ ହୋଇଥାଏ) ମନୁଷ୍ୟ ଅକଥନୀୟ ପରିଶ୍ରମ କରିବାକୁ ମଧ୍ୟ କୁଣ୍ଠିତ ହୁଏ ନାହିଁ। କାରଣ ମନୁଷ୍ୟ ମନରେ ସେତେବେଳେ ନିମ୍ନ-ପଦ ପ୍ରତି ସ୍ୱାର୍ଥର କାମନା ଜାଗେ।'

ସ୍ୱାର୍ଥ ଅର୍ଥ କାମନା, ଓ ସେ' କାମନାର ଫଳ ସ୍ୱଚ୍ଛତା। ସେ ସ୍ୱଚ୍ଛତା ମାନସିକ ହୋଇପାରେ—ଶାରୀରିକ ହୋଇପାରେ। ଶାରୀରିକ, ମାନସିକ ସ୍ୱଚ୍ଛତା ସଂସାର-ଯାତ୍ରା ପାଇଁ ଅବଶ୍ୟକ। ସ୍ୱାର୍ଥ ନ ହେଲେ ସଂସାର-ଯାତ୍ରା ବା ସହଜ ସୁଖକର ହେବ କିପରି? ତେଣୁ, ସୃଷ୍ଟିକୁ ସ୍ଥିର ରଖିବାକୁ ସୃଷ୍ଟିକର୍ତ୍ତା-ସୃଷ୍ଟ ଏ ସ୍ୱାର୍ଥ ପରମ ଅବଶ୍ୟକୀୟ ପଦାର୍ଥ। ଏ ସ୍ୱାର୍ଥ, କିନ୍ତୁ, ସଂକୀର୍ଣ୍ଣ ସ୍ୱାର୍ଥ ଦ୍ୱାରା କଳୁଷିତ ନ ହେବା ଉଚିତ। ଉପନିଷଦ ଏକଥାକୁ ଅନ୍ୟଭାବରେ ମଧ୍ୟ କହିଛନ୍ତି, 'ତ୍ୟକ୍ତେନ ଭୁଞ୍ଜୀଥାଃ—ତ୍ୟାଗପୂର୍ବକ ଭୋଗ କର'। ଅର୍ଥାତ୍ ସ୍ୱାର୍ଥପର ହୁଅ ନାହିଁ—ତ୍ୟାଗ କରିବାକୁ ବି ଶିଖ। ଫଳତଃ ସ୍ୱାର୍ଥରେ ସ୍ୱାର୍ଥର ସଂଘର୍ଷ ହେବାର ସମ୍ଭାବନା ରହିବ ନାହିଁ କି ଦୁଃଖ କାହାରିକୁ ଅଘାତ ଦେବାକୁ ଆସିବ ନାହିଁ।

ଅଧ୍ୟାତ୍ମ ପୁରୁଷ ପାଇଁ ମଧ୍ୟ ସ୍ୱାର୍ଥ ଅବଶ୍ୟକ। ଏ ସ୍ୱାର୍ଥ, କିନ୍ତୁ, ଅନ୍ତର୍ମୁଖୀ ହୁଏ—ସାଂସାରିକ ସ୍ୱାର୍ଥକୁ ଅଗ୍ରାହ୍ୟ କରି ସେ ପରମ ସ୍ୱାର୍ଥ (ମୋକ୍ଷ) ପ୍ରତି ଉନ୍ମୁଖ ହୁଏ। ଅଧ୍ୟାତ୍ମ ସାଂସାରିକ ସୁଖ ଚୁହେଁ ମୁକ୍ତି ପାଇଁ-ଇନ୍ଦ୍ରିୟ ଲୋଲୁପତା ପାଇଁ ନୁହେଁ। ଅଧ୍ୟାତ୍ମ ସ୍ତ୍ରୀର କାମନା କରେ ଭୋଗ ପାଇଁ ନୁହେ—ପ୍ରବଳ ଇନ୍ଦ୍ରିୟଗଣଙ୍କ ଉତ୍ପାତକୁ

Digitized by srujanika@gmail.com

ସର୍ବକାନ୍ତ କରିବା ପାଇଁ-ମୁକ୍ତିର ମାର୍ଗକୁ ସହଜ ସୁଗମତର କରିବା ପାଇଁ ।......ତେଣୁ ଋଷି କହୁଛନ୍ତି ଯେ, ସ୍ତ୍ରୀକୁ ତୃପ୍ତ କରିବାକୁ ପୁରୁଷ ସ୍ତ୍ରୀର ଆବଶ୍ୟକତା ଅନୁଭବ କରେ ନାହିଁ—ନିଜକୁ ତୃପ୍ତ କରିବାକୁ ସେ ସ୍ତ୍ରୀର ଆବଶ୍ୟକତା ଅନୁଭବ କରେ । ଅସ୍ତୃଷ୍ଣାମୀ ସ୍ତ୍ରୀ ବା ପୁରୁଷ ପକ୍ଷରେ ମଧ୍ୟ ସେହି ଏକା କଥା । ଅସ୍ତୃଷ୍ଣାମୀ ସ୍ତ୍ରୀ ବା ପୁରୁଷ ସ୍ତ୍ରୀ ବା ପୁରୁଷର କାମନା ଅସ୍ୱତୃପ୍ତି ପାଇଁ କରନ୍ତି । କାରଣ ନିଜକୁ ସନ୍ତୁଷ୍ଟ କରି ନ ପାରିଲେ ଅସନ୍ତୁଷ୍ଟ ମନ ନେଇ ସ୍ଥିର ମନରେ ସେମାନେ ତ ପରବର୍ତ୍ତୀ କାଳରେ ମୁକ୍ତି ପାଇଁ ସାଧନା କରି ପାରିବେ ନାହିଁ । ମନୁଷ୍ୟର ଏ କାମନା ଆତ୍ମୋନ୍ନତିମୂଳକ ସ୍ୱାର୍ଥର କାମନା । ତେଣୁ ଏ କାମନା ଆଦରଣୀୟ । କାରଣ ଏହାର ପରିଣତି ଶୁଭ ।

"ନ ବା ଅରେ ପୁତ୍ରାଣାଂ କାମାୟ ପୁତ୍ରାଃ ପ୍ରିୟା ଭବନ୍ତ୍ୟାତ୍ମନସ୍ତୁ
କାମାୟ ପୁତ୍ରାଃ ପ୍ରିୟା ଭବନ୍ତି ।"

ମାତା ପିତା ସନ୍ତାନ କାମନା କରନ୍ତି ବୋଲି ତାଙ୍କୁ ସନ୍ତାନ ପ୍ରିୟ ଲାଗେ; ଏ କଥା ପିତାମାତାଙ୍କ ପକ୍ଷରେ ଯେପରି ସତ୍ୟ ପୁତ୍ର-କନ୍ୟାଙ୍କ ପକ୍ଷରେ ମଧ୍ୟ ସେହିପରି ସତ୍ୟ । ପୁତ୍ରକନ୍ୟାଙ୍କ ପକ୍ଷରେ ମାତା ପିତା ପ୍ରିୟ । ତେଣୁ ସେମାନେ ପିତାମାତାଙ୍କୁ ଭଲପାନ୍ତି । ଅର୍ଥାତ୍ ପିତାମାତାଙ୍କୁ ପାଇ ସନ୍ତାନମାନେ ନିଜେ ଆନନ୍ଦ ପ୍ରାପ୍ତ ହୁଅନ୍ତି ବୋଲି ସେମାନେ ପିତାମାତାଙ୍କୁ ଭଲପାନ୍ତି । ଏ ଭଲ ପାଇବା ମୂଳରେ ଅନେକ ସାଂସାରିକ ସ୍ୱାର୍ଥ ଜଡ଼ିତ । ସନ୍ତାନ ପିତାମାତାଙ୍କୁ ଭଲ ପାଇବା ଫଳରେ ପିତାମାତା ମଧ୍ୟ ଯେ ସେମାନଙ୍କୁ ଭଲପାନ୍ତି, ତା' ଏଥିପାଇଁ ଯେ ସେମାନେ ସନ୍ତାନମାନଙ୍କ ଦ୍ୱାରା ଅନେକ ପ୍ରକାର ସାଂସାରିକ ଆନନ୍ଦ ପ୍ରାପ୍ତ କରନ୍ତି । ପିତା-ମାତାଙ୍କ ଆନନ୍ଦ ପାଇବାରେ ସନ୍ତାନ ମୂଳ । ତେଣୁ ସନ୍ତାନ

Digitized by srujanika@gmail.com

ସେମାନଙ୍କର ପ୍ରିୟ । ମଦ୍ୟପ ପକ୍ଷରେ ମଦ୍ୟ ଏଥିପାଇଁ ପ୍ରିୟ ଯେଉଁ କୁହେଁ ଯେ ମଦ୍ୟ ବାସ୍ତବରେ ଗୋଟାଏ ପ୍ରିୟ ପଦାର୍ଥ । କିନ୍ତୁ ଏହା ଏଥିପାଇଁ ପ୍ରିୟ ଯେ ମଦ୍ୟପ ମନରେ ଏହା ପ୍ରତି ପ୍ରିୟ-ଭାବ ରହୁଛି- ଏହାପ୍ରତି ତା' ମନରେ ଆସକ୍ତି ରହୁଛି । ପିତାମାତା ଯେତେବେଳେ ବୁଝିବେ ଯେ ସନ୍ତାନ ବାସ୍ତବିକ ପ୍ରିୟ ପଦାର୍ଥ ନୁହେ, ମନରେ ସେ ପଦାର୍ଥ ପ୍ରତି ପ୍ରିୟ-ଭାବ ରହୁଛି ବୋଲି ସେ ପ୍ରିୟ ମନେ ହେଉଛି, ସେତେବେଳେ ପିତାମାତା ଆଉ ଏ ସଂକୀର୍ଣ୍ଣ ସାଂସାରିକ ସ୍ୱାର୍ଥରେ ଜଡ଼ିତ ନ ରହି, ଏ ସ୍ୱାର୍ଥ ଯେଉଁ ଆତ୍ମାର ଆନନ୍ଦ ପାଇଁ ଅବଶ୍ୟକ, ସେହି ଆତ୍ମାର ଉପଲବ୍ଧି ପାଇଁ ସେମାନେ ଆତୁର ହୋଇ ଉଠିବେ । ମନୁଷ୍ୟର ଏ ଅବସ୍ଥା ସ୍ଥିତପ୍ରାଜ୍ଞର ଅବସ୍ଥା । ଏହାହିଁ କାରଣ ଯେ ଋଷିମାନେ କହନ୍ତି, 'ଆତ୍ମାନଂ ବିଦ୍ଧି', ନିଜକୁ ଜାଣ (Introspection) । ଆତ୍ମରତି ବା ଆତ୍ମକ୍ରୀଡ଼ାର ଯେ ଉପଦେଶ ଋଷି- ମାନେ ଦିଅନ୍ତି, ତା' ଏଥିପାଇଁ ଯେ ମନୁଷ୍ୟ ସ୍ୱାର୍ଥାନ୍ଧ ନ ହେଉ, ସେ ସ୍ୱାର୍ଥକୁ ଜୟକରୁ—ସ୍ୱାର୍ଥ ତାକୁ ପରାଭୂତ ନ କରୁ । ଯେ ସ୍ୱାର୍ଥର ଅନ୍ଧାନୁସରଣ ଆଜି ସାରା ବିଶ୍ୱକୁ ଗ୍ରାସ କରି ବସିଛି, ମନୁଷ୍ୟ ମନୁଷ୍ୟର ମାଂସ ପାଇଁ ଲୋଲଜିହ୍ୱ ହୋଇ ଉଠୁଛି, ପୁରୁଷ ସ୍ତ୍ରୀର ଆତ୍ମାକୁ ଉପେକ୍ଷା କରି ତାର ଶରୀର ପାଇଁ ଅପେକ୍ଷା କରି ବସିଛି, ସେ ସ୍ୱାର୍ଥରୁ ଦୂର ରହିବାକୁ ପ୍ରାଚୀନ ଭାରତର, ଅଧୁନିକ ଭାଷାରେ ଅର୍ଦ୍ଧନଗ୍ନ ବର୍ଣ୍ଣ୍ୟ ମାନବଗଣ ସାରା ବିଶ୍ୱପାଇଁ ମେଘଗମ୍ଭୀର ନାଦରେ ଏ ଅମର ବାଣୀ ଶୁଣାଇ ଅସିଛନ୍ତି, 'କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍'— ସମଗ୍ର ବିଶ୍ୱକୁ ଶ୍ରେଷ୍ଠ ହେବାକୁ ଦିଅ—ସମଗ୍ର ବିଶ୍ୱ ଆର୍ଯ୍ୟ ଅର୍ଥାତ୍ ଶ୍ରେଷ୍ଠ ପୁରୁଷମାନଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଯାଉ !! ଏହା କିପରି ସମ୍ଭବ ହେବ ? ସ୍ୱାର୍ଥ ତ୍ୟାଗ କଲେ । ଅର୍ଥାତ୍ ତ୍ୟାଗପୂର୍ବକ ଭୋଗ କଲେ । ସେଥିପାଇଁ ଉପନିଷଦ କହନ୍ତି, ତେନ ତ୍ୟକ୍ତେନ ଭୁଞ୍ଜୀଥାଃ

Digitized by srujanika@gmail.com

ଷିଙ୍କୁ ବାରମ୍ବାର ବିଭିନ୍ନଭାବରେ ଏ ଅମର ସନ୍ଦେଶ ଉପନିଷଦ୍ ଦେଇ ଆସୁଛନ୍ତି । ଅସ୍ପୃହତା ବା ଅସ୍ୱୀକାରର ଉପଦେଶର ମୂଳରେ ଏଇ ତ୍ୟାଗପୂର୍ବକ ଭୋଗ କରିବାର ସନ୍ଦେଶହିଁ ରହିଛି ।

"ନ ବା ଅରେ ବିତ୍ତସ୍ୟ କାମାୟ ବିତ୍ତଂ ପ୍ରିୟଂ ଭବତ୍ୟାତ୍ମନସ୍ତୁ
କାମାୟ ବିତ୍ତଂ ପ୍ରିୟଂ ଭବତି ।"

ବିତ୍ତ ପାଇଁ ବିତ୍ତ (ମନୁଷ୍ୟ ପକ୍ଷରେ) ପ୍ରିୟ ନୁହେ, ନିଜପାଇଁ ବିତ୍ତ (ମନୁଷ୍ୟ ପକ୍ଷରେ) ପ୍ରିୟ । ବିତ୍ତ ଶ୍ରେୟ ପଦାର୍ଥ ବୋଲି ମନୁଷ୍ୟ ବିତ୍ତର କାମନା କରେନା । ମନୁଷ୍ୟ ମନରେ ବିତ୍ତ ପ୍ରତି କାମନା ରହିଛି ବୋଲି ସେ ବିତ୍ତକୁ ଶ୍ରେୟ ପଦାର୍ଥ ମନେ କରେ ।...... ସାଧାରଣ ମନୁଷ୍ୟ ଧନ କାମନା କରେ ଧନ ପାଇଁ ଅର୍ଥାତ୍ ଧନୀ ହେବାପାଇଁ ଅର୍ଥାତ୍ ଧନର ପ୍ରାଧାନ୍ୟ ଦର୍ଶାଇବା ପାଇଁ । ଧନକୁ ଭୋଗ କରିବା ଅର୍ଥ ଧନର ପ୍ରାଧାନ୍ୟ ପ୍ରତିଷ୍ଠା କରିବା ନୁହେଁ—ଧନର ପ୍ରାଧାନ୍ୟର ବିଲୋପ ସାଧନ କରିବା, ଧନ ପ୍ରତି ଆସକ୍ତିକୁ ନାଶ କରିବା । ଅର୍ଥାତ୍ ଧନର ସଦୁପଯୋଗ କରିବା । କିନ୍ତୁ ଧନକୁ ବିନା ତ୍ୟାଗପୂର୍ବକ ଭୋଗ କରିବା ଅର୍ଥ ଧନର ଦୁରୁପଯୋଗ କରିବା । ଫଳତଃ ନିଜେ ଅଶାନ୍ତି ଓ ଅମଙ୍ଗଳର କାରଣ ସିଦ୍ଧ ହେବା । ଆସକ୍ତି ଅଶାନ୍ତିର କାରଣ । ତେଣୁ ଅସାଧାରଣ ମନୁଷ୍ୟ (ଆତ୍ମଜ୍ଞାନୀ) ଧନର କାମନା କରେ ନିଜପାଇଁ ଅର୍ଥାତ୍ ଆତ୍ମୋପଲବ୍ଧି ପାଇଁ ଧନ ପାଇଁ ଧନର କାମନା ସେ କରେନା ଅର୍ଥାତ୍ ଧନର ଅଭିମାନ କରିବାପାଇଁ ସେ ଧନର କାମନା କରେନା । ଧନର ଅଭାବରେ ମନୁଷ୍ୟର ଶରୀର ଧାରଣ, ଜୀବନଧାରଣ ସମ୍ଭବ ନୁହେଁ, ଧନ ଆବଶ୍ୟକ ଅନ୍ନ ପାଇଁ, ବସ୍ତ୍ର ପାଇଁ, ଆବାସ ପାଇଁ । ଏ ସମସ୍ତ ପ୍ରୟୋଜନୀୟ ସାମଗ୍ରୀ ବିନା ଆତ୍ମାର ଅସ୍ତିତ୍ୱ ଅସମ୍ଭବ ।

Digitized by srujanika@gmail.com

ଅତ ଅନ୍ୟ କାମ୍ୟ ଆତ୍ମୋପଲବ୍ଧି ବା ସମ୍ଭବ ହେବ କପରି ? ତେଣୁ ବ୍ରହ୍ମଜ୍ଞାନୀର ଚକ୍ଷୁରେ ଏହା ଅବଶ୍ୟକାମ୍ୟ ପଦାର୍ଥ । କିନ୍ତୁ ସାଧାରଣ ମନୁଷ୍ୟ ପକ୍ଷରେ ଏହା ବିଳାସର ସାମଗ୍ରୀ । ଧନ ପ୍ରତି ସାଧାରଣ ଲୋକ ଯେତେବେଳେ ଅସକ୍ତ ହୁଏ, ଜ୍ଞାନୀ ସେତେବେଳେ ତାର ତୁଚ୍ଛତା ଅନୁଭବ କରେ । ସେତେବେଳେହିଁ ସେ ଗୃହସ୍ଥାଶ୍ରମରୁ ବାନପ୍ରସ୍ଥାଶ୍ରମକୁ ଯିବାକୁ ବ୍ୟଗ୍ର ହୋଇପଡ଼ି କହେ, ଉଦ୍ୟାସ୍ୟନ୍ ବା ଅରେଽହମସ୍ମାତ୍ ସ୍ଥାନାଦସ୍ମି—(ମୈତ୍ରେୟୀ)—ମୁଁ ଏହି ସ୍ଥାନରୁ ଅନ୍ୟତ୍ର ଉଚ୍ଚ ସ୍ଥାନକୁ ଯିବାକୁ ଇଚ୍ଛା କରୁଛି ।

"ନ ବା ଅରେ ବ୍ରହ୍ମଣଃ କାମାୟ ବ୍ରହ୍ମପ୍ରିୟଂ ଭବତ୍ୟାତ୍ମନସ୍ତୁ
କାମାୟ ବ୍ରହ୍ମ ପ୍ରିୟଂ ଭବତି ।"

ମନୁଷ୍ୟ ବ୍ରାହ୍ମଣର କାମନା ବ୍ରାହ୍ମଣ ପାଇଁ କରେନା—ନିଜ ପାଇଁ କରେ । ବ୍ରାହ୍ମଣ ଆତ୍ମୋନ୍ନତିର ସାଧନ । ତେଣୁ ମନୁଷ୍ୟ ବ୍ରାହ୍ମଣର କାମନା କରେ । ବ୍ରାହ୍ମଣଠାରୁ ଶିକ୍ଷା ଗ୍ରହଣ କରି, ବ୍ରାହ୍ମଣଠାରୁ ସଦୁପଦେଶ ଲାଭ କରି, ବ୍ରାହ୍ମଣଠାରୁ ବେଦ-ବେଦାନ୍ତର ପଠନ ପାଠନର ଅଭ୍ୟାସ ଆୟତ୍ତ କରିବାର କଳା ଶିକ୍ଷା କରି ମନୁଷ୍ୟ ଆତ୍ମୋନ୍ନତି କରିବାର ସୁଯୋଗ ପ୍ରାପ୍ତ କରେ । ତେଣୁ ବ୍ରାହ୍ମଣ ମନୁଷ୍ୟର ପ୍ରିୟ । ମନୁଷ୍ୟ ମନରେ ବ୍ରାହ୍ମଣ ପ୍ରତି ମଙ୍ଗଳ କାମନା ରହିଛି ବୋଲି ମନୁଷ୍ୟ ପକ୍ଷରେ ବ୍ରାହ୍ମଣ ପ୍ରିୟ ନୁହେ । ବ୍ରାହ୍ମଣ ମନୁଷ୍ୟର ନିଜର ମଙ୍ଗଳ-କାମନାର ହେତୁ ବୋଲି ବ୍ରାହ୍ମଣ ମନୁଷ୍ୟ ପକ୍ଷରେ ପ୍ରିୟ ।

"ନ ବା ଅରେ କ୍ଷତ୍ରସ୍ୟ କାମାୟ କ୍ଷତ୍ରଂ ପ୍ରିୟଂ ଭବତ୍ୟାତ୍ମନସ୍ତୁ
କାମାୟ କ୍ଷତ୍ରଂ ପ୍ରିୟଂ ଭବତି ।"

Digitized by srujanika@gmail.com

"କ୍ଷତ୍ରିୟର କାମନା ମନୁଷ୍ୟ କ୍ଷତ୍ରିୟ ପାଇଁ କରେ ନା—ନିଜ ପାଇଁ କରେ ।" କ୍ଷତାତ୍ ତ୍ରାୟତେ ଇତି କ୍ଷତ୍ରିୟଃ, କ୍ଷତରୁ ଅର୍ଥାତ୍ ଦୁଃଖରୁ, ବିପଦରୁ ଯେ ରକ୍ଷା କରେ, ସେ କ୍ଷତ୍ରିୟ । ଯେ କ୍ଷତ୍ରିୟ ଅକ୍ଳେଶରେ ଅନ୍ୟର ରକ୍ଷାକରେ, ଅନ୍ୟକୁ ବିପଦରୁ ଆପଦରୁ ରକ୍ଷା କରିବା ଯା'ର କର୍ତ୍ତବ୍ୟ, ଯେ ଏଥିପାଇଁ ଯୋଗ୍ୟତାପନ୍ନ; ଶକ୍ତି-ସମ୍ପନ୍ନ, ସେ କ୍ଷତ୍ରିୟର ରକ୍ଷା ସାଧାରଣ ଲୋକ ବା କଣ କରିବ ? ତେଣୁ ମନୁଷ୍ୟ କ୍ଷତ୍ରିୟଦ୍ୱାରା ଶତ୍ରୁର କବଳରୁ ନିଜର ରକ୍ଷାପାଇଁ ଯେତେ ଚିନ୍ତିତ ହୁଏ, ସେତେ ସେ ଶତ୍ରୁର କବଳରୁ କ୍ଷତ୍ରିୟର ରକ୍ଷା ପାଇଁ ଚିନ୍ତିତ ହୁଏ ନା । ......ମନୁଷ୍ୟ କ୍ଷତ୍ରିୟର କାମନା କରେ ଆତ୍ମରକ୍ଷା ପାଇଁ । ଆତ୍ମା ରକ୍ଷିତ ନ ହେଲେ ଆତ୍ମୋନ୍ନତି ଅସମ୍ଭବ । ଆତ୍ମୋନ୍ନତି ନ ହେଲେ ଆତ୍ମୋପଲବ୍ଧି ଅସମ୍ଭବ । ଆତ୍ମୋପଲବ୍ଧି ନ ହେଲେ ପରମାତ୍ମୋପଲବ୍ଧି ଅସମ୍ଭବ । ପରମାତ୍ମୋପଲବ୍ଧି ନ ହେଲେ ମନୁଷ୍ୟର ଆବାଗମନ-ଚକ୍ରରେ ନିକ୍ଷେପ ସୁନିଶ୍ଚିତ । ଆବାଗମନ-ଚକ୍ରରେ ନିକ୍ଷିପ୍ତ ହେବା ଅର୍ଥ ବାରମ୍ବାର ଜନ୍ମମରଣରୂପକ ଘୂର୍ଣ୍ଣିବାୟୁଦ୍ୱାରା ଅଶାନ୍ତ ହୋଇ ନିଜର ଗତି-ଶକ୍ତିକୁ ହରାଇ ବସିବା ଅର୍ଥାତ୍ ନିଜର ସ୍ୱାତନ୍ତ୍ର୍ୟ ହରାଇ ବସିବା ସାଂସାରିକ ତ୍ରିତାପର ଅଧୀନସ୍ଥ ହେବା । ସାଂସାରିକ ସମସ୍ତ ଦୁଃଖତାପରେ ଆତ୍ମାକୁ ଜର୍ଜରିତ କରିବା ଅର୍ଥ ଅନ୍ୟାୟ କରିବା । ଦୁଃଖ ଅନ୍ୟକୁ ଦେବା ଯେପରି ଅନ୍ୟାୟ, ଦୁଃଖ ନିଜକୁ ଦେବା ମଧ୍ୟ ସେହିପରି ଅନ୍ୟାୟ । ଅନ୍ୟର ହତ୍ୟା କରିବା ଯେପରି ଦୋଷାବହ, ଆତ୍ମହତ୍ୟା କରିବା ମଧ୍ୟ ସେହିପରି ଦୋଷାବହ । ସେଥିପାଇଁ ଆତତାୟୀ ତଥା ଆତ୍ମଘାତୀ, ଏ ଦୁଇ ଶ୍ରେଣୀର ଲୋକ ପାଇଁ ଦଣ୍ଡବିଧାନ ରହିଛି ।

Digitized by srujanika@gmail.com

ଯେ ଆତ୍ମା ପରମ ଆତ୍ମାର ନିକଟବର୍ତ୍ତୀ, ଯେ ଆତ୍ମା ପରମ ଆତ୍ମାର ଅଂଶ ବିଶେଷ, ଯା'ର କ୍ଷୟ ନାହିଁ-ବୃଦ୍ଧି ନାହିଁ, ଯେ ଅବିନାଶୀ,—ଅବ୍ୟୟ, ଯା'ର କେବଳ ଗତି ରହିଛି (ଯେହେତୁ ଆତ୍ମା ପରମାତ୍ମା ପରି ସର୍ବବ୍ୟାପକ ନୁହେ), ସେହି ଆତ୍ମାକୁ ଐହିକ ଦୁଃଖରେ ଜଡ଼ିତ କରି ରଖିବା ଅର୍ଥ ଆତ୍ମହନନ କରିବା; ଏହା ଆତ୍ମହତ୍ୟା ପାପ । ଏହି ପାପରୁ, ଏ ଦୁଷ୍କର୍ମରୁ ଆତ୍ମାକୁ ରକ୍ଷା କରିବା ଯାହା, ନିଜ ପାଇଁ ଇନ୍ଦ୍ରିୟକୁ ପ୍ରିୟ ମନେ କରିବା ତାହା ।

ନିଜ ପାଇଁ ଅନ୍ୟର ସ୍ୱାର୍ଥ-କାମନା ନିଶ୍ଚୟ ସ୍ୱାର୍ଥପରତା; କିନ୍ତୁ ଯେ ସ୍ୱାର୍ଥପରତା ମୂଳରେ ନିଜକୁ ବା ଅନ୍ୟକୁ କୌଣସି ପ୍ରକାରର ଦୁଃଖ ଦେବାର ଉଦ୍ଦେଶ୍ୟ ନାହିଁ, ବରଂ ଯା'ର ମୂଳରେ ଆତ୍ମୋନ୍ନତିର ମହତ୍ ଉଦ୍ଦେଶ୍ୟ ରହିଛି, ସେ ସ୍ୱାର୍ଥପରତା ନିଃସ୍ୱାର୍ଥପରତା । ପୁଣି ସ୍ୱାର୍ଥ ବିନା ସୃଷ୍ଟି ତ କଦାପି ସମ୍ଭବ ନୁହେ । ଅତଏବ ସ୍ୱାର୍ଥ ଆବଶ୍ୟକ ଆତ୍ମୋନ୍ନତି ପାଇଁ ।...... ଯେ ଆତ୍ମାର ଉନ୍ନତି ଆବଶ୍ୟକ, ସେ ଆତ୍ମା କିଏ ? ସେ ଆତ୍ମା ବ୍ରହ୍ମ, 'ଅହଂ ବ୍ରହ୍ମାସ୍ମି' । ବ୍ରହ୍ମ ଆଉ ଆତ୍ମା ଏତେ ନିକଟବର୍ତ୍ତୀ ଯେ ମନୁଷ୍ୟ ନିଜକୁ ମଧ୍ୟ ବ୍ରହ୍ମ ସ୍ୱୀକାର କରିବାରେ କୁଣ୍ଠାବୋଧ କରୁନାହିଁ ।

ଆତ୍ମୋନ୍ନତି କରିବା ଅର୍ଥ ବ୍ରହ୍ମ-ସାକ୍ଷାତ୍କାର ପାଇଁ ନିଜକୁ ଉପଯୋଗୀ କରି ତୋଳିବା । ଏ ମହାନ୍ ଅଭିଳାଷର ସାଧନାପାଇଁ ଯେ ସ୍ୱାର୍ଥ ଅର୍ଥାତ୍ ଯେ ଚେଷ୍ଟା ଲୋଡ଼ା, ସେ ସ୍ୱାର୍ଥ ବା ସେ ଚେଷ୍ଟା ମହାନ୍ । ଯେ ସ୍ୱାର୍ଥ ମୂଳରେ ହୀନ ଦୁରଭିସନ୍ଧି ରହେ, ସେ ସ୍ୱାର୍ଥ ତ୍ୟାଜ୍ୟ । ଏ ପ୍ରକାର ସ୍ୱାର୍ଥ-ସାଧନାରୁ ନିଜକୁ ମୁକ୍ତ ରଖିବାକୁ ଋଷି ଯାଜ୍ଞବଲ୍କ୍ୟ ମୈତ୍ରେୟୀଙ୍କୁ ଉପଦେଶ ଦେଇଛନ୍ତି ନିଜ ଗୃହତ୍ୟାଗର ମଙ୍ଗଳମୟ ପୂର୍ବକ୍ଷଣରେ, କାଳେ ସ୍ୱାର୍ଥ-ସାଧନାର

Digitized by srujanika@gmail.com

ବାସ୍ତବ ସ୍ୱରୂପକୁ ହୃଦୟଙ୍ଗମ ନ କରି ପାରିବା ଫଳରେ ମୈତ୍ରେୟୀ ଭୁଲ୍ କରି ବସିବ, ଏ ଚିନ୍ତା ଋଷିଙ୍କୁ ଅଘାତ କରୁଛି । ତେଣୁ, ବିକଟ ଆବରଣାବୃତ ସ୍ୱାର୍ଥ ଉପରୁ ପ୍ରଜ୍ଞାସମ୍ପନ୍ନ ନିଜ ଅନ୍ତର୍ଦୃଷ୍ଟି-ରୂପକ ଯଷ୍ଟିଦ୍ୱାରା ଋଷି ଆବରଣମୁକ୍ତ କରୁଛନ୍ତି । ଋଷି କହିବାକୁ ଚାହାନ୍ତି, ମୋହଯୁକ୍ତ ମନର ନିଭୃତ ତଳ ଦେଶରେ ଯେ ବାସନା ରହିଛି, ସେ ବାସନା ଆତ୍ମାକୁ ଆଘାତ କରେ—ଆତ୍ମାକୁ ଜାଗ୍ରତ ହେବାକୁ ଦିଏ ନା । ଆତ୍ମାର ଜାଗରଣ ପାଇଁ ଆତ୍ମାର ନିର୍ଦ୍ଦେଶ ଆବଶ୍ୟକ—ମନର ଇଙ୍ଗିତ ଉପେକ୍ଷଣୀୟ, କାରଣ ଆତ୍ମା ବିବେଚନା କରେ, ମନ କେବଳ ଗ୍ରହଣ କରେ । ମୈତ୍ରେୟି ! ତୁମେ ତ୍ୟେଜ ସ୍ୱାର୍ଥକୁ—ସେ ବାସନାକୁ ନିର୍ମୂଳ କର ପରମାର୍ଥର ସାହାଯ୍ୟରେ ।

"ନ ବା ଅରେ ଲୋକାନାଂ କାମାୟ ଲୋକାଃ ପ୍ରିୟା ଭବନ୍ତ୍ୟାତ୍ମନସ୍ତୁ
କାମାୟ ଲୋକାଃ ପ୍ରିୟା ଭବନ୍ତି ।"

"ମନୁଷ୍ୟ ଲୋକ ପାଇଁ ଲୋକର କାମନା କରେନା, ନିଜ ପାଇଁ ଲୋକର କାମନା କରେ ।" ମନୁଷ୍ୟକୁ ଲୋକ ପ୍ରିୟଲାଗେ; ତା' ଏଥିପାଇଁ ଯେ ମନୁଷ୍ୟ ମନରେ ଲୋକ ପାଇଁ କାମନା ରହିଛି । ବାସ୍ତବରେ ଲୋକପ୍ରିୟ କି ଅପ୍ରିୟ, ଏ ବିଷୟର ମନୁଷ୍ୟ କରିବା ପୂର୍ବରୁ ମନୁଷ୍ୟ ମନର ନିଭୃତ ତଳ ଦେଶରେ ଯେ ଲୋକ-ପ୍ରିୟତାର କାମନା ରହିଛି, ତା' ଜାଗ୍ରତ ହୋଇ ଉଠେ । ଫଳତଃ ଲୋକର ବାସ୍ତବିକତା ପ୍ରତି ସେ ଲକ୍ଷ୍ୟ ନ ରଖି ତାକୁ ଭଲ ପାଇବାରେହିଁ ସେ ବ୍ୟସ୍ତ ହୋଇ ପଡ଼େ ।

ଆତ୍ମାର ଅବସ୍ଥାନ ପାଇଁ ଲୋକ ଆବଶ୍ୟକ; ସେ ଲୋକ ଅନ୍ତରୀକ୍ଷ ହେଉ, ଭୂଲୋକ ହେଉ ବା ପାତାଳ ହେଉ । ଯେ ଆତ୍ମା ସ୍ୱୟଂ ସୃଷ୍ଟ, ଯାଙ୍କୁ ସ୍ୱୟଂ ଈଶ୍ୱର ମଧ୍ୟ ସୃଷ୍ଟି କରି ନାହାନ୍ତି,

Digitized by srujanika@gmail.com

ଈଶ୍ୱରଙ୍କର ସବୁ ଯେ ରହିଛି, ରହୁଛି, ରହୁଥିବ, ତା ପାଇଁ ଯେ କେହି ଅବଶ୍ୟକ ଅର୍ଥାତ୍ ତା ପାଇଁ ଯେ ଅବାସ ଅବଶ୍ୟକ, ଏ କଥା ସ୍ୱୟଂସିଦ୍ଧ ।

ପୁଣ୍, ଏ ଗୁଣ ଜଗତର ତିନୋଟି ତତ୍ତ୍ୱରେ ନିହିତ; ସେମାନେ ହେଉଛନ୍ତି, ପ୍ରକୃତି, ପରମାତ୍ମା, ଜୀବ ବା ଆତ୍ମା । ପ୍ରକୃତି କେବଳ ସତ୍ ଅର୍ଥାତ୍ ଏହାର କେବଳ ଅସ୍ତିତ୍ୱ ଅଛି, ଏହାର ଅନ୍ୟ କୌଣସି ଗୁଣ ନାହିଁ । ତେଣୁ ପ୍ରକୃତିକୁ ଜଡ଼ ପଦାର୍ଥ କୁହାଯାଏ । ଏ ଜଡ଼ ପ୍ରକୃତି ମଧ୍ୟ ଦୁଇଭାଗରେ ବିଭକ୍ତ, ଗୋଟାଏ ତତ୍ତ୍ୱ, ପଞ୍ଚ ମହାଭୂତାଦି; ଆଉ ଅନ୍ୟଟି ଚେତନ, ଆମର ଇନ୍ଦ୍ରିୟଗଣର ବିଷୟାଦି । ତେଣୁ, ମନୁଷ୍ୟର ଇନ୍ଦ୍ରିୟଗଣର ଏ ବିଷୟକୁ ମନୁଷ୍ୟର ସ୍ୱଭାବ ବା ମନୁଷ୍ୟର ପ୍ରକୃତି ବୋଲି କୁହାଯାଏ । ତା'ପରେ ଆତ୍ମା; ଏ ଆତ୍ମା ସତ୍ ଆଉ ଚିତ୍ । ଅର୍ଥାତ୍ ଏ ଆତ୍ମାର ଅସ୍ତିତ୍ୱ ଅଛି; ଆଉ ଏହା ଚେତନ-ଗୁଣ-ଯୁକ୍ତ ଗୋଟାଏ ତତ୍ତ୍ୱ । ତା'ପରେ ପରମାତ୍ମା, ଏ ପରମାତ୍ମା ହେଉଛନ୍ତି ସତ୍, ଚିତ୍, ଏବଂ ଆନନ୍ଦ । ତେଣୁ ପରମାତ୍ମାଙ୍କୁ ସଚ୍ଚିଦାନନ୍ଦ କୁହାଯାଏ । ସଚ୍ଚିଦାନନ୍ଦ ତାଙ୍କୁ ଏଥିପାଇଁ କୁହାଯାଏ ଯେ ଏ ତତ୍ତ୍ୱର ଅସ୍ତିତ୍ୱ ଅଛି; ଏ ଚେତନ ଶକ୍ତି ସମ୍ପନ୍ନ ଗୋଟାଏ ତତ୍ତ୍ୱ, ଆଉ ଏ ଆନନ୍ଦମୟ । ତେଣୁ ଏ ତତ୍ତ୍ୱ ପୂର୍ଣ୍ଣ ତତ୍ତ୍ୱ । ତେଣୁ ପରମ ଆତ୍ମା ଆତ୍ମା ଅପେକ୍ଷା ଶ୍ରେଷ୍ଠ । କିନ୍ତୁ 'ସତ୍', କେବଳ ଏ ଗୁଣ ଦୃଷ୍ଟିରୁ ବିଚାର କଲେ ଆତ୍ମା, ପରମାତ୍ମା ଆଉ ପ୍ରକୃତି ଏକ । କାରଣ ସତ୍ ଅର୍ଥାତ୍ ଅସ୍ତିତ୍ୱ-ଗୁଣ ଏ ତତ୍ତ୍ୱମାନଙ୍କଠାରେ ସମାନ ଭାବରେ ରହିଛି । କେବଳ ଏହାହିଁ କାରଣ ଯେ କେତେକ ଆଚାର୍ଯ୍ୟ କହନ୍ତି, 'ବ୍ରହ୍ମ ତନ୍' ।

Digitized by srujanika@gmail.com

ବ୍ରହ୍ମ ସତ୍, ସେ ସର୍ବଦା ସତ୍; କାରଣ ସେ ସର୍ବବ୍ୟାପକ, ସର୍ବଦେଶଦେଶୀ। ଆତ୍ମା ସତ୍, ସେ ସର୍ବଦା ସତ୍ ନୁହେ, କାରଣ ସେ ସର୍ବବ୍ୟାପକ ନୁହେ—ଏକଦେଶଦେଶୀ। ମୁଁ ଏଠି ଅଛି ତ କଟକରେ ନାହିଁ—କିନ୍ତୁ ବ୍ରହ୍ମ ଏଠି ଅଛନ୍ତି, କଟକରେ ବି ଅଛନ୍ତି—ସର୍ବତ୍ର ଅଛନ୍ତି। ତେଣୁ ଆତ୍ମାର ଅବସ୍ଥାନ ପାଇଁ ଲୋକ ଆବଶ୍ୟକ।

ଆତ୍ମାର ସ୍ଥିତି ବିନା ସାଧନା ଅସମ୍ଭବ। ସାଧନା ବିନା କାମନା-ବିନାଶ ଅସମ୍ଭବ। କାମନା-ବିନାଶ ବିନା ଦୁଃଖର ବିନାଶ ଅସମ୍ଭବ। ଯେ ଦୁଃଖ ସମଗ୍ର ଭାବରେ ଆତ୍ମାକୁ ଆଚ୍ଛନ୍ନ କରେ, ସେ ଦୁଃଖରୁ ଆତ୍ମାକୁ ମୁକ୍ତ ନ କଲେ ପରମାତ୍ମା ସଙ୍ଗରେ ତାର ମିଳନ ଅସମ୍ଭବ। ବନ୍ଦୀ ବନ୍ଧନଶାଳାରୁ ମୁକ୍ତ ନ ହେଲେ ପ୍ରିୟଜନ ଦର୍ଶନ ସୁଖ ତା' ପକ୍ଷରେ ସମ୍ଭବ ହେବ କିପରି? ମନୁଷ୍ୟ ଦୋଷ କରେ। ଦଣ୍ଡସ୍ୱରୂପ ବନ୍ଧନ-ଦଣ୍ଡ ଭୋଗ କରେ। ତେଣୁ ସେ ପ୍ରିୟସ୍ୱଜନ ସଙ୍ଗରେ ସାକ୍ଷାତ କରି ପାରେ ନା। ଆତ୍ମା ସଂସାର ପ୍ରତି ଆସକ୍ତ ହୁଏ; ତେଣୁ ସେ ସାଂସାରିକ ମୋହଜାଲରେ ଆବଦ୍ଧ ହୋଇ ଦୁଃଖ ଭୋଗ କରେ। ତେଣୁ ଯେ ପରମ ଆତ୍ମା, ଯେ ଏ ମୋହ ବନ୍ଧନରୁ ମୁକ୍ତ, ତାଙ୍କୁ ଆତ୍ମା ପ୍ରାପ୍ତ କରି ପାରେ ନା। ଫଳତଃ ସେ ଦୁଃଖ ପାଏ। ଦୁଃଖରୁ ମୁକ୍ତ ହେବା ଅର୍ଥ ଈଶ୍ୱର-ସାକ୍ଷାତ୍କାର ପ୍ରାପ୍ତ ହେବା। ଏଥିପାଇଁ ସାଧନା ଆବଶ୍ୟକ, ଆଉ ଏ ସାଧନା ପାଇଁ ଲୋକ ଆବଶ୍ୟକ। ଏହାହିଁ କାରଣ ଯେ ଆତ୍ମା ପକ୍ଷରେ ଲୋକ ପ୍ରିୟ। ଲୋକର ଲୋକପ୍ରିୟତା ଅଛି ବୋଲି ଯେ ଲୋକ ଆତ୍ମା ପକ୍ଷରେ ପ୍ରିୟ, ଏ କଥା ନୁହେ, ନିଜର ପ୍ରିୟ କାର୍ଯ୍ୟ ସାଧନ ପାଇଁ ଆତ୍ମା ପକ୍ଷରେ ଲୋକର ଆବଶ୍ୟକତା ରହିଛି ବୋଲି ଲୋକ ଆତ୍ମା ପକ୍ଷରେ ପ୍ରିୟ।

Digitized by srujanika@gmail.com

"ନ ବା ଅରେ ଦେବାନାଂ କାମାୟ ଦେବାଃ ପ୍ରିୟା ଭବନ୍ତ୍ୟାତ୍ମନସ୍ତୁ କାମାୟ ଦେବାଃ ପ୍ରିୟା ଭବନ୍ତି ।"

ଦେବ ପାଇଁ ଦେବ (ମନୁଷ୍ୟ ପକ୍ଷରେ) ପ୍ରିୟ ନୁହେଁ, ନିଜ ପାଇଁ ଦେବ (ମନୁଷ୍ୟ ପକ୍ଷରେ) ପ୍ରିୟ । ମନୁଷ୍ୟ ଦେବତାର କାମନା କରେ ଦେବତ୍ୱର ପ୍ରାପ୍ତି ପାଇଁ—ଦେବତାର ଦେବତ୍ୱର ଶ୍ରୀବୃଦ୍ଧି ପାଇଁ ନୁହେଁ । ଦେବ ବା ଦେବତା ଅର୍ଥ ଦିବ୍ୟଗୁଣଯୁକ୍ତ ପୁରୁଷ । ..... 'ଆତ୍ମା ଜାଗତିକ ଶରୀର, ଇନ୍ଦ୍ରିୟ, ଦୁଷ୍ପ୍ରବୃତ୍ତି ଦ୍ୱାରା ଆଚ୍ଛନ୍ନ, ଅସାଡ଼ ହୋଇ ରହିଥାଏ—ଏ ପ୍ରବୃତ୍ତିର ପ୍ରଭାବରେ ଆତ୍ମା ସୁପ୍ତ ହୋଇ ରହିଥାଏ । ......ଆତ୍ମାର ସୁପ୍ତାବସ୍ଥା ଠିକ୍ କଣ ? ଯା'ର ଶରୀରରେ ମନର ପ୍ରାଧାନ୍ୟ ରହିଛି, ତାର ଆତ୍ମା ସୁପ୍ତ (**Dormant**); ଆଉ ଯା'ର ଶରୀରରେ ଆତ୍ମାର ପ୍ରାଧାନ୍ୟ ରହିଛି, ତାର ମନ ସୁପ୍ତ । ଏଇ ଅବସ୍ଥା ହେଉଛି ମନ ବା ଆତ୍ମାର ସୁପ୍ତାବସ୍ଥା । ଶରୀରରେ 'ମନର ପ୍ରାଧାନ୍ୟ ରହିଲେ, ମନୁଷ୍ୟ କୁକର୍ମରେ ପ୍ରବୃତ୍ତ ହୁଏ । କାରଣ ମନର ଗୁଣ କିଛି କରିବା, ଆଉ ତା ବିନା ବିଚାରରେ କରିବା । କିନ୍ତୁ ଶରୀରରେ ଆତ୍ମାର ପ୍ରାଧାନ୍ୟ ରହିଲେ, ସେ ସୁକର୍ମରେ ପ୍ରବୃତ୍ତ ହୁଏ । କାରଣ ଆତ୍ମାର ସ୍ୱଭାବ ହେଉଛି ଯା' କରିବା, ତା' ଚିନ୍ତା କରି କରିବା । ବିବେକୀ ଆଉ ଅବିବେକୀ ଲୋକର ଲକ୍ଷଣ ଏଇ ଆତ୍ମା ବା ମନର ପ୍ରାଧାନ୍ୟ ବା ଅପ୍ରାଧାନ୍ୟର ଦୃଷ୍ଟିକୋଣରୁ ବିଚାର କରାଯାଏ । ଆତ୍ମାକୁ ମନର କୁ-ପ୍ରଭାବରୁ ମୁକ୍ତ କରିବାକୁ ହେଲେ ମନକୁ କୁ-ପ୍ରବୃତ୍ତିର କବଳରୁ ରକ୍ଷା କରିବାକୁ ହେବ । ମନ କୁ-ପ୍ରବୃତ୍ତିରୁ ମୁକ୍ତ ହେଲେ ଆତ୍ମା ଉପରେ ସେ ଆଉ କୁ-ପ୍ରଭାବ ପକାଇ ପାରିବ ନାହିଁ । ଆତ୍ମା ମନର କୁ-ପ୍ରଭାବରୁ ମୁକ୍ତ ହେବାକୁ ଚାହିଁଲେ, ତା ପକ୍ଷରେ ଦେବତ୍ୱ

Digitized by srujanika@gmail.com

ଆବଶ୍ୟକ । ଦେବ ବା ଦେବତ୍ୱର ସାନ୍ନିଧ୍ୟ-ପ୍ରାପ୍ତି ବିନା ଦେବତ୍ୱ-ପ୍ରାପ୍ତି ଅସମ୍ଭବ । ଏଥିପାଇଁ ସତ୍‌ସଙ୍ଗ ଆବଶ୍ୟକ—ସତ୍ ଲୋକଙ୍କ ସଙ୍ଗ ଆବଶ୍ୟକ । ଏ ସତ୍‌ସଙ୍ଗ ଆତ୍ମକଲ୍ୟାଣ ପାଇଁ ଆବଶ୍ୟକ—ସତ୍‌ଲୋକଙ୍କ କଲ୍ୟାଣ ପାଇଁ ନୁହେଁ; ଋଷି ଏକଥାକୁ ସୂଚାଇ ଦେବାକୁ ଚାହୁଁଛନ୍ତି ଉପରୋକ୍ତ ମନ୍ତ୍ରରେ । ଅତଏବ ଦେବର କାମନା ମନୁଷ୍ୟ ଆତ୍ମମଙ୍ଗଳ ପାଇଁ କରେ—ଦେବର ମଙ୍ଗଳ ପାଇଁ ସେ ଦେବର କାମନା କରେ ନା । ଅର୍ଥାତ୍, ଋଷି କହିବାକୁ ଚାହାନ୍ତି ଯେ ମନୁଷ୍ୟ ଯେତେ ପ୍ରକାର ଶୁଭକର୍ମ କରେ, ସେ ତାର ଆତ୍ମକଲ୍ୟାଣ ପାଇଁହିଁ ତା' କରେ ।

ଅସ୍ତୁ । ଏ ଦେବତ୍ୱ ଠିକ୍ କାହିଁକି ଆବଶ୍ୟକ ? ଆତ୍ମାକୁ ଦେବତ୍ୱ ଦ୍ୱାରା ମଣ୍ଡନ କରିବା ପାଇଁ । ଆଉ ତା ଏଥିପାଇଁ ଆବଶ୍ୟକ ଯେ ଆତ୍ମା ଦିବ୍ୟଗୁଣସଂପନ୍ନ ହେଲେ, ସେ କେବଳ ସେତିକିରେ ସନ୍ତୁଷ୍ଟ ନ ହୋଇ ପରମ ଦେବର ସାନ୍ନିଧ୍ୟ ଲାଭ ପାଇଁ ବ୍ୟାକୁଳ ହେବ । ଏ ବ୍ୟାକୁଳତା ମୁକ୍ତି ପାଇଁ ଅର୍ଥାତ୍ ସଂସାର-ବନ୍ଧନରୁ ନିବୃତ୍ତି ପାଇଁ ମନୁଷ୍ୟ ପକ୍ଷରେ ଆବଶ୍ୟକ । 'ଯଦ୍ ଭୂମୈବ ତତ୍ ସୁଖଂ ନାଳ୍ପେସୁଖମସ୍ତି' । ତେଣୁ ମନୁଷ୍ୟ ଦେବତ୍ୱ-ପ୍ରାପ୍ତିରେ ସନ୍ତୁଷ୍ଟ ନ ରହି ପରମ ଦେବତ୍ୱର ଅନୁଭୂତି ପାଇଁ ବ୍ୟାକୁଳ ହୁଏ । ଭୂମା ସଙ୍ଗରେ ଆତ୍ମାର ମିଳନହିଁ ଦେବତ୍ୱର ସଙ୍ଗରେ ପରମ ଦେବତ୍ୱର ମିଳନ । ଏ ମିଳନ ପରମ ମିଳନ । ଏ ମିଳନରେ ସ୍ୱାର୍ଥ ନାହିଁ—ପରମାର୍ଥ ରହିଛି ; ଦ୍ୱନ୍ଦ୍ୱ ନାହିଁ—ନିର୍ଦ୍ଦ୍ୱନ୍ଦ୍ୱତା ରହିଛି । ସ୍ତ୍ରୀ ପୁରୁଷର ମିଳନ ପରି ଏଠି ଚଞ୍ଚଳତା ନାହିଁ—ସାଗର ସରିତାର ମିଳନ ପରି ଏଠି ଗମ୍ଭୀରତା ରହିଛି । ଏ ମିଳନରେ ଆତ୍ମାର ଅବସାଦ ନାହିଁ—ଆତ୍ମାର ଶାନ୍ତି ରହିଛି । ଫଳତଃ, ଏ ମିଳନ

Digitized by srujanika@gmail.com

ପାଇଁ ପ୍ରେରଣା ଦେବାରେ ଯେ ଦେବତ୍ୱର ଗୁପ୍ତ ନିର୍ଦ୍ଦେଶ ରହିଛି, ସେ ଦେବତ୍ୱ ଯେ ମନୁଷ୍ୟକୁ ପ୍ରିୟ ଲାଗିବ, ଏହା ସ୍ୱାଭାବିକ କଥା ।

ପଞ୍ଚ ମହାଭୂତ ମଧ୍ୟ ଦିବ୍ୟ ଗୁଣଯୁକ୍ତ ପଦାର୍ଥ । ତେଣୁ ଅଗ୍ନି ଦେବତା, ଜଳ ଦେବତା, ବାୟୁ ଦେବତା, ଏପରିକି ମାଟି ମଧ୍ୟ ପୂଜ୍ୟା; ମା' ପରି ପୂଜ୍ୟା । ଏହି ପଞ୍ଚମହାଭୂତ ଦ୍ୱାରା ନିର୍ମିତ ଘରରେ ପୁରୁଷ ଅର୍ଥାତ୍ ଆତ୍ମା ବିଦ୍ୟମାନ । ଭଗ୍ନ ଗୃହରେ ବା ପତନୋନ୍ମୁଖ ଗୃହରେ ମନୁଷ୍ୟ ଯେପରି ବସବାସ କରିବାକୁ କୁଣ୍ଠିତ ହୁଏ, ଠିକ୍ ସେହିପରି ଜରାଜୀର୍ଣ୍ଣ ରୋଗଗ୍ରସ୍ତ ଶରୀରରୂପକ ପୁରରେ ଆତ୍ମା-ପୁରୁଷ ବାସ କରିବାକୁ ଇଚ୍ଛା କରେ ନା । ଆତ୍ମା ଏଥିପାଇଁ ହିଁ ଘର ପରିବର୍ତ୍ତନ କରେ । ବାର୍ଦ୍ଧକ୍ୟ ଏଥିପାଇଁ ମନୁଷ୍ୟ ପକ୍ଷରେ ଅସହ୍ୟ । ଆତ୍ମା ଯଦି ଉତ୍ତମ ଗୃହ ବାସ କରିବା ପାଇଁ ନ ପାଏ, ତେବେ ସେ ଆତ୍ମୋପଲବ୍ଧି ପାଇଁ ସାଧନା କରି ପାରିବ ନାହିଁ ନିଶ୍ଚିନ୍ତ ମନରେ । କାରଣ ଘରର ଦୁରବସ୍ଥା ସମ୍ବନ୍ଧରେ ସେ ସର୍ବଦା ଶଙ୍କିତ ହେବ, ଚିନ୍ତିତ ହେବ । ଫଳତଃ ସାଧନାରେ ବାଧା ପଡ଼ିବ । ତେଣୁ ଶରୀରକୁ ସୁସ୍ଥ ରଖିବାକୁ ହେବ, ଅର୍ଥାତ୍ ପଞ୍ଚମହାଭୂତରୂପକ ଦେବତାଙ୍କୁ ଭଲ ପାଇବାକୁ ହେବ । ସ୍ତ୍ରୀ ତାର ସ୍ୱାମୀକୁ ଭଲ ପାଏ ବୋଲି ସେ ତାର ଶରୀରକୁ ସୁସ୍ଥ ରଖିବାକୁ ଯତ୍ନ ନିଏ । ଯେ ପରମାତ୍ମା ଇନ୍ଦ୍ରିୟ ବହିର୍ଭୂତ, ତାକୁ ପାଇବାକୁ ହେଲେ ବଳିଷ୍ଠ ଇନ୍ଦ୍ରିୟ ଆବଶ୍ୟକ । କାହିଁକି ନା ଏଥିପାଇଁ କଠୋର ସାଧନା ଆବଶ୍ୟକ; ଆଉ ଏ କଠୋର ସାଧନା ପାଇଁ ବଳିଷ୍ଠ ଇନ୍ଦ୍ରିୟ ଯେ ଆବଶ୍ୟକ, ଏ କଥା ନିଶ୍ଚିତ । ଏଥିପାଇଁ ତ ଉପନିଷଦ କହନ୍ତି—

"ନାୟମାତ୍ମା ବଳହୀନେନ ଲଭ୍ୟୋ ।"

Digitized by srujanika@gmail.com

ଯେ ବଳହୀନ, ସେ ସେହି ଅତ୍ମାକୁ ପ୍ରାପ୍ତ କରି ପାରେ ନା । ବଳ କେବଳ ସେତେବେଳେ ସମ୍ଭବ ହେବ, ଯେତେବେଳେ ପଞ୍ଚ ମହାଭୂତ ଦିବ୍ୟ ହୋଇ ଉଠିବେ । ଏହି ଦିବ୍ୟତା ମନୁଷ୍ୟ ନିଜ ପାଇଁ କାମନା କରେ—ପଞ୍ଚମହାଭୂତ ପାଇଁ ନୁହେ ।

ମନୁଷ୍ୟ ପକ୍ଷରେ ଶରୀର ଅବଶ୍ୟକ ସାଧନା କରିବା ପାଇଁ । ଅଉ ଏ ଶରୀର ପଞ୍ଚମହାଭୂତରୁ ନିର୍ମିତ । ଅଉ ଏ ପଞ୍ଚମହାଭୂତ ଦେବତା । କାରଣ ଏମାନେ ଦିବ୍ୟଗୁଣଯୁକ୍ତ । ତେଣୁ ମନୁଷ୍ୟ ପକ୍ଷରେ ଏମାନେ ପ୍ରିୟ । ଏମାନଙ୍କର ଦିବ୍ୟଗୁଣ ଅଛି ବୋଲି ଯେ ଏମାନେ ମନୁଷ୍ୟ ପକ୍ଷରେ ପ୍ରିୟ, ତା' ନୁହେ । ମନୁଷ୍ୟ ଏମାନଙ୍କର ଅନ୍ତରରେ ଦିବ୍ୟ ହୋଇ ଉଠେ ବୋଲି ମନୁଷ୍ୟ ପକ୍ଷରେ ଏମାନେ ପ୍ରିୟ । ଶିଶୁ ଦୁଧ ଏଥିପାଇଁ ପାନ କରେ ଯେ ଦୁଧ ତାକୁ ପ୍ରିୟ ଲାଗେ । ତାର ମା ତାକୁ ପ୍ରିୟ ଲାଗେ ବୋଲି ସେ ଦୁଧ ପାନ କରେ ନା । ଅର୍ଥାତ୍ ଅତ୍ମତୃପ୍ତି ପାଇଁ ଶିଶୁ ମା ଦୁଗ୍ଧ ପାନ କରେ, ମାତୃତୃପ୍ତି ପାଇଁ ନୁହେଁ ।

"ନ ବା ଅରେ ଭୂତାନାଂ କାମାୟ ଭୂତାନି ପ୍ରିୟାଣି
ଭବନ୍ତ୍ୟାତ୍ମନସ୍ତୁ କାମାୟ ଭୂତାନି ପ୍ରିୟାଣି ଭବନ୍ତି ।"

ନ ବା ଅରେ ସର୍ବସ୍ୟ କାମାୟ ସର୍ବପ୍ରିୟଂ ଭବତ୍ୟାତ୍ମନସ୍ତୁ
କାମାୟ ସର୍ବପ୍ରିୟଂ ଭବତି ।"

ଭୂତ ପାଇଁ ଭୂତ ମନୁଷ୍ୟ ପକ୍ଷରେ ପ୍ରିୟ ନୁହେ, ନିଜ ପାଇଁ ଭୂତ ମନୁଷ୍ୟ ପକ୍ଷରେ ପ୍ରିୟ । (ଠିକ୍ ସେହିପରି ଅନ୍ୟାନ୍ୟ ପଦାର୍ଥମାନଙ୍କର ସମ୍ବନ୍ଧରେ ମଧ୍ୟ) ଅନ୍ୟାନ୍ୟ ସମସ୍ତ ପଦାର୍ଥ ମନୁଷ୍ୟ ପକ୍ଷରେ ପ୍ରିୟ ନିଜର ସ୍ୱାର୍ଥ ଦୃଷ୍ଟିରୁ, ସେ ସମସ୍ତ

Digitized by srujanika@gmail.com

ପଦାର୍ଥର ସ୍ୱାର୍ଥ ଦୃଷ୍ଟିରୁ ନୁହେ । ପୁନରୁକ୍ତ ଦ୍ୱାରା ଶେଷରେ ଏହି କଥାଟାକୁ ଅଧିକ ଥରେ ବୁଝାଇବାକୁ ଚେଷ୍ଟା କରୁଛନ୍ତି । ମୈତ୍ରେୟୀଙ୍କୁ ବିଶ୍ୱର ପ୍ରତିନିଧି ଭାବରେ କାମନା କରି ସେ ଏ କଥା ବିଶ୍ୱକୁ ମୈତ୍ରେୟୀଙ୍କ ଜରିଆରେ ଜଣାଇ ଦେବାକୁ ଚାହାଁନ୍ତି ଯେ ଭୂତ ଅର୍ଥାତ୍ ଜୀବନ୍ତ ପ୍ରାଣୀର ତଥା ସେ ସମସ୍ତର ଅର୍ଥାତ୍ ପୃଥିବୀସ୍ଥ ଅନ୍ୟ ସମସ୍ତ ଜଡ଼ ଅଥଚ କାମ୍ୟ ପଦାର୍ଥର ମନୁଷ୍ୟ କାମନା କରେ ନିଜର ସ୍ୱାର୍ଥକୁ, ନିଜର ମଙ୍ଗଳ-ବିଗ୍ରହକୁ ଲକ୍ଷ୍ୟରେ ରଖି । ଏ ସମସ୍ତ କାମ୍ୟ ପଦାର୍ଥର ମଙ୍ଗଳ-କାମନା ମନୁଷ୍ୟର କାମନାର ବିଷୟ ନୁହେ—ମନୁଷ୍ୟର କାମନାର ବିଷୟ ଆତ୍ମସୁଖ, ଆତ୍ମମଙ୍ଗଳ, ଆତ୍ମୋନ୍ନତି । ତେଣୁ ଏ କଥା ସ୍ପଷ୍ଟ ଯେ ମନୁଷ୍ୟର ଇଚ୍ଛା, ମନୁଷ୍ୟର ପ୍ରବୃତ୍ତି, ମନୁଷ୍ୟର ସାଧନା, ମନୁଷ୍ୟର ନିଜର ଆତ୍ମକଲ୍ୟାଣ, ଆତ୍ମସୁଖ, ଆତ୍ମୋପଲବ୍ଧି ପ୍ରତି ଅଭିପ୍ରେତ । ଏ ପ୍ରବୃତ୍ତି, ଏ କାମନା, ଏ ସାଧନାର ମୂଳରେ ନିବୃତ୍ତିର ସାଧନା ରହିଛି, କାମନାଶୂନ୍ୟତାର ସାଧନା ରହିଛି, ଅହଙ୍କାରଶୂନ୍ୟତାର ସାଧନା ରହିଛି ବୋଲି ତା ଆଦରଣୀୟ । ଏ ସକଳ ସାଧନାର ଧ୍ୟେୟ ଯେତେବେଳେ ମଙ୍ଗଳପୂର୍ଣ୍ଣ ନ ହୋଇ ବିଶ୍ୱକଲ୍ୟାଣର ମାର୍ଗରେ ବାଧା ସ୍ୱରୂପ ଦଣ୍ଡାୟମାନ ହେବ, ସେତେବେଳେ ସେ ଅବାଧେୟ ହୋଇ ଉଠିବ, ଆଉ ସେତେବେଳେ ସେ ହେବ ତ୍ୟାଜ୍ୟ । ତେଣୁ ଋଷି କହିବାକୁ ଚାହାନ୍ତି, ମନୁଷ୍ୟ ଆତ୍ମୋନ୍ନତିର ଛଳରେ ଅନ୍ୟର ଉନ୍ନତିର ବାଧକ ସିଦ୍ଧ ନ ହେଉ । ଏଥିପାଇଁ ସେ ନିଜର ଆତ୍ମୋ-ନ୍ନତି କରିବା ପାଇଁ ସଂସାର-ତ୍ୟାଗର ପୂର୍ବକ୍ଷଣରେ ମୈତ୍ରେୟୀଙ୍କ ଆତ୍ମୋନ୍ନତିର କାମନା କରିବା ଛଳରେ ସାରା ଜଗତ୍ ଚରାଚର ହିତାର୍ଥେ ଏ ମଙ୍ଗଳପୂର୍ଣ୍ଣ ବାଣୀ ଶୁଣାଉଛନ୍ତି ।

Digitized by srujanika@gmail.com

କିନ୍ତୁ ସେ ଆତ୍ମା କିଏ ଯା'ର ମଙ୍ଗଳ ପାଇଁ, ଯା'ର ତୃପ୍ତି ପାଇଁ, ଯାର ଆନନ୍ଦ ପାଇଁ ଋଷି ଏତେ ବ୍ୟାକୁଳ ? ସେ ଆତ୍ମା ହେଉଛି—

"ଆତ୍ମା ବା ଅରେ ଦ୍ରଷ୍ଟବ୍ୟଃ ଶ୍ରୋତବ୍ୟୋ
ମନ୍ତବ୍ୟୋ ନିଦିଧ୍ୟାସିତବ୍ୟୋ ମୈତ୍ରେୟ୍ୟାତ୍ମନୋ ।
ବା ଅରେ ଦର୍ଶନେନ ଶ୍ରବଣେନ ମତ୍ୟା
ବିଜ୍ଞାନେନେଦଂ ସର୍ବଂ ବିଦିତମ୍ ।"

"ସେ ଆତ୍ମା ଦ୍ରଷ୍ଟବ୍ୟ, ଶ୍ରୋତବ୍ୟ, ମନ୍ତବ୍ୟ, ଅର୍ଥାତ୍ ନିଦିଧ୍ୟାସିତବ୍ୟ । ଆତ୍ମ-ଶ୍ରବଣ ଦ୍ୱାରା, ଆତ୍ମ-ଦର୍ଶନ ଦ୍ୱାରା, ଆତ୍ମ-ମନନ ଦ୍ୱାରା ଅତି ବିଜ୍ଞାନ ଦ୍ୱାରା ଏ ସବୁ ବିଦିତ ହୁଏ ।"

ଋଷି ଶେଷରେ ଆତ୍ମାର ସ୍ୱରୂପର ଉପସ୍ଥାପନ କରୁଛନ୍ତି । ସେ କହୁଛନ୍ତି ଯେ ଆତ୍ମ-ଚିନ୍ତନ ବିନା ଅର୍ଥାତ୍ ଆତ୍ମା ସମ୍ବନ୍ଧରେ ଚିନ୍ତା ନ କଲେ, ଆତ୍ମ-ନିଦିଧ୍ୟାସନ ବିନା ଅର୍ଥାତ୍ ଆତ୍ମାର ଇଙ୍ଗିତ ପ୍ରତି ବାରମ୍ବାର ଦୃଷ୍ଟି ଦେଇ ତାର ଇଚ୍ଛାକୁ କାର୍ଯ୍ୟରେ ପରିଣତ ନ କଲେ, ଯେ ଆତ୍ମା ଶ୍ରୋତବ୍ୟ, ତାର ଇଙ୍ଗିତ ନ ମାନିଲେ, ଆତ୍ମାର ସ୍ଥାୟିତ୍ୱ ଶରୀରରେ କ୍ଷଣସ୍ଥାୟୀ ହେବ । ନିଜ ପତ୍ନୀର ସଙ୍ଗତ ଇଚ୍ଛା ପୂରଣ ନ ହେଲେ, ସେ ଯେପରି ଗୃହରେ ଗୃହଲକ୍ଷ୍ମୀ ଭାବରେ ରହିବାକୁ ଇଚ୍ଛା କରେ ନା—ବିପ୍ଳବ କରେ, ଶେଷରେ ହୁଏତ ଗୃହତ୍ୟାଗ କରେ, ଠିକ୍ ସେହିପରି ଆତ୍ମାର ସଙ୍ଗତ କାମନାର ପୂର୍ତ୍ତି ନ ହେଲେ, ସେ ମଧ୍ୟ ଶରୀରରେ ଉତ୍ପାତ ଆରମ୍ଭ କରେ, ଏପରିକି ଶରୀର ତ୍ୟାଗ କରିବାକୁ ମଧ୍ୟ ବ୍ୟାକୁଳ ହୋଇ ଉଠେ । ମନରେ ନାନା ପ୍ରକାର ଦ୍ୱନ୍ଦ୍ୱ ଜାତ ହେବା ମୂଳରେ ଏ ସତ୍ୟହିଁ ରହିଛି ; ଏହାକୁହିଁ 'ବିବେକର ଦଂଶନ' କୁହାଯାଏ ।

Digitized by srujanika@gmail.com

ଯେ ପଦାର୍ଥର ଯେଉଁ ଉପଯୋଗିତା, ସେ ଉପଯୋଗିତାକୁ ମନୁଷ୍ୟ ଯଦି କାର୍ଯ୍ୟାନ୍ୱିତ ନ କରେ, ତେବେ ସେ ପଦାର୍ଥର ଉପଯୋଗିତା ଧୀରେ ଧୀରେ ନଷ୍ଟ ହୋଇ ଯିବା ଫଳରେ ସେ ପଦାର୍ଥର ଅସ୍ତିତ୍ୱ ମଧ୍ୟ ଲୋପ ହୋଇଯାଏ । ମନୁଷ୍ୟ ଯଦି ନିଜର ଅଙ୍ଗପ୍ରତ୍ୟଙ୍ଗକୁ କାର୍ଯ୍ୟରେ ନ ଲଗାଏ ତେବେ ଏମାନଙ୍କର କାର୍ଯ୍ୟକାରୀ-ଗୁଣ ନଷ୍ଟ ହେବା ଫଳରେ ଏମାନେ ଦୁର୍ବଳ ହୋଇ ପଡ଼ିବେ । ତେଣୁ ଯେଉଁମାନେ ଅଳସ୍ୟପରାୟଣ, ସେମାନେ ଦୁର୍ବଳ । ଆଉ ଯେଉଁମାନେ ପରିଶ୍ରମଶୀଳ, ସେମାନେ ସବଳ ।

• ଆତ୍ମାର ଅସ୍ତିତ୍ୱକୁ ସ୍ଥିର ରଖିବା ପାଇଁ ଆତ୍ମୋନ୍ନତି ଆବଶ୍ୟକ— ଆତ୍ମାର ସଙ୍ଗତ କାମନା-ପୂର୍ତ୍ତି ଆବଶ୍ୟକ । ଆତ୍ମାର ଇଚ୍ଛା ପୂରଣ ନ ହେଲେ, ସେ ତିରୋଧାନ ଗ୍ରହେଁ ।

ଏହି ମୁହୂର୍ତ୍ତରେ ମନୁଷ୍ୟ (ସାଧାରଣ ମନୁଷ୍ୟ) ଆତ୍ମହତ୍ୟା କରେ, ବା ଆତ୍ମାପ୍ରତି ଅନାସକ୍ତ ହୁଏ । ଅନେକେ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇ ଆତ୍ମହତ୍ୟା କରିଥାନ୍ତି । ପ୍ରେମ-ଯାଚନାରେ ନିଷ୍ଫଳ ହୋଇ ସ୍ତ୍ରୀ ବା ପୁରୁଷ ଆତ୍ମହତ୍ୟା କରନ୍ତି । କିଛି ପ୍ରାପ୍ତ କରିବାକୁ ଇଚ୍ଛା କରି, ନ ପାଇ ଅନେକେ ଆତ୍ମହତ୍ୟା କରନ୍ତି । ଏହା କିନ୍ତୁ ଶୋଭନୀୟ କଥା ନୁହେଁ । କାରଣ ଏହା ଆତ୍ମାର ଇଚ୍ଛା ନୁହେଁ—ଏହା ମନର ଇଚ୍ଛା, ଆଉ ମନ ଚଞ୍ଚଳ । ସେଥିପାଇଁ ପ୍ରଜ୍ଞାବାନ ବ୍ୟକ୍ତି ଏ ଦୁଷ୍କର୍ମରେ ଲିପ୍ତ ହୁଅନ୍ତି ନାହିଁ । କିନ୍ତୁ ଆତ୍ମାର ସଙ୍ଗତ କାମନା ଅପୂରଣ ରହିଲେ ପ୍ରଜ୍ଞାବାନ୍ ବ୍ୟକ୍ତି ମଧ୍ୟ ଶରୀରରୁ ଆତ୍ମାକୁ ବିଚ୍ଛିନ୍ନ କରିବାକୁ ଇଚ୍ଛା କରନ୍ତି ।

ମହାଭାରତ-ଯୁଦ୍ଧର ଉଦ୍‌ଯୋଗର ମୂଳରେ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟ ଥିଲା ଭାରତରୁ ଅବିଶୃଙ୍ଖଳକୁ ଦୂର କରି ଶାନ୍ତିସ୍ଥାପନ

Digitized by srujanika@gmail.com

କରିବା । କିନ୍ତୁ ମୁଷଳର ଅନ୍ତିମ ପରିଣତି ବିଭୀଷିକାମୟ ହୋଇ ଉଠିଲା । ଚତୁର୍ଦ୍ଦିଗରେ ଅଶାନ୍ତିହିଁ ଅଶାନ୍ତି ଦେଖା ଦେଲା । ବିଧବାଗଣଙ୍କ କରୁଣ କ୍ରନ୍ଦନରେ ଚତୁର୍ଦ୍ଦିଗ ହାହାକାର କରିବାକୁ ଲାଗିଲା । ଏ ପ୍ରଳୟଙ୍କର ଲୋକକ୍ଷୟ ଶ୍ରୀକୃଷ୍ଣଙ୍କ ଭୟଙ୍କରଭାବରେ ଆଘାତ କଲା । ସେ ନୈରାଶ୍ୟର ଦୀର୍ଘନିଃଶ୍ୱାସ ମାରି ବିକ୍ଷିପ୍ତପ୍ରାୟ ଇତ-ସ୍ତତଃ ହେବାକୁ ଲାଗିଲେ । ତାଙ୍କର ଏ ଦୁର୍ଯୋଗର ସୁବିଧା ନେଇ ପିତା-ଶତ୍ରୁର ପ୍ରତିଶୋଧ ନେବାପାଇଁ ଗୋଟିଏ ଶବର ଲୁକ୍କାୟିତ-ଭାବରେ କୃଷ୍ଣଙ୍କ ପାଦରେ ଲକ୍ଷ୍ୟ ଭେଦ କଲା । ଶ୍ରୀକୃଷ୍ଣଙ୍କ ପରି ମହାବଳୀଙ୍କ ଅନ୍ତିମ ପରିଣତି ଏପରି ଶୋଚନୀୟଭାବରେ ଘଟିଲା ।

ଋଷି କହିବାକୁ ଚାହାନ୍ତି ଯେ, ଆତ୍ମୋନ୍ନତି ନ କରିବା ଅର୍ଥ ଆତ୍ମହନନ କରିବା । ତେଣୁ ଆତ୍ମୋନ୍ନତି କରିବା ପାଇଁ ଗୃହସ୍ଥାଶ୍ରମରେ ସେ ଯେଉଁ କ୍ଷେତ୍ର ପ୍ରସ୍ତୁତ କରୁଥିଲେ, ସେ କ୍ଷେତ୍ର ବର୍ତ୍ତମାନ ପ୍ରସ୍ତୁତ ହୋଇ ସାରିଛି, ସେ କାର୍ଯ୍ୟ ବର୍ତ୍ତମାନ ସମାପ୍ତ ହୋଇ ସାରିଛି । ବର୍ତ୍ତମାନ ସେ ଚାହାନ୍ତି ସେ ପବିତ୍ର କ୍ଷେତ୍ରରେ ପ୍ରବେଶ କରିବାକୁ—ଗୃହସ୍ଥାଶ୍ରମରୁ ବାନପ୍ରସ୍ଥାଶ୍ରମକୁ ଯିବାକୁ-ଏହାଠାରୁ ଅଧିକ ଉଚ୍ଚସ୍ତରର କ୍ଷେତ୍ରକୁ ଯିବାକୁ—ସନ୍ନ୍ୟାସାବଲମ୍ବନ କରିବାକୁ, ଯେଉଁଠାରେ କି ଆତ୍ମୋନ୍ନତିର ସାଧନାର କ୍ଷେତ୍ର ଅଧିକ ପ୍ରଶସ୍ତ । ତେଣୁ ସେ କହୁଛନ୍ତି—

ଉଦ୍ୟାସ୍ୟନ୍ ବା ଅରେଽହମସ୍ମାତ୍ସ୍ଥାନାଦସ୍ମି ।

(ବୃହଦାରଣ୍ୟକୋପନିଷଦ—ଦ୍ୱିତୀୟ ଅଧ୍ୟାୟ—ଚତୁର୍ଥ ବ୍ରାହ୍ମଣ—କେବଳ ପଞ୍ଚମ ମନ୍ତ୍ର । ଯାଜ୍ଞବଲ୍କ୍ୟମୈତ୍ରେୟୀ ସମ୍ବାଦ ।)

Digitized by srujanika@gmail.com

ଆତ୍ମାର ସ୍ୱରୂପ

ପରମାତ୍ମୋପଲବ୍ଧି ପାଇଁ ଅତ୍ମୋପଲବ୍ଧି ଅବଶ୍ୟକ । ଅର୍ଥାତ୍ ପ୍ରଥମରେ ନିଜ ସମ୍ବନ୍ଧରେ, ଜୀବାତ୍ମାର ଶକ୍ତି-ସାମର୍ଥ୍ୟ ସମ୍ବନ୍ଧରେ ଯଥାର୍ଥ ଜ୍ଞାନ ଅବଶ୍ୟକ । ଅନ୍ୟଥା ଯେ ପରମାତ୍ମା ନିଜଠାରୁ ମଧ୍ୟ (ଜୀବାତ୍ମାଠାରୁ ମଧ୍ୟ) ଅଧିକ ସୂକ୍ଷ୍ମ, ତାକୁ ଜାଣି ହେବ ନାହିଁ । ଅକ୍ଷର ଜ୍ଞାନ ନ ହେଲେ ଭାଷାଜ୍ଞାନ ତ ସମ୍ଭବ ନୁହେ । ଅକ୍ଷର ଜ୍ଞାନର ଦକ୍ଷତା ଉପରେ ଭାଷାଜ୍ଞାନର ପାରଙ୍ଗମତା ନିର୍ଭର କରେ । ଆତ୍ମିକ ଶକ୍ତି ଉପରେ ପରମାତ୍ମୋପଲବ୍ଧିର ସାଧନା-ସାମର୍ଥ୍ୟ ନିର୍ଭର କରେ । ତେଣୁ, ଅତ୍ମୋପଲବ୍ଧି ଅବଶ୍ୟକ—ଆତ୍ମାର ଶକ୍ତି-ସାମର୍ଥ୍ୟ ସମ୍ବନ୍ଧରେ ପରିପୂର୍ଣ୍ଣ ଜ୍ଞାନ ଅବଶ୍ୟକ । ଆଉ ଏ ଜ୍ଞାନକୁ ସାଧନା ଦ୍ୱାରା କାର୍ଯ୍ୟରେ ପରିଣତ କରିବା ପାଇଁ ଚେଷ୍ଟା ମଧ୍ୟ ଅବଶ୍ୟକ । ଜ୍ଞାନ ନ ହେଲେ ଚେଷ୍ଟା ସମ୍ଭବ ନୁହେ ବୋଲି ଜ୍ଞାନ ଅବଶ୍ୟକ, ଏ ଆତ୍ମଜ୍ଞାନର ପ୍ରେରଣାରେ ବ୍ରହ୍ମକୁ ପାଇବା ପାଇଁ ଚେଷ୍ଟିତ ହେବା ପାଇଁ । ······ମସ୍ତିଷ୍କ ପ୍ରେରଣା ଦିଏ; ଇନ୍ଦ୍ରିୟଗଣ କର୍ମ କରନ୍ତି । ମସ୍ତିଷ୍କ ଜ୍ଞାନର ଆଧାର, ଇନ୍ଦ୍ରିୟଗଣ କର୍ମର ଆଧାର । ଅତଏବ ଜ୍ଞାନ କର୍ମର ଆଧାର । ଆଉ ଏ କର୍ମ ଆଉ ଜ୍ଞାନ ମୋକ୍ଷର ଆଧାର । ତେଣୁ ପ୍ରଥମରେ ଜ୍ଞାନାର୍ଜ୍ଜନ କର; ଆଧ୍ୟାତ୍ମିକ ଜ୍ଞାନାର୍ଜ୍ଜନ କର, ଆଉ ତଦନୁସାରେ କର୍ମ କର, ଯୌଗିକ କର୍ମ କର ଆତ୍ମା ପକ୍ଷରେ ବ୍ରହ୍ମକୁ ସାକ୍ଷାତ କରିବାର ଏକମାତ୍ର ଉପାୟ ବୋଲି ତା'ପକ୍ଷରେ ଆତ୍ମଜ୍ଞାନ ଅବଶ୍ୟକ ।

Digitized by srujanika@gmail.com

ଏହି ଅତ୍ମୋପଲବ୍‌ଧି ପାଇଁ ଗୃହସ୍ଥାଶ୍ରମ ପ୍ରଶସ୍ତ ନୁହେଁ ବୋଲି ଋଷି ଯାଜ୍ଞବଲ୍‌କ୍ୟ ବାନପ୍ରସ୍ଥାଶ୍ରମ ଅବଲମ୍ବନ କରିବାକୁ ଉତ୍କଣ୍ଠିତ ହେଉଛନ୍ତି । ଅତ ସେ ନିଜର ବିଦୂଷୀ ପତ୍ନୀ ମୈତ୍ରେୟୀଙ୍କଠାରୁ ବିଦାୟ ନେବା କାଳରେ ଅତ୍ମା ତଥା ପରମାତ୍ମାର ସ୍ୱରୂପ ସମ୍ବନ୍ଧରେ ଏବଂ ଅତ୍ମୋପଲବ୍‌ଧି ତଥା ପରମାତ୍ମୋପଲବ୍‌ଧିର ସାଧନାଦି ସମ୍ବନ୍ଧରେ ଅଲୋଚନା କରୁଛନ୍ତି ।

ଯେ' ପରମାତ୍ମୋପଲବ୍‌ଧି ପାଇଁ ଅତ୍ମୋପଲବ୍‌ଧି ବା ଅତ୍ମୋନ୍ନତି ଅବଶ୍ୟକ, ସେ ଅତ୍ମାର ଯଥାର୍ଥ ସ୍ୱରୂପ ସମ୍ବନ୍ଧରେ ଯଥାର୍ଥ ଜ୍ଞାନ ନ ହେଲେ ଅତ୍ମୋନ୍ନତି ତ ସହଜ ସ୍ୱାଭାବିକ ହୋଇ ପାରେ ନା । ଔଷଧ ସମ୍ବନ୍ଧରେ ସଠିକ ଜ୍ଞାନ ନ ହେଲେ ବୈଦ୍ୟ ପକ୍ଷରେ ରୋଗୀ ପାଇଁ ବ୍ୟବସ୍ଥା ଦେବା ତ ଉଚିତ ହେବନାହିଁ । ସଠିକ ଜ୍ଞାନ ବିନା ଯଦି ଔଷଧର ପ୍ରୟୋଗ କରାଯାଏ, ତେବେ ରୋଗୀର ପ୍ରାଣହାନିର ସମ୍ଭାବନା ରହିଛି ବା ଔଷଧ ଉପଯୋଗୀ ନ ହୋଇ ପାରିବାର ଅଶଙ୍କା ରହିଛି । ଠିକ୍ ସେହିପରି ଅତ୍ମାର ସ୍ୱରୂପ ସମ୍ବନ୍ଧରେ ସଠିକ ଜ୍ଞାନର ଅଭାବର କାରଣବଶତଃ ଅତ୍ମୋନ୍ନତିରେ ବାଧା ପଡ଼ିବାର ଭୟ ରହିଛି ବା ଅତ୍ମୋନ୍ନତି ନ ହୋଇ ପାରିବା ଫଳରେ ଅତ୍ମ-ଘାତର ଶଙ୍କା ରହିଛି । ତେଣୁ, ଋଷି ମୈତ୍ରେୟୀଙ୍କୁ ଅତ୍ମାର ସ୍ୱରୂପ ସମ୍ବନ୍ଧରେ ବୁଝାଇବାକୁ ଯାଇ କହୁଛନ୍ତି :—

"ବ୍ରହ୍ମ ତଂ ପରାଦାଦ୍ୟୋଽନ୍ୟତ୍ରାଽଽତ୍ମନୋ ବ୍ରହ୍ମବେଦ କ୍ଷତ୍ରଂ ତଂ ପରାଦାଦ୍ୟୋଽନ୍ୟତ୍ରାଽଽତ୍ମନଃ କ୍ଷତ୍ରଂ ବେଦ

ଲୋକାସ୍ତଂ ପରାଦୁର୍ଯୋଽନ୍ୟତ୍ରାଽଽତ୍ମନୋ

ଲୋକାନ୍ବେଦ ଦେବାସ୍ତଂ ପରାଦୁର୍ଯୋଽନ୍ୟତ୍ରାଽଽତ୍ମନୋ ଦେବାନ୍ବେଦ ଭୂତାନି ତଂ ପରାଦୁର୍ଯୋଽନ୍ୟତ୍ରାଽଽତ୍ମନୋ ଭୂତାନି ବେଦ ସର୍ବଂ ତଂ

Digitized by srujanika@gmail.com

ପର୍‌ବ୍ରାଦାଦ୍ୟୋନ୍ୟତ୍ରାତ୍ମନଃ ସର୍ବଂ ବେଦେଦଂ
ବ୍ରହ୍ମେଦଂ କ୍ଷତ୍ରମିମେ ଲୋକା
ଇମେ ଦେବା ଇମାନି ଭୂତାନୀଦଂ ସର୍ବଂ ଯଦୟମାତ୍ମା ।"

"ଅତ୍ମାଠାରୁ ବିଚ୍ଛିନ୍ନଭାବରେ ଯେ ବ୍ରହ୍ମକୁ ଦେଖେ, ବ୍ରହ୍ମ ତାକୁ ତ୍ୟାଗକରେ । ଅତ୍ମାଠାରୁ ବିଚ୍ଛିନ୍ନଭାବରେ ଯେ କ୍ଷତ୍ରିୟତ୍ୱକୁ ଦେଖେ, କ୍ଷତ୍ରିୟତ୍ୱ ତାକୁ ତ୍ୟାଗ କରେ । ଅତ୍ମାଠାରୁ ବିଚ୍ଛିନ୍ନଭାବରେ ଯେ ଲୋକଜନଙ୍କୁ ଦେଖେ, ଲୋକଜନ ତାକୁ ତ୍ୟାଗ କରେ । ଅତ୍ମାଠାରୁ ଭିନ୍ନଭାବରେ ଯେ ଦେବଶକ୍ତିକୁ ଦେଖେ, ଦେବଶକ୍ତି ତାକୁ ତ୍ୟାଗ କରେ । ଅତ୍ମାଠାରୁ ବିଚ୍ଛିନ୍ନଭାବରେ ଯେ ପ୍ରାଣୀମାନଙ୍କୁ ଦେଖେ, ପ୍ରାଣୀମାନେ ତାକୁ ତ୍ୟାଗ କରନ୍ତି । ସମସ୍ତେ ତାକୁ ତ୍ୟାଗ କରନ୍ତି, ଯେ ପ୍ରାଣୀମାନଙ୍କୁ ଅତ୍ମାଠାରୁ ଅଲଗା କରି ଦେଖେ । ଏଇ ବ୍ରହ୍ମତ୍ୱ, ଏଇ କ୍ଷତ୍ରିୟତ୍ୱ, ଏଇ ଲୋକଜନ, ଏଇ ଦେବଶକ୍ତି, ଏଇ ପ୍ରାଣୀଗଣ, ଏ ସମସ୍ତହିଁ ଅତ୍ମା ।"

ଅତ୍ମାଠାରୁ ବିଚ୍ଛିନ୍ନଭାବରେ ଯେ ବ୍ରହ୍ମତ୍ୱକୁ ଦେଖେ, ବ୍ରହ୍ମତ୍ୱ ତାକୁ ତ୍ୟାଗ କରେ । ଠିକ୍ କଥା । କିନ୍ତୁ ବ୍ରହ୍ମତ୍ୱ ପଦାର୍ଥଟା କ'ଣ ? ବ୍ରହ୍ମର ଗୁଣ । ଏ ବ୍ରହ୍ମ କିଏ ? ଇହଲୌକିକ ସମସ୍ତ ପଦାର୍ଥରୁ ଯେ ଭିନ୍ନ, ତଥା ପରମ ଅଦୃଶ୍ୟମାନ, ସେ ବ୍ରହ୍ମ । ତଥା ପାର-ଲୌକିକ ସମସ୍ତ ଅଦୃଶ୍ୟମାନ ପଦାର୍ଥ (ତତ୍ତ୍ୱ) ମାନଙ୍କ ମଧ୍ୟରେ ଯେ ଅତି ସୂକ୍ଷ୍ମ, ସେ ବ୍ରହ୍ମ । ଅଶେଷ ଶକ୍ତିଶାଳୀ ତଥା ନିର୍ବିକାର ଅର୍ଥାତ୍ ଜନ୍ମ, ଅସ୍ତିତ୍ୱ, ବୃଦ୍ଧି, ପରିଣତି, ଅପକ୍ଷୟ, ବିନାଶ, ଏ ଷଡ ବିକାରରୁ ଯେ, ରହିତ, ସେ ବ୍ରହ୍ମ । ଯେ ସମ୍ପୂର୍ଣ୍ଣ, ନିର୍ଲିପ୍ତ, ସେ ବ୍ରହ୍ମ । ଅକ୍ଷରଂ ବ୍ରହ୍ମ ପରମଂ, (ଗୀତା) ଯେ ଅକ୍ଷର, ଅର୍ଥାତ୍ ଯାର

Digitized by srujanika@gmail.com

କୌଣସି କ୍ଷର ଅର୍ଥାତ୍ ପରିବର୍ତ୍ତନ ନାହିଁ, ସେ ହିଁ ବ୍ରହ୍ମ । ବ୍ରହ୍ମ ଅବ୍ୟୟ, ଯାର କୌଣସି ପ୍ରକାର ବ୍ୟୟ ଅର୍ଥାତ୍ ବ୍ୟତିକ୍ରମ ସମ୍ଭବ ନୁହେ, ସେ ବ୍ରହ୍ମ ! ବ୍ରହ୍ମ ଗୁଣାତୀତ ; ତେଣୁ କେବଳ ଏତିକ ମାତ୍ର ଗୁଣର ସମାବେଶ ହିଁ ବ୍ରହ୍ମ, ଏପରି ମନେ କରିବା ଅର୍ଥ ବ୍ରହ୍ମ ସମ୍ବନ୍ଧରେ ଯଥାର୍ଥ ଜ୍ଞାନର ଅଭାବ ରଖିବା । ଏଥିପାଇଁ ଉପନିଷଦ ବ୍ରହ୍ମର ଅଜସ୍ର ଗୁଣାନୁଗାନ କରି ମଧ୍ୟ ସେ କହନ୍ତି, ନେତି ନେତି ଅର୍ଥାତ୍ କେବଳ ଏତିକି ନୁହେ, କେବଳ ଏତିକି ନୁହେ, ବ୍ରହ୍ମ ଅଦ୍ଭୁତ ଗୁଣଶାଳୀ, ଅଦ୍ଭୁତ ଶକ୍ତିଶାଳୀ, ତେଣୁ ବ୍ରହ୍ମଙ୍କୁ ଗୁଣ ମଧ୍ୟରେ ଆବଦ୍ଧ କରିବା ଅର୍ଥ ବ୍ରହ୍ମଙ୍କୁ କ୍ଷୁଦ୍ର କରି ତୋଳିବା । ସଂକ୍ଷେପତଃ ବ୍ରହ୍ମର ଗୁଣ ନିରୂପଣ କଲେ ଏଇତିକିହିଁ ବୁଝାଇବ ଯେ ବ୍ରହ୍ମ ସ୍ୱରୂପତଃ ଅତି ସୂକ୍ଷ୍ମ, ତଥା ଗୁଣତଃ ଅତି ମହାନ୍ !!

•

ସାକାର ଅକାର ଭେଦରେ ବ୍ରହ୍ମ ଦୁଇ ପ୍ରକାରର ଗୁଣରେ ଗରିଷ୍ଠ । ଈଶ୍ୱର ଦୟାଳୁ, ଈଶ୍ୱର ନ୍ୟାୟକାରୀ, ଈଶ୍ୱର ମଙ୍ଗଳକାରୀ, ଈଶ୍ୱର ଉପକାରୀ ; ଈଶ୍ୱରଙ୍କର ଏ ଦୟାଳୁତା, ନ୍ୟାୟକାରିତା, ମଙ୍ଗଳକାରିତା, ଉପକାରିତା ଗୁଣସକଳ ତାଙ୍କ ସୃଷ୍ଟିର କୌଣସି ସାକାର ପ୍ରାଣୀ ପକ୍ଷରେ ହିଁ ସମ୍ଭବ ବୋଲି ଈଶ୍ୱରଙ୍କ ଏ ଗୁଣ ସକଳକୁ ସାକାର ଗୁଣ କୁହାଯାଇଥାଏ । ସାକାର ପ୍ରାଣୀ ପକ୍ଷରେ, ତଥା ମନୁଷ୍ୟ ପକ୍ଷରେ ଏ ଗୁଣାବଳୀର ପ୍ରଦର୍ଶନ କେବଳ ସମ୍ଭବ ବୋଲି ଏ ଗୁଣାବଳୀକୁ ସାକାର-ଗୁଣର ଆଖ୍ୟା ଦିଆଯାଇଥାଏ । ଏହାହିଁ କାରଣ ଯେ ଲୋକେ ନିରାକାର ନିରଞ୍ଜନ ପରମେଶ୍ୱରଙ୍କର ସାକାର ମୂର୍ତ୍ତିର କଳ୍ପନା କରି ମଧ୍ୟ ଉପାସନା କରି ମୋକ୍ଷ ପାଇବାରେ କଳ୍ପନାନନ୍ଦ ଅନୁଭବ କରନ୍ତି । କିନ୍ତୁ

Digitized by srujanika@gmail.com

ଯେ ଈଶ୍ୱର ସର୍ବଶକ୍ତିମାନ, ସେ ବିନା ଆକାରରେ ମଧ୍ୟ ସମସ୍ତ ସାକାର-ଗୁଣର ପ୍ରଦର୍ଶନ କରି ପାରନ୍ତି । ସେଥିପାଇଁ ତ ସେ ଅତ୍ମା, (ଯେ ଅତ୍ମା ବିନା ଆକାରରେ ଅର୍ଥାତ୍ ଶରୀର ଧାରଣ ନ କଲେ, ତାର କୌଣସି ଗୁଣର ପ୍ରଦର୍ଶନ କରି ପାରେନା) ଅପେକ୍ଷା ସବ ଗୁଣରେ ଶ୍ରେଷ୍ଠ । ଅତ୍ମା ଆକାର ଧାରଣ ନ କଲେ ଅର୍ଥାତ୍ ଶରୀର ଧାରଣ ନ କଲେ ନିଜ ଗୁଣର ପ୍ରକାଶନ ତା' ପକ୍ଷରେ ସମ୍ଭବ ନୁହେଁ ବୋଲି ସେ ପରମାତ୍ମା ଅପେକ୍ଷା ଶ୍ରେଷ୍ଠ ନୁହେଁ । କେବଳ ପରମାତ୍ମା କାହିଁକି, ଅତ୍ମା ମଧ୍ୟ ବିନା ଆକାରରେ କର୍ମ କରିପାରେ । ଡାହାଣ ହାତରେ ବାମ ହାତକୁ ଉଠାଇଲେ କୌଣସି ସାକାର ପଦାର୍ଥ ସାକାର ପଦାର୍ଥ ପାଇଁ କର୍ମ କରୁଛି ବୋଲି ପ୍ରମାଣିତ ହେଉଛି । କିନ୍ତୁ ଡାହାଣ ହାତକୁ ବିନା କୌଣସି ହାତର ସାହାଯ୍ୟରେ ଉପରକୁ ଉଠାଇଲେ, ଏହା ପ୍ରମାଣିତ ହେଉଛି ଯେ ନିଜର ଶରୀରର ଅନ୍ତର୍ନିହିତ ଶକ୍ତି ବଳରେ ଏ କାର୍ଯ୍ୟର ସମାଧାନ ହେଉଛି । ଅଥଚ ଏ ଶକ୍ତିର ଆକାର ନାହିଁ । ଅତ୍ମା ଅପେକ୍ଷା ପରମାତ୍ମା ରୂପବିହୀନ ଗୋଟାଏ ବିରାଟ ଶକ୍ତି ବୋଲି ସେ ବିନା ଶରୀରରେ ମଧ୍ୟ ଅଶେଷ ଶକ୍ତିଶାଳୀ —ଅଦ୍ଭୁତ ଅପୂର୍ବ ଘୋର କର୍ମକୁଶଳ । ୭

ଈଶ୍ୱର ନିର୍ବିକାର, ଈଶ୍ୱର ନିର୍ଲିପ୍ତ, ଈଶ୍ୱର ନିଃସଙ୍ଗ, ଈଶ୍ୱର ନିସ୍ପୃହ-ନିରଞ୍ଜନ, ଫଳତଃ ସେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ । ଈଶ୍ୱରଙ୍କ ଏଇ ନିର୍ବିକାରତା, ନିର୍ଲିପ୍ତତା, ନିଃସଙ୍ଗତା, ନିସ୍ପୃହତା-ନିରଞ୍ଜନତା, ଫଳତଃ ନିର୍ଦ୍ଦୋଷତା ଈଶ୍ୱରଙ୍କର ନିରାକାର-ଗୁଣ ବିଶେଷ । କାରଣ ଏ ଗୁଣର ଅଧିକାର କୌଣସି ଆକାରଧାରୀ ପ୍ରାଣୀର ଶକ୍ତି ସାମର୍ଥ୍ୟର ବହିର୍ଭୂତ । ଜନ୍ମ, ଅସ୍ତିତ୍ୱ, ବୃଦ୍ଧି,

Digitized by srujanika@gmail.com

ପରିଣତ, ଅପକ୍ଷୟ, ବିନାଶ, ଏ ଷଡ଼୍‌ କୁ ବିକାର କୁହାଯାଏ ; ଆଉ ଏ ଷଡ଼ ବିକାରରୁ ଯେ ମୁକ୍ତ ତାକୁ ନିର୍ବିକାର କୁହାଯାଏ । ଜନ୍ମ କେବଳ ତାର ପକ୍ଷରେ ସମ୍ଭବ ଯେ ଦେହ ଧାରଣ କରିବାକୁ ବାଧ୍ୟ । ଆଉ ଦେହ ଧାରଣ କଲେ ପ୍ରାଣୀର ଅସ୍ତିତ୍ୱ ରହିବ ; ଅସ୍ତିତ୍ୱ ରହିଲେ ଅସ୍ତିତ୍ୱର ବୃଦ୍ଧି ମଧ୍ୟ ସୁନିଶ୍ଚିତ । ଆଉ ବୃଦ୍ଧିର ସୀମା ଅଛି । ତେଣୁ ବୃଦ୍ଧିର ଗୋଟାଏ ଅନ୍ତିମ ପରିଣତ ଅଛି । ଅନ୍ତିମ ପରିଣତ ପରେ ପୁଣି ଧୀରେ ଧୀରେ ଅପକ୍ଷୟର ଆରମ୍ଭ ହୁଏ ; ଆଉ ଏ ଅପକ୍ଷୟର ଅନ୍ତିମ ପରିଣତ ବିନାଶ' ଅର୍ଥାତ୍ ପରିବର୍ତ୍ତନ—ଘଟପରିବର୍ତ୍ତନ । ଏ ସ୍ୱାଭାବିକ ଅବସ୍ଥା ସଂସାରରେ ଆମେ କେବଳ ଦେହଧାରୀ ପ୍ରାଣୀମାନଙ୍କଠାରେ ଘଟିତ ହେଉଥିବାର ଦେଖୁଛୁ । ତେଣୁ ଏ କଥା କେବଳ ଆକାରଯୁକ୍ତ ପ୍ରାଣୀ ପକ୍ଷରେ ସମ୍ଭବ— ନିରାକାର ପକ୍ଷରେ ନୁହେଁ । ନିର୍ଲିପ୍ତତା ; ଯାର ଆକାର ନାହିଁ ; ସେ ଲିପ୍ତ ହେବ କାହା ସଙ୍ଗରେ, କିପରି ? ଆଉ ଯେ ଲିପ୍ତ ହୋଇ ପାରୁନାହିଁ, ସେ କାହା ସଙ୍ଗରେ ସଖ୍ୟ ସ୍ଥାପନ କରିବ ବା କିପରି ? ତେଣୁ ସେ ନିଃସଙ୍ଗ ହେବାକୁ ବାଧ୍ୟ, ଆଉ ନିଃସଙ୍ଗ ହେଲେ ନିସ୍ପୃହ ହେବାକୁ ମଧ୍ୟ ସେ ବାଧ୍ୟ । ଆଉ ଏ ନିସ୍ପୃହ ହେବା କେବଳ ନିରାକାରୀ ପ୍ରାଣୀର ଗୁଣ ବୋଲି ଈଶ୍ୱର ନିରଞ୍ଜନ ଅର୍ଥାତ୍ ଈଶ୍ୱରଙ୍କର କୌଣସି ଅଞ୍ଜନ ଅର୍ଥାତ୍ ରଙ୍ଗ-ରୂପ ନାହିଁ । ଯା'ର କୌଣସି ରଙ୍ଗରୂପ ନାହିଁ, ସେ କୌଣସି ଦୋଷ ବା କରିବ କିପରି ! ତେଣୁ ଈଶ୍ୱର ନିର୍ଦ୍ଦୋଷ । ଦୋଷ କେବଳ ମନୁଷ୍ୟ କରେ, ଅନ୍ୟାନ୍ୟ ଦେହଧାରୀ ପ୍ରାଣୀମାନେ କରନ୍ତି ; କାରଣ ସେମାନେ ଶରୀର ଧାରଣ କରିଥିବା ଫଳରେ ସଂସାରରେ ଲିପ୍ତ ହେବାକୁ ବାଧ୍ୟ ବୋଲି ।

Digitized by srujanika@gmail.com

ଅତଃ, ଈଶ୍ୱରଙ୍କ ସଗୁଣତା ବା ନିର୍ଗୁଣତା, ଈଶ୍ୱରଙ୍କର ସାକାରତା ବା ନିରାକାରତା ଉପରୋକ୍ତ ଗୁଣ-ସକଳ ଉପରେ ନିର୍ଭର କରେ—ରୂପରଙ୍ଗ, ଆକାର ଅବୟବ ଉପରେ ନୁହେଁ । ଗୁଣର ଆକାର ନାହିଁ ; ଅତ ଈଶ୍ୱର କେବଳ ଗୁଣର ଆଧାର ବୋଲି ସେ ନିରାକାର । ଈଶ୍ୱର ନିରାକାର ହେବା ସତ୍ତ୍ୱେ ମଧ୍ୟ ସେ ସଗୁଣ ପ୍ରାଣୀ ପରି କର୍ମ କରି ପାରନ୍ତି ବୋଲି ତାଙ୍କର ସଗୁଣ ବ୍ରହ୍ମ ସ୍ୱରୂପର କଳ୍ପନା କେହି କେହି କରି ତାଙ୍କର ସଗୁଣୋପାସନା (ମୂର୍ତ୍ତିପୂଜା)ର ସ୍ୱୀତ ପ୍ରଚଳନ କରିଛନ୍ତି ଆଧୁନିକ କାଳରେ ।

ସୃଷ୍ଟିର ସମସ୍ତ ପଦାର୍ଥର ପରିବର୍ତ୍ତନ, ବିବର୍ତ୍ତନ ରହିଛି । କିନ୍ତୁ କେବଳ ବ୍ରହ୍ମର ତା' ନାହିଁ । ଜୀବାତ୍ମା ଦେହ ଧାରଣ କରେ, ପୁଣି ସେ ଦେହତ୍ୟାଗ କରେ; ଏ ପରିବର୍ତ୍ତନ ଜୀବାତ୍ମାର ସ୍ୱଭାବ । ପ୍ରକୃତିର ପ୍ରଳୟ ଅର୍ଥାତ୍ ବିନାଶ ହୁଏ, ପୁଣି ତାର ସୃଷ୍ଟି ହୁଏ । ତେଣୁ ପ୍ରକୃତି ମଧ୍ୟ ପରିବର୍ତ୍ତନଶୀଳ । ପ୍ରଳୟ କାଳରେ ଉ ପଞ୍ଚମହାଭୂତ ରହେ ନା । ଯେଉଁ ଅଣୁ ପରମାଣୁରୁ ସେ ନିର୍ମିତ, ସେହି ଅଣୁପରମାଣୁରେ ସେ ବିଲୀନ ହୋଇଯାଏ । ଏ ଅଣୁ ପରମାଣୁର ବିକୃତ ରୂପ ଯାହା ଦୃଶ୍ୟମାନ ହୁଏ, ତା ସୃଷ୍ଟି । ଅତ ଏ ଦୃଶ୍ୟମାନ ଜଡ଼ ପଦାର୍ଥହିଁ ପ୍ରକୃତି । ଏ ପ୍ରକୃତି ପଞ୍ଚମହାଭୂତ, କ୍ଷିତି, ଅପ୍, ତେଜ, ବ୍ୟୋମ, ବାୟୁ । ...ଜୀବ ବା ଆତ୍ମା ପ୍ରକୃତି ନୁହେ । କାରଣ କୌଣସି ଅଣୁପରମାଣୁରୁ ଏ ନିର୍ମିତ ନୁହେ । ଏହାର ସ୍ୱତନ୍ତ୍ର ସତ୍ତା ରହିଛି । ତେଣୁ ପ୍ରଳୟ କାଳରେ ପ୍ରକୃତିର ପରିବର୍ତ୍ତନ ହେବା ପରି ଆତ୍ମାର ପରିବର୍ତ୍ତନ ହୁଏ ନା । ଆତ୍ମାର ଯେ ପରିବର୍ତ୍ତନ ହୁଏ, ତା' କେବଳ ତାର ଶରୀର ଧାରଣ ବା ଶରୀର ତ୍ୟାଗର ପରିବର୍ତ୍ତନ । କିନ୍ତୁ ଆତ୍ମାର ନିଜର ସ୍ୱରୂପର କୌଣସି ପରିବର୍ତ୍ତନ

Digitized by srujanika@gmail.com

ହୁଏ ନା । ଆତ୍ମାର ବାହ୍ୟ ପରିବର୍ତ୍ତନକୁହିଁ କୁହାଯାଏ ଜନ୍ମ-ମୃତ୍ୟୁ ।' ···ଶ୍ୱେତାଶ୍ୱତରୋପନିଷଦ ପ୍ରକୃତିକୁହିଁ କହନ୍ତି, ମାୟାଂ ତୁ ପ୍ରକୃତିଂ ବିଦ୍ଧି ପ୍ରକୃତିକୁ ମାୟା ବୋଲି ଜାଣ । ମାୟା ଅର୍ଥ ମିଥ୍ୟା । ମିଥ୍ୟା ଅର୍ଥ ଯା'ର ଅସ୍ତିତ୍ୱ ନାହିଁ, ସେ ମିଥ୍ୟା । ପ୍ରକୃତି ଅର୍ଥାତ୍ ପଞ୍ଚମହାଭୂତର ବର୍ତ୍ତମାନ କାଳର ଯେ ରୂପ, ତା'ତ ତାର୍ ବାସ୍ତବ ରୂପ ନୁହେଁ (ଅଣୁ ପରମାଣୁହିଁ ତାର ବାସ୍ତବ, ମୂଳ ରୂପ)—ଏହା ତାର ମିଥ୍ୟା ରୂପ । ତେଣୁ ସେ ରୂପ ମାୟା; ତେଣୁ ପ୍ରକୃତି ମାୟା । ତେବେ, ଏ ଅଣୁପରମାଣୁ କି ପ୍ରକାରର ପଦାର୍ଥ, ତା କହି ହେବ ନାହିଁ । କାରଣ ତା' ଅନୁଭୂତିର ବିଷୟ । ଫଳତଃ ପ୍ରକାଶ କରିବା ଶକ୍ତିର ବହିର୍ଭୂତ ।···କିନ୍ତୁ ବ୍ରହ୍ମର ଜନ୍ମ ନାହିଁ, ମୃତ୍ୟୁ ନାହିଁ । ତେଣୁ ସେ ଅନାଦି, ଅନନ୍ତ, ଅଜନ୍ମା, ଅବ୍ୟୟ ।

ସଚ୍ଚିଦାନନ୍ଦ, ଏ ବିଶେଷଣ ବା ନାମ କେବଳ ବ୍ରହ୍ମର । କାରଣ ସଂସାରର ଅନ୍ୟ କୌଣସି ତତ୍ତ୍ୱ ବା ପଦାର୍ଥରେ ସତ୍, ଚିତ୍, ଆନନ୍ଦ, ଏ ତିନି ଗୁଣର ସମାବେଶ ନାହିଁ । ସୃଷ୍ଟିର ଅନ୍ୟାନ୍ୟ ସକଳ ପଦାର୍ଥ କେବଳ ସତ୍ । ସତ୍ ଅର୍ଥ ଅସ୍ତିତ୍ୱ । 'ଅସ୍' ଧାତୁରୁ ସତ୍ ଶବ୍ଦର ଉତ୍ପତ୍ତି । ଅସ୍ ଧାତୁର ଅର୍ଥ ଅସ୍ତିତ୍ୱ ନିର୍ଦ୍ଦେଶକ । ସୃଷ୍ଟିର ସକଳ ପଦାର୍ଥ ସତ୍ ଅର୍ଥ ସୃଷ୍ଟିର ସକଳ ପଦାର୍ଥର କେବଳ ଅସ୍ତିତ୍ୱ ରହିଛି । ଚିତ୍ ଅର୍ଥ ଚେତନତା—ଚେତନ ଶକ୍ତି ବିଶେଷ ଚିତ୍ । ଏ ଶକ୍ତି ସୃଷ୍ଟିରେ କେବଳ ଜୀବାତ୍ମା ଆଉ ପରମାତ୍ମାର ରହିଛି—ପ୍ରକୃତିର ନାହିଁ । ତା' ପରେ ଆନନ୍ଦ, ଏ ଆନନ୍ଦ ଗୋଟାଏ ଅଲୌକିକ ପଦାର୍ଥ । ତେଣୁ ତାର ଠିକ୍ ପରିଭାଷା ଦେବା ସମ୍ଭବ ନୁହେ । କାରଣ ଅନୁଭବ ବିନା ଆନନ୍ଦର ମହତ୍ତ୍ୱ ପ୍ରକାଶନ ସମ୍ଭବ ନୁହେ । ଆନନ୍ଦକୁ କେବଳ ଅନୁଭବ ଦ୍ୱାରା ଜାଣି

Digitized by srujanika@gmail.com

ହେବ, ଅଥଚ ତାକୁ ପ୍ରକାଶ କରାଯାଇ ପାରିବ ନାହିଁ । ଏ ଆନନ୍ଦ କେବଳ ବ୍ରହ୍ମର ଗୁଣ । ଏ ଆନନ୍ଦ ଯେତେବେଳେ ସୂକ୍ଷ୍ମରୁ ସ୍ଥୂଳ ହୁଏ ଅର୍ଥାତ୍ ଆଧ୍ୟାତ୍ମିକରୁ ଜାଗତିକ ହୁଏ, ସେତେବେଳେ ସେ ହୁଏ 'ସୁଖ' । ଏ ସୁଖ ହେଉଛି ଗୋଟାଏ ପ୍ରକାରର ମନର ଗୁଣ—ମାନସିକ ବିକାଶ । କିନ୍ତୁ ଆନନ୍ଦ ମାନସିକ ବିକାଶ ନୁହେଁ; ଏ କେବଳ ଗୋଟାଏ ଗୁଣ—ଏହାର ସ୍ୱତନ୍ତ୍ର ଅସ୍ତିତ୍ୱ ରହିଛି । ସୁଖ କେବଳ ଗୋଟାଏ ଗୁଣ ନୁହେଁ—ଗୁଣର ସହଚର ମାତ୍ର—ଏହାର ସ୍ୱତନ୍ତ୍ର ଅସ୍ତିତ୍ୱ ନାହିଁ । ତେଣୁ ଏ ସହଚର (ସୁଖ)ର ସାହଚର୍ଯ୍ୟ ପାଇଁ ସଙ୍ଗୀ ଆବଶ୍ୟକ । ଏ ସୁଖର ସଙ୍ଗୀ ଇନ୍ଦ୍ରିୟଗଣ—ଇନ୍ଦ୍ରିୟ ବିନା ସୁଖାନୁଭୂତି ଅସମ୍ଭବ । ଇନ୍ଦ୍ରିୟ ରହିଛି ବୋଲି ସୁଖ ରହିଛି । ଆଉ ସୁଖ ରହିଛି ବୋଲି ସୁଖକୁ ଅନୁଭବ କରିବାକୁ ମନ ରହିଛି, ଇନ୍ଦ୍ରିୟଗଣ ରହିଛନ୍ତି । ତେଣୁ ସୁଖ ମାନସିକ ବିକାଶ ହୋଇ ପାରେ, କିନ୍ତୁ ଆନନ୍ଦ ତା ନୁହେଁ । ଏହି ଆନନ୍ଦ, ତେଣୁ ଯେଉଁଠାରେ ରହିଛି ତାର କୌଣସି ମନ ନାହିଁ, ଇନ୍ଦ୍ରିୟଗଣ ତାର ନାହାନ୍ତି । ଅର୍ଥାତ୍ ପରମାତ୍ମାର ମନ ନାହିଁ । ମନ ମଧ୍ୟ ଗୋଟାଏ ଇନ୍ଦ୍ରିୟ । 'ଇନ୍ଦ୍ରିୟାଣାଂ ମନଶ୍ଚାସ୍ମି' (ଗୀତା) ଇନ୍ଦ୍ରିୟମାନଙ୍କ ମଧ୍ୟରେ ମୁଁ ମନ । ଅର୍ଥାତ୍ ନାଗମାନଙ୍କ ମଧ୍ୟରେ ମୁଁ ଯେପରି ବାସୁକି, କବିମାନଙ୍କ ମଧ୍ୟରେ ମୁଁ ଯେପରି ଶୁକ୍ରାଚାର୍ଯ୍ୟ, ସମାସ ମାନଙ୍କ ମଧ୍ୟରେ ମୁଁ ଯେପରି ଦ୍ୱନ୍ଦ୍ୱ ସମାସ, ସେପରି ଇନ୍ଦ୍ରିୟମାନଙ୍କ ମଧ୍ୟରେ ମୁଁ ମନ । ଅର୍ଥାତ୍ ମନ ପରି ମୁଁ ଶ୍ରେଷ୍ଠ ଇନ୍ଦ୍ରିୟ । ଏ କଥା ଭଗବାନ ଶ୍ରୀକୃଷ୍ଣ ଗୀତାରେ କହୁଛନ୍ତି । ଏଥିରୁ ଏ କଥା ସ୍ପଷ୍ଟ ଯେ ନାଗମାନଙ୍କ ମଧ୍ୟରେ ଯେପରି ବାସୁକି ନାଗ ଶ୍ରେଷ୍ଠ, କବିମାନଙ୍କ ମଧ୍ୟରେ ଯେପରି ଶୁକ୍ରାଚାର୍ଯ୍ୟ ଶ୍ରେଷ୍ଠ, ସମାସମାନଙ୍କ ମଧ୍ୟରେ ଯେପରି ଦ୍ୱନ୍ଦ୍ୱ ସମାସ ଶ୍ରେଷ୍ଠ, ସେପରି ଇନ୍ଦ୍ରିୟମାନଙ୍କ ମଧ୍ୟରେ ମନ ଶ୍ରେଷ୍ଠ ଇନ୍ଦ୍ରିୟ ।

Digitized by srujanika@gmail.com

ଅତଏବ, ମନ ମଧ୍ୟ ଗୋଟାଏ ଇନ୍ଦ୍ରିୟ । ପରମାତ୍ମାର ଇନ୍ଦ୍ରିୟ ନାହିଁ ବୋଲି ସେ ଚଞ୍ଚଳ ନୁହନ୍ତି । ଅଭି ସେ ଚଞ୍ଚଳ ନୁହନ୍ତି ବୋଲି ସେ ନିର୍ଲିପ୍ତ । ଫଳତଃ, ଆନନ୍ଦ ଅନୁଭବ କରିବାକୁ ମନର ଅବଶ୍ୟକତା ନାହିଁ; ଅର୍ଥାତ୍ ଇନ୍ଦ୍ରିୟଗଣର ଅବଶ୍ୟକତା ନାହିଁ । କେବଳ ଲିଙ୍ଗ ଶରୀର ଅର୍ଥାତ୍ ସୂକ୍ଷ୍ମ ଶରୀର ଦ୍ୱାରହିଁ ଆନନ୍ଦକୁ ଅନୁଭବ କରି ହୁଏ । ଲିଙ୍ଗ ଶରୀର ଅର୍ଥ ଇନ୍ଦ୍ରିୟବହିର୍ଭୂତ ଶରୀର । ଅଭି ଆନନ୍ଦ ଅନୁଭବ କରିବା ଅର୍ଥ ପରମାତ୍ମୋପଲବ୍ଧି ପ୍ରାପ୍ତ ହେବା । କାରଣ ଆନନ୍ଦ ପରମାତ୍ମା ବ୍ୟତିରେକେ ଅନ୍ୟକ ଯେ ନାହିଁ ।··· ଏ ଲିଙ୍ଗ ଶରୀରର ଅସ୍ତିତ୍ୱ ସମ୍ବନ୍ଧରେ ପ୍ରତ୍ୟକ୍ଷ ପ୍ରମାଣ ନାହିଁ । କେବଳ ଆପ୍ତବଚନ ଉପରେ ନିର୍ଭର କରି ଏହାର ଅସ୍ତିତ୍ୱ ପ୍ରତି ବିଶ୍ୱାସ କରାଯାଉଛି । ଲିଙ୍ଗ ଶରୀର କୌଣସି ପଦାର୍ଥ (ପଦାର୍ଥ ବିଜ୍ଞାନାନୁସାରେ) ନୁହେ—ତତ୍ତ୍ୱ ବିଶେଷ । ତତ୍ତ୍ୱ ସର୍ବଦା ଅଦୃଶ୍ୟମାନ । ତେଣୁ ଅଦୃଶ୍ୟମାନ ତତ୍ତ୍ୱ ସମ୍ବନ୍ଧରେ ପ୍ରତ୍ୟକ୍ଷ ପ୍ରମାଣର ଅଭାବ ରହିବା ସ୍ୱାଭାବିକ । ପ୍ରତ୍ୟକ୍ଷ ପ୍ରମାଣ କେବଳ ପ୍ରତ୍ୟକ୍ଷୀଭୂତ ପଦାର୍ଥମାନଙ୍କ ପକ୍ଷରେ ସମ୍ଭବ । ଅତଏବ, ଯେ ପଦାର୍ଥ ଅପ୍ରତ୍ୟକ୍ଷ, ସେ ପଦାର୍ଥର ଅସ୍ତିତ୍ୱ ସମ୍ବନ୍ଧରେ କେବଳ ଆପ୍ତବଚନହିଁ ପ୍ରମାଣ । ଆପ୍ତ ପୁରୁଷ୍ଟ ସେହିମାନଙ୍କୁ କୁହାଯାଏ, ଯେଉଁମାନେ ତତ୍ତ୍ୱକୁ ସାଧନା ବଳରେ ପ୍ରତ୍ୟକ୍ଷ କରି ପାରନ୍ତି । ଏହିମାନେହିଁ ଯୋଗୀ । ···ତତ୍ତ୍ୱର ସ୍ୱରୂପ ଗୁଣ । ଅଭି ଗୁଣ ପ୍ରତ୍ୟକ୍ଷ ଦର୍ଶନୋପଯୋଗୀ ପଦାର୍ଥ ନୁହେ—ଏହା ଅନୁଭବ ଗୋଚରଣୀୟ । ତେଣୁ ତତ୍ତ୍ୱକୁ, ଗୁଣକୁ, ଶକ୍ତିକୁ ଜାଣିବାକୁ ହେଲେ ଅନୁଭୂତି ଆବଶ୍ୟକ, ଇନ୍ଦ୍ରିୟ ନୁହେ । କିନ୍ତୁ ଅନୁଭବ କରିବାକୁ ଯେ ଇନ୍ଦ୍ରିୟ ଆବଶ୍ୟକ । ଲିଙ୍ଗ ଶରୀରରେ ମନୁଷ୍ୟ ଯେ ଅନୁଭୂତି ଗ୍ରହଣ କରେ, ତା ଇନ୍ଦ୍ରିୟବହିର୍ଭୂତ ଅନୁଭୂତି । ଏ

Digitized by srujanika@gmail.com

ଅନୁଭୂତ ପ୍ରାପ୍ତ କଲେ ମନୁଷ୍ୟ ମୋକ୍ଷ ପ୍ରାପ୍ତ କଲା ବୋଲି କୁହାଯାଏ । କିନ୍ତୁ ଇନ୍ଦ୍ରିୟଗତ ଯେ ଅନୁଭୂତ ମନୁଷ୍ୟ ପ୍ରାପ୍ତ କରେ, ତା' ସାଂସାରିକ ଅନୁଭୂତି, ଆଉ ତା ସୁଖ; ତା ଆନନ୍ଦ ନୁହେ ।

ସଶରୀରରେ ମଧ୍ୟ ଆତ୍ମା ପରମାତ୍ମାର ଅସ୍ତିତ୍ୱ ଅନୁଭବ କରେ ସତ; କିନ୍ତୁ ଏହା ଆତ୍ମାର କେବଳ ଅନୁଭୂତ ମାତ୍ର । ଅର୍ଥାତ୍ ଈଶ୍ୱର-ପ୍ରାପ୍ତିର ମାର୍ଗରେ ପ୍ରବେଶ କରିବାକୁ ଏହା ପ୍ରବେଶଦ୍ୱାର ମାତ୍ର ଆତ୍ମା ପକ୍ଷରେ-ମାର୍ଗର ଶେଷ ସୀମାରେ ପହଞ୍ଚିବାର ଏହା ସୀମା ନୁହେ । ତେଣୁ ଲିଙ୍ଗ ଶରୀରରେ ମନୁଷ୍ୟ (ସାଧକ, ଯୋଗୀ) ଯେତେବେଳେ ପରମାତ୍ମୋପଲବ୍ଧି ପ୍ରାପ୍ତ କରେ, ସେତେବେଳେ ସେ ମୁକ୍ତ ହୁଏ, ଅର୍ଥାତ୍ ଈଶ୍ୱର-ପ୍ରାପ୍ତିର ମାର୍ଗର ଶେଷ ସୀମାରେ ସେ ସେତେବେଳେ ପହଞ୍ଚେ, ମନୁଷ୍ୟ ଜୀବନର ଏହାହିଁ ଲକ୍ଷ୍ୟ, ପରମ ଲକ୍ଷ୍ୟ । ଧର୍ମ, ଅର୍ଥ, କାମ, ମୋକ୍ଷ, ଏ ଚତୁର୍ବର୍ଗ ଲକ୍ଷ୍ୟରୁ ଏହା ମାନବର ଶ୍ରେଷ୍ଠ ଲକ୍ଷ୍ୟ ।

ତିନୋଟି ତତ୍ତ୍ୱକୁ ନେଇ ସୃଷ୍ଟି । ସେମାନେ ହେଉଛନ୍ତି ପ୍ରକୃତି, ପରମାତ୍ମା, ଜୀବ । ସୃଷ୍ଟିରେ ଏପରି ଅଦ୍ଭୁତ କେତେ ଗୁଡ଼ାଏ ପଦାର୍ଥ ଦୃଷ୍ଟିଗୋଚର ହୁଏ, ଯା' ପ୍ରତି ଅଗଭୀରଭାବରେ ଅନୁଧ୍ୟାନ କଲେ ମନେ ହୁଏ ଉପରୋକ୍ତ ତିନି ତତ୍ତ୍ୱ ବ୍ୟତିରେକେ ଜଗତରେ ଅନ୍ୟ ଅଦ୍ଭୁତ କୌଣସି ତତ୍ତ୍ୱ ଅଛି । କିନ୍ତୁ ଗଭୀର ଭାବରେ ବିଚାର କରି ଦେଖିଲେ ମନେ ହୁଏ, ଏ ତିନି ତତ୍ତ୍ୱର ସେ ନୁହେ ତ ଅଙ୍ଗବିଶେଷ ବା ଅଂଶ ବିଶେଷ । ଉଦାହରଣ ଦେଲେ କଥାଟା ସ୍ପଷ୍ଟ ହେବ । ପ୍ରକୃତି ତ ଜଡ଼ । ଅତଏବ ପଞ୍ଚ-ମହାଭୂତ ପ୍ରକୃତି । କିନ୍ତୁ ଆମର ମନ, ଇନ୍ଦ୍ରିୟଗଣ, ଇନ୍ଦ୍ରିୟଗଣର ବିଷୟ, ଈର୍ଷା, ଲୋଭ, କାମ, କ୍ରୋଧ ଆଦି ରିପୁଗଣ, ଏମାନେ ତ

ପ୍ରକୃତ ବୁହନ୍ତି ବା ଅତ୍ମା ବୁହନ୍ତି ବା ପରମାତ୍ମା ବୁହନ୍ତି । ତେବେ ଏମାନେ କିଏ ? ଏମାନେ ମଧ୍ୟ ପ୍ରକୃତ । କିନ୍ତୁ ଏମାନେ ପଞ୍ଚମହାଭୂତ ପରି ଜଡ଼ ବୁହନ୍ତି ବୋଲି ଏମାନଙ୍କୁ ଚେତନ-ପ୍ରକୃତ କୁହାଯାଏ । ଏହା କୌଣସି ଚତୁର୍ଥ ତତ୍ତ୍ୱ ନୁହେ । ଏ ପ୍ରକୃତ ଜୀବାତ୍ମାର ଗୁଣ ବୋଲି, ଜୀବାତ୍ମାର ସ୍ୱଭାବ ବୋଲି ଏ ଚେତନ ପ୍ରକୃତକୁହିଁ କୁହାଯାଏ ସ୍ୱଭାବ । ଏ ସ୍ୱଭାବ ଯାହା, ଚେତନ-ପ୍ରକୃତ ତାହା । ମନେ ରଖିବାକୁ ହେବ, ଏହା କୌଣସି ଚତୁର୍ଥ ତତ୍ତ୍ୱ ନୁହେ । ପ୍ରକୃତ, ପରମାତ୍ମା, ଜୀବ ଛଡ଼ା ସୃଷ୍ଟିରେ ଅନ୍ୟ କୌଣସି ତତ୍ତ୍ୱ ନାହିଁ ।

ତେଣୁ ଏ ତିନି ତତ୍ତ୍ୱ ଛଡ଼ା ଅନ୍ୟ କୌଣସି ଚତୁର୍ଥ ତତ୍ତ୍ୱର କଳ୍ପନା କରିବା ଅତି କଳ୍ପନା ହେବ । ଆଉ ଅତି କଳ୍ପନା ସର୍ବଦା ବର୍ଜନୀୟ । ଅତି କଳ୍ପନା ଦର୍ଶନର କ୍ଷେତ୍ରରେ, ବିଜ୍ଞାନର କ୍ଷେତ୍ରରେ ମଧ୍ୟ ବର୍ଜିତ ହେବା ଉଚିତ । ଅନ୍ୟଥା, ସେ ମନୁଷ୍ୟର ମାନସିକ ବିକାଶର ଅନ୍ତରାୟ ହେବ । ମାନସିକ ବିକାଶ ପାଇଁ ଅଯଥା କଳ୍ପନା ନୁହେ—ଚିନ୍ତା ଆବଶ୍ୟକ । ଯେ ପଦାର୍ଥର ଅସ୍ତିତ୍ୱ ନାହିଁ, ଅଥଚ ସେ ପଦାର୍ଥର ଅସ୍ତିତ୍ୱ ସମ୍ବନ୍ଧରେ ଆଗରୁ ମନୁଷ୍ୟର ମସ୍ତିଷ୍କରେ ଅଯଥା ସଂସ୍କାର ରହିଛି ବୋଲି ଏ ସଂସ୍କାରବଶତଃ ମନୁଷ୍ୟ ସେ ପଦାର୍ଥ ସମ୍ବନ୍ଧରେ ଯେ ବିଚାର କରେ, ତା' କଳ୍ପନା । ତେଣୁ ଭୂତ ପ୍ରେତାଦି ମନୁଷ୍ୟ ମସ୍ତିଷ୍କର କଳ୍ପନାର ଉପଜ । ଭୂତ ତାକୁ କୁହାଯାଏ, ଯେ ମନୁଷ୍ୟର ମୃତ୍ୟୁ ହୋଇ ସାରିଛି । ପ୍ରେତ ତାକୁ କୁହାଯାଏ, ଯେ ଶବ ସମ୍ମୁଖରେ ପଡ଼ି ରହିଛି । ଏ ଭୂତ ପ୍ରେତାଦିର କୌଣସି ଅଦ୍ଭୁତ ରୂପ ରଙ୍ଗ ନାହିଁ, ଅଦ୍ଭୁତ ଆକାର ପ୍ରକାର ନାହିଁ । ଅଥଚ ମନୁଷ୍ୟର କଳ୍ପନା ଏମାନଙ୍କର ନାନାଦି ବିକଟ ରୂପର, ଉଦ୍ଭଟ ଗୁଣର କଳ୍ପନା କରିବାରେ ବାଧା ଅନୁଭବ କରି ପାରି

Digitized by srujanika@gmail.com

ନାହିଁ । କିନ୍ତୁ ଯେ ତତ୍ତ୍ୱ ବା ପଦାର୍ଥର ଅସ୍ତିତ୍ୱ ରହିଛି, ସେ ତତ୍ତ୍ୱ ବା ସେ ପଦାର୍ଥର ସ୍ୱରୂପ ସମ୍ବନ୍ଧରେ ଯଥାର୍ଥ ଧାରଣା ପୋଷଣ କରିବା ପାଇଁ ଯେଉଁ ଗମ୍ଭୀର ବିଚାର କରାଯାଏ, ତା ଚିନ୍ତା ।...... ଅତି ଯା ଅଯଥା ଚିନ୍ତା, ତା' କଳ୍ପନା । ଅଯଥା ଚିନ୍ତା ତ ମାନସିକ ବିକାଶର କାରଣ ହୋଇ ପାରେ ନା । ଅଯଥା ଚିନ୍ତା ଅର୍ଥ ଅନାବଶ୍ୟକଭାବରେ ଅତ୍ୟଧିକ ଅସ୍ୱାଭାବିକ ଚିନ୍ତା । ଅତ୍ୟଧିକ ଅସ୍ୱାଭାବିକ ଶାରୀରିକ ଶ୍ରମ ଯେପରି ଶାରୀରିକ ଅସ୍ୱାସ୍ଥ୍ୟର କାରଣ, ସେପରି ଅତ୍ୟଧିକ, ଅସ୍ୱାଭାବିକ କଳ୍ପନା ମଧ୍ୟ (ଚିନ୍ତା ମଧ୍ୟ) ମାନସିକ ତଥା ଶାରୀରିକ ଅସ୍ୱାସ୍ଥ୍ୟର କାରଣ । କିନ୍ତୁ କେବଳ ଅତ୍ୟଧିକ କଳ୍ପନା କାହିଁକି, ଅତ୍ୟଧିକ ଚିନ୍ତା ମଧ୍ୟ କାହିଁକି, ଶରୀର ମନର ଅବସାଦର କାରଣ ନ ହେବ ?—ଏ ପ୍ରଶ୍ନ ମନରେ ଉଠି ପାରେ । ସ୍ତ୍ରୀ ସଙ୍ଗରେ ମୈଥୁନ ଫଳରେ ଯେ ବୀର୍ଯ୍ୟ-ସ୍ଖଳନ, ସେ ସ୍ଖଳନ ଶରୀରର ସ୍ୱାଭାବିକ ପ୍ରକ୍ରିୟା । ଏହା ଶରୀର ମନର ଅସ୍ୱାସ୍ଥ୍ୟର, ଅବସାଦର କାରଣ ନୁହେ । କିନ୍ତୁ ଅସ୍ୱାଭାବିକ ମୈଥୁନ ଫଳରେ ଯେ ସ୍ଖଳନ ସମ୍ଭବ ହୁଏ, ତା ଅସ୍ୱାଭାବିକ ହୋଇଥିବାରୁ ତା' ଶରୀର ମନର ଅସ୍ୱାସ୍ଥ୍ୟର କାରଣ ହେବା ସ୍ୱାଭାବିକ । ଅତି କଳ୍ପନା ମନୁଷ୍ୟ ମନର ସ୍ୱଭାବ ନୁହେ, ଅସ୍ୱାଭାବିକ ମୈଥୁନ ପରି ଏହାର ବଳର ପ୍ରୟୋଗ କରି ହେବା ଫଳରେ ଏ ଶରୀର ମନର ଯେ ପୀଡ଼ନର କାରଣ ହେବ, ଏହା ଅନୁଭବ କଲେ ଅନ୍ତର ସହଜରେ ବୁଝି ହେବ ।

'ମାନସିକ ବିକାଶ ପଦାର୍ଥଟି କଣ ? ମନ ଚଞ୍ଚଳ । ସୁଚିନ୍ତା ଦ୍ୱାରା, ସୁବିଚାର ଦ୍ୱାରା ମନକୁ ଅଯୁକ୍ତ କରି ମନର ସମସ୍ତ ଦୁର୍ଗୁଣ, ଯଥା, ଭୟ, ଲୋଭ, କାମ, କ୍ରୋଧ, ଈର୍ଷା, ଦ୍ୱେଷାଦି ରିପୁସକଳକୁ

Digitized by srujanika@gmail.com

ବଶୀଭୂତ କରିବା । ଫଳତଃ ମନର ସୁଚିନ୍ତିତ, ସତ୍ ପରାମର୍ଶାନୁସାରେ କର୍ମ କରି ସୁଖୀ ହୋଇ ପାରିବା । କିନ୍ତୁ ଅଯଥା କଳ୍ପନା ଦ୍ୱାରା ଅର୍ଥାତ୍ ଅସ୍ତିତ୍ୱହୀନ ଭୂତପ୍ରେତାଦି ସମ୍ବନ୍ଧରେ ଅତି କଳ୍ପନା କରିବା ଫଳରେ ତ ମନୁଷ୍ୟ ମନରେ ସୁସଂସ୍କାର ଜାଗି ପାରେ ନା । ଅସ୍ତିତ୍ୱହୀନ ଭୂତପ୍ରେତାଦିର ଅଦ୍ଭୁତ ରୂପରଙ୍ଗ, ଜଘନ୍ୟ ଅଶୋଭନୀୟ ଦୁର୍ଗୁଣ ସମ୍ବନ୍ଧରେ ଅଯଥା କଳ୍ପନାବଶତଃ ବିଶ୍ୱାସ କରି ମନୁଷ୍ୟ ଭୟାକୁଳ ସିନା ହୁଏ—ସାହସୀ ତ ହୋଇ ପାରେ ନା । ଅଉ ଏ ଅଯଥା ଭୟାକୁଳତା କଣ ଅବିକଶିତ ମସ୍ତିଷ୍କର ଲକ୍ଷଣ ନୁହେ ?—ଅଉ ଏ ଭୟାକୁଳତା କଣ ଅତି କଳ୍ପନାର କାରଣ ନୁହେ ?

ପ୍ରକୃତି, ପରମାତ୍ମା, ଜୀବ ମଧ୍ୟରେ ଗୁଣ ବା ସ୍ୱଭାବର ଯେ ପାର୍ଥକ୍ୟ ରହିଛି, ସେ ପାର୍ଥକ୍ୟର କାରଣ ଈଶ୍ୱର ନୁହନ୍ତି—ଏ ତିନି ତତ୍ତ୍ୱହିଁ ଏ ତିନି ତତ୍ତ୍ୱର ଗୁଣର ବିଭିନ୍ନତାର କାରଣ । ତେଣୁ ପ୍ରକୃତି ତଥା ଜୀବାତ୍ମା ପରମାତ୍ମା ପରି ଅନାଦି । ଯଦି ଈଶ୍ୱର ଏ ଦୁଇ ତତ୍ତ୍ୱର କର୍ତ୍ତା ହୋଇଥାନ୍ତେ, ତେବେ ଈଶ୍ୱର ଏ ତତ୍ତ୍ୱ ଦ୍ୱୟର ଗୁଣର ବା ସ୍ୱଭାବର ପରିବର୍ତ୍ତନ ମଧ୍ୟ କରି ପାରନ୍ତେ । କିନ୍ତୁ ସୃଷ୍ଟିରେ ତା ସମ୍ଭବ ହୋଇ ପାରୁନାହିଁ । ପବନର କାମ ଶୁଖେଇବା, ସେ ଏ ଶୁଖେଇବା କାମ କରିବାକୁ ବାଧ୍ୟ । ଅଗ୍ନିର କାମ ପୋଡ଼ିବା । ଏ ପୋଡ଼ିବା କାମ ସେ କରିବାକୁ ବାଧ୍ୟ । ଶୁଖାଇବାର କାମ ଅଗ୍ନି ଦ୍ୱାରା ହେବ ନାହିଁ ବା ପୋଡ଼ିବା କାମ ପବନ ଦ୍ୱାରା ହେବ ନାହିଁ । ଈଶ୍ୱର ମଧ୍ୟ ଅଗ୍ନିଠାରୁ ଶୁଖାଇବା କାମ ଅଦାୟ କରି ନେଇ ପାରିବେ ନାହିଁ ବା ପବନ ଦ୍ୱାରା ପୋଡ଼ିବା କଥା କରେଇ ନେଇ ପାରିବେ ନାହିଁ ! ତେଣୁ ପ୍ରକୃତି ପରମାତ୍ମାଠାରୁ ସ୍ୱତନ୍ତ୍ର, କିନ୍ତୁ ପରମାତ୍ମାଙ୍କ କର୍ତ୍ତୃତ୍ୱାଧୀନ ।

Digitized by srujanika@gmail.com

ଅଳ୍ପଜ୍ଞତା ଆତ୍ମାର ସ୍ୱଭାବ । ତେଣୁ ଈଶ୍ୱରଙ୍କ ଭଳି ସେ ସର୍ବଜ୍ଞ ହୋଇ ପାରୁ ନାହିଁ । ଆଉ ଈଶ୍ୱର ଗୁହିଁଲେ ମଧ୍ୟ ସେ ଆତ୍ମାକୁ ସର୍ବଜ୍ଞ କରି ତୋଳି ପାରିବେ ନାହିଁ । ତେଣୁ, ଆତ୍ମା ମଧ୍ୟ ଈଶ୍ୱରଙ୍କଠାରୁ ସ୍ୱତନ୍ତ୍ର—ପ୍ରକୃତ ପରି ଏହାର ମଧ୍ୟ ସ୍ୱତନ୍ତ୍ର ଅସ୍ତିତ୍ୱ ରହିଛି ; ଆଉ ପ୍ରକୃତ ପରି ଏ ମଧ୍ୟ ଈଶ୍ୱରଙ୍କର କର୍ତ୍ତୃତ୍ୱାଧୀନ । ତେଣୁ ପ୍ରକୃତ ଆଉ ଜୀବାତ୍ମାର ଅର୍ଥାତ୍ ଜଡ଼ଜଗତ, ଆଉ ଚେତନ ଜଗତର ଭର୍ତ୍ତା ଈଶ୍ୱର ନୁହନ୍ତି—ଈଶ୍ୱର ଏମାନଙ୍କର କେବଳ ପ୍ରେରଣାଦାତା । ତେଣୁ ପ୍ରକୃତ ଆଉ ପରମାତ୍ମା ଈଶ୍ୱରଙ୍କର ଧର ଅନାଦ । ଯେଉଁ କେବଳ ଗୋଟାଏ ଗୁଣ ଏ ତିନୀଙ୍କ ମଧ୍ୟରେ ସମାନଭାବରେ ରହିଛି, ସେ ଗୁଣ କେବଳ 'ସତ୍' । ଅର୍ଥାତ୍ ଏ ତିନୀଙ୍କ ଅସ୍ତିତ୍ୱ ରହିଛି, ରହିଥିବ, ଆଉ ରହିଥିଲା । ପୁଣି ଯେ ଦୁଇଟି ଗୁଣ କେବଳ ଦୁଇଟି ତତ୍ତ୍ୱ ମଧ୍ୟରେ ଅର୍ଥାତ୍ ଜୀବାତ୍ମା ପରମାତ୍ମା ମଧ୍ୟରେ ରହିଛି, ତା' କେବଳ ଚିତ୍ ଅର୍ଥାତ୍ ଏ ଦୁହେଁ ଚେତନ ତତ୍ତ୍ୱ । ପ୍ରକୃତ ଆଉ ଜୀବାତ୍ମା, କିନ୍ତୁ, ଏ ଦୁଇ ଗୁଣ ମଧ୍ୟରେ ସୀମିତ । ପରମାତ୍ମା, କିନ୍ତୁ, ସୀମିତ ନୁହନ୍ତି । ସୃଷ୍ଟିର ଯେ ସର୍ବଶ୍ରେଷ୍ଠ ଉପଭୋଗ୍ୟର ବସ୍ତୁ ଆନନ୍ଦ, ସୃଷ୍ଟିର ଉତ୍ପତ୍ତି, ସ୍ଥିତ, ତଥା ନାଶର ଯେ ମୂଳ କାରଣ ଆନନ୍ଦ, ସେ ଆନନ୍ଦର ଆଧାର ଈଶ୍ୱର । ଏ ଆନନ୍ଦ ନା' ତ ପ୍ରକୃତର ଅଛି ନା' ଜୀବାତ୍ମାର । ତେଣୁ ଈଶ୍ୱର ପୂର୍ଣ୍ଣ ; ଆଉ ମନୁଷ୍ୟ ଅପୂର୍ଣ୍ଣ ବୋଲି ସେ ପୂର୍ଣ୍ଣ ହେବାକୁ ଅର୍ଥାତ୍ ଆନନ୍ଦ ପ୍ରାପ୍ତ କରିବାକୁ ଈଶ୍ୱର-ପ୍ରାପ୍ତିର କାମନା କରେ ; ଫଳତଃ ସାଧନା କରେ । ଏ ସାଧନା ଦୁଃସହ ବୋଲି ସଂସାରରେ ସମସ୍ତେ ଏ ସାଧନା ପଥରେ ପାଦ ଦଅନ୍ତି ନାହିଁ ।

ଆନନ୍ଦର ଅଭାବ ଜୀବାତ୍ମା ପକ୍ଷରେ ଅସହ୍ୟ । କାହିଁକିନା, ଜୀବାତ୍ମା ଗୋଟାଏ ଚେତନ-ଶକ୍ତି । ଜୀବାତ୍ମାର ଏ ଚେତନ-ଶକ୍ତିର

ଅର୍ଥ ଜୀବାତ୍ମାର କେବଳ ଚଳପ୍ରଚଳନ-ଶକ୍ତି ନୁହେଁ; ଜୀବାତ୍ମାର ବିବେଚନା କରିବାର ଶକ୍ତି ମଧ୍ୟ ତା'। ନିଜର ପ୍ରତିପତ୍ତି, ପ୍ରଭାବ, ମହତ୍ତ୍ୱ ସମ୍ବନ୍ଧରେ ଗୁଡ଼ାଏ ଉଦାହରଣ ଦେଇ ଅର୍ଜୁନଙ୍କୁ ବୁଝାଇବାକୁ ଯାଇ ଭଗବାନ୍ ଶ୍ରୀକୃଷ୍ଣ ଗୀତାରେ କହୁଛନ୍ତି- "ଭୂତାନାମସ୍ମି ଚେତନା"—"ଭୂତମାନଙ୍କ ମଧ୍ୟରେ (ପ୍ରାଣୀମାନଙ୍କ ମଧ୍ୟରେ) ମୁଁ ଚେତନା।" ଅର୍ଥାତ୍ ଇତର ପ୍ରାଣୀମାନଙ୍କ ମଧ୍ୟରେ ମୁଁ ମନୁଷ୍ୟ। ମନୁଷ୍ୟମାନଙ୍କ ମଧ୍ୟରେ ମୁଁ ଯେପରି ରାଜା, ପ୍ରାଣୀମାନଙ୍କ ମଧ୍ୟରେ ମୁଁ ସେପରି ମନୁଷ୍ୟ, ଏ କଥା କହିବା ଦ୍ୱାରା ସେ ଏହା କହିବାକୁ ଚାହୁଁଛନ୍ତି ଯେ ମନୁଷ୍ୟ ଅନ୍ୟାନ୍ୟ ପ୍ରାଣୀମାନଙ୍କ ପକ୍ଷରେ ଶ୍ରେଷ୍ଠ। ମନୁଷ୍ୟ ଶ୍ରେଷ୍ଠ ଏଥିପାଇଁ ଯେ, ଚେତନା ମନୁଷ୍ୟର ରହିଛି ତା' ଅନ୍ୟ ପ୍ରାଣୀମାନଙ୍କର ନାହିଁ। ଏ ଚେତନତା ଅର୍ଥ ଚିନ୍ତା କରିବା, ବିବେଚନା କରିବାର ଶକ୍ତି ବିଶେଷ। ଇତର ପ୍ରାଣୀମାନଙ୍କର ମଧ୍ୟ ଚେତନତା ଅଛି; ଏ ଚେତନତା କିନ୍ତୁ ଏମାନଙ୍କର ଚଳପ୍ରଚଳନ କରିବାର ଶକ୍ତି ମାତ୍ର ବା ସାଧାରଣ ଜ୍ଞାନ (ସ୍ୱାଭାବିକ ଜ୍ଞାନ) ମାତ୍ର। କିନ୍ତୁ ମନୁଷ୍ୟର ଚେତନତା, ମନୁଷ୍ୟର କେବଳ ଚଳ-ପ୍ରଚଳନ-ଶକ୍ତି ନୁହେଁ—ମନୁଷ୍ୟର ବିବେଚନା କରିବାର, ଚିନ୍ତା କରିବାର ଶକ୍ତି। ତେଣୁ ଚେତନତା କହିଲେ ମନୁଷ୍ୟର ଜ୍ଞାନ-ଶକ୍ତି, ବିବେଚନା-ଶକ୍ତି ମେଧା ବା ବୁଦ୍ଧିକୁ ବୁଝିବାକୁ ହେବ। ଆଉ ଏ ମେଧା ବା ବୁଦ୍ଧି ଅନ୍ୟ ପ୍ରାଣୀର ନାହିଁ ବୋଲି ମନୁଷ୍ୟ ଅନ୍ୟାନ୍ୟ ପ୍ରାଣୀ ଅପେକ୍ଷା ଶ୍ରେଷ୍ଠ।

ବିବେଚନା କରିବା ଅର୍ଥ ପାପପୁଣ୍ୟ, ନ୍ୟାୟଅନ୍ୟାୟ, ଶୁଭାଶୁଭ ସମ୍ବନ୍ଧରେ ସୂକ୍ଷ୍ମଭାବରେ ଚିନ୍ତା କରି ପାରିବା। ତେଣୁ ଉଚ୍ଚକୋଟୀର ଜୀବାତ୍ମା ପକ୍ଷରେ ଏ ଚିନ୍ତା ବା ବିବେଚନାର ଫଳସ୍ୱରୂପ ଆନନ୍ଦ ପ୍ରାପ୍ତ ହେବା ପାଇଁ ଯତ୍ନବାନ ହେବା ସ୍ୱାଭାବିକ। ଏ ଯତ୍ନ ବା ଚେଷ୍ଟାକୁ

Digitized by srujanika@gmail.com

ବା ଏ କ୍ରିୟାକୁ କୁହାଯାଏ ଯୌଗିକ କ୍ରିୟା ବା ଯୋଗ-ସାଧନା । ତେଣୁ ପରମାତ୍ମୋପଲବ୍ଧି ପାଇଁ ଯୋଗ-ସାଧନା ଏକମାତ୍ର ପ୍ରଶସ୍ତ ମାର୍ଗ । ସାଧାରଣ ସ୍ଥିତର ଜୀବାତ୍ମା ପକ୍ଷରେ ଆନନ୍ଦୋପଲବ୍ଧି ସମ୍ବନ୍ଧରେ ଯଥାର୍ଥ ବସ୍ତୁର କହିବାର ଶକ୍ତି ଅଳ୍ପ ଥିବା ହେତୁରୁ, ସେ ଆନନ୍ଦ ପାଇଁ ଚେଷ୍ଟିତ ନ ହୋଇ ସୁଖ ପାଇଁ ଯତ୍ନ କରେ । ତେଣୁ ସେ ଭୋଗର ଆଶ୍ରୟ ନେବାକୁ ବାଧ୍ୟ—ତ୍ୟାଗର ନୁହେ । ଭୋଗ ସୁଖର କାରଣ—ତ୍ୟାଗ ଯୋଗର କାରଣ । ଭୋଗ ପାଇଁ ଇନ୍ଦ୍ରିୟ ଆବଶ୍ୟକ ଯୋଗ ପାଇଁ ଇନ୍ଦ୍ରିୟ-ସଂଯମତା ଆବଶ୍ୟକ । ଯୋଗ ଅର୍ଥ ଆତ୍ମାର ପରମାତ୍ମା ସଙ୍ଗରେ ମିଳନ—ଭୋଗ ଅର୍ଥ ଆତ୍ମାର ଆନନ୍ଦରୁ ବିୟୋଗ । ତେଣୁ ସ୍ତ୍ରୀ-ସମ୍ଭୋଗର ପରେ ଅବସାଦ ଅନିବାର୍ଯ୍ୟ । ଯେ ସାଧକର ସାଧନା ସିଦ୍ଧି ପର୍ଯ୍ୟନ୍ତ ପହୁଞ୍ଚି ପାରେ, ସେ କେବଳ ଆନନ୍ଦୋପଲବ୍ଧି ବା ବ୍ରହ୍ମସାକ୍ଷାତ୍କାର ପ୍ରାପ୍ତ କରିପାରେ । ଯୋଗୀ ଯେ ଆନନ୍ଦୋପଲବ୍ଧି ପ୍ରାପ୍ତ କରେ, ତା ଇନ୍ଦ୍ରିୟବହିର୍ଭୂତ ହୋଇଥିବାରୁ ଅର୍ଥାତ୍ ସେ ଆନନ୍ଦ ପ୍ରାପ୍ତିର ସାଧନ ଇନ୍ଦ୍ରିୟ ହୋଇ ନ ଥିବାରୁ, ସେ ଆନନ୍ଦର ଆରମ୍ଭ, ମଧ୍ୟ ତଥା ଅନ୍ତ ମଧ୍ୟ ଆନନ୍ଦ । କିନ୍ତୁ ସାଧାରଣ ପ୍ରାଣୀ ଯେ ସାଂସାରିକ ଆନନ୍ଦ (ସୁଖ) ପ୍ରାପ୍ତ କରେ, ତା ସେ ସେହି ଇନ୍ଦ୍ରିୟଗଣର ମାଧ୍ୟମରେ ପ୍ରାପ୍ତ କରେ । ଫଳତଃ ଇନ୍ଦ୍ରିୟ ଯେତେବେଳେ ଶିଥିଳ ହୋଇପଡ଼େ, ସେତେବେଳେ ସେ ଏ ଭୋଗର ପରକ୍ଷଣର ଅବସାଦ, ଅବସନ୍ନତା, ବିଷାଦ ଅନୁଭବ କରେ । ତେଣୁ ଏ ଆନନ୍ଦ ଆନନ୍ଦ ନୁହେ—ଏହା ସୁଖ । ଅତ ଏ ଆନନ୍ଦ କେବଳ ଈଶ୍ୱରଙ୍କଠାରେ ନିହିତ ବୋଲି ଈଶ୍ୱରଙ୍କୁ ସଚ୍ଚିଦାନନ୍ଦ (ସତ୍ ଚିତ୍ ଆନନ୍ଦ) କୁହାଯାଏ—ଈଶ୍ୱରଙ୍କୁ 'ସତ୍‌ଚିତ୍‌ସୁଖ' ତ କୁହାଯାଏ ନାହିଁ । ସୁଖ କ୍ଷଣସ୍ଥାୟୀ—ଆନନ୍ଦ ଚିରସ୍ଥାୟୀ, ତେଣୁ ଆନନ୍ଦକୁ କୁହାଯାଏ ପରମାନନ୍ଦ । ଏହାହିଁ

Digitized by srujanika@gmail.com

କାରଣ ଯେ ଈଶ୍ୱରଙ୍କର ଅନ୍ୟନାମ 'ପରମାନନ୍ଦ'। ଆଉ ଈଶ୍ୱରଙ୍କ ଏ ରୂପ ନାମକରଣହିଁ ପ୍ରମାଣ ଯେ ଏ 'ଆନନ୍ଦ' କେବଳ ଈଶ୍ୱରଙ୍କଠାରେହିଁ ନିହିତ।

ତଥାପି ଏ ଆନନ୍ଦର ଉପଭୋଗ ସ୍ଥାୟୀଭାବରେ ଆତ୍ମା କରିପାରେ ନା—ଏହା ସ୍ଥାୟୀଭାବରେ ଆତ୍ମାଠାରେ ରହି ପାରେ ନା। କାରଣ ଆତ୍ମାର ଏହା ଗୁଣ ନୁହେ—ଏହା ପରମାତ୍ମାର ଗୁଣ। ଉଷ୍ଣତା ଜଳର ଗୁଣ ନୁହେଁ ବୋଲି ଜଳକୁ ଉତ୍ତପ୍ତ କଲେ ସେ ପୁଣି ଶୀତଳତା ପ୍ରାପ୍ତ କରେ। କିନ୍ତୁ ଅଗ୍ନିର ଗୁଣ ଉତ୍ତପ୍ତତା ବୋଲି ଜଳଦ୍ୱାରା ତାକୁ ଶୀତଳ କଲେ ମଧ୍ୟ ସୁଯୋଗସୁବିଧା ପାଇଲେ ସେ ପୁଣି ଉତ୍ତପ୍ତ ହୋଇ ଉଠେ। ଅଙ୍ଗାରକୁ ଜଳଦ୍ୱାରା ଶୀତଳ କରିବାର ଅର୍ଥ ଏହା ନୁହେଁ ଯେ ଅଗ୍ନି ଶୀତଳତା ପ୍ରାପ୍ତ ହେଲା, କିନ୍ତୁ ଜ୍ୱଳନ୍ତ ଅଙ୍ଗାର ଶୀତଳତା ପ୍ରାପ୍ତ କଲା ଜଳ ଅଗ୍ନି ଆଉ କାଷ୍ଠ ମଧ୍ୟରେ ବ୍ୟବଧାନ ସୃଷ୍ଟି ହେବାରୁ। ଅଗ୍ନି ଚାଲିଗଲା ତା'ର ସେଇ ଉତ୍ତପ୍ତତା-ଗୁଣ ନେଇ। ତେଣୁ ଅଗ୍ନିକୁ ଜଳ ଶୀତଳ କରି ପାରିଲା ନାହିଁ।······ସାଧନାକାଳ ପର୍ଯ୍ୟନ୍ତ ଅର୍ଥାତ୍ କେବଳ ମୋକ୍ଷ କାଳ ପର୍ଯ୍ୟନ୍ତ ଆତ୍ମା ଏ ଆନନ୍ଦ ଉପଲବ୍ଧି କରେ। ମୋକ୍ଷ ଲାଭ କରିବା ଅର୍ଥ ଦୁଃଖରୁ ନିବୃତ୍ତ ହେବା। ଦୁଃଖରୁ ନିବୃତ୍ତ ହେବା ଅର୍ଥ ଇନ୍ଦ୍ରିୟଗଣର ବନ୍ଧନରୁ ମୁକ୍ତ ହେବା। ଇନ୍ଦ୍ରିୟଗଣର ବନ୍ଧନରୁ ମୁକ୍ତ ହେବା ଅର୍ଥ ଲିଙ୍ଗ ଶରୀର ବା ସୂକ୍ଷ୍ମ ଶରୀର ଧାରଣ କରିବା। ଏ ଲିଙ୍ଗ ଶରୀର ଧାରଣ କରିବା ଅବସ୍ଥାରେହିଁ କେବଳ ଆତ୍ମା ପରମାନନ୍ଦ ଲାଭ କରିପାରେ। ପୁଣି ଜୀବାତ୍ମା ଯେତେବେଳେ ଏ ମୁକ୍ତାବସ୍ଥାରୁ ନିବୃତ୍ତ ହୁଏ ଅର୍ଥାତ୍ ଲିଙ୍ଗ ଶରୀର ତ୍ୟାଗ କରି ସ୍ଥୂଳ ଶରୀର ଅର୍ଥାତ୍ ଇନ୍ଦ୍ରିୟଜଡ଼ିତ ଶରୀର ଧାରଣ କରେ,

Digitized by srujanika@gmail.com

ସେତେବେଳେ ସେ ଏ ଆନନ୍ଦକୁ ମଧ୍ୟ ତ୍ୟାଗ କରିବାକୁ ବାଧ୍ୟ ହୁଏ । କାରଣ ଜୀବାତ୍ମା ଏ ପରିବର୍ତ୍ତନ ମଧ୍ୟରେ ଗତି କରିବାକୁ ବାଧ୍ୟ । ଯେହେତୁ ସେ ପରମାତ୍ମା ପରି ଅବ୍ୟୟ ନୁହେଁ—ନିର୍ବିକାର ନୁହେଁ । ଜନ୍ମ, ଅସ୍ତିତ୍ୱ, ବୃଦ୍ଧି, ପରିଣତି, ଅପକ୍ଷୟ, ବିନାଶ, ଏ ଷଡ଼ ବିକାରରୁ ଜୀବାତ୍ମା ମୁକ୍ତ ନୁହେ ବୋଲି ସେ ନିର୍ଲିପ୍ତ ମଧ୍ୟ ନୁହେ ।

ଯାର ଯେ ପଦାର୍ଥର ଅଭାବ, ସେ ସେଇ ପଦାର୍ଥ ପାଇଁ ଯେ ଚେଷ୍ଟିତ ହେବ, ଏହା ସ୍ୱାଭାବିକ କଥା । କିନ୍ତୁ ଆନନ୍ଦ ପ୍ରାପ୍ତ କରିବା ପାଇଁ ସେ ସାଧନା ଆବଶ୍ୟକ; ସେ ସାଧନା କଠିନ ସାଧନା । କିନ୍ତୁ ମନୁଷ୍ୟ ତ କେବଳ ଆଧ୍ୟାତ୍ମିକ ପୁରୁଷ ନୁହେଁ, ସେ ସାମାଜିକ ପ୍ରାଣୀ ମଧ୍ୟ । ତେଣୁ ସେ ସୁଖ ପାଇଁ (ଆନନ୍ଦ ପାଇଁ ନୁହେଁ) ସାଧନା କରିବାକୁ ବାଧ୍ୟ ହୁଏ । କାରଣ, ସୁଖ ବିନା ସଂସାର-ବାସ ଆତ୍ମା ପକ୍ଷରେ ସହଜସ୍ୱାଭାବିକ ହୋଇ ପାରେ ନା । ଏଥିପାଇଁ ସେ ଜାଗତିକ ସକଳ କର୍ମକ୍ଷେତ୍ରରେ ପ୍ରବୃତ୍ତ ହୁଏ । ମନୁଷ୍ୟ ସୁଖ ଗୃହେଁ ବୋଲି ସେ ସାଂସାରିକ ଯାବତୀୟ କର୍ମରେ ଲିପ୍ତ ରହେ—ମନୁଷ୍ୟର କର୍ମ କରିବାର ଅନ୍ୟ କୌଣସି ଧ୍ୟେୟ ନାହିଁ । କିନ୍ତୁ ଜାଗତିକ ସକଳ ବସ୍ତୁ ସଙ୍ଗରେ ବା କ୍ରିୟା ସଙ୍ଗରେ ଇନ୍ଦ୍ରିୟଗଣର ସମ୍ବନ୍ଧ ଥିବା କାରଣରୁ ସୁଖ ପାଇଁ ଆତ୍ମାର ସାଧନା ମଧ୍ୟ ଇନ୍ଦ୍ରିୟଗଣଙ୍କର ମାଧ୍ୟମରେ ସାଧିତ ହୁଏ । ତେଣୁ ଇନ୍ଦ୍ରିୟଗଣ ଶିଥିଳ ହେବା ହେତୁରୁ ସେ ସୁଖ ମଧ୍ୟ ଶିଥିଳ ହୋଇପଡ଼େ । ତେଣୁ ସୁଖ ସ୍ଥାୟୀ ପଦାର୍ଥ ନୁହେଁ — ଆନନ୍ଦ ସ୍ଥାୟୀ ପଦାର୍ଥ ।

ସୁଖ ଆଉ ଆନନ୍ଦ ଅର୍ଥାତ୍ ଆତ୍ମା ଆଉ ପରମାତ୍ମା ମଧ୍ୟରେ ଏଇଠାରେହିଁ ପାର୍ଥକ୍ୟ ରହୁଛି । 'ନ୍ୟାୟଦର୍ଶନ' ଏ ପାର୍ଥକ୍ୟକୁ

Digitized by srujanika@gmail.com

ଅନୁଭବ ସୃଷ୍ଟି କରି ଦେଇଛନ୍ତି । ଆତ୍ମାର ଗୁଣ ସମ୍ବନ୍ଧରେ କହିବାକୁ ଯାଇ ନ୍ୟାୟଦର୍ଶନ କହନ୍ତି—

"ଇଚ୍ଛାଦ୍ୱେଷପ୍ରଯତ୍ନସୁଖଦୁଃଖ ଜ୍ଞାନାନ୍ୟାତ୍ମନୋଲିଙ୍ଗମିତି ।"

ଆତ୍ମାର ଆନନ୍ଦ ଅଭାବ ଥିବା ହେତୁରୁ ସେ ଆନନ୍ଦ ପାଇବାକୁ ଇଚ୍ଛା କରେ, ଆନନ୍ଦ ସେ ନ ପାଇ ଅନ୍ୟ କେହି ପାଇଲେ ଦ୍ୱେଷ କରେ, ଆନନ୍ଦ ପାଇବା ପାଇଁ ପ୍ରଯତ୍ନ କରେ, ଆନନ୍ଦ ପାଇଲେ ସୁଖୀ ହୁଏ, ଆନନ୍ଦ ନ ପାଇଲେ ଦୁଃଖୀ ହୁଏ, ଆନନ୍ଦ ପାଇବା ପାଇଁ ଜ୍ଞାନାର୍ଜନ କରେ । ତେଣୁ ଆତ୍ମା ଓ ପରମାତ୍ମା ମଧ୍ୟରେ ପାର୍ଥକ୍ୟର ଯେ ମୂଳ କାରଣ, ତା କେବଳ ଏଇ ଆନନ୍ଦ । ଓ କେବଳ ଏ ଆନନ୍ଦ ପାଇଁହିଁ ଆତ୍ମା ଓ ପରମାତ୍ମା ମଧ୍ୟରେ ଅନ୍ୟାନ୍ୟ ପାର୍ଥକ୍ୟ ଥିବାର ମନେ ହୁଏ । ଉଦାହରଣତଃ, ପରମାତ୍ମା ନିର୍ଲିପ୍ତ, କାରଣ ପରମାତ୍ମା ନିଜେ ଆନନ୍ଦମୟ ହୋଇଥିବାରୁ ଆନନ୍ଦ ପ୍ରାପ୍ତ କରିବା ପାଇଁ ସାଂସାରିକ କୌଣସି କାର୍ଯ୍ୟରେ ଲିପ୍ତ ହେବା ତା' ପକ୍ଷରେ ଅନାବଶ୍ୟକ । କିନ୍ତୁ ଆତ୍ମାର ଆନନ୍ଦ ନ ଥିବା ହେତୁରୁ ସେ ଏ ଆନନ୍ଦ-ପ୍ରାପ୍ତି ପାଇଁ ନାନା କର୍ମରେ, ସେ କର୍ମଜାଗତିକ ହେଉ ବା ଆଧ୍ୟାତ୍ମିକ, ଲିପ୍ତ ହେବାକୁ ବାଧ୍ୟ । ଅର୍ଥାତ୍ ମନୁଷ୍ୟ କର୍ମ କରେ ସୁଖ ପାଇଁ, ଧର୍ମ କରେ ସୁଖ ପାଇଁ । ମନୁଷ୍ୟର ସାଂସାରିକ କର୍ମହିଁ ତ କର୍ମ, ଓ ତାର ଆଧ୍ୟାତ୍ମିକ କର୍ମହିଁ ଧର୍ମ । ବ୍ରହ୍ମ ଅବ୍ୟୟ ଅର୍ଥାତ୍ ବ୍ରହ୍ମର ବ୍ୟତିକ୍ରମ ବା ପରିବର୍ତ୍ତନ ନାହିଁ । କିନ୍ତୁ ଆତ୍ମା ଅବ୍ୟୟ ନୁହେଁ—ପରିବର୍ତ୍ତନର ମଧ୍ୟ ଦେଇ ଯିବାକୁ ସେ ବାଧ୍ୟ । ଆତ୍ମା ଏଇ ପରିବର୍ତ୍ତନ ଦେଇ ଗତି କରିବା ଅର୍ଥ ଆତ୍ମ ଆନନ୍ଦ ପ୍ରାପ୍ତ କରିବା ପାଇଁ ସାଧନା କରିବା । ଏ ସାଧାନାରେ ସିଦ୍ଧି ଗୋଟାଏ ଜନ୍ମରେ ପ୍ରାପ୍ତ ନ ହେଲେ ସୁଦ୍ଧା

Digitized by srujanika@gmail.com

ଜନ୍ମଜନ୍ମାନ୍ତରରେ ଏଥିପାଇଁ ସାଧନା କରିବାକୁ ହୁଏ ମନୁଷ୍ୟ ପକ୍ଷରେ ବୋଲି ଆତ୍ମାକୁ ନାନା ପରିବର୍ତ୍ତନ ମଧ୍ୟ ଦେଇ ଜନ୍ମାନ୍ତର ଗ୍ରହଣ କରିବାକୁ ହୁଏ । ଆନନ୍ଦ ପ୍ରାପ୍ତି ପାଇଁ ସାଧନା ସିଦ୍ଧ ହେଲେ ଆତ୍ମା ଆନନ୍ଦ ପାଏ, ଅସିଦ୍ଧ ହେଲେ ଦୁଃଖ ପାଏ। ଏ ସୁଖଦୁଃଖହିଁ ତ ଆତ୍ମାର ବନ୍ଧମୋକ୍ଷର କାରଣ । କିନ୍ତୁ ପରମାତ୍ମା ତ ବଦ୍ଧ ହୁଏ ନା । ତେଣୁ ତାର ମୁକ୍ତ ହେବାର ପ୍ରଶ୍ନ ଉଠୁନାହିଁ ।

ତଥାପି, ବ୍ରହ୍ମ ପ୍ରକୃତିଠାରୁ ଯେତେ ଦୂର, ଆତ୍ମାଠାରୁ ସେ ସେତେ ଦୂର ନୁହନ୍ତି । ଆନନ୍ଦ ଆତ୍ମାର ଗୁଣ ନ ହେଲେ ମଧ୍ୟ ସାଧନା ବଳରେ ଆତ୍ମା ଏ ଗୁଣକୁ ଧାରଣ କରିପାରେ । ବ୍ରହ୍ମ ଯେପରି ସଚ୍ଚିଦାନନ୍ଦ, ଆତ୍ମା ମଧ୍ୟ ସେହିପରି, ଅଳ୍ପକାଳ ପାଇଁ ହେଲେ ମଧ୍ୟ, ସଚ୍ଚିଦାନନ୍ଦ ହୋଇପାରେ । ତେଣୁ ଆତ୍ମା ବ୍ରହ୍ମର ଅତି ନିକଟବର୍ତ୍ତୀ—ବ୍ରହ୍ମର ଦୁଇଟା ଗୁଣ ସଙ୍ଗରେ ଆତ୍ମା ସମାନ—ବ୍ରହ୍ମର କେବଳ ଆନନ୍ଦ-ଗୁଣରୁ ଆତ୍ମା ବିରହିତ ବୋଲି ଆତ୍ମା ବ୍ରହ୍ମ ହୋଇ ପାରିନାହିଁ । କିନ୍ତୁ ପ୍ରକୃତି ପରମ ଆତ୍ମା ଠାରୁ ଅନେକ ଦୂର ବୋଲି ପ୍ରକୃତିଠାରେ, ପରମ ଆତ୍ମାର କେବଳ ଗୋଟାଏ ଗୁଣନିହିତ; ସେ ହେଉଛି କେବଳ ସତ୍ ଅର୍ଥାତ୍ 'ଅସ୍ତିତ୍ୱ' ।······ବ୍ରହ୍ମର ଆଉ ଆତ୍ମାର ଏ ନିକଟ ସମ୍ପର୍କ ପାଇଁ ଅଦ୍ୱୈତବାଦୀମାନେ କହନ୍ତି, "ସଂସାର ବ୍ରହ୍ମମୟ—ବ୍ରହ୍ମ ବ୍ୟତିରେକେ ସଂସାରରେ ଅନ୍ୟ କିଛି ନାହିଁ । ଅର୍ଥାତ୍ ଏ ସଂସାରରେ କେବଳ ବ୍ରହ୍ମହିଁ ରହିଛନ୍ତି, ବାକୀ ଯା' କିଛି ଅଛି, ସେ ସମସ୍ତ ବ୍ରହ୍ମର ବିକାର ମାତ୍ର,—ବ୍ରହ୍ମର ଅନ୍ୟ ରୂପ ମାତ୍ର— ଯା' ଅସ୍ଥାୟୀ ହୋଇ ଥିବାରୁ ମିଥ୍ୟା ବା ମାୟା ।" ଏଥିପାଇଁ ସେମାନେ ନିଜକୁ ମଧ୍ୟ ବ୍ରହ୍ମ କହିବାରେ କୁଣ୍ଠାବୋଧ କରନ୍ତି ନାହିଁ । ଆତ୍ମା ଯେ ବ୍ରହ୍ମ, ଏ କଥା କହିବାକୁ ଯାଇ ସେମାନେ

Digitized by srujanika@gmail.com

କହନ୍ତି, ଅହଂ ବ୍ରହ୍ମାସ୍ମି । ଆତ୍ମା ଓ ବ୍ରହ୍ମ ମଧ୍ୟରେ ଏହି ସାମଞ୍ଜସ୍ୟକୁ ଲକ୍ଷ୍ୟ କରି ଉପନିଷଦ ମଧ୍ୟ କହନ୍ତି—"ଆତ୍ମାଠାରୁ ବିଚ୍ଛିନ୍ନଭାବରେ ଯେ ବ୍ରହ୍ମକୁ ଦେଖେ, ବ୍ରହ୍ମ ତାକୁ ତ୍ୟାଗ କରେ ।" ଅର୍ଥାତ୍ ଯେ ଆତ୍ମା ବ୍ରହ୍ମ ପରି ଶକ୍ତିଶାଳୀ, ସେ ଯଦି ତାର ଏ ଶକ୍ତିସାମର୍ଥ୍ୟ ସମ୍ବନ୍ଧରେ ଅନଭିଜ୍ଞ ରହେ, ସେ ତ ବ୍ରହ୍ମକୁ ପ୍ରାପ୍ତ ହେବାପାଇଁ ସାଧନା କରିବାକୁ ଚେଷ୍ଟା କରି ପାରେନା । ଓ ଚେଷ୍ଟା ନ କରିବା ଫଳରେ ବ୍ରହ୍ମକୁ ପ୍ରାପ୍ତ ହୋଇ ପାରେନା । ତେଣୁ ଉପନିଷଦ କହନ୍ତି, "ଏ ସାଧନାରହିତ ଆତ୍ମାକୁ ବ୍ରହ୍ମ ତ୍ୟାଗ କରେ ।"

ଆତ୍ମା ସାଧନା ବଳରେ ଏତେ ଶକ୍ତିଶାଳୀ, ଏତେ ମହାନ୍ ହୋଇ ପାରେ ଯେ ସେ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ରୂପ ଧାରଣ କରିପାରେ, ଭଗବାନ ଶ୍ରୀକୃଷ୍ଣଙ୍କ ବିଗ୍ରହ ଗ୍ରହଣ କରିପାରେ । ଆତ୍ମା ତଥା ପରମାତ୍ମା ମଧ୍ୟରେ ପୃଥକତା ଏଠାରେ ଏତେ କ୍ଷୀଣ ପ୍ରତୀୟମାନ ହୁଏ ଯେ ମନୁଷ୍ୟ ଏ ଆତ୍ମା ଦ୍ୱୟଙ୍କୁ 'ବ୍ରହ୍ମ' ସ୍ୱୀକାର କରିବାକୁ ମଧ୍ୟ କୁଣ୍ଠିତ ହୁଏ ନା । ଏହାହିଁ କାରଣ ଯେ ଭାରତବର୍ଷ ଏ ଦୁଇ ମହାନ୍ ଆତ୍ମାକୁ ପରମ ଆତ୍ମା ବୋଲି ବିଶ୍ୱାସ କରି ପୂଜା କରି ଆସିଛି । କିନ୍ତୁ ଏ ଆତ୍ମା ସାଧନା ବିରହିତ ହୋଇ ଯଦି ନିମ୍ନକୁ ଗତିକରେ, ସେ ରାମ ନ ହୋଇ ହୁଏ ରାବଣ, କୃଷ୍ଣ ନ ହୋଇ, ହୁଏ କଂସ । ଆତ୍ମା ଏଥିରୁ ଯଦି ଅଧିକ ନିକୃଷ୍ଟ କର୍ମ କରେ, ସେ ଅଧିକ ନିମ୍ନକୁ ଚାଲି କରି ତିର୍ଯ୍ୟକ୍‌ଯୋନି ପ୍ରାପ୍ତ ହୁଏ ।

'ଆତ୍ମାଠାରୁ ଯେ ବିଚ୍ଛିନ୍ନଭାବରେ କ୍ଷତ୍ରିୟତ୍ୱକୁ ଦେଖେ, କ୍ଷତ୍ରିୟତ୍ୱ ତାକୁ ତ୍ୟାଗ କରେ ।' ଏ କ୍ଷତ୍ରିୟତ୍ୱ କାହାର ଗୁଣ ? କ୍ଷତ୍ରିୟର ଗୁଣ । ଏ କ୍ଷତ୍ରିୟ କିଏ ? 'କ୍ଷତାତ୍ ତ୍ରାୟତେ ଇତି କ୍ଷତ୍ରିୟଃ,' କ୍ଷତ ଅର୍ଥାତ୍ 'ଦୁଃଖରୁ, ବିପଦରୁ ଯେ ପର ବା ଆପଣାକୁ ରକ୍ଷା

କରିବାକୁ ସମର୍ଥ, ସେ ଋଷିତ୍ୱ । ନିଜକୁ ବା ପରକୁ ବିପଦରୁ, ଦୁଃଖରୁ ଅତ୍ୟାଚାରୀର କବଳରୁ ରକ୍ଷା କରିବାକୁ ହେଲେ ଶାରୀରିକ ତଥା ମାନସିକ ଶକ୍ତିର ପ୍ରାଚୁର୍ଯ୍ୟ ଯେ ଆବଶ୍ୟକ, ଏଥିରେ ସନ୍ଦେହ ନାହିଁ । ଶାରୀରିକ ଶକ୍ତିର ଅଭାବରେ ଅତ୍ୟାଚାରୀର ବିରୁଦ୍ଧରେ ଅସ୍ତ୍ର ଉତ୍ତୋଳନ କରିବା, ପୁଣି ଜୟଯୁକ୍ତ ହେବା ତ ସମ୍ଭବ ନୁହେଁ । ପୁଣି ଶାରୀରିକ ଶକ୍ତି ଥିବା ସତ୍ତ୍ୱେ ମଧ୍ୟ ମୃତ୍ୟୁଭୟ ହେତୁରୁ ବା ଅଯଥା ଦୁଃଖ କ୍ଳେଶ ଭୟରୁ ଅର୍ଥାତ୍ ମାନସିକ ଦୁର୍ବଳତା ହେତୁରୁ ମନୁଷ୍ୟ ଅତ୍ୟାଚାରୀର ବିରୁଦ୍ଧରେ ଅସ୍ତ୍ର ଧାରଣ ନ କରି ପାରେ ମଧ୍ୟ । ତେଣୁ ଅତ୍ୟାଚାରୀ ବିରୁଦ୍ଧରେ ଲଢ଼ିବାକୁ ହେଲେ ଶାରୀରିକ ତଥା ମାନସିକ, ଏ ଉଭୟବିଧ ଶକ୍ତି ଆବଶ୍ୟକ । ଶକ୍ତି କେବଳ ଶାରୀରିକ ଶକ୍ତିକୁ ନେଇ ପୂର୍ଣ୍ଣ ନୁହେଁ—ଶକ୍ତି ମାନସିକ ଶକ୍ତିକୁ ନେଇ ପୂର୍ଣ୍ଣ । ଆଉ ଏ ଉଭୟବିଧ ଶକ୍ତିର ସମନ୍ୱୟହିଁ ଋଷିତ୍ୱ । ସମସ୍ତ ପ୍ରକାର ମାନସିକ, ଶାରୀରିକ, ଆତ୍ମିକ, ଆଧ୍ୟାତ୍ମିକ ଶକ୍ତିରେ ଯେ ଶକ୍ତିଶାଳୀ, ସେ ଯଥାର୍ଥ ଋଷି । ଏମାନେ ଯେ କେବଳ ଋଷି ମାତ୍ର, ତା ନୁହେଁ—ଏମାନେହିଁ ମହାତ୍ମା, ମହାପୁରୁଷ—ପରମାତ୍ମା ପରି ଏମାନେ ମଧ୍ୟ ପୂଜାର୍ହ । ଏହାହିଁ କାରଣ ଯେ ଭାରତବର୍ଷ ଭଗବାନ ରାମ ତଥା କୃଷ୍ଣଙ୍କ ପରି ଋଷିଦ୍ୱୟଙ୍କୁ ବ୍ରହ୍ମ ଭାବରେ ଉପାସନା କରି ଆସିଛି ।

ତେଣୁ ବୁଝିବାକୁ ହେବ, ଆତ୍ମା ଅନେକାଦ୍ ତଥା ଅଶେଷ ପୁଣି ସର୍ବୋତ୍କୃଷ୍ଟ ଶକ୍ତିର ଭଣ୍ଡାର । ଯେ ଆତ୍ମା ରାମକୃଷ୍ଣ ପରି ଶକ୍ତିଶାଳୀ ହୋଇପାରେ, ସେ ଆତ୍ମାକୁ ଅଶେଷ ଶକ୍ତିର ଭଣ୍ଡାର କହିବାରେ ଅଯୌକ୍ତିକତା ତ କିଛି ନାହିଁ । ଆତ୍ମା ଶକ୍ତିଶାଳୀ ନ ଥିଲେ ମଧ୍ୟ ତାକୁ ସାଧନା ବଳରେ ଶକ୍ତିଶାଳୀ କରାଯାଇ ପାରେ, ଏ କଥା ଉପନିଷଦ ବିଶ୍ୱାସ କରନ୍ତି ବୋଲି ସେ

Digitized by srujanika@gmail.com

କହନ୍ତି, 'ନାୟମାତ୍ମା ବଳହୀନେନ ଲଭ୍ୟଃ ।' ଅର୍ଥାତ୍ ବଳହୀନ ଜୀବାତ୍ମା ବଳବାନ ପରମ ଆତ୍ମାକୁ ପ୍ରାପ୍ତ କରି ପାରେନା । କିନ୍ତୁ ମନରେ ପ୍ରଶ୍ନ ଉଠେ, ପରମାତ୍ମା ପରି ଇନ୍ଦ୍ରିୟବହିର୍ଭୂତ-ତତ୍ତ୍ୱକୁ ଉପଲବ୍ଧି କରିବାକୁ କଣ ବାସ୍ତବରେ ବଳ ଆବଶ୍ୟକ ? ବଳ ତ ଇନ୍ଦ୍ରିୟସମ୍ପର୍କିତ ବସ୍ତୁ—ଇନ୍ଦ୍ରିୟ ବିନା ତ ବଳ ବା ଶକ୍ତିର ସତ୍ତା ନାହିଁ !—ଯେ ଯୌଗିକ ସାଧନା ଈଶ୍ୱର ପ୍ରାପ୍ତିର ସାଧନ, ସେ ସାଧନା ପାଇଁ କଣ ବାସ୍ତବରେ ବଳ ଆବଶ୍ୟକ ? ନୁହେଁ । ଯୌଗିକ ସାଧନା ପାଇଁ ବଳର ପ୍ରାଧାନ୍ୟ ନିଷ୍ପ୍ରୟୋଜନ—ଶାରୀରିକ ମାନସିକ ସୁସ୍ଥତାହିଁ ଏ ସାଧନା ପାଇଁ ଯଥେଷ୍ଟ । କିନ୍ତୁ 'ବଳ ଇନ୍ଦ୍ରିୟ-ସୁସ୍ଥତା ଉପରେ ନିର୍ଭର କରେ । ତେଣୁ ଈଶ୍ୱର-ପ୍ରାପ୍ତି ପାଇଁ ବଳ ଆବଶ୍ୟକ ଅର୍ଥ ଇନ୍ଦ୍ରିୟ-ସୁସ୍ଥତା ଆବଶ୍ୟକ । ଇନ୍ଦ୍ରିୟ ସୁସ୍ଥ ନ ରହିଲେ ମନ ସୁସ୍ଥ ରହିବ ନାହିଁ । ମନ ସୁସ୍ଥ ନ ରହିଲେ ସାଧନାରେ ବ୍ୟତିକ୍ରମ ଘଟିବ । ସାଧନାରେ ବାଧା ପଡ଼ିଲେ ବ୍ରହ୍ମସାକ୍ଷାତ୍କାର ବା ଆନନ୍ଦୋପଲବ୍ଧି ସମ୍ଭବ ହେବ ନାହିଁ ।ତେଣୁ ଆନନ୍ଦୋପଲବ୍ଧି ପାଇଁ ବଳ ଆବଶ୍ୟକ—ଇନ୍ଦ୍ରିୟ-ସୁସ୍ଥତା ଆବଶ୍ୟକ ।

ଇନ୍ଦ୍ରିୟ-ବଳିଷ୍ଠତା ମଧ୍ୟ ଈଶ୍ୱର-ପ୍ରାପ୍ତି ପାଇଁ ଆବଶ୍ୟକ ଅଙ୍ଗ ଏ. ଇନ୍ଦ୍ରିୟଗଣର ଚାଳକ ଆତ୍ମା ହୋଇଥିବାରୁ ଆତ୍ମା ଅଶେଷ ଶକ୍ତି-ସାମର୍ଥ୍ୟର ଆଧାର । ଏ ଆତ୍ମା ସମ୍ବନ୍ଧରେ ଅଜ୍ଞାନତାର କାରଣରୁ, ତାକୁ ଯଦି ତୁଚ୍ଛ, ନଗଣ୍ୟ ମନେ କରାଯାଏ, ତେବେ ଆମ ମନର ଏ ଦୁର୍ବଳ ସଂସ୍କାର ଆମର ପତନର କାରଣ ସିଦ୍ଧ ହେବ । କାରଣ ଆତ୍ମା ସମ୍ବନ୍ଧରେ ଆମର ମନର ଏ କୁସଂସ୍କାରବଶତଃ ଆମେ ଆତ୍ମୋନ୍ନତି ପାଇଁ ଚେଷ୍ଟିତ ହୋଇ ପାରିବା ନାହିଁ—ମନହିଁ ତ କର୍ମପ୍ରେରଣା ଦିଏ । ଫଳତଃ ବ୍ରହ୍ମସାକ୍ଷାତ୍କାର ହୋଇ ପାରିବ

Digitized by srujanika@gmail.com

ନାହିଁ । ତେଣୁ ଋଷି କହୁଛନ୍ତି, ଅତ୍ମାଠାରୁ ବିଚ୍ଛିନ୍ନଭାବରେ ଯେ କ୍ଷତ୍ରିୟଙ୍କୁ ଦେଖେ, କ୍ଷତ୍ରିୟଜ୍ଞ ତାକୁ ତ୍ୟାଗ କରେ । ଅର୍ଥାତ୍ ଅତ୍ମା ଶକ୍ତିଶାଳୀ, ଏ କଥାଟା ଯଦି ମନୁଷ୍ୟ ହୃଦୟଙ୍ଗମ କରି ନ ପାରେ, ତେବେ ମନର ଏ ଦୁର୍ବଳତାର କାରଣରୁ ଅତ୍ମା ମଧ୍ୟ ଦୁର୍ବଳ ହୋଇ ପଡ଼ିବ ।

'ଅତ୍ମାଠାରୁ ବିଚ୍ଛିନ୍ନଭାବରେ, ଯେ ଲୋକ ଜ୍ଞାନକୁ ଦେଖେ, ଲୋକଜ୍ଞାନ ତାକୁ ତ୍ୟାଗ କରେ । ଲୋକଜ୍ଞାନ ଅର୍ଥ ଲୌକିକ ଜ୍ଞାନ ବା ଲୋକ ସମ୍ବନ୍ଧୀୟ ଜ୍ଞାନ । ଲୋକଜ୍ଞାନ ଅର୍ଥ ସାଧାରଣ ସାଂସାରିକ ଜ୍ଞାନ—ପାରଲୌକିକ ବା ଅଧ୍ୟାତ୍ମିକ ଜ୍ଞାନ ନୁହେ । ଲୋକ ଅର୍ଥ ଦେଶ, ଲୋକ ଅର୍ଥ ମନୁଷ୍ୟ ମଧ୍ୟ । ଅତଏବ ଲୋକଜ୍ଞାନ ଅର୍ଥ ଇହଲୌକିକ ଜ୍ଞାନ । ଲୌକିକ ଜ୍ଞାନ ଅହରଣ କରିବା ବା ଅହରିତ ଜ୍ଞାନକୁ ମସ୍ତିଷ୍କରେ ଧାରଣ କରିବା ଅତ୍ମାର ସ୍ୱଭାବ—ଏହା ଅତ୍ମାର ସହଜାତ ଗୁଣ । ଅଧ୍ୟାତ୍ମିକ ଜ୍ଞାନକୁ ଗ୍ରହଣ କରିବା ବା ଏ ଜ୍ଞାନକୁ ଧାରଣ କରିବା ଯେପରି ଅତ୍ମାର ଗୁଣ ବା ଏଥିପାଇଁ ଅତ୍ମା ଯେପରି ସମର୍ଥ, ଠିକ୍ ସେହିପରି ଲୌକିକ ଜ୍ଞାନକୁ ଗ୍ରହଣ କରିବା ମଧ୍ୟ ଅତ୍ମାର ସ୍ୱଭାବ । ଅର୍ଥାତ୍ ଅତ୍ମା ଯେପରି ମହତ୍ ଜ୍ଞାନର ଅଶ୍ରୟ, ଅତ୍ମା ସେପରି ସାଧାରଣ ଜ୍ଞାନର ମଧ୍ୟ ଅଧାର । ରାମ ଓ କୃଷ୍ଣ ଯେପରି ସାଧାରଣ ସାମାଜିକ ପ୍ରାଣୀ, ସେହିପରି ସେମାନେ ମହାପୁରୁଷ ମଧ୍ୟ । ସାଧାରଣ କାମ, କ୍ରୋଧ, ଲୋଭ, ମୋହାଦି ଯେପରି ତାଙ୍କର ସ୍ୱଭାବରେ ଥିଲା, ସେପରି ଏମାନଙ୍କୁ ଅୟତ୍ତ କରିବାର କ୍ଷମତା ମଧ୍ୟ ସେମାନଙ୍କର ଥିଲା; ଏ ରିପୁଗୁଡ଼ାକ ଅତ୍ମାର ସ୍ୱଭାବ ବୋଲି ରାମ ଆଉ କୃଷ୍ଣଙ୍କ ସ୍ୱଭାବରେ ମଧ୍ୟ ତା ଥିଲା; ଅଉ ସାଧନା ବଳରେ ଶକ୍ତିଶାଳୀ ହେବାଟା ଅତ୍ମାର ସ୍ୱଭାବ ବୋଲି, ଏ ରିପୁମାନଙ୍କୁ ବଶୀଭୂତ କରିବାର ଶକ୍ତି ମଧ୍ୟ ଏ ଦୁଇ ମହାପୁରୁଷଙ୍କ ମଧ୍ୟରେ ଥିଲା ।

Digitized by srujanika@gmail.com

ଆତ୍ମାର ଲିଙ୍ଗ (ଚିହ୍ନ) ସମ୍ବନ୍ଧରେ କହିବାକୁ ଯାଇ 'ନ୍ୟାୟ-ଦର୍ଶନ' କହିଛନ୍ତି ଯେ, ଛଅଟି ଲିଙ୍ଗ ମଧ୍ୟରୁ 'ଜ୍ଞାନ' ମଧ୍ୟ ଆତ୍ମାର ଗୋଟାଏ ଲିଙ୍ଗ । ଆତ୍ମାର ଏ 'ଜ୍ଞାନ' ଆଧ୍ୟାତ୍ମିକ ଜ୍ଞାନ ହୋଇ ପାରେ, ଲୌକିକ ଜ୍ଞାନ ମଧ୍ୟ ହୋଇପାରେ । ଆତ୍ମାର ଏ ଜ୍ଞାନ ଯେତେବେଳେ ଲୌକିକ ଜ୍ଞାନ ହେବ, ଉପନିଷଦର ଭାଷାରେ ସେତେବେଳେ ଏହାକୁ କୁହାଯିବ 'ଲୋକଜ୍ଞାନ', ଆଉ ତା ଯେତେ-ବେଳେ ଆଧ୍ୟାତ୍ମିକ ବା ପାରଲୌକିକ ଜ୍ଞାନ ହେବ, ସେତେବେଳେ ତାକୁ କୁହାଯିବ 'ବ୍ରହ୍ମଜ୍ଞାନ' ।

ଆତ୍ମା ପାଇଁ ଯେପରି ପରଲୋକ ଆବଶ୍ୟକ ଅର୍ଥାତ୍ ମୋକ୍ଷ ଆବଶ୍ୟକ, ସେପରି ତା' ପାଇଁ ଇହଲୋକ ଅର୍ଥାତ୍ ସଂସାରରେ ଶରୀର ଧାରଣ କରି ସୁଖରେ ନିବାସ କରିବା ମଧ୍ୟ ଆବଶ୍ୟକ । ତେଣୁ ଇହଲୋକ-ବାସ କାଳରେ ଇହଲୋକ ସମ୍ବନ୍ଧୀୟ ଗୁଣ ତଥା ଜ୍ଞାନ ଆତ୍ମା ପକ୍ଷରେ ଆବଶ୍ୟକ, ଅନ୍ୟଥା ଇହଲୋକ-ବାସ ଆତ୍ମା ପକ୍ଷରେ ସୁଖକର ହୋଇ ପାରିବ ନାହିଁ । ଆଉ ଆତ୍ମା ପକ୍ଷରେ ପରଲୋକ-ବାସ ଅନିବାର୍ଯ୍ୟ ବୋଲି ପାରଲୌକିକ ଜ୍ଞାନ ମଧ୍ୟ ତା' ପାଇଁ ଆବଶ୍ୟକ । ଅନ୍ୟଥା ମୋକ୍ଷ ଲାଭ କରିବା ତା ପକ୍ଷରେ ସମ୍ଭବ ହୋଇ ପାରିବ ନାହିଁ । ତେଣୁ ଏ ଉଭୟବିଧ ଜ୍ଞାନ ଆତ୍ମାର ସ୍ୱଭାବ । ଋଷି, ତେଣୁ, କହିଛନ୍ତି ଯେ ଆତ୍ମାକୁ କେବଳ ଆଧ୍ୟାତ୍ମିକ ଜ୍ଞାନର ଅଶ୍ରୟ ମନେ କରି ତାକୁ କେବଳ ଯୋଗ-ସାଧନାରେ ବ୍ରତୀ ହେବାକୁ ଦେବା ଉଚିତ ହେବ ନାହିଁ— ତାକୁ ଲୌକିକ ଜ୍ଞାନର ମଧ୍ୟ ଅଶ୍ରୟ ମନେ କରି ସାଧାରଣ ସାମାଜିକ ପ୍ରାଣୀଭାବରେ ବଞ୍ଚି ରହିବାକୁ ଦେବାପାଇଁ ଲୌକିକ ଜ୍ଞାନ ମଧ୍ୟ ଦେବା ଉଚିତ । ଅନ୍ୟଥା ସମାଜ-ବ୍ୟବସ୍ଥା ଭଙ୍ଗ

Digitized by srujanika@gmail.com

ହେବ—ଫଳତଃ ସଂସାରରେ ବିଶୃଙ୍ଖଳା ହେବ । ସମସ୍ତେ ସନ୍ୟାସୀ ହେଲେ, ସଂସାର ଚଳାଇବ କିଏ ? ଏଥିପାଇଁ ହିଁ ଆମ ଦେଶର ପ୍ରାଚୀନ ତ୍ରିକାଳଦର୍ଶୀ, ତତ୍ତ୍ୱଦର୍ଶୀ ମନୀଷୀଗଣ ମନୁଷ୍ୟର ଆୟୁକାଳକୁ ଚାରି ଭାଗରେ ବିଭକ୍ତ କରି ପ୍ରଥମ ଭାଗରେ ବ୍ରହ୍ମଚର୍ଯ୍ୟ ପାଳନ-ପୂର୍ବକ ଆଧ୍ୟାତ୍ମିକ ଜ୍ଞାନ ଆହରଣ କରିବା ସଙ୍ଗେ ସଙ୍ଗେ ଲୌକିକ ଜ୍ଞାନ ଗ୍ରହଣ କରିବାର ବ୍ୟବସ୍ଥା କରିଥିଲେ ଗୁରୁକୁଳ ବାସ କାଳରେ । ଅନ୍ତୁ ଏ ଲୌକିକ ଜ୍ଞାନକୁ କାର୍ଯ୍ୟରେ ପରିଣତ କରି ଏ ଜ୍ଞାନର ଫଳ ଅର୍ଥାତ୍ ସାଂସାରିକ ଭୋଗକୁ ପ୍ରାପ୍ତ ହେବାର ମଧ୍ୟ ବ୍ୟବସ୍ଥା କରିଥିଲେ ଗୃହସ୍ଥାଶ୍ରମରେ । ପୁଣି, ଆଧ୍ୟାତ୍ମିକ ଜ୍ଞାନ-ସାଧନାର (ଅର୍ଥାତ୍ ଏ ଜ୍ଞାନର ପ୍ରସାର ଓ ଆହରଣର) ମଧ୍ୟ ବ୍ୟବସ୍ଥା କରିଥିଲେ ବାନପ୍ରସ୍ଥାଶ୍ରମରେ । ଅନ୍ତ ସର୍ବଶେଷରେ (ସନ୍ୟାସାଶ୍ରମରେ) ଏ ଆଧ୍ୟାତ୍ମିକ ଜ୍ଞାନକୁ କାର୍ଯ୍ୟରେ ପରିଣତ କରି, ଏ ଜ୍ଞାନର ଅନ୍ତିମ ପରିଣତି ମୋକ୍ଷାନନ୍ଦ ପ୍ରାପ୍ତ ହେବାର ବ୍ୟବସ୍ଥା କରିଥିଲେ । ଏ ପ୍ରାଚୀନ ତପସ୍ୱୀମାନଙ୍କର ଏ ଦୂରଦର୍ଶିତାର ପରିଣାମ ଆଶ୍ରମ ବ୍ୟବସ୍ଥା ହିଁ ପ୍ରମାଣ ଯେ ଆତ୍ମା ଆଧ୍ୟାତ୍ମିକ ତଥା ଲୌକିକ, ଏ ଉଭୟବିଧ ଗୁଣଜ୍ଞାନର ଆଧାର ।

•

ଆତ୍ମାଠାରୁ ବିଚ୍ଛିନ୍ନଭାବରେ ଯେ ଦୈବଶକ୍ତିକୁ ଦେଖେ, ଦେବଶକ୍ତି ତାକୁ ତ୍ୟାଗ କରେ । ଦେବଶକ୍ତି ଅର୍ଥ ଦିବ୍ୟ ଶକ୍ତି । ଯେଉଁଶକ୍ତି ଦେବମାନଙ୍କଠାରେ କେବଳ ସମ୍ଭବ, ସେ ଶକ୍ତି ଦେବଶକ୍ତି ବା ଦିବ୍ୟ ଶକ୍ତି । ଏ ଦେବ କିଏ ? "ଦେବୋ ଦାନାଦ୍ୱା ଦୀପନାଦ୍ୱା ଦ୍ୟୋତନାଦ୍ୱା ଦ୍ୟୁସ୍ଥାନେ ଭବତି ବା" (ନିରୁକ୍ତ) । ଯେ ଦାନ କରେ, ଯେ ନିଜେ ଉଜ୍ଜ୍ୱଳ, ଯେ ଅନ୍ୟକୁ ଉଜ୍ଜ୍ୱଳ କରେ ବା ଯେ ଜ୍ୟୋତିର ଅବାସ ସ୍ଥଳ, ସେ ଦେବ । ଅତଃ, ଦେବ କହିଲେ

କେବଳ ସ୍ୱର୍ଗର ଅଧିବାସୀମାନଙ୍କୁ ବୁଝିବା ସଙ୍ଗତ ହେବ ନାହିଁ । ଉପରୋକ୍ତ ଗୁଣର ଯେ ଆଧାର ଅର୍ଥାତ୍ ଉପରୋକ୍ତ ଦିବ୍ୟ ଅର୍ଥାତ୍ ମଙ୍ଗଳପୂର୍ଣ୍ଣ ଗୁଣର ଯେ ଆଧାର, ସେ ଦେବ, ଏ କଥା ବୁଝିବା ସଙ୍ଗତ ହେବ ।

ଶକ୍ତି କହିଲେ ଶାରୀରିକ, ମାନସିକ, ଆଧ୍ୟାତ୍ମିକ, ଏ ତ୍ରିବିଧ ଶକ୍ତିକୁ ବୁଝିବାକୁ ହେବ । ମନୁଷ୍ୟର ଶାରୀରିକ, ମାନସିକ, ଆତ୍ମିକ କ୍ରିୟାଶୀଳତା ଯେତେବେଳେ ଦିବ୍ୟ ହୋଇ ଉଠେ, ସେତେବେଳେ ତାକୁ କୁହାଯାଏ ଦିବ୍ୟ, ଅଉ ଶକ୍ତିକୁ କୁହାଯାଏ ଦିବ୍ୟଶକ୍ତି ବା ଦେବଶକ୍ତି । ଦାନ କରିବା ଦିବ୍ୟଶକ୍ତି, ନିଜକୁ ଉଜ୍ଜ୍ୱଳ କରିବା ଅର୍ଥାତ୍ ନିଜକୁ ସୁଗୁଣଦ୍ୱାରା ଭୂଷିତ କରିବା ଦିବ୍ୟଶକ୍ତି, ଅନ୍ୟକୁ ଉଜ୍ଜ୍ୱଳ କରିବା ଅର୍ଥାତ୍ ଅନ୍ୟର ସକଳ ପ୍ରକାର ଉନ୍ନତିର ମଧ୍ୟ ସୁବିଧା ସୁଯୋଗ ଦେବା ବା ଅନ୍ୟକୁ ନିଜର ସୁଗୁଣ ଦ୍ୱାରା ପ୍ରଭାବିତ କରିବା ମଧ୍ୟ ଦିବ୍ୟ ଶକ୍ତି । ଏ ସକଳ ଗୁଣ ଦିବ୍ୟ ହୋଇଥିବାରୁ ଅଉ ଯେଉଁ ଶକ୍ତି ବଳରେ ଏ ଦିବ୍ୟ ଗୁଣ ସକଳର ବିକାଶ ସମ୍ଭବ ହେଉଛି, ତାକୁ ଦିବ୍ୟଶକ୍ତି କୁହାଯାଏ ।

ଏଣି କହିବାକୁ ଚାହାନ୍ତି ଯେ, ଆତ୍ମା ଦିବ୍ୟ ଶକ୍ତିସମ୍ପନ୍ନ । ଲୌକିକ ଜ୍ଞାନର ଅଗମ୍ୟ ବୋଲି ଯେ ଆତ୍ମା ଦିବ୍ୟ ଶକ୍ତିର ଆଧାର ନୁହେଁ, ଏପରି ଭାବିବା ଅସଙ୍ଗତ ହେବ । ସାଧନା ବଳରେ ଆତ୍ମାର ଏ ଗୁପ୍ତ ଦିବ୍ୟଶକ୍ତି ଯେ ଜାଗ୍ରତ ହୁଏ, ଏ କଥା ଜାଣି ରଖିବା ଉଚିତ । ଏ କଥା ନ ଜାଣିବା ଫଳରେ ଆତ୍ମାର ଏ ମହାନ୍ ଗୁଣ ସମ୍ବନ୍ଧରେ ଅନଭିଜ୍ଞ ହେବା ହେତୁରୁ, ଆତ୍ମୋନ୍ନତିର ସାଧନାରୁ ବିରତ ହେବା ମନୁଷ୍ୟ ପକ୍ଷରେ ସ୍ୱାଭାବିକ । ଫଳତଃ ଦୁଃଖ ଭୋଗ କରିବା ମଧ୍ୟ ମନୁଷ୍ୟ ପକ୍ଷରେ ସ୍ୱାଭାବିକ କଥା ହୋଇ ଉଠୁଛି ।

Digitized by srujanika@gmail.com

'ଅତ୍ମାଠାରୁ ବିଚ୍ଛିନ୍ନଭାବରେ ଯେ ପ୍ରାଣୀମାନଙ୍କୁ ଦେଖେ, ପ୍ରାଣୀମାନେ ତାକୁ ତ୍ୟାଗ କରନ୍ତି ।' ପ୍ରାଣୀ କହିଲେ ସେହିମାନଙ୍କୁ ବୁଝାଏ ଯେଉଁମାନଙ୍କର ପ୍ରାଣ ଅଛି । ଅଉ ପ୍ରାଣ କହିଲେ ଏପରି ଏକ ଜୀବନୀ ଶକ୍ତିକୁ ବୁଝାଏ ଯା'ର ପ୍ରେରଣା ଫଳରେହିଁ ପ୍ରାଣୀ ଅପଣାର ଇନ୍ଦ୍ରିୟର ମାଧ୍ୟମରେ ସଂସାରର ଯାବତୀୟ ଭୋଗ ଗ୍ରହଣ କରେ । ତେଣୁ ପ୍ରାଣୀ ଅର୍ଥରେ ଜଡ଼-ଜଗତକୁ ବୁଝିବା (ବୃକ୍ଷ ଲତାଦିକୁ) ଠିକ୍ ହେବ ନାହିଁ । ଯଦିଓ ବୃକ୍ଷ ଲତାଦିର ଜୀବନୀ ଶକ୍ତି ଅଛି, ତଥାପି ସେମାନଙ୍କର ଇନ୍ଦ୍ରିୟ ନାହିଁ । ତେଣୁ ସେମାନଙ୍କର ଜୀବନୀ ଶକ୍ତିର ଉତ୍ସ ମଧ୍ୟ ନିତାନ୍ତ କ୍ଷୀଣ । ଫଳତଃ ଭୋଗ କରିବା ବୃକ୍ଷାଦି ପକ୍ଷରେ ସମ୍ଭବ ନୁହେଁ । ଭୋଗଟା ଦୁଃଖ ହେଉ ବା ସୁଖ ହେଉ, ତା ବୃକ୍ଷାଦି ପକ୍ଷରେ ଏଥିପାଇଁ ସମ୍ଭବ ନୁହେଁ ଯେ ଏମାନଙ୍କର ମନ ନାହିଁ । ମନହିଁ ତ ଇନ୍ଦ୍ରିୟର ମାଧ୍ୟମରେ ଭୋଗ କରେ । ତେଣୁ ଏ ଜଡ଼-ଜଗତକୁ ବାଦ୍ ଦେଲେ ବାକି ଯେ ପ୍ରାଣୀ-ଜଗତ ରହିଲା, ଯେଉଁମାନଙ୍କ ଇନ୍ଦ୍ରିୟ ଅଛି, ମନ ଅଛି, ଭୋଗ କରିବାର ପ୍ରବୃତ୍ତି ଅଛି, ସେହିମାନେହିଁ ପ୍ରାଣୀ ।

କିନ୍ତୁ ଏଠାରେ "ପ୍ରାଣୀ ଅର୍ଥରେ ଇତର ପ୍ରାଣୀମାନଙ୍କୁ ବୁଝିବାକୁ ହେବ, ମନୁଷ୍ୟକୁ ନୁହେଁ । ଯଦିଚ ମନୁଷ୍ୟ ମଧ୍ୟ ଗୋଟାଏ ପ୍ରାଣୀ । କାରଣ ଏଠାରେ ଅତ୍ମା ଓ ପ୍ରାଣ ସମ୍ପର୍କରେ ଅଲୋଚନା କରିବାକୁ ଯାଉଛନ୍ତି ଋଷି ଯାଜ୍ଞବଲ୍କ୍ୟ । ଅତ୍ମା ମନୁଷ୍ୟର ସିନା ରହିଛି, ଅନ୍ୟ ପ୍ରାଣୀମାନଙ୍କର ତ ନାହିଁ । କାହିଁକି ନା ଅତ୍ମା ପ୍ରାଣ ଅପେକ୍ଷା ଅତ୍ୟଧିକ ପ୍ରବଳ ଚେତନଶକ୍ତି, ବିବେକ-ଶକ୍ତି, ତା ବିବେଚନା କରିବା ଶକ୍ତି । ଇତର ପ୍ରାଣୀମାନଙ୍କର ଏ ଶକ୍ତି, ଏ ଅତ୍ମିକ ଶକ୍ତି ଥାଏ ନା ବୋଲି ସେମାନଙ୍କୁ ପଶୁ କୁହାଯାଏ । ଏପରିକି

Digitized by srujanika@gmail.com

ମନୁଷ୍ୟକୁ ମଧ୍ୟ ସେତେବେଳେ ପଶୁ କୁହାଯାଏ, ସେ ମଧ୍ୟ ଯେତେବେଳେ ଏ ଶକ୍ତି ହରାଇ ବସେ । ତେଣୁ ଅହିଂସା କହିଲେ ମନୁଷ୍ୟକୁ ବୁଝିବାକୁ ହେବ, ଅଉ ପ୍ରାଣୀ କହିଲେ ମନୁଷ୍ୟ ବ୍ୟତିରେକେ ଅନ୍ୟାନ୍ୟ ପ୍ରାଣୀମାନଙ୍କୁ ।

ମନୁଷ୍ୟ ଅଉ ଅନ୍ୟାନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ସ୍ୱଭାବର ସାମଞ୍ଜସ୍ୟ ରହିଛି ।

"ଆହାରନିଦ୍ରାଭୟମୈଥୂନଞ୍ଚ ସାମାନ୍ୟମେତତ୍ ପଶୁଭିର୍ନରାଣାମ୍ ।"

ଆହାର, ନିଦ୍ରା, ଭୟ, ତଥା ମୈଥୂନ ପଶୁ ଅଉ ମନୁଷ୍ୟ ମଧ୍ୟରେ ସମାନଭାବରେ ରହିଛି । ତେଣୁ ପଶୁ ପକ୍ଷରେ ମଧ୍ୟ ମନୁଷ୍ୟ ପରି ସୁଖ ଦୁଃଖ ଅନୁଭବ କରିବାର ସ୍ୱଭାବ ରହିଛି ତଥା ଦୁଃଖକୁ ତ୍ୟାଗ କରି ସୁଖ ପାଇଁ ଲାଳାୟିତ ହେବା ପଶୁ ପକ୍ଷରେ ମଧ୍ୟ ସ୍ୱାଭାବିକ । ଏ କଥା ଯେ ହୃଦୟଙ୍ଗମ କରି ପାରିବ, ସେ ହେବ ଆତ୍ମବାନ ପୁରୁଷ—କେବଳ ଜାଣିବା ନୁହେ—ହୃଦୟଙ୍ଗମ କରିବା । ଏହାହିଁ କାରଣ ଯେ ଆତ୍ମବାନ ପୁରୁଷ ପକ୍ଷରେ ପ୍ରାଣୀ-ହିଂସା ସମ୍ଭବ ହୋଇ ପାରେ ନା । ଅନ୍ୟର ଦୁଃଖରେ ଦୁଃଖୀ ହେବା, ଅନ୍ୟର ସୁଖରେ ସୁଖୀ ହେବା, ଏହାହିଁ ତ ଆତ୍ମବାନ ପୁରୁଷର ଲକ୍ଷଣ । ପ୍ରାଚୀନ ଭାରତରେ ଯେତେବେଳେ ଉପନିଷଦର ଏ ଆତ୍ମତତ୍ତ୍ୱର ପ୍ରସାର ପ୍ରଚୁର ଥିଲା, ସେତେବେଳେ ଏ ଦେଶରେ ଅକାରଣ ପ୍ରାଣୀ-ହିଂସା ବର୍ଜିତ ଥିଲା । ପୃଥିବୀରେ କଣ ଏପରି କୌଣସି ରାଷ୍ଟ୍ର ଅଛି ଯେଉଁଠାରେ କି ମାଂସ ପାଇଁ, ନିଜର ନିକୃଷ୍ଟ ସ୍ୱାର୍ଥ-ସିଦ୍ଧି ପାଇଁ, ନିଜର ସଦା ଅତୃପ୍ତ ଜିହ୍ୱା-ଲାଳସାର ତୃପ୍ତି ସାଧନ ପାଇଁ 'ପ୍ରାଣୀ-ହତ୍ୟା'-ପାପ ବୋଲି ବର୍ଜିତ ହୋଇଛି ? ପୃଥିବୀରେ କେବଳ ଏଇ ଏକ ମାତ୍ର ଦେଶ ଭାରତବର୍ଷ, ଯେଉଁଠାରେ କି

Digitized by srujanika@gmail.com

ମୂକ ନିରୀହ ନିଷ୍ପାପ ଜୀବକୁ ହତ୍ୟା ନ କରି ନିଜର ଜିହ୍ୱାଲାଳସାକୁ ତୃପ୍ତ କରିବାକୁ ଶିକ୍ଷା ଦେଇଛନ୍ତି ଆର୍ଯ୍ୟଗଣ ।

ପ୍ରାଚୀନ ଅରଣ୍ୟସ୍ଥ ତପୋବନବାସୀ ଋଷିମାନଙ୍କ, ତପସ୍ୱୀମାନଙ୍କ କୁଟୀର ଶ୍ରେଣୀ ସର୍ବଦା ସମସ୍ତ ପ୍ରାଣୀମାନଙ୍କ ପାଇଁ ଉନ୍ମୁକ୍ତ ରହୁଥିଲା—'ଶରଣ୍ୟଂ ସର୍ବ ଭୂତାନାମ୍ ।' ବୈରଭାବ ତ୍ୟାଗ କରି ସମସ୍ତ ହିଂସ୍ର ଅହିଂସ୍ର ପ୍ରାଣୀ କୁଟୀର ଦ୍ୱାର ଦେଶ ମଣ୍ଡି ରହୁଥିଲେ । ଆଶ୍ରମରୁ ହିଁ ସେମାନଙ୍କୁ ଖାଦ୍ୟ ମିଳୁଥିଲା, ବଳିଦେବ-ବୈଶ୍ୟପିଣ୍ଡ ମିଳୁଥିଲା, ପେୟ ମିଳୁଥିଲା, ସେବା ମିଳୁଥିଲା । ଅତ୍ର ଅହିଂସା 'ପରମୋଧର୍ମଃ', ଏ ମନ୍ତ୍ରର ପ୍ରଭାବ ପଡ଼ୁଥିଲା ଏ ପ୍ରାଣୀମାନଙ୍କ ଉପରେ ଋଷି ତଥା ଅନ୍ତେବାସୀଙ୍କର ଅପୂର୍ବ ବ୍ୟବହାରରେ ତା' ପ୍ରତିଫଳିତ ହୋଇ । ······ଏ ଘଟଣା ସତ ହେଉ ବା ମିଛ ହେଉ, ଏ ସୁନ୍ଦର କଳ୍ପନାର ମୂଳରେ ଅଛର ଏ ଧାରଣା ରହିଛି ଯେ ଋଷିଗଣ ଆତ୍ମବାନ୍ । ତେଣୁ ସେମାନେ ପରମ ଦୟାଳୁ । ନିଜର ସ୍ୱାର୍ଥ-ସିଦ୍ଧି ପାଇଁ କୌଣସି ପ୍ରାଣୀକୁ ଦୁଃଖ ଦେବା ସେମାନଙ୍କର ସ୍ୱଭାବର ବିରୋଧୀ ଗୁଣ, ବରଂ ନିଜର ପରମ ମଙ୍ଗଳମୟ ଗୁଣ ଦ୍ୱାରା ସେମାନଙ୍କୁ ଆପଣାର କରି ତୋଳିବା, ସେମାନଙ୍କ ଦୁଃଖର ନିରାକରଣ ପାଇଁ ନିଜେ ଦୁଃଖ ସହିବା, ସେମାନଙ୍କର ସହଜାତ ସ୍ୱାଭାବିକ ଗୁଣ ।

ତେଣୁ ଋଷି ଯାଜ୍ଞବଲ୍କ୍ୟ କହିବାକୁ ଚାହାନ୍ତି ଯେ ଅନ୍ୟାନ୍ୟ ପ୍ରାଣୀମାନଙ୍କୁ ଆତ୍ମାଠାରୁ ଅର୍ଥାତ୍ ନିଜଠାରୁ ସ୍ୱତନ୍ତ୍ର ମନେ କରିବା ଉଚିତ ନୁହେଁ, କାରଣ ନିଜଠାରେ ଯେପରି ସୁଖଦୁଃଖର ଅନୁଭୂତିର ସାଧନ ରହିଛି, ଅନ୍ୟାନ୍ୟ ପ୍ରାଣୀମାନଙ୍କଠାରେ ମଧ୍ୟ ତା' ସେପରି ରହିଛି, ଏ କଥା ସର୍ବଦା ସ୍ମରଣ ରଖିବା ଉଚିତ ।

Digitized by srujanika@gmail.com

ଫଳତଃ, ଅନ୍ୟକୁ ଦୁଃଖ ଦେବାଟା ଯେ ପାପ, ଏ କଥା ସର୍ବଦା ସ୍ମରଣ ରହିବ । ମନୁଷ୍ୟ ଯଦି ଏ କଥା ନ ବୁଝି ପାରି ଅନ୍ୟକୁ ଦୁଃଖ ଦିଏ (ଅର୍ଥାତ୍ ଅନ୍ୟ ପ୍ରାଣୀମାନଙ୍କୁ ନିଜଠାରୁ ଦୂର ମନେ କରେ), ତେବେ, ସେ ପ୍ରାଣୀମାନେ ତାକୁ ତ୍ୟାଗ କରିବେ ଅର୍ଥାତ୍ ଏ ପ୍ରାଣୀମାନଙ୍କ ପ୍ରତି ମନୁଷ୍ୟର ହିଂସାପ୍ରଣୋଦିତ ବ୍ୟବହାରର କୁପରିଣାମ ସ୍ୱରୂପ ସେ ଦୟାରୁ ବିଚ୍ଛିନ୍ନ ହେବ, ସ୍ନେହରୁ ବିଚ୍ଛିନ୍ନ ହେବ, କୋମଳତାରୁ ବିଚ୍ଛିନ୍ନ ହେବ । ଫଳତଃ ସେ ସମସ୍ତ ପ୍ରାଣୀ ମାନଙ୍କଠାରୁ ବିଚ୍ଛିନ୍ନ ହେବ । ନିର୍ଦ୍ଦୟ, କ୍ରୂର ମନୁଷ୍ୟ ସଙ୍ଗରେ ମନୁଷ୍ୟ କାହିଁକି, ଇତର ପ୍ରାଣୀ ମଧ୍ୟ କୌଣସି ସୁସମ୍ବନ୍ଧ ସ୍ଥାପନ କରିବାକୁ ଇଚ୍ଛୁକ ହୋଇ ପାରେ ନା । ଅଭି ଯେ ମନୁଷ୍ୟ ଅକ୍ରୂର, ଅହିଂସ, ସେ ମନୁଷ୍ୟ ସଙ୍ଗରେ କ୍ରୂର, ହିଂସ୍ରକ ପ୍ରାଣୀ ମଧ୍ୟ ବୈରିଭାବ ତ୍ୟାଗ କରି, ହିଂସାଭାବ ତ୍ୟାଗ କରି ସଖ୍ୟ ସ୍ଥାପନ କରି ପାରେ । ଏହାହିଁ କାରଣ ଯେ ପ୍ରାଚୀନ ତପୋବନ ଥିଲା 'ଶରଣ୍ୟଂ ସର୍ବଭୂତାନାମ୍'—ସମସ୍ତ ପ୍ରାଣୀମାନଙ୍କର ଆଶ୍ରୟସ୍ଥଳ, ମନୁଷ୍ୟ ହେଉ, ପଶୁ ହେଉ, ଅଭି ସେ ପଶୁ ହିଂସ୍ର ହେଉ, ଅହିଂସ୍ର, ସମସ୍ତଙ୍କର ଆଶ୍ରୟ ସ୍ଥଳ ଥିଲା ତପୋବନ । ଅହିଂସ୍ରବ୍ରତଧାରୀ ନିସ୍ପୃହ, ନିର୍ଦ୍ୱନ୍ଦ୍ୱ ଋଷିମାନଙ୍କର ଆବାସସ୍ଥଳ ଥିଲା ଏ ତପୋବନ ।

'ସମସ୍ତେ ତାଙ୍କୁ ତ୍ୟାଗ କରନ୍ତି, ଯେ ପ୍ରାଣୀମାନଙ୍କୁ ଆତ୍ମାଠାରୁ ଅଲଗା କରି ଦେଖେ ।' ଯେ ପୁରୁଷ ପର ଦୁଃଖରେ ଦୁଃଖୀ ହୁଏ ନା, ଓଲଟା ପ୍ରାଣୀମାନଙ୍କ ପ୍ରତି ହିଂସାଭାବାପନ୍ନ ହୁଏ, ସେ ଯେ କେବଳ ଏ ପ୍ରାଣୀମାନଙ୍କଠାରୁ ଦୂର ହେବ, ତା ନୁହେଁ, ଅନ୍ୟାନ୍ୟ ସମସ୍ତଙ୍କଠାରୁ, ଅର୍ଥାତ୍ ଆତ୍ମବାନ୍, ଦୟାବାନ୍, କ୍ଷମାବାନ୍ ପୁରୁଷମାନଙ୍କଠାରୁ ମଧ୍ୟ ଦୂର ହେବ । ଅହିଂସସ୍ୱଭାବ—

ସଂପନ୍ନ ପୁରୁଷ ହିଂସାପ୍ରବୃତ୍ତିଯୁକ୍ତ ପୁରୁଷର ସାନ୍ନିଧ୍ୟ କାମନା ତ କରି ପାରେ ନା । ତେଣୁ ମନୁଷ୍ୟ ଅନ୍ୟାନ୍ୟ ସମସ୍ତ ପ୍ରାଣୀମାନଙ୍କ ପ୍ରତି ସଦୟ ହେବା ଉଚିତ । କାରଣ ମନୁଷ୍ୟର ଆତ୍ମା, ମନ, ବୁଦ୍ଧିରଧାରା ଏପରି ମହାନ୍ ଉଦାର ନ ହେଲେ ସେ ଅତ୍ମୋନ୍ନତି କରି ପାରିବ ନାହିଁ । ଅତ୍ମୋନ୍ନତି କରି ନ ପାରିଲେ ପରମାତ୍ମୋପଲବ୍ଧି ତା ପକ୍ଷରେ ସମ୍ଭବ ହୋଇ ପାରିବ ନାହିଁ ।

'ଏଇ ବ୍ରହ୍ମତ୍ୱ, ଏଇ କ୍ଷତ୍ରିୟତ୍ୱ, ଏ ଲୋକସକଳ, ଏ ଦେବଶକ୍ତି, ଏ ପ୍ରାଣୀମାନେ, ଏ ସମସ୍ତେ ସେହି ଅତ୍ମା ସ୍ୱରୂପ ।' ଅତ୍ମା ଯେ ଅଶେଷ ଶକ୍ତିଶାଳୀ, ଏ ସତ୍ୟକୁ ପୁନରୋକ୍ତି ଦ୍ୱାରା ମୈତ୍ରେୟୀଙ୍କ ମନରେ ଦୃଢଭାବରେ ସଂସ୍ଥାପିତ କରିବା ଉଦ୍ଦେଶ୍ୟରେ ଋଷି କହୁଛନ୍ତି, ବ୍ରହ୍ମଙ୍କୁ ପ୍ରାପ୍ତ ହେବାର ସମସ୍ତ ଯୋଗ୍ୟତା ତ ଅତ୍ମାର ରହିଛି । ପୁଣି ସେ ଅତ୍ମାର କ୍ଷାତ୍ରତେଜ ଧାରଣ କରିବାର, ଲୋକସକଳ ଗ୍ରହଣ କରିବାର, ଦେବଶକ୍ତି ସଂପନ୍ନ ହେବାର ତଥା ଅନ୍ୟାନ୍ୟ ସକଳ ପ୍ରାଣୀମାନଙ୍କ ପ୍ରତି ଈପ୍ସିତକଲ୍ୟାଣକର ମନୋଭାବ ପୋଷଣ କରିବାର ଯୋଗ୍ୟତା ମଧ୍ୟ ରହିଛି । ଅର୍ଥାତ୍ ଅତ୍ମା ଯେପରି ସାଧାରଣ ଗୁଣର ଆଧାର, ସେପରି ସେ ବ୍ରହ୍ମଙ୍କୁ ପ୍ରାପ୍ତ ହେବା ଭଳି ମହତ୍ ଯୋଗ୍ୟତାର ମଧ୍ୟ ଆକର । ସେ ଅତ୍ମା ସମ୍ବନ୍ଧରେ ଋଷି ପୁଣି କହୁଛନ୍ତି—

"ସ ଯଥା ଦୁନ୍ଦୁଭେର୍ହନ୍ୟମାନସ୍ୟ ନ ବାହ୍ୟାଂଛବ୍ଦାଂଛକ୍ନୁୟାଦ୍ ଗ୍ରହଣାୟ ଦୁନ୍ଦୁଭେସ୍ତୁ ଗ୍ରହଣେନ ଦୁନ୍ଦୁଭ୍ୟାଘାତସ୍ୟ ବା ଶବ୍ଦୋ ଗୃହୀତଃ ।"

"ଦୁନ୍ଦୁଭିରୁ ନିର୍ଗତ ଶବ୍ଦକୁ ଯେପରି କେହି ଅଯତ୍ତ କରି ପାରେ ନା, ଦୁନ୍ଦୁଭିକୁ ଆୟତ୍ତ କଲେ, ତାର ଶବ୍ଦକୁ ମଧ୍ୟ ଆୟତ୍ତ

Digitized by srujanika@gmail.com

କରାଯାଇ ପାରେ । (ଠିକ୍ ସେହିପରି ଆତ୍ମାକୁ କେହି ବାହ୍ୟତଃ ଅସ୍ପୃଷ୍ଟ କରି ପାରେ ନା ।)

ଆତ୍ମାର ଅନ୍ୟାନ୍ୟ ସ୍ୱରୂପ (ଗୁଣ) ସମ୍ବନ୍ଧରେ ଚର୍ଚ୍ଚା କରିବାକୁ ଯାଇ ଋଷି କହୁଛନ୍ତି ଯେ, ହନ୍ୟମାନସ୍ୟ ଦୁନ୍ଦୁଭେଃ, ବାଦ୍ୟମାନ ଦୁନ୍ଦୁଭିରୁ, ବାହ୍ୟାନ୍, ନିର୍ଗତ ହେଉଥିବା, ଶବ୍ଦାନ୍, ଶବ୍ଦକୁ, ଗ୍ରହଣାୟ, ଗ୍ରହଣ କରିବାକୁ (ଅର୍ଥାତ୍ ଧରି ରଖିବାକୁ—ଅସ୍ପୃଷ୍ଟ କରିବାକୁ) କେହି, ନ ଶକ୍ନୁୟାତ୍, ସମର୍ଥ ହୁଅନ୍ତି ।

ଶବ୍ଦ ମଧ୍ୟ ଗୋଟିଏ ଅଦୃଶ୍ୟମାନ ତତ୍ତ୍ୱ । ତେଣୁ ଏହା ସୂକ୍ଷ୍ମ । ଈଶ୍ୱରଙ୍କର ପରି ସେ ଅତି ସୂକ୍ଷ୍ମ ନ ହେଲେ ମଧ୍ୟ, ସେ ଯେ ସୂକ୍ଷ୍ମ, ଏହା ନିଶ୍ଚିତ । ଏହାହିଁ କାରଣ ଯେ ଏହାକୁ କର୍ମେନ୍ଦ୍ରିୟ ଦ୍ୱାରା ଅର୍ଥାତ୍ ପାଣି, ପାଦ, ମୁଖ (ବାକ୍), ଗୁହ୍ୟଦ୍ୱାର, ବା ଉପସ୍ଥେନ୍ଦ୍ରିୟ ଦ୍ୱାରା ଗ୍ରହଣ ବା ଧାରଣ କରି ହୁଏ ନାହିଁ । ଏହାକୁ ଯା'ର ସାହାଯ୍ୟରେ ଗ୍ରହଣ କରାଯାଏ, ସେମାନେ ହେଉଛନ୍ତି ଜ୍ଞାନେନ୍ଦ୍ରିୟ, ଚକ୍ଷୁ, କର୍ଣ୍ଣ, ନାସିକା, ତ୍ୱଚ, ଜିହ୍ୱା । କିନ୍ତୁ ଏ ବିଭିନ୍ନ ଜ୍ଞାନେନ୍ଦ୍ରିୟର ଗ୍ରହଣ କରିବା ପାଇଁ ବିଭିନ୍ନ 'ବିଷୟ' ରହିଛି । ଈଶ୍ୱରଙ୍କୁ, କିନ୍ତୁ, କର୍ମେନ୍ଦ୍ରିୟ କିମ୍ବା ଜ୍ଞାନେନ୍ଦ୍ରିୟ ଦ୍ୱାରା ମଧ୍ୟ ଗ୍ରହଣ କରାଯାଇ ପାରେ ନା ବୋଲି ଈଶ୍ୱର ଶବ୍ଦ ଅପେକ୍ଷା ମଧ୍ୟ ଅଧିକ ସୂକ୍ଷ୍ମ—ସେ ଅତି ସୂକ୍ଷ୍ମ ।

ଶବ୍ଦକୁ ସ୍ପର୍ଶ କରି ହୁଏ ନାହିଁ—ତାକୁ ଅନୁଭବ କରି ହୁଏ । ଶବ୍ଦଟି ଜ୍ଞାନର ବିଷୟ ; ତେଣୁ ତାକୁ ଜ୍ଞାନେନ୍ଦ୍ରିୟ ମାଧ୍ୟମରେ କେବଳ ଗ୍ରହଣ କରି ହୁଏ । ଆଉ ତାକୁ ଜ୍ଞାନେନ୍ଦ୍ରିୟ ମାଧ୍ୟମରେହିଁ କେବଳ ଗ୍ରହଣ କରାଯାଉଥିବାରୁ, ଏହା ପ୍ରମାଣିତ ହେଉଛି ଯେ ଶବ୍ଦ ଜ୍ଞାନେନ୍ଦ୍ରିୟର ବିଷୟ । ଜ୍ଞାନକୁ ସ୍ପର୍ଶ କରାଯାଇ ପାରେ ନା—

Digitized by srujanika@gmail.com

ତାକୁ ଅନୁଭବ ସିଂନା କରି ହୁଏ । ଯେଉଁ ଇନ୍ଦ୍ରିୟ ଦ୍ୱାରା ପ୍ରଧାନତଃ ଜ୍ଞାନ ଗ୍ରହଣ କରାଯାଏ, ତାକୁହିଁ ତ ଜ୍ଞାନେନ୍ଦ୍ରିୟ କୁହାଯାଏ । ଏହି ସୂକ୍ଷ୍ମତାର କାରଣରୁ, ବ୍ରହ୍ମ ସଙ୍ଗରେ ଶବ୍ଦର ଏହି ସମାନତାକୁ ଲକ୍ଷ୍ୟରେ ରଖି କେହି କେହି କହନ୍ତି 'ଶବ୍ଦ-ବ୍ରହ୍ମ ।' ବ୍ରହ୍ମ ଯେପରି ଅତି ସୂକ୍ଷ୍ମ ହୋଇଥିବାରୁ କୌଣସି ବାହ୍ୟ ଉପକରଣ ଦ୍ୱାରା ଅର୍ଥାତ୍ ଇନ୍ଦ୍ରିୟ ଦ୍ୱାରା ତାକୁ ପ୍ରାପ୍ତ କରାଯାଇ ପାରେ ନା, ଠିକ୍ ସେହିପରି ଶବ୍ଦ ଗୋଟିଏ ସୂକ୍ଷ୍ମ ତତ୍ତ୍ୱ ମଧ୍ୟ ହୋଇଥିବାରୁ ତାକୁ କୌଣସି ବାହ୍ୟ ଉପକରଣ ଦ୍ୱାରା ବା କର୍ମେନ୍ଦ୍ରିୟ ଦ୍ୱାରା ଗ୍ରହଣ କରାଯାଇ ପାରେ ନା । ଆଉ ବ୍ରହ୍ମକୁ ପ୍ରାପ୍ତ ହେବା ପାଇଁ ଯେପରି ସାଧନା ଆବଶ୍ୟକ, ଅର୍ଥାତ୍ ବ୍ରହ୍ମ-ପ୍ରାପ୍ତିର ବାଧକ ଯେ ରିପୁ, ସେ ରିପୁମାନଙ୍କର ଯେ କାରଣ ଇନ୍ଦ୍ରିୟ, ସେ ଇନ୍ଦ୍ରିୟ ସକଳକୁ ଆୟତ୍ତ କରି ଜିତେନ୍ଦ୍ରିୟ ହେବା ଯେପରି ଆବଶ୍ୟକ, ଠିକ୍ ସେହିପରି ଶବ୍ଦକୁ ଆୟତ୍ତ କରିବା ପାଇଁ ମଧ୍ୟ ସାଧନା ଆବଶ୍ୟକ । ସେ ସାଧନା ହେଉଛି ଦୁନ୍ଦୁଭି-ବାଦକକୁ ଆୟତ୍ତ କରିବାର ସାଧନା । ତେଣୁ ଋଷି କହୁଛନ୍ତି, ଦୁନ୍ଦୁଭେଃ ଗ୍ରହଣେନ, ଦୁନ୍ଦୁଭିକୁ ଗ୍ରହଣ କଲେ ଅର୍ଥାତ୍ ଦୁନ୍ଦୁଭିକୁ ଆୟତ୍ତ କଲେ ଅର୍ଥାତ୍ ଦୁନ୍ଦୁଭିବାଦକକୁ ଆୟତ୍ତ କଲେ, ଶବ୍ଦୋ ଗୃହୀତଃ, ଶବ୍ଦକୁ ଆୟତ୍ତ କରି ହେବ । ଅର୍ଥାତ୍ ଆତ୍ମାର ଚାଳକ ଇନ୍ଦ୍ରିୟଗଣଙ୍କୁ ଆୟତ୍ତ କଲେ ଆତ୍ମାକୁ ଆୟତ୍ତ କରି ହେବ । ଇନ୍ଦ୍ରିୟଗଣଙ୍କୁ ଆୟତ୍ତ କରିବା ଅର୍ଥ ସେମାନଙ୍କ କୁକର୍ମରେ ପ୍ରବୃତ୍ତ ହେବାକୁ ନ ଦେବା ; ଆଉ ଆତ୍ମାକୁ ଆୟତ୍ତ କରିବା ଅର୍ଥ ଆତ୍ମାକୁ ସୁପ୍ରବୃତ୍ତିର ସାହାଯ୍ୟରେ ମହାନ୍ କରି ତୋଳିବା । ଯେ ଦୁଷ୍ଟ ଇନ୍ଦ୍ରିୟଗଣ ଆପଣାର କୁ-ପ୍ରବୃତ୍ତିର ବଳରେ ଆତ୍ମାକୁ କଳୁଷଗ୍ରସ୍ତ କରି ତୋଳନ୍ତି, ସେ ଦୁଷ୍ଟ ଇନ୍ଦ୍ରିୟଗଣଙ୍କୁ ଆୟତ୍ତ କଲେ ବିନା ଆତ୍ମାର ଏ ସୁସ୍ଥ ଅବସ୍ଥା ସମ୍ଭବ ହୋଇ ପାରିବ ! !

Digitized by srujanika@gmail.com

ଅସ୍ମା ଅନ୍ତ ମହାତ୍ମା ମଧ୍ୟରେ ଏଇଠାରେହିଁ ପାର୍ଥକ୍ୟ । ସେ କେବଳ ମହାତ୍ମା, ଯେ ଆପଣାର କୁ-ପ୍ରବୃତ୍ତି ସକଳକୁ ଅୟତ୍ତ କରି ତାକୁ ସୁପ୍ରବୃତ୍ତିରେ ପରିଣତ କରି ପାରେ । ଆଉ ଯେ' ତା କରି ନ ପାରି କେବଳ ପ୍ରବୃତ୍ତ ହୁଏ—ସେ କର୍ମ କୁ ହେଉ ବା ସୁ ହେଉ, ଯେ କେବଳ ସେ କର୍ମରେ ପ୍ରବୃତ୍ତ ହୁଏ, ସେ ସାଧାରଣ ଲୋକ—ସେ ମହାତ୍ମା ନୁହେ ।······ସୁ ପ୍ରବୃତ୍ତି ଆଉ କୁ ପ୍ରବୃତ୍ତି ସମାନଭାବରେ ସମସ୍ତଙ୍କଠାରେ ରହିଛି ; ଆଉ ଏ ଉଭୟ ପ୍ରବୃତ୍ତିର ଆବଶ୍ୟକତା ରହିଛି ବୋଲି ଏମାନଙ୍କର ଅସ୍ତିତ୍ୱ ରହିଛି । ମନୁଷ୍ୟର କ୍ରୋଧ ନ ଥିଲେ, ତାର ପ୍ରତି ଅନ୍ୟ କାହାରିର ଭୟ ମଧ୍ୟ ନ ଥାନ୍ତା, ତାର ପ୍ରତି ଅନ୍ୟାୟ ଅତ୍ୟାଚାର ମଧ୍ୟ ହୁଅନ୍ତା । ମନୁଷ୍ୟର କାମ ନ ଥିଲେ, ସନ୍ତାନ ଉତ୍ପାଦନ-ଶକ୍ତିରୁ ସେ ରହିତ ହୋଇଥାନ୍ତା । କ୍ରୋଧ ଆଉ କାମ କୁ ପ୍ରବୃତ୍ତି ହୋଇ ପାରେ ; କିନ୍ତୁ ତା ଆବଶ୍ୟକ ବୋଲି ରହିଛି—କୁ ବୋଲି ଯେ ତା' ରହିଛି ତା ନୁହେ । ରାମ ଆଉ କୃଷ୍ଣଙ୍କର ମଧ୍ୟ ଏ ଉଭୟ ପ୍ରକାରର ପ୍ରବୃତ୍ତି ଥିଲା । କିନ୍ତୁ ତାଙ୍କର ଏ ପ୍ରବୃତ୍ତି ସୀମିତ, ସଂଯତ ବୋଲି ସେ ପ୍ରବୃତ୍ତି କୁ ନ ହୋଇ ସୁ ହୋଇ ପାରିଥିଲା । ଆଉ ସେଥିପାଇଁହିଁ ସେମାନେ ମହାତ୍ମା ପଦବାଚ୍ୟ ହୋଇ ପାରିଥିଲେ । ସାଧାରଣ ଲୋକ ଅସଂଯମୀ ବୋଲି ସେମାନେ ମହାତ୍ମା ନୁହନ୍ତି ।

"ପ୍ରବୃତ୍ତିରେଷାଭୂତାନାଂ ନିବୃତ୍ତିସ୍ତୁ ମହାତ୍ମନମ୍ ।"

"ପ୍ରବୃତ୍ତ ହେବା (ଅର୍ଥାତ୍ ଭୋଗରେ ମାତିବା) ସାଧାରଣ ଲୋକଙ୍କ ସ୍ୱଭାବ । କିନ୍ତୁ ନିବୃତ୍ତ ହେବା (ଅର୍ଥାତ୍ ସଂଯତ ହେବା) ମହାତ୍ମାମାନଙ୍କ ଗୁଣ ।" ଦୁନ୍ଦୁଭିର-ବାଦକହିଁ ଦୁନ୍ଦୁଭିର ଚାଳକ; ଇନ୍ଦ୍ରିୟଗଣହିଁ ଠିକ୍ ସେହିପରି ଆତ୍ମାର ଚାଳକ । ଆତ୍ମା ଯା' କରୁଛି

କର୍ମ କରେ, ଏ ଇନ୍ଦ୍ରିୟମାନଙ୍କର ମାଧ୍ୟମରେହିଁ ତା ସେ କରେ । ତେଣୁ ଏ ଇନ୍ଦ୍ରିୟଗଣଙ୍କର ଚାଳକ । ଏ ଚଞ୍ଚଳ ଇନ୍ଦ୍ରିୟଗଣଙ୍କୁ ଆୟତ୍ତ ନ କଲେ ଆତ୍ମା ଶାନ୍ତତା ପ୍ରାପ୍ତ କରି ପାରେ ନା । କାରଣ ଏ ଇନ୍ଦ୍ରିୟଗଣ ତାକୁ କୁପଥରେ ଟାଣି ନେଇଯାନ୍ତି । ଅତ, ଆତ୍ମା ଚଞ୍ଚଳ ହେଲେ, ସେ ସାଧକ ହୋଇ ପାରେନା । ସେ ସାଧକ ନ ହେଲେ ଅର୍ଥାତ୍ ସେ ଯୋଗୀ ନ ହେଲେ, ସେ ପରମାତ୍ମୋପଲବ୍ଧି କରିପାରେ ନା । ଯେ ଆତ୍ମା ପରମାତ୍ମୋପଲବ୍ଧିର ସାଧନ, ସେ ଆତ୍ମାକୁ କୌଣସି ବାହ୍ୟ ଉପକରଣ ଦ୍ୱାରା ଶାନ୍ତ କରିବାକୁ ଚେଷ୍ଟା ନ କରି, କୌଣସି ବାହ୍ୟ ସାଧନ ଦ୍ୱାରା ତାକୁ ସାଧକ ହେବାକୁ ନ ଦେଇ ଅର୍ଥାତ୍ କେବଳ ପୂଜା, ଅର୍ଚ୍ଚନା, ଉପବାସ, ବ୍ରତଯଜ୍ଞାଦି ଦ୍ୱାରା ଆୟତ୍ତ କରିବାକୁ ଅସଫଳ ଚେଷ୍ଟା ନ କରି, ଆତ୍ମାର ସକଳ ପ୍ରକାର ଦୁଃଖର, ଅସଫଳତାର କାରଣ ଯେ ଇନ୍ଦ୍ରିୟ, ସେ ଇନ୍ଦ୍ରିୟମାନଙ୍କୁହିଁ ଆୟତ୍ତ କରିବା ଉଚିତ, ଏ କଥା ଋଷି ଦୁନ୍ଦୁଭିର ଉଦାହରଣ ଉପସ୍ଥାପିତ କରି କହିବାକୁ ଚାହୁଁଛନ୍ତି । କାହିଁକି ନା, ଏ କଥା ଧ୍ରୁବ ସତ୍ୟ ଯେ ପରମାତ୍ମାଙ୍କୁ ପାଇବାକୁ ହେଲେ ଯୋଗ-ସାଧନା ବ୍ୟତିରେକେ ଆଉ ଅନ୍ୟ ମାର୍ଗ ନାହିଁ । ପୂଜା, ଅର୍ଚ୍ଚନା, ବ୍ରତ ଉପବାସ, ଯାଗଯଜ୍ଞାଦି ତ ଇନ୍ଦ୍ରିୟଗତ ସାଧନା, କିନ୍ତୁ ପରମାତ୍ମା ତ ଇନ୍ଦ୍ରିୟବହିର୍ଭୂତ ପଦାର୍ଥ । ଯେ ଇନ୍ଦ୍ରିୟବହିର୍ଭୂତ, ତାକୁ ଇନ୍ଦ୍ରିୟର ମାଧ୍ୟମରେ ପ୍ରାପ୍ତ କରିବା କିପରି ସମ୍ଭବ ହେବ ? ତେଣୁ ପରମାତ୍ମାଙ୍କୁ ପ୍ରାପ୍ତ କରିବାକୁ ହେଲେ ଆତ୍ମାକୁ ମଧ୍ୟ ଇନ୍ଦ୍ରିୟବହିର୍ଭୂତ ହେବାକୁ ହେବ, ଅର୍ଥାତ୍ ଲିଙ୍ଗ (ସୂକ୍ଷ୍ମ) ଶରୀର ଧାରଣ କରିବାକୁ ହେବ— ଯୋଗ-ସାଧନା ବଳରେ ସଂସାର-ବନ୍ଧନରୁ ମୁକ୍ତ ହେବାକୁ ହେବ ।

ଏପରି ଆଉ ଗୋଟିଏ ଉଦାହରଣ ଦେଇ ଋଷି ଏ ସତ୍ୟର ଯଥାର୍ଥତା ପ୍ରମାଣ କରିବାକୁ ଚେଷ୍ଟା କରୁଛନ୍ତି—

Digitized by srujanika@gmail.com

"ସ ଯଥା ଶଂଖସ୍ୟ ଧ୍ମାୟମାନସ୍ୟ ନ ବାହ୍ୟାଂଛବ୍ଦାଂଛ—
କ୍ନୁୟାଦ୍ ଗ୍ରହଣାୟ ଶଂଖସ୍ୟ ତୁ ଗ୍ରହଣେନ ଶଂଖଧ୍ମସ୍ୟ
ବା ଶବ୍ଦୋ ଗୃହୀତଃ ।"

"ଶଙ୍ଖରୁ ନିର୍ଗତ ଶବ୍ଦକୁ ଅୟତ୍ତ କରାଯାଇ ନ ପାରେ । ଶଙ୍ଖକୁ ଅୟତ୍ତ କଲେ (ଅର୍ଥାତ୍ ଶଙ୍ଖ-ବାଦକକୁ ଅୟତ୍ତ କଲେ) ଶଙ୍ଖଶବ୍ଦକୁ ଅୟତ୍ତ କରାଯାଇ ପାରେ ।"

ଜନ୍ମଜନ୍ମାନ୍ତର ଅନେକ ପ୍ରକାର ସଂସ୍କାର ନେଇ ଆତ୍ମା ଶରୀର ଧାରଣ କରେ । ତେଣୁ ଆତ୍ମା ଅନେକ ପ୍ରକାର ଜ୍ଞାନବିଜ୍ଞାନର ଆଧାର । ଫଳତଃ ଆତ୍ମା ଅନେକ ପ୍ରକାର ସୁସଂସ୍କାର କୁସଂସ୍କାରର ମଧ୍ୟ ଆଧାର । ବିଜ୍ଞାନର ଆଧାର ହେବା ଫଳରେ ଆତ୍ମା ଯେପରି ଅନେକ ପ୍ରକାରର ସୁସଂସ୍କାରର ଆଧାର, ସେପରି ସେ ଜ୍ଞାନ ଅର୍ଥାତ୍ ଲୌକିକ ଜ୍ଞାନର ମଧ୍ୟ ଆଧାର ହେବା ଫଳରେ ଅନେକ ପ୍ରକାରର କୁସଂସ୍କାରର ମଧ୍ୟ ଆଧାର । ବିଜ୍ଞାନ ଅର୍ଥାତ୍ ସତ୍ୟଜ୍ଞାନ, ଆଧ୍ୟାତ୍ମିକ ଜ୍ଞାନର ଆଶ୍ରୟ ନେଇ ଯେତେବେଳେ ଆତ୍ମା ଏ କୁସଂସ୍କାରରୁ ମୁକ୍ତ ହୁଏ, ସେତେବେଳେ ତାର ଶୁଦ୍ଧ ସ୍ୱରୂପ, ତାର ଯଥାର୍ଥ ସ୍ୱରୂପ ପ୍ରକଟିତ ହୁଏ ।

ଶଂଖରୁ ଶବ୍ଦ ବହିର୍ଗତ ହେବା ପରି ଆତ୍ମାର ମଧ୍ୟ ଅନେକ ପ୍ରକାରର କର୍ମ ପ୍ରକାଶ ପାଏ ଆପଣାର ପୂର୍ବ ସଂସ୍କାରବଶତଃ; ଅର୍ଥାତ୍ ଆତ୍ମା ନାନାବିଧ କର୍ମ କରେ ଇନ୍ଦ୍ରିୟଗଣଙ୍କର ମାଧ୍ୟମରେ । ଆତ୍ମାର ଏ କର୍ମ ସୁକର୍ମ ହୋଇ ପାରେ, କୁକର୍ମ ବି ହୋଇ ପାରେ । ଆତ୍ମା ଯଦି କେବଳ ବିଜ୍ଞାନର ଅର୍ଥାତ୍ ଆଧ୍ୟାତ୍ମିକ ଜ୍ଞାନର ଆଶ୍ରୟ ନେଇ କର୍ମ କରେ ତ, ସେ କର୍ମ ସୁକର୍ମ ହୁଏ । ଆଉ ଯଦି ସେ ଲୌକିକ

Digitized by srujanika@gmail.com

ଜ୍ଞାନ, ସାଧାରଣ ଜ୍ଞାନର ଅଶ୍ରୟ ନେଇ କର୍ମ କରେ ତ ତା କୁକର୍ମ ହୁଏ । କାରଣ ଲୌକିକ ଜ୍ଞାନ ଅଧ୍ୟାତ୍ମିକ ଜ୍ଞାନ ନୁହେ । ଲୌକିକ ଜ୍ଞାନ ସାଧାରଣ ଲୋକ ସମ୍ବନ୍ଧଜାତ ଜ୍ଞାନ । ଅଜ ସାଧାରଣ ଲୋକ ଅଜ୍ଞ । ସୁତରାଂ ଏ ଅଜ୍ଞାନତାଜନିତ ଲୌକିକ ଜ୍ଞାନର ପରିଣାମ ସବୁବେଳେ ସୁ ନ ହୋଇ କୁ ମଧ୍ୟ ହୋଇପାରେ ।

ଶଙ୍ଖରୁ ନିର୍ଗତ ଶବ୍ଦକୁ ଅୟତ୍ତ କରିବାପାଇଁ ଯେପରି ଶଙ୍ଖ-ବାଦକକୁ ଅୟତ୍ତ କରିବା ନିତାନ୍ତ ଅବଶ୍ୟକ, ଠିକ୍ ସେହିପରି ଅତ୍ମାକୁ କୁକର୍ମରୁ ନିବୃତ୍ତ କରିବାକୁ ହେଲେ, ତାକୁ ଏଥିପାଇଁ ପ୍ରବର୍ତ୍ତିନା ଦେବାରେ ଯେ ମୂଳ କାରଣ, ସେ ଚଞ୍ଚଳ, ଦୁଷ୍ଟ ଇନ୍ଦ୍ରିୟ ସକଳକୁ ଅତ୍ତସ୍ଥ କରିବା ନିତାନ୍ତ ଅବଶ୍ୟକ ।

ଜ୍ଞାନ ଉପରେ ଇନ୍ଦ୍ରିୟ-ସଂଯମତା ଅଧାରିତ, ଏ କଥା ସତ୍ୟ । କିନ୍ତୁ ଅତ୍ମାକୁ ଅୟତ୍ତ କରିବା ପାଇଁ କେବଳ ଜ୍ଞାନ ଯଥେଷ୍ଟ ନୁହେ —ଇନ୍ଦ୍ରିୟ-ସଂଯମତା ଏକାନ୍ତ ଅବଶ୍ୟକ । ବାରମ୍ବାର ଉଦାହରଣ ଦେଇ ଋଷି ଅତି ଦୃଢ଼ତାର ସହିତ ଏ ସତ୍ୟର ପ୍ରତିପାଦନ କରିବାକୁ ଚେଷ୍ଟା କରୁଛନ୍ତି । ତେଣୁ ସେ ପୁଣି କହୁଛନ୍ତି—

"ସ ଯଥା ବୀଣାୟୈ ବାଦ୍ୟମାନାୟୈ ନ
ବାହ୍ୟାଂଶବ୍ଦାଂଚ୍ଛକ୍ନୁୟାଦ୍ ଗ୍ରହଣାୟ ବୀଣାୟୈ ତୁ
ଗ୍ରହଣେନ ବୀଣାବାଦସ୍ୟ ବା ଶବ୍ଦୋ ଗୃହୀତଃ ।

"ବାଦ୍ୟମାନ ବୀଣାର ବାହ୍ୟ ଶବ୍ଦକୁ କେହି ଅୟତ୍ତ କରିବାକୁ ସମର୍ଥ ନୁହନ୍ତି । ବୀଣାକୁ ଅୟତ୍ତ କଲେ (ଅର୍ଥାତ୍ ବୀଣାବାଦକକୁ ଅୟତ୍ତ କଲେ) ବୀଣାର ଶବ୍ଦକୁ ମଧ୍ୟ ଅୟତ୍ତ କରି ହେବ ।"

Digitized by srujanika@gmail.com

ଆତ୍ମାକୁ ଅମୃତ କରିବାକୁ ହେଲେ ବାହ୍ୟିକ ନୁହେଁ, ଆଭ୍ୟନ୍ତରିକ ଶକ୍ତି ଆବଶ୍ୟକ; ଅର୍ଥାତ୍ ସାଧନା ଆବଶ୍ୟକ, ଲୌକିକ ପୂଜା-ଅର୍ଚ୍ଚନା ନୁହେ । ପୂଜା ଅର୍ଚ୍ଚନାରେ ଇନ୍ଦ୍ରିୟ-ସଂଯମତା ଅପେକ୍ଷିତ ନୁହେ ବୋଲି ପୂଜା-ଅର୍ଚ୍ଚନା ଆତ୍ମଦର୍ଶନର ସାଧନ ହୋଇ ପାରେ ନା । କିନ୍ତୁ ସାଧନା ସଂଯମତାର ଭିତ୍ତି ବୋଲି ସଂଯମତା ଦ୍ୱାରା, ଅନ୍ୟ କଥରେ ଯୋଗ-ସାଧନା ଦ୍ୱାରା ଆତ୍ମାକୁ ଈଶ୍ୱର-ପ୍ରାପ୍ତିର ଉପଯୋଗୀ କରି ତୋଳା ଯାଇ ପାରେ ।

ଆତ୍ମାକୁ ଅମୃତ କରିବା ଅର୍ଥ ଆତ୍ମାକୁ ଉଚିତ ପଥରେ ନେଇ ଯିବା । ଆତ୍ମାକୁ ଉଚିତ ପଥରେ ନେଇଯିବା ପାଇଁ ଇନ୍ଦ୍ରିୟ-ସଂଯମତା ଆବଶ୍ୟକ, ଇନ୍ଦ୍ରିୟ-ବଶ୍ୟତା ନୁହେ । ତେବେ ଯେଉଁ ଆତ୍ମାକୁ ଅମୃତ କରିବା ପାଇଁ ଏପରି କଠୋର ସାଧନା ଆବଶ୍ୟକ, ସେ ବାସ୍ତବରେ କି ପଦାର୍ଥ, ବର୍ତ୍ତମାନ ଋଷି ତା ବୁଝାଇବାକୁ ଚେଷ୍ଟା କରୁଛନ୍ତି—

"ସ ଯଥାଽଽର୍ଦ୍ରୈଧାଗ୍ନେରଭ୍ୟାହିତାତ୍ପୃଥଗ୍ଧୂମା ବିନିଶ୍ଚରନ୍ତ୍ୟେବଂ ବା ଅରେଽସ୍ୟ ମହତୋ ଭୂତସ୍ୟ ନିଃଶ୍ୱସିତମେତଦ୍ୟଦୃଗ୍ବେଦୋ ଯଜୁର୍ବେଦଃ ସାମବେଦୋଽଥର୍ବାଙ୍ଗିରସ ଇତିହାସଃ ପୁରାଣଂ ବିଦ୍ୟା ଉପନିଷଦଃ ଶ୍ଳୋକାଃ ସୂତ୍ରାଣ୍ୟନୁବ୍ୟାଖ୍ୟାନାନି ବ୍ୟାଖ୍ୟାନାନ୍ୟସ୍ୟୈବୈତାନି ସର୍ବାଣି ନିଶ୍ୱସିତାନି ।"

"ଆର୍ଦ୍ର ସମିଧା ଦ୍ୱାରା ଜ୍ୱଳିତ ଅଗ୍ନିରୁ ଉତ୍ଥିତ ଧୂମାବଳୀ ଯେପରି ଚତୁର୍ଦ୍ଦିଗରେ ବ୍ୟାପ୍ତ ହୁଏ, ଠିକ୍ ସେହିପରି, ନାନା ପ୍ରକାରର ଜ୍ଞାନବିଜ୍ଞାନ ଆତ୍ମାର ନିଃଶ୍ୱାସ ପ୍ରଶ୍ୱାସ ସ୍ୱରୂପ (ଅର୍ଥାତ୍ ଧୂମାବଳୀ ପରି ଜ୍ଞାନ ବିଜ୍ଞାନ ଆତ୍ମାରୁ ପ୍ରକାଶିତ ହୋଇ ବ୍ୟାପ୍ତ

Digitized by srujanika@gmail.com

ହୁଏ) । ଯଜୁର୍ବେଦ, ଅଥର୍ବବେଦ, ସାମବେଦ ସମ୍ବନ୍ଧୀୟ ଜ୍ଞାନ, ଇତିହାସ, ପୁରାଣ, ନାନାପ୍ରକାର ବିଦ୍ୟା, ଉପନିଷଦବିଦ୍ୟା, ଶ୍ଳୋକବଦ୍ଧ କାବ୍ୟାଦି, ଅନୁବ୍ୟାଖ୍ୟାନାଦି, ତଥା ବ୍ୟାଖ୍ୟାନାଦି ଏ ସମସ୍ତ ଅତ୍ମାର ନିଃଶ୍ୱାସ ସ୍ୱରୂପ (ଅର୍ଥାତ୍ ଏହା ଅତ୍ମାର ସ୍ୱାଭାବିକ ଗୁଣ, ଅତ୍ମାର ଏହା ସହଜାତ ସ୍ୱଭାବ) ।

ଆର୍ଦ୍ର କାଷ୍ଠରେ ଅଗ୍ନି ସଂଯୋଗ କଲେ କାଷ୍ଠ ଜ୍ୱଳିତ ହେବା ପରବର୍ତ୍ତିରେ ଯେପରି ଧୂମାବଳୀ ନିର୍ଗତ କରେ, ଅତ୍ମା ମଧ୍ୟ ସେହିପରି ଅତ୍ମ ସ୍ୱରୂପରେ ନ ରହି ଶରୀର ଧାରଣ କଲେ, ନାନାଦି ବିଦ୍ୟା ପ୍ରକଟ କରେ ।

କେତେକ ବିଦ୍ୱାନଙ୍କ ମତ ଯେ ଶରୀର ଧାରଣ କରିବାଟା ଅତ୍ମାର ଅସ୍ୱାଭାବିକ ଅବସ୍ଥା । ଅତ୍ମା ସ୍ୱାଭାବିକ ଅବସ୍ଥା ସେତେବେଳେ ପ୍ରାପ୍ତ ହୁଏ, ଯେତେବେଳେ ସେ ଲିଙ୍ଗ ଶରୀର ବା ସୂକ୍ଷ୍ମ ଶରୀର ଧାରଣ କରେ । ଅତ୍ମାର ଏ ଅବସ୍ଥାକୁ ମୁକ୍ତାବସ୍ଥା କୁହାଯାଏ । ମୁକ୍ତି ଅର୍ଥ ଦୁଃଖରୁ ନିବୃତ୍ତି । ଦୁଃଖ ଅର୍ଥ ଇନ୍ଦ୍ରିୟ-ଜ୍ୱଳିତ ବେଗର ପ୍ରକୋପ । ଅତ୍ମାର ସକଳ ପ୍ରକାରର ସୁଖଦୁଃଖ, ବହିରନ୍ତର୍ବୃତ୍ତି, ହର୍ଷବିଷାଦର ମୂଳ ଏ ଇନ୍ଦ୍ରିୟଗଣ, ଏ ମନ ।

ସୁଖ ତାକୁ କୁହାଯାଏ ଯା ଦୁଃଖ ପରେ ଅସେ । ଅଉ ଦୁଃଖ ତାକୁ କୁହାଯାଏ ଯା' ସୁଖ ପରେ ଅସେ । ବର୍ଷାଋତୁ ତାକୁ କୁହାଯାଏ ଯା' ଗ୍ରୀଷ୍ମ ପରେ ଅସେ । ଅଉ ଗ୍ରୀଷ୍ମଋତୁ ତାକୁ କୁହାଯାଏ ଯା' ଶୀତଋତୁ ପରେ ଅସେ । ଶୀତଋତୁ ପରେ ଯଦି ବର୍ଷା ଅସେ, ତାକୁ ଠିକ୍ ବର୍ଷାଋତୁ କୁହାଯିବ କି ନା ସନ୍ଦେହ । ତା'କୁ ହୁଏ'ତ ଋତୁ-ବିଭ୍ରାଟ କୁହାଯାଇ ପାରେ ।

Digitized by srujanika@gmail.com

ବର୍ଷା ଗ୍ରୀଷ୍ମ ପରେ ଆସିବା ଅର୍ଥ ବର୍ଷାକାଳ ଗ୍ରୀଷ୍ମକାଳ ଉପରେ ନିର୍ଭର କରିବା । ଠିକ୍ ସେହିପରି ସୁଖ ପରେ ଦୁଃଖ ଆସିବା ଅର୍ଥ ଦୁଃଖ ସୁଖ ଉପରେ ନିର୍ଭର କରିବା, ଆଉ ସୁଖ ଦୁଃଖ ଉପରେ ନିର୍ଭର କରିବା । ଅତଏବ ଏହା ସ୍ପଷ୍ଟ ଯେ ଯେପରି ଗ୍ରୀଷ୍ମଋତୁ ଆଉ ବର୍ଷା ମଧ୍ୟରେ ଘନିଷ୍ଠ ସମ୍ବନ୍ଧ ରହିଛି, ସେପରି ସୁଖ ଦୁଃଖ ମଧ୍ୟରେ ମଧ୍ୟ ଘନିଷ୍ଠ ସମ୍ବନ୍ଧ ରହିଛି । ତେଣୁ ସୁଖ ପାଇବା ଅର୍ଥ ଦୁଃଖ ପାଇବା ଆଉ ଦୁଃଖ ପାଇବା ଅର୍ଥ ସୁଖ ପାଇବା । ତେଣୁ ଇନ୍ଦ୍ରିୟ-ଭୋଗର ଅନ୍ତିମ ପରିଣତି ଦୁଃଖ; ଆଉ ଏ ଦୁଃଖର ଅବସାନର କାଳ ସୁଖମୟ । କିନ୍ତୁ ଏ ସୁଖ ଦୁଃଖର ଦ୍ୱନ୍ଦ୍ୱରୁ ନିବୃତ୍ତ ହେବା ଅର୍ଥ ମୋକ୍ଷ ପ୍ରାପ୍ତ କରିବା । ଫଳତଃ ଆନନ୍ଦ ପାଇବା । ତେଣୁ ଯା' ଆନନ୍ଦ, ତା ସୁଖ ନୁହେ । କାରଣ ଆନନ୍ଦ କହିଲେ ଏପରି ଏକ ଆତ୍ମ-ଚେତନାକୁ ବୁଝାଏ ଯା'ର ଅନୁଭୂତି ପାଇଁ ଇନ୍ଦ୍ରିୟର ଅବଶ୍ୟକତା ନାହିଁ, ଯେହେତୁ ସେ ଅତି ସୂକ୍ଷ୍ମ । କିନ୍ତୁ ସୁଖ କହିଲେ ଏପରି ଗୋଟାଏ ମାନସିକ ବିକାଶଜନିତ ସ୍ଫୂର୍ତ୍ତିକୁ ବୁଝାଏ ଯା'ର ଅନୁଭୂତି ପାଇଁ ଇନ୍ଦ୍ରିୟଗଣର ଆବଶ୍ୟକତା ରହିଛି ଅଥଚ ଏ ସୁଖ ମଧ୍ୟ ଗୋଟାଏ ସୂକ୍ଷ୍ମାନୁଭୂତି । କିନ୍ତୁ ଆନନ୍ଦ ପରି ଏହା ଅତି ସୂକ୍ଷ୍ମ ନୁହେ । ପବନ ମଧ୍ୟ ଗୋଟାଏ ସୂକ୍ଷ୍ମ ଭୂତ କିନ୍ତୁ ଆକାଶ ତୁଳନାରେ ସେ ଅତି ସୂକ୍ଷ୍ମ ନୁହେ । ପବନର ଗତି ତଥା ସୀମା ନିର୍ଦ୍ଦିଷ୍ଟ, କିନ୍ତୁ ଆକାଶ ସୀମାତୀତ, ତାର ଗତି ଅନିର୍ଦ୍ଦିଷ୍ଟ । ସୁଖକୁ ଏଥିପାଇଁ ଆନନ୍ଦ ଅପେକ୍ଷା ଅତି ସୂକ୍ଷ୍ମ ମନେ କରାଯାଏ ନା । କାରଣ ସୁଖର ଅନୁଭୂତିର ମାଧ୍ୟମ ସ୍ଥୂଳ ଇନ୍ଦ୍ରିୟଗଣ ।

ଆନନ୍ଦ ଏତେ ସୂକ୍ଷ୍ମ ଯେ ଏହାକୁ କେବଳ ଅନୁଭବ କରି ହୁଏ, ତାକୁ ପ୍ରକାଶ କରି ହୁଏ ନା । ତେଣୁ ଅଗ୍ରଜଗଣ, ସାଧକଗଣ

Digitized by srujanika@gmail.com

ଆନନ୍ଦର ଉପଲବ୍ଧି ପାଇଁ କେବଳ ମାର୍ଗ ପ୍ରଦର୍ଶନ କରି ପାରନ୍ତି, ଆପଣାର ଆନନ୍ଦାନୁଭୂତିକୁ ପ୍ରକଟ କରି ପାରି ନାହାନ୍ତି । ସେଥିପାଇଁ ସେମାନେ କହୁଛନ୍ତି, ଆନନ୍ଦାନୁଭୂତି ପ୍ରାପ୍ତିର ମାର୍ଗ ସାଧନାର ମାର୍ଗ— ଯୋଗ-ସାଧନାର ମାର୍ଗ । ଯୋଗ ଅର୍ଥ ମିଳନ । ଯୋଗ_ସାଧନା ଅର୍ଥ ମିଳନ-ସାଧନା । ଆଉ ମିଳନ ଅର୍ଥ ଆତ୍ମା ସଙ୍ଗରେ ପରମ ଆତ୍ମାର ମିଳନ, ଜୀବ ସାଙ୍ଗରେ ବ୍ରହ୍ମର ମିଳନ, ଚେତନତା ସାଙ୍ଗରେ ପରମ ଚେତନତାର ମିଳନ; ସୁଖକୁ ତ୍ୟାଗପୂର୍ବକ ଆନନ୍ଦ-ପ୍ରାପ୍ତି ।

ଅତଏବ, ଆତ୍ମା ସ୍ୱାଭାବିକ ଅବସ୍ଥା ଯେତେବେଳେ ପ୍ରାପ୍ତ ହୁଏ ଯେତେବେଳେ ପରମାତ୍ମା ସଙ୍ଗରେ ତାର ମିଳନ ସମ୍ଭବ ହୁଏ । ଅନ୍ୟଥା, ଆତ୍ମାର ଅନ୍ୟାନ୍ୟ ସକଳ ଅବସ୍ଥା ଅସ୍ୱାଭାବିକ ଅବସ୍ଥା । କିନ୍ତୁ ଆତ୍ମା ଗୁଣତଃ ମହାନ୍; ଆଉ ସ୍ୱରୂପତଃ ସୂକ୍ଷ୍ମ । ତେଣୁ ଦୁଃଖର ବନ୍ଧନରେ ଆବଦ୍ଧ ହେବାଟା ଆତ୍ମା ପକ୍ଷରେ ସ୍ୱାଭାବିକ ଅବସ୍ଥା ନୁହେ—ଆନନ୍ଦୋପଲବ୍ଧି ପାଇଁ ଦୁଃଖରୁ ନିବୃତ୍ତ ହେବାଟା ଆତ୍ମାର ସ୍ୱାଭାବିକ ଅବସ୍ଥା । ଫଳତଃ ଆତ୍ମା ତାର ସ୍ୱାଭାବିକ ଅବସ୍ଥାର ଅଭାବର କାରଣରୁ ସେ ଆନନ୍ଦ ପ୍ରାପ୍ତ କରି ନ ପାରିଲେ ମଧ୍ୟ ସେ ତାର ଅସ୍ୱାଭାବିକ ଅବସ୍ଥାରେ ଅର୍ଥାତ୍ ଶରୀର ଧାରଣ କରିଥିବା ଅବସ୍ଥାରେ ମଧ୍ୟ ଆନନ୍ଦ ପାଇଁ ନୁହେଁ, ସୁଖ ପାଇଁ ପ୍ରଯତ୍ନ କରେ । ତେଣୁ, 'ନ୍ୟାୟ ଦର୍ଶନ' ବିଚାର କରି ମତ ଦେଇଛନ୍ତି ଯେ, ଛଅଟି ଲକ୍ଷଣ ମଧ୍ୟରୁ 'ସୁଖ' ମଧ୍ୟ ଆତ୍ମାର ଗୋଟାଏ ଲକ୍ଷଣ । ସାଂସାରିକ ସୁଖ ପାଇବା ପାଇଁ, ତେଣୁ, ଆତ୍ମା ନାନାପ୍ରକାର ଜ୍ଞାନବିଜ୍ଞାନ ପ୍ରକଟ କରେ, ଠିକ୍ ଯେପରି କାଷ୍ଠ ତାର ଅସ୍ୱାଭାବିକ ଅବସ୍ଥାରେ ଅର୍ଥାତ୍ ଆର୍ଦ୍ର ଅବସ୍ଥାରେ ଧୂମ୍ର ନିର୍ଗତ କରେ ।

Digitized by srujanika@gmail.com

ଜ୍ଞାନବିଜ୍ଞାନର ମୂଳ ଧ୍ୟେୟ ସୁଖ-ପ୍ରାପ୍ତି । ଯେହେତୁ ଜ୍ଞାନର ପରିଣତ କର୍ମ । 'କର୍ମକୁ' ସକଳ ପ୍ରକାର ସୁଖର କାମନା ରଖି ମନରେ, ମନୁଷ୍ୟ କରେ । ଜ୍ଞାନ-ଅର୍ଜ୍ଜନ ,ବା ଜ୍ଞାନ-ପ୍ରଦାନର ମୂଳରେ ମନୁଷ୍ୟର ଦୁଇଟି ଉଦ୍ଦେଶ୍ୟ ରହିଛି, ଗୋଟିଏ ଉଚ୍ଚ ସ୍ୱାର୍ଥ ଓ ଅନ୍ୟଟି ସାଧାରଣ ସ୍ୱାର୍ଥ । ଜ୍ଞାନ ପ୍ରଦାନ କରି ଆତ୍ମା ଆତ୍ମତୃପ୍ତ ହୁଏ । ଏହା ଉଚ୍ଚକୋଟୀର ସ୍ୱାର୍ଥ, ଏଥିରେ ମଧ୍ୟ ଆନନ୍ଦ ନିହିତ । ପୁଣି, ଜ୍ଞାନ ପ୍ରଦାନ କରି ଆତ୍ମା ଅର୍ଥୋପାର୍ଜ୍ଜନ କରେ, ଏହା ସାଧାରଣ ସ୍ୱାର୍ଥ; ଏଥିରେ ମଧ୍ୟ ସୁଖ ନିହିତ । ଏଥିପାଇଁ ଆତ୍ମା ତାର ଅସ୍ୱାଭାବିକ ଅବସ୍ଥାରେ ଅର୍ଥାତ୍ ଶରୀର ଧାରଣ କାଳରେ ଜ୍ଞାନବିଜ୍ଞାନ ପ୍ରକଟ କରେ । ଜ୍ଞାନବିଜ୍ଞାନ ପ୍ରକଟ କରିବା ମଧ୍ୟ ଆତ୍ମାର ଗୁଣ, ଏକଥା ଋଷି ଆଗରୁ କହି ସାରିଛନ୍ତି । ଆତ୍ମାର ଛଅଟି ଲିଙ୍ଗ (ଚିହ୍ନ) ମଧ୍ୟରୁ 'ଜ୍ଞାନ' ମଧ୍ୟ ଆତ୍ମାର ଗୋଟିଏ ଲିଙ୍ଗ । ଆର୍ଦ୍ର କାଷ୍ଠରୁ ଧୂମାବଳୀ ନିର୍ଗତ କରିବା ଯେପରି ଆର୍ଦ୍ର କାଷ୍ଠର ସ୍ୱଭାବ, ସେପରି ଆତ୍ମା ତାର ଶରୀର ଧାରଣ କାଳରେ ଅର୍ଥାତ୍ ଆର୍ଦ୍ର କାଷ୍ଠ ପରି ଅସ୍ୱାଭାବିକ ଅବସ୍ଥାରେ, ଜ୍ଞାନବିଜ୍ଞାନ ପ୍ରକଟ କରିବା ସ୍ୱଭାବ, ତେଣୁ ଆତ୍ମା ତାର ସ୍ୱାଭାବିକ ଅବସ୍ଥାରେ ଅର୍ଥାତ୍ ଲିଙ୍ଗ-ଶରୀର, ସୂକ୍ଷ୍ମ ଶରୀର ଧାରଣ କାଳରେ, ଯେତେବେଳେ ସେ ବ୍ରହ୍ମ-ସାକ୍ଷାତ କରିବା ପାଇଁ ଯୋଗ୍ୟ ହୁଏ, ସେତେବେଳେ ସେ କୌଣସି ବାହ୍ୟ ସାଧନର ଆଶ୍ରୟ ନିଏ ନା । ଏ କଥା ଉପନିଷଦ କହିଛନ୍ତି— "ନାୟମାତ୍ମା ପ୍ରବଚନେନ ଲଭ୍ୟଃ ନ ମେଧୟା ନ ବହୁନା ଶ୍ରୁତେନ" ପ୍ରବଚନ ଦ୍ୱାରା, ମେଧା ଦ୍ୱାରା, ପାଣ୍ଡିତ୍ୟଦ୍ୱାରା ଈଶ୍ୱରଙ୍କୁ ପ୍ରାପ୍ତ କରି ହୁଏ ନାହିଁ । ପ୍ରବଚନ, ମେଧା, ବୁଦ୍ଧି, ପାଣ୍ଡିତ୍ୟ ଅନ୍ତଃକରଣର ବାହ୍ୟିକ ସାଧନ ମାତ୍ର । ଏ ସାଧନା ସଙ୍ଗରେ ଇନ୍ଦ୍ରିୟ ଜଡ଼ିତ । କିନ୍ତୁ ଅନ୍ତଃକରଣର ଯେ ସାଧନା

Digitized by srujanika@gmail.com

ଅଭ୍ୟନ୍ତରକ, ସେ ସାଧନା ଯୋଗ-ସାଧନା । ତେଣୁ ପରମାର୍ଥକୁ ପ୍ରାପ୍ତ କରିବାକୁ ହେଲେ ଯୋଗ-ସାଧନା ଆବଶ୍ୟକ—ପାଣ୍ଡିତ୍ୟ ନୁହେଁ, ପ୍ରବଚନ ନୁହେଁ, ମେଧା ବା ବୁଦ୍ଧି ନୁହେ ।

ଏ କଥା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ପାଗଳାବସ୍ଥା ମନୁଷ୍ୟର ଅସ୍ୱାଭାବିକ ଅବସ୍ଥା । କିନ୍ତୁ ପାଗଳାବସ୍ଥାରେ ପ୍ରଳାପ କରିବାଟା ତ ମନୁଷ୍ୟ ପକ୍ଷରେ ଅସ୍ୱାଭାବିକ କଥା ନୁହେଁ । ଯଜ୍ଞ ପାଇଁ ସମିଧା ଆବଶ୍ୟକ; କିନ୍ତୁ ଆର୍ଦ୍ର ସମିଧା ତ ଯଜ୍ଞ ପାଇଁ ଅନାବଶ୍ୟକ । ଏହା ଅସ୍ୱାଭାବିକ କଥା ହେବ । ସେହି ଆର୍ଦ୍ର ସମିଧାରେ ଅଗ୍ନି ସଂଯୋଗ କଲେ, ସେ ଯେ ଧୂମାବଳୀ ନିର୍ଗତ କରିବ, ଏ କଥାକୁ ତ ଅସ୍ୱାଭାବିକ କଥା କହି ହେବ ନାହିଁ । ଠିକ୍ ସେହିପରି ଶରୀର ଧାରଣ କରିବାଟା ଆତ୍ମା ପକ୍ଷରେ ଅସ୍ୱାଭାବିକ କଥା ହୋଇ ପାରେ । କିନ୍ତୁ ଶରୀର ଧାରଣ କଲେ, ସେ ଯେ ନାନାବିଧ ବିଦ୍ୟାର ପ୍ରକଟର କାରଣ ହେବ, ଏ କଥାକୁ ତ ଅସ୍ୱାଭାବିକ କହି ହେବ ନାହିଁ । ତେଣୁ ଋଷି କହୁଛନ୍ତି ଯେ ନିଶ୍ୱାସ ମାରିବାଟା ଯେପରି ମନୁଷ୍ୟର ସ୍ୱାଭାବିକ ଗୁଣ, ଠିକ୍ ସେହିପରି ଶରୀର ଧାରଣ କାଳରେ ବିଦ୍ୟା ପ୍ରକଟ କରିବାଟା ମଧ୍ୟ ଆତ୍ମାର ସ୍ୱାଭାବିକ ଗୁଣ । କାରଣ—

"ସ ଯଥା ସର୍ବାସାମପାଂ ସମୁଦ୍ର ଏକାୟନମେବଂ ସର୍ବେଷାଂ ସ୍ପର୍ଶାନାଂ ତ୍ୱଗେକାୟନମେବଂ ସର୍ବେଷାଂ ରସାନାଂ ଜିହ୍ୱୈକାୟନମେବଂ ସର୍ବେଷାଂ ଗନ୍ଧାନାଂ ନାସିକେ ଏକାୟନମେବଂ ସର୍ବେଷାଂ ରୂପାଣାଂଚକ୍ଷୁରେକାୟନମେବଂ ସର୍ବେଷାଂ ଶବ୍ଦାନାଂ ଶ୍ରୋତ୍ରମେକାୟନମେବଂ ସର୍ବେଷାଂ ସଂକଳ୍ପାନାଂ ମନ ଏକାୟନମେବଂ ସର୍ବାସାଂ ବିଦ୍ୟାନାଂ ହୃଦୟମେକାୟନମେବଂ ସର୍ବେଷାଂ କର୍ମଣାଂ ହସ୍ତାବେକାୟନମେବଂ ସର୍ବେଷାମାନନ୍ଦାନାମୁପସ୍ଥ ଏକାୟନମେବଂ

Digitized by srujanika@gmail.com

ସର୍ବେଷାଂ ବିସର୍ଗାଣାଂ ପାୟୁରେକାୟନମେବଂ ସର୍ବେଷାମଧ୍ୱନାଂ ପାଦାବେକାୟନମେବଂ ସର୍ବେଷାଂ ବେଦାନାଂ ବାଗେକାୟନମ୍ ।"
"ସମୁଦ୍ର ଯେପରି ସମସ୍ତ ଜଳର ଏକାୟନ (ମୁଖ୍ୟ ଆଶ୍ରୟ ସ୍ଥଳ) । ତ୍ୱକ୍ ସମସ୍ତ ସ୍ପର୍ଶର ଏକାୟନ, ଜିହ୍ୱା ସମସ୍ତ ରସର ଏକାୟନ, ନାସିକା ସମଗ୍ର ଗନ୍ଧର ଏକାୟନ, ଚକ୍ଷୁ ସମସ୍ତ ରୂପର ଏକାୟନ, ଶ୍ରୋତ୍ର ସମସ୍ତ ଶବ୍ଦର ଏକାୟନ, ମନ ସମସ୍ତ ସଂକଳ୍ପର ଏକାୟନ, ହୃଦୟ ସମସ୍ତ ବିଦ୍ୟାର ଏକାୟନ, ହସ୍ତ ସମସ୍ତ କର୍ମର ଏକାୟନ, ଉପସ୍ଥ ସମସ୍ତ ଆନନ୍ଦର ଏକାୟନ, ପାୟୁ (ଗୁହ୍ୟଦ୍ୱାର) ସମସ୍ତ ବିସର୍ଗ-କର୍ମର ଏକାୟନ, ଚରଣ ସମସ୍ତ ମାର୍ଗର ଏକାୟନ, ବାଣୀ ସମସ୍ତ ବେଦର ଏକାୟନ । (ଠିକ୍ ସେହିପରି ଆତ୍ମା ସମସ୍ତ ଜ୍ଞାନର ଏକାୟନ ।)"

ପୃଥିବୀରେ ଯେଉଁଠି ଯେତେ ଜଳ ଅଛି, ସେ ସମସ୍ତ ଜଳର ଏକମାତ୍ର ମୁଖ୍ୟ ଆଶ୍ରୟ-ସ୍ଥଳ ସମୁଦ୍ର । ବାଷ୍ପାକାରରେ ଏଇ ସମୁଦ୍ରରୁହିଁ ଜଳ ବହିର୍ଗତ ହୋଇ ବର୍ଷା ରୂପରେ ଏଇ ସମୁଦ୍ର ହିଁ ଆଶ୍ରୟ ନିଏ । କୂପ, ତଡ଼ାଗ, ନଦୀ, ସରୋବରର ମୁଖ୍ୟ ଆଶ୍ରୟ ଏଇ ସମୁଦ୍ର । ଏଇ ସମୁଦ୍ରର ଜଳ ହିଁ ବର୍ଷା ରୂପରେ ପରିଣତ ହୋଇ ଏଇ କୂପତଡ଼ାଗାଦିକୁ ପରିପୂର୍ଣ୍ଣ କରେ । ଅଉ ନଦୀ ସରୋବରର ଜଳ ବାଷ୍ପାକାରରେ ବହିର୍ଗତ ହୋଇ ବର୍ଷା ରୂପରେ ପରିଣତ ହୋଇ ଏଇ ସମୁଦ୍ରର ଆଶ୍ରୟ ନିଏ । ଏଥିରୁ ଏକଥା ସ୍ୱୀକାର କରିବାରେ ଅସଙ୍ଗତ ହେବ ନାହିଁ ଯେ ସମସ୍ତ ଜଳର ଏକାୟନ ଅର୍ଣ୍ଣବ ।

ତ୍ୱକ୍ (ଚର୍ମ) ମଧ୍ୟ ସେହିପରି ସକଳ ପ୍ରକାର ସ୍ପର୍ଶର କାରଣ । କୋମଳ, କଠୋର, ରୁକ୍ଷ, ଚିକ୍କଣ, ଶୈତ୍ୟ, ଉଷ୍ଣ, ଏ ସମସ୍ତ

Digitized by srujanika@gmail.com

ପ୍ରକାର ସ୍ପର୍ଶର କାରଣ ତ୍ୱଗ୍ । ତ୍ୱଗ୍ ବିନା କୌଣସି ପ୍ରକାର ସ୍ପର୍ଶର ଅନୁଭୂତ ଆମମାନଙ୍କ ପକ୍ଷରେ ସମ୍ଭବ ନୁହେଁ । ତେଣୁ ତ୍ୱଗ୍ ଯେପରି ସମସ୍ତ ପ୍ରକାରର ସ୍ପର୍ଶର କାରଣ, ସେପରି ସେ ସ୍ପର୍ଶର ଉତ୍ପତ୍ତିର ମଧ୍ୟ କାରଣ । ସମୁଦ୍ର ମଧ୍ୟ ସେହିପରି ଜଳର ଆଶ୍ରୟ ତଥା ଉତ୍ପତ୍ତି, ଏ ଉଭୟର କାରଣ (ନିମିତ୍ତ କାରଣ ମାତ୍ର—ମୁଖ୍ୟ କାରଣ ତ ଈଶ୍ୱର) ।

କଷାୟ, ମଧୁର, ତିକ୍ତ, ଅମ୍ଳ, ଲବଣ ଏ ସମସ୍ତ ପ୍ରକାର ରସର ଉତ୍ପତ୍ତି ତଥା ଅନୁଭୂତିର କାରଣ ଜିହ୍ୱା । ଜିହ୍ୱା ନ ଥିଲେ ରସର ଅନୁଭବ କରିବାର ଆମର ଶକ୍ତି ମଧ୍ୟ ନ ଥାନ୍ତା ତଥା ରସର ଉତ୍ପତ୍ତି ମଧ୍ୟ ସମ୍ଭବ ହୁଅନ୍ତା ନାହିଁ । ଏହାହିଁ କାରଣ ଯେ କୌଣସି କାରଣବଶତଃ ଜିହ୍ୱା ପୋଡ଼ିଗଲେ ବା ବିକୃତ ହୋଇଗଲେ ଜିହ୍ୱା ଥିବା ସତ୍ତ୍ୱେ ମଧ୍ୟ ଆମେ ରସାସ୍ୱାଦନ କରିପାରୁ ନା······ ସୃଷ୍ଟି ହେଉଛି ବୋଲି ସଂସାର ରହିଛି, ଅଉ ସଂସାର ରହିଛି ବୋଲି ସୃଷ୍ଟି ହେଉଛି । ପୁଷ୍ପ ରହିଛି ବୋଲି ଗନ୍ଧ ରହିଛି, ଅଉ ଗନ୍ଧ ରହିଛି ବୋଲି ପୁଷ୍ପ ରହିଛି । ଅତଏବ ଉତ୍ପତ୍ତି ଅଉ ଅନୁଭୂତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ଅନୁଭୂତ ସୂକ୍ଷ୍ମ ପ୍ରକୃତ ଅର୍ଥାତ୍ ଚେତନ ପ୍ରକୃତ, ଅଉ ଉତ୍ପତ୍ତି ସ୍ଥୂଳ ପ୍ରକୃତି ଅର୍ଥାତ୍ ଜଡ଼ ପ୍ରକୃତ । ଏ ଦୁହେଁ ପ୍ରକୃତ । ଜୀବ ଅଉ ବ୍ରହ୍ମ ବ୍ୟତିରେକେ ସଂସାରରେ ଅଉ ବାକି ଯା କିଛି ରହିଛି, ତା ପ୍ରକୃତ । ମାଟି, ପବନ, ପାଣି, ଅଗ୍ନି, ଆକାଶ ଏମାନେ ଜୀବ ବା ବ୍ରହ୍ମ ନୁହନ୍ତି । ତେଣୁ ଏମାନେ ପ୍ରକୃତ; କିନ୍ତୁ ଏ ପ୍ରକୃତ ସ୍ଥୂଳ ପ୍ରକୃତ, ଜଡ଼ପ୍ରକୃତ, ଏହା ଆଖିକୁ ଦେଖା ଯାଉଛି । ଆହାର, ନିଦ୍ରା, ଭୟ, ମୈଥୁନ, ଶୋକ, ଦୁଃଖ, ଏହା ମଧ୍ୟ ଜୀବ ନୁହେ ବା ବ୍ରହ୍ମ ନୁହେଁ, ଏହା ମଧ୍ୟ ପ୍ରକୃତ ।

Digitized by srujanika@gmail.com

କିନ୍ତୁ ଏହା ସୂକ୍ଷ୍ମ ପ୍ରକୃତ, କାରଣ ଏହା ସୂକ୍ଷ୍ମ, ଭାବବିଶେଷ (Adstract things)। ଏହା ଆଖିକୁ ଦେଖାଯାଏ ନା—ଏହାକୁ ଅନୁଭବ କରାଯାଏ। ଅନୁଭୂତ ସୂକ୍ଷ୍ମ ପ୍ରକୃତ। କାରଣ ଏହା ବ୍ରହ୍ମର ବା ଜୀବର ଗୁଣ ନୁହେ। ଅନୁଭବ ଇନ୍ଦ୍ରିୟର ମାଧ୍ୟମରେ କରାଯାଏ। ବ୍ରହ୍ମର ଇନ୍ଦ୍ରିୟ ନାହିଁ। ତେଣୁ ସେ ପ୍ରକୃତ ନୁହେଁ। ହଁ, ଆତ୍ମାର ଛଅଟି ଗୁଣ ଅଛି, ଇଚ୍ଛା, ଦ୍ୱେଷ, ସୁଖ, ଦୁଃଖ, ଜ୍ଞାନ, ପ୍ରଯତ୍ନ। ଆତ୍ମା ଅନୁଭୂତଦ୍ୱାରା ଏ ଗୁଣସକଳକୁ ଗ୍ରହଣ କରେ, ଏକଥା ମଧ୍ୟ ସତ; କ୍ଷୁଧା ତୃଷା ତଥା ବିଷୟାନନ୍ଦର ଅନୁଭୂତ ଆତ୍ମାର ବହନ୍ତି ସତ। କିନ୍ତୁ ଆତ୍ମା ଯେତେବେଳେ ଦେହ ଧାରଣ କରେ, ଅର୍ଥାତ୍ ଇନ୍ଦ୍ରିୟଯୁକ୍ତ ହୁଏ, ସେତେବେଳେ ସେ କେବଳ ଏ ଅନୁଭୂତ ଗ୍ରହଣ କରେ। କିନ୍ତୁ ଆତ୍ମା ଯେତେବେଳେ ଇନ୍ଦ୍ରିୟରହିତ ହୁଏ ଅର୍ଥାତ୍ ମୁକ୍ତ ହୁଏ, ସେତେବେଳେ ସେ ଇନ୍ଦ୍ରିୟରହିତ ହୁଏ ବୋଲି ତ ସେ ମୁକ୍ତ ହୁଏ। ତେଣୁ ଆତ୍ମାର ମଧ୍ୟ ଇନ୍ଦ୍ରିୟ ନାହିଁ—ସେ ସାମୟିକଭାବରେ, ଅସ୍ୱାଭାବିକଭାବରେ ହିଁ କେବଳ ଇନ୍ଦ୍ରିୟର ବଶୀଭୂତ ହୁଏ। ତେଣୁ ଆତ୍ମା ଇନ୍ଦ୍ରିୟରହିତ ହୋଇଥିବାରୁ, ସୂକ୍ଷ୍ମ ହୋଇ ଥିବାରୁ, ସେ ପ୍ରକୃତ ନୁହେ। ପ୍ରକୃତ ଅନାଦି। କାରଣ ପ୍ରକୃତର ଗୁଣ ସତ୍। ସତ୍ ଅର୍ଥ ଅସ୍ତିତ୍ୱ। ଯେ ଅଛି, ତାକୁହିଁ କୁହାଯାଏ ସତ୍। ଯା'ର ଅସ୍ତିତ୍ୱ ନାହିଁ, ସେ ଅସତ୍।

"ନାସତୋ ବିଦ୍ୟତେ ଭାବୋ ନାଭାବୋ ବିଦ୍ୟତେ ସତଃ।"

(ଗୀତା)

"ଅସତ୍ୟର ଅସ୍ତିତ୍ୱ ନାହିଁ, ଆଉ ସତ୍ୟର ଅଭାବ (ଅନସ୍ତିତ୍ୱ) ନାହିଁ।" ନାସିକା ସକଳ ପ୍ରକାର ଗନ୍ଧର ଏକାୟନ, ସେ ଗନ୍ଧ ସୁଗନ୍ଧ ହେଉ ବା ଦୁର୍ଗନ୍ଧ ହେଉ। ଚକ୍ଷୁ ମଧ୍ୟ ସେହିପରି ସମସ୍ତ ପ୍ରକାର ରୂପ-ଦର୍ଶନର ଆଧାର। ରୂପର ଉତ୍ପତ୍ତିର କାରଣ ମଧ୍ୟ

Digitized by srujanika@gmail.com

ଚକ୍ଷୁ । ଅତ ରୂପାନୁଭୂତିର କାରଣ ମଧ୍ୟ ଚକ୍ଷୁ । ମନୁଷ୍ୟର ଦୃଷ୍ଟିଶକ୍ତି ରହିଛି ବୋଲି ରୂପସୃଷ୍ଟି ହୋଇଛି । ରୂପସୃଷ୍ଟିର ଯେ ସ୍ରଷ୍ଟା, ସେ ସର୍ବଜ୍ଞ; ରୂପସୃଷ୍ଟିର ଆବଶ୍ୟକତା ଥିବାରୁ ସିନା ସେ ରୂପସୃଷ୍ଟି କରିଛନ୍ତି । ରୂପସୃଷ୍ଟିର ଆବଶ୍ୟକତାର କାରଣ ଦୃଷ୍ଟିଶକ୍ତି—ଚକ୍ଷୁ । ସେହିପରି ସକଳ ପ୍ରକାର ଶବ୍ଦ, ଅର୍ଥାତ୍ ମନ୍ଦ୍ର, ତାର, ଗମ୍ଭୀର, ଶବ୍ଦାତ୍ମକ, ଧ୍ୱନ୍ୟାତ୍ମକର ଏକାୟନ ଶ୍ରବଣ ।......କିନ୍ତୁ ଏ ସକଳ ପ୍ରକାର ଅନୁଭୂତିର ମୁଖ୍ୟ ଏକାୟନ, ମୁଖ୍ୟ ସାଧନ ମନ । ମନ ନ ଥିଲେ ଏ ଇନ୍ଦ୍ରିୟଗଣ ନ ଥାନ୍ତେ । ଅଜ ଇନ୍ଦ୍ରିୟଗଣ ନ ଥିଲେ ଏ 'ବିଷୟ' ନ ଥାନ୍ତା । ଇନ୍ଦ୍ରିୟଗଣ ଥିଲେ ମଧ୍ୟ ଯଦି ମନ ନ ଥାନ୍ତା, ତେବେ ବିଷୟାନନ୍ଦର ଅନୁଭୂତି ସମ୍ଭବ ହୁଅନ୍ତା ନାହିଁ । ମନ, ତେଣୁ, ବିଷୟ-ଭୋଗର କାରଣ ହୋଇଥିବାରୁ ସେ ଇନ୍ଦ୍ରିୟମାନଙ୍କ ଅପେକ୍ଷା ଶ୍ରେଷ୍ଠ ଇନ୍ଦ୍ରିୟ; ଏ କଥା ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି—'ଇନ୍ଦ୍ରିୟାଣାଂ ମନଶ୍ଚାସ୍ମି'—ମୁଁ ଇନ୍ଦ୍ରିୟମାନଙ୍କ ମଧ୍ୟରେ ମନ ସ୍ୱରୂପ । ଅର୍ଥାତ୍ ଇନ୍ଦ୍ରିୟମାନଙ୍କ ମଧ୍ୟରେ ଶ୍ରେଷ୍ଠ ଯେଉଁ ମନ, ସେ ମନ ତୁଲ୍ୟ ମୁଁ ଶ୍ରେଷ୍ଠ । ଯେ ପାଗଳ, ସେ ଇନ୍ଦ୍ରିୟଗଣଙ୍କ ସାହାଯ୍ୟରେ ବିଷୟକୁ ଏଥିପାଇଁ ପରିପୂର୍ଣ୍ଣଭାବରେ ତଥା ସ୍ପଷ୍ଟତଃ ଗ୍ରହଣ କରିପାରେ ନା ଯେ ତାର ମନ ବିକୃତ ହୋଇପଡ଼ିଥାଏ । ପାଗଳର ତ ଇନ୍ଦ୍ରିୟ ଥାଏ—ବିଷୟାନୁଭୂତିର ଶକ୍ତି ଥାଏ । କିନ୍ତୁ ନ ଥାଏ ତାର ମନ ବୋଲି ଅର୍ଥାତ୍ ମନ ତାର ବିକୃତ ହୋଇ ଯାଇଥାଏ ବୋଲି ଇନ୍ଦ୍ରିୟର ମାଧ୍ୟମରେ ସେ ବିଷୟକୁ ଗ୍ରହଣ କରି ପାରେନା । ତେଣୁ ତାର ଭୋକ ଥିବା ସତ୍ତ୍ୱେ ମଧ୍ୟ ଖାଦ୍ୟର ବର୍ଜନ ମଧ୍ୟ କରେ । ଉଲଗ୍ନ ହେବା, ଅସଙ୍ଗତ, ଏ କଥା ସେ ଜାଣି ପାରେନା ବୋଲି ସେ ବସ୍ତ୍ରଧାରଣ କରେ ନା । ତା' ପରେ ହୃଦୟ; ହୃଦୟ ସମସ୍ତ ପ୍ରକାରର ଜ୍ଞାନବିଜ୍ଞାନର ମୂଳ—ସମସ୍ତ ପ୍ରକାର

Digitized by srujanika@gmail.com

ବିଦ୍ୟାର ମୂଳ । କିନ୍ତୁ ମନ ବିଦ୍ୟାର ଆଧାର ନୁହେଁ । କାରଣ—“ମନୋଦୁର୍ନିଗ୍ରହଂ ଚଳମ୍”—ମନ ଚଞ୍ଚଳ ହୋଇଥିବାରୁ ସେ ଦୁର୍ନିଗ୍ରହ । ଅତ୍ ମନର ଗୁଣ କେବଳ ଗ୍ରହଣ କରିବା—ବିବେଚନା କରିବା ନୁହେ । ମନ, ତେଣୁ, ସର୍ବଦା ଗ୍ରହଣ କରିବାକୁ ଉଦ୍ୟତ ହେଉଥାଏ ବୋଲି ସେ ସର୍ବଦା ଚଳାୟମାନ । ଅତ୍ ସେ ସର୍ବଦା ଚଳାୟମାନ ବୋଲି ସେ ବିଦ୍ୟାର ଆଧାର ହୋଇ ପାରେନା—ବିଦ୍ୟାଗ୍ରହଣ ବା ତାକୁ ଅନୁଭବ ସାଧନ ଶାନ୍ତତା—ଚଞ୍ଚଳତା ନୁହେ । ତେଣୁ ହୃଦୟର କାର୍ଯ୍ୟ ବିଦ୍ୟା ଗ୍ରହଣ କରିବା, ବିଦ୍ୟାକୁ ଧାରଣ କରିବା । କାରଣ ହୃଦୟର ସ୍ୱଭାବ ଶାନ୍ତ ରହିବା—ଚଞ୍ଚଳ ନ ହେବା । ହୃଦୟ ଚଞ୍ଚଳ ନୁହେଁ ବୋଲି ତାକୁ ସୁପ୍ତ କୁହାଯାଏ—“Soul is dormant ।” ଅତ୍ ଶାନ୍ତତା ବିଦ୍ୱତ୍ତାର ଆଧାର—ଚଞ୍ଚଳତା ନୁହେ ।

ଯେ ଚଞ୍ଚଳ ସେ ବିଦ୍ୱାନ୍ ହୋଇ ପାରେନା । ମନ ସ୍ଥିର ନ ରହିଲେ ବିଦ୍ୟା ଗୃହୀତ ହେବ କିପରି ? (ମନର ସ୍ୱଭାବ ଯେ ଚଞ୍ଚଳତା, ଏକଥା ଆଗରୁ କୁହା ଯାଇଛି । କିନ୍ତୁ ଏଠାରେ ମନର ସ୍ଥିରତା ଅର୍ଥ ଏକ କାଳରେ କେବଳ ଗୋଟାଏ ବିଷୟ ଗ୍ରହଣ କରିବାକୁ ଉଦ୍ୟତ ହେବା) ଇଚ୍ଛା ନ ଥିଲେ, ଉପାୟ ଥିଲେ ମଧ୍ୟ ତ, କାର୍ଯ୍ୟର ସମାଧା ସମ୍ଭବ ହୋଇ ପାରେନା । ମନର ଅନିଚ୍ଛାହିଁ ତ ମନର ଅଯୋଗ୍ୟତା—ମନର ଚଞ୍ଚଳତା—ମନର ଗ୍ରହଣରେ ଅପାରଙ୍ଗମତା । ତେଣୁ ସକଳ ପ୍ରକାର ବିଦ୍ୟା, ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ, ଜ୍ୟୋତିଷାଦିର ଆଧାର କେବଳ ହୃଦୟ—ମନ ନୁହେ । ଧାରଣ କରିବା ସ୍ୱଭାବ—ହୃଦୟର । କେବଳ ଗ୍ରହଣ କରିବା ସ୍ୱଭାବ ମନର । ମନର ଧାରଣ କରିବାର

Digitized by srujanika@gmail.com

ଗୁଣ ନାହିଁ କି ହୃଦୟର ଗ୍ରହଣ କରିବାର ଗୁଣ ନାହିଁ । ଅତ୍ର ବିଦ୍ୟାକୁ ଧାରଣ ନ କଲେ, ତାର ବିକାଶ ସମ୍ଭବ ନୁହେ ବୋଲି ଧାରଣା-ଶକ୍ତି-ସମ୍ପନ୍ନ ହୃଦୟ ତାକୁ ଧାରଣ କରେ । ସକଳ ପ୍ରକାର ବିଦ୍ୟା ରହିଛି ବୋଲି, ଏ ବିଦ୍ୟାକୁ ଧାରଣ ତଥା ପ୍ରକାଶ କରିବାକୁ ହୃଦୟ ରହିଛି । ହୃଦୟ ନ ଥିଲେ ବିଦ୍ୟା ନ ଥାନ୍ତା, ବିଦ୍ୟା ନ ଥିଲେ ହୃଦୟ ନ ଥାନ୍ତା। ଜଳର ଆଧାର ଭୂମି ରହିଛି ବୋଲି ଜଳ ରହିଛି । ଭୂମି ସୃଷ୍ଟି ହୋଇ ନ ଥିଲେ ଜଳର ସୃଷ୍ଟି ମଧ୍ୟ ହୋଇ ନ ଥାନ୍ତା । ତେଣୁ ହୃଦୟ, ବିଦ୍ୟା, ଭୂମି ଏବଂ ଜଳ ପର ଅନାଦି । କାରଣ ଏ ଦୁହେଁ ପ୍ରକୃତ । ଅତ୍ର ପ୍ରକୃତ ସତ୍; ଅର୍ଥାତ୍ ପ୍ରକୃତର ଅସ୍ତିତ୍ୱ ଜୀବ ଅତ୍ର ବ୍ରହ୍ମ ପର ଅନାଦି କାଳରୁ ରହିଛି ।

ସଂସାରରେ କୌଣସି ପଦାର୍ଥ ସୃଷ୍ଟି ହୋଇନାହିଁ । ସଂସାରର ସକଳ ପଦାର୍ଥ, ସେ ଜଡ଼ ହେଉ ବା ଚେତନ, ସୃଷ୍ଟିର ଅନାଦି କାଳରୁ ରହିଛି । ସେ ସକଳର (ବ୍ରହ୍ମ ବ୍ୟତୀରେକେ ଅନ୍ୟାନ୍ୟ ସକଳର) ପରିବର୍ତ୍ତନକୁହିଁ କୁହାଯାଏ ସୃଷ୍ଟି ବା ନାଶ । ମନ ତ ମୂଳରୁ ରହିଛି, ଆତ୍ମା ତ ମୂଳରୁ ରହିଛି, ଶରୀର ତ ମୂଳରୁ ରହିଛି; (ଅର୍ଥାତ୍ ଶରୀର-ସୃଷ୍ଟିର ଆଧାର ପଞ୍ଚ ମହାଭୂତ ମୂଳରୁ ରହିଛନ୍ତି) । ଏହାକୁ ଈଶ୍ୱର ମଧ୍ୟ ନିଜେ ସୃଷ୍ଟି କରି ନାହାନ୍ତି । କିନ୍ତୁ ଏ ମନ, ଏ ଶରୀର, ତଥା ଆତ୍ମାର ସଂଯୋଗରେ, ସମନ୍ୱୟରେ ଯେ ପରିବର୍ତ୍ତନ ସମ୍ଭବ ହୁଏ, ତାକୁହିଁ କୁହାଯାଏ ସୃଷ୍ଟି; ଅତ୍ର ସଂଯୋଗ ବା ସମନ୍ୱୟକର୍ତ୍ତା ଈଶ୍ୱର ବୋଲି ଈଶ୍ୱରଙ୍କୁ ସୃଷ୍ଟିକର୍ତ୍ତା କୁହାଯାଏ । ତେଣୁ, ସୃଷ୍ଟି ଅର୍ଥ କେବଳ 'ପରିବର୍ତ୍ତନ', ନିର୍ମାଣ । କୁମ୍ଭକାର ଘଟ ନିର୍ମାଣ କରେ; ଏ ଘଟ ସେ ସୃଷ୍ଟି କରେ ନା । କାହିଁକି ନା,

Digitized by srujanika@gmail.com

ତା' ପାଖରେ ଘଟ-ନିର୍ମାଣର ସକଳ ଉପାଦାନ ଆଗରୁ ଥିଲା । ଏ ଉପାଦାନଗୁଡ଼ିକୁ ସେ ପଦ ସୃଷ୍ଟି କରି ପାରିଥାନ୍ତା, ତେବେ ସେ ଘଟକୁ ମଧ୍ୟ ସୃଷ୍ଟି କରିଛି, ଏ କଥା କୁହାଯାଇ ପାରନ୍ତା । କୁମ୍ଭକାର ଘଟକୁ ନିର୍ମାଣ କଲା ପରି ପରମାତ୍ମା ଏ ସଂସାରକୁ ନିର୍ମାଣ କରିଛନ୍ତି । କୁମ୍ଭକାର ତୁଳନାରେ ବ୍ରହ୍ମ ଅଶେଷ ଶକ୍ତିଶାଳୀ ଆଉ ବ୍ରହ୍ମର ନିର୍ମାଣ-କୌଶଳ ଅତୀବ ଅଲୌକିକ ବୋଲି ତାର ନିର୍ମାଣ-କୌଶଳକୁ କୁହାଯାଏ ସୃଷ୍ଟି, ପାର୍ଥିବ ପଦାର୍ଥରୁ ନିର୍ମାଣ ଆଉ ଅପାର୍ଥିବ ପଦାର୍ଥର ମୂଳ, ଉପାଦାନ କାରଣର ନିର୍ମାଣ ସମ୍ବନ୍ଧରେ ପାର୍ଥକ୍ୟ ଦର୍ଶାଇବା ପାଇଁ ।

ଉତ୍କ୍ଷେପଣ (ଉପରକୁ ଫୋପାଡ଼ିବା), ଅବକ୍ଷେପଣ (ତଳକୁ ଫିଙ୍ଗିବା), ସମ୍ପ୍ରସାରଣ (ପ୍ରସାରଣ କରିବା), ସଂକୋଚନ (ସଂକୋଚ କରିବା) ଏପରି ଯେତେ ପ୍ରକାର କର୍ମ ଅଛି, ସେ ସମସ୍ତ କର୍ମ ହସ୍ତର । ଠିକ୍ ସେହିପରି ସମସ୍ତ ମାର୍ଗର ଏକାୟନ ପାଦ । ଆଉ ଶରୀରର ସକଳ ପ୍ରକାର ବିସର୍ଗ ଅର୍ଥାତ୍ ଶରୀରର ସକଳ ପ୍ରକାର ମଳ-ବିସର୍ଗର ମାର୍ଗ ବା ମୂଳପଥ ପାୟୁ (ଗୁହ୍ୟଦ୍ୱାର) ।

ବାଣୀ ସେହିପରି ବେଦର ଏକାୟନ । ବେଦ ଅର୍ଥ ଜ୍ଞାନ । ବିଦ୍+ଅ=ବେଦ । 'ବିଦ୍' ଧାତୁର ଅର୍ଥ ଜାଣିବା । ତେଣୁ ବେଦ ସକଳ ପ୍ରକାର ଜ୍ଞାନ ବିଜ୍ଞାନର ମୂଳ ସ୍ରୋତ । ତେଣୁ ବାଣୀ ଜ୍ଞାନର ପ୍ରଚୁରପ୍ରସାର, ଧାରଣଗ୍ରହଣର କାରଣ । ବାଣୀ ସାହାଯ୍ୟରେ ମନୁଷ୍ୟ ବିଦ୍ୟା ଅନ୍ୟକୁ ଦିଏ, ଆଉ ନିଜେ ମଧ୍ୟ ବିଦ୍ୟା ଗ୍ରହଣ କରେ । ବାଣୀ ନ ଥିଲେ ବେଦର ପ୍ରଚାର ହୋଇ ପାରି ନ ଥାନ୍ତା,

Digitized by srujanika@gmail.com

ପ୍ରଥମରେ କେବଳ ପ୍ରବଚନ ଦ୍ୱାରା, ମୌଖିକ ପ୍ରଶ୍ନ ଦ୍ୱାରାହିଁ ଅର୍ଥାତ୍ ବାଣୀ ଦ୍ୱାରାହିଁ ବେଦ ଅର୍ଥାତ୍ ଜ୍ଞାନର ପ୍ରଚାର ସମ୍ଭବ ହୋଇ ପାରିଲା । ଅତ୍ର ଲୋକେ କେବଳ ଶୁଣିକରି ଏ ଜ୍ଞାନକୁ ଗ୍ରହଣ କରୁଥିଲେ ବୋଲି ବେଦର ଅନ୍ୟ ନାମ 'ଶ୍ରୁତି' । ଏ ବେଦର, ଏ ଜ୍ଞାନର ଲିପିବଦ୍ଧନ, ଅର୍ଥାତ୍ ଜ୍ଞାନର ଭାଷାରେ ରୂପାନ୍ତରିତ-କାରଣ କେବଳ ଐତିହାସିକ କାଳର ଘଟଣା, ବେଦ ସୃଷ୍ଟି କାଳର ନୁହେ ।

ଋଷି ଏ କଥା ମଧ୍ୟ କହୁଛନ୍ତି ଯେ ସମସ୍ତ ଅନନ୍ଦ (ସୁଖର) ଏକାୟନ ଉପସ୍ଥ । ଏ ଅନନ୍ଦ ଅର୍ଥ ସାଂସାରିକ ଅନନ୍ଦ ଅର୍ଥାତ୍ ସୁଖ । ଆମର ସମସ୍ତ ଇନ୍ଦ୍ରିୟ ମଧ୍ୟରେ ଉପସ୍ଥେନ୍ଦ୍ରିୟ ଅତି ସମ୍ବେଦନ-ଶୀଳ । ତେଣୁ ଉପସ୍ଥ ଅତି ଚଞ୍ଚଳ । ଏ ଇନ୍ଦ୍ରିୟର ବିଷୟ ମଧ୍ୟ, ତେଣୁ, ଅତି ଆକର୍ଷକ, ଅତି ଚଞ୍ଚଳ । ଏ ଇନ୍ଦ୍ରିୟର ବିଷୟ ହେଉଛନ୍ତି ନାରୀ । ଏ ନାରୀହିଁ ତ ରୂପ ଯୌବନର ସମ୍ପନ୍ନତାରେ ଅତି ଆକର୍ଷକ । ତେଣୁ ଉପସ୍ଥର ଆଧାର ରୂପ ଅଉ ଯୌବନ, ଏକ କଥାରେ ନାରୀ । ଏ ନାରୀ ମନୁଷ୍ୟର ସମସ୍ତ ଉଦ୍‌ବେଗ, ଉତ୍କଣ୍ଠା ଚଞ୍ଚଳତାର ମୁଖ୍ୟ କାରଣ । ଉପସ୍ଥେନ୍ଦ୍ରିୟରେ ପ୍ରବୃତ୍ତି ଯେତେ ପ୍ରବଳ, ଏହାର ଅବସାଦମୟ କ୍ଲେଶଦାୟୀ ପରିସମାପ୍ତି ମଧ୍ୟ ଏହାର ପ୍ରବୃତ୍ତି ତୁଳନାରେ ସମାନଭାବରେ ସେତେ ପ୍ରବଳ । ତେଣୁ ତା ଅବସାଦମୟ, ବିଷାଦମୟ । ବୃକ୍ଷର ଅତି ଊର୍ଦ୍ଧ୍ୱରୁ ଭୂପତିତ ମନୁଷ୍ୟର ଦୈହିକ ଯନ୍ତ୍ରଣା, ଭୂମି ତଥା ବୃକ୍ଷର ଦୂରତ୍ୱର ବିଚାର ଦୃଷ୍ଟିରୁ ଅତି ବେଶୀ ହେବା ସ୍ୱାଭାବିକ, ଠିକ୍ ଯେପରି ବୃକ୍ଷର ଅତି ନିକଟରୁ ଭୂପତିତ ମନୁଷ୍ୟର କଷ୍ଟ, ଏ ବୃକ୍ଷ ତଥା ଭୂମିର ବ୍ୟବଧାନ ତୁଳନାରେ ଅତି ଅଳ୍ପ ହେବା ସ୍ୱାଭାବିକ ।

Digitized by srujanika@gmail.com

ଉପସ୍ଥେନ୍ଦ୍ରିୟର ଏ ପ୍ରବଳ ସଂବେଦନଶୀଳତା ପାଇଁ, ବୋଧହୁଏ କେତେକ ଅଗ୍ରହର୍ଷ କହନ୍ତି ଯେ ସାଂସାରିକ ସମସ୍ତ ପ୍ରକାର ସୁଖ ତୁଳନାରେ କାମ-ସୁଖ ପରମ ସୁଖ । କାରଣ ଉପସ୍ଥର ଏ ପ୍ରବଳ ସଂବେଦନଶୀଳତା ଆମକୁ ପ୍ରବଳଭାବରେ ଭୋଗରେ ପ୍ରବୃତ୍ତ ହେବାପାଇଁ ପ୍ରବଳଭାବରେ ପ୍ରେରିତ କରେ, ତେଣୁ ଭୋଗରେ ପ୍ରବୃତ୍ତି ମଧ୍ୟ ପ୍ରବଳ ହୁଏ । ଫଳତଃ ଏ ଭୋଗରୁ ଜାତ ସୁଖ ମଧ୍ୟ ପ୍ରବଳ ହୁଏ । ଏହାହିଁ କାରଣ ଯେ ଏ ଭୋଗ-କାଳରେ ମନୁଷ୍ୟ ନିଜର ଅସ୍ତିତ୍ୱକୁ ପର୍ଯ୍ୟନ୍ତ ଭୁଲିଯାଏ, ଭୂତ ଭବିଷ୍ୟତକୁ ଭୁଲିଯାଏ— ଚିନ୍ତା ବିଗ୍ରହକୁ ମଧ୍ୟ ଭୁଲିଯାଏ—ମନୁଷ୍ୟ ପୂର୍ଣ୍ଣ ନିର୍ଲ୍ଲଜ ହୋଇପଡ଼େ । ପୁରୁଷ ବା ସ୍ତ୍ରୀ ନିର୍ଲ୍ଲଜ ନ ହେଲେ ତ ଏ ଭୋଗରେ ପ୍ରବୃତ୍ତ ହୋଇ ପାରେ ନା । ତେଣୁ ନିର୍ଲ୍ଲଜତା ସ୍ତ୍ରୀ ପୁରୁଷ ପକ୍ଷରେ ଏ ଭୋଗରେ ପ୍ରବୃତ୍ତ ହେବା ପାଇଁ ଆବଶ୍ୟକ; ଅତ୍ ଏ ଆବଶ୍ୟକତା ସ୍ୱାଭାବିକ ଆବଶ୍ୟକତା । ଅତ୍ ଏ ଭୋଗରୁ ନିବୃତ୍ତିର ପ୍ରବଳତାହିଁ ପ୍ରମାଣ ଯେ ଏ ଭୋଗରେ ପ୍ରବୃତ୍ତି ଅତି ପ୍ରବଳ । ଆମର ଅନ୍ୟାନ୍ୟ ଇନ୍ଦ୍ରିୟଭୋଗ ଆମକୁ ଏତେ ପ୍ରବଳଭାବରେ ଆସକ୍ତ କରି ପାରେ ନା ଯେତେ କାମାଶକ୍ତି ଆସକ୍ତ କରେ । ଜିହ୍ୱା, ଚକ୍ଷୁ, ଚର୍ମ, ଶ୍ରୋତ୍ର ଏ ସମସ୍ତ ଇନ୍ଦ୍ରିୟର ବିଷୟ ମଧ୍ୟ ମନକୁ ଆସକ୍ତ କରେ, ହୃଦୟକୁ ଆଚ୍ଛନ୍ନ କରେ ସତ; କିନ୍ତୁ ଯେ ବେଗରେ କାମ ଆମକୁ ଆସକ୍ତ କରେ, ସେ ବେଗରେ ଏମାନେ କରି ପାରନ୍ତି ନାହିଁ । ହଁ, ଏ କଥା ସତ ଯେ ଅତି ମଧୁର ସଙ୍ଗୀତ ଶ୍ରବଣରେ ବା ଅତି ସୁନ୍ଦର ରୂପ ଦର୍ଶନରେ ମନୁଷ୍ୟ ଆତ୍ମହରା ହୁଏ, କିନ୍ତୁ ସେ ଏ ରୂପ ବା ସଙ୍ଗୀତର ଦର୍ଶନ ବା ଶ୍ରବଣ ମାତ୍ରକେ ଆତ୍ମହରା ହୁଏ ନା । କିନ୍ତୁ ଉପସ୍ଥେନ୍ଦ୍ରିୟର ଦର୍ଶନ, ସ୍ପର୍ଶ, ଚିନ୍ତନ ମାତ୍ରକେ ମନୁଷ୍ୟ ଭୋଗରେ ମତ୍ତ ହେବାପାଇଁ ମତ୍ତ ହୋଇ ଉଠେ । ତେଣୁ ଏ ଭୋଗକୁ, ଏ କାମୋପଭୋଗକୁ

Digitized by srujanika@gmail.com

ଶ୍ରେଷ୍ଠତା ଦେବାରେ କାମୋପଭୋଗର ଉତ୍କୃଷ୍ଟତା କାରଣ ନୁହେ କାମୋପଭୋଗର ପ୍ରବଳତାହିଁ କାରଣ ।

ସଂସାରରେ ଅମର ଇନ୍ଦ୍ରିୟର ଭୋଗ ପାଇଁ ଯେତେ ଗୁଡ଼ା ଭୋଗ ସାମଗ୍ରୀ, ଭୋଗର ସାଧନ ରହିଛି, ସେ ସମସ୍ତ ଜଡ଼ ପଦାର୍ଥ ବିଶେଷ; ନାସିକାର ବିଷୟ ଗନ୍ଧ, ଆଉ ଏ ଗନ୍ଧର ସାଧନ ପୁଷ୍ପ ବା ଅନ୍ୟାନ୍ୟ ସୁଗନ୍ଧିତ ଦ୍ରବ୍ୟ; ପୁଷ୍ପ ତଥା ସୁଗନ୍ଧିତ ଦ୍ରବ୍ୟ ସକଳ ତ ଜଡ଼ ବସ୍ତୁ ବିଶେଷ ମାତ୍ର । କର୍ଣ୍ଣେନ୍ଦ୍ରିୟର ବିଷୟ ମଧୁର ସ୍ୱର, ସଙ୍ଗୀତ, କୋମଳ ବାଣୀ; ଏ ବାଣୀ, ସ୍ୱର, ସଙ୍ଗୀତ ମଧ୍ୟ ତ ଜଡ଼ ପଦାର୍ଥ ବିଶେଷ । ଜିହ୍ୱା ବା ରସନାର ବିଷୟ ହେଉଛି ରସ, ନାନା ପ୍ରକାର ଗୁଣର ରସ, ମଧୁର ରସ ଆଦି. ଏ ରସ ବିଶେଷ ମଧ୍ୟ ଜଡ଼ ପଦାର୍ଥ; ପଞ୍ଚମହାଭୂତର ଅଂଶ ବିଶେଷ ମାତ୍ର । ପଞ୍ଚ ମହାଭୂତ ତ ଜଡ଼ ପଦାର୍ଥ ବିଶେଷ ମାତ୍ର, କାରଣ ଏହାର ଗୁଣ କେବଳ ସତ୍, ଏହାର ଚେତନତା ନାହିଁ । କିନ୍ତୁ ଜଡ଼ ଭୋଗ-ପଦାର୍ଥ ଯଦି ଚେତନତା ପ୍ରାପ୍ତ କରନ୍ତା, ସେ କେଡ଼େ ପ୍ରବଳଭାବରେ ମନୁଷ୍ୟର ମନକୁ ଭୋଗରେ ମତ୍ତ ହେବାକୁ ଅନୁପ୍ରେରିତ ନ କରନ୍ତା !! ଏହାର ଜ୍ୱଳନ୍ତ ଉଦାହରଣ ନାରୀ । ମନୁଷ୍ୟର ପରିପୂର୍ଣ୍ଣ ଭୋଗର ଯେ ପ୍ରଳୟଙ୍କରୀ ସାମଗ୍ରୀ, ସେ ହେଉଛି ଏ ନାରୀ; ଆଉ ନାରୀ ଚେତନ, ସେ ଜଡ଼ ନୁହେଁ । ସମ୍ଭବତଃ, ଏହାହିଁ କାରଣ ଯେ ଆଗୁର୍ଗମାନେ କହନ୍ତି, ସାଂସାରିକ ସମସ୍ତ ସୁଖର ସର୍ବପ୍ରଧାନ ହେତୁ ଉପସ୍ଥେନ୍ଦ୍ରିୟ ।

ବିଭିନ୍ନ ପ୍ରକାର ପ୍ରବୃତ୍ତି, ବିଭିନ୍ନ ପ୍ରକାର ଇଚ୍ଛା, ବିଭିନ୍ନ ପ୍ରକାର ସଙ୍କଳ୍ପାଦିର ଏକାତ୍ମନ ସମ୍ବନ୍ଧରେ ଅନେକ ଉଦାହରଣ ଦେଇ ଋଷି ଶେଷରେ ଏହା କହିବାକୁ ଗୃହୁଛନ୍ତି ଯେ, ଆତ୍ମା ମଧ୍ୟ

Digitized by srujanika@gmail.com

ଠିକ୍ ସେହିପରି ସମସ୍ତ ଜ୍ଞାନବିଜ୍ଞାନ, ସମସ୍ତ ପ୍ରକାର ବିଦ୍ୟାର ଏକାୟନ । ଆତ୍ମା ସମସ୍ତ ଇନ୍ଦ୍ରିୟମାନଙ୍କର ମାଧ୍ୟମରେ ଜ୍ଞାନ ଆହରଣ କରେ । ହୃଦୟ ସେ ସବୁକୁ ଧାରଣ କରେ । ତେଣୁ ଋଷି କହୁଛନ୍ତି ଯେ, 'ହୃଦୟ ବିଦ୍ୟାର ଏକାୟନ, ମନ ବିଦ୍ୟାର ଏକାୟନ, ଏ କଥା ଋଷି କହୁ ନାହାନ୍ତି । କାରଣ ବିଦ୍ୟା ଧାରଣ କରିବାର କାମ ମନର ନୁହେଁ—ଇନ୍ଦ୍ରିୟ ଦ୍ୱାରା ଆହରିତ ଜ୍ଞାନକୁ, ବିଦ୍ୟାକୁ ଗ୍ରହଣ କରି ହୃଦୟ ପର୍ଯ୍ୟନ୍ତ ପହଞ୍ଚାଇ ଦେବା କେବଳ ମନର କାମ । ଗ୍ରହଣ କରି ହୃଦୟ ପର୍ଯ୍ୟନ୍ତ ନେଇଯିବା ମନର ସ୍ୱଭାବ ବୋଲି ସେ ସଦାସର୍ବଦା ଏ ବ୍ୟାପାରରେ ଲିପ୍ତ ଥିବାରୁ ଚଞ୍ଚଳ ହେବା ମଧ୍ୟ ମନର ସ୍ୱଭାବ । ଅତଏବ ମନର ଏ ଚଞ୍ଚଳତାହିଁ କାରଣ ଯେ, ମନ ବିଦ୍ୟାର ଏକାୟନ ନୁହେଁ—ସେ ବିଦ୍ୟାକୁ ଧାରଣ କରିପାରେ ନା—ସେ ସଂକଳ୍ପର ଏକାୟନ ହୋଇପାରେ । ସଂକଳ୍ପ ଅର୍ଥ ଇଚ୍ଛା—ବିଦ୍ୟା ନୁହେଁ । ବିଦ୍ୟା ଚଞ୍ଚଳତା ମଧ୍ୟରେ ଅବସ୍ଥାନ କରିପାରେ ନା ବୋଲି ସେ ଶାନ୍ତସ୍ୱଭାବାପନ୍ନ ଆତ୍ମା ବା ହୃଦୟର ଆଶ୍ରୟ ନିଏ ।

ଯେ ଆତ୍ମା ଏତେ ମହାନ୍, ସେ ଆତ୍ମା ସମ୍ବନ୍ଧରେ ଅନଭିଜ୍ଞ ରହିବା, ଉଦାସୀନ ରହିବା ଆତ୍ମଘାତ ତୁଲ୍ୟ ଦୂଷଣୀୟ । କାରଣ ଆତ୍ମାର ଏ ମହତ୍ତ୍ୱ ସମ୍ବନ୍ଧରେ ଅଜ୍ଞ ରହିବା ଅର୍ଥ ଆତ୍ମୋନ୍ନତିରେ ବାଧକ ସିଦ୍ଧ ହେବା । ଫଳତଃ ଦୁଃଖଭୋଗ କରିବା । ଆତ୍ମହତ୍ୟାର ଉଦ୍ଦେଶ୍ୟ ମଧ୍ୟ ତ ଆପଣାକୁ ଦୁଃଖ ଦେବା । ତେଣୁ ଋଷି ଆତ୍ମାର ଶ୍ରେଷ୍ଠତ୍ୱ ସମ୍ବନ୍ଧରେ ବାରମ୍ବାର ବୁଝେଇବାକୁ ଚେଷ୍ଟା କରୁଛନ୍ତି—

Digitized by srujanika@gmail.com

"ସ ଯଥା ସୈନ୍ଧବଖିଲ୍ୟ ଉଦକେ ପ୍ରାସ୍ତ
ଉଦକମେବାନୁବିଲୀୟେତ ନ ହାସ୍ୟୋଦ୍ ଗ୍ରହଣାୟେବସ୍ୟାତ୍ ।
ଯତୋ ଯତସ୍ତ୍ୱାଦଦୀତ ଲବଣମେବୈବଂ ବା ଅରଇଦଂ
ମହଦ୍ଭୂତମନନ୍ତମପାରଂ ବିଜ୍ଞାନଘନ ଏବୈତେଭ୍ୟୋଭୂତେଭ୍ୟଃ ।
ସମୁତ୍ଥାୟ ତାନ୍ୟେବାନୁବିନଶ୍ୟତି ନ ପ୍ରେତ୍ୟ ସଂଜ୍ଞାସ୍ତୀତ୍ୟରେ..."

"ପାଣିରେ ନିକ୍ଷିପ୍ତ ସୈନ୍ଧବ (ଲବଣ) ଯେପରି ପାଣିରେ ବିଲୀନ ହୋଇଯାଏ, ତାକୁ ପୂର୍ବବତ୍ ଲବଣାକାରରେ ପାଇବାର ଆଉ ଉପାୟ ନ ଥାଏ, ସେ ପାଣିକୁ ଯେଉଁଠାକୁ ନେଲେ ମଧ୍ୟ ତା' ଲବଣାକ୍ତହିଁ ହୁଏ, ଠିକ୍ ସେହିପରି ଏ ମହାନ୍ ଭୂତ (ଆତ୍ମା) ଅନନ୍ତ, ଅପାର ତଥା ବିଜ୍ଞାନମୟ । ଏ ଆତ୍ମା ଏହି ମହାଭୂତରୁ ଜନ୍ମନେଇ ମହାଭୂତରେହିଁ ବିଲୀନ ହୋଇଯାଏ । (ଆଉ ବିଲୀନ ହେବା ପରେ) ଏହାର ଆଉ ସଂଜ୍ଞା (ଅର୍ଥାତ୍ କୌଣସି ନାମ) ରହେ ନାହିଁ ।"

ଲବଣ ଯେପରି ପାଣିରେ ନିକ୍ଷିପ୍ତ ହେଲେ ମଧ୍ୟ ନିଜର ଗୁଣକୁ ତ୍ୟାଗ କରେ ନା, ଏପରି କି ନିଜେ କେବଳ ସ୍ଥୂଳରୁ ସୂକ୍ଷ୍ମକୁ ପରିବର୍ତ୍ତିତ ହୋଇ ପାଣିର ଗୁଣର ପରିବର୍ତ୍ତନର କାରଣ ସିଦ୍ଧ ହୁଏ, ଆଉ ଏ ପାଣିକୁ ଯେଉଁଠାକୁ ନେଲେ ମଧ୍ୟ ଲବଣର ପ୍ରଭାବ ପାଣିରୁ ଅପସାରିତ ହୋଇପାରେ ନା, ଠିକ୍ ସେହିପରି ଆତ୍ମା ମଧ୍ୟ ଅତ୍ୟନ୍ତ ପ୍ରଭାବଶାଳୀ ତଥା ଅପରିବର୍ତ୍ତନୀୟ । ଆତ୍ମା ଶରୀର ଧାରଣ କରୁଛି, ଏ କଥା ସତ୍ୟ । କିନ୍ତୁ ଜଡ଼ ଶରୀରରେ ପ୍ରାଣ ସଞ୍ଚାର ହେବା ଫଳରେ ସେ ଶରୀରକୁ ଚେତନାମୟ ସିନା କରିଦିଏ, ସେ ତ ନିଜେ ଶରୀର ପରି ଜଡ଼ ପାଲଟି ଯାଉ ନାହିଁ; ଅର୍ଥାତ୍ ଶରୀର ଧାରଣ କଲେ ସୁଦ୍ଧା ଆତ୍ମାର କୌଣସି ପରିବର୍ତ୍ତନ ହେଉ ନାହିଁ । ଅତଏବ, ଇଦଂ ମହଦ୍ଭୂତମ୍, ଏ ମହାନ୍ ଆତ୍ମା,

Digitized by srujanika@gmail.com

ଅନନ୍ତଂ ଅପାରମ୍, ଅନନ୍ତ ଏବଂ ଅପାର । ଆତ୍ମା ଅନନ୍ତ, ଅପାର ହୋଇଥିବାରୁ ବିଜ୍ଞାନଘନ ଏବମ୍, ଆତ୍ମା ବିଜ୍ଞାନମୟ । ଏ ଆତ୍ମା ଏତେଭ୍ୟଃ ଭୂତେଭ୍ୟଃ ସମୁତ୍ଥାୟ, ମହାଭୂତରୁ ଉପରକୁ ଉଠିଛି, ଅର୍ଥାତ୍ ଏ ଆତ୍ମା ପଞ୍ଚ ମହାଭୂତ ମଧ୍ୟରେ ନିଜକୁ ଆବଦ୍ଧ ନ କରି ପଞ୍ଚ ମହାଭୂତରୁ ଅଧିକ ଊର୍ଦ୍ଧ୍ୱକୁ ଉଠିଛି, ଅର୍ଥାତ୍ ଆତ୍ମା ପଞ୍ଚ ମହାଭୂତ ନୁହେ, ଆତ୍ମା ପଞ୍ଚ ମହାଭୂତ ଅପେକ୍ଷା ଶ୍ରେଷ୍ଠ—ସ୍ୱତନ୍ତ୍ର । ପଞ୍ଚ ମହାଭୂତ ତ ଜଡ଼—ଆତ୍ମା ତ ଚେତନ । ପୁଣି ଏ ଆତ୍ମା, ତାନି ଏବ ଅନୁବିନଶ୍ୟତି, ଏ ପଞ୍ଚ ମହାଭୂତ ମଧ୍ୟରେହିଁ ନିଜକୁ ବିନଷ୍ଟ କରିଦିଏ, ନିଜକୁ ବିଲୀନ କରିଦିଏ; ଋଷି ଏ କଥା କହିବା ଦ୍ୱାରା ଏହା କହିବାକୁ ଚାହୁଁଛନ୍ତି ଯେ, ଶରୀର ତ୍ୟାଗ ପରେ ସାଧାରଣତଃ ଆତ୍ମାର ଏପରି ଅବସ୍ଥା ପ୍ରାପ୍ତ ହେଉଥିବାର ମନେ ହୁଏ । ତେଣୁ ଶରୀର ତ୍ୟାଗ ପରେ, ନ ପ୍ରେତ୍ୟ ସଂଜ୍ଞାଅସ୍ତି, ଆତ୍ମାର ସଂଜ୍ଞା ବା ନାମ ରହେ ନାହିଁ ।

ଏ କଥା ସତ୍ୟ ଯେ, ଶରୀର ତ୍ୟାଗ ପରେ ଆତ୍ମାର କୌଣସି ସଂଜ୍ଞା ରହେ ନାହିଁ । ଶରୀର ଧାରଣ କାଳରେ ମଧ୍ୟ ତ ଆତ୍ମାର କୌଣସି ନାମ ନ ଥାଏ । ଆତ୍ମା ଶରୀର ଧାରଣ କରେ ବୋଲି ଏ ଶରୀରର କେବଳ ନାମକରଣ ହୁଏ । ଆଉ ଆତ୍ମାର ତିରୋଧାନ ପରେ ଶରୀରର ଆଉ କୌଣସି ମୂଲ୍ୟ ରହେ ନା ବୋଲି ଶରୀରର ସଂଜ୍ଞାର ମଧ୍ୟ ଆବଶ୍ୟକତା ହୁଏ ନା । ତେଣୁ ସାଧାରଣତଃ ଲୋକଙ୍କର ଧାରଣା ହୁଏ ଯେ, ଶରୀରର ବିନାଶର ସଙ୍ଗେ ସଙ୍ଗେ ଆତ୍ମାର ମଧ୍ୟ ବିନାଶ ହୋଇଗଲା । କିନ୍ତୁ ଋଷି କହୁଛନ୍ତି, ଯେ ଆତ୍ମା ପଞ୍ଚ ମହାଭୂତ ଅର୍ଥାତ୍ ଶରୀରରୁ ଊର୍ଦ୍ଧ୍ୱକୁ ଉଠିଛି, ତେଣୁ ସେ ଆତ୍ମା ଶରୀର ଅପେକ୍ଷା ଶ୍ରେଷ୍ଠ ସ୍ୱତନ୍ତ୍ର, ଶରୀରର ବିନାଶରେ ସେ ଆତ୍ମାର କୌଣସି ପରିବର୍ତ୍ତନ ହେଉ ନାହିଁ ।

Digitized by srujanika@gmail.com

ମୃତ୍ୟୁ ପରେ ଆତ୍ମାର ଯେ ସଂଜ୍ଞା ରହେ ନା, ଋଷିଙ୍କର ଏ କଥାରେ ମୈତ୍ରେୟୀ ଶଙ୍କା କରୁଛନ୍ତି । ସେ ଏ ସମ୍ବନ୍ଧରେ କିଛି ସ୍ପଷ୍ଟଭାବରେ ବୁଝିପାରୁ ନାହାନ୍ତି, ଏ ସମ୍ବନ୍ଧରେ ତାଙ୍କର ମନରେ ଯେ ଅସ୍ପଷ୍ଟ ତଥା ଭ୍ରମ ଧାରଣା ରହିଛି, ତା' ସହଜରେ ତାଙ୍କର ମନରୁ ଦୂର ହୋଇପାରୁ ନାହିଁ ବୋଲି ସେ ବୁଝିପାରୁ ନାହାନ୍ତି । ତେଣୁ ସେ ପ୍ରଶ୍ନ କରୁଛନ୍ତି—

"... ମା ଭଗବାନମୂମୁହନ୍ନ ପ୍ରେତ୍ୟ ସଂଜ୍ଞାଽସ୍ତୀତି", ଭଗବନ୍ ! ଆପଣ ଏଠାରେ ମୋତେ ମୋହିତ କଲେ, ଅର୍ଥାତ୍ ଏଠାରେ ମୁଁ ବୁଝିଁ ପାରିଲି ନାହିଁ । କେଉଁଠାରେ ମୈତ୍ରେୟୀ ବୁଝି ପାରିଲେ ନାହିଁ, ତା' ସେ କହୁଛନ୍ତି—"ନ ପ୍ରେତ୍ୟ ସଂଜ୍ଞା ଅସ୍ତି, ଏ ଯେଉଁ ଆପଣ କହିଲେ ଯେ, ମୃତ୍ୟୁ ପରେ ଆତ୍ମାର ପୃଥକ୍ ସଂଜ୍ଞା ନାହିଁ, ତା' ମୁଁ ବୁଝି ପାରୁ ନାହିଁ ।" ଋଷିପତ୍ନୀଙ୍କ ଏ କଥା ଶୁଣି ତାଙ୍କର ମନରୁ ଶଙ୍କା ଦୂର କରିବା ପାଇଁ, ଅଉ ଏ ତଥ୍ୟ ସମ୍ବନ୍ଧରେ ତାଙ୍କର ମନରେ ଦୃଢ଼ତା ସ୍ଥାପନ କରିବା ଉଦ୍ଦେଶ୍ୟରେ କହିଲେ—'ନ ବୈ ଅରେ ଅହଂ ମୋହଂ ବ୍ରବୀମି,' ମୁଁ ମୋହବଶତଃ ଅର୍ଥାତ୍ ଅଜ୍ଞାନତାବଶତଃ ଏହା କହୁ ନାହିଁ । ମୁଁ ଜାଣେ, ଏହା ସତ୍ୟ । 'ଅଲମ୍ ବୈ ଅରେ ବିଜ୍ଞାନମୟୁ', ମୈତ୍ରେୟୀ । ମୁଁ ଯାହା କହୁଛି, ତା 'ବୈ' ଅର୍ଥାତ୍ ନିଶ୍ଚୟ, 'ଅଲମ୍' ଅର୍ଥାତ୍ ଯଥେଷ୍ଟ ତଥା ପୂର୍ଣ୍ଣ ବିଜ୍ଞାନମୟ । ଋଷି କହିବାକୁ ଚାହୁଁଛନ୍ତି ଯେ, ସେ ଯାହା କହିଲେ, ତା' କେବଳ କଥାର କଥା ନୁହେ—'ତା' ବିଜ୍ଞାନର କଥା ।' ତେଣୁ ସେ କଥା ଅର୍ଥାତ୍ ସେ ତଥ୍ୟ ଜ୍ଞାନମୟ—ବିଜ୍ଞାନମୟ ।

ଆତ୍ମାର ସ୍ୱତନ୍ତ୍ର ସତ୍ତା ନାହିଁ; ଶରୀରର ଉତ୍ପତ୍ତି ସଙ୍ଗରେ ଆତ୍ମାର ମଧ୍ୟ ଉତ୍ପତ୍ତି ହେଉଛି । ତେଣୁ ଶରୀରର ନାମ ରହୁଛି ।

Digitized by srujanika@gmail.com

ସେହିପରି ଅତ୍ମାର ମଧ୍ୟ ନାମ ରହୁଛି । ତେଣୁ ଶରୀରର ନାଶ ପରେ ଅତ୍ମାର ମଧ୍ୟ ନାଶ ହେବା ସଙ୍ଗେ ସଙ୍ଗେ ଶରୀରର ଯେପରି ସଂଜ୍ଞା ଅର୍ଥାତ୍ ନାମ ରହୁନାହିଁ, ସେହିପରି ଅତ୍ମାର ମଧ୍ୟ ନାମ ରହୁ ନାହିଁ; ଋଷିପତ୍ନୀଙ୍କ ମନରେ ଏ ଅଦ୍ଭୁତ ଧାରଣା ରହିଛି ବୋଲି ଋଷି ତାଙ୍କ ମନର ଏ ଅମଙ୍ଗଳକର ଧାରଣା ଦୂର କରିବାକୁ ଯାଇ କହୁଛନ୍ତି, ଶରୀର ଓ ଅତ୍ମା ସମାନ ଗୁଣଶାଳୀ ନୁହନ୍ତି । ଶରୀର ଜଡ଼ ପଦାର୍ଥର ସମିଶ୍ରଣରେ ନିର୍ମିତ, ତେଣୁ ସେ ନାଶବାନ୍ । ଅତ୍ମା ଗୋଟାଏ ଚେତନ ତତ୍ତ୍ୱ, କୌଣସି ପଦାର୍ଥ ବିଶେଷର ମିଶ୍ରଣରେ ସେ ନିର୍ମିତ ହୋଇ ନାହିଁ, ତେଣୁ ତା'ର ବିନାଶ ନାହିଁ । ବିନାଶ ଅର୍ଥ ପରିବର୍ତ୍ତନ—ସୂକ୍ଷ୍ମାଂଶରେ ପରିଣତ; ଯେ ମୂଳ ପଦାର୍ଥରୁ ତା' ନିର୍ମିତ, ସେ ମୂଳ ପଦାର୍ଥରେ ତା'ର ପୁନଃପରିବର୍ତ୍ତନ । ଶରୀର ସୃଷ୍ଟି ପୂର୍ବରୁ ମଧ୍ୟ ଯେପରି ଅତ୍ମାର କୌଣସି ନାମ ନ ଥିଲା, ସେହିପରି ଶରୀରର ନାଶ ପରେ ମଧ୍ୟ ଅତ୍ମାର କୌଣସି ନାମ ରହୁ ନାହିଁ ।

ଅନେକ ସମୟରେ ଅନେକେ ଯୁକ୍ତି କରନ୍ତି ଯେ ଗୁଆ, ଚୂନ, ଖଇର ତଥା ପାନର ମିଶ୍ରଣରେ ଯେପରି ଲାଲ୍ ରଙ୍ଗଟା ନିର୍ମିତ ହେଉଛି, ଠିକ୍ ସେହିପରି କ୍ଷିତ, ଅପ୍, ତେଜ, ବ୍ୟୋମ, ବାୟୁ ଏ ପଞ୍ଚ ମହାଭୂତର ସମିଶ୍ରଣରେ ଅତ୍ମା ମଧ୍ୟ ନିର୍ମିତ ହେଉଛି । କିନ୍ତୁ ଆମେ ପଚାରୁଁ, କଣ ଏ ଲାଲ ହେବାର ଗୁଣ ଏ ପାନ, ଗୁଆ, ଚୂନ, ଖଇରରେ ନ ଥିଲା ବୋଲି ଏ ଲାଲରଙ୍ଗଟା ସୃଷ୍ଟି ହୋଇ ପାରିଲା ?— ନ ଥିଲା ବୋଲି ସୃଷ୍ଟି ହୋଇ ପାରିଲା ? ତେବେ କଣ ପ୍ରମାଣ କରି ପାରିବେ ଯେ ଚିନିରେ ମିଠା ଗୁଣ ନାହିଁ ବୋଲି ଚିନି ମିଠା ହୋଇ ପାରିଲା ! ! ଅତଏବ, ଏ କଥା ଏଥିରୁ ପରିଷ୍କାର ପ୍ରମାଣିତ ହେଉଛି ଯେ ଲାଲ୍-ରଙ୍ଗ ସୃଷ୍ଟି ହେବାର ଗୁଣ ପାନ ଆଦିରେ ଥିଲା ବୋଲି

Digitized by srujanika@gmail.com

ଯାନାଦର ମିଶ୍ରଣରେ ଲାଲରଙ୍ଗ (ପାନ ପିକ) ସୃଷ୍ଟି ହୋଇ ପାରନ୍ତି। କିନ୍ତୁ ଅତ୍ମା ଅଜ ପ୍ରକୃତି ତ ସମାନ ଗୁଣଶାଳୀ ନୁହନ୍ତି, ଅତ୍ମା ଚେତନ ଅଜ ପ୍ରକୃତି ଜଡ଼। ଜଡ଼ରୁ ଚେତନ ତତ୍ତ୍ୱ ସୃଷ୍ଟି ହୋଇ ପାରିବ କିପରି ? ମୈତ୍ରେୟୀଙ୍କ ମନରୁ ଏପରି ଏକ ଶଙ୍କା ସମ୍ପୂର୍ଣ୍ଣ ଦୂର କରିବା ପାଇଁ ଋଷି ପୁନର୍ବାର ଏ ତଥ୍ୟର ସ୍ପଷ୍ଟ ବ୍ୟାଖ୍ୟା କରିବାକୁ ଯାଇ କହୁଛନ୍ତି,

"ଯତ୍ର ହି ଦ୍ୱୈତମିବ ଭବତି ତଦିତର ଇତରଂ ଜିଘ୍ରତି ତଦିତର ଇତରଂ ପଶ୍ୟତି ତଦିତର ଇତରଂ ଶୃଣୋତି ତଦିତର ଇତରମଭିବଦତି ତଦିତର ଇତରଂ ମନୁତେ ତଦିତର ଇତରଂ ବିଜାନାତି ଯତ୍ର ବା ଅସ୍ୟ ସର୍ବମାତ୍ମୈବାଭୂତ୍ତତ୍କେନ କଂ ଜିଘ୍ରେତ୍ତତ୍କେନ କଂ ପଶ୍ୟେତ୍ ତତ୍କେନ କଂ ଶୃଣୁୟାତ୍ କେନ କମଭିବଦେତ୍ତତ୍କେନ କଂ ମନ୍ୱୀତ ତତ୍କେନ କଂ ବିଜାନୀୟାତ୍ ଯେନେଦଂ ସର୍ବଂ ବିଜାନାତି ତଂ କେନ ବିଜାନୀୟାଦ୍ୱିଜ୍ଞା-ତାରମରେ କେନ ବିଜାନୀୟାଦିତି ।"

"ଏଠାରେ ଦ୍ୱୈତ ପରି ଭାବ ହେଉଛି। ଏଠାରେ ଇତର ଇତରକୁ ଦେଖୁଛି (ନିଜଠାରୁ ଭିନ୍ନ ଅନ୍ୟକୁ ଦେଖୁଛି), ଇତର ଇତରକୁ ଶୁଙ୍ଘୁଛି, ଇତର ଇତରକୁ ଶୁଣୁଛି, ଇତର ଇତରକୁ କହୁଛି, ଇତର ଇତରକୁ ଜାଣୁଛି। କିନ୍ତୁ ବ୍ରହ୍ମବିତ୍ ପୁରୁଷ ପକ୍ଷରେ ଏ ସମସ୍ତ ଅତ୍ମ ସ୍ୱରୂପ। (ଏପରି ସ୍ଥଳେ) କିଏ କାହାକୁ ଦେଖିବ, କିଏ କାହାକୁ ଶୁଙ୍ଘିବ, କିଏ କାହାକୁ ଶୁଣିବ, କିଏ କାହାକୁ କହିବ, କିଏ କାହାକୁ ମାନିବ, କିଏ କାହାକୁ ଜାଣିବ। ଯଦ୍ୱାରା ସବୁକୁ ଜାଣି ହୁଏ, ତାକୁ କାହାଦ୍ୱାରା ଜାଣି ହେବ ? ବିଜ୍ଞାତାକୁ କିଏ ଜାଣେ ?"

Digitized by srujanika@gmail.com

'ଅଦ୍ୱୈତ' ଗୋଟାଏ ମତବାଦ । ଏ ମତବାଦର ଉଦ୍ଦେଶ୍ୟ ହେଉଛି, କେବଳ ଗୋଟାଏ ତତ୍ତ୍ୱର ଅର୍ଥାତ୍ କେବଳ ବ୍ରହ୍ମର ଅସ୍ତିତ୍ୱକୁ ସ୍ୱୀକାର କରିବା । ଈଶ୍ୱରଙ୍କ ବ୍ୟତିରେକେ ବାକି ଯାହା କିଛି ସଂସାରରେ ଅଛି, ତାକୁ ମାୟା ବା ଅବିଦ୍ୟା ଆଖ୍ୟା ଦେବା । 'ଦ୍ୱୈତ' ମଧ୍ୟ ସେପରି ଗୋଟାଏ ମତବାଦ । ଏ ମତବାଦ ଦୁଇଟି ତତ୍ତ୍ୱର ଅସ୍ତିତ୍ୱକୁ ସ୍ୱୀକାର କରେ, ଗୋଟାଏ ବ୍ରହ୍ମ, ଅନ୍ୟଟି ଜୀବ ।

କିନ୍ତୁ ଏଠାରେ 'ଦ୍ୱୈତ' ଅର୍ଥରେ ନିଜର ଆଉ ଅନ୍ୟର ପୃଥକ୍ ପୃଥକ୍ ଅସ୍ତିତ୍ୱକୁ ସ୍ୱୀକାର କରିବା କଥାକୁ ବୁଝିବାକୁ ହେବ । ଏ 'ନିଜ' ଆଉ 'ଅନ୍ୟ' କିଏ ? ଏ ନିଜ ନିଜେ 'ଆତ୍ମା' । ଆଉ ଏ 'ଅନ୍ୟ' ବ୍ରହ୍ମ । ଯେ ପର୍ଯ୍ୟନ୍ତ ସାଧନାର ଶେଷ ସୀମାରେ ମନୁଷ୍ୟ ପହଞ୍ଚି ନାହିଁ ଅର୍ଥାତ୍ ସେ ସ୍ଥିତପ୍ରାଜ୍ଞ, ସମାଧିସ୍ଥ ହୋଇ ନାହିଁ, ସେ ପର୍ଯ୍ୟନ୍ତ ସେ ଦ୍ୱୈତ-ଭାବ ଧାରଣ କରିବାକୁ ବାଧ୍ୟ—ବ୍ରହ୍ମର ସ୍ୱତନ୍ତ୍ର ଅସ୍ତିତ୍ୱକୁ ସ୍ୱୀକାର କରିବାକୁ ବାଧ୍ୟ । କିନ୍ତୁ ପ୍ରଜ୍ଞା ସ୍ଥିତ ହେବା ଫଳରେ ଆତ୍ମା ଯେତେବେଳେ ସମାଧିସ୍ଥ ହୁଏ, ସେତେବେଳେ ସେ ବ୍ରହ୍ମର ଉପଲବ୍ଧିରେ ଏତେ ତନ୍ମୟ ହୋଇ ଉଠେ ଯେ ସେ ନିଜର ଅସ୍ତିତ୍ୱକୁ ଭୁଲି ଯାଏ—ସେ ସେତେବେଳେ ସଂସାରକୁ କେବଳ ବ୍ରହ୍ମମୟ ଦେଖେ । ତେଣୁ ସେ ମଧ୍ୟ ଏ ସଂସାରର ଜଣେ ହୋଇ ଥିବାରୁ ନିଜକୁ ମଧ୍ୟ ବ୍ରହ୍ମ ମନେ କରେ (ବ୍ରହ୍ମର ଅଂଶ ବିଶେଷ ବା ବ୍ରହ୍ମର ଅତି ନିକଟବର୍ତ୍ତୀ ମନେ କରେ) । ସେତେବେଳେ ତାର 'ଦ୍ୱୈତ' ଭାବ ଥାଏ ନାହିଁ । ଋଷି, ତେଣୁ, ଆତ୍ମାର ଏ ଅବସ୍ଥାର ଦ୍ୱୈତାଦ୍ୱୈତ ସମ୍ବନ୍ଧରେ କହିବାକୁ ଯାଇ କହୁଛନ୍ତି ଯେ ଆତ୍ମା ସେତେବେଳ ପର୍ଯ୍ୟନ୍ତ ନିଜର ସ୍ୱତନ୍ତ୍ର

Digitized by srujanika@gmail.com

ସତ୍ତା ଅନୁଭବ କରେ, ସେତେବେଳ ପର୍ଯ୍ୟନ୍ତ ସେ ପରମାତ୍ମୋପଲବ୍ଧି-ସାଧନା-ପଥର ପଥିକ ମାତ୍ର; ଅଜ୍ ସେତେବେଳେ କେବଳ ସେ ଏ ପରମ ଆତ୍ମାର ଉପଲବ୍ଧି ପାଇଁ ଇନ୍ଦ୍ରିୟଗଣଙ୍କର ମାଧ୍ୟମରେ ଅନେକ ଚେଷ୍ଟା କରେ, ଦେଖିବା, ଶୁଣିବା, କହିବା, ମାନିବା ଆଦି ଅର୍ଥାତ୍ ନାସିକା, କର୍ଣ୍ଣ, ଚକ୍ଷୁ, ଆଦିକୁ ଈଶ୍ୱର-ପ୍ରାପ୍ତିର ସାଧନ ମନେ କରି ସେ ଏମାନଙ୍କର ମାଧ୍ୟମରେ ସୁକର୍ମ କରିବାକୁ ଚେଷ୍ଟା କରେ। କିନ୍ତୁ ଆତ୍ମା ଇନ୍ଦ୍ରିୟଗଣଙ୍କର ମାଧ୍ୟମରେ ଅପ୍ରାପ୍ୟ। ଆତ୍ମା ଯେତେବେଳେ ସାଧନାରେ ପରିପୂର୍ଣ୍ଣତା ଲାଭ କରେ, ସାଧନାରେ ସିଦ୍ଧି ପ୍ରାପ୍ତ ହୁଏ, ସେତେବେଳେ ସେ ନିଜର ଅସ୍ତିତ୍ୱକୁ ଭୁଲି ଯାଉଥିବାରୁ ନିଜକୁ ପରମାତ୍ମା ସଙ୍ଗରେ ଏକ ମନେ କରି କେବଳ ସେ ସେହି ପରମ ଆନନ୍ଦକୁହିଁ ଅନୁଭବ କରେ। ସେତେବେଳେ ତା ମଧ୍ୟରେ 'ଦ୍ୱୈତ'-ଭାବ ଥାଏ ନା ବୋଲି ଇନ୍ଦ୍ରିୟଜନିତ ସୁଙ୍ଘିବା, ଶୁଣିବା ଜାଣିବା, ଦେଖିବା ଆଦି କାମ ତା ଦ୍ୱାରା ଆଉ ହୋଇ ପାରେ ନା। ତେଣୁ ଋଷି କହୁଛନ୍ତି ଯେ, ଯା' ଦ୍ୱାରା ଆମେ ସମସ୍ତ ଜାଣୁଛୁ ତାକୁ ଆମେ କାହାଦ୍ୱାରା ଜାଣିବା ? ଅର୍ଥାତ୍ କାହାର ଦ୍ୱାରା ନୁହେଁ, ତାକୁ କେବଳ ତାର ଦ୍ୱାରାହିଁ ଜାଣି ହେବ। ଅର୍ଥାତ୍ ତାର କୃପା ହେଲେ ତାକୁ ଜାଣି ହେବ—ଇନ୍ଦ୍ରିୟ ଦ୍ୱାରା ତାକୁ ଜାଣି ହେବ ନାହିଁ। ଇନ୍ଦ୍ରିୟଗଣଙ୍କୁ ସୁସ୍ଥ ସବଳ ବଳିଷ୍ଠ ରଖିଲେ କେବଳ, ତାକୁ ଜାଣି ହେବ ନାହିଁ। ସାଧନା ଦ୍ୱାରା—ଯୌଗିକ ସାଧନା ଦ୍ୱାରା ପ୍ରଥମରେ ତାର କୃପାପାତ୍ର ହେବାକୁ ହେବ, ତା'ପରେ ତାର ସାକ୍ଷାତ୍କାର ସମ୍ଭବ ହେବ।

Digitized by srujanika@gmail.com

ଆତ୍ମା ସମ୍ବନ୍ଧରେ ଯଥାର୍ଥ ଜ୍ଞାନ ନ ହେଲେ ମନୁଷ୍ୟ ଅମୃତବାନ୍ ହୋଇ ପାରିବ ନାହିଁ । ଅଭ ମନୁଷ୍ୟ ଅମୃତବାନ୍ ନ ହେଲେ ସାଧକ ହୋଇ ପାରିବ ନାହିଁ । ମନୁଷ୍ୟ ସାଧକ ନ ହେଲେ ସିଦ୍ଧି ପ୍ରାପ୍ତ କରି ପାରିବ ନାହିଁ । ଅଭ ସେ ସିଦ୍ଧି ପ୍ରାପ୍ତ କରି ନ ପାରିଲେ ସିଦ୍ଧିର ମୂଳ ଯେ ଆନନ୍ଦ, ତାଙ୍କୁ ପ୍ରାପ୍ତ କରି ପାରିବ ନାହିଁ ଅର୍ଥାତ୍ ସେ ବ୍ରହ୍ମ-ସାକ୍ଷାତ୍କାର କରି ପାରିବ ନାହିଁ । ତେଣୁ, ଋଷି ଯାଜ୍ଞବଲ୍କ୍ୟ ଆପଣାର ପରମ ତପସ୍ୱିନୀ, ବିଦୂଷୀ, ବୈରାଗ୍ୟଶାଳିନୀ ପତ୍ନୀଙ୍କୁ ଆତ୍ମାର ଯଥାର୍ଥ ସ୍ୱରୂପ ସମ୍ବନ୍ଧରେ ଯଥୋଚିତ ଉପଦେଶ ଦେଇ ସଂସାର ତ୍ୟାଗ କରି ସନ୍ନ୍ୟାସ ଅବଲମ୍ବନ କରିବାକୁ ଉତ୍କଣ୍ଠିତ ହୋଇ ଉଠୁଛନ୍ତି ।

(ବୃହଦାରଣ୍ୟକୋପନିଷଦ—ଦ୍ୱିତୀୟ ଅଧ୍ୟାୟ—ଚତୁର୍ଥ ବ୍ରାହ୍ମଣ—ମନ୍ତ୍ର ଛଅଠାରୁ ଚଉଦ ପର୍ଯ୍ୟନ୍ତ । ଯାଜ୍ଞବଲ୍କ୍ୟ-ମୈତ୍ରେୟୀ ସମ୍ବାଦ । ଚତୁର୍ଥ ବ୍ରାହ୍ମଣ ସମାପ୍ତ ।)

Digitized by srujanika@gmail.com

ମଟୁଖଦଥା

ମନୁଷ୍ୟର ଜୀବନରେ ଦର୍ଶନର ଆବଶ୍ୟକତା ଅପରିହାର୍ଯ୍ୟ । ମନୁଷ୍ୟର ଶାରୀରିକ ସ୍ୱାସ୍ଥ୍ୟ ପାଇଁ ଯେପରି ସୁଖାଦ୍ୟ ଆବଶ୍ୟକ, ତାର ମାନସିକ ସ୍ୱାସ୍ଥ୍ୟ ପାଇଁ ସେହିପରି ସୁଚିନ୍ତା ଆବଶ୍ୟକ; ଅନ୍ୟ କଥାରେ ଦର୍ଶନ ଆବଶ୍ୟକ, ଅର୍ଥାତ୍ ଉତ୍ତମ ଚିନ୍ତା, ଆଧ୍ୟାତ୍ମ ଚିନ୍ତା, ସୂକ୍ଷ୍ମ ବିଚାର ଆବଶ୍ୟକ । କିନ୍ତୁ ଏ ସତ୍ୟ ସମ୍ବନ୍ଧରେ ଅନେକଙ୍କ ମନରେ ଏ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଦର୍ଶନ ସାଧାରଣ-ଲୋକଙ୍କ ପକ୍ଷରେ ଅପରିହାର୍ଯ୍ୟ ହେବ କିପରି ?—ଦାର୍ଶନିକ ପକ୍ଷରେ, ତତ୍ତ୍ୱଦର୍ଶୀ ପକ୍ଷରେ, ବିଚାରଶୀଳ ମନୀଷିମାନଙ୍କ ପକ୍ଷରେ ତା ଅପରିହାର୍ଯ୍ୟ ହୋଇପାରେ । ମନେ ହୁଏ, ଲୋକଙ୍କର ଏ ଝୋକର ମୂଳରେ ବିଚାର-ଶକ୍ତିର ଯଥାର୍ଥତାର ଅଭାବ ରହିଛି । ସୂକ୍ଷ୍ମଭାବରେ ଚିନ୍ତା କରି ଦେଖିଲେ ସ୍ପଷ୍ଟ ହୁଏ ଯେ ଦର୍ଶନ ମନୁଷ୍ୟ ଜୀବନର ଗୋଟାଏ ଅବଶ୍ୟକୀୟ ଆଧ୍ୟାତ୍ମ ଅଙ୍ଗ । ଦୁଃଖରେ ମନୁଷ୍ୟକୁ ଯେଉଁ ବିଚାର ସାନ୍ତ୍ୱନା ଦିଏ, ବିପଦରେ ଯେ ବିଚାର ମନୁଷ୍ୟକୁ ଧୈର୍ଯ୍ୟ ଦିଏ, ଦୁଶ୍ଚିନ୍ତାରେ ଯେ ବିଚାର ମନୁଷ୍ୟକୁ ସୁଚିନ୍ତାର କାରଣ ହୁଏ, ରୋଗର ଆତିଶଯ୍ୟ ହେତୁରୁ ଜାତ କ୍ଲେଶର ଅପନୋଦନର କାରଣ ହେବା ପାଇଁ ଯେ' ବିଚାର ମନୁଷ୍ୟ ମନରେ ବୈରାଗ୍ୟ ଆନୟନ କରେ, ସେ ବିଚାର କଣ ? ସେ ବିଚାର ତ ଏଇ ଦର୍ଶନ । ରୋଗର ପ୍ରକୋପ କାଳରେ ହଠାତ୍ ମନୁଷ୍ୟର ମୁହଁରୁ ଯେ ଏ ଚିତ୍କାର ଶୁଣାଯାଏ—'ହେ ଭଗବାନ ! ହେ ପ୍ରଭୋ ! ହେ ଦୟାମୟ !' ଏହାର କାରଣ କଣ ? ମନୁଷ୍ୟର ଅଜ୍ଞାତସାରରେ ମନୁଷ୍ୟର ମନର ନିଭୃତ ତଳ ଦେଶରେ ଏ ବିଶ୍ୱାସ ମନୁଷ୍ୟର ରହିଛି ଯେ ଈଶ୍ୱର

Digitized by srujanika@gmail.com

ସର୍ବଦୁଃଖାପହାରୀ, ଅତ ଏ ଈଶ୍ୱରଙ୍କର ନାମ ଉଚ୍ଚାରଣ କଲେ ପୀଡ଼ାରୁ ମୁକ୍ତି ପାଇବା ସମ୍ଭବ । ଏ ଯେଉଁ ଈଶ୍ୱର, ଅତ ଏ ଈଶ୍ୱରଙ୍କର ଏ ଯେଉଁ ସର୍ବଦୁଃଖ-ହରଣ-ଗୁଣ, ଏହାହିଁ ତ ଦର୍ଶନର ବିଷୟ । ଏ ତ ଗଲା ଦୁଃଖ କାଳର କଥା । ବିପଦ କାଳରେ ମଧ୍ୟ ମନୁଷ୍ୟର ମନ ଚଞ୍ଚଳ ହେବା ହେତୁରୁ ତାର ମତି-ଭ୍ରମ ଘଟେ; ଅତ ଅନେକ କ୍ଷେତ୍ରରେ ମନୁଷ୍ୟ ମନର ଏ ଅସ୍ଥିରତା ମନୁଷ୍ୟର ଦୁଃଖର କାରଣ ସିଦ୍ଧ ହୁଏ । କିନ୍ତୁ ଏତେବେଳେ ମନୁଷ୍ୟର ମନରେ ଯେ ବସ୍ତୁର ସ୍ଥିରତା ଆନୟନ କରେ, ଯାର ନାମ ଧୈର୍ଯ୍ୟ, ସେ ବସ୍ତୁର ମଧ୍ୟ କଣ ଦର୍ଶନର ବିଷୟ ନୁହେ ?— ଈଶ୍ୱରଙ୍କର ଅସ୍ତିତ୍ୱ ସମ୍ବନ୍ଧରେ ଆସ୍ତିକ ଭାବନା ତଥା ବିପଦରୁ ନିବୃତ୍ତ ହେବାର ଆଶା କରି ଈଶ୍ୱରଙ୍କର ପରମ ମଙ୍ଗଳମୟ ଗୁଣର ଚମତ୍କାରିତା ସମ୍ବନ୍ଧୀୟ ଭାବନା ମନୁଷ୍ୟର ମନରେ ଏତେବେଳେ ଜାଗ୍ରତ ହୁଏ । ଅତ ଏ ବସ୍ତୁର ସକଳ ଦର୍ଶନର ବିଷୟ । ଅତ ଇନ୍ଦ୍ରିୟ-ପ୍ରବୃତ୍ତି ହେତୁରୁ ମନୁଷ୍ୟ ଶାରୀରିକ ମାନସିକ ପୀଡ଼ା ଅନୁଭବ କରିବା ଫଳରେ ସଂସାରର ଅସାରତା ସମ୍ବନ୍ଧରେ ବାରମ୍ବାର ଚିନ୍ତା କରିବା କାରଣରୁ ସେ ଯେ ଏ ସଂସାର ତ୍ୟାଗର କଳ୍ପନା କରି ସାନ୍ତ୍ୱନା ପାଏ, ତାର ମୂଳରେ ମଧ୍ୟ ରହିଛି ଏଇ ଦର୍ଶନ । ଦର୍ଶନହିଁ ତ ସଂସାରର ଅସାରତା ସମ୍ବନ୍ଧରେ ବାରମ୍ବାର ସ୍ପଷ୍ଟଭାବରେ କହେ, ଅତ ଯେ ସଂସାର ଇନ୍ଦ୍ରିୟ-ଅଗୋଚର, ଫଳତଃ ଯେ ସଂସାର ଆନନ୍ଦର କ୍ଷେତ୍ର, ସେ ସଂସାର ମଧ୍ୟକୁ ପ୍ରବେଶ କରିବାକୁ ସେ ପ୍ରେରଣା ଦଏ । ଅତଏବ ଅଜ୍ଞାତସାରରେ ହେଉ ବା ଜ୍ଞାତସାରରେ ହେଉ ଦର୍ଶନର ଆଶ୍ରୟ ନେବାକୁ ମନୁଷ୍ୟ ବାଧ୍ୟ ।

Digitized by srujanika@gmail.com

ଅଜ୍ଞାତସାରରେ ହେଲେ ମଧ୍ୟ ଯଦି ମନୁଷ୍ୟ ଦର୍ଶନର ଆଶ୍ରୟ ନେବାକୁ ବାଧ୍ୟ, ଅର୍ଥାତ୍ ଦାର୍ଶନିକ ବିଚାର ମନୁଷ୍ୟ ମନର ଯଦି ସ୍ୱାଭାବିକ ଗୁଣ, ତେବେ ବିଶେଷ ଭାବରେ ଦର୍ଶନ ଅଧ୍ୟୟନ କରିବାର ବା ଆବଶ୍ୟକତା କଣ, ଏ ପ୍ରଶ୍ନ ମଧ୍ୟ ଅନେକଙ୍କ ମନରେ ଉଠିବା ସ୍ୱାଭାବିକ । କିନ୍ତୁ ମନୁଷ୍ୟର ଯା ସ୍ୱାଭାବିକ ଗୁଣ, ତା ମନୁଷ୍ୟର ପଶୁ-ପ୍ରବୃତ୍ତି, ତା ମନୁଷ୍ୟର ଉଚ୍ଚ 'ପ୍ରବୃତ୍ତି ନୁହେଁ, ତା' ମନୁଷ୍ୟର ବିଚାରହୀନ ପ୍ରବୃତ୍ତି— ମନୁଷ୍ୟର କେବଳ ତା କର୍ମ କରିବାର ପ୍ରବୃତ୍ତି— ବିଚାର କରିବାର ପ୍ରବୃତ୍ତି ନୁହେଁ । କିନ୍ତୁ ଚିନ୍ତା ଦ୍ୱାରା, ବିଚାର ଦ୍ୱାରା ଯେ ସୁପ୍ରବୃତ୍ତିର ସଂସ୍କାର ମନୁଷ୍ୟର ମନରେ ଜାଗ୍ରତ ହୁଏ, ତା ମନୁଷ୍ୟର ଉଚ୍ଚ ପ୍ରବୃତ୍ତି ଆଉ ଏହାହିଁ ମନୁଷ୍ୟର ମନୁଷ୍ୟତା— ମନନଶୀଳତାର ପରିଣାମ !! ପଶୁର ବିଚାର-ଶକ୍ତି ଏଥିପାଇଁ ନାହିଁ, ଯେ' ପଶୁର ସକଳ ପ୍ରକାର କର୍ମ ପ୍ରବୃତ୍ତିପ୍ରେରକ । କିନ୍ତୁ ମନୁଷ୍ୟର ମଧ୍ୟ ସକଳ କର୍ମ ଯଦି ପ୍ରବୃତ୍ତିର ପ୍ରେରଣାର ପରିଣାମ ହୁଏ, ତେବେ ବିଚାରଶକ୍ତିହୀନ ହେବା ଫଳରେ ମନୁଷ୍ୟ ମଧ୍ୟ ପଶୁ ତୁଲ୍ୟ ଅସଂସ୍କାରୀ ହୋଇ ପଡ଼ିବ । ଆଉ ବିଚାରହୀନ ଭାବରେ ପ୍ରବୃତ୍ତିର ପ୍ରେରଣାର ଫଳରେ ଯେ କର୍ମ ମନୁଷ୍ୟ କରିବ, ସେ କର୍ମ ମଧ୍ୟ ଠିକ୍ ପଶୁର କର୍ମ ଭଳି ତୁଚ୍ଛ ମନେ ହେବ । ସେ କର୍ମରେ ମନୁଷ୍ୟତା ପ୍ରକାଶ ପାଇବ ନାହିଁ—ପଶୁତ୍ୱ ପ୍ରକାଶ ପାଇବ । ମନୁଷ୍ୟର ମନରେ ତେଣୁ, ଉତ୍ତମ ସଂସ୍କାରର ଜନ୍ମ ତଥା ସ୍ଥାୟିତ୍ୱ ପାଇଁ ଦର୍ଶନ ଆବଶ୍ୟକ—ଦର୍ଶନର ଅଧ୍ୟୟନ ଆବଶ୍ୟକ ।

* *

ସ୍ୱଭାବତଃ ମନୁଷ୍ୟର ମନରେ ଯେ ଦାର୍ଶନିକ ବିଚାରଧାରା ସ୍ଥାନ ପାଇଥାଏ, ତା ସବୁବେଳେ ଚିନ୍ତା ଉପରେ ପ୍ରତିଷ୍ଠିତ ହୋଇ

Digitized by srujanika@gmail.com

ନ ଥାଏ; ଅଧିକାଂଶ କ୍ଷେତ୍ରରେ ତା ବିଶ୍ୱାସ ଉପରେ, ଏପରିକି ଅନ୍ଧ ବିଶ୍ୱାସ ଉପରେ ତା' ପ୍ରତିଷ୍ଠିତ ହୋଇଥାଏ । ଫଳତଃ ମନୁଷ୍ୟ ଈଶ୍ୱରଙ୍କର ଶକ୍ତି-ସାମର୍ଥ୍ୟ ସମ୍ବନ୍ଧରେ ଉଚିତ ବିଚାର କରି ନ ପାରି ଏ ଅଦ୍ଭୁତ ବିଶ୍ୱାସ କରେ ଯେ ଈଶ୍ୱର ମନୁଷ୍ୟ ପରି ଇତର ପ୍ରାଣୀ ପରି ଶରୀର ଧାରଣ କରେ; ତେଣୁ ଇତର ପ୍ରାଣୀ ପରି ସେ ଷଡ଼-ବିକାରଗ୍ରସ୍ତ ମଧ୍ୟ ହୁଏ । କିନ୍ତୁ ଦର୍ଶନ ଅର୍ଥାତ୍ ଅପ୍ରତ୍ୟକ୍ଷ ତତ୍ତ୍ୱ ସମ୍ବନ୍ଧୀୟ ଉଚିତ ବିଚାର ଏହା ସ୍ୱୀକାର କରେନା ଯେ ଈଶ୍ୱର ବିକାରଗ୍ରସ୍ତ, ବରଂ ସେ ଏହା କହେ ଯେ, ଯେ ବିକାର-ବିହୀନ, ସେ ଈଶ୍ୱର । ପରମାତ୍ମାର ସଠିକ ଗୁଣ ସମ୍ବନ୍ଧରେ ସଠିକ ଜ୍ଞାନ ନ ହେବା କାରଣରୁ ମନୁଷ୍ୟ ଏପରି ବିଶ୍ୱାସ ମଧ୍ୟ କରେ ଯେ ଈଶ୍ୱର ସାଧାରଣ ମନୁଷ୍ୟ ପରି ମନୁଷ୍ୟଠାରୁ କିଛି ପ୍ରତ୍ୟାଶା ମଧ୍ୟ କରେ; ଈଶ୍ୱରଙ୍କ ପାଇଁ ମନୁଷ୍ୟ ପରି ଶାରୀରିକ ମାନସିକ ଭୋଗ ଆବଶ୍ୟକ । ଏହାହିଁ କାରଣ ଯେ ଆଜିକାଲି ନାନାପ୍ରକାର ପୂଜାପଦ୍ଧତି, ଈଶ୍ୱରଙ୍କର ପାଇଁ ନାନା ପ୍ରକାରର ଭୋଗରାଗର ବ୍ୟବସ୍ଥା, ଈଶ୍ୱରଙ୍କର ନାମରେ ନାନା ପ୍ରକାର ବ୍ୟଭିଚାର, ଅନାଚାରର ବ୍ୟବସ୍ଥା ସବଂଜ ରହିଛି; ଈଶ୍ୱରଙ୍କର ନାମରେ ମୂକ ନିରୀହ ପଶୁର ବଳି—ଈଶ୍ୱରଙ୍କର ନାମରେ ସ୍ତ୍ରୀ-ସମ୍ଭୋଗ, ଅର୍ଥାତ୍ ମନ୍ଦିରରେ ଦେବଦାସୀ-ପ୍ରଥାର ପ୍ରଚଳନ ରହିଛି । ଏହା କଣ ଚିନ୍ତାହୀନତା, ଅଜ୍ଞାନତା, ତଥା ଦାର୍ଶନିକ ବିଚାରଧାରା ସମ୍ବନ୍ଧରେ ଅନଭିଜ୍ଞତାର କୁପରିଣାମ ନୁହେଁ ? ଏଥିପାଇଁ, ଅର୍ଥାତ୍ ମନରୁ ଏ କୁସଂସ୍କାର ଅଜ୍ଞାନତାର ଦୂରୀକରଣ ପାଇଁ ଆତ୍ମା, ପରମାତ୍ମା, ଇହକାଳ, ପରକାଳ, ପାପ ପୁଣ୍ୟ, ପ୍ରବୃତ୍ତି, ନିବୃତ୍ତି ସମ୍ବନ୍ଧରେ ଫଳତଃ ସୁଖ ଦୁଃଖ ସମ୍ବନ୍ଧରେ ଯଥାର୍ଥ ଜ୍ଞାନ ହେବା ପାଇଁ ଦର୍ଶନ ଅଧ୍ୟୟନର ଆବଶ୍ୟକତା ରହିଛି ; ଆଜି ମନୁଷ୍ୟର ଜୀବନ-ଯାତ୍ରାକୁ ସୁପରି-

Digitized by srujanika@gmail.com

ମୁକ୍ତ କରିବା ପାଇଁ ଦର୍ଶନ-ବିଦ୍ୟାର ଅବଶ୍ୟକତା ମନୁଷ୍ୟ ପକ୍ଷରେ ରହିଛି ।

ଏ ସୁଖ ଦୁଃଖ ସମ୍ବନ୍ଧରେ ତେଣୁ ଯଥାର୍ଥ ଜ୍ଞାନ ପାଇବା ପାଇଁ ବିଦୁଷୀ ମୈତ୍ରେୟୀ ପରମ ଦାର୍ଶନିକ ଋଷିପ୍ରବର ଯାଜ୍ଞବଲ୍‌କ୍ୟଙ୍କୁ ପ୍ରଶ୍ନ କଲେ ତାଙ୍କ ସନ୍ୟାସ ଗ୍ରହଣ କାଳରେ ଯେ, ଯେ ସୁଖ (ଯେ ସାଂସାରିକ ସୁଖ) ସେ (ଯାଜ୍ଞବଲ୍‌କ୍ୟ) ତ୍ୟାଗ କରି ଯାଉଛନ୍ତି, ସେ ସୁଖ କଣ ବାସ୍ତବ ସୁଖ ? ଯଦି ତା ବାସ୍ତବିକ ସୁଖ, ତେବେ ସେ ନିଜେ ତାକୁ ପରିତ୍ୟାଗ କରି ଯାଉଛନ୍ତି କାହିଁକି ? ଯାଜ୍ଞବଲ୍‌କ୍ୟ ଏ ସାଂସାରିକ ସୁଖର ଅସାରତା ସମ୍ବନ୍ଧରେ କହିବାକୁ ଯାଇ ଯେ' ସୁଖ ମନୁଷ୍ୟର କେବଳ ଶରୀରର, ମନର ନୁହେଁ, ଆତ୍ମାର ମଧ୍ୟ କଲ୍ୟାଣର କାରଣ, ସେ ସୁଖ ସମ୍ବନ୍ଧରେ ମୈତ୍ରେୟୀଙ୍କୁ କହୁଛନ୍ତି । ତେଣୁ ଏ ସୁଖର ଯେ ମୂଳ ହେତୁ ସେ ସେହି ଆତ୍ମା ପରମାତ୍ମା ସମ୍ବନ୍ଧରେ, ଜଡ଼ ପ୍ରକୃତି ଆଉ ତାର ଗୁଣ ସମ୍ବନ୍ଧରେ, ସ୍ୱାର୍ଥପରମାର୍ଥ ସମ୍ବନ୍ଧରେ ଯଥାର୍ଥ ତଥ୍ୟ ପ୍ରକାଶ କରୁଛନ୍ତି । ଏହାହିଁ କାରଣ ଯେ ଦର୍ଶନ ଗ୍ରନ୍ଥରେ (ବୃହଦାରଣ୍ୟ କୋପନିଷଦରେ) ଏ ବିଦ୍ୟାକୁ (ଏ ଦାର୍ଶନିକ ବିଦ୍ୟାକୁ) ମଧୁବିଦ୍ୟା କୁହାଯାଇଛି । ଏ ମଧୁବିଦ୍ୟା, ଏ ଦର୍ଶନ-ବିଦ୍ୟାହିଁ ବାସ୍ତବ ସୁଖର ବିଦ୍ୟା । ତେଣୁ ଦର୍ଶନ-ବିଦ୍ୟା ମଧୁବିଦ୍ୟା ।

ଋଷି ଯାଜ୍ଞବଲ୍‌କ୍ୟ କହୁଛନ୍ତି :—

"ଇୟଂ ପୃଥିବୀ ସର୍ବେଷାଂ ଭୂତାନାଂ ମଧ୍ୱସ୍ୟୈ ପୃଥିବ୍ୟୈ ସର୍ବାଣି
ଭୂତାନି ମଧୁ ଯଶ୍ଚାୟମସ୍ୟାଂ ପୃଥିବ୍ୟାଂ ତେଜୋମୟୋଽମୃତମୟଃ
ପୁରୁଷୋ ଯଶ୍ଚାୟମଧ୍ୟାତ୍ମଂ ଶରୀରସ୍ତେଜୋମୟୋଽମୃତମୟଃ
ପୁରୁଷୋଽୟମେବ ସ ୟୋଽୟମାତ୍ମେଦମମୃତମିଦଂ ବ୍ରହ୍ମେଦଂ ସର୍ବମ୍" (୧)

"ଏହି ପୃଥିବୀ ସମସ୍ତ ଭୂତମାନଙ୍କ ମଧୁ (ଅର୍ଥାତ୍ ସମସ୍ତ ଭୂତମାନଙ୍କ ପକ୍ଷରେ ଏ ପୃଥିବୀ ମଧୁ ତୁଲ୍ୟ ପ୍ରିୟ) ସମସ୍ତ ଭୂତ ଏ ପୃଥିବୀ ପକ୍ଷରେ ମଧୁ (ଅର୍ଥାତ୍ ମଧୁପରି ପ୍ରିୟ ।) ଆଉ ଏ ପୃଥିବୀରେ ଏ ଯେଉଁ ତେଜୋମୟ-ଅମୃତମୟ ପୁରୁଷ ଅଛନ୍ତି, ତଥା ଏ ଅଧ୍ୟାତ୍ମ ଜଗତରେ ଏ ଯେଉଁ ତେଜୋମୟ-ଅମୃତମୟ ପୁରୁଷ ଅଛନ୍ତି, ସେ ସେହିଁ ଆତ୍ମା (ପରମାତ୍ମା), ସେ ଅମୃତ, ସେ ବ୍ରହ୍ମ, ସେ ହିଁ ସମସ୍ତ ।"

ଏ ପୃଥିବୀକୁ 'ପୃଥିବୀ' ଏଥିପାଇଁ କୁହାଯାଏ ଯେ ଏ ପୃଥିବୀ ଅତି ସ୍ଥୂଳ ପଦାର୍ଥ, ତଥା ସମୀପୀ । ତେଣୁ ପୃଥିବୀ କହିଲେ ଏଠାରେ ଦୃଶ୍ୟମାନ ପୃଥିବୀକୁ ବୁଝିବାକୁ ହେବ—ଅଦୃଶ୍ୟମାନ ପୃଥିବୀକୁ ନୁହେଁ । ଦୃଶ୍ୟମାନ ପୃଥିବୀ ସ୍ଥୂଳ ପୃଥିବୀ—ଅଦୃଶ୍ୟମାନ ପୃଥିବୀ ସୂକ୍ଷ୍ମ ପୃଥିବୀ । ଦୃଶ୍ୟମାନ ପୃଥିବୀକୁ ଦର୍ଶନ କରିବାର ସାଧନ ଚକ୍ଷୁ, କିନ୍ତୁ ଅଦୃଶ୍ୟମାନ ପୃଥିବୀକୁ ଦର୍ଶନ କରିବାର ସାଧନ ଚିନ୍ତା, ବିଚାର; ଆଉ ଏ ଚିନ୍ତା ବା ବିଚାର ସୂକ୍ଷ୍ମ ପଦାର୍ଥ ; ତେଣୁ ଦୃଷ୍ଟିର ଅଗୋଚର । ଯେ ପଦାର୍ଥ ସ୍ଥୂଳ, ଚକ୍ଷୁରେ ଦର୍ଶନୀୟ, ସେ ପଦାର୍ଥ ସ୍ଥୂଳ ହେବା ସ୍ୱାଭାବିକ; ଆଉ ଯା ସୂକ୍ଷ୍ମ ଚକ୍ଷୁରେ ଅଦର୍ଶନୀୟ, ତା ସୂକ୍ଷ୍ମ ହେବା ସ୍ୱାଭାବିକ । ସ୍ଥୂଳ ପଦାର୍ଥର ଦର୍ଶନ ପାଇଁ କେବଳ ଦୃଷ୍ଟିଶକ୍ତି ଯଥେଷ୍ଟ । କିନ୍ତୁ ସୂକ୍ଷ୍ମ ପଦାର୍ଥର ଦର୍ଶନ ପାଇଁ ଦୃଷ୍ଟିଶକ୍ତି ଅନାବଶ୍ୟକ—କେବଳ ଗମ୍ଭୀର ଚିନ୍ତା ଆବଶ୍ୟକ । ଆଉ ଏ ଗମ୍ଭୀର ଚିନ୍ତା ସାଧନାର ବିଷୟ । ଏହାହିଁ କାରଣ ଯେ ଆତ୍ମା-ପରମାତ୍ମା ସମ୍ବନ୍ଧରେ ଜାଣିବାକୁ ହେଲେ ସାଧନା ଆବଶ୍ୟକ—ଚିନ୍ତା ଆବଶ୍ୟକ । ଯେହେତୁ ସ୍ଥୂଳ ଚକ୍ଷୁରେ ଏମାନଙ୍କର ଦର୍ଶନ ସମ୍ଭବ ନୁହେଁ—କାରଣ ଏମାନେ ଅଦୃଶ୍ୟମାନ

Digitized by srujanika@gmail.com

ଜଗତର ପଦାର୍ଥ, ଅର୍ଥାତ୍ ସୂକ୍ଷ୍ମ ପଦାର୍ଥ । କିନ୍ତୁ ଦେଖିବା ପାଇଁ (ସ୍ଥୂଳ ଚକ୍ଷୁରେ ଦେଖିବା ପାଇଁ) କୌଣସି ସାଧନାର ଆବଶ୍ୟକତା ନାହିଁ, କାରଣ ଚକ୍ଷୁ-ଇନ୍ଦ୍ରିୟର ଅତି ସହଜ-ସ୍ୱାଭାବିକ ଗୁଣ ଦେଖିବା ।

ଋଷି କହୁଛନ୍ତି ଯେ ଅଧ୍ୟାତ୍ମ ଜଗତରେ (ସ୍ଥୂଳ ପୃଥିବୀରେ କେବଳ ନୁହେଁ) ତେଜୋମୟ-ଅମୃତମୟ ପୁରୁଷ ବିଦ୍ୟମାନ । ଏ ଅଧ୍ୟାତ୍ମ ଜଗତ ଅଦୃଶ୍ୟମାନ ଜଗତ । ଏ ଅଧ୍ୟାତ୍ମ ଜଗତକୁ ଯେ ଦେଖିପାରେ ଅର୍ଥାତ୍ ପରମାତ୍ମାକୁ ଯେ ଜାଣିପାରେ, ଆତ୍ମାକୁ ଯେ ଅନୁଭବ କରିପାରେ, ସେ ତତ୍ତ୍ୱଦର୍ଶୀ, ସେ ଦାର୍ଶନିକ । କାରଣ ଆତ୍ମା ପରମାତ୍ମା କୌଣସି ସ୍ଥୂଳ ପଦାର୍ଥ ନୁହନ୍ତି, ସେ ତତ୍ତ୍ୱ ବିଶେଷ । ତତ୍ତ୍ୱଦର୍ଶୀ, ତେଣୁ ସାଧାରଣ ଲୋକ ନୁହେଁ । କାରଣ ତା'ର ଦେଖିବା-କାର୍ଯ୍ୟ ସାଧନା-ସାପେକ୍ଷ । ସାଧନା ସମସ୍ତଙ୍କର ଦ୍ୱାରା ସମ୍ଭବ ନୁହେଁ ବୋଲି ଯେ ସାଧକ ସେ ସାଧାରଣ ଲୋକ ନୁହେଁ ।

ସ୍ଥୂଳ ସୃଷ୍ଟି ତ ପୃଥିବୀ । କିନ୍ତୁ ଅଧ୍ୟାତ୍ମ ଜଗତ ଅର୍ଥାତ୍ ସୂକ୍ଷ୍ମ ସୃଷ୍ଟିଟା କେଉଁଠା ? ଯେ ସୃଷ୍ଟି ସମ୍ବନ୍ଧରେ ମନୁଷ୍ୟ କେବଳ ବିଚାର କରେ, ତାକୁ ଦେଖି ପାରେନା, ତା ସୂକ୍ଷ୍ମ ସୃଷ୍ଟି । ଆତ୍ମା ସୂକ୍ଷ୍ମ ସୃଷ୍ଟି ମଧ୍ୟରେ ରହିଛି, ପରମାତ୍ମା ସୂକ୍ଷ୍ମ ସୃଷ୍ଟି ମଧ୍ୟରେ ରହିଛନ୍ତି । ଇନ୍ଦ୍ରିୟ-ଗଣର ବିଷୟ ସୂକ୍ଷ୍ମ ସୃଷ୍ଟିର ବିଷୟ । କିନ୍ତୁ ଏ ଇନ୍ଦ୍ରିୟଗଣ ନିଜେ ସ୍ଥୂଳ ସୃଷ୍ଟିର ପଦାର୍ଥ ।

ସୂକ୍ଷ୍ମ ପଦାର୍ଥ ନିତାନ୍ତ ଯଦି ନିଜକୁ କେତେବେଳେ ପ୍ରକାଶ କରିବାକୁ ଚାହେଁ, ତେବେ ସେ ସ୍ଥୂଳ ପଦାର୍ଥ ସାହାଯ୍ୟରେ ଆପଣାକୁ ପ୍ରକାଶିତ କରେ । ତେଣୁ ଆତ୍ମା ପକ୍ଷରେ ଶରୀର ଧାରଣ କରିବା ସ୍ୱାଭାବିକ । ଆତ୍ମା ସୂକ୍ଷ୍ମ ହେଲେ ମଧ୍ୟ ଶରୀର ଧାରଣ ଏଥିପାଇଁ କରେ ଯେ ଆତ୍ମା ସର୍ବଦେଶଦେଶୀ ଅର୍ଥାତ୍ ସର୍ବବ୍ୟାପକ ନୁହେଁ—

Digitized by srujanika@gmail.com

ସେ ଏକଦେଶଦେଶୀ ଅର୍ଥାତ୍ ଆତ୍ମା ପରମାତ୍ମା ପରି ଅତି ସୂକ୍ଷ୍ମ ନୁହେଁ । କିନ୍ତୁ ପରମାତ୍ମା ଅତି ସୂକ୍ଷ୍ମ । ତେଣୁ ସେ ସର୍ବବ୍ୟାପକ । ପରମାତ୍ମାଙ୍କ ଏ' ସର୍ବବ୍ୟାପକତାହିଁ ତାର ଅତି-ସୂକ୍ଷ୍ମତାର ପ୍ରମାଣ । ଫଳତଃ ପରମ ଆତ୍ମା ପକ୍ଷରେ ଶରୀର ଧାରଣ କରିବା ଅନାବଶ୍ୟକ—ତେଣୁ ପରମାତ୍ମାର ଶରୀରର କଳ୍ପନା କରିବା, ଆକାରର କଳ୍ପନା କରିବା ଅସଙ୍ଗତ ।

ସୂକ୍ଷ୍ମ ପଞ୍ଚତନ୍ମାତ୍ରା (ଅର୍ଥାତ୍ ଇନ୍ଦ୍ରିୟ ଗ୍ରାହ୍ୟ ପାଞ୍ଚ ବିଷୟ, ଯଥା—ଶବ୍ଦ, ରସ, ସ୍ପର୍ଶ, ରୂପ ତଥା ଗନ୍ଧ) ଆପଣା ଆପଣାକୁ ପ୍ରକାଶ କରନ୍ତି ସ୍ଥୂଳ ଇନ୍ଦ୍ରିୟଗଣର ସାହାଯ୍ୟରେ, ଅର୍ଥାତ୍ କର୍ଣ୍ଣ, ଜିହ୍ଵା, ତ୍ଵକ୍, ଚକ୍ଷୁ, ନାସିକାଦି ସାହାଯ୍ୟରେ । ଏ ପ୍ରକାଶ ମଧ୍ୟ ସୂକ୍ଷ୍ମ ପ୍ରକାଶ । ତେଣୁ ତା ଅନୁଭବର ବିଷୟ—ଦେଖିବାର ବିଷୟ ନୁହେଁ ।

ଏଠାରେ 'ଭୂତ' ଶବ୍ଦ ଦ୍ଵିଅର୍ଥ ବୋଧକ । ଭୂତ ଅର୍ଥ ପଞ୍ଚ ମହାଭୂତ—କ୍ଷିତି, ଅପ୍, ତେଜ, ବ୍ୟୋମ, ବାୟୁ; ଆଉ ଭୂତ ଅର୍ଥ ପ୍ରାଣୀ । କିନ୍ତୁ ଭୂତ କହିଲେ ସେ ପ୍ରାଣୀକୁ (ମନୁଷ୍ୟକୁ) ମଧ୍ୟ ବୁଝାଏ ଯା'ର ଅନେକ ଦିନରୁ ମୃତ୍ୟୁ ହୋଇ ସାରିଛି; ଯଥା—ଭୂତ ପ୍ରେତାଦି । ପ୍ରେତ ଅର୍ଥ ସେ ମନୁଷ୍ୟଙ୍କୁ ବୁଝାଏ ଯାର ମୃତ୍ୟୁ ଅଳ୍ପ ଦିନ ହେଲା ହୋଇଛି । ଏହାହିଁ କାରଣ ଯେ ଅଳ୍ପ ଦିନ ହେଲା ମୃତ୍ୟୁ ହୋଇଥିବା ବ୍ୟକ୍ତିର ସାମାଜିକ ସଂସ୍କାରକୁ କୁହାଯାଏ 'ପ୍ରେତକୃତ୍ୟ' ।

ତା'ପରେ 'ମଧୁ' ଶବ୍ଦ; ମଧୁ ଶବ୍ଦର ଅର୍ଥ ମହୁ, ପୁଷ୍ପରସ । ଏ ପୃଥିବୀ ପଞ୍ଚମହାଭୂତ ଦ୍ଵାରା ନିର୍ମିତ । ଋଷି ଯାଜ୍ଞବଲ୍କ୍ୟ କହୁଛନ୍ତି ଯେ ଏ ପୃଥିବୀ ସମସ୍ତ ଭୂତମାନଙ୍କ ମଧୁ । ଭୂତ ଅର୍ଥରେ ପଞ୍ଚମହାଭୂତକୁ ଗ୍ରହଣ କଲେ ବୁଝିବାକୁ ହେବ ଯେ' ପୃଥିବୀ ପଞ୍ଚମହାଭୂତର ମଧୁ, ଅର୍ଥାତ୍ ପଞ୍ଚମହାଭୂତର କାର୍ଯ୍ୟ । ଅର୍ଥାତ୍

Digitized by srujanika@gmail.com

କ୍ଷିତି, ଅପ୍, ତେଜ, ବ୍ୟୋମ, ବାୟୁ ; ଏ ପଞ୍ଚ ମହାଭୂତ ଜଡ଼ ପ୍ରକୃତି । ଆଉ ଏ ଜଡ଼ ପ୍ରକୃତିହିଁ ଏ ସ୍ଥୂଳ ପୃଥିବୀ— ଏ ଦୃଶ୍ୟମାନ ପୃଥିବୀ । ···ଋଷି ଏ କଥା ମଧ୍ୟ କହୁଛନ୍ତି ଯେ ଏ ଭୂତମାନେ ପୃଥିବୀର ମଧୁ ; ଅର୍ଥାତ୍ ଭୂତମାନେ ପୃଥିବୀର 'କାର୍ଯ୍ୟ । ଅର୍ଥାତ୍ ଏ ସମସ୍ତ ଭୂତମାନଙ୍କର ଏକତ୍ର ସମିଶ୍ରଣର ପରିଣାମହିଁ ଏ ପୃଥିବୀ ।

ଭୂତ ଅର୍ଥରେ ପ୍ରାଣୀମାନଙ୍କୁ ଗ୍ରହଣ କଲେ ବୁଝିବାକୁ ହେବ ଯେ ଏ ପୃଥିବୀ ସମସ୍ତ ପ୍ରାଣୀମାନଙ୍କ ମଧୁ, ଅର୍ଥାତ୍ ସମସ୍ତ ପ୍ରାଣୀମାନଙ୍କ ପକ୍ଷରେ ଏ ପୃଥିବୀ ମଧୁ ତୁଲ୍ୟ ପ୍ରିୟ । ପ୍ରାଣୀ କହିଲେ ଏପରି ଗୋଟାଏ ଚେତନ-ସତ୍ତାକୁ ବୁଝାଏ ଯା'ର ସ୍ୱଭାବ ହେଉଛି ଭୋଗ କରିବା ; ଆଉ ପୃଥିବୀ କହିଲେ ଏପରି କେତେ ଗୁଡ଼ିଏ ଜଡ଼ ପଦାର୍ଥର ସମିଶ୍ରଣକୁ ବୁଝାଏ ଯା'ର ସ୍ୱଭାବ ହେଉଛି ଅନ୍ୟର (ପ୍ରାଣୀମାନଙ୍କର) ଭୋଗ ପାଇଁ ନିଜକୁ ସମର୍ପଣ କରିବା । ତେଣୁ ପ୍ରାଣୀ ଅର୍ଥ ଭୋକ୍ତା, ଆଉ 'ପୃଥିବୀ ଅର୍ଥ—ଭୋଗ୍ୟ ବସ୍ତୁ ।

'ଜଡ଼'ହିଁ ତ ଚେତନର ଭୋଗ-ବସ୍ତୁ । ଅର୍ଥାତ୍ ଜଡ଼-ପ୍ରକୃତି, ଚେତନ ଅସ୍ମାର ଭୋଗ୍ୟ ବସ୍ତୁ । ଏ ମାଟି, ଏ ପାଣି, ଏ ପବନ, ଏ ଆଲୋକ, ଏ ଆକାଶ ମନୁଷ୍ୟର ଭୋଗ ପାଇଁ ଉଦ୍ଦିଷ୍ଟ । ଏ ମାଟିରୁ ଶସ୍ୟ ଉତ୍ପନ୍ନ ହୁଏ, କେବଳ ଶସ୍ୟ ନୁହେ, ଆଉ ଅନେକ ପ୍ରକାରର ଭୋଗ ସାମଗ୍ରୀର ମଧ୍ୟ ଉପଜର କାରଣ ଏଇ ମାଟି । ପାଣି ମଧ୍ୟ ସେହିପରି ମନୁଷ୍ୟର ଭୋଗର କାରଣ; ମନୁଷ୍ୟର ସୁଖର କାରଣ । ଏ ପାଣିର ସାହାଯ୍ୟରେ ମାଟି ଖାଦ୍ୟ-ଶସ୍ୟ ଉତ୍ପନ୍ନ କରେ, ଆଉ ଏ ପାଣି ମନୁଷ୍ୟର ପାନୀୟ ରୂପରେ ମନୁଷ୍ୟର କେବଳ ତୃଷା ନିବାରଣ କରେ ନା, ମନୁଷ୍ୟର ଜୀବନଧାରଣର ମଧ୍ୟ କାରଣ ହୁଏ । ତେଣୁ ପାଣିର ଅନ୍ୟ ନାମ 'ଜୀବନ' । ସେହିପରି ପବନ,

Digitized by srujanika@gmail.com

ପବନ ବିନା ମୁହୂର୍ତ୍ତେ ସୁଦ୍ଧା ବଞ୍ଚିବା ପ୍ରାଣୀ ପକ୍ଷରେ ସମ୍ଭବ ନୁହେଁ । ତେଣୁ ପବନର ଅନ୍ୟ ନାମ ମଧ୍ୟ ପ୍ରାଣ । ସେଥିପାଇଁ ଜୀବନକୁ କୁହାଯାଏ ପ୍ରାଣ-ବାୟୁ । ଏ ପବନର ଅଉ ଏକ ନାମ ଗନ୍ଧବହ । ପବନ ନାନା ପ୍ରକାର ପୁଷ୍ପ-ଗନ୍ଧ ଅପହରଣ କରେ ବୋଲି ସେ ଗନ୍ଧବହ । ଅଉ ଏ ଗନ୍ଧ ମନୁଷ୍ୟର ସୁସ୍ୱାସ୍ଥ୍ୟ ପାଇଁ ପରମାବଶ୍ୟକ । ସୁସ୍ୱାସ୍ଥ୍ୟ ପ୍ରାପ୍ତି ପାଇଁ ଆମ ଦେଶରେ ହବନ-ପ୍ରଥାର ବ୍ୟବସ୍ଥା ଯେଉଁ ଆଦିମକାଳରୁ ରହିଛି । ଯେପରି ଗନ୍ଧମୟ ଦ୍ରବ୍ୟ, ଅଗୁରୁ, ଚନ୍ଦନ, କର୍ପୂର, ଧୂପ, ଗୁଗ୍ଗୁଳାଦି ହବନ-ସାମଗ୍ରୀ । ଅଉ ଅଗ୍ନିର ଗୁଣ ହେଉଛି ଆପଣାର ଦାହିକା-ଶକ୍ତି ବଳରେ ଏ ପଦାର୍ଥ ଗୁଡ଼ିକୁ ଅତି ସୂକ୍ଷ୍ମରେ ପରିଣତ କରି ତୋଳିବା । ଏ ଗନ୍ଧମୟ ଦ୍ରବ୍ୟ ହବନ ଫଳରେ ଅତି ସୂକ୍ଷ୍ମରେ ପରିଣତ ହୋଇଥିବା ହେତୁରୁ ଆମେ ଏ ଗନ୍ଧକୁ ସହଜରେ ତଥା ଅତି ମାତ୍ରାରେ ପ୍ରାପ୍ତ କରିପାରୁ । ପୁଣି ଆଲୋକ ବିନା ମନୁଷ୍ୟ ପକ୍ଷରେ ଜୀବନ ଧାରଣ କରିବା ସମ୍ଭବ ନୁହେଁ । ନାନା ପ୍ରକାର ରୋଗର ଉତ୍ପତ୍ତିର କାରଣ ଆଲୋକହୀନତା । ତେଣୁ ଏ ଆଲୋକ, ଏ କିରଣ ତଥା ଏ ଆଲୋକ, ଏ ତେଜର ମୂଳ କାରଣ ସୂର୍ଯ୍ୟ, ମନୁଷ୍ୟ ପକ୍ଷରେ ଅତ୍ୟାବଶ୍ୟକ । ଆଲୋକ ବିନା ଚକ୍ଷୁରେନ୍ଦ୍ରିୟର ଶକ୍ତି ମଧ୍ୟ ସୀମିତ । ଆଲୋକ ବିନା ରୂପ-ଦର୍ଶନ ତ ମନୁଷ୍ୟ ପକ୍ଷରେ ସମ୍ଭବ ହୋଇ ପାରେନା ; ଅଉ ରୂପ ଦର୍ଶନ ବିନା ମନୁଷ୍ୟ ମନର ବିକାଶ ବି ସମ୍ଭବ ନୁହେଁ । ...ତା' ପରେ ଆକାଶ ; ଆକାଶ ଅର୍ଥ ଶୂନ୍ୟତା, ଏ ଶୂନ୍ୟତା ମନୁଷ୍ୟର ଶ୍ରୋତ୍ରେନ୍ଦ୍ରିୟର କାରଣ । ଆକାଶ ଥିବାରୁ ବାୟୁ ଏ ଆକାଶରେ ଗତିମାନ ହୋଇ ପାରୁଛି । ଫଳତଃ ମନୁଷ୍ୟ ଅନ୍ୟର କଥାର, ମଧୁର ସଙ୍ଗୀତର, ବୀଣାର କରୁଣ-କୋମଳ ଝଙ୍କାରର ସ୍ୱାଦ ଗ୍ରହଣ କରି ପାରୁଛି । ତେଣୁ ଆକାଶର ଆବଶ୍ୟକତା ମନୁଷ୍ୟ ପକ୍ଷରେ ଅପରିହାର୍ଯ୍ୟ । ଏଥିରୁ ଏ କଥା ସ୍ପଷ୍ଟ

Digitized by srujanika@gmail.com

ଯେ ଏ ସମସ୍ତ ପଞ୍ଚମହାଭୂତ ମନୁଷ୍ୟର ସୁଖର କାରଣ । ତେଣୁ ମନୁଷ୍ୟ ପକ୍ଷରେ ଏହାର ଆବଶ୍ୟକତା ଯଥେଷ୍ଟ ବେଶି । ସୁତରାଂ, ଏ ପୃଥିବୀ, ଏ ପଞ୍ଚ ମହାଭୂତରେ ନିର୍ମିତ ପୃଥିବୀ, ସମସ୍ତ ଭୂତ ଅର୍ଥାତ୍ ପ୍ରାଣୀମାନଙ୍କ ପକ୍ଷରେ ମଧୁ ତୁଲ୍ୟ ପ୍ରିୟ ହେବା ସ୍ୱାଭାବିକ ।

ପୃଥିବୀ ପଞ୍ଚ ମହାଭୂତ ଦ୍ୱାରା ନିର୍ମିତ ଅର୍ଥାତ୍ ପୃଥିବୀ କୌଣସି ଗୋଟାଏ ପଦାର୍ଥ ଦ୍ୱାରା ନିର୍ମିତ ନୁହେଁ । ପାଞ୍ଚୋଟି ପଦାର୍ଥର ସମିଶ୍ରଣରେ ତା' ନିର୍ମିତ । ଏଥିପାଇଁ ପୃଥିବୀ ଏତେ ମଧୁର, ସୁଖକର ହୋଇ ପାରୁଛି । କେବଳ ମାଟିଦ୍ୱାରା, କେବଳ ବାୟୁ ଦ୍ୱାରା, କେବଳ ପାଣି ଦ୍ୱାରା, କେବଳ ଆକାଶ ଦ୍ୱାରା, କେବଳ ଆଲୋକ ଦ୍ୱାରା ପୃଥିବୀ, ନିର୍ମିତ ହେବା ସମ୍ଭବ କି ନା ସନ୍ଦେହ, ଆଉ ସମ୍ଭବ ହେଲେ ମଧ୍ୟ ତା ମନୁଷ୍ୟ ପକ୍ଷରେ ସୁଖକର ହେବ କି ନା ସନ୍ଦେହ । କାରଣ ମନୁଷ୍ୟ ପକ୍ଷରେ କେବଳ ମାଟି, କେବଳ ପାଣି, କେବଳ ବାୟୁ, କେବଳ ଆଲୋକର କୌଣସି ମୂଲ୍ୟ ନାହିଁ ; ତା ପକ୍ଷରେ ସମଗ୍ରଭାବରେ ସମସ୍ତ ଭୂତର ଆବଶ୍ୟକତା ରହିଛି । ଅତଏବ ଏ ପୃଥିବୀ ସମସ୍ତ ବିଭିନ୍ନ ସ୍ୱଭାବଯୁକ୍ତ ପଦାର୍ଥର (ଭୂତର) ସମଷ୍ଟି ହୋଇ ଥିବାରୁ ପୃଥିବୀ ମନୁଷ୍ୟ ପକ୍ଷରେ ପ୍ରିୟ । ଆଉ ଏ ସମସ୍ତ ପଦାର୍ଥ ଏକତ୍ର ମିଶିବାରୁ ତା ଏପରି ମଧୁର ହୋଇ ପାରୁଛି । ତେଣୁ, ଋଷି ବଡ଼ ବିଚକ୍ଷଣତାର ସହିତ 'ମଧୁ' ଶବ୍ଦର ପ୍ରୟୋଗ ଏଠାରେ କରିଛନ୍ତି । ମଧୁକର ନାନା ପ୍ରକାର ଆକୃତିପ୍ରକୃତିଯୁକ୍ତ ପୁଷ୍ପରୁ ନାନା ପ୍ରକାର ସ୍ୱାଦଯୁକ୍ତ, ତିକ୍ତ, କଟୁ, ମଧୁର, ଅମ୍ଳ ଇତ୍ୟାଦି ପୁଷ୍ପରସ ଆହରଣ କରି ତାକୁ ଏକତ୍ର ମିଶ୍ରଣ କରିବା ଫଳରେ ଯେ ରସ ନିର୍ମିତ ହୁଏ, ତା ହୁଏ ମଧୁରସ, ଅର୍ଥାତ୍ ତା ମଧୁର ରସ ବା ମଧୁ । ଈଶ୍ୱର ମଧ୍ୟ ସେହିପରି ବିଭିନ୍ନ ଆକୃତି-ପ୍ରକୃତି-ବିଶିଷ୍ଟ, ବିଭିନ୍ନ ସ୍ୱଭାବ ଗୁଣଯୁକ୍ତ ପଞ୍ଚମହାଭୂତର ମିଶ୍ରଣ କରିବା ଫଳରେ ଯେ ପଦାର୍ଥ ନିର୍ମିତ ହୁଏ, ତା' ପୃଥିବୀ ।

Digitized by srujanika@gmail.com

ତେଣୁ ଏ ପୃଥିବୀ ମଧୁ ତୁଲ୍ୟ ପ୍ରିୟ ମନେ ହୁଏ ମନୁଷ୍ୟ ପକ୍ଷରେ । ପୁଣି ମଧୁକର ଛଡ଼ା ଅନ୍ୟ କୌଣସି କୀଟପତଙ୍ଗ ଦ୍ୱାରା ଏ ଭଳି ପୁଷ୍ପରସ ସଂଗ୍ରହ ତଥା 'ମଧୁରେ ପରିଣତ-କରଣ ଯେପରି ସମ୍ଭବ ନୁହେଁ, ଅଉ ସମ୍ଭବ ହେଲେ ସୁଦ୍ଧା ତା ଠିକ୍ ମଧୁ ହେବା ସମ୍ଭବ ନୁହେଁ, ଠିକ୍ ସେହିପରି ଜଗତକର୍ତ୍ତା ଈଶ୍ୱରଙ୍କ ଛଡ଼ା ଅନ୍ୟ କାହାରି ଏ ସାମର୍ଥ୍ୟ ନାହିଁ ଯେ ସେ ଏ ପଞ୍ଚ ମହାଭୂତର ସମିଶ୍ରଣରେ ଏ ପୃଥିବୀ ନିର୍ମାଣ କରି ପାରିବ । ଅଉ ଯଦି କେହିବି କାହାରି ଦ୍ୱାରା ଏହା ସମ୍ଭବ ହୁଏ, ତେବେ ସେଟା ଠିକ୍ ପୃଥିବୀ ହେବ କି ନା ସନ୍ଦେହ । ତେଣୁ ବୁଝିବାକୁ ହେବ ଯେ, ଯେପରି ମଧୁର ନିର୍ମାଣ-କର୍ତ୍ତାହିଁ ମଧୁକର, ସେହିପରି ଏ ଜଗତର ନିର୍ମାଣକର୍ତ୍ତାହିଁ ଈଶ୍ୱର । ଯେ ଏ ଜଗତର ନିର୍ମାଣ-କର୍ତ୍ତା ନୁହେଁ—ସେ ଈଶ୍ୱର ମଧ୍ୟ ନୁହେଁ । ଜଗତର ନିର୍ମାଣ-କର୍ତ୍ତାଙ୍କୁ ଛାଡ଼ି ଅନ୍ୟ କାହାରିକୁ ଈଶ୍ୱର ମନେ-କରିବା ନାସ୍ତିକତା ।

ଋଷି ଏ କଥା ମଧ୍ୟ କହୁଛନ୍ତି ଯେ ସମସ୍ତ ଭୂତ ପୃଥିବୀର ମଧୁ, ଅର୍ଥାତ୍ ପୃଥିବୀ ପକ୍ଷରେ ସମସ୍ତ ପ୍ରାଣୀ ମଧୁ ତୁଲ୍ୟ ପ୍ରିୟ । ସନ୍ତାନ ଯେପରି ମାତା ପକ୍ଷରେ ପ୍ରିୟ, ମାତା ମଧ୍ୟ ସେହିପରି ସନ୍ତାନ ପକ୍ଷରେ ପ୍ରିୟ । ପୃଥିବୀ ଯେପରି ପ୍ରାଣୀମାନଙ୍କ ପକ୍ଷରେ ପ୍ରିୟ, ପ୍ରାଣୀମାନେ ସେହିପରି ପୃଥିବୀ ପକ୍ଷରେ ପ୍ରିୟ । ଏହାହିଁ କାରଣ ଯେ ପ୍ରାଣୀମାନଙ୍କ ପ୍ରତି ସୁଖକର ହେବା ଭଳି, ମଙ୍ଗଳକାରକ ହେବା ଭଳି ଗୁଣ ପୃଥିବୀର (ପଞ୍ଚ ମହାଭୂତର) ରହିଛି ; ଅଉ ପୃଥିବୀର ଏ ମଧୁର ଗୁଣ ଥିବା ହେତୁରୁ ପ୍ରାଣୀମାନଙ୍କ ପକ୍ଷରେ ଏ ପୃଥିବୀ ପ୍ରିୟ ହୋଇ ପାରୁଛି । ସନ୍ତାନ ପ୍ରତି ସୁଖ-କାମନା, ମଙ୍ଗଳ-କାମନା ମାତାର ରହିଛି ବୋଲି ମାତା ପକ୍ଷରେ ସନ୍ତାନ ପ୍ରିୟ ମନେ ହେଉଛି, ଅଉ

Digitized by srujanika@gmail.com

ସନ୍ତାନ ମାତା ଦ୍ୱାରା ସୁଖ, ସନ୍ତୋଷ, ସାନ୍ତ୍ୱନା ପାଉଛି ବୋଲି ତା ପକ୍ଷରେ ମାତା ପ୍ରିୟ ମନେ ହେଉଛି । ଅତଏବ, ଋଷି ଯେ ଏ କଥା କହୁଛନ୍ତି, ପୃଥିବୀ ପକ୍ଷରେ ଭୂତମାନେ ପ୍ରିୟ ଅଉ ଭୂତମାନଙ୍କ ପକ୍ଷରେ ପୃଥିବୀ ପ୍ରିୟ, ଏ କଥା ସ୍ୱାଭାବିକ ତଥା ସଙ୍ଗତ ହେଉଛି ।

ଋଷି ପୁଣି କହୁଛନ୍ତି—ଏ ପୃଥିବୀରେ ଏ ଯେଉଁ ତେଜୋମୟ ଅମୃତମୟ ପୁରୁଷ ଅଛନ୍ତି, ତଥା ଅଧ୍ୟାତ୍ମ ଜଗତରେ ଏ ଯେଉଁ ତେଜୋମୟ-ଅମୃତମୟ ପୁରୁଷ ଅଛନ୍ତି, ସେ ସେହି ଆତ୍ମା । ସେ ଅମୃତ, ସେ ବ୍ରହ୍ମ, ସେହି ସମସ୍ତ ।

ସ୍ଥୂଳ ସୂକ୍ଷ୍ମ ଭେଦରେ ପୃଥିବୀ ଯେ ଦ୍ୱିବିଧ, ଜଗତ ଯେ ଦ୍ୱିବିଧ, ସୃଷ୍ଟି ଯେ ଦ୍ୱିବିଧ, ଏ କଥା ଆଗରୁ କୁହାଯାଇଛି । ଏ ଦୃଶ୍ୟମାନ ଜଗତହିଁ ସ୍ଥୂଳ ପୃଥିବୀ, ଅଉ ଅଦୃଶ୍ୟମାନ ଜଗତ ସୂକ୍ଷ୍ମ ପୃଥିବୀ । ଏ ସୂକ୍ଷ୍ମ ପୃଥିବୀକୁହିଁ କୁହାଯାଏ ଅଧ୍ୟାତ୍ମ ଜଗତ ।

ଅଧି+ଆତ୍ମ=ଅଧ୍ୟାତ୍ମ । 'ଅଧି' ଗୋଟାଏ ଉପସର୍ଗ, ଯାର ଅର୍ଥ ହେଉଛି—ଉଚ୍ଚ, ଶ୍ରେଷ୍ଠ, ପ୍ରଧାନ ବା ଅଧିକ । ଅତଏବ ଅଧ୍ୟାତ୍ମ ଅର୍ଥ ଶ୍ରେଷ୍ଠ ଆତ୍ମା, ମହାନ୍ ଆତ୍ମା । ସାଧାରଣ ମନୁଷ୍ୟ କେବଳ ଆତ୍ମା, କିନ୍ତୁ ପରମ ଆତ୍ମା ଅର୍ଥାତ୍ ଈଶ୍ୱର ଅଧ୍ୟାତ୍ମା । ଯଦି ଅଧ୍ୟାତ୍ମ ଅର୍ଥ ମହାନ୍ ଆତ୍ମା ହୁଏ, ତେବେ ସାଧାରଣ ଆତ୍ମା ମଧ୍ୟ ସାଧନା ବଳରେ ମହାନ୍ ଆତ୍ମା ହୋଇପାରେ—ତାକୁ ମଧ୍ୟ ଅଧ୍ୟାତ୍ମା କୁହା ଯାଇପାରେ—କେବଳ ଈଶ୍ୱରଙ୍କୁ କାହିଁକି, ଏ ପ୍ରଶ୍ନ ଅନେକଙ୍କ ମନରେ ଉଠିବା ସ୍ୱାଭାବିକ । ହଁ, ଏ କଥା ସତ ଯେ ଆତ୍ମା ଯେତେବେଳେ ସାଧନା ବଳରେ ମହାନ୍ ହୁଏ, ତାକୁ ମହାତ୍ମା କୁହାଯାଏ—କିନ୍ତୁ ତାକୁ ତ ଅଧ୍ୟାତ୍ମା କୁହାଯାଏ ନା । କାରଣ 'ଅଧ୍ୟାତ୍ମ' ଶବ୍ଦ ବିଶିଷ୍ଟାର୍ଥରେ ସବଦା ପ୍ରୟୋଗ ହୁଏ ବୋଲି ଅଧ୍ୟାତ୍ମ

Digitized by srujanika@gmail.com

କହିଲେ କେବଳ ଈଶ୍ୱରଙ୍କୁ ବୁଝାଏ । ପଙ୍କରୁ କେବଳ ପଦ୍ମ ନୁହେଁ, ଅନ୍ୟାନ୍ୟ ଅନେକ ପଦାର୍ଥ ଉତ୍ପନ୍ନ ହୁଅନ୍ତି, କିନ୍ତୁ ବିଶିଷ୍ଟାର୍ଥରେ ପଙ୍କଜ କହିଲେ କେବଳ ପଦ୍ମକୁହିଁ ବୁଝିବାକୁ ହୁଏ । ଠିକ୍ ସେହିପରି ଅଧ୍ୟାତ୍ମ କହିଲେ ଈଶ୍ୱରଙ୍କୁହିଁ ବୁଝିବାକୁ ହେବ । କାହିଁକି ନା ଈଶ୍ୱରହିଁ ଏ ଜଗତର ସର୍ବଶ୍ରେଷ୍ଠ, ସର୍ବମହାନ୍ ଆତ୍ମା—ମନୁଷ୍ୟ ନୁହେଁ—କାରଣ ମନୁଷ୍ୟଠାରୁ ମଧ୍ୟ ସେ ଶ୍ରେଷ୍ଠ । କିନ୍ତୁ କେବଳ ଅକ୍ଷରିକ ଅର୍ଥ ଦୃଷ୍ଟିରୁ ବିଚାର କଲେ ଅଧ୍ୟାତ୍ମ କହିଲେ ମନୁଷ୍ୟକୁ ମଧ୍ୟ ବୁଝିବାକୁ ହେବ । କାରଣ ଏ ସାଧାରଣ ମନୁଷ୍ୟ ଯେତେବେଳେ ସାଧନା ବଳରେ, ଯୋଗ-ସାଧନା ବଳରେ ମହାନ୍ ହୁଏ, ଶ୍ରେଷ୍ଠ ହୁଏ, ସେ ମଧ୍ୟ ସେହିପରି ଅଧ୍ୟାତ୍ମ ହୁଏ । ପୁଣି ଏ ଯୋଗ-ସାଧନାବଳରେ ମନୁଷ୍ୟ ନିର୍ବାଣ ପ୍ରାପ୍ତ ହୁଏ ବୋଲି ସେ ଈଶ୍ୱରଙ୍କ ପରି ସୂକ୍ଷ୍ମଭାବରେ (ଲିଙ୍ଗ ଶରୀର ଧାରଣ କରି) ରହିପାରେ ବୋଲି ସେ ଈଶ୍ୱରଙ୍କ ପରି ଅଧ୍ୟାତ୍ମ ମଧ୍ୟ ହୁଏ । ଏହାହିଁ କାରଣ ଯେ ମୁକ୍ତ ଜୀବାତ୍ମା ତଥା ପରମାତ୍ମା ସୂକ୍ଷ୍ମ ଭାବରେ ଯେଉଁ ଜଗତରେ ରହନ୍ତି, ସେ ଜଗତକୁ ଅଧ୍ୟାତ୍ମ ଜଗତ କୁହାଯାଏ । ଜୀବାତ୍ମା ତଥା ପରମାତ୍ମା ସୂକ୍ଷ୍ମ ହୋଇଥିବାରୁ ସେମାନେ ଯେ ଜଗତରେ ରହନ୍ତି, ସେ ଜଗତ ମଧ୍ୟ ସୂକ୍ଷ୍ମ ହେବା ସ୍ୱାଭାବିକ । ଅତି ସୂକ୍ଷ୍ମ ଜଗତକୁ ସ୍ଥୂଳ ଚକ୍ଷୁରେ ଦେଖିବା ସମ୍ଭବ ନୁହେଁ ବୋଲି ଏ ଜଗତକୁ ଦେଖିବା ପାଇଁ ଜ୍ଞାନଚକ୍ଷୁ ଶଙ୍କରଙ୍କର ତୃତୀୟ ନେତ୍ର ଭଳି ପ୍ରଜ୍ଞା-ଚକ୍ଷୁ ଆବଶ୍ୟକ । ତେଣୁ ଚିନ୍ତା ଦ୍ୱାରା, ବିଚାର ଦ୍ୱାରା, ଜ୍ଞାନ ଦ୍ୱାରା, ପ୍ରଜ୍ଞା ଦ୍ୱାରା, ମେଧା ଦ୍ୱାରା ସେ ଜଗତକୁ ଦେଖିବାପାଇଁ ସାଧନାର ଆବଶ୍ୟକତା ରହିଛି । ତେଣୁ ଆତ୍ମା-ପରମାତ୍ମାଙ୍କୁ ଜାଣିବାକୁ ହେଲେ ଚିନ୍ତା ଆବଶ୍ୟକ; ସାଧନା ଆବଶ୍ୟକ; ସ୍ଥୂଳ ଚକ୍ଷୁ ଏଥିପାଇଁ ଆବଶ୍ୟକ ନୁହେଁ ବା ବାହ୍ୟ ବ୍ରତଉପବାସ, ପୂଜା'ଉପଚାର ଆବଶ୍ୟକ ନୁହେଁ ।

Digitized by srujanika@gmail.com

ସମସ୍ତ ପ୍ରାଣୀମାନଙ୍କ ପକ୍ଷରେ, କିନ୍ତୁ ଏ ଅଧ୍ୟାତ୍ମ ଜଗତରେ ବାସ ସମ୍ଭବ ନୁହେଁ । କିନ୍ତୁ ଈଶ୍ୱରଙ୍କର ବାସ ଏଠାରେ ସୁନିଶ୍ଚିତ । ଈଶ୍ୱର କେବଳ ଯେ ଏ ଅଧ୍ୟାତ୍ମ ଜଗତରେ ରହୁଛନ୍ତି, ତା ନୁହେଁ । ସେ ଏ ସ୍ଥୂଳ ପୃଥିବୀ ମଧ୍ୟରେ ମଧ୍ୟ ରହୁଛନ୍ତି । ଅର୍ଥାତ୍ ଈଶ୍ୱର ସର୍ବବ୍ୟାପକ । ଯେ ଈଶ୍ୱର ସର୍ବବ୍ୟାପକ, ସେ କିଏ ? ସେ ଅମୃତମୟ । ଅର୍ଥାତ୍ ସେ ଈଶ୍ୱରଙ୍କର ମୃତ୍ୟୁ ନାହିଁ, ସେ ଈଶ୍ୱରଙ୍କର ବିନାଶ ସମ୍ଭବ ନୁହେଁ । ପୁଣି ସେ ଈଶ୍ୱର ତେଜୋମୟ, ଅର୍ଥାତ୍ ପ୍ରକାଶମୟ ଅର୍ଥାତ୍ ପ୍ରକାଣ୍ଡ ପ୍ରଭାବଶାଳୀ । ଈଶ୍ୱରଙ୍କର ଏ ତେଜ (ପ୍ରଭାବ) ହିଁ ଏ ଜଗତସୃଷ୍ଟିର କାରଣ, ଏ ଜଗତର ସ୍ଥାୟିତ୍ୱର କାରଣ, ଆଉ ଏ ଜଗତର ବିନାଶର ମଧ୍ୟ କାରଣ । ତେଣୁ ଈଶ୍ୱର ବ୍ରହ୍ମା; ଈଶ୍ୱର ବିଷ୍ଣୁ, ଈଶ୍ୱର ମହେଶ୍ୱର । ଈଶ୍ୱରଙ୍କର ସୃଜନ ଶକ୍ତିକୁହିଁ କୁହାଯାଏ ବ୍ରହ୍ମା, ତାଙ୍କର ପାଳନ-ଶକ୍ତିକୁ ବିଷ୍ଣୁ, ଆଉ ସଂହାର-ଶକ୍ତିକୁ ମହେଶ୍ୱର । ଗୋଟାଏ ଶକ୍ତିର ଏ କେବଳ ତ୍ରିବିଧ ନାମ କରଣ ହୋଇଛି ସେ ମୂଳ 'ଶକ୍ତି'ର କର୍ମର ବିଭିନ୍ନତାକୁ ନେଇ । ତେଣୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର କହିଲେ କେବଳ ଗୋଟାଏ ଈଶ୍ୱରଙ୍କୁ ବୁଝାଏ—ଅନେକ ଈଶ୍ୱରଙ୍କୁ ନୁହେଁ । କାରଣ ଜଗତରେ ଈଶ୍ୱର କେବଳ ଗୋଟାଏ ଅଛନ୍ତି—ଅନେକ ନୁହେଁ ।

ଋଷି ଏ ତେଜୋମୟ-ଅମୃତମୟ ବ୍ରହ୍ମଙ୍କୁ ପୁରୁଷ ବୋଲି କହୁଛନ୍ତି । 'ପୁରି ଶେତେ ସ ପୁରିଶୟଃ ପୁରୁଷୋ ବା' । ପୁର ଅର୍ଥ ଲୋକ; ପୁର ଅର୍ଥ ଜଗତ; ପୁର ଅର୍ଥ ମନୁଷ୍ୟ ଶରୀର ମଧ୍ୟ; ପୁର ଅର୍ଥ ଗୃହ; ପୁର ଅର୍ଥ ନଗର ମଧ୍ୟ । ଏ ପୁରରେ ଯେ ଅବସ୍ଥାନ କରେ ସେ ପୁରିଶୟଃ ଅର୍ଥାତ୍ 'ପୁରୁଷ' । ଅତଏବ ସର୍ବତ୍ର ଯେ ଅବସ୍ଥାନ କରେ, ଅର୍ଥାତ୍ ଯେ ସର୍ବବ୍ୟାପକ ସେ ପୁରୁଷ ଆଉ ଏ

Digitized by srujanika@gmail.com

ପୁରୁଷହିଁ ଈଶ୍ୱର । ଈଶ୍ୱରଙ୍କର ଏ ସର୍ବବ୍ୟାପକତା-ଗୁଣ ଦର୍ଶାଇବା ମାଣିହିଁ ଋଷି ତାଙ୍କୁ ପୁରୁଷ ବୋଲି କହୁଛନ୍ତି; ଅଉ ତାଙ୍କୁ ସ୍ଥୂଳ ପୃଥିବୀ, ତଥା ଅଧ୍ୟାତ୍ମ ଜଗତର ଅଧିଷ୍ଠାତା ବୋଲି କହୁଛନ୍ତି ।

ମନୁଷ୍ୟକୁ ମଧ୍ୟ ପୁରୁଷ କୁହାଯାଏ । ତା' ଏଥିପାଇଁ ନୁହେଁ ଯେ ସେ ସର୍ବବ୍ୟାପକ । ମନୁଷ୍ୟ ଏକ ସମୟରେ ସର୍ବତ୍ର ଅବସ୍ଥାନ କରିପାରେ ନା ବୋଲି ସେ ସର୍ବବ୍ୟାପକ ନୁହେଁ । କିନ୍ତୁ ସେ ଶରୀରରେ, ନଗରରେ, ତଥା ଏ ସ୍ଥୂଳ ଜଗତରେ ବାସ କରେ ବୋଲି ସେ ପୁରୁଷ । ତେଣୁ ଋଷି କହୁଛନ୍ତି ଯେ, ମନୁଷ୍ୟ ପୁରରେ ବାସ କରେ ବୋଲି ସେ ପୁରୁଷ ହୋଇପାରେ । କିନ୍ତୁ ସେ ଅମୃତମୟ-ତେଜୋମୟ ପୁରୁଷ ହୋଇ ପାରେନା । ମନୁଷ୍ୟର ବିନାଶ ରହିଛି, ମନୁଷ୍ୟ ଷଡ଼ବିକାରଗ୍ରସ୍ତ, ଅଉ ସେ ଈଶ୍ୱରଙ୍କର ପରି ତେଜୋମୟ ଅର୍ଥାତ୍ ପ୍ରଭାବଶାଳୀ ନୁହେଁ । ତେଣୁ ସେ ଅମୃତ ନୁହେଁ, ସେ ବ୍ରହ୍ମ ନୁହେଁ, ସେ ଜଗତ୍‌ସର୍ବସ୍ୱ ନୁହେଁ । ଯେ ପୁରୁଷ ଅମୃତ, ଯେ ବ୍ରହ୍ମ, ଯେ ସର୍ବସ୍ୱ, ସେ ହିଁ ଈଶ୍ୱର ।

"ଇମା ଆପଃ ସର୍ବେଷାଂ ଭୂତାନାଂ ମଧ୍ୱାସାମପାଂ ସର୍ବାଣି
ଭୂତାନି ମଧୁ ଯଶ୍ଚାୟମାସ୍ୱପ୍‌ସୁ ତେଜୋମୟୋଽମୃତମୟଃ
ପୁରୁଷୋ ଯଶ୍ଚାୟମଧ୍ୟାତ୍ମଂ ରୈତସସ୍ତେଜୋମୟୋଽମୃତମୟଃ
ପୁରୁଷୋଽୟମେବ ସ ଯୋଽୟମାତ୍ମେଦମମୃତ ମିଦଂ
ବ୍ରହ୍ମେଦଂ ସର୍ବମ୍ ॥" (୨)

"ଜଳ ସମସ୍ତ ଭୂତମାନଙ୍କ ମଧୁ । ଅଉ ଭୂତମାନେ ସମସ୍ତ ଜଳର ମଧୁ । ଜଳରେ ଏ ଯେଉଁ ତେଜୋମୟ-ଅମୃତମୟ ପୁରୁଷ ଅଛନ୍ତି, ତଥା ଅଧ୍ୟାତ୍ମ ଜଗତରେ ଜଳବ୍ୟାପକ ଏ ଯେଉଁ ତେଜୋମୟ-ଅମୃତମୟ ପୁରୁଷ ଅଛନ୍ତି, ସେ ସେହି ଆତ୍ମା (ପରମାତ୍ମା), ସେ ଅମୃତ, ସେ ବ୍ରହ୍ମ, ସେ ହିଁ ସମସ୍ତ ।"

Digitized by srujanika@gmail.com

ଜଳ ସମସ୍ତ ଭୂତମାନଙ୍କ ମଧୁ ଅର୍ଥାତ୍ ଜଳ ଅନ୍ୟାନ୍ୟ ସମସ୍ତ ଭୂତ (ପଞ୍ଚ ମହାଭୂତ) ପକ୍ଷରେ ମଧୁ ତୁଲ୍ୟ ପ୍ରିୟ। ଯେ ପଦାର୍ଥ ମନୁଷ୍ୟ ପକ୍ଷରେ ଆବଶ୍ୟକ, ସେ ପଦାର୍ଥ ମନୁଷ୍ୟ ପକ୍ଷରେ ପ୍ରିୟ ମନେ ହେବା ସ୍ୱାଭାବିକ, ଅଉ ତା ଅନାବଶ୍ୟକ ହେଲେ ଅପ୍ରିୟ ମନେହେବା ସ୍ୱାଭାବିକ। ସନ୍ତାନ ଏଥିପାଇଁ ମାତା ପକ୍ଷରେ ପ୍ରିୟ ମନେ ହୁଏ ଯେ ମାତା ପକ୍ଷରେ ସନ୍ତାନ ଆବଶ୍ୟକ। ଯେଁ ମାତା ପକ୍ଷରେ ସନ୍ତାନ ଆବଶ୍ୟକ ନୁହେଁ ସେ ମାତା ପକ୍ଷରେ ସନ୍ତାନ ପ୍ରିୟ ମନେ ହୁଏନା ବୋଲି ସେ ସେହି ଅନାବଶ୍ୟକ ସନ୍ତାନର ହତ୍ୟାର କାରଣ ପର୍ଯ୍ୟନ୍ତ ହୁଏ। ଅତଏବ, ଅନ୍ୟାନ୍ୟ ଭୂତମାନଙ୍କ ପକ୍ଷରେ ଜଳ ଏଥିପାଇଁ ମଧୁପରି ପ୍ରିୟ ଯେ ସେମାନଙ୍କ ପକ୍ଷରେ ଜଳ ଆବଶ୍ୟକ। ଜଳ କାହିଁକି ଏପରି ଆବଶ୍ୟକ? ଏ ସୃଷ୍ଟି ସମସ୍ତ ପଞ୍ଚମହାଭୂତର ସମିଶ୍ରଣର ପରିଣାମ। କେବଳ ଗୋଟାଏ ଭୂତକୁ ନେଇ ସୃଷ୍ଟି ରଚିତ ହୋଇନାହିଁ ବା ହେବା ସମ୍ଭବ ନୁହେଁ। ତେଣୁ ଜଳକୁ ଛାଡ଼ି କେବଳ ଅନ୍ୟ ଗୁଡ଼ିଏ ଭୂତମାନଙ୍କ ଦ୍ୱାରା ଏ ସୃଷ୍ଟି-ନିର୍ମାଣ ସମ୍ଭବ ନୁହେଁ—ଜଳ ବିନା ସୃଷ୍ଟି ସ୍ଥିର ହୋଇ ରହିବା ମଧ୍ୟ ସମ୍ଭବ ନୁହେଁ। ...ଅନ୍ୟାନ୍ୟ ମହାଭୂତଗଣଙ୍କର ଆପଣା ଆପଣାର ସ୍ୱତନ୍ତ୍ର ଶକ୍ତି ଥିଲେ ମଧ୍ୟ, ସେମାନେ ଜଳ ବିନା ବିଶେଷଭାବରେ କାର୍ଯ୍ୟକାରୀ ହୋଇ ପାରନ୍ତି ନାହିଁ ବୋଲି ସେମାନେ ପ୍ରାଣୀମାନଙ୍କ ପକ୍ଷରେ, ବିଶେଷଭାବରେ ମନୁଷ୍ୟମାନଙ୍କ ପକ୍ଷରେ ଏତେ ଉପକାରୀ ସିଦ୍ଧ ହୋଇ ପାରନ୍ତି ନାହିଁ। ଉଦାହରଣତଃ କୌଣସି ପ୍ରାଣୀର ଶରୀରପୁଷ୍ଟିର ସାଧନ କେବଳ କ୍ଷିତି, ବ୍ୟୋମ, ବାୟୁ, ତେଜ ନୁହେଁ, ଅପ୍ ମଧ୍ୟ ଶରୀର ପୁଷ୍ଟିର ସାଧନ। ନାନାବିଧ ଅନ୍ନ-ଶସ୍ୟର ସୃଷ୍ଟିର କାରଣ ମଧ୍ୟ କେବଳ କ୍ଷିତି, ବ୍ୟୋମ, ବାୟୁ, ତେଜ ନୁହେଁ, ଜଳ ମଧ୍ୟ ଅନ୍ନ-ସୃଷ୍ଟିର କାରଣ। ଅତଃ, ସୃଷ୍ଟିର ନିର୍ମାଣ କାର୍ଯ୍ୟରେ

Digitized by srujanika@gmail.com

ସମଗ୍ର ପଞ୍ଚମହାଭୂତର ଉପଯୋଗୀତା ଅପରିହାର୍ଯ୍ୟ ବୋଲି କୌଣସି ଗୋଟାଏ ଭୂତକୁ ବାଦ୍ ଦେଲେ ସୃଷ୍ଟି ସମ୍ଭବ ନୁହେଁ । ଫଳତଃ, ସୃଷ୍ଟି-ରଚନା ପାଇଁ ପ୍ରତ୍ୟେକ ଭୂତ ପ୍ରତି ପ୍ରତ୍ୟେକ ଭୂତର ଆବଶ୍ୟକତା ରହିଛି । ତେଣୁ ପ୍ରତ୍ୟେକ ଭୂତ ପ୍ରତି ପ୍ରତ୍ୟେକ ଭୂତର ପ୍ରିୟଭାବ ମଧ୍ୟ ରହିବା ସ୍ୱାଭାବିକ ।

ତା'ପରେ ଭୂତ ଅର୍ଥରେ ପ୍ରାଣୀଙ୍କୁ ଗ୍ରହଣ କଲେ ଏଇଠାହିଁ ବୁଝାଇବ ଯେ ଜଳ ପ୍ରାଣୀମାନଙ୍କ ପକ୍ଷରେ ମଧୁପରି ପ୍ରିୟ । ଜଳ ପ୍ରାଣୀମାନଙ୍କ ପକ୍ଷରେ ଅତ୍ୟାବଶ୍ୟକ ବୋଲି ଜଳ ପ୍ରାଣୀମାନଙ୍କ ପକ୍ଷରେ ପ୍ରିୟ । ଜଳ ପ୍ରାଣୀମାନଙ୍କ ପକ୍ଷରେ ଏତେ ପ୍ରିୟ ଯେ ଜଳର ଅନ୍ୟ ନାମ 'ଜୀବନ' । ଅର୍ଥାତ୍ ଜଳ ପ୍ରାଣୀମାନଙ୍କ ପକ୍ଷରେ ଜୀବନ-ତୁଲ୍ୟ ପ୍ରିୟ ତଥା ଆବଶ୍ୟକ ।

ଋଷି କହୁଛନ୍ତି, ଜଳ ଯେପରି ପ୍ରାଣୀମାନଙ୍କ ପକ୍ଷରେ ପ୍ରିୟ, ସେହିପରି ଜଳ ପକ୍ଷରେ ପ୍ରାଣୀମାନେ ମଧ୍ୟ ପ୍ରିୟ । ସନ୍ତାନ ମାତା ପକ୍ଷରେ ଯେପରି ପ୍ରିୟ, ସନ୍ତାନ ପକ୍ଷରେ ମାତା ମଧ୍ୟ ସେହିପରି ପ୍ରିୟ । ଜଳ କୌଣସି ସଜୀବ ପଦାର୍ଥ ନୁହେଁ । ତେଣୁ ତାର ମନ ନାହିଁ । ଫଳତଃ 'ତାର ପ୍ରିୟ ବା ଅପ୍ରିୟଭାବ ରହିବା ସମ୍ଭବ ନୁହେଁ । କିନ୍ତୁ ଋଷିଙ୍କର ଏ ଉକ୍ତିର ଅର୍ଥ ଏହି ଯେ ପ୍ରାଣୀମାନଙ୍କ ପ୍ରତି ସ୍ରଷ୍ଟାର ପ୍ରିୟଭାବ ରହିଛି ବୋଲି ସେ ଜଳର ମାଧ୍ୟମରେ, କେବଳ ଜଳର ନୁହେଁ, ଅନ୍ୟାନ୍ୟ ଭୂତ (ପଞ୍ଚ ମହାଭୂତ) ମାନଙ୍କର ମାଧ୍ୟମରେ ପ୍ରାଣୀମାନଙ୍କର ହିତ କରିବାକୁ ଚାହାନ୍ତି । ତେଣୁ ପ୍ରାଣୀର ପ୍ରିୟ ହେବା ଭଳି, ମଙ୍ଗଳ ହେବା ଭଳି, ଗୁଣ ସେ ପାଣିରେ ଦେଇଛନ୍ତି ଅତ୍ ଜଳର ଏ ଗୁଣ ପାଇଁ ଜଳ ପ୍ରାଣୀମାନଙ୍କ ପକ୍ଷରେ ପ୍ରିୟ ତଥା ଜଳ ପକ୍ଷରେ ପ୍ରାଣୀମାନେ ପ୍ରିୟ ।

Digitized by srujanika@gmail.com

ଈଶ୍ୱରଙ୍କର ସର୍ବବ୍ୟାପକତା ଦର୍ଶାଇବା ପାଇଁ ଋଷି ବର୍ତ୍ତମାନ କହୁଛନ୍ତି ଯେ, ଈଶ୍ୱର ଜଳରେ ଅର୍ଥାତ୍ ପାର୍ଥିବ ପଦାର୍ଥ ମଧ୍ୟରେ ଦୃଶ୍ୟମାନ ଜଗତ ମଧ୍ୟରେ ବ୍ୟାପକ ହୋଇ ରହିଛନ୍ତି । କେବଳ ଦୃଶ୍ୟମାନ ଜଗତରେ ନୁହେଁ, ଅଧ୍ୟାତ୍ମ ଜଗତରେ ମଧ୍ୟ, ଅର୍ଥାତ୍ ସୂକ୍ଷ୍ମ ଜଗତରେ ମଧ୍ୟ, ଯେଉଁଠାରେ କି ଜଳର ମୂଳ ଅଣୁପରମାଣୁ ରହିଛି, ସେହିଠାରେ ମଧ୍ୟ ସେ ରହିଛନ୍ତି । କୌଣସି ମୂଳ ଅଣୁପରମାଣୁର ଦୃଶ୍ୟମାନ ରୂପ ହେଉଛି ଜଳ । ତେଣୁ ପ୍ରଳୟ ପରେ ଜଳର ଅଉ ଜଳରୂପରେ ଅସ୍ତିତ୍ୱ ରହେ ନା—ଯେ ମୂଳ ଅଣୁପରମାଣୁରୁ ତା ଦୃଶ୍ୟମାନ ହୁଏ, ସେ ମୂଳ ଅଣୁପରମାଣୁରେହିଁ ସେ ପୁଣି ଅଦୃଶ୍ୟ ହୋଇଯାଏ । ଈଶ୍ୱର ଜଳର ମୂଳ ଉଦ୍‌ଗମ ସ୍ଥାନରେ (ଜଳର ଅଣୁପରମାଣୁରେ) ମଧ୍ୟ ରହିଛନ୍ତି । ତେଣୁ ଈଶ୍ୱରଙ୍କୁ 'ଜଳ-ବ୍ୟାପକ' ବୋଲି ଋଷି କହୁଛନ୍ତି । ଅଉ ଏ ଯେଉଁ ଉଭୟ ଜଗତ, ଦୃଶ୍ୟମାନ ଅଦୃଶ୍ୟମାନ ଜଗତ, ସ୍ଥୂଳ ସୂକ୍ଷ୍ମ ଜଗତ୍ ଅଧିଭୌତିକ ଅଧ୍ୟାତ୍ମିକ ଜଗତ, ଅଉ ଏ ଜଗତରେ ଏ ଯେଉଁ ଈଶ୍ୱର ବ୍ୟାପକ ହୋଇ ରହିଛନ୍ତି, ସେ ହିଁ ବ୍ରହ୍ମ, ସେ ହିଁ ଅମୃତ, ସେ ହିଁ ସମସ୍ତ ସୃଷ୍ଟିର କର୍ତ୍ତା, ଅନ୍ୟ କେହି ନୁହେଁ । ଅନ୍ୟ କାହାରିକୁ ଈଶ୍ୱର ମାନିବା ନାସ୍ତିକତା, ଋଷି ଏ କଥା କହିବାକୁ ଗ୍ଧୁଛନ୍ତି । କାରଣ ଏ ଈଶ୍ୱର ଅମୃତମୟ ଅର୍ଥାତ ଏ ଈଶ୍ୱରଙ୍କର ବିନାଶ ନାହିଁ । ଯେହେତୁ ଏ ଅତି ସୂକ୍ଷ୍ମ ପଦାର୍ଥ । ଏହାହିଁ କାରଣ ଯେ ସେ ସୂକ୍ଷ୍ମ ଜଗତରେ ମଧ୍ୟ ରହିଛନ୍ତି ; ଅଉ ସୂକ୍ଷ୍ମ ପଦାର୍ଥର (ଯା ଚକ୍ଷୁରେ କୌଣସି ପ୍ରକାରରେ ଦୃଶ୍ୟମାନ ହୋଇ ପାରେ ନା) ବିନାଶ ନାହିଁ । କାରଣ ସୂକ୍ଷ୍ମ ପଦାର୍ଥ ମୂଳ ପଦାର୍ଥ—ସୃଷ୍ଟିର ବୀଜ, ଯେ' ମୂଳ ସୃଷ୍ଟିର ତିନି ତତ୍ତ୍ୱ ଅତ୍ମା, ପରମାତ୍ମା, ପ୍ରକୃତ (ମୂଳ ପ୍ରକୃତି, ଅଦୃଶ୍ୟମାନ ପ୍ରକୃତି, ପ୍ରକୃତିର ଅଣୁପରମାଣୁ) ର ବିନାଶ କିପ୍ରକାରେ ଘଟେ

ନା । ବୀଜ ନ ଥଲେ, ମୂଳ ନ ଥିଲେ ତ ସୃଷ୍ଟି ସମ୍ଭବ ନୁହେ, ଅଉ ସୃଷ୍ଟି ଯେତେବେଳେ ରହୁଛୁ ରହୁଥିବ, ସେତେବେଳେ ସୃଷ୍ଟିର ବୀଜ ମଧ ରହୁଛୁ ରହୁଥିବ । ଅଉ ସୃଷ୍ଟିର ଏ ବୀଜର ନାଶ ସମ୍ଭବ ନୁହେଁ ବୋଲି ସେ ରହୁଛୁ ରହୁଥିବ । ଅତଏବ ସୃଷ୍ଟିର ବୀଜ, ସୃଷ୍ଟିର ମୂଳ କାରଣ ଈଶ୍ୱର ଅବିନାଶୀ ; କେବଳ ଈଶ୍ୱର ନୁହନ୍ତି, ସୃଷ୍ଟିର ଅନ୍ୟ ମୂଳ କାରଣ ଦ୍ରବ୍ୟ ମଧ ଅବିନାଶୀ; ସେମାନେ ହେଉଛନ୍ତି ଅତ୍ମା ତଥା ମୂଳ ପ୍ରକୃତ । ଅଉ ଈଶ୍ୱର ଅବିନାଶୀ ବୋଲି ସେ ତେଜୋମୟ ଅର୍ଥାତ୍ ଅଖଣ୍ଡ ପ୍ରଭାବଶାଳୀ, ଅଖଣ୍ଡ ପରାକ୍ରମଶାଳୀ ।

"ଅୟମଗ୍ନିଃ ସର୍ବେଷାଂ ଭୂତାନାଂ ମଧ୍ୱସ୍ୟାଗ୍ନେଃ ସର୍ବାଣି ଭୂତାନି ମଧୁ ଯଶ୍ଚାୟମସ୍ମିନ୍ନଗ୍ନୌ ତେଜୋମୟୋଽମୃତମୟଃ ପୁରୁଷୋ ଯଶ୍ଚାୟମଧ୍ୟାତ୍ମଂ ବାଙ୍ମୟସ୍ତେଜୋମୟୋଽମୃତମୟଃ ପୁରୁଷୋଽୟମେବ ସ ଯୋଽୟମାତ୍ମେଦମମୃତମିଦଂ ବ୍ରହ୍ମେଦଂ ସର୍ବମ୍ ।" (୬)

"ଏଇ ଅଗ୍ନି ସମସ୍ତ ଭୂତର ମଧୁ । ସମସ୍ତ ଭୂତ ଅଗ୍ନିର ମଧୁ । ଅଉ ଏ ଅଗ୍ନି ମଧରେ ଏ ଯେଉଁ ତେଜୋମୟ-ଅମୃତମୟ ପୁରୁଷ ଅଛନ୍ତି । ତଥା ଏ ଅଧ୍ୟାତ୍ମ ଜଗତରେ ବାଙ୍ମୟ ଏ ଯେଉଁ ତେଜୋମୟ-ଅମୃତମୟ ପୁରୁଷ ଅଛନ୍ତି, ସେ ସେହି ଆତ୍ମା (ପରମାତ୍ମା),—ସେ ଅମୃତ, ସେ ବ୍ରହ୍ମ, ସେ ହିଁ ସର୍ବସ୍ୱ ।"

ପଞ୍ଚ ମହାଭୂତ ମଧରୁ ଅଗ୍ନି ଗୋଟାଏ ଭୂତ ; ଅଉ ଏ' ପଞ୍ଚ ମହାଭୂତ ସୃଷ୍ଟି-ନିର୍ମାଣର ମୂଳାଧାର । ଫଳତଃ ପଞ୍ଚ ମହାଭୂତ ମଧରୁ କୌଣସି ଗୋଟାଏ ଭୂତକୁ ବାଦ୍ ଦେଲେ ସୃଷ୍ଟି ନିର୍ମାଣ ସମ୍ଭବପର ନୁହେଁ । ଏଥିରୁ ଏ କଥା ସ୍ପଷ୍ଟ ଯେ ସମସ୍ତ ଭୂତ ପାରସ୍ପରିକ ସମ୍ବନ୍ଧଜଡ଼ିତ । ତେଣୁ ଏମାନଙ୍କ ମଧରେ ସମ୍ବନ୍ଧବିଚ୍ଛେଦ ସମସ୍ତ ପ୍ରକାର ଧ୍ୱଂସର କାରଣ । ମନୁଷ୍ୟ ଶରୀର ପଞ୍ଚ ମହାଭୂତରୁ ନିର୍ମିତ ।

Digitized by srujanika@gmail.com

ଏ ଶରୀରରେ ଅନ୍ୟାନ୍ୟ ଚାରିଗୋଟି ଭୂତ ଥିଲେ ମଧ୍ୟ ଯଦି ଏ ଶରୀରରୁ ଅଗ୍ନି (ଅଗ୍ନିତତ୍ତ୍ୱ) ବା ତେଜ ଚାଲିଯାଏ, ତେବେ ଏ ଶରୀର ତିଷ୍ଠି ପାରିବ ନାହିଁ। ଶରୀରର ଏପରି ଅବସ୍ଥାକୁ ସନ୍ନିପାତ-ଅବସ୍ଥା କୁହାଯାଏ, ଆଉ ଏ ସନ୍ନିପାତ-ଅବସ୍ଥାର ପରବର୍ତ୍ତୀ ଅବସ୍ଥା ମୃତ୍ୟୁ। ଅତଏବ ତେଜହୀନତା (ଶରୀରରୁ ଅଗ୍ନିତତ୍ତ୍ୱର ଅପସାରଣ) ମୃତ୍ୟୁର କାରଣ। ଶରୀରରେ ଚାରିଗୋଟି ଭୂତ ଥିଲେ ସୁଦ୍ଧା କେବଳ ଅନ୍ୟ ଗୋଟାଏ ଭୂତ ରହୁନାହିଁ ବୋଲି ଶରୀର ରହୁନାହିଁ। ଏ ପୃଥିବୀ ସମ୍ବନ୍ଧରେ ମଧ୍ୟ ସେହି କଥା। ପ୍ରତ୍ୟେକ ପ୍ରକାର ନିର୍ମାଣ-କାର୍ଯ୍ୟ ପାଇଁ ପ୍ରତ୍ୟେକ ଭୂତର ଆବଶ୍ୟକତା ଅପରିହାର୍ଯ୍ୟ। ଏ ଭାବଟାକୁ ପ୍ରକାଶ କରିବା ଉଦ୍ଦେଶ୍ୟରେ ଋଷି କହୁଛନ୍ତି ଯେ 'ଅଗ୍ନି ଅନ୍ୟାନ୍ୟ ଭୂତର ମଧୁ।' ଅର୍ଥାତ୍ ଅନ୍ୟାନ୍ୟ ଭୂତମାନଙ୍କ ପକ୍ଷରେ ଅଗ୍ନି ମଧୁ ତୁଲ୍ୟ ପ୍ରିୟ। କାରଣ ଅଗ୍ନି ଅନ୍ୟାନ୍ୟ ଭୂତମାନଙ୍କ ପକ୍ଷରେ ଆବଶ୍ୟକ। ଅନ୍ୟାନ୍ୟ ଭୂତମାନେ ମଧ୍ୟ ଅଗ୍ନି ପକ୍ଷରେ ମଧୁତୁଲ୍ୟ ପ୍ରିୟ। କାରଣ ସକଳ ପ୍ରକାର ନିର୍ମାଣ-କାର୍ଯ୍ୟ ପାଇଁ ଅଗ୍ନି ପକ୍ଷରେ ମଧ୍ୟ ଅନ୍ୟାନ୍ୟ ଭୂତର ଆବଶ୍ୟକତା ଅପରିହାର୍ଯ୍ୟ। ଯେଉଁ ଖାଦ୍ୟ-ଶସ୍ୟ ଗ୍ରହଣ କରି ଆମେ ଜୀବନ-ଧାରଣ କରୁ, ସେ ଶସ୍ୟ କେବଳ ଅଗ୍ନି (ତେଜ)ର ସାହାଯ୍ୟରେ ଉତ୍ପନ୍ନ ହୁଏ ନା। ଅନ୍ୟାନ୍ୟ ସମସ୍ତ ଭୂତ ସାହାଯ୍ୟରେ ତା' ଉତ୍ପନ୍ନ ହୁଏ।

ଭୂତ ଅର୍ଥ ପ୍ରାଣୀ ମଧ୍ୟ। ଅତଏବ ପ୍ରାଣୀମାନଙ୍କ ପକ୍ଷରେ ମଧ୍ୟ ଅଗ୍ନି ଆବଶ୍ୟକ। ମନୁଷ୍ୟ-ଶରୀର ଅଗ୍ନିତତ୍ତ୍ୱ ବିନା ତିଷ୍ଠି ପାରେ ନା। ମନୁଷ୍ୟର ଜଠରାଗ୍ନି, ଯା' ମନୁଷ୍ୟର ଭୁକ୍ତ ପଦାର୍ଥକୁ ଜୀର୍ଣ୍ଣ କରି ମନୁଷ୍ୟର ସ୍ୱାସ୍ଥ୍ୟକୁ ସ୍ଥାୟୀ ରଖେ, ତା' ଏ ଅଗ୍ନି-ତତ୍ତ୍ୱର ଅଂଶ ବିଶେଷ। ମନୁଷ୍ୟର ଖାଦ୍ୟ ପଦାର୍ଥକୁ ମଧ୍ୟ ଏ ଅଗ୍ନି ସିଦ୍ଧ କରେ। ଅତଏବ ଅଗ୍ନି ମନୁଷ୍ୟର ନିତାନ୍ତ ଆବଶ୍ୟକୀୟ ପଦାର୍ଥ ହୋଇ ଥିବାରୁ, ସେ ମନୁଷ୍ୟ ପକ୍ଷରେ ପ୍ରିୟ ହେବା ମଧ୍ୟ

Digitized by srujanika@gmail.com

ସ୍ୱାଭାବିକ । ଏହି କାରଣରୁ ଅନ୍ୟାନ୍ୟ ପ୍ରାଣୀମାନଙ୍କ ପକ୍ଷରେ ମଧ୍ୟ ଅଗ୍ନି ପ୍ରିୟ । ଅତଃ ଅଗ୍ନି ପକ୍ଷରେ ମନୁଷ୍ୟ ପ୍ରିୟ ହୋଇ ନ ଥିଲେ, ସେ ବା ମନୁଷ୍ୟ ପାଇଁ ଏତେ ଉପଯୋଗୀ ସିଦ୍ଧ ହୁଅନ୍ତା କାହିଁକି ?, —ଅର୍ଥାତ୍ ଅଗ୍ନିରେ ଏ ଆବଶ୍ୟକୀୟ ଗୁଣ ବା ଥାନ୍ତା କାହିଁକି ? ମନୁଷ୍ୟ ଈଶ୍ୱରଙ୍କର ପ୍ରିୟ ବୋଲି ମନୁଷ୍ୟର ମଙ୍ଗଳ-ସାଧନ ପାଇଁ ସମସ୍ତ ଭୂତରେ ଈଶ୍ୱର ଯେପରି ମଙ୍ଗଳ-ସାଧକ ଗୁଣର ବ୍ୟବସ୍ଥା କରିଛନ୍ତି, ଅଗ୍ନିରେ ମଧ୍ୟ ସେହିପରି ସେ ତା' କରିଛନ୍ତି । ଏ ସୃଷ୍ଟି-ରଚନାର ମାଧ୍ୟମରେହିଁ ଈଶ୍ୱର ଏପରି ଭାବରେ ମନୁଷ୍ୟ ପ୍ରତି ନିଜର ପ୍ରିୟ-ଭାବ ପ୍ରକଟ କରୁଛନ୍ତି । ଏହା ମଧ୍ୟ ଗୋଟାଏ କାରଣ ଯେ ଈଶ୍ୱର ସର୍ବବ୍ୟାପକ । ଏ ଅଗ୍ନିରେ ମଧ୍ୟ ସେ ବ୍ୟାପକ । ଅଗ୍ନି ସ୍ଥୂଳ ଜଗତର ଅଂଶ ବିଶେଷ । ଅଗ୍ନିରେ ମଧ୍ୟ ଈଶ୍ୱର ବ୍ୟାପକ, ଏ କଥା କହିବା ଯାହା ସ୍ଥୂଳ ଜଗତରେ ମଧ୍ୟ ଈଶ୍ୱର ବ୍ୟାପକ, ଏ କଥା କହିବା ମଧ୍ୟ ତାହା । କିନ୍ତୁ ଈଶ୍ୱର କେବଳ ସ୍ଥୂଳ ଜଗତରେ ବ୍ୟାପକ ନୁହନ୍ତି, ସୂକ୍ଷ୍ମ ଜଗତରେ ଅର୍ଥାତ୍ ଅଧ୍ୟାତ୍ମ ଜଗତରେ ମଧ୍ୟ ସେ ବ୍ୟାପକ । ଯେ ସର୍ବତ୍ର ବ୍ୟାପକ, ଅଗ୍ନିରେ ବ୍ୟାପକ ହେଲେ ମଧ୍ୟ ଯାର କୌଣସି ପ୍ରକାର ଅନିଷ୍ଟ ହେବାର ସମ୍ଭାବନା ନାହିଁ, ଅଧିକ ଯେ ଏତେ ସୂକ୍ଷ୍ମ ଯେ ସେ ସୂକ୍ଷ୍ମ ଜଗତରେ ମଧ୍ୟ ବ୍ୟାପକ, ସେ ହିଁ ବ୍ରହ୍ମ, ସେ ହିଁ ପରମ ଆତ୍ମା, ସେ ହିଁ ଅମୃତ, ସେ ହିଁ ସର୍ବସ୍ୱ, ଅନ୍ୟ କେହି ଈଶ୍ୱର ପଦବାଚ୍ୟ ନୁହେଁ । କାରଣ ଅନ୍ୟ କେହି ଅଗ୍ନିରେ ବ୍ୟାପକ ହୋଇ ଅକ୍ଷତ ହୋଇ ପାରିବ ନାହିଁ ।

"ଅୟଂ ବାୟୁଃ ସର୍ବେଷାଂ ଭୂତାନାଂ ମଧ୍ୱସ୍ୟ ବାୟୋଃ
ସର୍ବାଣି ଭୂତାନି ମଧୁ ଯଶ୍ଚାୟମସ୍ମିନ୍ବାୟୌ ତେଜୋମୟୋଽ-
ମୃତମୟଃ ପୁରୁଷୋ ଯଶ୍ଚ ଯମଧ୍ୟାତ୍ମଂ ପ୍ରାଣସ୍ତେଜୋମୟୋଽମୃତମୟଃ
ପୁରୁଷୋ ଽୟମେବ ସଯୋଽୟମାତ୍ମେଦମମୃତମିଦଂ
ବ୍ରହ୍ମେଦଂ ସର୍ବମ୍ ।" (୪)

Digitized by srujanika@gmail.com

"ଏ ବାୟୁ ସମସ୍ତ ଭୂତମାନଙ୍କ ମଧୁ । ଆଉ ଏ ସମସ୍ତ ଭୂତ ବାୟୁର ମଧୁ । ଏ ବାୟୁରେ ଏ ଯେଉଁ ତେଜୋମୟ-ଅମୃତମୟ ପୁରୁଷ ଅଛନ୍ତି, ଆଉ ଏ ଅଧ୍ୟାତ୍ମ ସମ୍ବନ୍ଧୀ ପ୍ରାଣବ୍ୟାପୀ ତେଜୋମୟ-ଅମୃତମୟ ପୁରୁଷ ଅଛନ୍ତି, ସେ ଆତ୍ମା, ସେ ଅମୃତ, ସେ ବ୍ରହ୍ମ, ସେ ହିଁ ସର୍ବସ୍ୱ ।"

ବାୟୁ ମଧ୍ୟ ପଞ୍ଚମହାଭୂତ ମଧ୍ୟରୁ ଗୋଟାଏ ଭୂତ । ସୃଷ୍ଟି-ନିର୍ମାଣରେ ଅନ୍ୟାନ୍ୟ ମହାଭୂତମାନଙ୍କର ଆବଶ୍ୟକତା ଯେପରି ଅପରିହାର୍ଯ୍ୟ, ବାୟୁର ଆବଶ୍ୟକତା ମଧ୍ୟ ଠିକ୍ ସେହିପରି ଅପରିହାର୍ଯ୍ୟ । ପାଣି ବିନା, ମାଟି ବିନା, ଆଲୋକ ବିନା, ଆକାଶ ବିନା, ସୃଷ୍ଟିର କୌଣସି ପଦାର୍ଥର ଅସ୍ତିତ୍ୱ କଳ୍ପନା କରି ହେବନାହିଁ, ଠିକ ସେହିପରି ବାୟୁ ବିନା ମଧ୍ୟ ସୃଷ୍ଟିର କୌଣସି ପଦାର୍ଥର ଉତ୍ପତ୍ତି, ବୃଦ୍ଧି ତଥା ପୁଷ୍ଟି ସମ୍ଭବ ନୁହେଁ । ଖାଦ୍ୟ-ଶସ୍ୟର ଉତ୍ପତ୍ତି ପାଇଁ, ବୃଦ୍ଧି ପାଇଁ, ପୁଷ୍ଟି ପାଇଁ ଯେପରି ପାଣି ଆବଶ୍ୟକ, ମାଟି ଆବଶ୍ୟକ, ଆଲୋକ ଆବଶ୍ୟକ, ଆକାଶ ଆବଶ୍ୟକ, ସେହିପରି ବାୟୁ ମଧ୍ୟ ଆବଶ୍ୟକ, ତେଣୁ ବାୟୁକୁ ଛାଡ଼ି ଅନ୍ୟାନ୍ୟ ଭୂତମାନଙ୍କ କ୍ରିୟାଶୀଳତାର କୌଣସି ଅର୍ଥ ନାହିଁ । ଅତଏବ ଅନ୍ୟାନ୍ୟ ଭୂତ ମାନଙ୍କ ପକ୍ଷରେ ବାୟୁର ଆବଶ୍ୟକତା ଅପରିହାର୍ଯ୍ୟ । ତେଣୁ ବାୟୁ ଏ ଭୂତମାନଙ୍କ ପକ୍ଷରେ ପ୍ରିୟ ହେବା ସ୍ୱାଭାବିକ । ଆଉ ବାୟୁ ପକ୍ଷରେ ଏ ଭୂତମାନେ ମଧ୍ୟ ପ୍ରିୟ ହେବା ଆବଶ୍ୟକ ।

ଯେଉଁଠାରେ ଅଭାବ ବା ଆବଶ୍ୟକତା, ସେହିଠାରେ ସ୍ୱାର୍ଥ । ତଥା ଯେଉଁଠାରେ ପ୍ରିୟ-ଭାବ, ସେହିଠାରେ ସ୍ୱାର୍ଥ-ଭାବ । ବାୟୁ ସଙ୍ଗରେ ଅନ୍ୟାନ୍ୟ ଭୂତମାନଙ୍କର ସ୍ୱାର୍ଥ ଜଡ଼ିତ, କାରଣ ଅନ୍ୟାନ୍ୟ ଭୂତମାନଙ୍କ ପକ୍ଷରେ ବାୟୁର ଆବଶ୍ୟକତା ରହିଛି । ତେଣୁ ବାୟୁ

Digitized by srujanika@gmail.com

ସଙ୍ଗରେ ଅନ୍ୟାନ୍ୟ ଭୂତମାନଙ୍କ ପ୍ରିୟତ୍ୱ ମଧ୍ୟ ବଢ଼ୁଛି ଏବଂ ଅନ୍ୟାନ୍ୟ ଭୂତମାନେ ବାୟୁ ପକ୍ଷରେ ମଧ୍ୟ ଅବଶ୍ୟକ ବୋଲି ସେମାନେ ବାୟୁର ମଧ୍ୟ ପ୍ରିୟ ।

ଭୂତ ଅର୍ଥ ପ୍ରାଣୀ ମଧ୍ୟ । ତେଣୁ, ବାୟୁ ପ୍ରାଣୀମାନଙ୍କ ପକ୍ଷରେ ମଧ୍ୟ ମଧୁ ପରି ପ୍ରିୟ । ଆଉ ବାୟୁ ପକ୍ଷରେ ମଧ୍ୟ ପ୍ରାଣୀମାନେ ପ୍ରିୟ, ଏ କଥା ଋଷି କହୁଛନ୍ତି । ଋଷିଙ୍କର ଏହା କହିବାର ଉଦ୍ଦେଶ୍ୟ ଏହି ଯେ ବାୟୁ ବିନା ପ୍ରାଣୀମାନେ ମୁହୂର୍ତ୍ତେ ସୁଦ୍ଧା ବଞ୍ଚି ପାରିବେ ନାହିଁ । ପ୍ରାଣୀମାନଙ୍କ ଶରୀର ପଞ୍ଚମହାଭୂତରୁ ନିର୍ମିତ, ଆଉ ଏ ପଞ୍ଚ ମହାଭୂତ ମଧ୍ୟରେ ବାୟୁ ଗୋଟିଏ ଭୂତ । ବାୟୁର ଅନ୍ୟ ନାମ ଗନ୍ଧବହ । ନାନା ପ୍ରକାର ପୁଷ୍ପଗନ୍ଧ ଏ ବାୟୁହିଁ ବହନ କରି ଆଣେ, ଆଉ ବାତାବରଣକୁ ଗନ୍ଧଯୁକ୍ତ କରିବା ସଙ୍ଗେ ସଙ୍ଗେ ପ୍ରାଣୀମାନଙ୍କର ସ୍ୱାସ୍ଥ୍ୟୋନ୍ନତିର କାରଣ ସିଦ୍ଧ ହୁଏ । ଏଥିରୁ ଏ କଥା ସ୍ପଷ୍ଟ ଯେ ମନୁଷ୍ୟ ପକ୍ଷରେ, କେବଳ ମନୁଷ୍ୟ ପକ୍ଷରେ ନୁହେଁ, ସମଗ୍ର ପ୍ରାଣୀଜଗତ ପକ୍ଷରେ ବାୟୁ ପ୍ରାଣ ତୁଲ୍ୟ ଅତ୍ୟାବଶ୍ୟକ । ତେଣୁ ବାୟୁର ଅନ୍ୟ ନାମ ପ୍ରାଣବାୟୁ ତଥା ଜୀବନ । ଏପରି ସ୍ଥଳେ ବାୟୁ ପ୍ରାଣୀମାନଙ୍କ ପକ୍ଷରେ ପ୍ରିୟ ହେବା ସ୍ୱାଭାବିକ, ଆଉ ପ୍ରାଣୀମାନେ ମଧ୍ୟ ବାୟୁ ପକ୍ଷରେ ପ୍ରିୟ ହେବା ସ୍ୱାଭାବିକ । ଅନ୍ୟଥା ବାୟୁ ପ୍ରାଣୀମାନଙ୍କ ପକ୍ଷରେ ଏତେ ଗୁଣକାରୀ ସିଦ୍ଧ ହୁଅନ୍ତା କିପରି ? କିନ୍ତୁ ବାୟୁ ତ ନିଜେ ଗୋଟିଏ ଜଡ଼ ପଦାର୍ଥ—ନିଜର ସ୍ୱତନ୍ତ୍ର ଶକ୍ତି ମାଧ୍ୟମରେ କିଛି କରିବା ତ ତା' ପକ୍ଷରେ କଦାପି ସମ୍ଭବ ନୁହେଁ । ତେଣୁ ସେ ଯା କିଛି କରେ, ଈଶ୍ୱରଙ୍କର ଇଚ୍ଛାନୁସାରେ, ନିର୍ଦ୍ଦେଶାନୁସାରେ ସେ ତା' କରେ । ଅତଏବ ବାୟୁ ଯା' କରେ, ତା ଈଶ୍ୱର କରନ୍ତି ବୋଲି ବୁଝିବାକୁ ହେବ । ଈଶ୍ୱର ବାୟୁର ମାଧ୍ୟମରେ ପ୍ରାଣୀମାନଙ୍କର ମଙ୍ଗଳ କରନ୍ତି । ତା'

Digitized by srujanika@gmail.com

ସେ ଏଥିପାଇଁ ଭାବନ୍ତି ଯେ 'ଈଶ୍ୱରଙ୍କର ପକ୍ଷରେ ପ୍ରାଣୀମାନେ ପ୍ରିୟ ଅଉ ପ୍ରାଣୀମାନଙ୍କ ପକ୍ଷରେ ଈଶ୍ୱର ପ୍ରିୟ ।

ଏ ଈଶ୍ୱର ଅତି ସୂକ୍ଷ୍ମ । ଏହାହିଁ କାରଣ ଯେ ସେ ବାୟୁ ପରି ଅତି ସୂକ୍ଷ୍ମ ପଦାର୍ଥରେ ମଧ୍ୟ ବ୍ୟାପକ ହୋଇ ରହିଛନ୍ତି । ବାୟୁ ପାର୍ଥିବ ପଦାର୍ଥ; ଏହାକୁ ଦେଖି ନ ହେଲେ ମଧ୍ୟ ଅନୁଭବ କରି ହେଉଛି । କିନ୍ତୁ ଏହାଠାରୁ ଅଧିକ ସୂକ୍ଷ୍ମ ଜଗତରେ, ଅଧ୍ୟାତ୍ମ ଜଗତରେ, ବହିଁ-ଚିନ୍ତା ଜଗତରେ ମଧ୍ୟ ଈଶ୍ୱର ବ୍ୟାପକ । ଯେ ଈଶ୍ୱର ଏତେ ସୂକ୍ଷ୍ମ, ତାର କେବେ କଣ ବିନାଶ ହୋଇପାରେ ? ବିନାଶ ଅର୍ଥ ମୃତ୍ୟୁ । ଅଉ ମୃତ୍ୟୁ ଅର୍ଥ ପରିବର୍ତ୍ତନ ଛଡ଼ା ଅନ୍ୟ କିଛି ନୁହେଁ । ଆତ୍ମାର ତ ବିନାଶ ନାହିଁ, ଏ କଥା ଗୀତା କହିଛନ୍ତି । ଶରୀରର ମଧ୍ୟ ବିନାଶ ନାହିଁ—ଶରୀରର କେବଳ ପରିବର୍ତ୍ତନ ହୁଏ—ଯେ ପଞ୍ଚମହାଭୂତରୁ ସେ ନିର୍ମିତ, ସେ ପଞ୍ଚ ମହାଭୂତରେ ସେ କେବଳ ପରିବର୍ତ୍ତିତ ହୋଇଯାଏ—ଅଉ ପଞ୍ଚ ମହାଭୂତର କେବେ ବିନାଶ ହୁଏନା—ପ୍ରଳୟ କାଳରେ ମଧ୍ୟ ସେ ରହେ । ପ୍ରଳୟ କାଳରେ ଏ ମହାଭୂତର ପରିବର୍ତ୍ତନ ସିନା ହୁଏ—ନାଶ ବା ଲୋପ ହୁଏ ନା'ତ—ଯେଉଁ ଅଣୁପରମାଣୁରୁ ତା ନିର୍ମିତ, ସେହି ଅଣୁପରମାଣୁରେ ସେ ବିଲୀନ ହୋଇଯାଏ ପୁଣି ଜନ୍ମ ନେବାକୁ ଅର୍ଥାତ୍ ସୂକ୍ଷ୍ମରୁ ସ୍ଥୂଳ ହେବାକୁ, ଅଦୃଶ୍ୟମାନ ଜଗତରୁ ଦୃଶ୍ୟମାନ ଜଗତକୁ ଆସିବାକୁ—ପ୍ରାଣୀର ଅନୁଭବ-ଗୋଚର ହେବାକୁ ।

କିନ୍ତୁ ଏ ପରିବର୍ତ୍ତନ କେବଳ ସ୍ଥୂଳ ପଦାର୍ଥ ପକ୍ଷରେ ସମ୍ଭବ । କାରଣ ସ୍ଥୂଳ ପଦାର୍ଥ ଅବୟବୀ । ସ୍ଥୂଳ ପଦାର୍ଥର ଏ ଅବୟବ ଅର୍ଥାତ୍ ଆକାରପ୍ରକାର ଯେ କୌଣସି ପ୍ରକାରରେ ହେଉ ନା କାହିଁକି, ସେ ଯେ ଅବୟବୀ, ଏ କଥା ସ୍ୱୀକାର କରିବାକୁ ହେବ । ସେ ଅବୟବୀ ନ ହେଲେ ସେ ଦୃଶ୍ୟମାନ ହୁଅନ୍ତା ନାହିଁ । କିନ୍ତୁ ଈଶ୍ୱର ସୂକ୍ଷ୍ମ ପଦାର୍ଥ—ସେ ଅବୟବହୀନ ପଦାର୍ଥ । ତେଣୁ

Digitized by srujanika@gmail.com

ଏହାର ନାଶ ବା ପରିବର୍ତ୍ତନ ବା ମୃତ୍ୟୁ କିଛି ସମ୍ଭବ ନୁହେଁ । ତେଣୁ ଈଶ୍ୱରଙ୍କୁ କୁହାଯାଏ ଅମୃତ । ଏ ଅମୃତ ଈଶ୍ୱର ତେଜୋମୟ ମଧ୍ୟ ଅର୍ଥାତ୍ ପ୍ରଭାବଶାଳୀ ମଧ୍ୟ । ଋଷି କହୁଛନ୍ତି, ଏ ଈଶ୍ୱରହିଁ ପରମାତ୍ମା, ବ୍ରହ୍ମ, ଆଉ ଏ ଜଗତର ସର୍ବସ୍ୱ । ଏ ଈଶ୍ୱରଙ୍କର ବିନା ଅନ୍ୟ କେହି ପରମାତ୍ମା, ବ୍ରହ୍ମ, ଜଗତ-ସର୍ବସ୍ୱ ହୋଇ ପାରେ ନା । କାରଣ ଏ ଈଶ୍ୱରଙ୍କ ପରି କେହି ଏ ସ୍ଥୂଳ-ସୂକ୍ଷ୍ମ ଜଗତରେ ବ୍ୟାପକ ହୋଇ ପାରେ ନା । ତେଣୁ ସେ ସୂକ୍ଷ୍ମ ହୋଇ ପାରେ ନା । ସେ ଅମୃତ ହୋଇ ପାରେ ନା । ଫଳତଃ ସେ ବ୍ରହ୍ମ ହୋଇ ପାରେ ନା ; ପରମାତ୍ମା ହୋଇ ପାରେ ନା, ଜଗତ-ସର୍ବସ୍ୱ ହୋଇ ପାରେ ନା । ସେ ହୁଏ ଜୀବ, ଆତ୍ମା, ଜଗତ-ପ୍ରାଣୀ । ହଁ, ଏ ଆତ୍ମା ସାଧନା ବଳରେ ମହାନ୍ ଆତ୍ମା ହୋଇ ପାରେ । କିନ୍ତୁ ସେ ପରମ ଆତ୍ମା ହୋଇ ପାରେ ନା । ରାମ ଆଉ କୃଷ୍ଣ ମହାନ୍ ଆତ୍ମା—ପରମ ଆତ୍ମା ନୁହନ୍ତି । ବାୟୁରେ ସେ ବ୍ୟାପକ ନ ଥିଲେ, ଅଗ୍ନିରେ ସେ ବ୍ୟାପକ ନ ଥିଲେ । ଅତି ଅଳ୍ପ କ୍ଷଣରେ ତାଙ୍କର ଶରୀରକୁ ଅଗ୍ନି ଜାଳିପୋଡ଼ି ଛାରଖାର କରି ଦେଇଥିଲା ତାଙ୍କର ଅନ୍ତିମ ଶଯ୍ୟାରେ ।

"ଅୟମାଦିତ୍ୟଂ ସର୍ବେଷାଂ ଭୂତାନାଂ ମଧ୍ୱସ୍ୟାଦିତ୍ୟସ୍ୟ ସର୍ବାଣି ଭୂତାନି ମଧୁ ଯଶ୍ଚାୟମସ୍ମିନ୍ନାଦିତ୍ୟେ ତେଜୋମୟୋଽମୃତମୟଃ ପୁରୁଷୋ ଯଶ୍ଚାୟମଧ୍ୟାତ୍ମଂ ଚାକ୍ଷୁଷସ୍ତେଜୋମୟୋଽମୃତମୟଃ ପୁରୁଷୋଽୟମେବ ସ ଯୋଽୟମାତ୍ମେଦମମୃତମିଦଂ ବ୍ରହ୍ମେଦଂ ସର୍ବମ୍ ।"(୫

"ଏହି ଆଦିତ୍ୟ ସମସ୍ତ ଭୂତର ମଧୁ । ଆଉ ସମସ୍ତ ଭୂତ ଏ ଆଦିତ୍ୟର ମଧୁ । ଏହି ଆଦିତ୍ୟରେ ଏ ଯେଉଁ ତେଜୋମୟ-ଅମୃତମୟ ପୁରୁଷ ଅଛନ୍ତି, ଆଉ ଏ ଅଧ୍ୟାତ୍ମ ସମ୍ବନ୍ଧୀ ଚକ୍ଷୁର୍ବ୍ୟାପୀ ଏ ଯେଉଁ ତେଜୋମୟ-ଅମୃତମୟ ପୁରୁଷ ଅଛନ୍ତି, ସେ ସେ ହିଁ ଆତ୍ମା, ସେ ବ୍ରହ୍ମ, ସେ ହିଁ ସମସ୍ତ ।"

Digitized by srujanika@gmail.com

ପଞ୍ଚ ମହାଭୂତ ମଧ୍ୟରେ 'ତେଜ ଗୋଟାଏ ଭୂତ'। ଏ ତେଜର ଅସ୍ପ-ପ୍ରକାଶର ବିଭିନ୍ନତା ହେତୁରୁ ଏହାର ବିଭିନ୍ନ ନାମକରଣ ହୋଇଛି। ଆଦିତ୍ୟ ଭୂତ୍ମଧ୍ୟରୁ ଅନ୍ୟତମ। ଆଦିତ୍ୟ ମଧ୍ୟ ଏ ମୂଳ ତେଜର, ଏ ମୂଳ ଜ୍ୟୋତିର ଗୋଟା ଏ ରୂପ। ଜଠରାଗ୍ନି ମଧ୍ୟ ଏହି ମୂଳ ତେଜର ଅଂଶ ବିଶେଷ। ଅଗ୍ନି ମଧ୍ୟ ଏ ତେଜର ଅନ୍ୟ ରୂପ। ଏ ଆଦିତ୍ୟ, ଏ ତେଜ ଅନ୍ୟାନ୍ୟ ଭୂତଗଣର ମଧୁ, ଅର୍ଥାତ୍ ଏ ମହା-ଭୂତମାନଙ୍କ ପକ୍ଷରେ ଏ ତେଜ ପରମାବଶ୍ୟକ; ଫଳତଃ ପରମ ପ୍ରିୟ, ମଧୁ ତୁଲ୍ୟ ପ୍ରିୟ। କାରଣ ତେଜକୁ ବାଦ୍‌ଦେଇ ଅନ୍ୟାନ୍ୟ ଭୂତଗଣ ତାଗତକ କୌଣସି କର୍ମରେ ସଫଳତାର ସହିତ ସିଦ୍ଧି ପ୍ରାପ୍ତ କରି ପାରିବେ ନାହିଁ; ଅର୍ଥାତ୍ କର୍ମରେ କୁଶଳତା ପ୍ରଦର୍ଶନ କରି ପାରିବେ ନାହିଁ। ଅନ୍ୟାନ୍ୟ ଭୂତମାନଙ୍କ ପରି ତେଜର ମଧ୍ୟ ଆବଶ୍ୟକତା ଅଛି ବୋଲି ଆଦିତ୍ୟ ମଧ୍ୟ ସଂସାରରେ ରହିଛି। ଅନ୍ୟାନ୍ୟ ମହାଭୂତମାନଙ୍କ ପକ୍ଷରେ, ପରିପୂର୍ଣ୍ଣତାର ସହିତ, କୁଶଳତାର ସହିତ କୌଣସି କାର୍ଯ୍ୟ କରିବାକୁ ଯେପରି ତେଜର ଅର୍ଥାତ୍ ଆଦିତ୍ୟର ଆବଶ୍ୟକତା ହେବାରୁ ସେମାନଙ୍କ ପକ୍ଷରେ ତେଜ ମଧୁତୁଲ୍ୟ ପ୍ରିୟ, ସେହିପରି ଆଦିତ୍ୟ ପକ୍ଷରେ ମଧ୍ୟ ଅନ୍ୟାନ୍ୟ ଭୂତମାନେ ପ୍ରିୟ। କାରଣ ଆଦିତ୍ୟର ମଧ୍ୟ ସ୍ୱତନ୍ତ୍ର ଶକ୍ତି ସୀମିତ—ସେ ଅନ୍ୟାନ୍ୟ ଭୂତମାନଙ୍କ ବ୍ୟତିରେକେ ନିରର୍ଥକ। ଆକାଶ ରହିଛି ବୋଲି ଆଦିତ୍ୟ ପ୍ରକାଶମାନ ହୋଇ ପାରୁଛି। ମେଘ ରହିଛି, ବର୍ଷା (ଅପ୍) ରହିଛି ବୋଲି ଆଦିତ୍ୟର ପ୍ରଖର ତେଜ ଜଗତର ଅହିତ କରିବାକୁ ସମର୍ଥ ହୋଇପାରୁ ନାହିଁ।

ଏ ମୂଳ ତେଜ ବିଭିନ୍ନ ରୂପରେ, ବିଭିନ୍ନ କ୍ଷେତ୍ରରେ, ବିଭିନ୍ନ ଉଦ୍ଦେଶ୍ୟରେ ପ୍ରକାଶିତ ହେବା ଫଳରେ, ଏ ତେଜର ଗୁଣରେ ମଧ୍ୟ ବିଭିନ୍ନତା ଅଛି। ଯେ ମୂଳ ତେଜ ଅଗ୍ନି ରୂପରେ ପ୍ରକାଶ ଲଭ

କରେ, ସେ ଖାଦ୍ୟ ପଦାର୍ଥକୁ ସିଦ୍ଧ କରେ ମନୁଷ୍ୟର ଭୋଜନୋପଯୋଗୀ କରିବା ପାଇଁ । ଏ ତେଜ ଯେତେବେଳେ ଆଦିତ୍ୟ ରୂପରେ ଆତ୍ମ ପ୍ରକାଶ କରେ, ସେତେବେଳେ ସେ ପ୍ରାଣୀର ଚକ୍ଷୁ-ଇନ୍ଦ୍ରିୟର ସହାୟତା କରେ । ଆଦିତ୍ୟ ବିନା ପ୍ରାଣୀ ଚକ୍ଷୁ-ଇନ୍ଦ୍ରିୟ ଦ୍ୱାରା କୌଣସି ପ୍ରକାର କାମ ନେଇପାରେ ନା । ଫଳତଃ ରାତ୍ରିରେ ଯେତେବେଳେ କି ଆଦିତ୍ୟର ଅଭାବ, ସେତେବେଳେ ପ୍ରାଣୀ, ବିଶେଷ ଭାବରେ ମନୁଷ୍ୟ କିଛି ଦେଖିପାରେ ନା । କିନ୍ତୁ ଯେ ତେଜ, ଯେ ଆଲୋକ ସାହାଯ୍ୟରେ ମନୁଷ୍ୟ ରାତ୍ରିରେ ଦେଖିପାରେ, ସେ ତେଜ ବା ସେ ଆଲୋକ ଅସ୍ଥାୟୀ ତଥା ଅଳ୍ପ ଶକ୍ତିସମ୍ପନ୍ନ । ତେଣୁ ଏ ଆଲୋକ ମନୁଷ୍ୟ ପକ୍ଷରେ ସେତେ ପ୍ରିୟ ନୁହେ, ଯେତେ ଏ ଆଦିତ୍ୟ ମନୁଷ୍ୟ ପକ୍ଷରେ ପ୍ରିୟ । ଏ ଆଦିତ୍ୟ ମନୁଷ୍ୟ ପକ୍ଷରେ ପ୍ରିୟ ହେବାର ମୂଳରେ ଏପରି ଅନେକ ସ୍ୱାର୍ଥଜଡ଼ିତ ଉଦ୍ଦେଶ୍ୟ ରହିଛି । ମନୁଷ୍ୟ ତଥା ଅନ୍ୟାନ୍ୟ ପ୍ରାଣୀମାନଙ୍କ ପକ୍ଷରେ ଏପରି ଅନେକ କାରଣରୁ ଆଦିତ୍ୟ ପ୍ରିୟ । ଅନ୍ୟ ପକ୍ଷରେ, ଏ ଆଦିତ୍ୟ ପକ୍ଷରେ ମଧ୍ୟ ପ୍ରାଣୀମାନେ ପ୍ରିୟ । ଅନ୍ୟଥା ପ୍ରାଣୀମାନଙ୍କର ମଙ୍ଗଳ କରିବା ପାଇଁ ତେଜ ଆଦିତ୍ୟ ରୂପରେ ପ୍ରକାଶମାନ ହୋଇଥାନ୍ତା କାହିଁକି ?

ଏ ଆଦିତ୍ୟ ମଧ୍ୟରେ ଅର୍ଥାତ୍ ଏ ସ୍ଥୂଳ ଜଗତରେ ଈଶ୍ୱର ବ୍ୟାପକ ହୋଇ ରହିଛନ୍ତି । ଏ ତେଜୋମୟ—ଅମୃତମୟ ଈଶ୍ୱର କେବଳ ସ୍ଥୂଳ ଜଗତରେ ନୁହେ, ସୂକ୍ଷ୍ମ ଜଗତରେ ମଧ୍ୟ, ଅଧ୍ୟାତ୍ମ ଜଗତରେ ମଧ୍ୟ ବ୍ୟାପକ ହୋଇ ରହିଛନ୍ତି । ଏ ସୂକ୍ଷ୍ମ ଜଗତରେ ସେ କିପରି ଭାବରେ ବ୍ୟାପକ ହୋଇ ରହିଛନ୍ତି ? ଋଷି କହୁଛନ୍ତି, ଚକ୍ଷୁଷଃ ଅର୍ଥାତ୍ ଚକ୍ଷୁବ୍ୟାପୀ, ଦୃଷ୍ଟିଶକ୍ତିବ୍ୟାପୀ । ଶକ୍ତି କହିଲେ, ଅତି ସୂକ୍ଷ୍ମ ପଦାର୍ଥକୁ ହିଁ ବୁଝାଏ, କାରଣ ଶକ୍ତିକୁ ଦେଖି ହୁଏ ନା;

Digitized by srujanika@gmail.com

ସ୍ପର୍ଶ କରି ହୁଏ ନା, କେବଳ ତାକୁ ଅନୁଭବ କରି ହୁଏ । ସୁତରାଂ ଦୃଷ୍ଟିଶକ୍ତି ଅର୍ଥ ଅତି ସୂକ୍ଷ୍ମଶକ୍ତି । ଦୃଷ୍ଟିଶକ୍ତି ସାହାଯ୍ୟରେ ମନୁଷ୍ୟ ଦେଖି ପିନା ପାରେ; କିନ୍ତୁ ଦୃଷ୍ଟିଶକ୍ତିକୁ ତ ସେ ଦେଖି ପାରେ ନା । ତେଣୁ ଦୃଷ୍ଟିଶକ୍ତି ସୂକ୍ଷ୍ମ ପଦାର୍ଥ ଅଟେ ଏ ସୂକ୍ଷ୍ମ ପଦାର୍ଥ ଅଧ୍ୟାତ୍ମ ଜଗତ ସମ୍ବନ୍ଧୀ ପଦାର୍ଥ । ଋଷି ତେଣୁ କହୁଛନ୍ତି ଯେ, ଦୃଷ୍ଟିଶକ୍ତିବ୍ୟାପୀ ଅଧ୍ୟାତ୍ମ ଜଗତରେ ଈଶ୍ୱର ବ୍ୟାପକ ହୋଇ ରହିଛନ୍ତି । ତେଣୁ ସେ ଆତ୍ମା (ପରମ ଆତ୍ମା), ସେ ବ୍ରହ୍ମ, ସେ ଅମୃତ, ସେ ସର୍ବସ୍ୱ । ଅନ୍ୟ କେହି ଏ ସୂକ୍ଷ୍ମ ଜଗତରେ ବ୍ୟାପକ ହୋଇ ପାରିବ ନାହିଁ; ଫଳତଃ ସେ ବ୍ରହ୍ମ ହୋଇ ପାରିବ ନାହିଁ, ଋଷି ଏକଥା କହିବାକୁ ଚାହୁଁଛନ୍ତି ।'

"ଇମା ଦିଶଃ ସର୍ବେଷାଂ ଭୂତାନାଂ ମଧ୍ୱାସାଂ ଦିଶାଂ ସର୍ବାଣି
ଭୂତାନି ମଧୁ ଯଶ୍ଚାୟମାସୁ ଦିକ୍ଷୁ ତେଜୋମୟୋଽମୃତମୟଃ
ପୁରୁଷୋ ଯଶ୍ଚାୟମଧ୍ୟାତ୍ମଂ ଶ୍ରୌତ୍ରଂ
ପ୍ରାତିଶ୍ରୁତକସ୍ତେଜୋମୟୋଽମୃତମୟଃ,
ପୁରୁଷୋଽୟମେବ ସ ଯୋଽୟମାତ୍ମେଦ-
ମମୃତମିଦଂ ବ୍ରହ୍ମେଦଂ ସର୍ବଂ ।"(୬)

"ଏ ସମସ୍ତ ଦିଶା ଭୂତମାନଙ୍କ ମଧୁ । ଅଟେ ଭୂତଗଣ ଏ ଦିଶାର ମଧୁ । ଏ ଦିଶାରେ ଏ ଯେଉଁ ତେଜୋମୟ-ଅମୃତମୟ ପୁରୁଷ ଅଛନ୍ତି, ତଥା ଅଧ୍ୟାତ୍ମ ସମ୍ବନ୍ଧୀ କର୍ଣ୍ଣବ୍ୟାପୀ, ପ୍ରତିଶ୍ରବଣ-ବ୍ୟାପୀ ଏ ଯେଉଁ ତେଜୋମୟ-ଅମୃତମୟ ପୁରୁଷ ଅଛନ୍ତି; ସେ ଆତ୍ମା, ସେ ଅମୃତ, ସେ ବ୍ରହ୍ମ, ସେ ହିଁ ସମସ୍ତ ।"

ଦିଶା ଅର୍ଥ ଶୂନ୍ୟତା । ଏ ଶୂନ୍ୟତାର କାଳ୍ପନିକ ବିଭାଗ ହିଁ ତ ଦିଶା । ଅଟେ ଏ ଦିଶା ଅର୍ଥ ବ୍ୟୋମ । ଏ ବ୍ୟୋମ ପଞ୍ଚ ମହାଭୂତରୁ ଗୋଟାଏ ଭୂତ । ସମସ୍ତ ପଞ୍ଚ ମହାଭୂତର ସମ୍ମିଳିତ ଚେଷ୍ଟା ହିଁ

Digitized by srujanika@gmail.com

ସୃଷ୍ଟିର କାରଣ । ତେଣୁ କୌଣସି ଗୋଟାଏ ଭୂତକୁ ବାଦ୍ ଦେଲେ, ସୃଷ୍ଟି-କାର୍ଯ୍ୟ ସମ୍ଭବ ନୁହେ । ସମସ୍ତ ମହାଭୂତଗଣଙ୍କର ପାରସ୍ପରିକ ସହଯୋଗ ଅବଶ୍ୟକ ସୃଷ୍ଟିର କୌଣସି ସୁକର୍ମର ସମାଧାନ ପାଇଁ । ତେଣୁ ଏ ମହାଭୂତଗଣଙ୍କ ମଧ୍ୟରେ ପାରସ୍ପରିକ ସହଯୋଗର ଆବଶ୍ୟକତା ଅପରିହାର୍ଯ୍ୟ ହୋଇଥିବାରୁ 'ଏମାନଙ୍କ ମଧ୍ୟରେ ପାରସ୍ପରିକ ପ୍ରିୟ-ଭାବ ରହିବା ସ୍ୱାଭାବିକ । ଋଷି ଭୂତଗଣଙ୍କର ଏ ପ୍ରିୟ-ଭାବକୁ ମଧୁ ଆଖ୍ୟା ଦେବା ଦ୍ୱାରା ଏହା କହିବାକୁ ଚାହୁଁଛନ୍ତି ଯେ, ଏ ପ୍ରିୟ-ଭାବ ମଧୁ ତୁଲ୍ୟ ଅତି ମଧୁର ତଥା ଗୁଣକାରକ; ତେଣୁ ଅତି ଆବଶ୍ୟକ ।

ଭୂତ ଅର୍ଥ ପ୍ରାଣୀ ମଧ୍ୟ । ପ୍ରାଣୀମାନଙ୍କ ମଧ୍ୟରେ ଏ ଦିଗ ମଧୁ ତୁଲ୍ୟ ପ୍ରିୟ । ଦିଗ ଅର୍ଥ ଶୂନ୍ୟତା । ଶୂନ୍ୟତା ବିନା ମନୁଷ୍ୟ, କେବଳ ମନୁଷ୍ୟ ନୁହେ, ପ୍ରାଣୀ ମାତ୍ରେ ଚଳପ୍ରଚଳନ କରି ପାରିବେ ନାହିଁ ବା ଶ୍ରବଣ କରି ପାରିବେ ନାହିଁ । ଆମର ମୁଖ-ନିସୃତ ଶବ୍ଦସମଷ୍ଟି ଅର୍ଥାତ୍ କଥାବାର୍ତ୍ତା, ବା ଅନ୍ୟାନ୍ୟ ଶବ୍ଦ ଏ ଶୂନ୍ୟତାର ମଧ୍ୟ ଦେଇ ଅନ୍ୟର କର୍ଣ୍ଣକୁହରରେ ପ୍ରବେଶ କରେ । ଫଳତଃ ଆମେ ଅନ୍ୟର କଥାବାର୍ତ୍ତା ଶୁଣି ପାରିବା ଫଳରେ, ତାର ଉଦ୍ଦେଶ୍ୟ ଗ୍ରହଣ କରିପାରୁଁ, ବୁଝି ପାରୁଁ । ଏପରି ଅବସ୍ଥାରେ ଦିଶା ବା ଆକାଶ ବା ଶୂନ୍ୟତା ପ୍ରାଣୀମାନଙ୍କ ପକ୍ଷରେ ପ୍ରିୟ ମନେ ହେବା ସ୍ୱାଭାବିକ । ଋଷି ଏହା ମଧ୍ୟ କହୁଛନ୍ତି ଯେ ଏ ଦିଶା ପକ୍ଷରେ ମଧ୍ୟ ପ୍ରାଣୀମାନେ ପ୍ରିୟ । ତା ନ ହେଲେ ଏ ଦିଶା ଏପରି ମହତ୍ ଗୁଣର ଆଧାର ହୋଇ ନ ଥାନ୍ତା । ଈଶ୍ୱର ପରମ ମଙ୍ଗଳମୟ ବୋଲି ଏ ଦିଶାକୁ ସୃଷ୍ଟି କରି ପ୍ରାଣୀ-ଜଗତର ପ୍ରଭୂତ ମଙ୍ଗଳ କରିବାକୁ ଚାହାନ୍ତି । ଆଉ ଏହାହିଁ କାରଣ ଯେ ସେ ଯେପରି ଅଧ୍ୟାତ୍ମ ସମ୍ବନ୍ଧୀ ସୂକ୍ଷ୍ମ ଜଗତରେ, ଶ୍ରବଣଶକ୍ତିମୟ ମୂର୍ତ୍ତ

Digitized by srujanika@gmail.com

ଜଗତରେ, ବ୍ୟାପକ ହୋଇ ରହିଛନ୍ତି, ସେପରି ସେ ସୂକ୍ଷ୍ମ ଜଗତରେ, ଅର୍ଥାତ୍ ଦେହ୍ୟାପରେ (ଦଶା ମଧ୍ୟରେ) ମଧ୍ୟ ବ୍ୟାପକ ହୋଇ ରହିଛନ୍ତି । ଏ ଉଭୟ ଜଗତରେ ଯେ ବ୍ୟାପକ ହୋଇ ରହିଛନ୍ତି, ସେ ହିଁ କେବଳ ଈଶ୍ୱର, ଅନ୍ୟ କେହି ଏ ଜଗତରେ ବ୍ୟାପକ ହୋଇ ପାରିବେ ନାହିଁ ବା ଈଶ୍ୱର ହୋଇ ପାରିବେ ନାହିଁ । ତେଣୁ ଏ ଈଶ୍ୱରଙ୍କୁ ହିଁ କେବଳ କୁହାଯାଏ ପରମାତ୍ମା, ବ୍ରହ୍ମ, ଅମୃତ, ଜଗତ-ସର୍ବସ୍ୱ ।

"ଅୟଂ ଚନ୍ଦ୍ରଃ ସର୍ବେଷାଂ ଭୂତାନାଂ ମଧ୍ୱସ୍ୟ ଚନ୍ଦ୍ରସ୍ୟ ସର୍ବାଣି, ଭୂତାନି ମଧୁ ଯଶ୍ଚାୟମସ୍ମିଂଶ୍ଚନ୍ଦ୍ରେ ତେଜୋମୟୋଽମୃତମୟଃ ପୁରୁଷୋ ଯଶ୍ଚାୟମଧ୍ୟାତ୍ମଂ ମାନସସ୍ତେଜୋମୟୋଽମୃତମୟଃ ପୁରୁଷୋଽୟମେବ ସ ଯୋଽୟମାତ୍ମେଦମମୃତମିଦଂ ବ୍ରହ୍ମେଦଂ ସର୍ବମ୍ ।"(୭)

"ଏହି ଚନ୍ଦ୍ର ସମସ୍ତ ଭୂତମାନଙ୍କ ପକ୍ଷରେ ମଧୁ ତୁଲ୍ୟ ପ୍ରିୟ । ଅତ ଚନ୍ଦ୍ରରେ ଏ ଯେଉଁ ତେଜୋମୟ-ଅମୃତମୟ ପୁରୁଷ ବ୍ୟାପକ ହୋଇ ରହିଛନ୍ତି, ତଥା ଏ ଅଧ୍ୟାତ୍ମ ଜଗତରେ ମନ ସମ୍ବନ୍ଧୀ ଏ ଯେଉଁ ତେଜୋମୟ ଅମୃତମୟ ପୁରୁଷ ବ୍ୟାପକ ହୋଇ ରହିଛନ୍ତି, ସେ ସେହି ଆତ୍ମା, ସେ ବ୍ରହ୍ମ, ସେ ଅମୃତ, ସେ ହିଁ ସମସ୍ତ ।"

ସୂର୍ଯ୍ୟ ପରି ଚନ୍ଦ୍ରମା ମଧ୍ୟ ତେଜଯୁକ୍ତ ଗୋଟାଏ ପଦାର୍ଥ । ଚନ୍ଦ୍ରର ଏ ତେଜ କିନ୍ତୁ ସୂର୍ଯ୍ୟର ତେଜ ପରି ଉଗ୍ର ନୁହେ—ଏହା କୋମଳ । ବୈଜ୍ଞାନିକମାନେ କହନ୍ତି ଯେ, ଚନ୍ଦ୍ରର ତେଜ ସ୍ୱତନ୍ତ୍ର କୌଣସି ତେଜ ନୁହେ—ସୂର୍ଯ୍ୟ ତେଜର ଅଂଶ ମାତ୍ର—ଅନ୍ୟ ରୂପ ମାତ୍ର । ସେ ଯାହା ହେଉ, ଏ ଚନ୍ଦ୍ର-ତେଜର ମଧ୍ୟ ମୂଳ ରହିଛି ପଞ୍ଚ ମହାଭୂତ ମଧ୍ୟ ସ୍ଥିତ ତେଜ ମଧ୍ୟରେ । ତେଣୁ ଏ ଚନ୍ଦ୍ର ପଞ୍ଚ ମହାଭୂତ ମଧ୍ୟରୁ ଗୋଟାଏ ଭୂତ । ଏ ଭୂତ ଅନ୍ୟାନ୍ୟ ଭୂତମାନଙ୍କ

Digitized by srujanika@gmail.com

ପକ୍ଷରେ ପ୍ରିୟ । କାରଣ ଅନ୍ୟାନ୍ୟ ଭୂତ ତେଜକୁ ଛାଡ଼ି ଅପରିପୂର୍ଣ୍ଣ, ତେଣୁ ଅକର୍ମଣ୍ୟ । ଏ ତେଜ ମଧ୍ୟ ଅନ୍ୟାନ୍ୟ ଭୂତକୁ ଛାଡ଼ି ଅକର୍ମଣ୍ୟ, ତେଣୁ ଅନୁପଯୋଗୀ । ତେଣୁ ଅନ୍ୟ ଭୂତମାନଙ୍କ ପରି ଏ ତେଜ ପକ୍ଷରେ ମଧ୍ୟ ଅନ୍ୟ ଭୂତମାନେ ପ୍ରିୟ ।

ପ୍ରାଣୀମାନଙ୍କ ପକ୍ଷରେ ଚନ୍ଦ୍ର ପ୍ରିୟ । କାରଣ ଚନ୍ଦ୍ର-କିରଣ ପ୍ରାଣୀମାନଙ୍କ ପକ୍ଷରେ ଅବଶ୍ୟକ । ଶରୀର ପକ୍ଷରେ, ସ୍ୱାସ୍ଥ୍ୟ-ଦୃଷ୍ଟି-କୋଣରୁ ଯେପରି ଉତ୍ତାପ ଆବଶ୍ୟକ, ସେହିପରି ଶୀତଳ କିରଣ, ଅର୍ଥାତ୍ ଚନ୍ଦ୍ର-କିରଣ ମଧ୍ୟ ଆବଶ୍ୟକ । ଏ ଚନ୍ଦ୍ର-କିରଣର ଆବଶ୍ୟକତା ନ ଥିଲେ, ଏହାର ସୃଷ୍ଟି ମଧ୍ୟ ହୋଇ ନ ଥାନ୍ତା । କାରଣ ଏ ଚନ୍ଦ୍ରର ଯେ ସ୍ରଷ୍ଟା, ସେ ସର୍ବଜ୍ଞ ।

ଚନ୍ଦ୍ର-କିରଣ ଔଷଧିବନସ୍ପତିର ଉପଯୋଗୀତାର ମଧ୍ୟ କାରଣ । ଆଉ ଏ ଔଷଧିବନସ୍ପତି ମନୁଷ୍ୟର ଶରୀର-ସ୍ଥିତି ତଥା ସ୍ୱାସ୍ଥ୍ୟର କାରଣ । ଏ ଚନ୍ଦ୍ର କିରଣ ମନୁଷ୍ୟର ଶାରୀରିକ ପୁଷ୍ଟିର ଯେପରି କାରଣ, ସେପରି ସେ ମାନସିକ ଆହ୍ଲାଦର ମଧ୍ୟ କାରଣ । ଏହାହିଁ କାରଣ ଯେ ଚନ୍ଦ୍ର-କିରଣ ମନୁଷ୍ୟ ପକ୍ଷରେ ବଡ଼ ଆହ୍ଲାଦକର । ମନୁଷ୍ୟର ମନ ଉପରେ ଚନ୍ଦ୍ର-କିରଣ ଗଭୀର ଛାପ୍ ପକାଏ, ମନୁଷ୍ୟର ମନକୁ ଗଭୀରଭାବରେ ଆକର୍ଷଣ କରେ । ଏଥିପାଇଁ ଜ୍ୟୋତ୍ସ୍ନା ରାତି ମନୁଷ୍ୟ ପକ୍ଷରେ ବଡ଼ ସୁଖକର ମନେ ହୁଏ । ଭୋଗର ପ୍ରବଳ ଇଚ୍ଛା ଜାଗ୍ରତ ହୁଏ ଏ ଜ୍ୟୋତ୍ସ୍ନା ରାତିରେ । ଆଉ ଏ ଭୋଗର ପ୍ରଧାନ ହେତୁ ନାରୀ ହୋଇ ଥିବାରୁ ନାରୀକୁ 'ଚନ୍ଦ୍ରବଦନୀ', 'ଚନ୍ଦ୍ରମୁଖୀ' ଆଦି ବିଶେଷଣ ଦ୍ୱାରା ଯୁକ୍ତ କରାଯାଏ । ନାରୀକୁ ଏପରି ବିଶେଷଣ ଦ୍ୱାରା ଅଳଂକୃତ କରିବାଟାହିଁ ଗୋଟାଏ ପ୍ରମାଣ ଯେ ନାରୀ ପୁରୁଷର ଭୋଗର ବସ୍ତୁ, ତ୍ୟାଗର ବସ୍ତୁ ନୁହେ ।

Digitized by srujanika@gmail.com

ତେଣୁ ଚନ୍ଦ୍ରମା ପ୍ରାଣୀମାନଙ୍କ ପକ୍ଷରେ, ବିଶେଷ କରି ମନୁଷ୍ୟମାନଙ୍କ ପକ୍ଷରେ ପ୍ରିୟ । ଚନ୍ଦ୍ର ପକ୍ଷରେ ମଧ୍ୟ ପ୍ରାଣୀମାନେ ପ୍ରିୟ । କାରଣ ଚନ୍ଦ୍ର ନିଜର ଏ କୋମଳ ମଧୁର ଗୁଣଦ୍ୱାରା ପ୍ରାଣୀମାନଙ୍କର ଆନନ୍ଦର କାରଣ ସିଦ୍ଧ ହୁଏ ।

ଈଶ୍ୱର ଏ ଚନ୍ଦ୍ରରେ ଅର୍ଥାତ୍ ଏ ସ୍ଥୂଳ ଜଗତରେ ବ୍ୟାପକ ହୋଇ ରହିଛନ୍ତି । ଆଉ ସେ ଅଧ୍ୟାତ୍ମ ସମ୍ବନ୍ଧୀ ମନୋରାଜ୍ୟରେ ମଧ୍ୟ ଅର୍ଥାତ୍ ସୂକ୍ଷ୍ମ ଜଗତରେ ମଧ୍ୟ ବ୍ୟାପକ ହୋଇ ରହିଛନ୍ତି । ଈଶ୍ୱର ମନୋରାଜ୍ୟରେ ବ୍ୟାପକ ବୋଲି ସେ ସମସ୍ତଙ୍କର ମନର କଥା ଜାଣନ୍ତି । ତେଣୁ ସେ ସର୍ବଜ୍ଞ । ଅନ୍ୟ କେହି ମନୋରାଜ୍ୟରେ ବ୍ୟାପକ ହୋଇ ପାରିବେ ନାହିଁ ବା ସର୍ବଜ୍ଞ ହୋଇ ପାରିବେ ନାହିଁ । ତେଣୁ ସେ ଈଶ୍ୱର ହୋଇ ପାରିବେ ନାହିଁ ! ଯେ ଈଶ୍ୱର, ସେ ବ୍ରହ୍ମ, ସେ ଅମୃତ, ସେ ପରମାତ୍ମା, ସେ ହିଁ ଏ ଜଗତର ସର୍ବସ୍ୱ ।

"ଇୟଂ ବିଦ୍ୟୁତ୍ ସର୍ବେଷାଂ ଭୂତାନାଂ ମଧ୍ୱସ୍ୟୈ ବିଦ୍ୟୁତଃ ସର୍ବାଣି ଭୂତାନି ମଧୁ ଯଶ୍ଚାୟମସ୍ୟାଂ ବିଦ୍ୟୁତି ତେଜୋମୟୋଽମୃତମୟଃ ପୁରୁଷୋଯଶ୍ଚାୟମଧ୍ୟାତ୍ମଂ ତୈଜସସ୍ତେଜୋମୟୋଽମୃତମୟଃ ପୁରୁଷୋଽୟମେବ ସ ଯୋଽୟମାତ୍ମେଦମମୃତମିଦଂ ବ୍ରହ୍ମେଦଂ ସର୍ବମ୍ ।"(୮

"ଏହି ବିଦ୍ୟୁତ ଭୂତମାନଙ୍କ ମଧୁ । ଭୂତମାନେ ଏ ବିଦ୍ୟୁତର ମଧୁ । ଏ ବିଦ୍ୟୁତରେ ଏ ଯେଉଁ ତେଜୋମୟ-ଅମୃତମୟ ପୁରୁଷ ଅଛନ୍ତି ତଥା ଏ ଅଧ୍ୟାତ୍ମ ସମ୍ବନ୍ଧୀ ଏ ଯେଉଁ ତେଜୋମୟ ଅମୃତମୟ ପୁରୁଷ ଅଛନ୍ତି, ସେ ଆତ୍ମା, ସେ ଅମୃତ, ସେ ବ୍ରହ୍ମ, ସେ ହିଁ ସମସ୍ତ ।"

ଏ ବିଦ୍ୟୁତ୍ ତେଜର ଅନ୍ୟ ଏକ ରୂପ ମାତ୍ର । ଆଉ ଏ ତେଜ ପଞ୍ଚମହାଭୂତରୁ ଗୋଟାଏ ଭୂତ । ଅତଏବ ବିଦ୍ୟୁତକୁ ମଧ୍ୟ ନିର୍ବିବାଦରେ ଭୂତ କୁହାଯାଇ ପାରେ । ଏଇ ବିଦ୍ୟୁତ ଭୂତମାନଙ୍କ

Digitized by srujanika@gmail.com

ପକ୍ଷରେ ମଧୁ ତୁଲ୍ୟ ପ୍ରିୟ । ଅର୍ଥାତ୍ ତେଜ ଅନ୍ୟାନ୍ୟ ଭୂତମାନଙ୍କ ପକ୍ଷରେ ମଧୁ ତୁଲ୍ୟ ପ୍ରିୟ । ଏହା ଏଥିପାଇଁ ଅନ୍ୟାନ୍ୟ ଭୂତମାନଙ୍କ ପକ୍ଷରେ ପ୍ରିୟ ଯେ ଅନ୍ୟାନ୍ୟ ଭୂତମାନଙ୍କ ପକ୍ଷରେ ଏ ବିଦ୍ୟୁତର, ଏ ତେଜର ଆବଶ୍ୟକତା ରହିଛି ସୃଷ୍ଟିର ବିଭିନ୍ନ ଦ୍ରବ୍ୟର ନିର୍ମାଣ କାର୍ଯ୍ୟରେ ସହଯୋଗ କରିବା ପାଇଁ, ଅନ୍ୟଥା ସୃଷ୍ଟିର ନିର୍ମାଣ କାର୍ଯ୍ୟ ସମ୍ଭବ ନୁହେଁ । ଏହି କାରଣରୁ ଅନ୍ୟାନ୍ୟ ଭୂତମାନେ ମଧ୍ୟ ବିଦ୍ୟୁତ ପକ୍ଷରେ ପ୍ରିୟ । ସୃଷ୍ଟିର ନିର୍ମାଣ ପାଇଁ ସମସ୍ତ ଭୂତର ଏକତ୍ର ସହଯୋଗ ସମଗ୍ରଭାବରେ ଆବଶ୍ୟକ ।

ପୁଣି, ପ୍ରାଣୀମାନଙ୍କ ପକ୍ଷରେ ବିଦ୍ୟୁତ୍ ପ୍ରିୟ । ବିଦ୍ୟୁତ୍ ବର୍ଷାର ସୂଚକ । ଆକାଶରେ ବର୍ଷା ହୁଏ କି ମାରେ ଏ ବିଦ୍ୟୁତ୍ ସାହାଯ୍ୟରେ । ତେଣୁ ବିଦ୍ୟୁତ ବର୍ଷାର କାରଣ । ଅତ୍ ବର୍ଷା (ଅପ) ପ୍ରାଣୀମାନଙ୍କ ପକ୍ଷରେ ଆବଶ୍ୟକ । ତେଣୁ ବିଦ୍ୟୁତ ପ୍ରାଣୀମାନଙ୍କ ପକ୍ଷରେ ପ୍ରିୟ । ଏ ବିଦ୍ୟୁତ ସାହାଯ୍ୟରେ ଆମେ ଆଲୋକ ପ୍ରାପ୍ତ କରୁଁ (ବିଜୁଳି ଆଲୁଅ), ଏ ବିଦ୍ୟୁତ ଆମକୁ ଦୂର ଦେଶର ଖବର ଆଣିଦିଏ, ମଧୁର ସଙ୍ଗୀତ ଶୁଣିବାର ସୁଯୋଗ ଦିଏ (ରେଡ଼ିଓ ସାହାଯ୍ୟରେ), ଏ ବିଦ୍ୟୁତ ଆମକୁ ଦେଶାନ୍ତରକୁ ନେଇଯାଏ (ବିଦ୍ୟୁତ ଚାଳିତ ଗାଡ଼ି ସାହାଯ୍ୟରେ) ଏ ବିଦ୍ୟୁତହିଁ ଆମ ଶରୀରର ଉତ୍ତାପ ଦୂର କରି ବ୍ୟଜନ କରେ (ବିଜୁଳି ଚାଳିତ ପଙ୍ଖା ଦ୍ୱାରା), ଏପରି କି ଏ ବିଦ୍ୟୁତ କେବଳ ଆମର ସମଗ୍ର ଶରୀରରେ ନୁହେଁ, ସକଳ ପ୍ରାଣୀର ସମଗ୍ର ଶରୀରରେ ପ୍ରଚ୍ଛନ୍ନ ଭାବରେ ରହିଛି । ଅର୍ଥାତ୍ ବିଦ୍ୟୁତ ବିନା, ତେଜ ବିନା ଶରୀର ତିଷ୍ଠି ପାରେ ନା । ଯେଉଁ ବିଦ୍ୟୁତର ସଙ୍ଗରେ ମନୁଷ୍ୟର ତଥା ଅନ୍ୟାନ୍ୟ ସକଳ ପ୍ରାଣୀମାନଙ୍କର ସ୍ୱାର୍ଥ ଏପରି ଘନିଷ୍ଠଭାବରେ ଜଡ଼ିତ, ସେ ବିଦ୍ୟୁତ ପ୍ରତି ପ୍ରାଣୀମାନଙ୍କ ମନରେ ଯେ ମଧୁ ତୁଲ୍ୟ

Digitized by srujanika@gmail.com

ପ୍ରିୟ-ଭାବ ରହିବ, ଏହା ସ୍ୱାଭାବିକ । ମନୁଷ୍ୟ ପ୍ରତି, ପ୍ରାଣୀମାନଙ୍କ ପ୍ରତି, ବିଦ୍ୟୁତର ମନରେ ମଧ୍ୟ ଯଦି ପ୍ରିୟ ଭାବ ନ ଥାନ୍ତା, ତେବେ ସେ ବା ସେମାନଙ୍କ ପାଇଁ ଏତେ ଶ୍ରମ ସାଧ୍ୟ ପରିଶ୍ରମ କରନ୍ତା କାହିଁକି ? ଅର୍ଥାତ୍ ଈଶ୍ୱରଙ୍କର ମନରେ ପ୍ରାଣୀମାନଙ୍କ ପ୍ରତି ପ୍ରିୟ ଭାବ ନ ଥିଲେ, ସେ ବା ପ୍ରାଣୀମାନଙ୍କ ମଙ୍ଗଳ ପାଇଁ, ସୁଖ ସୁବିଧା ପାଇଁ ଏ ବିଦ୍ୟୁତ ସାହାଯ୍ୟରେ ଏ ପ୍ରକାର ସୁଖମୟ ଜଗତର ବ୍ୟବସ୍ଥା କରିଥାନ୍ତେ କାହିଁକି ? ଅଭ ସେ ବା ଏ ବିଦ୍ୟୁତ ମଧ୍ୟରେ ବ୍ୟାପକ ହୋଇଥାନ୍ତେ କାହିଁକି ?

ଏଥିପାଇଁ ଈଶ୍ୱର ଏ ବିଦ୍ୟୁତ ମଧ୍ୟରେ ଅର୍ଥାତ୍ ଏ ଦୃଶ୍ୟମାନ ସ୍ଥୂଳ ଜଗତ ମଧ୍ୟରେ ବ୍ୟାପକ ହୋଇ ରହିଛନ୍ତି । କେବଳ ସ୍ଥୂଳ ଜଗତରେ ନୁହେ, ଅଧ୍ୟାତ୍ମ ଜଗତରେ ଅର୍ଥାତ୍ ସୂକ୍ଷ୍ମ ଜଗତରେ ମଧ୍ୟ ଈଶ୍ୱର ବ୍ୟାପକ ହୋଇ ରହିଛନ୍ତି । ଏ ସର୍ବବ୍ୟାପକ ଈଶ୍ୱରହିଁ ପରମ ଆତ୍ମା ଅର୍ଥାତ୍ ଆତ୍ମାଠାରୁ (ମନୁଷ୍ୟଠାରୁ), ଅନ୍ୟାନ୍ୟ ସମସ୍ତ ପ୍ରାଣୀମାନଙ୍କ ଠାରୁ ଶ୍ରେଷ୍ଠ । ତେଣୁ ସେ ଅମୃତ । କାରଣ ଈଶ୍ୱରଙ୍କ ବିନାଶ ନାହିଁ—ପରିବର୍ତ୍ତନ ନାହିଁ, ଆତ୍ମାର ପରିବର୍ତ୍ତନ ରହିଛି । ଈଶ୍ୱର ବ୍ରହ୍ମ, ଆତ୍ମା ବ୍ରହ୍ମ ନୁହେ, ଅର୍ଥାତ୍ ମନୁଷ୍ୟ ବ୍ରହ୍ମ ନୁହେ । କୌଣସି ମନୁଷ୍ୟକୁ ବ୍ରହ୍ମ ମନେ କରିବା ନାସ୍ତିକତାର ଲକ୍ଷଣ । ଈଶ୍ୱର ଏ ଜଗତର ସର୍ବସ୍ୱ—ଆତ୍ମା ଏ ଜଗତର କେବଳ ପ୍ରାଣୀ ବିଶେଷ । ଈଶ୍ୱରଙ୍କର ଶକ୍ତି ଅସୀମ ହେବା ସ୍ଥଳେ ପ୍ରାଣୀମାନଙ୍କ ଶକ୍ତି ସୀମିତ ।

"ଅୟଂ ସ୍ତନୟିତ୍ନୁଃ ସର୍ବେଷାଂ ଭୂତାନାଂ ମଧ୍ୱସ୍ୟ ସ୍ତନୟିତ୍ନୋଃ
ସର୍ବାଣି ଭୂତାନି ମଧୁଯଶ୍ଚାୟମସ୍ମିଂ ସ୍ତନୟିତ୍ନୌ
ତେଜୋମୟୋଽମୃତମୟଃ ପୁରୁଷୋ ଯଶ୍ଚାୟମଧ୍ୟାତ୍ମଂ ଶାବ୍ଦଃ
ସୌବରସ୍ତେଜୋମୟୋଽମୃତମୟଃ ପୁରୁଷୋଽୟମେବ
ସ ଯୋଽୟମାତ୍ମେଦମମୃତମିଦଂ ବ୍ରହ୍ମେଦଂ ସର୍ବମ୍ ॥ (୯)

Digitized by srujanika@gmail.com

"ଏ ଗର୍ଜନଶୀଳ ମେଘ ସମସ୍ତ ଭୂତର ମଧୁ । ଆଉ ସମସ୍ତ ଭୂତ ଏ ଗର୍ଜନଶୀଳ ମେଘର ମଧୁ । ଏ ମେଘରେ ଏ ଯେଉଁ ତେଜୋମୟ-ଅମୃତମୟ ପୁରୁଷ ଅଛନ୍ତି, ତଥା ଅଧ୍ୟାତ୍ମ ସମ୍ବନ୍ଧୀ ଏ ଯେଉଁ ଶବ୍ଦବ୍ୟାପୀ, ସ୍ୱରବ୍ୟାପୀ ତେଜୋମୟ-ଅମୃତମୟ ପୁରୁଷ ଅଛନ୍ତି, ସେ ସେହି ଆତ୍ମା, ସେ ଅମୃତ, ସେ ବ୍ରହ୍ମ, ସେ ହିଁ ସମସ୍ତ।" ମେଘ ଜଳର ଏକ ରୂପ ମାତ୍ର । ଆଉ ଏ ଜଳ ପଞ୍ଚମହାଭୂତ ମଧ୍ୟରୁ ଗୋଟାଏ ଭୂତ । ଏ ଭୂତ ଅନ୍ୟାନ୍ୟ ଭୂତଗଣଙ୍କ ସାହାଯ୍ୟରେହିଁ ପରିପୂର୍ଣ୍ଣ ଆଉ ଅନ୍ୟାନ୍ୟ ଭୂତଗଣ ମଧ୍ୟ ଏ ଭୂତର (ମେଘ ବା ଜଳର) ଆଶ୍ରୟ ବିନା ଅପରିପୂର୍ଣ୍ଣ । ତେଣୁ ଏମାନଙ୍କ ମଧ୍ୟରେ ପାରସ୍ପରିକ ସହଯୋଗର ଆବଶ୍ୟକତା ଅପରିହାର୍ଯ୍ୟ ହେଉଥିବାରୁ ଏମାନଙ୍କ ମଧ୍ୟରେ ପାରସ୍ପରିକ ମଧୁ ତୁଲ୍ୟ ପ୍ରିୟ-ଭାବ ରହିବା ମଧ୍ୟ ସ୍ୱାଭାବିକ ।

ଭୂତ ଅର୍ଥ ପ୍ରାଣୀ, କେବଳ ପଞ୍ଚମହାଭୂତ ନୁହେ । ତେଣୁ, ପ୍ରାଣୀମାନଙ୍କ ପକ୍ଷରେ ମଧ୍ୟ ଏ ମେଘ ମଧୁ ତୁଲ୍ୟ ପ୍ରିୟ । କାରଣ ମେଘ ବୃଷ୍ଟିର କାରଣ; ଆଉ ବୃଷ୍ଟି ବା ଜଳ ପ୍ରାଣୀମାନଙ୍କ ପକ୍ଷରେ ଏକାନ୍ତ ଆବଶ୍ୟକ । ଯେ ଜଳ ପ୍ରାଣୀମାନଙ୍କ ପକ୍ଷରେ ଏକାନ୍ତ ଆବଶ୍ୟକ, ସେ ଜଳ ଯେ ପ୍ରାଣୀମାନଙ୍କ ପକ୍ଷରେ ପ୍ରିୟ ମନେ ହେବ, ଏହା ସ୍ୱାଭାବିକ । ପୁଣି, ଏ ଜଳ ପକ୍ଷରେ ମଧ୍ୟ ପ୍ରାଣୀମାନେ ପ୍ରିୟ, ଅନ୍ୟଥା ପ୍ରାଣୀମାନଙ୍କ ମଙ୍ଗଳପାଇଁ, ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ମେଘ ଜଳ-ବୃଷ୍ଟି ବା କରନ୍ତା କାହିଁକି ? ଈଶ୍ୱର ପ୍ରାଣୀମାନଙ୍କ ମଙ୍ଗଳ ଚାହାନ୍ତି ବୋଲି ଜଳ ସୃଷ୍ଟି କରିଛନ୍ତି, ମେଘ ସୃଷ୍ଟି କରିଛନ୍ତି, ଆଉ ଏ ଜଳକୁ ମେଘାକାରରେ ଆକାଶରେ ଜମା କରି ରଖିଛନ୍ତି, ଆବଶ୍ୟକତାନୁସାରେ, ସମୟାନୁସାରେ ପ୍ରାଣୀମାନଙ୍କ ମଙ୍ଗଳ କରିବାପାଇଁ ବର୍ଷା କରିବାପାଇଁ ।

Digitized by srujanika@gmail.com

ଏହି ମେଘ ମଧ୍ୟରେ ଅର୍ଥାତ୍ ଏ ଦୃଶ୍ୟମାନ ଜଡ଼ ପ୍ରକୃତି ମଧ୍ୟରେ, ସ୍ଥୂଳ ଜଗତ ମଧ୍ୟରେ ତେଜୋମୟ-ଅମୃତମୟ ଈଶ୍ୱର-ବ୍ୟାପକ ହୋଇ ରହିଛନ୍ତି, ତଥା ଅଧ୍ୟାତ୍ମ ଜଗତରେ ଅର୍ଥାତ୍ ସୂକ୍ଷ୍ମ ଜଗତରେ ମଧ୍ୟ ଏହି ତେଜୋମୟ-ଅମୃତମୟ ଈଶ୍ୱର ବ୍ୟାପକ ହୋଇ ରହିଛନ୍ତି । ଏ ସର୍ବବ୍ୟାପକ ପୁରୁଷହିଁ ପରମ ଆତ୍ମା, ଏ ଅମୃତ, ଏ ବ୍ରହ୍ମ, ଏ ସର୍ବସ୍ୱ । ଅନ୍ୟ କେହି ଏପରି ବ୍ୟାପକ ହୋଇ ପାରେନା ବା ବ୍ରହ୍ମ ହୋଇ ପାରେନା, ଋଷି ଏତଦ୍ଦ୍ୱାରା ଏହା କହିବାକୁ ଚାହୁଁଛନ୍ତି ଯେ ଏ ସର୍ବବ୍ୟାପକ ବ୍ରହ୍ମ ଛଡ଼ା ଏକଦେଶୀ ଅନ୍ୟ କାହାରିକୁ ବ୍ରହ୍ମ ମନେ କରିବା ଅର୍ଥ ମିଥ୍ୟାର ଉପାସନା କରିବା ।

"ଅୟମାକାଶଃ ସର୍ବେଷାଂ ଭୂତାନାଂ ମଧ୍ୱସ୍ୟାକାଶସ୍ୟ ସର୍ବାଣି ଭୂତାନି ମଧୁ ଯଶ୍ଚାୟମସ୍ମିନ୍ନାକାଶେ ତେଜୋମୟୋଽମୃତମୟଃ ପୁରୁଷୋ ଯଶ୍ଚାୟମଧ୍ୟାତ୍ମଂ ହୃଦ୍ୟାକାଶସ୍ତେଜୋମୟୋଽମୃତମୟଃ ପୁରୁଷୋଽୟମେବ ସ ଯୋଽୟମାତ୍ମେଦମମୃତମିଦଂ ବ୍ରହ୍ମେଦଂ ସର୍ବମ୍ ।" (୧୦)

"ଏହି ଆକାଶ ସମସ୍ତ ଭୂତମାନଙ୍କ ମଧୁ । ଆଉ ଏ ଭୂତମାନେ ଏ ଆକାଶର ମଧୁ । ଏ ଆକାଶରେ ଏ ଯେଉଁ ତେଜୋମୟ-ଅମୃତମୟ ପୁରୁଷ ଅଛନ୍ତି, ତଥା ଏ ଅଧ୍ୟାତ୍ମ ସମ୍ବନ୍ଧୀ ଏ ଯେଉଁ ହୃଦୟବ୍ୟାପୀ ତେଜୋମୟ-ଅମୃତମୟ ପୁରୁଷ ଅଛନ୍ତି, ସେ ହେଉଛି ଆତ୍ମା (ପରମ ଆତ୍ମା) ସେ ଅମୃତ, ସେ ବ୍ରହ୍ମ, ସେ ହିଁ ସମସ୍ତ ।"

ଆକାଶ ଯା' ବ୍ୟୋମ ତା । ଏ ବ୍ୟୋମ ବା ଆକାଶ ପଞ୍ଚମହାଭୂତମାନଙ୍କ ମଧ୍ୟରୁ ଗୋଟାଏ ଭୂତ । ଏ ଭୂତ (ଆକାଶ)

Digitized by srujanika@gmail.com

ଅନ୍ୟାନ୍ୟ ଭୂତମାନଙ୍କ ପକ୍ଷରେ ମଧୁ ତୁଲ୍ୟ ପ୍ରିୟ ହେବାର କାରଣ ଏଇ ଯେ ଏ ଭୂତ ଅନ୍ୟାନ୍ୟ ଭୂତମାନଙ୍କର ପରିପୂରକ । ଆଉ ଅନ୍ୟାନ୍ୟ ଭୂତମାନେ ମଧ୍ୟ ଏ ଭୂତ(ଆକାଶ) ପକ୍ଷରେ ମଧୁ ତୁଲ୍ୟ ପ୍ରିୟ ହେବାର କାରଣ ଏଇ ଯେ ଏ ଭୂତମାନେ ମଧ୍ୟ ବ୍ୟୋମର ପରିପୂରକ । ପ୍ରତ୍ୟେକ ଭୂତର ସ୍ୱତନ୍ତ୍ର ଶକ୍ତି ପୂର୍ଣ୍ଣଶକ୍ତି ନୁହେ—କୌଣସି ନିର୍ମାଣ କାର୍ଯ୍ୟପାଇଁ ଏ ଶକ୍ତି ଅପୂର୍ଣ୍ଣ ଖଣ୍ଡିତ । ପ୍ରତ୍ୟେକ ଭୂତର ଏକତ୍ର ସମ୍ମିଳିତ ଶକ୍ତିହିଁ ପୂର୍ଣ୍ଣଶକ୍ତି-ନିର୍ମାଣଶକ୍ତି । ପ୍ରତ୍ୟେକ ଭୂତର ପାରସ୍ପରିକ ଏକତ୍ର ସହଯୋଗ ସୃଷ୍ଟି ନିର୍ମାଣ ପାଇଁ ଆବଶ୍ୟକ ବୋଲି ପ୍ରତ୍ୟେକ ଭୂତ ପ୍ରତ୍ୟେକ ଭୂତ ପକ୍ଷରେ ମଧୁ ତୁଲ୍ୟ ପ୍ରିୟ ।

ତା' ପରେ, ଭୂତ ଅର୍ଥରେ 'ପ୍ରାଣୀ'ଙ୍କୁ ଗ୍ରହଣ କଲେ ଏଇକଥା ବୁଝାଇବ ଯେ ପ୍ରାଣୀମାନଙ୍କ ପକ୍ଷରେ ଆକାଶ ମଧୁ ତୁଲ୍ୟ ପ୍ରିୟ । ଆକାଶ ପ୍ରାଣୀମାନଙ୍କ ପକ୍ଷରେ ଅତ୍ୟାବଶ୍ୟକ ହେଉଥିବାରୁ ତା' ପ୍ରାଣୀମାନଙ୍କ ପକ୍ଷରେ ମଧୁ ତୁଲ୍ୟ ପ୍ରିୟ । ପ୍ରାଣୀର ଶରୀର ମଧ୍ୟସ୍ଥିତ ଆକାଶ ଏ ବାହ୍ୟ ଆକାଶର ଅଂଶ ମାତ୍ର । ଆଉ ଏ ଆକାଶ ବିନା ପ୍ରାଣୀର ଅସ୍ତିତ୍ୱ ଅସମ୍ଭବ । କାରଣ ପ୍ରାଣୀମାନଙ୍କର ଶରୀର ଏ ପଞ୍ଚମହାଭୂତରେ ନିର୍ମିତ, ଆଉ ଆକାଶ ଏ ପଞ୍ଚମହାଭୂତ ମଧ୍ୟରୁ ଗୋଟାଏ ଭୂତ ।

ଦଶା ଅର୍ଥରେ ବ୍ୟୋମ ବା ଆକାଶକୁ ଗ୍ରହଣ କରାଯାଇ ବ୍ୟୋମ ପ୍ରାଣୀମାନଙ୍କ ପକ୍ଷରେ ଅତି ଆବଶ୍ୟକ ହେଉ ଥିବାରୁ ତା' ପ୍ରାଣୀମାନଙ୍କ ପକ୍ଷରେ ଯେ ମଧୁ ତୁଲ୍ୟ ପ୍ରିୟ, ଏ କଥା ଆଗରୁ ବୁଝା ଯାଇଛି (ମନ୍ତ୍ର ୬) । ତେଣୁ ଏଠାରେ ଆକାଶ ଅର୍ଥରେ ମନୁଷ୍ୟର ହୃଦୟାକାଶକୁ ଗ୍ରହଣ କରିବା ସଙ୍ଗତ ହେବ । ଫଳତଃ ଆକାଶ ଅର୍ଥରେ ଶୂନ୍ୟତାକୁ ଗ୍ରହଣ ନ କରି ମନୁଷ୍ୟର

Digitized by srujanika@gmail.com

ହୃଦୟାକାଶକୁ ଗ୍ରହଣ କଲେ ଏଇଠାହିଁ ବୁଝାଇବ ଯେ ମନୁଷ୍ୟ ଏ ହୃଦୟାକାଶ ସାହାଯ୍ୟରେ ଅପଣାର ହୃଦୟର ବାଣୀ, ଅନ୍ତରର କଥାକୁ ମୁଖ ଦ୍ୱାରା ନିଃସାରଣ ପୂର୍ବକ ଅନ୍ୟ ପର୍ଯ୍ୟନ୍ତ ପହଞ୍ଚାଇ ପାରେ । ମନୁଷ୍ୟର ହୃଦୟର କଥା ପରିସ୍ଫୁଟ ହେବା ମାତ୍ରକେ, ମନୁଷ୍ୟର ଶରୀରାଭ୍ୟନ୍ତରର ଅକାଶ ମଧ୍ୟ ଦେଇ ବାହ୍ୟ ଅକାଶକୁ ତା' ଅସେ ଅଉ ଏଁ ବାହ୍ୟ ଅକାଶ ମାଧ୍ୟମରେ ତରଙ୍ଗାୟିତ ହୋଇ ଅନ୍ୟର କର୍ଣ୍ଣକୁହରରେ ପ୍ରବେଶ କରେ । ଫଳତଃ ଶ୍ରୋତା ଅନ୍ୟର ଏ ବାଣୀକୁ ଶ୍ରବଣ କରିବା ଫଳରେ ହୃଦୟଙ୍ଗମ କରିପାରେ । ଯେ ଅକାଶ ଏପରି ଘନିଷ୍ଠଭାବରେ ପ୍ରାଣୀର ସ୍ୱାର୍ଥ ସଙ୍ଗରେ ଜଡ଼ିତ ସେ ଅକାଶ ପ୍ରତି ମନୁଷ୍ୟର ମନରେ, ପ୍ରାଣୀମାନଙ୍କ ମନରେ ପ୍ରିୟଭାବ ରହିବା ଅତି ସ୍ୱାଭାବିକ ।

ଋଷି ପୁଣି କହୁଛନ୍ତି ଯେ, ଯେପରି ପ୍ରାଣୀମାନଙ୍କ ପକ୍ଷରେ ଅକାଶ ମଧୁ ତୁଲ୍ୟ ପ୍ରିୟ; ସେପରି ଏ ଅକାଶ ପକ୍ଷରେ ମଧ୍ୟ ପ୍ରାଣୀମାନେ ମଧୁ ତୁଲ୍ୟ ପ୍ରିୟ । ଅକାଶ ଗୋଟାଏ ଜଡ଼ ପଦାର୍ଥ । ଜଡ଼ ପଦାର୍ଥର ମନ ନାହିଁ, ଅଉ ଯା'ର ମନ ନାହିଁ ତାର ପ୍ରିୟ ବା ଅପ୍ରିୟ ଭାବ ରହି ପାରେନା । କିନ୍ତୁ ଈଶ୍ୱର ଏ ଜଡ଼ ପଦାର୍ଥ ପଞ୍ଚମହାଭୂତର ମାଧ୍ୟମରେ ପ୍ରାଣୀମାନଙ୍କର ମଙ୍ଗଳ କରନ୍ତି ବୋଲି ଏ ପଞ୍ଚମହାଭୂତକୁହିଁ ମଙ୍ଗଳର କାରଣ ବୋଲି ଋଷି କହୁଛନ୍ତି । ଏହାହିଁ କାରଣ ଯେ ପଞ୍ଚମହାଭୂତକୁ, ଏ ଜଡ଼ ପଦାର୍ଥକୁ ଦେବତା । ଅର୍ଥାତ୍ ଦିବ୍ୟଗୁଣବିଶିଷ୍ଟ ପଦାର୍ଥ କୁହାଯାଏ, ଯଥା—ବାୟୁ ଦେବତା, ଅଗ୍ନି ଦେବତା, ବରୁଣ ଦେବତା ।

ଦୁଧ ଗୋଟାଏ ସୁମିଷ୍ଟ ତଥା ପୁଷ୍ଟିକର ଖାଦ୍ୟ । ଏ ଦୁଧ ସେବନ ଫଳରେ ମନୁଷ୍ୟର ଶରୀର ତଥା ମନର ହିତ ସାଧିତ

Digitized by srujanika@gmail.com

ଧୁଏ । କିନ୍ତୁ ଦୁଧର ଏ ହିତ-ସାଧକ-ଗୁଣ ଦୁଧର ନିଜର ସ୍ୱତନ୍ତ୍ର ଗୁଣ ନୁହେଁ । କାରଣ ଦୁଧର କୌଣସି ସ୍ୱତନ୍ତ୍ର ସତ୍ତା ନାହିଁ । ପଞ୍ଚମହାଭୂତର ଏ ଗୋଟାଏ ବିକୃତ ଅଂଶ ବିଶେଷ । ପଞ୍ଚମହାଭୂତର ମୂଳ ଅଣୁ ପରମାଣୁର ସତ୍ତା ସ୍ୱତନ୍ତ୍ର—କିନ୍ତୁ ଏହାକୁ ଦୃଶ୍ୟମାନ କରିବା ତଥା ଗୁଣରେ ଗରୀୟାନ କରିବା ସେ ପରମ ଚେତନାଶକ୍ତିର ଅଧୀନ । ଏହାହିଁ କାରଣ ଯେ ଈଶ୍ୱରଙ୍କୁ ବିଶ୍ୱକର୍ମା ବା ସୃଷ୍ଟିକର୍ତ୍ତା କୁହାଯାଏ । ପ୍ରକୃତ ତ ମୂଳରୁ ରହିଛି, ଈଶ୍ୱର ତ ମୂଳରୁ ରହିଛନ୍ତି, ଆତ୍ମା ତ ମୂଳରୁ ରହିଛି, କିନ୍ତୁ ଈଶ୍ୱରଙ୍କୁ ସୃଷ୍ଟିକର୍ତ୍ତା କହିବାରେ କି ଯଥାର୍ଥତା ଅଛି ? ଈଶ୍ୱର ଏ ପ୍ରକୃତ ଆଉ ଆତ୍ମାକୁ ଦୃଶ୍ୟମାନ କରନ୍ତି ବୋଲି ସେ ସୃଷ୍ଟିକର୍ତ୍ତା ।

ଈଶ୍ୱର ନ ଥିଲେ ଏ ଦୁଧ ନ ଥାନ୍ତା ବା ଦୁଧର ଏ ଗୁଣ ନ ଥାନ୍ତା । କିନ୍ତୁ ପ୍ରତ୍ୟକ୍ଷତଃ ଆମେ ଏ ଦୁଧରୁ ଉପକାର ପ୍ରାପ୍ତ କରୁ ବୋଲି ଆମେ ଏ ଦୁଧକୁହିଁ ଉପକାରୀ ପଦାର୍ଥ ବୋଲି ଗ୍ରହଣ କରୁ । ଆଉ ଏ ଦୁଧ ପ୍ରତି ଶ୍ରଦ୍ଧା ପ୍ରକଟ କରୁ । କିନ୍ତୁ ଯେ ବିଚାରବାନ, ତତ୍ତ୍ୱଦର୍ଶୀ, ଦାର୍ଶନିକ, ସେ ଏ ଜଡ଼ ପଦାର୍ଥ ପ୍ରତି ଶ୍ରଦ୍ଧା ପ୍ରକଟ କରେନା, ଏ ପଦାର୍ଥର ଏ ସୁଗୁଣର ଯେ ମୂଳ କାରଣ ଈଶ୍ୱର, ସେ ଈଶ୍ୱରଙ୍କ ପ୍ରତିହିଁ ସେ ଶ୍ରଦ୍ଧା, ଭକ୍ତି ପ୍ରକଟ କରେ । ତେଣୁ ଯେ ଦାର୍ଶନିକ, ଯେ ତତ୍ତ୍ୱଦର୍ଶୀ, ସେ ଜଡ଼ ପଦାର୍ଥର ଉପାସକ ହୋଇ ପାରେନା—ସେ ସେହି ପରମ ମଙ୍ଗଳମୟ ଚେତନ-ସତ୍ତାର ଆରାଧନା କରେ ।

ଆକାଶ ସମ୍ବନ୍ଧରେ ମଧ୍ୟ ସେହି ଏକା କଥା । ଆକାଶ ଈଶ୍ୱରଙ୍କ କାରଣରୁହିଁ ସୁଗୁଣଯୁକ୍ତ । ମନୁଷ୍ୟ ପ୍ରତ୍ୟକ୍ଷତଃ ଏ ଆକାଶର ଗୁଣ ଗ୍ରହଣ କରେ ବୋଲି ସେ ଏ ଆକାଶକୁ ଚେତନ

Digitized by srujanika@gmail.com

ପଦାର୍ଥ ତୁଲ୍ୟ ଉପକାରୀ ମନେ କରେ । କିନ୍ତୁ ଯେ ଦାର୍ଶନିକ, ଯେ ଅପ୍ରତ୍ୟକ୍ଷ ଶକ୍ତି ସମ୍ବନ୍ଧରେ ମଧ୍ୟ ଭିଜ୍ଞ, ସେ ଏ ଆକାଶକୁ କୁହନ୍ତି, ସେ ଏ ଆକାଶର ସୁଗୁଣର ଯେ ମୂଳ କାରଣ, ସେ ଶକ୍ତିକୁହିଁ ସେ ଉପକାରୀ ଜାଣି ଭକ୍ତି କରେ ।

"ଅୟଂ ଧର୍ମଃ ସର୍ବେଷାଂ ଭୂତାନାଂ ମଧ୍ୱସ୍ୟ ଧର୍ମସ୍ୟ ସର୍ବାଣି
ଭୂତାନି ମଧୁ ଯଶ୍ଚାୟମସ୍ମିନ୍ ଧର୍ମେ ତେଜୋମୟୋଽମୃତମୟଃ
ପୁରୁଷୋ ଯଶ୍ଚାୟମଧ୍ୟାତ୍ମଂ ଧାର୍ମସ୍ତେଜୋମୟୋଽମୃତମୟଃ
ପୁରୁଷୋଽୟମେବ ସ ଯୋଽୟମାତ୍ମେଦମମୃତମିଦଂ
ବ୍ରହ୍ମେଦଂ ସର୍ବମ୍ ।" (୧୧)

"ଏହି ଧର୍ମ ସମସ୍ତ ଭୂତମାନଙ୍କ ମଧୁ । ଆଉ ଏ ସମସ୍ତ ଭୂତ ଧର୍ମର ମଧୁ । ଏ ଧର୍ମରେ ଏ ଯେଉଁ ତେଜୋମୟ ଅମୃତମୟ ପୁରୁଷ ଅଛନ୍ତି, ତଥା ଅଧ୍ୟାତ୍ମ ସମ୍ବନ୍ଧୀ ଧର୍ମବ୍ୟାପୀ ଏ ଯେଉଁ ତେଜୋମୟ-ଅମୃତମୟ ପୁରୁଷ ଅଛନ୍ତି, ସେ ଆତ୍ମା, ସେ ଅମୃତ, ସେ ବ୍ରହ୍ମ, ସେ ହିଁ ସମସ୍ତ ।"

'ଧୃ' ଧାତୁରେ 'ଇମନ୍' ପ୍ରତ୍ୟୟ ହୋଇ 'ଧର୍ମ' ଶବ୍ଦ ନିଷ୍ପନ୍ନ ହୋଇଛି । 'ଧୃ' ଧାତୁର ଅର୍ଥ 'ଧରି ରଖିବା' । ଯାକୁ ଆମେ ଧରି ରଖିବା ଉଚିତ ଅର୍ଥାତ୍ ଯାକୁ ଆମେ ମାନି ଚଳିବା ଉଚିତ, ଆଉ ଯେ ଆମକୁ ଧରି ରଖିବା ଉଚିତ ଅର୍ଥାତ୍ ଯେ କର୍ମ କଲେ ଆମେ ରକ୍ଷିତ ହେବା, ଆମର ଶାରୀରିକ ମାନସିକ, ଆଧ୍ୟାତ୍ମିକ ମଙ୍ଗଳ ସାଧିତ ହେବ, ତା' ଧର୍ମ । ଧର୍ମ ଶବ୍ଦର ଏହା ବ୍ୟାକରଣଗତ ତଥା ଆଭିଧାନିକ ଅର୍ଥ । କିନ୍ତୁ ଧର୍ମ ଶବ୍ଦର ବ୍ୟାଖ୍ୟା କରିବାକୁ ଯାଇ ବିଭିନ୍ନ ଆଚାର୍ଯ୍ୟ ବିଭିନ୍ନ ପ୍ରକାର ମତ ବ୍ୟକ୍ତ କରିଛନ୍ତି । କାହାରିର ମତ ପୂର୍ଣ୍ଣ ବା କାହାରିର ମତ ଅସଙ୍ଗତ ନୁହେ । ଏ ସମସ୍ତ ମତର ଏକତ୍ର ସମାବେଶ ଧର୍ମର ପୂର୍ଣ୍ଣ ବ୍ୟାଖ୍ୟା । ତେବେ ପୁଣି,

Digitized by srujanika@gmail.com

ଏତେକରେ ଯେ ଧର୍ମର ବ୍ୟାଖ୍ୟା ପୂର୍ଣ୍ଣ, 'ଏପରି ମନେ କରିବା ଅର୍ଥ 'ଧର୍ମ'ର ବ୍ୟାଖ୍ୟାକୁ ସଙ୍କୁଚିତ କରିବା । ମନୁଷ୍ୟର ବୁଦ୍ଧି ଯେତେ ସତେଜ, ତୀକ୍ଷ୍ଣ ତଥା ପୂର୍ଣ୍ଣ ହେବ, 'ଧର୍ମ' ଶବ୍ଦର ବ୍ୟାଖ୍ୟା ମଧ୍ୟ ସେତେ ସ୍ପଷ୍ଟ, ସଙ୍ଗତ ତଥା ପୂର୍ଣ୍ଣାଙ୍ଗ ହେବ । ମନୁଷ୍ୟର ବୁଦ୍ଧିର ପ୍ରାଖର୍ଯ୍ୟର ସୀମା ଯେତେବେଳେ ନିର୍ଦ୍ଧାରିତ ହୋଇ ପାରୁନାହିଁ, ସେତେବେଳେ 'ଧର୍ମ' ଶବ୍ଦର ବ୍ୟାଖ୍ୟାର ସୀମାକୁ ନିର୍ଦ୍ଧାରିତ କରିବା ଉଚିତ ହେବ ନାହିଁ । ତେବେ ସେ ଯା' ହେଉ, ଧର୍ମ ଯେ ମନୁଷ୍ୟର ଉପରୋକ୍ତ ବିବିଧ ମଙ୍ଗଳ ସାଧନାପାଇଁ ମନୁଷ୍ୟ ପକ୍ଷରେ ଏକାନ୍ତ ଆବଶ୍ୟକ, ଏକଥା ଅସ୍ୱୀକାର କରି ହେବ ନାହିଁ ।

ମହର୍ଷି ମନୁ କହନ୍ତି—

"ଧୃତିଃ କ୍ଷମା ଦମୋଽସ୍ତେୟଂ ଶୌଚମିନ୍ଦ୍ରିୟନିଗ୍ରହଃ ।
ଧୀର୍ବିଦ୍ୟା ସତ୍ୟମକ୍ରୋଧୋ ଦଶକଂ ଧର୍ମଲକ୍ଷଣମ୍ ॥"
"ଧୃତି, କ୍ଷମା ଦମ, ଅସ୍ତେୟ, ଶୌଚ, ଇନ୍ଦ୍ରିୟ-ନିଗ୍ରହ,
ଧୀ, ବିଦ୍ୟା, ସତ୍ୟ, ଅକ୍ରୋଧ, ଏ ଦଶ ଧର୍ମର ଲକ୍ଷଣ ।"

ବିପଦରେ ବିଚଳିତ ନ ହେବା, ଧୈର୍ଯ୍ୟର ସହିତ ବିପଦର ସମ୍ମୁଖୀନ ହେବା, ଫଳତଃ ବିପଦକୁ ଜୟ କରିବା 'ଧୃତି'। ଅପରାଧ ଦୃଷ୍ଟିରୁ ଅପରାଧୀର ବିଗ୍ଭର ନ କରି ଅବସ୍ଥାଦୃଷ୍ଟିରୁ ଅପରାଧୀର ବିଗ୍ଭର କରିବା ପ୍ରବୃତ୍ତିକୁ ନିଜ ମଧ୍ୟରେ ଜାଗ୍ରତ କରି ରଖିବା 'କ୍ଷମା' । ସମସ୍ତ ପ୍ରକାର ଦୁଃଖର କାରଣ ଚଞ୍ଚଳତାକୁ ସଂଯମତାର ଜାଲରେ ଆବଦ୍ଧ କରି ତୋଳିବା, ଫଳତଃ ଚଞ୍ଚଳତାରୁ ଜାତ ଦୁଃଖରୁ ନିବୃତ୍ତ ହେବା 'ଦମ' । ଅନ୍ୟର ଐଶ୍ୱର୍ଯ୍ୟ ପ୍ରତି ଯେ ଲୋଲୁପ ଦୃଷ୍ଟି ନିଜର ଅସମ୍ମାନ ତଥା ନିର୍ଯ୍ୟାତନାର କାରଣ ତଥା ଅନ୍ୟର ମଧ୍ୟ କ୍ଲେଶର କାରଣ, ସେ ସଙ୍କୁଚିତ ପ୍ରବୃତ୍ତିକୁ ଅସ୍ୱୀ

କରିବା ଫଳରେ ସମାଜରେ ସମ୍ମାନର ସ୍ଥାନ ପ୍ରାପ୍ତ କରିବା 'ଅସ୍ତେୟ' ଶାରୀରିକ, ମାନସିକ, ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଏପରି ବିବିଧ କୃତ୍ୟ କରିବା ଯା'ର ଫଳରେ ଶରୀରରୁ ବିବିଧ ମଳ ଦୂର ହେବା ଦ୍ୱାରା ଇନ୍ଦ୍ରିୟଗଣ ସତେଜ ରହିବ, ମନରୁ ଦୁଶ୍ଚିନ୍ତା ଦୂରହେବା ଫଳରେ ମନ ଶାନ୍ତ ରହିବ, ସକଳ ପ୍ରକାର ସୁଗୁଣରେ ଆତ୍ମାକୁ ଯୋଗଯୁକ୍ତ କରିବା ଫଳରେ ଆତ୍ମାର୍ମିକ ଆନନ୍ଦ ପ୍ରାପ୍ତ ହେବ, ତା 'ଶୌଚ'। ଶାରୀରିକ ମାନସିକ, ଆତ୍ମିକ ନାନାବିଧ ଦୁଃଖର କାରଣ ଇନ୍ଦ୍ରିୟଗଣର ଅତି ଚରିତାର୍ଥତା। ଏ ସମସ୍ତ ପ୍ରକାର ଦୁଃଖର କାରଣ ଚଞ୍ଚଳ ଇନ୍ଦ୍ରିୟଗଣଙ୍କୁ ଅଧୀନ କରିବାଟା 'ଇନ୍ଦ୍ରିୟନିଗ୍ରହ'।

ଧୀ ଅର୍ଥ ବୁଦ୍ଧି। ବୁଦ୍ଧି ବିନା ମନୁଷ୍ୟ କର୍ତ୍ତବ୍ୟାକର୍ତ୍ତବ୍ୟ ନିର୍ଦ୍ଧାରଣ କରି ପାରେ ନା; ଆଉ କର୍ତ୍ତବ୍ୟାକର୍ତ୍ତବ୍ୟ ନିର୍ଦ୍ଧାରଣ ନ କରି ପାରିବା ଫଳରେ ଅନେକ ସମୟରେ ଅକର୍ତ୍ତବ୍ୟ କରି ଦୁଃଖର ଭାଗୀ ହେବା ତା ପକ୍ଷରେ ସ୍ୱାଭାବିକ। ଯେ ମାନସିକ ଶକ୍ତି ବଳରେ ସେ ଏ କର୍ତ୍ତବ୍ୟାକର୍ତ୍ତବ୍ୟର ପାର୍ଥକ୍ୟ ଉପଲବ୍ଧି କରି ପାରି କର୍ତ୍ତବ୍ୟ ପାଳନରେ ଦୃଢ଼ ହୋଇପାରେ, ତା 'ଧୀ' ବା ବୁଦ୍ଧି। ବୁଦ୍ଧି ସବୁ କ୍ଷେତ୍ରରେ ମନୁଷ୍ୟର ସ୍ୱାଭାବିକ ଗୁଣ ନୁହେଁ—ବିଦ୍ୟାଦ୍ୱାରା ଏହାକୁ ମନୁଷ୍ୟ ପ୍ରାପ୍ତ କରେ। ତେଣୁ ବୁଦ୍ଧିର ବିକାଶପାଇଁ ଯେ ଗୁଣ ଆବଶ୍ୟକ, ତା 'ବିଦ୍ୟା' ଅନ୍ୟକୁ ପ୍ରତାରଣା ନ କରିବା 'ସତ୍ୟ'। ଅନ୍ୟ ପ୍ରତି ସଦୟ ହେବା 'ଅକ୍ରୋଧ'। ଏ ଦଶଟି ହେଉଛି ଧର୍ମର ଲକ୍ଷଣ। ଏପରି ଯୋଗଯୁକ୍ତ ପୁରୁଷଙ୍କୁ ଧାର୍ମିକ ପୁରୁଷ କୁହାଯାଏ। ତେଣୁ, ଏ ସମସ୍ତ ଗୁଣ ଯେ ମନୁଷ୍ୟ ପକ୍ଷରେ ଆବଶ୍ୟକ, ଏ କଥାକୁ ଅସ୍ୱୀକାର କରି ହେବନାହିଁ। ମନୁଷ୍ୟ ପକ୍ଷରେ, ଚିନ୍ତାଶୀଳ ମନୁଷ୍ୟ ପକ୍ଷରେ, ଏପରି ସଦ୍‌ଗୁଣ ସକଳ ଯେ ମଧୁ ତୁଲ୍ୟ ପ୍ରିୟ ମନେ ହେବ, ଏ କଥାକୁ ବି ଅସ୍ୱୀକାର କରି ହେବନାହିଁ।

Digitized by srujanika@gmail.com

ଋଷି ଏକଥା ବି କହୁଛନ୍ତି ଯେ, ଯେପରି ଧର୍ମ ପ୍ରାଣୀମାନଙ୍କ ପକ୍ଷରେ ମଧ୍ୟ ତୁଲ୍ୟ ପ୍ରିୟ, ସେପରି ଧର୍ମପକ୍ଷରେ ମଧ୍ୟ ପ୍ରାଣୀମାନେ ମଧ୍ୟ ତୁଲ୍ୟ ପ୍ରିୟ । ଅର୍ଥାତ୍ ଏ ସୁଗୁଣ (ଧର୍ମ) ମଧ୍ୟରେ ଈଶ୍ୱର ପ୍ରାଣୀର ମଙ୍ଗଳ ସାଧିତ ହେବାର ଉପାୟ ସ୍ଥିରକରି ରଖିଛନ୍ତି । ଈଶ୍ୱର ଏହା ଚାହାନ୍ତି ଯେ ଏ ଗୁଣ-ସକଳକୁ ନିଜ ମଧ୍ୟରେ ସ୍ୱାଗତ କରି ମନୁଷ୍ୟ ଅଖଣ୍ଡ ସୁଖଭୋଗ କରୁ, ଦୁଃଖର ଭାଗୀ ନ ହେଉ— ମା କଶ୍ଚିତ୍ ଦୁଃଖଭାଗ୍‌ଭବେତ୍ ।

ପ୍ରାଣୀ ଅର୍ଥାତ୍ କେବଳ ମନୁଷ୍ୟ ନୁହେଁ, ଅନ୍ୟାନ୍ୟ ସକଳ ସ୍ଥାବରଜଙ୍ଗମ ପ୍ରାଣୀ ମଧ୍ୟ ପ୍ରାଣୀ, ଯାର ପ୍ରାଣଅଛି ସେ ପ୍ରାଣୀ । ଆଉ ଧର୍ମ ଅର୍ଥ ତ କେବଳ ଏ ଦଶ ଲକ୍ଷଣ ନୁହେଁ, ଯେ ଉପାୟ ଦ୍ୱାରା ନିଜର ରକ୍ଷା କରାଯାଏ, ତା’ଧର୍ମ । ତେଣୁ ଅନ୍ୟ ପ୍ରାଣୀମାନେ ଏ ଦଶ ଲକ୍ଷଣଯୁକ୍ତ ହୋଇ ନ ପାରନ୍ତୁ, କିନ୍ତୁ ଯେ ଉପାୟଦ୍ୱାରା ସେମାନଙ୍କ ଶରୀର ରକ୍ଷିତ ହେଉଛି ତା.ସେମାନଙ୍କ ପକ୍ଷରେ ଧର୍ମ । ତେଣୁ ତା ସେମାନଙ୍କ ପକ୍ଷରେ ମଧ୍ୟ ତୁଲ୍ୟ ପ୍ରିୟ ।

‘ଧର୍ମ’ ଶବ୍ଦର ଅନ୍ୟାନ୍ୟ ସଙ୍କୁଚିତ ଅର୍ଥ ‘କର୍ତ୍ତବ୍ୟ’ ‘ସ୍ୱଭାବ’ । ପିତାମାତାଙ୍କର ସେବା କରିବା ସନ୍ତାନର ଧର୍ମ; ଦରିଦ୍ରକୁ ଦାନ କରିବା ମନୁଷ୍ୟର ଧର୍ମ; ଉଚ୍ଚସ୍ଥଳରୁ ନୀଚସ୍ଥଳକୁ ବୋହି ଯିବା ଜଳର ଧର୍ମ, ଅଧଃରୁ ଊର୍ଦ୍ଧ୍ୱକୁ ଉଠିବା ଅଗ୍ନିର ଧର୍ମ । ସନ୍ତାନର ଏଇ ଧର୍ମ, ମନୁଷ୍ୟର ଏଇ ଧର୍ମକୁ କୁହାଯାଏ ‘କର୍ତ୍ତବ୍ୟ’; ଆଉ ଅଗ୍ନିର ଏଇ ଧର୍ମ, ଜଳର ଏଇ ଧର୍ମକୁ କୁହାଯାଏ ‘ସ୍ୱଭାବ’ ।

‘ଧର୍ମ’ ର ଏ ସଙ୍କୁଚିତ ଅର୍ଥକୁ ଗ୍ରହଣ କଲେ, ଆଉ ଭୂତ ଅର୍ଥରେ ପ୍ରାଣୀମାନଙ୍କୁ ଗ୍ରହଣ ନ କରି ପଞ୍ଚମହାଭୂତକୁ ଗ୍ରହଣ କଲେ, ଋଷିଙ୍କର ଉପରୋକ୍ତ ଉକ୍ତିର (ମନ୍ତ୍ର୧୧) ଏଇ ଅର୍ଥ ବୁଝାଇବ

ଯେ ଧର୍ମ ଅର୍ଥାତ୍ ସ୍ୱଭାବ, ଭୂତ ଅର୍ଥାତ୍ ପଞ୍ଚମହାଭୂତ ପକ୍ଷରେ ମଧୁତୁଲ୍ୟ ପ୍ରିୟ । ପଞ୍ଚ ମହାଭୂତର ଯା' ସ୍ୱଭାବ, ସେଥା ସେମାନଙ୍କ ପକ୍ଷରେ ଅତି ଆବଶ୍ୟକ ବୋଲି ତା'ସେମାନଙ୍କ ସ୍ୱଭାବ । ସ୍ୱଭାବ ବିନା,ଅପଣା ଆପଣାର ଗୁଣ ଦ୍ୱାରା ପଞ୍ଚ ମହାଭୂତ ତ ନିରର୍ଥକ । ମନୁଷ୍ୟର ଯା ସ୍ୱଭାବ, ତା ମନୁଷ୍ୟ ପକ୍ଷରେ ଅତି ଆବଶ୍ୟକ ବୋଲି ତା ମନୁଷ୍ୟର ସ୍ୱଭାବ । ସ୍ୱଭାବ ବିନା ମନୁଷ୍ୟର ଅସ୍ତିତ୍ୱ ନାହିଁ । ଅନ୍ନ ଗ୍ରହଣ କରିବା ମନୁଷ୍ୟର ସ୍ୱଭାବ, କିଣ ଅନ୍ନ ବିନା ମନୁଷ୍ୟ ଜୀବନ ଧାରଣ କରିପାରେ ? କ୍ରୋଧାନ୍ୱିତ ହେବା ମନୁଷ୍ୟର ସ୍ୱଭାବ, କିଣ ବିନା କ୍ରୋଧରେ ମନୁଷ୍ୟ ଦୁଷ୍ଟଙ୍କୁ ଅଯୁକ୍ତ କରିପାରେ ? କାମୋପଭୋଗ ମନୁଷ୍ୟର ସ୍ୱଭାବ, କିଣ ବିନା କାମୋପଭୋଗରେ ମନୁଷ୍ୟ ସନ୍ତାନ ପ୍ରାପ୍ତ କରିପାରେ ? ତେଣୁ ସ୍ୱଭାବ , ତା ଜଡ଼-ପଦାର୍ଥ ପକ୍ଷରେ ହେଉ ବା ଜୀବନ୍ତ ପଦାର୍ଥ ପକ୍ଷରେ ହେଉ ଅତି ଆବଶ୍ୟକ, ଆଉ ଅତି ଆବଶ୍ୟକ ହେଉଥିବାରୁ ଅତି ପ୍ରିୟ, ମଧୁତୁଲ୍ୟ ପ୍ରିୟ ମନେ ହେବା ମଧ୍ୟ ସ୍ୱାଭାବିକ ।

ସୃଷ୍ଟିର କୌଣସି ବସ୍ତୁ, ସେ ଜଡ଼ ହେଉ, ଜୀବନ୍ତ ହେଉ ଦୋଷ-ଗୁଣରୁ ମୁକ୍ତ ନୁହେଁ । ସୃଷ୍ଟି ନାଶ ହେଲେ ଅର୍ଥାତ୍ ପ୍ରଳୟ ହେଲେ, ବସ୍ତୁର ଦୋଷଗୁଣ ମଧ୍ୟ ନାଶ ହୋଇଯାଏ । କାରଣ ଯେ ମୂଳ ଅଣୁପରମାଣୁରୁ ତା ନିର୍ମିତ, ସେ ସେହି ଅଣୁପରମାଣୁରେ ପରିବର୍ତ୍ତିତ ହୋଇଯାଏ । ପୁଣି ଯେତେବେଳେ ସୃଷ୍ଟି ଆରମ୍ଭ ହୁଏ, ସେତେବେଳେ ସେ ଗୁଣ ସେ ବସ୍ତୁରେ ଅସେ । ବସ୍ତୁରେ ଗୁଣ ଦେବା ତ ଈଶ୍ୱରଙ୍କ କାର୍ଯ୍ୟ; ଆଉ ଈଶ୍ୱରଙ୍କ ଏ କାର୍ଯ୍ୟକୁ କୁହାଯାଏ ସୃଷ୍ଟିରଚନା । ଏଥିପାଇଁ ତ ଈଶ୍ୱରଙ୍କୁ କୁହାଯାଏ ସୃଷ୍ଟିକର୍ତ୍ତା । ଈଶ୍ୱର ତ ଆତ୍ମାର ସୃଷ୍ଟିକର୍ତ୍ତା ନୁହନ୍ତି, ପ୍ରକୃତିର ମୂଳ

Digitized by srujanika@gmail.com

ଅଣୁପରମାଣୁର ସୃଷ୍ଟିକର୍ତ୍ତା ନୁହନ୍ତି, ଈଶ୍ୱର ଏ ଦୃଶ୍ୟମାନ ଜଗତର ସୃଷ୍ଟିକର୍ତ୍ତା ; ଅଉ ଏ ଦୃଶ୍ୟମାନ ଜଗତ ଅର୍ଥ ପ୍ରକୃତିର ମୂଳ ଅଣୁ-ପରମାଣୁରେ ଗୁଣ ଦେବା, ଫଳତଃ ଏ ଗୁଣାକୁ ପ୍ରକାଶ କରିବା ଉଦ୍ଦେଶ୍ୟର ଏଇ ଅଣୁ ପରମାଣୁ ଦୃଶ୍ୟମାନ ହୋଇ ଉଠିବା, ସୂକ୍ଷ୍ମରୁ ସ୍ଥୂଳ ହେବା ।

ଅମୃତମୟ ତେଜୋମୟ ଈଶ୍ୱର ଏ ଧର୍ମ ମଧ୍ୟରେ ମଧ୍ୟ ବ୍ୟାପକ ହୋଇ ରହିଛନ୍ତି । ଅର୍ଥାତ୍ ଈଶ୍ୱର ଏ ସମସ୍ତ ଧର୍ମର କାରଣ । ତେଣୁ ବୁଝିବାକୁ ହେବ ଯେ ଈଶ୍ୱର ଚାହାନ୍ତି, ସକଳ ପ୍ରାଣୀ ଧର୍ମଯୁକ୍ତ ହୁଅନ୍ତୁ । ଫଳତଃ ଦୁଃଖର ଭାଗୀ କେହି ନ ହୁଅନ୍ତୁ । ଏ ଯେଉଁ ସକଳ ଧର୍ମର, ମଙ୍ଗଳର, ଆନନ୍ଦର ସୁଖର କାରଣ ଈଶ୍ୱର, ଏ ଯେଉଁ ତେଜୋମୟ-ଅମୃତମୟ ଈଶ୍ୱର, ସେ ସେହି ଆତ୍ମା (ପରମଆତ୍ମା) ସେ ହିଁ ବ୍ରହ୍ମ, ସେ ହିଁ ଅମୃତ, ସେ ହିଁ ସମସ୍ତ, ଅନ୍ୟ କେହିଁ ନୁହେଁ ।

ଧର୍ମ ପାଳନ (କର୍ତ୍ତବ୍ୟ ପାଳନ) କେବଳ ଚେତନ ପ୍ରାଣୀ (ମନନଶୀଳ ପ୍ରାଣୀ) ପକ୍ଷରେ ସମ୍ଭବ । ଅଉ ଯେ ଆତ୍ମା ଏ ଧର୍ମ ମଧ୍ୟରେ ବ୍ୟାପକ, ସେ ମଧ୍ୟ ତଦ୍ରୂପ ଚେତନ ହେବା ସ୍ୱାଭାବିକ । ଅତଏବ ଏ ପରମ ଚେତନ-ସତ୍ତାହିଁ ବ୍ରହ୍ମ—କୌଣସି ଜଡ଼-ପଦାର୍ଥ ନୁହେଁ । ଋଷି ଏ କଥା କହିବା ପାଇଁ ଉପରୋକ୍ତ (ମନ୍ତ୍ର ୧୧) ଉଦାହରଣ ଦେଇଛନ୍ତି ।

"ଇଦଂ ସତ୍ୟଂ ସର୍ବେଷାଂ ଭୂତାନାଂ ମଧ୍ୱସ୍ୟ ସତ୍ୟସ୍ୟ ସର୍ବାଣି
ଭୂତାନି ମଧୁ ଯଶ୍ଚାୟମସ୍ମିନ୍ ସତ୍ୟେ ତେଜୋମୟୋଽମୃତମୟଃ
ପୁରୁଷୋ ଯଶ୍ଚାୟମଧ୍ୟାତ୍ମଂ ସାତ୍ୟସ୍ତେଜୋମୟୋଽମୃତମୟଃ
ପୁରୁଷୋଽୟମେବ ସ ଯୋଽୟମାତ୍ମେଦମମୃତମିଦଂ ସର୍ବମ୍ ।"(୦.୨)

Digitized by srujanika@gmail.com

"ଏହି ସତ୍ୟ ସମସ୍ତ ଭୂତମାନଙ୍କ ମଧୁ। ସମସ୍ତ ଭୂତ ଏ ସତ୍ୟର ମଧୁ। ଏ ସତ୍ୟରେ ଏ ଯେଉଁ ତେଜୋମୟ-ଅମୃତମୟ ପୁରୁଷ ଅଛନ୍ତି, ତଥା ଏ ଅଧ୍ୟାତ୍ମ ଜଗତରେ ଏ ଯେଉଁ ସତ୍ୟବ୍ୟାପୀ ତେଜୋମୟ-ଅମୃତମୟ ପୁରୁଷ ଅଛନ୍ତି, ସେ ଏହି ଆତ୍ମା (ପରମାତ୍ମା) ସେ ଅମୃତ, ସେ ବ୍ରହ୍ମ, ସେ ସମସ୍ତ।"

ଧର୍ମର ଦଶଟି ଲକ୍ଷଣ ମଧ୍ୟରୁ 'ସତ୍ୟ' ଗୋଟାଏ ଲକ୍ଷଣ। ଏ ସତ୍ୟ ଲକ୍ଷଣଯୁକ୍ତ ଧର୍ମ ଯେ ପ୍ରାଣୀମାନଙ୍କ ପକ୍ଷରେ ଅତି ପ୍ରିୟ, ମଧୁ ତୁଲ୍ୟ ପ୍ରିୟ, ଏ କଥା ଋଷି ଅଗରୁ କହି ସାରିଛନ୍ତି। ପୁନର୍ବାର ସେହି ସତ୍ୟକୁ ପ୍ରାଣୀମାନଙ୍କ ପକ୍ଷରେ ପ୍ରିୟ ବୋଲି କହିବାରେ ଋଷିଙ୍କର କି ଉଦ୍ଦେଶ୍ୟ ଅଛି, ଜାଣି ରଖିବା ଉଚିତ।

ସତ୍ୟ ଅର୍ଥ ଅସ୍ତିତ୍ୱ, ମିଥ୍ୟା ଅର୍ଥ ଅନସ୍ତିତ୍ୱ। ଯା' ଅଛି ତା ସତ୍ୟ, ଯା ନାହିଁ ତା' ଅସତ୍ୟ। ଯା ଅଛି ତାକୁ ନ ମାନିବା ନାସ୍ତିକତାର ଲକ୍ଷଣ। ସେହିମାନଙ୍କୁ ନାସ୍ତିକ କୁହାଯାଏ ଯେଉଁମାନେ ଈଶ୍ୱରଙ୍କର ଅସ୍ତିତ୍ୱକୁ ସ୍ୱୀକାର କରନ୍ତି ନାହିଁ। ପୁଣି ନାସ୍ତିକ ସେହିମାନଙ୍କୁ ମଧ୍ୟ କୁହାଯାଏ ଯେଉଁମାନେ ବେଦର ନିନ୍ଦା କରନ୍ତି। 'ନାସ୍ତିକୋ ବେଦ ନିନ୍ଦକଃ।' ବେଦ ଅର୍ଥ ଜ୍ଞାନ। ଏ ଜ୍ଞାନର ଯେଉଁମାନେ ନିନ୍ଦା କରନ୍ତି, ଅର୍ଥାତ୍ ଜ୍ଞାନାର୍ଜନ ପ୍ରତି ପରାଙ୍ମୁଖ ହୋଇ କେବଳ ବିଶ୍ୱାସ, ଅନ୍ଧବିଶ୍ୱାସ ଉପରେ ନିର୍ଭର କରି କର୍ମ କରନ୍ତି, ସେହିମାନେ ନାସ୍ତିକ। କାରଣ ନାସ୍ତିକ ଯେପରି ଈଶ୍ୱର ବିଶ୍ୱାସ ନ କରିବା ହେତୁରୁ ପାପ ପୁଣ୍ୟର ମଧ୍ୟ ବିଗ୍ଭର କରି ପାରେନା, ଫଳତଃ ସେ ଦୁଷ୍କର୍ମ ମଧ୍ୟ କରିବାକୁ ପଶ୍ଚାତ୍ପଦ ହୁଏନା, ସେହିପରି ଅଜ୍ଞାନୀ ଅନ୍ଧବିଶ୍ୱାସୀ ହୋଇ ଯେ କର୍ମ କରେ, ତା ପ୍ରକୃତରେ ବାସ୍ତବ ଅର୍ଥରେ କର୍ମ ହୁଏନା, ତା' ଅଧିକାଂଶ

କ୍ଷେତ୍ରରେ କୁକର୍ମ ବା ଅକର୍ମ ହୁଏ । ଏଥି କହିବାକୁ ସୁହାନ୍ତି ଯେ ଏ କୁକର୍ମ ବା ଅକର୍ମ ସେହିମାନେ କରନ୍ତି, ଯେଉଁମାନଙ୍କ ନା' ତ ଈଶ୍ୱରଙ୍କର ଅସ୍ତିତ୍ୱ ପ୍ରତି ବିଶ୍ୱାସ ଅଛି, ନା' ଜ୍ଞାନ ପ୍ରତି ଶ୍ରଦ୍ଧା । ତାହାବୋଲି ଯେ, ଯେଉଁମାନେ ଈଶ୍ୱର ବିଶ୍ୱାସୀ ତଥା ଜ୍ଞାନୀ, ସେମାନେ କଦାପି କୁକର୍ମ କରନ୍ତି ନାହିଁ, ଏପରି କଥା ନୁହେଁ । କିନ୍ତୁ ଏମାନେ ଯେ କୁକର୍ମ କରନ୍ତି, ତା ଅନ୍ତତଃ ଏ ଜ୍ଞାନ, ଈଶ୍ୱର ବିଶ୍ୱାସ ପାଇଁ ନୁହେଁ—ତା' ପ୍ରବୃତ୍ତିର ପ୍ରବଳ ପ୍ରକୋପ ପାଇଁ । ଏ ପ୍ରବଳ ପ୍ରବୃତ୍ତିକୁ ଅୟତ୍ତ କରିବା ପାଇଁ ସେମାନଙ୍କ ଯୋଗ୍ୟ ଜ୍ଞାନ ତଥା ଦୃଢ଼ ଈଶ୍ୱର ବିଶ୍ୱାସ ନାହିଁ ବୋଲି ସେମାନେ କୁକର୍ମ କରନ୍ତି । ଜ୍ଞାନ ଅର୍ଥ ଭଲମନ୍ଦ ବିଚାର କରିବାର ମାନସିକ ଶକ୍ତି ଆଉ ଈଶ୍ୱର ବିଶ୍ୱାସ ଅର୍ଥ ଦୋଷ କଲେ ଦଣ୍ଡ ପାଇବାର ଭୟ । ଏଥିପାଇଁ ଜ୍ଞାନୀ ତଥା ଈଶ୍ୱର-ବିଶ୍ୱାସୀ ସହଜରେ ପାପକର୍ମରେ ପ୍ରବୃତ୍ତ ହୁଏ ନା ।

ଜ୍ଞାନ ଯେ ମନୁଷ୍ୟ ପାଇଁ ଏକାନ୍ତ ଅବଶ୍ୟକ, ଏପରିକି ଈଶ୍ୱର-ପ୍ରାପ୍ତି ପାଇଁ ମଧ୍ୟ ଜ୍ଞାନ ଅବଶ୍ୟକ, ଏ କଥା ଅନେକେ ଅସ୍ୱୀକାର କରନ୍ତି । କିନ୍ତୁ ନାସ୍ତିକତାର ଦୂରୀକରଣ ପାଇଁ ମନୁଷ୍ୟ ପକ୍ଷରେ ସତ୍ୟ ଅବଶ୍ୟକ, ଅର୍ଥାତ୍ ସତ୍ୟ ଜ୍ଞାନ, ଯଥାର୍ଥ ଜ୍ଞାନ ଅବଶ୍ୟକ, ଈଶ୍ୱର ବିଶ୍ୱାସ, ଈଶ୍ୱର ଭକ୍ତି ଅବଶ୍ୟକ, ଜ୍ଞାନାର୍ଜ୍ଜନ ପାଇଁ ପବିତ୍ର ଶ୍ରଦ୍ଧା ଅବଶ୍ୟକ । ଫଳତଃ ଏ ସତ୍ୟ ପ୍ରତି ମନୁଷ୍ୟ ମନରେ ପ୍ରିୟ ଭାବ ରହିବା ସ୍ୱାଭାବିକ । ଏ ସତ୍ୟ ପ୍ରତି ଅବହେଳା କରିବା ଅର୍ଥ ଈଶ୍ୱରଙ୍କ ପ୍ରତି ଅବହେଳା କରିବା—ଜ୍ଞାନ ପ୍ରତି ଅବହେଳା କରିବା । କାରଣ ତେଜୋମୟ ଅମୃତମୟ ଈଶ୍ୱର ଏ ସତ୍ୟ ମଧ୍ୟରେ ବ୍ୟାପକ ହୋଇ ରହିଛନ୍ତି ଅର୍ଥାତ୍ ସତ୍ୟକୁ ମାନିବା ଅର୍ଥ ଈଶ୍ୱରଙ୍କୁ ମାନିବା— ଜ୍ଞାନକୁ ମାନିବା ଅର୍ଥ ଈଶ୍ୱରଙ୍କୁ ମାନିବା ।

Digitized by srujanika@gmail.com

ଯେ ଈଶ୍ୱର ଏ ସତ୍ୟ ମଧ୍ୟରେ ବ୍ୟାପକ, ଅର୍ଥାତ୍ ଯେ ଈଶ୍ୱର ଜ୍ଞାନ ଦ୍ୱାରା ପ୍ରାପ୍ତ ହୁଅନ୍ତି, କେବଳ ବିଶ୍ୱାସ ଦ୍ୱାରା ନୁହେଁ, ସେ ଈଶ୍ୱରଙ୍କୁ ପାଇବା ପାଇଁ କେବଳ ନାମ ଜପିବା ସାଧନ ନୁହେଁ, ସାଧନା କରିବାହିଁ ସାଧନ । ସାଧନ ବିନା ଈଶ୍ୱର ଅପ୍ରାପ୍ୟ। ଏ ସାଧନା ଦ୍ୱାରା ଯେ ଈଶ୍ୱର ପ୍ରାପ୍ତ ହୁଅନ୍ତି, ସେ ଈଶ୍ୱର ପରମ ଆତ୍ମା, ସେ ଅମୃତ, ସେ ବ୍ରହ୍ମ, ସେହିଁ ଏ ଜଗତରେ ହର୍ତ୍ତାକର୍ତ୍ତା ବିଧାତା । ଅନ୍ୟ କେହି ସତ୍ୟ ମଧ୍ୟରେ ବ୍ୟାପକ ହୋଇ ପାରନ୍ତି ନାହିଁ, ଅର୍ଥାତ୍ ଅନ୍ୟ କାହାରର ଅସ୍ତିତ୍ୱ ସ୍ଥାୟୀ ନୁହେଁ, ତଥା ଅନ୍ୟ କାହାରକୁ ଜାଣିବା ପାଇଁ ଜ୍ଞାନ (ଆଧ୍ୟାତ୍ମିକ ଜ୍ଞାନ) ର ଆବଶ୍ୟକତା ନାହିଁ, ତେଣୁ ଅନ୍ୟ କେହି ଈଶ୍ୱର ମଧ୍ୟ ହୋଇ ପାରନ୍ତି ନାହିଁ ।

"ଇଦଂ ମାନୁଷଂ ସର୍ବେଷାଂ ଭୂତାନାଂ ମଧ୍ୱସ୍ୟ ମାନୁଷସ୍ୟ
ସର୍ବାଣି ଭୂତାନି ମଧୁ ଯଶ୍ଚାୟମସ୍ମିନ୍ ମାନୁଷେ ତେଜୋମୟୋଽ-
ମୃତମୟଃ ପୁରୁଷୋ ଯଶ୍ଚାୟମଧ୍ୟାତ୍ମଂ ମାନୁଷସ୍ତେଜୋମୟୋଽ-
ମୃତମୟଃ ପୁରୁଷୋମେବ ସ ଯୋଽୟମାତ୍ମେଦମମୃତମିଦଂ ବ୍ରହ୍ମେଦଂ
ସର୍ବମ୍ ।" (୧୩)

"ଏ ମନୁଷ୍ୟ ସମସ୍ତ ଜୀବର ମଧୁ । ଆଉ ସମସ୍ତ ଜୀବ ଏ ମନୁଷ୍ୟର ମଧୁ । ଏ ମନୁଷ୍ୟ ମଧ୍ୟରେ ଏ ଯେଉଁ ତେଜୋମୟ-ଅମୃତମୟ ପୁରୁଷ ଅଛନ୍ତି, ତଥା ଅଧ୍ୟାତ୍ମ ସମ୍ବନ୍ଧୀ ମନୁଷ୍ୟବ୍ୟାପୀ ଏ ଯେଉଁ ତେଜୋମୟ-ଅମୃତମୟ ପୁରୁଷ ଅଛନ୍ତି, ସେ ଆତ୍ମା, ସେ ଅମୃତ, ସେ ବ୍ରହ୍ମ, ସେ ସର୍ବସ୍ୱ ।"

ମନୁଷ୍ୟ ଅନ୍ୟାନ୍ୟ ପ୍ରାଣୀମାନଙ୍କ ପକ୍ଷରେ ମଧୁ ତୁଲ୍ୟ ପ୍ରିୟ । ମନୁଷ୍ୟ ଏଥିପାଇଁ ମନୁଷ୍ୟ ଯେ ସେ ମନନଶୀଳ, ବିଚାରବାନ । ବିଚାରବାନ ମନୁଷ୍ୟ ଯେ କର୍ମ କରେ, ସେ କର୍ମ ଯେ ଅନ୍ୟାନ୍ୟ

Digitized by srujanika@gmail.com

ପ୍ରାଣୀର ମଙ୍ଗଳର କାରଣ ହେବ, ସେମାନଙ୍କର ଦୁଃଖର କାରଣ ହେବ ନାହିଁ, ଏ କଥା ସତ୍ୟ । ମନୁଷ୍ୟ ଯେତେବେଳେ ବିଚାର ବିହୀନ ଭାବରେ କର୍ମ କରେ, ଅର୍ଥାତ୍ ଅବିଚାର କରେ, ଏ ଅବିଚାର ଅନ୍ୟାନ୍ୟ ପ୍ରାଣୀର ଦୁଃଖର କାରଣ ସିଦ୍ଧ ହୁଏ । ଏ ବିଚାର ଶକ୍ତି, ଏ ବିବେଚନା କରିବାର ଶକ୍ତି ମନୁଷ୍ୟର ଅଛି ବୋଲି ମନୁଷ୍ୟ ଅନ୍ୟାନ୍ୟ ପ୍ରାଣୀମାନଙ୍କ ଅପେକ୍ଷା ଶ୍ରେଷ୍ଠ, ଆଉ ଏଥିପାଇଁ ଏ ପ୍ରାଣୀକୁ (ମନୁଷ୍ୟକୁ) କେବଳ ପ୍ରାଣୀ କୁହା ନ ଯାଇ କୁହାଯାଏ ମନୁଷ୍ୟ । ଏ ମନୁଷ୍ୟ ଯେତେବେଳେ ବିଚାର ଶକ୍ତିହୀନ, ବିବେଚନାଶକ୍ତିହୀନ ହୋଇ ପଡ଼େ, ସେତେବେଳେ ମନୁଷ୍ୟକୁ ମନୁଷ୍ୟ ନ କହି କୁହାଯାଏ 'ପଶୁ' । କାରଣ ସେତେବେଳେ ମନୁଷ୍ୟ ପଶୁ ତୁଲ୍ୟ ବିଚାରବିହୀନ ହୋଇ ପଡ଼େ । ଯେ ମନୁଷ୍ୟ ପଶୁ ତୁଲ୍ୟ ବିଚାରବିହୀନ ହୋଇ ପଡ଼େ, ସେ ପଶୁ ତୁଲ୍ୟ କର୍ମ ମଧ୍ୟ କରେ । ଫଳତଃ ସେ ଅନ୍ୟାନ୍ୟ ଜୀବ ପ୍ରତି ସଦୟ ହୋଇ ପାରେ ନା । ଅନ୍ୟାନ୍ୟ ଜୀବର ରକ୍ଷକ ହେବା ପରିବର୍ତ୍ତେ ସେ ସେମାନଙ୍କର ଭକ୍ଷକ ସିଦ୍ଧ ହୁଏ । ତେଣୁ ଅନ୍ୟାନ୍ୟ ଜୀବ ପକ୍ଷରେ ସେ ପ୍ରିୟ ହୋଇ ପାରେ ନା । କିନ୍ତୁ ଯେ ବିଚାରବାନ, ଯେ ଅନ୍ୟାନ୍ୟ ଜୀବ ପ୍ରତି ସଦୟ, ସେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ପ୍ରତି ମଧ୍ୟ ତୁଲ୍ୟ ପ୍ରିୟ ହୁଏ । ଆଉ ଯେ ଅନ୍ୟାନ୍ୟ ପ୍ରାଣୀ ପ୍ରତି ମଧ୍ୟ ତୁଲ୍ୟ ପ୍ରିୟ ହୁଏ, ସେ ବାସ୍ତବ ଅର୍ଥରେ ମନୁଷ୍ୟ, ଏ କଥା ଋଷି ଉପରୋକ୍ତ ମନ୍ତ୍ରରେ କହୁଛନ୍ତି ।

ତେଜୋମୟ-ଅମୃତମୟ ଈଶ୍ୱର ମନୁଷ୍ୟ ମଧ୍ୟରେ ବ୍ୟାପକ ହୋଇ ରହିଛନ୍ତି । ବିଚାରବାନ ହେଉ, ଅବିଚାରବାନ ହେଉ ଈଶ୍ୱର ସମସ୍ତ ମନୁଷ୍ୟ ମଧ୍ୟରେ ବ୍ୟାପକ ହୋଇ ରହିଛନ୍ତି । ଈଶ୍ୱର

Digitized by srujanika@gmail.com

ଅତି ଉତ୍ତମ କ୍ଷେତ୍ରରେ ଅତି ସ୍ପଷ୍ଟଭାବରେ ପ୍ରକାଶବାନ ହୁଅନ୍ତି, ଏ କଥା କହିବାକୁ ଯାଇ ଋଷି କହୁଛନ୍ତି ଯେ ଈଶ୍ୱର ସମଗ୍ର ମନୁଷ୍ୟବ୍ୟାପୀ ହେଲେ ମଧ୍ୟ ସେ ସେହି ମନୁଷ୍ୟ ମଧ୍ୟରେ ଅତି ଉତ୍ତମଭାବରେ ପ୍ରକାଶିତ ହେଉଛନ୍ତି ଅର୍ଥାତ୍ ଈଶ୍ୱରଙ୍କ ପ୍ରଭାବ ସେ ମନୁଷ୍ୟ ମଧ୍ୟରେ ଅତି ଉତ୍ତମଭାବରେ ଆତ୍ମପ୍ରକାଶ କରୁଛି ଯେ ମନୁଷ୍ୟ କ ଚରିତ୍ରବାନ, ଫଳତଃ ଅନ୍ୟାନ୍ୟ ଜୀବ ପ୍ରତି ଦୟାବାନ ତଥା ପ୍ରିୟବାନ୍ । ଏ ଯେଉଁ ଈଶ୍ୱର ମନୁଷ୍ୟ ମଧ୍ୟରେ ବିଦ୍ୟମାନ, ସେ ହିଁ ପରମ ଆତ୍ମା, ସେ ହିଁ ବ୍ରହ୍ମ, ସେ ହିଁ ଅମୃତ, ସେ ହିଁ ସମସ୍ତ । ମନୁଷ୍ୟ ମଧ୍ୟରେ ମନୁଷ୍ୟ ତ ବ୍ୟାପକ ହୋଇ ପାରେ ନା । ତେଣୁ କୌଣସି ମନୁଷ୍ୟକୁ, କୌଣସି ଅବସ୍ଥାକୁ, କୌଣସି ଆକାରପ୍ରକାରଯୁକ୍ତ ପ୍ରାଣୀକୁ ଈଶ୍ୱର ମନେ କରିବା ଅର୍ଥ ନିଜକୁ ନାସ୍ତିକ ସିଦ୍ଧ କରିବା, ଏହାହିଁ ଋଷିଙ୍କର ଉପରୋକ୍ତ ମନ୍ତ୍ରର ଆଶୟ ।

ଅୟମାତ୍ମା ସର୍ବେଷାଂ ଭୂତାନାଂ ମଧ୍ୱସ୍ୟାତ୍ମନଃ ସର୍ବାଣି ଭୂତାନି ମଧୁୟଶ୍ଚାୟମସ୍ମିନ୍ନାତ୍ମନି ତେଜୋମୟୋଽମୃତମୟଃ ପୁରୁଷଶ୍ଚାୟମାତ୍ମା ତେଜୋମୟୋଽମୃତମୟଃ ପୁରୁଷୋଽୟମେବ ସ ଯୋଽୟମାତ୍ମେଦମମୃତମିଦଂ ବ୍ରହ୍ମେଦଂ ସର୍ବମ୍ (୧୪) ।

"ଏ ଆତ୍ମା ସମସ୍ତ ଭୂତମାନଙ୍କ ମଧୁ । ସମସ୍ତ ଭୂତ ଏ ଆତ୍ମାର ମଧୁ । ଏ ଆତ୍ମାରେ ଏ ଯେଉଁ ତେଜୋମୟ-ଅମୃତମୟ ପୁରୁଷ ଅଛନ୍ତି, ତଥା ଅଧ୍ୟାତ୍ମ ସମ୍ବନ୍ଧୀ ଆତ୍ମାବ୍ୟାପୀ ଏ ଯେଉଁ ତେଜୋମୟ-ଅମୃତମୟ ପୁରୁଷ ଅଛନ୍ତି, ସେ ସେହି ଆତ୍ମା (ପରମ ଆତ୍ମା), ସେ ଅମୃତ, ସେ ବ୍ରହ୍ମ, ସେ ହିଁ ସମସ୍ତ ।"

ମନୁଷ୍ୟ କହିଲେ ମନୁଷ୍ୟର ସ୍ଥୂଳ ଶରୀର ତଥା ସୂକ୍ଷ୍ମ ଚେତନ-ଶକ୍ତି ଆତ୍ମାକୁ ବୁଝାଇବ । କିନ୍ତୁ ଆତ୍ମା କହିଲେ ମନୁଷ୍ୟର

Digitized by srujanika@gmail.com

ଏ ସ୍ଥୂଳ ଶରୀରକୁ ବାଦ୍ ଦେଲେ ଯେ 'ଚେତନ-ଶକ୍ତି', ଯେ 'ଜୀବନୀ-ଶକ୍ତି' ବାକୀ ରହିଲା, ତା' ଆତ୍ମା । ଏ ଆତ୍ମା ଅନ୍ୟାନ୍ୟ ପ୍ରାଣୀମାନଙ୍କ ପକ୍ଷରେ ମଧ୍ୟ ତୁଲ୍ୟ ପ୍ରିୟ । ଅର୍ଥାତ୍ ଆତ୍ମା ବିନା ପ୍ରାଣୀ ପ୍ରାଣବନ୍ତ ହୋଇ ପାରେ ନା ବୋଲି ତାକୁ ପ୍ରାଣୀ ପର୍ଯ୍ୟନ୍ତ କୁହାଯାଇ ପାରେ ନା । ସ୍ଥୂଳ ଶରୀର ଯେତେବେଳେ ଆତ୍ମଯୁକ୍ତ ହୁଏ, ଅର୍ଥାତ୍ ଚେତନ-ଶକ୍ତି-ସମ୍ପନ୍ନ ହୁଏ, ସେତେବେଳେ ତାକୁ ପ୍ରାଣୀ କୁହାଯାଏ । ଅତଏବ ଆତ୍ମା ପ୍ରାଣୀ ପକ୍ଷରେ ନିତାନ୍ତ ଆବଶ୍ୟକ ହେତୁ ଥିବାରୁ ପ୍ରାଣୀମାନଙ୍କ ପକ୍ଷରେ ତା' ଅତି ପ୍ରିୟ, ମଧ୍ୟ ତୁଲ୍ୟ ପ୍ରିୟ ହେବା ସ୍ୱାଭାବିକ ।

ଆଉ ଈଶ୍ୱର ଯେ କେବଳ ପ୍ରାଣୀର ଏ ସ୍ଥୂଳ ଶରୀର ମଧ୍ୟରେ, ପ୍ରାଣୀର ଅବୟବ ମଧ୍ୟରେ ବ୍ୟାପକ ହୋଇ ରହିଛନ୍ତି, ତା ନୁହେଁ । ସେ ପ୍ରାଣୀର ଅତି ସୂକ୍ଷ୍ମ 'ଚେତନ-ଶକ୍ତି' ମଧ୍ୟରେ ମଧ୍ୟ ବ୍ୟାପକ ହୋଇ ରହିଛନ୍ତି । ଏଥିପାଇଁ ପ୍ରମାଣ ଏହା ଯେ ଈଶ୍ୱର ଅତି ସୂକ୍ଷ୍ମ । ଆଉ ଈଶ୍ୱର ଅତି ସୂକ୍ଷ୍ମ ହୋଇ ଥିବାରୁ ସେ ସର୍ବବ୍ୟାପକ । ଆକାଶ ସୂକ୍ଷ୍ମ ତତ୍ତ୍ୱ ବୋଲି ସେ ମଧ୍ୟ ବ୍ୟାପକ, ପବନ ମଧ୍ୟ ସୂକ୍ଷ୍ମ ପଦାର୍ଥ ହୋଇଥିବାରୁ ସେ ମଧ୍ୟ ବ୍ୟାପକ—ଅଗ୍ନି, ଜଳ, କ୍ଷିତି ସୂକ୍ଷ୍ମ ପଦାର୍ଥ ନୁହନ୍ତି ବୋଲି ଏମାନେ ବ୍ୟାପକ ମଧ୍ୟ ନୁହନ୍ତି । ଈଶ୍ୱର କିନ୍ତୁ ଏ ପଞ୍ଚମହାଭୂତ ଠାରୁ, ଆକାଶ ଠାରୁ, ବାୟୁ ଠାରୁ ଅଧିକ ସୂକ୍ଷ୍ମ ବୋଲି ସେ କେବଳ ବ୍ୟାପକ ନୁହନ୍ତି—ସେ ସର୍ବବ୍ୟାପକ । ଯେ ଈଶ୍ୱର ସ୍ଥୂଳ ପଦାର୍ଥ ମଧ୍ୟରେ ଏପରି ସୂକ୍ଷ୍ମଭାବରେ ବ୍ୟାପକ, ସେ ତେଜୋମୟ, ସେ ଅମୃତମୟ । ଅର୍ଥାତ୍ ଏ ଈଶ୍ୱରଙ୍କର ବିନାଶ ନାହିଁ—ପରିବର୍ତ୍ତନ ନାହିଁ ବିବର୍ତ୍ତନ ନାହିଁ । ଆଉ ଯେ ଅପରିବର୍ତ୍ତନୀୟ, ସେ ତେଜୋମୟ ହେବା ସ୍ୱାଭାବିକ । ସୂର୍ଯ୍ୟ ଏଥିପାଇଁ ତେଜୋମୟ ଯେ ସୂର୍ଯ୍ୟ-ତେଜର ପରିବର୍ତ୍ତନ ହୁଏ ନା । ମନୁଷ୍ୟର ରୂପ-ତେଜର ହ୍ରାସ

Digitized by srujanika@gmail.com

ଏଥିପାଇଁ ହୁଏ ଯେ ମନୁଷ୍ୟ ଶରୀରର ପରିବର୍ତ୍ତନ ସମ୍ଭବ ହୁଏ । ଆଉ ମନୁଷ୍ୟର ରୂପ ମନୁଷ୍ୟର ଶରୀର ସଙ୍ଗରେ ଅଙ୍ଗାଙ୍ଗୀଭାବରେ ଜଡ଼ିତ । ଏ ଯେଉଁ ଆତ୍ମା ତେଜୋମୟ, ଅମୃତମୟ, ଏ ଆତ୍ମାହିଁ ପରମ ଆତ୍ମା । ଏ ଆତ୍ମା ଅମୃତ, ଏ ଆତ୍ମାକୁ କୁହାଯାଏ ବ୍ରହ୍ମ । ଆଉ ଏ ବ୍ରହ୍ମହିଁ ଏ ଜଗତର ସର୍ବସ୍ୱ । ଏ ପରମ ଆତ୍ମାକୁ ଛାଡ଼ ଅନ୍ୟ କୌଣସି ସାଧାରଣ ଆତ୍ମାକୁ ବ୍ରହ୍ମ ମନେ କରିବା, ଅମୃତ ମନେ କରିବା ନାସ୍ତିକତାର ଲକ୍ଷଣ । କାରଣ ଅନ୍ୟ କେହି ଏ ପରମ ଆତ୍ମା ପରି ତେଜୋମୟ-ଅମୃତମୟ ହୋଇ ପାରେ ନା । ଫଳତଃ ସେ ସର୍ବବ୍ୟାପକ ହୋଇ ପାରେ ନା ।

ଯେ ପରମଆତ୍ମା ସମଗ୍ର ଜଗତର କର୍ତ୍ତା, ସେ ସର୍ବବ୍ୟାପକ ହେବା ସ୍ୱାଭାବିକ । ସେ ସର୍ବବ୍ୟାପକ ନ ହେଲେ ସମଗ୍ର ଜଗତର କର୍ତ୍ତା କପରି ହୋଇ ପାରିବ ? କିନ୍ତୁ ଯେ ଆତ୍ମା ଶରୀର ଧାରଣ କାଳରେ କେବଳ ଦୃଶ୍ୟମାନ ହୁଏ, ସେ ଏକଦେଶଦେଶୀ ହେବା ସ୍ୱାଭାବିକ । ଏ ଏକଦେଶଦେଶୀ ଆତ୍ମାକୁ ସର୍ବବ୍ୟାପକ ମନେ କରିବା ଅର୍ଥ ମିଥ୍ୟାକୁ ସତ୍ୟ ବୋଲି ଗ୍ରହଣ କରିବା ।

ସଂସାରରେ ଜଡ଼ସ୍ଥ ଆତ୍ମାର ସତ୍ତା ରହିଛି । ତେଣୁ ତାହାହିଁ ସତ୍ । ଏ ଜଡ଼ସ୍ଥ ଆତ୍ମାର 'ଚେତନ-ଶକ୍ତି' ରହିଛି । ତେଣୁ ତାହାହିଁ ଚିତ୍ । କିନ୍ତୁ ଜଡ଼ସ୍ଥ ଆତ୍ମାଠାରେ 'ଆନନ୍ଦ' ନାହିଁ । ଯେ ଆତ୍ମାଠାରେ ଆନନ୍ଦ ଅଛି ସେ ସଚ୍ଚିଦାନନ୍ଦ; ଆଉ ଏ ସଚ୍ଚିଦାନନ୍ଦହିଁ ବ୍ରହ୍ମ । ଯେ ଆତ୍ମା ଆନନ୍ଦରହିତ, ସେ ଜୀବ । ଏଥିପାଇଁ ଜୀବ (ଜଡ଼କୋଟିର ଜୀବ ମନୁଷ୍ୟାଦି) ଆନନ୍ଦ ପାଇବା ପାଇଁ, ବ୍ରହ୍ମକୁ ପାଇବା ପାଇଁ ସଂସାର ବନ୍ଧନରୁ ମୁକ୍ତି-କାମନା କରେ । ତେଣୁ ସେ ତପସ୍ୟା କରେ । ଜୀବଠାରେ ଆନନ୍ଦ ଥିଲେ ସେ ତପସ୍ୟା କରନ୍ତା କାହିଁକି ? ଏ

Digitized by srujanika@gmail.com

ଜୀବକୁ, ଅନେକ ସମୟରେ ଭ୍ରମବଶତଃ ମନୁଷ୍ୟ ବ୍ରହ୍ମ ମନେ କରେ । ତେଣୁ ଋଷି କହୁଛନ୍ତି ଯେ, ଯେ ବ୍ରହ୍ମ ସେ ଜୀବ ନୁହେ, ଆଉ ଯେ ଜୀବ ସେ ବ୍ରହ୍ମ ନୁହେ । ଜୀବ ଆଉ ବ୍ରହ୍ମ ମଧ୍ୟରେ ଏ ପାର୍ଥକ୍ୟ ଦର୍ଶାଇବା ପାଇଁ ଋଷି କହୁଛନ୍ତି ଯେ ବ୍ରହ୍ମ ତେଜୋମୟ । ଏ ବ୍ରହ୍ମ ତେଜୋମୟ ଏଥିପାଇଁ ଯେ ସେ ସର୍ବଦା ଆନନ୍ଦମୟ । ଆଉ ଏ ବ୍ରହ୍ମ ଆନନ୍ଦମୟ ଏଥିପାଇଁ ଯେ ଏ ବ୍ରହ୍ମର କୌଣସି ପ୍ରକାର କାମନା ନାହିଁ—ତେଣୁ ତାର କୌଣସି ପ୍ରକାର ଅଭାବ ନାହିଁ । ଫଳତଃ ତାର କୌଣସି ପ୍ରକାର ଦୁଃଖ ନାହିଁ ।

ଜୀବର ଆନନ୍ଦର ଅଭାବ ରହୁଛି । ଫଳତଃ ଜୀବ ପକ୍ଷରେ ତେଜୋହୀନ ହେବାର ସମ୍ଭାବନା ରହୁଛି । ତେଜୋହୀନ ହେବା ଅର୍ଥ ପରିବର୍ତ୍ତନର ସମ୍ମୁଖୀନ ହେବା । ଆଉ ଯେ ପରିବର୍ତ୍ତନଶୀଳ ସେ ଅମୃତ ହୋଇ ପାରେ ନା । ତେଣୁ ଜୀବ ଅମୃତ ନୁହେ, ବ୍ରହ୍ମ ଅମୃତ । ଆଉ ଏ ବ୍ରହ୍ମକୁହିଁ ଜଗତର ସର୍ବସ୍ୱ ମନେ କରିବା ଉଚିତ, ଜୀବକୁ ନୁହେଁ । ଋଷି ଉପରୋକ୍ତ ମନ୍ତ୍ର ଦ୍ୱାରା ଏ ତଥ୍ୟର ରହସ୍ୟ ଉଦ୍‌ଘାଟନ କରିଛନ୍ତି ।

ଏ ପର୍ଯ୍ୟନ୍ତ ଋଷି ଈଶ୍ୱରଙ୍କର ସର୍ବବ୍ୟାପକତା ତଥା ସେ ଯେ ଅତି ସୂକ୍ଷ୍ମ, ଏ ତଥ୍ୟକୁ ପ୍ରମାଣିତ କରିବା ପାଇଁ ଅନେକ ଉଦାହରଣ ଦେଇ ଆସିଛନ୍ତି । ସେ ଯେ ସ୍ଥୂଳ-ସୂକ୍ଷ୍ମ, ଦୃଶ୍ୟମାନ ଅଦୃଶ୍ୟମାନ, ପାର୍ଥିବ-ଅପାର୍ଥିବ, ଏ ଉଭୟ ଜଗତରେ ବ୍ୟାପକ, ଏ କଥା ସେ କହି ଆସିଛନ୍ତି । ସେ ଯେ ବାହ୍ୟ ଜଗତରେ ତଥା ଅଧ୍ୟାତ୍ମ ଜଗତରେ ସର୍ବଦା ସମାନ ରୂପରେ ବ୍ୟାପକ, ଏ କଥା ବାରମ୍ବାର କହି ଆସିଛନ୍ତି ।

Digitized by srujanika@gmail.com

ଋଷି ବାରମ୍ବାର କହୁଛନ୍ତି, ଯେ ଈଶ୍ୱର ମନୁଷ୍ୟର ସ୍ଥୂଳ ଶରୀର ତଥା ସୂକ୍ଷ୍ମ ଶରୀର, ଏ ଉଭୟ ଶରୀର ମଧ୍ୟରେ ବ୍ୟାପକ । ମନୁଷ୍ୟର ସ୍ଥୂଳଶରୀର ପଞ୍ଚମହାଭୂତରେ ନିର୍ମିତ । ଅଉ ଏ ପଞ୍ଚମହାଭୂତ ହେଉଛନ୍ତି ପୃଥିବୀ, ଅପ, ଅଗ୍ନି, ବାୟୁ, ଅକାଶ । ତେଣୁ ଋଷି ୧ ଠାରୁ ୫ ପର୍ଯ୍ୟନ୍ତ ମନ୍ତ୍ରରେ ପୃଥିବୀ, ଅପ, ଅଗ୍ନି, ବାୟୁ, ଅକାଶରେ ଈଶ୍ୱର ବ୍ୟାପକ ବୋଲି କହି ଅସିଛନ୍ତି । ତା' ପରେ ଈଶ୍ୱର ଯେ ମନୁଷ୍ୟର ସୂକ୍ଷ୍ମ ଶରୀରରେ ମଧ୍ୟ, ବ୍ୟାପକ ଏ କଥା କହିବାକୁ ଯାଇ ୬ ଠାରୁ ୮ ପର୍ଯ୍ୟନ୍ତ ମନ୍ତ୍ରରେ ଋଷି କହୁଛନ୍ତି ଯେ ଈଶ୍ୱର ଅଦିତ୍ୟ, ଦିଶା ତଥା ଚନ୍ଦ୍ର ମଧ୍ୟରେ ବ୍ୟାପକ ।

ଅଦିତ୍ୟ ଚକ୍ଷୁର ଉପଲକ୍ଷଣ ମାତ୍ର । ଅଦିତ୍ୟ ବିନା ଅର୍ଥାତ୍ ଅଲୋକ ବିନା ଚକ୍ଷୁ ଥିଲେ ସୁଦ୍ଧା ମନୁଷ୍ୟ ଦେଖି ପାରେ ନା; ଅତଏ ଅଲୋକର କାରଣ ଅଦିତ୍ୟ । ତେଣୁ ଦର୍ଶନେନ୍ଦ୍ରିୟର କାରଣ ମଧ୍ୟ ଅଦିତ୍ୟ । ସେହିପରି ଦିଶା ଶ୍ରୋତ୍ରର ଉପଲକ୍ଷଣ ମାତ୍ର । ଦିଶା ଅର୍ଥାତ୍ ଶୂନ୍ୟତା ନ ଥିଲେ କାନ ଥିଲେ ସୁଦ୍ଧା ମନୁଷ୍ୟ କିଛି ଶୁଣି ପାରିବ ନାହିଁ । କାରଣ, ଶବ୍ଦ ଏହି ଶୂନ୍ୟତାର ପଥ ଦେଇ ଅନ୍ୟର କର୍ଣ୍ଣ-କୁହରରେ ପ୍ରବେଶ କରେ । ତେଣୁ ଶ୍ରୋତ୍ରର କାରଣ ଦିଶା । ଚନ୍ଦ୍ର, ମନର ଉପଲକ୍ଷଣ । ଉଲ୍ଲସିତ ହେବା ବା ବିଷାଦଗ୍ରସ୍ତ ହେବା ମନର ଗୁଣ । ଅଉ ମନର ଏ ଗୁଣର କାରଣ ଚନ୍ଦ୍ର । ଚନ୍ଦ୍ର, କିରଣ ଶୀତଳ ତଥା ଅହ୍ଲାଦ କର । ଅଉ ଏ ଶୀତଳ କିରଣ ମନୁଷ୍ୟର ଅନନ୍ଦର କାରଣ । କାରଣ ଜୁହ୍ନା ରାତରେ; ବିଶେଷ ଭାବରେ କାମବାସନା ପ୍ରଖର ହୁଏ । ଫଳତଃ ଜୁହ୍ନା ରାତରେହିଁ ଭୋଗ କରିବାର ପ୍ରବୃତ୍ତି ପ୍ରବଳ ଭାବରେ ମନୁଷ୍ୟ ମନରେ ଜାଗେ । ଅଉ ଏ ଭୋଗ କରିବାର ପ୍ରବୃତ୍ତି ମନର ଗୁଣ ।

Digitized by srujanika@gmail.com

କାମଶାସ୍ତ୍ରାନୁସାରେ ନାରୀମାନେ ବିଶେଷଭାବରେ ଏ ଚାଂଦନୀ ରାତିରେ କାମାତୁର ହୁଅନ୍ତି ବୋଲି ସେମାନଙ୍କୁ ଚନ୍ଦ୍ରବଦନୀ, ଚନ୍ଦ୍ରମୁଖୀ ଆଦି ବିଶେଷଣରେ ଯୁକ୍ତ କରିବାର ଗୋଟିଏ ପ୍ରାଚୀନ ପ୍ରଥା ଅଧୁନିକ କାଳ ପର୍ଯ୍ୟନ୍ତ ରହିଛି । ନାରୀଙ୍କୁ କେବେ କେହି ସୂର୍ଯ୍ୟବଦନୀ, ସୂର୍ଯ୍ୟମୁଖୀ ବୋଲି ତ ଡାକେ ନା । ସୂର୍ଯ୍ୟ-କିରଣ ମନୁଷ୍ୟ ପକ୍ଷରେ ଅବଶ୍ୟକ ବୋଲି ତା' ତା ପକ୍ଷରେ ଆନନ୍ଦର କାରଣ—ତା ଅହ୍ଲାଦକର ବୋଲି ନୁହେଁ । ଚନ୍ଦ୍ରକିରଣ ପରି ସୂର୍ଯ୍ୟକିରଣ ମନୁଷ୍ୟର ମନକୁ ଅହ୍ଲାଦ ଦେଇ ପାରେନା । ସୂର୍ଯ୍ୟ-କିରଣ କାମରେ ପ୍ରବୃତ୍ତ ହେବାକୁ ପ୍ରେରଣା ଦିଏନା—କର୍ମରେ ପ୍ରବୃତ୍ତ ହେବାକୁ ପ୍ରେରଣା ଦିଏ । ସୂର୍ଯ୍ୟ କିରଣର ପ୍ରାଚୁର୍ଯ୍ୟ ମନୁଷ୍ୟର ମନକୁ ଯେତେ ଆନନ୍ଦ ଦିଏ ସେତେ ତା' ମନୁଷ୍ୟ ମନର କ୍ଲେଶର କାରଣ ମଧ୍ୟ ସିଦ୍ଧ ହୁଏ । କିନ୍ତୁ ଚନ୍ଦ୍ର କିରଣର ପ୍ରଖରତା ଅର୍ଥ ଚନ୍ଦ୍ରକିରଣର ଅତି ସ୍ନିଗ୍ଧତା । ଚନ୍ଦ୍ରକିରଣର ଏ ଅତି ସ୍ନିଗ୍ଧତା ଅର୍ଥାତ୍ ଅତି ଉଜ୍ଜ୍ୱଳତା ମନୁଷ୍ୟ ମନର ଦୁଃଖର କାରଣ ହେବା ତ ସମ୍ଭବ ନୁହେଁ । ସୂର୍ଯ୍ୟକିରଣ ଅସ୍ତ ପ୍ରକାଶ କଲେ ଅର୍ଥାତ୍ ପ୍ରଭାତ ବେଳା ଆସିଲେ ମନୁଷ୍ୟ ମନର ଭୋଗ ପ୍ରବୃତ୍ତି ନିବୃତ୍ତ ସିନା ହୁଏ, ପ୍ରବୃତ୍ତ ହୁଏନା । ତେଣୁ ଚନ୍ଦ୍ର-କିରଣକୁ ମନୁଷ୍ୟ ମନର ଉପଲକ୍ଷଣ ଭାବରେ ଋଷି ଏଠାରେ ଉପସ୍ଥାପିତ କରିଛନ୍ତି ।

ଏ ଆଦିତ୍ୟ, ଏ ଦିଶା 'ଏ ଚନ୍ଦ୍ର ମନୁଷ୍ୟର ସୂକ୍ଷ୍ମ ଶରୀରର ପ୍ରତୀକ । କାରଣ ଦର୍ଶନେନ୍ଦ୍ରିୟର ବିଷୟ ଶ୍ରବଣେନ୍ଦ୍ରିୟର ବିଷୟ ତଥା ମନ ଏ ସମସ୍ତ ସୂକ୍ଷ୍ମ ପଦାର୍ଥ । ତା'ପରେ, ନବମ ମନ୍ତ୍ରରେ ଋଷି କହିଛନ୍ତି ଯେ ଈଶ୍ୱର ବିଦ୍ୟୁତ୍‌ରେ ବ୍ୟାପକ । ଏ ବିଦ୍ୟୁତ୍ ମନୁଷ୍ୟର ସ୍ଥୂଳ ସୂକ୍ଷ୍ମ ଶରୀରର ସଞ୍ଚାଳନ କ୍ରିୟାର ପ୍ରତୀକ ମାତ୍ର । କୌଣସି

Digitized by srujanika@gmail.com

ଦୁଇଟି ପଦାର୍ଥ ମଧ୍ୟରେ ସଂଘର୍ଷ ନ ହେଲେ ବିଦ୍ୟୁତ ପ୍ରକାଶିତ ହୁଏ ନା । ମନୁଷ୍ୟ ଶରୀରରେ ସର୍ବଦା ବିଭିନ୍ନ ପ୍ରକାର ନାଡ଼ୀମାନଙ୍କ ମଧ୍ୟରେ ତଥା ବିଭିନ୍ନ ପ୍ରକାର ରସରକ୍ତ ମଧ୍ୟରେ ସଂଘର୍ଷ ଚାଲିଛି । ଋଷି ଯେତେବେଳେ ଶରୀର ସମ୍ବନ୍ଧରେ ଆଲୋଚନା କରିବାକୁ ଯାଇ ବିଦ୍ୟୁତର ଉଦାହରଣ ଦେଇଛନ୍ତି, ସେତେବେଳେ ବୁଝିବାକୁ ହେବ ଯେ ଏ ବିଦ୍ୟୁତ ଶରୀରର ସଞ୍ଚାଳନ ଶକ୍ତିର ଉପଲକ୍ଷଣ ମାତ୍ର । ତା'ପରେ, ଦଶମ ମନ୍ତ୍ରରେ ଋଷି କହୁଛନ୍ତି ଯେ ବ୍ରହ୍ମ ଗର୍ଜନଶୀଳ ମେଘ ମଧ୍ୟରେ ବ୍ୟାପକ । ଏ ଗର୍ଜନଶୀଳ ମେଘ ମନୁଷ୍ୟର ସ୍ଥୂଳ ଶରୀରର କାର୍ଯ୍ୟକାରିତାର ଉପଲକ୍ଷଣ । ଅର୍ଥାତ୍ ମନୁଷ୍ୟର ଶରୀରରେ ନାଡ଼ୀଜାଲ ମଧ୍ୟ ଦେଇ ରକ୍ତ ତଥା ବାୟୁର ଚଳପ୍ରଚଳନହିଁ ଗର୍ଜନଶୀଳ ମେଘ । ମେଘ ଗର୍ଜନ ଯେପରି ମନୁଷ୍ୟ ଶୁଣିପାରେ, ଠିକ୍ ସେହିପରି ମନର ଅତି ନିଷ୍କ୍ରିୟ ଅବସ୍ଥାରେ ନିସ୍ତବ୍ଧତା ମଧ୍ୟରେ, ଅତି ଚେଷ୍ଟା ତଥା ସାବଧାନତା ଅବଲମ୍ବନ ଫଳରେ ମନୁଷ୍ୟ ମଧ୍ୟ ନିଜ ଶରୀରର ଏ କାର୍ଯ୍ୟକାରିତାରୁ ନାଦ ହେ ଶୁଣିପାରେ, ଏ କଥା ଅଗ୍ରୂର୍ଯ୍ୟମାନେ କହନ୍ତି । ତେଣୁ ଶରୀରର ଏ କାର୍ଯ୍ୟକାରିତା ଗୁଣକୁ ଋଷି ଗର୍ଜନଶୀଳ ମେଘର ଉପଲକ୍ଷଣ ରୂପରେ ଉପସ୍ଥାପିତ କରିଛନ୍ତି ।

ତା' ପରେ ଋଷି କହୁଛନ୍ତି ଯେ ଈଶ୍ୱର ଧର୍ମ ତଥା ସତ୍ୟ ମଧ୍ୟରେ ବ୍ୟାପକ ହୋଇ ରହିଛନ୍ତି । (ମନ୍ତ୍ର ୧୧ ଓ ୧୨ ଦ୍ରଷ୍ଟବ୍ୟ) । ଏ ଧର୍ମ ତଥା ସତ୍ୟ ଆତ୍ମାର ଇଚ୍ଛିତ ତଥା ଅନିଚ୍ଛିତ ପ୍ରବୃତ୍ତିର ଉପଲକ୍ଷଣ ମାତ୍ର । ଆତ୍ମାର ଅନିଚ୍ଛିତ ପ୍ରବୃତ୍ତି ସମ୍ବନ୍ଧରେ, ମନ୍ତ୍ର ୯ ତଥା ୧୦ରେ ବିଦ୍ୟୁତ ତଥା ଗର୍ଜନଶୀଳ ମେଘର ଉଦାହରଣ ଦେଇ ଋଷି ବୁଝାଇବାକୁ ଚେଷ୍ଟା କରିଛନ୍ତି । ବିଦ୍ୟୁତ ମନୁଷ୍ୟର ଉଦ୍ଦିଷ୍ଟ ଶରୀରର ସଞ୍ଚାଳନ ଶକ୍ତିର ନାମାନ୍ତର । ଗର୍ଜନଶୀଳ ମେଘ

Digitized by srujanika@gmail.com

ମନୁଷ୍ୟର ସ୍ଥୂଳ ଶରୀରର ସଂଚାଳନ ଶକ୍ତି । ମନୁଷ୍ୟର ଶରୀରରେ ଏ ପ୍ରକ୍ରିୟା ମନୁଷ୍ୟ ଇଚ୍ଛା ନ କଲେ ସୁଦ୍ଧା ସ୍ୱଭାବତଃ ମନୁଷ୍ୟ ଶରୀରରେ ଘଟିତ ହେଉଛି । ତେଣୁ ତା ମନୁଷ୍ୟର ଅନିଚ୍ଛିତ ପ୍ରବୃତ୍ତି କିନ୍ତୁ ମନୁଷ୍ୟର ଇଚ୍ଛିତ ପ୍ରବୃତ୍ତି ଧର୍ମ ତଥା ସତ୍ୟ । କାରଣ ମନୁଷ୍ୟ ଇଚ୍ଛା କଲେ ଧର୍ମ କୃତ୍ୟ କରେ, ଇଚ୍ଛା କଲେ ସତ୍ୟ ପାଳନ କରେ । ଆତ୍ମାର ଏ ଗୁଣକୁ ଦର୍ଶାଇବାକୁ ଯାଇ ଋଷି କହୁଛନ୍ତି ଯେ ଈଶ୍ୱର ସତ୍ୟ ତଥା ଧର୍ମ ମଧ୍ୟରେ ବ୍ୟାପକ ହୋଇ ରହିଛନ୍ତି । ଅର୍ଥାତ୍ ଈଶ୍ୱର ମନୁଷ୍ୟର ଶରୀରର ତଥା ଆତ୍ମାରେ ବ୍ୟାପକ ହୋଇ ରହିଛନ୍ତି ।

ତା' ପରେ ଋଷି କହୁଛନ୍ତି—ଯେ ଈଶ୍ୱର ମନୁଷ୍ୟ ତଥା ଆତ୍ମାରେ ବ୍ୟାପକ ହୋଇ ରହିଛନ୍ତି । (ମନ୍ତ୍ର ୧୩ ତଥା ୧୪ ଦ୍ରଷ୍ଟବ୍ୟ) ଏ ମନୁଷ୍ୟ ତଥା ଆତ୍ମା ମନୁଷ୍ୟର ସ୍ଥୂଳ ଶରୀରର ତଥା ସୂକ୍ଷ୍ମ ଶରୀରର ଉପଲକ୍ଷଣ ମାତ୍ର । ଋଷି କହିବାକୁ ଚାହାନ୍ତି ଯେ ଈଶ୍ୱର ମନୁଷ୍ୟର କେବଳ ରକ୍ତ ମାଂସରେ ଗଢ଼ା ଶରୀରରେ ନୁହେଁ, ମନୁଷ୍ୟର ଅତି ସୂକ୍ଷ୍ମ 'ଚେତନ-ଶକ୍ତି' ଆତ୍ମାରେ ମଧ୍ୟ ବ୍ୟାପକ । ଏଥିପାଇଁ ତ ତାଙ୍କୁ ସର୍ବବ୍ୟାପକ କୁହାଯାଏ । (ଉପରୋକ୍ତ ମନ୍ତ୍ର ସମୂହରୁ ମନୁଷ୍ୟର ସୂକ୍ଷ୍ମ ତଥା ସ୍ଥୂଳ ଶରୀରର ଉପଲକ୍ଷଣ ସମ୍ବନ୍ଧୀୟ ତଥ୍ୟ ଅଗ୍ନିହୋତ୍ରୀ ଶ୍ରୀନାରାୟଣ ସ୍ୱାମୀଙ୍କ ଦ୍ୱାରା ଉଦ୍‌ଘାଟିତ—ମୁଁ ଏ ତଥ୍ୟର କେବଳ ବିଶଦ ଆଲୋଚନା କରୁଛି !)

ଋଷି ଏ ପର୍ଯ୍ୟନ୍ତ ବ୍ରହ୍ମର ସର୍ବବ୍ୟାପକତା ତଥା ସୂକ୍ଷ୍ମତା ସମ୍ବନ୍ଧରେ ମୈତ୍ରେୟୀଙ୍କୁ ବୁଝାଇବାକୁ ଚେଷ୍ଟା କରିଛନ୍ତି । ବର୍ତ୍ତମାନ ସେ ବ୍ରହ୍ମର ଗୁଣ ବା ଶକ୍ତି-ସାମର୍ଥ୍ୟ ସମ୍ବନ୍ଧରେ କହିବାକୁ ଯାଇ କହୁଛନ୍ତି—

Digitized by srujanika@gmail.com

"ସ ବା ଅୟମାତ୍ମା ସର୍ବେଷାଂ ଭୂତାନାମଧିପତିଃ ସର୍ବେଷାଂ ଭୂତାନାଂ ରାଜା ତଦ୍ୟଥା ରଥନାଭୌ ଚ ରଥନେମୌ ଚାରାଃ ସର୍ବେ ସମର୍ପିତା ଏବମେବାସ୍ମିନ୍ନାତ୍ମନି ସର୍ବାଣି ଭୂତାନି ସର୍ବେ ଦେବାଃ ସର୍ବେ ଲୋକାଃ ସର୍ବେ ପ୍ରାଣାଃ ସର୍ବ ଏତ ଆତ୍ମାନଃ ସମର୍ପିତାଃ ।" । ୧୫ ।

"ନିଶ୍ଚୟ ଏ ଆତ୍ମା ସମସ୍ତ ଭୂତମାନଙ୍କ ଅଧିପତି, ଆଉ ସମସ୍ତ ଭୂତମାନଙ୍କ ରାଜା । ଯେପରି ରଥର ନାଭି (ରଥଚକ୍ର ମଧ୍ୟ ରଥଚକ୍ରର ମଧ୍ୟ ସ୍ଥାନ) ତଥା ରଥର ନେମି (ରଥଚକ୍ରପରିଧି ଅର୍ଥାତ୍ ରଥର ଚକ୍ରର ପରିଧି)ରେ ସମସ୍ତ ଅର (ଅର ବା ଅରା) ସମର୍ପିତ ହୁଅନ୍ତି, ସେହିପରି ଏ ଆତ୍ମାରେ (ଏ ପରମ ଆତ୍ମାରେ) ସମସ୍ତ ପ୍ରାଣୀ, ସମସ୍ତ ଦେବ, ସମସ୍ତ ଲୋକ, ସମସ୍ତ ଆତ୍ମା (ଜୀବ) ସମର୍ପିତ ହୋଇଛନ୍ତି ।"

ଏ ଆତ୍ମା ଅର୍ଥାତ୍ ପରମାତ୍ମା, ଯେଉଁ ପରମାତ୍ମା କି ସର୍ବବ୍ୟାପକ, ଅମୃତ, ବ୍ରହ୍ମ, ସେ ସମସ୍ତ ପ୍ରାଣୀ-ଜଗତର ଅଧିପତି । 'ପତି' ଅର୍ଥ ପାଳନକର୍ତ୍ତା, 'ଅଧି' ଅର୍ଥ ଶ୍ରେଷ୍ଠ । ପରମାତ୍ମା ପ୍ରାଣୀମାନଙ୍କର ସର୍ବଶ୍ରେଷ୍ଠ ପତି । ରାଜା ପ୍ରଜାର ପତି । କିନ୍ତୁ ଏ ରାଜା ତଥା ପ୍ରଜାର ଯେ ପତି, ସେ ଅଧିପତି ; ଆଉ ସେହି ଈଶ୍ୱର । ଏ ଈଶ୍ୱର ପ୍ରାଣୀମାନଙ୍କ କେବଳ ଯେ ଅଧିପତି, ତା ନୁହେଁ, ସେ ପ୍ରାଣୀମାନଙ୍କ ରାଜା ମଧ୍ୟ । ରାଜା ଅର୍ଥ ଯେ ଅନ୍ୟଙ୍କୁ ଦୀପ୍ତିଦାନ କରେ, ଅନ୍ୟଙ୍କୁ ପ୍ରକାଶିତ କରେ, ଅନ୍ୟଙ୍କୁ ଶ୍ରେଷ୍ଠ ହେବାକୁ ସୁବିଧା-ସୁଯୋଗ ଦିଏ, ସେ ରାଜା । କାରଣ 'ରାଜୃ ଦୀପ୍ତୌ' ଧାତୁରୁ ରାଜା ଶବ୍ଦ ନିଷ୍ପନ୍ନ । ଈଶ୍ୱର ନିଜେ ତେଜୋମୟ ତଥା ଅନ୍ୟଙ୍କୁ ମଧ୍ୟ ସେ ତେଜ ଦାନ କରନ୍ତି, ଅନ୍ୟଙ୍କୁ ମଧ୍ୟ ନିଜ ପରି ଶୁଦ୍ଧ ପବିତ୍ର ହେବାକୁ, ଶକ୍ତିଶାଳୀ

Digitized by srujanika@gmail.com

ହେବାକୁ, ସମସ୍ତ ପ୍ରକାର ଜାଗତିକ ତାମସିକତାରୁ ମୁକ୍ତ ହୋଇ ପରମ ପଦ ପ୍ରାପ୍ତ ହେବାକୁ ପ୍ରେରଣା ଦଅନ୍ତି, ପଥ ଦେଖାଇ ଦଅନ୍ତି ; ତେଣୁ ସେ ପ୍ରାଣୀମାନଙ୍କର ନେତା । ଋଷି କହୁଥିବାକୁ ଗୃହାନ୍ତି ଯେ ବ୍ରହ୍ମଦୀପ୍ତି ବିନା ସୃଷ୍ଟିର କୌଣସି ପଦାର୍ଥ ଦୀପ୍ତିମାନ ହୋଇ ପାରେ ନା, ଅର୍ଥାତ୍ ପ୍ରକାଶମାନ ହୋଇ ପାରେ ନା । କାରଣ ଈଶ୍ୱର ଏ ସମସ୍ତ ସଂସାରର ଶକ୍ତିସାମର୍ଥ୍ୟ ଗୁଣଗାରିମାର କେନ୍ଦ୍ର । ଯେପରି ରଥର ମଧ୍ୟ ସ୍ଥଳ ଉପରେ ତଥା ରଥର ପରିଧି ଉପରେ ସମସ୍ତ ଆର ସତ୍ତା ତଥା କର୍ମକୁଶଳତା ନିର୍ଭର କରୁଛି, ସେହିପରି ପରମ ଆତ୍ମା ଉପରେ ସର୍ବାଣି ଭୂତାନି, ସମସ୍ତ ପ୍ରାଣୀ, ସର୍ବେ ଦେବାଃ, ସୂର୍ଯ୍ୟାଦି ସମସ୍ତ ଦେବ, ସର୍ବେ ଲୋକାଃ, ଭୂର୍ଲୋକ, ଭୁବର୍ଲୋକାଦି ସମସ୍ତ ଲୋକ, ସର୍ବ ପ୍ରାଣଃ, ଚକ୍ଷୁ ଆଦି ସକଳ ପ୍ରାଣର ଅସ୍ତିତ୍ୱ ତଥା କର୍ମକୁଶଳତା ନିର୍ଭର କରୁଛନ୍ତି । ସଂକ୍ଷେପତଃ, ସମସ୍ତ ଜଗତ ଈଶ୍ୱରଙ୍କର ବଳରେ ବଳୀୟାନ୍, ଈଶ୍ୱରଙ୍କର ସତ୍ତାରେ ସତ୍ତାଧିଷ୍ଠ, ଈଶ୍ୱରଙ୍କର ପ୍ରଭାବରେ ପ୍ରଭାବଶାଳୀ, ଈଶ୍ୱରଙ୍କ ଦୀପ୍ତିରେ ଦୀପ୍ତିମାନ ।

ପରମ ତପସ୍ୱୀ, ପରମ ଜ୍ଞାନୀ ଋଷି ଯାଜ୍ଞବଲ୍କ୍ୟ ଆପଣାର ଅତି ପ୍ରିୟା ବିଦୁଷୀ ପତ୍ନୀ ମୈତ୍ରେୟୀଙ୍କୁ ଜ୍ଞାନର ଏ ଗୂଢ଼ ରହସ୍ୟର ଉପଦେଶ ଦେଇ ସନ୍ନ୍ୟାସାବଲମ୍ବନ କଲେ ଗୃହସଂସାର ତ୍ୟାଗପୂର୍ବକ ।

(ବୃହଦାରଣ୍ୟକୋପନିଷଦ—ଦ୍ୱିତୀୟ ଅଧ୍ୟାୟ—ପଞ୍ଚମ ବ୍ରାହ୍ମଣ—ମନ୍ତ୍ର ୧ ଠାରୁ ୧୫ ପର୍ଯ୍ୟନ୍ତ । ଯାଜ୍ଞବଲ୍କ୍ୟ ମୈତ୍ରେୟୀ ସଂବାଦ । ଦ୍ୱିତୀୟ ଅଧ୍ୟାୟ—ପଞ୍ଚମ ବ୍ରାହ୍ମଣ—ଯାଜ୍ଞବଲ୍କ୍ୟ ମୈତ୍ରେୟୀ ସଂବାଦ ଏହିଠାରେ ସମାପ୍ତ ।)

Digitized by srujanika@gmail.com

ବ୍ରହ୍ମବିଦ୍ୟାର ଭିତ୍ତି ସତ୍ୟନିଷ୍ଠା

ଇତିହାସ ବିଭାଗ ୦

ଏହା ସେହି ପ୍ରାଚୀନ ସମୟର କଥା, ଯେତେବେଳେ ତପୋଭୂମି ଭାରତବର୍ଷ, ଆମର ଦେଶ, ହିନ୍ଦୁସ୍ଥାନ ନୁହେଁ, ଆର୍ଯ୍ୟାବର୍ତ୍ତ ଶିକ୍ଷା ସଭ୍ୟତା ସଂସ୍କୃତିର ସର୍ବୋଚ୍ଚ ଶିଖରରେ ପହଞ୍ଚି ଥିଲା । ଦେଶର ମୁକ୍ତ ବାୟୁ-ମଣ୍ଡଳ ପ୍ରାଚୀନ ଋଷି ମହର୍ଷି ତ୍ୟାଗୀ ତପସ୍ୱୀ ମନୀଷୀଗଣଙ୍କର ପବିତ୍ର ମୁଖନିସୃତ ବେଦ-ବାଣୀଦ୍ୱାରା ଗୁଞ୍ଜିତ ହୋଇ ଉଠୁଥିଲା—ନ ଥିଲା ସେତେବେଳେ ଏଠି କଳା ନାମରେ ବ୍ୟଭିଚାରଅନାଚାରର ବାଣୀ, ଅର୍ବାଚୀନ ବିଚାରଧାରାର ନଗ୍ନ ବୀଭତ୍ସତାର ବାଣୀ—ଋଷି ମୁନି ସେବିତ ଅର୍ଥଜ୍ଞାନର ଅଭାବରେ ଅଜ୍ଞାନତା ଅଶିକ୍ଷା କୁଶିକ୍ଷାର ବାଣୀ; ଅନ୍ଧ ଶ୍ରଦ୍ଧାବଶତଃ ପରମୁଖା-ପେକ୍ଷୀ ହେବାର ବାଣୀ; ପରପଦାନତ ହେବାର ବାଣୀ—ନିଜକୁ ନିକୃଷ୍ଟ ହୀନ ଆଉ ଅପରକୁ ଉଚ୍ଚ ଉତ୍କୃଷ୍ଟ ମନେ କରିବାର ଆତ୍ମହନନର ବାଣୀ—(ଏଇ ସେଇ, 'ଅୟମାତ୍ମା ବ୍ରହ୍ମ', ମୋ ଭିତରେ ଯେ ବିଦ୍ୟମାନ ସେ ବ୍ରହ୍ମ, ଏହା କହି ପାରିବାର ଦେଶ !!)—ବିଜ୍ଞାନ ନାମରେ ଅସ୍ୱାଭାବିକ ଅସଙ୍ଗତ ଅଶୋଭନୀୟ ସ୍ୱାସ୍ଥ୍ୟହାନିକାରକ ଆତ୍ମଘାତୀର ବାଣୀ—ପରସ୍ପର ପ୍ରତି ଅସହନ-ଶୀଳତାର, ଦ୍ୱନ୍ଦ୍ୱର, ରାଷ୍ଟ୍ରର ସ୍ୱାର୍ଥକୁ ଉପେକ୍ଷା କରି ମଧ୍ୟ ପରସ୍ପର ପ୍ରତି ସଂଘର୍ଷ କରିବାର ବାଣୀ—(ନ ହେଲେ କି ପାଞ୍ଚଶହ (?) ଲୋକ ୩୫ କୋଟି ଲୋକଙ୍କୁ ୨୫୦ ରୁ ଅଧିକ ବର୍ଷ ପର୍ଯ୍ୟନ୍ତ ନିଜର ପଦସେବା ପାଇଁ ବାଧ୍ୟ କରି ରଖି ପାରିଥାନ୍ତେ ?—କେବେ ସେ ବିଧର୍ମୀର ତ କେବେ ଏ ବିଧର୍ମୀର ପଦଲେହନ କରିବାରେ ଏତେ

Digitized by srujanika@gmail.com

ବଡ଼ ଗୋଟାଏ ବିରାଟ ଜାତି, ଅତି ପ୍ରାଚୀନ ଜାତି, ଋଷିମୁନିର ଜାତି ବିଧର୍ମୀର ଦୂଷିତ ଅପବିତ୍ର ଶୈଷ କର୍କଶ ପାଦରେ ନିଜର ପବିତ୍ରକୋମଳ ଅର୍ଘ୍ୟରକ୍ତପୁଷ୍ପ ହାତର ସେବା ଦେଇଥାନ୍ତା ?—କ୍ଷମତାଲିପ୍ସୁ କେତେଗୁଡ଼ାଏ ଅର୍ବାଚୀନଙ୍କ ଦୂଷିତ ବିଷ୍ଣୁରର ଷୁରର ଧାରରେ ଏତେ ବଡ଼ ଦେଶ ଦ୍ୱିଖଣ୍ଡିତ ହୋଇ ପାରିଥାନ୍ତା ? ଏ ବିଭାଜନ ଫଳରେ କୌଣସି ସମାଧାନ ତ ହେଲା ନାହିଁ—ଓଲଟା ସମସ୍ୟା ଉପରେ ସମସ୍ୟା ସୃଷ୍ଟି ହେଲା) ।

ଏଟି ସେତେବେଳେ ଥିଲା ଜ୍ଞାନବିଜ୍ଞାନର ବାଣୀ (ଅଧୁନିକ ହିଂସାପ୍ରଣୋଦିତ ଆତ୍ମଘାତୀ ପରଘାତୀର ବାଣୀ ନୁହେଁ)—ବେଦର ବାଣୀ—ଅର୍ଷଜ୍ଞାନର ବାଣୀ—ଇନ୍ଦ୍ରିୟକଳ୍ପିତର ଅସ୍ଥିର ସାଧାରଣ ଲୋକଙ୍କ ବାଣୀ ନୁହେ । ସେଥିପାଇଁ ତ ଏ ଦେଶର ଧର୍ମକୁ କୁହାଯାଉ ଥିଲା 'ବୈଦିକଧର୍ମ'; ମନେ ରଖନ୍ତୁ, 'ବୈଦିକ ଧର୍ମ' । ରାମାୟଣ ମହାଭାରତ ଏ ଦେଶର ଧର୍ମ ପୁସ୍ତକ ନୁହେଁ— ଗୀତା ଭାଗବତ ଏ ଦେଶର ଧର୍ମପୁସ୍ତକ ନୁହେଁ । ସ୍ମୃତିଶାସ୍ତ୍ର କେବଳ ଏ ଦେଶର ଧର୍ମପୁସ୍ତକ ନୁହେଁ—'ବେଦ' ଏ ଦେଶର ଧର୍ମପୁସ୍ତକ—ଜ୍ଞାନ ଏ ଦେଶର ଧର୍ମ । ବୈଦିକଧର୍ମ ଅର୍ଥ ଜ୍ଞାନବିଜ୍ଞାନର ଧର୍ମ—ଅନ୍ଧବିଶ୍ୱାସର ଧର୍ମ ନୁହେ । ('ବେଦ' ଶବ୍ଦର ଅର୍ଥ ଜ୍ଞାନ । 'ବିଦ୍' ଧାତୁରୁ ବେଦ ଶବ୍ଦର ଉତ୍ପତ୍ତି । 'ବିଦ୍' ଧାତୁର ଅର୍ଥ ଜ୍ଞାନ—ଜାଣିବା । ବିଦ୍ୟା ବିଦ୍ୱତ୍ତା ବିଦ୍ୱାନ, ଏ ଶବ୍ଦ ସବୁ ଏଇ ବିଦ୍ ଧାତୁରୁ ନିଷ୍ପନ୍ନ । ବିଦ୍ ଧାତୁର ଅର୍ଥ କେବଳ ଏତିକି ନୁହେ । କାରଣ, ବହ୍ୱର୍ଥାପି ଧାତବୋ ଭବନ୍ତି । 'ବିଦ୍ ଜ୍ଞାନେ' ଧାତୁରୁ ବେଦ ଶବ୍ଦର ଉତ୍ପତ୍ତି ଯା'ର ଅର୍ଥ ଜ୍ଞାନ । ନାନା ପ୍ରକାର ଜ୍ଞାନରେ, ଆଧିଭୌତିକ, ଆଧ୍ୟାତ୍ମିକ, ଆଧିଦୈବିକ, ଏପରି ନାନା ପ୍ରକାର ଜ୍ଞାନାଲୋକରେ ବେଦ ଚିର ଉଜ୍ଜ୍ୱଳ । ବେଦ କେବଳ ଉଜ୍ଜ୍ୱଳ ନୁହେ—ବେଦ ଶାଶ୍ୱତ ।

Digitized by srujanika@gmail.com

‘ବିଦ୍ ସତ୍ତାୟାମ୍’ ଧାତୁରୁ ‘ବେଦ’ର ଉତ୍ପତ୍ତି ଯା’ର ଅର୍ଥ ବେଦ ସତ୍ । ସତ୍‌ଅର୍ଥ ଅସ୍ତିତ୍ୱ । ଅର୍ଥାତ୍ ବେଦର ଅସ୍ତିତ୍ୱ ଅଛି, ରହିବ, ରହିଥିଲା ଚିରକାଳ । ବେଦ ସୃଷ୍ଟି ହୋଇ ନାହିଁ, ବେଦ ପ୍ରକଟ ହୋଇଛି । ବେଦ କୌଣସି ସ୍ଥୂଳ ପଦାର୍ଥ ବିଶେଷ ଯେ ସେ ନ ଥିଲା, ନାହିଁ ଅବା ରହିବ ନାହିଁ ଚିରକାଳ ବୋଲି କହି ହେବ ? ବେଦର ଅର୍ଥ ପରା ଜ୍ଞାନ—କୌଣସି ଦଳବିଶେଷର, ବା କୌଣସି ବ୍ୟକ୍ତି ବିଶେଷର ସେ ମତବାଦ ନୁହେ—ଅନ୍ଧବିଶ୍ୱାସ ନୁହେ—ସେ ଚିନ୍ତା, ବିଚାର, ଫଳତଃ ସେ ଜ୍ଞାନ । ‘ବିଦ୍ ଲୃ’ ଧାତୁରୁ ବେଦର ଉତ୍ପତ୍ତି ଯା’ର ଅର୍ଥ ‘ଲାଭ’ । ଯା’ ଜ୍ଞାନ, ଯା’ ସତ୍ ସେ ଲାଭଦାୟକ ନ ହେବାରେ ଶଙ୍କା କରାଯାଇ ପାରେ ? ବେଦରୁ ଯେ ଲାଭ ମିଳେ, ସେ ମାନସିକ ଶାରୀରିକ ଆତ୍ମିକ ଲାଭ, ଏ ସମସ୍ତ ପ୍ରକାର ଲାଭର ଆଧାର ସତ୍ ଜ୍ଞାନ ବେଦର ଆଧାର । ‘ବିଦ୍ ବିଚାରଣେ’ ଧାତୁରୁ ‘ବେଦ’ର ଉତ୍ପତ୍ତି ଯା’ର ଅର୍ଥ ବେଦ ବିଚାରମୟ, ଚିନ୍ତାମୟ ଅନ୍ଧବିଶ୍ୱାସମୟ ନୁହେ, ଅବିଚାରମୟ ନୁହେ । ଅତ ବେଦର ମନ୍ତ୍ରକୁ ମୁଖସ୍ଥ କରିବା ଯଥେଷ୍ଟ ନୁହେ—ବେଦମନ୍ତ୍ରକୁ ମୁଖସ୍ଥ କରି ବିଚାରିବା, ସେ ସମ୍ବନ୍ଧରେ ଚିନ୍ତା କରି ତାର ଯେ ଗଭୀର ନିର୍ଦ୍ଦେଶ ଅଛି, ଗମ୍ଭୀର ବିଚାର ଅଛି, ଅଲୌକିକ ଚିନ୍ତା ଅଛି, ତାକୁ ଧାରଣା କରିବା । ଅର୍ଥାତ୍ ନିର୍ବିଚାରରେ ତାକୁ ସ୍ୱୀକାର କରିବାକୁ ବେଦ କାହାରିକୁ କହୁ ନାହିଁ—ଚିନ୍ତା କରି, ବୁଝି ବିଚାରି ତାକୁ ସ୍ୱୀକାର କରିବାକୁ ସେ ଉପଦେଶ ଦେଉଛି । ଫଳତଃ ବେଦ କୌଣସି ସମ୍ପ୍ରଦାୟ ନୁହେଁ—କୌଣସି ମତବାଦ ନୁହେଁ । ଯେ ଜୋରଜବରଦସ୍ତି କରେ ନା, ତାକୁ ବିଚାର ଗ୍ରହଣ କରିବାକୁ ଅନ୍ୟକୁ ପ୍ରେରଣା ଦେଇପାରେ, ସେ କୌଣସି ମତବାଦ, କୌଣସି ସମ୍ପ୍ରଦାୟ ହୋଇପାରେ ?

Digitized by srujanika@gmail.com

ଅନନ୍ତା ବୈ ବେଦାଃ—(ମହର୍ଷି ଭଉରଃ) ବେଦ ଅନନ୍ତ ବେଦର ଅର୍ଥାତ୍ ଜ୍ଞାନର ଅନ୍ତ ନାହିଁ—ସୀମା ନାହିଁ । ଅର୍ଥାତ୍ ବେଦରେ ନାନା ପ୍ରକାର ଜ୍ଞାନ ଅଛି—କେବଳ ଯେ ଆଧ୍ୟାତ୍ମିକ ଜ୍ଞାନରେ ଅଛି, ଏ କଥା ନୁହେଁ । ତେଣୁ ଧର୍ମ କହିଲେ କର୍ତ୍ତବ୍ୟକୁ ବୁଝାଏ ସମସ୍ତ ପ୍ରତି, ସମସ୍ତଙ୍କ ପ୍ରତି ମନୁଷ୍ୟର କର୍ତ୍ତବ୍ୟକୁ ବୁଝାଏ । ବୈଦିକ ଧର୍ମ ସେଥିପାଇଁ ନାନା ପ୍ରକାରର ଜ୍ଞାନର ଧର୍ମ—କେବଳ ଗୋଟାଏ ପ୍ରକାରର ଜ୍ଞାନର ଧର୍ମ ସେ ନୁହେଁ । ପୃଥିବୀର ଅନ୍ୟ କୌଣସି ଧର୍ମ (ସମ୍ପ୍ରଦାୟ)ରେ ଏପରି ନାନା ପ୍ରକାର ଜ୍ଞାନ ଅଛି ? ନାହିଁ—ଅଛି କେବଳ ମାତ୍ର ବଚନ, ଅଳ୍ପ ନୀତିବଚନ ଆଧାରିତ ଆଖ୍ୟାୟିକା । ଭାରତବର୍ଷରେ ବି ଏପରି ଗ୍ରନ୍ଥର ଅଭାବ ନାହିଁ; ସେ ହେଉଛି ପୁରାଣ, ଇତିହାସ । ଏ ଇତିହାସ, ପୁରାଣ ଭାରତବର୍ଷର ଧର୍ମଗ୍ରନ୍ଥ ନୁହେଁ । ଭାରତବର୍ଷର ଧର୍ମ ଗ୍ରନ୍ଥରେ ଇତିହାସ ନାହିଁ । ଇତିହାସ ସୃଷ୍ଟି ହେବା ପୂର୍ବରୁ ଭାରତର ଧର୍ମଗ୍ରନ୍ଥ ବେଦର ସୃଷ୍ଟି ହୋଇଛି । କେବଳ ଆଧ୍ୟାତ୍ମିକ ଜ୍ଞାନର ଆଧାର ମନେ କରିବା ବେଦକୁ, ଅଜ୍ଞତାର ଲକ୍ଷଣ । ଏଥିପାଇଁ ବେଦ ଚାରି ଭାଗରେ ବିଭକ୍ତ, ୧—ଜ୍ଞାନକାଣ୍ଡ ବ୍ରହ୍ମଚର୍ଯ୍ୟାଶ୍ରମରେ, ଗୁରୁକୁଳ ବାସ କାଳରେ ଏ କାଣ୍ଡର ସାଧନା କରାଯାଏ । ମନୁଷ୍ୟର ଏ ଅବସ୍ଥାକୁ କୁହାଯାଏ 'ଜାଗ୍ରତାବସ୍ଥା' । ମନୁଷ୍ୟ ଜାଗ୍ରତ ନ ହେଲେ ଜ୍ଞାନ ପ୍ରାପ୍ତ ତ କରି ପାରେନା । ମନୁଷ୍ୟର ସୁପ୍ତ ଅବସ୍ଥା ତ ମନୁଷ୍ୟର ଇନ୍ଦ୍ରିୟଗଣଙ୍କର ଶିଥିଳତାର ଅବସ୍ଥା । ଶିଥିଳଇନ୍ଦ୍ରିୟ ତ ଜ୍ଞାନ ଗ୍ରହଣ କରି ପାରେ ନା । ସେଥିପାଇଁ ତ କଠୋପନିଷଦର ଏ ବାଣୀକୁ ବାରମ୍ବାର ଉଚ୍ଚାରଣ କରି, ଆପଣାର ବଜ୍ରଗମ୍ଭୀର କଣ୍ଠରେ, ସୁପ୍ତ ଭାରତବାସୀଙ୍କୁ ଜଗାଉ ଥିଲେ ସ୍ୱାମୀ ବିବେକାନନ୍ଦ—

Digitized by srujanika@gmail.com

ଉତ୍ତିଷ୍ଠତ ଜାଗ୍ରତ ପ୍ରାପ୍ୟ ବରାନ୍ ନିବୋଧତ ।
କ୍ଷୁରସ୍ୟ ଧାରା ନିଶିତା ଦୁରତ୍ୟୟା ।
ଦୁର୍ଗଂ ପଥସ୍ତତ କବୟୋ ବଦନ୍ତି ॥
(୧୪-ତୃତୀୟା ବଲ୍ଲୀ)

ଉତ୍ତିଷ୍ଠତ— ଉଠ, ଶଯ୍ୟା ତ୍ୟାଗ କର, ଆଳସ୍ୟ ତ୍ୟାଗକର, କର୍ମ ପରାୟଣ ହୁଅ । କର୍ମପରାୟଣ ନ ହେଲେ କି ବ୍ରହ୍ମଜ୍ଞାନ ପରି ଗୋଟାଏ ଅମୂଲ୍ୟ ବସ୍ତୁକୁ, ଦୁଷ୍ପ୍ରାପ୍ୟ ବସ୍ତୁକୁ, ସାଧନାର ଧନକୁ, ତପସ୍ୟାର ସାଧନାକୁ ପାଇଁ ପାରିବ ? କିନ୍ତୁ କେବଳ ଶଯ୍ୟା ତ୍ୟାଗ କଲେ କଣ ବ୍ରହ୍ମଜ୍ଞାନକୁ ପ୍ରାପ୍ତ ହେବା ସମ୍ଭବ ? ନୁହେଁ, ସମ୍ଭବ ନୁହେଁ । ତେଣୁ ଜାଗ୍ରତ—ଜାଗ୍ରତ ହୁଅ, କେବଳ ଶରୀରରେ ନୁହେଁ— ମନରେ ଜାଗ—ଜ୍ଞାନ ପ୍ରତି ତମ ମନରେ ଅବାଧ ଅଦମ୍ୟ ତୃଷ୍ଣା ଜାଗୁ, ତେବେ ଯାଇ ତମେ ଗୁରୁଙ୍କ ପାଖକୁ ଜ୍ଞାନ ପାଇଁ ଯାଇ ପାରିବ । ତେଣୁ, ପ୍ରାପ୍ୟ ବରାନ୍—ବରାନ୍. ପରମ ବରଣୀୟ, ପରମପୂଜନୀୟ ଜ୍ଞାନୀମାନ୍ୟ ଚରିତ୍ରବାନ୍ ସେଇ ଗୁରୁଙ୍କୁ, ଈପ୍ସିତ ସେଇ ଜ୍ଞାନକୁ ପ୍ରାପ୍ତ ହୋଇ, ନିବୋଧତ—ତାଙ୍କୁ ଜାଣ—ସେ ଜ୍ଞାନକୁ ଜାଣ—ସେଇ ଜ୍ଞାନକୁ କେବଳ କଣ୍ଠସ୍ଥ କରି ସନ୍ତୁଷ୍ଟ ହୁଅନା—ସଂସ୍କୃତ ଶ୍ଳୋକ କେବଳ ମୁଖସ୍ଥ କରି ଅଜ ତାକୁ ଅବୃତ୍ତି କରି, ଉଦ୍ଧୃତ କରି ପଣ୍ଡିତ ବୋଲାଇବାର, ମହାମହୋପାଧ୍ୟାୟ ବୋଲାଇବାର ଇଚ୍ଛା କରନା । ଯେ ଜ୍ଞାନ ଗୁରୁଙ୍କ ପାଖରୁ ପାଇଲ, ସେ ସମ୍ବନ୍ଧରେ ଗଭୀରତାର ସହିତ ବିଚାର କରି ଚିନ୍ତାଶୀଳ ହୁଅ—ବିଚାରବାନ୍ ହୁଅ, ଫଳତଃ ହୃଦୟବାନ୍ ହୁଅ—ଫଳତଃ କଣ୍ୱଙ୍କ ପରି ଶକୁନ୍ତଳାକୁ ସହ୍ୟ କରି ପାରିବ— ଅହଲ୍ୟା, କୁନ୍ତୀ, ମନ୍ଦୋଦରୀ, ତାରା, ଦ୍ରୌପଦୀଙ୍କୁ ସତୀ ବୋଲି ସ୍ୱୀକାର କରିପାରିବ । ଯେ ରାଜା ଦ୍ୟୁତକ୍ରୀଡ଼ାରେ ପତ୍ନୀକୁ ଖେଳିପାରେ, ତାଙ୍କୁ 'ଧର୍ମରାଜ ଯୁଧିଷ୍ଠିରଃ' ବୋଲି କହି ପାରିବ। ଯେ ଅର୍ଜୁନ କୃଷ୍ଣଙ୍କ ପରି

ମହାବଳୀଙ୍କ ଭଗ୍ନୀକୁ ଅପହରଣ କରିପାରେ ତାକୁ କ୍ଷମା କରି ପାରିବ—ଅଥଚ ନିଜେ ରୁକ୍ମିଣୀଙ୍କୁ (?) ଅପହରଣ କରି ପାରିବ । ଜାରଜ ବ୍ୟାସଦେବଙ୍କୁ, ଜ୍ୟେଷ୍ଠ ଭାଇର ସ୍ତ୍ରୀ ପ୍ରତି ରେତ୍ରଦାତା ବ୍ୟାସଦେବଙ୍କୁ ମହାଭାରତର ପଠନ ଆରମ୍ଭ ପୂର୍ବରୁ ନମସ୍କାର କରି ପାରିବ—ନମସ୍କୃତ୍ୟ ନରଂଚୈବ ଦେବୀଂ ସରସ୍ୱତୀଂ ବ୍ୟାସଂ । ଏପରି ହେଲେ ଗୁରୁଙ୍କ ପରି ତମେ ମଧ୍ୟ ସେହି ଅଦୃଶ୍ୟ ଜ୍ଞାନକୁ (ବ୍ରହ୍ମକୁ) ଦେଖିବାକୁ ପ୍ରେରଣା ପାଇବ । କିନ୍ତୁ ଏ ଜ୍ଞାନପାଇଁ ଏତେ ସାବଧାନତା ଏତେ ସାଧନା କାହିଁକି ? ଏ ଜ୍ଞାନ କଣ, ତା', କବୟୋ ବଦନ୍ତି—କବିମାନେ, ବିଦ୍ୱାନମାନେ ଦୂରଦର୍ଶୀମାନେ, ସୂକ୍ଷ୍ମଦର୍ଶୀମାନେ ତତ୍ତ୍ୱଜ୍ଞାନୀମାନେ କହନ୍ତି । କଣ କହନ୍ତି ? ନିଶିତା—ତେଜ, ସେହି ବ୍ରହ୍ମତେଜ, ସେହି ବ୍ରହ୍ମଜ୍ଞାନ, ସେହି ପରା ବିଦ୍ୟା କ୍ଷୁରସ୍ୟ ଧାରା—କ୍ଷୁରାକାର ଧାର ପରି, ଦୁରତ୍ୟୟା—ଅତିତୀକ୍ଷ୍ଣ, ଅତି ବିପଦଜନକ ତା'ର ଯଥାର୍ଥ ଉପଯୋଗ ନ ହେଲେ ସେ ନିଜକୁ ମଧ୍ୟ କାଟି ଦେବ ଅପରକୁ ମଧ୍ୟ କାଟି ଦେବ । ଜ୍ଞାନର ଦୁରୁପଯୋଗ କଲେ ରାବଣଙ୍କ ପରି ଚରମ ବି ପତନ ହେବ ରାହୁଲ ସାଂକୃତ୍ୟାୟନଙ୍କ ପରି ତମେ ବି ବିଚଳିତମତି ହେବ । ରାବଣ ଚତୁର୍ବେଦ (ଋକ୍ ଯଜୁ ସାମ ଅଥର୍ବ) ଜ୍ଞାନବେଦ (ବ୍ରାହ୍ମଣ) । ସମସ୍ତ ଉପନିଷଦ ଈଶ କେନକଂ ପ୍ରଶ୍ନ ମୁଣ୍ଡକ, ମାଣ୍ଡୁକ୍ୟ ଏତରେୟ ତୈତ୍ତିରୀୟ ଛାନ୍ଦୋଗ୍ୟ ବୃହଦାରଣ୍ୟକ ବେଦାଙ୍ଗ (ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦ ଓ ଜ୍ୟୋତିଷ), ଉପାଙ୍ଗ (ନ୍ୟାୟ, ବୈଶେଷିକ, ସାଂଖ୍ୟ, ଯୋଗ, ମୀମାଂସା, ବେଦାନ୍ତ) ଉପବେଦ (ଋକ୍‌ବେଦର ଅଂଶ ଆୟୁର୍ବେଦ, ଯଜୁର୍ବେଦର ଅଂଶ ଧନୁର୍ବେଦ, ସାମବେଦର ଅଂଶ ଗାନ୍ଧର୍ବ-ବେଦ, ଅଥର୍ବବେଦର ଅଂଶ ଅର୍ଥବେଦ), ବ୍ରାହ୍ମଣ

Digitized by srujanika@gmail.com

(ଯଜୁର୍ବେଦର ଅଂଶ 'ଶତପଥ' ଋଗ୍ବେଦର ଅଂଶ 'ଏତରେୟ' ସାମବେଦର ଅଂଶ 'ସାମବିଧାନ' ଅଥର୍ବବେଦର ଅଂଶ 'ଗୋପଥ') ଏ ସମସ୍ତ ପ୍ରକାର ଜ୍ଞାନରେ (ପୁସ୍ତକରେ ନୁହେ) ରାବଣ ନିଷ୍ଣାତ । ଅଥଚ ସୀତାଙ୍କ ପରି ଗୋଟାଏ ପତିବ୍ରତା ନାରୀଙ୍କୁ, ପରନାରୀଙ୍କୁ କାପୁରୁଷ ପରି ହରଣ କଲେ—ଅନ୍ତ ମଲେ ଅତି ଅସହାୟ ଭାବରେ—ଲଙ୍କା ରହିଲା ନାହିଁ—ଲଙ୍କାର ବିଭବ ରହିଲା ନାହିଁ ଚିରକାଳ—ନିଜର ପ୍ରତିପତ୍ତି ରହିଲା ନାହିଁ—ନିଜର ଅପଯଶ ରହିଲା ବିଶ୍ୱ କାଳକାଳ । ଏପରି ପଣ୍ଡିତ କଣ ବୁଦ୍ଧିମତ୍ତାର ପରିଣାମ ? (ରାହୁଲ ସାଂକୃତ୍ୟାୟନଙ୍କ ସମ୍ବନ୍ଧରେ ଏ ନିବନ୍ଧରେ ଅନ୍ୟତ୍ର ଆଲୋକପାତ ହୋଇଛି) । ଅତଏବ, ତତ୍—ସେହିପଥ, ଦୁର୍ଗଂ—ବଡ଼ ଦୁର୍ଗମ, ତାକୁ ପ୍ରାପ୍ତ ହେବା ସହଜ କଥା ନୁହେ, ସେ ପଥ ସାଧନାର ପଥ; ଅନ୍ତ ସେ ପଥରେ ଯିବା ବିନା ବ୍ୟକ୍ତିଗତଭାବରେ ଉନ୍ନତ ନିଜର, ସମାଜର, ରାଷ୍ଟ୍ରର ପରିପୂର୍ଣ୍ଣ ମଙ୍ଗଳ ଆଦୌ ସମ୍ଭବ ନୁହେ (ଦେଖ ନା ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ାକ) । ଅତ ଏପରି ପଥରେ ଯିବାକୁ ହେଲେ କେବଳ ଉଠିଲେ ଚଳିବ ନାହିଁ— ଜାଗ୍ରତ ହେବାକୁ ହେବ—ଜ୍ଞାନ ପ୍ରାପ୍ତ କରିବାକୁ ଅଗ୍ରଣୀଙ୍କ ପାଖକୁ ଯିବାକୁ ହେବ (କଲେଜକୁ ନୁହେ,) । ଯେ ଅଗ୍ରଣୀ, ଆଚାରଂ ଗ୍ରାହୟତି, କେବଳ ଜ୍ଞାନ ଦିଅନ୍ତି ନାହିଁ—ଆଚରଣ ଶିଖାନ୍ତି ନିଜକୁ ଉଦାହରଣ ସ୍ୱରୂପ ରଖି । ତେଣୁ ହେ ସୁପ୍ତ ପତିତ ପ୍ରାଚୀନ ଭାରତବାସୀ । ଉଠ—ଜାଗ । କିନ୍ତୁ ସାବଧାନତାର ସହିତ ଜାଗ—ପଛକୁ ଫେରି—ଆଗକୁ ଅନ୍ଧଭାବରେ ଆଗେଇ ଝୁଣ୍ଟ ନା । ଉପରୋକ୍ତ ମନ୍ତ୍ରର ଉଦ୍ଗାତା ସ୍ୱାମୀ ବିବେକାନନ୍ଦଙ୍କ ଚରଣ ତଳେ କୋଟୀଶଃ ନମସ୍କାର ।

Digitized by srujanika@gmail.com

(ଏ କାଣ୍ଡର ପିଛି ପରେ ଅର୍ଥାତ୍ ବେଦର ଜ୍ଞାନ ପ୍ରାପ୍ତି ପରେ ଗୁରୁକୁଳରୁ ଫେରି ଆସି ଏ ଜ୍ଞାନକୁ ପ୍ରତ୍ୟକ୍ଷ ଅନୁଭୂତ ଦ୍ୱାରା ଉପଲବ୍ଧ କରାଯାଏ ଗୃହସ୍ଥାଶ୍ରମରେ । ୨ । କର୍ମକାଣ୍ଡ ଗୁରୁକୁଳରୁ ପ୍ରାପ୍ତଜ୍ଞାନ କେବଳ ଆଧ୍ୟାତ୍ମିକ ନୁହେ ବୋଲି ବ୍ରହ୍ମଚର୍ଯ୍ୟାଶ୍ରମ ପରେ ଗୃହସ୍ଥାଶ୍ରମରେ ଯେ ଜ୍ଞାନର ପ୍ରତ୍ୟକ୍ଷ ଉପଲବ୍ଧି ଅନୁଭବ କରାଯାଏ, ତା ସାଂସାରିକ ଜ୍ଞାନ । ଏ ସାଂସାରିକ ଜ୍ଞାନ, ସାମାଜିକ ଜ୍ଞାନ, ପାରିବାରିକ ଜ୍ଞାନ, ସାଂସାରିକ ସାଧାରଣ ସୁଖକୁ ପୂର୍ଣ୍ଣ ମାତ୍ରାରେ ଉପଭୋଗ କରି ନୀରୋଗ ସ୍ୱାସ୍ଥ୍ୟବାନ ହୋଇ ରହିବା, ଅତ୍ୟନ୍ତ ଆନନ୍ଦର ଆଧାର ହେବ ଜୀବନର ଅନ୍ତ କାଳ ପର୍ଯ୍ୟନ୍ତ, ଏ ସମ୍ବନ୍ଧୀୟ ଯେ ଜ୍ଞାନ ସେ ଜ୍ଞାନର ମୂଳ ମଧ୍ୟ ବେଦ । ମନୁଷ୍ୟର ଏ ଅବସ୍ଥାକୁ କୁହାଯାଏ ସ୍ୱପ୍ନାବସ୍ଥା । ସ୍ୱପ୍ନାବସ୍ଥା ମନୁଷ୍ୟର ସେହି ଅବସ୍ଥାକୁ କୁହାଯାଏ ଯେତେବେଳେ ମନୁଷ୍ୟର ଶରୀରର ଇନ୍ଦ୍ରିୟ ସହିତ ମନୁଷ୍ୟର ମନର ତ ସମ୍ବନ୍ଧ ରହେ—କିନ୍ତୁ ସେ ସମ୍ବନ୍ଧ ମିଥ୍ୟା ପ୍ରତିଭାତ ହୁଏ । ଏ ସ୍ୱପ୍ନାବସ୍ଥାରେ ମନୁଷ୍ୟ ଯା' ଅନୁଭବ କରେ, ସ୍ୱପ୍ନ ଭାଙ୍ଗିଲେ ଆଉ ତା' ରହେନା—ମିଥ୍ୟା ପ୍ରତିଭାତ ହୁଏ । ତାର କାରଣ ମନ ସେତେବେଳେ ପୂର୍ଣ୍ଣ ଜାଗ୍ରତାବସ୍ଥାରେ ନ ଥାଏ ବୋଲି ଜାଗ୍ରତାବସ୍ଥାରେ ସେ ଯା' ଅନୁଭବ କରନ୍ତା, ସ୍ୱପ୍ନାବସ୍ଥାରେ ତା'ର କେବଳ ପ୍ରତିଚ୍ଛାୟା ମାନସ-ପଟରେ ଖେଳି ଉଭେଇ ଯାଏ—ମାନସ ପଟରେ ସ୍ଥାୟୀ ହୋଇ ରହିପାରେ ନା । ଏହାହିଁ କାରଣ ଯେ ମନୁଷ୍ୟ ସ୍ୱପ୍ନରେ ଦେଖିଥିବା ଘଟଣା ଅଳ୍ପକାଳ ମଧ୍ୟରେ ବିସ୍ମରଣ ହୁଏ । ଅଥଚ ମନୁଷ୍ୟର ଜାଗ୍ରତାବସ୍ଥାରେ ଅନୁଭୂତ ହୋଇଥିବା ସାପ-କାମୁଡ଼ାର ଘଟଣା ମନୁଷ୍ୟ ଜୀବନ ସାରା ଭୁଲି ପାରେନା । ଅତଏବ ସ୍ୱପ୍ନାବସ୍ଥା ମିଥ୍ୟାବସ୍ଥା । ଯେ ଜ୍ଞାନ ମନୁଷ୍ୟ ଜାଗ୍ରତାବସ୍ଥାରେ ପାଇ ଥାଏ ତାର କେବଳ ଛାୟାକୁ

Digitized by srujanika@gmail.com

ମନୁଷ୍ୟ ସ୍ୱପ୍ନାବସ୍ଥାରେ ଦେଖେ । ଠିକ୍ ସେହିପରି ମନୁଷ୍ୟ ଜୀବନରେ ଗୃହସ୍ଥାଶ୍ରମ ଏକ ମିଥ୍ୟା ଅବସ୍ଥା ସ୍ୱପ୍ନାବସ୍ଥା ପରି । ତେଣୁ ପତ୍ନୀ ପୁତ୍ର ଭାଇ ବନ୍ଧୁ, ପିତାମାତା ସମସ୍ତେ ମିଥ୍ୟା । ଏ ସମସ୍ତେ କେବଳ ସ୍ୱପ୍ନାବସ୍ଥାର ସାଥି । ଏମାନଙ୍କଠାରୁ ବିଚ୍ଛିନ୍ନ ହେବା ପରେ ଏମାନଙ୍କ ସାଙ୍ଗରେ ଆଉ କୌଣସି ସମ୍ବନ୍ଧ ମନୁଷ୍ୟର ରହେନା । ତଥାପି ମନୁଷ୍ୟର ସ୍ୱପ୍ନାବସ୍ଥା ପରି ମନୁଷ୍ୟର ଗୃହସ୍ଥାଶ୍ରମକୁ ମଧ୍ୟ ଏଡ଼ା ଯାଇ ପାରେନା । ଏଥିକୁ ଏଡ଼ା ଯାଇ ପାରିବ ନାହିଁ ବୋଲି ଏହାର ଯଥାର୍ଥ ଉପଯୋଗ ବା ଉପଭୋଗ କରିବାର କଳା ବା ଆଦର୍ଶ ଶିକ୍ଷା କରିବା ପାଇଁ ଗୁରୁକୁଳରେ ବିଦ୍ୟାର୍ଜନରେ ଆବଶ୍ୟକତା ରହିଛି । ଆଉ ଏହି ମିଥ୍ୟା ଅବସ୍ଥାକୁ, ସ୍ୱପ୍ନାବସ୍ଥାକୁ ଭୁଲି ସୁଷୁପ୍ତି ଅବସ୍ଥାକୁ ଯିବାକୁ ବାନପ୍ରସ୍ଥାଶ୍ରମକୁ ଯିବାକୁ ଆବଶ୍ୟକତା ବି ରହିଛି ।

୩. ଉପାସନାକାଣ୍ଡ—ଉପ+ଆସନ+ଅ=ଉପାସନା । ଉପ ଏକ ଉପସର୍ଗ; ଏହା ସମୀପତା, ସାଦୃଶ୍ୟ, ସାମର୍ଥ୍ୟ, ବ୍ୟାପ୍ତି, ଶକ୍ତି, ପୂଜା ମାରଣ ତଥା ଉଦ୍ୟୋଗ, ଏସମସ୍ତ ଅର୍ଥର ଦ୍ୟୋତକ; ପରମାତ୍ମା ସଙ୍ଗରେ ଆତ୍ମାର ଉପ ଆସନ ଅର୍ଥାତ୍ 'ସମୀପରେ ବସିବାକୁ' କୁହାଯାଏ ଉପାସନା । ଗୃହସ୍ଥାଶ୍ରମରେ ନାନା ଦୋଷତ୍ରୁଟି ସମ୍ବନ୍ଧରେ ସମ୍ୟକ ଜ୍ଞାନ ଉପଲବ୍ଧ ହେବା ଫଳରେ ଯେଉଁ ବିକାର ମନୁଷ୍ୟର ମନରେ ସ୍ଥାନ ପାଏ, ସେ ବିକାରକୁ ସମ୍ପୂର୍ଣ୍ଣ ଭୁଲି ଯାଇ, ସେପରି ବିକାରଜନିତ ଦୁଃଖର କାରଣ ନିଜର ବା ଅନ୍ୟ କାହାରିର ନ ହେବାକୁ ଯେ ସାଧନା କରାଯାଏ ଅନ୍ୟକୁ ଜ୍ଞାନ ଦେବା ଦ୍ୱାରା, ନିଜେ ଅଦ୍ଭୁତ ଜ୍ଞାନ ପ୍ରାପ୍ତ ହେବା ଦ୍ୱାରା, ତାକୁ କୁହାଯାଏ 'ଉପାସନା କାଣ୍ଡ ।' ଆଉ ଏ କାଣ୍ଡର ସାଧନାର କ୍ଷେତ୍ର ବାନପ୍ରସ୍ଥାଶ୍ରମ ; ଏହି ଆଶ୍ରମରେ ଜ୍ଞାନ ସାଧନା ଦ୍ୱାରା, ଜ୍ଞାନଦାନ ଦ୍ୱାରା ପରମାତ୍ମାର ନିକଟବର୍ତ୍ତୀ ହେବାକୁ ହୁଏ । ମନୁଷ୍ୟର ଏହି ଅବସ୍ଥାକୁ କୁହାଯାଏ

ସୁଷୁପ୍ତି ଅବସ୍ଥା । ସୁଷୁପ୍ତି ଅବସ୍ଥା ଅର୍ଥ ନିଦ୍ରାବସ୍ଥା । ଏଇ ନିଦ୍ରାବସ୍ଥା କିନ୍ତୁ ସ୍ୱପ୍ନାବସ୍ଥା ନୁହେ । ସ୍ୱପ୍ନାବସ୍ଥା ଅପେକ୍ଷା ଏ ଟିକିଏ ଅଧିକ ଚେତନାବସ୍ଥା । ଏତେବେଳେ ଆତ୍ମା ସମ୍ପୂର୍ଣ୍ଣ ନିଦ୍ରିତ ହୁଏନାହିଁ —ନିଜକୁ ସମ୍ପୂର୍ଣ୍ଣ ଭୁଲି ଯାଏ ନାହିଁ—ନିଜକୁ ଜାଣି ନିଦ୍ରା ଯାଏ । ଆତ୍ମାର ଏ ସମୟର ଅବସ୍ଥାକୁ **Slumber** କୁହାଯାଏ ନା, କୁହାଯାଏ **Dormant** ଏ ଏକ ଯୌଗିକ ଅବସ୍ଥା ସାଧନାର ଅବସ୍ଥା । ଫଳତଃ ଏ ଅବସ୍ଥାରେ ଆତ୍ମା ଇନ୍ଦ୍ରିୟର ଶୃଙ୍ଖଳରୁ ତ ବିରତ ହୁଏ, କିନ୍ତୁ ତାର ସଂଜ୍ଞା ରହେ । ସେତେବେଳେ ତାର ଇନ୍ଦ୍ରିୟର ଶୃଙ୍ଖଳା ନ ଥାଏ, ଅଥଚ ସଂଜ୍ଞା ତାର ଥାଏ ବୋଲି ସେତେବେଳେ ସେ ଯେ ଆନନ୍ଦ ପାଏ, ତା ସାଂସାରିକ ଆନନ୍ଦଠାରୁ ଉଚ୍ଚସ୍ତରର ଆନନ୍ଦ । ସାଂସାରିକ ଆନନ୍ଦର ଅନୁଭୂତି ପାଇଁ ଇନ୍ଦ୍ରିୟ ଆବଶ୍ୟକ— ଆଉ ଆଧ୍ୟାତ୍ମିକ ଆନନ୍ଦ ପାଇଁ ଇନ୍ଦ୍ରିୟର ଆବଶ୍ୟକତା ନାହିଁ— କେବଳ ଶୁଦ୍ଧ ମନର ଆବଶ୍ୟକତା ଅନିବାର୍ଯ୍ୟ । ଆଉ ମନୁଷ୍ୟର ମନର ଏ ଅବସ୍ଥା ସାଧନାର କଥା ବୋଲି, ଯୌଗିକ କ୍ରିୟା ବୋଲି ଏହା ସାଧାରଣ କଥା ନୁହେ, ସାଧାରଣଙ୍କ ଦ୍ୱାରା ସମ୍ଭବ ନୁହେ ।'

(ଏଇ ଅଳ୍ପ ସମୟ ପାଇଁ ହେବଲ ମଧ୍ୟ ଆତ୍ମା ପରମାତ୍ମାଙ୍କ ନିକଟରେ ବସି ପାରିଲି (ଉପାସନା) ବାନପ୍ରସ୍ଥାଶ୍ରମରେ; ସେହି ପରମାତ୍ମାଙ୍କୁ ପୂର୍ଣ୍ଣଭାବରେ ଜାଣିବା ପାଇଁ ଯେଉଁ ଆଶ୍ରମକୁ, ସେ ଅବସ୍ଥାକୁ ଯିବାକୁ ହୁଏ ବା ଆବଶ୍ୟକ, ସେ ଅବସ୍ଥା ବା ସେ ଆଶ୍ରମ ସନ୍ନ୍ୟାସାଶ୍ରମ । ୪—**ବିଜ୍ଞାନକାଣ୍ଡ**, ମନୁଷ୍ୟର ଏଇ ଅବସ୍ଥାକୁ କୁହାଯାଏ ସନ୍ନ୍ୟାସାଶ୍ରମ । ମନୁଷ୍ୟ ଏଇ ଆଶ୍ରମରେ 'ବିଜ୍ଞାନ କାଣ୍ଡ'ର ସାଧନା କରେ । ବିଜ୍ଞାନ, ବିଶେଷ ଜ୍ଞାନ; ଏଇ ବିଶେଷ ଜ୍ଞାନର

Digitized by srujanika@gmail.com

ଅଧାର ହେଉଛି ଈଶ୍ୱର, ତାଙ୍କୁ ବିଶେଷ ଜ୍ଞାନ ଦ୍ୱାରା ଜାଣିବାକୁ 'ବିଜ୍ଞାନ' କୁହାଯାଏ । ଏ ବିଶେଷ ଜ୍ଞାନ **Science** ନୁହେଁ, ଏହା **Philosophy** ଅର୍ଥାତ୍ ଏ ବିଶେଷ ଜ୍ଞାନ 'ଭୌତିକ ବିଶେଷ ଜ୍ଞାନ' ନୁହେଁ, 'ଅଧ୍ୟାତ୍ମିକ ବିଶେଷ ଜ୍ଞାନ' । ଏ ବିଶେଷ ଜ୍ଞାନ ପରମାଣୁ ବୋମା ଅବିଷ୍କାର କରି ମନୁଷ୍ୟଙ୍କୁ ଧ୍ୱଂସ କରିବାର ବିଶେଷ ଜ୍ଞାନ ନୁହେଁ । ଏ ବିଶେଷ ଜ୍ଞାନ ମନୁଷ୍ୟଙ୍କ ପରମାଣୁ ବୋମା ଓ ପରମାଣୁ ବୋମା; ସାଧାରଣ ସାଂସାରିକ ସୁଖ ଦୁଃଖର ଜୀବନରୁ ମଧ୍ୟ ଅତ୍ମାର ଊର୍ଦ୍ଧ୍ୱକୁ ନେଇ ଯିବାର ବିଶେଷ ଜ୍ଞାନ । ଏ ବିଶେଷ ଜ୍ଞାନ ମନୁଷ୍ୟକୁ ସୁଖ ଦେବାର ଜ୍ଞାନ ନୁହେଁ—ମନୁଷ୍ୟକୁ ଆନନ୍ଦ ଦେବାର ଜ୍ଞାନ । ସୁଖ ଆଉ ଆନନ୍ଦ ମଧ୍ୟରେ ପାର୍ଥକ୍ୟ ଏଇ ଯେ ସୁଖ ସାଂସାରିକ ଇନ୍ଦ୍ରିୟଜନିତ ଭୋଗର ପରିଣାମ; ଆଉ ଆନନ୍ଦ ଅଲୌକିକ ଇନ୍ଦ୍ରିୟବହିର୍ଭୂତ ଏକ ସୂକ୍ଷ୍ମ ଅନୁଭୂତିର ନାମ ମାତ୍ର । ସୁଖ ସଙ୍ଗରେ ମନ ଆଉ ଇନ୍ଦ୍ରିୟର ସମ୍ବନ୍ଧ ଜଡ଼ିତ । କିନ୍ତୁ ଆନନ୍ଦ ସଙ୍ଗରେ ଆତ୍ମା ଆଉ ପରମାତ୍ମାର ସମ୍ବନ୍ଧ ଜଡ଼ିତ । ମନ ଗୋଟାଏ ଇନ୍ଦ୍ରିୟ (ଇନ୍ଦ୍ରିୟାଣାଂ ମନଶ୍ଚାସ୍ମି—ଗୀତା), ଆଉ ଇନ୍ଦ୍ରିୟ ତ ଇନ୍ଦ୍ରିୟ । କିନ୍ତୁ ଆତ୍ମା ଇନ୍ଦ୍ରିୟ ନୁହେଁ କି ପରମାତ୍ମା ଇନ୍ଦ୍ରିୟ ନୁହଁନ୍ତି । ତେଣୁ ଆତ୍ମା ପରମାତ୍ମା ସଙ୍ଗରେ ମିଳନରେ ଯା' ପାଏ ତାକୁ କୁହାଯାଏ 'ଆନନ୍ଦ', ଆଉ ମନ ଇନ୍ଦ୍ରିୟ ସଙ୍ଗରେ ମିଳନରେ ଯା' ପାଏ ତାକୁ କୁହାଯାଏ 'ସୁଖ' । ଦୁଇଟି ଶବ୍ଦର ମିଶ୍ରଣରେ 'ସୁଖ' ଶବ୍ଦର ସୃଷ୍ଟି; ସୁ+ଖ=ସୁଖ । 'ସୁ' ଅର୍ଥ ଉତ୍ତମ; ଆଉ 'ଖ' ଅର୍ଥ ଇନ୍ଦ୍ରିୟ । ଇନ୍ଦ୍ରିୟର ସୁଖ ଅବସ୍ଥାକୁ ସୁଖ; ଆଉ ଇନ୍ଦ୍ରିୟର ଦୁଃଖ ଅବସ୍ଥାକୁ କୁହାଯାଏ 'ଦୁଃଖ' । ଦୁ+ଖ=ଦୁଃଖ । 'ଦୁ' ଅର୍ଥ ଦୁଃଖଦାୟକ ଆଉ 'ଖ' ଅର୍ଥ ଇନ୍ଦ୍ରିୟ । ଅତଏବ ସୁଖଦୁଃଖ ଇନ୍ଦ୍ରିୟଗତ ଅନୁଭୂତି ।

Digitized by srujanika@gmail.com

କିନ୍ତୁ ଅନନ୍ଦ ତା' ନୁହେ ।...... ମନୁଷ୍ୟ ଯେଉଁ ସନ୍ନ୍ୟାସାଶ୍ରମରେ ବିଜ୍ଞାନକାଣ୍ଡର ସାଧନା କରେ, ତାର ସେ ଅବସ୍ଥାକୁ କୁହାଯାଏ ତୁରୀୟାବସ୍ଥା । 'ତୁରୀୟ' ଅର୍ଥ ଚତୁର୍ଥ, ତୁରୀୟାବସ୍ଥା ଅର୍ଥ ଚତୁର୍ଥାବସ୍ଥା—ଗୋଟାଏ ପୂର୍ଣ୍ଣ ଅଂଶର ଶେଷ ଅଂଶ ବା ଅବସ୍ଥା । ସେଥିପାଇଁ ତୁରୀୟାବସ୍ଥାକୁ କୁହାଯାଏ ମୋକ୍ଷାବସ୍ଥା । ଗୁରୁକୁଳରେ ଉପାର୍ଜିତ ଜ୍ଞାନକୁ ମନୁଷ୍ୟ ଗୃହସ୍ଥାଶ୍ରମରେ ଅନୁଭବ କରେ । ସେ ଅନୁଭୂତିରେ ଦୋଷତ୍ରୁଟିକୁ ଦେଖି ବାନପ୍ରସ୍ଥାଶ୍ରମରେ ତାକୁ ଦୂର କରି ନିର୍ମଳ ହୁଏ । ପରିପୂର୍ଣ୍ଣ ନିର୍ମଳ ହେଲେ ସନ୍ନ୍ୟାସାଶ୍ରମରେ ବିଜ୍ଞାନ ଦ୍ୱାରା ଈଶ୍ୱର-ସାକ୍ଷାତକାର ପ୍ରାପ୍ତ ହୋଇ ମୋକ୍ଷ ଲାଭ କରେ । ଦର୍ପଣରେ ମଳିନତା ଥିଲେ ତ ମୁହଁ ଦେଖା ଯାଇ ପାରେ ନା ମନରେ ଅବିଳତା ଥିଲେ ତ ଈଶ୍ୱରଙ୍କୁ ଜାଣି ହୁଏ ନା । ତେଣୁ ଗୃହସ୍ଥାଶ୍ରମରେ ଅନୁଭୂତ ଆବିଳତାକୁ ବାନପ୍ରସ୍ଥାଶ୍ରମରେ ଦୂର କରି ସନ୍ନ୍ୟାସାଶ୍ରମରେ ଜ୍ଞାନଦ୍ୱାରା (ପ୍ରତ୍ୟକ୍ଷତଃ ନୁହେ) ବ୍ରହ୍ମକୁ ଜାଣିବାକୁ କୁହାଯାଏ ବିଜ୍ଞାନ କାଣ୍ଡର ସାଧନା । ବା ମୋକ୍ଷ, ମୁକ୍ତିର ସାଧନା ।)

(ଅତଏବ ବେଦ କେବଳ ଆଧ୍ୟାତ୍ମିକ ଜ୍ଞାନର ଆଧାର ନୁହେ । ଆଧ୍ୟାତ୍ମିକ ଜ୍ଞାନର ପରମ ସାଧନା ପାଇଁ ଯେ ଲୌକିକ ଜ୍ଞାନ, ସଂସାରିକ ଜ୍ଞାନ, ପାରିବାରିକ ଜ୍ଞାନର ଆହରଣ ସମ୍ବନ୍ଧରେ ସମ୍ୟକ ଧାରଣା ଆବଶ୍ୟକ, ସେ ଜ୍ଞାନର ମଧ୍ୟ ଆଧାର ବେଦ । ତେଣୁ ଏ ବେଦ କୌଣସି ବ୍ୟକ୍ତି ବିଶେଷର ମତବାଦ ନୁହେ । ମତବାଦ କେବଳ କୌଣସି ଗୋଟାଏ ବିଷୟରେ ମତବାଦ ହୋଇ ପାରେ, ଯେପରି ଧର୍ମ ମତବାଦ, ସମାଜ ମତବାଦ, ରାଷ୍ଟ୍ରମତବାଦ, କିନ୍ତୁ ବେଦ ସମଗ୍ରଭାବରେ ସମଗ୍ର ବିଷୟରେ ମତବାଦ । ଏହାହିଁ

Digitized by srujanika@gmail.com

ତ୍‌ ଧର୍ମ । ଧର୍ମକୁ ଯେଉଁମାନେ ଉପଦେଶ (Ethies) ବୋଲି ମାନନ୍ତି, ସେମାନେହିଁ ଏଇ ବିଭିନ୍ନ ମତବାଦକୁ, ଖ୍ରୀଷ୍ଟ ବୌଦ୍ଧ ଜୈନ ଆଦିକୁ ଧର୍ମ ଆଖ୍ୟା ଦିଅନ୍ତି । କିନ୍ତୁ ଧର୍ମ କେବଳ (Ethies) ନୁହେଁ ବା Philosophy ନୁହେଁ; ଧର୍ମ ରାଜନୀତି, ଧର୍ମ ସମାଜନୀତି, ଧର୍ମ ପାରିବାରିକ ନୀତି, ଧର୍ମ ରାଷ୍ଟ୍ରନୀତି । ସେଥିପାଇଁ ଆମର ସେହି ଧର୍ମ ପୁସ୍ତକ 'ବେଦ' ତାର ଅର୍ଥ 'ଜ୍ଞାନ' । ଜ୍ଞାନ ଯେଉଁ ଧର୍ମର ଅର୍ଥ ସେ ତ କୌଣସି ଗୋଟାଏ ଜାତି, ଦେଶ, କାଳ ମଧ୍ୟରେ ସୀମିତ ହୋଇ ରହିପାରେ ନା । ସେ ତ ସମସ୍ତଙ୍କର ଧର୍ମ—ସବୁ କାଳର ଧର୍ମ—ସବୁ ଦେଶ ଜାତିର ଧର୍ମ । ସେ ତ ହିନ୍ଦୁଧର୍ମ ନୁହେଁ—(ହିନ୍ଦୁ କୌଣସି ଧର୍ମ ବିଶେଷରେ ନାମ ହେବା ଉଚିତ ନୁହେଁ । ଏପରି ଶବ୍ଦ ଭାରତୀୟ କୌଣସି ପ୍ରାଚୀନ ଗ୍ରନ୍ଥରେ ଥିବାର ମନେ ହୁଏନା । ଏଥିପାଇଁ ଏହାର ଅର୍ଥ ଲଗିପାଏ, ହିନ୍‌-ଦୁସ୍‌, ନିପାତନ; ନିପାତନରେ କେବଳ ଏହାର ଅର୍ଥ ହୀନ, ଅଧମ । ଏହା ଠିକ୍‌ ଏ ଶବ୍ଦର ବ୍ୟାକରଣଗତ ବ୍ୟୁତ୍ପତ୍ତି କି ନା ଆମକୁ ଅଜଣା । ହିନ୍ଦୁ ଶବ୍ଦ ଏକ ଯାବନିକ ଶବ୍ଦ ବୋଲି ଅନେକଙ୍କର ମତ । ଆଜି ଏ ଶବ୍ଦର ଅର୍ଥ ଅସମ୍ମାନସୂଚକ । ତା' ପରେ କୌଣସି ଗୋଟାଏ ଧର୍ମର ନାମକରଣ ନଦୀ ପର୍ବତର ନାମାନୁସାରେ ହୋଇଥିବାର ଆମକୁ ଅଜଣା । ଅନେକେ କହନ୍ତି, ଭାରତୀୟମାନେ, ଆର୍ଯ୍ୟମାନେ ମଧ୍ୟ-ଏସିଆରୁ ଆସି ପ୍ରଥମେ ସିନ୍ଧୁ ନଦୀ ଆଖପାଖର ଅଞ୍ଚଳରେ ବସବାସ କରୁଥିଲେ । ସେଥିପାଇଁ ବିଦେଶୀମାନେ ଏ ଜାତିକୁ 'ହିନ୍ଦୁ' ବୋଲି ଆଖ୍ୟା ଦେଲେ, କାରଣ ଯାବନିକ ଭାଷାରେ 'ସ'କୁ 'ହ' ପରି ଉଚ୍ଚାରଣ କରନ୍ତି । ତେଣୁ ସିନ୍ଧୁରୁ ହିନ୍ଦୁ ହେଲା । କେହି କେହି, ଏଥିପାଇଁ, କହନ୍ତି—ଯେ 'ହିନ୍ଦୁଧର୍ମ' କୌଣସି ଧର୍ମର ନାମ ନୁହେଁ—, ସଂସ୍କୃତିର ନାମ ।

Digitized by srujanika@gmail.com

ନଦୀ ପର୍ବତର ନାମରେ କୌଣସି ଗ୍ରନ୍ଥ ନାମିତ ହୋଇଥିବା କଥା ମଧ୍ୟ ଆମକୁ ଅଜଣା । ଦ୍ୱିତୀୟ କଥା, ଭାରତବାସୀ ଭାରତର ବାହାରୁ ଆସି ଥିବା ମତବାଦ ପ୍ରତି ଆମର ବିଶ୍ୱାସ ନାହିଁ । ଆମର ଏ ଅବିଶ୍ୱାସର କାରଣ ଆମେ ଅନ୍ୟକୁ ପ୍ରକାଶ କରିବୁ । କେହି କହି ପାରିବେ କି କେଉଁ ସାଲରେ, କେଉଁ ପଥ ଦେଇ, କିଏ, ଭାରତକୁ ଆସିଲେ । ସେତେବେଳେ ଏଠି କିଏ ରାଜା ଥିଲେ, ତାର ସଙ୍ଗରେ ଯୁଦ୍ଧ କରି, କେଉଁଠାରେ ଯୁଦ୍ଧ କରି, କେଉଁ ଆଡ଼କୁ ତଡ଼ି କିଏ କେବେ ଏ ଦେଶକୁ ଅଧିକାର କଲେ ? ଇତିହାସ କହିଲେ ଏପରି କଥାକୁ ତ ବୁଝାଏ । କେବଳ କଥା, ପ୍ରମାଣ ପାଇଁ, ତଥ୍ୟ ନାହିଁ, ତା ଇତିହାସ ହେବ କାହିଁକି ?—ତା' କାହାଣୀ ହେବ ।)

(ବୌଦ୍ଧ ଧର୍ମ କୁହେ—ଜୈନ ଧର୍ମ କୁହେ—ଖ୍ରୀଷ୍ଟ ଧର୍ମ କୁହେ—ମୁସଲମାନ ଧର୍ମ କୁହେ ; ଏଗୁଡ଼ାକ କଣ ଯଥାର୍ଥରେ ଧର୍ମ ? ଧର୍ମ, ଅର୍ଥାତ ଯେ ଅନ୍ୟକୁ, ଯେ ବିଶ୍ୱକୁ, ଯେ ଆଚରଣ ଅନ୍ୟକୁ ଧରି ରଖେ ସେ ଧର୍ମ—ଧାର୍ଯ୍ୟତେ ଇତି ଧର୍ମଃ । ଏ ଧର୍ମଗୁଡ଼ାକ କଣ ପରସ୍ପରକୁ ଧାରଣ କରି ପାରୁଛନ୍ତି ? ଧର୍ମ ନାମରେ ହତ୍ୟା—ଧର୍ମ ନାମରେ ପରଦାରଗମନ—ଧର୍ମ ନାମରେ ପରସ୍ପର ପ୍ରତି ତୀବ୍ର ଘୃଣା, ବିଷୋଦ୍‌ଗାରଣ—ଧର୍ମ ନାମରେ ଲୁଣ୍ଠତରାଜ—ଧର୍ମ ନାମରେ ନରବଳି, ପଶୁବଳି—ଧର୍ମ ନାମରେ ଈର୍ଷାଦ୍ୱେଷ, ଅକାରଣ ଶତ୍ରୁତା—ଧର୍ମ ନାମରେ ଧର୍ମାନ୍ତରୀକରଣ, ଏ ସମସ୍ତ କଣ ଯଥାର୍ଥରେ ଧର୍ମ ପାଳନର ପରିଣାମ ? ଏ ସମସ୍ତ ପାଇଁ କଣ ବେଦରେ ସ୍ଥାନ ଅଛି ? ଧର୍ମକୃତ୍ୟର କଣ ଏପରି ଭୟଙ୍କର ପରିଣାମ ହେବା ଉଚିତ ? ମନୁଷ୍ୟ ମନୁଷ୍ୟ ମଧ୍ୟରେ ମତବାଦର ସାମଞ୍ଜସ୍ୟ ରହି ପାରିଲା ନାହିଁ ବୋଲି ପରସ୍ପରରେ ତୀବ୍ର ବୈମନସ୍ୟ

Digitized by srujanika@gmail.com

ରହିବା କଥାକୁ ଧର୍ମ ସହ୍ୟ କରି ପାରେ କି ? ତେଣୁ ଆମେ କହୁଁ, ଏଗୁଡ଼ାକ ଧର୍ମ ନୁହେ—ମତବାଦ ମାତ୍ର, ଆରବୀରେ ଯା'କୁ କହନ୍ତି 'ମଜ୍‌ହବ୍'—ଇଂରେଜୀରେ ଯା'କୁ କହନ୍ତି Religion । ଏହା ଧର୍ମ ନୁହେ—ଏହା ସମ୍ପ୍ରଦାୟ—ବ୍ୟକ୍ତି ବିଶେଷର ମତବାଦ—ବିଗ୍ରହଧାରୀ (ଅଭ୍ୟୁତ୍ଥାନ ଦେଖନ୍ତୁ) । ଏ ସମ୍ପ୍ରଦାୟର ପ୍ରତିଷ୍ଠାତା ବ୍ୟକ୍ତି ବିଶେଷ—ଗୋଷ୍ଠି ବିଶେଷ; ଏଥିପାଇଁ ଏହା ସମ୍ପ୍ରଦାୟ । ଏଥିପାଇଁ ଏଗୁଡ଼ାକ ନାନାଭାବରେ ବିଚ୍ଛିନ୍ନ—ବିଭକ୍ତ । ହିନ୍ଦୁ, ଶୈବ, ଶାକ୍ତ, ବୈଷ୍ଣବ, ବୌଦ୍ଧ, ଜୈନ—ଏପରି ନାନା ଭାବରେ ବିଭକ୍ତ—ପରସ୍ପରରେ ଶାନ୍ତି ନାହିଁ—ଶୃଙ୍ଖଳା ନାହିଁ; ଖ୍ରୀଷ୍ଟଧର୍ମ କେଥୋଲିକ ପ୍ରୋଟେଷ୍ଟାଣ୍ଟ, ଏପରି ନାନା ଭାବରେ ଆପଣା ଆପଣା ଠାରୁ ବିଚ୍ଛିନ୍ନ—ଆପଣା ଆପଣା ପ୍ରତି ବିରକ୍ତ, ବିତୃଷ୍ଣ; ମୁସଲମାନ ଧର୍ମ ସୀହା ସୁନ୍ନୀ ଏପରି ନାନା ପ୍ରକାରରେ ପରସ୍ପର ପ୍ରତି ବିମୁଖ । ଏ ସମସ୍ତ ବିଚ୍ଛିନ୍ନତାର କାରଣ ବିଭିନ୍ନ ସମୟରେ ବିଭିନ୍ନ ଲୋକର ବିଗ୍ରହଧାରୀର ମଧ୍ୟରେ ସଂଘର୍ଷ । କାରଣ ମନୁଷ୍ୟ ଅଳ୍ପବୁଦ୍ଧି । କିନ୍ତୁ ଏ ଦେଶର ଧର୍ମ କହେ—

ଅୟଂ ନିଜଃ ପରୋବେତି ଗଣନାଲଘୁଚେତସାମ୍
ଉଦାରଚରିତାନାଂ ତୁ ବସୁଧୈବକୁଟୁମ୍ବକମ୍ ।

"ଏହା ମୋର, ଏହା ତୋର, ଏପରି ବିଗ୍ରହବା ବ୍ୟକ୍ତି କ୍ଷୁଦ୍ରଚିତ୍ତ । ଯେ ବ୍ୟକ୍ତି ଉଦାରଚିତ୍ତ; ସେ ସମଗ୍ର ସଂସାରକୁ ଏକ ପରିବାର ମନେ କରେ ।" ବୈଦିକ ଧର୍ମ, ବସୁଧୈବକୁଟୁମ୍ବକମ୍, ସମଗ୍ର ବସୁଧାକୁ ଏକ ପରିବାର ମନେ କରେ—ଏଠି ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ, ବୌଦ୍ଧ, ଜୈନ କେହି ନ ଥାନ୍ତି—ଥାନ୍ତି କେବଳ ମନୁଷ୍ୟ । ଥିଲେ କି ଏ ଧର୍ମମାନେ କେବେ ? ହଁ,

Digitized by srujanika@gmail.com

ଆଜକୁ ୪୫୬୩ ବର୍ଷ ପୂର୍ବରେ ପାରସୀ, ୩୫୬୩ ବର୍ଷ ପୂର୍ବରେ ଇହୁଦୀ, ୧୯୬୩ ବର୍ଷ ପୂର୍ବରେ ଇସାଇ, ଓ ୧୩୬୩ ବର୍ଷ ପୂର୍ବରେ ଯବନ ଥିଲେ । କିନ୍ତୁ ତା'ର ପୂର୍ବରୁ ... ? ତା' ପୂର୍ବରୁ ବୈଦିକ ଧର୍ମ ଥିଲା । ଏଥିପାଇଁ ତ ଏହାର କାଳ ନିର୍ଣ୍ଣିତ ହୋଇପାରି ନାହିଁ । ଜ୍ଞାନର କାଳ ନିର୍ଣ୍ଣିତ ହେବ କିପରି ? ଜ୍ଞାନକୁ ତ କେହୁ ସୃଷ୍ଟି କରେ ନାହିଁ—ଜ୍ଞାନ ଥାଏ । ତେବେ ଏଗୁଡ଼ାକ ଆସିଲେ କିପରି ? ବୈଦିକ ଧର୍ମରୁ, ନାନା କାରଣରୁ ବିଚ୍ଛିନ୍ନ ହେବା ଫଳରେ ଯେ ମତବାଦଗୁଡ଼ାକ ସୃଷ୍ଟି ହେଲା, ଏଇ ସେହି ସବୁ ମତବାଦ । ପ୍ରମାଣ—

ବାହ୍ଲିକା ପହ୍ଲବାଶ୍ଚୀନା ଶୂଲୀକା ଯବନାଶକାଃ
ମାଷଗୋଧୂମ ମରମଦ୍ୟଶାସ୍ତ୍ର ବୈଶ୍ୱାନରୋଚିତା ।

ଚରକ—

ଅର୍ଥାତ୍ ଋଷି ଅତ୍ରି ଇରାନ, ଚୀନ୍, ଅରବ, ୟୁନାମ୍ ଆଦି ଦେଶ ଭ୍ରମଣ କରିବାବେଳେ ଦେଖିଲେ, ସେଠାକାର ଅଧିବାସୀ ଝର ଓ ଗହମ ଖାଉଥିଲେ, ଆଉ ଶାସ୍ତ୍ରାନୁକୂଳ ଅଗ୍ନିହୋତ୍ର କରୁଥିଲେ । ସେହି ସମୟରେ ପୃଥିବୀର ଅନ୍ୟାନ୍ୟ ଦେଶରେ ବି ହିଂସାରହିତ ଅନ୍ନ ଭକ୍ଷଣର ଆଉ ଅଗ୍ନିହୋତ୍ରର ପକ୍ଷପାତୀ କୌଣସି ଧର୍ମର ପ୍ରଚଳନ ଥିଲା । ଏଇ ଧର୍ମ ବେଦପ୍ରତିପାଦିତ ଧର୍ମ ନୁହେ ତ ।)

(ବୈଦିକ ଧର୍ମ ଜ୍ଞାନର ଧର୍ମ, ବିଶ୍ୱର ଧର୍ମ, ଚିନ୍ତାର ଧର୍ମ ବୋଲି ଏଥିରେ ମତାନ୍ତର ନାହିଁ । ଏହାର ସ୍ରଷ୍ଟା କୌଣସି ବ୍ୟକ୍ତି ବିଶେଷ, କୌଣସି ସମାଜ ବିଶେଷ, ଏପରି କି କୌଣସି କାଳ ବିଶେଷ ନୁହେ । ଏ ଧର୍ମର ଯେଉଁମାନେ ଉଦ୍‌ଗାତା, ସେମାନେ ଏ ଧର୍ମର ସ୍ରଷ୍ଟା ନୁହନ୍ତି—ଏ ଧର୍ମର କେବଳ ସେମାନେ ମନ୍ତ୍ରଦ୍ରଷ୍ଟା;

Digitized by srujanika@gmail.com

ଏ ଧର୍ମକୁ, ବସ୍ତୁକୁ, ଶାସ୍ତ୍ରକୁ—ସେମାନେ କେବଳ ଦେଖି ପାରିଲେ; ଅନ୍ୟ ଦେଖି ପ୍ରଚାର କଲେ । କିନ୍ତୁ ଗୋଟାଏ ଥିଲେ ତ ଦେଖିବା କଥା ଉଠିବ; ଅର୍ଥାତ୍ ଧର୍ମ ଥିଲା । ସେଥିପାଇଁ କୁହାଯାଏ, ବେଦୋଽଖିଳୋ ଧର୍ମ ମୂଳମ୍ । ସମସ୍ତ ଧର୍ମର ମୂଳ ବୈଦିକ ଧର୍ମ । (ଅନେକଙ୍କର ମତ ଯେ, ଖ୍ରୀଷ୍ଟଧର୍ମ ବୌଦ୍ଧଧର୍ମର ଅଂଶ ମାତ୍ର । ଅଧ୍ୟାପକ ମହାଫୀ, ଅଧ୍ୟାପକ ବର୍ଣ୍ଣନ୍, ସିଵଲ୍ ଅନ୍ୟ ଲିଲ୍ଲିଙ୍କ ମଧ୍ୟ ଏହି ମତ । ମୁସଲମାନ ଧର୍ମ ତ ଶଙ୍କରଙ୍କ ମତବାଦର ଆଧାର ଉପରେ ପ୍ରତିଷ୍ଠିତ ବୋଲି ଅନେକେ କହନ୍ତି । ଲା ଇଲାହ ଇଲ୍ଲିଲ୍ଲାହ, ମହମ୍ମଦରସୁଲିଲ୍ଲାହକୁ 'ସର୍ବଂ ଖଲ୍ୱିଦଂ ବ୍ରହ୍ମ ନେହ ନାନାସ୍ତି କିଞ୍ଚନ'ର ଅନୁବାଦ ବୋଲି କହନ୍ତି, ଯା'ର ଅର୍ଥ, କେବଳ ଏକ ଈଶ୍ୱର ଅଛନ୍ତି, ଅନ୍ୟ କେହି ନାହିଁ । ଶଙ୍କରାଚାର୍ଯ୍ୟ ଏକେଶ୍ୱରବାଦୀ । ତେବେ ଏ ସମ୍ବନ୍ଧରେ ଆମର ଗଭୀର ଅଧ୍ୟୟନ ନାହିଁ । ତେଣୁ ଏ ବସ୍ତୁକୁ ଆମ ନିଜର ମତବାଦ ବୋଲି ସ୍ୱୀକାର କରିବାକୁ ଆମେ ଅପ୍ରସ୍ତୁତ ।)

(ବେଦୋଽଖିଳୋ ଧର୍ମ ମୂଳମ୍ ।)

୧(ଏ ମନ୍ତ୍ରର ଅନ୍ୟ ଗୋଟାଏ ଅର୍ଥ ଆମର ମାନସ ଗୋଚର ହେଉଛି । ବେଦ ଅର୍ଥାତ୍ ଜ୍ଞାନ ସକଳ ଧର୍ମର ମୂଳ । ଯେଉଁ ଧର୍ମରେ ଯେତିକି ଜ୍ଞାନ ଅଛି, ତାକୁ ଆମେ ଧର୍ମ ବୋଲି ଗ୍ରହଣ କରିବାକୁ ପ୍ରସ୍ତୁତ—କିନ୍ତୁ ଅନ୍ଧବିଶ୍ୱାସକୁ ନୁହେ । ଶବକୁ ନ ପୋଡ଼ି ପୋତିବା ଧର୍ମ ନା ଅନ୍ଧବିଶ୍ୱାସ—ଛେଳିକୁ ବେକର ଉପର ଆଡ଼ୁ ନ କାଟି ତଳ ଆଡ଼ରୁ କାଟିବା ଧର୍ମ ନା ଅନ୍ଧବିଶ୍ୱାସ—ଜଣେ ତଥାକଥିତ ଅବ୍ରାହ୍ମଣ ଘରରୁ ଜନ୍ମ ନେଇ ଥିଲେ ବି ବିଦ୍ୱାନ୍ ହେବା ସତ୍ତ୍ୱେ ବି ତାଙ୍କୁ ଶୂଦ୍ର ମନେ କରିବା ଧର୍ମ ନା ଅନ୍ଧବିଶ୍ୱାସ—ବାଳବିଧବାକୁ

Digitized by srujanika@gmail.com

ବିଧବା ବହୁ ସମାଜରେ ଭ୍ରୂଣହତ୍ୟାକୁ ପ୍ରଶ୍ରୟ ଦେବା ଧର୍ମ ନା ଅନ୍ଧବିଶ୍ୱାସ ?)

(ରାମକୃଷ୍ଣଙ୍କ ଅସ୍ତିତ୍ୱକୁ ସ୍ୱୀକାର ନ କଲେ ମଧ୍ୟ ବୈଦିକ ଧର୍ମ ରହିବ । କାରଣ ଏମାନେ ବୈଦିକ ଧର୍ମର ପ୍ରତିଷ୍ଠାତା ନୁହନ୍ତି । କିନ୍ତୁ ବୁଦ୍ଧ ଜୈନ ଖ୍ରୀଷ୍ଟ ମହମ୍ମଦଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କଲେ ଏ ଧର୍ମଗୁଡ଼ାକ ରହିବନି ? କାରଣ କୌଣସି କାଳକୁ ସ୍ୱୀକାର ନ କଲେ ମଧ୍ୟ ବୈଦିକଧର୍ମ ରହିବ । ବୈଦିକ ଧର୍ମର ଜ୍ଞାନ ଏବେ ସିନା ସ୍ଥୂଳ ହେବା ଫଳରେ ଗ୍ରନ୍ଥାଗାରରେ ସ୍ଥାନ ପାଇଛି—କିନ୍ତୁ ବେଦର ଜ୍ଞାନ ତ ଅନାଦି । ବୈଦିକ ଋଷିର ଧାରାକୁ ଶୁଣି ଅଭ୍ୟସ୍ତ କରୁଥିଲେ ବୋଲି ଏହାର ନାମ ଶ୍ରୁତି ।

ବୁଦ୍ଧି ପୂର୍ବା ବାକ୍ୟ କୃତିର୍ବେଦ—(ବୈଶେଷିକ) ।

(ବୈଶେଷିକ' ପରି ଦାର୍ଶନିକ ଗ୍ରନ୍ଥର ଅଗ୍ରଣୀ କହୁଛନ୍ତି ଯେ ବେଦର ବାକ୍ୟ ବା ଜ୍ଞାନ ବୁଦ୍ଧି ପୂର୍ବକ ସୃଷ୍ଟି—ଏଥିରେ ଅନ୍ଧବିଶ୍ୱାସ ନାହିଁ ।)

(ଯେଉଁମାନେ ଏ ଜ୍ଞାନକୁ ଆପଣାର ଯୋଗ୍ୟତା ବଳରେ ଯୋଗ ବଳରେ, ସାଧନା ବଳରେ ଆପଣାର ପବିତ୍ର ମସ୍ତିଷ୍କରେ ନିର୍ମଳ ହୃଦୟରେ, ନିଷ୍ପକ୍ଷପାତ ବିଚାରଧାରାର ମଧ୍ୟରେ, ଚିନ୍ତାଶୀଳନତାର ଆଧାରରେ, ଆପଣାର ପରିପୂର୍ଣ୍ଣ ମନୀଷାର ସାହାଯ୍ୟରେ ଦେଖି ପାରିଲେ, ପ୍ରଚାର କଲେ ସେମାନେ ଋଷି ମହର୍ଷି ମନୀଷୀ—ସେମାନେ ସାଧାରଣ ସ୍ୱାର୍ଥପର ଅଳ୍ପବୁଦ୍ଧି ବ୍ୟକ୍ତିବିଶେଷ ନୁହନ୍ତି । ସେଥିପାଇଁ ବେଦର ଜ୍ଞାନ ଆର୍ଷ ଜ୍ଞାନ—ଚିନ୍ତାଶୀଳ ଚରିତ୍ରବାନ୍ ବ୍ୟକ୍ତିଙ୍କର ଜ୍ଞାନ । କା' ପାଇଁ ସେମାନେ ଅନ୍ୟ ପ୍ରତି ବିଦ୍ୱେଷର କଥା ଲେଖନ୍ତେ ? ଅନ୍ୟ କୌଣସି ଧର୍ମ ସେତେବେଳେ ଥିଲେ ତ !)

Digitized by srujanika@gmail.com

(ବେଦର ଜ୍ଞାନ ଅପୌରୁଷେୟ କିପରି ? ବ୍ରହ୍ମଚାରୀ ଅଗ୍ରଜଙ୍କ ପାଖରୁ ଜ୍ଞାନ ପାଏ । ଅଗ୍ରଜ ଆପଣାର ଅଗ୍ରଜଙ୍କଠାରୁ ଜ୍ଞାନ ପାନ୍ତି । ଏହିପରି କ୍ରମରେ ସର୍ବମୂଳ ଅଗ୍ରଜ କାହାଠାରୁ ଜ୍ଞାନ ପାନ୍ତି ଯେତେବେଳେ ସୃଷ୍ଟିର ଆଦିରେ କୌଣସି ଅଗ୍ରଜ ନ ଥିଲେ, ଯେତେବେଳେ ପ୍ରଥମ ହୋଇ ସୃଷ୍ଟି ଆରମ୍ଭ ହୋଇଥିବ ? ସେତେବେଳେ ଏ ଅଗ୍ରଜଙ୍କୁ ଯେ ଜ୍ଞାନ ଦେଲା, ସେ ଈଶ୍ୱର । ଈଶ୍ୱର ଅବସ୍ଥିତ ବ୍ରହ୍ମ—ସେ ଶକ୍ତି ବିଶେଷ । ସେଥିପାଇଁ ସେ ସର୍ବବ୍ୟାପକ ଅଜ ଅନାଦି । ଶକ୍ତିର ମୃତ୍ୟୁ ଘଟେ ନାହିଁ—ଅପ୍ରକାଶ ଘଟେ । ସେଥିପାଇଁ ଜ୍ଞାନ ଅପୌରୁଷେୟ । ଅଜ ଜ୍ଞାନ ଅପୌରୁଷେୟ ବୋଲି ବେଦରେ ଐତିହାସିକ କଥା ନାହିଁ । ଇତିହାସର ସୃଷ୍ଟି ମାନବ-ସୃଷ୍ଟି ସଙ୍ଗେ ଜଡ଼ିତ ; ମାନବ-ସୃଷ୍ଟି ପୂର୍ବରୁ ଜ୍ଞାନ ଥିଲା—ବେଦ ଥିଲା—ଈଶ୍ୱର ଥିଲେ ।)

କର୍ମବ୍ରହ୍ମୋଦ୍ଭବଂ ବିଦ୍ଧି ବ୍ରହ୍ମାକ୍ଷରସମୁଦ୍ଭବମ୍—(ଗୀତା)

(କର୍ମ ବ୍ରହ୍ମୋଦ୍ଭବଂ ବିଦ୍ଧି—କର୍ମକୁ ବ୍ରହ୍ମରୁ ଜାତ ବୋଲି ଜାଣ । (ଅଜ) ବ୍ରହ୍ମାକ୍ଷରସମୁଦ୍ଭବମ୍—ବ୍ରହ୍ମକୁ ଅକ୍ଷରରୁ ଜାତ ବୋଲି ଜାଣ । ଅକ୍ଷର କହିଲେ ସେଇ ବ୍ରହ୍ମକୁ ବୁଝାଏ । ବ୍ରହ୍ମ ବ୍ରହ୍ମଠାରୁ ଉତ୍ପନ୍ନ ବୋଲି କହିବା ସଙ୍ଗତ ହେବ ନାହିଁ । ତେଣୁ ଏଠାରେ ବ୍ରହ୍ମ ଅର୍ଥ ବେଦ । ବେଦ ବ୍ରହ୍ମବିଦ୍ୟାର ଆଧାର ବୋଲି ବ୍ରହ୍ମକୁ ବେଦ କୁହାଯାଏ । ଯେପରି ବ୍ୟାସଦେବଙ୍କୁ, 'ବ୍ୟାସସ୍ତୁ ନାରାୟଣଂ ସ୍ୱୟମ୍' ବୋଲି କୁହାଯାଏ । ବ୍ୟାସ ନାରାୟଣଙ୍କଠାରେ ଏପରି ଗାଢ଼ଭାବରେ ମଜ୍ଜି ଯାଇଥିଲେ ଯେ ତାଙ୍କୁ ନାରାୟଣ କୁହାଯାଇ ପାରୁଥିଲା । ଯେପରି ଅର୍ଜୁନଙ୍କ ଦଶନାମ ମଧ୍ୟରୁ ଗୋଟାଏ ନାମ 'ବୀଭତ୍ସୁ' । ସେ ଯୁଦ୍ଧରେ ଶତ୍ରୁଙ୍କୁ ନାଶ କରିବା

Digitized by srujanika@gmail.com

ବେଳେ ଏପରି ମାରାତ୍ମକଭାବରେ ଆହତ ହୋଇ ପାରୁଥିଲେ ଯେ ତାଙ୍କୁ 'ଆହତ' ବୋଲି କୁହାଯାଉଥିଲା । ସେପରି ଗଙ୍ଗା ପୁତ୍ର ସତ୍ୟବ୍ରତ, ଆଜୀବନ ବ୍ରହ୍ମଚାରୀ ହୋଇ ରହିବା ପାଇଁ ଭୟଙ୍କର ପ୍ରତିଜ୍ଞା କରି ପାରିଲେ ବୋଲି ସେ ଭୀଷ୍ମ, ଭୟଙ୍କର ନାମରେ ଖ୍ୟାତ ହେଲେ ।)

(ବେଦରୁ ଈଶ୍ୱରଙ୍କ ଜନ୍ମ ହୋଇ କହିବା ଅର୍ଥ ଜ୍ଞାନରୁ ଈଶ୍ୱରଙ୍କ ଜନ୍ମ ବୋଲି ବୁଝିବା । ଅର୍ଥାତ୍ ଈଶ୍ୱରଙ୍କୁ ଜାଣିବାକୁ ହେଲେ ଜ୍ଞାନ ଆବଶ୍ୟକ—ସାଧନା ଆବଶ୍ୟକ—ଯୋଗ ଆବଶ୍ୟକ—ଅନ୍ଧ ବିଶ୍ୱାସ ନୁହେ—ସୌଖୀନ ଧର୍ମପାଳନ ନୁହେ—ମୂର୍ତ୍ତିପୂଜାକୁ ଅବଲମ୍ବନ କରି ଅର୍ଥୋପାର୍ଜନ ନୁହେ । ଧର୍ମକୁ ସସ୍ତା କରିବା ଫଳରେ, ଧର୍ମକୁ ସାଧନାର ବସ୍ତୁ ନୁହେ ବୋଲି ମନେ କରିବା ଫଳରେ ସମାଜରେ ନାନା ବିଭ୍ରାଟ ସୃଷ୍ଟି ହୋଇଛି—ଧର୍ମ ନାମରେ ଧର୍ମ କ୍ଷେତ୍ରରେ ଅରାଜକତା, ଅଶ୍ଳୀଳତା, ଅନାଚାର ବଢ଼ିଛି । ଫଳତଃ ବୈଦିକ ଧର୍ମାବଲମ୍ବୀଙ୍କ ସଂଖ୍ୟା ବି କମୁଛି, କମିଛି । ଯେ ଧର୍ମ ପାଇଁ କଠୋର ସାଧନା ଆବଶ୍ୟକ, କଠିଣ ସଂଯମତା ଆବଶ୍ୟକ, ସେ ଧର୍ମର ଅନୁଯାୟୀଙ୍କ ସଂଖ୍ୟା କମିବା ତ ସ୍ୱାଭାବିକ, ଯଥାର୍ଥ ପ୍ରଚାର ଯଦି ଠିକ୍ ନ ହୁଏ । ଭଲ ଅପେକ୍ଷା ମନ୍ଦ ଆଡ଼କୁ ସାଧାରଣ ଲୋକଙ୍କ ଗତି ହେବା ତ ସ୍ୱାଭାବିକ କଥା । ଆଉ ସଂସାରରେ ସାଧାରଣ ଲୋକଙ୍କ ସଂଖ୍ୟା ବେଶୀ ।)

(ଆଜକୁ ୧୪୦ ବର୍ଷ ପୂର୍ବେ, ଯେତେବେଳେ ପ୍ରଥମ ହୋଇ ଏ ଦେଶରେ ଜଣେ ବେଦ-ବିଦ୍ୱାନଙ୍କର ଜନ୍ମ ହୁଏ ସେତେବେଳେ ପୃଥିବୀରେ ୨୫ କୋଟି ବୌଦ୍ଧ, ୪୧ କୋଟି ଖ୍ରୀଷ୍ଟିୟାନ୍, ୨୨ କୋଟି ହିନ୍ଦୁ, ଅତି ୨୦ କୋଟି ମୁସଲମାନ ଥିଲେ, ବାକୀ ଅନ୍ୟ ମତ

Digitized by srujanika@gmail.com

ମତାନ୍ତର ଲେଖେ । ବର୍ତ୍ତମାନ ଏ ସମସ୍ତ ସମ୍ପ୍ରଦାୟ୍ର ସଂଖ୍ୟା ବଢ଼ିଛି କେବଳ ହିନ୍ଦୁଙ୍କ ସଂଖ୍ୟା ଘଟୁଛି । ଯଥାର୍ଥ ଜ୍ଞାନର ପ୍ରଗୁରରେ ବାଧା ଏହାର ଏକ ମୁଖ୍ୟ କାରଣ ।)

(ଯଦି ବ୍ରହ୍ମଙ୍କୁ ବେଦରୁ ଉତ୍ପନ୍ନ ବୋଲି ମାନିବା, ତେବେ ବୁଝିବାକୁ ହେବ ଯେ ବେଦ ବ୍ରହ୍ମ ପରି ଅନାଦି । ଏହି ଅନାଦି ବେଦ ରୂପ ପାଇଲେ କିପରି ?)

ଅଗ୍ନିର୍ବାୟୁରବିଭ୍ୟସ୍ତୁ ତ୍ରୟଂ ବ୍ରହ୍ମ ସନାତନଂ ।
ଦୁଦୋହ ଯଜ୍ଞସିଦ୍ଧ୍ୟର୍ଥ ମୃଗ୍‌ଯଜୁଃ ସାମଲକ୍ଷଣଂ ॥ (ମନୁ)

('ସେ (ଈଶ୍ୱର) ଯଜ୍ଞ କାର୍ଯ୍ୟ (ଯଜ୍ଞର ଅର୍ଥ ଏହି ପୁସ୍ତକରେ ଅନ୍ୟତ୍ର ଦିଆଯାଇଛି—ଦେଖି ପାରନ୍ତି ।) ସାଧନାର୍ଥେ ଅଗ୍ନିଙ୍କଠାରୁ ଋଗ୍‌ବେଦ, ବାୟୁଙ୍କ ଠାରୁ ଯଜୁର୍ବେଦ ଆଉ ସୂର୍ଯ୍ୟଙ୍କ ଠାରୁ ସାମବେଦ ଉଦ୍ଧାର କଲେ ।' ଅର୍ଥାତ୍ ଈଶ୍ୱର ଏହି ତିନି ମନୀଷୀଙ୍କ ମାଧ୍ୟମରେ ବେଦର ଜ୍ଞାନକୁ ପ୍ରକାଶ କଲେ । ଯେଉଁ ଋଷି ସେ ନିଜେ ଜନ୍ମିଛନ୍ତି— ଯାଙ୍କଠାରୁ ସେ ଜନ୍ମିଛି, ସେ ବେଦକୁ ସେ ପ୍ରକଟ କଲେ ଋଷିମାନଙ୍କଠାରେ । ଅର୍ଥାତ୍ ବେଦ ଅର୍ଥ ବ୍ରହ୍ମ ଆଉ ଏ ବେଦ ସହିତ ମନୀଷୀଗଣ ଅଙ୍ଗାଙ୍ଗୀଭାବରେ ଜଡ଼ିତ । ଏଥିପାଇଁ ଅର୍ଷଜ୍ଞାନ ଶାନ୍ତିର କାରଣ, ଏହା ପକ୍ଷପାତ ଦୋଷରୁ ରହିତ ବୋଲି ।)

(ଧର୍ମ କୌଣସି ପୁସ୍ତକ ବିଶେଷ ନୁହେ ବା କେତେକ ପୁସ୍ତକର ସଂଗ୍ରହ ବିଶେଷ ନୁହେ । କୌଣସି ଗୋଟାଏ ନୀତିବଚନକୁ ନେଇ ଧର୍ମ ନୁହେ । ଇଂରେଜୀରେ ଯାଙ୍କୁ କହନ୍ତି Ethics, ସେ ଧର୍ମ ନୁହେ—ସେ ଧର୍ମର ଗୋଟାଏ ଅଙ୍ଗ ମାତ୍ର । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ କ୍ରିୟାକଳାପକୁ ସୁଖକର, ହିତକର କରିବା ପାଇଁ ଯେ ଅର୍ଷ ବିଧାନ, ଯେ ପ୍ରକୃତିଅନୁସାରିଣୀ ବିଧାନ, ସେ ଧର୍ମ ।

Digitized by srujanika@gmail.com

ସେ ବିଧାନ ନୀତିବଚନ ହେବ, ସେ ବିଧାନ ଦର୍ଶନ ହେବ, ସେ ବିଧାନ ରାଜନୀତିକ ବିଗ୍ରହଧାରୀ ହେବ, ସେ ବିଧାନ ଭୋଗ ଆଉ ତ୍ୟାଗର ସମଗ୍ରଭାବରେ ଅବିଚଳିତ ଭାବରେ ଏକ ମୌଳିକ ଆଦର୍ଶଗତ ସୁସଂଯତ ପନ୍ଥା ହେବ; ତେଣୁ ଧର୍ମ ବ୍ୟାପକ—ଦେଶକାଳପାତ୍ରରୁ ମୁକ୍ତ ହୋଇ, କେବଳ ମନ ମଧ୍ୟରେ ସୀମିତ ନ ରହି (ଅର୍ଥାତ୍ କେବଳ ଜ୍ଞାନ ହୋଇ ନ ରହି), କେବଳ ହୃଦୟର ଆବେଷ୍ଟନରେ ବନ୍ଧା ନ ପଡ଼ି (ଅର୍ଥାତ୍ କେବଳ ଗୋଟାଏ ଧର୍ମୋଚ୍ଛ୍ୱାସ ନ ହୋଇ) ସମଗ୍ର ସୃଷ୍ଟିର ଯେ ମୂଳ (ଯାହାଠାରୁ ଜ୍ଞାନର ଜନ୍ମ ଆଉ ଯେ ଜ୍ଞାନରୁ ଜନ୍ମ) ତାର ଅନୁସରଣରେ ସଂସାରର ଆଧ୍ୟାତ୍ମିକ ଆଧିଭୌତିକ ଆଦି ସମସ୍ତ ବିଷୟର ବିଚାର କରି ସେ କର୍ମରେ ପ୍ରବୃତ୍ତ ହେବାକୁ ପ୍ରେରଣା ଦେବ । ଏଥିପାଇଁ ଧର୍ମ ଶବ୍ଦର ଗୋଟାଏ ବ୍ୟାଖ୍ୟା ହେଉଛି—'ଚୋଦନା ଲକ୍ଷଣୋର୍ଥୋ ଧର୍ମଃ । ଯେଉଁ ପୁସ୍ତକରେ ଏ ସମସ୍ତ ବିଧାନ ରହିଛି" ସେ ଧର୍ମ ପୁସ୍ତକ । ବେଦ ଏପରି ପୁସ୍ତକ କି ନା ଜାଣିବାକୁ ହେଲେ ସ୍ୱାଧ୍ୟାୟ ଆବଶ୍ୟକ—ଅମ୍ଭ କଥାରେ ବିଶ୍ୱାସ କରିବାକୁ କେହି ବାଧ୍ୟ ନୁହନ୍ତି ।) ଭାରତବର୍ଷର ସେତେବେଳେ ଧର୍ମ ଥିଲା ଜ୍ଞାନର ଧର୍ମ—ଅନ୍ଧବିଶ୍ୱାସର ଧର୍ମ ସେ ନ ଥିଲା । ଭୂତ ପ୍ରେତ ପ୍ରତି ଅନ୍ଧବିଶ୍ୱାସ—ଭୟଭାବନା ଲୋକଙ୍କର ମନକୁ ପୀଡ଼ିତ କରି ତାଙ୍କର ହୃଦୟାବେଗକୁ କଳୁଷିତ କରି ପାରି ନ ଥିଲା—ମନୁଷ୍ୟକୁ ପଙ୍ଗୁ ଦୁର୍ବଳ ହୀନବୀର୍ଯ୍ୟ ହତୋତ୍ସାହୀ କରି ପାରି ନ ଥିଲା । ଅହିଂସାର ନାମରେ ପଦପଦାନତ ହେବାପାଇଁ ସେ ଧର୍ମ କଦାପି ଶିଖାଇ ପାରି ନ ଥିଲା । ସେ ଧର୍ମ କହୁଥିଲା, ତତ୍ ସତ୍ୟଂ ବଲେ ପ୍ରତିଷ୍ଠିତମ୍—ସେହି ସତ୍ୟ, ସେହି ଈଶ୍ୱର ବଳରେ ପ୍ରତିଷ୍ଠିତ, ଶକ୍ତିସାମର୍ଥ୍ୟରେ ପ୍ରତିଷ୍ଠିତ—ଅସମର୍ଥ ଦୁର୍ବଳ ରୁଗ୍ଣ ପାଖରେ ସେ ସତ୍ୟ ନାହାନ୍ତି—

Digitized by srujanika@gmail.com

ନାୟମାତ୍ମା ବଳହୀନେନ ଲଭ୍ୟଃ (ମୁଣ୍ଡକୋପନିଷଦ) । ଈଶ୍ୱର, ଯେ ଇନ୍ଦ୍ରିୟାତୀତ, ସେ ବି ବଳରେ ପ୍ରତିଷ୍ଠିତ ।। ଅସ୍ତୁର୍ଥ ।। ବଳ ଯେ ଇନ୍ଦ୍ରିୟସାପେକ୍ଷ । କିନ୍ତୁ ଯେ ଦୁର୍ବଳ, ସେ ଅପଣାକୁ ରକ୍ଷା କରି ପାରିବ କିପରି ଯେ, ସେ ଈଶ୍ୱର ପରାୟଣ ହୋଇ ପାରିବ ? ଅତଏବ ସତ୍ୟ ଅର୍ଥାତ୍ ଈଶ୍ୱର ବଳଶାଳୀ ପରାକ୍ରମୀ ବ୍ୟକ୍ତିର ବନ୍ଧୁ—ସହାୟକ—ଦୁର୍ବଳ ଭୟାକ୍ରାନ୍ତ ବ୍ୟକ୍ତିର ସେ ବନ୍ଧୁ ନୁହନ୍ତି ।

ସତ୍ୟକାମଙ୍କ ସମୟର ଭାରତବର୍ଷ ଏହି ଭାରତବର୍ଷ ଥିଲା ।

ସେତେବେଳେ ଭାରତ ଥିଲା ଜଗଦ୍‌ଗୁରୁ । ଏଠାରୁ ଶିକ୍ଷା ପାଇବାକୁ ବାହାରକୁ କେହି ଯାଉ ନ ଥିଲେ । ବାହାରର ଅସ୍ତିତ୍ୱ ସେତେବେଳେ ଥିଲା ? ଏଠାକୁ ଶିକ୍ଷା ପାଇବାକୁ ବାହାରରୁ ଆସୁଥିଲେ; ଆଉ ଏ ଦେଶର ସ୍ତବ ଗାନକରୁଥିଲେ ଭକ୍ତିପ୍ଲୁତ କଣ୍ଠରେ—

Oh India, will you not help us ?
Be patient with us, India.
Remember we are your children
You are old and learned and
wise before we existed.
Our path is steep and thorny
Help us, mother India.
We, your real vedic children.
Are turning our gaze to
Our motherland together.

Digitized by srujanika@gmail.com

We can become the great regenerating and moralising force of this world.

—Loured Flinch Paris

Chalea, Persia, Egypt, Greece and Rome have perished, mighty as once they were. India which was their Contemporary was cultivated them all.

—Annie Besant.

In the whole world there is no study so beneficial and elevating as that of the Qupanikhats (ଉପନିଷଦ). It has been the solace of my life and it will be the solace of my death.

Schopenhauer.

ଏତଦ୍ଦେଶପ୍ରସୂତସ୍ୟ ସକାଶାଦଗ୍ରଜନ୍ମନଃ ।
ସ୍ୱଂ ସ୍ୱଂ ଚରିତ୍ରଂ ଶିକ୍ଷେରେନ୍ ପୃଥିବ୍ୟାଂ ସର୍ବମାନବାଃ ॥ (ମନୁ)

ପୃଥିବୀର ସମସ୍ତ ମାନବ ଏ ଦେଶ (ଭାରତବର୍ଷ) ପ୍ରସୂତ ଅଗ୍ରଜନ୍ମମାନଙ୍କ ନିକଟରୁ ସ୍ୱ ସ୍ୱ ଚରିତ୍ର ଶିକ୍ଷା କରିବେ , ଏ କଥା ପୃଥିବୀର ଆଦି ସମ୍ରାଟ ମନୁ କହୁଛନ୍ତି । ଏ ଦେଶର ଲୋକଙ୍କୁ ସେ ଅଗ୍ରଜନ୍ମା ବୋଲି କହୁଛନ୍ତି । ପୃଥିବୀର ପ୍ରଥମ ସଭ୍ୟତାର ଆଲୋକ ଏ ଦେଶରେ ପଡ଼ିଥିଲା—ଜ୍ଞାନରେ, ମେଧାରେ, ବୁଦ୍ଧିରେ, ଚରିତ୍ରରେ ଏ ଦେଶ ଅଗ୍ରଜ । ପୃଥିବୀର ଆଦିମାନବର ସୃଷ୍ଟି ବି ଏହି ଦେଶରେ । କିନ୍ତୁ କି ଦୁର୍ଯୋଗ ନ ଘଟିଛି ଏ ଦେଶରେ ଯେ, ଯେଉଁ ଦେଶ ଆଧ୍ୟାତ୍ମିକତାର କ୍ରୀଡ଼ାଭୂମି, ଦର୍ଶନର ଜନ୍ମସ୍ଥଳୀ, ଚରିତ୍ରର ଲୀଳାକ୍ଷେତ୍ର, ସେ ଦେଶର ଲୋକେ ଏ ଦେଶର ଭାଷା, ବିଦ୍ୟା ଶିକ୍ଷା କରିବାକୁ ବାହାରକୁ ଯାଉଛନ୍ତି । (ଭାରତବର୍ଷର ଅନେକ ସ୍ଥାନ

Digitized by srujanika@gmail.com

ଅଧ୍ୟାପକ ଇଂଲଣ୍ଡକୁ ସଂସ୍କୃତ ଶିକ୍ଷା ଦେବାକୁ ଯାଉଛନ୍ତି । ଅନେକେ ଜର୍ମାନ, ଆମେରିକା, ଅଷ୍ଟ୍ରେଲିଆକୁ ଦର୍ଶନ ପଢ଼ିବାକୁ ଯାଉଛନ୍ତି । ଋଷିଆରେ ସଂସ୍କୃତ-ବିଶ୍ୱ-ପରିଷଦ ଅଛି—ଭାରତରେ ନାହିଁ ।)

ଏହି ଦେଶରେ ସେତେବେଳେ ଥିଲା—'ପୃଥିବୀର ସର୍ବ ବୃହତ୍ ସର୍ବଶ୍ରେଷ୍ଠ ଦୁଇଟି ବିଶ୍ୱବିଦ୍ୟାଳୟ, 'ନାଳନ୍ଦା' ଆଉ 'ତକ୍ଷଶିଳା' । ନାନା ଦେଶରୁ ଅଧ୍ୟାପକ ଛାତ୍ର ଏଠାକୁ ଅଧ୍ୟୟନ ପାଇଁ ଆସୁଥିଲେ । କୌଟିଲ୍ୟ-ଅର୍ଥଶାସ୍ତ୍ର ପରି ମହାନ୍ ଗ୍ରନ୍ଥର ଅଗ୍ରଣୀ ଚାଣକ୍ୟ ଏହି ବିଶ୍ୱବିଦ୍ୟାଳୟର ରାଜନୈତିକ ଅର୍ଥନୀତିର ଅଧ୍ୟାପକ ଥିଲେ । ଏହାଙ୍କର ସୃଷ୍ଟି ଭାରତବର୍ଷର ସେତେବେଳକାର ପ୍ରସିଦ୍ଧତମ ସମ୍ରାଟ ଚନ୍ଦ୍ରଗୁପ୍ତ । ଏହି ଚାଣକ୍ୟ ସେତେବେଳେ ଥିଲେ ଏ ବିଶ୍ୱ-ବିଦ୍ୟାଳୟର ଅଗ୍ରଣୀ ଆଉ ଚନ୍ଦ୍ରଗୁପ୍ତ ଛାତ୍ର । ଏହି ବିଶ୍ୱବିଦ୍ୟାଳୟ ନାଳନ୍ଦାର ଉପରେ ମାରାତ୍ମକଭାବରେ ବିପର୍ଯ୍ୟୟ ଘଟିଛି ଭାବିଲେ ଏ ଦେଶର ପତନର କ୍ରମ କ୍ରମ ଉପରେ ଅପହସ୍ତ ଭାବରେ ହୋଇଛି, ତାର ଅନେକ ମର୍ମନ୍ତୁଦ ସ୍ମୃତି ଏ ପର୍ଯ୍ୟନ୍ତ ରହିଛି ଏ ଦେଶରେ, ଆଉ ଏ ଦେଶର ମର୍ମକୁ ଛେଦନ କରୁଛି ଅହରହ । ସେଥିରୁ ଗୋଟାଏ ଦୁଇଟାର ଆଭାସ ମାତ୍ର ଦିଆଗଲା ।

• ଜଣେ ଲୁଣ୍ଠନକାରୀ ବାଦଶାହଙ୍କ ଦୃଷ୍ଟି ପଡ଼ିଲା ହଠାତ୍, ନାଳନ୍ଦାର ଲକ୍ଷ ଲକ୍ଷ ପୁସ୍ତକ ଉପରେ, ନାନା ଭାଷାର, ନାନା ବିଷୟର, ନାନା ଲେଖକଙ୍କର । ବାଦଶାହ ଈର୍ଷାରେ, ଘୃଣାରେ, ରାଗରେ ଜଳି ଉଠିଲେ । ପ୍ରଶ୍ନ କଲେ ଉତ୍ତେଜିତ କଣ୍ଠରେ—

'ୟେ କ୍ୟା ହୈ ?'

'ପୁସ୍ତକେଁ ହୈଁ ।' ଡର ଡରି ଉତ୍ତର ଦେଲେ ଅଗ୍ରଣୀ ।

'ଇସ୍‌ମେଁ କୋରାନ୍ ହୈ ?'

'ଜୀ, ନହୀଁ ।'

Digitized by srujanika@gmail.com

'ତୋ ଜଲା ଦୋ' ।

ଅଗ୍ନିର୍ଧ ବିଚଳିତ ହୋଇପଡ଼ିଲେ । କିନ୍ତୁ ଉପାୟ ତାଙ୍କୁ ଦିଶିଲା ନାହିଁ । ହଠାତ୍ କହି ପକାଇଲେ—

"ଇସ୍‌ମେ କୋରାନ୍ କେ ସାଥ୍ ସମ୍ବନ୍ଧ ରଖିନେବାଲୀ ପୁସ୍ତକେଁ ହେଁ ।"

ବାଦ୍‌ସାହ ଅଦ୍ଭୁତ ଢଙ୍ଗରେ କହିଲେ—

'କୋରାନ୍ ତୋ ଅଲଗ୍ ହେ ହ୍ନା—ଇସ୍‌ମେଁ କୋରାନ୍ କେ ସାଥ୍ ସମ୍ବନ୍ଧ ରଖନେବାଲୀ ପୁସ୍ତକୋଁ କା କ୍ୟା ଜରୁର ହେ ? ଜଲା ଦୋ ।'

ଲକ୍ଷ ଲକ୍ଷ ଉପାଦେୟ ଦୁର୍ମୂଲ୍ୟ ଅପ୍ରାପ୍ୟ ପୁସ୍ତକକୁ ଲେଲିହାନ ଜିହ୍ୱାରେ ଅଗ୍ନିଦେବ କେତେ ଘଣ୍ଟା ମଧ୍ୟରେ ଆତ୍ମସାତ୍ କଲେ । ଯୁଗ ଯୁଗ ସାଧନାର ଫଳ, କାଳ କାଳ ତପସ୍ୟାର ଏଇ ଅମୂଲ୍ୟ ପରିଣତିର ଏଇପରି ଭାବରେ ଅବସାନ ଘଟିଲା । କେବଳ କଣ ଏ ଦେଶର ଜ୍ଞାନର, ବୁଦ୍ଧିର, ବିଦ୍ୟାର ଏପରି ପତନ ଘଟିଛି ? ଏ ଦେଶର ଶିଳ୍ପ କଳାର ଉପରେ ଭୟଙ୍କର ପରିଣତି ଘଟିଛି ତାର ମଧ୍ୟ ଗୋଟାଏ ଉଦାହରଣ ଦିଏଁ ।

ଏବେ ମଧ୍ୟ ଭାରତର ଉତ୍ତର ଅଞ୍ଚଳର କମିଶନର ଶ୍ରୀ କେ. ସି. ମାଥୁର ଆଇ: ସି ଏସ୍: 'ଶାରଦୀୟ' ବୋଲି ଗୋଟିଏ ନାଟକ ଲେଖିଛନ୍ତି, ଆଉ ଏଥିପାଇଁ ସେ 'କାଳିଦାସ-ପୁରସ୍କାର' ପାଇଛନ୍ତି । ନାଟକର ବିଷୟ ବସ୍ତୁଟି ଐତିହାସିକ ଘଟଣା ଉପରେ ଅବଲମ୍ବିତ ହୋଇଛି; ଆଉ ଘଟଣାଟି ସତ୍ୟ; ୧୮୦୦ ଶତାବ୍ଦୀର ଘଟଣା, ୧୮ ଗଜର ଗୋଟିଏ କପଡ଼ା ୫ ତୋଳା ଓଜନ ହେବା ଫଳରେ ଏ କପଡ଼ାର ନିର୍ମାଣକର୍ତ୍ତାଙ୍କୁ ଆଜୀବନ

Digitized by srujanika@gmail.com

କାରିଦଣ୍ଡ ଦିଆପାଇଛନ୍ତି । ନାଗପୁର ସଂଗ୍ରହାଳୟରେ ଏପର୍ଯ୍ୟନ୍ତ ଏ ଉପଡ଼ାଖଣ୍ଡିକ ସୁରକ୍ଷିତ । (Hindusthan Standard D. 16. 7. 63

ଦେଶର ପତନର କାରଣ ମନେ କରି ପାରୁଛନ୍ତି ? ପରାଧୀନତାର ପ୍ରକୃତ ଉପଲବ୍ଧି କରି ପାରୁଛନ୍ତି ?

ଏପରି ଭାବରେ ଏ ଦେଶର ବୈଦିକ ପରମ୍ପରା ଛିନ୍ନ ଭିନ୍ନ ହୋଇଛି । ବୈଦିକ ସଂସ୍କୃତି ବ୍ରହ୍ମାଙ୍କଠାରୁ ଜୈମିନି ପର୍ଯ୍ୟନ୍ତ ଅବିଚ୍ଛିନ୍ନ ଧାରାରେ ତପୋଧନ ଋଷି ମହର୍ଷିଙ୍କ ଦ୍ୱାରା ସୁପ୍ରବାହିତ ହୋଇ ଆସୁଥିଲା ଏ ଦେଶରେ । କିନ୍ତୁ ମହାଭାରତ ମହାଯୁଦ୍ଧ ପରେ ଏପରି ନାନା ବାଧାବିଘ୍ନ ଫଳରେ ବେଦବିଦ୍ୟା ଧୀରେ ଧୀରେ ଲୁପ୍ତ ହେବାକୁ ବସିଲା । ଫଳରେ ପୁରାଣ କାଳରେ (ଯେତେବେଳେ ବୈଦିକଜ୍ଞାନ ଲୁପ୍ତ ହୋଇ ଅଷ୍ଟାଦଶ ପୁରାଣର ଅତି କଳ୍ପିତ ଗଳ୍ପର ପ୍ରସାର ହେଲା) ବୈଦିକ ସାହିତ୍ୟ ଆଉ ତାର ଅର୍ଥଜ୍ଞାନ ମଧ୍ୟରେ ଏତେ ପାର୍ଥକ୍ୟ ରହିଲା ଯେ ମନୁଷ୍ୟ ବେଦବିଦ୍ୟା ପ୍ରତି ବିତୃଷ୍ଣ ହେବାକୁ ଲାଗିଲେ ।। ଯଥା—'ଅଶ୍ୱମେଧ ଯଜ୍ଞ' । 'ଅଶ୍ୱ' ଶବ୍ଦର ମୂଳ ଅର୍ଥ, ଯୌଗିକ ଅର୍ଥ, ବେଦରେ ବ୍ୟବହୃତ ହୋଇଥିବା ଶବ୍ଦର ଅର୍ଥ ହେଉଛି, 'ଯେ ଶୀଘ୍ର ଗତିକରେ' । ସଂସାରେ ସବୁଠାରେ ବେଶି ଗତିମାନ ହେଉଛି 'ମନ' । ତେଣୁ ଅଶ୍ୱ କହିଲେ ମନକୁ ବୁଝାଏ— ଏହି ଅର୍ଥରେ ଅଶ୍ୱ ଶବ୍ଦ ଶାସ୍ତ୍ରରେ ବ୍ୟବହୃତ ହୋଇଛି । କିନ୍ତୁ ପୁରାଣ କାଳରେ ଯେତେବେଳେ ତାମସିକତାର ପ୍ରସାର ବେଶି ହେଲା, ଅଜ୍ଞାନତା ବେଶି ବ୍ୟାପିଲା, ସେତେବେଳେ 'ଅଶ୍ୱ' ଅର୍ଥରେ ଘୋଡ଼ାକୁ ଗ୍ରହଣ କରାଗଲା, କାରଣ ଘୋଡ଼ା ମଧ୍ୟ ଗୋଟାଏ ଶୀଘ୍ରଗାମୀ ପଶୁ । ଆଉ ମେଧ ଶବ୍ଦର ଦୁଇଟି ଅର୍ଥ ; ଏକ, ପବିତ୍ର

Digitized by srujanika@gmail.com

କରିବା, ଦ୍ୱିତୀୟ, ହିଂସା କରିବା । ଅଶ୍ୱମେଧ ଯଜ୍ଞ କରିବା ଅର୍ଥ ମନର ହିଂସା କରିବା ଅର୍ଥାତ୍ ମନକୁ ମାରିବା ବା ମନକୁ ପବିତ୍ର କରିବା—ସଂଯତ ହେବା । ଅଶ୍ୱଟା କ୍ଷାତ୍ରଶକ୍ତିର ପ୍ରତୀକ ବୋଲି ରାଜା ଚକ୍ରବର୍ତ୍ତୀ ସମ୍ରାଟ୍ ହେବାକୁ ଚାହିଁଲେ ତାକୁ ବିଭିନ୍ନ ଦେଶକୁ ପ୍ରେରଣ କରୁଥିଲେ ଅନ୍ୟର ଶକ୍ତି କେତେ ଜାଣିବା ପାଇଁ—ଅଶ୍ୱକୁ ହତ୍ୟା କରିବାକୁ ନୁହେଁ । ଯଜ୍ଞ ସଙ୍ଗରେ 'ହିଂସା' ଯୋଡ଼ିବା ଅସଙ୍ଗତ । ଯଜ୍ଞ ଶବ୍ଦ 'ଯଜ୍' ଧାତୁରୁ ଉଦ୍ଭବ ଯାହାର ଅର୍ଥ ହେଉଛି ଦାନ, ସଙ୍ଗତିକରଣ, ଦେବପୂଜନ । ତାପରେ 'ଗୋ' ମେଧ ଶବ୍ଦ । 'ଗୋ' ଶବ୍ଦର ଅର୍ଥ ହେଉଛି ଯେ ଯାଏ—କେବଳ ଯାଏ । ତେଣୁ 'ଗୋ' କହିଲେ ଇନ୍ଦ୍ରିୟକୁ ବୁଝାଏ, ପୃଥିବୀକୁ ବୁଝାଏ, ଆଉ ଗୋରୁକୁ ବି ବୁଝାଏ । 'ଗୋ' ଅର୍ଥରେ କେବଳ ଗୋରୁକୁ ବୁଝି ତାର ହତ୍ୟା ଯଜ୍ଞରେ ହେଉଥିଲା ବୋଲି ବୁଝିବା ଅସଙ୍ଗତ—ଯଜ୍ଞରେ ଇନ୍ଦ୍ରିୟ ଦମନ ହେଉଥିଲା ଦାନ ସଙ୍ଗତିକରଣ ଆଉ ଦେବପୂଜନ ଦ୍ୱାରା । ଯଜ୍ଞ ବର୍ଷା ଆଉ ବାୟୁ ଶୁଦ୍ଧି ପାଇଁ କରାଯାଉଥିଲା । ପଶୁମାଂସ ଅଗ୍ନିରେ ପୋଡ଼ିଲେ ବାୟୁ ଶୁଦ୍ଧ ହୁଏ ନା ବର୍ଷା ବି ହୁଏ ନା । ସେପରି ଅଜା ଅର୍ଥ ବି ପ୍ରକୃତ—ଛେଳି ନୁହେଁ ।)

ଏପରି ସବୁ ଅଶିକ୍ଷାଜନିତ ବିକୃତିର ଫଳରେ ଆଉ ବିଧର୍ମୀମାନଙ୍କର ଅତ୍ୟାଚାର ଫଳରେ ଚାରି ବେଦର ୧୧୩୧ ଶାଖା ଆଉ ତାର ଅନେକ ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ, ପ୍ରତିଶାଖ୍ୟ, ସୂତ୍ର, ତଥା ଅଙ୍ଗୋପାଙ୍ଗ ଧୀରେ ଧୀରେ ଲୁପ୍ତ ହେଲେ । ଏହିଠାରେ ଗୁରୁ ଶିଷ୍ୟ ପରମ୍ପରାର ଅବିଚ୍ଛିନ୍ନ ତନ୍ତୁ ଛିନ୍ନଭିନ୍ନ ହେଲା । ବର୍ତ୍ତମାନ ସେହି ଲୁପ୍ତ ବିଦ୍ୟାରୁ କେବଳ ଏତିକ ଉଦ୍ଧାର

Digitized by srujanika@gmail.com

କରିପାଇ ପାରନ୍ତି—ବେଦର ୧୧୩୧ ଶାଖାରୁ ୧୨ ଶାଖା, ୧୭ ବ୍ରାହ୍ମଣ, ୪ ଆରଣ୍ୟକ, ପ୍ରାୟ ୧୫୦ ଉପନିଷଦ୍, ୫ ପ୍ରତିଶାଖ୍ୟ ।

କିନ୍ତୁ ଏ ଦେଶର ପତନର ଆରମ୍ଭ ହେଲା ମହାଭାରତ ଯୁଦ୍ଧର ଅବସାନ ପରେ ପରେ ଆଜକୁ ପାଞ୍ଚ ସହସ୍ର ବର୍ଷ ପୂର୍ବରେ । ଏ ପତିତ ଦେଶ ଆଜ ଜାଗି ପାରିଲା ନାହିଁ—ଜାତୀୟ ଚରିତ୍ର ବୋଲି ଏହାର ଆଉ କିଛି ରହିଲା ନାହିଁ ।

(୧ । ଜଣେ ଭାରତୀୟ ଛାତ୍ର ଜାପାନକୁ ଇଞ୍ଜିନିଅରିଂ ପଢ଼ିବାକୁ ଯାଇଥିଲେ । ମଝିରେ ମଝିରେ ସେଠିକାର ଗୋଟାଏ ବଡ଼ ପୁସ୍ତକାଳୟକୁ ସେ ପଢ଼ିବାକୁ ଯାନ୍ତି । ପଢ଼ିବାବେଳେ ନାନା ପୁସ୍ତକରୁ ସେ ନକ୍ସା ଗୁଡ଼ାକ କାଟି ଆଣନ୍ତି । ପରେ ଯେତେବେଳେ ଜଣାପଡ଼େ ଯେ ଏହା ଜଣେ ଭାରତୀୟ ଛାତ୍ରଙ୍କ କୃତିତ୍ୱ, ସେତେବେଳେ ଆଦେଶ ହୁଏ, କୌଣସି ଭାରତୀୟ ଛାତ୍ରଙ୍କୁ ଏହି ପାଠାଗାରରେ ପୁସ୍ତକ ପଢ଼ିବାକୁ ଦିଆ ହେବ ନାହିଁ ।)

(୨ । ଜଣେ ଭାରତୀୟ ଛାତ୍ର ଇଂଲଣ୍ଡରେ ପଢ଼ନ୍ତି । ଇଂଲଣ୍ଡର ଗୋଟାଏ ବଡ଼ ପାଠାଗାରକୁ ପଢ଼ିବାକୁ ଯାନ୍ତି । ଯେଉଁ ବହି ପଢ଼ିବାକୁ ଆଣନ୍ତି, ତାକୁ ଆଉ ଫେରାନ୍ତି ନାହିଁ । ବହିଟାକୁ ନେଇ-ଆସି ବହି ଦୋକାନରେ ଅଳ୍ପ ମୂଲ୍ୟରେ ବିକି କରିଦିଅନ୍ତି । ଏପରି ବାରମ୍ବାର ସେ ଜଣେ ଛାତ୍ର ତାଙ୍କ ପାଖକୁ ବହି ବିକିବାକୁ ଆଣିବା ଦେଖି ଦୋକାନୀର ମନରେ ସନ୍ଦେହ ହୁଏ । ଦୋକାନୀ ଅନୁସନ୍ଧାନ କରି ଦେଖନ୍ତି ଯେ, ପୁସ୍ତକ ଅମୁକ ପାଠାଗାରର ନିଜସ୍ୱ ସମ୍ପତ୍ତି—ସେ ପାଠାଗାରର ମୋହର ପୁସ୍ତକରେ ଲାଗିଛି । ଦୋକାନୀ ପାଠାଗାରର କର୍ତ୍ତୃପକ୍ଷଙ୍କୁ ଫୋନ୍ କରନ୍ତି । କର୍ତ୍ତୃପକ୍ଷ କଲେଜର ଅଧ୍ୟକ୍ଷଙ୍କ ପାଖକୁ ଫୋନ୍ କରନ୍ତି । ଅଧ୍ୟାପକ ଏ ଭାରତୀୟ ଛାତ୍ରଙ୍କୁ ଏପରି ନ କରିବାକୁ ବାରଣ ମାତ୍ର କରି ଦିଅନ୍ତି । ସେ ଦେଶର ପାଠାଗାରର କର୍ତ୍ତୃପକ୍ଷ

Digitized by srujanika@gmail.com

ଦୋକାନୀ ଆଉ କଲେଜର କର୍ତ୍ତୃପକ୍ଷଙ୍କ ଚରିତ୍ର କଥା ଭାବନ୍ତୁ; ଆଉ ଏ ଦେଶର ସେଇ ସ୍ତରର ଚରିତ୍ର ।। କର୍ତ୍ତୃପକ୍ଷ ବା ଅଧ୍ୟକ୍ଷ ଇଚ୍ଛା କରିଥିଲେ, ଭାରତୀୟ ଦୂତାବାସକୁ ଜଣାଇ ଦେଇ ପାରି-ଥାନ୍ତେ—ସେତେବେଳେ ସେ ଛାତ୍ର ଆଉ ଇଂଲଣ୍ଡରେ ନ ଥାନ୍ତେ । କିନ୍ତୁ ଅଧ୍ୟକ୍ଷ ତା' ଅଦୌ କଲେ ନାହିଁ ।)

(୩ । ଆମ ଦେଶର ନେତୃସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ସେତେବେଳେ ଇଂଲଣ୍ଡରେ ସ୍ତ୍ରୀ ବ୍ୟବସାୟ ଆଉ ଏ ଦେଶର ଅର୍ଥ ଆତ୍ମସାତ୍ । ଆମ ଦେଶର ଜାତୀୟ ଚରିତ୍ର ଅଛି ?)

(୪ । ଆମ ଦେଶର ଜଣେ ଛାତ୍ର ଇଂଲଣ୍ଡକୁ ଛାପାଖାନା ସମ୍ବନ୍ଧୀୟ ବିଦ୍ୟା ପଢ଼ିବାକୁ ଯାନ୍ତି । ପ୍ରଥମରେ ଭାରତୀୟ ଦୂତାବାସରେ ତାଙ୍କର ବିଶ୍ରାମ ନେବାର ବ୍ୟବସ୍ଥା ହୁଏ । ପ୍ରଥମରେ ସେ ବିଶ୍ରାମ କରନ୍ତି ତଳ କୋଠରୀରେ । ପରେ ତାଙ୍କୁ ଉପର କୋଠରୀକୁ ଯିବାକୁ ହୁଏ । ଯିବା ବେଳରେ ଏକା ଥରକେ ତାଙ୍କର ସବୁ ଜିନିଷ ଉପରକୁ ନେଇ ଯିବାକୁ ସମ୍ଭବ ହୁଏ ନା । ତେଣୁ ଅଧେ ନେଇ ଅଧେ ଛାଡ଼ି ଯିବା ପରେ ଆସି ଦେଖନ୍ତି, ତାଙ୍କର ଗୋଟାଏ ସୁଟ୍‌କେଶ୍ ନାହିଁ । ଏହା ଘଟିଛି ଇଂଲଣ୍ଡର ସ୍ଥିତ ଭାରତୀୟ ଦୂତାବାସରେ । ଅଥଚ ଏହି ଛାତ୍ର ପାର୍କରେ ବୁଲି ବୁଲି ତାଙ୍କର ଗୋଟାଏ ଝର୍ଣ୍ଣା କଲମ ହଜାଇ ଦିଅନ୍ତି । ଗୋଟାଏ ୭।୮ ବର୍ଷର ପୁଅ ତାଙ୍କ ପଛରେ ଗୋଡ଼େଇ ଗୋଡ଼େଇ ଡାକି ତାଙ୍କର କଲମଟି ଦିଅନ୍ତି ।)

ସେତେବେଳେ, ସେଇ ସତ୍ୟକାମ ଜାବାଳଙ୍କ ସମୟରେ, ଏହି ଦେଶରେ ନଗର ନଗରରେ, ଘରେ ଘରେ ତଥା ଆର୍ଯ୍ୟଗଣଙ୍କ ନିବାସ-ସ୍ଥାନ ଗୁରୁକୁଳରେ, ପର୍ଣ୍ଣକୁଟୀରେ ବେଦବିଧି ଦ୍ୱାରା ଅନୁଷ୍ଠିତ

Digitized by srujanika@gmail.com

ହବନର ସୁଗନ୍ଧମୟ ପବିତ୍ର ଧୂମାବଳୀ ଦ୍ୱାରା ଦେଶର ମୁକ୍ତ ବାୟୁମଣ୍ଡଳ ସଂଜୀବିତ ହୋଇ ଉଠୁଥିଲା । (ପୌରାଣିକ ବ୍ରାହ୍ମଣମାନଙ୍କ ଦ୍ୱାରା ହବନୀୟ ଘୃତ ନିଜ ଦ୍ୱାରା ସମର୍ଥିତ ନିଜ ସ୍ୱାର୍ଥସମ୍ମତ ଚୌର୍ଯ୍ୟବୃତ୍ତି ଦ୍ୱାରା କଳୁଷିତ ହେଉ ନ ଥିଲା ।) ଫଳତଃ ଆପଣାର ସ୍ୱାଭାବିକ ଗତିରେ ନଦୀମାନେ ପ୍ରବାହିତ ହେଉଥିଲେ । ଅର୍ଥାତ୍ ବର୍ଷା କାଳରେ ଜଳପ୍ଲାବନ ଦ୍ୱାରା ନଦୀ ଦେଶର ହାନି କରୁ ନ ଥିଲେ ବା ଅନାବୃଷ୍ଟି ଫଳରେ ଦେଶକୁ ଶୁଖାଇ ରଖୁ ନ ଥିଲେ । ଅର୍ଥାତ୍ ଯାଗଯଜ୍ଞ ଦ୍ୱାରା ମେଘମଣ୍ଡଳ ଋଷିମାନଙ୍କ ଆୟତ୍ତାଧୀନରେ ରହୁଥିଲା । ତେଣୁ ଅନାବୃଷ୍ଟି ବହୁବୃଷ୍ଟିର ଉତ୍ପାତ ଦେଖାଯାଉ ନ ଥିଲା । (ହୋମର ଏପରି ଗୁଣ), ହୋମ ସମ୍ବନ୍ଧରେ ଏପରି ବିଚାର ସମ୍ବନ୍ଧରେ ଆଧୁନିକ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ । ଏହାର କାରଣ ନିଜ ଦେଶର ସମସ୍ତ ପ୍ରତି ଅଜ୍ଞାନତାବଶତଃ ଅବିଶ୍ୱାସ ଆଉ ଅନ୍ୟର ସମସ୍ତ ପ୍ରତି ଅନ୍ଧ ଶ୍ରଦ୍ଧା । ଏ ଦେଶରେ ମେକଲେ ଶିକ୍ଷା ପଦ୍ଧତିର ଏହା ଦୁଷ୍ପରିଣାମ; **Western wins in Eastern bottle.** ମେକଲେଙ୍କ ପ୍ରେରଣାରେ ଏ ଦେଶରେ ସର୍ବପ୍ରଥମ ସ୍ଥାପିତ କଲିକତା ଦିଲ୍ଲୀ ମାନ୍ଦ୍ରାଜରେ ବିଶ୍ୱବିଦ୍ୟାଳୟ-ଗୁଡ଼ିକ ନିଜ-ପ୍ରତି ଅବିଶ୍ୱାସ କରିବାର ଭିତ୍ତି ।) .

(ହୋମର ଉପଯୋଗିତା ଉପକାରିତା ସମ୍ବନ୍ଧରେ ସଂକ୍ଷେପରେ ଟିକିଏ ଆଲୋଚନା କରିବା ଆବଶ୍ୟକ । ଆଧୁନିକ ମନ ଆଧୁନିକ ବିଜ୍ଞାନ ବିନା କୌଣସି ବିଷୟକୁ ସହଜରେ ଗ୍ରହଣ କରି ପାରେ ନା । କିନ୍ତୁ ସବୁ ସମୟରେ ସବୁ କଥାରେ କି ଯୁକ୍ତି ସତ୍ୟକୁ ଉଦ୍‌ଘାଟିତ କରି ପାରେ ? ପାରେ ନା ବୋଲି ଅନେକ ସମୟରେ ସତ୍ୟକୁ ନିର୍ବିଚାର ମନରେ ବିଶ୍ୱାସ କରି ଗ୍ରହଣ କରାଯାଏ ଆଉ ସତ୍ୟ ଯଦି ପ୍ରତ୍ୟକ୍ଷାନୁଭୂତିରେ ଅସତ୍ୟ ସିଦ୍ଧ ହୁଏ, ତାକୁ

Digitized by srujanika@gmail.com

ସେତେବେଳେ କେବଳ ପରିତ୍ୟାଗ କରାଯାଇ ପାରେ । ସତ୍ୟକୁ ଗ୍ରହଣ କରିବାକୁ ହେଲେ ପ୍ରଥମେ ବିଶ୍ୱାସ ଆବଶ୍ୟକ, ପରେ ଯୁକ୍ତି । ସତ୍ୟକୁ ପାଖକୁ ଆସିବାକୁ ଦେବା ପୂର୍ବରୁ ତାକୁ ପ୍ରତ୍ୟାଖ୍ୟାନ କରିବା ଦୁର୍ବଳତାର ଲକ୍ଷଣ । ଯୁକ୍ତିର କୌଣସି ପ୍ରତିଷ୍ଠା ନାହିଁ । ଶାସ୍ତ୍ରବଚନ ଦ୍ୱାରା, ଆପ୍ତ ପ୍ରମାଣ ଦ୍ୱାରା ତାକୁ ସିଦ୍ଧ କରୁଛନ୍ତି—'ତର୍କୋଽପ୍ରତିଷ୍ଠାନାତ୍'—ତର୍କର ପ୍ରତିଷ୍ଠା ନାହିଁ । ଅର୍ଥାତ୍ କୌଣସି ଏକ ସ୍ଥାନରେ ତର୍କ ପ୍ରତିଷ୍ଠିତ ନୁହେ—ତର୍କ ଚଞ୍ଚଳ । ଏହାର ଗୋଟାଏ ଉଦାହରଣ ଦେବା । ମୁଁ କହିଲି, ଓଡ଼ିଶାର ସମସ୍ତେ ମିଥ୍ୟାବାଦୀ । ଆପଣ କହି ପାରିବେ, ତମେ ନିଜେ ଓଡ଼ିଆ ହୋଇଥିବାରୁ ତମେ ମଧ୍ୟ ମିଥ୍ୟାବାଦୀ । ଅତ ତମେ ଯେ କହିଲ ଓଡ଼ିଶାର ସମସ୍ତେ ମିଥ୍ୟାବାଦୀ ବୋଲି, ଏ କଥା ବି ମିଥ୍ୟା, କାରଣ ତୁମେ ମିଥ୍ୟାବାଦୀ; ଅତଏବ ଓଡ଼ିଶାର ଲୋକେ ସତ୍ୟବାଦୀ, ଏ କଥା ପ୍ରମାଣିତ ହେଲା । ପୁଣି ମୁଁ କହି ପାରିବି, ଯଦି ଓଡ଼ିଶାର ଲୋକେ ସତ୍ୟବାଦୀ, ତେବେ ମୁଁ ଓଡ଼ିଆ ହୋଇଥିବାରୁ ମୁଁ ମଧ୍ୟ ସତ୍ୟବାଦୀ; ଅତ ମୁଁ ସତ୍ୟବାଦୀ ହୋଇଥିବାରୁ, ମୁଁ ଯେ କହିଲି ଓଡ଼ିଶାରେ ଲୋକେ ମିଥ୍ୟାବାଦୀ ବୋଲି, ସେ କଥା ସତ୍ୟ । ଦେଖନ୍ତୁ, ସେହି କଥା ତର୍କରେ ଥରେ ସିଦ୍ଧ ହେଉଛି, ଥରେ ଅସିଦ୍ଧ ହେଉଛି । ଅତଏବ ଏକ ସ୍ଥଳରେ ସବୁବେଳେ ତର୍କ ସ୍ଥିର ହୋଇ ରହି ପାରେ ନା ବୋଲି ଅନେକ ସମୟରେ ବିଶ୍ୱାସ ଉପରେ ନିର୍ଭର କରି କେତେକ କାମ କରାଯାଏ । କୌଣସି କାର୍ଯ୍ୟ ଯଦି ହଠାତ୍ କୌଣସି ଅମଙ୍ଗଳର ସୂଚନା ଦେଉ ନାହିଁ, ତେବେ ତାକୁ ତର୍କଦ୍ୱାରା ବିଚାର କରି ତାକୁ ଉପେକ୍ଷା କରିବା ଅପେକ୍ଷା ତାକୁ ବିଶ୍ୱାସ କରି ତାକୁ ପ୍ରତ୍ୟକ୍ଷ କରିବା ଉଚିତ । ବିଷ କ୍ଷତିକାରକ । ବିଷ ଖାଇବାକୁ କହିବା ମାତ୍ରକେ ତାକୁ ତର୍କର

Digitized by srujanika@gmail.com

ମଧ୍ୟ ଅପେକ୍ଷା ନ କରି ପ୍ରତ୍ୟାଖ୍ୟାନ କରିବା ଉଚିତ । କିନ୍ତୁ ଅଗ୍ନିରେ କେତେଗୁଡ଼ିଏ ଔଷଧ ଆଉ ଘିଅ ପୋଡ଼ିବା ଠାକୁ ତର୍କକରି ଜାଣିବା ପୂର୍ବରୁ ତାକୁ ପ୍ରତ୍ୟକ୍ଷ କରିବା ଉଚିତ । ହୋମ କଣ ବିଷ ତୁଲ୍ୟ ମାରାତ୍ମକ ? କିନ୍ତୁ ନିର୍ବିକାରରେ ଲୋକେ ତ ଖାଦ୍ୟରେ, ପେୟରେ ନାନା ପ୍ରକାର ଲଘୁ ବିଷ ଗ୍ରହଣ କରି ପାରୁଛନ୍ତି; ଅଥଚ ହବନ ପାଇଁ ମଣିଷର ପ୍ରବଳ ବିତୃଷ୍ଣା । ତଥାପି ଆମେ ହବନ ସମ୍ବନ୍ଧରେ ତର୍କ କରିବୁଁ ।

ଅଗ୍ନୌ ପ୍ରାସ୍ତାହୁତିଃ ସମ୍ୟଗାଦିତ୍ୟମୁପତିଷ୍ଠତେ ।
ଆଦିତ୍ୟାଜ୍ଜାୟତେ ବୃଷ୍ଟିର୍ବୃଷ୍ଟେରନ୍ନଂ ତତଃ ପ୍ରଜାଃ ॥ (ମନୁ)

(ଅଗ୍ନିରେ ଆହୁତ ପଦାର୍ଥ ଆଦିତ୍ୟରେ ପହଞ୍ଚେ । ଆଦିତ୍ୟରୁ ବୃଷ୍ଟି ହୁଏ, ବୃଷ୍ଟିରୁ ଅନ୍ନ, ଅନ୍ନରୁ ପ୍ରଜାମାନେ (ପ୍ରାଣୀମାନେ) ସୃଷ୍ଟି ହୁଅନ୍ତି ।)

ଏହି ମନ୍ତ୍ରର ଯଥାର୍ଥତା ନିମ୍ନ ବିଶୃଙ୍ଖଳାରୁ ବିଶୃଙ୍ଖ—

ହବନ ଦ୍ୱାରା ବାୟୁ-ଶୁଦ୍ଧି ଏବଂ ହବନର ଔଷଧି-ଗୁଣ

(୧ । ଖୋଲା ଜାଗାରେ ବାୟୁର ପରିବର୍ତ୍ତନ ହୁଏ ବୋଲି ସେ ବାୟୁ ଶୁଦ୍ଧ । ଘର ଭିତରେ ବାୟୁ ଅବଦ୍ଧ ବୋଲି ତା' ଅଶୁଦ୍ଧ । ଅଗ୍ନିର କାମ ବାୟୁକୁ ହାଲୁକା କରି ଉଡ଼େଇ ନେବା । ବିନା ବାୟୁରେ କୌଣସି ସ୍ଥାନ ରହି ପାରେ ନା । ଘର ଭିତରର ଅଶୁଦ୍ଧ ବାୟୁ ହାଲୁକା ହୋଇ ଉଡ଼ି ଗଲେ, ବାହାରର ଶୁଦ୍ଧ ବାୟୁ ଘର ଭିତରେ ପ୍ରବେଶ କରେ । ଯଦି ବାହାରର ବାୟୁ ଶୁଦ୍ଧି ନ ଥାଏ, ହବନରେ ଅଗ୍ନିତପ୍ରାପ୍ତ ଔଷଧିମାନଙ୍କର ଗୁଣରେ ସେ ସୁଗନ୍ଧଯୁକ୍ତ ଶୁଦ୍ଧ ଆଉ ରୋଗନାଶକ ହୁଏ । ଏ ସମସ୍ତ କ୍ରିୟା ବା ଗୁଣର କାରଣ ହବନ । ଅଗ୍ନି ବାୟୁକୁ ହାଲୁକା କରେ; ଆଉ ହବନ ଅଗ୍ନିର ଅଙ୍ଗ ।)

Digitized by srujanika@gmail.com

(୨। ହବନର ଗୁଣ କେବଳ ବାୟୁର ଶୁଦ୍ଧିକରଣ ନୁହେ—ରୋଗ ନିବାରଣ ମଧ୍ୟ । ରୋଗର କାରଣ ଅସଂଯମତା ଛଡ଼ା ଖାଦ୍ୟ ପେୟରେ ଅଶୁଦ୍ଧାଚରଣ ଆଉ ବିଷାକ୍ତ ବାୟୁମଣ୍ଡଳ । ଅର୍ଥାତ୍ ପାଣି ପବନ ଆଉ ଶସ୍ୟ, ପ୍ରଧାନତଃ ଏ ସବୁର ଦୂଷିତ ଅବସ୍ଥାରେ ବ୍ୟବହାର ରୋଗର କାରଣ । (ଏ ସମ୍ବନ୍ଧରେ ସ୍ୱତନ୍ତ୍ର ଭାବରେ ଅନ୍ୟତ୍ର ବିଚାର କରାଯିବ—ଏଠାରେ ବାୟୁର ଶୁଦ୍ଧିକରଣ ସମ୍ବନ୍ଧରେ କେବଳ ବିଚାର କରାଯାଉଛି ।) ନାନା ପ୍ରକାର ବନୌଷଧି ଦ୍ୱାରା ହୋମ ହେଉଥିବାରୁ ବାୟୁର ଦୋଷ ନଷ୍ଟ ହୁଏ । ଆଉ ବାୟୁରେ ଥିବା ନାନାଦି ରୋଗର ବୀଜାଣୁ ନଷ୍ଟ ହୁଅନ୍ତି । (ବାୟୁ ଅଶୁଦ୍ଧ ହେବାର ନାନା କାରଣ ମଧ୍ୟରୁ ଆମେ ମଧ୍ୟ ଗୋଟାଏ କାରଣ । ଆମ ଶରୀର ନବ ଦ୍ୱାରରୁ ଯେ ସମସ୍ତ ମଳ ନିର୍ଗତ ହୁଏ ତା ଦୂଷିତ । ଏହାଦ୍ୱାରା ଜଳ, ସ୍ଥଳ, ଆକାଶ ବାୟୁମଣ୍ଡଳ ଦୂଷିତ ହୁଏ । ଏ ପାପର ପ୍ରକ୍ଷାଳନ ପାଇଁ ମନୁଷ୍ୟ ପକ୍ଷରେ ହବନ କର୍ତ୍ତବ୍ୟ ।) ଭିନ୍ନ ଋତୁରେ ଭିନ୍ନ ପ୍ରକାର ରୋଗର କୀଟାଣୁଗୁଡ଼ିକର ପ୍ରାବଲ୍ୟ ଦେଖାଦିଏ । ଋତୁ ସେମାନଙ୍କର ଜନ୍ମକାଳ, ବର୍ଷାକାଳ ବେଙ୍ଗ ମାଛି ଆଦିର ଋତୁକାଳ, ଜନ୍ମକାଳ ପରି । 'ବସନ୍ତ' ବୋଲି ଯେଉଁ ଗୋଟାଏ ରୋଗର ନାମ ଶୁଣାଯାଏ, ତା'ର ପ୍ରାବଲ୍ୟ ବସନ୍ତ ଋତୁରେ ବିଶେଷ ଭାବରେ ହୁଏ ବୋଲି ଏ ରୋଗକୁ ମଧ୍ୟ 'ବସନ୍ତ' କୁହାଯାଏ । ଏଥିପାଇଁ ଏ ରୋଗମାନଙ୍କର ଜୀବାଣୁମାନଙ୍କର ବିନାଶ ପାଇଁ ଭିନ୍ନ ଋତୁରେ ଭିନ୍ନ ପ୍ରକାର ଔଷଧିରେ, ସମିଧାରେ ହବନ କରିବାର ପ୍ରଥା ତଥା ବିଧାନ ଶାସ୍ତ୍ରରେ ରହିଛି । (ଶାସ୍ତ୍ରକାରମାନେ ଋଷି, ମନୀଷୀ । ତାଙ୍କ ବିଚାରକୁ ବିରୁଦ୍ଧ ମତାମତ ଦେବା ଉଚିତ ବାତୁଳତା କରିବା ଉଚିତ ନୁହେଁ ।)

Digitized by srujanika@gmail.com

ବସନ୍ତ ଋତୁରେ—(ଚୈତ୍ର ବୈଶାଖ)-ଛଡ଼ିଲା, ତାଳିଶ ପତ୍ର, ତେଜପତ୍ର, ଅଦା, ଲଙ୍କାବଟି, କବାବଚିନି, କର୍ପୂର, ଗୁଳୁଚି, ଅଗର, ତଗର, କେଶର, ଇନ୍ଦ୍ରଜୌ, ଗୁଗ୍‌ଗୁଳ, କସ୍ତୁରୀ, ଧଳାଚନ୍ଦନ, ହଳଦିଆ ଚନ୍ଦନ, ଲାଲ ଚନ୍ଦନ, ଜାଇତ୍ରୀ, ଜାଇଫଳ, ଝୁଣା, ସୋଣ୍ଢଷ, ପୁଷ୍କର ମୂଳ, ପଦ୍ମମଞ୍ଜି, ମଞ୍ଜିଷ୍ଠା, ବନକଚୁର, ତାଳଚିନି, ଡିମ୍ବିରି ଗଛର ଛେଲି, ତେଜଫଳ, ଶଙ୍ଖପୁଷ୍ପୀ, ବେଣାଚେର, ଗୋଖୁରି । ସମିଧା— କରବିନା କାଠ, ଦେବଦାରୁ କାଠ, ଅମ୍ବ, ଖଇର, ବେଲ, ପିପ୍‌ପଳ, ବଟ, ପଳାଶ, ଚନ୍ଦନ, ଗୁଳୁଚି, ଡିମ୍ବିରି, ନିମ୍ବ ଏ ମଧ୍ୟରୁ ଯେ କୌଣସି କାଠ । (ମନେ ରଖନ୍ତୁ ନିମ୍ବକାଠ ନିମ୍ବପତ୍ର ଆଦି ବସନ୍ତ ରୋଗର ମହୌଷଧ । ବସନ୍ତ ଋତୁରେ ବସନ୍ତ ରୋଗ ସାଧାରଣତଃ ହୁଏ । ସେଥିପାଇଁ ନିମ୍ବ ସମିଧାର ବିଧାନ ବସନ୍ତଋତୁ ପାଇଁ ରହିଛି । ଏ ସମିଧାର ହବନ ଫଳରେ ନିମ୍ବକାଠ, ନିମ୍ବର ପତ୍ର ଫଳ, କାଠ ଆଦି ଅପେକ୍ଷା ସୂକ୍ଷ୍ମରେ ପରିଣତ ହୋଇ କେବଳ ଜଣକର ନୁହେଁ, ଅନେକଙ୍କର ହିତ କରେ । ଅଗ୍ନିର ଗୁଣ ପଦାର୍ଥକୁ ସୂକ୍ଷ୍ମରେ ପରିଣତ କରିବା) ଏହାଛଡ଼ା ଋତୁ ଅନୁକୂଳ ନାନାଦି ଫଳ ଆଜ ଗୋଘୃତ । ତଥା ମୋହନ ଭୋଗ ଆଦି ଭୋଜ୍ୟ ପଦାର୍ଥ ।

ଗ୍ରୀଷ୍ମ ଋତୁରେ—(ଜ୍ୟେଷ୍ଠ ଆଷାଢ଼) ଜଟାମାଂସୀ, ବାଇବିଡ଼ଙ୍ଗ, କର୍ପୂର, ଗୁଡ଼ମଞ୍ଜି, ବେଣାଚେର, ଗୁଳୁଚି, ଧୂପ, ଡାଲଚିନି, ଲବଙ୍ଗ, କସ୍ତୁରୀ, ମୁଥାମୂଳ, ଦାରୁହଳଦୀ, ଛଡ଼ିଲା, ନିର୍ମୂଳୀ, ଶତାବରୀ, ଧଳାଚନ୍ଦନ, ମଞ୍ଜିଷ୍ଠା, ଶିଳାଜତ, କେଶର, ନେତ୍ରବାଳା, ଅଳାଇଚ ବଡ଼ଜନାବ, ଅଁଳା । ସମିଧା—ଉପରୋକ୍ତ ସମିଧାରୁ ଯେ କୌଣସି ସମିଧା । ଏହା ଛଡ଼ା ଋତୁ ଅନୁକୂଳ ଫଳ ଆଜ ଗୋଘୃତ । ତଥା ମୁଗର ଲଡ଼ୁ, ଚନ୍ଦନ ଗୁଣ୍ଡ ।

Digitized by srujanika@gmail.com

ବର୍ଷା ଋତୁରେ—(ଶ୍ରାବଣ ଭାଦ୍ର) କଳାଅଗର, ହଳଦିଆ ଅଗର ଧୂପ, ସୋରିଷ, ତଗରପା, ଗୁଗ୍‌ଗୁଳ, ନିର୍ମଳୀ, କସ୍ତୁରୀ, କୋଇଲେଖା ମଞ୍ଜି, ନଳଛୁନକା, ଜାଇଫଳ, ଗୋଖୁର ମଞ୍ଜି, ଶୁଖିଲା ନଡ଼ିଆ, ତେଜପତ୍ର, କର୍ପୂର, ବଣ ହଳଦୀ, ବେଲ, ଜଟାମାଂସୀ, ନେତ୍ର-ବାଳା, ଛୋଟ ଅଳାଇଚ, ବଚ, ଗୁଳୁଚ, ତୁଳସୀ ମଞ୍ଜି, ବାଇବିଡ଼ଙ୍ଗ, କମଳଗୁଣ୍ଡି, ନାଗେଶ୍ୱର, ବ୍ରାହ୍ମୀ, ଶତାବରୀ, ଅପାମାର୍ଗ, ଶିମିଳି ଅଠା, ଅପରାଜିତା । ସମିଧା—କରମିଜା କାଠ, ଦେବଦାରୁ କାଠ, ପଳାଶ କାଠ । ଏହାଛଡ଼ା ଋତୁ ଅନୁକୂଳ ଫଳ, ଗୋଘୃତ, ତଥା ମଧୁ, ଚନ୍ଦନ ଗୁଣ୍ଡ, ବରଲଡ୍ଡୁ, ଶୁଷ୍କ ଖଜୁରି, ଗୁଡ଼ମିଶ୍ରିତ ଅନ୍ନ (ମଣ୍ଡ ସହିତ ଭାତ) ।

ଶରତ ଋତୁରେ—(ଆଶ୍ୱିନ କାର୍ତ୍ତିକ) ଧଳା ଚନ୍ଦନ, ଲାଲଚନ୍ଦନ, ହଳଦିଆ ଚନ୍ଦନ, ଗୁଗ୍‌ଗୁଳ, ନାଗେଶ୍ୱର, ଅଳାଇଚ, ଗୁଳୁଚ, ଗୁରମଞ୍ଜି, ଭୁଇଁ କଖାରୁ, ଉମ୍ବର ଗଛର ଛେଲି, ବ୍ରାହ୍ମୀ, ଡାଲଚିନି, ବଣହଳଦୀ, ଶିମୁଳିଅଠା, ଖଲପାପଡ଼ା, ଅଗୁରୁ, ଭାରଙ୍ଗୀ, ଇନ୍ଦ୍ରଯବ, ରେଣୁକା, ବଡ଼ କସ୍ତୁରି, ଅଶ୍ୱଗନ୍ଧା, ଝବାବଚନି, ଜାଇଫଳ, ତେଜଫଳ, ତେଜପତ୍ର ଶତାବରୀ, କେଶର, କସ୍ତୁରୀ, ଛୋଟ ଇଲାଇଚି, ଜଟାମାଂସୀ, କୋଇ-ଲେଖାମଞ୍ଜି, ଯଷ୍ଟିମଧୁ, ଅପରାଜିତା, କର୍ପୂର । ସମିଧା—ପଳାଶ କାଠ । ଏହାଛଡ଼ା ଋତୁ ଅନୁକୂଳ ଫଳ, ଗୋଘୃତ । ତଥା ଘୃତ ଓ ଧାନର ଚରୁ ।

ହେମନ୍ତ ଋତୁରେ—(ମାର୍ଗଶିର ପୌଷ) କୁଟ (ଇନ୍ଦ୍ରଯବ ଗଛର ଫୁଲ) ଡାଳମୂଳୀ, ଶଙ୍ଖମାଳତୀ, ଘୋଡ଼ାବଚ, ଖଲପାପଡ଼ା, କର୍ପୂର, ବଣହଳଦୀ, ନଳଛୁନକା, କସ୍ତୁରୀ, ଗୁଗ୍‌ଗୁଳ, ଅଖରୋଟ, ସପ୍ତା ପୁଷ୍କର ମୂଳ, ତାଳିଶ ପତ୍ର, ରେଣୁକା, କେଶର, ଗୋଖରୁ, କାଇଞ୍ଚ ମଞ୍ଜି, ଗିଲମଞ୍ଜି, ବାଦାମ, ଯଷ୍ଟିମଧୁ, କଳାବାଣି, କାଉଁରୀ, ଲାଲ

Digitized by srujanika@gmail.com

ଚନ୍ଦନ, ମୁସ୍ତବାଲା । ସମିଧା—ଦେବଦାରୁ କମ୍ବା ଖଇର । ଏହାଛଡ଼ା ଋତୁଅନୁକୂଳ ଫଳ ଆଉ ଗୋଘୃତ । ତଥା ମଧୁ, ଶୁଖିଲା ଖଜୁରୀ, ଅଲ୍‌ଣା ଖେଚଡ଼ି ।

ଶିଶିର ଋତୁରେ—(ମାଘ ଫାଲ୍‌ଗୁନ)—ଅଖରୋଟ, ବଣ ହଳଦୀ, ବାଇବିଡ଼ଙ୍ଗ, ଚୂଣା, ଗୋରଖମୁଣ୍ଡି, ଶିମିଳି ଅଠା, ଗୁଳୁଚି, ବଡ଼ଇକସ୍‌ପିସ୍, ନେଣ୍ଟିକା, କଳାରାଶି, କସ୍ତୁରୀ, କେଶର, ଚନ୍ଦନ, ଚିରେଇତା, ତୁଳସୀମଞ୍ଜି, ଗୁଗ୍‌ଗୁଳ, ଗୁରମଞ୍ଜି, କଙ୍କଡ଼ାଶୃଙ୍ଗୀ, ଶତାବରୀ, ଦାରୁହଳଦୀ, ଶଙ୍ଖପୁଷ୍ପୀ, ପଦ୍ମକାଠ, କାଇଁଥ ମଞ୍ଜି, ଜଟାମାଂସୀ ଭୂର୍ଜପତ୍ର, ଡିମ୍ବିରି ଫଳ । ସମିଧା— ବରକାଠ, ଏହାଛଡ଼ା ଋତୁ ଅନୁକୂଳ ଫଳ, ଗୋଘୃତ । ତଥା ଶୁଖିଲା ଖଜୁରୀ, ଗୁଡ଼, ମୋହନ-ଭୋଗ ।

ଏ ସମସ୍ତ ଔଷଧ ଅଟେ ଖାଦ୍ୟ । ଏଥିପାଇଁ ଖାଦ୍ୟକୁ ମଧ୍ୟ ଔଷଧ କୁହାଯାଏ । ଆଉ ଖାଦ୍ୟକୁ ସୂକ୍ଷ୍ମରେ ପରିଣତ କରିବା ପାଇଁ କେବଳ ସମିଧା ଆଉ ଅଗ୍ନି ତଥା ଘୃତ ଆବଶ୍ୟକ ।

୩ । ଘୃତ ତଥା ନାନାଦି ପୁଷ୍ଟିକର ଫଳଫୁଲ ହବନ-ସାମଗ୍ରୀ । ତଥା ନାନାଦି ପୁଷ୍ଟିକର ଖାଦ୍ୟପେୟ, ଯଥା-ଦୁଗ୍ଧ, ମଧୁ, ଗୁଡ଼, ଲଡୁ ଆଦି ମଧ୍ୟ ହବନ-ସାମଗ୍ରୀ । ଏ ସମସ୍ତ ପଦାର୍ଥ ସହଜରେ ସମସ୍ତଙ୍କୁ ଉପଲବ୍ଧ ହେଉ ନାହିଁ । ଏ ପଦାର୍ଥମାନଙ୍କର ହବନ ହେବା ଫଳରେ ଏ ସମସ୍ତ ଅତି ସୂକ୍ଷ୍ମରେ ଅଣୁରେ ପରିବର୍ତ୍ତିତ ହୋଇ ସମସ୍ତଙ୍କୁ ଉପଲବ୍ଧ ହେଉଛି । ଖାଦ୍ୟସାର କେବଳ ପେଟପାଇଁ ଆବଶ୍ୟକ ନୁହେଁ—ଶରୀରର ଅଙ୍ଗପ୍ରତ୍ୟଙ୍ଗର ବାହ୍ୟ ଅଂଶ ପାଇଁ ମଧ୍ୟ ଆବଶ୍ୟକ । ଆଉ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ପାଇଁ ବିଭିନ୍ନ ଖାଦ୍ୟସାର ଆବଶ୍ୟକ । ହବନ ଦ୍ୱାରା ଏ ଖାଦ୍ୟସାର ସମସ୍ତଙ୍କୁ ସୁଲଭ ହେଉଛି । ଖାଦ୍ୟ ଖାଇଲେ ଜଣେ ଉପକୃତ ହେବ । ଖାଦ୍ୟ

Digitized by srujanika@gmail.com

ହବନ କଲେ ଅନେକେ ଉପକୃତ ହେବେ । ସେଥିପାଇଁ 'ହବନ' ଶବ୍ଦର ଅର୍ଥ 'ହୁଦାନାଦାନୟୋଃ' (ଧାତୁପାଠ)—'ହୁ' ଧାତୁରୁ ହବନ, ହବିଷ୍ୟ, ହୋମ, ହୋତା ଆଦି ଶବ୍ଦର ଉତ୍ପତ୍ତି । ଅତଃ 'ହୁ' ଧାତୁର ଅର୍ଥ ଦାନ ଦେବା ଦାନ ନେବା । ଘୃତ ଔଷଧି ସମିଧା ଆଦି ହବନ କରିବାଟା 'ଦାନ ଦେବା', ଏହି ଦାନ ଫଳରେ ନାନାଦି ଉପକାର ମିଳିବା ଅର୍ଥ 'ଦାନ ପାଇବା' । ଏଥିପାଇଁ 'ଯଜ୍ଞ କର୍ମକୁ' ଶ୍ରେଷ୍ଠ କର୍ମ କୁହାଯାଏ—ଯଜ୍ଞୋ ବୈ ଶ୍ରେଷ୍ଠତମଂ କର୍ମଃ । (ଶତପଥ) (ଯଜ୍ଞ ଶବ୍ଦର ବ୍ୟାଖ୍ୟା ଏ ପୁସ୍ତକରେ ଅନ୍ୟତ୍ର ଅଛି, ଦେଖନ୍ତୁ ।)

ଅଗ୍ନିରେ କୌଣସି ପଦାର୍ଥ ପୋଡ଼ିଲେ ସେ ନଷ୍ଟ ହୋଇଯିବ, ନାଶ ହୋଇଯିବ ବୁଝିବା ଠିକ୍ ନୁହେଁ । ପୃଥିବୀରେ କୌଣସି ପଦାର୍ଥ କେବେ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯାଏ ନାହିଁ—କେବଳ ସେ ପଦାର୍ଥର ପରିବର୍ତ୍ତନ ହୁଏ । ନଷ୍ଟ ବା ନାଶ ଅର୍ଥ ସମ୍ପୂର୍ଣ୍ଣ ବିଲୁପ୍ତ ବୁଝିବା ଠିକ୍ ନୁହେଁ । ନାଶର ବ୍ୟାକରଣଗତ ଅର୍ଥ ମଧ୍ୟ ପରିବର୍ତ୍ତନ ; 'ନଶ ଅଦର୍ଶନେ' ଧାତୁରୁ 'ନାଶ' ଶବ୍ଦ ଉତ୍ପତ୍ତି । ଯାହା ଦେଖା ନ ଯାଏ, ଅଦୃଶ୍ୟ ହୁଏ, ତାକୁ ନାଶ କୁହାଯାଏ । ଦେଖା ନ ଯିବା ଅର୍ଥ ଥିଲା, ଦେଖା ଯାଉନାହିଁ, ଦେଖା ଦେଇପାରେ' । ଅତଏବ ହବନ ଦ୍ୱାରା ଅନ୍ନର 'କ୍ଷତିକୁ' ବୁଝିବା ଠିକ୍ ହେବନାହିଁ, ଅନ୍ନର 'ପ୍ରାପ୍ତିକୁ' ବୁଝିବା ଠିକ୍ ହେବ । ଏ ପ୍ରାପ୍ତି, କିନ୍ତୁ, ସୂକ୍ଷ୍ମ ହେବାରୁ ସ୍ଥୂଳ ଇନ୍ଦ୍ରିୟ ଗୋଚର ନୁହେଁ—ଏହା ଅନୁଭବର ବିଷୟ ।

୪ । ରୋଗର କାରଣ କେବଳ ବାୟୁ ନୁହେଁ—ଜଳ ମଧ୍ୟ । ହବନର ଔଷଧଯୁକ୍ତ ବାୟୁ ଏହି ଜଳ ମଧ୍ୟ ଦେଇ ଗତି କରେ ବୋଲି ଜଳର ରୋଗ-ବୀଜାଣୁ ନଷ୍ଟ ହୁଅନ୍ତି । ଜଳ ନିର୍ଦ୍ଦୋଷ ହେବା ଫଳରେ ସେ ଜଳର ବ୍ୟବହାର ଶରୀରର ନିରୋଗତାର କାରଣ ସିଦ୍ଧ ହୁଏ ।

Digitized by srujanika@gmail.com

୫ । ଫ୍ରାନ୍ସର ବୈଜ୍ଞାନିକ ଅଧ୍ୟାପକ ଟ୍ରିଲବର୍ଟ ପରୀକ୍ଷାକରି ଦେଖିଛନ୍ତି ଯେ କାଠ ଜାଳିଲେ ସେଥିରୁ 'ଫାର୍ମିକ୍ ଅଲ୍ଡେହାଇଡ୍' ନାମକ ଗୋଟାଏ ଗେସ୍ ବାହାରେ । ଏ ଗେସ୍‌ରେ କ୍ଷୟ, ବସନ୍ତ, ହଇଜା ଆଦି ରୋଗର ଜୀବାଣୁମାନଙ୍କୁ ନାଶ କରିବାର ଗୁଣ ଅଛି ବୋଲି ସେ କହନ୍ତି । ହବନରେ ନାନା ପ୍ରକାରର ସମିଧ ବ୍ୟବହାର କରିବାର ପ୍ରଥା ରହିଛି । ଏହି ନାନାବିଧ ସମିଧାର ଜାଳ ଅଜ୍ ଧୂଆଁ ନାନାବିଧ ରୋଗର ନାଶର କାରଣ । ହଇଜା ସମୟରେ ବଡ଼ ବଡ଼ ଧୂନି ଜଳାହୁଏ; ଏ ଧୂନିର ଠିକ୍ ତାପ ରୋଗ-ନାଶକ, ଏ ବସ୍ତୁର ଅଜ୍ଞାନଭାବରେ ଏ ଦେଶରେ ଥିବାରୁ ଏବେ ସୁଦ୍ଧା ନିର୍ବିଘ୍ନରେ ତାର ଅନୁକରଣ ଅନୁସରଣ ହେଉଛି ; ଏହା ମଙ୍ଗଳର କାରଣ । ଏ ଧୂନି ହବନର ଏକ ବିକୃତ ରୂପମାତ୍ର ସନ୍ଧ୍ୟାଦୀପ ପରି । ପ୍ରତିଦିନ ହବନ କରିବାର ଏକ ସଂକ୍ଷିପ୍ତ ପରିଣତି ସନ୍ଧ୍ୟାଦୀପ-ଘିଅସଳିତା ଜାଳିବା ; ଘିଅ ହବନ ସାମଗ୍ରୀ । ଦେବମନ୍ଦିରରେ ଅଳତି ମଧ୍ୟ ହବନର ଏକ ସଂକ୍ଷିପ୍ତ ବିକୃତ ରୂପ । ଏହି ଅଳତିରେ ମଧ୍ୟ ସୁଗନ୍ଧ ଦ୍ରବ୍ୟ ଥାଏ ଘୃତବଳିତା ସମେତ । ସନ୍ନ୍ୟାସୀମାନେ ଧୂନି ଜାଳି ତା' ପାଖରେ ବସିବାଟା ମଧ୍ୟ ହବନର ଏକ ବିକୃତ ପରିଣତି । ଆଜି ଖାଦ୍ୟ ରାନ୍ଧି ସାରିବା ପରେ ସ୍ତ୍ରୀମାନେ ଖାଦ୍ୟରୁ କିଛିଅଂଶ ସର୍ବ-ପ୍ରଥମରେ ଅଗ୍ନିରେ ନିକ୍ଷେପ କରନ୍ତି—ପରେ କୁଟୁମ୍ବୀଙ୍କୁ ଖାଇବାକୁ ଦିଅନ୍ତି । ଏହା ମଧ୍ୟ ହବନର ଗୋଟାଏ ବିକୃତ ରୂପ ।

'ଫାର୍ମିକ୍ ଅଲ୍ଡେହାଇଡ୍' ଗେସ୍‌ର ୪୦ ଭାଗରେ ୧୦୦ ଭାଗ ପାଣି, ମିଶାଇଲେ 'ଫାର୍ମେଲିନ୍' ନାମକ ଗୋଟାଏ ଔଷଧ ତିଆରି ହୁଏ । ଫିନାଇଲ୍ ପରିବର୍ତ୍ତିରେ ଏ ଔଷଧର ବ୍ୟବହାର, ବର୍ତ୍ତମାନ ସୁଦ୍ଧା ହେଉଛି । ଅତଏବ ସମିଧାର ଠିକ ତାପ ଯେ

Digitized by srujanika@gmail.com

ରୋଗନାଶକ, ଏ କଥା ସିଦ୍ଧ । ବାଉଁଶ ଜାଳି ସେଥିରେ ରୋଗୀକୁ ତାପ ଦେବା ଏହାର ଗୋଟାଏ ପ୍ରମାଣ । ଛୋଟ ଶିଶୁକୁ ସେକିବା ମଧ୍ୟ ଏହାର ଏକ କାରଣ । ପ୍ରାଚୀନ ସମୟରେ ଧୂନା ଜାଳି ସଦ୍ୟଜାତ ଶିଶୁକୁ ଆଉ ତାର ମାତାକୁ ପାଖରେ ରଖିବା ପ୍ରଥା ଏ ଦେଶରେ ପ୍ରଚଳିତ ଥିଲା । ସଦ୍ୟଜାତ ଶିଶୁକୁ ଅଉ ତାର ମାତାକୁ ହଠାତ୍ କୌଣସି ରୋଗର ଆକ୍ରମଣରୁ ରକ୍ଷା କରିବାର ଏ ଏକ ସୂକ୍ଷ୍ମ ଉପାୟ । ଅନୁଷ୍ଠାନରେ ଧୂନା ଜାଳି ସେଥିରେ ସୋରିଷ ପୋଡ଼ିବା କଥା ଏବେ ବି ଦେଖାଯାଏ । ସୋରିଷ କୃମି କୀଟାଣୁନାଶକ । ଏ ପ୍ରଥା ମଧ୍ୟ ହବନର ଅନ୍ୟ ଏକ ରୂପ ।

୬ । ଏମ୍. ଟ୍ରିଲ୍‌ଡ଼ ପରୀକ୍ଷା କରି ଦେଖିଛନ୍ତି ଯେ ମୁନ୍‌କ୍କା କିସ୍‌ମିସ୍ ଆଦି ଶର୍କରା ଜାତୀୟ ଫଳ ପୋଡ଼ିଲେ ତାର ଧୂଆଁରେ ଟାଇଫଏଡ଼ ରୋଗର କୀଟାଣୁ ୩୦ ମିନଟରେ ଆଉ ଅନ୍ୟାନ୍ୟ ରୋଗର କୀଟାଣୁ ଦୁଇ ଘଣ୍ଟା ମଧ୍ୟରେ ମରନ୍ତି । ଏଇ ସୁମିଷ୍ଟ ଔଷଧିକ ଫଳ ଉକ୍ତ ଅନୁକୂଳ ହବନ-ସାମଗ୍ରୀ ବିଶେଷ, ଏ କଥା ଅଗରୁ କୁହାଯାଇଛି ।

୭ । ମାନ୍ଦ୍ରାଜର ସେନିଟେରୀ କମିଶନର କର୍ଣ୍ଣଲ କିଙ୍ଗ୍ ଅଇ. ଏମ୍. ଏସ୍ ଗ୍ରେଜୁଏଟ୍ ବିଦ୍ୟାର୍ଥୀମାନଙ୍କ ଘୃତରେ କେଶର ଅଉ ଚାଉଳ ମିଶାଇ ପୋଡ଼ିବା ପାଇଁ ବାରମ୍ବାର ଉପଦେଶ ଦେଉଥିଲେ । କାରଣ ଏହାର ଉପଯୋଗିତା ସେ ବୁଝିଥିଲେ । ଏହା ମଧ୍ୟ ହବନର ଗୋଟାଏ ରୂପ ଅଉ ଏ ସାମଗ୍ରୀ ବି ହବନ ସାମଗ୍ରୀ ।

ଚାଉଳ, ଡାଲି, କୋଳଥ, ମୁଗ ଆଦି ବାଟି ପ୍ରସୂତା ରୋଗୀର ଶରୀରରେ ଲେପନ କରିବା ପ୍ରଥା ଏବେ ମଧ୍ୟ ଏ ଅଞ୍ଚଳରେ ଅଛି । ଏ ଅଞ୍ଚଳର ଏ ପ୍ରଥାକୁ କହନ୍ତି 'ଉକୁଣା ।' ଏ ଶବ୍ଦ ଟାଙ୍କୁଣା ଶବ୍ଦର

Digitized by srujanika@gmail.com

ଅପଭ୍ରଂଶ ମାତ୍ର । ଶସ୍ୟରେ ମଧ୍ୟ ରୋଗ-ନିବାରଣ ଗୁଣ ଅଛି । ଏ କଥା ଏଥିରୁ ପ୍ରମାଣିତ । ଅଉ ଏ ଶସ୍ୟ ହବନ ସାମଗ୍ରୀ ମଧ୍ୟ । ଏ ହବନରେ ଜଳ ସ୍ପୃଷ୍ଟ ହେଲେ ଅନେକଙ୍କର ଉପକାର କରେ—କେବଳ ଜଣକର ନୁହେ ।

ଋତୁମତୀ ସ୍ତ୍ରୀମାନେ ଋତୁସ୍ନାନ କରିବାବେଳେ ହଳଦୀ ମାଖି ସ୍ନାନ କରିବାର ପ୍ରଥା ଏ ଦେଶରେ ରହିଛି--ହରିଡ଼ା, ଅଁଳା, ବାହାଡ଼ା ମିଶାଇ ମଧ୍ୟ ସ୍ନାନ କରିବାର ପ୍ରଥା ଅଛି । ଋତୁମତୀ ସ୍ତ୍ରୀମାନଙ୍କର ଶରୀର ସ୍ୱଚ୍ଛ ନ ଥାଏ—ଉତପ୍ତ ଥାଏ । ହଳଦୀ ତଥା ଏ ଔଷଧ ଫଳବିଶେଷ ଋତୁମତୀ ସ୍ତ୍ରୀର ଉତପ୍ତତା ଅଉ ନାନାଦି ବିକାର ଶାନ୍ତ କରିବାର କାରଣ । ଋତୁମତୀ ସ୍ତ୍ରୀମାନଙ୍କର ଶରୀର ଏପରି ମାରାତ୍ମକ ଭାବରେ ବିକୃତ ହୋଇଥାଏ ଯେ କୌଣସି କୌଣସି ଲତା, ଗୁଳ୍ମ ବୃକ୍ଷଗଛ ଉପରେ ତାଙ୍କର ଦୃଷ୍ଟିପଡ଼ିଲେ ସେମାନେ ମଉଳି ଯାନ୍ତି—ଏପରି କି ଜଳିଯାନ୍ତି । ଖାଦ୍ୟ ପଦାର୍ଥରେ ସେମାନଙ୍କର ଦୃଷ୍ଟିପଡ଼ିଲେ ମଧ୍ୟ ନାନା ବିଶୃଙ୍ଖଳା ହୁଏ—ତାଙ୍କର ସ୍ପର୍ଶ ମଧ୍ୟ ଅନିଷ୍ଟର କାରଣ । ଏଥିପାଇଁ, ଅଉ ଏହିପରି ଅନେକ କାରଣ ପାଇଁ ଏହି ସମୟରେ ସ୍ତ୍ରୀମାନଙ୍କ ସ୍ପର୍ଶ ବର୍ଜନୀୟ ବୋଲି ସ୍ମୃତିଶାସ୍ତ୍ରରେ ଆଦେଶ ଅଛି—ସ୍ତ୍ରୀମାନଙ୍କୁ ଅପମାନିତ କରିବାକୁ ନୁହେଁ । ଏହାହିଁ କାରଣ ଯେ ଏ ଅବସ୍ଥାରେ ସ୍ତ୍ରୀଙ୍କୁ ଚଣ୍ଡାଳୁଣୀ ଆଖ୍ୟାଦେଇ ଘର କୋଣରେ ଅଟକ କରାଯାଏ ।

ପ୍ରଥମେଽହନି ଚଣ୍ଡାଳୀ ଦ୍ୱିତୀୟେ ବ୍ରହ୍ମଘାତିନୀ ।
ତୃତୀୟେ ରଜକୀ ପ୍ରୋକ୍ତା ଚତୁର୍ଥେଽହନି ଶୁଦ୍ଧ୍ୟତି ॥

(ପରାଶର)

Digitized by srujanika@gmail.com

(ରମଣୀମାନେ ରଜସ୍ୱଳା ହେଲେ, ପ୍ରଥମଦିନ ଚଣ୍ଡାଳୀ ସଦୃଶ, ଦ୍ୱିତୀୟ ଦିନ ବ୍ରହ୍ମଘାତିନୀ ସଦୃଶ, ତୃତୀୟ ଦିନ ରଜକୀ ସଦୃଶ, ଚତୁର୍ଥ ଦିନରେ ସେମାନେ ଶୁଦ୍ଧ ହୁଅନ୍ତି ।)

ଯେ' ଅଗ୍ରଜମାନେ ଏ ବିଧିର ଅମଳ୍ଲ ଦେଲେ ସେମାନେ ମନୀଷୀ, ଋଷି—ସେମାନେ ସାଧାରଣ ଲୋକ ନୁହନ୍ତି । ସ୍ତ୍ରୀମାନଙ୍କୁ ତୁଚ୍ଛ ମନେକରି ଏପରି ସେମାନେ କହିଛନ୍ତି ବୋଲି ମନେ ହୁଏନା । ଏଇ ପରିଣର ଯା'ର ଗର୍ଭରୁ ଜନ୍ମନେଲେ, ସେ ବି ଗୋଟାଏ ସ୍ତ୍ରୀ, ଏ ଯାକୁ ବିବାହ କଲେ ସେ ବି ଗୋଟାଏ ସ୍ତ୍ରୀ, ଏ ଯା'ଙ୍କୁ ଜନ୍ମଦେଲେ ସେ ଗୋଟାଏ ସ୍ତ୍ରୀ, ଏହାଙ୍କ ମାତାଙ୍କ ଗର୍ଭରୁ ଅଜ ଯେ ପ୍ରାଣୀ ଜନ୍ମନେଲେ ସେ ବି ଗୋଟାଏ ସ୍ତ୍ରୀ । ସ୍ତ୍ରୀର ଶରୀରର ଏ ସ୍ୱାଭାବିକ ପ୍ରକ୍ରିୟା କାଳ ବିଶେଷରେ ସ୍ୱାସ୍ଥ୍ୟର ଘାତକ ବୋଲି ଏପରି ବିଧାନ କରାଯାଇଛି । ସ୍ତ୍ରୀ ପ୍ରତି ସେମାନଙ୍କର ଯଦି ବିକୃତ ମନୋଭାବ ଥାନ୍ତା, ତେବେ ତାଙ୍କର ସେଇ ଶାସ୍ତ୍ରରେ ସ୍ତ୍ରୀର ନାନା ପ୍ରଶଂସା କରି ନ ଥାନ୍ତେ । ପୂଜାର୍ହା ଗୃହ ଦୀପ୍ତୟଃ, ଏକଥା ମଧ୍ୟ ସେମାନେ କହିଛନ୍ତି । କାହିଁକି ? କହୁଛନ୍ତି ? ସ୍ତ୍ରୀ ମହାଭାଗା ବୋଲି । ସ୍ତ୍ରୀ ମହାଭାଗା କାହିଁକି ପ୍ରଜନାର୍ଥଂ । ପ୍ରଜନାର୍ଥଂ ମହାଭାଗାଃ ପୂଜାର୍ହା ଗୃହଦୀପ୍ତୟଃ । ଯେଉଁ ସ୍ତ୍ରୀ ଜନ୍ମଦିଏ ବୋଲି ମହାଭାଗା, ଅର୍ଥ ତାର ପ୍ରଜନ୍ମଦେବାଟା ଗୃହକୁ ଦୀପ୍ତ କରିବା ସଙ୍ଗେ ସମାନ, ଅଥଚ ଏଇ ଜନ୍ମର କାରଣ ହେଉଛି ସ୍ତ୍ରୀର ଋତୁକାଳ, ସେଇ ଋତୁକାଳକୁ ମନରେ ଈର୍ଷା ନେଇ, ଦ୍ୱେଷ ନେଇ, ଘୃଣା ନେଇ, ସ୍ତ୍ରୀଙ୍କୁ ତୁଚ୍ଛ, ଘୃଣ୍ୟ ମନେକରି ବିଚାର କରିବାର ବିକୃତ ମନୋବୃତ୍ତି ଅଗ୍ରଜମାନଙ୍କ ଥାଇପାରେ ବୋଲି ଅନ୍ତତଃ ଆମର ବିଶ୍ୱାସ ହୁଏ ନା ।

Digitized by srujanika@gmail.com

ସେମାନେ ତ ସବୁବେଳେ ସ୍ତ୍ରୀ ପରାଧୀନ ବୋଲି କହିଛନ୍ତି—

ବାଲ୍ୟେ ପିତୁର୍ବଶେ ତିଷ୍ଠେତ୍ପାଣିଗ୍ରାହସ୍ୟ ଯୌବନେ ।
ପୁତ୍ରାଣାଂ ଭର୍ତ୍ତରି ପ୍ରେତେ ନ ଭଜେତ୍ ସ୍ତ୍ରୀ ସ୍ୱତନ୍ତ୍ରତାଂ ॥ (ମନୁ)

(ବାଲ୍ୟକାଳରେ ସ୍ତ୍ରୀ ପିତୃବଶରେ, ଯୌବନରେ ପତିବଶରେ ଏବଂ ପତି ମୃତ ହେଲେ ପୁତ୍ରମାନଙ୍କ ବଶରେ ରହନ୍ତି—ସ୍ତ୍ରୀମାନେ ସ୍ୱାଧୀନ ଭାବରେ ରହିବେ ନାହିଁ ।)

ସ୍ତ୍ରୀର ମଧୁର କୋମଳ ଶରୀର, କୋମଳ ମଧୁର ମନ ପୁରୁଷର ରକ୍ଷଣୀୟ, ଏ କଥାଟା ପାଇଁ ଏହା କେବଳ ସତର୍କ-ବାଣୀ ପୁରୁଷ ମାନଙ୍କ ପ୍ରତି ଆର୍ଯ୍ୟମାନଙ୍କର । ସ୍ତ୍ରୀର ଶାରୀରିକ ମାନସିକ ସ୍ୱାଭାବିକ ଦୁର୍ବଳତା ନାନାଦି ଉତ୍ପାତର କାରଣ, ଇତିହାସ ଅନୁସନ୍ଧାନ କଲେ ବୁଝିବେ; ଏଥିପାଇଁ କେବଳ ସତର୍କତା ଅବଲମ୍ବନ କରିବାକୁ ଆର୍ଯ୍ୟମାନେ ଉପଦେଶ ଦେଇଛନ୍ତି—ସ୍ତ୍ରୀକୁ ଅପମାନିତ କରିବାକୁ ନୁହେ । ସ୍ତ୍ରୀର ଏ ପରତନ୍ତ୍ରତା ସ୍ତ୍ରୀର ଏହା ସୁବ୍ୟବସ୍ଥା ବୁଝିବାକୁ ହେବ । ଏହା ସତ୍ତ୍ୱେ ମଧ୍ୟ ଗାର୍ଗି ମୈତ୍ରେୟୀ ଭଳି ସ୍ତ୍ରୀ ଆମ ଦେଶରେ ଥିଲେ; ଏ କଥାଟାହିଁ ତ ପ୍ରମାଣ କରୁଛି ଯେ ସ୍ତ୍ରୀ ପ୍ରତି ଏହା ସୁବ୍ୟବସ୍ଥାର ଇଙ୍ଗିତ ମାତ୍ର । ସୁବ୍ୟବସ୍ଥା ନ ଥିଲେ ଗାର୍ଗି ଆଉ ମୈତ୍ରେୟୀଙ୍କୁ କେହି ଜାଣି ନ ଥାନ୍ତେ ।

ସ୍ତ୍ରୀ ଶୁଦ୍ଧସ୍ନାନ କଲାପରେ ବି ସେ ସମ୍ପୂର୍ଣ୍ଣ ଶୁଦ୍ଧ ହେଲା ବୋଲି ମନେ କରାଯାଏ ନା । ହବନରେ ବସି ସ୍ତ୍ରୀ ସମ୍ପୂର୍ଣ୍ଣ ଶୁଦ୍ଧ ହେଲା ପରେ ପୁରୁଷଙ୍କୁ ଅଙ୍ଗ ଦେବା କଥା ଆର୍ଯ୍ୟମାନେ ଶାସ୍ତ୍ରରେ ବିଧାନ କରିଛନ୍ତି । ଏ ମହନୀୟ ପ୍ରଥାର ଉପେକ୍ଷା ନାନାଦି ରୋଗର କାରଣ । ଆଧୁନିକ ନାରୀମାନଙ୍କ ଋତୁଜନିତ ଗୁପ୍ତଅଙ୍ଗ ସମ୍ବନ୍ଧୀୟ ରୋଗ ଏହାରି ମୁଖ୍ୟ କାରଣ ।

Digitized by srujanika@gmail.com

ଲୋକଙ୍କର ବିଶ୍ୱାସ, ଗ୍ରହର ଉତ୍ପାତରୁ ରୋଗ ହୁଏ । ସେଥିପାଇଁ ହବନ ଦ୍ୱାରା ଗ୍ରହ-ଶାନ୍ତି ଅବଶ୍ୟକ, ଏହା ତାଙ୍କର ବିଶ୍ୱାସ । ଅର୍ଥାତ୍ ହୋମ ଦ୍ୱାରା ରୋଗ ଶାନ୍ତ କରିବାର ଏହା ଏକ ପ୍ରମାଣ ।

୮ । ପ୍ଲେଗ' ନାମକ ପୁସ୍ତକରେ ଡା. ଡବ୍ଲ୍ୟୁ. ଏମ୍. କାର୍ନେ ବ୍ରାଏଟ୍‌ୱାଲକ୍ ଲେଖିଛନ୍ତି ଯେ ହୋମର ଧୂଆଁ ପ୍ଲେଗର କୀଟାଣୁକୁ ନାଶ କରେ; ଅଗ୍ନି ଘୃତାଗ୍ନି ରୋଗନାଶକ ।

୯ । ଜାଇଫଳ, ଅଳାଇଚ, ଲବଙ୍ଗ, ବାଦାମ ଆଦିରୁ ଉଥିତ ତେଲ ନାନାଦି ରୋଗନାଶକ; ଏଥିପାଇଁ ବୈଦ୍ୟକ ଶାସ୍ତ୍ର ଦ୍ରଷ୍ଟବ୍ୟ । କିନ୍ତୁ ଏଗୁଡ଼ାକ ସୂକ୍ଷ୍ମରେ ପରିଣତ ହେଲେ ଅର୍ଥାତ୍ ହବି ହେଲେ ଅଧିକ ପ୍ରବଳଭାବରେ ରୋଗନାଶକ—ପୁଣି କେବଳ ଜଣକର ନୁହେଁ—ଅନେକଙ୍କର ରୋଗନାଶକ । ଲଙ୍କାମରିଚ ଖାଇଲେ କେବଳ ଜଣେ ତାର ଗୁଣ ଅନୁଭବ କରିବ, କିନ୍ତୁ ପୋଡ଼ିଲେ······ ?

ଜାଇଫଳ, ଅଳାଇଚ, ଲବଙ୍ଗ, ବାଦାମ ମଧ୍ୟ ହବନୀୟ ସାମଗ୍ରୀ —ଏମାନେ କେବଳ ତୈଳବୀଜ ନୁହନ୍ତି ।

୧୦ । ନାନାଦି ଅସ୍ୱାଦକର ଅରୁଚିକର ତିକ୍ତ କଟୁ ଲବଣାକ୍ତ କଷାକ୍ତ ଦାହକ ଔଷଧ ପିଆ ପେଟକୁ ନେବା ଅପେକ୍ଷା, ଫୋଡ଼ି ନେବା ଅପେକ୍ଷା, ହବନଦ୍ୱାରା ଶ୍ୱାସରେ, ଶରୀରର ଉପର ଅଂଶରେ ଔଷଧ ଗ୍ରହଣ କରିବା ସୁଖପ୍ରଦ ନୁହେଁ କି ?

ହବନଦ୍ୱାରା ବର୍ଷା—

୧ । ଅମେରିକାରେ ଘୃତର ମେଘକୁ ଆକର୍ଷଣ କରିବାର ଗୁଣ ଅଛି ବୋଲି ପ୍ରମାଣ କରାଯାଇଛି ।

୨ । ନଦୀ, ପୋଖରୀ, କୂଅ ଓ ସମୁଦ୍ରରୁ ଜଳ ବାଷ୍ପାକାରରେ ଉଠି ବାୟୁରେ ମିଶେ । ବାୟୁର ଗୁଣ ଏହି ଯେ, ଗରମ ବାଷ୍ପ

Digitized by srujanika@gmail.com

ଯେତେ ଅଧିକ ହେଉଥିବ; ସେତେ ଅଧିକ ବାଷ୍ପ ସେ ନିଜ ମଧ୍ୟରେ ଧାରଣ କରୁଥିବ। ବାୟୁ ଗରମ ବାଷ୍ପରେ ପୂର୍ଣ୍ଣ ହେଲେ ତାକୁ ବାଷ୍ପପୂର୍ଣ୍ଣ ବାୟୁ କୁହାଯାଏ । କିନ୍ତୁ ଏହି ବାଷ୍ପପୂର୍ଣ୍ଣ ବାୟୁର ଉତ୍ତାପ ଅଧିକ ବୃଦ୍ଧି ପାଇଲେ, ସେ ବାୟୁ ଆଉ ବାଷ୍ପପୂର୍ଣ୍ଣ ହୋଇ ରହି ପାରେ ନା । ସେତେବେଳେ ଜଳୀୟ ବାଷ୍ପ ରହିବା ପାଇଁ ତା' ମଧ୍ୟରେ ସ୍ଥାନ ଖାଲି ହୋଇଯାଏ । ଫଳତଃ ବାଷ୍ପର ତାପଭାଗ କମିଗଲେ, ବାୟୁ ଆଉ ଜଳୀୟ ଅଂଶକୁ ଧାରଣ କରିପାରେ ନା । ଏହି ଜଳୀୟ ବାଷ୍ପରେ ଥଣ୍ଡା ଲାଗିବା ମାତ୍ରକେ ସେ ବାଷ୍ପରୂପରେ ନ ରହି ଜଳବିନ୍ଦୁ ଆକାରରେ ପରିବର୍ତ୍ତିତ ହୁଏ । ସେତେବେଳେ ବାୟୁ ଯେତେ ଉପରକୁ ଉଠୁଥାଏ, ତା'ର ତାପଭାଗ ସେତେ କମୁଥାଏ । ଫଳତଃ ଜଳୀୟ ବାଷ୍ପ ସେତେ ମୋଟା ଆକାର ଧାରଣ କରେ । ଏହି ଜଳୀୟ ବାଷ୍ପ ମୋଟା ହେବା ଫଳରେ ବାୟୁ ମଧ୍ୟରେ ରହି ନ ପାରି ତଳକୁ ଖସେ ; ସୂକ୍ଷ୍ମ ପଦାର୍ଥ କେବଳ ଉପରକୁ [illegible] ଉପରେ ରହିପାରେ—ସ୍ଥୂଳ ପଦାର୍ଥ ନୁହେଁ । ଏହି ଜଳୀୟ ବାଷ୍ପ ମୋଟା ହୋଇ ତଳକୁ ଝରିବାଟାକୁ କୁହାଯାଏ ବର୍ଷା; ଅଉ ଏ ବର୍ଷା ହବନ ଦ୍ୱାରା ହୁଏ ।

• ୩ । (କ) ବାୟୁରେ ଜଳୀୟ ବାଷ୍ପ ଅଧିକ ମାତ୍ରାରେ ରହିବା ।

(ଖ) ବାୟୁକୁ ଉପରକୁ ଉପରକୁ ଗତି କରେଇବା ।

(ଗ) ବାୟୁରେ ଥିବା ରେଣୁକଣାକୁ [illegible] ପରିବର୍ତ୍ତିତ କରିବା ।

ଏ ତିନିକ୍ରିୟା ହେଲେ, ବର୍ଷା ହୁଏ, ଅଉ ଏ କ୍ରିୟା ହବନ ଦ୍ୱାରା ସମ୍ଭବ ହୁଏ ।

ଉଦାହରଣ—(କ) ହବନରେ ଜଳୁଥିବା ସମିଧା ଔଷଧି ଫଳଫୁଲ ଖାଦ୍ୟ ଘୃତାଦି ଜଳୀୟ ଅଂଶରେ ପୂର୍ଣ୍ଣ ।

Digitized by srujanika@gmail.com

ଲୋକଙ୍କର ବିଶ୍ୱାସ, ଗ୍ରହର ଉତ୍ପାତରୁ ରୋଗ ହୁଏ । ସେଥିପାଇଁ ହବନ ଦ୍ୱାରା ଗ୍ରହ-ଶାନ୍ତି ଆବଶ୍ୟକ, ଏହା ତାଙ୍କର ବିଶ୍ୱାସ । ଅର୍ଥାତ୍ ହୋମ ଦ୍ୱାରା ରୋଗ ଶାନ୍ତ କରିବାର ଏହା ଏକ ପ୍ରମାଣ ।

୮ । 'ପ୍ଲେଗ' ନାମକ ପୁସ୍ତକରେ ଡା. ଡବ୍ଲ୍ୟୁ. ଏମ୍. କର୍ନେ ବ୍ୟୁଟ୍ରୋନିକ୍ ଲେଖିଛନ୍ତି ଯେ ହୋମର ଧୂଆଁ ପ୍ଲେଗର କୀଟାଣୁକୁ ନାଶ କରେ; ଅଜ ଘୃତାଗ୍ନି ରୋଗନାଶକ ।

୯ । ଜାଇଫଳ, ଅଳାଇଚ, ଲବଙ୍ଗ, ବାଦାମ ପ୍ରଭୃତି ତଥାର ତେଲ୍ ନାନାଦି ରୋଗନାଶକ; ଏଥିପାଇଁ ବୈଦ୍ୟକ ଶାସ୍ତ୍ର ଦ୍ରଷ୍ଟବ୍ୟ । କିନ୍ତୁ ଏଗୁଡ଼ାକ ସୂକ୍ଷ୍ମରେ ପରିଣତ ହେଲେ ଅର୍ଥାତ୍ ହବି ହେଲେ ଅଧିକ ପ୍ରବଳଭାବରେ ରୋଗନାଶକ—ପୁଣି କେବଳ ଜଣକର ନୁହେ—ଅନେକଙ୍କର ରୋଗନାଶକ । ଲଙ୍କାମରିଚ ଖାଇଲେ କେବଳ ଜଣେ ତାର ଗୁଣ ଅନୁଭବ କରିବ, କିନ୍ତୁ ପୋଡ଼ିଲେ...... ?

ଜାଇଫଳ, ଅଳାଇଚ, ଲବଙ୍ଗ, ବାଦାମ ମଧ୍ୟ ହବନୀୟ ସାମଗ୍ରୀ —ଏମାନେ କେବଳ ତୈଳବୀଜ ନୁହନ୍ତି ।

୧୦ । ନାନାଦି ଅସ୍ୱାଦକର ଅରୁଚିକର ତିକ୍ତ କଟୁ ଲବଣାକ୍ତ କଷ କ୍ରୁ ଦାହକ ଔଷଧ ସିଧା ପେଟକୁ ନେବା ଅପେକ୍ଷା, ଫୋଡ଼ିବା ଅପେକ୍ଷା, ହବନଦ୍ୱାରା ଶ୍ୱାସରେ, ଶରୀରର ଉପର ଅଂଶରେ ଔଷଧ ଗ୍ରହଣ କରିବା ସୁଖପ୍ରଦ ନୁହେ କି ?

ହବନଦ୍ୱାରା ବର୍ଷା—

୧ । ଅମେରିକାରେ ଘୃତର ମେଘକୁ ଆକର୍ଷଣ କରିବାର ଗୁଣ ଅଛି ବୋଲି ପ୍ରମାଣ କରୁଅଛନ୍ତି ।

୨ । ନଦୀ, ପୋଖରୀ, କୁଅ ଓ ସମୁଦ୍ରରୁ ଜଳ ବାଷ୍ପାକାରରେ ଉଠି ବାୟୁରେ ମିଶେ । ବାୟୁର ଗୁଣ ଏଇ ଯେ, ଗରମ ବାଷ୍ପ

Digitized by srujanika@gmail.com

ଯେତେ ଅଧିକ ହେଉଥିବ; ସେତେ ଅଧିକ ବାଷ୍ପ ସେ ନିଜ ମଧ୍ୟରେ ଧାରଣ କରୁଥିବ। ବାୟୁ ଗରମ ବାଷ୍ପରେ ପୂର୍ଣ୍ଣ ହେଲେ ତାକୁ ବାଷ୍ପପୂର୍ଣ୍ଣ ବାୟୁ କୁହାଯାଏ। କିନ୍ତୁ ଏହି ବାଷ୍ପପୂର୍ଣ୍ଣ ବାୟୁର ଉତ୍ତାପଭାଗ ଅଳ୍ପର ବୃଦ୍ଧି ପାଇଲେ, ସେ ବାୟୁ ଅଉ ବାଷ୍ପପୂର୍ଣ୍ଣ ହୋଇ ରହି ପାରେ ନା। ସେତେବେଳେ ଜଳୀୟ ବାଷ୍ପ ରହିବା ପାଇଁ ତା' ମଧ୍ୟରେ ସ୍ଥାନ ଖାଲି ହୋଇଯାଏ। ଫଳତଃ ବାଷ୍ପର ତାପଭାଗ କମିଗଲେ, ବାୟୁ ଆଉ ଜଳୀୟ ଅଂଶକୁ ଧାରଣ କରିପାରେ ନା। ଏହି ଜଳୀୟ ବାଷ୍ପରେ ଥଣ୍ଡା ଲାଗିବା ମାତ୍ରକେ ସେ ବାଷ୍ପରୂପରେ ନ ରହି ଜଳବିନ୍ଦୁ ଆକାରରେ ପରିବର୍ତ୍ତିତ ହୁଏ। ସେତେବେଳେ ବାୟୁ ଯେତେ ଉପରକୁ ଉଠୁଥାଏ, ତା'ର ତାପଭାଗ ସେତେ କମୁଥାଏ। ଫଳତଃ ଜଳୀୟ ବାଷ୍ପ ସେତେ ମୋଟା ଆକାର ଧାରଣ କରେ। ଏହି ଜଳୀୟ ବାଷ୍ପ ମୋଟା ହେବା ଫଳରେ ବାୟୁ ମଧ୍ୟରେ ରହି ନ ପାରି ତଳକୁ ଖସେ; ସୂକ୍ଷ୍ମ ପଦାର୍ଥ କେବଳ ଉପରକୁ ଉଠି ଉପରେ ରହିପାରେ—ସ୍ଥୂଳ ପଦାର୍ଥ ନୁହେଁ। ଏହି ଜଳୀୟ ବାଷ୍ପ ମୋଟା ହୋଇ ତଳକୁ ପଡ଼ିବାଟାକୁ କୁହାଯାଏ ବର୍ଷା; ଆଉ ଏ ବର୍ଷା ହବନ ଦ୍ୱାରା ହୁଏ।

୩। (କ) ବାୟୁରେ ଜଳୀୟ ବାଷ୍ପ ଅଧିକ ମାତ୍ରାରେ ରହିବା।

(ଖ) ବାୟୁକୁ ଉପରକୁ ଉପରକୁ ଗତି କରେଇବା।

(ଗ) ବାୟୁରେ ଥିବା ରେଣୁକଣାକୁ ଜଳବିନ୍ଦୁରେ ପରିବର୍ତ୍ତିତ କରିବା।

ଏ ତିନିକ୍ରିୟା ହେଲେ, ବର୍ଷା ହୁଏ, ଆଉ ଏ କ୍ରିୟା ହବନ ଦ୍ୱାରା ସମ୍ଭବ ହୁଏ।

ଉଦାହରଣ—(କ) ହବନର ଜଳୁଥିବା ସମିଧା ଔଷଧି ଫଳପୂର୍ଣ୍ଣ ଖାଦ୍ୟ ଘୃତାଦି ଜଳୀୟ ଅଂଶରେ ପୂର୍ଣ୍ଣ।

Digitized by srujanika@gmail.com

(ଖ) ହବନର ଧୂଆଁ ବାୟୁ ସଙ୍ଗରେ ମିଶିବା ମାତ୍ରକେ ବାୟୁ ମଧ୍ୟରେ ରେଣୁକଣା ବୃଦ୍ଧିପାଏ । ଆଉ ଘୃତର ବାଷ୍ପ ମଧ୍ୟ ଉପରକୁ ଯାଇ ଜମା ହୋଇଯାଏ । ଆଉ ରେଣୁକଣା ରୂପରେ ପରିବର୍ତ୍ତିତ ହୋଇଯାଏ ।

(ଗ) ଏଇ କଣାମାନଙ୍କ ଉପରେ ଜଳବିନ୍ଦୁ ଜମା ହେଲେ ମେଘ ଉତ୍ପନ୍ନ ହୁଏ ।

୪ । ହବନଦ୍ୱାରା ବାୟୁ ଉତ୍ତପ୍ତ ହୋଇ ଉପରକୁ ଗତିକରେ । ତଦ୍ୱାରା ସେ ବାୟୁ ମଣ୍ଡଳର ଉପର ଭାଗକୁ ଧକ୍କା ଦିଏ । ଏ ଧକ୍କା ଦ୍ୱାରା ନୂଆମେଘ ଆକାଶରେ ତିଆରି ହୁଏ । ଅନେକ ସମୟରେ ଅନେକ ସ୍ଥଳରେ ଦେଖାଯାଏ, ଆକାଶରେ ମେଘ ସୃଷ୍ଟି ହୁଏ ଅଥଚ ବର୍ଷା ହୁଏ ନା—ମେଘ ଉଡ଼ିଯାଏ । ଏପରି ସ୍ଥଳେ ହବନ କଲେ ହବନ-ଧୂମ୍ର ମେଘକୁ ଟାଣିଆଣେ ।

ହବନର ଅନ୍ୟାନ୍ୟ ଗୁଣ—

୧ । ବର୍ଷାର ପ୍ରତ୍ୟେକ ବିନ୍ଦୁରେ ଏକ ପ୍ରକାର ରେଣୁକଣା ରହିଛି । ଏହି କଣା ବର୍ଷା ସଙ୍ଗରେ ତଳକୁ ଖସିଆସେ । ଆଉ ଭୂମି ଉପରେ ପଡ଼ି ଖତର କାମକରେ । ଅର୍ଥାତ୍ ହବନଦ୍ୱାରା ଭୂମି କେବଳ ଜଳ ପାଏ, ତା ନୁହେଁ—ସାର ବି ପାଏ । (ସିଦ୍ଧ ମନ୍ତ୍ର ମନ ନ ଦେଇ ହବନ ପ୍ରତି ମନ ଦେଲେ ବେଶୀ ମଙ୍ଗଳ ଅଳ୍ପ [illegible] ଚିନ୍ତା ବୋଲି ଆଶା । ପାଶ୍ଚାତ୍ୟ ଦେଶରେ ହବନ ହୁଏ ନା—ଅଥଚ ଆମ ଦେଶଠାରୁ ଅଧିକ ଶସ୍ୟ ସେଠାରେ ହୁଏ । ଯେଉଁ କାରଣରୁ ସେଠାରେ ଶସ୍ୟ ଅଧିକ ହୁଏ, ସେ କାରଣଟା ଖଟିଲ ହବନ ଅପେକ୍ଷା ।)

୨ । ହବନ ଫଳରେ ବାୟୁର ସୁଗନ୍ଧ ଔଷଧିର କଣା ତଥା ଘୃତର କଣା ମିଶ୍ରିତ ହୁଏ । ଏଇ କଣା ଉପରେ ନିର୍ଭର କରି ଜଳକଣା

ନିର୍ମିତ ହୁଏ । ଏହି କଣାସମୂହ ଜଳବିନ୍ଦୁ ସଙ୍ଗରେ ତଳକୁ ଖସି ଭୂମିଉପରେ ପଡ଼ି ଭୂମିସାର ରୂପରେ ପରିବର୍ତ୍ତିତ ହୋଇଯାଏ । ଫଳତଃ ଭୂମି ସାରମୟ ହେବାରୁ ହବନ ଫଳରେ, ଉତ୍କୃଷ୍ଟ ଅନ୍ନ ଭୂମି ଉତ୍ପନ୍ନ କରେ ।

୩ । ହବନରେ ନାନାବିଧ ଔଷଧ ବନସ୍ପତି ଜଳିବାଦ୍ୱାରା ନାନା ପ୍ରକାର ଗୁଣକାରିକ ଔଷଧମୟ ଗ୍ୟାସ୍ ଉତ୍ପନ୍ନ ହୁଏ । ଏହି ଗ୍ୟାସ୍ ପାଣି ସଙ୍ଗରେ ମିଶେ । ଏହି ଜଳ ଭୂମିରେ ପଡ଼ିଲେ ଶସ୍ୟ ଅନିଷ୍ଟକାରୀ କୃମିକୀଟାଣୁଙ୍କର ବିନାଶ ସମ୍ଭବ ହୁଏ । ଫଳତଃ ଶସ୍ୟ କୀଟଧ୍ୱଂସ ହୋଇ ନଷ୍ଟ ହେବାର ଭୟ ଥାଏ ନା । (ଆଜି ଆଜି-କାଲିକାର ନାନାବିଧ ବୈଜ୍ଞାନିକ ପ୍ରଣାଳୀର ସାହାଯ୍ୟରେ ଶସ୍ୟ-କୀଟକୁ ନାଶ କରିବାରେ ଖର୍ଚ୍ଚାନ୍ତ ହେବାକୁ ପଡ଼େ ନା ବା ଏପରି ପ୍ରଣାଳୀର ଆଶ୍ରୟ ନେବାରେ ଲୋକସାଧାରଣଙ୍କ ପକ୍ଷରେ ଅସମ୍ଭବତା ଦେଖାଦିଏ ନା ।)

୪ । ହବନଦ୍ୱାରା Carbon dioxide ନାମରେ ଗୋଟାଏ ବାୟୁ ସୃଷ୍ଟି ହୁଏ । ଏହା ବୃକ୍ଷବନସ୍ପତିର ଖାଦ୍ୟ । ଫଳତଃ ହବନ ହେତୁରୁ ବୃକ୍ଷବନସ୍ପତି ହୃଷ୍ଟପୁଷ୍ଟ ହୋଇ ମଧୁର ସୁନ୍ଦର ଫଳଫୁଲ ଦେଇ ଜନକଲ୍ୟାଣର କାରଣ ସିଦ୍ଧ ହୁଅନ୍ତି ।

(ଭାରତର ଆରଣ୍ୟକ ସଭ୍ୟତାର ପରମୋଜ୍ଜ୍ୱଳ ପ୍ରତୀକ ଏହି ହବନ । ଆଜି ଏହି ହବନ ଅରଣ୍ୟ ସଭ୍ୟତାର ପ୍ରତୀକ — ଅର୍ଥାତ୍ ଏହି ଅରଣ୍ୟ ଭାରତର ସରଳବସନ କୃଚ୍ଛ୍ରବ୍ରତଧାରୀ ଋଷିମାନଙ୍କ ଆବାସ-ସ୍ଥଳ, ଆଜି ଏହି ସ୍ଥଳ ଅର୍ଥ ବିଦ୍ୟା, ଉପନିଷଦ-ଜ୍ଞାନ, ବ୍ରହ୍ମଜ୍ଞାନର ଆଦିପୀଠ । 'ବୃହଦାରଣ୍ୟକୋପନିଷଦ' ଏହାର ଜୀବନ୍ତ ପ୍ରମାଣ;ବୃହତ+ଆରଣ୍ୟକ+ଉପନିଷଦ । ଏହାର ସୃଷ୍ଟି ଅରଣ୍ୟରେ ବୋଲି ଏହାର ନାମ 'ଆରଣ୍ୟକ', ଆଉ ,ଉପନିଷଦ ଅର୍ଥ

Digitized by srujanika@gmail.com

ବ୍ରହ୍ମଜ୍ଞାନ; ଆଉ ଏ ଉପନିଷଦ ଅନ୍ୟାନ୍ୟ ସମସ୍ତ ଉପନିଷଦ ଅପେକ୍ଷା ବଡ଼ ବୋଲି ଏ 'ବୃହତ୍' ବିଶେଷଣଦ୍ୱାରା ଅଲଙ୍କୃତ ।)

ସେହି ସମୟରେ ଯେତେବେଳେ ଯାବାଳ ସତ୍ୟକାମ ଗୁରୁକୁଳକୁ ବ୍ରହ୍ମବିଦ୍ୟା ପ୍ରାପ୍ତ କରିବାକୁ ଯାଉଥିଲେ, ଏହି ଦେଶରେ ସେତେବେଳେ ଏହି ଦେଶର ଯୁଗ ଚାଲୁଥିଲା । ପ୍ରତ୍ୟେକ ଋତୁ ମଙ୍ଗଳମୟ ମହେଶଙ୍କ କଲ୍ୟାଣକାରୀ ବିଧିବିଧାନାନୁସାରେ ଅପଣା-ଅପଣାର ସ୍ୱଭାବଗତ ଅବଦାନଦ୍ୱାରା ଏ ଦେଶକୁ କୃତାର୍ଥ କରୁଥିଲେ ବେଦର ମହିମାରେ, ଜ୍ଞାନର ମହିମାରେ ମହୀୟାନ ହୋଇ । ଫଳତଃ ଦେଶର ପ୍ରତ୍ୟେକ ଘର ସେତେବେଳେ ପ୍ରଚୁର ଧନସମ୍ପତ୍ତିର ପରିପୂର୍ଣ୍ଣ ରହୁଥିଲା । ଯେ ଅଭାବ କେବେକେବେ ଦେଖା ଦେଉଥିଲା, ସେ କେବଳ ଉଦାସୀନତାର ଅଭାବ—ଅକର୍ମଣ୍ୟତାର ଅଭାବ । ଏଥିପାଇଁ ତ ବିଷ୍ଣୁ ଦୋଷୀ ନୁହେ । ଅପର୍ଯ୍ୟାପ୍ତ ଖର୍ଚ୍ଚ ସତ୍ତ୍ୱେ ବି ଦେଶର ଧନ-ଭଣ୍ଡାର ଶୂନ୍ୟ ପଡ଼ୁ ନ ଥିଲା (ପଡ଼ୁ ନ ଥିଲା ବୋଲି ତ ସ୍ୱେ ବନଗମନ କରିବା ପୂର୍ବରୁ ବ୍ରାହ୍ମଣଙ୍କୁ ବ୍ରାହ୍ମଣଙ୍କ ଇଚ୍ଛାନୁସାରେ ବହୁସାରିବା ସାମର୍ଥ୍ୟାନୁସାରେ ଗୋଧନ ଦାନ କରିପାରି ଥିଲେ—ସୀତା ବି ତ ଅପଣାର ସମସ୍ତ ସ୍ତ୍ରୀଧନକୁ ଅପଣାର ସମସ୍ତ ସଖିପରିଚାରିକା ମାନଙ୍କ ମଧ୍ୟରେ ୧୪ ବର୍ଷ ପର୍ଯ୍ୟନ୍ତ ଚଳିବା ପାଇଁ ଦାନ କରିଦେଇ ଥିଲେ ।) ଅନ୍ନପାଇଁ, ବସ୍ତ୍ର ପାଇଁ କାହାର ମୁଖରୁ କେବେ ଅତୁର କ୍ରନ୍ଦନ ପ୍ରକାଶ ପାଉ ନ ଥିଲା—ଦେଶରେ ହାହାକାରର କରୁଣ ଧ୍ୱନି ଶୁଣା ଯାଉ ନ ଥିଲା । ପ୍ରତ୍ୟେକ ଅରଣ୍ୟଉଦ୍ୟାନ ବାଟିବିପଣି ଫଳ ଫୁଲରେ ପରିପୂର୍ଣ୍ଣ ରହୁଥିଲେ ।

ଏପରି ସମୟରେ, ଯେତେବେଳେ କି ଦେଶରେ କୌଣସି ପ୍ରକାରର ଅଭାବଅନାଟନରେ ଦୌର୍ବଲ୍ୟ ନ ଥିଲା, ସେତେବେଳେ ଦେଶରେ ନୈତିକତାର ଅଭାବ ବି ନ ଥିଲା । (ଅନୈତିକତାର

ମୂଳ କାରଣ ତ ଅଭାବ ଅନାଟନ, ଅର୍ଥ ବଣ୍ଟନରେ ଅସାମଞ୍ଜସ୍ୟତା) କ୍ଷୁଧାର୍ତ୍ତକୁ ଯଦି ଅନ୍ନ ମିଳିଯାଉଛି, ସେ ଅନ୍ନପାଇଁ ଚୋରି କରିବ କାହିଁକି ?—ମିଛ କହିବ କାହିଁକି ? ବସ୍ତ୍ରହୀନକୁ ଯଦି ବସ୍ତ୍ର ମିଳି ଯାଉଛି, ସେ ଅଭବ୍ୟ ଅଶ୍ଳୀଳ ଦେଖାଯିବ କାହିଁକି ? ସାମାଜିକ ଅନ୍ୟାୟ ଅସଙ୍ଗତି ଅଛି। ବାଧାବନ୍ଧନହୀନ ବିଧାନର ସହଜସରଳ ମାର୍ଗରେ, ବିନା ଖର୍ଚ୍ଚରେ ବା ଅତି ଅଳ୍ପ ଖର୍ଚ୍ଚରେ ଯଦି ବିବାହ ସୁସମ୍ପନ୍ନ ହୋଇ ପାରୁଛି, ତେବେ ବ୍ୟଭିଚାର, ଗୁପ୍ତପ୍ରଣୟ, ଫଳତଃ ନାନାଦି ଯୌନ ବ୍ୟାଧି, ଭ୍ରୁଣହତ୍ୟା, ଶିଶୁହତ୍ୟା, ବାଳହତ୍ୟା ବା ସମ୍ଭବ ହେବ କିପରି ?

ଆପଣାର ଜାତିଗୋତ୍ର ପାଇଁ ନୁହେଁ, ଆପଣାର ବଂଶପରଂପରାର ଲୁପ୍ତ ମର୍ଯ୍ୟାଦା ପାଇଁ ନୁହେଁ, ଆପଣାର ଅର୍ଥର ପ୍ରାଚୁର୍ଯ୍ୟ ପାଇଁ ନୁହେଁ, ଆପଣାର କ୍ଷମତା ପାଇଁ ନୁହେଁ, ଆପଣାର ମାଂ ରାଜନୀତିକ ଅଭିସନ୍ଧି ପାଇଁ ନୁହେଁ, ଆପଣାର ବଡ଼ଲୋକୀ ପାଇଁ ନୁହେଁ, ଆପଣାର ଯୋଗ୍ୟତା ପାଇଁ, ଆପଣାର ପ୍ରତିଭା ପାଇଁ ଯାକୁ ଶ୍ରଦ୍ଧାସମ୍ମାନ ମିଳି ଯାଉଛି, ଆଦର ଯତ୍ନ ମିଳିଯାଉଛି, ଅର୍ଥର ଅନାଟନ ଘଟୁନାହିଁ, ସେ ଅନାଦରରେ ହୋଇ ନିଜର ପ୍ରତିଭାର ମୃତ୍ୟୁରେ ଦେଶକୁ ଦୋଷୀ ସାବ୍ୟସ୍ତ କରିବ କାହିଁକି ? ଆଉ ଦେଶ ବା ପ୍ରତିଭାହୀନ ହୋଇ ପଙ୍ଗୁ ରହିବ କାହିଁକି ଶତ୍ରୁର ପଦଲେହନ କରିବା ପାଇଁ, ପରମୁଖାପେକ୍ଷୀ ହେବା ପାଇଁ ?

ଯେ ଦେଶରେ ଦୋଷୀକୁ ଦଣ୍ଡ ମିଳି ଯାଉଛି, ନିର୍ବଳକୁ ଷଡ଼ିପୁ ମିଳି ଯାଉଛି, ନିର୍ଦ୍ଦୋଷକୁ ରକ୍ଷକ ମିଳିଯାଉଛି, ସେ ଦେଶର ଲୋକେ ଅନ୍ୟ ଦେଶପ୍ରତି ଭୟ ଘୃଣା ବା ଈର୍ଷା ବା ଅନ୍ଧ ଅନୁରାଗ ପ୍ରିୟତା ପ୍ରଦର୍ଶନ କରିବେ କାହିଁକି ?

ଏହାହିଁ କାରଣ ଯେ ସେତେବେଳେ ଏ ଦେଶରେ ନିର୍ଭୀକ ନିଭରଭାବରେ ବ୍ରହ୍ମଗୃହୀ ସତ୍ୟକାମ ମହର୍ଷି ଗୌତମ ଗୋତ୍ରୋପନ୍ନ

ଋଷି ଦରିଦ୍ରମାନଙ୍କ ଅସ୍ମକ ହରିଦ୍ରୁମତଙ୍କ 'କୁଳକୁ' ବ୍ରହ୍ମବିଦ୍ୟା ପ୍ରାପ୍ତ ହେବାକୁ ଯାଉଛନ୍ତି ।

ଆଜିକାଲି ଯେପରି ବିଦ୍ୟାଳୟାଦିରେ ପ୍ରବେଶ କରିବାକୁ ହେଲେ ବାଳକର ନାମଧାମ ସଙ୍ଗରେ ପିତାର ନାମଗ୍ରାମ ମଧ୍ୟ ଜଣାଇବାକୁ ପଡ଼ୁଛି, ସମ୍ଭବତଃ ପ୍ରାଚୀନ କାଳରେ ବି ଏ ପ୍ରଥା ଥିଲା । ତେଣୁ ଗୁରୁକୁଳକୁ ଯିବା ପୂର୍ବରୁ ସତ୍ୟକାମ ଆପଣାର ମାତାକୁ ପଚାରୁଛନ୍ତି—

"ବ୍ରହ୍ମଚର୍ଯ୍ୟଂ ଭବତି ! ବିବତ୍ସ୍ୟାମି । କିଂଗୋତ୍ରୋନ୍ୱହମସ୍ମୀତି ।" ଭବତି ! ଅର୍ଥାତ୍, ହେ ପରମ ପୂଜନୀୟା ମାତା ! ବ୍ରହ୍ମଚର୍ଯ୍ୟ ଧାରଣ ପୂର୍ବକ ମୁଁ ଗୁରୁକୁଳରେ ବାସ କରିବି, ମୋର ଗୋତ୍ର କ'ଣ ?

ବିଦ୍ୟାଳୟକୁ ଅଧ୍ୟୟନ ପାଇଁ ଯିବାର ଉପଯୋଗୀ, ସେ ବୟସର ଜଣେ ବାଳକ ଆପଣାର ଗୋତ୍ର କ'ଣ ଜାଣେ ନା— ଆପଣାର ପିତା କିଏ ଜାଣେ ନା !! କିପରି ଜାଣିବ? ଆପଣାର ମାତାକୁ ତା' ଜଣାଥିଲେ ତ ! ମାତା ! ଜବାଲା ସେହି ପ୍ରାଚୀନ ଭାରତର ମାତା । ବାଧ୍ୟବାଧକତା ବଶତଃ କୌଣସି ଏକ ପାପ କରି ସେ ପାପକୁ ଲୁଚାଇବା ପାଇଁ ଅନ୍ୟ ପାପ କରି ଇହକାଳ ପରକାଳର ଅମଙ୍ଗଳ ଅମର୍ଯ୍ୟାଦା କରିବା ସେ ପସନ୍ଦ କରନ୍ତି ନାହିଁ । ସେ ଯଥାର୍ଥରେ ଏହାକୁ ପାପ ବୋଲି ଜାଣିଥିଲେ ସେ ଏହାକୁ ଲୁଚେଇ-ବାକୁ ଅନ୍ୟ ପାପ କରିଥାନ୍ତେ । କିନ୍ତୁ ତା' ସେ କଲେ ନାହିଁ । କୌଣସି ଏକ ଅନାବଶ୍ୟକ କାର୍ଯ୍ୟକୁ କରିବାକୁ ତ ପାପ କୁହାଯାଏ । ଜଣେ ସ୍ତ୍ରୀ ଯା'ର କେହି ନାହିଁ, ପତି ନାହିଁ, ପୁତ୍ର ନାହିଁ, ବନ୍ଧୁବାନ୍ଧବ ନାହିଁ, ଧନସମ୍ପତ୍ତି କିଛି ନାହିଁ, ବଞ୍ଚି ରହିବାର କୌଣସି ସାଧନ ନାହିଁ ଅନ୍ୟର ସେବାକରିବା ଛଡ଼ା; ପୁଣି ତାର ଦୀର୍ଘ ଭବିଷ୍ୟତ ରହିଛି; ଆଉ ଏ ଭବିଷ୍ୟତ ସମ୍ପୂର୍ଣ୍ଣ ଅନ୍ଧକାର; ଏ ଅନ୍ଧକାର ପଥରେ ଆଲୋକ

Digitized by srujanika@gmail.com

ବର୍ତ୍ତିକା ପରି ଗୋଟାଏ ପୁତ୍ରସନ୍ତାନଙ୍କୁ ସେ ଯଦି ଗର୍ଭରେ ଧାରଣ କଲି, ତା ପାପ ହେବ କାହିଁକି ? ତା' ଅନ୍ୟାୟ୍ୟ ଅସଙ୍ଗତ ହେବ କାହିଁକି ? ଅପର୍‌କାଳୀନ ଅକର୍ତ୍ତବ୍ୟକୁ ଏ ଦେଶରେ ସେତେବେଳେ ପାପ ବୋଲି ଧରି ହେଉ ନ ଥିଲା ବୋଲି କୁମାରୀ ଅବସ୍ଥାରେ କର୍ଣ୍ଣଙ୍କୁ ଜନ୍ମ ଦେଇ ମଧ୍ୟ କୁନ୍ତୀ ସତୀ ହେଲେ । ('କାନୀନ' ଶବ୍ଦରୁ କର୍ଣ୍ଣ ଶବ୍ଦର ଉତ୍ପତ୍ତି । କାନୀନ ଅର୍ଥ କନ୍ୟା ଅବସ୍ଥା-ସ୍ତ୍ରୀର ଅବିବାହିତ ଅବସ୍ଥା । କୁନ୍ତୀ ଅବିବାହିତ ଅବସ୍ଥାରେ କର୍ଣ୍ଣଙ୍କୁ ଜନ୍ମ ଦେଇଥିଲେ ବୋଲି ସେ କର୍ଣ୍ଣ । କାନ ଦ୍ୱାରା ଜନ୍ମ କରିବାର କଳ୍ପନା ଅକଳ୍ପନୀୟ ।) ଜାରଜ ସନ୍ତାନ ଶକୁନ୍ତଳାକୁ, ପ୍ରବୃତ୍ତିର ପ୍ରବଳ ପ୍ରକୋପର ଦୌରାତ୍ମ୍ୟରୁ ଆତ୍ମରକ୍ଷା କରିବାରେ ଅସମର୍ଥା ଶକୁନ୍ତଳାକୁ କ୍ଷମା କରି ଋଷି କଣ୍ୱ ଅନାଗ୍ରହକୁ ତ ପ୍ରଶ୍ରୟ ଦେଇ ନାହାନ୍ତି । ଆପଣାର ଭ୍ରାତୃପତ୍ନୀ ଗର୍ଭ ପାଇଁ ରେତୁଦାନ କରିଥିବା ବ୍ୟକ୍ତି ବ୍ୟାସଦେବ ମଧ୍ୟ ଋଷି—ସେ ଏ ଦେଶର ନମସ୍ୟ । ଆପଣାର ପତ୍ନୀକୁ, ଅର୍ଦ୍ଧାଙ୍ଗିନୀକୁ ଜୁଆଖେଳରେ ବସାଇଥିବା ରାଜା ମଧ୍ୟ ଏ ଦେଶରେ 'ଧର୍ମରାଜ ଯୁଧିଷ୍ଠିରଃ' । ଏ ଦେଶରେ ସେତେବେଳେ ଏପରି ବିଗ୍ରହର ଯୁଗ ଚାଲୁଥିଲା । ଏଥିପାଇଁ କୌଣସି ବିଭ୍ରାଟ ତ ଦେଶରେ ହୋଇ ନାହିଁ । ଶକୁନ୍ତଳାର ସନ୍ତାନ ଚକ୍ରବର୍ତ୍ତୀ ସମ୍ରାଟ୍ ହେଲେ—କର୍ଣ୍ଣ ଅତିରଥୀ ବୀର ହେଲେ— ଦୁର୍ଯ୍ୟୋଧନ ସବଂଶରେ ଧ୍ୱଂସ ପାଇଲେ । ଅଜ୍ଞ ଜାରଜ ସତ୍ୟକାମ······?

ସନ୍ତାନର କାମନା ନ କରି କେବଳ ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ସନ୍ତାନର ଜନନର କାରଣ ହେବା କଣ ପୁଣ୍ୟ ? କିମ୍ବା ବିନା ସନ୍ତାନରେ ସାରାଜୀବନ ପୀଡ଼ାକୁ, ଦୁଃଖକୁ, ଅପମାନକୁ ଓ ନିନ୍ଦାକୁ ମଥାରେ ବୋଝକରି ବୋହି ଚାଲିବା କଣ ପୁଣ୍ୟକର୍ମର ପରିଣାମ ?

Digitized by srujanika@gmail.com

ନିଜ ଘରେ ଯଦି ବୀଜ ନାହିଁ, ଅନ୍ୟଠାରୁ ବୀଜ ଆଣି ନିଜ କ୍ଷେତ୍ରରେ ବୁଣିବା ଫଳ ପାଇବା ପାଇଁ, ସୁଖ ପାଇବା ପାଇଁ, କେବଳ ଭୋଗ କରିବା ପାଇଁ ନୁହେ, ଜୀବନ ଚଳାଇବା ପାଇଁ, ତା' ଅନ୍ୟାୟ ? ଅସଙ୍ଗତ ? ଶାସ୍ତ୍ର ତ କହେ, ଏପରି ପାପ କର, ଯା' ଦ୍ୱାରା ସମାଜର ବାହ୍ୟର ବା ବ୍ୟକ୍ତିଗତ ଭାବରେ ନିଜର ମଧ୍ୟ କୌଣସି ଅମଙ୍ଗଳ ନ ହୁଏ, ତୁମେ ଦୁଃଖ ନ ପାଅ, ତୁମେ ବ୍ୟଥିତ ନ ହୁଅ । ବେଦ ଏହି ପାପଟାକୁ 'ନିୟୋଗ' ନାମ ଦେଇ ସମର୍ଥନ କରିଛନ୍ତି । ଅମ୍ବିକା, ଅମ୍ବାଳିକାଙ୍କ ସନ୍ତାନ ନ ଥିଲେ, ବିଧବା ହେଲେ, ବ୍ୟାସଦେବ ବୀଜ ଧାର ଦେଲେ, ଧୃତରାଷ୍ଟ୍ର ଓ ପାଣ୍ଡୁ ଜନ୍ମ ନେଲେ; କଣ ଅନର୍ଥପାତ ହେଲା ଏଥିପାଇଁ ? କୁନ୍ତୀଙ୍କର ସନ୍ତାନ ନ ଥିଲେ, ସ୍ୱାମୀ ରୁଗ୍ଣ ହେବା ଫଳରେ ହୀନବୀର୍ଯ୍ୟ ହେଲେ, ଦେବତାମାନଙ୍କଠାରୁ ବୀଜ ଧାର ଆଣି କୁନ୍ତୀ ଫଳ ପାଇଲେ, ଭୀମ ଅର୍ଜୁନ ଯୁଧିଷ୍ଠିର ପରି ମହାପରାକ୍ରମଶାଳୀ ବୀରପୁଙ୍ଗବମାନଙ୍କ ଜନ୍ମ ଦେଲେ କଣ ଅନର୍ଥପାତ ହେଲା ଏଥିପାଇଁ ? ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ, ସହଦେବ; ଯାହାଙ୍କର ଗୁଣଗାରିମାରେ ଭାରତ-ଜନନୀର ମୁଖ ଉଜ୍ଜ୍ୱଳ ହୋଇ ଉଠିଲା—କୋଳ ଭରି ଉଠିଲା; ଆଜି ଚିରଦିନ ଜନନୀର ମୁଖ ଉଜ୍ଜ୍ୱଳ ହୋଇ ରହିଥିବ, ଚିରଦିନ ଏମାନଙ୍କର ସ୍ମୃତିରେ ଭାରତବର୍ଷର ଶରୀର ପୁଲକିତ ହୋଇ ଉଠୁଥିବ, ଦେଶର ଏପରି ସୁଦଶାର କାରଣକୁ କଣ କୌଣସି କୁକ୍ରିୟା ବୋଲି ଧରି ନେବା ଠିକ୍ ହେବ ? ଅମର ବିଚାର, କୁପରିଣାମର କାରଣ କୁକ୍ରିୟା ହେବା ଉଚିତ । ମନୁଷ୍ୟ ଯଦି ରୁଗ୍ଣ ହେଲା, ବୃଦ୍ଧିବାକୁ ସେ ଅପଥ୍ୟ କରିଛି ।

ଭାରତବର୍ଷରେ ସେତେବେଳେ ଉପନିଷଦର ଯୁଗ ଚାଲିଥିଲା । ମହାଭାରତ କାଳ ପର୍ଯ୍ୟନ୍ତ ଭାରତବର୍ଷରେ ଉପନିଷଦର ଯୁଗ

ଚାଲୁଥିଲା । ଉପନିଷଦର ସଂସ୍କୃତିକୁ ଭୁଲିଯିବା ଫଳରେ ନିଜର ନିଜସ୍ୱ ସ୍ୱକୀୟ ସଂସ୍କୃତି, ଶିକ୍ଷାକୁ ଭୁଲିଯିବା ଫଳରେ ଯେଉଁ ଦିନଠୁଁ ଆମର ମସ୍ତିଷ୍କରେ ଅଜ୍ଞାନ-ଅନ୍ଧକାର ସ୍ଥାନ ପାଇଲା, ବିନା ବିଚାରରେ ଅନ୍ୟର ସଂସ୍କୃତିକୁ ଆମେ ପରମ ଆଦରଣୀୟ ମନେ କଲୁଁ, ସେହି ଦିନଠୁଁ ଆମର ମନରେ ସଂସ୍କୃତି-ବିଭ୍ରାଟ ସୃଷ୍ଟି ହେଲା । ଆଜି ଏ ବିଭ୍ରାଟ ଆମ ସମାଜରେ, ଆମର ପରିବାରରେ, ଆମର ଅନ୍ତରର ବ୍ୟବହାରରେ, ଆମର ଶିକ୍ଷାଦୀକ୍ଷାରେ ବିଭ୍ରାଟ ସୃଷ୍ଟି କରି ଆମକୁ ସ୍ଥାନ ନପୁଂସକ କରି ଅନ୍ୟର ପଦାନତ ହେବାକୁ ପ୍ରେରଣା ଦେଇ ପାରିଛି । ନ ହେଲେ କି ପାଞ୍ଚଶହ ଲୋକ ପଇଁତିରିଶ କୋଟି ଲୋକଙ୍କୁ ଅଢ଼ାଇଶହ ବର୍ଷ ପର୍ଯ୍ୟନ୍ତ ପଦାନତ କରି ପାରିଥାନ୍ତେ ? ଏଥିପାଇଁ ଏ ଦେଶ ଏ ପର୍ଯ୍ୟନ୍ତ ବି ଆଗେଇ ପାରିଲା ନାହିଁ । ନିଜର ସଂସ୍କୃତି ପ୍ରତି କେହି ଧ୍ୟାନ ଦେଲେ ନାହିଁ—ଉପନିଷଦର ବାଣୀ କେହି ଶୁଣିଲେ ନାହିଁ । ବିଦେଶୀଙ୍କର ପ୍ରାଣକୁ ଏହା ପୁଲକିତ କଲା—ଦେଶଠାରୁ ଏ ଲାଭ ପାଇଲା । କି ଦୁର୍ଯୋଗ !! ଅନ୍ୟ ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ସମଗ୍ର ପୃଥିବୀରେ ସର୍ବପ୍ରଥମ ବ୍ୟକ୍ତି ରାଜକୁମାର ଦାରା ଶିକୋହ (ଅଉରଙ୍ଗଜେବ୍‌ଙ୍କ ବଡ଼ଭାଇ) ଯେ ନିଜର ଦାୟିତ୍ୱରେ ଉପନିଷଦକୁ ପାରସୀ ଭାଷାରେ ଅନୁବାଦ କରାଇଥିଲେ । ଆଉ ନିଜେ ତା'ର ଭୂମିକା ବି ଲେଖିଲେ । ଏହି ଦାରା ଇତିହାସରେ Dara the good ନାମରେ ଖ୍ୟାତ । ଉଦାରମନା, ଦୃଢ଼ଚେତା ଓ ନିର୍ଭୀକ ଦାରା କହିଲେ, ଏହା କେବଳ ଉପନିଷଦ ଯା'ର ଶିକ୍ଷା ତାଙ୍କୁ ଶାନ୍ତି ଦେଇଛି । ଏହାର ଶିକ୍ଷା ତାଙ୍କର ଜୀବନକୁ, କାର୍ଯ୍ୟକଳାପକୁ କିପରି ପ୍ରଭାବିତ କରିଥିଲା, ଇତିହାସ ପଢ଼ିଲେ ଜାଣିବେ । ମୃତ୍ୟୁକୁ ସେ କିପରି ଅଭିନନ୍ଦନ ଜଣାଇ ଥିଲେ, ତା' ତାଙ୍କର ଜୀବନୀ ପଢ଼ିଲେ ଜାଣିବେ । ଏହାହିଁ କାରଣ ଅଉରଙ୍ଗଜେବ ଏହାଙ୍କ ପ୍ରତି

Digitized by srujanika@gmail.com

ଅସହ୍ୟ ହେଲେ—ଏହାଙ୍କର ହତ୍ୟା କରାଇଲେ । ଏ ହତ୍ୟାକୁ ରାଜକୁମାର ଦାରା ବରଣ କରି ନେଇଥିଲେ ନିର୍ବିକାରଭାବରେ ।

(ଜର୍ମାନ୍‌ର ପୃଥିବୀବିଖ୍ୟାତ ଦାର୍ଶନିକ ଶୋପେନ୍‌ହର ତାଙ୍କର ନିଜ ସ୍ୱଦର୍ଶନରେ ଶାନ୍ତି ପାଇ ପାରିଲେ ନାହିଁ । ଉପନିଷଦର ଲାଟିନ୍ ଅନୁବାଦର ଭୂମିକାରେ ସେ କହିଲେ—"ସମଗ୍ର ପୃଥିବୀରେ ଉପନିଷଦର ଶିକ୍ଷା ପରି ମଙ୍ଗଳକାରୀ ଉନ୍ନତ ଶିକ୍ଷା ଆଉ ନାହିଁ । ଏହି ଶିକ୍ଷାହିଁ ମୋର ଜୀବନର ଶାନ୍ତି, ଆଉ ମୋର ମୃତ୍ୟୁପରେ ମଧ୍ୟ ଏ ମୋତେ ଶାନ୍ତି ଦେବ ।")

ସେହି ଉପନିଷଦ ଯୁଗର ଭାରତର ଏକ ଦରିଦ୍ର ଅସହାୟା ମାତା ଜବାଲା ପୁଅକୁ ଉତ୍ତର ଦେଲେ—

"ନାହମେତଦ୍‌ବେଦ ତାତ ! ଯଦ୍‌ଗୋତ୍ରସ୍ତ୍ୱମସି
ବହ୍ୱହଂ ଚରନ୍ତୀ ପରିଚାରିଣୀ ଯୌବନେ ତ୍ୱାମଲଭେ ।
ସାଽହମେତନ୍ନବେଦଯଦ୍‌ଗୋତ୍ରସ୍ତ୍ୱମସି ।
ଜବାଲା ତୁ ନାମାଽହମସ୍ମି ସତ୍ୟକାମ ତ୍ୱମସି
ସ ସତ୍ୟକାମ ଏବ ଜବାଲ ବ୍ରୁବୀଥା ଇତି ।"

(ହେ ତାତ ! ତୋର ଗୋତ୍ର କଣ ମୁଁ ଜାଣେ ନା । ବହୁ ପରିଚର୍ଯ୍ୟା କରି ମୁଁ ପରିଚାରିଣୀ ତୋତେ ଯୌବନରେ ପାଇଛି । ତେଣୁ ତୋର ଗୋତ୍ର କଣ ମୁଁ ଜାଣେ ନା । କିନ୍ତୁ କେହି ପଚାରିଲେ କହିବୁ; ମୁଁ ଜବାଲାର ପୁଅ ସତ୍ୟକାମ ।)

ଭାରତର ଏହି ପ୍ରାଚୀନ ନାରୀର (ଅଧୁନିକ କାଳରେ ହୁଏତ ଏ ନାରୀକୁ ପତିତା କୁହାଯାନ୍ତା) ଏ ଉଦ୍‌ଗାର କେତେ ସ୍ୱାଭିମାନଭରା ମହତ୍ତ୍ୱପୂର୍ଣ୍ଣ ମଙ୍ଗଳ ଅର୍ଥର ଦ୍ୟୋତକ ଚିନ୍ତା କର ହୁଏ ନା । ଏହା ଜାଣିବା ସତ୍ତ୍ୱେ ମଧ୍ୟ ଯେ ତାଙ୍କର ଏ ସ୍ପଷ୍ଟବାଦିତା ତାଙ୍କର ଚରିତ୍ରରେ କଳଙ୍କର ଟିକା ବୋଲିବ, ତଥାପି ନିର୍ବିକାର

ନିଃସଙ୍କୋଚଭାବରେ ସେ କହି ପାରିଲେ—ଯୌବନେ ତ୍ୱାମଲଭେ—ମୁଁ ଯୌବନରେ ତୋତେ ପାଇଛି । ଯେଉଁ ଯୌବନ କାଳରେ ମନର ସମସ୍ତ ତାମସିକ ପ୍ରବୃତ୍ତି ତଥା ସମସ୍ତ ଇନ୍ଦ୍ରିୟ ପ୍ରବଳ ଚଞ୍ଚଳତାର ସହିତ ଉତ୍କ୍ଷିପ୍ତ ହୋଇ ଉଠନ୍ତି—ଲୋକ-ଲଜ୍ଜାକୁ ଭ୍ରୂକ୍ଷେପ କରନ୍ତି ନାହିଁ, କୌଣସି ବାଧାବନ୍ଧନକୁ, ଦଣ୍ଡକୁ ଭୟ କରନ୍ତି ନାହିଁ, ସେହି ଯୌବନ କାଳରେ ତୋତେ ମୁଁ ଜନ୍ମ ଦେଇଛି । ଯୌବନର ଯେ ଦୋଷ ତାକୁ ସେ ସ୍ୱୀକାର କରିଛନ୍ତି—ଯୌବନର ଯେ ଗୁଣ, ତା' ପ୍ରତି ସେ ନତ ଜଣାଇଛନ୍ତି ବୋଲି ସେ ତା' ହୋଇ ପାରିଛନ୍ତି । ଏପରି ଏକ ସତ୍ୟକୁ, ଅଗ୍ନିକୁ କଣ ଲୁଚାଇ ହେବ ଯେ, ସେ ପାରିବେ ? ସେ ପାରିବେ ନାହିଁ; ଅତି ପାରିଲେ ନାହିଁ ବୋଲି କହିଲେ, ଯୌବନରେ ତୋତେ ପାଇଛି । ତା' ପୁଣି କିପରି ଅବସ୍ଥାରେ ? ବହ୍ୱହଂ ଚରନ୍ତୀ ପରିଚାରିଣୀ—ବହୁତଙ୍କ ପରିଚର୍ଯ୍ୟା କରି ଅର୍ଥାତ୍ କେବଳ ଜଣକୁ ନୁହେଁ, ଅନେକଙ୍କୁ ଅଙ୍ଗ ଦେଇ ତୋତେ ମୁଁ ପାଇଛି । (କେଉଁ ପୁରୁଷର ଔରସରେ ସେ ଜାତ, ତା' ତାଙ୍କୁ ଅଜଣା) । ଜବାଲା ବୁଦ୍ଧିମତୀ ନାରୀ—ସେ ଜାଣନ୍ତି ସତ୍ୟନିଷ୍ଠା ଅଗ୍ନି—ତାକୁ ଢାଙ୍କି ରଖି ହେବ ନାହିଁ ।

ଏତେ ସ୍ପଷ୍ଟଭାବରେ ସତ୍ୟକୁ ଉଲଗ୍ନ କରିବା ଭଳି ସାହସ-ସମ୍ପନ୍ନା ଯୋଗ୍ୟତାସମ୍ପନ୍ନା ନାରୀ ଏ ଦେଶରେ ଏବେ ଅଛନ୍ତି ?—ଏ ଦେଶର ଆଧୁନିକ ସଭ୍ୟତା, ମେକଲେ ସ[illegible]ପରି ଜଟିଳ ହେଲେ ନାରୀକୁ ସୃଷ୍ଟି କରି ପାରିଛି ଯେ ନିଜର ଦୋଷ(?)କୁ ନିଜର ସନ୍ତାନ ଆଗରେ ବି ଏତେ ସ୍ପଷ୍ଟଭାବରେ କହିପାରେ ? ଏ ସଭ୍ୟତା ଏପରି ନାରୀ ସୃଷ୍ଟି କରିପାରୁ ନାହିଁ ବୋଲି ଏପରି ନାରୀ ଭ୍ରୂଣହତ୍ୟା କରୁଛି—ସେ ଭ୍ରୂଣକୁ ମଣିଷ କରି ସତ୍ୟକାମର ରୂପ ଦେଇପାରୁ ନାହିଁ । ସେ ଥିଲେ ପ୍ରାଚୀନ ଭାରତର ବେଦ-ଉପନିଷଦ

Digitized by srujanika@gmail.com

ଯୁଗର ଏକ ମାତା—ଜବାଲା; ସେଥିପାଇଁ ଉପନିଷଦ ପରି ଆଧ୍ୟାତ୍ମିକ ବିଦ୍ୟାର ଗ୍ରନ୍ଥ ମଧ୍ୟ ଏପରି ଏକ ପତିତା (?) ନାରୀର ଗୁଣଗାନ କରିବାରେ ଆପଣାର ସୌଭାଗ୍ୟ ମନେ କରିଛି । ଆଜ ଏ ମାତାର ଜାରଜ (?) ପୁତ୍ର ମଧ୍ୟ ଉପନିଷଦର ପାତ୍ର, କେବଳ ପାତ୍ର ନୁହେ, ଗଣ୍ୟମାନ୍ୟ ମାନ୍ୟ ହୋଇଉଠିଛି ; ଏହି ଉପନିଷଦରେ ଉଲ୍ଲିଖିତ ଏହି ସତ୍ୟକାମ ଉପନିଷଦ୍ କାଳର ଜଣେ ଅତି ପ୍ରସିଦ୍ଧ ଅଗ୍ରଣୀ—ଅନେକ ବ୍ରାହ୍ମଣ ସନ୍ତାନ, ସୂର୍ଯ୍ୟବ୍ରହ୍ମଗ୍ରସ୍ତ ଏହାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଛନ୍ତି ବଂଶପରଂପରା କ୍ରମରେ ।

ସନ୍ତାନ ଅପେକ୍ଷା ସତ୍ୟ ପ୍ରତି ଏ ମହାମୂର୍ତ୍ତି ନାରୀର ଏତେ ପ୍ରବଳ ଅନୁରାଗ ଯେ ସେ ଏ ଅପ୍ରିୟ ସତ୍ୟକୁ, ନିଜର ଚରିତ୍ର ପ୍ରତି ଭୟଙ୍କରଭାବରେ କଟାକ୍ଷ କରୁଥିବା ସତ୍ୟକୁ, ନିଜର ସନ୍ତାନ ପାଖରେ ନିର୍ବିଘ୍ନରେ ନିଃସଙ୍କୋଚରେ ପ୍ରକାଶ କରି ପାରିଲେ । ଏ ନାରୀର ମନୋବିକାରବିହୀନ କାମନା ଏହି ଯେ ଏ ସତ୍ୟକୁ ଶୁଣି ତାକୁ ସହ୍ୟ କରି ନ ପାରି ସନ୍ତାନ ଯଦି ତାଙ୍କଠାରୁ ଦୂର ହେବାକୁ ଚାହେଁ ତ ସେ ଦୂର ହେଉ, କିନ୍ତୁ ସତ୍ୟ ତାଙ୍କଠାରୁ ଦୂର ନ ହେଉ । କୌଣସି ଗୋଟାଏ ଦୁର୍ବଳ ମୁହୂର୍ତ୍ତରେ ହୁଏତ ସନ୍ତାନ କାମନାର ବଶବର୍ତ୍ତୀ ହୋଇ ସେ ପର ପୁରୁଷଙ୍କୁ ଅଙ୍ଗ ଦେଇଥିଲେ ଯା'ର ନାମଧାମ ପୁଣି ସେ ଜାଣନ୍ତି ନାହିଁ । କିନ୍ତୁ ଏହା ଚିରଦିନ ପାପ ହୋଇ ରହିବ କାହିଁକି ? ଏହାର ପରିଣାମ ତ କୁପରିଣାମ ହୋଇ ନାହିଁ । ଖ୍ରୀଷ୍ଟ ବି ତ ଜାରଜ । ବିବାହ ପୂର୍ବରୁ ମେରୀ ତାଙ୍କୁ ଗର୍ଭରେ ଧାରଣ କରିଥିଲେ । କିନ୍ତୁ ଏହି ଖ୍ରୀଷ୍ଟ ତ ଜଗତପୂଜ୍ୟ ହୋଇ ପାରିଲେ । ଅନେକେ କହନ୍ତି, କୌଣସି ବୌଦ୍ଧ ସନ୍ନ୍ୟାସୀଙ୍କ ଔରସଜାତ ମହାପୁରୁଷ ଯୀଶୁ । Anrd ଅର୍ଥାତ୍ ଦେବଦୂତଙ୍କ ବର୍ଣ୍ଣନା ଯେ ପ୍ରକାରର ଅଛି ଇଂରେଜୀ ଶାସ୍ତ୍ରରେ, ଗ୍ରନ୍ଥରେ, ତା

Digitized by srujanika@gmail.com

ବୌଦ୍ଧ ସନ୍ନ୍ୟାସୀଙ୍କ ଅନୁରୂପ । ସେତେବେଳେ ବୌଦ୍ଧ ସନ୍ନ୍ୟାସୀମାନେ ଭାରତର ବାହାରକୁ ପ୍ରଚାର ପାଇଁ ଯାଉଥିଲେ । (ସେତେବେଳକୁ ଧୀରେ ଧୀରେ ଗୁପ୍ତଭାବରେ ବୌଦ୍ଧସମ୍ପ୍ରଦାୟ ମଧ୍ୟରେ ପାପ ପଶିବାକୁ ଆରମ୍ଭ କରିଥିଲା ବୋଲି ଅନେକେ କହନ୍ତି।) ବୌଦ୍ଧଧର୍ମର ଚରିତ୍ରଧାରାର ପ୍ରଭାବ ମଧ୍ୟ ଏଥିପାଇଁ ଯୀଶୁଙ୍କ ଉପରେ ପଡ଼ିଥିଲା । ସେ ପୁଣି ଭାରତକୁ ବିଦ୍ୟା ପାଇବା ପାଇଁ ଜଣେ ଲୋକଙ୍କ ସଙ୍ଗରେ ପଦବ୍ରଜରେ ଆସିଥିଲେ । ଯୀଶୁ ଆବାଲ୍ୟରୁ ସ୍ୱଭାବତଃ ଧୀରଗମ୍ଭୀର, ଚରିତ୍ରଶୀଳ, ଫଳତଃ ଧର୍ମପ୍ରବଣ । ଏହି ମହାପୁରୁଷଙ୍କ ଜନ୍ମରେ କଳଙ୍କ ବୋଳିବାର କାହାର ଅଧିକାର ନାହିଁ । ମେରୀଙ୍କୁ ଅପମାନିତ କରିବାର କାହାର ଅଧିକାର ନାହିଁ । କିନ୍ତୁ ତାଙ୍କର ଅନୁଯାୟୀମାନେ ?···ଯୀଶୁ ବାଇବଲ ଲେଖିଥିଲେ ? ଏହା ଯଦି ପାପ ହୁଏ, ଅନ୍ୟାୟ ହୁଏ, ଅସଙ୍ଗତ ହୁଏ, ହେଉ । କିନ୍ତୁ ପୁଣି ମିଥ୍ୟାର ଆଶ୍ରୟ ନେଇ ଏ ପାପର ମାତ୍ରାକୁ ବଢ଼ାଇବେ କି ? କେବେ ସେ ତାହାହେଲେ ଏ ପାପରୁ ମୁକ୍ତ ହେବେ ? ଏଇ ତ ସୁଯୋଗ ପାପରୁ ମୁକ୍ତ ହେବାର । ପ୍ରଭୁ ପାଖରେ ସତ୍ୟକୁ ଉଦ୍‌ଘାଟିତ କରିବାକୁ ହେବ—ସତ୍ୟର ଉପାସନା କରିବାକୁ ହେବ । ସତ୍ୟର ଉପାସିକା ଏଇ ନାରୀ, ତେଣୁ ଅଭିମାନଭରା କଣ୍ଠରେ ଦମ୍ଭର ସହିତ କହୁଛନ୍ତି—କେହି ପଚାରିଲେ କହିବୁ, ମୁଁ ଜବାଲାର ପୁତ୍ର ସତ୍ୟକାମ । ଅର୍ଥାତ୍ ସେ କହିବାକୁ ଚାହୁଁଛନ୍ତି, ମାତାରୁ ନାମରେ ପୁତ୍ର ସଂସାରରେ ପରିଚିତ ହେଉ । ଯେ ନାରୀର ଏ ଅଭିଳାଷ, ସେ ପାପ କରିପାରେ ? ଅବା ଏ ଅଙ୍ଗୀକାରର କର୍ତ୍ତବ୍ୟକୁ ପାପ ମନେ କରିପାରେ ? କିଏ କରି ମନୁଷ୍ୟ ଖ୍ୟାତି ଆଶା କରେ ? ଅବା ଏପରି ନାରୀର ସନ୍ତାନ ଅବ୍ରାହ୍ମଣ ହୋଇପାରେ ଯେ, ସେ ଗୁରୁକୁଳକୁ ବ୍ରହ୍ମବିଦ୍ୟା ପ୍ରାପ୍ତ ହେବକୁ ଯିବାକୁ ଭୟ କରିବ ? ଅବା ଏପରି

Digitized by srujanika@gmail.com

ସନ୍ତାନର ମାତା ଅବ୍ରାହ୍ମଣ ହୋଇପାରେ ଯେ ପୁତ୍ରକୁ ସତ୍ଶିକ୍ଷା ଦେଇପାରେ ଆଉ ପୁତ୍ର ମାତାର ପାପକୁ ଗୁରୁଙ୍କ ଆଗରେ ସତ ବୋଲି ନିର୍ବିକାରରେ ପ୍ରକାଶ କରିପାରେ ? ଅବଶ୍ୟ କେବଳ ସତ୍ୟର ଉପାସନାରେ ଜଣେ ବ୍ରାହ୍ମଣ ହୋଇପାରେ ନା । ଜଣେ ଚୋର ବି ସତ୍ୟ କହି ଦୋଷ ସ୍ୱୀକାର କରିପାରେ । କିନ୍ତୁ ସତ୍ୟକାମ ତ କେବଳ ସତ୍ୟର ଉପାସନା କରି ନାହାନ୍ତି—ସେ ଆତ୍ମଦର୍ଶୀ ହୋଇଛନ୍ତି । (ଏ ବିଷୟ ଏଠି ଅନ୍ୟତ୍ର ବିସ୍ତୃତ କରାଯାଇଛି ।)

ଯେଉଁଠାରେ ଇନ୍ଦ୍ରିୟଲୋଲୁପତାର ସ୍ଥୂଳ ଲାଳସା ନାହିଁ, ସେଠାରେ ସତ୍ୟର ବିଶୁଦ୍ଧରୂପ ହିଁ ସୌମ୍ୟ । ଅଶ୍ଳୀଳତା ମଧ୍ୟ କେତେଗୁଡ଼ାଏ ସତ୍ୟ-ଅଗ୍ନି ତୁଲ୍ୟ ସେ ଜାଜ୍ୱଲ୍ୟମାନ । ଅତ ସତ୍ୟ ମଧ୍ୟ ଅଶ୍ଳୀଳ, କାରଣ ସେ ଉଲଗ୍ନ—ମୁକ୍ତ-ଆବରଣହୀନ । ସେ ଉଲଗ୍ନ ସତ୍ୟ ଯେତେବେଳେ ବିକୃତ ଲାଳସାଯୁକ୍ତ ମନୋବୃତ୍ତିର, ଆବେଶରେ କେବଳ ସ୍ଥୂଳ ଇନ୍ଦ୍ରିୟଗତ ଲାଳସାରେ ପାପଦୁଷ୍ଟ ହୁଏ, ସେ ଅଶ୍ଳୀଳ ହୁଏ । ସ୍ୱାସ୍ଥ୍ୟ-ବିଦ୍ୟାରେ ଗୁପ୍ତଅଙ୍ଗର ବର୍ଣ୍ଣନା, ଆଲୋଚନା ତ ଅଶ୍ଳୀଳତା ନୁହେଁ ।

ପର୍ଣ୍ଣକୁଟୀରର ଚତୁଃପାର୍ଶ୍ୱର ଭୂମି ସ୍ୱଚ୍ଛ ସମତଳ ଶାନ୍ତ । ସହଜ ପ୍ରଫୁଲ୍ଲତା ପବିତ୍ରତାର ଏକ ଅନାବିଳ ଧାରା ପ୍ରବାହରେ ସେ ବନଭୂମି ସୌମ୍ୟତାର ଆଧାର । ଅରଣ୍ୟ ବନସ୍ପତିର ସ୍ୱଚ୍ଛ ଅଣିମାଙ୍କିତ ସବୁଜ-ଶୀତଳତା;—ଘନବନଛାୟା ସ୍ଥଳବେଢ଼-ପ୍ରାଚୀର-ଘେରା ବନ୍ଧୁଜୀବ କେତକ ରକ୍ତକୁରୁବକ ସୁମନ-ସମ୍ଭାରରେ କୁଟୀରମୁଖ ହାସ୍ୟୋଜ୍ଜ୍ୱଳ । ନକ୍ତମାଳ ଅମିଳତାସ ସ୍ୟନ୍ଦନ କୁଟମାଳ ହିନ୍ତାଳ ତମିଦ ତନାଶ ତରୁଶ୍ରେଣୀ, ହଂସପଦୀ ସ୍ୱେତପାଦକ ବହୁବାର ମାଧବୀ ବାସନ୍ତୀ ଗଜପୁଷ୍ପୀର କୋମଳ ଆଶ୍ଳେଷରେ ସଦା ପ୍ରଫୁଲ୍ଲ-ଏଇ ପ୍ରଫୁଲ୍ଲତା ତପୋବନର ନୀରବ ଗମ୍ଭୀର ମୁଖକୁ ଉଜ୍ଜ୍ୱଳ ହାସ୍ୟର

Digitized by srujanika@gmail.com

ଧାରରେ ସ୍ୱର୍ଣ୍ଣାଞ୍ଚଳ କରି ତୋଳୁଛି । କୁଟୀର ନିକଟରେ ଜଳବେତ-ବେଷ୍ଟିତ ସ୍ଫଟିକସମସ୍ୱଚ୍ଛନୀର ଅରଣ୍ୟ କାସାର । କାସାରଶୋଭିତ କଳହଂସ ମରାଳ ଜଳକାକ ବଣ୍ଡୁଣି କୁରର ଜଳମୁଗ ସାରସାଦି ଜଳପକ୍ଷୀଗଣଙ୍କର ମଧୁର କୂଜନରେ ନୀରବଗମ୍ଭୀର ଅରଣ୍ୟ ବନାନୀ ଚଞ୍ଚଳ । କୁଟୀନିକଟସ୍ଥ ଉଦ୍ଦାଳକର ଘନସବୁଜ ପଲ୍ଲବଶାଖାରେ ବସି ଚକୋର-ଦମ୍ପତିର ପରସ୍ପର ପ୍ରତି ମଧୁର ଅନ୍ୱେଷଣ—ଅତି ନିକଟରେ ପରସ୍ପରଠୁ ବିଚ୍ଛିନ୍ନ ହେବାର ଭୟରେ ତୀବ୍ର ମନୋବେଦନା ସମ୍ଭୂତ ସଂଳାପନ, ଯେପରି ଏକାକାର ହୋଇ ସୁଖଦୁଃଖର ଏକ ସମନ୍ୱୟସୂତ୍ରର ସ୍ୱପ୍ନ ରଚନା କରୁଛି ମନରେ । ମୃଗପ୍ରିୟକ ହରିଣ ତପସ୍ୱୀ କୁମାରଙ୍କ ହାତରୁ କୁଶଘାସ ହବନଠାରୁ ବଳିବୈଶ୍ୱଦେବପିଣ୍ଡ ପାଇବା ଆଶାରେ ଦୌଡ଼ାଦୌଡ଼ି କରୁଛନ୍ତି । ନୀବାର ଶ୍ୟାମକ ଶାଳିଧାନ୍ୟ କୁଟିର ଅଗଣାରେ ବାଲିହୋଇ ପଡ଼ିଛି—ମୃଗପକ୍ଷୀଗଣ ନିର୍ଭୟରେ ମାଡ଼ିଦଳି ତା' ଭକ୍ଷଣ କରୁଛନ୍ତି ।

ଏଇ ସମାପ୍ତ ହୋଇଥିବା ହବନାଗ୍ନିରୁ ଉତ୍ଥିତ ଧୂମାବଳି ଦ୍ୱାରା ସମସ୍ତ କୁଟୀର ଶ୍ରେଣୀର ବାୟୁମଣ୍ଡଳ ଧୂମାଚ୍ଛାଦିତ ହୋଇ ଉଠିଛି—ତାର ମୃଦୁ ମନ୍ଦମନ୍ଦ ଗନ୍ଧରେ ଆକାଶଅବନୀ ସଞ୍ଜୀବିତ ହୋଇଉଠୁଛି । ହବନ ସମୟରେ ଉଚ୍ଚାରିତ, ତପସ୍ୱୀ କୁମାରମାନଙ୍କ ମୁଖନିସୃତ ଲଳିତ ମଧୁର ବେଦଗାନ ଅତିଥିବତ୍ସଳ ଗୃହାଗ୍ନିବୃକ୍ଷ ତରୁଲତାର ଘନସବୁଜତା ମଧ୍ୟରେ ମୂର୍ତ୍ତ ହୋଇ ଉଠି ହାସ୍ୟଭରା ମୁଖରେ ନବାଗତ ଅତିଥିଅଭ୍ୟାଗତ ତଥା ନୂତନ ବ୍ରହ୍ମଚାରୀମାନଙ୍କୁ ଯେପରି ଆମନ୍ତ୍ରଣ କରି ଆଣୁଛି ।

ଠିକ୍ ଏହି ସମୟରେ ହାତରେ କୁଶ ସମିଧା ନେଇ, ଓଷ୍ଠରେ ଅନାବିଳ ହାସ୍ୟର ଅଖଣ୍ଡଧାର ନେଇ, ଚକ୍ଷୁରେ ବିଦ୍ୟାଭିଳାଷର

Digitized by srujanika@gmail.com

ଅଦମନୀୟ ଅକାଙ୍‌କ୍ଷାର ଜ୍ୟୋତି ନେଇ, କପୋଳରେ ବ୍ରହ୍ମଚର୍ଯ୍ୟର ତେଜ ନେଇ, କପାଳରେ ଗାମ୍ଭୀର୍ଯ୍ୟର ଗରିମା ନେଇ ବ୍ରାହ୍ମିଦୀପ୍ତ-ନଗ୍ନପଦ ବଲ୍‌କଳବସନ ମୁକ୍ତକେଶ ସୌମ୍ୟଦର୍ଶନ ସତ୍ୟକାମ ଋଷି କୁଟିର ମୁଖରେ ଉପସ୍ଥିତ ହେଲେ । କୁଟିର ସମୀପସ୍ଥ ହେବା ମାତ୍ରକେ ପ୍ରଭାତୀ ରବିର କୋମଳ ଧୀର କିରଣ ସତ୍ୟକାମର ମୁଖଶ୍ରୀକୁ ଅଦ୍ଭୁତ ଉଜ୍ଜ୍ୱଳ, ଅଦ୍ଭୁତ ଗମ୍ଭୀର କରି ତୋଳିଲା । ମନେ ହେଲା, ସତେ ଯେପରି ଆଦିତ୍ୟ ଦେବ ସତ୍ୟକାମକୁ ଆଶୀର୍ବାଦ ଦେଇ କହିଲେ—ସତ୍ୟକାମ ! ତୁ ସଙ୍କୋଚ କର ନା—ଭୟ କର ନା । ନିଡର ନିର୍ଭୟ ହୋଇ ତୁ ତୋର ଇଚ୍ଛାକୁ କୁଳପତିଙ୍କ ଆଗରେ ପ୍ରକାଶ କରି ଦେ । ମୁହିଁ ତୋର କୁଳର ଆଦିପୁରୁଷ । (ସୂର୍ଯ୍ୟ କିପରି ସମଗ୍ର ବଂଶର ମୂଳକ ?—ଏଥିପାଇଁ କଣ ପ୍ରଭାତ ସ୍ନାନରେ ସୂର୍ଯ୍ୟଙ୍କର ଜଳତର୍ପଣ କରାଯାଏ ଅଞ୍ଜୁଳିବଦ୍ଧ ଜଳରେ ? କିମ୍ବା ସୂର୍ଯ୍ୟ ପ୍ରଥମ ସୃଷ୍ଟିର ଏକ ଉଜ୍ଜ୍ୱଳ ସାକ୍ଷୀ—ତା'ପରେ ପ୍ରାଣୀ ପ୍ରାଣୀଜଗତ । ଏହି ସୂର୍ଯ୍ୟଙ୍କ କୁମାରୀ କୁନ୍ତୀଙ୍କୁ ସନ୍ତାନବତୀ ହେବାର ବର ଦେଇଥିଲେ ?)

ମୌଳଶ୍ରୀ-ସପ୍ତପର୍ଣ୍ଣୀ ତଳେ ନିର୍ମିତ ବେଦିକା ଉପରେ ବୃଦ୍ଧବୃକ୍ଷବେଷ୍ଟିତ ତେଜୋପୁଞ୍ଜ ଋଷି ହାରିଦ୍ରୁମତ ଆସୀନ । ତପୋଧନ ଋଷି ଯୁଷ୍ମେମାନ୍ ବାଚମ୍ କଲ୍ୟାଣୀମ୍—ମୁଁ କଲ୍ୟାଣ-କାରକ କିଛି କଥା କହେ, କହି ବ୍ରହ୍ମବିଦ୍ୟାର ଆରମ୍ଭ କରୁଥିଲେ । ଏତେବେଳେ ଏକ ମଧୁର କଣ୍ଠର ବୀଣାବାଣୀ ସ୍ୱର ତାଙ୍କର କର୍ଣ୍ଣ କୁହରରେ ପ୍ରବେଶ କଲା । ମନେ ହେଲା, ସାମ ଗାନର ଉପଯୋଗୀ କଣ୍ଠ । ନତମସ୍ତକରେ ଯୋଡ଼ହସ୍ତ ହୋଇ ସତ୍ୟକାମ ନିବେଦନ କଲା ନମ୍ରକଣ୍ଠରେ—ବ୍ରହ୍ମଚର୍ଯ୍ୟ ଭଗବତିବତ୍ସ୍ୟାମ୍ୟୁପେୟାଂ ଭବ-ନ୍ତମିତି—ହେ ଭଗବନ୍ ! ପରମ ପୂଜନୀୟ ଆପଣଙ୍କ ପାଖକୁ ଅଧ୍ୟୟନାର୍ଥେ ବ୍ରହ୍ମଚର୍ଯ୍ୟ ଧାରଣ କରିବା ପାଇଁ ଆସିଛି ।

Digitized by srujanika@gmail.com

ଋଷି ନିର୍ବିକାର ନିଷ୍କଳଙ୍କଭାବରେ ପ୍ରିୟଦର୍ଶନ ଏ ବାଳକ ଅଡ଼କୁ ଅନାଇ ରହିଲେ । ଏପରି ଅକପଟ କଣ୍ଠରେ ଏକାକୀ କେହି ତ ତାଙ୍କ ପାଖକୁ ଏହା ପୂର୍ବରୁ ବ୍ରହ୍ମବିଦ୍ୟା ପ୍ରାପ୍ତ କରିବାକୁ ଆସି ନ ଥିଲେ । ବାଳକ ଏକାକୀ; ଅଥଚ ତା'ର ମୁଖ ଅଲୌକିକ, ଏ କଥାହିଁ ତ ପ୍ରମାଣ ଯେ ବାଳକର ବ୍ରହ୍ମବିଦ୍ୟା ପ୍ରତି ପ୍ରଗାଢ଼ ଶ୍ରଦ୍ଧା, ପ୍ରବଳ ଜିଜ୍ଞାସା, ଅଶାନ୍ତ ଅଭିଳାଷ । ଈଶ୍ୱରଙ୍କର ଇଚ୍ଛା ଯେ, "ମୁଁ ଏ ଅନ୍ତର୍ମୁଖ ବାଳକକୁ ପରମ କଲ୍ୟାଣକାରୀ ଶ୍ରେଷ୍ଠବିଦ୍ୟା ବ୍ରହ୍ମଜ୍ଞାନ ଦେବି । ଋଷି ଚିନ୍ତାକରିବାକୁ ଲାଗିଲେ । ଗୁରୁକୁଳର ପ୍ରଥା ସମ୍ବନ୍ଧରେ ଭାବି ହଠାତ୍ ମନରେ ଭାବାନ୍ତର ଜାତ ହେଲା ... ... । କିନ୍ତୁ ଏ ବାଳକ କି ବ୍ରାହ୍ମଣ ?—ବ୍ରାହ୍ମଣକୁଳର ସଂସ୍କାର ଏହାର ଅଛି ତ ? ନ ହେଲେ ଯେ, ବ୍ରହ୍ମବିଦ୍ୟାର ଅସଦୁପଯୋଗ ହେବ । ସେଥିପାଇଁ ତ ବ୍ରାହ୍ମଣ ଛଡ଼ା ଅନ୍ୟ କାହାରିର ବ୍ରହ୍ମବିଦ୍ୟା ପ୍ରାପ୍ତ ହେବାର ଅଧିକାର ନାହିଁ କୌଣସି ଅବ୍ରାହ୍ମଣକୁ କୁଳରେ ପ୍ରବେଶ ହେବାକୁ ଦେବାର ନିୟମ ମଧ୍ୟ ନାହିଁ । କିନ୍ତୁ ବ୍ରାହ୍ମଣକୁଳରେ ଜନ୍ମନେଲେ ଯାଇ କ'ଣ ମନୁଷ୍ୟ ବ୍ରାହ୍ମଣପଦବାଚ୍ୟ ହେବ ? ହଁ, କେବଳ ପଦବାଚ୍ୟ ହୋଇପାରେ—କିନ୍ତୁ ବ୍ରାହ୍ମଣ ତ ହୋଇପାରେ ନା । ବ୍ରାହ୍ମଣର ଯଥାର୍ଥ ଗୁଣର ଅଭାବରେ ବ୍ରାହ୍ମଣ ଶୂଦ୍ର ବି ହୋଇପାରେ । ଅଥଚ ଯେ ବ୍ରାହ୍ମଣକୁଳରେ ଜନ୍ମ ନ ନେଇ ବ୍ରାହ୍ମଣର ସମସ୍ତ ଯୋଗ୍ୟତାରେ ସମ୍ପନ୍ନ, ସେ ଅବ୍ରାହ୍ମଣ ହେବ କାହିଁକି ? ବ୍ରହ୍ମବିଦ୍ୟା ପ୍ରାପ୍ତହେବା ପାଇଁ ଯା'ର ଏତେ ଜିଜ୍ଞାସା, ସେ ଅବ୍ରାହ୍ମଣ ? ଅଥଚ ବ୍ରହ୍ମବିଦ୍ୟାରୁ ଯେ ସମ୍ପୂର୍ଣ୍ଣ ଦୂର, ସେ କି ବ୍ରାହ୍ମଣ ? ଜନ୍ମରୁ ତ ସମସ୍ତେ ଶୂଦ୍ର, କାହାରି କୌଣସି ପ୍ରକାର ସଂସ୍କାର ଥାଏ ନା ବୋଲି । ସଂସ୍କାରରୁ ହିଁ ନା ମନୁଷ୍ୟ ବିଭିନ୍ନ ବର୍ଣ୍ଣ ଧାରଣ କରେ । (ବର୍ଣ୍ଣ ଅର୍ଥ ରଙ୍ଗ) । ମସ୍ତିଷ୍କରେ ଯେ ଯେଉଁ ପ୍ରକାର ସଂସ୍କାର ଧାରଣ କରେ, ସେ ସେହି

Digitized by srujanika@gmail.com

ଅନୁସାରେ ଅପଣାର ଶରୀରର ରଙ୍ଗକୁ ରଙ୍ଗାଏ । ଆଉ ଏହି ସଂସ୍କାର ଜନ୍ମରୁ କାହାର ଥାଏ ନା—ବିଦ୍ୟାପ୍ରାପ୍ତି ପରେ ଏହି ସଂସ୍କାର ଜାଗ୍ରତ ହୁଏ । ଆଉ ଯଦିବା ଜନ୍ମରୁ ଏ ସଂସ୍କାର କାହାରର ଥାଏ, ସେ ବିଦ୍ୟାପ୍ରାପ୍ତି ପରେ ମଉଳି ଯାଏ ବା ଜାଗ୍ରତ ହୋଇ ଉଠେ । ଫଳତଃ ବିଦ୍ୟା ପରେ ସଂସ୍କାର ଜାଗେ । ବିଦ୍ୟା ପରେ ମଧ୍ୟ ବ୍ରାହ୍ମଣର ସଂସ୍କାର ନ ଜାଗିଲେ, କୌଣସି ବ୍ୟକ୍ତିବିଶେଷକୁ କୁଳ ପାଇଁ ବ୍ରାହ୍ମଣ କୁହାଯିବାର ପ୍ରଥା ଉପନିଷଦ କାଳରେ ଏ ଦେଶରେ ନ ଥିଲା । ସତ୍ୟକାମ-ଜବାଲା-ସମ୍ବନ୍ଧରେ ଉପନିଷଦ ଏଇ ବିଗୃର ଦେବାକୁ ଯାଉଛନ୍ତି । ଋଷି ସତ୍ୟକାମଙ୍କୁ ଶିଷ୍ୟ କରି ନେବାକୁ ଦୃଢ଼ମନ ହେଲେ । କିନ୍ତୁ ଗୁରୁକୁଳର କୌଳିକ ପ୍ରଥାନୁସାରେ ଗୋତ୍ର ଜାଣିନେବା ଉଚିତ । ତେଣୁ, ଋଷି ପଚାରିଲେ—'କିଂ ଗୋତ୍ରୋନୁ ସୌମ୍ୟାସୀତି ।' ସୌମ୍ୟ ! ତୋର ଗୋତ୍ର କଣ ?

ମହମେତଦ୍ବେଦ ଭୋ ଯଦ୍‌ଗୋତ୍ରୋଽହମସ୍ମ୍ୟପୃଚ୍ଛଂ

ମାତରଂ ସା ମା ପ୍ରତ୍ୟବ୍ରବୀଦ୍ ବହ୍ୱହଂ ଚରନ୍ତୀ ପରିଚାରିଣୀ ।
ଯୌବନେ ତ୍ୱାମଲଭେ ସାହମେତନ୍ନବେଦ ଯଦ୍‌ଗୋତ୍ରସ୍ତ୍ୱମସି
ଜବାଲା ତୁ ନାମାଽହମସ୍ମି ସତ୍ୟକାମୋ ନାମତ୍ୱମସୀତି
ସୋଽହଂ ସତ୍ୟକାମୋ ଜାବାଲୋଽସ୍ମି ଭୋ ଇତି ।

"ଭଗବନ୍ ! ମୋର ଗୋତ୍ର କଣ ମୁଁ ଜାଣେ ନା । ମାତାଙ୍କୁ ପଚାରିଥିଲି । ସେ କହିଲେ : ସେବାପରାୟଣା ମୁଁ ବହୁତଙ୍କ ସେବାକରି ଯୌବନରେ ତୋତେ ପାଇଛି । ତେଣୁ ମୁଁ ଜାଣେ ନା, ତୋର ଗୋତ୍ର କଣ । କିନ୍ତୁ ମୋର ନାମ ଜବାଲା; ଆଉ ତୋର ନାମ ସତ୍ୟକାମ । ଭଗବନ୍ ! ମୁଁ ସତ୍ୟକାମ ଜବାଲ ।"

Digitized by srujanika@gmail.com

ସତ୍ୟକାମ ଅପଣାର ନିର୍ମଳ ବୁଦ୍ଧିର ଅନ୍ତର୍ଦର୍ପଣରେ ସଦ୍ୟ ମୁକୁଳିତ କମଳ ସଦୃଶ ଶୋଭାୟମାନ ହୋଇ ଉଠିଲେ । ଯୁକ୍ତକରରେ ଅବନତ ବଦନରେ ଜଣାଇଲେ । ଦୀର୍ଘତପ୍ତ ଋଷି ହାରିଦ୍ରୁମତ୍ ଚକିତ ନୟନରେ ଅନାଇ ରହିଲେ, ଶୁଭଦର୍ଶନ ଏ ବାଳକ ପ୍ରତି । ଆଶ୍ଚର୍ଯ୍ୟ ! ସତ୍ୟର ଉଲଗ୍ନ ସ୍ୱରୂପକୁ ଏତେ ନିର୍ବିକାର ଭାବରେ ଏତେ ସ୍ପଷ୍ଟଭାବରେ ଏପରି ଅବିଚଳିତ ଭାବରେ ଏହା ପୂର୍ବରୁ କେହି ତ ପ୍ରକାଶ କରି ନ ଥିଲେ । ଯେ ବାଳକ ସତ୍ୟର ଏପରି ନଗ୍ନ ରୂପକୁ ଏତେ ଉଜ୍ଜ୍ୱଳ କରି ପ୍ରକାଶ କରିପାରେ, ସେ କଣ ଅବ୍ରାହ୍ମଣ ହୋଇପାରେ ?

ନହି ସତ୍ୟାତ୍ ପରୋଧର୍ମୋ ନାନୃତାତ୍ ପାତକଂ ପରଂ ।

"ସତ୍ୟରୁ ବଳି ଆଉ ଧର୍ମ ନାହିଁ—ମିଥ୍ୟାରୁ ବଳି ଆଉ ପାପ ନାହିଁ ।" ମିଥ୍ୟା ପରି ପାପରୁ ନିଜକୁ ମୁକ୍ତ କରିବାକୁ ଯେ ସତ୍ୟର ଏପରି ବିକଟ ରୂପର ମଧ୍ୟ ଅବିଚଳିତ ଭାବରେ ଦର୍ଶନ କରେ, ଅପଣା ମଧ୍ୟରେ ସେ ଅବ୍ରାହ୍ମଣ ହୋଇପାରେ କି ? ବ୍ରାହ୍ମଣର କର୍ତ୍ତବ୍ୟ ଧର୍ମର ଆଶ୍ରୟ ନେବା ଅପଣାକୁ ରକ୍ଷା କରିବାକୁ—ଅସ୍ତ୍ରର ଆଶ୍ରୟ ନେବା ନୁହେ କ୍ଷତ୍ରିୟ ପରି—ବ୍ୟବସାୟର ଆଶ୍ରୟ ନେବା ନୁହେ ବୈଶ୍ୟପରି—ସେବାର ଆଶ୍ରୟ ନେବା ନୁହେ ଶୂଦ୍ର ପରି । ଆଉ ଧର୍ମର ସର୍ବଶ୍ରେଷ୍ଠ ଲକ୍ଷଣ ସତ୍ୟ । କାରଣ ସତ୍ୟ ଉପରେହିଁ ଧର୍ମ ପ୍ରତିଷ୍ଠିତ । ସତ୍ୟର ବିନା ଆଶ୍ରୟରେ ଶୁଦ୍ଧ ଆଚରଣ, ଦାନ, ଶିକ୍ଷାଦାନ, ନାନାବିଧ ଶୁଭ କର୍ମର ତ କୌଣସି ମୂଲ୍ୟ ନାହିଁ—ତା' କେବଳ ଛଳନା ମାତ୍ର ହେବ । 'ଅସ୍' ଧାତୁରୁ ସତ୍ୟ ଶବ୍ଦର ସୃଷ୍ଟି । 'ଅସ୍' ଧାତୁର ଅର୍ଥ ଅସ୍ତିତ୍ୱ । ଅର୍ଥାତ୍ ଯେ ଅବିଚଳିତ ରହେ, ସେ ସତ୍ୟ । ମନୁଷ୍ୟର ଧର୍ମକର୍ମ ବିଚଳିତ ହେବ, ସେ ଯଦି ସତ୍ୟର ଆଶ୍ରୟ ନ ନିଏ । ଅତଏବ ପୁଣ୍ୟକର୍ମର

Digitized by srujanika@gmail.com

ଅଧାର ସତ୍ୟ । ଅଉ ଏପରି ସତ୍ୟର ଯେ ଅଶସ୍ତୁ ନାଏ, ସେ କେବେ ଅବ୍ରାହ୍ମଣ ହୋଇପାରେ ?

ଅଉ ଯେ ନାରୀ ଏତେ ସ୍ପଷ୍ଟବାଦନୀ, ସତ୍ୟାନୁରାଗିଣୀ, ସେ କେବେ କଣ ବ୍ୟଭିଚାରିଣୀ ହୋଇପାରେ ? ସେ କଣ ବ୍ୟଭିଚାରର ମନୋବୃତ୍ତି ନେଇ ଏ ସନ୍ତାନକୁ ପେଟରେ ଧାରଣ କରିଥିବ ? ଯଦି ତା'ର ବ୍ୟଭିଚାର ମନୋବୃତ୍ତି ଥାନ୍ତା, ସେ ଦୋଷକୁ ନିର୍ବିକାର ଭାବରେ ପ୍ରକାଶ କରନ୍ତା କାହିଁକି ? ଅଉ ଏ ନାରୀ ଯଦି ଶୁଦ୍ଧ, ତେବେ ଏପରି ନାରୀର ସନ୍ତାନ କେବେ କଣ ଅବ୍ରାହ୍ମଣ ହୋଇ ପାରେ ? କାରଣ—

ପୁନଃ ପିତୁର୍ଗୁଣ ଧରେ ମାତୁର୍ବୋଭୟମେବଚ ।

(ବାପା ଏବଂ ମା' ଉଭୟଙ୍କର ଗୁଣ ପୁଅ ଧାରଣ କରେ ।)

ସତ୍ୟକାମକୁ ପେଟରେ ଧାରଣ କରିବା ମୂଳରେ ଜବାଲାର ମନୋଭାବ ଶୁଦ୍ଧ ଥିଲା ବୋଲି ସେ ସତ୍ୟକାମକୁ ଶୁଦ୍ଧଭାବରେ ଦେଖି ପାରିଲେ । ଅଉ ସତ୍ୟକାମ ଶୁଦ୍ଧ ହେବାଟାହିଁ ପ୍ରମାଣ ଯେ ଜବାଲା ତାକୁ ପେଟରେ ଧାରଣ କରିବାର କାମନା ବି ଶୁଦ୍ଧ । ଜବାଲା ଅବ୍ୟଭିଚାରିଣୀ । ଅବଶ୍ୟକତାର ମନୋବୃତ୍ତି ନେଇ ମନୁଷ୍ୟ ଯେ କର୍ମ କରେ, ସେ କର୍ମ ଯା' ହେଉ ନା କାହିଁକି, ତା' ପୁଣ୍ୟ । ଅଉ ଅନାବଶ୍ୟକଭାବରେ ଯେ କର୍ମ କରାଯାଏ ତା' ପାପ । ପାପ ପୁଣ୍ୟର ତ ଏହି ପରିଭାଷା ।

.. ଜବାଲା ତୁ ନାମାହମସ୍ମି, ସତ୍ୟକାମୋ ନାମ ତ୍ୱମସୀତି ...

"ତୋର ନାମ ସତ୍ୟକାମ—ମୋର ନାମ ଜବାଲା," ଅର୍ଥାତ୍ ତୁ ଜବାଲାର ସନ୍ତାନ; ଏ ଅଭିମାନିନୀ ନାରୀ କହିବାକୁ ଚାହୁଁଛନ୍ତି ଯେ, ତୋର ପିତାର ନାମଗୋତ୍ର ଜଣା ନ ଗଲା ତ ନାହିଁ—କିନ୍ତୁ

Digitized by srujanika@gmail.com

ମୁଁ ଜବାଲା ତୋର ମାତା—ତୁ ମୋର ନାମରେ କୁଳରେ ତୋର ପରିଚୟ ଦେ ।" ଅଲୌକିକ ! ପିତାର ନାମରେ ପୁତ୍ରର ପରିଚୟ ଦେବା ପ୍ରଥା ଅଛି । କିନ୍ତୁ ମାତା ନାମରେ !! ଏହି ନାରୀ ପାପ କରି ସତ୍ୟକାମକୁ ଗର୍ଭରେ ଧାରଣ କରିଥିଲେ, ଏପରି ଅଭିମାନ କରି କଥା କହି ପାରନ୍ତେ !—ମଥା ନତ କରି ପଡ଼ନ୍ତା ନାହିଁ ! ନିଜର ଦୁର୍ଗୁଣକୁ ନେଇ କେହି ଅଭିମାନ କରେ ନା । ଏପରି ନାରୀ ଅବ୍ରାହ୍ମଣୀ ହୋଇପାରେ ? ଏପରି ନାରୀର ସନ୍ତାନ ଅବ୍ରାହ୍ମଣ ହୋଇପାରେ ? ହୁଏତ ହୋଇପାରେ । କିନ୍ତୁ ଏ ଦୁର୍ଗୁଣକୁ ନେଇ ସେ ତ ଶ୍ଳାଘା ପାଇ ପାରେ ନା । କିନ୍ତୁ ଏହି ନାରୀ ଯେ ଋଷିମୁନି-ପ୍ରଣୀତ ଅର୍ଘଗ୍ରନ୍ଥ ଉପନିଷଦର ନାୟିକା । (ହୁଏତ ଏ ବିଷୟ ଏକ ଆଖ୍ୟାୟିକା ହୋଇପାରେ—ଜବାଲା ସତ୍ୟକାମ ନାମରେ ହୁଏତ କେହି ନ ଥିଲେ । କିନ୍ତୁ ଚରିତ୍ର କଣ, ଯଥାର୍ଥରେ ବ୍ରାହ୍ମଣ କିଏ, ଏ ବିଚାର କରିବାକୁ ଖାଲି ତ ଉପନିଷଦ ଏ ଆଖ୍ୟାନ—ବସ୍ତୁର ଉତ୍ଥାପନ କରିଛନ୍ତି । ଏ ଉପାଖ୍ୟାନରୁ ସେତିକ ବୁଝିଲେ, ଯଥେଷ୍ଟ ହେବ ।)

ମନର ସମସ୍ତ ବିରୋଧୀ ଆନ୍ଦୋଳନକୁ ଏଡ଼ି ଋଷି ଦୃଢ଼ମନ ହେଲେ—ବାଳକର ଉପନୟନ ସଂସ୍କାର କରିବା ପାଇଁ । (ଉପନୟନ ସଂସ୍କାର ଅର୍ଥ ଗୁରୁକୁଳକୁ ଯିବା ପୂର୍ବରୁ ଯେ ସଂସ୍କାର ହୁଏ, ଷୋଡ଼ଶ ସଂସ୍କାର ମଧ୍ୟରେ ଯା' ଅନ୍ୟତମ । ଏହାର ବିକୃତ ରୂପ ଏବେ ବ୍ରତ ନାମରେ ରହିଛି କେବଳ ତଥାକଥିତ ବ୍ରାହ୍ମଣମାନଙ୍କ ମଧ୍ୟରେ । 'ଉପନୟନ' ଅର୍ଥ ଉପନୀତ ହେବା, ଈଶ୍ୱରଙ୍କର ପାଖରେ ଉପନୀତ ହେବା; ଅର୍ଥାତ୍ କେବଳ ସାଂସାରିକ ଭୋଗ ପାଇଁ ନୁହେଁ, ଈଶ୍ୱରଙ୍କର ନିକଟରେ ଉପନୀତ ହେବା ଭଳି ବିଦ୍ୟା ଅର୍ଜନ କରିବା ପାଇଁ ଆଗେ ଗୁରୁକୁଳ-ବାସର ଆବଶ୍ୟକତା ଥିଲା । ତେଣୁ

Digitized by srujanika@gmail.com

ବିଦ୍ୟା ଅର୍ଥକରୀ ନ ଥିଲା । ଏଥିପାଇଁ ବିଦ୍ୟାକୁ 'ଅଧ୍ୟୟନଂ ବ୍ରହ୍ମଯଜ୍ଞ' କୁହା ଯାଉଥିଲା । ଅତ୍ ଗୁରୁଙ୍କୁ ଶିକ୍ଷକ କୁହା ଯାଇ ତାଙ୍କର ଗୁଣକୁ ସୀମିତ କରାଯାଉ ନ ଥିଲା । ଗୁରୁଙ୍କୁ କୁହା ଯାଉଥିଲା 'ଅଗ୍ରଣୀ' । ଅଗ୍ରଣୀ ଅର୍ଥ 'ଅଗ୍ରେ ଗ୍ରାହୟତୀତି' ଯେ ଅନ୍ୟକୁ କେବଳ ଜ୍ଞାନ ନୁହେ, ନିଜର ଆଚରଣ ଦ୍ୱାରା ଅନ୍ୟକୁ ଅଗ୍ରର ଶିକ୍ଷା ଦଏ, ସେ ଅଗ୍ରଣୀ ।)

ଋଷିଙ୍କର ଚକ୍ଷୁ ସଜଳ ହୋଇ ଉଠିଲା—କଣ୍ଠ ଗଦ୍‌ଗଦ ହୋଇ ଉଠିଲା । ଆନନ୍ଦ ବିଭୋର ଋଷି ଆପଣାର ବ୍ରହ୍ମତେଜ ମଣ୍ଡିତ ବିଶାଳ ବାହୁ ବଢ଼ାଇ ବାଳକକୁ ଆପଣାର ପ୍ରଶସ୍ତ ବକ୍ଷରେ ଗୃପି ଧରି କହିଲେ—

...... ନୈତଦ୍‌ବ୍ରାହ୍ମଣୋ ବିବକ୍ତୁମର୍ହତି । ସମିଧଂ ସୋମ୍ୟାହରୋପତ୍ୱା ନେଷ୍ୟେ । ନ ସତ୍ୟାଦଗା ଇତି ...... ।

"ଅବ୍ରାହ୍ମଣ ଏପରି ବିଷୟକୁ ପ୍ରକାଶ କରିବାକୁ ସମର୍ଥ ହୋଇପାରେ ନା । ହେ ସୌମ୍ୟ ! ହୋମ ସାମଗ୍ରୀ ନେଇ ଆସ— ମୁଁ ତୁମକୁ ଉପନୀତ କରିବି । କାରଣ, ସତ୍ୟସ୍ୱରୂପ ଧର୍ମରୁ ତୁମେ ବିଚ୍ଛିନ୍ନ ହୋଇ ନାହିଁ—ନ ସତ୍ୟାଦଗା ଇତି ।"

ସତ୍ୟର କି ପ୍ରବଳ ପ୍ରତିଷ୍ଠା ଥିଲା ସେତେବେଳେ ଏ ଦେଶରେ !! ସତ୍ୟହିଁ ଥିଲା ଧର୍ମର ନିର୍ଣ୍ଣାୟକ । ଏ ସତ୍ୟରୂପକ ଧର୍ମର ଯେ ଥିଲା ଉପାସକ, ସେତେବେଳେ ସେ କେବଳ ବ୍ରାହ୍ମଣ ବୋଲାଉ ଥିଲା—ବକ୍ଷରେ କେବଳ ଉପବୀତ ଧାରଣ କରିବା ବ୍ୟକ୍ତି ବ୍ରାହ୍ମଣର ଅଧିକାର ପାଉ ନ ଥିଲା । ଏ ଅଧିକାର ଏତେ ସ୍ୱାଭାବିକ ଯେ ଯା'ର ଏ ଯୋଗ୍ୟତା ନାହିଁ, ଏବେ ବି ସେ ଏ ଅଧିକାରରୁ ସ୍ୱଭାବତଃ ଚ୍ୟୁତ ।

Digitized by srujanika@gmail.com

ନ ହ୍ୟସତ୍ୟାତ୍ ପରୋଧର୍ମଃ—ଅସତ୍ୟରୁ ବଳି ଅନ୍ୟ ଅଧର୍ମ ନାହିଁ । ଧର୍ମପ୍ରାଣ ବ୍ୟକ୍ତିକୁ ବ୍ରାହ୍ମଣ କୁହାଯାଏ । ଆଉ ସତ୍ୟ ହେଉଛି ଧର୍ମର ସର୍ବଶ୍ରେଷ୍ଠ ଲକ୍ଷ୍ମ । ଏ ସତ୍ୟରୁ ଯେ ଚ୍ୟୁତ ହୁଅନ୍ତି, ସେ ଅବ୍ରାହ୍ମଣ ହେବ କିପରି ? ମିଥ୍ୟାର ଆଶ୍ରୟ ନେଇ କେହି ବ୍ରହ୍ମୋପାସନା କରି ପାରେନା—ବ୍ରହ୍ମକୁ ପ୍ରାପ୍ତ କରି ପାରେନା । କାରଣ ବ୍ରହ୍ମ କେବଳ ସତ୍ ଏ ସଂସାରରେ—ବାକି ସମସ୍ତ ଅସତ୍ (ଅସତ୍ ଅର୍ଥ ପରିବର୍ତ୍ତନଶୀଳ) । ବ୍ରାହ୍ମଣ ଅର୍ଥ ବ୍ରହ୍ମ-ଉପାସକ, ଯେ ବ୍ରହ୍ମକୁ ପ୍ରାପ୍ତ କରିବାକୁ ସାଧନା କରେ—ବ୍ରହ୍ମଜ୍ଞାନାତୀତ ବ୍ରାହ୍ମଣଃ । ନିଗମାଗମର ଗୀର୍ବାଣ ବାଣୀ ଏହି ସତ୍ୟର ସ୍ୱରୂପକୁ ନିର୍ମଳଚିତ୍ତରେ ଧାରଣ କରିବା ବ୍ୟକ୍ତି ସତ୍ୟକାମ ଆଉ ତାର ଜନନୀ ଜବାଲା ଅବ୍ରାହ୍ମଣ ହେବେ କିପରି ?

ଅର୍ଥ କାମେଷ୍ୱସକ୍ତାନାଂ ଧର୍ମଜ୍ଞାନଂ ବିଧୀୟତେ । (ମନୁ)

'ଯେ ଅର୍ଥ ଆଉ କାମରୁ ମୁକ୍ତ ସେ ଧର୍ମଜ୍ଞାନର ଅଧିକାରୀ ।' ସତ୍ୟକାମ କୌଣସି ଅର୍ଥକରୀ ବିଦ୍ୟା ପ୍ରାପ୍ତ ହେବାକୁ ଗୁରୁକୁଳକୁ ଯାଇ ନ ଥିଲେ—କିମ୍ବା ବିଦ୍ୟା ପ୍ରାପ୍ତି ପରେ ବିଦ୍ୟାର ବ୍ୟବସାୟ କରିବାର ଲକ୍ଷ୍ୟ ନ ଥିଲା ତାଙ୍କର । ସେଥିପାଇଁ ମିଥ୍ୟାର ଆଶ୍ରୟ ନେଇ ବିଦ୍ୟା ପ୍ରାପ୍ତ କରିବାର କଦାପି ଚେଷ୍ଟା ସେ କରିନାହାନ୍ତି । ବିଦ୍ୟା ପ୍ରାପ୍ତ କରିବାରେ ଅର୍ଥ ଲକ୍ଷ୍ୟ ଥିଲେ, ସେ ହୁଏତ ମିଥ୍ୟାର ଆଶ୍ରୟ ନେଇଥାନ୍ତେ । କିନ୍ତୁ ସେ ତା' କଦାପି କରି ନାହାନ୍ତି । ଦ୍ୱିତୀୟତଃ, ବିଦ୍ୟାର ବଡ଼ିମା ପ୍ରଦର୍ଶନ କରି କୌଣସି କାମିନୀକୁ ନିଜ ଅଙ୍କକୁ ଆକର୍ଷିତ କରି ଆଣିବାର ମଧ୍ୟ ଉଦ୍ଦେଶ୍ୟ ନ ଥିଲା ତାଙ୍କର; ଏହି ପ୍ରବଳ ଆସକ୍ତି, ମୋହରେ ସେ ଦାସତ୍ୱ ଅଙ୍ଗୀକାର କରିଥିଲେ, ସେ ମିଥ୍ୟାର ଆଶ୍ରୟ ନେଇଥାନ୍ତେ ଏ ବିଦ୍ୟାପାଇଁ ।

Digitized by srujanika@gmail.com

ମୋହର ବଶବର୍ତ୍ତୀ ହୋଇ, ଅସତ୍ୟର ପତାକାନୁସରଣ କରି ମନୁଷ୍ୟ ମିଥ୍ୟାଶ୍ରୟୀ ହୁଏ । ଏ ସବୁକୁ ସତ୍ୟକାମ ଦୂର କରି ସେ ଯଥାର୍ଥ ଜ୍ଞାନ, ଧର୍ମଜ୍ଞାନ ପାଇଲେ । କାମ ଅଉ ଅର୍ଥରୁ ମୁକ୍ତ ହୋଇ ଯେ ବିଦ୍ୟାଲାଭ ଏପରି ପ୍ରବଳଭାବରେ ଆସକ୍ତ, ସେ କେବେ ଅବ୍ରାହ୍ମଣ ହୋଇପାରେ ? ଅଉ ଯେ ଅନ୍ୟର ଅନ୍ନ ରନ୍ଧନ କରିବାର ସେବା-ବୃତ୍ତିରେ ଲିପ୍ତ, ଏହାକୁହିଁ ଯେ ନିଜର କର୍ତ୍ତବ୍ୟ ମନେ କରେ, ସେ ବ୍ରାହ୍ମଣ ? ବିଦ୍ୟା, ପୁଣି ଧର୍ମବିଦ୍ୟା, ଅର୍ଥାତ୍ ଧର୍ମଜ୍ଞାନ ବ୍ରାହ୍ମଣର ଆଧାର । ଏ ବିଦ୍ୟାରୁ ଯେ ଚ୍ୟୁତ, ସେ ଶୂଦ୍ର । ସେଥିପାଇଁ ଶୂଦ୍ରର ଅର୍ଥ ହେଉଛି 'ଶୋଚନ୍ ଦ୍ରବତୀତି ଶୂଦ୍ରଃ ।' ବିଦ୍ୟା ପଢ଼ିପାରିଲି ନାହିଁ ବୋଲି ଯେ ଅନୁଶୋଚନା କରେ, ଅର୍ଥାତ୍ ଯେ ମୂର୍ଖ, ସେ କେବଳ ଶୂଦ୍ର । ସତ୍ୟକାମ କଣ ମୂର୍ଖ ଯେ ସେ ଅବ୍ରାହ୍ମଣ ହେବେ ? ତା'ପରେ ପୁଣି ସେ—

ଧର୍ମୋହି ପରମୋ ଲୋକେ ଧର୍ମେ ସତ୍ୟଂ ପ୍ରତିଷ୍ଠିତମ୍ (ରାମାୟଣ)

ଯେ ଧର୍ମ ସତ୍ୟ ଉପରେ ପ୍ରତିଷ୍ଠିତ, ଯେ ଧର୍ମରେ ଉପର ଦେଖାଣିଆ ଭାବନାହିଁ, ଯେ ଧର୍ମ-ପାଳନ ସାଧନାର କଥା, ତ୍ୟାଗ ତପସ୍ୟାର କଥା, ବାହ୍ୟ ପୂଜା ଅର୍ଚ୍ଚନା କେବଳ ଯେ ଧର୍ମର ଅଙ୍ଗ ନୁହେ, ସେଇ ଧର୍ମର ସେ ଆଶ୍ରୟ ନେବାକୁ ଆଉ ସେଇ ଧର୍ମର ଆଦର କରି ସତ୍ୟକାମ ଗୁରୁକୁଳବାସର କାମନା କରୁଛନ୍ତି । ବ୍ରହ୍ମବିଦ୍ୟା ପ୍ରତି ଏପରି ଯା'ର ଅନୁରାଗ, ଯେ ଏପରି ଅନୁବ୍ରତୀ, ସେ ଅବ୍ରାହ୍ମଣ ? ଅଉ ଯେ ଶ୍ଲୋକ ମୁଖସ୍ଥ କରି ଅନଧିକାରୀର କାନରେ କେବଳ ଶୁଣାଇ ଅର୍ଥୋପାର୍ଜ୍ଜନ କରେ, ସେ ବ୍ରାହ୍ମଣ ?

ଶୌଚମାସ୍ତିକ୍ୟମଭ୍ୟାସୋ ଦେବେଷୁ ଗୁରୁପୂଜନମ୍ ।
ଘିସ୍ତାଃ ତଥିଶ୍ଚ ମିଜ୍ୟାଚ ବ୍ରହ୍ମଚାସ୍ୟ ଲକ୍ଷଣମ୍ ॥

Digitized by srujanika@gmail.com

ଶୌଚ—ବାହ୍ୟାଭ୍ୟନ୍ତର ଶୁଚି, ଅସ୍ତିକତା—ଈଶ୍ୱରବିଶ୍ୱାସ, ବେଦାଭ୍ୟାସ—ଜ୍ଞାନାର୍ଜନ କରିବାରେ ଅଭ୍ୟାସୀ, ଅଗ୍ରଣୀ, ଦେବଗୁରୁ ଅତିଥି ପୂଜା—ବିଦ୍ୱାନ ପୁରୁଷ ଆଉ ନିଜର ଅଗ୍ରଜଙ୍କ ପ୍ରତି ସର୍ବଦା ଶ୍ରଦ୍ଧାଶୀଳତା, ପୁଣି ଅତିଥିର ବ୍ୟକ୍ତି ପ୍ରତି ସମ୍ମାନରେ ସେବା, ଏ ସମସ୍ତ ସ୍ୱଭାବତଃ ଯା'ର ଗୁଣ, ସେ ଶରୀରକୁ ବ୍ରାହ୍ମଣର ଶରୀର ବୋଲି ଜାଣିବାକୁ ହେବ—ଅନ୍ୟଥା ନୁହେ ।

(ଉପନିଷଦ ଯୁଗରେ ଜାତି ଗୁଣକର୍ମ ସ୍ୱଭାବାନୁସାରେ ନିର୍ଣ୍ଣିତ ହେଉଥିଲା—ରୂପ ପରିବାର ବା ଅନ୍ୟ କୌଣସି କାରଣରୁ ନୁହେ । 'ଜାତିଭେଦ' ବୋଲି କଥାଟା ଏ ଆଜିକାଲି ଶୁଣାଯାଏ, ଏହାର କୌଣସି ସୂଚନା ପ୍ରାଚୀନ ଶାସ୍ତ୍ରରେ ଦେଖିବାକୁ ମିଳେ ନା । ହଁ, 'ବର୍ଣ୍ଣ ବ୍ୟବସ୍ଥା'ର କଥା ଶାସ୍ତ୍ରରେ ଶୁଣାଯାଏ; 'ବ୍ୟବସ୍ଥା' 'ଭେଦ' ନୁହେ—ବ୍ୟବସ୍ଥାକୁ ଭେଦ ବୁଝିବା ଫଳରେ ଆଜିକାଲି ଜାତି ଜାତି ମଧ୍ୟରେ ସଂଘର୍ଷ । ସମାଜରେ ବ୍ୟବସ୍ଥିତ ହୋଇ ସମସ୍ତେ ରହନ୍ତୁ, ଅବ୍ୟବସ୍ଥିତ କେହି ନ ହୁଅନ୍ତୁ, ସମାଜରେ ଅସ୍ୱାଭାବିକ ଅସଙ୍ଗତି ଭେଦ ନ ରହୁ, ଏଥିପାଇଁ ବ୍ୟବସ୍ଥା ଥିଲା । ଏ ବ୍ୟବସ୍ଥା ବର୍ଣ୍ଣ-ବ୍ୟବସ୍ଥା । ସତ୍ୟକାମଜାବାଲି ଉପାଖ୍ୟାନରେ ଉପନିଷଦକାର ଏ ତଥ୍ୟର ସ୍ୱରୂପ ଉଦ୍‌ଘାଟନ କରିଛନ୍ତି—ଏ ଉପାଖ୍ୟାନର ପ୍ରକାଶନର ଏହାହିଁ ଧ୍ୟେୟ ଉପନିଷଦକାରର ।

ବ୍ରାହ୍ମଣୋଽସ୍ୟ ମୁଖମାସୀଦ୍ ବାହୂ ରାଜନ୍ୟଃ କୃତଃ ।
ଉରୂ ତଦସ୍ୟ ଯଦ୍‌ବୈଶ୍ୟଃ ପଦ୍‌ଭ୍ୟାଂ ଶୂଦ୍ରୋ ଅଜାୟତ ॥

ଋଗ୍‌ବେଦ, ପୁରୁଷସୂକ୍ତ ।

(ଈଶ୍ୱରଙ୍କ ମୁଖରୁ ବ୍ରାହ୍ମଣମାନେ ଜନ୍ମନେଲେ, ବାହୁରୁ ରାଜାମାନେ, ଉରୁରୁ ବୈଶ୍ୟମାନେ, ଆଉ ପାଦରୁ ଶୂଦ୍ର ।)

Digitized by srujanika@gmail.com

ଈଶ୍ୱରଙ୍କର ଏପରି କୌଣସି ଶରୀର ଅଛି ? ଈଶ୍ୱରଙ୍କର ଶରୀର ନାହିଁ—ଏ ବର୍ଣ୍ଣନା କେବଳ ରୂପାଳଙ୍କାର ମାତ୍ର । ମନେ ରଖନ୍ତୁ, ସେହି ଏକ ଶରୀରରୁ ଏହି ବିଭିନ୍ନ ଜାତିର ସୃଷ୍ଟି । ଅର୍ଥାତ୍ ଏହି ବିଭିନ୍ନ ଜାତି ସ୍ୱରୂପତଃ ଏକ—କେବଳ କର୍ମତଃ ଭିନ୍ନ ଭିନ୍ନ । ଏତ ସମାଜର ଏମାନେ କେବଳ ଅଙ୍ଗବିଶେଷ । ଏହି ଅଙ୍ଗ ମଧ୍ୟରେ କେହି ଛୋଟ ହୁଅନ୍ତି ବା କେହି ବଡ଼ ହୁଅନ୍ତି । ଏ ସବୁ ଅଙ୍ଗର ଆବଶ୍ୟକତା ରହିଛି ସମାଜ ପାଇଁ, ଶରୀରର ସବୁ ଅଙ୍ଗର ଆବଶ୍ୟକତା ପରି । ଆମ ଶରୀରର ଗୁପ୍ତ ଅଙ୍ଗ ମଧ୍ୟ ଅଙ୍ଗ । ଏହାକୁ ସ୍ପର୍ଶ କରିବାର ଅତି ଆବଶ୍ୟକତା ରହିଛି । ଏହାକୁ ସ୍ପର୍ଶ ନ କରି ରହି ପାରିବା ନାହିଁ । ଏଥିପାଇଁ ଆମ ଶରୀରରେ କି ବିଭ୍ରାଟ ସୃଷ୍ଟି ହେଉଛି ?—ଆମର ଜାତି ଯାଉଛି ? ସମାଜର ଅନ୍ୟାନ୍ୟ ଜାତିକୁ ସ୍ପର୍ଶକଲେ ଆମେ ତେବେ ପତିତ ହେବା କାହିଁକି ? ମନୁଷ୍ୟକୁ ମନୁଷ୍ୟ ସ୍ପର୍ଶକଲେ ପାପ ?)

(ବ୍ରାହ୍ମଣମାନେ ଈଶ୍ୱରଙ୍କର ମୁଖରୁ ଜନ୍ମ । ମୁଖର କାମ ବିଦ୍ୟା ଦେବା—ସତ୍ ଉପଦେଶ ଦେବା । ଅର୍ଥାତ୍ ଯେ ବିଦ୍ୱାନ ଅଛି ଅନ୍ୟକୁ ଯେ ବିଦ୍ୟାଦିଏ—ଅନ୍ୟକୁ ଆଚରଣ ଶିଖାଏ, ସେ କେବଳ ବ୍ରାହ୍ମଣ। ସେ ଯେ କି ହେଉ, ଏ ଗୁଣର ଯେ ଅଧିକାରୀ ସେ କେବଳ ବ୍ରାହ୍ମଣ । କ୍ଷତ୍ରିୟମାନେ ଈଶ୍ୱରଙ୍କର ବାହୁରୁ ଜନ୍ମ । ବାହୁର କାମ ଆତ୍ମରକ୍ଷା କରିବା, ଅନ୍ୟର ରକ୍ଷା କରିବା । ଯେ ବଳଶାଳୀ ହୋଇ, ବୀର ହୋଇ ଅନ୍ୟର ରକ୍ଷା କରେ ସେ କ୍ଷତ୍ରିୟ । ଏ ଗୁଣ ଯା'ର ନାହିଁ, ସେ କଦାପି କ୍ଷତ୍ରିୟ ହୋଇ ପାରିବ ନାହିଁ । ବିଶ୍ୱାମିତ୍ର ରାଜା ଥିଲେ, କ୍ଷତ୍ରିୟ ଥିଲେ । ସେତେବେଳେ ସେ କାହାର ଅସ୍ତ୍ର ନେଇ ନ ଥିଲେ ଆତ୍ମରକ୍ଷା ପାଇଁ । କିନ୍ତୁ ଯେତେବେଳେ ସେ ତପସ୍ୱୀ ହେଲେ, ସନ୍ନ୍ୟାସୀ ହେଲେ, ବ୍ରାହ୍ମଣ ହେଲେ,ସେତେବେଳେ

Digitized by srujanika@gmail.com

ଆପଣାର ଯଜ୍ଞରକ୍ଷାର୍ଥ ରାମ-ଲକ୍ଷ୍ମଣଙ୍କ ଆଶ୍ରୟ ନେଲେ । ସେ ଚାହିଁଥିଲେ, ନିଜେ ନିଜର ଯଜ୍ଞକୁ ରକ୍ଷା କରି ପାରିଥାନ୍ତେ । କାରଣ ସେତେବେଳେ ବି ସେ ବଳବାନ ଥିଲେ । କିନ୍ତୁ ସ୍ୱେ ତା କଲେ ନାହିଁ । କାରଣ ସେତେବେଳେ ସେ ଥିଲେ ବ୍ରାହ୍ମଣ । ସେଇ ଏକ ବ୍ୟକ୍ତି କ୍ଷତ୍ରିୟ ବି ଥିଲେ, ବ୍ରାହ୍ମଣ ବି ହୋଇ ପାରିଲେ । ତାଙ୍କର କ୍ଷତ୍ରିୟ ମନୋବୃତ୍ତି ସେ ତ୍ୟାଗ କରି ନ ପାରିବା ପର୍ଯ୍ୟନ୍ତ, ସେ ବ୍ରାହ୍ମଣ ହୋଇପାରି ନ ଥିଲେ, ତାର ପ୍ରମାଣ, ସେ ବ୍ରାହ୍ମଣତ୍ୱର ପ୍ରାପ୍ତିପାଇଁ ଶାନ୍ତିର ଆଶ୍ରୟ ନ ନେଇ, ସାଧନାର ଆଶ୍ରୟ ନ ନେଇ ବଶିଷ୍ଠଙ୍କ ସଙ୍ଗରେ କଳହ କରୁଥିଲେ । ବଶିଷ୍ଠ ଏହାଙ୍କୁ ବ୍ରାହ୍ମଣ ବୋଲି ସେତେବେଳେ ସ୍ୱୀକାର କଲେ ଯେତେବେଳେ ଏ ଶାନ୍ତ ଭଜିଲେ ।······ବ୍ରାହ୍ମଣ କ୍ଷତ୍ରିୟ-ବିଦ୍ୟା ଜାଣିବାରେ ଆପତ୍ତି ନାହିଁ—ସମସ୍ତ ପ୍ରକାର ବିଦ୍ୟାର ଅଧାର ବ୍ରାହ୍ମଣ । କିନ୍ତୁ ଯେ ଯେଉଁ ବିଦ୍ୟାର ପ୍ରୟୋଗ କରିବ, ସେ ସେ ଜାତିରେ ନାମିତ ହେବ—ଅଜି ଏ ଜାତି-ପ୍ରଥା ପରିବର୍ତ୍ତିନଶୀଳ । ସେଥିପାଇଁ ରାମ ଲକ୍ଷ୍ମଣଙ୍କୁ ବରଂ ସମସ୍ତ ଅସ୍ତ୍ର-ବିଦ୍ୟା ବିଶ୍ୱାମିତ୍ର ଶିକ୍ଷା ଦେଲେ—କିନ୍ତୁ ନିଜେ ଅତ୍ମରକ୍ଷା ପାଇଁ ମଧ୍ୟ, ଯଜ୍ଞରକ୍ଷା ପାଇଁ ମଧ୍ୟ ସେ ବିଦ୍ୟାର ପ୍ରୟୋଗ କଲେ ନାହିଁ । ବାଲ୍ମୀକି ଯଦି ଦସ୍ୟୁ ହୁଅନ୍ତି, ସେ ପୁଣି ଋଷି ଅର୍ଥାତ୍ ବ୍ରାହ୍ମଣ ହେଲେ କିପରି ? ବାଲ୍ମୀକି ଦସ୍ୟୁ ଅର୍ଥାତ୍ କ୍ଷତ୍ରିୟ-ବୃତ୍ତିଦ୍ୱାରା ଜୀବିକାର୍ଜନ କରୁଥିଲେ । ଯେତେବେଳେ ସେ ଋଷି ହେଲେ, ବ୍ରାହ୍ମଣ ହେଲେ, ସେ ବୃତ୍ତି ସେ ଛାଡ଼ିଲେ । ସେତେବେଳେ ଅସ୍ତ୍ରବିଦ୍ୟାର ସେ କେବେ ପ୍ରୟୋଗ କଲେନାହିଁ, ଅରଣ୍ୟ ଶ୍ୱାପଦସଙ୍କୁଳ ଜାଣିସୁଦ୍ଧା । ଅଥଚ ଲବ କୁଶଙ୍କୁ ଯୁଦ୍ଧବିଦ୍ୟା ଶିକ୍ଷା ଦେଇ ପାରିଲେ । ବେଦବ୍ୟାସ ତ ଜାରଜ । ତାଙ୍କର ମାତା ସତ୍ୟବତୀ ତାଙ୍କୁ ସଙ୍ଗରେ ନେଇ ଅନ୍ୟ

ପତିଙ୍କ ପାଖକୁ, ସାନ୍ତନୁଙ୍କ ପାଖକୁ ଆସିଲେ । ସତ୍ୟବତୀ ରାଣୀ ହେଲେ । ଜାରଜ ବେଦବ୍ୟାସ ରାଜକୁମାର ହେଲେ । କିନ୍ତୁ ବେଦବ୍ୟାସ ରାଜକୁମାର ଭାବରେ ଖ୍ୟାତ ନା ବ୍ରାହ୍ମଣ ଭାବରେ ଖ୍ୟାତ ? ମହାଭାରତର ରଚୟିତା, ବେଦାନ୍ତର ରଚୟିତା ମହାଭକ୍ତ ବେଦବ୍ୟାସ ଅବ୍ରାହ୍ମଣ ?—ଷଣ୍ଢ ସ୍ତୁ ?—ଜାରଜ ? ସେ କୃଷ୍ଣ ଦ୍ୱୈପାୟନ ବେଦବ୍ୟାସ-ଉପାଧିରେ ଭୂଷିତ; ଯେ କୃଷ୍ଣଦ୍ୱୈପାୟନ ବେଦର ଅନ୍ତ ଯେଉଁ ଗ୍ରନ୍ଥ, ଜ୍ଞାନର ଅନ୍ତ ଯେଉଁ ଗ୍ରନ୍ଥ, ବେଦାନ୍ତ ରଚନା କଲେ, ସେ ଅବ୍ରାହ୍ମଣ ? କିନ୍ତୁ ଜାତକୁ ମାନିଲେ, ସେ କଣ ବ୍ରାହ୍ମଣ କି ? ଏ ବେଦବ୍ୟାସଙ୍କ ପିତା ପରାଶର କେଉଁ ଜାତିର ଥିଲେ, ଆମକୁ ଅଜଣା । ଏଇ ପରାଶର ଯେଉଁ ସ୍ତ୍ରୀ ପ୍ରତି ଆସକ୍ତ ହୋଇ ହଠାତ୍ ତାଙ୍କୁ ସ୍ପର୍ଶ କଲେ, ସେ ସତ୍ୟବତୀ । ଏ ସତ୍ୟବତୀ ଗର୍ଭବତୀ ହେଲେ । ଲଜ୍ଜାରେ ପଳାଇଗଲେ ଗୋଟାଏ ଦ୍ୱୀପକୁ—ଏ ଦ୍ୱୀପରେ ଯାଙ୍କୁ ସେ ଜନ୍ମ ଦେଲେ, ସେ ହେଲେ କୃଷ୍ଣ । ଏ କୃଷ୍ଣ ଦ୍ୱୀପରେ ଜନ୍ମ ନେଇଥିଲେ ବୋଲି ତାଙ୍କୁ କୁହାଗଲା କୃଷ୍ଣଦ୍ୱୈପାୟନ । ଏ ପରାଶର ଅବ୍ରାହ୍ମଣ କି ? ବ୍ରାହ୍ମଣ ବିଦ୍ୱାନକୁ କୁହାଯାଏ । ପରାଶର, ସ୍ମୃତିକାର ପରାଶର ବିଦ୍ୱାନ । ତେଣୁ ସେ ବ୍ରାହ୍ମଣ । କିନ୍ତୁ ଚରିତ୍ର-ହୀନତାକୁ କି ବ୍ରାହ୍ମଣର ଲକ୍ଷଣ ବୋଲି ଧରାଯିବ ? ପରସ୍ତ୍ରୀକୁ ସ୍ପର୍ଶ କରିବାର ପେଶା ପରାଶରଙ୍କର ନ ଥିଲା । କୌଣସି ଗୋଟାଏ ଦୁର୍ବଳ ମୁହୂର୍ତ୍ତରେ ସେ ଏ ପାପ ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ସେ ତା'କର ପକାଇଥିଲେ । ସେ ପୁଣି ତ ଋଷି ହେଲେ—ପାପକୁ ଧୋଇଲେ । ତଥାପି ସେ ଅବ୍ରାହ୍ମଣ ? ପାପର ପ୍ରତିକାର ନାହିଁ ? ସ୍ୱଭାବତଃ ଯେ ପାପୀ, ତାର ପ୍ରତିକାର ନ ଥାଇପାରେ । ଅଜ୍ଞାନ କୁଳଶୀଳ ପରାଶର ବ୍ରାହ୍ମଣ ହେଲେ, କାହିଁକି ନା—

Digitized by srujanika@gmail.com

ନ କୁଲେ ନ ଜାତ୍ୟା ବା କ୍ରିୟାଭି ବ୍ରାହ୍ମଣୋ ଭବେତ୍ ।
— ଚଣ୍ଡାଳୋଽପି ହି ବୃତ୍ତସ୍ଥୋ ବ୍ରାହ୍ମଣଃ ସ ଯୁଧିଷ୍ଠିରଃ ॥

(ମହାଭାରତ)

(ହେ ଯୁଧିଷ୍ଠିର । କୁଳ ପାଇଁ ନୁହେ, ଜାତି ପାଇଁ ନୁହେ, କେବଳ ସତ୍‌କ୍ରିୟାଦ୍ୱାରା ମନୁଷ୍ୟ ବ୍ରାହ୍ମଣ ହୁଏ ।)

(ତା'ପରେ ଈଶ୍ୱରଙ୍କର ଉରୁରୁ ବୈଶ୍ୟମାନେ ଜନ୍ମନେଲେ । ଉରୁର କାମ ପରିଶ୍ରମ କରିବା—ଏ ପରିଶ୍ରମ ଅନ୍ୟଙ୍କୁ ବିଦ୍ୟା ଦେବା ପାଇଁ ନୁହେ—ଅନ୍ୟଙ୍କୁ ରକ୍ଷା କରିବା ପାଇଁ—ଅନ୍ୟଙ୍କୁ ଅନ୍ନ ଦେବା ପାଇଁ—ଉରୁର ପରିଶ୍ରମ ପାଦଠାରୁ ଭିନ୍ନ । ପାଦ ମଧ୍ୟ ଉରୁ ଉପରେ ନିର୍ଭର କରି କାମ କଲେ । ଅର୍ଥାତ୍ ଯେ ପରିଶ୍ରମ କରି ଅନ୍ୟଙ୍କୁ ଅନ୍ନ ଦିଏ ଅଉ ବଦଳରେ ଜ୍ଞାନପାଏ, ରକ୍ଷା ପାଏ; ସେ ବୈଶ୍ୟ—ଅଉ ଯା'ର ଅନ୍ୟ କୌଣସି ଯୋଗ୍ୟତା ନାହିଁ, ଏ ତିନି ବର୍ଣ୍ଣର ସେବା କରିବା ଯା'ର ଯୋଗ୍ୟତା, ସେ ଶୂଦ୍ର । ସେଥିପାଇଁ କୁହାଗଲେ ଶୂଦ୍ର ଈଶ୍ୱରଙ୍କର ପାଦରୁ ଜନ୍ମ । ପାଦ ବିଦ୍ୟା ଦେଇ ପାରେ ନା, ପାଦ ରକ୍ଷା କରି ପାରେ ନା, ପାଦ ବାଣିଜ୍ୟ ବ୍ୟବସାୟ କରି ପାରେ ନା, ତେଣୁ ପାଦ ଶୂଦ୍ର । ଯଦି କୌଣସି ଦିନ ପାଦ ପାରିଲା ବିଦ୍ୟା ଦେଇ, ସେ ବ୍ରାହ୍ମଣ ହେବ । ଏଥିପାଇଁ ଈଶ୍ୱରଙ୍କର ଏ ଅଳଂକାର ଉପମା ମାତ୍ର । ସେଥିପାଇଁ ଜନ୍ମରୁ ସମସ୍ତେ ଶୂଦ୍ର, ଏକଥା ଶାସ୍ତ୍ର କହୁଛନ୍ତି—

ଜନ୍ମନା ଜାୟତେ ଶୂଦ୍ରଃ କର୍ମଣା ଦ୍ୱିଜ ଉଚ୍ୟତେ ।
ବେଦାଭ୍ୟାସୀ ଭବେଦ୍ ବିପ୍ରଃ ବ୍ରହ୍ମଂ ଜାନାତି ବ୍ରାହ୍ମଣଃ ॥

(ମହାଭାରତ)

(ଜନ୍ମରୁ ସମସ୍ତେ ଶୂଦ୍ର, କର୍ମରୁ ଦ୍ୱିଜ ହୁଅନ୍ତି । ବେଦ ପଢ଼ିଲେ ବିପ୍ର ହୁଅନ୍ତି । (କିନ୍ତୁ) ବ୍ରହ୍ମକୁ ଜାଣିଲେ ଯାଇଁ ବ୍ରାହ୍ମଣ ହୁଅନ୍ତି ।)

Digitized by srujanika@gmail.com

ଦ୍ୱିଜ ଅର୍ଥ ବ୍ରାହ୍ମଣ, ବିପ୍ର ଅର୍ଥ ବି ବ୍ରାହ୍ମଣ, ଅଭ ବ୍ରାହ୍ମଣ ଅର୍ଥ ବି ବ୍ରାହ୍ମଣ । ଜଣେ ଉପନୟନ ହେଲେ ଦ୍ୱିଜ ହୋଇପାରେ— ବେଦ ପଢ଼ିଲେ ବିପ୍ର ହୋଇପାରେ । କିନ୍ତୁ ବ୍ରାହ୍ମଣ ହେବା ସହଜ କଥା ନୁହେଁ ବ୍ରହ୍ମକୁ ନ ଜାଣିବା ପର୍ଯ୍ୟନ୍ତ, ବ୍ରହ୍ମକୁ ଜାଣିବାର ଅଭ୍ୟାସ କାଳରେ; ଉପନୟନ କାଳରେ ସତ୍କର୍ମ ଅନ୍ତୁ ବେଦାଭ୍ୟାସ ଅର୍ଥାତ୍ ଜ୍ଞାନ ଆବଶ୍ୟକ । କିନ୍ତୁ କେବଳ ଏ ଉଭୟ ଗୁଣଅଙ୍ଗଙ୍କୁ ବ୍ରାହ୍ମଣ ବୁଝାଯାଇ ପାରିବ ନାହିଁ । ବେଦାଭ୍ୟାସୀ ଅଭ 'ସତ୍କର୍ମୀ' ଏମାନେ ବ୍ରହ୍ମମାର୍ଗର ପଥିକ ବୋଲି ଏମାନଙ୍କୁ ବିପ୍ର ଦ୍ୱିଜ କହି ସମ୍ମାନ ଦିଆଯାଇ ପାରେ । କିନ୍ତୁ ବ୍ରାହ୍ମଣ କହିଲେ ଯେ 'ଉଚ୍ଚତମ ସ୍ଥିତିକୁ ବୁଝାଏ, ତା'ତ ଏମାନଙ୍କର ନାହିଁ, ତେଣୁ ଏମାନେ ବ୍ରାହ୍ମଣ ପଦବାଚ୍ୟ ନୁହନ୍ତି । ଅଥଚ ଆଜିକାଲି ଉପବୀତଧାରୀ ମାତ୍ରକେ ବ୍ରାହ୍ମଣ !! ଅଭ ଇତରଜନ ଶୂଦ୍ର ।—ଏମାନଙ୍କ ପକ୍ଷରେ ଘୃଣ୍ୟ !!

> କ୍ରିୟାହୀନଶ୍ଚ ମୂର୍ଖଶ୍ଚ ସର୍ବଧର୍ମ ବିବର୍ଜିତଃ ।
> ନିର୍ଦ୍ଦୟଃ ସର୍ବଭୂତେଷୁ ବିପ୍ର ଚଣ୍ଡାଳ ଉଚ୍ୟତେ ॥
>
> (ହାରିତ ସ୍ମୃତି)

(ଯେ ବିପ୍ର କ୍ରିୟାହୀନ, ମୂର୍ଖ, ସର୍ବଧର୍ମବିବର୍ଜିତ, ନିର୍ଦ୍ଦୟ, ସେପରି ବିପ୍ରକୁ ଚଣ୍ଡାଳ ବୁଝାଯାଏ ।)

(ଆଗରୁ ବୁଝାଯାଇଛି, ବିପ୍ର ବ୍ରାହ୍ମଣ ନୁହେ—ବିପ୍ର ବ୍ରାହ୍ମଣ ହେବା ପାଇଁ ସାଧନା ପଥର ପଥିକ ମାତ୍ର । ଏ ସାଧନା ପଥରେ ଯିବାବେଳେ ତାର ପତନ ହେବାର, ସେ କ୍ରିୟାହୀନ ହେବାର, ମୂର୍ଖ ହେବାର, ସର୍ବଧର୍ମବିବର୍ଜିତ ହେବାର, ନିର୍ଦ୍ଦୟ ହେବାର ସମ୍ଭାବନା ଅଛି । ଅଭ ଯା' ପକ୍ଷରେ ଏପରି ପତନ ସମ୍ଭବ, ସେ ତ ବ୍ରାହ୍ମଣ ହୋଇ ପାରିବ ନା । କିନ୍ତୁ ବ୍ରହ୍ମକୁ ଜାଣିବା ପରେ'ତ ଆଉ

ଏପରି ପତନର ସମ୍ଭାବନା ନାହିଁ । ତେଣୁ ଯେ ବ୍ରହ୍ମକୁ ଜାଣେ, ସେ କେବଳ ବ୍ରାହ୍ମଣ । ଏପରି ବ୍ରାହ୍ମଣ ହେବାପାଇଁ କଠୋର ସାଧନା ଆବଶ୍ୟକ—ଜନ୍ମ କୁଳ ଗୋତ୍ର ଏଥିପାଇଁ ଯଥେଷ୍ଟ ନୁହେଁ । ନିଜର ପୈତୃକ କର୍ମକାଣ୍ଡ ଦୃଷ୍ଟିରୁ ଯେଉଁମାନେ ବ୍ରାହ୍ମଣ, ସେମାନେ ଏ ବ୍ରାହ୍ମଣତ୍ୱ ମର୍ଯ୍ୟାଦାର ଅଧିକାରୀ ନୁହନ୍ତି । ଆଜି ଏପରି କର୍ମକାଣ୍ଡୀ ବ୍ରାହ୍ମଣଙ୍କର ପତନ ବି ସମ୍ଭବ । ଏମାନେ ଅନ୍ୟ ବର୍ଣ୍ଣ ଧାରଣ କରି ପାରନ୍ତି) ।

(ସମାନପ୍ରସବାତ୍ମିକାଜାତିଃ—(ନ୍ୟାୟ) ସେଇଟା ଜାତି ଯେଉଁଠାରେ ପ୍ରସବ ସମାନତା ଅଛି । ସ୍ୱେଦଜ, ଅଣ୍ଡଜ, ଜରାୟୁଜ, ଏ ଗୁଡ଼ାକ ଜାତିର ଚିହ୍ନ । ମନୁଷ୍ୟ ମାତ୍ରେ ତ ଜରାୟୁଜ, ସେ ଏକ ଜାତି ନ ହୋଇ ଅନେକ ଜାତି ହେବ କିପରି ? ଅତଏବ ମନୁଷ୍ୟର ଜାତି ନାହିଁ—ମନୁଷ୍ୟର ବର୍ଣ୍ଣ ଅଛି । ବର୍ଣ୍ଣ ଅର୍ଥ ରଙ୍ଗ । ଯେ ଯେଉଁ ରଙ୍ଗରେ ନିଜର ମନକୁ, ଶରୀରକୁ ରଙ୍ଗେଇଲା ସେ ସେ ରଙ୍ଗର ଦେଖାଯିବ— ସେ ସେଇ ଜାତିର ହେବ । ଗୋଟାଏ ରଙ୍ଗକୁ ଧୋଇ ଯଦି ଅନ୍ୟ ରଙ୍ଗ ଧାରଣ କଲା, ସେ ସେଇ ରଙ୍ଗର ହେବ ତାର ସେଇ ଜାତି ହେବ । ମନୁଷ୍ୟ ପଶୁଠାରୁ ଭିନ୍ନ—ମନୁଷ୍ୟ ମନ ନ କରିପାରେ ବୋଲି ସେ ପଶୁଠାରୁ ଭିନ୍ନ । ମନୁଷ୍ୟ ତାର ବାହ୍ୟର ବଦଳାଇ ପାରେ—ପଶୁ ପାରେନା ବୋଲି ମନୁଷ୍ୟର ଜାତିର (ବର୍ଣ୍ଣର) ପରିବର୍ତ୍ତନ ହୁଏ । ମନୁଷ୍ୟ ତାର ଏଇ ପରିବର୍ତ୍ତିତ ବାହ୍ୟା-ନୁସାରେ ସେ ଭିନ୍ନ ଭିନ୍ନ କର୍ମ କରେ ବୋଲି ତାର ଭିନ୍ନଭିନ୍ନଜାତି ହୁଏ । ସେଥିପାଇଁ ଜାତିର ନିର୍ଣ୍ଣୟ କରିବାକୁ ଯାଇ ମହାଭାରତ କହିଛନ୍ତି—ମନୁଷ୍ୟାଃ କର୍ମ ଲକ୍ଷଣାଃ—ମନୁଷ୍ୟର ଚିହ୍ନ ତାର କର୍ମ) ।

(ଆକୃତିର୍ଜାତି ଲିଙ୍ଗାଖ୍ୟା—(ନ୍ୟାୟ), ଆକୃତି ଜାତିର ଲିଙ୍ଗ (ଚିହ୍ନ) । ଅନେକ ଜାତିର ପଶୁ ଅଛନ୍ତି, କାରଣ ସେମାନଙ୍କର

Digitized by srujanika@gmail.com

ମଧ୍ୟରେ ପ୍ରକୃତିର ଭିନ୍ନତା ଅଛି । ଅନେକ ଜାତିର ପକ୍ଷୀ ଅଛନ୍ତି, କାରଣ ସେମାନଙ୍କ ମଧ୍ୟରେ ପ୍ରକୃତିର ଭିନ୍ନତା ଅଛି । ସେପରି ଅନେକ ପ୍ରକୃତିର ମନୁଷ୍ୟ ବି ଅଛନ୍ତି । କିନ୍ତୁ ପଶୁ ପକ୍ଷୀମାନଙ୍କ ମଧ୍ୟରେ ଥିବା ଭିନ୍ନତା ପରି ସ୍ପଷ୍ଟ, ପ୍ରତ୍ୟକ୍ଷ ନୁହେଁ । ଅଶ୍ୱ ତାର ଜାତିର ପରିବର୍ତ୍ତନ କରି ପାରିବ ନାହିଁ, ଗୋରୁ ତାର ଜାତିର ପରିବର୍ତ୍ତନ କରି ପାରିବ ନାହିଁ, ବ୍ୟାଘ୍ର ତାର ଜାତିର ପରିବର୍ତ୍ତନ କରି ପାରିବ ନାହିଁ । କାରଣ ସେମାନେ ଆପଣା ଆପଣାର ପ୍ରକୃତିର ପରିବର୍ତ୍ତନ କରି ପାରିବେ ନାହିଁ । କିନ୍ତୁ ମନୁଷ୍ୟର ପ୍ରକୃତି ଏବଂ, ମନୁଷ୍ୟର ଜାତି ପ୍ରକୃତି ଉପରେ ନିର୍ଭର କରେ ନା— ପ୍ରକୃତିର ଉପରେ ନିର୍ଭର କରେ । ଆଉ ମନୁଷ୍ୟର ପ୍ରକୃତି ପରିବର୍ତ୍ତନଶୀଳ—କାରଣ ବିଚାର କରିପାରିବାର ପ୍ରାଣୀଙ୍କୁ 'ମନୁଷ୍ୟ' କୁହାଯାଏ) ।

ବ୍ରାହ୍ମଣକ୍ଷତ୍ରିୟବିଶାଂ ଶୂଦ୍ରାଣାଂ ଚ ପରନ୍ତପ ।
କର୍ମାଣି ପ୍ରବିଭକ୍ତାନି ସ୍ୱଭାବପ୍ରଭବୈର୍ଗୁଣୈଃ ॥ (ଗୀତା)

(କୃଷ୍ଣ ଅର୍ଜ୍ଜୁନଙ୍କୁ କହୁଛନ୍ତି—'ହେ ପରନ୍ତପ (ଅର୍ଜୁନ) ! ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ ଆଉ ଶୂଦ୍ର କର୍ମ ସ୍ୱଭାବ ଆଉ ଗୁଣର କାରଣରୁ ବିଭକ୍ତ ହୋଇଛନ୍ତି' । ଏହି ଗୁଣ କର୍ମ ଆଉ ସ୍ୱଭାବର ଯଦି ପରିବର୍ତ୍ତନ ହୁଏ, ତେବେ ଜାତିର ମଧ୍ୟ ପରିବର୍ତ୍ତନ ହେବ । ଜନ୍ମଗତ ଗୁଣ ବି ଯଦି କାହାରିର ଥାଏ ବ୍ରାହ୍ମଣ ହେବାର, ତେବେ ତାକୁ ବ୍ରାହ୍ମଣ କହିବାରେ ଆପତ୍ତି ନାହିଁ । କିନ୍ତୁ ସାଧନା ଫଳରେ କେହି ଯଦି ବ୍ରାହ୍ମଣର ଗୁଣ କର୍ମ ସ୍ୱଭାବରେ ଯୁକ୍ତ ହୁଏ, ତାକୁ ବ୍ରାହ୍ମଣ କହିବାରେ ଆପତ୍ତି କାହିଁକି ? ।

ଶୂଦ୍ରଯୋନୌ ହି ଜାତସ୍ୟ ସଦ୍‌ଗୁଣାନୁପ୍ରତିଷ୍ଠିତଃ ।
ଆର୍ଜବେ ବର୍ତ୍ତମାନସ୍ୟ ବ୍ରାହ୍ମଣ୍ୟମଭିଜାୟତେ ॥ (ମହାଭାରତ)

Digitized by srujanika@gmail.com

(ଶୂଦ୍ର ସଦ୍‌ଗୁଣଯୁକ୍ତ ହେଲେ ତାଙ୍କୁ ବ୍ରାହ୍ମଣ କୁହାଯାଏ)

(ଗୋରୁ କୁଶ ଖାଇଲେ କି ମୃଗ ହେବ ? ଏପରି ପ୍ରଶ୍ନ ଅନେକେ କରନ୍ତି । ଖାଇବା ପିଇବା ଉପରେ ଜାତି ନିର୍ଭର କରୁ ନାହିଁ । ଖାଇବା ପିଇବା ଉପରେ ଜାତି ନିର୍ଭର କରୁଥିଲେ ଖାଦ୍ୟ ଅଖାଦ୍ୟ ନିର୍ବିଶେଷରେ ସମସ୍ତେ ଏକ ପ୍ରକାର ଖାଦ୍ୟ ଆଜିକାଲି ଖାଉଥାନ୍ତେ ନାହିଁକି ? ପ୍ରକୃତି ଉପରେ, ସ୍ୱଭାବ ଉପରେ, ଜନ୍ମ ଉପରେ ଜାତି ନିର୍ଭର କରେ । ଗୋରୁ ତାର ସ୍ୱଭାବ, ଜନ୍ମ, ପ୍ରକୃତିର ପରିବର୍ତ୍ତନ କରି ପାରିବ ନାହିଁ ବୋଲି ତାର ଜାତିର ପରିବର୍ତ୍ତନ ହେବ ନାହିଁ । କିନ୍ତୁ ମନୁଷ୍ୟ ତାର ସ୍ୱଭାବ, କର୍ମର ପରିବର୍ତ୍ତନ କରି ପାରିବ) ।

ଧର୍ମଚର୍ଯ୍ୟୟା ଜଘନ୍ୟୋ ବର୍ଣ୍ଣଃ ପୂର୍ବଂ ପୂର୍ବଂ
ବର୍ଣ୍ଣମାପଦ୍ୟତେ ଜାତିପରିବୃତ୍ତୌ । (ଅପସ୍ତମ୍ବ ସୂତ୍ର)

ଧର୍ମାଚରଣ ଦ୍ୱାରା ନୀଚ ବର୍ଣ୍ଣର ବ୍ୟକ୍ତି ଉଚ୍ଚ ବର୍ଣ୍ଣକୁ ପ୍ରାପ୍ତ ହୁଅନ୍ତି ।

ଅଧର୍ମାଚର୍ଯ୍ୟୟା ପୂର୍ବୋବର୍ଣ୍ଣୋ ଜଘନ୍ୟଂ ଜଘନ୍ୟଂ
ବର୍ଣ୍ଣମାପଦ୍ୟତେ ଜାତିପରିବୃତ୍ତୌ । (ଅପସ୍ତମ୍ବ ସୂତ୍ର)

ଅଧର୍ମାଚରଣ ଦ୍ୱାରା ଉତ୍ତମ ଉତ୍ତମ ବର୍ଣ୍ଣ ନୀଚ ନୀଚ ବର୍ଣ୍ଣକୁ ପ୍ରାପ୍ତ ହୁଅନ୍ତି ।

ଏହାର ଉଦାହରଣ ମହାଭାରତରେ ଦେଖନ୍ତୁ—

ଚଣ୍ଡାଳ ଗର୍ଭସମ୍ଭୂତୋ ମାତଙ୍ଗଶ୍ଚ ମହାମୁନି ।
ତପସା ବ୍ରାହ୍ମଣୋ ଜାତଃ ସଂସ୍କାରସ୍ତେନ କାରଣମ୍ ॥

(ଚଣ୍ଡାଳୀର ଗର୍ଭଜାତ ମହାମୁନି ମାତଙ୍ଗ ତପସ୍ୟା ପାଇଁ ସଂସ୍କାର ପାଇ ବ୍ରାହ୍ମଣ ହେଲେ)

Digitized by srujanika@gmail.com

ଗଣିକା ଗର୍ଭସମ୍ଭୂତୋ ବଶିଷ୍ଠଶ୍ଚ ମହାମୁନି ।
ତପସା ବ୍ରାହ୍ମଣୋ ଜାତଃ ସଂସ୍କାରସ୍ତେନ କାରଣମ୍ ॥

'ଗଣିକା (ବେଶ୍ୟା)ର ଗର୍ଭରୁ ଜାତ ମହାମୁନି ବଶିଷ୍ଠ ତପସ୍ୟା ପାଇଁ, ସଂସ୍କାର ପାଇଁ, ବ୍ରାହ୍ମଣ ହେଲେ' । ମନେ ଅଛି ତ ? ଏହି ବେଶ୍ୟାର ସନ୍ତାନ ବଶିଷ୍ଠ ବିଶ୍ୱାମିତ୍ରଙ୍କୁ ବ୍ରାହ୍ମଣ ବୋଲି ସ୍ୱୀକାର କରୁ ନ ଥିଲେ । ଏ ସ୍ୱୀକାର କଲାରୁ ବିଶ୍ୱାମିତ୍ର ବ୍ରାହ୍ମଣ ହେଲେ । ତପସ୍ୟାର ବଳ, ସଂସ୍କାର ବଳ କେତେ, ଅନୁମାନ କରି ପାରୁଛନ୍ତି ତ ?—ଏଠି ଜନ୍ମଗତ ଜାତିର ବଳ ଥିଲା ? ଜନ୍ମ ଦୃଷ୍ଟିରୁ ବିଚାର କଲେ ବିଶ୍ୱାମିତ୍ର ତ ଶୁଦ୍ଧ କ୍ଷତ୍ରିୟ ଆଉ ବଶିଷ୍ଠ ତ ଜାରଜ । ଏହି ବଶିଷ୍ଠ ଜାରଜ, ଭଗବାନ ରାମଙ୍କ ଗୁରୁ; ଚକ୍ରବର୍ତ୍ତୀ ସମ୍ରାଟ ଦଶରଥଙ୍କ ଗୁରୁ; ଆଉ ପୃଥିବୀ ପ୍ରସିଦ୍ଧ ସୂର୍ଯ୍ୟବଂଶର କୁଳପୁରୋହିତ— ଅଗ୍ରଜ । ଏ ଅଗ୍ରଜ ଶିକ୍ଷା ଦେଉଥିଲେ ।। କୋଶଳ-ସାମ୍ରାଜ୍ୟର ରାଜପରିଷଦର ସର୍ବୋଚ୍ଚ ପରିଷଦର ଏହି ବଶିଷ୍ଠ ପ୍ରଧାନ ନେତା— ମନ୍ତ୍ରୀ; ସର୍ବାଧିକାର ଏହାଙ୍କର (Veto Power) । ଏହାଙ୍କୁ ଜାରଜ, ଅବ୍ରାହ୍ମଣ ମନେ କରିଥିଲେ, ଦେଶ ଏତେ ବଡ଼ ଏକ ଶୁଦ୍ଧ, ଅଗୁରବାନ, ଜ୍ଞାନୀ, ମାନୀ, ବିଦ୍ୱାନ ବ୍ୟକ୍ତିକୁ ହରାଇ ଥାନ୍ତା । ସେଥିପାଇଁ ଜନ୍ମ ଜାତିର ଲିଙ୍ଗ ନୁହେ—କର୍ମ ଜାତିର ଲିଙ୍ଗ । ଉପନିଷଦ କାଳରେ ଦେଶରେ ଏପରି ବିପ୍ଳବ ପରଂପରା ଥିଲା ବୋଲି ଜାରଜ ସତ୍ୟକାମ ଅବ୍ରାହ୍ମଣ ବୋଲି ତିରସ୍କୃତ ହୋଇ ପାରିଲେ ନାହିଁ ।'

ମାଣ୍ଡବ୍ୟୋ ମୁନିରାଜସ୍ତୁ ମଣ୍ଡୂକୀ ଗର୍ଭସମ୍ଭବଃ ।
ତପସା ବ୍ରାହ୍ମଣୋ ଜାତଃ ସଂସ୍କାରସ୍ତେନ କାରଣମ୍ ॥

'ମଣ୍ଡୂକୀ (ଶୂଦ୍ରଜାତୀୟା ସ୍ତ୍ରୀ) ଗର୍ଭଜାତ ମାଣ୍ଡବ ମୁନି ତପସ୍ୟାର କାରଣରୁ, ସଂସ୍କାରର କାରଣରୁ ବ୍ରାହ୍ମଣ ହେଲେ ।'

Digitized by srujanika@gmail.com

(‘ଚାତୁର୍ବର୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମବିଭାଗଶଃ (ଗୀତା)—ଗୁଣକର୍ମର ବିଭାଗ ଅନୁସାରେ ଚତୁର୍ବର୍ଣ୍ଣ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ । ଅର୍ଥାତ୍ ଈଶ୍ୱର ଜନ୍ମତଃ, ସଂସ୍କାର ଦ୍ୱାରା ନୁହେ, ଗୁଣଜାତ ସୃଷ୍ଟି କରିଛନ୍ତି । ଈଶ୍ୱର ନିଜେ ଯେତେବେଳେ ଗୁଣବର୍ଣ୍ଣଙ୍କୁ ସୃଷ୍ଟି କରିଛନ୍ତି; ସେମାନଙ୍କୁ ସ୍ୱଭାବତଃ ଏପରି ଗୁଣ ଦେଇ ସୃଷ୍ଟି କରିବା କଥା । ଅତଏବ ଯେ ବ୍ରାହ୍ମଣକୁଳରେ ଜନ୍ମ ସେ କେବଳ ବ୍ରାହ୍ମଣ, ଯେ କ୍ଷତ୍ରିୟ କୁଳରେ ଜନ୍ମ ସେ କେବଳ କ୍ଷତ୍ରିୟ, ଯେ ବୈଶ୍ୟ କୁଳରେ ଜନ୍ମ ସେ କେବଳ ବୈଶ୍ୟ, ଆଉ ଯେ ଶୂଦ୍ର କୁଳରେ ଜନ୍ମ ସେ କେବଳ ଶୂଦ୍ର; ଏ ଶ୍ଳୋକର ଅନେକ ପଣ୍ଡିତ ଦିଅନ୍ତି । ଠିକ୍ କଥା, ଯେ ବ୍ରାହ୍ମଣ କୁଳରେ ଜନ୍ମ ନେଇ ବ୍ରାହ୍ମଣ ହୋଇ ପାରିଲା, ସେଥିପାଇଁ ଆପତ୍ତି କରିବାର କିଛି ନାହିଁ । କିନ୍ତୁ ବ୍ରାହ୍ମଣ କୁଳରେ ଜନ୍ମ ନେଇ ମଧ୍ୟ ବ୍ରାହ୍ମଣ ନ ହୋଇ ପାରିବାର ଆଶଙ୍କା ଅଛି ବୋଲି ଗୀତା ଏ ଗୁଣଜାତର କର୍ମଗୁଣ ନିର୍ଣ୍ଣୟ କରିଛନ୍ତି । ମନୁଷ୍ୟର କର୍ମ କରିବାର ଶକ୍ତି ସ୍ୱତନ୍ତ୍ର—ଏହା ଉପରେ ଈଶ୍ୱରଙ୍କର କର୍ତ୍ତୃତ୍ୱ ନାହିଁ । ସେଥିପାଇଁ ତ ଗୀତା କହୁଛନ୍ତି—କର୍ମଣ୍ୟେବାଧିକାରସ୍ତେ ମା ଫଳେଷୁ କଦାଚନ—କର୍ମ କରିବାର କେବଳ ତମର ଅଧିକାର ଅଛି—ଫଳ ପ୍ରାପ୍ତ କରିବାର ଅଧିକାର ନାହିଁ । ମନୁଷ୍ୟର ଯେତେବେଳେ କର୍ମ କରିବାର ଅଧିକାର ଅଛି, ସେ ନିଜ ଇଚ୍ଛାନୁସାରେ କର୍ମ କରିପାରେ । ଏ ଇଚ୍ଛା ମନୁଷ୍ୟର ନିଜସ୍ୱ ବୋଲି ବ୍ରାହ୍ମଣ କୁଳରେ ଈଶ୍ୱର ତାଙ୍କୁ ଜନ୍ମ ଦେଇଥିଲେ ମଧ୍ୟ ସେ ତା’ କରି ନ ପାରେ । ଅତଏବ ସେ ଯେଉଁ କର୍ମ କରିବ, ସେ ସେହି ଜାତିର ହେବ । ଏ କଥା ମଧ୍ୟ ଗୀତା କହୁଛନ୍ତି—

ଶମୋ ଦମସ୍ତପଃ ଶୌଚଂ କ୍ଷାନ୍ତିରାର୍ଜବମେବଚ ।
ଜ୍ଞାନଂ ବିଜ୍ଞାନମାସ୍ତିକ୍ୟ ବ୍ରହ୍ମକର୍ମ ସ୍ୱଭାବଜମ୍ ॥

Digitized by srujanika@gmail.com

— ଶମ—ଅନ୍ତଃକରଣର ନିଗ୍ରହ । ଅନ୍ତରରେ ମଧ୍ୟ, ମନରେ ମଧ୍ୟ ପାପଚିନ୍ତା ନ କରିବା ଶମ । ଦମ—ବାହ୍ୟ ଇନ୍ଦ୍ରିୟଗଣଙ୍କୁ ଆୟତ୍ତ କରିବା । ଶୌଚ—ବାହ୍ୟ ଅଭ୍ୟନ୍ତର ଶୌଚ । ଅର୍ଥାତ୍ ଶରୀରର ବାହ୍ୟ ଅଙ୍ଗପ୍ରତ୍ୟଙ୍ଗକୁ ଆଉ ଭିତରର ସ୍ନାୟୁନାଡ଼ିଜାଳକୁ ଶୁଦ୍ଧ ରଖିବା ଶୌଚ ; ସ୍ନାନଆଦି ଦ୍ୱାରା ବାହ୍ୟ ଅଙ୍ଗକୁ ଶୁଦ୍ଧ ରଖିବା ଆଉ ପ୍ରାଣାୟାମ ଆଦି ଦ୍ୱାରା ଭିତରର ସ୍ନାୟୁ ଆଦିକୁ ଶୁଦ୍ଧ ରଖିବା ଶୌଚ । ତପଃ—ଧର୍ମ ପାଇଁ ଦୁଃଖ ସହନ କରିବା, ଅନ୍ୟର ରକ୍ଷା ପାଇଁ କଷ୍ଟ ସହିବା ତପଃ । କ୍ଷାନ୍ତି—କ୍ଷମାଭାବ । ହଠାତ୍ ବିଚଳିତ ନ ହେବା । କେହି ଅପରାଧ କଲେ ମଧ୍ୟ ତାକୁ ଧୈର୍ଯ୍ୟର ସହିତ ବିଚାର କରିବା । 'କ୍ଷମା ବୀରସ୍ୟ ଭୂଷଣମ୍' । ବୀରର ଭୂଷଣ କ୍ଷମା । ଅର୍ଥାତ୍ 'କ୍ଷତ୍ରିୟ ପାଇଁ ମଧ୍ୟ କ୍ଷମା-ଭାବ ଧାରଣ' କରିବାର ବିଧାନ ଅଛି । ଆଉ ବ୍ରାହ୍ମଣ ଏଥିରୁ ସ୍ଖଳିତ ହେଲେ ଚଳିବ ? ଆର୍ଜବ—ଶାରୀରିକ ମାନସିକ ସରଳତା । ବାହ୍ୟ ଅଙ୍ଗ-ପ୍ରତ୍ୟଙ୍ଗରେ ତ ସରଳ ପୋଷାକ ପରିଚ୍ଛଦ ଧାରଣ କରିବା, ଲୋକଙ୍କ ପ୍ରତି ସାଧୁ ସରଳ ବ୍ୟବହାର କରିବା ସହଜ । କିନ୍ତୁ ଏହି ବାହ୍ୟ ସରଳତା ପାଇଁ ମନରେ ମଧ୍ୟ ସରଳ-ଭାବ ଧାରଣ କରିବା ଅର୍ଥାତ୍ ଏ ବାହ୍ୟ ସରଳତା ଯେପରି ଦେଖାଇବା ପାଇଁ ନ ହୁଏ, ଏଥିପାଇଁ ଚେଷ୍ଟିତ ହେବା ଆର୍ଜବ । ଆସ୍ତିକତା—ଈଶ୍ୱର ବିଶ୍ୱାସ । ଯେତେ ଭଲ ଗୁଣ ଥିଲେ ମଧ୍ୟ ଈଶ୍ୱର ବିଶ୍ୱାସ ନଥିଲେ ଏ ଭଲ ଗୁଣ ଦିନେ ମନ୍ଦଗୁଣରେ ପରିଣତ ହେବାର ଆଶଙ୍କା ଥାଏ; ଏହାର ଉଦାହରଣ ରାହୁଲ ସାଙ୍କୃତ୍ୟାୟନ (ଏଠି ଅନ୍ୟତ୍ର ଏହାଙ୍କ ସମ୍ବନ୍ଧରେ ବିଚାର କରାଯାଇଛି ।) ତେଣୁ ଆସ୍ତିକ ବିଚାର ଆବଶ୍ୟକ ବ୍ରାହ୍ମଣ ପକ୍ଷରେ । ଜ୍ଞାନ—ଶାସ୍ତ୍ର ଜ୍ଞାନ, ସାଂସାରିକ ଜ୍ଞାନ । ବ୍ରାହ୍ମଣ ଯେତେ ତତ୍ତ୍ୱଜ୍ଞାନୀ ହେଲେ ମଧ୍ୟ, ସଂସାରିକ ଜ୍ଞାନ ତାର

Digitized by srujanika@gmail.com

ନ ହେଲେ ତ ତାର ସଂସାରଯାତ୍ରା ଚଳିବ ନାହିଁ । ତେଣୁ ବ୍ରାହ୍ମଣ ପକ୍ଷରେ କେବଳ ତତ୍ତ୍ୱ ଜ୍ଞାନ ନୁହେଁ—ସାଂସାରିକ ଜ୍ଞାନ ମଧ୍ୟ ଆବଶ୍ୟକ । ବିଜ୍ଞାନ—ତତ୍ତ୍ୱଜ୍ଞାନ; Soiance ନୁହେଁ; କିନ୍ତୁ Philosophy Science ଦୃଶ୍ୟମାନ ପଦାର୍ଥ ସମ୍ବନ୍ଧରେ ବିଶେଷ ଜ୍ଞାନକୁ ବୁଝାଏ; କିନ୍ତୁ Philosophy ଅଦୃଶ୍ୟମାନ ପଦାର୍ଥ ସମ୍ବନ୍ଧରେ ବିଶେଷ ଜ୍ଞାନକୁ ବୁଝାଏ । ବ୍ରାହ୍ମଣ Sceince ଜାଣିପାରେ ଅପତ୍ତି ନାହିଁ; କିନ୍ତୁ ସେ ଜଡ଼ବାଦୀ Materialistic ନ ହେବା ଉଚିତ । ବିଜ୍ଞାନ ଶବ୍ଦର ପ୍ରୟୋଗ ଦ୍ୱାରା ଗୀତାକାର ଏହା କହିବାକୁ ଯାଉଛନ୍ତି ।

(ଏ ସମସ୍ତ ଗୁଣରେ ଯେ ଗରୀୟାନ୍ ହେବ, ସେ ବ୍ରାହ୍ମଣ, ଏ ଗୁଣ ସକଳ ସେ ସ୍ୱଭାବତଃ ପ୍ରାପ୍ତ କରୁ ବା ସାଧନାଦ୍ୱାରା ପ୍ରାପ୍ତ କରୁ ।)

ଶୌର୍ଯ୍ୟଂ ତେଜୋ ଧୃତିର୍ଦାକ୍ଷ୍ୟଂ ଯୁଦ୍ଧେ ଚାପ୍ୟପଳାୟନମ୍ ।
ଦାନମୀଶ୍ୱର ଭାବଶ୍ଚ କ୍ଷାତ୍ରଂ କର୍ମ ସ୍ୱଭାବଜମ୍ ॥

ଶୌର୍ଯ୍ୟ—ବୀରତ୍ୱ । ଶାରୀରିକ ବଳ ଆଉ ମାନସିକ ବଳ । ମନ କର୍ମ ପ୍ରେରଣା ଦିଏ । ମନ ବଳୀ ନ ହେଲେ ଶରୀରରେ ବଳ ଥିଲେ ସୁଦ୍ଧା ମନୁଷ୍ୟ ବୀରତ୍ୱ ପ୍ରକାଶ କରି ପାରେନା, ଯଥା—ଧର୍ମରାଜ ଯୁଧିଷ୍ଠିର । ସେ ଯୁଦ୍ଧରେ ମଧ୍ୟ ସ୍ଥିର ବୋଲି ସେ ଯୁଧିଷ୍ଠିର । ରଥୀମାନଙ୍କ ମଧ୍ୟରେ ମହାଭାରତରେ ଯୁଧିଷ୍ଠିରଙ୍କର ଗଣନା ନାହିଁ—କେବଳ ଉପାଧି ମାତ୍ର ଅଛି । ତେଜ—ଶାରୀରିକ ଉଜ୍ଜ୍ୱଳତା ଅର୍ଥାତ୍ ବୀରତ୍ୱବ୍ୟଞ୍ଜକ ଏକ ପ୍ରକାର ଭାବନାର ରୂପ ମଧ୍ୟ ବୀରର ଶରୀରରେ ଦେଖାଯିବା ଉଚିତ୍; ଏହାର ମୂଳ ସଂଯମତାବଲମ୍ବନ ଆଉ ମନରେ ବୀରରସର ପ୍ରାବଲ୍ୟ । ଧୃତି—ଦୁଃଖ ପ୍ରତି ନିର୍ଭୟ ଭାବ । ଶତ୍ରୁର ଅତ୍ୟାଗ୍ରହତାର ସ୍ମରଣ; ତେବେ ସିନା ଶତ୍ରୁକୁ ସଂହାର କରିବା ପାଇଁ ମନରେ ପ୍ରେରଣା ଆସିବ । ଦାକ୍ଷ୍ୟ—ଚତୁରତା, ରାଜନୀତ

Digitized by srujanika@gmail.com

ନିପୁଣତା ଅଉ କୂଟନୀତିକୁଶଳତା । ଯୁଦ୍ଧେ ଚ ଅପି ଅପଳାୟନମ୍—ସମର ଭୂମିରୁ ଫେରି ନ ଆସିବା, ଅର୍ଥାତ୍ ପ୍ରାଣରି ମୋହ ନରଖିବା । ଦାନ—ଦୁଃଖୀରଙ୍କିଙ୍କୁ ଅର୍ଥିକ ସାହାଯ୍ୟ ଦେବା । କ୍ଷତ୍ରିୟ ଶତ୍ରୁ ପାଇଁ ଧନା ନିଷ୍ଠୁର ହେବା ଉଚିତ—ଦୀନଦରିଦ୍ର ପାଇଁ ତ ନୁହେଁ ଦୀନ ଦରିଦ୍ର ପାଇଁ ତ ସେ ଶତ୍ରୁର ସମ୍ପ୍ରଣୀନ ହେଲେ, ଏ ବିଚାର ଦାନ । ଈଶ୍ବରଭାବ—ଆସ୍ତିକତା, ଈଶ୍ବର-ପରାୟଣତା; କ୍ଷତ୍ରିୟ ପକ୍ଷରେ ତାର କ୍ଷାତ୍ରକର୍ମ ଈଶ୍ବରାର୍ପଣର ବିଚାର ନେଇ କରିବା ଈଶ୍ବର-ପରାୟଣତା । ଏ ସମସ୍ତ କର୍ମ କ୍ଷତ୍ରିୟର ସ୍ବାଭାବିକତା କର୍ମ । ଏ ସ୍ବଭାବ ଯାର ନାହିଁ ସେ କ୍ଷତ୍ରିୟ ନୁହେଁ ।

(କୃଷିଗୋରକ୍ଷ୍ୟ ବାଣିଜ୍ୟଂ ବୈଶ୍ୟକର୍ମସ୍ବଭାବଜମ୍)

(କୃଷି, ଗୋରକ୍ଷା ଅଉ ବାଣିଜ୍ୟ, ଏ ସମସ୍ତ ଲକ୍ଷଣ ଯେ ବ୍ୟକ୍ତିଠାରେ ଦେଖାଯିବ, ସେ ବୈଶ୍ୟ; ସେ ବ୍ରାହ୍ମଣ କୁଳରେ ଜନ୍ମ ନେଉ, ସେ କ୍ଷତ୍ରିୟ କୁଳରେ ଜନ୍ମ ନେଉ, ସେ ଶୂଦ୍ର କୁଳରେ ଜନ୍ମ ନେଉ, ସେ ବୈଶ୍ୟ ହେବ । କାହିଁକି ନା, ତାର ସ୍ବଭାବ ବୈଶ୍ୟବୃତ୍ତି । ସେଥିପାଇଁ କୌଣସି ବ୍ୟକ୍ତି କୌଣସି କୁଳରେ ଜନ୍ମ ନେବା ମାତ୍ରକେ ସେ ସେଇ କୁଳର ପାରମ୍ପରିକ ପ୍ରଥା ମାନି ଚଳିବ, ଏପରି କୌଣସି ନିଷ୍ଠୁର ବୃତ୍ତି ମନୁଷ୍ୟର ସ୍ବଭାବରେ ନାହିଁ । କାରଣ ମନୁଷ୍ୟ କର୍ମ କରିବାରେ ସ୍ବତନ୍ତ୍ର । କିନ୍ତୁ ଫଳ ପାଇବାରେ ପରତନ୍ତ୍ର । ଜନ୍ମଗତ ସଂସ୍କାରର ମଧ୍ୟ ପରିବର୍ତ୍ତନ ହୁଏ, ଯେପରି ଦ୍ରୋଣାଚାର୍ଯ୍ୟଙ୍କ ହୋଇଥିଲା, ଯେପରି ପରଶୁରାମଙ୍କର ହୋଇଥିଲା ।)

(ପରିଚର୍ଯ୍ୟାତ୍ମକଂ କର୍ମ ଶୂଦ୍ରସ୍ୟାପି ସ୍ବଭାବଜମ୍) ।

(ଯା'ର ଉପରୋକ୍ତ ତିନିଗୁଣ ନାହିଁ, ସେ ଏ ତିନିଙ୍କ ସେବା ଦ୍ବାରା ଅର୍ଥୋପାର୍ଜ୍ଜନ କରିବାକୁ ବାଧ୍ୟ—ତେଣୁ ସେ ଶୂଦ୍ର । ଏଇ

Digitized by srujanika@gmail.com

ଶୂଦ୍ରତ୍ୱ ତଥାକଥିତ ବ୍ରାହ୍ମଣ ମଧ୍ୟ ପ୍ରାପ୍ତ ହୋଇପାରେ, କ୍ଷତ୍ରିୟ ମଧ୍ୟ ପ୍ରାପ୍ତ ହୋଇପାରେ, ବୈଶ୍ୟମଧ୍ୟ ପ୍ରାପ୍ତ ହୋଇପାରେ ।

ସତ୍ତ ମୂଲେ ତତ୍ତ୍ୱିପାକୋ ଜାତ୍ୟାୟୁର୍ଭୋଗଃ ।

(ଏ ସମସ୍ତ କର୍ମ ମନୁଷ୍ୟ ପୂର୍ବ ଜନ୍ମର କର୍ମର ଫଳ ସ୍ୱରୂପ ପ୍ରାପ୍ତ କରେ । ଅର୍ଥାତ୍ କୁଳ ପାଇଁ ନୁହେଁ, ବଂଶପାଇଁ ନୁହେଁ, ପୂର୍ବଜନ୍ମର କର୍ମର ଫଳ ହେତୁରୁ ମନୁଷ୍ୟ ବିଭିନ୍ନ ସଂସ୍କାରରେ ଯୁକ୍ତ ହୁଏ । ଏଇ ପୂର୍ବଜନ୍ମର ସଂସ୍କାର ସାଧନାବଳରେ ପରିବର୍ତ୍ତିତ ହେଲେ ମନୁଷ୍ୟର ବର୍ଣ୍ଣ ପରିବର୍ତ୍ତନ ହୁଏ, ମନୁଷ୍ୟର ରଙ୍ଗ ପରିବର୍ତ୍ତନ ହୁଏ । ଏଇ ରଙ୍ଗ ମନୁଷ୍ୟ ମନର ସଂସ୍କାର ମାତ୍ର । ଯେପରି ଦ୍ରୋଣାଚାର୍ଯ୍ୟଙ୍କ ପରିବର୍ତ୍ତନ ହେଲା, ଯେପରି ପରଶୁରାମଙ୍କ ପରିବର୍ତ୍ତନ ହେଲା, ଆହୁରି ଏପରି ଅନେକଙ୍କ ହେଲା ।)

(ଆମ ଦେଶରେ କୌଣସି ଦିନ ଜାତିଭେଦ ନ ଥିଲା—ଥିଲା ବର୍ଣ୍ଣ ବ୍ୟବସ୍ଥା । ଯା' ଭେଦ, ତା' ବ୍ୟବସ୍ଥା ନୁହେଁ । ଦିନେ ଏଇ ବ୍ୟବସ୍ଥା ଭେଦର ରୂପ ଧାରଣ କଲା । ଏହି ଭେଦ କାଳକ୍ରମେ ବିକଟରୂପ ଧାରଣ କଲା । ଏହି ବିକଟତା ଦେଶକୁ ଗ୍ରାସ କରି ଅର୍ଦ୍ଧମୃତ କରି ରଖିଲା 'ଏ ପର୍ଯ୍ୟନ୍ତ—ସମାଜରେ ପରସ୍ପର ଗୋଷ୍ଠି ମଧ୍ୟରେ ସହଜ ସହାନୁଭୂତି ସମ୍ଭବ ହୋଇ ପାରିଲା ନାହିଁ । ଏହି ଭେଦର ଆଶ୍ରୟ ନେଇ ବିଧର୍ମୀ ଏ ଦେଶକୁ ପରାକ୍ରାନ୍ତ କରି ଅଧର୍ମକୁ ଏ ଦେଶର ଧର୍ମ ବୋଲି ପ୍ରତିପାଦନ କରିବାକୁ ଲାଗିଲେ । ଜାତି ସମ୍ବନ୍ଧରେ ଦେଶରେ ବିଷମ ସମସ୍ୟା ସୃଷ୍ଟି ହେଲା । ସେଇ ଗୋଟାଏ ଜାତି ବୈଶ୍ୟ, ବିଭିନ୍ନ ବ୍ୟବସାୟ ପାଇଁ ବିଭିନ୍ନ ଉପଜାତିରେ ପରିବର୍ତ୍ତିତ ହେଲେ, ଯଥା— ତେଲି, ମାଳୀ, ଗୁଡ଼ିଆ, କୁମ୍ଭାର । ଏମାନଙ୍କ ମଧ୍ୟର ସୁସମ୍ବନ୍ଧ ବିଚ୍ଛିନ୍ନ ହେଲା—ଖାଇବା ପିଇବା ବିବାହ ଆଦି ସାମାଜିକ ପ୍ରଥା

ଏମାନଙ୍କ ମଧ୍ୟରେ ଅଳ୍ପ ସମ୍ଭବ ହୋଇ ପାରିଲା ନାହିଁ । ଏମାନେ ପରସ୍ପରକୁ ନୀଚ ମନେ କରିବାକୁ ଲାଗିଲେ— ଅଲଗା ଅଲଗା ଚଳିବାକୁ ପସନ୍ଦ କଲେ । ସମାଜ ଶୃଙ୍ଖଳା ଭାଙ୍ଗିଲା—ସଂଗଠନ ଭାଙ୍ଗିଲା— ଦେଶ ଦୁର୍ବଳ ହେଲା ।)

(ଏହି ଘୃଣ୍ୟ ଜାତିଭେଦ ପ୍ରଥାକୁ ସ୍ଥାୟୀ କରି ରଖିବାକୁ ନାନା ପ୍ରକାରର ଉପାଧିର ସୃଷ୍ଟି ହେଲା । ଜାତିର କର୍ମର ପରି- ବର୍ତ୍ତନ ହେବା ସତ୍ତ୍ୱେ ମଧ୍ୟ ରାଜଦତ୍ତ ଉପାଧିର ପରିବର୍ତ୍ତନ ହେଲା ନାହିଁ । ଏପରି କେତେକ ଶ୍ରେଣୀ ଅଛନ୍ତି ଯେଉଁମାନଙ୍କ ଉପାଧି ହେଉଛି ନାୟକ, ପଟ୍ଟନାୟକ, ଗଡ଼ନାୟକ, ଏପରିକି ସେନାପତି । କେବେ ଏହାଙ୍କର ଅଜା ପଣିଅଜା ସୈନ୍ୟ ବିଭାଗର ନାୟକ ଥିଲେ, ପଟ୍ଟ ଅର୍ଥାତ୍ ପ୍ରଧାନ ନାୟକ ଥିଲେ, ଗଡ଼ ଅର୍ଥାତ୍ ଦୁର୍ଗର ନାୟକ ଥିଲେ, ଅଥବା ସେନାପତି ବି ଥିଲେ ; ଅଥଚ ବର୍ତ୍ତମାନ ସୁଦ୍ଧା ଏମାନେ ଏ ଉପାଧିରେ ଭୂଷିତ । ଏମାନଙ୍କ ଭିତରୁ ଅନେକେ ଅଧ୍ୟାପକ ଅଛନ୍ତି, କୁଳପତି ବି ଅଛନ୍ତି, ଅଥଚ ଅସଙ୍ଗତ-ଭାବରେ ଏପରି ଉପାଧି ଧାରଣ କରି ଅସ୍ଫାଳନ କରୁଛନ୍ତି; ବ୍ରାହ୍ମଣର କର୍ତ୍ତବ୍ୟ କରି କ୍ଷତ୍ରିୟ ବୋଲାଉଛନ୍ତି । ଏପରି କେତେକ ବର୍ଗରପତିଙ୍କ ଉପାଧି ଅଛି 'ଚୈପଦାର' । 'ଚୈପଦାର' ଗୋଟାଏ ହିନ୍ଦୀ ଶବ୍ଦ । ତାର ଅର୍ଥ 'ଛତ୍ରବାଇରଖ' । ରାଜା କୌଣସି ଶୋଭା- ଯାତ୍ରାକରି ବାହାରିଲେ ଆଗେ ଆଗେ ଯେ ଏହି ଛତ୍ରବାଇରଖ ଧରି ଶୋଭାଯାତ୍ରାର ଶୋଭା ବଢ଼ାଇବା ପାଇଁ ଯାଏ, ସେ ଚୈପଦାର । 'ବହିଦାର', 'ବହି' ଉର୍ଦ୍ଦୁ ଶବ୍ଦ, ଇଂରଜୀ ଶବ୍ଦ Diary ରୁ 'ଦାଏର କରିବା' ହୋଇଛି । ଏହି ଉର୍ଦ୍ଦୁ ଧିଶେଷ୍ୟ ବହି (ପୁସ୍ତକ) ଅଳ୍ପ ଇଂରାଜୀ କ୍ରିୟା ଶବ୍ଦର ମିଶ୍ରଣରେ ଏ ଅଦ୍ଭୁତ ଶବ୍ଦର ସୃଷ୍ଟି । ଏପରି ଅନେକ ଶୂଦ୍ର ଅର୍ଥାତ୍ ପିଅନ

Digitized by srujanika@gmail.com

ତପସ୍ୱୀ ଅଛନ୍ତି, ଯେଉଁମାନେ ଆପଣାର ନାମ ସଙ୍ଗରେ ମିଶାଇ ଲେଖନ୍ତି, ତ୍ରିପାଠୀ, ଶତପଥୀ, ଅଗ୍ନିହୋତ୍ରୀ, ଦ୍ୱିବେଦୀ, ତ୍ରିବେଦୀ, ଚତୁର୍ବେଦୀ । ବେଦ କଣ ଜାଣନ୍ତି ନାହିଁ, ଶତପଥ କଣ ଜାଣନ୍ତି ନାହିଁ, ବିଦ୍ୟା ନାହିଁ, ବିଦ୍ୟା ଦେବେ କଣ, ଅଥଚ ବୋଲନ୍ତି 'ଅଧ୍ୱର୍ଯ୍ୟୁ' । ଏହିମାନେହିଁ ନିଜକୁ ବ୍ରାହ୍ମଣ ମନେ କରି ଅନ୍ୟପ୍ରତି ଆକ୍ଷେପ କରନ୍ତି । ଖାଲି ବେଲକୁ ସ୍ପର୍ଶ କଲେ ମାନବକେ ବାଜେ । ଜାତି ନେଇ ଉପାଧି ଆଉ ଦେଶରେ କେବେ ନ ଥିଲା । କାରଣ ଜାତି ପରିବର୍ତ୍ତନଶୀଳ । ରାମ କୃଷ୍ଣ ଭୀମ ଦ୍ରୋଣ ଯୁଧିଷ୍ଠିର ଅର୍ଜୁନ. ପରାଶର, ଯାଜ୍ଞବଲ୍କ୍ୟ, ବେଦବ୍ୟାସ, ନାରଦ, ଚନ୍ଦ୍ରଗୁପ୍ତ, ଚାଣକ୍ୟ, ଭରତ, ଦୁଷ୍ମନ୍ତ ଏମାନଙ୍କର କୌଣସି ଉପାଧି (Surname) ନ ଥିଲା ।)

(ଏପରି କେତେଗୁଡ଼ାଏ ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କ ପେଶା ଘରର ଗୋଲାମୀ କରିବା—ପେଟ ପୋଷିବା ପାଇଁ; ଅଥଚ ଏହିମାନେ ଆପଣାର ନାମ ସଙ୍ଗରେ ବ୍ରହ୍ମା ହୋତା ଉଦ୍‌ଗାତା ଆଦି ଉପାଧି ଧାରଣ କରନ୍ତି—ବ୍ରାହ୍ମଣ ନ ହୋଇ ବି ବ୍ରାହ୍ମଣ ବୋଲନ୍ତି – ଅର୍ଥସର୍ବସ୍ୱ ହୋଇ ମଧ୍ୟ ଜ୍ଞାନସର୍ବସ୍ୱର ଉପାଧି ଧାରଣ କରିବାର ବୃଥା ଅପ୍ଚାଳନ କରନ୍ତି । ଯଜ୍ଞ କାଳରେ ଯଜ୍ଞ-କୁଣ୍ଡର ଚତୁର୍ଦ୍ଦିଗରେ ଯଜମାନ ଦ୍ୱାରା ଆହୂତ ହୋଇ ଯେଉଁ ଚାରିଜଣ ଅତି ବିଦ୍ୱାନ ବ୍ରାହ୍ମଣ ବସନ୍ତି ବେଦମନ୍ତ୍ର ପାଠପୂର୍ବକ ଯାଜନ କରିବା ପାଇଁ, ସେମାନଙ୍କୁ 'ହୋତା', 'ଉଦ୍‌ଗାତା', 'ଅଧ୍ୱର୍ଯ୍ୟୁ', 'ବ୍ରହ୍ମା' କୁହାଯାଏ । ଯଜ୍ଞକୁଣ୍ଡର ପଶ୍ଚିମ ଆସନରେ ପୂର୍ବମୁଖ ହୋଇ ଯେ ଯାଜ୍ଞିକ ବ୍ରାହ୍ମଣ ବସନ୍ତି, ତାଙ୍କୁ ହୋତା; ଉତ୍ତର ଆସନରେ ଦକ୍ଷିଣମୁଖ ହୋଇ ଯେ ବସନ୍ତି, ତାଙ୍କୁ ଅଧ୍ୱର୍ଯ୍ୟୁ, ପୂର୍ବ ଆସନରେ ପଶ୍ଚିମମୁଖ ହୋଇ ଯେ ବସନ୍ତି, ତାଙ୍କୁ ଉଦ୍‌ଗାତା,

Digitized by srujanika@gmail.com

ଥିଲ ଦକ୍ଷିଣ ଆସନରେ ଉତ୍ତର ମୁଖୀ ହୋଇ ଯେ ଯାଜ୍ଞିକ ବ୍ରାହ୍ମଣ ବସନ୍ତି, ତାଙ୍କୁ 'ବ୍ରହ୍ମା' କୁହାଯାଏ ।)

ଦକ୍ଷିଣତୋ ବ୍ରହ୍ମାସନମାସ୍ତୀର୍ଯ୍ୟେତ । (ପାରସ୍କର ଗୃହ ସୂତ୍ର)

(ବର୍ତ୍ତମାନର ତଥାକଥିତ ବ୍ରାହ୍ମଣମାନଙ୍କ ମଧ୍ୟରେ 'ମିଶ୍ର' ବୋଲି ଗୋଟାଏ ଉପାଧି (Suaname) ରହିଛି । 'ମିଶ୍ର' ଶବ୍ଦର ଅର୍ଥ 'ଅର୍ଯ୍ୟ' ଅର୍ଥାତ୍ ଶ୍ରେଷ୍ଠ ବୋଲି ସାଧାରଣତଃ କୁହାଯାଏ । କେଉଁ ମୂଳ ଧାତୁରୁ ଏ ଶବ୍ଦର ସୃଷ୍ଟି, ଆମେ ଜାଣୁନା । ଅଥଚ ଏ ଶବ୍ଦର ଏ ଅର୍ଥ ପାଇଁ ମଧ୍ୟ ଆମର ଆପତ୍ତି ନାହିଁ । କିନ୍ତୁ 'ବହ୍ୱର୍ଥାପି' ଧାତବୋ ଭବନ୍ତି । ଏ କଥାକୁ ମଧ୍ୟ ଆମେ ବିଶ୍ୱାସ କରିପାରୁ ନାହିଁ । 'ମିଶ୍ର' ଶବ୍ଦର 'ମିଶ୍ରଣ' ଅର୍ଥରେ ବ୍ୟବହାର, ଉଦାହରଣ ଶାସ୍ତ୍ରରେ ବହୁ ଅଧିକ, ଯଥା—ମିଶ୍ରଜାତି, ମିଶ୍ରରଙ୍ଗ, ମିଶ୍ରଧାନ୍ୟ ଇତ୍ୟାଦି । ମିଶ୍ରର ଅଭିଧାନିକ ଅର୍ଥ ବି ମିଶଣ । ଏ ଉପାଧିଟା ସମ୍ବନ୍ଧରେ ଯେ ଐତିହାସିକ ତଥ୍ୟ ମିଳୁଛି, ତାର ଟିକିଏ ଆଭାସ ଦେବାର ଇଚ୍ଛା ହେଉଛି ।)

(ଆଜିକାଲି ଯେପରି ପୃଥିବୀର ନାନା ଇସାଇ ଦେଶରୁ ଏ ଦେଶକୁ ଖ୍ରୀଷ୍ଟିୟାନ ପାଦ୍ରୀଗୁଡ଼ାକ ଆସୁଛନ୍ତି ତାଙ୍କର ଧର୍ମର ପ୍ରସାର ପାଇଁ, ଠିକ୍ ସେହିପରି ପୂର୍ବରେ ଭାରତରୁ ବିଦେଶକୁ ବୈଦିକ ଧର୍ମର ପ୍ରଚାର ପାଇଁ ଯାଉଥିଲେ । ଭାରତରୁ ସେତେବେଳେ ମିଶର ଦେଶକୁ ଦଳେ ପ୍ରକାଣ୍ଡ ବିଦ୍ୱାନ ଧର୍ମ-ପ୍ରଚାରର ଉଦ୍ଦେଶ୍ୟରେ ଯାଇଥିଲେ । ସେତେବେଳେ ମିଶର ଦେଶର ଶିକ୍ଷାର ମାନଦଣ୍ଡ ଉଚ୍ଚକୋଟୀର ନ ଥିଲା । ସେଠାରେ ହଜାର ହଜାର ବ୍ୟକ୍ତି ବୈଦିକ-ଧର୍ମରେ ଦୀକ୍ଷିତ ହେଲେ । ଏପରି ଅଶାତୀତଭାବରେ ଏମାନଙ୍କ ମଧ୍ୟରୁ ଦଳେ ଏ ଦେଶର ଧର୍ମ ପ୍ରତି ଅନୁରକ୍ତ ହେଲେ ଯେ ଭାରତରେହିଁ ବସବାସ କରିବାକୁ ସେମାନଙ୍କର ପ୍ରବଳ ଇଚ୍ଛା

Digitized by srujanika@gmail.com

ହେଲା । ସମ୍ରାଟ ଚନ୍ଦ୍ରଗୁପ୍ତଙ୍କ ରାଜତ୍ୱ କାଳରେ ଏପରି ଦଶ ହଜାର ମିଶରବାସୀ ଭାରତକୁ ଆସି ବସବାସ କଲେ । (ଭବିଷ୍ୟ ପୁରାଣ-ପ୍ରତିସର୍ଗ ୪।୨୧) । ଏ ଯେଉଁ ଦଳେ ଲୋକ ଆସିଲେ, ଏମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ରୁଚି ଥିଲା କଳାକୃଷ୍ଟି, ଶିକ୍ଷା ସଂସ୍କୃତି ପ୍ରତି । ଫଳତଃ ଏମାନେ ଏ ଦେଶର ଏସବୁ ପ୍ରତି ବିଶେଷଭାବରେ ଆକର୍ଷିତ ହୋଇ ଏ ଦେଶର ଧର୍ମ ସଂସ୍କୃତି ଅଧ୍ୟୟନ କରି ବିରାଟ ବିରାଟ ପଣ୍ଡିତ ହେଲେ । ଏମାନଙ୍କ ପ୍ରତି ଭାରତବାସୀଙ୍କ ଶ୍ରଦ୍ଧା ବଢ଼ିଲା । ଏକେ ଏମାନେ ବିଦେଶୀ, ଆଉ ଏ ଦେଶର ସଭ୍ୟତା ସଂସ୍କୃତିରେ ଏମାନଙ୍କର ଗଭୀର ଜ୍ଞାନ । ନୂଆ ହୋଇ କେହି ଜଣେ ଅନ୍ୟ ଧର୍ମ ଗ୍ରହଣ କଲେ ଆପାତତଃ ଯେ ପ୍ରକାର ବ୍ୟବହାର ପାଇବା କଥା ସ୍ୱଧର୍ମିମାନଙ୍କଠାରୁ, ସେ କଥା ଏଠି ଘଟିଲା । ଫଳତଃ ଏମାନେ ଅତି ଶ୍ରେଷ୍ଠ ବୋଲି ଭାରତରେ ଖ୍ୟାତ ହେଲେ । ଏ ଯେଉଁ ଦଳେ ଏଠାକୁ ଆସିଲେ, ପ୍ରଥମେ ଏମାନଙ୍କୁ କୁହା-ଯାଉଥିଲା ମିଶିରୀ । ଏମାନେ ଅଧ୍ୟୟନ ଅଧ୍ୟାପନାରେ ବିଶେଷ ରୁଚି ରଖିବାରୁ, ଏମାନଙ୍କୁ କୁହାଗଲା ମିଶିରୀ ବ୍ରାହ୍ମଣ । ପରେ ଏମାନେ ହେଲେ ମିଶ୍ର ବ୍ରାହ୍ମଣ ବା ଏମାନଙ୍କ ନାମରେ ପଛରେ ଲାଗିଲା 'ମିଶ୍ର' । ଏମାନେ ଏ ଦେଶ ସଙ୍ଗରେ ମିଶିଗଲେ, ତେଣୁ ଏମାନେ ମିଶ୍ରଜାତି ହେଲେ ଆଉ ଶେଷରେ ହେଲେ କେବଳ ମିଶ୍ର । ବର୍ତ୍ତମାନ ଏ ମିଶ୍ର କେଉଁମାନେ କହିପାରିବା କି ? ଏ ଦେଶ ସେତେବେଳେ ଏପରିଭାବରେ ସମସ୍ତ ଦେଶ ଜାତି ଉପଜାତିଙ୍କୁ ବିଲୀନ କରି ଦେଇପାରୁଥିଲା ନିଜ ମଧ୍ୟରେ । ଭାରତ ସଭ୍ୟତାର ମହାସାଗର ମଧ୍ୟରେ କେତେ ଛୋଟ ଛୋଟ ସଭ୍ୟତା-ନଦୀ ମିଶି ଏକାକାର ହୋଇଯାଇଛନ୍ତି ଯେ, ତାର କଳ୍ପନା କରିବା ବି ସମ୍ଭବ ହୋଇ ପାରୁନାହିଁ ବର୍ତ୍ତମାନ ('ମିଶ୍ର' ଉପାଧି ସମ୍ବନ୍ଧରେ ଏ ଗୋଟିଏ ବିଚାର—ଏ ସମ୍ବନ୍ଧରେ ଅନ୍ୟ ବିଚାର ଥାଇପାରେ ।)

Digitized by srujanika@gmail.com

(ଏଇ ଭାରତେର୍ ମହାମାନବେର୍ ସାଗର୍ ତୀରେ ।
କେଉ ନାହିଁ ଜାନେ, କା'ର ଆହ୍ୱାନେ କତ ମାନୁଷେର୍ ଧାର ।
ଦୁର୍ବାର ସ୍ରୋତେ ଏଲ କୋଥା ହତେ, ସମୁଦ୍ରେ ହଲ ହାର ।
ହେଥାୟ **ଆର୍ଯ୍ୟ**, ହେଥାୟ ଅନାର୍ଯ୍ୟ, ହେଥାୟ ଦ୍ରାବିଡ଼ ଚୀନ୍—
ଶକ୍‌ହୁନ୍‌ଦଲ ପାଠାନ୍ ମୋଗଲ ଏକ୍ ଦେହେ ହଲ ଲୀନ୍ ।
ପଶ୍ଚିମ ଆଜି ଖୁଲିୟାଛେ ଦ୍ୱାର, ସେଥାହତେ ସବେ ଆନେ ଉପହାର୍
ଦେବେ ଆର୍ ନେବେ ମିଲାବେ ମିଲିବେ, ଯାବେ ନା ଫିରେ—

ଏଇ ଭାରତେର୍ ମହାମାନବେର୍ ସାଗର୍ ତୀରେ ।
ରଣଧାର୍ ବାହି ଜୟଗାନ ଗାହି ଉନ୍ମାଦ କଲରବେ
ଭେଦି ମରୁପଥ୍ ଗିରି ପର୍ବତ୍ ଯାରା ଏସେଛିଲ ସବେ
ତାରା ମୋର ମାଝେ ସବାଇ ବିରାଜେ, କେହ ନହେ ନହେ ଦୂର୍
ଆମାର ଶୋଣିତେ ରୟେଛେ ଧ୍ୱନିତେ ତାର୍ ବିଚିତ୍ର ସୁର୍ ।
(ରବୀନ୍ଦ୍ରନାଥ)

ଦେବେ ଆର ନେବେ, ମିଲାବେ ମିଲିବେ, ଯାବେ ନା ଫିରେ ଏ ଦେଶକୁ ଯେ ଆସିଛନ୍ତି ଏ ଦେଶରେ ଏକାକାର ହୋଇ ଯାଇଛନ୍ତି ଏଇ ଭାରତେର୍ ମହାମାନବେର୍ ସାଗର୍ ତୀରେ । ଏଠାରୁ ଣୀରଣ ହୋଇ କେହି ଫେରି ଯାଇନାହାନ୍ତି । କାରଣ ସେତେବେଳେ ଏ ଦେଶର ଜାତି ସମ୍ବନ୍ଧରେ କୌଣସି କ୍ଲିଷ୍ଟ କଳ୍ପନା ନ ଥିଲା— ଅକଳ୍ପନୀୟ କୌଣସି ବିଷୟକୁ ବାସ୍ତବ ବୋଲି ଗ୍ରହଣ କରିବାର ଅଯୋଗ୍ୟତା ଏ ପ୍ରାଚୀନ ଦେଶର ସେ ପ୍ରାଚୀନ କାଳରେ ନ ଥିଲା ।

ଆମାର୍ ଶୋଣିତେ ରୟେଛେ ଧ୍ୱନିତେ ତାର୍ ବିଚିତ୍ର ସୁର୍ ଆମର ମଧ୍ୟରେ ସେଇ ବିଶ୍ୱ ମାନବର ସୁର ଏପରି ଗାଢ଼୍‌ରେ ମିଶିଛି ଯେ କେହି କହି ପାରିବ କି ଯେ ସେ କିଏ ?—ସେ

Digitized by srujanika@gmail.com

ଜାରଜ ନା ଶୁଦ୍ଧ ? ଆମ ଭିତରୁ କିଏ ଚୀନ, କିଏ ଶକ, କିଏ ହୂନ୍, କିଏ ଆର୍ଯ୍ୟ, କିଏ ଅନାର୍ଯ୍ୟ, କିଏ ଦ୍ରାବିଡ଼ କହି ପାରିବା କି ? ଆମ ମଧ୍ୟରୁ କିଏ ହିନ୍ଦୁ, କିଏ ମୁସଲମାନ, ଏକଥା ବି କହି ପାରିବା କି ? କା'ର ରକ୍ତ ଆମ ମଧ୍ୟରେ ରହିଛି କିଏ କହି ପାରିବ କି ?)

(ମାନସୁବାଦାର ଗିରିଧାରୀ ସିଂ ପୁର୍ନିଆର ଜମିଦାର ଅବ୍ଦୁଲ୍ଲାଙ୍କ ଅତି ରୂପସୀ ଝିଅ ଦୌଲତୁନ୍ନିସାଙ୍କୁ ବିବାହ କରିଥିଲେ । ବିବାହ ପରେ ଏ ଝିଅ ଦୁଲାଲୀ ହିନ୍ଦୁଧର୍ମ ଗ୍ରହଣ କଲେ ସ୍ୱଇଚ୍ଛାରେ । ହିନ୍ଦୁ ହେବା ପରେ ତାଙ୍କର ନାମ ହେଲା ବ୍ରଜ । ଅତି ଏ ଉଦାରଚିତ୍ତ ରୂପସୀ ନାରୀ ଯେଉଁ ସହରରେ ବାସ କରୁଥିଲେ, ସେ ସହର 'ଗିରିବ୍ରଜ' ନାମରେ ଇତିହାସରେ ପ୍ରସିଦ୍ଧ ହୋଇ ରହିଲା ସ୍ୱାମୀ ଆଉ ସ୍ତ୍ରୀ ଉଭୟଙ୍କର ନାମାନୁସାରେ (ନବାବ ମହମଦ ଖଲିଲୁଲ୍ଲା ଖାନଙ୍କ ସନନ୍ଦ ଦ୍ରଷ୍ଟବ୍ୟ) । ଏ ଗିରିବ୍ରଜ ଏବେ ବି ତ ରହିଛି ବିହାରରେ । ଏମାନଙ୍କ ସନ୍ତାନ ଯେ ଆମ ଭିତରେ ନ ଥିବେ, ତା କିଏ କହିବ ? ସମ୍ରାଟ ଚନ୍ଦ୍ରଗୁପ୍ତ ବି ତ ଗ୍ରୀସ୍‌ଦେଶରେ ଏକ କନ୍ୟାକୁ ବିବାହ କଲେ—ସମ୍ରାଟ ଚନ୍ଦ୍ରଗୁପ୍ତ ବି ତ ଜାରଜ । କିନ୍ତୁ ସେ କ୍ଷତ୍ରିୟ ନୁହନ୍ତି କି ? ତାଙ୍କର ସନ୍ତାନ ଆମ ଭିତରେ ନଥିବେ କି ?)

(କେତେ ଜାତି ଉପଜାତିର ସୃଷ୍ଟି ଭାରତରେ !! ଏ ସମସ୍ତ କଣ ଥିଲା ଭାରତରେ କେବେହେଲେ ? 'କରଣ' ବୋଲି ଗୋଟାଏ ଜାତି, ଯେଉଁମାନେ ନିଜକୁ ମସୀଜୀବି କ୍ଷତ୍ରିୟ ବୋଲି ବିଶ୍ୱର କହି ଆସ୍ଫାଳନ କରନ୍ତି, ସେମାନେ କଣ ଯଥାର୍ଥରେ କ୍ଷତ୍ରିୟ ? ମସୀ ଦ୍ୱାରା ନୁହେଁ—ଅସ୍ତ୍ର ଦ୍ୱାରା ଯେ ଅନ୍ୟର ରକ୍ଷାକର, ସେ କେବଳ କ୍ଷତ୍ରିୟ । କରଣ ସମ୍ବନ୍ଧରେ ମହାଭାରତ ଏ ଦୁଇଟି ଶ୍ଲୋକ କିଛି ସୂଚନା ଦେଉଛି—

Digitized by srujanika@gmail.com

ତଥା ପୁତ୍ରଶତଂ ଯଜ୍ଞେ ଧୃତରାଷ୍ଟ୍ରସ୍ୟ ଧୀମତଃ ।
ଦୁର୍ଯ୍ୟୋଧନ ପ୍ରଭୃତୟୋ ଯୁଯୁତ୍ସୁଃ କରଣସ୍ତଥା ॥

"ଧୀମାନ ଧୃତରାଷ୍ଟ୍ରଙ୍କ ଦୁର୍ଯ୍ୟୋଧନାଦି ଶତପୁତ୍ର ଥିଲେ ; ଅଉ କରଣ ଯୁଯୁତ୍ସୁ ମଧ୍ୟ ତାଙ୍କର ପୁତ୍ର । 'କରଣ' ଶବ୍ଦର ବ୍ୟାଖ୍ୟା ବି ଶାସ୍ତ୍ର କରିଛନ୍ତି—ବୈଶ୍ୟାୟାଂ କ୍ଷତ୍ରିୟାଜ୍ଜାତଃ କରଣ ପରିକୀର୍ତ୍ତିତଃ । ବୈଶ୍ୟ ଅଉ କ୍ଷତ୍ରିୟର ମିଶ୍ରଣରେ ଯେ ସନ୍ତାନ ଜନ୍ମିଏ, ସେ 'କରଣ' ହୁଏ । ଅର୍ଥାତ୍ କରଣ ଗୋଟାଏ ମିଶ୍ର ଜାତି । (ଏଥିରୁ ଏ କଥା ମଧ୍ୟ ପ୍ରମାଣିତ ହେଉଛି ଯେ ଧୃତରାଷ୍ଟ୍ରଙ୍କ ଯେଉଁ ଶହେ ପୁଅ ଥିଲେ, ସେ ସମସ୍ତେ ଏକପତ୍ନୀ ଗର୍ଭସମ୍ଭୂତ ନୁହନ୍ତି ଅଉ ହେବା ସମ୍ଭବ ବି ନୁହେ, ଅଉ ଏଥିରୁ ଏ କଥାଟାର ବି ପ୍ରମାଣ ମିଳୁଛି ଯେ ଧୃତରାଷ୍ଟ୍ର ଅନ୍ଧ ନ ଥିଲେ । ଏ ରୂପସୀ ବୈଶ୍ୟ କନ୍ୟା ପ୍ରତି ମୁଗ୍ଧ ହେବାରୁ ଯୁଯୁତ୍ସୁ ଜନ୍ମ ହେଲେ । ଧୃତରାଷ୍ଟ୍ରଙ୍କ ପୁତ୍ରାନ୍ଧତା ପାଇଁହିଁ ତାଙ୍କୁ କାବ୍ୟିକ ଭାଷାରେ ଅନ୍ଧ କୁହାଯାଇଛି । ଏ ସମ୍ବନ୍ଧରେ ବିଶଦ ଆଲୋଚନା ଅନ୍ୟତ୍ର କରାଯିବ ।)

ଇତି ତାନ୍ ପରିଭାଷାନ୍ ବୈ ବୈଶ୍ୟାପୁତ୍ରୋ ମହାମତିଃ ।
ଅପାୟାଚ୍ଛସ୍ତ୍ରମୁତ୍ସୃଜ୍ୟ କୋପଦୁଃଖସମନ୍ୱିତଃ ।

[(ରାଜାଧୃତରାଷ୍ଟ୍ରଙ୍କ) ବୈଶ୍ୟ ଜାତୀୟା ପତ୍ନୀର ପୁତ୍ର ମହାମତି (ଯୁଯୁତ୍ସୁ) କୋପ ଅଉ ଦୁଃଖରେ ଅଭିଭୂତ ହୋଇ (କୌରବ-ମାନଙ୍କ) ଉପରୋକ୍ତ କଥାମାନ କହି ଅସ୍ତ୍ର ତ୍ୟାଗ କରି ପଳାଇ ଆସିଲେ ।]

Digitized by srujanika@gmail.com

(ଏହି ମହାମତି ଯୁଯୁତ୍ସୁ ନ୍ୟାୟ ପ୍ରିୟ ଥିଲେ । ପାଣ୍ଡବମାନଙ୍କ ପ୍ରତି କୌରବମାନଙ୍କ ଅବିଚାର ଅତ୍ୟାଚାରର କଥାକୁ ସେ ଆଦୌ ସହ୍ୟକରି ପାରୁନଥିଲେ । ଏଥିପାଇଁ ସେ ପାଣ୍ଡବମାନଙ୍କ ପକ୍ଷାବଲମ୍ବନ କରିବାକୁ କୌରବମାନଙ୍କୁ ନାନା ସତ୍ ଉପଦେଶ ଦେଇ,ଉପଦେଶ ଚଳରେ ଭର୍ତ୍ସନା କରି ପଳାଇ ଆସିଲେ ।)

(ଅନେକେ କହନ୍ତି ଯୁଯୁତ୍ସୁ କରଣ ହୋଇଥିବାରୁ ଅର୍ଥାତ୍ ଜାରଜ ହୋଇଥିବାରୁ ସେ କୌରବମାନଙ୍କ ଦ୍ୱାରା ଯଥାର୍ଥ ସମ୍ମାନ ପାଉ ନଥିଲେ । ସେଥିପାଇଁ ସେ ଏପରି ଛଳନା କରି କୌରବ ମାନଙ୍କ ପକ୍ଷ ତ୍ୟାଗ କଲେ । କିନ୍ତୁ ଯୁଯୁତ୍ସୁ ଜାରଜ ? ତେବେ ଏ କୌରବମାନେ କିଏ ? ଧୃତରାଷ୍ଟ୍ରଙ୍କ ସନ୍ତାନ ତ । ଏ ଧୃତରାଷ୍ଟ୍ର କିଏ ଅମ୍ବିକାଙ୍କ ସନ୍ତାନ ତ । ଏହି ଅମ୍ବିକା ଆପଣାର ବିଧବା ଅବସ୍ଥାରେ ଧୃତରାଷ୍ଟ୍ରଙ୍କୁ ଜନ୍ମ ଦେଇଛନ୍ତି ବ୍ୟାସଦେବଙ୍କ ଦ୍ୱାରା ଗର୍ଭଧାରଣ କରି ଏ ବ୍ୟାସଦେବ କିଏ ? ଜାରଜ ନୁହନ୍ତି ? ଏହି ବ୍ୟାସଦେବ ସତ୍ୟବତୀଙ୍କ ସନ୍ତାନ ତ । ଏହି ସତ୍ୟବତୀ କିଏ ? ଧୀବର କନ୍ୟା । ଆଉ ଏହାଙ୍କ ପ୍ରତି ଅଜ୍ଞାନକୁଳଶୀଳ ପରାଶର ବଳାତ୍କାର କରିଥିଲେ ଏହି ବଳାତ୍କାରର ପରିଣାମ କୃଷ୍ଣ । ଏହି କୃଷ୍ଣଙ୍କୁ ଗର୍ଭରେ ଧାରଣ କରିବା ଦ୍ୱାରା ଅତି ଲଜ୍ଜାବଶତଃ ସତ୍ୟବତୀ ଗୋଟାଏ ଦ୍ୱୀପକୁ ପଳାଇଯାଇ ସେଠି ତାଙ୍କୁ ଜନ୍ମ ଦେଇଥିଲେ ବୋଲି ସେ ଦ୍ୱୈପାୟନ ଉପାଧି ଧାରଣ କଲେ, ଆଉ ବେଦକୁ ଭେଦ କରି ଯାଇଥିଲେ ବୋଲି ସେ ବେଦବ୍ୟାସ ନାମରେ ପ୍ରସିଦ୍ଧ ହେଲେ । ଏହି ପରାଶର, ବେଦବ୍ୟାସ, ଧୃତରାଷ୍ଟ୍ର, ଦୁର୍ଯ୍ୟୋଧନାଦି ଜାରଜ ? ଯଦି ଜାରଜ ତେବେ ଯୁଯୁତ୍ସୁ ବି ଜାରଜ ।, ଆଉ ଯଦି ଏମାନେ ଉଚ୍ଚ ତ ଯୁଯୁତ୍ସୁ ବି ପବିତ୍ର ଉଚ୍ଚ । ବ୍ୟାସଦେବ ଯୁଯୁତ୍ସୁଙ୍କୁ ଜାରଜ ବୋଲି ନ କହି,ଧର୍ମିଷ୍ଠ ବୋଲି କହୁଛନ୍ତି—

Digitized by srujanika@gmail.com

ଯଂ ଯୋଧୟନ୍ତୋ ରାଜାନୋ ନାଜୟନ୍ ବାରଣାବତଃ ।
ଷଣ୍ମାସାନପି ସଂରବ୍ଧା ଜଘାଂସନ୍ତୋ ଯୁଧାମ୍ପତମ୍ ।
ଧନୁଷ୍ମତାଂ ବରଂ ଶୂରଂ ସତ୍ୟସନ୍ଧଂ ମହାବଲମ୍ ।
ଦ୍ରୋଣାତ୍ କସ୍ତଂ ନରବ୍ୟାଘ୍ରଂ ଯୁଯୁତ୍ସୁଂ ପର୍ଯ୍ୟବାରୟତ୍ ॥

(ମହାଭାରତ)

(ବାରୁଣାବତରେ ସମସ୍ତ ରାଜା ଯାଙ୍କୁ ମାରିବାକୁ ଇଚ୍ଛା କରି ଛଅମାସ ପର୍ଯ୍ୟନ୍ତ ଯୁଦ୍ଧ କରି ବି ପାରିଲେ ନାହିଁ, ଯେ ବୀର ଶ୍ରେଷ୍ଠ, ଧନୁର୍ଦ୍ଧାରୀ ସତ୍ୟସନ୍ଧ ମହାବଳୀ ଯୁଯୁତ୍ସୁଙ୍କୁ ଦ୍ରୋଣଙ୍କ ପାଖକୁ ଯିବାକୁ କିଏ ବାଧା ଦେଇ ପାରିଲା ?)

ଅର୍ଥାତ୍ ଋଷି ବେଦବ୍ୟାସ କହିବାକୁ ଯାଉଛନ୍ତି; ଯେ ଯୁଯୁତ୍ସୁ ଧନୁର୍ଦ୍ଧାରୀ ବୀରମାନଙ୍କ ମଧ୍ୟରେ ଶ୍ରେଷ୍ଠ, ମହାବଳବାନ, ପୁଣି ସତ୍ୟବାଦୀ । ଏ ସମସ୍ତ ଜାରଜର ଲକ୍ଷଣ ବା କ୍ଷତ୍ରିୟର ଲକ୍ଷଣ ? ଅତଃ ଜାରଜ ବି ଯଦି କ୍ଷତ୍ରିୟର ଗୁଣରେ ଯୁକ୍ତ ହେଲା, ସେ କ୍ଷତ୍ରିୟ ହେବ, ବ୍ରାହ୍ମଣର ଗୁଣରେ ଯୁକ୍ତ ହେଲେ ବ୍ରାହ୍ମଣ ହେବ । ତେଣୁ ଯୁଯୁତ୍ସୁ କ୍ଷତ୍ରିୟ, ଅତଃ ଠିକ୍ ସେହିପରି ସତ୍ୟକାମ ବ୍ରାହ୍ମଣ ।)

(ଜାରଜ ଶବ୍ଦ 'ବିକୃତ ମନୋବୃତ୍ତି ନେଇ' ପ୍ରୟୋଗ ହୁଏ— ଜନ୍ମ ପାଇଁ ନୁହେଁ । ଯେ ଦୁର୍ଗୁଣୀ, ସେହି ଜାରଜ । ଅତଃ ଜାରଜ ହେବା ସତ୍ତ୍ୱେ ବି ସେ ଗୁଣୀ, ସେ ଉତ୍ତମ । ତା'ପରେ ପୁଣି, ସେତେବେଳେ ଜନ୍ମଗତ ଜାତିର ଭେଦ ନ ଥିଲା ବୋଲି, ଜାରଜ କହିଲେ ମନରେ କୌଣସି ବିକୃତ ବିଗ୍ରହ ଆସୁ ନ ଥିଲା । କର୍ମରୁ କେବଳ ବର୍ଣ୍ଣର ବ୍ୟବସ୍ଥା ହେଉଥିଲା—ଭେଦ ନୁହେଁ । ଅତଃ ଏଇ କର୍ମ ସମ୍ବନ୍ଧରେ ବିବେଚନା କରିବା ସହଜ କଥା ନୁହେଁ ବୋଲି ଗୀତା କହୁଛନ୍ତି—

Digitized by srujanika@gmail.com

ଗହନା କର୍ମଣୋ ଗତିଃ

ତତ୍ତ୍ୱଜ୍ଞାନ ପରି କର୍ମର ଗତି ମଧ୍ୟ ବଡ଼ ଗମ୍ଭୀର । ଅର୍ଥାତ୍ ଉପର-ଠାଉରିଆଭାବରେ କର୍ମକୁ ଲକ୍ଷ୍ୟ କରି କାହାରିକୁ ଉଚ୍ଚ ନୀଚ ବ୍ରାହ୍ମଣ ଶୂଦ୍ର ମନେ କରିବା ଅସଙ୍ଗତ । ଆପ୍ତପ୍ରମାଣକୁ ମାନି, ଋଷି ମୁନିଙ୍କ ଉପଦେଶକୁ ଗ୍ରହଣ କରି, ଶାସ୍ତ୍ରର ଇଙ୍ଗିତକୁ ଲକ୍ଷ୍ୟରେ ରଖି, ପୁଣି ବିଚାର କରି କେବଳ ବିଶ୍ୱାସ କରି ନୁହେ, ଅର୍ଥାତ୍ ବେଦ ପ୍ରମାଣ ଉପରେ ମଧ୍ୟ ନିର୍ଭର କରି ଜାତିର ବର୍ଣ୍ଣର ବ୍ୟବସ୍ଥା ହେବା ଉଚିତ । ଅନ୍ୟଥା ସମାଜ ଯେଉଁ ଗତିରେ ତଳକୁ ଖସୁଛି, ତା'ଠାରୁ ଅଧିକ ତୀବ୍ର ଗତିରେ ତଳକୁ ଖସିବ । ସମଗ୍ର ପୃଥିବୀରେ ଅନ୍ୟାନ୍ୟ ଜାତିର ସଂଖ୍ୟା ବଢ଼ିବା ବେଳକୁ ହିନ୍ଦୁଜାତିର ସଂଖ୍ୟା କମୁଛି । ଏ କଥା ସଦାସର୍ବଦା ସ୍ମରଣ ରଖିବାକୁ ହେବ ।

ଏଥିପାଇଁ ଋଷି ହରିଦ୍ରୁମତ ସତ୍ୟକାମକୁ କହି ପାରିଲେ—
"ଅବ୍ରାହ୍ମଣ ନହ ତୁମି ତାତ !

ତୁମି ଦ୍ୱିଜୋତ୍ତମ, ତୁମି ସତ୍ୟକୁଳଜାତ"—('ବ୍ରାହ୍ମଣ' (କବିତା-ରବୀନ୍ଦ୍ରନାଥ) କିଏ କହେ ସତ୍ୟକାମର କୁଳ ନାହିଁ ? ସତ୍ୟକାମର କୁଳ ଅଛି । ସେହି କୁଳଟି ସତ୍ୟ, 'ତୁମି ସତ୍ୟ କୁଳଜାତ' । ଯା'ର କୁଳ ସତ୍ୟ, ଯା'ର ବଂଶ ପରମ୍ପରା ସତ୍ୟ, ଯାର' ଭିତରେ ସତ୍ୟ ସର୍ବଦା ନିର୍ବିକାରଭାବରେ ବିରାଜମାନ, ଯା'ର ମାତା ସତ୍ୟର ଦେବୀ, ତାକୁ ଅଜ୍ଞାତକୁଳଶୀଳ ବୋଲି କହି ହେବ ? ସତ୍ୟ ଅର୍ଥାତ୍ ପ୍ରତ୍ୟକ୍ଷ, ଆଉ ଯେ ପ୍ରତ୍ୟକ୍ଷ, ସେ ଅଜ୍ଞାତ ହେବ କିପରି ? 'ଅସ୍' ଧାତୁରୁ ସତ୍ ଶବ୍ଦର ଉତ୍ପତ୍ତି । 'ଅସ୍' ଧାତୁର ଅର୍ଥ ଅସ୍ତିତ୍ୱ । ଅର୍ଥାତ୍ ଯା'ର ଅସ୍ତିତ୍ୱ ଅଛି, ସେ କେବଳ ସତ୍ୟ । ଅସ୍ତିତ୍ୱ ତ ସ୍ୱୀକାର ଅଛି, ସମସ୍ତେ ତ ସତ୍ୟ ନୁହନ୍ତି । ଉପନିଷଦ କାଳରେ ବି ତ ଅନେକ ଲୋକ ଥିଲେ, ବିଶେଷକରି ସତ୍ୟକାମର

Digitized by srujanika@gmail.com

ଉପାଖ୍ୟାନକୁ ଉପନିଷଦକାର ତାଙ୍କର ଶାସ୍ତ୍ରରେ ସ୍ଥାନ ଦେଲେ କାହିଁକି ? ଏ ସତ୍ୟକାମଙ୍କର ଅସ୍ତିତ୍ୱ ଥିବା ପକ୍ଷ ଅଛୁ—ସତ୍ୟକାମ ପ୍ରତିଷ୍ଠିତ ବ୍ୟକ୍ତି, ଯେହେତୁ ସେ ସତ୍ୟର ଅଶ୍ରୟୀ—ସତ୍ୟର କାମନାରେ ସେ ସବୁବେଳେ ପୂର୍ଣ୍ଣ—ସତ୍ୟର ଅନୁସନ୍ଧାନରେ ସେ ପାଗଳ, ତେଣୁ ସେ ସତ୍ୟକାମ । ଅତଏବ ସତ୍ୟ ଅର୍ଥ ପ୍ରତିଷ୍ଠା ।)

(ଏଇ ସତ୍‌ଶବ୍ଦରେ ଇନ୍ ପ୍ରତ୍ୟୟ ହୋଇ ସତୀ ଶବ୍ଦର ଉତ୍ପତ୍ତି । ସତ୍ ସଙ୍ଗରେ ପତିର ସମ୍ବନ୍ଧ ନାହିଁ, ଗୁଣର ସମ୍ବନ୍ଧ ବୋଲି, ପ୍ରତିଷ୍ଠାର ସମ୍ବନ୍ଧ ବୋଲି ଅହଲ୍ୟା, ଦ୍ରୌପଦୀ, ତାରା, କୁନ୍ତୀ ମନ୍ଦୋଦରୀ, ଏମାନେ ସତୀ, ଅତି ପତି ପାଇଁ ନୁହେଁ, ଗୁଣ ପାଇଁ ଏମାନେ ପ୍ରାତଃ ସ୍ମରଣୀୟା)—

ଅହଲ୍ୟା ଦ୍ରୌପଦୀ ତାରା କୁନ୍ତୀ ମନ୍ଦୋଦରୀ ତଥା
ପଞ୍ଚକନ୍ୟା ସ୍ମରେନ୍ନିତ୍ୟଂ ମହାପାତକ ନାଶନଂ ।

(ଅପାତ୍ରରେ ଦାନ କରିବା ,ଯାହା ଅବ୍ରାହ୍ମଣକୁ ବ୍ରାହ୍ମବିଦ୍ୟା ଦେବା ବି ସେଇଆ । ବ୍ରହ୍ମବିଦ୍ୟା ପ୍ରତି, ଗମ୍ଭୀର ତତ୍ତ୍ୱ ପ୍ରତି, ଗଭୀର ଚିନ୍ତା ପ୍ରତି, ଅଦୃଶ୍ୟମାନ ତତ୍ତ୍ୱ ବିଶେଷ ପ୍ରତି ଯା'ର ମନ ଆଗ୍ରହୀ ନୁହେଁ, ଯେ ଚଞ୍ଚଳମତିଃ ନାନାପ୍ରକାରର କୁତ୍ସିତ କଳୁଷିତ ବିଗ୍ରହରେ ଯା'ର ମନ ଦୂଷିତ, ଯା'ର ଚରିତ୍ର ଦୁଷ୍ଟ, ଫଳତଃ ଯା'ର ମନ ସଦାସର୍ବଦା ଉତ୍‌କ୍ଷିପ୍ତ, ଉତ୍ତେଜିତ, ବ୍ରହ୍ମବିଦ୍ୟାକୁ ଗ୍ରହଣ କରି ପାରିବା, ତାକୁ ଅନୁଭବ କରିପାରିବା, ତାକୁ ତାର ଯଥାର୍ଥ ସ୍ୱରୂପ ଦେବା, ତାକୁ ଯଥାର୍ଥ କାର୍ଯ୍ୟରେ ନିର୍ବିକାରରେ ନିର୍ଲୋଭତ୍ୱରେ ବିନିଯୋଗ କରି ପାରିବାର ଯା'ର ମନରେ ବଳ ନାହିଁ, ଯେ ବ୍ରହ୍ମ-ବିଦ୍ୟାକୁ ଭିତ୍ତିକରି ଜୀବିକା ଚଳାଇ ପାରେ—ବ୍ରହ୍ମବିଦ୍ୟାକୁ ବିକି କରିପାରେ, ତାକୁ ତ ବ୍ରହ୍ମବିଦ୍ୟା ଦାନ କରିବା ଯଥାର୍ଥ କଥା ହେବ ନାହିଁ—ତାକୁ ବୈଷୟିକ ଜ୍ଞାନ ଦିଆଯାଇ ପାରେ । ଏଥିପାଇଁ

Digitized by srujanika@gmail.com

ଏ ଗୂଢ଼ ତତ୍ତ୍ୱକୁ, ଗୁପ୍ତ ବିଦ୍ୟାକୁ ବ୍ରାହ୍ମଣ ବ୍ୟତୀତ ଅନ୍ୟ କାହାରିକୁ ଦେବା ଧର୍ମ ନ ଥିଲା ସେତେବେଳେ ଭାରତବର୍ଷରେ । ଏଥିପାଇଁ ତ ପ୍ରାଚୀନ ସମୟର ଆଚାର୍ଯ୍ୟମାନେ ଆଜିକାଲିର ଶିକ୍ଷକମାନଙ୍କ ପରି ବିଦ୍ୟାର ବ୍ୟବସାୟ କରୁ ନ ଥିଲେ ଆଉ ଏ ବ୍ୟବସାୟର 'ଅନୁଷ୍ଠାନ' ଭାବରେ ବିଶ୍ୱବିଦ୍ୟାଳୟ ନ ଥିଲା ଭାରତରେ—କୌଣସି ବ୍ୟକ୍ତି ବିଶେଷରେ, କୌଣସି ଅନୁଷ୍ଠାନ ବିଶେଷର କର୍ତ୍ତୃତ୍ୱ ନ ଥିଲା ସେତେବେଳେ ଆଚାର୍ଯ୍ୟଙ୍କ ଉପରେ— 'କୁଳ' ଉପରେ—କୌଣସି ରାଜା ମହାରାଜାଙ୍କର, କୌଣସି ମନ୍ତ୍ରୀ-ଉପମନ୍ତ୍ରୀଙ୍କର କୌଣସି ଅଧିକାର ନ ଥିଲା ଶିକ୍ଷାବିଭାଗ ଉପରେ ସେତେବେଳେ— ଆଚାର୍ଯ୍ୟମାନେ ନିଜେହିଁ ଥିଲେ ନିଜର କୁଳର ଅଧିକାରୀ—ପୂର୍ଣ୍ଣ ଅଧିକାରୀ । ଫଳତଃ ବିଦ୍ୟା ବାରବନିତାର ରୂପ ଧାରଣ କରି ସଙ୍କଟକୁ ଆହ୍ୱାନ କରି ଆଣି ନ ଥିଲା ଦେଶକୁ । ସେତେବେଳେ ବ୍ରହ୍ମଚାରୀମାନେ କହୁ ନ ଥିଲେ ଯେ ଇଂରେଜୀ ଭାଷାଟା ଜୀବନ୍ତ, ଭାଷା ଆଉ ସଂସ୍କୃତଟା ମୃତଭାଷା (**Dead Language**)କି ଭୟଙ୍କର ଧୃଷ୍ଟତା ! ଯେଉଁ ଭାଷାଠାରୁ ତମେ ଦୂର, ସେ ଭାଷା ସମ୍ବନ୍ଧରେ ଏପରି ମତାମତ ଦେବାର ତମର ଅଧିକାର ହେଲାଣି ?)

(ଯେଉଁଦିନଠୁ ଦେଶ ଏ ଭାଷାକୁ ଛାଡ଼ିଲା—ଏ ଦେଶର ଆତ୍ମାର ବିଗ୍ରହର ଶିକ୍ଷା ସଭ୍ୟତା ସଂସ୍କୃତିକୁ ଛାଡ଼ିଲା, ସେଇଦିନଠୁ ଦେଶ ପରର ପଦ ଲେହନ କରିବାରେ ଗୌରବ ବୋଧ କଲା । ଏଇ ପଦଲେହନ କରୁଥିବା ପର୍ଯ୍ୟନ୍ତ ଦେଶ ପରାଧୀନ । ଏବେ ବି ଦେଶ ପରାଧୀନ ।)

ଏଇ ସମସ୍ତ ବିଚାରର ସଂକ୍ଷିପ୍ତ ରୂପ ଋଷି ହାରିଦ୍ରୁମତଙ୍କ ନିର୍ମଳ ବିବେକ ବୁଦ୍ଧିରେ ଆଲୋଡ଼ନ ସୃଷ୍ଟି କରୁଛି । ଋଷି ବୁଝିଛନ୍ତି ଯେ, ସତ୍ୟକାମ ଅବ୍ରାହ୍ମଣ ନୁହେ—ସତ୍ୟକାମ ବ୍ରହ୍ମବିଦ୍ୟାର

Digitized by srujanika@gmail.com

ଉପଯୋଗୀ । ତେଣୁ ଋଷି ସତ୍ୟକାମର ଉପନୟନ ସଂସ୍କାର କରି ତାକୁ ସର୍ବପ୍ରଥମରେ କୁଳର କାର୍ଯ୍ୟରେ ନିଯୁକ୍ତ କଲେ । ବାଳକର ବିଦ୍ୟାଭିଳାଷର ଦୃଢ଼ତାର, ମାନସିକ ,ଶାରୀରିକ ଶକ୍ତିମତ୍ତାର ଯୋଗ୍ୟତାର, ଗୁରୁଭକ୍ତିର ତଥା ବ୍ରହ୍ମତେଜର ପରୀକ୍ଷା ପାଇଁ ଋଷି ଚୋଷ୍ଠରୁ କ୍ଷୀଣ,ଦୁର୍ବଳ ୪୦୦ ପର୍ଯ୍ୟନ୍ତ ଗୋରୁଙ୍କୁ ସତ୍ୟକାମର ତତ୍ତ୍ୱାବଧାନରେ ଦେଇ ଚରାଇବାକୁ ଆଦେଶ ଦେଲେ । (ସେତେବେଳେ ଗୁରୁକୁଳମାନଙ୍କରେ ଗୋରୁଗୁଡ଼ାକ ରହୁଥିଲା—ଏହାରି ଉପରେ ନିର୍ଭର କରି ଗୁରୁକୁଳଗୁଡ଼ାକ ଚଳୁଥିଲେ । ଏପରି ନାନା କିମ୍ବଦନ୍ତୀ ଶାସ୍ତ୍ର ପୁରାଣରେ ରହିଛି—ବଶିଷ୍ଠଙ୍କ କାମଧେନୁ ଏହାର ଏକ ଉଦାହରଣ । ଆଉ ଏ ଗୋରୁର ପରିଚାଳନାର ଭାର ନ୍ୟସ୍ତ ହୋଇଥିଲା କୁଳର ବ୍ରହ୍ମଚାରୀମାନଙ୍କ ଉପରେ । ଆଧୁନିକ ଫିସ୍ ପ୍ରଥାର ଏହା ଏକ ଅନ୍ୟ ରୂପ ବୋଲି ମନେ ହୁଏ । କାରଣ ଆର୍ଥିକ ବ୍ୟବସ୍ଥାରେ ସତର୍କ ନ ହେଲେ ଗୁରୁକୁଳ ଚଳି ପାରେ ନା । ଦ୍ୱିତୀୟତଃ, ଦୁଧ ସମସ୍ତ ଖାଦ୍ୟ ପଦାର୍ଥ ମଧ୍ୟରେ ଅତ୍ୟୁତ୍ତମ । ଆଉ ଦୁଧରୁ ଅଳ୍ପ ସମୟରେ ଅଳ୍ପ ଆୟାସରେ ଶରୀରରେ ମାନସିକ ଆଉ ଶାରୀରିକ ଶକ୍ତିର ସଞ୍ଚାର ସମ୍ଭବ ହୁଏ । ମସ୍ତିଷ୍କକୁ ଉର୍ବର ରଖିବାରେ ଦୁଧ ଏକ ଅମୂଲ୍ୟ କାରଣ । ଆଉ ଦୁଧ ସାତ୍ତ୍ୱିକ ଆହାର । ଏଥିପାଇଁ ବ୍ରହ୍ମଚାରୀ ତଥା ଆଚାର୍ଯ୍ୟଙ୍କ ପକ୍ଷରେ ଦୁଧର ଆବଶ୍ୟକତା ଅପରିହାର୍ଯ୍ୟ । ଏହାହିଁ କାରଣ ଯେ, ଗାଈକୁ ମାତା ସାଙ୍ଗରେ ସମାନ ଆସନରେ ରଖାଯାଇ ତା'ର ପୂଜା ସେବା କରାଯାଏ । ଆଉ ଏହାହିଁ କାରଣ ଯେ, ଭାରତବର୍ଷରେ ଗୋବଧ ମନୁଷ୍ୟ-ବଧ ଅପେକ୍ଷା ବଡ଼ ପାପ ,ଶାସ୍ତ୍ରର ବିଚାରରେ ।)

ସତ୍ୟକାମର ଆତ୍ମ-ବିଶ୍ୱାସର ଅଭାବ ନ ଥିଲା; ସେ ଯେ ବ୍ରାହ୍ମଣ । ଆଉ ଜବାଲା ସଦୃଶ ମାତାର ସେ ସନ୍ତାନ । ଅବ୍ରାହ୍ମଣ

Digitized by srujanika@gmail.com

ଲିଙ୍କନ୍ ଆଜି ଯେ ଏଡ଼େ ବଡ଼, ତା'ର ମୂଳରେ ରହିଛି ତାଙ୍କର ମାତାଙ୍କର ଯୋଗ୍ୟତା । ଗୋ ବ୍ରାହ୍ମଣ ପ୍ରତିପାଳକ ହିନ୍ଦୁରାଷ୍ଟ୍ର ସଂସ୍ଥାପକ ମହାବୀର ଛତ୍ରପତି ଶିବାଜୀ ଆଜି ଏତେ ବଡ଼ ଯେ ତା'ର କାରଣ, ତାଙ୍କର ମାତାଙ୍କର ଚରିତ୍ରର ପ୍ରତିଫଳନ ତାଙ୍କର ଚରିତ୍ର ଉପରେ । ଏପ୍ରକାର ମାତାର ଯେ ସନ୍ତାନ, ସେହି ସତ୍ୟକାମ ଗୋରୁଙ୍କୁ ଅରଣ୍ୟ ଅଡ଼କୁ ପ୍ରସ୍ଥାପିତ କରି କହିଲେ ଦୃଢ଼ ଅଥଚ ନମ୍ର କଣ୍ଠରେ—

"ନାସହସ୍ରେଣାଽଽବର୍ତ୍ତିଷ୍ୟେତ ।"

'ସହସ୍ର ଗୋରୁ ବିନା ମୁଁ ଫେରିବି ନାହିଁ ।' ଅର୍ଥାତ୍ ସହସ୍ର ଗୋରୁ ହେବା ପର୍ଯ୍ୟନ୍ତ ସତ୍ୟକାମଙ୍କୁ ଅପେକ୍ଷା କରିବାକୁ ହେବ, ବ୍ରହ୍ମବିଦ୍ୟା ପ୍ରାପ୍ତ ହେବାକୁ ନିଜକୁ ଶରୀରରେ ମନରେ ଯୋଗ୍ୟକରି ତୋଳିବାକୁ ହେବ, ଏ କାଳ ମଧ୍ୟରେ—ଏତିକି କାଳ ଅବଶ୍ୟକ ଏଥିପାଇଁ । ବ୍ରହ୍ମବିଦ୍ୟା ପାଇଁ କି କଠୋର ସାଧନା ଅବଶ୍ୟକ, ଜ୍ଞାନପାଇଁ କି କଠିନ ତ୍ୟାଗ ଅବଶ୍ୟକ ! କି କଠିନ ସଂଯମତା ଅବଶ୍ୟକ !

(ଏ ସାଧନାର ଅଭାବ ବ୍ରହ୍ମବିଦ୍ୟାର ପତନର କାରଣ । ସାଧନାର ଅଭାବରେ ମନ ଚଞ୍ଚଳ ହେବ । ମନ ଚଞ୍ଚଳ ହେଲେ ଚଞ୍ଚଳ ମନ ଏ ବିଦ୍ୟାକୁ ଧାରଣ କରି ପାରିବ ନାହିଁ । ସେଥିପାଇଁ କୁହାଯାଏ— ... ...'କ୍ଷୁରସ୍ୟ ଧାରା ନିଶିତା', 'ନିଶିତା' ଅର୍ଥାତ୍ ବ୍ରହ୍ମଜ୍ଞାନକୁ ଧାରଣ କରିବା ଅର୍ଥ ଛୁରୀର ଧାରରେ ଚାଲିବା ସଙ୍ଗେ ସମାନ—ସାବଧାନ ହୋଇ ଚାଲିବାକୁ ହେବ, କାରଣ ଏ ପଥ 'ଦୁରତ୍ୟୟ', ଅତି କଠିନ, ଆଜି 'ଦୁର୍ଗଂ' ଏ ପଥ ମଧ୍ୟକୁ ଯିବା ସହଜ ସାଧ୍ୟ ନୁହେ । ଚଞ୍ଚଳ ମନରେ ଚଞ୍ଚଳ ପାଦରେ ଏ ପଥ

Digitized by srujanika@gmail.com

ମଧ୍ୟରେ ପ୍ରବେଶ ନିଷିଦ୍ଧ—ପ୍ରବେଶ କଲେ ବ୍ରହ୍ମବିଦ୍ୟାର ପତନ ହେବା ସଙ୍ଗେ ସଙ୍ଗେ ନିଜର ବି ପତନ ହେବ । ଏହାର ଉଦାହରଣ ପ୍ରାଚୀନ କାଳରେ ରାବଣ, ଆଉ ଆଧୁନିକ କାଳରେ ମହାପଣ୍ଡିତ ରାହୁଲ ସାଂସ୍କୃତାୟନ । [ଏଠାରେ କେବଳ ରାହୁଲଙ୍କ ସମ୍ବନ୍ଧରେ କୁହାଯିବ—ରାବଣଙ୍କ ସମ୍ବନ୍ଧରେ ଆଗରୁ କୁହା ଯାଇଛି ।])

(ରାହୁଲ ସାଂସ୍କୃତାୟନ ଅବାଲ୍ୟରୁ କୁଶାଗ୍ରବୁଦ୍ଧି, ମେଧାବୀ, ତେଜସ୍ୱୀ, ବିଦ୍ୟାଗ୍ରାହୀ, ବିନୟୀ, ରୂପବାନ୍ ତଥା ବଳିଷ୍ଠ; ଅଥଚ ତାଙ୍କର ଏ ସମସ୍ତ ସଦ୍‌ଗୁଣ ସତ୍ତ୍ୱେ ବି ସେ ଅବାଲ୍ୟରୁ ଚଞ୍ଚଳ ମତି, ଅସ୍ଥିରମନା, ବିକ୍ଷିପ୍ତଚିତ୍ତ । ସାଂସାରିକତା ତାଙ୍କର ଚରିତ୍ରର ବୈପ୍ଳବିକ ଗୁଣ । ଫଳତଃ ଅବାଲ୍ୟରୁ ତାଙ୍କର ସ୍ୱଭାବରେ ବୈରାଗ୍ୟର ଆଭାସ ପ୍ରକାଶ ପାଉଥିଲା । କିନ୍ତୁ ଏଇ ବୈରାଗ୍ୟ ପୂର୍ଣ୍ଣତଃ ବିତୃଷ୍ଣା ଉପରେ ନିର୍ଭର କରୁ ନ ଥିଲା—ଅଧିକାଂଶତଃ ଚଞ୍ଚଳତା ଉପରେ ପ୍ରତିଷ୍ଠିତ ହୋଇଥିଲା । ତାଙ୍କର ପରବର୍ତ୍ତୀ ଜୀବନ କାଳରେ ଏହାର ସୂଚନା ମିଳେ ।)

('ହଠାତ୍ ଦିନେ ଘର ଛାଡ଼ି ସେ ପଳାଇ ଆସିଲେ କଲିକତାକୁ । କଲିକତାରେ ଜଣେ ବଙ୍ଗାଳୀ ଭଦ୍ରଲୋକଙ୍କ ଘରେ ରହିଲେ । ଏହାଙ୍କର ତୀକ୍ଷ୍ଣ ବୁଦ୍ଧି, ତେଜ, ଚରିତ୍ରରେ ଅତିଶୟ ମୁଗ୍ଧ ହୋଇ ବଙ୍ଗାଳୀ ମହାଶୟ ନିଜର ପୁଅ ଭଳି ରାହୁଲଙ୍କୁ ପାଳନ କଲେ; ତାଙ୍କର ଖାଇବା ପିନ୍ଧିବା ଅଧ୍ୟୟନ କରିବା ଆଦିର ସମସ୍ତ ବ୍ୟୟ ସେ ବହନ କଲେ । ଅଳ୍ପକାଳ ଏଠି ରହିଛନ୍ତି, ହଠାତ୍ ଦିନେ ସେ ସେଇ ପରିବାରକୁ ତ୍ୟାଗ କରି, ତାଙ୍କର ଧର୍ମପିତାଙ୍କୁ ତ୍ୟାଗ କରି କାଶୀ ପଳାଇ ଗଲେ । କାଶୀରେ ଗୋଟାଏ ସଂସ୍କୃତ ପାଠଶାଳାରେ ପଢ଼ିଲେ । ସେଠାରେ ତାଙ୍କର ମେଧା, ବୁଦ୍ଧି

Digitized by srujanika@gmail.com

ବିଦ୍ୱତ୍ତା ଏପରି ବ୍ୟାପକଭାବରେ ପ୍ରଶଂସା ପାଇବାକୁ ଲାଗିଲା ଯେ 'ପରସା'ର ମହନ୍ତ ଏହାଙ୍କ ପ୍ରତି ମୁଗ୍ଧ ହୋଇ ପଡ଼ିଲେ, ଆଉ ରାହୁଲଙ୍କୁ ନିଜ ଗାଁକୁ ନେଇ ଆସିଲେ । ଆଉ ତାଙ୍କର ଅଧ୍ୟୟନର ସମସ୍ତ ବ୍ୟବସ୍ଥା କରିଦେଲେ—ନିଜେ ବି ଖୁବ୍ ପଢ଼ାଇଲେ । ଏଠାରେ ମଧ୍ୟ ରାହୁଲ ବେଶି ସମୟ ରହି ପାରିଲେ ନାହିଁ । ସୁବିଧା ଦେଖି ପୁଣି ପଳାଇ ଆସିଲେ କାଶୀକୁ । କାଶୀରେ ଗୋଟିଏ ମଠରେ ରହିଲେ । ଏହିଠାରେ ଜଣେ ସାଧୁ ଉର୍ଦ୍ଦୁରେ ଲିଖିତ 'ସତ୍ୟାର୍ଥ ପ୍ରକାଶ' ଲୁଚାଇ ଅଧ୍ୟୟନ କରୁଥିଲେ । ଲୁଚାଇ ଅଧ୍ୟୟନ କରିବାର କାରଣ, 'ସତ୍ୟାର୍ଥ ପ୍ରକାଶ' ପୌରାଣିକ ମତବାଦକୁ ଖଣ୍ଡନ କରି ବୈଦିକ ମତକୁ ସମର୍ଥନ କରିଛି, ସିଦ୍ଧ କରିଛି । ଆଉ ଏ ସାଧୁ ପୌରାଣିକ ମତବାଦର ସାଧୁ । 'ସତ୍ୟାର୍ଥ ପ୍ରକାଶ' ପଢ଼ିଲେ ଲୋକେ ମନରେ ପରିବର୍ତ୍ତନ ଆସିଯିବ ବୋଲି ପୌରାଣିକ ପଣ୍ଡିତ, ସାଧୁମାନେ ଏ ଗ୍ରନ୍ଥର ବିରୋଧ କରନ୍ତି । ଆଉ ଏ ସାଧୁ ଯେତେବେଳେ ପୌରାଣିକ ସାଧୁ, ତାଙ୍କ ପକ୍ଷରେ ଏପରି ଗ୍ରନ୍ଥ ଅଧ୍ୟୟନ କରିବା ଅସଙ୍ଗତ ହେବ ଭାବି ସେ ଲୁଚାଇ ଏ ଗ୍ରନ୍ଥ ପଢ଼ୁଥିଲେ । ଏପରି ଲୁଚାଇ ପଢ଼ୁଥିବାର ଦେଖି ରାହୁଲଙ୍କ ମନରେ ବି ଏ ଗ୍ରନ୍ଥ ପଢ଼ିବାକୁ କୁତୂହଳତା ଜାଗ୍ରତ ହେଲା—ଗୁପ୍ତ ବସ୍ତୁ ମନୁଷ୍ୟର ମନକୁ ବେଶୀ ଟାଣେ । ରାହୁଲ ମନୋଯୋଗର ସହିତ 'ସତ୍ୟାର୍ଥ ପ୍ରକାଶ' ପଢ଼ିଲେ—ତାଙ୍କର ମନରେ ବିପ୍ଳବର ପରିବର୍ତ୍ତନ ହେବାକୁ ଲାଗିଲା । ଆଉ ଶେଷରେ ତାଙ୍କର ମନ ସମ୍ପୂର୍ଣ୍ଣ ବଦଳି ଗଲା । ବୈଦିକ ସାହିତ୍ୟ ଆହୁରି ଅଧ୍ୟୟନ କରିବାକୁ ସେ ଉତ୍କଣ୍ଠିତ ହୋଇ ଉଠିଲେ । ଏ ଉତ୍କଣ୍ଠା ତାଙ୍କୁ କାଶୀର ନାଗରୀ-ପ୍ରଚାରିଣୀ-ସଭାର ବାଚନାଳୟକୁ ଯିବାକୁ ପ୍ରେରଣା ଦେଲା । ସେ ସେଠାକୁ ଯାଇ ଆର୍ଯ୍ୟମିତ୍ର ପତ୍ରିକା ପଢ଼ିଲେ, ଫଳରେ 'ବୈଦିକ-ଧର୍ମ ପ୍ରତି

Digitized by srujanika@gmail.com

ତାଙ୍କର ଅଗ୍ରହ ଦନକୁ ଧନ ବଢ଼ିଲା ! ଏଇ ବାଚନାଳୟରେ ସେ ଅଜମେର୍‌ର ଆର୍ଯ୍ୟ ମୁସାଫିର ବିଦ୍ୟାଳୟର ପଣ୍ଡିତଙ୍କ ଅଜ ଠିକଣା ପାଇଲେ । ଏଠାରୁ ଆସି ସେ ବୈଦିକ ଧର୍ମରେ ଦୀକ୍ଷିତ ହେଲେ । ୧୫ ବର୍ଷ ପର୍ଯ୍ୟନ୍ତ ନାନା ପ୍ରକାର କଷ୍ଟ ସହ୍ୟ କରି ସେ ବୈଦିକ ଧର୍ମର ପ୍ରଚାର କଲେ । ଏତେବେଳେ ତାଙ୍କର ଜୀବନଯାତ୍ରା ସମ୍ପୂର୍ଣ୍ଣ ନିରାଡ଼ମ୍ବର, ଆଦର୍ଶ, ଶାନ୍ତ ନିର୍ବିକାର ଥିଲା । ସମ୍ପୂର୍ଣ୍ଣ ସାଂସ୍କୃତିକ ଏତେବେଳେ ମିଷ୍ଟଭାଷୀ, ସରଳ ପ୍ରକୃତିର ବ୍ୟକ୍ତି ଥିଲେ । ଏତେବେଳେ ତାଙ୍କର ନାମ ଥିଲା ପଣ୍ଡିତ କେଦାରନାଥ । ଏଇ ପଣ୍ଡିତ କେଦାର ନାଥ ହେବା ପୂର୍ବରୁ ସେ ଥିଲେ ପୌରାଣିକ ସନ୍ନ୍ୟାସୀ—ବୈଷ୍ଣବ ସାଧୁ । ସେତେବେଳେ ତାଙ୍କର ନାମ ଥିଲା ଦାମୋଦର ଦାସ । 'ପରସା'ର ମହନ୍ତଙ୍କ ପରେ ସେ ପରସା ମଠର ଉତ୍ତରାଧିକାରୀ ହେବାର ଥିଲା । କିନ୍ତୁ ଏ ବୈରାଗୀ ସାଧୁ ସେ ଲୋଭକୁ ତ୍ୟାଗ କରି ବୈଦିକ-ଧର୍ମର ପ୍ରଚାର ପାଇଁ ପଳାଇ ଆସିଥିଲେ । ଅଧ୍ୟୟନ ଥିଲା ତାଙ୍କର ବ୍ୟସନ; ଏହା ମଧ୍ୟ ଗୋଟାଏ କାରଣ ଯେ, ସେ ସ୍ଥାନ ପରିବର୍ତ୍ତନ କରୁଥିଲେ । କିନ୍ତୁ କୌଣସି ଏକ ଅଧ୍ୟୟନରେ ତାଙ୍କର ମନ ସ୍ଥିର ହୋଇ ରହୁ ନ ଥିଲା । ଫଳତଃ ତାଙ୍କର ଜଣେ ଗୁରୁଭାଇଙ୍କୁ ସେ ପରସା ମଠର ଅଧିକାର ଦେଇ ସେ ପ୍ରାଚୀନ ଆର୍ଯ୍ୟ ଧର୍ମର ବାଣୀ ଜଗତକୁ ଶୁଣାଇବାକୁ ପଳାଇ ଆସିଲେ ।)

(ତାପରେ ସେ ଲଙ୍କାର 'କଲ୍ୟାଣ' ବିଶ୍ୱବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ଭାବରେ ଲଙ୍କାକୁ ଆସିଲେ । ଏଠାରେ ସେ ବୌଦ୍ଧଧର୍ମ ଗ୍ରନ୍ଥ ଅଧ୍ୟୟନ କଲେ । ଏ ଗ୍ରନ୍ଥ ଅଧ୍ୟୟନ କରିବା ଫଳରେ ତାଙ୍କ ମନରେ ପୁନଃ ପରିବର୍ତ୍ତନ ଆରମ୍ଭ ହେଲା ।)

କ୍ଷୁରସ୍ୟ ଧାରା ନିଶିତା ଦୁରତ୍ୟୟା ଦୁର୍ଗଂ·········

Digitized by srujanika@gmail.com

(ଜ୍ଞାନର ମାର୍ଗ, ଅଧ୍ୟୟନର ମାର୍ଗ, ଚିନ୍ତା କରିବାର ମାର୍ଗ, ବ୍ରହ୍ମଜ୍ଞାନର ମାର୍ଗ, କ୍ଷୁରଧାରର ମାର୍ଗ ପରି ତୀକ୍ଷ୍ଣ, ବିପଦସଙ୍କୁଳ, ପଦେ ପଦେ ପତନର ସମ୍ଭାବନା ରହିଛି ଏ ପଥରେ । ତେଣୁ ଏ ପଥ ଦୁରତ୍ୟୟା ଦୁର୍ଗଂ, ଏ ପଥ ମଧ୍ୟକୁ ପ୍ରବେଶ କରିବା କଷ୍ଟସାଧ୍ୟ । ଏପରି ପଥରେ ଚାଲିବାବେଳେ ଚଞ୍ଚଳ ହେଲେ ଚଳିବ ?—ଚଞ୍ଚଳ ହେଲେ କ୍ଷୁରର ଦାଢ଼ରେ କଟି ଯିବ ନାହିଁ ? ମହାପଣ୍ଡିତ ରାହୁଲ ସାଂସ୍କୃତାୟନ ଏ ପଥରେ ଯାଇ ଚଞ୍ଚଳ ହେଲେ—ବୌଦ୍ଧମତବାଦ୍ ପ୍ରତି ଅକସ୍ମାତ୍ ଅସ୍ୱାଭାବିକଭାବରେ ଆକୃଷ୍ଟ ହେଲେ । ଏ ଗୋଟାଏ ନାସ୍ତିକ ମତବାଦ । ବୁଦ୍ଧ କଣ ଥିଲେ, ତାଙ୍କର କାଳୀନ ତାଙ୍କର ଅନୁଯାୟୀମାନେ କଣ ଥିଲେ, ସେ କଥା ତ କାଳ ଗର୍ଭରେ ଲୀନ । କିନ୍ତୁ ପୂର୍ବର ସେ ବୌଦ୍ଧ ମତବାଦ, ବା ତାର ଅନୁଯାୟୀମାନେ ବର୍ତ୍ତମାନ ମଧ୍ୟ ଠିକ୍ ସେହିପରି ଅଛି ବା ଅଛନ୍ତି ବୋଲି କହିବାର ବଳ ଆମର ନାହିଁ ।

ଅସତାଂ ସଙ୍ଗଦୋଷେଣ ସାଧବୋ ଯାନ୍ତି ବିକ୍ରିୟାମ୍ ।—

ଫଳତଃ ପଣ୍ଡିତ କେଦାରନାଥଙ୍କ ଖାଦ୍ୟପେୟ ଆଚାର ବ୍ୟବହାର କଥାବାର୍ତ୍ତାରେ ଶନୈଃ ଶନୈଃ ଘୋର ପରିବର୍ତ୍ତନ ହେବାକୁ ଲାଗିଲା । ଖାଦ୍ୟ—ଅଖାଦ୍ୟର ବିଚାର ଭେଦକୁ ମଧ୍ୟ ସେ ସେ ଭୁଲି ଗଲେ । ତାଙ୍କର ଶିଷ୍ୟମାନେ ଆପତ୍ତି କରିବାରୁ ଉତ୍ତର ଦେଲେ—'ବୌଦ୍ଧ ଭିକ୍ଷୁକେ ଝୋଲି ମେଁ ଯୋ ଯୋ କୁଛ୍ ଡାଲ୍ ଦେତା ହୈ ବହ ସ୍ୱାହା ହୋ ଜାତା ହୈ ।' ନାସ୍ତିକତା ତାଙ୍କର ସମସ୍ତ ମସ୍ତିଷ୍କକୁ ଆଚ୍ଛନ୍ନ କରି ତୋଳିଲା । ପରମ ଆସ୍ତିକ ପଣ୍ଡିତ କେଦାରନାଥ ପରମ ନାସ୍ତିକ ହୋଇ ପଣ୍ଡିତ ରାହୁଲ ସାଂସ୍କୃତାୟନ ନାମରେ ପରିଚିତ ହେଲେ । ଈଶ୍ୱର ବୋଲି କୌଣସି ଗୋଟାଏ ପ୍ରଚଣ୍ଡ ବିରାଟ ଶକ୍ତି ଅଛି, ଆମର ଦୋଷର ସେ ଦଣ୍ଡର ବ୍ୟବସ୍ଥା

Digitized by srujanika@gmail.com

କରୁଛି, ଏ କଥା ଭୁଲି ଗଲେ ମନୁଷ୍ୟ ଧର୍ମଅଧର୍ମ କର୍ମଅକର୍ମ ନିର୍ବିଚାରରେ ସେ ଯେ କୌଣସି କର୍ମରେ ଲିପ୍ତ ହୋଇ ପାରେ । ସାଙ୍କୃତ୍ୟାୟନ ଥରେ ନୁହେଁ, ଦୁଇଥର ନୁହେଁ, ତିନିଥର ବିବାହ କଲେ । ସିଗାରେଟ୍ ଏତେ ଖାଇଲେ ଯେ ତାଙ୍କର ହାତ ଓ ଓଠ କଳା ପଡ଼ିଗଲା । ଭୋଗ, ଅସ୍ୱାଭାବିକ ଭୋଗ, ଅତି ଖାଦ୍ୟରେ ସ୍ୱାସ୍ଥ୍ୟ-ବିଧିର ଲଙ୍ଘନ ଫଳରେ ସେ ବାରମ୍ବାର ରୁଗ୍ଣ ହେବାକୁ ଲାଗିଲେ । ରୁଷିଆ ଗଲେ ଚିକିତ୍ସା ପାଇଁ—ଭଲ ହେଲେ, ପୁଣି ରୁଗ୍ଣ ହେଲେ । ତାଙ୍କର ନାସ୍ତିକତାର କାରଣରୁ ସେ ରୁଷିଆର ରାଜନୀତିକ ମତବାଦ ପ୍ରତି ଆକୃଷ୍ଟ ହେଲେ । ଏପରିକି ସେ ଶିକ୍ଷା ସଭ୍ୟତା ଆଉ ସଂସ୍କୃତି ପ୍ରତି ମଧ୍ୟ ମୁଗ୍ଧ ହେଲେ , 'ଭଲଗାରୁ ଗଂଗା' ତାର ଉଦାହରଣ । ଗଙ୍ଗାକୁ ଯେପରି ଭାରତରେ ପବିତ୍ର ବୋଲି ଗ୍ରହଣ କରାଯାଏ, ଭଲଗାକୁ ସେପରି ରୁଷିଆରେ ମାନନ୍ତି । ରାହୁଲ ତାଙ୍କର ଏହି ପୁସ୍ତକରେ କହିଲେ, ଆମର ସଭ୍ୟତାର ମୂଳ ଗଙ୍ଗା ନୁହେଁ—ଭଲଗା । ପୁଣି ଏପରି କେତେ ଖଣ୍ଡ ପୁସ୍ତକ ଲେଖିଲେ, ଯା ଆମର ଶିକ୍ଷା ସଭ୍ୟତା ସଂସ୍କୃତିର ସମ୍ପୂର୍ଣ୍ଣ ବିରୋଧୀ । ଦେଶରେ ଅଳ୍ପ ବୁଦ୍ଧି କୌଣସି ଯୁବକ ଯୁବତୀର ହାତରେ ପଡ଼ିଲେ ସେ ଦେଶ ପ୍ରତି ବିଦ୍ରୋହୀ ହେବାର ସମ୍ଭାବନା ମଧ୍ୟ ରହିଛି । ଏ ଜଣେ ସନ୍ନ୍ୟାସୀ ହୋଇ ମଧ୍ୟ ରାଜନୀତିରେ, ପ୍ରତ୍ୟକ୍ଷ ରାଜନୀତିରେ ଅଂଶ ଗ୍ରହଣ କଲେ—କମ୍ୟୁନିଷ୍ଟ ଦଳର ସଭ୍ୟ ହେଲେ । ଏହା ସତ୍ତ୍ୱେ ମଧ୍ୟ ଏ ମହାନ୍ ବିଦ୍ୱାନ ନିଜର ଦୁର୍ବଳତାକୁ ସ୍ୱୀକାର କରୁଥିଲେ । ଅନୁଶୋଚନା କରୁଥିଲେ, ଶିଷ୍ୟମାନଙ୍କର ଆକ୍ଷେପର ଉତ୍ତର ଦେଉଥିଲେ—

"ମୈଁ ପଥଭ୍ରଷ୍ଟ ହୋ ଗୟା ହୁଁ—ଲାଚାର ହୁଁ—ତୁମ୍ ଅପନେ କର୍ତ୍ତବ୍ୟ କେ ପଥ୍ ସେ ବିଚଲିତ ନ ହୋ ।"

Digitized by srujanika@gmail.com

('ଏ ମହାପଣ୍ଡିତ ବହୁ ଭାଷାବିତ୍; ୩୬ ଟି ଭାଷା ଜାଣିଥିଲେ ଫ୍ରେଞ୍ଚ ଅଉ ଲାଟୀନ ତନ୍ମଧ୍ୟରୁ ଦୁଇଟି । ସେ ୧୯୦ ଟି ବିଷୟରେ ଅନେକ ଗ୍ରନ୍ଥ ଲେଖିଛନ୍ତି । ପ୍ରାଚୀନ ଭାଷା ଅଉ ସାହିତ୍ୟରେ ବେଶ ଗଭୀର ଗବେଷଣା କରୁଥିଲେ । ତିବ୍ବତରୁ ପାଲି ଅଉ ସଂସ୍କୃତ ଭାଷାରେ ପ୍ରାୟ ୭୦୦ ପର୍ଯ୍ୟନ୍ତ ପୁସ୍ତକ ସଂଗ୍ରହ କରି ଆଣିଥିଲେ । କିନ୍ତୁ କଣ ହେବ ? !—

ଅସ୍ମିନ୍ସେବ୍ରଭତ୍ତ୍ୱ ନାମ ହସ୍ତିସ୍ନାନମିବକ୍ରିୟା ।

ଶେଷରେ ତାଙ୍କର ଜ୍ଞାନର ଦୁରୁପଯୋଗର ଦୁଷ୍ପରିଣାମ ତାଙ୍କୁ ଭୋଗିବାକୁ ପଡ଼ିଲା । ମିଥ୍ୟା ଆହାର ବିହାର ଫଳରେ ମଧୁମେହ ରୋଗରେ ସେ ପୀଡ଼ିତ ହେଲେ । ତାଙ୍କର ମସ୍ତିଷ୍କରେ ଏପରି ରୋଗ ହେଲା ଯେ ସେ କାହାରିକୁ ଚିହ୍ନି ପାରିଲେ ନାହିଁ, ସମସ୍ତ ବିଦ୍ୟା ଭୁଲିଗଲେ, ଭାଷା ଭୁଲି ଗଲେ, ଶେଷରେ ଅସହାୟଭାବରେ ସଂସାର ତ୍ୟାଗ କଲେ ଠିକ୍ ରାବଣ ପରି । କଣ ନ ଥିଲା ରାବଣଙ୍କର ?—ସାଂସ୍କୃତାୟନଙ୍କର ? ବେଦବିଦ୍ୟା ଜାଣିବା ପରେ ମଧ୍ୟ ସେଠୁ ଫେରିବା ଅତି ଦୁର୍ଯୋଗର କଥା । ଅଉ ଚଞ୍ଚଳତା କି ଆବଶ୍ୟକ ଶବ୍ଦ ଜ୍ଞାନର, ଏ କଥା ଏଥିରୁ ଅନୁମେୟ ।

ସେଥିପାଇଁ ପ୍ରାଚୀନ ମନୀଷୀମାନେ କହୁଥିଲେ—

କ୍ଷୁରସ୍ୟ ଧାରା ନିଶିତା ଦୁରତ୍ୟୟା ଦୁର୍ଗଂ ପଥସ୍ତତ୍ କବୟୋ ବଦନ୍ତି । (କଂ) କବୟୋ ବଦନ୍ତି, କବିମାନେ କହନ୍ତି, 'କବୟଃ କାନ୍ତଦର୍ଶିନଃ' ଯେଉଁ କବିମାନେ, ସେହି କବିମାନେ କହନ୍ତି ଯେ ବ୍ରହ୍ମଜ୍ଞାନର ପଥରେ ଯିବା! ସାଧନାର କଥା-ଏହା ସୌଖୀନ କଥା ନୁହେ ।

Digitized by srujanika@gmail.com

(ଆମର ଏହି ସନ୍ଦର୍ଭର ଲେଖକ ସତ୍ୟକାମଙ୍କୁ ଆମେ ଶ୍ରବଣ ଆଜି ସାଂସ୍କୃତାୟନଙ୍କର ଊର୍ଦ୍ଧ୍ୱରେ ଦେଖୁଛୁଁ । ଏପରି ମାନବ ବ୍ରହ୍ମବିଦ୍ୟା ପ୍ରାପ୍ତ ହେବାର ଅଯୋଗ୍ୟ ? ଋଷି ହରିଦ୍ରୁମତ ଏ ପ୍ରଶ୍ନର ଉତ୍ତର ଦେଲେ ସତ୍ୟକାମଙ୍କୁ ଉପନୀତ କରି ।)

ଦ୍ୱିତୀୟତଃ, ଗୁରୁକୁଳକୁ ପରିପୂର୍ଣ୍ଣତଃ ଆପଣାର ପରିଶ୍ରମରେ ସାହାଯ୍ୟ କରିବାକୁ ହେବ—ତାର ଆର୍ଥିକ ବଳକୁ ବଢ଼ାଇବାକୁ ହେବ । ନିଜକୁ ଏଥିପାଇଁ ଯୋଗ୍ୟ କରି ତୋଳିବାକୁ ହେବ । ନ ହେଲେ ଗୁରୁକୁଳ ଯେ ଅନ୍ୟର ଦାନ ଉପରେ ନିର୍ଭର କରିବ । ଆଜି ଯେ ଦାନ କରିବ, ସେ ଏହାକୁ ନିଜର ଅଭିରୁଚି ଅନୁସାରେ ଚଳାଇବାକୁ ଇଚ୍ଛା କରିବ; ଏ କଥା ଗୁରୁକୁଳ ପକ୍ଷରେ ଶ୍ରେୟ ନୁହେ । ଗୁରୁକୁଳ ସ୍ୱାଧୀନ-ସ୍ୱତନ୍ତ୍ର । ଗୁରୁକୁଳ ପରମ ବିଦ୍ୟାର ପବିତ୍ର ପୀଠ । ତାକୁ ଅସମ୍ମାନିତ ହେବାକୁ ଦେବା ଅର୍ଥ ବିଦ୍ୟାର ଅବମାନନା କରିବା । ଆଜି ବିଦ୍ୟାର ଅବମାନନା ହେବା ଅର୍ଥ ଦେଶ ଶୃଙ୍ଖଳାବିଚ୍ଛିନ୍ନ ହେବା; ଫଳତଃ ଦେଶର ପତନ ହେବା । ନିଜର କର୍ମକୁଶଳତାର ଦୌର୍ବଲ୍ୟର କାରଣରୁ, ଅଯୋଗ୍ୟତାର କାରଣରୁ ଦେଶ ପତନର କାରଣ ହେବା ଅନୁଚିତ, ଏ କଥା ଭାବି ସତ୍ୟକାମ ସହସ୍ର ଗୋରୁ ନ ହେବା ପର୍ଯ୍ୟନ୍ତ ଗୁରୁକୁଳକୁ ନ ଫେରିବାକୁ ସଂକଳ୍ପ କଲେ ।

ସ ହ ବର୍ଷଗଣଂ ପ୍ରୋବାସ, ତା‌ଯଦା ସହସ୍ରଂ ସମ୍ପେଦୁଃ ।

(ସତ୍ୟକାମ ଅନେକ ବର୍ଷ ଅରଣ୍ୟରେ ରହିଲେ । ଗୋରୁ ସହସ୍ର ସଂଖ୍ୟାରେ ଯେତେବେଳେ ବଢ଼ିଲେ)

ଅଥ ହୈନମୃଷଭୋଽଭ୍ୟୁବାଦ...ପ୍ରାପ୍ତାଃ ସୌମ୍ୟ । ସହସ୍ରଂ ସ୍ମଃ ପ୍ରାପୟ ନ ଆଚାର୍ଯ୍ୟକୁଳମ୍ ।

Digitized by srujanika@gmail.com

'ଋଷଭ (ବଳୀବର୍ଦ୍ଧ) ଅର୍ଥାତ୍ ଗୋରୁ କହୁଛନ୍ତି—ହେ ସୌମ୍ୟ ସତ୍ୟକାମ ! ଆମେ ସହସ୍ର ସଂଖ୍ୟାରେ ବଢ଼ିଲୁଁ—ଆମକୁ ଆଚାର୍ଯ୍ୟ କୁଳକୁ ନେଇଯାଅ ।' ଯେ' ପ୍ରତିଜ୍ଞା, ସଙ୍କଳ୍ପ ମନରେ ଧରି ସତ୍ୟକାମ ଗୋଷ୍ଠରୁ କ୍ଷୀଣ ଦୁର୍ବଳ ଗୋରୁ ନେଇ ଆସିଥିଲେ, ତା' ଆଜି ପୂର୍ଣ୍ଣ ହେଲା; ଗୋରୁ ସହସ୍ର ସଂଖ୍ୟାରେ ବଢ଼ିଲେ । ଗୁରୁଙ୍କୁ ଆର୍ଥିକ ସାହାଯ୍ୟ ଦେବାରେ ସତ୍ୟକାମର ଯୋଗ୍ୟତା ପ୍ରମାଣିତ ହେଲା । ବର୍ତ୍ତମାନ ଗୋରୁଙ୍କୁ ନେଇ କୁଳକୁ ଫେରିଯିବା କଥା; ଏ କଥା ଗୋରୁମାନେ ନିଜେ ସତ୍ୟକାମକୁ ଜଣାଇ ଦେଉଛନ୍ତି ଅର୍ଥାତ୍ ସେମାନେ ସହସ୍ର ସଂଖ୍ୟାରେ ବଢ଼ିବା ଅର୍ଥ ସେମାନେ ସତ୍ୟକାମକୁ ଜଣାଇ ଦେବା ଯେ ସତ୍ୟକାମର ସଙ୍କଳ୍ପ ପୂର୍ଣ୍ଣ ହେଲା । ଅର୍ଥାତ୍ ସେ ସେମାନଙ୍କୁ ନେଇ ଗୁରୁକୁଳକୁ ଫେରିଯିବା କଥା । କିନ୍ତୁ କେବଳ ଏତିକି ଯୋଗ୍ୟତା କି ଯଥେଷ୍ଟ ବ୍ରହ୍ମବିଦ୍ୟା ପ୍ରାପ୍ତ ହେବାକୁ ? ନା, ନୁହେଁ, ଏଥିରୁ ଅଧିକ ନିଜକୁ ଯୋଗ୍ୟ କରି ତୋଳିବାକୁ ହେବ । ବ୍ରହ୍ମବିଦ୍ୟା ପ୍ରାପ୍ତ ହେବାକୁ ନିଜର ମନ୍ତ୍ରର କ୍ଷେତ୍ର ପ୍ରସ୍ତୁତ କରିବାକୁ ହେବ । ଅତଏବ ଜଗତର ଯେ ପଦାର୍ଥ ସମ୍ବନ୍ଧରେ ଚିନ୍ତା କରି ପ୍ରଥମରେ ନିଜର ମନକୁ ଈଶ୍ୱରଙ୍କ ସର୍ବ—ବ୍ୟାପକତା ସମ୍ବନ୍ଧରେ ପ୍ରସ୍ତୁତ କରି ତୋଳିବାକୁ ହେବ । ଈଶ୍ୱରଙ୍କର ସର୍ବବ୍ୟାପକ ତା ସମ୍ବନ୍ଧରେ ସ୍ପଷ୍ଟ ଧାରଣା ନ ହେଲେ ତ ତାଙ୍କ ସମ୍ବନ୍ଧରେ ଅଧିକ ଗଭୀର ଚିନ୍ତନ, ମନନ, ଶ୍ରବଣ ସହଜ ସମ୍ଭବ ହୋଇ ପାରେ ନା । ଯେ' ପଦାର୍ଥ ସମ୍ବନ୍ଧରେ ଆମେ ତର୍କ କରିବା, ଆଲୋଚନା କରିବା, ସେ ପଦାର୍ଥର ଅସ୍ତିତ୍ୱକୁ ସର୍ବାଗ୍ରେ ସ୍ୱୀକାର ନ କଲେ, ସେ ପଦାର୍ଥ ସମ୍ବନ୍ଧରେ ଆଲୋଚନା ତ ହୋଇ ପାରେ ନା । ଏଇ କଥାଟିକୁ ଦେବା ପାଇଁ ଉପନିଷଦକାର ସତ୍ୟକାମକୁ ପଶୁ ପକ୍ଷୀ ଈଶ୍ୱରଙ୍କର ସର୍ବବ୍ୟାପକ ସମ୍ବନ୍ଧରେ ବୁଝାଇବାର କଥାକୁ

Digitized by srujanika@gmail.com

ଉଲ୍ଲେଖ କରିଛନ୍ତି ତାଙ୍କର ଏହି ଉପାଖ୍ୟାନରେ । ସଂସାରରେ ସମସ୍ତ ପଦାର୍ଥର ଏକ ଲକ୍ଷ୍ୟ ରହିଛି, ଏକ ଉଦ୍ଦେଶ୍ୟ ରହିଛି; ସୃଷ୍ଟିର ସମସ୍ତ ପଦାର୍ଥରେ ମନୁଷ୍ୟର କିଛି ଗ୍ରହଣ କରିବାର ଉପାଦାନ ରହିଛି—ଈଶ୍ୱରଙ୍କର ସମସ୍ତ 'ସୃଷ୍ଟି ମଙ୍ଗଳମୟ—ସଂସାରର କୌଣସି ପଦାର୍ଥ ନିକୃଷ୍ଟ ନୁହେ ବା ଉତ୍କୃଷ୍ଟ ନୁହେ—ଯେ ସବୁର ଆବଶ୍ୟକତା ଅଛି ସଂସାର ପାଇଁ ବୋଲି ସେ ସବୁ ରହିଛି, ଏ କଥାକୁ କହିବାକୁ ଯାଇ ଋଷି ସତ୍ୟକାମଙ୍କ ସଙ୍ଗରେ ପଶୁ ପକ୍ଷୀଙ୍କ ବ୍ରହ୍ମଙ୍କର ସର୍ବବ୍ୟାପକତା ସମ୍ବନ୍ଧରେ ଆଲୋଚନା କଥା ଉଲ୍ଲେଖ କରିଛନ୍ତି । ଅଗୃର୍ଣ ଗୃଣକ୍ୟ (ବିଷ୍ଣୁଗୁପ୍ତ) ପଶୁ ପକ୍ଷୀଙ୍କ ମଧ୍ୟରେ ଯେ ଏ ପ୍ରକାର 'ନୀତି-କଥା'ର ଆଲୋଚନାର ପ୍ରସଙ୍ଗ 'ହିତୋପଦେଶ'ରେ ଥୋଇଛନ୍ତି । ତଥ୍ୟକୁ ଏପରି ଭାବରେ ପ୍ରକାଶ କରିବାର ଲିଖନଭଙ୍ଗୀ ପ୍ରାଚୀନ କାଳରେ ଥିଲା । ଭାଗବତର କୌଣସି ଏକ ଋଷି ଯେ ପଶୁ ପକ୍ଷୀଙ୍କ ଯେ କାରଣରୁ ନିଜର ଗୁରୁ ଭାବେ ଗ୍ରହଣ କରିବାର ପ୍ରସଙ୍ଗ ମଧ୍ୟ ଅଛି । ଏହା ଏକ ପ୍ରକାର ରଚନା-ଶୈଳୀ । ଉପନିଷଦ କାଳରେ ମଧ୍ୟ ଏପରି ଶୈଳୀ ଥିବାର ଅନୁମେୟ ହୁଏ । ହୁଏତ ଉପନିଷଦର ଏ ଶୈଳୀର ଅନୁସରଣରେ ପରବର୍ତ୍ତି କାଳରେ ସେପରି ଶୈଳୀର ଅନୁସରଣ କରାଯାଇ ଥିବ ।

ବର୍ଣ୍ଣନ ବିଭାଗ—

ବଲୀବର୍ଦ୍ଦ କହିଲେ—ବ୍ରହ୍ମଣଶ୍ଚ ତେ ପାଦଂ ବ୍ରବାଣୀତି, ହେ ସୌମ୍ୟ ସତ୍ୟକାମ ! (ତେ) ତୁମ୍ଭଙ୍କୁ (ବ୍ରହ୍ମଣଃ+ଚ) ବ୍ରହ୍ମଙ୍କର ମହିମା ରୂପୀ (ପାଦମ୍+ବ୍ରବାଣି) ପାଦର ଉପଦେଶ 'ଦେବି । ଅର୍ଥାତ୍ ବଲୀବର୍ଦ୍ଦ କହିବାକୁ 'ଗୃହୁଁଛନ୍ତି ଯେ ଯଦି ସତ୍ୟକାମର ବ୍ରହ୍ମଙ୍କ ମହିମା ସମ୍ବନ୍ଧରେ ଶୁଣିବାକୁ ଇଚ୍ଛା ହୁଏ, ତେବେ ସେ

Digitized by srujanika@gmail.com

ବ୍ରହ୍ମଙ୍କର ପାଦ ଅର୍ଥାତ୍ ତାଙ୍କର ସର୍ବବ୍ୟାପକତା-ଗୁଣ ସମ୍ବନ୍ଧରେ ତାଙ୍କୁ ସେ କିଛି କହିବେ । ସତ୍ୟକାମ ଏଥିରେ ଅସଙ୍ଗ ହେବାର କୌଣସି କାରଣ ନାହିଁ । ସେ ଗୁହାନ୍ତ, ଅଗ୍ରଜଙ୍କ ଠାରୁ ବ୍ରହ୍ମଙ୍କ ସମ୍ବନ୍ଧରେ ଗଭୀର ଜ୍ଞାନ ପାଇବା ପୂର୍ବରୁ ତାଙ୍କ ସମ୍ବନ୍ଧରେ ତାଙ୍କର ସାଧାରଣ ଜ୍ଞାନ ପ୍ରାପ୍ତ ହେବା ଉଚିତ । ତେଣୁ ସେ କହିଲେ—ବ୍ରବୀତୁ ମେ ଭଗବାନିତି, ହେ ଭଗବାନ ! ମେ, ଅର୍ଥାତ୍ ମୋତେ, ବ୍ରବୀତୁ, ଉପଦେଶ ଦିଅନ୍ତୁ । ସତ୍ୟକାମ ବଳୀବର୍ଦ୍ଦଙ୍କୁ ଭଗବାନ ବୋଲି ସମ୍ବୋଧନ କରୁଛନ୍ତି । ଅର୍ଥାତ୍ ସମସ୍ତ ଜଗତ ଭଗବାନମୟ, ସର୍ବତ୍ର ଭଗବାନଙ୍କ ବାସ—ସମସ୍ତ ସୃଷ୍ଟି ଭଗବାନଙ୍କର ଅଂଶ ବିଶେଷ ତୁଲ୍ୟ ଆଦରଣୀୟ, ଏ କଥା ଏଥିଦ୍ୱାରା ସ୍ପଷ୍ଟ ହେଉଛି । ମନୁଷ୍ୟ ଯେତେବେଳେ ଏପରିଭାବରେ ଜଗତ ଚରାଚରକୁ ଈଶ୍ୱରମୟ ଦେଖିବ, ସେତେବେଳେ ସେ ଆଉ କାହାରିର ଅନିଷ୍ଟ ଚିନ୍ତା କରିବ ନାହିଁ । ପୃଥିବୀର ସାମାନ୍ୟ ବସ୍ତୁ ପ୍ରତି ମଧ୍ୟ ତାର ମନରେ ଶ୍ରଦ୍ଧା ଉତ୍ପନ୍ନ ହେବ, ତାକୁ ଈଶ୍ୱରଙ୍କ ଅଂଶ ମନେ କରିବ । ଆଉ ଏପରି ମନେ କରିବା ଫଳରେ ସେ ଶକ୍ତି ପାଇବ—ଜଗତରେ ଶାନ୍ତିର ସାମ୍ରାଜ୍ୟର ପ୍ରତିଷ୍ଠା ହୋଇ ପାରିବ । ପରସ୍ପର ପ୍ରତି ଶ୍ରଦ୍ଧା ହେଲେ ଦ୍ୱେଷ କମିବ—ଦ୍ୱେଷ କମିଲେ ଶାନ୍ତି ଆସିବ, ଏହା ସ୍ୱାଭାବିକ ।

ତସ୍ମୈ ହୋବାଚ (ତସ୍ମୈ+ହ+ଉବାଚ) ବଳୀବର୍ଦ୍ଦ ତା' ପରେ ଉପଦେଶ ଦେବାକୁ ଲାଗିଲେ—ପ୍ରାଚୀ ଦିକ୍‌କଳା ପ୍ରତୀଚୀ ଦିକ୍‌କଳା ଦକ୍ଷିଣା ଦିକ୍‌କଳୋଦୀଚୀ ଦିକ୍‌କଳୈଷବୈ ସୌମ୍ୟ ! ଚତୁଷ୍କଳଃ ପାଦୋ ବ୍ରହ୍ମଣଃ ପ୍ରକାଶବାନ୍ନାମ । (ସୌମ୍ୟ ! ବ୍ରହ୍ମର ପାଦର ଏକ କଳା ପୂର୍ବଦିଗ, ଦ୍ୱିତୀୟ କଳା ପଶ୍ଚିମଦିଗ,

Digitized by srujanika@gmail.com

ତୃତୀୟ କଳା ଦକ୍ଷିଣଦିଗ, ଚତୁର୍ଥ କଳା ଉତ୍ତରଦିଗ) ବ୍ରହ୍ମର ଏହି ଚତୁଷ୍କଳ ପାଦ ପ୍ରକାଶବାନ ନାମରେ ପ୍ରସିଦ୍ଧ ।)

କଳା ଅର୍ଥ ଅଂଶ, ଭାଗ, ଯେପରି ଚନ୍ଦ୍ରକଳା (ଚନ୍ଦ୍ରର ୧୬ ଭାଗକୁ କଳା କୁହାଯାଏ), (ସୂର୍ଯ୍ୟର ୧୨ ଭାଗ), (ଅଗ୍ନିମଣ୍ଡଳର ୧୦ ଭାଗରୁ ଗୋଟିଏ), (ସମୟର ଏକ ବିଭାଗ ଯା' ତିନି କାଷ୍ଠା ସଙ୍ଗେ ସମାନ), (ରାଶିର ତ୍ରିଂଶ ଅଂଶର ତ୍ରିଂଶତ୍ତମ ଭାଗ), (ମନୁଷ୍ୟର ଶରୀର ୧୬ଟି ଆଧ୍ୟାତ୍ମିକ ବିଭାଗ), (ପଶୁପତି ଦର୍ଶନ ଅନୁସାରେ ଶରୀରର ବିଭିନ୍ନ ଅଂଶ ବା ଅବୟବ) । ଏହା ଛଡ଼ା କଳାର ଅନ୍ୟ ଅର୍ଥ ବି ଅଛି । କିନ୍ତୁ ଏଠି କଳାର ଏହି ଅଂଶ ବା ଭାଗକୁ ନେଇ ଆଲୋଚନା ହେଉଛି ।

କଳା ଅର୍ଥ ଯଦି ଅଂଶ ହୁଏ, ଭାଗ ହୁଏ, ତେବେ କଣ ବ୍ରହ୍ମ ସ୍ଥୂଳ ବସ୍ତୁ ବିଶେଷ ଯେ' ତାର ଅଂଶ ଅଛି ? ତାକୁ ଭାଗ ଭାଗ କରାଯାଇ ପାରେ ?

ବୃହଦାରଣ୍ୟକୋପନିଷଦ ତ କହୁଛନ୍ତି—

ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ ।
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ ॥

"(ଅଦଃ + ପୂର୍ଣ୍ଣମ୍) ସେ ବ୍ରହ୍ମ ପୂର୍ଣ୍ଣ । (ଇଦମ୍ + ପୂର୍ଣ୍ଣମ୍) ଏହି ଜଗତ ପୂର୍ଣ୍ଣ । (କାରଣ, ପୂର୍ଣ୍ଣାତ୍ + ପୂର୍ଣ୍ଣମ୍ + ଉଦଚ୍ୟତେ) ପୂର୍ଣ୍ଣ ବ୍ରହ୍ମଠାରୁ ଏଇ ପୂର୍ଣ୍ଣ ଜଗତ ଉଦିତ । (ପୂର୍ଣ୍ଣସ୍ୟ + ପୂର୍ଣ୍ଣମ୍ + ଆଦାୟ) ଏଇ ପୂର୍ଣ୍ଣ ଜଗତରୁ ପୂର୍ଣ୍ଣତ୍ୱକୁ ବାଦ୍ ଦେଲେ (ପୂର୍ଣ୍ଣମ୍ + ଏବ + ଅବଶିଷ୍ୟତେ) ପୂର୍ଣ୍ଣ ବ୍ରହ୍ମ ଅବଶେଷ ରହୁଛନ୍ତି । ଅର୍ଥାତ୍ ଈଶ୍ୱର ପୂର୍ଣ୍ଣ ଅଖଣ୍ଡ ଅବ୍ୟୟ । ଅର୍ଥାତ୍ ଈଶ୍ୱର ସୂକ୍ଷ୍ମାତି-ସୂକ୍ଷ୍ମ , ଈଶ୍ୱର ଅଣୋରଣୀୟାନ୍ ମହତୋମହୀୟାନ (କଠୋପନିଷଦ)

Digitized by srujanika@gmail.com

ଯେ ଈଶ୍ୱର ଅଣୁଠାରୁ ମଧ୍ୟ ସୂକ୍ଷ୍ମ, ତାର ପୁଣି ଅଂଶ ଆସିବ କେଉଁଠୁ କିପରି ? ଏଥିପାଇଁ ତ ଈଶ୍ୱରଙ୍କର ଅଂଶକୁ ଅଂଶ ବା ଭାଗ କୁହା ନ ଯାଇ କୁହାଗଲା କଳା ପଦଟି କଳାର ଅର୍ଥ ବି ଭାଗ ବା ଅଂଶ । ଯେପରି ଚନ୍ଦ୍ରକଳା, ଚନ୍ଦ୍ରର ୧୬ ଭାଗକୁ କୁହାଯାଏ କଳା । ଚନ୍ଦ୍ର କ୍ରମଶଃ ତାର କ୍ଷୟ ଅବସ୍ଥାକୁ ନେଇ, ତାର କ୍ରମଶଃ କ୍ଷୟର ସମାପ୍ତି ଅବସ୍ଥାକୁ ନେଇ ଚନ୍ଦ୍ର ପୂର୍ଣ୍ଣ, ପୂର୍ଣ୍ଣଚନ୍ଦ୍ର । ଚନ୍ଦ୍ରର ଏଇ ଅଂଶ ବିଶେଷ, ବାସ୍ତବରେ ଚନ୍ଦ୍ରଠାରୁ ବିଚ୍ଛିନ୍ନ ନୁହେଁ—ଏହା ଏକ ବାହ୍ୟ ପରିବର୍ତ୍ତନ ମାତ୍ର—ସ୍ଥୂଳ ଚକ୍ଷୁ ପକ୍ଷରେ ଏ ଏକ ଛଳନା ମାତ୍ର, ଆକାଶ ନୀଳ ଦେଖାଯିବା ପରି—ଅଥଚ ଆକାଶର ତ କୌଣସି ରଙ୍ଗ ନାହିଁ । ବିଭିନ୍ନ ତିଥିରେ ଚନ୍ଦ୍ର ଟିକେ ଖଣ୍ଡିତ ହୋଇ ଛିଣ୍ଡି ପଡ଼େ ? (ଚନ୍ଦ୍ରକଳା ସମ୍ବନ୍ଧରେ ସଂକ୍ଷିପ୍ତ ଆଲୋଚନା ଆବଶ୍ୟକ । ପୂର୍ଣ୍ଣିମା ରାତିରେ ଚନ୍ଦ୍ର ଗୋଟିଏ ରୁପାର ଥାଳି ପରି ଗୋଲ ତଥା ଧଳା, ଉଜ୍ଜ୍ୱଳ ଦେଖାଯାଏ । ଅମାବାସ୍ୟା ରାତିରେ ଏଇ ଚନ୍ଦ୍ର ସମ୍ପୂର୍ଣ୍ଣ କଳା, ଅନ୍ଧକାର ଦେଖାଯାଏ; ଅର୍ଥାତ୍ ଆଦୌ ଦେଖାଯାଏ ନାହିଁ । ଅନ୍ୟ ତିଥିରେ ଏହାର ଗୋଟାଏ ଅଂଶ କେବଳ ଉଜ୍ଜ୍ୱଳ ଦେଖାଯାଏ, ବାକି ଅଂଶ ଅନ୍ଧକାର । ଚନ୍ଦ୍ରର ଏଇ ଉଜ୍ଜ୍ୱଳ ଅଂଶକୁ କୁହାଯାଏ ଚନ୍ଦ୍ରକଳା, ଅର୍ଥାତ୍ ଚନ୍ଦ୍ରର ଉଜ୍ଜ୍ୱଳ ଧଳା ଅଂଶକୁ କୁହାଯାଏ କଳା; ଏଥିପାଇଁ ତ ଚନ୍ଦ୍ରର କଳା ଅର୍ଥ ଚନ୍ଦ୍ରର ଅଂଶ, ଗୋଟିଏ ସମଗ୍ର ପଦାର୍ଥର ଅଂଶ ବିଶେଷରେ ଅଳ୍ପକାଳ ସ୍ଥାୟୀ ପରିବର୍ତ୍ତନକୁହିଁ କୁହାଯାଏ କଳା । ଅମାବାସ୍ୟାଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚନ୍ଦ୍ରକଳା ବଢ଼େ ଅଉ ପୂର୍ଣ୍ଣିମାଠାରୁ ଅମାବାସ୍ୟା ଯାଏ କ୍ରମଶଃ କମେ । ଚନ୍ଦ୍ରର ଏ ସ୍ୱାଭାବିକ ପ୍ରକ୍ରିୟା, [illegible] ।)

Digitized by srujanika@gmail.com

(ଚନ୍ଦ୍ର ପୃଥିବୀକୁ ପ୍ରଦକ୍ଷିଣ କରୁଛି । ପୁଣି ପୃଥିବୀ ସୂର୍ଯ୍ୟଙ୍କୁ ପ୍ରଦକ୍ଷିଣ କରୁଛି । ଚନ୍ଦ୍ରର ନିଜ ଆଲୋକ ନାହିଁ, ସୂର୍ଯ୍ୟକିରଣ ତା' ଉପରେ ପଡ଼ି ପ୍ରତିଫଳିତ ହେବାରୁ ଆମକୁ ତା ଉଜ୍ଜ୍ୱଳ ଦେଖାଯାଏ । ସୂର୍ଯ୍ୟକିରଣ ଚନ୍ଦ୍ର ଉପରେ ପଡ଼ି ସେଠାରୁ ଫେରି ଆସିବା ବେଳକୁ ଏହାର ତେଜ ଖୁବ୍ କମିଯାଏ ଏଥିପାଇଁ ଚନ୍ଦ୍ର କିରଣ ଶୀତଳ । (ଏ ବୈଜ୍ଞାନିକ ତଥ୍ୟ ସହିତ ଦର୍ଶନର ବିଗ୍ଭର ସଙ୍ଗରେ ସାମଞ୍ଜସ୍ୟ ଅଳ୍ପ ଥିବାର ମନେ ହୁଏ । ତେଣୁ ଏ ତର୍କଟା ଉପରେ ଆମର ପରିପୂର୍ଣ୍ଣ ଆସ୍ଥା ନାହିଁ । ଏ ସମ୍ବନ୍ଧରେ ବିଗ୍ଭରର କ୍ଷେତ୍ର ଏହା ନୁହେଁ । ତେଣୁ ଆମେ ଏଠାରେ ନିରସ୍ତ ହେଲୁଁ । ଏଠାରେ ଆମେ କେବଳ ବୈଜ୍ଞାନିକ ବିଗ୍ଭର-ଟାକୁହିଁ ପ୍ରକାଶ କରିବୁ । ଆମର ଆଲୋଚନାର ବିଷୟବସ୍ତୁ ମଧ୍ୟରେ ତାର କେବଳ ସେତିକି ସମ୍ବନ୍ଧ ।)

(ଚନ୍ଦ୍ର ପୃଥିବୀକୁ ପ୍ରଦକ୍ଷିଣ କରୁ କରୁ ବେଳେ ବେଳେ ସୂର୍ଯ୍ୟ ଏବଂ ପୃଥିବୀ ମଝିରେ ରହେ । ଏତେବେଳେ ଚନ୍ଦ୍ରର ଆଲୋକିତ ଅର୍ଦ୍ଧଟି ପୃଥିବୀ ଉପରକୁ ଦେଖାଯାଏ ନା ଅର୍ଥାତ୍ ପୃଥିବୀକୁ ଚନ୍ଦ୍ର ଦେଖାଯାଏ ନା । ଚନ୍ଦ୍ରର ଏ ଅବସ୍ଥାକୁ କୁହାଯାଏ ଅମାବାସ୍ୟା । ପୁଣି ବେଳେବେଳେ ପୃଥିବୀର ଗୋଟାଏ ପାଖରେ ସୂର୍ଯ୍ୟ ଆଉ ଅପର ପାଖରେ ଚନ୍ଦ୍ର ରହେ । ଫଳତଃ ସୂର୍ଯ୍ୟାଲୋକ ଚନ୍ଦ୍ରରୁ ପ୍ରତିଫଳିତ ହୋଇ ଆସି ପୃଥିବୀର ଯେଉଁ ଅଂଶଟି ସୂର୍ଯ୍ୟର ବିପରୀତ ଦିଗରେ ଥାଏ, ଅର୍ଥାତ୍ ଯେଉଁ ଅଂଶରେ ରାତି ହୋଇଥାଏ, ପୃଥିବୀର ସେହି ଅଂଶକୁ ଦେଖାଯାଏ । ଏ ଅବସ୍ଥାରେ ଚନ୍ଦ୍ରର ସମଗ୍ର ଉଜ୍ଜ୍ୱଳ ଅଂଶଟି ଦେଖାଯିବାରୁ ଚନ୍ଦ୍ର ସଂପୂର୍ଣ୍ଣ ଗୋଲ୍ ଦେଖାଯାଏ । ଚନ୍ଦ୍ରର ଏ ଅବସ୍ଥାକୁ କୁହାଯାଏ ପୂର୍ଣ୍ଣିମା ।)

Digitized by srujanika@gmail.com

(ଚନ୍ଦ୍ର ପ୍ରାୟ ୨୯½ ଦିନରେ ଥରେ ପୃଥିବୀକୁ ପ୍ରଦକ୍ଷିଣ କରେ । ଫଳତଃ ଦିନକୁ ସେ ତା କକ୍ଷରେ ପ୍ରାୟ ⅟₁₂ ଅଂଶ ଅତିକ୍ରମ କରେ । ଅମାବାସ୍ୟା ଅବସ୍ଥାରୁ ପୂର୍ଣ୍ଣିମା ଅବସ୍ଥା ପର୍ଯ୍ୟନ୍ତ ଯିବାକୁ ଚନ୍ଦ୍ରକୁ ପ୍ରାୟ ୧୫ ଦିନ ଲାଗେ । ଏ ୧୫ ଦିନରେ ଚନ୍ଦ୍ରର ଆଲୋକିତ ଅଂଶଟି ଦିନକୁ ଦିନ ବେଶି ବେଶି ଦେଖାଯାଏ । ସେହିପରି ପୂର୍ଣ୍ଣିମାଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନରେ ଚନ୍ଦ୍ରର ଆଲୋକିତ ଅର୍ଦ୍ଧାଂଶ ଦିନକୁ ଦିନ ବେଶି ବେଶି ଲୁଚିଯାଏ । ଅମାବାସ୍ୟାଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚନ୍ଦ୍ରକଳାର ବୃଦ୍ଧି ହେବାରୁ ତାକୁ ଶୁକ୍ଳପକ୍ଷ କୁହାଯାଏ । ପୂର୍ଣ୍ଣିମାଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ୧୫ ଦିନକୁ କୃଷ୍ଣପକ୍ଷ କୁହାଯାଏ ।)

ଯେପରି ଚନ୍ଦ୍ର ଆପଣାର ସମସ୍ତ କଳା ମଧ୍ୟରେ ସମ୍ପୂର୍ଣ୍ଣ, କଳାରୁ ଚନ୍ଦ୍ର ଅଲଗା ନୁହେଁ, ସେପରି ଈଶ୍ବର ନିଜ କଳାରୁ ନିଜେ ସ୍ବତନ୍ତ୍ର ନୁହନ୍ତି; ନିଜେ ନିଜର କଳା ମଧ୍ୟରେ ପୂର୍ଣ୍ଣ। ମଦିଃ ଈଶ୍ବରଙ୍କ କଳା ଯେ ପ୍ରାଚୀ ପ୍ରତୀଚୀ ଉଦୀଚୀ ଅବାଚୀ ଏହାର ଅର୍ଥ ଈଶ୍ବର ପୂର୍ବ ପଶ୍ଚିମ ଉତ୍ତର ଦକ୍ଷିଣ, ଏ ସମସ୍ତ ଦିଗରେ ବ୍ୟାପକ । ଆପଣାର ଅଂଶ ନେଇ ଅର୍ଥାତ୍ ଆପଣାର ତେଜ ନେଇ ଈଶ୍ବର ଏ ସମସ୍ତ ଦିଗରେ ବ୍ୟାପକ । (କଳା ଅର୍ଥ ତେଜ ମଧ୍ଯ) । ତେଜ କେବେ ତେଜସ୍ବାନ ବସ୍ତୁରୁ ସ୍ବତନ୍ତ୍ର ନୁହେ । ଅତଏବ ଏ ତେଜ ସର୍ବତ୍ର ବ୍ୟାପକ, ଯେହେତୁ ଈଶ୍ବର ସର୍ବତ୍ର ବ୍ୟାପକ । କେବଳ ସ୍ଥୂଳ ନିର୍ଦ୍ଦେଶ ନା ପାଇଁ ଚାରୋଟି ଦିଗର ନାମ ଦିଆଯାଇଛି । ଅନ୍ୟଥା ଈଶ୍ବର ପରିପୂର୍ଣ୍ଣଭାବରେ ସର୍ବତ୍ର, କେବଳ ଚାରିଦିଗରେ ନୁହେଁ; ଜଳରେ, ସ୍ଥଳରେ, କେବଳ ଆକାଶରେ ନୁହେ, ବ୍ୟାପକ ।

ଉପନିଷଦ କହିବାକୁ ଚାହାନ୍ତି, ଧରି ପାଚ୍ ଈଶ୍ବର ଚତୁଷ୍ପାଦ ଯୁକ୍ତ ଏକ ବସ୍ତୁ । (ପାଦ ଅର୍ଥ ଅଂଶ ବା ଭାଗ) । ଏଇ ଚତୁଷ୍ପାଦ

Digitized by srujanika@gmail.com

ଯୁକ୍ତ ବସ୍ତୁର ପ୍ରତ୍ୟେକ ପାଦ ଚତୁଷ୍କଳ ଯୁକ୍ତ । ଈଶ୍ୱରଙ୍କର ଏଇ ପ୍ରଥମ ପାଦର ଚତୁଷ୍କଳା ପୂର୍ବ ଦିଗ, ପଶ୍ଚିମ ଦିଗ, ଉତ୍ତର ଦିଗ, ଦକ୍ଷିଣ ଦିଗ । ଅର୍ଥାତ୍ ଈଶ୍ୱର ଏ ଦିଗମାନଙ୍କରେ ଅଛନ୍ତି । ଅର୍ଥାତ୍ ଶୂନ୍ୟକୁ ମଧ୍ୟ ଈଶ୍ୱରଶୂନ୍ୟ ମନେ କରିବା ଅନୁଚିତ । ଈଶ୍ୱର ସର୍ବଦର୍ଶୀ । ଏ ଶୂନ୍ୟରେ ମଧ୍ୟ ଥାଇ ଈଶ୍ୱର ମନୁଷ୍ୟର କର୍ମ କୁକର୍ମକୁ ଲକ୍ଷ୍ୟ କରୁଛନ୍ତି । ଅତଏବ ଶୂନ୍ୟକୁ ଶୂନ୍ୟ ମନେ କରି ଶୂନ୍ୟରେ କୌଣସି ପାପ କର୍ମରେ ଲିପ୍ତ ହେବା ଅର୍ଥ ବି ଦଣ୍ଡ ପାଇବା ।

ଏଇ ସ୍ଥିରଦିଗ ମଧ୍ୟ ତ ମହାକାଶର ଅଂଶ ବିଶେଷ । ଏଇ ଅଂଶକୁ ନେଇ ତ ମହାକାଶ ପୂର୍ଣ୍ଣ । ମହାକାଶରୁ ଅଂଶ ତ ଭିନ୍ନ ନୁହେ, ଛିନ୍ନ ବି ନୁହେ । ଠିକ୍ ଏ ମହାକାଶ ପରି ଈଶ୍ୱର ଚତୁର୍ଦ୍ଦିଗରେ ବ୍ୟାପକ ।

ସଂସାରରେ ଯେ ପଦାର୍ଥ ସ୍ଥୂଳ, ତା'ର କେବଳ ଅଂଶ ଥାଏଁ । (ଅକ୍ଷରିକ ଅର୍ଥରେ ଏଠାରେ ଅଂଶର ଅର୍ଥକୁ ଗ୍ରହଣ କରିବେ ।) ସୂକ୍ଷ୍ମରୁ ସୂକ୍ଷ୍ମତର ବସ୍ତୁର ଅଂଶ କ୍ରମଶଃ ଲୁପ୍ତ ହୋଇଯାଏ, ଯେପରି ଆକାଶ, ଯେପରି ପବନ । କିନ୍ତୁ ପବନ, ଆକାଶଠାରୁ ମଧ୍ୟ ସୂକ୍ଷ୍ମାତି ସୂକ୍ଷ୍ମ । ଅତଏବ ଈଶ୍ୱରଙ୍କର ଅକ୍ଷରିକ ଅର୍ଥରେ ଅଂଶର କଳ୍ପନା ଅସମୀଚୀନ । ଅତଏବ ଈଶ୍ୱର ଚତୁର୍ଦ୍ଦିଗରେ ବ୍ୟାପକ ହେବା ଅର୍ଥ ନିଜର ଗୁଣକୁ ନେଇ ସେ ଚତୁର୍ଦ୍ଦିଗରେ ବ୍ୟାପକ ହେବା । ଈଶ୍ୱରଙ୍କର ଏ ଗୁଣ କୌଣସି ସ୍ଥୂଳ ପଦାର୍ଥ ବିଶେଷ ନ ହୋଇ ଥିବାରୁ ଈଶ୍ୱରଙ୍କ ଏ ଚତୁଷ୍କଳା ଈଶ୍ୱରଙ୍କର ଚତୁର୍ଦ୍ଦିଗରେ ବ୍ୟାପକତା-ଗୁଣ—ଏହା ଅଂଶ ବା ଭାଗ ନୁହେ । କିନ୍ତୁ ଈଶ୍ୱରଙ୍କର ଏଇ ଚତୁଷ୍କଳାଯୁକ୍ତ ପାଦ ପରି ଏକ ଗୁଣ ନୁହେଁ, ତେବେ ଈଶ୍ୱରଙ୍କ ଅନେକ ଗୁଣ । ଈଶ୍ୱରଙ୍କ ଏ ଅନେକ ଗୁଣକୁ ଈଶ୍ୱରଙ୍କର ଅଂଶ

Digitized by srujanika@gmail.com

ମନେ କରିବାରେ ଦୋଷ ନାହିଁ । ଈଶ୍ୱର ଆପଣାର ସମସ୍ତ ଗୁଣରେ ସର୍ବତ୍ର ବ୍ୟାପକ ।

ସୂର୍ଯ୍ୟର ୧୨ ଭାଗକୁ ଅଗ୍ନିମଣ୍ଡଳର ୧୦ ଭାଗକୁ, ମନୁଷ୍ୟର ଶରୀରର ୧୬ ଆଧ୍ୟାତ୍ମିକ ଭାଗକୁ 'କଳା' କୁହାଯାଏ । କଳା ଯଦି ବିଭକ୍ତ ହେବା ଅର୍ଥରେ ଅଂଶ ହୁଏ, ତେବେ କଣ ସୂର୍ଯ୍ୟ, ଅଗ୍ନି, ମନୁଷ୍ୟ-ଶରୀର ଖଣ୍ଡିତ ହେବା ବସ୍ତୁ ? ଯଦି ନୁହେ, ଈଶ୍ୱର, ସୂର୍ଯ୍ୟ, ଅଗ୍ନି, ମନୁଷ୍ୟ ଶରୀର ପରି ନିଜର ଅଂଶକୁ ନେଇ ପୂର୍ଣ୍ଣ । ତେଣୁ କଳାର ଅନ୍ୟ ଅର୍ଥ ଗୁଣ, ତେଜ, ଶୋଭା । ଅର୍ଥାତ୍ ଈଶ୍ୱର ନିଜର ତେଜରେ, ଗୁଣରେ, ଶୋଭାରେ ସର୍ବତ୍ର ବ୍ୟାପକ—କୌଣସି ସ୍ଥୂଳ ଅଂଶ ବିଶେଷରେ ନୁହେ । (ଈଶ୍ୱର ମଙ୍ଗଳମୟ । ଯେ ମଙ୍ଗଳମୟ ଈଶ୍ୱର ଚତୁର୍ଦ୍ଦିଗରେ ଏପରି ଭାବରେ ବ୍ୟାପକ, ସେ ଜଗତରେ କୌଣସି ଅନିଷ୍ଟକାରଣୀ ଯୋଗିନୀ ଥିବାର କଳ୍ପନା କରି ଅଯଥା ଭୟ କରିବା, ଆଉ ଅଯଥାଭାବରେ ଯାହାର ଶୁଭାଶୁଭର ମୁହୂର୍ତ୍ତ ନିର୍ଣ୍ଣୟ କରିବା ଅନ୍ଧ ସଂସ୍କାର ମାତ୍ର ।)

କଳା ଅର୍ଥ ଜ୍ୟୋତି, ତେଜ, ଶୋଭା । ଏହି ତେଜ, ଶୋଭା, ଜ୍ୟୋତି କେବଳ ପାର୍ଥିବ ପଦାର୍ଥମାନଙ୍କ ପକ୍ଷରେ ସମ୍ଭବ—କେବଳ ଦୃଶ୍ୟମାନ ବସ୍ତୁପ୍ରତି ଏହା ଉଦ୍ଦିଷ୍ଟ । ମନୁଷ୍ୟର ଆଖିକୁ କେବଳ ସେ ପଦାର୍ଥ ଦେଖାଯାଏ, ଯାର ରୂପରେଖ ଅଛି । ସେଥିପାଇଁ ଆକାଶ ଦେଖାଯାଏ ନା । ଆକାଶର ରୂପ ନାହିଁ, ରଙ୍ଗ ନାହିଁ ବୋଲି, ଈଶ୍ୱର ମଧ୍ୟ ଏଥିପାଇଁ ଦେଖାଯାନ୍ତି ନାହିଁ ତାଙ୍କର ରୂପ ନାହିଁ ରଙ୍ଗ ନାହିଁ ବୋଲି । ଯା'ର ରୂପ ନାହିଁ, ରଙ୍ଗ ନାହିଁ, ତାର ପୁଣି ଜ୍ୟୋତି ଆସିବ କିପରି ? ଆକାଶରେ ବି ବେଳେବେଳେ ଯେ ନାନାପ୍ରକାର ଆକାରର ପ୍ରକାର, ରଙ୍ଗ ଦେଖାଯାଏ ସେ ଆକାଶ

Digitized by srujanika@gmail.com

ନୁହେ—ସେ ମେଘ । ମେଘର ରୂପ ରଙ୍ଗ ଅଛି—ଅକାଶର ନାହିଁ । ଈଶ୍ୱର ଅକାଶଠାରୁ ମଧ୍ୟ ସୂକ୍ଷ୍ମ । 'ମନୁଷ୍ୟର ଶରୀର ଭିତରେ ଅକାଶ, ହୃଦୟାକାଶ ଅଛି, କିନ୍ତୁ ଶରୀରର ରକ୍ତମଧ୍ୟରେ ମାଂସମଧ୍ୟରେ ଅକାଶ ନାହିଁ । କିନ୍ତୁ ଈଶ୍ୱର ଏହି ରକ୍ତ, ମାଂସ ମଧ୍ୟରେ ମଧ୍ୟ ବ୍ୟାପକ । ଅର୍ଥାତ୍ ଈଶ୍ୱର ଅକାଶ ଠାରୁ ମଧ୍ୟ ବ୍ୟାପକ । ଅକାଶର ସୀମା ଅଛି—ଈଶ୍ୱରଙ୍କର ନାହିଁ ବୋଲି ଈଶ୍ୱର ଅକାଶ ଠାରୁ ବି ସୂକ୍ଷ୍ମ । ତେଣୁ ଈଶ୍ୱର ପାର୍ଥିବ ପଦାର୍ଥ ନୁହନ୍ତି; ଈଶ୍ୱରଙ୍କର ପାର୍ଥିବ ତେଜ ନାହିଁ । ଈଶ୍ୱରଙ୍କର ତେଜ ଅର୍ଥ ଈଶ୍ୱରଙ୍କର ଗୁଣ । ଏହି ଗୁଣକୁ ନେଇ ଈଶ୍ୱର ଚତୁର୍ଦ୍ଦିଗରେ ବ୍ୟାପକ ।

କଳା ଅର୍ଥ କୁଶଳତା । ଈଶ୍ୱରଙ୍କର କୁଶଳତା ଈଶ୍ୱରଙ୍କର ଗୁଣ । ଈଶ୍ୱରଙ୍କର ଅଙ୍ଗ ପ୍ରତ୍ୟଙ୍ଗ ନାହିଁ ଯେ ପାର୍ଥିବ ମନୁଷ୍ୟର କୁଶଳତା ସଙ୍ଗରେ ଈଶ୍ୱରଙ୍କର କୁଶଳତାର ତୁଳନା କରାଯାଇ ପାରିବ । ଅତଏବ ଈଶ୍ୱର ନିଜର ଗୁଣ ନେଇ ସର୍ବତ୍ର ବ୍ୟାପକ । ଏଠା ଧାଗଗୁଡ଼ିକରେ ତାଙ୍କୁ କେବଳ ବ୍ରହ୍ମର ସର୍ବତ୍ର ଅଂଶ ବିଶେଷର ପରିଚୟ ଦେବାକୁ କୁହାଯାଇଛି—ଅନ୍ୟଥା ଈଶ୍ୱର ସର୍ବତ୍ର ବ୍ୟାପକ; ଏ କଥା ପରେ ପରେ ଉପନିଷଦ କହୁଛନ୍ତି ।

ଚତୁଷ୍କଳଃ ପାଦୋ ବ୍ରହ୍ମଣଃ ପ୍ରକାଶବାନ୍ନାମ ।

ବ୍ରହ୍ମର ଏହି ଚତୁଷ୍କଳ ପାଦ ପ୍ରକାଶବାନ ନାମରେ ପ୍ରସିଦ୍ଧ ।' 'ଏଠାରେ ଉପନିଷଦକାର ଈଶ୍ୱରଙ୍କର ପାଦ ବା ଅଂଶର ବ୍ୟାଖ୍ୟା କରୁଛନ୍ତି, କହୁଛନ୍ତି, ଈଶ୍ୱରଙ୍କ ଏହି ଯେ ଚତୁଷ୍କଳା, ତା' କୌଣସି ପାର୍ଥିବ ପଦାର୍ଥର କଳା ବା ଅଂଶ ପରି କଳା ବା ଅଂଶ ନୁହେ । ତା' କେବଳ ମନ, ତେଜ, ଜ୍ୟୋତି, କିରଣ, ପ୍ରଭା, ସେଥିପାଇଁ ସେ

Digitized by srujanika@gmail.com

ପ୍ରକାଶବାନ ହୋଇ ପାରନ୍ତି, ଅଜ ସେଥିପାଇଁ ଈଶ୍ୱର ପ୍ରକାଶବାନ । ଅଜ ଈଶ୍ୱରଙ୍କର ଏହି ପ୍ରକାଶ 'କୌଣସି ପାର୍ଥିବ ବସ୍ତୁର ତେଜ ନୁହେ—ଏହା କେବଳ ଗୁଣ । ତେଣୁ ଈଶ୍ୱରଙ୍କର ଅକାରପ୍ରକାର ନାହିଁ ବୋଲି ଈଶ୍ୱର ସର୍ବବ୍ୟାପକ । ଈଶ୍ୱରଙ୍କୁ ଏପରିଭାବରେ ଜାଣିବା ବ୍ୟକ୍ତିଙ୍କୁ ଉପନିଷଦ ଯଥାର୍ଥରେ ବିଦ୍ୱାନ୍ ବୋଲି କହିଛନ୍ତି—

ସ ଯ ଏତମେବଂ ବିଦ୍ୱାଂଶ୍ଚତୁଷ୍କଲଂ ପାଦଂ ବ୍ରହ୍ମଣଃ
ପ୍ରକାଶବାନିତ୍ୟୁପାସ୍ତେ । ପ୍ରକାଶବାନସ୍ମିଂଲ୍ଲୋକେ ଭବତି ।
ପ୍ରକାଶବତୋ ହ ଲୋକାଞ୍ଜୟତି ଯ ଏତମେବଂ
ବିଦ୍ୱାଂଶ୍ଚତୁଷ୍କଲଂ ପାଦଂ ବ୍ରହ୍ମଣଃ ପ୍ରକାଶବାନିତ୍ୟୁପାସ୍ତେ ॥

(ଯେ ବ୍ରହ୍ମର ଏହି ଚତୁଷ୍କଲ ପାଦ ସମ୍ବନ୍ଧରେ ଏପରିଭାବରେ ଜାଣି ବ୍ରହ୍ମଙ୍କୁ ପ୍ରକାଶବାନ ଭାବରେ ଉପାସନା କରେ, ସେ ଏ ଜଗତରେ ପ୍ରକାଶବାନ ବୋଲି ଖ୍ୟାତ ହୁଏ ଏବଂ ପ୍ରକାଶବାନ ଲୋକରେ ସେ ବିଜୟୀ ହୁଏ । (ଅର୍ଥାତ୍ ଏହି ବିଦ୍ୟା ବା ଏପରି ସଂସ୍କାର ବଳରେ ସେ ପ୍ରକାଶବାନ ଲୋକଙ୍କୁ ଜାଣିପାରେ ।)

ବ୍ରହ୍ମର ରୂପ ନାହିଁ, ରେଖନାହିଁ, ବ୍ରହ୍ମ ଅଖଣ୍ଡ ଅବ୍ୟୟ, ସର୍ବବ୍ୟାପକ, ବ୍ରହ୍ମ ପାର୍ଥିବ ପଦାର୍ଥ ବିଶେଷ ନୁହେଁ, ତେଣୁ ତାର ପାର୍ଥିବ ତେଜ ନାହିଁ ଅଥଚ ସେ ଜ୍ୟୋତି ସ୍ୱରୂପ, ଅପଣାର ଗୁଣରେ ସେ ଯାଜ୍ୱଲ୍ୟମାନ, ତାର ଏହି ଯାଜ୍ୱଲ୍ୟମାନ ଗୁଣକୁ ନେଇ ସେ ଚତୁର୍ଦ୍ଦିଗରେ ବ୍ୟାପକ, ଏ କଥା ଯେ ଜାଣେ, ବିଶ୍ୱାସ କରେ ଦୃଢ଼ତାର ସହିତ ଯେ ମାନେ ସେ ଯଥାର୍ଥରେ ପ୍ରକାଶବାନ ଅର୍ଥାତ୍ ବିଦ୍ୱାନ, ଏ କଥା ଉପନିଷଦ କହିଛନ୍ତି । ପ୍ରକାଶ ଅର୍ଥ ଜ୍ୟୋତି, ତେଜ । ସୂର୍ଯ୍ୟ ପ୍ରକାଶିତ ହେବା ଅର୍ଥ ସୂର୍ଯ୍ୟ ଦେଖା ଦେବା ।

Digitized by srujanika@gmail.com

ସୂର୍ଯ୍ୟ ଏଥିପାଇଁ ଦେଖା ଦେଇ ପାରନ୍ତି ଯେ ସୂର୍ଯ୍ୟର ତେଜ ଅଛି ।
ଏହି ତେଜ ସୂର୍ଯ୍ୟର ଗୁଣ—ସୂର୍ଯ୍ୟର ତ ଆଉ ଅନ୍ୟ ଗୁଣ ନାହିଁ ।
ଅଥଚ ସୂର୍ଯ୍ୟ ଏହି ଗୁଣରୁ ଅଲଗା ତ ହୋଇ ପାରେ ନା । ସେହିପରି
ମନୁଷ୍ୟ ପ୍ରକାଶିତ ହେବା ଅର୍ଥ ତାର ରୂପ ପାଇଁ, ତାର ସୌନ୍ଦର୍ଯ୍ୟ ପାଇଁ
ପ୍ରକାଶିତ ହେବା ନୁହେଁ । ରୂପ ପାଇଁ କେବଳ ସେ ନିଜର
ପରିବାରରେ, ହୁଏତ ନିଜର ଦେଶରେ କେବଳ ପ୍ରକାଶବାନ୍
ହୋଇ ପାରିବ । କିନ୍ତୁ ଗୁଣପାଇଁ ସେ ପ୍ରକାଶିତ ହେଲେ, ସେ
ସମଗ୍ର ସଂସାରରେ ପ୍ରକାଶବାନ ହେବ । ଅତଃ ପ୍ରକାଶବାନ ହେବା
ଅର୍ଥ ଗୁଣରେ ତେଜସ୍ୱାନ ହେବା । ଆଉ ଗୁଣରେ ସେ ତେଜସ୍ୱାନ
ହୋଇଲେ ସେ ବ୍ୟକ୍ତିଙ୍କୁ ବୁଝିବାକୁ ହେବ ଯେ ସେ ଈଶ୍ୱରଙ୍କ ସର୍ବ
ବ୍ୟାପକତା ସମ୍ବନ୍ଧରେ ଅପରୋକ୍ଷ ଭାବରେ ଜାଣେ ।

ପରୋକ୍ଷ ତତ୍ତ୍ୱ ସମ୍ବନ୍ଧରେ ଯିଏ ଜ୍ଞାନ ରଖେ, ସେ ଯଥାର୍ଥ
ଅର୍ଥରେ ବିଦ୍ୱାନ । ଆଉ ଏପରି ବିଦ୍ୱାନଙ୍କୁହିଁ କୁହାଯାଏ ଦେବତା,
ବା ପ୍ରକାଶବାନ ବ୍ୟକ୍ତି । ଯେ ଦେବତା ସେ ସାଧାରଣ ମନୁଷ୍ୟ
ଅପେକ୍ଷା ଉଚ୍ଚସ୍ତରର ବୋଲି ତ ସେ ଦେବତା । ଏଥିପାଇଁ ଶାସ୍ତ୍ର
କହନ୍ତି—

ପରୋକ୍ଷପ୍ରିୟାହି ଦେବାଃ ପ୍ରତ୍ୟକ୍ଷ ଦ୍ୱିଷଃ ।

ଏହି ଦେବତା ଅର୍ଥ ବିଦ୍ୱାନ, ପ୍ରକାଶବାନ—

'ବିଦ୍ୱାଂସୋ ହି ଦେବାଃ' ବିଦ୍ୱାନହିଁ ଦେବତା ।

ଈଶ୍ୱର ପରୋକ୍ଷ ବସ୍ତୁ । ତେଣୁ ତାଙ୍କର ରୂପନାହିଁ, ରଙ୍ଗନାହିଁ ।
ରୂପରଙ୍ଗ ଚକ୍ଷୁର ବିଷୟ । ଯେ ପଦାର୍ଥର ରୂପନାହିଁ, ରଙ୍ଗନାହିଁ,
ସେ ଦୃଷ୍ଟିଗୋଚର ହୋଇ ପାରେ ନା । ଆକାଶ ଏଥିପାଇଁ
ଦେଖାଯାଏ ନା । ଏଥିପାଇଁ ଈଶ୍ୱର ପରୋକ୍ଷ । ଆଉ ଏ ପରୋକ୍ଷ

Digitized by srujanika@gmail.com

ବସ୍ତୁ ସମ୍ବନ୍ଧରେ ବିଗ୍ଭର କରି, ଚିନ୍ତା କରି ଯେ ଜାଣେ ସେ ଯଥାର୍ଥରେ ବିଦ୍ୱାନ, ଦାର୍ଶନିକ, କବି, ମନୀଷୀ, ଅର୍ଥାତ୍ ସଂକ୍ଷେପରେ 'ପ୍ରକାଶବାନ', ଏ କଥା ଉପନିଷଦ କହିବାକୁ ଗ୍ଭହୁଁଛନ୍ତି । ପୁଣି ଉପନିଷଦ କହୁଛନ୍ତି ଯେ, ଯେ ଏପରିଭାବରେ ପ୍ରକାଶବାନ ବ୍ୟକ୍ତି ଅର୍ଥାତ୍ ଯେ ବିଦ୍ୱାନ, ମନୀଷୀ, କବି, ସେ ପ୍ରକାଶବାନ୍ 'ଲୋକ'କୁ ଜୟ କରେ ଅର୍ଥାତ୍ ଜାଣେ । ଅର୍ଥାତ୍ ବୁଝିବାକୁ ହେବ ଯେ ଦାର୍ଶନିକ ହିଁ କେବଳ ପ୍ରକାଶବାନ ଲୋକ ସମ୍ବନ୍ଧରେ ଯଥାର୍ଥ ଚିନ୍ତା ବା ବିଗ୍ଭର ଜଗତକୁ ଦେଇ ପାରିବ ଅନ୍ୟ କୌଣସି ବିଦ୍ୱାନ ନୁହେ । ବୈଜ୍ଞାନିକ ପାର୍ଥିବ ବସ୍ତୁ ସମ୍ବନ୍ଧରେହିଁ ବିଦ୍ୱାନ । ସେ ପରୋକ୍ଷ ବସ୍ତୁ ସମ୍ବନ୍ଧରେ ବିଗ୍ଭର ଦେଇ ପାରିବ ନାହିଁ । ଅର୍ଥାତ୍ ସେ ପ୍ରକାଶବାନ ଲୋକଙ୍କୁ ଜୟ କରି ପାରିବ ନାହିଁ । 'ପ୍ରକାଶବାନ ଲୋକ' ଅର୍ଥ ଦର୍ଶନର କ୍ଷେତ୍ର—ପରୋକ୍ଷ ବସ୍ତୁ ସମ୍ବନ୍ଧରେ ବିଗ୍ଭର ଅର୍ଥ ଈଶ୍ୱରଙ୍କ ତତ୍ତ୍ୱ ସମ୍ବନ୍ଧରେ ବିଗ୍ଭରର କ୍ଷେତ୍ର ।

ବ୍ରହ୍ମର ଚତୁଷ୍କଳ ପ୍ରଥମ ପାଦ (ଅଂଶ) ର ବ୍ୟାଖ୍ୟା ବଳୀବର୍ଦ୍ଦ (ଋଷଭ, ବଳଦ) ଏହିଠାରେ ଶେଷ କଲେ । କିନ୍ତୁ ବ୍ରହ୍ମଙ୍କ ଅନ୍ୟ ତିନି ପାଦର ବ୍ୟାଖ୍ୟା ତ ବାକି ଅଛି । ତେଣୁ ବଳୀବର୍ଦ୍ଦ ସତ୍ୟକାମକୁ କହୁଛନ୍ତି—

"ଅଗ୍ନିଷ୍ଟେ ପାଦଂ ବକ୍ତେତି । (ଅଗ୍ନି ତୁମକୁ ବ୍ରହ୍ମର ଅନ୍ୟ ପାଦ ସମ୍ବନ୍ଧରେ କହିବେ) ବଳୀବର୍ଦ୍ଦ ତ ପ୍ରାଣୀ—ଅଗ୍ନିର ପ୍ରାଣ ନାହିଁ—ସେ ଜଡ଼ ବସ୍ତୁ ବିଶେଷ । ଈଶ୍ୱରଙ୍କର ସୃଷ୍ଟି ଏହି ଜଡ଼ ବସ୍ତୁଠାରୁ ମଧ୍ୟ ମନୁଷ୍ୟର ଅନେକ କଥା ଶିଖିବାର, ଜାଣିବାର ଅଛି, ଏ କଥାକୁ ଦର୍ଶାଇବାପାଇଁ ଉପନିଷଦକାର ଏଠାରେ ଅଗ୍ନିକୁ ମଧ୍ୟ ଉପଦେଶକ ଭାବରେ ଉପସ୍ଥାପନ କରିଛନ୍ତି । ଏହି ଅଗ୍ନିହିଁ ତ ଉପଦେଶ ଦେଉଛି; 'ମୋତେ ଅନାବଶ୍ୟକଭାବରେ ଛୁଅଁ ନା, ଦୁଃଖ

Digitized by srujanika@gmail.com

ପାଇବ—ପୋଡ଼ିବ । ମୋଟେ ଖାଦ୍ୟ ପଦାର୍ଥକୁ ସିଦ୍ଧ କରିବାରେ ପ୍ରୟୋଗକର—ସୁନ୍ଦର ଖାଦ୍ୟ ପାଇବ—ଜୀବନଧାରଣ କରି ପାରିବ ।' ଏପରିଭାବରେ ଯେ ଉପଦେଶକାରୀ, ମଙ୍ଗଳକାରୀ ସେ ଅଗ୍ନିକୁ, ସେ ଜଡ଼ବସ୍ତୁକୁ, ସେ ଜଡ଼ବସ୍ତୁ ବୋଲି ତ ତାକୁ ଉପେକ୍ଷା କରାଯାଇ ପାରେନା । ଈଶ୍ୱରଙ୍କ ସୃଷ୍ଟିର ସମସ୍ତ ପଦାର୍ଥର ଆବଶ୍ୟକତା ଅଛି ବୋଲି ତ ସେ ଅଛି । ତାକୁ ଅନାଦର କରାଯାଇ ପାରିବ କିପରି ? ତେଣୁ, ଋଷି ଅଗ୍ନିକୁ ଆଦର କରିବାକୁ, ସମ୍ମାନ ଦେବାକୁ, ତାକୁ ବିଦ୍ୱାନଭାବରେ, ଉପଦେଶକଭାବରେ ଉପସ୍ଥାପନ କରିଛନ୍ତି ଏଠି । ବିଦ୍ୱାନ୍ ପୂଜା, ସମ୍ମାନ ପାଇବାର ଯୋଗ୍ୟ—ବିଦ୍ୱାନ ସର୍ବତ୍ର ପୂଜ୍ୟତେ ।

ବର୍ତ୍ତମାନ ଅଗ୍ନି ସତ୍ୟକାମଙ୍କୁ ବ୍ରହ୍ମର ଚତୁଷ୍କଳ ଦ୍ୱିତୀୟପାଦ ସମ୍ବନ୍ଧରେ ଉପଦେଶ ଦେଉଛନ୍ତି—

ପୃଥିବୀ କଳାଽନ୍ତରିକ୍ଷଂ କଳା ଦ୍ୟୌଃ କଳାସମୁଦ୍ରଃ
କଳୈଷ ବୈ ସୌମ୍ୟ ! ଚତୁଷ୍କଳଃ ପାଦୋ ବ୍ରହ୍ମଣୋଽନନ୍ତବାନ୍ନାମ

(ହେ ସୌମ୍ୟ ! ବ୍ରହ୍ମର ଗୋଟାଏ କଳା (ସ୍ଥାନ ବା ପାଦ) ଏହି ପୃଥିବୀ, ଦ୍ୱିତୀୟ କଳା ଅନ୍ତରୀକ୍ଷ, ତୃତୀୟ କଳା ଦ୍ୟୁଲୋକ, ଚତୁର୍ଥ କଳା ସମୁଦ୍ର, ବ୍ରହ୍ମର ଏହି ଚତୁଷ୍କଳ ପାଦର ନାମ ଅନନ୍ତବାନ । ଅଗ୍ନି କହିବାକୁ ଚାହୁଁଛନ୍ତି ଯେ ଈଶ୍ୱର ଯେପରି ସୂକ୍ଷ୍ମ ଜଗତରେ ବ୍ୟାପକ, ସେପରି ସେ ସ୍ଥୂଳ ଜଗତରେ ବି ବ୍ୟାପକ । ଅର୍ଥାତ୍ ଈଶ୍ୱର ପାର୍ଥିବ ପଞ୍ଚମହାଭୂତରେ ବ୍ୟାପକ । ପୃଥିବୀ ଅର୍ଥାତ୍ ମାଟିରେ ଅନ୍ତରୀକ୍ଷ ଅର୍ଥାତ୍ ଆକାଶରେ, ସମୁଦ୍ର ଅର୍ଥାତ୍ ଜଳରେ, ଦ୍ୟୁଲୋକ ଅର୍ଥାତ୍ ତେଜରେ, ଆଉ ଆକାଶ କହିବା ଅର୍ଥ ପବନରେ ବି ବୁଝାଇବ, କାରଣ ପବନର ସ୍ଥାନ

Digitized by srujanika@gmail.com

ଆକାଶ, ଏହି ପଞ୍ଚଭୂତରେ ବ୍ରହ୍ମ ବ୍ୟାପକ । (ଦ୍ୟୁଲୋକକୁ ତେଜ ଏଥିପାଇଁ ଧରାଯାଇଛି ଯେ ଦ୍ୟୁଲୋକ ଅର୍ଥ ସ୍ବର୍ଗଲୋକ । ସ୍ବର୍ଗଲୋକ ଅର୍ଥ ଯେଉଁଠାରେ ଦେବତାମାନେ ବାସକରନ୍ତି । ଆଉ ଦେବତା ସେହିମାନଙ୍କୁ କୁହାଯାଏ ଯେଉଁମାନେ ବିଦ୍ୱାନ, ଯେଉଁମାନେ ଅନ୍ୟଙ୍କୁ ଦୀପ୍ତିଦାନ କରନ୍ତି, ଜ୍ଞାନ ଦାନ କରନ୍ତି । ଦେବତାର ବ୍ୟାଖ୍ୟା ଏ ପୁସ୍ତକରେ ଅନ୍ୟତ୍ର ଅଛି ।)

ଈଶ୍ୱର ଏହି ପଞ୍ଚଭୂତରେ ବ୍ୟାପକ—ଏହି ପଞ୍ଚଭୂତ ଈଶ୍ୱର ନୁହନ୍ତି । ତେଣୁ ଈଶ୍ୱରଙ୍କୁ ମାଟି, ପାଣି, ପବନ, ଆକାଶ, ବା ତେଜ ବୋଲି ପୂଜା କରିବା ଅର୍ଥାତ୍ ଈଶ୍ୱରଙ୍କ ବିଗ୍ରହ ନିର୍ମାଣ କରି ପୂଜା କରିବା ନାସ୍ତିକତା ହେବ । ଈଶ୍ୱରଙ୍କୁ ଏ ପଞ୍ଚଭୂତରେ ବ୍ୟାପକ ବୋଲି ଜାଣିବା ତାଙ୍କର ଯଥାର୍ଥ ପୂଜା ହେବ । ଯଦି ଈଶ୍ୱରଙ୍କୁ ପଞ୍ଚଭୂତ ବୋଲି ଉପାସନା କରାଯାଏ, ତେବେ ଏ ପଞ୍ଚଭୂତ ସାନ୍ତ ହୋଇଥିବାରୁ, ସେ ବି ସାନ୍ତ ହୋଇ ଉଠିବେ । କିନ୍ତୁ ଈଶ୍ୱର ସାନ୍ତ ନୁହନ୍ତି, ସେ ଅନନ୍ତ, ସେ ଅନନ୍ତବାନ୍, ଏ କଥା ଏଇଠି ଉପନିଷଦ କହୁଛନ୍ତି—ବ୍ରହ୍ମଣୋଽନନ୍ତବାନ୍ନାମ । ଈଶ୍ୱର ସାନ୍ତ ଏଥିପାଇଁ ନୁହନ୍ତି ଯେ ସେ ସର୍ବବ୍ୟାପକ—ସେ ତାଙ୍କର ଚତୁଷ୍କଲଯୁକ୍ତ ପାଦରେ ସର୍ବତ୍ର ବ୍ୟାପକ । ଅତଏବ ଈଶ୍ୱର ଏକ, ଅଦ୍ୱିତୀୟ ।

ସ ଯ୍ଯ ଏତମେବଂ ବିଦ୍ୱାଂ ଶ୍ଚତୁଷ୍କଲଂ ପାଦଂ
ବ୍ରହ୍ମଣୋଽନନ୍ତବାନ୍ନି
ତ୍ୟୁପାସ୍ତେଽନନ୍ତବାନସ୍ମିଂଲ୍ଲୋକେ ଭବତ୍ୟନନ୍ତବତୋ ହ
ଲୋକାଞ୍ଜୟତି ।
ଯ୍ଯ ଏତମେବଂ ବିଦ୍ୱାଂଶ୍ଚତୁଷ୍କଲଂ ପାଦଂ
ବ୍ରହ୍ମଣୋଽନନ୍ତବାନିତ୍ୟୁପାସ୍ତେ

(ଯେ ବ୍ରହ୍ମର ଏହି ଚତୁଷ୍କଳ ପାଦକୁ ଜାଣି, ତାଙ୍କୁ ଅନନ୍ତବାନ ଜାଣି ଉପାସନା କରେ, ସେ ନିଜେ ଅନନ୍ତବାନ ହୁଏ । ଅଭୁ ଅନନ୍ତବାନ ଲୋକକୁ ଜୟ କରେ (ଅର୍ଥାତ୍ ମୋକ୍ଷ ଲାଭ କରେ ।)

ବ୍ରହ୍ମ ଅନନ୍ତବାନ—ସେ ସାନ୍ତ ନୁହନ୍ତି । ସେ, ମାଟି, ପଥର, କାଠର ମୂର୍ତ୍ତିରେ ଅଛନ୍ତି, କିନ୍ତୁ ସେ ମାଟି, ପଥର କାଠ ନୁହନ୍ତି, ଏ କଥା ଯେ ଜାଣନ୍ତି, ସେ ନିଜେ ମଧ୍ୟ ଅନନ୍ତବାନ । ଅର୍ଥାତ୍ ତାଙ୍କର ଦୃଷ୍ଟିକୋଣ, ତାଙ୍କର ବିଚାରଧାରା, ତାଙ୍କର ଜ୍ଞାନ ମଧ୍ୟ ଆଂଶିକତଃ ଅନନ୍ତବାନ ଈଶ୍ୱରଙ୍କର ପରି, ଅର୍ଥାତ୍ ଯେ ବ୍ରହ୍ମଜ୍ଞାନୀ, ଦାର୍ଶନିକ, ସେ ଅନନ୍ତବାନ ଈଶ୍ୱରଙ୍କର ପରି ଅନନ୍ତବାନ, ଏଥିପାଇଁ ତ ମନୁଷ୍ୟକୁ କୁହାଯାଏ—ଅମୃତସ୍ୟ ପୁତ୍ରାଃ । ଅମୃତ ଈଶ୍ୱରଙ୍କ ପୁତ୍ର ଏହି ମନୁଷ୍ୟ ବି ଅମୃତ । ପିତାର ଶରୀରକୁ ନେଇ, ପିତାର ଗୁଣକୁ ନେଇ ପୁତ୍ରର ସୃଷ୍ଟି । ତେଣୁ ଦାର୍ଶନିକ, ତତ୍ତ୍ୱବେତ୍ତା ଈଶ୍ୱରଙ୍କର ପରି ଅନନ୍ତବାନ । ଈଶ୍ୱରଙ୍କର ପରି ଅନନ୍ତବାନ ମନୁଷ୍ୟ (ଦାର୍ଶନିକ) ଏଥିପାଇଁ ଅନନ୍ତବାନ ଯେ ସେ କୌଣସି ପଦାର୍ଥକୁ ସ୍ଥୂଳ ଚକ୍ଷୁରେ ଦେଖେନା, ଅନ୍ତର୍ଦୃଷ୍ଟିର ସାହାଯ୍ୟରେ ସେ ଦେଖେ । ଦେଖିବାଟା କେବଳ ସ୍ଥୂଳ ଚକ୍ଷୁ ଉପରେ ନିର୍ଭର କରେନା । ଦେଖିବାପାଇଁ ସାମୀପ୍ୟ, ତେଜ, ଆଉ ମନ ଅବଶ୍ୟକ । ବସ୍ତୁ ପାଖରେ ନ ଥିଲେ, ଚକ୍ଷୁ ଥିଲେ ବି ଦେଖି ହୁଏନା, ଆଲୋକ ନ ଥିଲେ ଚକ୍ଷୁ ଥିଲେ ବି ଦେଖି ହୁଏ ନା, ମନ ନ ଥିଲେ ଚକ୍ଷୁ ଥିଲେ ବି ଦେଖି ହୁଏ ନା । ଦେଖିବା ବାହାରେ ଅଧିକ କିଛି ଦେଖିବାର ଅଛି ବୋଲି ଯା'ର ଅନ୍ତର୍ଦୃଷ୍ଟି ନାହିଁ, ସେ ଯଥାର୍ଥରେ କୌଣସି ପଦାର୍ଥକୁ ଦେଖି ପାରେନା । ଆମେ ବୃକ୍ଷଲତାକୁ ଯେ ଆକାରପ୍ରକାରରେ ଦେଖୁଛୁଁ ସେ ଏପରି ଆକାର ପ୍ରକାରରେ କେବେ ନ ଥିଲା, ଆଉ ପରେ ବି

Digitized by srujanika@gmail.com

ରହିବ ନାହିଁ, ଯେଉଁ ମୂଳ ଅଣୁରୁ ସେ ନିର୍ମିତ, ସେହି ଅଣୁରେ ପ୍ରଳୟରେ ସେ ବିଲୀନ ହୋଇଯିବ । ଦର୍ଶନର ଏ ବିଗ୍ଭରକୁ ଇଂରେଜୀରେ କୁହାଯାଏ Metaphysics ଏହାର ସମ୍ପୂର୍ଣ୍ଣରେ ପ୍ରତିଶବ୍ଦ ନାହିଁ । ହିଁ, 'ଦର୍ଶନ' କେବଳ ଏହାର ପ୍ରତିଶବ୍ଦ । ଦର୍ଶନକୁ ସ୍ଥୂଳତଃ ତିନି ଭାଗରେ ବିଭକ୍ତ କରାଯାଇ ପାରେ, ଯଥା— Philosophy Metaphysics ଅର Ethics କିନ୍ତୁ ଭାରତୀୟ ଦାର୍ଶନିକମାନେ ଦର୍ଶନକୁ ଏପରି ଭାଗ ଭାଗ କରିବା ସମ୍ବନ୍ଧରେ ଗଭୀର ଚିନ୍ତା କରି ବିଧାବା ନେବାର ପ୍ରଯତ୍ନ କରି ନାହାନ୍ତି । କେବଳ ଦାର୍ଶନିକ ତତ୍ତ୍ୱ ବିଶେଷ ସମ୍ବନ୍ଧରେ ବିଗ୍ଭର କରିବାରେ ସେମାନେ ଏତେ ବ୍ୟସ୍ତ ଥିଲେ ଯେ ଶବ୍ଦକୁ କିମ୍ବା ବିଷୟକୁ ନେଇ ବିଶ୍ଳେଷଣ କରି ଶ୍ରେଣୀ-ବିଭାଗ କରିବାର ଆବଶ୍ୟକତା ସେମାନେ ଅନୁଭବ କରି ନ ଥିଲେ । ଏ ସମସ୍ତଙ୍କୁ ଏକାଙ୍ଗଭାବରେ ଏକା ବୋଲି ସେମାନେ ଦେଖିଛନ୍ତି । ତେଣୁ ଏ ଶବ୍ଦଗୁଡ଼ିକର ପ୍ରତିଶବ୍ଦ ପାଇଁ ବ୍ୟାକୁଳ ହେବା ନିରର୍ଥକ । ଯେଉଁମାନଙ୍କ ତତ୍ତ୍ୱଜ୍ଞାନରେ ଗଭୀରତାର ଅଭାବ ସେମାନେ ତନ୍ତ୍ରର ଶ୍ରେଣୀବିଭାଗ କରିବାରେ ଆନନ୍ଦ ପାଇ ପାରନ୍ତି । ଏ ଅର୍ଥ ସମ୍ବନ୍ଧରେ ବିଗ୍ଭର କରିବାକୁ କୁହାଯାଏ ଅନ୍ତର୍ଦୃଷ୍ଟି; ଗମ୍ଭୀର ବିଗ୍ଭର । ଗମ୍ଭୀର ବିଗ୍ଭର ମନୁଷ୍ୟ ସୂକ୍ଷ୍ମ ବସ୍ତୁ ସମ୍ବନ୍ଧରେ କରେ ବା ଗମ୍ଭୀର ବିଗ୍ଭରକଲେ ସୂକ୍ଷ୍ମ ବସ୍ତୁର ଦର୍ଶନ ହୁଏ । ଅର ସୂକ୍ଷ୍ମ ବସ୍ତୁ ଅନନ୍ତ । ଏଥିପାଇଁ ତ ସେ ଦେଖାଯାଏ ନା । ଅର ସ୍ଥୂଳବସ୍ତୁ ସାନ୍ତ, ଏଥିପାଇଁ ଯେ ତାର ସୀମା ଅଛି । ଅର ତାର ସୀମା ଅଛି ବୋଲି ସେ ସ୍ଥୂଳ ଚକ୍ଷୁରେ ଦେଖାଯାଏ । ଅତଏବ ଅନନ୍ତସୂକ୍ଷ୍ମ ବସ୍ତୁ ସମ୍ବନ୍ଧରେ ଯେ ବିଗ୍ଭର କରେ, ସେ ଅନନ୍ତବାନ ହେବା ସ୍ୱାଭାବିକ । ଈଶ୍ୱର ସୂକ୍ଷ୍ମବସ୍ତୁ, ତେଣୁ ସେ ଅନନ୍ତବାନ । ଅର ଏ ସୂକ୍ଷ୍ମ ଅନନ୍ତବାନ ବସ୍ତୁକୁ

Digitized by srujanika@gmail.com

ଯେ ଜାଣେ, ସେ ମଧ୍ୟ ଅନନ୍ତବାନ,' ଏ କଥା, ଉପନିଷଦର ଋଷି କହୁଛନ୍ତି । ସ୍ଥୂଳ ପଦାର୍ଥ ସାନ୍ତ ବୋଲି, ସେ ସମ୍ବନ୍ଧରେ ମନୁଷ୍ୟର ଚିନ୍ତା ବି ସାନ୍ତ ହେବା ସ୍ୱାଭାବିକ । ଆଉ ସୂକ୍ଷ୍ମ ପଦାର୍ଥ ଅନନ୍ତ ବୋଲି, ସେ ସମ୍ବନ୍ଧରେ ମନୁଷ୍ୟର ଚିନ୍ତା ଅନନ୍ତ ହେବ । ଅତଏବ ଏ ସୂକ୍ଷ୍ମ ବସ୍ତୁ ସମ୍ବନ୍ଧରେ ଯେ ଚିନ୍ତା କରିବ, ସେ ଅନନ୍ତବାନ ହେବ ।

ବ୍ରହ୍ମ ଅଖଣ୍ଡନୀୟ, ଅଚିନ୍ତନୀୟ । ଏଇ ଅଚିନ୍ତନୀୟ ବ୍ରହ୍ମ ସମ୍ବନ୍ଧରେ ଚିନ୍ତାର ଅନ୍ତ ହେବ କିପରି ? ଆଉ ଯଦି ଚିନ୍ତାର ଅନ୍ତ ନ ହେବ, ସେ ଅନନ୍ତ ହେବ । ଅଉ ଯାହାର ଏ ଅନନ୍ତ ଅଛି (ଅର୍ଥାତ୍ ଯେ ଏପରି ସୂକ୍ଷ୍ମଜ୍ଞାନ ରଖିଛି ।) ତାକୁ ବି ଅନନ୍ତ କହିବାର କ୍ଷତି କଣ ? ଯେ ଜଳ ଜୀବନ ସଙ୍ଗରେ ଏକାକାର, ଯା'ର ଅଭାବରେ ଜୀବନ ରହି ନ ପାରେ, ସେ ଜଳକୁ ଜୀବନ କହିବାରେ କ୍ଷତି କଣ ? ଏଥିପାଇଁ ତ ଜଳର ଅନ୍ୟ ନାମ ଜୀବନ । ଏଥିପାଇଁ ଉପନିଷଦ କହୁଛନ୍ତି, ଅନନ୍ତବାନ ଈଶ୍ୱରଙ୍କ ସମ୍ବନ୍ଧରେ ଅନନ୍ତ ଚିନ୍ତାରେ ଯେ ମଗ୍ନ, ସ୍ଥୂଳ ପଦାର୍ଥକୁ ଈଶ୍ୱର ମନେ କରେନା, ସେ ନିଜେ ମଧ୍ୟ ଅନନ୍ତବାନ ।

ଉପନିଷଦ ପୁଣି କହୁଛନ୍ତି, ଯେ' ଈଶ୍ୱରଙ୍କୁ ଅନନ୍ତବାନ ବୋଲି ଜାଣେ, ସେ ଅନନ୍ତବାନ ଲୋକକୁ ଜୟ କରେ । ଅନନ୍ତବାନ ଲୋକ ଅର୍ଥ ସ୍ୱର୍ଗ । ସ୍ୱର୍ଗ ଅର୍ଥ 'ମୋକ୍ଷପଦ' । ଇହ ଲୋକ ଅନନ୍ତବାନ ଲୋକ ନୁହେଁ । କାରଣ ମନୁଷ୍ୟର ଆୟୁ ପ୍ରାୟ ୧୦୦ ବର୍ଷ ପର୍ଯ୍ୟନ୍ତ କେବଳ ନିର୍ଦ୍ଧାରିତ, ତା' ପରେ ମୃତ୍ୟୁ, ଅନ୍ତ—

ପଶ୍ୟେମ ଶରଦଃ ଶତଂ ଜୀବେମ ଶରଦଃ ଶତ
ଶୃଣୁୟାମ ଶରଦଃ ଶତଂ ପ୍ରବ୍ରବାମ ଶରଦଃ
ଶତମଦୀନାଃ ଶ୍ୟାମ ଶରଦଃ ଶତଂ ଭୂୟଶ୍ଚ ଶରଦଃ ଶତାତ୍ ।

Digitized by srujanika@gmail.com

(ଶହେ ବର୍ଷ ପର୍ଯ୍ୟନ୍ତ ଆମେ ଦେଖୁଁ, ଶହେବର୍ଷ ପର୍ଯ୍ୟନ୍ତ ଜୀବୀତ ରହୁଁ, ଶହେ ବର୍ଷ ପର୍ଯ୍ୟନ୍ତ ଶୁଣୁ, ଶହେ ବର୍ଷ ପର୍ଯ୍ୟନ୍ତ କହୁଁ, ଶହେ ବର୍ଷ ପର୍ଯ୍ୟନ୍ତ ଅଧୀନ ଭାବରେ ରହୁଁ, ଆଉ ପରେ ବି ଶହେ ବର୍ଷରୁ ଅଧିକ ଦେଖୁଁ ଶୁଣୁଁ, ଜୀଉଁ ଆଉ ଅଦୀନ ରହୁଁ ।)

ପ୍ରାଚୀନ କାଳରେ ବୈଦିକ ଋଷି ଈଶ୍ୱରଙ୍କଠାରେ ଶହେ ବର୍ଷର ଆୟୁ ପାଇଁ ପ୍ରାର୍ଥନା କରୁଥିଲେ । ସେତେବେଳେ ସେହି ପ୍ରାଚୀନକାଳରେ ଯେତେବେଳେ ସଂଯମରେ ସାଧନା ସ୍ୱାଭାବିକ-ଭାବରେ ଥିଲା, ସେତେବେଳେ ବି ଋଷି କେବଳ ୧୦୦ ବର୍ଷର ଜୀବନ-ଯାତ୍ରାର କାମନା କରିଛନ୍ତି । ଏଥିରୁ ଏ କଥା ସ୍ପଷ୍ଟ ଯେ ମନୁଷ୍ୟର ସ୍ୱାଭାବିକ ଆୟୁ କେବଳ ୧୧୦ ବର୍ଷ ପର୍ଯ୍ୟନ୍ତ । କିନ୍ତୁ ସାଧନା ବଳରେ ଏ ଆୟୁ ବଢ଼ିପାରେ ଏ କଥା ବି ଋଷି ସ୍ୱୀକାର କରିଛନ୍ତି । ତେବେ ସେ ଯା' ବି ହେଉ, ଇହ ଲୋକରେ ମନୁଷ୍ୟର ଆୟୁକାଳ ସାନ୍ତ ।

ମୋକ୍ଷଲାଭ କରିବା ଅର୍ଥ, ଏଇ ଲୋକରୁ ବିଦାୟ ନେଇ ଲିଙ୍ଗ ଶରୀରରେ, ସୂକ୍ଷ୍ମ ଶରୀରରେ ଅନନ୍ତବାନ ଲୋକରେ ବାସ କରିବା । ମନୁଷ୍ୟ ସ୍ଥୂଳରୁ ସୂକ୍ଷ୍ମ ହେବା ଫଳରେ ଅର୍ଥାତ୍ ମନୁଷ୍ୟ ମୃତ୍ୟୁରୁ ମୋକ୍ଷ ଲାଭ କରିବା ଫଳରେ ଅନନ୍ତବାନ ଲୋକରେ ରହେ । ଅନନ୍ତବାନ ଜଗତ ସୂକ୍ଷ୍ମ ସ୍ଥୂଳ ବିଶେଷ । ଆଉ ମନୁଷ୍ୟ ସୂକ୍ଷ୍ମ ହୁଏ ; ଲିଙ୍ଗ ଶରୀର ଧାରଣ କରେ ବୋଲି ମନୁଷ୍ୟ ଏ ସୂକ୍ଷ୍ମ ଜଗତରେ ରହିପାରେ ।

ସ୍ଥୂଳ ପଦାର୍ଥର ବିନାଶ ଘଟେ—ସୂକ୍ଷ୍ମ ପଦାର୍ଥର ପରିବର୍ତ୍ତନ ଘଟେ । ସ୍ଥୂଳ ଶରୀରର ବିନାଶ ଘଟେ—ଆତ୍ମାର ପରିବର୍ତ୍ତନ ଘଟେ । ଅର୍ଥାତ୍ ଆତ୍ମା ଗୋଟାଏ ଘଟ ତ୍ୟାଗ କରି ଅନ୍ୟ ଘଟରେ ପ୍ରବେଶ

Digitized by srujanika@gmail.com

ଉରେ । ଇନ୍ଦ୍ରିୟର ବିନାଶ ଘଟେ—ବିଷୟର ବିନାଶ ଘଟେ ନା । ସୂକ୍ଷ୍ମ ଶରୀରରେ ମନୁଷ୍ୟ ଆତ୍ମା ରହେ—ଇନ୍ଦ୍ରିୟ ରହେ ନାହିଁ । କିନ୍ତୁ ଭୋଗକୁ ସୂକ୍ଷ୍ମଭାବରେ ଗ୍ରହଣ କରିବାର ପ୍ରବୃତ୍ତି ରହେ । ଆତ୍ମାର ଚୈତନ୍ୟଭାବରେ ଚିନ୍ତା କଲେ ଜଣାଯାଏ, ପୃଥିବୀରେ କୌଣସି ପଦାର୍ଥର, ସେ ସ୍ଥୂଳ ହେଉ, ସୂକ୍ଷ୍ମ ହେଉ ନାଶ ଘଟେ ନା—କେବଳ ପରିବର୍ତ୍ତନ ଘଟେ । ସେଥିପାଇଁ 'ଣଶ ଅଦର୍ଶନେ' ଧାତୁରୁ 'ନାଶ ଶବ୍ଦର ଉତ୍ପତ୍ତି । ନାଶ ହେବା ଅର୍ଥ ଅଦର୍ଶନ ହେବା—ଦେଖା ନ ଯିବା । ଦେଖା ନ ଯିବା ଅର୍ଥ ଥିବା, ଦେଖା ନ ଯିବା—ଅନ୍ୟତ୍ର ଚାଲିଯିବା ।

ଅତଏବ ମନୁଷ୍ୟ ମୋକ୍ଷ ଲାଭ କରିବା ଅର୍ଥ ସୂକ୍ଷ୍ମ ଶରୀର ଧାରଣ କରି ଅନେକ କାଳ ପର୍ଯ୍ୟନ୍ତ ଈଶ୍ୱରଙ୍କ ଆନନ୍ଦ ପାଇବା ପାଇଁ ଅନନ୍ତବାନ ଲୋକରେ ରହିବା । ଆଉ ଈଶ୍ୱରଙ୍କୁ ଯେ ଅନନ୍ତବାନ ବୋଲି ଜାଣିବ, ଏ ଆନନ୍ଦ ସେ ପାଇବ, ଏ କଥା ଉପନିଷଦର ଋଷି କହୁଛନ୍ତି ।

ଈଶ୍ୱରଙ୍କୁ ଅନନ୍ତବାନ ବୋଲି ଜାଣିବା ଅର୍ଥ ଈଶ୍ୱରଙ୍କୁ ଅଶବ୍ଦ, ଅସ୍ପର୍ଶ, ଅରୂପ, ଅବ୍ୟୟ, ଅରସ, ଅଗନ୍ଧ, ନିତ୍ୟ, ଶାଶ୍ୱତ, ଅନନ୍ତ, ଅନାଦି, ଅଗୁଣ, ଫଳତଃ ଅପାପବିଦ୍ଧ ମନେ କରିବା । ଏ କଥାଟାକୁ କଠୋପନିଷଦ ତାଙ୍କର ଭାଷାରେ କହୁଛନ୍ତି—

ଅଶବ୍ଦମସ୍ପର୍ଶମରୂପମବ୍ୟୟଂ
ତଥାରସନିତ୍ୟମଗନ୍ଧବଚ୍ଚ ଯତ୍ ।
ଅନାଦ୍ୟନନ୍ତ ମହତଃ ପରଂ ଧ୍ରୁବଂ
ନିଚାଯ୍ୟ ତନ୍ମୃତ୍ୟୁମୁଖାତ୍ ପ୍ରମୁଚ୍ୟତେ ॥

କଠୋପନିଷଦ କହୁଛନ୍ତି, ଏଇ ଯେ ପରମଧ୍ରୁବ ଈଶ୍ୱର, ଉପର୍ଯ୍ୟୁକ୍ତ ଗୁଣାବଳୀରେ ଯେ ସମ୍ପୂର୍ଣ୍ଣ ସ୍ଥିର (ଧ୍ରୁବ) ଈଶ୍ୱର, ଯା'ର

Digitized by srujanika@gmail.com

ଏ ଗୁଣର କପିନ୍‌କାଳେ ମଙ୍ଗଳବର୍ତ୍ତିନ ହୁଏନା, ଏପରି ଯେ ଈଶ୍ୱର, ତାଙ୍କୁ ଯେ ଏପରିଭାବରେ ମାନେ, ସେ ମୃତ୍ୟୁ-ଦୁଃଖରୁ ନିବୃତ୍ତ ହୁଏ । ଏଇ ମୃତ୍ୟୁ-ଦୁଃଖରୁ ନିବୃତ୍ତ ହେଲେ ସେ ଯା ପାଏ, ତାକୁ କୁହାଯାଏ 'ଋଣାତ୍ମକ ଆନନ୍ଦ' (ଶାନ୍ତ) । ଈଶ୍ୱରଙ୍କର ଏପରି ନିର୍ଗୁଣୋପାସନା କଲେ ମନୁଷ୍ୟ କିଛି ପାଏନା, ବରଂ କିଛି ହରାଏ, ଏଇ ହରାଇବା ଫଳରେ ଯା' ନିଜର ନୁହେ, ତା' ସେ ପାଏ । ତେଣୁ ଏ 'ଆନନ୍ଦକୁ' ଋଣାତ୍ମକ କୁହାଯାଏ । ଏ ଆନନ୍ଦ ସେ କେଉଁ ଶରୀରରେ, କିପରି ଭାବରେ ପାଏ, ତାର ଟିକିଏ ଆଲୋଚନା ଆବଶ୍ୟକ । (ସାଧାରଣତଃ ମନୁଷ୍ୟର ତିନୋଟି ଶରୀର ସମ୍ବନ୍ଧରେ ଶୁଣାଯାଏ । କିନ୍ତୁ ମନୁଷ୍ୟର କେବଳ ଦୁଇଟି ଶରୀର; ଏ ଦୁଇଟିରୁ ଗୋଟାଏ ଦୁଇ ଭାଗ ହୋଇଥିବାରୁ ତିନୋଟି ପରି ମନେ ହୁଏ ।)
ଉଦାହରଣ—

୧ । **କାରଣ ଶରୀର**—ଜଗତରେ କାରଣ ରୂପକ ଯେଉଁ ମୂଳ ପ୍ରକୃତି ରହିଛି, ଯା'ର ଉପରେ ନିର୍ଭର କରି ସମସ୍ତ ସ୍ଥୂଳ ପ୍ରକୃତିର ସ୍ଥିତି ସମ୍ଭବ ହୋଇଛି, ଅର୍ଥାତ୍ ଆକାଶ [illegible] ସ୍ତର । ମଠାକାଶ ଘଟାକାଶ ପରି ଏ ଆକାଶର ଅଂଶ ମଧ୍ୟ ଆମର ଶରୀର ମଧ୍ୟରେ ବିଦ୍ୟମାନ । ଏଇ ଆକାଶହିଁ ତ କାରଣ ଅନ୍ୟାନ୍ୟ ଚାରି ମହାଭୂତର ଅବସ୍ଥାନ ପାଇଁ—ଏଇ ଆକାଶହିଁ ତ ପ୍ରଥମ ସୃଷ୍ଟିର ପ୍ରଥମ ଉପାଦାନ, ତେଣୁ ଆମ ଶରୀରର ଏ ଶୂନ୍ୟତାକୁ କୁହାଯାଏ 'କାରଣ ଶରୀର ।' କିନ୍ତୁ ଆହୁରି ଗଭୀରଭାବରେ ବିଚାର କଲେ ବୁଝାପଡ଼େ, କାରଣ ଶରୀରର ଅର୍ଥ କେବଳ ଏତିକି ନୁହେ । କାରଣ ନ ଥିଲେ ତ କୌଣସି କାର୍ଯ୍ୟ କେବେ ହୁଏ ନା । ଯେଉଁ-କାରଣରୁ ଆମର ଶରୀରର ଉତ୍ପତ୍ତି, ଯା'ର ଅଂଶ ବିଶେଷ ଆମର

Digitized by srujanika@gmail.com

ମଧ୍ୟରେ ରହୁଛୁ, ତାକୁ କୁହାଯାଏ 'କାରଣ ଶରୀର'। ଅର୍ଥାତ୍ ଆମେ ଶରୀର ଧାରଣ କରୁଛୁ କିଛି ଗୋଟାଏ ପାଇବା ପାଇଁ। ଆମର କାମନା ନ ଥିଲେ ଆମର ସୃଷ୍ଟି ହୁଅନ୍ତା ନାହିଁ। ଆମର ଏଇ ଯେ ବାସନା, ସେ ହେଉଛି ଆନନ୍ଦ ପାଇଁ ବାସନା; କାରଣ ଏ ଆନନ୍ଦର ଆମର ଅଭାବ ଅଛି। ଏଥିପାଇଁ ଏ କାରଣ ଶରୀରକୁ କୁହାଯାଏ 'ଆନନ୍ଦମୟ କୋଷ (କୋଶ)। ଅର୍ଥାତ୍ ଆନନ୍ଦକୁ ଧାରଣ କରିବା ପାଇଁ ଆମ ମଧ୍ୟରେ ଶୂନ୍ୟସ୍ଥାନ (କାଲିପ୍ରତା) ରହିଛି। କୋଶ ଅର୍ଥ ଆବରଣ ଯା ଭିତରେ କିଛି ରହି ପାରେ। ଆଉ ଏଇ ଶରୀରର ଉନ୍ନତି ହେଲେ ମନୁଷ୍ୟ ଆନନ୍ଦମୟ ଈଶ୍ୱରଙ୍କୁ ପ୍ରାପ୍ତ କରନ୍ତି ବୋଲି କୁହାଯାଏ। ଆଉ ଆମର ଅନ୍ୟ ବାସନା ସାଂସାରିକ ସୁଖ ବୋଲି ଇନ୍ଦ୍ରିୟଗତ ସ୍ଥୂଳ ଶରୀର ମଧ୍ୟ ଆମର ରହିଛି, ଏ କଥା ପରେ ଆଲୋଚନା କରାଯିବ।

୨। କାର୍ଯ୍ୟ ଶରୀର—ଏ ଶରୀର ଦୁଇ ଭାଗରେ ବିଭକ୍ତ; (କ) ସ୍ଥୂଳ ଶରୀର। (ଖ) ସୂକ୍ଷ୍ମ ଶରୀର।

(କ) ସ୍ଥୂଳ ଶରୀର—ରକ୍ତ ମାଂସ, ଅସ୍ଥି, ମଜ୍ଜା, ଶୁକ୍ର ଆଉ ରସ ଏ ସମସ୍ତର ମୂଳ ଖାଦ୍ୟ, ଏ ସମସ୍ତର ସମୁଦାୟକୁ କୁହାଯାଏ ସ୍ଥୂଳ ଶରୀର। ଅନ୍ନ ଏହାର କାରଣ ବୋଲି ଏହାକୁ 'ଅନ୍ନମୟ କୋଶ' କୁହାଯାଏ। ସୂକ୍ଷ୍ମ ଶରୀର ପାଇଁ ଏହା ସାଧନ। ଏହା ଦ୍ୱାରା ବିଷୟମୟ ଜଗତ ସଙ୍ଗରେ ସୂକ୍ଷ୍ମ ଶରୀରର ସମ୍ବନ୍ଧ ହୁଏ। ଏ ଶରୀରର ଉନ୍ନତି ହେଲେ ମନୁଷ୍ୟ ବଳବାନ ବୀର୍ଯ୍ୟବାନ ହୁଏ।

(ଖ) ସୂକ୍ଷ୍ମ ଶରୀର—୧୭ଟି ବସ୍ତୁର ସମଷ୍ଟି ଏ ଶରୀରର କାରଣ। ୫ ଜ୍ଞାନେନ୍ଦ୍ରିୟ (ଆଖି, ନାକ, କାନ, ତ୍ୱକ, ଜିହ୍ୱା) ଏ ଇନ୍ଦ୍ରିୟ ଦ୍ୱାରା ଆମେ ନାନା ବିଷୟରେ ନାନା କଥା ଜାଣି ପାରୁ

Digitized by srujanika@gmail.com

ବୋଲି ଏ ଗୁଡ଼ାକୁ ଜ୍ଞାନେନ୍ଦ୍ରିୟ କୁହାଯାଏ; ୫ ତନ୍ମାତ୍ର (ସୂକ୍ଷ୍ମ ବିଷୟ—ଶବ୍ଦ, ସ୍ପର୍ଶ ରୂପ, ରସ ଗନ୍ଧ), ଅଗରେ ଯେ ଜ୍ଞାନେନ୍ଦ୍ରିୟ କଥା କୁହାଗଲା, ତାର ଏ ଗୁଡ଼ାକ ହେଉଛନ୍ତି ବିଷୟ, ଅର୍ଥାତ୍ ଜ୍ଞାନେନ୍ଦ୍ରିୟ ଏ ସମସ୍ତ ସ୍ୱାଦ ଗ୍ରହଣ କରି ଜାଣେ, ତେଣୁ ସେ ଜ୍ଞାନେନ୍ଦ୍ରିୟ; ପଞ୍ଚପ୍ରାଣ (ପ୍ରାଣ ଅପାନ, ବ୍ୟାନ, ସମାନ, ଉଦାନ), ସେଇ ଗୋଟାଏ ପ୍ରାଣ ଶରୀର ବିଭିନ୍ନ ଦିଗରେ ଗତି କରୁଥିବାରୁ ଏପରି ବିଭିନ୍ନ ନାମକରଣ ହୋଇଛି; ୧ ମନ, ୧ ବୁଦ୍ଧି, ଏପରି ଏଇ ୧୭ ଟି ବସ୍ତୁର ସମଷ୍ଟି ସୂକ୍ଷ୍ମ ଶରୀର । ଏ ସବୁ ଦେଖାଯାଏ ନାହିଁ ବୋଲି ଏହାକୁ ସୂକ୍ଷ୍ମ ଶରୀର କୁହାଯାଏ । ଏ ଶରୀରଟା ପ୍ରାଣ (ବାୟୁ) ର ସଞ୍ଚାଳନର କ୍ଷେତ୍ର ବୋଲି ଏହାକୁ 'ପ୍ରାଣମୟ କୋଶ' କୁହାଯାଏ । ଏ ଶରୀରରେ ମନ ରହିଛି ବୋଲି ଏହାକୁ **ମନୋମୟ କୋଶ'** ବି କୁହାଯାଏ । ଅଉ ଏ ଶରୀରରେ ଜ୍ଞାନର କାରଣ ୫ ଜ୍ଞାନେନ୍ଦ୍ରିୟ ଆଉ ୫ ତନ୍ମାତ୍ର ରହିଛି ବୋଲି ଏ ଶରୀରକୁ **ବିଜ୍ଞାନମୟ** କୋଶ କୁହାଯାଏ । ଏ ଶରୀରର ଉତ୍କର୍ଷ ହେଲେ, ଅର୍ଥାତ୍ ମନର ଉନ୍ନତି ହେଲେ ବିଜ୍ଞାନର ଉନ୍ନତି ହେଲେ ମନୁଷ୍ୟ ଜ୍ଞାନୀ ବିଦ୍ୱାନ ନେତା ରାଜା ବୁଦ୍ଧିମାନ ହୁଏ ।

ଏ ଶରୀର ମଧ୍ୟରେ ପରସ୍ପରର କ୍ରିୟାକଳାପର ସମ୍ବନ୍ଧ—ଏ ତିନି ଶରୀର ମଧ୍ୟରେ ପରସ୍ପରରେ ଦୁଇ ପ୍ରକାରର ସମ୍ବନ୍ଧ ରହିଛି, ଗୋଟାଏ ହେଉଛି 'ଅବସ୍ଥା ଦ୍ୱାରା', ଅନ୍ୟଟି 'ପ୍ରାଣ ଦ୍ୱାରା' (ବାୟୁ ଦ୍ୱାରା) । ଏଇ ଅବସ୍ଥା ପୁଣି ତିନି ଭାଗରେ ବିଭକ୍ତ,

୧ । ଜାଗ୍ରତାବସ୍ଥା, ୨ । ସ୍ୱପ୍ନାବସ୍ଥା, ୩ । ସୁଷୁପ୍ତାବସ୍ଥା ।

ଏଇ ପ୍ରତ୍ୟେକ ଅବସ୍ଥାର ବିସ୍ତୃତ ବିବରଣୀ—

Digitized by srujanika@gmail.com

୧ । ଜାଗ୍ରତାବସ୍ଥା—ଏଇ ଅବସ୍ଥାରେ ତିନି ଶରୀର ସାଙ୍ଗରେ ପରସ୍ପରର ସମ୍ବନ୍ଧ ରହେ, ଅର୍ଥାତ୍ ତିନି ଶରୀର କାର୍ଯ୍ୟରତ ଥାଏ । ଏହି ତିନି ଶରୀର କର୍ମରତ ଥିବାର ଅବସ୍ଥାକୁହିଁ କୁହାଯାଏ ଜାଗ୍ରତାବସ୍ଥା । କାରଣ ଶରୀର ଜାଗ୍ରତ ରହିବା ଅର୍ଥ ଆନନ୍ଦ ପାଇବା ; କାରଣ ଏ ଶରୀର ଆନନ୍ଦମୟ କୋଶ, ଅର୍ଥାତ୍ ଆନନ୍ଦର ଆଧାର ଏ ଶରୀର । କିନ୍ତୁ ଜାଗ୍ରତାବସ୍ଥାରେ ମନୁଷ୍ୟ ଯେଉଁ ଆନନ୍ଦ ପାଏ, ସେ ଆନନ୍ଦ ଠିକ୍ ଆନନ୍ଦ ନୁହେଁ, ତା' ସୁଖ, ସାଂସାରିକ ସୁଖ । କାରଣ, ଦୁଇଟା କାରଣରୁ ଏ 'କାରଣ ଶରୀର'ର କଳ୍ପନା କରାଯାଇଛି, ଏକ, ଆଧ୍ୟାତ୍ମିକ ଆନନ୍ଦର ଆଧାରଟି କାରଣ ହେବା ପାଇଁ, ଏ ଶରୀରର ସୃଷ୍ଟି, ଆଉ, ଦ୍ୱିତୀୟରେ ସାଂସାରିକ ସୁଖର ଆଧାରର କାରଣ ହେବା ପାଇଁ ଏ ଶରୀରର ସୃଷ୍ଟି ।

୨ । ସ୍ୱପ୍ନାବସ୍ଥା—ଏ ଅବସ୍ଥାରେ ସୂକ୍ଷ୍ମ ଆଉ ସ୍ଥୂଳ ଶରୀର ମଧ୍ୟରେ ସମ୍ବନ୍ଧ ରହେନା—ସୂକ୍ଷ୍ମ ଆଉ କାରଣ ଶରୀର ମଧ୍ୟରେ ସମ୍ବନ୍ଧ ରହେ । ଫଳତଃ ଇନ୍ଦ୍ରିୟଗଣ ସୁପ୍ତ ରହନ୍ତି । କାରଣ ଇନ୍ଦ୍ରିୟଗଣ ସ୍ଥୂଳ ଶରୀରରେ ଥାନ୍ତି । ଆମର ଶରୀର ଅବୟବଗଣହିଁ ଇନ୍ଦ୍ରିୟଗଣ । କିନ୍ତୁ ଏ ଅବସ୍ଥାରେ ମନ ଜାଗ୍ରତ ଥାଏ । ମନ ସୂକ୍ଷ୍ମ ଶରୀରର ଅଙ୍ଗ । ସେଥିପାଇଁ ସୂକ୍ଷ୍ମ ଶରୀରର ଗୋଟାଏ କୋଶ ହେଉଛି 'ମନୋମୟ କୋଶ,' ଆଉ ଦୁଇଟି କୋଶ ଅଛି । ଏଥିପାଇଁ ଏ ଅବସ୍ଥାରେ ମନୁଷ୍ୟ ସ୍ୱପ୍ନ ଦେଖେ । କାରଣ ଶରୀର ତ 'କାରଣ' ହୋଇଥିବାରୁ ସବୁବେଳେ ଜାଗ୍ରତ ରହିବା କଥା । ଏହି କାରଣ ଶରୀର ସଙ୍ଗରେ ସ୍ୱପ୍ନାବସ୍ଥାରେ ସୂକ୍ଷ୍ମ ଶରୀରର ସମ୍ବନ୍ଧ ରହିଥିବାରୁ ମନୁଷ୍ୟ ସ୍ୱପ୍ନ ତ ଦେଖିପାରେ ; କିନ୍ତୁ ଇନ୍ଦ୍ରିୟ ଚାଳନା କରିପାରେ ନା । ଯେଉଁ ଇନ୍ଦ୍ରିୟର ଅକସ୍ମିକଭାବରେ ଚାଳନା

Digitized by srujanika@gmail.com

ହୁଏ, ତା' ଅସ୍ୱାଭାବିକ ପ୍ରକୃତି ଭାବରେ ହେଉଥିବାରୁ ସେ କ୍ଷଣିକ ପାଇଁ ଜାଗ୍ରତ ହୋଇ ପୁଣି ସୁପ୍ତ ହୋଇଯାଏ । ଅତି ଅସ୍ୱାଭାବିକ ହେଉ ଥିବାରୁ ଅସ୍ୱାଭାବିକ ପରିସ୍ଥିତି ଘଟେ । ମନୁଷ୍ୟ ସ୍ୱପ୍ନରୁ ଜାଗିଲେ ଠିକ୍ ଜଣାପଡ଼େ ବୃଥା ଏପରି ମନସ୍ତାପ କରେ । ଏ ଅବସ୍ଥାରେ ମନୁଷ୍ୟ ଏକ ପ୍ରକାରର ସୁଖ, କ୍ଷଣସ୍ଥାୟୀ ସୁଖ ଅନୁଭବ କରେ । ତାର କାରଣ, ଜାଗ୍ରତାବସ୍ଥାରେ ଯେ ଇନ୍ଦ୍ରିୟଗଣ କର୍ମରତ ଥିଲେ, ସେମାନେ ସ୍ୱପ୍ନାବସ୍ଥାରେ ବିଶ୍ରାମ କରନ୍ତି । ପରିଶ୍ରମ ପରେ ବିଶ୍ରାମ ସୁଖର କାରଣ ହେବା ତ ସ୍ୱାଭାବିକ । ଇନ୍ଦ୍ରିୟ ଜାଗ୍ରତ ନ ହେବାରୁ ସୁଖ ମିଳିଲା, କାରଣ ଇନ୍ଦ୍ରିୟଗଣ ସୁଖର କାରଣ । ସେପରି ମନ ମଧ୍ୟ ଗୋଟାଏ ଇନ୍ଦ୍ରିୟ—'ଇନ୍ଦ୍ରିୟାଣାଂ ମନଶ୍ଚାସ୍ମି'—(ଇନ୍ଦ୍ରିୟମାନଙ୍କ ମଧ୍ୟରୁ ମୁଁ ମନ—ଶ୍ରୀକୃଷ୍ଣ)—ଗୀତା । ମନୁଷ୍ୟର ଏପରି ଏକ ଅବସ୍ଥା ଅଛି ଯେତେବେଳେ ଏ ମନ ବି ରହୁନାହିଁ, ଏତେବେଳେ ମନୁଷ୍ୟ ଆହୁରି ଉଚ୍ଚସ୍ତରର ସୁଖ ଅନୁଭବ କରନ୍ତି, ଯା'ର ଅନ୍ୟନାମ 'ଆନନ୍ଦ' । ମନ ସୁଖ ଦୁଃଖର ଉଭୟର କାରଣ—କେବଳ ସେ ସୁଖର କାରଣ ନୁହେ । ଯେ ପଦାର୍ଥ ପାଇଲେ ମନ୍ଦିର,ସୁଖ ପାଉଛି, ସେ ପଦାର୍ଥର ଅଭାବରେ ସେ ଦୁଃଖ ବି ପାଉଛି । ଶରୀର ସାଙ୍ଗରେ ମନର ସମ୍ବନ୍ଧ ନ ରହିବାରି ଅବସ୍ଥାକୁ କୁହାଯାଏ 'ସୁଷୁପ୍ତାବସ୍ଥା' । ଦୁଃଖ ମନୁଷ୍ୟ ଏଥିପାଇଁ ପାଏ ଯେ ଆତ୍ମା ଇନ୍ଦ୍ରିୟ ସହିତ ଜଡ଼ିତ ରହେ । ଏଥିପାଇଁ ମହର୍ଷି ଗୌତମ କହୁଛନ୍ତି—ବାଧନା ଲକ୍ଷଣଂ ଦୁଃଖମ୍ ।

କିନ୍ତୁ ସୁଷୁପ୍ତାବସ୍ଥାରେ ଆତ୍ମା ଇନ୍ଦ୍ରିୟରୁ ଦୂର ରହେ ବୋଲି ସେ ଆନନ୍ଦ ପାଏ ।

Digitized by srujanika@gmail.com

୩ । ସୁଷୁପ୍ତାବସ୍ଥା—ଏ ଅବସ୍ଥାରେ ସ୍ଥୂଳ ଶରୀର ତ ନ ଥାଏ । କିନ୍ତୁ ଏ ଅବସ୍ଥାରେ ସୂକ୍ଷ୍ମ (ପ୍ରାଣମୟ, ମନୋମୟ, ବିଜ୍ଞାନ-ମୟ କୋଷ) ଶରୀର ସଙ୍ଗରେ କାରଣ ଶରୀରର ମଧ୍ୟ ସମ୍ବନ୍ଧ ରହେ ନା ଅର୍ଥାତ୍ ଏ ଅବସ୍ଥାରେ ଶରୀର ସଙ୍ଗରେ ପ୍ରାଣର ସମ୍ବନ୍ଧ ରହେନା । ଅର୍ଥାତ୍ ପ୍ରାଣ କେବଳ ବଞ୍ଚି ରହିବା ପାଇଁ ଥାଏ—ଈଶ୍ୱର ଦର୍ଶନ ପାଇଁ ଥାଏ—କୌଣସି ସାଂସାରିକ କ୍ରିୟାର ସାଧନ ହେବାକୁ ଥାଏ ନା । ଏ ଅବସ୍ଥାରେ ବିଜ୍ଞାନ ସଙ୍ଗରେ ମଧ୍ୟ ଶରୀରର ସମ୍ବନ୍ଧ ଥାଏ ନା, ଅର୍ଥାତ୍ ମନୁଷ୍ୟର ସାଂସାରିକ ଜ୍ଞାନ ଥାଏ ନା; ଥାଏ କେବଳ ବ୍ରହ୍ମ-ସାକ୍ଷାତ୍କାରର ଜ୍ଞାନ । ଏ ଅବସ୍ଥାରେ ମନ ସଙ୍ଗରେ ଶରୀରର ସମ୍ବନ୍ଧ ଥାଏ ନା । ଫଳତଃ ଯେ ମନ ସୁଖ ଦୁଃଖର କାରଣ, ସେ ନ ଥିବାରୁ ମନୁଷ୍ୟ ଯା ପାଏ, ତା' ସୁଖ ନ ଥାଇ ହୁଏ 'ଆନନ୍ଦ' । ଏ ଆନନ୍ଦ କେବଳ ଈଶ୍ୱରଙ୍କଠାରେ ପ୍ରାପ୍ୟ ବସ୍ତୁ । ଏଥିପାଇଁ ମନୁଷ୍ୟର ସୁଷୁପ୍ତାବସ୍ଥାକୁ କୁହାଯାଏ 'ଆଂଶିକ ମୁକ୍ତାବସ୍ଥା' । କିନ୍ତୁ ମହର୍ଷି କପିଳ ଏପରି କେତେ କାରଣରୁ ସମାଧି-ଅବସ୍ଥା, ସୁଷୁପ୍ତି-ଅବସ୍ଥା, ଆଉ ମୋକ୍ଷାବସ୍ଥାକୁ ସମାନ ଭାବରେ ଦେଖିଛନ୍ତି—

"ସମାଧି ସୁଷୁପ୍ତି ମୋକ୍ଷେଷୁ ବ୍ରହ୍ମରୂପଣ । (ସାଂଖ୍ୟ-ଦର୍ଶନ)

କିନ୍ତୁ ସୁପ୍ତାବସ୍ଥାକୁ 'ଆଂଶିକ ମୁକ୍ତାବସ୍ଥା' ଏଥିପାଇଁ କୁହାଯାଏ ଯେ ଏହା ଠିକ୍ ଯୋଗୀର ସମାଧି-ଅବସ୍ଥା ନୁହେଁ । ସମାଧି-ଅବସ୍ଥା ମନୁଷ୍ୟର ମୁକ୍ତାବସ୍ଥା, ଏ ଅବସ୍ଥାରେ ଯୋଗୀର ମନ ବି ଥାଏ ନା—ଥାଏ ହୃଦୟ କେବଳ । ମନ ସ୍ୱପ୍ନାବସ୍ଥାରେ ଥାଏ । ସମାଧି-ଅବସ୍ଥାରେ ଯୋଗୀର କେବଳ କାରଣ ଶରୀର ଥାଏ, ଅର୍ଥାତ୍ ଯେଉଁ କାରଣ ପାଇଁ ମନୁଷ୍ୟର ସୃଷ୍ଟି, ସେ କାରଣଟା ଥାଏ ଆଉ ଈଶ୍ୱର ଥାନ୍ତି । ଯୋଗୀ ସମାଧି ଅବସ୍ଥାରେ ଯା' କରେ ତା' ଧ୍ୟାନ । ଆଉ ଧ୍ୟାନ ତାକୁ କୁହାଯାଏ, ଯା ସମସ୍ତ ବିଷୟରୁ ମୁକ୍ତ ।

Digitized by srujanika@gmail.com

'ଧ୍ୟାନଂ ନିର୍ବିଷୟଂ ମନଃ । ଈଶ୍ୱର କୌଣସି ସାଂସାରିକ ବିଷୟ ନୁହନ୍ତି —ଈଶ୍ୱର "ତତ୍ତ୍ୱ ।" ଏତେବେଳେ ଯୋଗୀ ଈଶ୍ୱରଙ୍କୁ ଅନୁଭବ କରେ । ତଥାପି ମନୁଷ୍ୟର ଏ ଅବସ୍ଥା ମଧ୍ୟ ମନୁଷ୍ୟର ସମ୍ପୂର୍ଣ୍ଣ ମୁକ୍ତାବସ୍ଥା ନୁହେଁ । କାରଣ ଏ ଅବସ୍ଥାରୁ ମନୁଷ୍ୟ ଉଠିଲେ ପୁଣି ସାଂସାରିକ ସୁଖର କାରଣ ହୁଏ । ଏପରି ଯୋଗ-ସାଧନା ଫଳରେ ମନୁଷ୍ୟ ଯେତେବେଳେ ନିର୍ବାଣ ପାଏ, ସେତେବେଳେ ସେ ସମ୍ପୂର୍ଣ୍ଣ ମୁକ୍ତ ହୁଏ । ଏ ଅବସ୍ଥାରେ ମନୁଷ୍ୟର କୌଣସି ଶରୀର ଥାଏ ନା— ଥାଏ କେବଳ ଆତ୍ମା ଅର୍ଥାତ୍ ମନୁଷ୍ୟର କେବଳ ଅସ୍ତିତ୍ୱ ଥାଏ । ଆତ୍ମା ବିନା ଶରୀରରେ ଥାଏ ବୋଲି ତାକୁ ମୁକ୍ତ ଜୀବ କୁହାଯାଏ । ଶରୀରହିଁ ବନ୍ଧନର କାରଣ—ଭୋଗାୟତନଂ ଶରୀରଂ—ଶରୀର ଭୋଗର କାରଣ । ଏ ଶରୀର ସଙ୍ଗରେ ଇନ୍ଦ୍ରିୟଗଣ ଥାନ୍ତି ବୋଲି ଶରୀର ଭୋଗର କାରଣ । ଭୋଗ ଅର୍ଥ ସୁଖ ଦୁଃଖ ଉଭୟ ଭୋଗ । ସ୍ୱପ୍ନ ପ୍ରାବସ୍ଥା ମୁକ୍ତାବସ୍ଥାରୁ ବି କ୍ଷଣସ୍ଥାୟୀ ବୋଲି ସେ ମୁକ୍ତାବସ୍ଥା ନୁହେ, ସେ କେବଳ ଆଂଶିକ ମୁକ୍ତାବସ୍ଥା ।

ଅତଏବ ଉପରେ ଆମେ ଯେ ଲିଙ୍ଗ ଶରୀର, ସୂକ୍ଷ୍ମ ଶରୀରର ଉଲ୍ଲେଖ କରିଛୁ, ତା' ଏଇ ଶରୀର ଯେଉଁ ଶରୀର ସମ୍ବନ୍ଧରେ ପ୍ରତ୍ୟକ୍ଷତଃ ତା'ର କୌଣସି ଯୋଗ ନାହିଁ, ଅମର ମଧ୍ୟ ନାହିଁ, ଏ ଶରୀର ସମ୍ବନ୍ଧରେ କେବଳ କଳ୍ପନା ମାତ୍ର କରି ଯାଇଛି ନାନା ଯୁକ୍ତିରୁ, ଏ ଶରୀର ହେଉଛି ଆତ୍ମାର କେବଳ ନିଜର ସ୍ୱରୂପ—ଆତ୍ମାର କେବଳ ଅସ୍ତିତ୍ୱ, ଯେ ଅବସ୍ଥାରେ ଆତ୍ମା ପରମାତ୍ମାଙ୍କୁ ଛାଡ଼ି ଆଉ କାହାରିକୁ ଜାଣେ ନା—ଅନୁଭବ କରେ ନା । ଅନେକ କାଳ ପର୍ଯ୍ୟନ୍ତ ଏ ମୁକ୍ତାବସ୍ଥାରେ ରହିବା ପରେ, ଏ ଅବସ୍ଥାରୁ ମଧ୍ୟ ମନୁଷ୍ୟ ନିବୃତ୍ତ ହୋଇ ପୁନଃ ଦେହ ଧାରଣ କରେ; ଏ କଥାକୁ

Digitized by srujanika@gmail.com

ଅଗ୍ନ୍ୟର୍ଥମାନେ ନାନା ଯଜ୍ଞରୁ ସିଦ୍ଧ କରୁଛନ୍ତି । ତେଣୁ ଏ ଆନନ୍ଦ ଆତ୍ମାର ନିଜସ୍ୱ ନୁହେ ବୋଲି, ଆତ୍ମା ଏ ଆନନ୍ଦକୁ ପରମାତ୍ମାଙ୍କଠାରୁ ଋଣ ଆଣେ ବୋଲି ଏ ଆନନ୍ଦକୁ 'ଋଣାତ୍ମକ ଆନନ୍ଦ' କୁହାଯାଏ । ଆଉ ଆତ୍ମାର ନିଜସ୍ୱ ଆନନ୍ଦକୁ କୁହାଯାଏ ସୁଖ । ଏହି ସୁଖ ଇନ୍ଦ୍ରିୟଗଣଙ୍କ ସହିତ ଜଡ଼ିତ । ଆଉ ଇନ୍ଦ୍ରିୟଗଣ ମନୁଷ୍ୟର ଶରୀରର ଅବୟବ ବିଶେଷ । ଆଉ ଯେତେବେଳେ ଏ ଅବୟବକୁ ଆତ୍ମା ଧାରଣ କରେ, ସେ ପ୍ରାଣୀ (ପୁରୁଷ) ହୁଏ—ସେ ପଞ୍ଚମ ଆତ୍ମା ଅର୍ଥାତ୍ ଅପୁରୁଷ ହୁଏ ନା ।

ଏ ତ ଗଲା ଶରୀରର ଅବସ୍ଥାକୁ ନେଇ ପରସ୍ପରର ସମ୍ବନ୍ଧ ସମ୍ବନ୍ଧରେ ଆଲୋଚନା । ବର୍ତ୍ତମାନ 'ପ୍ରାଣକୁ' ନେଇ ଏମାନଙ୍କର ସମ୍ପର୍କର ଆଲୋଚନା କରିବା ।

(ପ୍ରାଣ ଅର୍ଥ ବାୟୁ; ପ୍ରାଣ ବାୟୁ; ଯା'ର ସଦ୍ଭାବରେ ମନୁଷ୍ୟ ଜୀବିତ ରହୁଛି, ଆଉ ଯା'ର ଅଭାବରେ ମନୁଷ୍ୟର ମୃତ୍ୟୁ ହେଉଛି । ଏହି ପ୍ରାଣ ସଙ୍ଗରେ କେବଳ ସ୍ଥୂଳ ଆଉ ସୂକ୍ଷ୍ମ ଶରୀରର ସମ୍ବନ୍ଧ । ତେଣୁ, ପ୍ରାଣ ଚାଲିଗଲେ ମନୁଷ୍ୟର ମୃତ୍ୟୁ ହେଉଛି ଅର୍ଥାତ୍ ମନୁଷ୍ୟର ଅନ୍ନମୟ କୋଷ, ପ୍ରାଣମୟ କୋଷ, ମନୋମୟ କୋଷ, ବିଜ୍ଞାନମୟ କୋଷ ରହୁ ନାହିଁ । କିନ୍ତୁ ମନୁଷ୍ୟର 'ଆନନ୍ଦମୟ କୋଷ' ରହୁଛି—ଏ କୋଷ ମନୁଷ୍ୟର କାରଣ ଶରୀରର ଅଂଶ । କାରଣ ଶରୀରର ନାଶ କଦାପି ହୁଏ ନା । ତେଣୁ ମୃତ୍ୟୁଭୟ ନିରର୍ଥକ । ମୃତ୍ୟୁ ଦୁଃଖର କାରଣ ନୁହେ । ସାଧନା ଦ୍ୱାରା, ତେଣୁ, ଆନନ୍ଦମୟ କୋଷର ଅର୍ଥାତ୍ କାରଣ ଶରୀରର ଉନ୍ନତ କରିବା ପାଇଁ ଉପନିଷଦର ଜ୍ଞାନ ଆବଶ୍ୟକ । ଏଥିପାଇଁ ଉପନିଷଦର ସୃଷ୍ଟି । ଆଧ୍ୟାତ୍ମିକ ବିଦ୍ୟା, ବ୍ରହ୍ମଜ୍ଞାନ, ଦର୍ଶନ-ଜ୍ଞାନ ଏଥିପାଇଁ ମନୁଷ୍ୟର ଆବଶ୍ୟକ ।

Digitized by srujanika@gmail.com

ଏ ଜ୍ଞାନ ହେଲେ ଅନ୍ତରେ ମନୁଷ୍ୟର ମୃତ୍ୟୁ-ଭୟ ଦୂର ହୋଇ ପାରିବ ।)

(ପ୍ରଥମରେ ବସ୍ତୁର କହଯାଇଛି ଯେ ଶରୀର ଶରୀରୀ ମଧ୍ୟରେ ସମ୍ବନ୍ଧ କଟିଲେ ସୁଖ ମିଳେ । ମୃତ୍ୟୁ ହେବା ଅର୍ଥ ତ ଶରୀର ସଙ୍ଗରେ ସମ୍ବନ୍ଧ କଟିଯିବା । ତେବେ, ମୃତ୍ୟୁରେ ଦୁଃଖ ନ ରହିବା କଥା । ଏ ବସ୍ତୁର ଚିନ୍ତା ଦ୍ୱାରା ସମ୍ଭବ । ଏ ଚିନ୍ତା ଅଧ୍ୟୟନ ଦ୍ୱାରା ସମ୍ଭବ । ସେଥିପାଇଁ କୁହାଯାଏ 'ଅଧ୍ୟୟନ ବ୍ରହ୍ମଯଜ୍ଞଃ' । ଏ ଅଧ୍ୟୟନ ଅର୍ଥ ଶାସ୍ତ୍ର ଅଧ୍ୟୟନ—ଦର୍ଶନ ଗ୍ରନ୍ଥ ଅଧ୍ୟୟନ—ବିଜ୍ଞାନ ଗ୍ରନ୍ଥ ଅଧ୍ୟୟନ ନୁହେ । ବିଜ୍ଞାନ ବୈଷୟିକ ଜ୍ଞାନର କାରଣ । ବୈଷୟିକ ଜ୍ଞାନ ଇନ୍ଦ୍ରିୟ ସଙ୍ଗରେ ଜଡ଼ିତ । କାରଣ ବିଷୟ ଇନ୍ଦ୍ରିୟର କାରଣ । ଆଉ ଯେଉଁଠାରେ ଇନ୍ଦ୍ରିୟ ଅଛି, ବିଷୟ ଅଛି, ସେଠି ସୁଖ ଅଛି, ଆଉ ଦୁଃଖ ବି ଅଛି । ଦର୍ଶନ-ଜ୍ଞାନ, ଇନ୍ଦ୍ରିୟ ବହିର୍ଭୂତ ଜ୍ଞାନ । କାରଣ ପରୋକ୍ଷ ବସ୍ତୁ ସମ୍ବନ୍ଧରେ ଯେ ଜ୍ଞାନ ହୁଏ, ତାକୁହିଁ କୁହାଯାଏ ଦର୍ଶନ । ପରୋକ୍ଷ ବସ୍ତୁକୁ ଦେଖିବାକୁ କୁହାଯାଏ ଦର୍ଶନ—ଆଉ ପ୍ରତ୍ୟକ୍ଷ ବସ୍ତୁକୁ ଦେଖିବାକୁ କୁହାଯାଏ ବିଜ୍ଞାନ । ଏ ଉଭୟ ପାଇଁ ଗଭୀର ଚିନ୍ତା, ଅଧ୍ୟୟନ ଆବଶ୍ୟକ—କାରଣ ଗୋଟାଏ ସାଂସାରିକ ସୁଖର କାରଣ, ଅନ୍ୟଟି ଆଧ୍ୟାତ୍ମିକ ସୁଖର କାରଣ ।)

ଅଗ୍ନି ସତ୍ୟକାମକୁ ଏ ସମସ୍ତ ଉପଦେଶ, ବ୍ରହ୍ମଜ୍ଞାନ ଦେଇ ତାଙ୍କ ପାଖରୁ ବିଦାୟ ନେଲେ । ବିଦାୟ ନେବାବେଳେ କହିଲେ—

'ହଂସସ୍ତେ ପାଦଂ ବକ୍ତେତି । (ହଂସ ତୁମକୁ ବ୍ରହ୍ମର ଅନ୍ୟ ପାଦ ସମ୍ବନ୍ଧରେ କହିବେ ।)

Digitized by srujanika@gmail.com

ବର୍ତ୍ତମାନ ହଂସ ସତ୍ୟକାମଙ୍କୁ ବ୍ରହ୍ମର ତୃତୀୟ ପାଦ ସମ୍ବନ୍ଧରେ କହିବେ । ଏ ହଂସ କିଏ ? ଏ ହଂସ ଗୋଟାଏ ଜଳଚର ପକ୍ଷୀ । ଜଳଚର ପକ୍ଷୀର ମଧ୍ୟ ଅଧିକାର ଅଛି ମନୁଷ୍ୟଙ୍କୁ ଶିକ୍ଷା ଦେବାକୁ ! ! ହଁ, ଅଛି । କିପରି ?—

କାକସ୍ନାନଂ ବକ ଧ୍ୟାନଂ, ଶ୍ୱାନ ନିଦ୍ରା ତଥୈବ ଚ
ସ୍ୱଳ୍ପାହାରୀ ଇନ୍ଦ୍ରଜିତଂ, ବିଦ୍ୟାର୍ଥୀ ପଞ୍ଚ ଲକ୍ଷଣମ୍ ।

ବିଦ୍ୟାର୍ଥୀ ଯେପରି କାକଠାରୁ ସ୍ନାନଟା ଶିଖୁଛି, ବକଠାରୁ ଧ୍ୟାନଟା ଶିଖୁଛି, ଶ୍ୱାନଠାରୁ ନିଦ୍ରାଟା ଶିଖୁଛି, ବକ-କାକ ଶ୍ୱାନ ଯେପରି ବିଦ୍ୟାର୍ଥୀର ଗୁରୁ, ସେପରି ମନୁଷ୍ୟ ହଂସଠାରୁ ମଧ୍ୟ ଅନେକ କିଛି ଶିଖି ପାରେ । ମନୁଷ୍ୟ ନିଜକୁ ଅନ୍ୟାନ୍ୟ ପଶୁ-ପକ୍ଷୀଙ୍କ ଅପେକ୍ଷା ଶ୍ରେଷ୍ଠ ମନେ କରି ପାରେ, ତା ହୁଏତ କେବଳ ତାର ସ୍ୱତନ୍ତ୍ର ବିଚାର କରିବାର ଶକ୍ତି ପାଇଁ—ହୁଏ ତ ତା' ଆଚରଣ ପାଇଁ ନୁହେଁ । ପଶୁପକ୍ଷୀଙ୍କ ସ୍ୱାଭାବିକ ଆଚରଣ ହୁଏତ ମନୁଷ୍ୟର ଆଚରଣ ଅପେକ୍ଷା ଭଲ ହୋଇ ପାରେ । ନର ଆଉ ମାଦା ପଶୁ ପକ୍ଷୀଙ୍କ ମଧ୍ୟରେ ମୈଥୁନ କେବଳ ଋତୁ କାଳରେ ହୁଏ; ମନୁଷ୍ୟର ତ ତା' ହୁଏ ନା । ଜାତିଗୋତ୍ରର ବିଚାର ନେଇ, କଳାଗୋରାର ବିଚାର ନେଇ, ଉଚ୍ଚନୀଚର ବିଚାର ନେଇ ପଶୁ ପକ୍ଷୀଙ୍କ ମଧ୍ୟରେ କଳହ ହୁଏ ନା—ଆଉ ଏଥିପାଇଁ ରକ୍ତପାତ ତ ହୁଏ ନା । ଏପରି ପଶୁପକ୍ଷୀଙ୍କୁ ଗୁରୁ ମାନିବାରେ ଆପତ୍ତି ହେବାର କାରଣ ତ ନାହିଁ—ଆଉ ଏପରି ପଶୁପକ୍ଷୀଙ୍କୁ ଗୁରୁଭାବରେ ଯଦି ଉପନିଷଦ୍ ଉପସ୍ଥାପନ କରନ୍ତି, ତା' ଅସଙ୍ଗତ କଥା ତ ହେବ ନାହିଁ । ତା'ପରେ ଏଠି ହଂସକୁ ସତ୍ୟକାମର ଗୁରୁ ବୋଲି ଉପନିଷଦ କହୁଛନ୍ତି । ହଂସର ବିବେଚନା କରିବାର ଶକ୍ତି ଅଛି, ଭଲକୁ ଭଲ ଆଉ ମନ୍ଦକୁ ତ ମନ୍ଦ

Digitized by srujanika@gmail.com

ବୋଲି ଅଲଗା କରି ଦେଖିବାର ଯେ ଶକ୍ତି ତା'ର ଅଛି; ତା'ତ ମନୁଷ୍ୟର ନାହିଁ । ଏହି ହଂସ ତ ମିଶ୍ରିତ ଦୁଧରୁ ପାଣିକୁ ଅଲଗା କରି ଦୁଧକୁ ଗ୍ରହଣ କରେ; ଅର୍ଥାତ୍ ଏହି ହଂସ ତ ତା'ର ସ୍ୱାଭାବିକ ବୁଦ୍ଧିରେ ଅନାବଶ୍ୟକ ପଦାର୍ଥକୁ (ପାପକୁ) ଛାଡ଼ି ଆବଶ୍ୟକ ପଦାର୍ଥ (ପୁଣ୍ୟକୁ) ଗ୍ରହଣ କରେ । ଏଥିପାଇଁ ତ ଆତ୍ମାକୁ ହଂସ କୁହାଯାଏ; ଆତ୍ମାର ବିବେଚନା କରିବାର ଶକ୍ତି ଅଛି ବୋଲି । ମନକୁ ହଂସ କୁହାଯାଏ ନା । ମନର ସେ ଶକ୍ତି ନାହିଁ ବୋଲି ...... ହଂସ ମାନସରୋବର ଯା ...... ଆତ୍ମା ପରମାତ୍ମାଙ୍କ ପାଖକୁ ଯା । ରେ ହଂସ, ରେ ଆତ୍ମା, ତୁ ଯେଉଁ ମାନସରୋବରରୁ ପରମାତ୍ମାଙ୍କ ପାଖରୁ ଆସିଛୁ, ସେଠାକୁ ଯା । ଏଥିପାଇଁ ତ ଜ୍ଞାନୀ ମନୀଷୀ ବିଶ୍ୱବରେଣ୍ୟ ବ୍ୟକ୍ତିଙ୍କୁ 'ପରମହଂସ' କୁହାଯାଏ ...... ରାମକୃଷ୍ଣ ପରମହଂସ ।

ମାତା ଶତ୍ରୁଃ ପିତା ବୈରୀ ଯେନ ବାଲେନ ପାଠିତଃ
ନ ଶୋଭତେ ସଭା ମଧ୍ୟେ ହଂସ ମଧ୍ୟେ ବକୋଯଥା ।

"ଯେ ମାତାପିତା ସନ୍ତାନକୁ ପଢ଼ାନ୍ତି ନାହିଁ, ସେମାନେ ସନ୍ତାନର ଶତ୍ରୁ । ଏହି ଅପଠିତ ସନ୍ତାନ ସଭାରେ ଶୋଭା ପାଏ ନା, ଯେପରି ହଂସମାନଙ୍କର ମଧ୍ୟରେ ବଗ ଶୋଭା ପାଏ ନା ।" ହଂସ ଆଉ ବଗ ଦୁହେଁ ତ ପକ୍ଷୀ, ଦୁହିଁଙ୍କର ଶରୀରର ରଙ୍ଗ ବି ପ୍ରାୟ ଏକା । ସୌନ୍ଦର୍ଯ୍ୟ ଦୃଷ୍ଟିରୁ ବିଚାର କଲେ, ଏ ଦୁହିଁଙ୍କର ମଧ୍ୟରେ କିଏ ବେଶୀ ସୁନ୍ଦର, କିଏ କମ୍ ସୁନ୍ଦର କହିବା ସହଜ ହେବ ନାହିଁ, କାରଣ Beauty lies not in the object but in the eyes of the abserver. ତଥାପି ହଂସ ସଙ୍ଗରେ ବଗକୁ ତୁଳନା କରି କାହିଁକି ହଂସକୁ ଶ୍ରେଷ୍ଠତ୍ୱ ଦିଆଗଲା ? ତା'ର କାରଣ, ବଗ ଅପେକ୍ଷା ହଂସର ସ୍ୱାଭାବିକ ବୁଦ୍ଧି ବେଶୀ, ଆଉ ଏ ବୁଦ୍ଧି ବେଶୀ

Digitized by srujanika@gmail.com

ବୋଲି ସେ ଜୀବନୀର ସମ୍ବନ୍ଧ ବିଚ୍ଛେଦ କରିବାକୁ ସମର୍ଥ । ଆଉ ଏଥିପାଇଁ ଉପରୋକ୍ତ ଶ୍ଳୋକରେ ବିଦ୍ୟା ସଙ୍ଗରେ ହଂସର ସମ୍ବନ୍ଧକୁ ଯୋଗ କରି ଯାଇଛି; ଅପଠିତ ବାଳକ ହେଉଛି ବକ—ଆଉ ପଠିତ ବାଳକ ହଂସ । ଏହି ହଂସ କହୁଛନ୍ତି—

ବ୍ରହ୍ମଣଃ ସୌମ୍ୟ ! ·····ଅଗ୍ନିଃକଳା ସୂର୍ଯ୍ୟଃକଳା ଚନ୍ଦ୍ରଃକଳା
ବିଦ୍ୟୁତ୍କଳୈଷ ବୈ ସୌମ୍ୟ । ଚତୁଷ୍କଳଃ ପାଦୋ ବ୍ରହ୍ମଣୋ
ଜ୍ୟୋତିଷ୍ମାନ୍ନାମ ।

"ହେ ସୌମ୍ୟ ସତ୍ୟକାମ ! ବ୍ରହ୍ମର (ତୃତୀୟ ପାଦର) ଗୋଟିଏ କଳା ଅଗ୍ନି, ଅନ୍ୟଟି ସୂର୍ଯ୍ୟ, ତୃତୀୟଟି ଚନ୍ଦ୍ର ଆଉ ଶେଷ କଳା ବିଦ୍ୟୁତ୍ । ହେ ସୌମ୍ୟ ! ବ୍ରହ୍ମର ଏହି ଚତୁଷ୍କଳ ପାଦର ନାମ ଜ୍ୟୋତିଷ୍ମାନ୍ ।"

ଅର୍ଥାତ୍ ତୁମେ କି ମନେ କର, ଈଶ୍ୱର ପ୍ରାଚୀ ପ୍ରତୀଚୀ ଉଦୀଚୀ ଅବାଚୀ, ଆଉ ଏହି ଶୂନ୍ୟ ଦିଗଗୁଡ଼ିକରେ ଆକାଶରେ ସ୍ଥିତ ପୃଥିବୀ ଅନ୍ତରୀକ୍ଷ ଦ୍ୟୁଲୋକ ସମୁଦ୍ରରେ କେବଳ ବ୍ୟାପକ ? ତା' ନୁହେ । ଏହି ଯେ ସମୁଦ୍ରର କାରଣ ଚନ୍ଦ୍ରମା, ଏହି ଯେ ଦ୍ୟୁଲୋକର କାରଣ ଅଗ୍ନି ସୂର୍ଯ୍ୟ ବିଦ୍ୟୁତ୍, ଆଉ ଏ ସମସ୍ତ ଯା ପାଇଁ ଆବଶ୍ୟକ, ଏଥି ଯେ ପୃଥିବୀ, ଆଉ ଏ ସମସ୍ତର ଆବାସ-ସ୍ଥଳ ଅନ୍ତରୀକ୍ଷ, ଏ ସମସ୍ତରେ ବ୍ରହ୍ମ ଜ୍ୟୋତିରୂପରେ ବିଦ୍ୟମାନ—ବ୍ୟାପକ । ଈଶ୍ୱର ଶକ୍ତି ବିଶେଷ, ତତ୍ତ୍ୱ ବିଶେଷ—ସେ କୌଣସି ପାର୍ଥିବ ବସ୍ତୁ ବିଶେଷ ନୁହନ୍ତି ଯେ ସେ ଜଳପୋଡ଼ି ଯିବେ ବା ଶୀତରେ ଜଡ଼ ହୋଇଯିବେ । ତେଣୁ ସେ ଯେପରି ସୂର୍ଯ୍ୟରେ ବ୍ୟାପକ, ସେପରି ସେ ଚନ୍ଦ୍ରରେ ବି ବ୍ୟାପକ । ଯେ ଏ ସୂର୍ଯ୍ୟ ଚନ୍ଦ୍ରର କର୍ତ୍ତା, ତାକୁ ଏ ସୂର୍ଯ୍ୟ ଚନ୍ଦ୍ର କଣ ବା କରି

Digitized by srujanika@gmail.com

ପାରିବେ ? —ସେଥିରେ ସେ ବ୍ୟାପକ ହେବାରେ ଅସମ୍ଭବତାର ଅଶଙ୍କା ତ କରାଯାଇ ପାରେ ନା । ଏ ଯେ ସର୍ବବ୍ୟାପକ ଈଶ୍ୱର, ତାଙ୍କର ଇନ୍ଦ୍ରିୟ ନାହିଁ ବୋଲି ସେ ଜଳପୋଡ଼ ଯାଉ ନାହାନ୍ତି । ଏପରି ଇନ୍ଦ୍ରିୟବହିର୍ଭୂତ ଶକ୍ତିକୁ ଇନ୍ଦ୍ରିୟଗତ ଶକ୍ତି, ସାଧନା ବଳରେ କଣ ପାଇ ହେବି ? —ଗାଇଲେ, ନାଚିଲେ, କୁଦିଲେ ସାକାରୋପାସନା କଲେ, କଣ ପାଇ ହେବ ? —ଏହାଙ୍କର କଣ ଆକାର ଅଛି ? —ଆକାର ଥିଲେ ଚନ୍ଦ୍ରରେ ସୂର୍ଯ୍ୟରେ ବ୍ୟାପକ ହୋଇ ପାରନ୍ତେ କି ? —ଜଳପୋଡ଼ ଯାନ୍ତେ ନାହିଁ କି ? ଏଥିପାଇଁ ତ କଠୋପନିଷଦ କହୁଛନ୍ତି :—

ନାୟମାତ୍ମା ପ୍ରବଚନେନ ଲଭ୍ୟୋ
ନ ମେଧୟା ନ ବହୁନା ଶ୍ରୁତେନ ।

ପରମାତ୍ମାଙ୍କୁ ପ୍ରବଚନ ଦ୍ୱାରା, ବୁଦ୍ଧି ଦ୍ୱାରା, ବିଦ୍ୟା ଦ୍ୱାରା ପ୍ରାପ୍ତ କରି ହୁଏ ନା । ତା'ର କାରଣ, ଈଶ୍ୱର ଇନ୍ଦ୍ରିୟର ମାଧ୍ୟମରେ ପ୍ରାପ୍ତ ହେବାର ପଦାର୍ଥ ନୁହନ୍ତି । ଆଉ ବୁଦ୍ଧି, ମେଧା, ପ୍ରବଚନ, ପାଣ୍ଡିତ୍ୟ, ବିଦ୍ୟା, ଏ ସମସ୍ତ ଇନ୍ଦ୍ରିୟଗୋଚର ପଦାର୍ଥ [illegible] ହେଲେ କିପରି ତାଙ୍କୁ ପାଇ ହେବ ? ସେ କଥା ବି ସେହି କଠୋପନିଷଦ ଉପରୋକ୍ତ ମନ୍ତ୍ରର ଦ୍ୱିତୀୟ ପାଦରେ କହୁଛନ୍ତି :—

ଯମେବୈଷ ବୃଣୁତେ ତେନ
ଲଭ୍ୟସ୍ତସ୍ୟୈଷ ଆତ୍ମା ବିବୃଣୁତେ ତନୂଂ ସ୍ୱାମ୍ ।

ଯାହାଙ୍କୁ ସେ (ପରମାତ୍ମା) ସ୍ୱୟଂ ସ୍ୱୀକାର କରନ୍ତି, ତା'ଙ୍କଠାରେ ସେ ଆପଣାକୁ ପ୍ରକାଶ କରନ୍ତି; ଅର୍ଥାତ୍ ଈଶ୍ୱରଙ୍କ ଇଚ୍ଛା ନ ଥିଲେ, ଈଶ୍ୱରଙ୍କ କୃପା ନ ହେଲେ, ଈଶ୍ୱରଙ୍କୁ ପାଇ ହୁଏ ନା । ଈଶ୍ୱର ତ ଇଚ୍ଛା

Digitized by srujanika@gmail.com

ଅନିଚ୍ଛାରୁ ଦୂର, ତାଙ୍କର ପୁଣି ଇଚ୍ଛା କପର ହେବ ? ମନୁଷ୍ୟ ସାଧନା ବଳରେ, ଯୋଗ ବଳରେ, ତପସ୍ୟା ବଳରେ ସମାଧିସ୍ଥ ହେଲେ, ଈଶ୍ୱରଙ୍କୁ ପାଇ ପାରିବ । ଅର୍ଥାତ୍ ସେତେବେଳେ ଈଶ୍ୱର ବୁଝିବେ ଯେ, ସାଧକ ମୋ ପାଇଁ ବ୍ୟାକୁଳ । ଏ କଥା ସେ ବୁଝିଲେ, ତାଙ୍କର ଇଚ୍ଛା ହେବ ଯୋଗୀକୁ ଦର୍ଶନ ଦେବାକୁ । ଏପରି ଯେ ଈଶ୍ୱର ଅତିସୂକ୍ଷ୍ମ, ସର୍ବବ୍ୟାପକ, ତାଙ୍କୁ ମନ୍ଦିରରେ, ଗୀର୍ଜାରେ, ମସଜିଦରେ ଆବଦ୍ଧ କରି ହେବ ? ଏଇ ଯେ ଅଗ୍ନି ସୂର୍ଯ୍ୟ ଚନ୍ଦ୍ରମା ବିଦ୍ୟୁତରେ ଈଶ୍ୱର ବ୍ୟାପକ, ଏହି ଅଗ୍ନି ସୂର୍ଯ୍ୟ ଚନ୍ଦ୍ରମା ବିଦ୍ୟୁତ ତ କେବଳ ହିନ୍ଦୁର ନୁହେଁ, କେବଳ ମୁସଲମାନର ନୁହେଁ, କେବଳ ଇହୁଦୀର ନୁହେଁ, ତେବେ ଏହି ସର୍ବବ୍ୟାପକ ଏକ ଅପରିଚ୍ଛିନ୍ନ ଈଶ୍ୱରଙ୍କୁ ପାଇବା ପାଇଁ ଏତେ ପଥ, ଏତେ ମତ, ଏତେ ଯାତ କାହିଁକି ? ଆଉ ଏଥିପାଇଁ ପରସ୍ପରରେ ଏତେ କଳହ ରକ୍ତପାତ କାହିଁକି ? ଏତେ ମତ, ଏତେ ପଥ, ଏତେ ଯାତକୁ ଛାଡ଼ି ଜ୍ଞାନକୁ ଧରି ଏକ ପଥରେ ଅଗେଇଲେ କଣ ଭଲ ହୁଅନ୍ତା ନାହିଁ ? ଶାସ୍ତ୍ରତ କହନ୍ତି—ଜ୍ଞାନାତ୍ ମୁକ୍ତିଃ—ଜ୍ଞାନରୁ ମୁକ୍ତି । ଏଥିପାଇଁ ତ ସମଗ୍ର ମାନବ ଜାତିର ଧର୍ମଗ୍ରନ୍ଥ 'ବେଦ'—ବେଦ ଅର୍ଥ ଜ୍ଞାନ । ସରୋବରର ପାଖରେ ରହି ଅପିପାସ ରହିବା କି ଦୁର୍ଭାଗ୍ୟର କଥା ! ମନୁଷ୍ୟ ତ କେବଳ ଜ୍ଞାନ ପାଇଁ ଅନ୍ୟାନ୍ୟ ପ୍ରାଣୀଠାରୁ ଶ୍ରେଷ୍ଠ—ଜ୍ଞାନ ମନୁଷ୍ୟର ସ୍ୱଭାବ । ଅଥଚ ଜ୍ଞାନକୁ ଛାଡ଼ି, ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ମନୁଷ୍ୟ ଧର୍ମ ପାଇଁ ପରସ୍ପରରେ କଳହ କରୁଛି—ରକ୍ତପାତ କରୁଛି ! ମନୁଷ୍ୟ କାହିଁକି ତା' ହେଲେ ଅନ୍ୟାନ୍ୟ ପଶୁ ଅପେକ୍ଷା ଶ୍ରେଷ୍ଠ ହେବ ?

ଆହାର ନିଦ୍ରା ଭୟ ମୈଥୁନଂ ଚ
ସାମାନ୍ୟ ମେତତ୍ ପଶୁଭିର୍ନରାଣାମ୍ ।

Digitized by srujanika@gmail.com

ଧର୍ମୋହି ତେଷାମଧିକୋ ବିଶେଷୋ
ଧର୍ମେଣ ହୀନାଃ ପଶୁଭିଃ ସମାନାଃ ॥
(ସୁଭାଷିତଭାଣ୍ଡାର—ପାଠ ୩)

ଆହାର, ନିଦ୍ରା, ଭୟ ଓ ମୈଥୁନ—ଏସବୁ ପଶୁ ଆଉ ମନୁଷ୍ୟଠାରେ ସମାନ ଭାବରେ ରହିଛି । ମନୁଷ୍ୟଠାରେ ପଶୁ ଅପେକ୍ଷା ଅଧିକ କିଛି ରହିଛି ବୋଇଲେ ସେ କେବଳ ଧର୍ମ, ବିଚାର କରିବାର ଶକ୍ତି, ଜ୍ଞାନ । ଅତଏବ ଏ ଜ୍ଞାନକୁ ଛାଡ଼ିଦେଲେ ମନୁଷ୍ୟ ଆଉ ପଶୁ ତ ସମାନ ।

ଧର୍ମ କହିଲେ ବୁଝାଏ Power of reasoning—ଏଥିପାଇଁ ତ କୁହାଯାଏ ଧର୍ମ ଅର୍ଥ ଜ୍ଞାନ । କିନ୍ତୁ ଧର୍ମର ଏ ବ୍ୟାଖ୍ୟା ଅତି ସୀମିତ—ଅଥଚ ଧର୍ମର ବ୍ୟାଖ୍ୟା ଅତି ବ୍ୟାପକ । ଯେତେବେଳେ ଧର୍ମକୁ ଭୂଗୋଳ, ଇତିହାସ, ସାହିତ୍ୟ ପରି ଗୋଟାଏ ବିଷୟ (Subject) ବୋଲି ଧରାଯାଏ, ସେତେବେଳେ ଧର୍ମର କେବଳ ଏପରି ସଂକ୍ଷିପ୍ତ, ପରିଚ୍ଛିନ୍ନ ବ୍ୟାଖ୍ୟା ହେବ, ସେତେବେଳେ ଧର୍ମର ବ୍ୟାଖ୍ୟା ହେବ—

ଧୃତିଃ କ୍ଷମା ଦମୋଽସ୍ତେୟଂ ଶୌଚମିନ୍ଦ୍ରିୟନିଗ୍ରହଃ
ଧୀର୍ବିଦ୍ୟା ସତ୍ୟମକ୍ରୋଧୋ ଦଶକଂ ଧର୍ମଲକ୍ଷଣମ୍ । (ମନୁ)

ଆଚାରଃ ପରମୋ ଧର୍ମଃ । (ମନୁ)

ସ୍ମୃତଃ ସର୍ବେଷୁ ଭୂତେଷୁ ନ ଲିଙ୍ଗଂ ଧର୍ମ କାରଣମ୍ ।

ଚୋଦନା ଲକ୍ଷଣୋଽର୍ଥୋ ଧର୍ମଃ ଇତ୍ୟାଦି ।

ହଂସ କହୁଛନ୍ତି, ଯେ ଈଶ୍ୱର, ଅଗ୍ନି, ସୂର୍ଯ୍ୟ, ଚନ୍ଦ୍ରମା ଓ ବିଦ୍ୟୁତ୍‌ରେ ବିଦ୍ୟମାନ, ସେ ଜ୍ୟୋତିଷ୍ମାନ୍; ଅର୍ଥାତ୍ ଈଶ୍ୱରଙ୍କ ପରି ଏ ସମସ୍ତ

Digitized by srujanika@gmail.com

ଅନାସ୍ଥାରୁ ଦୂର, ତାଙ୍କର ପୁଣି ଇଚ୍ଛା କପରି ହେବ ? ମନୁଷ୍ୟ ସାଧନା ବଳରେ, ଯୋଗ ବଳରେ, ତପସ୍ୟା ବଳରେ ସମାଧିସ୍ଥ ହେଲେ, ଈଶ୍ୱରଙ୍କୁ ପାଇ ପାରିବ । ଅର୍ଥାତ୍ ସେତେବେଳେ ଈଶ୍ୱର ବୁଝିବେ ଯେ, ସାଧକ ମୋ ପାଇଁ ବ୍ୟାକୁଳ । ଏ କଥା ସେ ବୁଝିଲେ, ତାଙ୍କର ଇଚ୍ଛା ହେବ ଯୋଗୀକୁ ଦର୍ଶନ ଦେବାକୁ । ଏପରି ଯେ ଈଶ୍ୱର ଅତିସୂକ୍ଷ୍ମ, ସର୍ବବ୍ୟାପକ, ତାଙ୍କୁ ମନ୍ଦିରରେ, ଗୀର୍ଜାରେ, ମସଜିଦରେ ଅବଦ୍ଧ କରି ହେବ ? ଏଇ ଯେ ଅଗ୍ନି ସୂର୍ଯ୍ୟ ଚନ୍ଦ୍ରମା ବିଦ୍ୟୁତରେ ଈଶ୍ୱର ବ୍ୟାପକ, ଏହି ଅଗ୍ନି ସୂର୍ଯ୍ୟ ଚନ୍ଦ୍ରମା ବିଦ୍ୟୁତ ତ କେବଳ ହିନ୍ଦୁର ନୁହେଁ, କେବଳ ମୁସଲମାନର ନୁହେଁ, କେବଳ ଇସାଇର ନୁହେ, ତେବେ ଏହି ସର୍ବବ୍ୟାପକ ଏକ ଅପରିଚ୍ଛିନ୍ନ ଈଶ୍ୱରଙ୍କୁ ପାଇବା ପାଇଁ ଏତେ ପଥ, ଏତେ ମତ, ଏତେ ଯାତ କାହିଁକି ? ଆଉ ଏଥିପାଇଁ ପରସ୍ପରରେ ଏତେ କଳହ ରକ୍ତପାତ କାହିଁକି ? ଏତେ ମତ, ଏତେ ପଥ, ଏତେ ଯାତକୁ ଛାଡ଼ି ଜ୍ଞାନକୁ ଧରି ଏକ ପଥରେ ଅଗେଇଲେ କଣ ଭଲ ହୁଅନ୍ତା ନାହିଁ ? ଶାସ୍ତ୍ରତ କହନ୍ତି—ଜ୍ଞାନାତ୍ ମୁକ୍ତିଃ—ଜ୍ଞାନରୁ ମୁକ୍ତି । ଏଥିପାଇଁ ତ ସମଗ୍ର ମାନବ ଜାତିର ଧର୍ମଗ୍ରନ୍ଥ 'ବେଦ'—ବେଦ ଅର୍ଥ ଜ୍ଞାନ । ସରୋବରର ପାଖରେ ରହି ଅପିପାସ ରହିବା କ ଦୁର୍ଭାଗ୍ୟର କଥା ! ମନୁଷ୍ୟ ତ କେବଳ ଜ୍ଞାନ ପାଇଁ ଅନ୍ୟାନ୍ୟ ପ୍ରାଣୀଠାରୁ ଶ୍ରେଷ୍ଠ—ଜ୍ଞାନ ମନୁଷ୍ୟର ସ୍ୱଭାବ । ଅଥଚ ଜ୍ଞାନକୁ ଛାଡ଼ି, ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ମନୁଷ୍ୟ ଧର୍ମ ପାଇଁ ପରସ୍ପରରେ କଳହ କରୁଛି—ରକ୍ତପାତ କରୁଛି ! ମନୁଷ୍ୟ କାହିଁକି ତା' ହେଲେ ଅନ୍ୟାନ୍ୟ ପଶୁ ଅପେକ୍ଷା ଶ୍ରେଷ୍ଠ ହେବ ?

ଆହାର ନିଦ୍ରା ଭୟ ମୈଥୁନଂ ଚ
ସାମାନ୍ୟ ମେତତ୍ ପଶୁଭିର୍ନରାଣାମ୍ ।

Digitized by srujanika@gmail.com

ଧର୍ମୋହି ତେଷାମଧିକୋ ବିଶେଷୋ
ଧର୍ମେଣ ହୀନାଃ ପଶୁଭିଃ ସମାନାଃ ॥
(ସୁଭାଷିତାବଳୀ—ପାଠ ୩)

ଆହାର, ନିଦ୍ରା, ଭୟ ଓ ମୈଥୁନ—ଏସବୁ ପଶୁ ଓ ମନୁଷ୍ୟଠାରେ ସମାନ ଭାବରେ ରହିଛି । ମନୁଷ୍ୟଠାରେ ପଶୁ ଅପେକ୍ଷା ଅଧିକ କିଛି ରହିଛି ବୋଇଲେ ସେ କେବଳ ଧର୍ମ, ବିଚାର କରିବାର ଶକ୍ତି, ଜ୍ଞାନ । ଅତ ଏ ଜ୍ଞାନକୁ ଛାଡ଼ିଦେଲେ ମନୁଷ୍ୟ ଅତ ପଶୁ ତ ସମାନ ।

ଧର୍ମ କହିଲେ ବୁଝାଏ **Power of reasoning** — ଏଥିପାଇଁ ତ କୁହାଯାଏ ଧର୍ମ ଅର୍ଥ ଜ୍ଞାନ । କିନ୍ତୁ ଧର୍ମର ଏ ବ୍ୟାଖ୍ୟା ଅତି ସୀମିତ—ଅଥଚ ଧର୍ମର ବ୍ୟାଖ୍ୟା ଅତି ବ୍ୟାପକ । ଯେତେବେଳେ ଧର୍ମକୁ ଭୂଗୋଳ, ଇତିହାସ, ସାହିତ୍ୟ ପରି ଗୋଟାଏ ବିଷୟ (**Subject**) ବୋଲି ଧରାଯାଏ, ସେତେବେଳେ ଧର୍ମର କେବଳ ଏପରି ସଂକ୍ଷିପ୍ତ, ପରିଚ୍ଛିନ୍ନ ବ୍ୟାଖ୍ୟା ହେବ, ସେତେବେଳେ ଧର୍ମର ବ୍ୟାଖ୍ୟା ହେବ—

ଧୃତିଃ କ୍ଷମା ଦମୋଽସ୍ତେୟଂ ଶୌଚମିନ୍ଦ୍ରିୟନିଗ୍ରହଃ
ଧୀର୍ବିଦ୍ୟା ସତ୍ୟମକ୍ରୋଧୋ ଦଶକଂ ଧର୍ମଲକ୍ଷଣମ୍ । (ମନୁ)

ଆଚାରଃ ପରମୋ ଧର୍ମଃ । (ମନୁ)

ସ୍ୱମଃ ସର୍ବେଷୁ ଭୂତେଷୁ ନ ଲିଙ୍ଗଂ ଧର୍ମ କାରଣମ୍ ।

ଚୋଦନା ଲକ୍ଷଣୋଽର୍ଥୋ ଧର୍ମଃ ଇତ୍ୟାଦି ।

ହଂସ କହୁଛନ୍ତି,ଯେ ଈଶ୍ୱର, ଅଗ୍ନି, ସୂର୍ଯ୍ୟ, ଚନ୍ଦ୍ରମା ଓ ବିଦ୍ୟୁତ୍‌ରେ ବିଦ୍ୟମାନ, ସେ ଜ୍ୟୋତିଷ୍ମାନ୍; ଅର୍ଥାତ୍ ଈଶ୍ୱରଙ୍କ ପରି ଏ ସମସ୍ତ

Digitized by srujanika@gmail.com

ପଦାର୍ଥର ମଙ୍ଗଳମୟ । ଏ ସମସ୍ତ ପଦାର୍ଥର ଆବଶ୍ୟକତା ଈଶ୍ବରଙ୍କର ଆବଶ୍ୟକତା ପରି ମନୁଷ୍ୟ ପକ୍ଷରେ ଅପରିହାର୍ଯ୍ୟ । କାହିଁକି ନା ଏ ସକଳ ପଦାର୍ଥ ଈଶ୍ବରଙ୍କର ଅଂଶ ବିଶେଷ । ଈଶ୍ବରଙ୍କର ଯଦି ରୂପର କଳ୍ପନା କରାଯାଏ, ତେବେ ଈଶ୍ବରଙ୍କୁ ଏଇ ଅଗ୍ନି, ସୂର୍ଯ୍ୟ, ଚନ୍ଦ୍ରମା ଓ ବିଦ୍ୟୁତ୍ ରୂପରେ ଦେଖିବାରେ ଆପତ୍ତି ନାହିଁ—କିନ୍ତୁ ଏ ସମସ୍ତ ଈଶ୍ବର ନୁହନ୍ତି—ଈଶ୍ବର କେବଳ ଏ ମଧ୍ୟରେ ବ୍ୟାପ୍ତ—ଏହାର କର୍ତ୍ତା ଈଶ୍ବର । ସ୍ବର୍ଣ୍ଣକାର ସ୍ବର୍ଣ୍ଣ ନୁହେ ।

ହଂସ ପୁଣି କହୁଛନ୍ତି—

ସ ଯ ଏତମେବଂ ବିଦ୍ୱାଂଶ୍ଚତୁଷ୍କଲଂ ପାଦଂ ବ୍ରହ୍ମଣୋ
ଜ୍ୟୋତିଷ୍ମାନିତ୍ୟୁପାସ୍ତେ ଜ୍ୟୋତିଷ୍ମାନସ୍ମିଁଲ୍ଲୋକେ ଭବତି
ଜ୍ୟୋତିଷ୍ମତୋ ହ ଲୋକାଞ୍ଜୟତି ଯ ଏତମେବଂ
ବିଦ୍ୱାଂଶ୍ଚତୁଷ୍କଲଂ ପାଦଂ ବ୍ରହ୍ମଣୋ ଜ୍ୟୋତିଷ୍ମାନିତ୍ୟୁପାସ୍ତେ ।

"ଯେ ବ୍ରହ୍ମବିଦ୍ ବ୍ରହ୍ମକୁ ଏପରିଭାବରେ ଜାଣି, ତାଙ୍କୁ ଜ୍ୟୋତିଷ୍ମାନ୍ ବୋଲି ମାନି ଉପାସନା କରେ, ସେ ଏହି ଲୋକରେ ଜ୍ୟୋତିଷ୍ମାନ୍ ହୁଏ, ଅତ ଜ୍ୟୋତିଷ୍ମାନ୍ ଲୋକକୁ ବି ଜୟ କରେ ।"

ଅର୍ଥାତ୍ ହଂସ କହିବାକୁ ଚାହୁଁଛନ୍ତି—ବ୍ରହ୍ମ ଜ୍ୟୋତି ସ୍ୱରୂପ, ଜ୍ଞାନ ସ୍ୱରୂପ, କଠୋପନିଷଦରେ ଯାଙ୍କୁ କୁହା ଯାଇଛି 'ନଚିକେତା' (ନଚିକେତା ଅର୍ଥ ବ୍ରହ୍ମତେଜ। ଏ ତେଜ ବ୍ରହ୍ମଜ୍ଞାନ ରୂପକ ତେଜ) । ଅର୍ଥାତ୍ ଈଶ୍ବର ଜ୍ଞାନର ବସ୍ତୁ, ଜ୍ଞାନଦ୍ୱାରା ପ୍ରାପ୍ତ କରିବାର ବସ୍ତୁ—ସମାଧି ଦ୍ୱାରା, ଯୋଗ ଦ୍ୱାରା ପ୍ରାପ୍ତ ହେବାର ବସ୍ତୁ ସେ—ବାହ୍ୟ ପୂଜାଅର୍ଚ୍ଚନା ଦ୍ୱାରା ସେ ଅପ୍ରାପ୍ୟ—କାରଣ ସେ ତେଜ, ତେଜର କୌଣସି ମୂର୍ତ୍ତି ନାହିଁ । ଫଳତଃ ବ୍ରହ୍ମର ମଧ୍ୟ କୌଣସି ବିଗ୍ରହ ନାହିଁ । ବ୍ରହ୍ମର କୌଣସି ଇନ୍ଦ୍ରିୟ ନାହିଁ, ଫଳତଃ ଈଶ୍ବରଙ୍କର

Digitized by srujanika@gmail.com

ଇନ୍ଦ୍ରିୟ ସୁଖପାଇଁ ଖାଦ୍ୟପେୟ, ଆସନ, ଶଯ୍ୟା; ଏପରି କି ମୈଥୁନର ବ୍ୟବସ୍ଥା କରିବା ନିର୍ବୁଦ୍ଧିତ୍ୱର ଲକ୍ଷଣ । ଯେ ମନୁଷ୍ୟ ପାଇଁ, ମନୁଷ୍ୟର ଇନ୍ଦ୍ରିୟ ଅଛି ବୋଲି ଏ ସମସ୍ତର ବ୍ୟବସ୍ଥା କରିଛନ୍ତି, ତା'ର ସୁଖପାଇଁ ଓଲଟା ଏପରି ବ୍ୟବସ୍ଥା କରିବା ନିରର୍ଥକ ନୁହେଁ କି ? ତାଙ୍କୁ ଆମରି ପରି ଜଣେ ବ୍ୟକ୍ତି ବିଶେଷ ମନେ କରିବା ଘୋର ନାସ୍ତିକତା ନୁହେଁ କି ? ଯେ ଆମକୁ ଗଢ଼ିଛନ୍ତି, ତାଙ୍କୁ ଆମ୍ଭେ ନିଜେ ଗଢ଼ିବା, ଆଉ ଆମ ଗଢ଼ିଥିବା ବିଗ୍ରହଠାରେ ନତମସ୍ତକ ହୋଇ ମଙ୍ଗଳ ଯାଚନା କରିବା ଘୋର ଅଜ୍ଞାନତା ନୁହେଁ କି ? ଏହି ଅଜ୍ଞାନତାରୁ ଉଦ୍ଧାର କରିବା ପାଇଁ ହଂସ କହୁଛନ୍ତି, ଈଶ୍ୱରଙ୍କୁ ଜ୍ୟୋତି ସ୍ୱରୂପ ବୋଲି ଉପାସନା କର । ଗୋଟାଏ ହଂସ, ଗୋଟାଏ ତିର୍ଯ୍ୟକଯୋନି ଜୀବ କହୁଛି, ଆଉ ବୁଦ୍ଧିଜୀବୀ ମନୁଷ୍ୟ ତା' କରିବା ତ ଦୂରର କଥା, ଗ୍ରହଣ ବି କରିପାରୁ ନାହିଁ ।

ହଂସ ପୁଣି କହୁଛନ୍ତି, ଈଶ୍ୱରଙ୍କୁ ଜ୍ୟୋତିଷ୍ମାନ୍ ବୋଲି ଯେ, ଉପାସନା କରିବ, ସେ ନିଜେ ଜ୍ୟୋତିଷ୍ମାନ୍ ହେବ, ଆଉ ସେ ଯଥାର୍ଥରେ ଜ୍ଞାନୀ ମନୀଷୀ ହେବ; ଆଉ ଏପରି ଭାବରେ ସୂକ୍ଷ୍ମଲୋକରେ ସେ ପ୍ରସିଦ୍ଧି ଲାଭ କରିବ । ଆଉ ଏପରିଭାବରେ ସାଧକ ହେବା ଫଳରେ ସେ ଜ୍ୟୋତିଷ୍ମାନ୍ ଲୋକକୁ ଜୟ କରିବ; ଅର୍ଥାତ୍ ବ୍ରହ୍ମ-ସାକ୍ଷାତ୍କାର ପ୍ରାପ୍ତ ହେବ । କିନ୍ତୁ ଜଡ଼ ପଦାର୍ଥର ଉପାସନା କଲେ, ଜଡ଼ ହୋଇଯିବ ସିନା 'ନିଶିତା'କୁ (ଜ୍ଞାନକୁ) ପାଇ ନ ପାରି ବ୍ରହ୍ମ-ଦର୍ଶନ କରି ପାରିବ ନାହିଁ ।

ଏତିକି କହି ହଂସ ସତ୍ୟକାମଙ୍କଠାରୁ ବିଦାୟ ନେଲେ ବିଦାୟ ନେବାବେଳେ କହିଗଲେ—

ମଦ୍‌ଗୁଷ୍ଟେ ପାଦଂ ବକ୍ତେତି ।

Digitized by srujanika@gmail.com

"ହେ ସତ୍ୟକାମ ସୌମ୍ୟ ! ମଦ୍‌ଗୁ ତୁମକୁ ବ୍ରହ୍ମର ଚତୁର୍ଥ ପାଦ ସମ୍ବନ୍ଧରେ କହିବେ ।" ମଦ୍‌ଗୁ ଗୋଟିଏ ଜଳଚର ପକ୍ଷୀ । ଏ ଜଳଚର ପକ୍ଷୀ ମଧ୍ୟ ମନୁଷ୍ୟକୁ ଉପଦେଶ ଦେଇ ପାରେ । ଏ କଥା ପ୍ରତି ବିଶ୍ୱାସ ଥିବାରୁ ମହର୍ଷି ମନୁ ତାଙ୍କର ସ୍ମୃତିରେ କହିଛନ୍ତି—

ବକବଚ୍ଚିନ୍ତୟେଦର୍ଥାନ୍ ସିଂହବଚ୍ଚ ପରାକ୍ରମେତ୍
ବୃକବଚ୍ଚାବଲୁମ୍ପେତ ଶଶବଚ୍ଚ ବିନିଷ୍ପତେତ୍ ।।

ରାଜାକୁ ରାଜନୀତି ଶିକ୍ଷା ଦେବାକୁ ଯାଇ ପୃଥିବୀର ସର୍ବପ୍ରଥମ ସର୍ବପ୍ରଧାନ ମନୁ ସମ୍ରାଟଙ୍କୁ କହୁଛନ୍ତି, ରାଜା ବକପରି ନିବିଷ୍ଟ ମନରେ ଅର୍ଥପାଇଁ ଚିନ୍ତା କରିବ, ସିଂହ ପରି ସେ ପରାକ୍ରମ ଦେଖାଇବ, ବ୍ୟାଘ୍ର ପରି ଶିକାର କରିବ, ଆଉ ଶଶ ପରି ପଳାୟନ କରିବ । ଏ ପଶୁମାନଙ୍କଠାରୁ ମଧ୍ୟ ଏ ସବୁ କଥା ଶିଖିବାକୁ ମନୁ ରାଜାମାନଙ୍କୁ ଉପଦେଶ ଦେଉଛନ୍ତି । ଏପରି ଗୋଟିଏ ତିର୍ଯ୍ୟକ୍‌ଯୋନି ମଧ୍ୟରୁ ମଦ୍‌ଗୁ ସେପରି ସତ୍ୟକାମକୁ କି ଉପଦେଶ ଦେଉଛନ୍ତି—

ବ୍ରହ୍ମଣଃ ସୌମ୍ୟ । ...... ପ୍ରାଣଃ କଳା ଚକ୍ଷୁଃ
ଶ୍ରୋତ୍ରଂ କଳା ମନଃ କଳୈଷ ବୈ ସୌମ୍ୟ !
ଚତୁଷ୍କଳଃ ପାଦୋ ବ୍ରହ୍ମଣ ଆୟତନବାନ୍ନାମ ।

"ହେ ସୌମ୍ୟ ସତ୍ୟକାମ ! ବ୍ରହ୍ମର ଚତୁର୍ଥ ପାଦର ପ୍ରଥମ କଳା ପ୍ରାଣ, ଦ୍ୱିତୀୟ କଳା ଚକ୍ଷୁ, ତୃତୀୟ କଳା ଶ୍ରୋତ୍ର, ଆଉ ଚତୁର୍ଥ ତଥା ଅନ୍ତିମ କଳା ମନ । ଅତ୍ ହେ ସୌମ୍ୟ ! ବ୍ରହ୍ମର ଏଇ ଚତୁଷ୍କଳ ପାଦର ନାମ ଆୟତନବାନ୍ ।

ବ୍ରହ୍ମ ଯେ କେବଳ ପ୍ରାଚୀ, ପ୍ରତୀଚୀ, ଉଦୀଚୀ ଓ ଅବାଚୀରେ ବ୍ୟାପକ, ତା ନୁହେ । ବ୍ରହ୍ମ ଯେ କେବଳ ପୃଥିବୀ, ଅନ୍ତରୀକ୍ଷ, ଦ୍ୟୁଲୋକ, ସମୁଦ୍ରରେ ବ୍ୟାପକ, ତା' ନୁହେ । ବ୍ରହ୍ମ କେବଳ

Digitized by srujanika@gmail.com

ଅଗ୍ନି, ସୂର୍ଯ୍ୟ, ଚନ୍ଦ୍ରମା ଓ ବିଦ୍ୟୁତରେ ବ୍ୟାପକ, ତା' ନୁହେ । ଯେ ଇନ୍ଦ୍ରିୟଗଣ ଥିବାରୁ ଆମେ ଏ ସବୁକୁ ଜାଣି ପାରୁଛୁ, ଅଭି ଏସବୁ ଥିବାରୁ ଇନ୍ଦ୍ରିୟଗଣର ସୃଷ୍ଟି ହୋଇଛି, ସେ ଇନ୍ଦ୍ରିୟଗଣ, ଯଥା :— ଘ୍ରାଣ, ଚକ୍ଷୁ, ଶ୍ରୋତ୍ର, ମନରେ ବି ବ୍ରହ୍ମବ୍ୟାପକ । ପ୍ରାଣ ତ ଇନ୍ଦ୍ରିୟ ନୁହେ । କିନ୍ତୁ ସମସ୍ତ ଇନ୍ଦ୍ରିୟର ଚାଳନାର କାରଣ ବୋଲି ମନକୁ ମଧ୍ୟ ଇନ୍ଦ୍ରିୟ ସଙ୍ଗରେ ଗ୍ରହଣ କରି ଯାଇଛି; ଅଭି ମନ ତ ଗୋଟାଏ ଇନ୍ଦ୍ରିୟ, ଏ କଥା ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି— "ଇନ୍ଦ୍ରିୟାଣାଂ ମନଶ୍ଚାସ୍ମି ।" ସୃଷ୍ଟିର ଇତିହାସ ଅନୁଧ୍ୟାନ କଲେ ବୁଝାଯାଏ, ପ୍ରଥମରେ ଈଶ୍ୱରଙ୍କ ଈକ୍ଷଣରୁ (ଇଚ୍ଛାରୁ) ପଞ୍ଚ ମହାଭୂତ ମଧ୍ୟରୁ ମହାକାଶ ସୃଷ୍ଟି ହେଲା । ରହିବା ପାଇଁ ପ୍ରଥମରେ ସ୍ଥାନ ସୃଷ୍ଟି ହେଲେ ତ ସେଥିରେ ରହିବା ପାଇଁ ଅନ୍ୟାନ୍ୟ ବସ୍ତୁର ସୃଷ୍ଟି ସମ୍ଭବ ହେବ । ତେଣୁ ପ୍ରଥମ ସୃଷ୍ଟି ଆକାଶ । ଆକାଶ ପରେ ନାନାଦି ଗ୍ରହ ତାରା, ସ୍ଥାବର ଜଙ୍ଗମ, ମନୁଷ୍ୟର ଜୀବନ ଧାରଣର ଉପଯୋଗୀ ବସ୍ତୁ ବିଶେଷ, ତା' ପରେ ପ୍ରାଣୀର ସୃଷ୍ଟି । ଅଭି ଏହି ପ୍ରାଣୀର ଇନ୍ଦ୍ରିୟ ରହିଛି । ଅତଏବ ଇନ୍ଦ୍ରିୟ ସଙ୍ଗରେ ଏ ସମସ୍ତ ଜଡ଼-ଜଗତ ସମ୍ପୃକ୍ତ । ମନୁଷ୍ୟର ଭୋଗ ତ ଜଡ଼ବସ୍ତୁ ବିଶେଷ, ମନୁଷ୍ୟର ଖାଦ୍ୟ ପେୟ ପୋଷାକପରିଚ୍ଛଦ ତ ଜଡ଼ବସ୍ତୁ ବିଶେଷ । କିନ୍ତୁ ପ୍ରଶ୍ନ ହୋଇପାରେ, ମନୁଷ୍ୟର ସର୍ବଶ୍ରେଷ୍ଠ ଭୋଗବସ୍ତୁ ନାରୀ ତ ଜଡ଼ବସ୍ତୁ ବିଶେଷ ନୁହେ । ନାରୀ ଜଡ଼ବସ୍ତୁ ବିଶେଷ ନୁହେ ତ ଅଭି କଣ ? ନର ନାରୀର ଶରୀରକୁ ତ ଭୋଗ କରେ—ତା'ର ଆତ୍ମାକୁ ନୁହେ—ମନକୁ ନୁହେ । ଏହି ଶରୀର ପଞ୍ଚଭୂତରୁ ନିର୍ମିତ, ଅଭି ପଞ୍ଚ ମହାଭୂତ ଜଡ଼ବସ୍ତୁ ବିଶେଷ । ଏଥିପାଇଁ ତ ସାଂଖ୍ୟ-ଦର୍ଶନ କହୁଛନ୍ତି :—'ଶବ୍ଦବସାନୋ ଭୋଗାଃ'—ଚେତନାର ଅବସାନ ବା ଅଭାବକୁ ଭୋଗ କୁହାଯାଏ । ଚେତନତା ଅପରିଣାମୀ ହେବାରୁ

Digitized by srujanika@gmail.com

ସେ ଭୋଗ ହୋଇ ପାରେ ନା । କିନ୍ତୁ ଭୋଗ ପରିଣାମୀ ହେବାକୁ ବାଧ୍ୟ, ଯଥା :—ଖାଇଲେ ପେଟ ଭରିବାର ଅନନ୍ଦ ମିଳିବ—ଶୋଇଲେ ବିଶ୍ରାମର ଅନନ୍ଦ ମିଳିବ । ଅତଏବ ଭୋଗ ଜଡ଼, ଅଜ ଭୋକ୍ତା ଚେତନ ...... । ଅଜ ଏଇ ଯେ ମନୁଷ୍ୟ ପରେ ସୃଷ୍ଟି ହେଲା, ଏଇ ମନୁଷ୍ୟର ସୃଷ୍ଟି ହେବାର ଥିଲା ବୋଲି ତ ତା'ର ଅଗରୁ ତା'ର ଉପଯୋଗୀ ବସ୍ତୁ ସକଳ ସୃଷ୍ଟି ହେଲା । ପୃଥ୍ବୀ ସମସ୍ତ ବସ୍ତୁ ସୃଷ୍ଟି ହେଲା ବୋଲି ମନୁଷ୍ୟ ବଞ୍ଚି ରହି ପାରିଲା । ଅତଏବ ଏହି ଜଡ଼ବସ୍ତୁ, ଅଜ ପ୍ରାଣୀର ଇନ୍ଦ୍ରିୟ ଅଙ୍ଗାଙ୍ଗୀଭାବରେ ଜଡ଼ିତ । ଅଜ ବ୍ରହ୍ମ ଯଦି ଏହି ଜଡ଼ବସ୍ତୁ ସକଳରେ ବ୍ୟାପକ ରହିବେ, ତେବେ ଏଇ ଜଡ଼ବସ୍ତୁ ସଙ୍ଗରେ ସଂଶ୍ଳିଷ୍ଟ ଇନ୍ଦ୍ରିୟ ସଙ୍ଗରେ ବା ଜଡ଼ିତ ବା ଏଥିରେ ବ୍ୟାପକ ନ ହେବେ କିପରି ? ତେଣୁ ମଦ୍‌ଗୁରୁ କହୁଛନ୍ତି—ଈଶ୍ବର ଯେପରି ଆକାଶରେ, ସୂର୍ଯ୍ୟରେ, ଚନ୍ଦ୍ରରେ, ବିଦ୍ୟୁତରେ ବ୍ୟାପକ, ସେପରି ସେ ଏ ସମସ୍ତ ଭୋଗ୍ୟ ବସ୍ତୁର ଭୋଗର କାରଣ ଇନ୍ଦ୍ରିୟରେ ମଧ୍ୟ ବ୍ରହ୍ମ ବ୍ୟାପକ ।

ଚକ୍ଷୁରେନ୍ଦ୍ରିୟର କାରଣ ଅଗ୍ନି ସୂର୍ଯ୍ୟ ବିଦ୍ୟୁତ; ଅର୍ଥାତ୍ ତେଜ ଚକ୍ଷୁର କାରଣ । ତେଜ ନ ଥିଲେ ଚକ୍ଷୁର କୌଣସି ମୂଲ୍ୟ ନାହିଁ । ଅନ୍ଧକାରରେ ଚକ୍ଷୁ ତ କିଛି ଦେଖି ପାରେ ନା ତାର ଅସ୍ତିତ୍ୱ ଥିବା ସତ୍ତ୍ୱେ ବି । ରାତିରେ କି ଆଲୋକ ନ ଥିଲେ ଚକ୍ଷୁ କିଛି ଦେଖି ପାରେ ନା । ତେଣୁ କୁହାଯାଏ ସୂର୍ଯ୍ୟ ଅଗ୍ନି ତତ୍ତ୍ୱ, ତେଜ ଚକ୍ଷୁର ଦେବତା । ଠିକ୍ ସେହିପରି ଅର୍ଥରେ କାରଣ ଅନ୍ତରୀକ୍ଷ ବା ଆକାଶ । ଆକାଶ ହେଉଛି ପଥ ଯେଉଁ ପଥରେ ଶବ୍ଦ ଆସି କର୍ଣ୍ଣକୁହରରେ ପ୍ରବେଶ କରେ ବୋଲି ମନୁଷ୍ୟ ଶୁଣିପାରେ । ଆକାଶ ନ ଥିଲେ କର୍ଣ୍ଣର କୌଣସି ଅର୍ଥ ନ ଥାନ୍ତା । ସେଥିପାଇଁ ଆକାଶ-ତତ୍ତ୍ୱ କର୍ଣ୍ଣେନ୍ଦ୍ରିୟର ଅଧିଷ୍ଠାତ୍ରୀ ଦେବତା ।

Digitized by srujanika@gmail.com

ତା’ ପରେ ମନ, ମନର ଚନ୍ଦ୍ର କାରଣ । ମନର ସ୍ୱଭାବ ଚଞ୍ଚଳତା, ଯା’ ପାଇଲେ ମନୁଷ୍ୟର ମନ ଶାନ୍ତ ହେବ, ତାକୁ ମନର କାରଣ ବୋଲି ବୁଝିବାକୁ ହେବ । ତେଜ ପାଇଲେ ଅଗ୍ନି ଅନନ୍ଦ ପାଏ ବୋଲି ତେଜ ଅଗ୍ନିର କାରଣ । ଶବ୍ଦ ପାଇଲେ (ଅକାଶର କାରଣରୁ) କର୍ଣ୍ଣ ଅନନ୍ଦ ପାଏ ବୋଲି ଆକାଶ କର୍ଣ୍ଣର କାରଣ । ଚନ୍ଦ୍ରର କିରଣ ଅହ୍ଲାଦକର, ଶୀତଳ, ଏହି ଚନ୍ଦ୍ର ସଙ୍ଗରେ ନାରୀମାନଙ୍କର ସମ୍ବନ୍ଧ ଘନିଷ୍ଠ । ବିଭିନ୍ନ ଋତୁରେ ଚନ୍ଦ୍ରର ଉଜ୍ଜ୍ୱଳ ଅଂଶର ପ୍ରକଟନକୁ କୁହାଯାଏ 'କଳା’ । ଅଉ ସ୍ତ୍ରୀମାନଙ୍କର ରଜକୁ ମଧ୍ୟ କୁହାଯାଏ କଳା’ । ସ୍ତ୍ରୀର ସ୍ରୋତେଚ୍ଛା ତାର ଏହି ରଜସ୍ରାବ ଉପରେ ନିର୍ଭର କରେ । ଋତୁସ୍ନାତା ସ୍ତ୍ରୀର ହିଁ ରତି ଇଚ୍ଛା ପ୍ରବଳ ହୁଏ । ଚନ୍ଦ୍ର ସଙ୍ଗରେ ନାରୀର ସମ୍ବନ୍ଧ ବୋଲି ବିଭିନ୍ନ ତିଥିରେ ନାରୀର ବିଭିନ୍ନ ଅଙ୍ଗରେ ରତି ନିବାସ କରେ ବୋଲି କହନ୍ତି, ଅଉ ଏଥିପାଇଁ ସ୍ତ୍ରୀର ମଧୁର ବିଶେଷ ଚନ୍ଦ୍ରମୁଖୀ, ଚନ୍ଦ୍ରବଦନୀ ବିଧୁବଦନୀ ଅଦି ଅଦି । ଏହି ଚନ୍ଦ୍ରକୁ ପାଇ ନାରୀର ମନ ଶାନ୍ତ ହୁଏ; ଅଉ ଏହି ନାରୀକୁ ପାଇ ପୁରୁଷର ମନ ଶାନ୍ତ ହୁଏ ବୋଲି ମନର କାରଣ ଚନ୍ଦ୍ର ।

ବାକି ରହିଲା ପ୍ରାଣ । କିନ୍ତୁ ପ୍ରାଣତ ଇନ୍ଦ୍ରିୟ ନୁହେ । ପ୍ରାଣ ବାୟୁ ବିଶେଷ ଯା’ର କାରଣରୁ ଏ ସମସ୍ତ ଇନ୍ଦ୍ରିୟ ଗଣର ପ୍ରତିଷ୍ଠା ସମ୍ଭବ ହୋଇଛି । ଏହି ପ୍ରାଣରେ ମଧ୍ୟ ଈଶ୍ୱର ବିଦ୍ୟମାନ ଅର୍ଥାତ୍ ଅମର ସମସ୍ତ ଶରୀରରେ, ସମଗ୍ର ଇନ୍ଦ୍ରିୟରେ ବ୍ରହ୍ମ ବ୍ୟାପକ । କାରଣ, ପ୍ରାଣ ଏକ ନୁହେ—ଅନେକ । ଅର୍ଥାତ୍ ଅମର ଶରୀରର ନାନା ଢଗରେ ସେ ବ୍ୟାପକ । ସେ ନାନା ଢଗରେ ବ୍ୟାପକ ହୋଇ ଥିବାରୁ ତାର ବିଭିନ୍ନ ନାମକରଣ ମଧ୍ୟ ହୋଇଛି; ଯଥା— ପ୍ରାଣ, ଅପାନ, ବ୍ୟାନ, ସମାନ, ଉଦାନ, କୁକଳ, ଦେବଦତ୍ତ,

Digitized by srujanika@gmail.com

ନାଗ, କୂର୍ମ, ଧନଞ୍ଜୟ, ଏଇ ଦଶ ପ୍ରାଣ ସେହି ଏକ ପ୍ରାଣର ନାମାନ୍ତର ମାତ୍ର । ଅଉ ଯେଉଁ ଚକ୍ଷୁ, ଶ୍ରୋତ୍ର, ମନରେ ବ୍ରହ୍ମ ବ୍ୟାପକ, ସେ ସବୁ ମଧ୍ୟ ଅସ ଈଶ୍ୱରର ଅଙ୍ଗ ବିଶେଷ ।

ବ୍ରହ୍ମ ଆମର ଏ ସମସ୍ତ ଇନ୍ଦ୍ରିୟରେ ବ୍ୟାପକ ରହିବା ଅର୍ଥ ଆମର ଏ ସମସ୍ତ ଇନ୍ଦ୍ରିୟରେ ପବିତ୍ରତାର ନିବାସ ରହିବା । ଫଳତଃ ଅମ୍ଭେ କଦାପି ଆମର ଏ ସମସ୍ତ ଇନ୍ଦ୍ରିୟକୁ କଳୁଷିତ ନ ହେବାକୁ ଦେବା ଉଚିତ ଏ କଥା ବୁଝିବା,—ଦୁଷ୍ଟ ଦୃଶ୍ୟ ନ ଦେଖିବା ଉଚିତ—ସର୍ବେ ଭଦ୍ରାଣି ପଶ୍ୟନ୍ତୁ । ଦୁଷ୍ଟ କଥା ନ ଶୁଣିବା ଉଚିତ, ଅଉ ଦୁଷ୍ଟ ବିଚାର ମନରେ ଆସିବାକୁ ନ ଦେବା ଉଚିତ । ଏହାର ଫଳେ ଏ ସମସ୍ତ ଇନ୍ଦ୍ରିୟ ପବିତ୍ର ରହିବ । କିନ୍ତୁ, ପ୍ରାଣ ?···

ପ୍ରାଣ ତ କୌଣସି ଇନ୍ଦ୍ରିୟ ନୁହେ । କିନ୍ତୁ ପ୍ରାଣକୁ ପବିତ୍ର ରଖିବାର ଏକମାତ୍ର ଉପାୟ 'ପ୍ରାଣାୟାମ' ।

ଅପାନେ ଜୁହ୍ୱତି ପ୍ରାଣଂ ପ୍ରାଣେଽପାନଂ ତଥାପରେ ।
ପ୍ରାଣାପାନଗତୀ ରୁଦ୍ଧ୍ୱା ପ୍ରାଣାୟାମପରାୟଣାଃ ॥ (ଗୀତା)

'ଈଶ୍ୱର-ପରାୟଣ ଯୋଗୀ ଅପାନ ବାୟୁକୁ ପ୍ରାଣ ବାୟୁରେ ହବନ କରେ । ତଥା ଅନ୍ୟ ଯୋଗୀଜନ ପ୍ରାଣବାୟୁରେ ଅପାନ ବାୟୁକୁ ହବନ କରନ୍ତି । ସେପରି ଅନ୍ୟାନ୍ୟ ଯୋଗୀ ମଧ୍ୟ ପ୍ରାଣ ଅଉ ଅପାନର ଗତିକୁ ରୋଧ କରି ପ୍ରାଣାୟାମପରାୟଣ ହୁଅନ୍ତି ।' ଗୀତା ପ୍ରାଣାୟାମପରାୟଣ ହେବାକୁ କହୁଛନ୍ତି ଯୋଗୀଜନଙ୍କୁ । ଏ ଯୋଗୀଜନ କିଏ ? ଯେଉଁମାନେ ଈଶ୍ୱରଙ୍କ ସଙ୍ଗରେ ଯୋଗ ପାଇଁ, ମିଳନ ପାଇଁ ସାଧନା କରନ୍ତି, ସେମାନେ ଯୋଗୀ । ଏ ଯୋଗୀମାନେ ପ୍ରାଣାୟାମ ନ କଲେ ଈଶ୍ୱର ସାକ୍ଷାତ୍କାର କରି ପାରିବେ ନାହିଁ । ତେଣୁ ଅଷ୍ଟାଙ୍ଗ ଯୋଗ-ସାଧନା ମଧ୍ୟରୁ ପ୍ରାଣାୟାମ ଗୋଟିଏ ଅଙ୍ଗ—ଯମ, ନିୟମ, ଆସନ,

Digitized by srujanika@gmail.com

ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ, ସମାଧି । ନିଜକୁ ପବିତ୍ର କଲେ ଯିନା ନିଜ ମଧ୍ୟରେ ଈଶ୍ୱରଙ୍କ ସାକ୍ଷାତ୍କାର ସମ୍ଭବ ହେବ । ମଳଯୁକ୍ତ ଦର୍ପଣରେ ତ ନିଜ ମୁଖ ଦେଖି ହୁଏ ନା । ଅତ ଈଶ୍ୱର-ଦର୍ଶନ ପାଇଁ ନିଜକୁ ପବିତ୍ର ରଖିବା ଅର୍ଥ ପ୍ରାଣାୟାମ କରିବା । (ଶରୀର ମନର ଶୁଦ୍ଧି ପାଇଁ ପ୍ରାଣାୟାମ କେତେ ପ୍ରବଳ ଭାବରେ ଆବଶ୍ୟକ, ତାର ସମ୍ୟକ୍ ଆଲୋଚନା ଏଠି କରାଗଲା ।)

(ଆମର ଶରୀରରେ ଦୁଇପ୍ରକାର କାର୍ଯ୍ୟ ହେଉଛି; ଏକ ଅନିଚ୍ଛିତ, ଅନ୍ୟଟି ଇଚ୍ଛିତ । ଆମର ମନରେ ବଗୃର ଜାଗ୍ରତ ହେବା ଫଳରେ ବାହ୍ୟ ଅଙ୍ଗ ପ୍ରତ୍ୟେକ ଦ୍ୱାରା ଆମେ ଯେ କର୍ମ କରୁଁ, ତା' ଇଚ୍ଛିତ । ଆଉ ଆମର ଅଜଣାରେ, ଆମର ଅଲକ୍ଷ୍ୟରେ, ଆମର ଇଚ୍ଛା କରିବା ନ କରିବା ଉପରେ ନିର୍ଭର ନ କରି ଯେ କର୍ମ ଆମର ଶରୀର ମଧ୍ୟରେ ହେଉଛି, ତା ଅନିଚ୍ଛିତ କର୍ମ । ଯଥା—ଆମର ଶରୀରରେ ରକ୍ତର ଗତିର ପ୍ରବାହ, ନାଡ଼ୀର ଚଳନା, ହୃଦୟର ସ୍ପନ୍ଦନ ଆଦ ଆଦ । ଆମ ଶରୀରରେ ଦୁଇ ପ୍ରକାର ସୂକ୍ଷ୍ମ ନାଡ଼ୀ ଅଛି । ୧ । ସମସ୍ତ ଶରୀରରୁ ଯେଉଁ ନାଡ଼ୀଗୁଡ଼ାକ ଆସି ହୃଦୟରେ ମିଳିତ ହୋଇଛନ୍ତି; ୨ । ହୃଦୟରୁ ଯେଉଁ ନାଡ଼ୀଗୁଡ଼ାକ ବାହାର ଶରୀରରେ ମିଳିଛି ହୋଇଛନ୍ତି । ପ୍ରଥମ ନାଡ଼ୀକୁ 'ଶିରା' କୁହାଯାଏ । ଦ୍ୱିତୀୟ ପ୍ରକାର ନାଡ଼ୀକୁ 'ଧମନୀ' । ଶିରାର କାମ ସମସ୍ତ ଶରୀରର ଅଶୁଦ୍ଧ ରକ୍ତକୁ ଶୁଦ୍ଧ ହେବା ପାଇଁ ହୃଦୟକୁ ଆଣିବା । ଆଉ ଧମନୀର କାମ ହୃଦୟ ଦ୍ୱାରା ଶୁଦ୍ଧକୃତ ରକ୍ତକୁ ସମସ୍ତ ଶରୀରରେ ଖେଳେଇଦେବା ।

(ସେହି ରକ୍ତକୁ ଶୁଦ୍ଧ କୁହାଯାଏ, ଯେଉଁଥିରେ Oxyzenର ମାତ୍ରା ଅଧିକ ଥାଏ । ଶରୀର ନାନା କାର୍ଯ୍ୟରେ ବ୍ୟବହୃତ ହେବା ଫଳରେ ଏଇ ରକ୍ତ ଦୂଷିତ ହୋଇ ଯାଏ; ଫଳରେ ସେହା ମଧ୍ୟରୁ Oxyzen ଚାଲିଯାଇ ଏହା ମଧ୍ୟରେ Carbonic Acid Gas

Digitized by srujanika@gmail.com

ନାମରେ ଗୋଟାଏ ବିଷାକ୍ତ ବାୟୁ ପ୍ରବେଶ କରେ । ଏଥିପାଇଁ ରକ୍ତର ଲାଲ ରଙ୍ଗ ମଧ୍ୟ ବଦଳି ଯାଏ—ରକ୍ତ କଳାରଙ୍ଗ ଧାରଣ କରେ । ହୃଦ୍‌ଯନ୍ତ୍ରକୁ ଯେତେବେଳେ ଏ ଅଶୁଦ୍ଧ ରକ୍ତ ପରିଷ୍କାର ହେବାକୁ ଆସେ, ହୃଦୟ ସେତେବେଳେ ତାକୁ ଫୁସ୍‌ଫୁସ୍ ପାଖକୁ ପଠାଇ ଦିଏ । ଫୁସ୍‌ଫୁସ୍ ପୁଞ୍ଜ ପରି ଅସଂଖ୍ୟ ଛୋଟ ଛୋଟ କୋଷର ସମଷ୍ଟି । ଲମ୍ବା ଆଉ ଓସାର କରି ଯଦି ଏହି ଫୁସ୍‌ଫୁସ୍‌କୁ ବିସ୍ତାରିତ କରାଯାଏ, ତେବେ ଏହା ୧୪୦୦୦ ବର୍ଗଫୁଟ ହେବ । ଏ କୋଷ୍ଠର-ସମଷ୍ଟି ଗୋଟାଏ ମାଂସ ପେଶୀର କ୍ରିୟାଦ୍ୱାରା ଖୋଲେ ଆଉ ବନ୍ଦ ହୁଏ । ଯେତେବେଳେ କୋଷଗୁଡ଼ିକ ଖୋଲେ, ସେତେବେଳେ ଗୋଟାଏ ପାଖରୁ ହୃଦୟଦ୍ୱାରା ପ୍ରେରିତ ଅଶୁଦ୍ଧ ରକ୍ତ ଆଉ ଅନ୍ୟ ପାଖରୁ ଶ୍ୱାସ ଦ୍ୱାରା ଆନୀତ ଶୁଦ୍ଧ ବାୟୁ ଆସି ଏ କୋଷଗୁଡ଼ାକରେ ଭରିଯାଏ । ଏ ହେଉଛି ପ୍ରକୃତିର ଏକ ଆଶ୍ଚର୍ଯ୍ୟଜନକ କ୍ରିୟା ଯେ ଯା'ଠାରେ ଯେଉଁ ପଦାର୍ଥର ଅଭାବ, ସେ ଅନ୍ୟଠାରୁ ସେହି ପଦାର୍ଥ ନିଏ । ରକ୍ତରେ ଏତେବେଳେ ଶୁଦ୍ଧ ବାୟୁ (Oxyzen) ଥାଏନା; କାରଣ ରକ୍ତ ଅଶୁଦ୍ଧ ଥାଏ, ଆଉ ଶ୍ୱାସ ଦ୍ୱାରା ଆନୀତ ବାୟୁରେ ଅଶୁଦ୍ଧ ବାୟୁ (Carbonic Acid Gas) ଥାଏ ନା, କାରଣ ସେତେବେଳେ ବାୟୁ ଶୁଦ୍ଧ ଥାଏ । ଫଳରେ ରକ୍ତରୁ ଅଶୁଦ୍ଧ ବାୟୁ ବାହାର ଶ୍ୱାସ ବାୟୁରେ ମିଶି ଯାଏ, ଆଉ ଶ୍ୱାସ ପ୍ରଶ୍ୱାସ ହୋଇ ବାହାରିଯାଏ, ଆଉ ଶ୍ୱାସର ଶୁଦ୍ଧ ବାୟୁ ରକ୍ତରେ ମିଶି ରକ୍ତ ଶୁଦ୍ଧ ହୋଇ ଶରୀରକୁ ବୁଲିଯାଏ । ଫଳତଃ ରକ୍ତ ଶୁଦ୍ଧ ହୁଏ, ପ୍ରଶ୍ୱାସ ଅଶୁଦ୍ଧ ଶରୀରରେ ଏ କ୍ରିୟା ପ୍ରତିକ୍ଷଣ ହେଉଛି । ପ୍ରଶ୍ୱାସ ବାୟୁ ଅଶୁଦ୍ଧ ବୋଲି ମୁହଁ ଘୋଡ଼େଇ ଶୋଇବାକୁ ମନା କରାଯାଏ— ଝରକା ବନ୍ଦ କରି ଶୋଇବାକୁ ମନା କରାଯାଏ ।

Digitized by srujanika@gmail.com

ହୃଦ୍‌ଯନ୍ତ୍ରର କମ୍ପନ— ହୃଦଯନ୍ତ୍ରରୁ ଶୁଦ୍ଧ ହେବା ପାଇଁ ରକ୍ତ ଫୁସ୍‌ଫୁସ୍‌କୁ ଆସିବା ଏବଂ ଶୁଦ୍ଧ ହେବା ପରେ ପୁଣି ହୃଦଯନ୍ତ୍ରକୁ ଆସି ଶରୀରର ବିଭିନ୍ନ ଅଙ୍ଗକୁ ଚାଲିଯିବା ଫଳରେ ଯେଉଁ କ୍ରିୟା ଶରୀରରେ ହେଉଛି ତା'ର ଗୋଟାଏ ଶବ୍ଦ ଜାତ ହେଉଛି । ଏହି ଶବ୍ଦ ହେଉଛି ହୃଦଯନ୍ତ୍ରର କମ୍ପନ । ଗୋଟାଏ ମିନିଟରେ ୭୨ ଥର ଏପରି କମ୍ପନ ହେଉଛି ଗୋଟାଏ ପ୍ରୌଢ଼ ବ୍ୟକ୍ତିଙ୍କଠାରେ । ବୟସର ବୃଦ୍ଧି ସଙ୍ଗରେ ଏ କମ୍ପନର ପରିବର୍ତ୍ତନ ଘଟେ; ବିଶେଷ କୌଣସି ଅବସ୍ଥାରେ ମଧ୍ୟ ଏ କମ୍ପନର ପରିବର୍ତ୍ତନ ଘଟେ, କମ୍ ବେଶୀ ହୁଏ, ଧୀର ଏବଂ ଚଞ୍ଚଳ ହୁଏ । ଗୋଟାଏ ସେକେଣ୍ଡରେ ଥରେ ରକ୍ତ ଶୁଦ୍ଧି ହେବା ପାଇଁ ଫୁସ୍‌ଫୁସ୍‌କୁ ଆସେ ଏବଂ ଶୁଦ୍ଧ ହୋଇ ଚାଲିଯାଏ । ୨୪ ଘଣ୍ଟାରେ ୭୫୬ ମହଣ ରକ୍ତ ହୃଦଯନ୍ତ୍ରରୁ ଫୁସ୍‌ଫୁସ୍‌କୁ ଶୁଦ୍ଧ ହେବାକୁ ଆସୁଛି ଏବଂ ପରିସ୍ରୁତ ହେଉଛି । ହୃଦଯନ୍ତ୍ର ଯେତେବେଳେ ସଙ୍କୁଚିତ ହୋଇ ରକ୍ତ ବାହାର କରେ ଫୁସ୍‌ଫୁସ୍ ପାଖକୁ ପଠାଇବା ପାଇଁ, ସେତେବେଳେ 'ଲବ୍' ପରି ଗୋଟାଏ ଶବ୍ଦ ବାହାରେ, ଏବଂ ଫୁସ୍‌ଫୁସ୍ ବିସ୍ତାରିତ ହୋଇ ଯେତେବେଳେ ରକ୍ତକୁ ଗ୍ରହଣ କରେ, ସେତେବେଳେ 'ଡପ୍' ପରି ଏକ ଶବ୍ଦ ହୁଏ । ଏହି ଶବ୍ଦ ହେବା ପାଇଁ କିଛି ସମୟ ଲାଗେ ପରସ୍ପର ମଧ୍ୟରେ । କିନ୍ତୁ ଏ ସମୟ ଏତେ ଅଳ୍ପ ଯେ, ମନେ ହୁଏ ସମୟର ଆଦୌ ପାର୍ଥକ୍ୟ ନାହିଁ । ଏ ଶବ୍ଦହିଁ ହୃଦଯନ୍ତ୍ରର କମ୍ପନର' କାରଣ ।

ପ୍ରାଣାୟାମର ଆବଶ୍ୟକତା—ହୃଦଯନ୍ତ୍ରରୁ ରକ୍ତ ଶୁଦ୍ଧ ହେବା ପାଇଁ ଫୁସ୍‌ଫୁସ୍‌କୁ ଆସିଲା; କିନ୍ତୁ ଶ୍ୱାସ ଦ୍ୱାରା ଯଥେଷ୍ଟ ଶୁଦ୍ଧ ବାୟୁ ଯଦି ଫୁସ୍‌ଫୁସ୍‌କୁ ନ ଆସେ ? ବା ଫୁସ୍‌ଫୁସ୍‌ର ଯେଉଁ କୋଷ ଗୁଡ଼ାକରେ ରକ୍ତ ପହଞ୍ଚି ଗଲାଣି, ଅଥଚ ସେ କୋଷଗୁଡ଼ାକରେ ଯଦି ଶୁଦ୍ଧ ବାୟୁ ପହଞ୍ଚି ପାରିଲା ନାହିଁ, ତେବେ ? ତେବେ, ଏହାର

Digitized by srujanika@gmail.com

ପରିଣାମ ଭୀଷଣ ହୁଏ । ଏ ପରିଣାମର ପରିଣାମ କ୍ଷୟକାଶ, ଶ୍ୱାସରୋଗ, ନିମୋନିୟା, ଜୀର୍ଣ୍ଣଜ୍ୱର, ରକ୍ତ ବିକାର, ଏପରିକି କୋଷ୍ଠରୋଗ । ଏହି ସବୁ ରୋଗର ନିରାକରଣ ପାଇଁ, ହୃଦୟରେ ଯଥେଷ୍ଟ ଶୁଦ୍ଧବାୟୁର ପ୍ରେରଣ ପାଇଁ ପ୍ରାଣାୟାମ ଅବଶ୍ୟକ । ପ୍ରାଣାୟାମ ଦ୍ୱାରା ବାହାରର ଶୁଦ୍ଧ ବାୟୁ ହୃଦୟରେ ପ୍ରବେଶ କରିବାର ସୁବିଧା ହୁଏ ।

(ପ୍ରାଣାୟାମର ଅଭାବରେ ରୋଗ—ଫୁସ୍‌ଫୁସ୍ ମୁଖ୍ୟତଃ ତିନି ଭାଗରେ ବିଭକ୍ତ; ଏକ—ଉପର ଭାଗ ଯା' ବେକ ପର୍ଯ୍ୟନ୍ତ ଲମ୍ବିଛି । ଦୁଇ—ମଧ୍ୟଭାଗ ଯା' ହୃଦୟର ଦୁଇ ପାଖରେ ଲମ୍ବିଛି । ତିନି—ନିମ୍ନଭାଗ ଯା' ମାଂସପେଶୀର ଉପରକୁ ଦୁଇ ପାଖକୁ ଲମ୍ବିଛି । ଆମର ସାଧାରଣ ଶ୍ୱାସ ଦ୍ୱାରା ଯଥେଷ୍ଟ ଶୁଦ୍ଧ ବାୟୁ ଫୁସ୍‌ଫୁସ୍‌ରେ ପ୍ରବେଶ କରି ପାରେ ନା । ଫଳତଃ ଫୁସ୍‌ଫୁସ୍‌ର ସମସ୍ତ କୋଷ ଯଥେଷ୍ଟ ଶୁଦ୍ଧ ବାୟୁ ପାଇ ପାରେନା । ୧—ଫୁସ୍‌ଫୁସ୍‌ର ଉପର ଭାଗ ଯଥେଷ୍ଟ ଶୁଦ୍ଧ ବାୟୁ ପାଇ ନ ପାରିଲେ, କ୍ଷୟକାଶ ପରି ମାରାତ୍ମକ ରୋଗ ହୁଏ । ୨—ଫୁସ୍‌ଫୁସ୍‌ର ମଧ୍ୟଭାଗ ନିମ୍ନ ଭାଗ ଶୁଦ୍ଧ ବାୟୁ ପାଇ ନ ପାରିଲେ କାସ ଶ୍ୱାସ ନିମୋନିୟା ଜୀର୍ଣ୍ଣଜ୍ୱର ଆଦି ରୋଗ ହୁଏ ।)

(ଏ ସମସ୍ତ ରୋଗର ନିରାକରଣ ପାଇଁ ପ୍ରଚୁର ଅର୍ଥ ବ୍ୟୟରେ ନାନାଦି ବିଷାକ୍ତ ଔଷଧ ସବୁ ଆବିଷ୍କାର କରିବା ଅପେକ୍ଷା, ଲକ୍ଷ ଲକ୍ଷ ଅର୍ଥବ୍ୟୟରେ ଡାକ୍ତରଖାନା ଡାକ୍ତର ସୃଷ୍ଟି କରିବା ଅପେକ୍ଷା, ବିଦେଶୀଙ୍କୁ ଏଥିପାଇଁ କୋଟି କୋଟି ଧନ ଦେବା ଅପେକ୍ଷା, ବିଦେଶର ପରମୁଖାପେକ୍ଷୀ ହେବା ଅପେକ୍ଷା ଲୋକଙ୍କୁ ପ୍ରାଣାୟାମ ଦ୍ୱାରା ଓ ସଂଯମତା ଦ୍ୱାରା ଶୁଦ୍ଧ ହେବାକୁ, ସବଳ ହେବାକୁ ଶିକ୍ଷା ଦେବା ଉଚିତ ନୁହେଁ କି ?) ୩—ଯଥେଷ୍ଟ ଶୁଦ୍ଧ ବାୟୁକୁ

Digitized by srujanika@gmail.com

ଅଭାବରେ ଫୁସ୍‌ଫୁସ୍‌କୁ ଶୁଦ୍ଧ ହେବା ପାଇଁ ଆସିଥିବା ରକ୍ତ ଶୁଦ୍ଧ ହୋଇ ନ ପାରି ସେହି ଅଶୁଦ୍ଧ ଭାବରେ ଆସିଯାଏ ଶରୀରର ବିଭିନ୍ନ ଅଙ୍ଗକୁ । ଏହାର ଫଳରେ ଶରୀରରେ ରକ୍ତବିକାର ଦେଖାଯାଏ । ଏହି ରକ୍ତ ବିକାରର ପରିଣାମ ଚାକ୍ଷୁ କୁଣ୍ଡିଆ, ଅନ୍ତ ଏହାର ଭୟଙ୍କର ପରିଣାମ 'କ୍ଷୟରୋଗ' ।

(ଏଠାରେ ପ୍ରାଣାୟାମର ଆବଶ୍ୟକତା ଉପରେ ପ୍ରାଞ୍ଜଳ ଭାବରେ ଅପରିହାର୍ଯ୍ୟ !!)

ପ୍ରାଣାୟାମର ପ୍ରଣାଳୀ—ପ୍ରାଣାୟାମ ଦ୍ୱାରା ଧୀରେ ଧୀରେ ଶରୀରର ଅଶୁଦ୍ଧ ବାୟୁକୁ ପ୍ରଶ୍ୱାସ ଦ୍ୱାରା ତ୍ୟାଗ କରିବାର କ୍ରିୟାକୁ କୁହାଯାଏ, 'ରେଚକ' । କିଛି ସମୟ ପର୍ଯ୍ୟନ୍ତ ଏପରି ଭାବରେ ସ୍ଥିର ରହି ପୁଣି ବାହାରର ଶୁଦ୍ଧ ବାୟୁକୁ ଧୀରେ ଧୀରେ ଶ୍ୱାସ ଦ୍ୱାରା ଗ୍ରହଣ କରିବାକୁ କୁହାଯାଏ 'ପୂରକ' । ଆଉ ଶରୀର ମଧ୍ୟରେ ଏ ଉଭୟ କାଳ ମଧ୍ୟରେ କିଛି ସମୟ ବାୟୁକୁ ସ୍ଥିର ରଖିବାକୁ କୁହାଯାଏ 'କୁମ୍ଭକ', ଏ କ୍ରିୟା ଫଳରେ ଶରୀରର ଦୂଷିତ ବାୟୁ ଯଥେଷ୍ଟ ପରିମାଣରେ ଅତି ବେଗରେ ଶରୀରରୁ ବାହାରକୁ ଆସି ପାରୁଛି; ଆଉ ବାହାରେ ଶୁଦ୍ଧ ବାୟୁ ବେଗରେ ଅତି ଯଥେଷ୍ଟ ପରିମାଣରେ ଶରୀରରେ ପ୍ରବେଶ କରି ପାରିବା ଦ୍ୱାରା ଫୁସ୍‌ଫୁସ୍ ସହଜରେ ଯଥେଷ୍ଟ ରକ୍ତକୁ ଶୁଦ୍ଧ କରି ପାରୁଛି । ପରିଣାମତଃ ଫୁସ୍‌ଫୁସ୍ ସମ୍ବନ୍ଧୀୟ କ୍ଷୟରୋଗ ବା ରକ୍ତ ସମ୍ବନ୍ଧୀୟ କୋଷ୍ଠରୋଗ ହେବାର ଆଉ ଆଶଙ୍କା ରହୁ ନାହିଁ ।)

ମୁଣ୍ଡକୋପନିଷଦ କହୁଛନ୍ତି—

ନାୟମାତ୍ମା ବଲହୀନେନ ଲଭ୍ୟୋ, ନ ଚ ପ୍ରମାଦାତ୍ତପସୋ ବାପ୍ୟଲିଙ୍ଗାତ୍
ଏତୈରୁପାୟୈର୍ଯତତେ ଯସ୍ତୁ ବିଦ୍ୱାଂସ୍ତସ୍ୟୈଷ ଆତ୍ମା ବିଶତେ ବ୍ରହ୍ମଧାମ ।

Digitized by srujanika@gmail.com

"ପରମାତ୍ମା ଶାରୀରିକ ଅସ୍ଥିର ବଳହୀନ ବ୍ୟକ୍ତିଙ୍କୁ ଦର୍ଶନ ଦିଅନ୍ତି ନାହିଁ । ବିଷୟାସକ୍ତ ପୁରୁଷଙ୍କୁ, ତ୍ୟାଗରହିତ ତପସ୍ୱୀଙ୍କୁ ବି ଈଶ୍ୱର ଦର୍ଶନ ଦିଅନ୍ତି ନାହିଁ । ଅସ୍ଥିର ଶାରୀରିକ ଶକ୍ତି-ଦ୍ୱାରା, ତ୍ୟାଗମୂଳକ ତପସ୍ୟା ଦ୍ୱାରା ଯେ ବିଦ୍ୱାନ ବ୍ରହ୍ମଙ୍କୁ ପାଇବାକୁ ଯତ୍ନ କରେ, ସେ ବ୍ରାହ୍ମ ଧାମରେ ପ୍ରବେଶ କରେ ।"

ଏହି ଅସ୍ଥିର ଅର୍ଥ ଶାରୀରିକ ଶକ୍ତି ପାଇଁ ନୀରୋଗତା ଆବଶ୍ୟକ, ଏହି ନୀରୋଗତା ପାଇଁ ସଂଯମତା ଆବଶ୍ୟକ । ସଂଯମତା ସାଧନା ପାଇଁ ପ୍ରାଣାୟାମ ଅବଶ୍ୟକ । ଆଉ ପ୍ରାଣାୟାମର ଆଧାର ପ୍ରାଣ । ଏହି ପ୍ରାଣରେ ବ୍ରହ୍ମ ବ୍ୟାପକ । ଅତଏବ ଏହି ପ୍ରାଣକୁ ସୁରକ୍ଷିତ ରଖିବାକୁ ସଦ୍‌ଗୁରୁ ସତ୍ୟକାମଙ୍କୁ ଉପଦେଶ ଦେଉଛନ୍ତି । ପୁଣି ସେ କହୁଛନ୍ତି ଯେ ବ୍ରହ୍ମ ଏହି ଚତୁଷ୍କଳ ପାଦରେ 'ଆୟତନବାନ,' ଅର୍ଥାତ୍ ଈଶ୍ୱର, ଏ ସମସ୍ତ ଇନ୍ଦ୍ରିୟର କାରଣ । ଆୟତନ ଅର୍ଥ ଘର, ସୀମା, କାରଣ; ଯଥା,—ଭୋଗାୟତନଂ ଶରୀରଂ—ଶରୀର ଭୋଗର ଆୟତନ ଅର୍ଥାତ୍ କାରଣ । ଅର୍ଥାତ୍ ଈଶ୍ୱରଙ୍କ ପାଇଁ ଇନ୍ଦ୍ରିୟ ଅଛି । ଈଶ୍ୱରଙ୍କୁ ଜାଣିବା ପାଇଁ, ସାଧନା ପଥରେ ଯିବାପାଇଁ ଇନ୍ଦ୍ରିୟର ସୃଷ୍ଟି । ସେପରି ଇନ୍ଦ୍ରିୟ ପାଇଁ ଈଶ୍ୱର ଅଛନ୍ତି । ଅର୍ଥାତ୍ ଇନ୍ଦ୍ରିୟ ଅଛି ବୋଲି ଆମେ ସାଧନାର ପଥରେ, ଯୋଗ-ସାଧନାର ପଥରେ ଯାଇପାରୁଛୁ ଆଉ ବ୍ରହ୍ମ-ସାକ୍ଷାତ୍କାର କରି ପାରୁଛୁ, ଏଣୁ ଯେ ଈଶ୍ୱର ଇନ୍ଦ୍ରିୟର କାରଣ, ଆଉ ଯେ ଇନ୍ଦ୍ରିୟ ଈଶ୍ୱରଙ୍କର କାରଣ, ତାଙ୍କୁ ପବିତ୍ର ରଖିବା ଉଚିତ. ଏ କଥା କହିବାକୁ ଯାଇ ସଦ୍‌ଗୁରୁ ପ୍ରାଣ, ଚକ୍ଷୁ, ଶ୍ରୋତ୍ର ଆଉ ମନରେ ଈଶ୍ୱରଙ୍କର ବ୍ୟାପକତା ଦର୍ଶାଉଛନ୍ତି ।

ସଦ୍‌ଗୁରୁ ପୁଣି କହୁଛନ୍ତି—

Digitized by srujanika@gmail.com

ସ ଯ୍ ଏତମେବଂ ବିଦ୍ୱାଂ ଶ୍ଚତୁଷ୍କଲଂ ପାଦଂ ବ୍ରହ୍ମଣ
ଅୟତନବାନିତ୍ୟୁପାସ୍ତେ ଅୟତନବାନସ୍ମିଁ ଲୋକେ
ଭବତ୍ୟାୟତନବତୋ ହ ଲୋକାଞ୍ଜୟତି ଯ୍ ଏତମେବଂ
ବିଦ୍ୱାଂ ଶ୍ଚତୁଷ୍କଲଂ ପ ଦଂ ବ୍ରହ୍ମଣ ଅୟତନବାନିତ୍ୟୁପାସ୍ତେ ।

'ଯେ ବ୍ରହ୍ମର ଏହି ଚତୁଷ୍କଳ ପାଦକୁ ଜାଣି ତାଙ୍କୁ ଅୟତନ-ବାନ ବୋଲି ଉପାସନା କରେ, ସେ ନିଜେ ଅୟତନବାନ ହୁଏ ; ଅଧିକ ଅୟତନବାନ ଲୋକକୁ ଜୟ କରେ ।'

ପ୍ରାଣ, ଚକ୍ଷୁ, ଶ୍ରୋତ୍ର, ମନ ଓ ଇନ୍ଦ୍ରିୟମାନଙ୍କ ମଧ୍ୟରେ ବ୍ରହ୍ମ ବ୍ୟାପକ— ଏ ଇନ୍ଦ୍ରିୟମାନଙ୍କ ମଧ୍ୟରେ ବ୍ରହ୍ମ ଅୟତନବାନ ଅର୍ଥାତ୍ ଏ ଇନ୍ଦ୍ରିୟମାନଙ୍କର ଦୁଃଖ ସୁଖର କାରଣ ବ୍ରହ୍ମ, ଏପରି ଯେ ବିଶ୍ୱାସ କରେ, ଈଶ୍ୱର ଇନ୍ଦ୍ରିୟରେ ଏପରିଭାବରେ ବ୍ୟାପକ ବୋଲି ଯେ ମାନେ, ସେ ଏ ଇନ୍ଦ୍ରିୟଗଣଙ୍କୁ ପବିତ୍ର ରଖେ, ଅର୍ଥାତ୍ ସଦ୍‌ଗୁରୁଙ୍କ ଭାଷାରେ ସେ ଅୟତନବାନ ହୁଏ । ଇନ୍ଦ୍ରିୟ ପବିତ୍ର ହେବା ଫଳରେ ସେ ଇନ୍ଦ୍ରିୟଜୟୀ ହୁଏ ; ଅଉ ସେ ଇନ୍ଦ୍ରିୟଜୟୀ ହେବା ଫଳରେ ମୋକ୍ଷ ଲାଭ କରେ । ସଦ୍‌ଗୁରୁଙ୍କ ଭାଷାରେ ସେ ଅୟତନବାନ ଲୋକଙ୍କୁ ଜୟ କରେ ।

ସଦ୍‌ଗୁରୁ କହିବାକୁ ଚାହୁଁଛନ୍ତି ଯେ ଈଶ୍ୱରଙ୍କୁ ପାଇବାକୁ ହେଲେ ଇନ୍ଦ୍ରିୟ-ସଂଯମତା ଆବଶ୍ୟକ । ଈଶ୍ୱରଙ୍କର ନାମ ଉଚ୍ଚାର କଲେ ଈଶ୍ୱର ପ୍ରାପ୍ତ ହେବେ ନାହିଁ—ବିଗ୍ରହସ୍ଥାନ ଈଶ୍ୱରଙ୍କର ବିଗ୍ରହ ନିର୍ମାଣ କରି ବାହ୍ୟ ପୂଜାଅର୍ଚ୍ଚନାରେ ମାତିଲେ ଈଶ୍ୱର-ସାକ୍ଷାତକାର ସମ୍ଭବ ନୁହେଁ । କେବଳ ଅଚରଣକୁ ଶୁଦ୍ଧ ରଖିଲେ ବି ତତ୍ତ୍ୱ-ଦର୍ଶନ ସମ୍ଭବ ନୁହେଁ । ଇନ୍ଦ୍ରିୟସଂଯମପୂର୍ବକ ଯୋଗ-ସାଧନା ବିନା ତତ୍ତ୍ୱ-ଅନୁଭୂତ ଅସମ୍ଭବ । ସେଥିପାଇଁ ଅଷ୍ଟାଙ୍ଗ

Digitized by srujanika@gmail.com

ଯୋଗର ଶେଷ ଅଙ୍ଗ ସମାଧି । ଯୋଗୀ ସମାଧିସ୍ଥ ହେଲେ ପରମାତ୍ମୋପଲବ୍ଧି ପ୍ରାପ୍ତକରେ ।

ସଂକ୍ଷେପତଃ ବ୍ରହ୍ମର ଚତୁଷ୍କଳ ପାଦ—

୧—ପ୍ରଥମ ପାଦ—ପ୍ରାଚୀ, ପ୍ରତୀଚୀ, ଉଦୀଚୀ, ଅବାଚୀ ।
ଏ ପାଦରେ ଈଶ୍ୱର ପ୍ରକାଶବାନ । ଅତ୍ର ଏ ଘାଦରେ ଉପଦେଶକ ବଳୀବର୍ଦ୍ଦ ।

୨—ଦ୍ୱିତୀୟ ପାଦ—ପୃଥିବୀ, ଅନ୍ତରୀକ୍ଷ, ଦ୍ୟୁଲୋକ୍ୟ ସମୁଦ୍ର ।
ଏ ପାଦରେ ଈଶ୍ୱର ଅନନ୍ତବାନ । ଅତ୍ର ଏ ପାଦର ଉପଦେଶକ ଅଗ୍ନି ।

୩—ତୃତୀୟ ପାଦ—ଅଗ୍ନି, ସୂର୍ଯ୍ୟ, ଚନ୍ଦ୍ରମା, ବିଦ୍ୟୁତ୍ ।
ଏ ପାଦରେ ବ୍ରହ୍ମ ଜ୍ୟୋତିଷ୍ମାନ । ଅତ୍ର ଏ ପାଦର ଉପଦେଶକ ହଂସ ।

୪—ଚତୁର୍ଥ ପାଦ—ପ୍ରାଣ, ଚକ୍ଷୁ, ଶ୍ରୋତ୍ର, ମନ ।
ଏ ପାଦରେ ବ୍ରହ୍ମ ଆୟତନବାନ । ଅତ୍ର ଏ ପାଦର ଉପଦେଶକ ମଦ୍‌ଗୁ ।

ଏ ସମସ୍ତ ପାଦରେ, କଳାରେ ବ୍ରହ୍ମ ପୂର୍ଣ୍ଣ ; ଅତଏବ 'ପୂର୍ଣ୍ଣବ୍ରହ୍ମ' । ସଂସାରରେ ପୂର୍ଣ୍ଣ ବସ୍ତୁ କେବଳ ବ୍ରହ୍ମ ।

ସର୍ବଂ ଖଲ୍ୱିଦଂ ବ୍ରହ୍ମ ନେହ ନାନାସ୍ତି କିଂଚନ । (ଶ୍ରୁତି)

ଏକମାତ୍ର ବ୍ରହ୍ମ, ଜଗତରେ ବ୍ୟାପକ ଅନ୍ୟ କେହି ନୁହେଁ—ଏକମାତ୍ର ବ୍ରହ୍ମ, ଏ ଜଗତରେ ପୂର୍ଣ୍ଣ ଅନ୍ୟ କେହି ନୁହେଁ—ଏକମାତ୍ର ବ୍ରହ୍ମ, ଏ ଜଗତରେ କାରଣ ଅନ୍ୟ କେହି ନୁହେଁ—ଏକମାତ୍ର ବ୍ରହ୍ମ, ଏ ଜଗତର ଉପାସ୍ୟ—ଅନ୍ୟ କେହି ନୁହେଁ—ଏକମାତ୍ର ବ୍ରହ୍ମ, ଏ ଜଗତରେ ମୋକ୍ଷର କାରଣ ଅନ୍ୟ କେହି ନୁହେଁ ।

Digitized by srujanika@gmail.com

ମହର୍ଷି ଏପରିଭାବରେ ଉପଦେଶ ଦେଇ ସତ୍ୟକାମଙ୍କଠାରୁ ବିଦାୟ ନେଲେ । ପ୍ରାୟହାର୍ଦ୍ଧ କୁଳମ୍—ସତ୍ୟକାମ ଅଗ୍ରୁଣ-କୁଳକୁ ଫେରିଅସିଲେ । ସତ୍ୟକାମକୁ ଦେଖି ଚକିତ ହୋଇ ଋଷି ଅଗ୍ରୁଣ କହିଲେ—

ବ୍ରହ୍ମବିଦିବ ବୈ ସୌମ୍ୟ ! ଭାସିବୋ ନୁ ତ୍ୱାନୁଶଶାସେତ୍ୟନ୍ୟେ ?

'ହେ ସୌମ୍ୟ ! ତୁମେ ବ୍ରହ୍ମବିଦ୍ ପୁରୁଷ ପରି ଶୋଭାଯୁମାନ ହୋଇ ଉଠିଛ । (କୁହ) ତୁମକୁ କିଏ ଅନୁଶାସନ କଲା, ଶିକ୍ଷା ଦେଲା ?'

ଏବେ ସତ୍ୟକାମ ବ୍ରହ୍ମଗୃହୀ, ତ୍ୟାଗୀ, ତପସ୍ୱୀ, ସଂଯମୀ, ତା' ପରେ ସେ ବଳୀବର୍ଦ୍ଦ, ଅଗ୍ନି, ହଂସ, ମଦଗୁଙ୍କଠାରୁ ବ୍ରହ୍ମଜ୍ଞାନ ପାଇ ବ୍ରହ୍ମଜ୍ଞାନୀ । ଏପରି ଅବସ୍ଥାରେ ତାଙ୍କର ସମସ୍ତ ଇନ୍ଦ୍ରିୟ-ଶୃଙ୍ଖଳା ଋମିତ । ଅଉ ସମଗ୍ର ଶରୀର ଏକ ଅଲୌକିକ ବ୍ରହ୍ମତେଜରେ ଦୀପ୍ତ—ତାଙ୍କର ମୁଖର ସୌମ୍ୟତାରେ ବ୍ରାହ୍ମୀଦୀପ୍ତିର ଏକ ଅନିର୍ବଚନୀୟ ଅଭା, ଏପରି ତେଜକୁ ଦେଖି କିଏ ଚକିତ ନ ହେବ ? ଅଗ୍ରୁଣ ନିଜେ ବ୍ରହ୍ମଗୃହୀ,ତପସ୍ୱୀ, ତେଜସ୍ୱୀ, ବ୍ରହ୍ମଜ୍ଞାନୀ, ସେ ମଧ୍ୟସତ୍ୟକାମର ତେଜ ଦେଖି ଚମକି ଉଠିଲେ । ତେବେ, ସତ୍ୟକାମ ଅନ୍ତୁର କିପରି ପ୍ରବଳଭାବରେ ତେଜସ୍ୱୀ ହୋଇ ନ ଥିବେ ! !

ମନୁଷ୍ୟର ମନର ବିକାର ବା ବିଶୁଦ୍ଧ ମନୁଷ୍ୟର ମୁହଁରେ ପ୍ରତିଫଳିତ ହୁଏ । ଶାନ୍ତ ମନ ଶାନ୍ତ ମୁଖର ପ୍ରତୀକ । ଅଶାନ୍ତ ମନ ଅଶାନ୍ତ ମୁଖର ପ୍ରତୀକ । ସେଥିପାଇଁ କୁହାଯାଏ ମୁହଁଟା ମନର ଦର୍ପଣ ସ୍ୱରୂପ । ଏବେ ସତ୍ୟକାମର ମନରେ ଶାନ୍ତି ଥିଲା; ଫଳତଃ ମୁହଁରେ ସୌମ୍ୟତା ଥିଲା; ଅଉ ବ୍ରହ୍ମଜ୍ଞାନ ପାଇବା ଫଳରେ, ସେ ବିଶୁଦ୍ଧ ମୁହଁରେ ପ୍ରତିଫଳିତ ହେବା ଫଳରେ ମୁହଁ ଏକ ଅସାଧାରଣ

Digitized by srujanika@gmail.com

ଅଲୌକିକ ତେଜ ଧାରଣ କଲା ଯେ ତେଜକୁ ଦେଖି ଅଗ୍ନି ଚମକି ପଡ଼ି ଉପବେଶକୁ ପ୍ରଶ୍ନ କଲେ । ସତ୍ୟକାମ ଉତ୍ତର ଦେଲେ—

ମନୁଷ୍ୟେଭ୍ୟ ଇତି ହ (ପ୍ରତିଯଜ୍ଞେ)

ସତ୍ୟକାମ ପ୍ରତିଯଜ୍ଞେ, ପ୍ରତିଜ୍ଞା କଲେ ଅର୍ଥାତ୍ କହିଲେ, (କିଛି ନ ଲୁଚାଇ କହିବା ଅର୍ଥ ପ୍ରତିଜ୍ଞା କରିବା) ଯେ ସେ ମନୁଷ୍ୟ ଭିନ୍ନ ଅନ୍ୟ ପ୍ରାଣୀଠାରୁ ଶିକ୍ଷା ପାଇଛନ୍ତି । କି ଆଶ୍ଚର୍ଯ୍ୟ ! ବ୍ରହ୍ମଜ୍ଞାନ ମନୁଷ୍ୟ ଭିନ୍ନ ଅନ୍ୟ ପ୍ରାଣୀ ବି ଜାଣିପାରେ ? ହଁ, ଜାଣି ପାରେ । ଏପରି ସନ୍ଦେହ ପୌରାଣିକ କାଳରେ କେବଳ, ଏ ଦେଶର ଲୋକଙ୍କ ମଧ୍ୟରେ ଜାତ ହୋଇଛି, ଯେତେବେଳେ ଏ ଦେଶରୁ ବେଦବିଦ୍ୟା ଲୋପ ହୋଇ ପୁରାଣର କପୋଳକଳ୍ପିତ ଗଳ୍ପକୁ ଲୋକେ ଯଥାର୍ଥ ଜ୍ଞାନ ମନେ କଲେ । ସେତେବେଳେ ଏ ବିଚାର ମଧ୍ୟ ଏ ଦେଶରେ ବ୍ୟାପିଲା ଯେ—

ସ୍ତ୍ରୀ ଶୂଦ୍ର ଦ୍ୱିଜ ବନ୍ଧୁନାଂ ତ୍ରୟୀ ନ ଶ୍ରୁତିଗୋଚରା ।
(ସ୍ତ୍ରୀ ଶୂଦ୍ର ଅଜ ଦ୍ୱିଜ ବନ୍ଧୁଙ୍କ ବେଦ ପଢ଼ିବାରେ ଅଧିକାର ନାହିଁ)

ଶୂଦ୍ର ଅର୍ଥାତ୍ ମୂର୍ଖ, ସେ ବେଦ ପଢ଼ିବାରେ ଅନଧିକାରୀ ହେବା କଥା । କିନ୍ତୁ ଶୂଦ୍ର ସଙ୍ଗରେ ସ୍ତ୍ରୀକୁ କାହିଁକି ଯୋଡ଼ା ଯାଇଛି ? ଉପନିଷଦର ନାୟିକା ଗାର୍ଗି ମୈତ୍ରେୟୀଙ୍କ ପରି ବ୍ରହ୍ମବାଦିନୀ କିଏ ଉପବେଶ ଶ୍ଳୋକର ଉଦ୍‌ଗାତା ହୋଇ ପାରନ୍ତି ? ପୌରାଣିକ ଏ ବିଚାରର ଯେ ବିସ୍ତାର କଲେ ସେ ନିଜେ ଜାଣନ୍ତି ନାହିଁ ଯେ ବ୍ରହ୍ମବିଦ୍ୟାର କିଏ ଅଧିକାରୀ ଅଜ କିଏ ଅନଧିକାରୀ । ସେ ଜାଣିଥିଲେ ଏପରି ଏକ ଉଦ୍‌ଭଟ ବିଚାରର କାରଣ ହୋଇ ନିନ୍ଦାର ପାତ୍ର ହୋଇ ନ ଥାନ୍ତେ । ସତ୍ୟକାମ ପରି ଜାରଜ ପିଲା ଏ ବିଦ୍ୟାର ଅଧିକାରୀ !···ତା' ପରେ ପୁଣି ଦ୍ୱିଜ । ଦ୍ୱିଜ 'ବ୍ରାହ୍ମଣ'ଙ୍କ

Digitized by srujanika@gmail.com

ଗୋଟାଏ ପ୍ରତିଷ୍ଠିତ ଭାବରେ ବର୍ତ୍ତମାନ ପ୍ରଚଳିତ । ସଂସ୍କାରଯୁକ୍ତ ମନୁଷ୍ୟକୁ ଦ୍ୱିଜ କୁହାଯାଏ—

ଦ୍ୱାଭ୍ୟାଂ ଜନ୍ମସଂସ୍କାରଭ୍ୟାଂ ଜାୟତେ ଯତ୍ ଦ୍ୱିଜଃ ।

(ଜନ୍ମ ଅଉ ସଂସ୍କାର ଏଇ ଦୁଇଥିରୁ ଯା'ର ଜନ୍ମ ସେ ଦ୍ୱିଜ),

'ବ୍ରହ୍ମଜ୍ଞାନ ପାଇବାକୁ ଯିଏ'ର ମନରେ, ଆଚରଣରେ ସଂସ୍କାର ନହେଲଣି ତାକୁ ବି ପୌରାଣିକ କାଳରେ ବ୍ରହ୍ମଜ୍ଞାନ ଦେବାକୁ ମନା ଥିଲା । ଅଉ ପୌରାଣିକ କାଳରେ ଏ ଗଳ୍ପ ମଧ୍ୟ ପ୍ରଚଳିତ ହେଲା ଯେ ବ୍ରହ୍ମବିଦ୍ୟା ଅତି ଗୁପ୍ତ ବିଦ୍ୟା—ସାଧାରଣ ମନୁଷ୍ୟର ତ ଏଥିପାଇଁ ଅଧିକାର ନାହିଁ ଅଉ ତିର୍ଯ୍ୟକ୍ ଯୋନି ବା ଏଥିପାଇଁ ଅଧିକାରୀ ହେବ କିପରି । ତେଣୁ ଶଙ୍କର ପାର୍ବତୀଙ୍କୁ ଏକାନ୍ତରେ ବ୍ରହ୍ମବିଦ୍ୟା ଦେବା ସମୟରେ ଜାଣି ନ ଥିଲେ ଯେ ବୃକ୍ଷର ଛିଦ୍ରରେ ଲୁଚି ଶୁକପକ୍ଷୀ ବ୍ରହ୍ମବିଦ୍ୟା ଶୁଣୁଛି । ଯେତେବେଳେ ସେ ଜାଣିଲେ ତାକୁ ମାରି ଗୋଡ଼ାଇଲେ । ସେ ଭୟରେ ପଳାଇ ଯାଇ ବେଦ-ବ୍ୟାସଙ୍କ ସ୍ତ୍ରୀଙ୍କ ଗର୍ଭରେ ଲୁଚିଲା ଅଉ ଶୁକଦେବ ନାମରେ ବେଦ-ବ୍ୟାସଙ୍କ ପୁତ୍ର ରୂପରେ ଜନ୍ମ ନେଲା । ଶଙ୍କର ଯଦି ଈଶ୍ୱର ହୋଇଥାନ୍ତି, ସେ କିପରି ତାଙ୍କ ପାଖରେ ଶୁକପକ୍ଷୀ ଥିବା କଥା ଜାଣି ନ ଥିଲେ, ଆମକୁ ଅଜଣା । କିନ୍ତୁ ବୈଦିକ ଯୁଗରେ ଏହିପରି ପଶୁପକ୍ଷୀ, ବଲୀବର୍ଦ୍ଦ, ହଂସ, ମଦ୍‌ଗୁ, ଏପରିକି ଜଡ଼ବସ୍ତୁ ଅଗ୍ନି ସତ୍ୟକାମକୁ ବ୍ରହ୍ମଜ୍ଞାନ ଦେଉଛନ୍ତି—କେବଳ ବ୍ରହ୍ମଜ୍ଞାନ ଶୁଣିବା ତ ସାମାନ୍ୟ କଥା । ମନୁଷ୍ୟକୁ ପଶୁ ବ୍ରହ୍ମଜ୍ଞାନ ପର୍ଯ୍ୟନ୍ତ ଦେଉଛି ।। ବ୍ରହ୍ମଜ୍ଞାନର ଅନଧିକାରୀ କେବଳ ଏହି ବ୍ୟକ୍ତିମାନେ ବୋଲି ଆମେ ବିଚାରୁଁ—ଅନ୍ୟ କେହି ନୁହେଁ—

ଆଚାରହୀନଂ ନ ପୁନନ୍ତି ବେଦାଃ ଯଦ୍ୟପି ଧୀତା ସ ଷଡ୍‌ଭିରଙ୍ଗୈ ।
ତଂ ମୃତ୍ୟୁକାଲେ ସତତଂ ତ୍ୟଜନ୍ତି, ନୀଡ଼ଂ ଶକୁନ୍ତାଇବ ଜାତପକ୍ଷା ॥

Digitized by srujanika@gmail.com

'ଆଚାରହୀନ ବ୍ୟକ୍ତି ଛଅ ଅଙ୍ଗ ସହିତ ବେଦାଧ୍ୟୟନ କରିଥିଲେ ସୁଦ୍ଧା ବେଦ ତାଙ୍କୁ ପବିତ୍ର କରନ୍ତି ନାହିଁ । ଯେପରି ପକ୍ଷୀ ଶାବକ ଦକ୍ଷିତ ହେଲେ ନୀଡ଼ ଛାଡ଼ି ପଳାଇ ଯାଏ, ସେପରି ଆଚାରହୀନ ବ୍ୟକ୍ତି ପାଖରୁ ବେଦ ମୃତ୍ୟୁ କାଳରେ ପଳାଇ ଯାନ୍ତି ।'

ଏଥିପାଇଁ ସତ୍ୟକାମ ବ୍ରହ୍ମଜ୍ଞାନର ଅଧିକାରୀ, ଯେହେତୁ ସେ [illegible] ରହନ୍ତି । ଏଥିପାଇଁ ଦ୍ୱିଜ ବ୍ରହ୍ମଜ୍ଞାନର ଅଧିକାରୀ, କାରଣ ସେ ଆଚାରର ସଂସ୍କାର ପାଇ ଦ୍ୱିତୀୟ ଜନ୍ମ ନେଇଛନ୍ତି । ଏଥିପାଇଁ ଗାର୍ଗୀ, ମୈତ୍ରେୟୀ ସ୍ତ୍ରୀ ହେଲେ ବି ବ୍ରହ୍ମବିଦ୍ୟାର ଅଧିକାରୀ, କାରଣ ସେ ଦୁହେଁ ବ୍ରହ୍ମଜ୍ଞାନ ପାଇଁ ପିପାସିତା । ଏ ପିପାସା ହିଁ ବ୍ରହ୍ମଜ୍ଞାନ ପ୍ରାପ୍ତ ହେବା ପାଇଁ ଆଚରଣ ।

ସମସ୍ତ ଜଗତ ବ୍ରହ୍ମମୟ—ସ୍ଥାବର ଜଙ୍ଗମ ସବୁଠାରେ ବ୍ରହ୍ମର ତେଜ ନିହିତ ଅର୍ଥାତ୍ ବ୍ରହ୍ମଜ୍ଞାନ ପାଇଁ ଉପାଦାନ ନିହିତ । ସ୍ରଷ୍ଟାର ଏହି ବିଚିତ୍ର ସୃଷ୍ଟିର ଅନୁଧ୍ୟାନ କଲେ ବ୍ରହ୍ମଜ୍ଞାନର ଦର୍ଶନ ସମ୍ଭବ ହେବ । ସୃଷ୍ଟିର ଆଦ୍ୟରେ ଯେତେବେଳେ ମନୁଷ୍ୟର କୌଣସି ମନୁଷ୍ୟ-ଗୁରୁ ନ ଥିଲେ, ସେତେବେଳେ ଯେଉଁ ଚାରୋଟି ପ୍ରାଚୀନ ଋଷି ଅଙ୍ଗିରା, ଆଦିତ୍ୟ, ବାୟୁ, ସୂର୍ଯ୍ୟ ବେଦ-ଜ୍ଞାନ ପାଇଲେ, ତାଙ୍କୁ କିଏ ଏ ଜ୍ଞାନ ଦେଲା ? ଈଶ୍ୱରଙ୍କର କୃପାରୁ, ସାଧନା ବଳରେ, ଗମ୍ଭୀର ଚିନ୍ତନ ଫଳରେ, ଯୋଗ-ସାଧନା ବଳରେ ଏମାନେ ତ ବ୍ରହ୍ମଜ୍ଞାନ ପାଇଲେ ସୃଷ୍ଟିର ବିଚିତ୍ର, ଆଶ୍ଚର୍ଯ୍ୟମୟ ରହସ୍ୟ ପ୍ରତି ଅଭିନିବିଷ୍ଟ ହେବାରୁ, ସେପରି ସତ୍ୟକାମ ମଧ୍ୟ ବିନା ଆଚାର୍ଯ୍ୟଙ୍କର ସାହାଯ୍ୟରେ ନାନା ପଶୁପକ୍ଷୀ, ବୃକ୍ଷଲତାର ଗତିବିଧି, ଆଚରଣକୁ ଲକ୍ଷ୍ୟ କରି ବ୍ରହ୍ମର ମହତ୍ତ୍ୱ ଉପଲବ୍ଧି କଲେ । କିନ୍ତୁ ଏ ସମସ୍ତ ବସ୍ତୁ ଜଡ଼ ବସ୍ତୁ ବିଶେଷ—ଅତ୍ ଏ ସମସ୍ତ ପ୍ରାଣୀ ଅଜ୍ଞାନୀ । ମନରେ ଶଙ୍କା ହେଲେ ତାର ସମାଧାନ କରିବାକୁ ଏମାନଙ୍କର କ୍ଷମତା ନ ଥିଲା । ଫଳତଃ

Digitized by srujanika@gmail.com

ବଳୀବର୍ଦ୍ଦ, ଅଗ୍ନି, ହଂସ ଏବଂ ମଦ୍‌ଗୁରୁଙ୍କଠାରୁ ପାଇଥିବା ଜ୍ଞାନରେ ସତ୍ୟକାମ ସନ୍ତୁଷ୍ଟ ହେଲେ ନାହିଁ । ଆଚାର୍ଯ୍ୟ-କୁଳକୁ ଫେରି ଆସି ଆଚାର୍ଯ୍ୟଙ୍କ ଠାରେ ପ୍ରାର୍ଥନା ଜଣାଇଲେ—

ଭଗବାଂସ୍ତ୍ୱେବ ମେ କାମେ ବ୍ରୂୟାତ୍—ହେ ଭଗବନ୍ ! ଆପଣ ମୋତେ ଉପଦେଶ ଦିଅନ୍ତୁ । (ଅର୍ଥାତ୍ ମୋର ପ୍ରଶଂସା କରି ମୁଁ ଖୁବ୍ ଜାଣିଛି, କିନ୍ତୁ ମୋତେ ଆପଣଙ୍କର ଉପଦେଶରୁ ଦୂରି ରଖନ୍ତୁ ନାହିଁ ।)

କି ଗଭୀର ସତ୍ୟକାମଙ୍କ ବ୍ରହ୍ମବିଦ୍ୟା ପ୍ରତି ଶ୍ରଦ୍ଧା ! ଏହି ସତ୍ୟକାମ ଜାବାଳ । ଏହି ସତ୍ୟକାମ ହୀନ ? ନୀଚ ?

ବ୍ରହ୍ମବିଦ୍ୟା ପ୍ରତି ସତ୍ୟକାମଙ୍କ ପ୍ରବଳ ଜିଜ୍ଞାସା—ତାଙ୍କୁ ବାରମ୍ବାର ପ୍ରେରଣା ଦେଉଛି ଆଚାର୍ଯ୍ୟଙ୍କୁ ବାରମ୍ବାର ଅନୁରୋଧ କରିବା ପାଇଁ ବ୍ରହ୍ମବିଦ୍ୟା ପାଇଁ । ତେଣୁ ସେ କହୁଛନ୍ତି—

ଶ୍ରୁତଂ ହ୍ୟେବ ମେ ଭଗବଦ୍‌ଦୃଶେଭ୍ୟ ଆଚାର୍ଯ୍ୟାଦ୍ଧୈବ ବିଦ୍ୟା
ବିଦିତା ସାଧିଷ୍ଠଂ ପ୍ରାପୟତୀତି ।

'ଆପଣଙ୍କ ପରି ପୂଜ୍ୟ ଆଚାର୍ଯ୍ୟଙ୍କଠାରୁ ମୁଁ ଶୁଣିଛି ଯେ, ଆଚାର୍ଯ୍ୟଙ୍କ ଠାରୁ ବିଦିତ ବିଦ୍ୟା ସାଧୁ ମାର୍ଗରେ ମନୁଷ୍ୟକୁ ନେଇଯାଏ ।'

ଅର୍ଥାତ୍ ନିଜ ଚିନ୍ତାବଳରେ ପ୍ରାପ୍ତ ଜ୍ଞାନର, ଶଙ୍କାର ସମାଧାନ ହୋଇ ପରିପୂର୍ଣ୍ଣ ଜ୍ଞାନର ପ୍ରାପ୍ତି ଘଟେ ଯା' ଯଥାର୍ଥରେ ମଙ୍ଗଳର କାରଣ । ଆଉ ଶଙ୍କାଯୁକ୍ତ ଜ୍ଞାନ ମନର ଅସ୍ଥିରତାର କାରଣ । ଫଳତଃ ଦୁଃଖହେତୁଭବଃ ।

'ତସ୍ମୈ ହୈତଦେବୋବାଚାତ୍ର ହ ନ କିଞ୍ଚନ
ବୀୟାୟେତି ବୀୟାୟେତି ॥

(ସତ୍ୟକାମଙ୍କୁ ଆଚାର୍ଯ୍ୟ ସେଇ ବ୍ରହ୍ମଜ୍ଞାନର ଉପଦେଶ ଦେଇ କହିଲେ—ଏ ବିଦ୍ୟାରେ ଲଘିବ କିଛି ନାହିଁ, ଲଘିବ କିଛି ନାହିଁ ।)

Digitized by srujanika@gmail.com

ଅର୍ଥାତ୍ ସତ୍ୟକାମ ଅପଣାର ଶ୍ରଦ୍ଧାବଳରେ ଯେ ବ୍ରହ୍ମଜ୍ଞାନ ପାଇଥିଲେ, ତାକୁହିଁ ଅଗୃର୍ଣ ପୁନର୍ବାର କହିଲେ । କେତେ ବଡ଼ ଶ୍ରଦ୍ଧାଶୀଳ ବ୍ୟକ୍ତି ସତ୍ୟକାମ ! ନିଜର ଚେଷ୍ଟାରେ ସେ ଯେଉଁ ଜ୍ଞାନ ପାଇଥିଲେ, ତାକୁ ଯଥେଷ୍ଟ ଯଥାର୍ଥ ବୋଲି ଗୁରୁ ସ୍ୱୀକୃତ ହେଲେ । ଗୁରୁ ତାଙ୍କର ଅଗୃର୍ଣଙ୍କଠାରୁ ପଢ଼ି ଯା' ପାଇଥିଲେ, ସତ୍ୟକାମ ନିଜେ ଶ୍ରଦ୍ଧା କରି ତା' ପାଇଲେ ।

ଏପରିଭାବରେ ଯେ ସତ୍ୟକାମ ବ୍ରହ୍ମଜ୍ଞାନୀ, ସେ କାରକ ? ଏହି ଜାରଜର ଚରଣ ତଳେ ସହସ୍ର ପ୍ରଣତ, ଯେ ଉପନିଷଦର ପାତ୍ର । ଅଉ ଏଇ ଜାରଜର ଯେ ଗର୍ଭଧାରିଣୀ, ମାତା ଜବାଲା, ସେ ମାତାର ଚରଣରେ ପ୍ରଣତ, ଯେ ଏଇ ଉପନିଷଦର ପାତ୍ରୀ !

ପରମ ପୂଜନୀୟ ଅଗୃର୍ଣ ସତ୍ୟକାମ ସମ୍ପୂର୍ଣ୍ଣ ବ୍ରହ୍ମବିଦ୍ୟା ସମ୍ୟକ୍ ଭାବରେ ପ୍ରାପ୍ତ ହୋଇ ଗୁରୁକୁଳରୁ ଫେରିଲେ । ଗୃହସ୍ଥାଶ୍ରମରେ ପ୍ରବେଶ କଲେ । ଅତ୍ୟନ୍ତ ପ୍ରସିଦ୍ଧ ପ୍ରବୀଣ ଅଗୃର୍ଣ ଭାବରେ ତାଙ୍କର ଖ୍ୟାତି ସେତେବେଳେ ସେହି ପ୍ରାଚୀନ ଭାରତବର୍ଷରେ, ଉପନିଷଦ କାଳରେ ଭାରତବର୍ଷରେ ସର୍ବତ୍ର ବ୍ୟାପିଲା । ତାଙ୍କର ଅନେକାନେକ ଶିଷ୍ୟଙ୍କ ମଧ୍ୟରୁ କୁମାର ଉପକୋସଳ ଅତି ପ୍ରସିଦ୍ଧ । ଏ ଶିଷ୍ୟର ବୁଦ୍ଧିମତ୍ତା, ଚରିତ୍ରବତ୍ତା, ଗୁରୁ ଭକ୍ତିରେ ଅତୀବ ସନ୍ତୁଷ୍ଟ ହୋଇ ଅଗୃର୍ଣ ସତ୍ୟକାମ ଗୁରୁକୁଳର ଅବଧି କାଳ ଅପେକ୍ଷା ଅଧିକ କାଳ, ଦ୍ୱାଦଶ ବର୍ଷ ପର୍ଯ୍ୟନ୍ତ ଅପଣାର ଗୃହସଂସାର ମଧ୍ୟରେ ବ୍ରହ୍ମଚାରୀ ଉପକୋସଳଙ୍କୁ ସ୍ଥାନ ଦେଲେ ।

ଉପନିଷଦର ଅଗୃର୍ଣ ସତ୍ୟକାମ ତଥା ଶିଷ୍ୟ ଉପକୋସଳ ଅତି ପ୍ରସିଦ୍ଧ । ଅଉ ଉପକୋସଳ-ସତ୍ୟକାମ ସମ୍ବାଦ ଅତି ରମଣୀୟ ।

(ଛାନ୍ଦୋଗ୍ୟୋପନିଷଦ—ଚତୁର୍ଥ ଖଣ୍ଡରୁ ନବମ ଖଣ୍ଡ ପର୍ଯ୍ୟନ୍ତ)

Digitized by srujanika@gmail.com

ଚିନ୍ତା ଓ ବିଶ୍ୱାସ

ଅପାମ ସୋମଂ ଅମୃତା ଅଭୂମ ।
ଅଗନ୍ମ ଜ୍ୟୋତିରବିଦାମ ଦେବାନ୍ ॥

'ସୋମ ପାନକରି ଆମେ ଅମର । ଆମେ ଜ୍ୟୋତିକୁ ଜାଣିଲୁ'— ଆମେ ଦେବତାଙ୍କୁ ଜାଣିଲୁଁ ।' ଏହି ପ୍ରାଚୀନ ଦେଶ ପ୍ରବୁଦ୍ଧ ଭାରତବର୍ଷର ଋଷି • ଆତ୍ମଜ୍ଞାନର ସହିତ ଆତ୍ମବିଶ୍ୱାସର ସହିତ ଆଧ୍ୟାତ୍ମିକତାର ଚରମ ବିକାଶ ମଧ୍ୟରେ ପ୍ରବେଶ ଲାଭ କରିବା ଫଳରେ ଏପରିଭାବରେ କହି ପାରୁଥିଲେ—ଏପରିଭାବରେ ଏମାନଙ୍କ ମଧ୍ୟରେ ସ୍ଥିତ୍‌ ସାହସ ସତ୍ ବସ୍ତୁର, ନୈତିକତାର ଚରମ ଆଧାର, ପବିତ୍ରତାର ପରାକାଷ୍ଠା ବ୍ରହ୍ମର ସ୍ୱରୂପ ପ୍ରତ୍ୟକ୍ଷ ହୋଇଥିଲେ—ବିରାଜମାନ କରିଥିଲେ । ଏପରିଭାବରେ ନିଷ୍କଳଂ ନିଷ୍କ୍ରିୟଂ ଶାନ୍ତଂ ନିରବଦ୍ୟଂ ନିରଂଜନମ୍' ତାଙ୍କ ମଧ୍ୟରେ ଦେଦୀପ୍ୟମାନ ହୋଇ ଉଠିଥିଲେ ବୋଲି ତ ସେ ଆଧ୍ୟାତ୍ମିକ ଅଭିମାନର ସହିତ ସମସ୍ତ ଜଗତକୁ ଶୁଣାଇ ପାରୁଥିଲେ, 'ଆମେ ସୋମପାନ କରି ଅମର' । ଯଥାର୍ଥରେ ସେମାନେ ଅମର ବୋଲି ତ ଆମେ ବର୍ତ୍ତମାନ ସୁଦ୍ଧା ସେମାନଙ୍କୁ ଜାଣୁଁ—ସେମାନଙ୍କୁ ସ୍ମରଣ କରୁଁ ସେମାନେ ପ୍ରାତଃସ୍ମରଣୀୟ ବୋଲି—ସେମାନଙ୍କ ସମ୍ବନ୍ଧରେ ଚିନ୍ତା କରୁ— ପଢ଼ୁ—ସେମାନଙ୍କର ଆଶୀର୍ବାଦ ପ୍ରାପ୍ତ କରୁ ଜ୍ଞାନର ଜଗତରେ, ବୁଦ୍ଧିର ଜଗତରେ, ଚରିତ୍ରବତ୍ତାର କ୍ଷେତ୍ରରେ, ସ୍ୱାସ୍ଥ୍ୟସମ୍ପଦର କ୍ଷେତ୍ରରେ ; ଅନ୍ତ ଶେଷରେ ମୁକ୍ତିର ପଥରେ ପଥିକ ହେବା ପାଇଁ ପାଥେୟ ପାଉଁ ତାଙ୍କର ପଦାଙ୍କାନୁସରଣରେ ।

Digitized by srujanika@gmail.com

'ସୋମପାନ କର ଅମେ ଅମର ।' ସୋମ ପାନ କର ତୁମେ ଅମର ? ଅଶ୍ଚର୍ଯ୍ୟ !! ସୋମପାନ ଅମୃତତ୍ୱର କାରଣ ? ପଞ୍ଚମହାଭୂତଙ୍କ ମଧ୍ୟରୁ ହିଁ ଏତ ଶ୍ରେଷ୍ଠ ଏ ବସ୍ତୁ 'ସୋମ' । ସେ ପୁଣି ଅମରତ୍ୱର କାରଣ ? ପଞ୍ଚଭୂତ ବିନାଶଶୀଳ ; ସୋମ ଅବିନାଶୀ ହେବ କପରି ? ସୋମ ଏକ ରସ, ଏକ ପାନୀୟ ଦ୍ରବ୍ୟ । ସୋମର ଅଭିଧାନରେ ଅର୍ଥ ଅମୃତ, ଜଳ, ବାୟୁ । କଣ ଅମୃତ, (ଏକ ପ୍ରକାର ପାନୀୟ) ପାନ କରି, ଜଳ ପାନକରି, ବାୟୁ ପାନ କରି ମନୁଷ୍ୟ ଅମରପଦକୁ ପ୍ରାପ୍ତ ହୋଇପାରେ ? ଏଣୁ ଋଷି ଏଠାରେ ସୋମରସ ପାନ କରି ଅମୃତ ହେବା କଥା କହୁ ନାହାନ୍ତି । ସୋମଲତାରୁ ନିର୍ମିତ ରସ ସ୍ୱାସ୍ଥ୍ୟର କାରଣ ହୋଇପାରେ—ଅମରତ୍ୱର କାରଣ ନୁହେଁ । ଋଷି ସେହି ରସର କଥା କହୁଛନ୍ତି ଯେ, 'ରସୌ ବୈ ସଃ'—ରସମାନଙ୍କ ମଧ୍ୟରେ ସେ ଅର୍ଥାତ୍ ପରମାତ୍ମା ହେଉଛନ୍ତି ସର୍ବୋତ୍କୃଷ୍ଟ ଅପାର୍ଥିବ ରସ । ସେ ସେହି ରସର କଥା କହୁଛନ୍ତି ଯେ 'ରସରୂପଃ ପରମାତ୍ମା ଜଡ଼ରୂପା ମାୟା ।'

ରସ ଏକ ଜଡ଼ ପଦାର୍ଥ—ଏକ ପାର୍ଥିବ ବସ୍ତୁ —ପଞ୍ଚମହାଭୂତର ଅଙ୍ଗ ବିଶେଷ ମାତ୍ର । ତେଣୁ ସେ ମାୟା । ଏହି ମାୟାକୁ ଧାରଣ କରି ତ ମନୁଷ୍ୟ ଅମର ହୋଇ ପାରେନା । ମାୟା ଯେ ମିଥ୍ୟା ! ମିଥ୍ୟା ମୁକ୍ତି ଦେଇ ପାରେ ? 'ସତ୍ୟେନ ପନ୍ଥା ବିତତୋ ଦେବଯାନଃ ।' ମାୟା ତ ସମସ୍ତ ଦୁଃଖର କାରଣ, ଯେଣୁ ସେ ଜଡ଼ । ମାୟାଂ ତୁ ପ୍ରକୃତିଂ ବିଦ୍ଧି—ପ୍ରକୃତିକୁ ମାୟା ବୋଲି ଜାଣ । ଏହି ପ୍ରକୃତି ପଞ୍ଚମହାଭୂତ—ଜଡ଼ ପଦାର୍ଥ—ସମସ୍ତ ଦୁଃଖର କାରଣ । ପ୍ରକୃତି ମାଧ୍ୟମରେ ଯେ ସୁଖ ଅଛି, ସେ ସମ୍ପୂର୍ଣ୍ଣ ପାର୍ଥିବ ବୋଲି ସେ କ୍ଷଣିକ । ସେଥିପାଇଁ ରସରୂପ ପରମାତ୍ମାକୁ ଉପଲବ୍ଧ ହୋଇ ବିନା ମନୁଷ୍ୟ ଅମର ହେବ । ଯେ ଏ ପରମାତ୍ମାକୁ ପାଏ,

Digitized by srujanika@gmail.com

ସେ ଋଷି । ଏଥିପାଇଁ ତ ନିରୁକ୍ତ, ଋଷିର ଅର୍ଥ କରନ୍ତି, 'ଋଷୟଃ ମନ୍ତ୍ରଦ୍ରଷ୍ଟାରଃ'— ଋଷିମାନେ ମନ୍ତ୍ରକୁ ଜ୍ଞାନକୁ, ଅର୍ଥାତ୍ ସମସ୍ତ ଜ୍ଞାନର ଆଧାର ପରମାତ୍ମାଙ୍କୁ ଦେଖି ପାରନ୍ତି ସ୍ଥୂଳ ଚକ୍ଷୁରେ ନୁହେ, ଜ୍ଞାନର ଚକ୍ଷୁରେ ବୋଲି ତ ସେମାନେ ଋଷି । ଯେ ଜ୍ଞାନ, 'ବିଜ୍ଞାନମାନନ୍ଦଂ ବ୍ରହ୍ମ', ଯେ ଜ୍ଞାନ, 'ସତ୍ୟଂ ଜ୍ଞାନମନନ୍ତଂ ବ୍ରହ୍ମ', ସେ ଜ୍ଞାନକୁ ସେମାନେ ଦେଖିପାରନ୍ତି ବୋଲି ସେମାନେ ଋଷି । କିପରିଭାବରେ ସେମାନେ ଦେଖନ୍ତି ? ଶଙ୍କରଙ୍କର ପର ତୃତୀୟ ନେତ୍ରରେ—ଯେଉଁ ଜ୍ଞାନର ଚକ୍ଷୁରେ କାମକୁ ବିନାଶ କରି ଶଙ୍କର ଜିତେନ୍ଦ୍ରିୟ ହୋଇ ବ୍ରହ୍ମବିଦ୍ ହେଲେ, ସେହି ଜ୍ଞାନର ଚକ୍ଷୁରେ ଅର୍ଥାତ୍ 'ତନ୍ତ୍ର' ଦ୍ୱାରା ଋଷିମାନେ ବ୍ରହ୍ମକୁ, ବ୍ରହ୍ମ ସମ୍ବନ୍ଧୀୟ ଯାବତୀୟ ଜ୍ଞାନକୁ ଦେଖି ପାରୁଥିଲେ । ସୋମରସ ପାନ କରି ମତ୍ତ ହୋଇ କେହି କେବେ ଜ୍ଞାନର ଦର୍ଶନ ଲାଭ କରି ପାରେନା । ତେଣୁ ଏ ସୋମ ସେ ସୋମ ନୁହେଁ । ତେଣୁ ଋଷି ପ୍ରବଳ ଆତ୍ମଚେତନାର ସହିତ କହି ପାରୁଥିଲେ, 'ଅମେ ଜ୍ୟୋତିକୁ ଜାଣିଲୁ ।'

କିଏ ସେ ଏ ଜ୍ୟୋତି ? ସେ ଜ୍ୟୋତି କଣ ସୂର୍ଯ୍ୟଙ୍କର କିରଣ ? —କୌଣସି ପାର୍ଥିବ ବସ୍ତୁ ବିଶେଷ ସୋମରସ ପରି ? ନୁହେଁ ନୁହେଁ ନୁହେଁ, ସେ ତା ନୁହେଁ । ସେ ଜ୍ୟୋତି, 'ଜ୍ୟୋତିଷା ବାଧିତେ ତମଃ'—ସେ ଜ୍ୟୋତି ସମସ୍ତ ପ୍ରକାର ତମଃକୁ ଦୁଃଖକୁ ଦୂର କରେ । ସେ ଜ୍ୟୋତି କେବଳ ପାର୍ଥିବ ଅନ୍ଧକାରକୁ ନୁହେଁ— ଶାରୀରିକ ମାନସିକ ଆତ୍ମିକ, ଏ ସକଳ ପ୍ରକାରର ଅନ୍ଧକାରକୁ ଦୁଃଖକୁ ଦୂର କରେ । ଯେ ଜ୍ୟୋତି (ସୂର୍ଯ୍ୟ କିରଣ) ଗୁହାଭ୍ୟନ୍ତରର ଅବଦ୍ଧ ଅନ୍ଧକାରକୁ ସୁଦ୍ଧା ଦୂର କରିପାରେନା, ଏ କଣ ସେ ଜ୍ୟୋତି ? ସମସ୍ତ ଚରାଚରର ତମକୁ ସର୍ବଦା ଯେ ଦୂର

Digitized by srujanika@gmail.com

କରେ ସେ ଜ୍ୟୋତି ଏ ଜ୍ୟୋତି । ଅତଏବ ଏ ଜ୍ୟୋତି ପରମ ଜ୍ୟୋତି ।

୨ ଋଷି ପୁଣି କହୁଛନ୍ତି, 'ଅମେ ଦେବତାଙ୍କୁ ଜାଣିଲୁଁ ।' ଏ କେଉଁ ଦେବତା ? ଏମାନେ କଣ ସେଇ ପ୍ରାଚୀନ ତ୍ରିବିଷ୍ଟପର ଦେବତାନାମଧାରୀ ଅଧିବାସୀମାନେ ନା' ଅଷ୍ଟବସୁ, ଏକାଦଶ ରୁଦ୍ର, ଦ୍ୱାଦଶ ଅଦିତ୍ୟ ଇନ୍ଦ୍ର, ପ୍ରଜାପତି ଆଦି ତେତିଶ ଜଡ଼ ଦେବତା ? (ଅଷ୍ଟବସୁ— ୧—ଅଗ୍ନି ୨—ପୃଥିବୀ ୩—ବାୟୁ ୪—ଅନ୍ତରୀକ୍ଷ (ବାୟୁମଣ୍ଡଳ) ୫—ଆଦିତ୍ୟ ୬—ଦ୍ୟୌ (ଆକାଶ) ୭—ଚନ୍ଦ୍ର ୮—ନକ୍ଷତ୍ର । 'ବସ' ଧାତୁରୁ 'ବସୁ' ଶବ୍ଦର ଉତ୍ପତ୍ତି । 'ବସ୍ କରିବା ଏଇ ଅର୍ଥରେ 'ବସୁ'ର ଉତ୍ପତ୍ତି । ଯେଉଁଠାରେ ବାସ କରନ୍ତି ବା ଯା' ବାସଯୋଗ୍ୟ, ତା' ବସୁ । ବସନ୍ତୀତି ବସବଃ । ସେ ଈଶ୍ୱର ଏ ସବୁ ସ୍ଥଳରେ ବ୍ୟାପକ ବୋଲି ଏହା ବସୁ—ଏମାନେ ଈଶ୍ୱର ନୁହନ୍ତି । ଈଶ୍ୱରଙ୍କୁ କୁହାଯାଏ 'ବସୁଦେବ' । ଏଇ ଯେ ଦେବ ଅର୍ଥାତ୍ ଈଶ୍ୱର ସେ ସମସ୍ତଙ୍କର ବସୁ ଅର୍ଥାତ୍ ନିବାସ-ସ୍ଥଳ, ଅର୍ଥାତ୍ ସମସ୍ତ ପ୍ରାଣୀ ସେହିଠାରେ ଆଶ୍ରୟ ପାନ୍ତି, ଅନ୍ୟ କଥାରେ ଈଶ୍ୱର ସର୍ବବ୍ୟାପକ । ଏକାଦଶ ରୁଦ୍ର—୧—ପ୍ରାଣ—(ହୃଦୟାନ୍ତର୍ଗତ ବାୟୁ) ୨—ଅପାନ—(ଗୁହ୍ୟଦେଶସ୍ଥ ବାୟୁ) ୩—ଉଦାନ—(କଣ୍ଠରୁ ମସ୍ତକ ମଧ୍ୟରେ ପ୍ରବେଶ କରିବା ବାୟୁ) ୪—ସମାନ—(ନାଭିମଧ୍ୟସ୍ଥ ବାୟୁ) ୫—ବ୍ୟାନ—(ସର୍ବଶରୀରଗାମୀ ବାୟୁ ୬—ନାଗ—(ଢାକୁଟି ଦ୍ୱାରା ଉଦ୍‌ଗତ ବାୟୁ) ୭—କୂର୍ମ—(ଶରୀରର ବାହ୍ୟବାୟୁ) ୮—କୃକର—(ଜୀର୍ଣ୍ଣକାରକ ବାୟୁ) ୯—ଦେବଦତ୍ତ—(ହାଇ ମାରିବା ବାୟୁ) ୧୦—ଧନଞ୍ଜୟ—(ଶରୀର ପୁଷ୍ଟିକାରକ ବାୟୁ) ୧୧—ଆତ୍ମା (ପ୍ରାଣବାୟୁ) । 'ରୁଦ୍' ଧାତୁରୁ 'ରୁଦ୍ର' ଶବ୍ଦର ଉତ୍ପତ୍ତି । 'ରୁଦ୍' ଧାତୁର ଅର୍ଥ

Digitized by srujanika@gmail.com

କାନ୍ଦିବା । ଶରୀରରୁ ଏ ସମସ୍ତ ବାୟୁର ନିଷ୍କ୍ରମଣ ମୃତ୍ୟୁର କାରଣ । ଆଉ ମୃତ୍ୟୁ ଦୁଃଖଦାୟକ । ତେଣୁ 'ରୁଦ୍' ଅର୍ଥ କ୍ରନ୍ଦନ । ଈଶ୍ୱରଙ୍କୁ ରୁଦ୍ର ଏଥିପାଇଁ କୁହାଯାଏ ଯେ ସେ ପାପୀକୁ ଦଣ୍ଡ ଦିଅନ୍ତି, କନ୍ଦାନ୍ତି ରୋଦୟତୀତି ରୁଦ୍ରଃ । ଦ୍ୱାଦଶ ଆଦିତ୍ୟ—୧—ଧାତା, ୨—ଅର୍ଯ୍ୟମା, ୩—ମିତ୍ର, ୪—ବରୁଣ, ୫—ଇନ୍ଦ୍ର, ୬—ବିବସ୍ୱାନ, ୭—ପୂଷା, ୮—ପର୍ଜନ୍ୟ, ୯—ଅଂଶୁମାନ, ୧୦—ଭଗ, ୧୧—ତ୍ୱଷ୍ଟା, ୧୨—ବିଷ୍ଣୁ । ଆଦିତ୍ୟ ଅର୍ଥ ସୂର୍ଯ୍ୟ । ଆଉ ଉପରୋକ୍ତ ସମସ୍ତ ଦ୍ଧ ଆଦିତ୍ୟର ପ୍ରତିଶବ୍ଦ ମାତ୍ର । ଯେପରି ଏକାଦଶ ରୁଦ୍ର ଅର୍ଥାତ୍ ବାୟୁ, ସେମାନଙ୍କର ବିଭିନ୍ନ ଗୁଣରୁ, ବିଭିନ୍ନ ସ୍ଥାନରେ ନିବାସ ହେତୁରୁ, ସେମାନଙ୍କର ବିଭିନ୍ନ ନାମକରଣ ହୋଇଛି, ଏହି ଦ୍ୱାଦଶ ଆଦିତ୍ୟର ବିଭିନ୍ନ ନାମକରଣର ହେତୁ ମଧ୍ୟ ସେହି ଏକ । ଇନ୍ଦ୍ର—୧—ଇନ୍ଦ୍ର (ଇନ୍ଦତୀତି ଇନ୍ଦ୍ରଃ (ଇଦି ପରମୈଶ୍ୱର୍ଯ୍ୟେ) । ଈଶ୍ୱରଙ୍କୁ ମଧ୍ୟ ଇନ୍ଦ୍ର କୁହାଯାଏ । କାରଣ ପାର୍ଥିବ ଅପାର୍ଥିବ ସମସ୍ତ ଐଶ୍ୱର୍ଯ୍ୟର ସେ ଅଧିକାରୀ । ରାଜାମାନଙ୍କ ମଧ୍ୟରେ ଯେ ଶ୍ରେଷ୍ଠ, ତାଙ୍କୁ ବି ଇନ୍ଦ୍ର କୁହାଯାଏ । କାରଣ ସେ ବି ଅନେକ ଐଶ୍ୱର୍ଯ୍ୟର ଅଧିକାରୀ ।) ପ୍ରଜାପତି—୧—ପ୍ରଜାପତି (ପ୍ରଜାପତି ଈଶ୍ୱରଙ୍କୁ ବି କୁହାଯାଏ । କାରଣ ସେ ସକଳ ପ୍ରଜା ଅର୍ଥାତ୍ ପ୍ରାଣୀର ଅଧିପତି । ଆଉ ରାଜାଙ୍କୁ ବି ପ୍ରଜାପତି କୁହାଯାଏ, କାରଣ ସେ ପ୍ରଜାର ଅଧିପତି ।)

(ଏହି ଯେ ଉପରୋକ୍ତ ୩୩ ଦେବତାଙ୍କ ନାମ କୁହାଗଲା, ଏମାନେ ଦେବତା ଏଥିପାଇଁ ଯେ ଏମାନେ ଦିବ୍ୟଗୁଣବିଶିଷ୍ଟ—କିନ୍ତୁ ଏମାନେ ଈଶ୍ୱରଙ୍କ ସମସ୍ତ ଗୁଣର ଆଧାର ନୁହନ୍ତି ବୋଲି ଏମାନେ କେବଳ ଦେବତା—ବିଷ୍ଣୁ ନୁହନ୍ତି । କାରଣ ଏମାନେ ବ୍ୟାପକ ନୁହନ୍ତି । କିନ୍ତୁ ବିଷ୍ଣୁ, ସର୍ବବ୍ୟାପକ—'ବିଷ୍ଣୁ ବ୍ୟାପ୍ତ୍ୟର୍ଥେ'

Digitized by srujanika@gmail.com

ପୁରୁଷ ସମସ୍ତ ପ୍ରକାର ତମଃ, ସମସ୍ତ ପ୍ରକାର ଅଜ୍ଞାନଅନ୍ଧକାରରୁ, ଫଳତଃ ସମସ୍ତ ପ୍ରକାର ଦୁଃଖ ଶୋକରୁ ମୁକ୍ତ । ସେ ସମସ୍ତ ପ୍ରକାର ଦୁଃଖରୁ ମୁକ୍ତ ବୋଲି ସେ ଅମର । ଅଜ ତାଙ୍କୁ ଜାଣିଲେ ମନୁଷ୍ୟର ମୃତ୍ୟୁ ନାହିଁ—ମନୁଷ୍ୟ ଅମର । ମନୁଷ୍ୟଙ୍କୁ ଦୁଃଖ ଶୋକରୁ ମୁକ୍ତ ହେବାକୁ ହେଲେ, ଅମର ହେବାକୁ ହେଲେ; ତାଙ୍କୁ ଜାଣିବା ଛଡ଼ା ଗତ୍ୟନ୍ତର ନାହିଁ । ସଂସାରକୁ ତ ମନୁଷ୍ୟ ଜାଣେ, ତଥାପି ତ ମନୁଷ୍ୟ ମୁକ୍ତ ହୁଏ ନା । କାରଣ ସଂସାର ବନ୍ଧନର କାରଣ— ଅସକ୍ତର କାରଣ । କାରଣ ଏହା ସଙ୍ଗରେ ଇନ୍ଦ୍ରିୟର ସମ୍ବନ୍ଧ ଜଡ଼ିତ । ଇନ୍ଦ୍ରିୟ ସୁଖ ଦୁଃଖର ମାଧ୍ୟମ । କିନ୍ତୁ ଈଶ୍ୱର ଇନ୍ଦ୍ରିୟାତୀତ— ନିର୍ଲିପ୍ତ—ସୁଖ ଦୁଃଖରୁ ସେ ଅତୀତ । ତେଣୁ ତାଙ୍କୁ ଜାଣିଲେ ଅର୍ଥ ତା’ ପର ଯଥାସମ୍ଭବ ହେଲେ, ମୋକ୍ଷପଦ ପ୍ରାପ୍ତି ସମ୍ଭବ ହୁଏ ।

ଋଷି ଏହାପରେ ଏକ ପୁରୁଷଙ୍କୁ ଜାଣନ୍ତି ବୋଲି କହୁଛନ୍ତି । ସେଥିପାଇଁ ତ ଋଷିର ଅର୍ଥ—ଋଷିର୍ଦର୍ଶନାତ୍—ଦିବ୍ୟ ଦୃଷ୍ଟି ପାଇଁ ଏହି ଋଷି ହୁଅନ୍ତି—ଅସ୍ତ୍ରବିଦ୍ୟାବିହାର ପାଇଁ ନୁହେଁ—ବିଦ୍ୟାବୁଦ୍ଧି ପାଇଁ ନୁହେଁ—ଚରିତ୍ରବତ୍ତା ପାଇଁ ନୁହେଁ—ତ୍ୟାଗତପସ୍ୟା ପାଇଁ ନୁହେଁ—ଜ୍ଞାନଗରିମା ପାଇଁ ନୁହେଁ—ଅତି ସୂକ୍ଷ୍ମ ପଦାର୍ଥଙ୍କୁ ଗଭୀର ‘ଶନ୍ତା’ ଦ୍ୱାରା ଦେଖିବା ପାଇଁ ସାଧକଙ୍କୁ ଋଷି କୁହାଯାଏ । ଏ ଋଷି ଦୁଇ ପ୍ରକାର—୧—ଦେବର୍ଷି—ଏମାନେ ଆଦି ସୃଷ୍ଟିରେ ଅମୈଥୁନରୁ ସୃଷ୍ଟି—ବେଦର (ଜ୍ଞାନର) ପ୍ରକାଶ ସବୁ ପ୍ରଥମରେ ଏମାନଙ୍କଠାରେ ସମ୍ଭବ ହେଲା । ଏମାନେ ହେଉଛନ୍ତି ଅଗ୍ନି ଆଦିତ୍ୟ ବାୟୁ ଅଙ୍ଗିର । ୨—ଶ୍ରୁତର୍ଷି—ଏମାନେ ଦେବର୍ଷିଙ୍କଠାରୁ ଶିକ୍ଷା ପାଇ ଋଷି ହେଲେ ନିଜର ଶନ୍ତାର ଅନୁଶୀଳନ ପାଇଁ ଯଥାର୍ଥ ପଥ ପାଇବାରୁ ।

Digitized by srujanika@gmail.com

ସେଇ ଯେ ପୁରୁଷ ଯାଙ୍କୁ ଜାଣିଲି ବୋଲି ଋଷି କହୁଛନ୍ତି, ତାଙ୍କୁ ସେ କିପରି ଜାଣିଲେ ?—ସ୍ଥୂଳ ଇନ୍ଦ୍ରିୟ ଦ୍ୱାରା ? ସେ ପରା ଇନ୍ଦ୍ରିୟାତୀତ । ସେ ତାଙ୍କୁ ଜାଣିଲେ ଚିନ୍ତା ଦ୍ୱାରା, ବିଚାର ଦ୍ୱାରା, ଗଭୀର ଅନୁସନ୍ଧିତ୍ସା ଦ୍ୱାରା, ଭଗବତ ଭକ୍ତି ପୂର୍ଣ୍ଣ ଆଧ୍ୟାତ୍ମିକ ଚେଷ୍ଟା ଦ୍ୱାରା, ଶେଷରେ ଧ୍ୟାନ ଦ୍ୱାରା । ଧ୍ୟାନ ତାକୁ କୁହାଯାଏ ଯା ନିର୍ବିଷୟ-ବହିର୍ଭୂତ—ଧ୍ୟାନଂ ନିର୍ବିଷୟଂ ମନଃ । ଧ୍ୟାନ ମନ ଦ୍ୱାରା କରାଯାଏ । ମନ ଗୋଟାଏ ଇନ୍ଦ୍ରିୟ—'ଇନ୍ଦ୍ରିୟାଣାଂ ମନଶ୍ଚାସ୍ମି' (ଗୀତା) । କିନ୍ତୁ ଏ ମନ ଯେତେବେଳେ କୌଣସି ଗୋଟାଏ ପାର୍ଥିବ ବିଷୟରେ ଚିନ୍ତା ନ କରି ଇନ୍ଦ୍ରିୟାତୀତ ବସ୍ତୁ ସମ୍ବନ୍ଧରେ ଚିନ୍ତା କରେ, ସେତେବେଳେ ସେ ଧ୍ୟାନ କରେ ବୋଲି ବୁଝିବାକୁ ହେବ—ଅନ୍ୟଥା ନୁହେଁ । (ଅନେକଙ୍କର ଧାରଣା ଯେ କୌଣସି ସ୍ଥୂଳ ବସ୍ତୁକୁ ମନ ଆଗରେ ନ ରଖିଲେ ଧ୍ୟାନ ସମ୍ଭବ ହୁଏ ନା । ଏ ବିଚାର କଳୁଷିତ ବିଚାର । ଶାସ୍ତ୍ର ଏହାକୁ ସମର୍ଥନ ନ କରି ଧ୍ୟାନର ପରିଭାଷା ଦେଇଛନ୍ତି ଉପରେ । ଶାସ୍ତ୍ର କହନ୍ତି, ଚିତ୍ ଏହାର ଓଲଟା କଥାହିଁ ଧ୍ୟାନ ।) ଏହି ଧ୍ୟାନର ଭିତ୍ତି କେବଳ ଜ୍ଞାନ—କେବଳ ଜ୍ଞାନ— ଅନ୍ୟ କିଛି ନୁହେଁ—ବ୍ରତଉପବାସ ନୁହେଁ—ମାଳା-ତିଳକଧାରଣ ନୁହେଁ—ପ୍ରତୀକୋପାସନା ନୁହେଁ । ଯେ ପରମ ଅନ୍ୱେଷ୍ୟ, ତାକୁ ଉପବାସ କଲେ ପାଇ ହେବ ? —ତାକୁ ମାଳାତିଳକ ଧାରଣ କଲେ ପାଇହେବ ? —ତାକୁ ପଥର, ମାଟି ଆଗରେ ମୁଣ୍ଡ କଚୁଡ଼ିଲେ ପାଇହେବ ? — ତାକୁ ଜାଣିବା ପାଇଁ ଶାସ୍ତ୍ରବିହିତ ଧ୍ୟାନଯୋଗର ଆଶ୍ରୟ ନେଲେ କେବଳ, ପାଇହେବ । ଏହି ଶାସ୍ତ୍ରବିହିତ ଯୋଗର ଆଧାର କେବଳ ଜ୍ଞାନ । ଏ ଜ୍ଞାନ ଈଶ୍ୱରଙ୍କର ପରି ସର୍ବବ୍ୟାପକ—ଈଶ୍ୱରଙ୍କର ପରି ଶ୍ରେଷ୍ଠ । ତେଣୁ ଏହି ଶ୍ରେଷ୍ଠ ବସ୍ତୁ ଜ୍ଞାନ ଦ୍ୱାରା କେବଳ ଶ୍ରେଷ୍ଠବସ୍ତୁ

Digitized by srujanika@gmail.com

ଧାତୁରୁ ଉତ୍ପନ୍ନ । ଦେବତା 'ଦିବ୍ ଧାତୁରୁ ଉତ୍ପନ୍ନ' । ଦିବ୍ ଧାତୁ ବିଭିନ୍ନ ଅର୍ଥରେ ପ୍ରଯୁକ୍ତ ହୁଏ । ଯଥା :—ଦିବୁକ୍ରୀଡ଼ାବିଜିଗୀଷା ବ୍ୟବହାରଦ୍ୟୁତିସ୍ତୁତିମୋଦମଦସ୍ୱପ୍ନକାନ୍ତିଗତିଷୁ । (ସିଦ୍ଧାନ୍ତ ଚନ୍ଦ୍ରିକାୟାମ୍) । କ୍ରୀଡ଼ା, ବିଜିଗୀଷା, ବ୍ୟବହାର; ଦ୍ୟୁତି, ସ୍ତୁତି, ମୋଦ ମଦ, ସ୍ୱପ୍ନ, କାନ୍ତି ଓ ଗତି । ଏ ସମସ୍ତ ସାଧାରଣ ପ୍ରାଣୀଙ୍କ ଗୁଣ ବା ଲକ୍ଷଣ—ଈଶ୍ୱର ଏ ସମସ୍ତରୁ ଊର୍ଦ୍ଧ୍ୱରେ । ତେଣୁ ଦେବତା ଅର୍ଥ ଏଠାରେ ଈଶ୍ୱର ଭିନ୍ନ ଅନ୍ୟ ପଦାର୍ଥ ବା ପ୍ରାଣୀ ।)

ନା, ଏ ଦେବତା ସେଇ ଜଡ଼ ଦେବତା ବା ପ୍ରାଣୀ ଦେବତା ନୁହନ୍ତି । ଏ ଦେବତା ହେଉଛନ୍ତି ପରମ ଦୈବତ ଦେବତା ଯେ, ବିଶ୍ୱାନୁଗ ଏବଂ ବିଶ୍ୱାତୀତ, ଯେ ଜଗତର ବାହାରେ ଅଛନ୍ତି ଏବଂ ଜଗତର ଭିତରେ ବି ଅଛନ୍ତି; ଯେ ସର୍ବବ୍ୟାପକ—ଯେ ବିଶ୍ୱଭୁବନର ଅଧିବାସୀ ପର ଏକଦେଶୀ ନୁହନ୍ତି ବା ଯେ ଆନ ଦେବତା ପରି ସ୍ଥଳ ବିଶେଷରେ ସ୍ଥିତ ନୁହନ୍ତି । ସେ ଦେବତା ହେଉଛନ୍ତି—

ଏକୋ ଦେବଃ ସର୍ବଭୂତେ ଗୂଢ଼ଃ
ସର୍ବବ୍ୟାପୀ ସର୍ବଭୂତାତ୍ମା ।
କର୍ମାଧ୍ୟକ୍ଷ ସର୍ବଭୂତାଧିବାସଃ
ସାକ୍ଷୀ ଚେତା କେବଳ୍ ନିର୍ଗୁଣଶ୍ଚ ।

କେବଳ ମାତ୍ର ସେହି ଦେବ ସର୍ବଭୂତରେ ଗୂଢ଼ଭାବରେ ବିଦ୍ୟମାନ । ସେ ସର୍ବବ୍ୟାପୀ ଓ ସେ ସର୍ବଭୂତର ଆତ୍ମା ସ୍ୱରୂପ । ସେ ପ୍ରାଣୀର ସକଳ କର୍ମର ଅଧ୍ୟକ୍ଷ—ପରିଚାଳକ । ସେ ସର୍ବଭୂତରେ ବାସଃ—ସମସ୍ତ ପ୍ରାଣୀର ସେ ବାସସ୍ଥାନ । ସେ ମନୁଷ୍ୟର ପାପ-ପୁଣ୍ୟର ସାକ୍ଷୀ ଓ ସେ ନିର୍ଗୁଣ—କେବଳ ସେ ନିର୍ଗୁଣ—ପୃଥିବୀରେ ଅନ୍ୟ କେହି ନିର୍ଗୁଣ ନୁହନ୍ତି । ଏହାପରେ ଯେ, 'ତାଙ୍କ

Digitized by srujanika@gmail.com

ଅମେ ଜାଣିଲି । ଋଷି ଏ କଥା କହି ପାରୁଛନ୍ତି । ଋଷି ଏପରି ଆଧ୍ୟାତ୍ମିକ ଅନୁଭୂତିନର କଥା କହି ପାରୁଛନ୍ତି ବୋଲି ବାରମ୍ବାର ଏପରି କଥା କହିବାକୁ ନ ଥକି ପୁନର୍ବାର କହୁଛନ୍ତି—

ବେଦାହମେତଂ ପୁରୁଷଂ ମହାନ୍ତଂ,
ଆଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍ ।
ତମେବ ବିଦିତ୍ୱାତି ମୃତ୍ୟୁମେତି,
ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ । (ବେଦ)

'ମୁଁ ସେହି ମହାନ ପୁରୁଷଙ୍କୁ ଜାଣେ ଯେ ସୂର୍ଯ୍ୟ ପରି ପ୍ରକାଶବାନ, ଯେ ତମସଃ ପରସ୍ତାତ୍, ସମସ୍ତ ତମିସ୍ରାରୁ । (ଅବିଦ୍ୟା ଅନ୍ଧକାରରୁ) ମୁକ୍ତ । ତାଙ୍କୁ ଜାଣିଲେ ମୃତ୍ୟୁ ନାହିଁ (ମନୁଷ୍ୟ ଅମର) । ତାଙ୍କୁ ଜାଣିବା ଛଡ଼ା ମୁକ୍ତିର ଅନ୍ୟମାର୍ଗ ନାହିଁ ।' ଅର୍ଥାତ୍ ମୋକ୍ଷର କାରଣ ଈଶ୍ୱର-ପ୍ରଣିଧାନ—ଈଶ୍ୱର-ଚିନ୍ତନ—ବାହ୍ୟ ପୂଜା ଅର୍ଚ୍ଚନା, ବ୍ରତ-ଉପବାସ, ତିଳକଚନ୍ଦନଧାରଣ ଗୀତାଗ୍ରମାୟଣପାରାୟଣ ନୁହେ ।

ସେ ପୁରୁଷ କିଏ, ଯାଙ୍କୁ ଋଷି ଜାଣିଲି ବୋଲି କହୁଛନ୍ତି । ସେ ମହାନ୍ ପୁରୁଷ, 'ପୁରି ବସତି ଶେତେ ବା ପୁରୁଷଃ' । ସେ ପୁରୁଷ ଅତ୍ମା ପରି କେବଳ କୌଣସି ଶରୀରରେ ବାସ ନ କରି ସର୍ବଣ ବ୍ୟାପକ, ଏପରିକି ଅଗ୍ନି, ଜଳ, ବାୟୁରେ ସେ ବ୍ୟାପକ । ଏହି ପୁରୁଷଙ୍କୁ ସାଂଖ୍ୟରେ ବ୍ରହ୍ମ ବୋଲି କୁହାଯାଇଛି । ଅଚ୍ ଏଥିପାଇଁ ଏ ପୁରୁଷ ମହାନ ପୁରୁଷ । ଅଚ୍ ଏ ପୁରୁଷ ଏଥିପାଇଁ ମହାନ୍ ଯେ ଏ ଅଦିତ୍ୟର ତେଜ ପରି ଜାଜ୍ୱଲ୍ୟମାନ । ସାଧାରଣ ପୁରୁଷ ତ ଅଦିତ୍ୟ ପରି ତେଜୀୟାନ୍ ହୋଇ ପାରେ ନା, ଅଚ୍ ହେଲେ ବି ସେ ତମସଃ ପରସ୍ତାତ୍ ହୋଇ ପାରିବ ନା । କିନ୍ତୁ ସେ

Digitized by srujanika@gmail.com

ପୁରୁଷ ସମସ୍ତ ପ୍ରକାର ତମଃ, ସମସ୍ତ ପ୍ରକାର ଅଜ୍ଞାନଅନ୍ଧକାରରୁ, ଫଳତଃ ସମସ୍ତ ପ୍ରକାର ଦୁଃଖ ଶୋକରୁ ମୁକ୍ତ । ସେ ସମସ୍ତ ପ୍ରକାର ଦୁଃଖରୁ ମୁକ୍ତ ବୋଲି ସେ ଅମର । ଅତ ତାଙ୍କୁ ଜାଣିଲେ ମନୁଷ୍ୟର ମୃତ୍ୟୁ ନାହିଁ—ମନୁଷ୍ୟ ଅମର । ମନୁଷ୍ୟଙ୍କୁ ଦୁଃଖ ଶୋକରୁ ମୁକ୍ତ ହେବାକୁ ହେଲେ, ଅମର ହେବାକୁ ହେଲେ; ତାଙ୍କୁ ଜାଣିବା ଛଡ଼ା ଗତ୍ୟନ୍ତର ନାହିଁ । ସଂସାରକୁ ତ ମନୁଷ୍ୟ ଜାଣେ, ତଥାପି ତ ମନୁଷ୍ୟ ମୁକ୍ତ ହୁଏ ନା । କାରଣ ସଂସାର ବନ୍ଧନର କାରଣ—ଅସତ୍ୟର କାରଣ । କାରଣ ଏହା ସଙ୍ଗରେ ଇନ୍ଦ୍ରିୟର ସମ୍ବନ୍ଧ ଜଡ଼ିତ । ଇନ୍ଦ୍ରିୟ ସୁଖ ଦୁଃଖର ମାଧ୍ୟମ । କିନ୍ତୁ ଈଶ୍ୱର ଇନ୍ଦ୍ରିୟାତୀତ—ନିର୍ଲିପ୍ତ—ସୁଖ ଦୁଃଖରୁ ସେ ଅତୀତ । ତେଣୁ ତାଙ୍କୁ ଜାଣିଲେ ଅର୍ଥାତ୍ ତା' ପରି ଯଥାସମ୍ଭବ ହେଲେ, ମୋକ୍ଷପଦ ପ୍ରାପ୍ତି ସମ୍ଭବ ହୁଏ ।

ଋଷି ଏହିପରି ଏକ ପୁରୁଷଙ୍କୁ ଜାଣନ୍ତି ବୋଲି କହୁଛନ୍ତି । ସେଥିପାଇଁ ତ ଋଷିର ଅର୍ଥ—ଋଷିର୍ଦର୍ଶନାତ୍—ଦିବ୍ୟ ଦୃଷ୍ଟି ପାଇଁ ଋଷି ଋଷି ହୁଅନ୍ତି—ଅସ୍ତ୍ରବ୍ୟବହାର ପାଇଁ ନୁହେଁ—ବିଦ୍ୟାବୁଦ୍ଧି ପାଇଁ ନୁହେଁ—ଚରିତ୍ରବତ୍ତା ପାଇଁ ନୁହେଁ—ତ୍ୟାଗତପସ୍ୟା ପାଇଁ ନୁହେଁ—ଜ୍ଞାନଗରିମା ପାଇଁ ନୁହେଁ—ଅତି ସୂକ୍ଷ୍ମ ପଦାର୍ଥକୁ ଗଭୀର 'ଚିନ୍ତା' ଦ୍ୱାରା ଦେଖିବା ପାଇଁ ସାଧକକୁ ଋଷି କୁହାଯାଏ । ଏ ଋଷି ଦୁଇ ପ୍ରକାର—୧—ଦେବ୍ୟର୍ଷି—ଏମାନେ ଆଦ୍ୟ ସୃଷ୍ଟିରେ ଅମୈଥୁନରୁ ସୃଷ୍ଟି—ବେଦର (ଜ୍ଞାନର) ପ୍ରକାଶ ସର୍ବ ପ୍ରଥମରେ ଏମାନଙ୍କଠାରେ ସମ୍ଭବ ହେଲା । ଏମାନେ ହେଉଛନ୍ତି ଅଗ୍ନି ଆଦିତ୍ୟ ବାୟୁ ଅଙ୍ଗିର । ୨—ଶ୍ରୁତର୍ଷି—ଏମାନେ ଦେବ୍ୟ ଋଷିଙ୍କଠାରୁ ଶିକ୍ଷା ପାଇ ଋଷି ହେଲେ ନିଜର ଚିନ୍ତାର ଅନୁଶୀଳନ ପାଇଁ ଯଥାର୍ଥ ପଥ ପାଇବାରୁ । ୯

Digitized by srujanika@gmail.com

ସେଇ ଯେ ପୁରୁଷ ଯାଙ୍କୁ ଜାଣିଲି ବୋଲି ଋଷି କହୁଛନ୍ତି, ତାଙ୍କୁ ସେ କପରି ଜାଣିଲେ ? —ସ୍ଥୂଳ ଇନ୍ଦ୍ରିୟ ଦ୍ୱାରା ? ସେ ପରା ଇନ୍ଦ୍ରିୟାତୀତ । ସେ ତାଙ୍କୁ ଜାଣିଲେ ଚିନ୍ତା ଦ୍ୱାରା, ବିଚାର ଦ୍ୱାରା, ଗଭୀର ଅନୁସନ୍ଧିତ୍ସା ଦ୍ୱାରା, ଭଗବତ ଭକ୍ତି ପୂର୍ଣ୍ଣ ଆଧ୍ୟାତ୍ମିକ ଚେଷ୍ଟା ଦ୍ୱାରା, ଶେଷରେ ଧ୍ୟାନ ଦ୍ୱାରା । ଧ୍ୟାନ ତାକୁ କୁହାଯାଏ ଯା’ ନିର୍ବିଷୟ-ବୃତ୍ତି—ଧ୍ୟାନଂ ନିର୍ବିଷୟଂ ମନଃ । ଧ୍ୟାନ ମନ ଦ୍ୱାରା କରାଯାଏ । ମନ ଗୋଟାଏ ଇନ୍ଦ୍ରିୟ—‘ଇନ୍ଦ୍ରିୟାଣାଂ ମନଶ୍ଚାସ୍ମି’ (ଗୀତା) । କିନ୍ତୁ ଏ ମନ ଯେତେବେଳେ କୌଣସି ଗୋଟାଏ ପାର୍ଥିବ ବିଷୟରେ ଚିନ୍ତା ନ କରି ଇନ୍ଦ୍ରିୟାତୀତ ବସ୍ତୁ ସମ୍ବନ୍ଧରେ ଚିନ୍ତା କରେ, ସେତେବେଳେ ସେ ଧ୍ୟାନ କରେ ବୋଲି ବୁଝିବାକୁ ହେବ—ଅନ୍ୟଥା ନୁହେଁ । (ଅନେକଙ୍କର ଧାରଣା ଯେ କୌଣସି ସ୍ଥୂଳ ବସ୍ତୁକୁ ମନ ଆଗରେ ନ ରଖିଲେ ଧ୍ୟାନ ସମ୍ଭବ ହୁଏ ନା । ଏ ବିଚାର କଳୁଷିତ ବିଚାର । ଶାସ୍ତ୍ର ଏହାକୁ ସମର୍ଥନ ନ କରି ଧ୍ୟାନର ପରିଭାଷା ଦେଇଛନ୍ତି ଉପରେ । ଶାସ୍ତ୍ର କହନ୍ତି, ଠିକ୍ ଏହାର ଓଲଟା କଥାହିଁ ଧ୍ୟାନ ।) ଏହି ଧ୍ୟାନର ଭିତ୍ତି କେବଳ ଜ୍ଞାନ—କେବଳ ଜ୍ଞାନ— ଅନ୍ୟ କିଛି ନୁହେଁ—ବ୍ରତଉପବାସ ନୁହେଁ—ମାଳା-ତିଳକଧାରଣ ନୁହେଁ—ପ୍ରତୀକୋପାସନା ନୁହେଁ । ଯେ ପରମ ଅନ୍ୱେଷ୍ୟ, ତାଙ୍କୁ ଉପବାସ କଲେ ପାଇ ହେବ ? —ତାଙ୍କୁ ମାଳାତିଳକ ଧାରଣ କଲେ ପାଇହେବ ? —ତାଙ୍କୁ ପଥର, ମାଟି ଆଗରେ ମୁଣ୍ଡ କଚାଡ଼ିଲେ ପାଇହେବ ? —ତାଙ୍କୁ ଜାଣିବା ପାଇଁ ଶାସ୍ତ୍ରବିହିତ ଧ୍ୟାନଯୋଗର ଆଶ୍ରୟ ନେଲେ କେବଳ, ପାଇହେବ । ଏହି ଶାସ୍ତ୍ରବିହିତ ଯୋଗର ଆଧାର କେବଳ ଜ୍ଞାନ । ଏ ଜ୍ଞାନ ଈଶ୍ୱରଙ୍କର ପରି ସର୍ବବ୍ୟାପକ—ଈଶ୍ୱରଙ୍କର ପରି ଶ୍ରେଷ୍ଠ । ତେଣୁ ଏହି ଶ୍ରେଷ୍ଠ ବସ୍ତୁ ଜ୍ଞାନ ଦ୍ୱାରା କେବଳ ଶ୍ରେଷ୍ଠବସ୍ତୁ

Digitized by srujanika@gmail.com

ପରମାତ୍ମାଙ୍କୁ ପାଇ ହେବ । ସେଥିପାଇଁ ଅଧ୍ୟାପନଂ ବ୍ରହ୍ମଯଜ୍ଞଃ, ଅଧ୍ୟୟନଂ ବ୍ରହ୍ମଯଜ୍ଞଃ—ଜ୍ଞାନ ଦେବା ବ୍ରହ୍ମଯଜ୍ଞ ପରି ସର୍ବୋତ୍ତମ କର୍ତ୍ତବ୍ୟ—ଅଧ୍ୟୟନ କରିବା ନିସନ୍ଦେହରେ ବ୍ରହ୍ମୋପାସନା ପରି, ଯଜ୍ଞ ପରି ଶ୍ରେଷ୍ଠତମ କର୍ମ—ଯଜ୍ଞ ବୈ ଶ୍ରେଷ୍ଠତମଂ କର୍ମ—(ଶତପଥ ବ୍ରାହ୍ମଣ)—ଯଜ୍ଞ ନିଶ୍ଚୟ ଶ୍ରେଷ୍ଠତମ କର୍ମ । ଈଶ୍ୱରଙ୍କୁ ପ୍ରାପ୍ତ ହେବାର ସମ୍ଭାବନାର ଫଳରେ ଅଧ୍ୟାପନା ଅଧ୍ୟୟନ ବୋଲି ଅଧ୍ୟାପନା ଅଧ୍ୟୟନକୁ ଯଜ୍ଞ, ପୁଣି ବ୍ରହ୍ମ ଯଜ୍ଞ ଭଳି ଶ୍ରେଷ୍ଠତମ କର୍ତ୍ତବ୍ୟ ବୋଲି କୁହାଯାଇଛି । ପ୍ରଜ୍ଞା ଚ ତସ୍ମାତ୍ ପ୍ରସୃତା ପୁରାଣୀ—ବ୍ରହ୍ମହିଁ ପ୍ରଜ୍ଞାର (ଜ୍ଞାନର) ପ୍ରାଚୀନ ପ୍ରସ୍ରବଣ । ଅର୍ଥାତ୍ ଜ୍ଞାନ ବ୍ରହ୍ମର ଅଙ୍ଗ ସ୍ୱରୂପ—ବ୍ରହ୍ମରୁ ଜ୍ଞାନ ନିର୍ଗତ । ଏପରି ଭାବରେ ବ୍ରହ୍ମ ସଙ୍ଗରେ ଜ୍ଞାନର ସମ୍ବନ୍ଧ—ଏପରି ଭାବରେ ବ୍ରହ୍ମ ପରି ଜ୍ଞାନ ଶ୍ରେଷ୍ଠ—ସର୍ବବ୍ୟାପକ । ଏଥିପାଇଁ ତ ଋଷି ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଛନ୍ତି—

"ଆ ନୋ ଭଦ୍ରାଃ କ୍ରତବୋ ଯନ୍ତୁ ବିଶ୍ୱତଃ ।"—ଯଜୁର୍ବେଦ। ଭଦ୍ରାଃ, ଶୁଭ ପବିତ୍ର ମଙ୍ଗଳ; ବିଶ୍ୱତଃ, ଚତୁର୍ଦ୍ଦିଗରୁ, ସମଗ୍ର ବିଶ୍ୱରୁ, ନଃ; ଆମମାନଙ୍କ ପାଖକୁ; ଆଯନ୍ତୁ, ଆସୁ । ଏହି ଭଦ୍ର, ଏହି ମଙ୍ଗଳ, ଏହି ପବିତ୍ର ସମଗ୍ର ବିଶ୍ୱରୁ ଆମମାନଙ୍କ ପାଖକୁ ଆସିବ । ଅର୍ଥାତ୍ ଆମେ ଜାତି ନିର୍ବିଶେଷରେ ବର୍ଣ୍ଣ ନିର୍ବିଶେଷରେ, ଦେଶ ନିର୍ବିଶେଷରେ ଗୋତ୍ର ନିର୍ବିଶେଷରେ, ଲିଙ୍ଗ ନିର୍ବିଶେଷରେ, ସ୍ଥଳ ନିର୍ବିଶେଷରେ ଏହାକୁ ଗ୍ରହଣ କରିବା । ମଙ୍ଗଳର ଦର୍ଶନସ୍ଥଳୀ ମନ୍ଦିର ନ ହୋଇ ମସଜିଦ ହେଲେ ମଧ୍ୟ, ଗିର୍ଜାଘର ହେଲେ ମଧ୍ୟ ତାକୁ ଆମେ ଗ୍ରହଣ କରିବା ଭଲ, ତାକୁ ଆମେ ସମ୍ମାନ ଦେବା ଭଲ ଆମର ଯୋଗ୍ୟତା, ଆମର ଉଦାର ଚରିତ୍ର, ଆମର ଅସ୍ପୃଶ୍ୟାଶୂନ୍ୟତା ରହିବା ଉଚିତ । ଭଦ୍ରର ଦର୍ଶନ ସ୍ତ୍ରୀ ଶୂଦ୍ର ଠାରେ ସମ୍ଭବ ହେଲେ ମଧ୍ୟ ତାଙ୍କୁ ଆମେ ପାପଯୋନି ବୋଲି ତୁଚ୍ଛ ମନେ କରି ଭୁଲ ନ କରି ଆମେ ସେଠାରେ

Digitized by srujanika@gmail.com

ମଧ୍ୟ ମଙ୍ଗଳକୁ ନତମସ୍ତକ ହୋଇ ଗ୍ରହଣ କରିବା ଉଚିତ । (ଏକ ସମୟରେ ଭାରତବର୍ଷରେ ଏକ ଅନ୍ଧକାର ଯୁଗରେ 'ସ୍ତ୍ରୀଶୂଦ୍ରୌନାଧୀୟତାମ୍', ସ୍ତ୍ରୀ ଅଥବା ଶୂଦ୍ରମାନେ ଅଧ୍ୟୟନ କରିବା ଉଚିତ ନୁହେଁ, 'ସ୍ତ୍ରୀ ଶୂଦ୍ର ଦ୍ୱିଜବନ୍ଧୂନାଂ ତ୍ରୟୀ ନ ଶ୍ରୁତିଗୋଚରଂ' ସ୍ତ୍ରୀ ଶୂଦ୍ର ଅଜ୍ଞ ଦ୍ୱିଜମାନଙ୍କର ବେଦାଧ୍ୟୟନର ଅଧିକାର ନାହିଁ, ଏପରି ଏକ କୁତ୍ସିତ ବିଗ୍ଭରଧାରାର ଚଳନ ଥିଲା । କିନ୍ତୁ ଏ ବିଚାର ଧାରା କୌଣସି ଶାସ୍ତ୍ରର କୌଣସି ବିଚାରବାନ୍ ବ୍ୟକ୍ତିର ସମର୍ଥନ ପାଇ ପାରିନ ଥିଲା, ପ୍ରଶ୍ନ ହେଲେ ବରଂ କୁହା ଯାଉଥିଲା, ଇତି ଶ୍ରୁତେ, ଏପରି ଶୁଣାଯାଏ ।' ଏପରି ଶୁଣାଶୁଣି କଥାରେ ଏପରି ଏକ ଜଘନ୍ୟ ମତବାଦ ଘୋଷଣା କରିବା ତ ଅନ୍ୟାୟ । ଶାସ୍ତ୍ର ଏବଂ ବିଚାରବାନ୍ ବ୍ୟକ୍ତି ତ କହୁଥିଲେ—

ଉଷନା ବେଦଯଚ୍ଛାସ୍ତ୍ରଂ ଯଚ୍ଚବେଦ ବୃହସ୍ପତିଃ
ସ୍ୱଭାବେନୈବ ତଚ୍ଛାସ୍ତ୍ରଂ ସ୍ତ୍ରୀବୁଦ୍ଧ୍ୟା ପ୍ରତିଷ୍ଠିତମ୍ ।

(ଉଶନା ଯେତେ ଶାସ୍ତ୍ର ଜାଣିଥିଲେ, ବୃହସ୍ପତି ଯେତେ ଶାସ୍ତ୍ର ଜାଣିଥିଲେ, ସେ ସବୁ ଶାସ୍ତ୍ର ସ୍ତ୍ରୀ ବୁଦ୍ଧିଯୋଗେ ପ୍ରତିଷ୍ଠା ଲାଭ କରିଥିଲା ।)

(ଟିକିଏ ମନେ ପକାଇ ଦେଖନ୍ତୁ, ଏ ଉଶନା କିଏ ? ଏ ଉଶନା ସମ୍ବନ୍ଧରେ ଗୀତା କହୁଛନ୍ତି—

"ମୁନୀନାମପ୍ୟହଂ ବ୍ୟାସଃ କବୀନାମୁଶନା କବିଃ ।"

କୁରୁକ୍ଷେତ୍ରର ସମର ପ୍ରାଙ୍ଗଣରେ ଅନାର୍ଯ୍ୟ ଜନୋଚିତ ଭୀରୁତା ପ୍ରକାଶ ପାଇବା ଫଳରେ ଅର୍ଜୁନ ମଧ୍ୟରେ, ଅର୍ଜୁନ ଅସ୍ତ୍ରତ୍ୟାଗ କରିବାରୁ ଭଗବାନ୍ ଶ୍ରୀକୃଷ୍ଣ ତାଙ୍କ ପ୍ରତି, ତାଙ୍କ ବଚନ ପ୍ରତି ଅର୍ଜୁନର ଶ୍ରଦ୍ଧା ଉତ୍ପନ୍ନ କରାଇବାକୁ ଯୁଦ୍ଧ ପାଇଁ ପ୍ରେରଣା ଦେବାକୁ ନିଜର

Digitized by srujanika@gmail.com

ପ୍ରତିଷ୍ଠା ସମ୍ବନ୍ଧରେ କହିବାକୁ ଯାଇ ସେ କହୁଛନ୍ତି ଯେ, ସେ ସାଧାରଣ ବ୍ୟକ୍ତି ନୁହନ୍ତି—ସେ ମୁନିମାନଙ୍କ ମଧ୍ୟରେ ବ୍ୟାସ ପରି ଶ୍ରେଷ୍ଠ, ଆଉ କବିମାନଙ୍କ ମଧ୍ୟରେ ଉଶନା ଅର୍ଥାତ୍ ଶୁକ୍ରାଚାର୍ଯ୍ୟଙ୍କ ପରି ଶ୍ରେଷ୍ଠ । କି ବିଚିତ୍ର କଥା !! ଯେଉଁ ବ୍ୟାସଦେବ ମହାଭାରତ ପରି ବିରାଟ କାବ୍ୟ ଗ୍ରନ୍ଥ ରଚନା କରି ଅଭିମାନରେ 'ସତ୍ଯ ଭାଷୁଛନ୍ତି—'କୃତଂମୟେଦଂ କାବ୍ୟଂ ପରମ ପୂଜିତମ୍', ସେ କବି ନୁହନ୍ତି ?—ଆଉ ଯେ କସ୍ମିନ୍ କାଳେ କୌଣସି କାବ୍ୟ କବିତା ଲେଖି ନାହାନ୍ତି, ସେହି ଶୁକ୍ରାଚାର୍ଯ୍ୟ ପୁଣି କବି ! ଶୁକ୍ରାଚାର୍ଯ୍ୟ ଅସୁରମାନଙ୍କ ଆଚାର୍ଯ୍ୟ—ଗୁରୁ ଅର୍ଥାତ୍ ସେ ରାଜନୀତିଜ୍ଞ, ତାଙ୍କୁ ଭଗବାନ୍ ଶ୍ରୀକୃଷ୍ଣ କବି ବୋଲି କହୁଛନ୍ତି । ଆଉ ବ୍ୟାସଦେବ ଯେ କବି, ତାଙ୍କୁ କେବଳ ସେ ମୁନି ବୋଲି କହୁଛନ୍ତି । ଏଥିରୁ ଏ କଥା ସ୍ପଷ୍ଟ ଯେ, କବି କହିଲେ—କାବ୍ୟ କବିତା ଲେଖିବା ବ୍ୟକ୍ତି ବିଶେଷଙ୍କୁ ବୁଝାଏ ନା—ବିଦ୍ୱାନ୍ ଲୋକଙ୍କୁ ବୁଝାଏ—ଏପରି କି ଈଶ୍ୱରଙ୍କୁ ପର୍ଯ୍ୟନ୍ତ ବୁଝାଏ—'କବିଂ' ପୁରାଣମ୍ ଅନୁଶାସିତାରମ୍—(ଗୀତା)—ଈଶ୍ୱର 'କବିଂ' ଅର୍ଥାତ୍ ସେ ସର୍ବଜ୍ଞ, 'ପୁରାଣମ୍' ଅର୍ଥାତ୍ ସେ ଅନାଦି, 'ଅନୁଶାସିତାରମ୍' ଅର୍ଥାତ୍ ସେ ସର୍ବନିୟନ୍ତା । ଦେବାସୁର ସଂଗ୍ରାମରେ ଏହି ଶୁକ୍ରାଚାର୍ଯ୍ୟଙ୍କ ଅମିତ ବୁଦ୍ଧିବଳ ପାଇଁ ଦେବତାମାନେ ବାରମ୍ବାର ଅସୁରମାନଙ୍କ ଦ୍ୱାରା ପରାଭବ ପାଉଥିଲେ । ଶେଷରେ ଦେବତାମାନେ ବାଧ୍ୟ ହୋଇ ବୃହସ୍ପତିଙ୍କ ପୁତ୍ର କଚଙ୍କୁ ଏ ବୁଦ୍ଧି ଧାର ଆଣିବା ପାଇଁ ଅସୁରଲୋକକୁ ପଠାଇଲେ । ଯେଉଁଠାରେ ବୃହସ୍ପତି ପରି ଜ୍ଞାନୀଲୋକଙ୍କ ପ୍ରତିଷ୍ଠା, ସେଠାରେ ମଧ୍ୟ ପରାଜୟର ପରାଭବ ବହୁଛି । ଆଉ ଏହି ବୃହସ୍ପତିଙ୍କ ପୁଅଙ୍କୁ ଶୁକ୍ରାଚାର୍ଯ୍ୟଙ୍କ ଶିଷ୍ୟତ୍ୱ ପାଇଁ ପଠାଯାଉଛି । ଏପରି ସ୍ଥଳେ ଶୁକ୍ରାଚାର୍ଯ୍ୟଙ୍କ କଥା କହି ଗୀତା ତ ଭୁଲକରି ନାହାନ୍ତି !

Digitized by srujanika@gmail.com

(ଏ ସମ୍ବନ୍ଧରେ ବିଶଦ ଭାବରେ ଜାଣିବାକୁ ଚାହୁଁଲେ, ମୋର 'ପ୍ରେମ ଓ ପରିଜନ' ପୁସ୍ତକ ପଢ଼ି ପାରନ୍ତି ।) …… 'କବି'ର ବ୍ୟାକରଣଗତ ଅର୍ଥ ମଧ୍ୟ ଜ୍ଞାନୀ, ବିଦ୍ୱାନ୍ । 'କବ୍' ଧାତୁରେ 'ଇ' ପ୍ରତ୍ୟୟ ହୋଇ କବି ଶବ୍ଦର ଉତ୍ପତ୍ତି । 'କବ୍' ଧାତୁର ଅର୍ଥ ସ୍ତୁତି କରିବା । କା'ର ସ୍ତୁତି କରିବା ?—ରାଜା ମହାରାଜାଙ୍କର ? ଏମାନେ କଣ ଏ ଶବ୍ଦ ସୃଷ୍ଟି ହେବା ସଙ୍ଗରେ ଥିଲେ ? ଯଦି ଋଗ୍‌ବେଦକୁ ସମଗ୍ର ପୃଥିବୀର ସର୍ବତମ ପ୍ରାଚୀନ ଗ୍ରନ୍ଥ ବୋଲି ଧରାଯାଏ, ସେତେବେଳେ କଣ ଏ ରାଜା ମହାରାଜାମାନେ ଥିଲେ ? କିନ୍ତୁ ଏ ଶବ୍ଦର ତ ବହୁ ସ୍ଥଳରେ ପ୍ରୟୋଗ ଦେଖିବାକୁ ମିଳୁଛି ଋଗ ବେଦରେ । ଅତି ରାଜାମାନଙ୍କର ସମ୍ବନ୍ଧରେ ମହାଭାରତ ସ୍ପଷ୍ଟ ଭାବରେ ସୂଚନା ଦେଉଛନ୍ତି ଯେ, ଏପରି ଏକ କାଳ ଥିଲା, ଯେତେବେଳେ କୌଣସି ରାଜ୍ୟ ନ ଥିଲା—ନ ରାଜା ଥିଲେ ନ ଦଣ୍ଡ । ଦଣ୍ଡ ପାଇବା ପାପୀ ବି ନ ଥିଲା । ପ୍ରଜା ପରସ୍ପରକୁ ଧର୍ମ ଦ୍ୱାରା ରକ୍ଷା କରୁଥିଲେ ।

ନ ବୈ ରାଜ୍ୟଂ ନ ରାଜାସୀତ୍ ନ ଦଣ୍ଡୋ ନ ଚ ଦାଣ୍ଡିକଃ
ଧର୍ମେଣୈବ ପ୍ରଜାଃ ସର୍ବା ରକ୍ଷନ୍ତି ସ୍ମ ପରସ୍ପରମ୍ । (ମହାଭାରତ)

ଅତଏବ 'କବ୍' ଧାତୁର ଅର୍ଥ ଯେତେବେଳେ ସ୍ତୁତି, ସେତେବେଳେ ରାଜା ମହାରାଜାମାନଙ୍କୁ ସ୍ତୁତି କରିବା ଅର୍ଥରେ ତା'ର ସୃଷ୍ଟି ହୋଇ ନାହିଁ—ଯେ ଅନାଦି, ଅନନ୍ତ, ସର୍ବସୃଷ୍ଟିକର୍ତ୍ତା, ସେ ଈଶ୍ୱରଙ୍କୁ ସ୍ତୁତି କରିବା ଉଦ୍ଦେଶ୍ୟରେ ତା' ସୃଷ୍ଟି ହୋଇଛି, କାରଣ ଏପରି ନାନା ପ୍ରାର୍ଥନା ସ୍ତୋତ୍ରରେ ବେଦ ଭରପୁର । ତେବେ ଈଶ୍ୱରଙ୍କୁ ସ୍ତୁତି କରିବା ଅର୍ଥ ଈଶ୍ୱରଙ୍କୁ ଭକ୍ତି କରିବା । ଈଶ୍ୱରଙ୍କୁ ଭକ୍ତି କରିବା ଅର୍ଥ ଈଶ୍ୱରଙ୍କୁ ଜାଣିବା । ତାହାହି

Digitized by srujanika@gmail.com

ସମ୍ବନ୍ଧରେ କିଛି ନ ଜାଣି ତ ଭକ୍ତି ଉଦୟ ହୁଏ ନା । ଅତ ଈଶ୍ୱରଙ୍କୁ ଜାଣିବା ଅର୍ଥ ଈଶ୍ୱରଙ୍କ ସମ୍ବନ୍ଧରେ ଗଭୀର ଚିନ୍ତନ କରିବା, କାରଣ ସେ କୌଣସି ପାର୍ଥିବ ବସ୍ତୁ ବିଶେଷ ନୁହନ୍ତି—ଈଶ୍ୱର ଅତି ସୂକ୍ଷ୍ମ ତତ୍ତ୍ୱ ବିଶେଷ । ତେଣୁ ବିଦ୍ ଅର୍ଥ ଗମ୍ଭୀର ବିଷୟରେ ଜ୍ଞାତ ହେବା, ଫଳତଃ ଜ୍ଞାନୀ ହେବା, ବିଦ୍ୱାନ୍ ହେବା, ତତ୍ତ୍ୱଦର୍ଶୀ ହେବା—କେବଳ କାବ୍ୟ କବିତା ଲେଖିବା ନୁହେଁ । ଏପରି ବିଦ୍ୱାନ୍ ଜ୍ଞାନୀଲୋକମାନେହିଁ କାବ୍ୟ କବିତା ଲେଖୁଥିଲେ । ଏପରି ଯୋଗ୍ୟତା ଏମାନଙ୍କର ଥିଲା ବୋଲି କବି ଅର୍ଥରେ କାବ୍ୟ କବିତା ଲେଖିବା ବ୍ୟକ୍ତି ବିଶେଷଙ୍କ ପାଇଁ ଏ ଶବ୍ଦର ରୂଢ଼ ପ୍ରୟୋଗ ହେବାକୁ ଲାଗିଲା । …… ତା’ ପରେ ବୃହସ୍ପତି । ବର୍ତ୍ତମାନ ସୁଦ୍ଧା ଅତି ବୁଦ୍ଧିମାନ୍ ଲୋକଙ୍କୁ ବୃହସ୍ପତି ପରି ବୁଦ୍ଧିମାନ୍ ବୋଲି ଉପମା ଦିଆଯାଇ ଥାଏ । ଏହିପରି ଯେ ଶୁକ୍ରାଚାର୍ଯ୍ୟ, ଆଉ ଏହିପରି ଯେ ବୃହସ୍ପତି, ଏମାନଙ୍କର ବୁଦ୍ଧି ମଧ୍ୟ ସ୍ତ୍ରୀ ବୁଦ୍ଧି ପାଇଁ ପ୍ରତିଷ୍ଠା ଲାଭ କରିଥିଲା । ଏହିପରି ଯେ ସ୍ତ୍ରୀ ତାଙ୍କୁ ଶୂଦ୍ର ସଙ୍ଗରେ ସମାନ ମନେ କରି ଅଧ୍ୟୟନ ପାଇଁ ଅଧିକାର ନ ଦେବା କଣ ଅନ୍ୟାୟ ନୁହେଁ ? ଆମେ ଏପରି ସ୍ତ୍ରୀଠାରୁ ମଧ୍ୟ ଜ୍ଞାନର ଆଶା କରୁଁ—ତତ୍ତ୍ୱର ଆଶା କରୁଁ । ଏପରି ନାନା ଉଦାହରଣ ଉପନିଷଦରେ, ଅନ୍ୟାନ୍ୟ ଗ୍ରନ୍ଥରେ ରହିଛି । ଉପନିଷଦର ଗାର୍ଗୀ—ଯାଜ୍ଞବଲ୍କ୍ୟ ଉପାଖ୍ୟାନ ଏହାର ଏକ ଉଦାହରଣ ।) ମଙ୍ଗଳ ଯଦି କେବଳ ନଗର ସହରରେ ଅବରୁଦ୍ଧ ନ ହୋଇ ଅରଣ୍ୟ ପର୍ବତରେ ଅବରୁଦ୍ଧ ହୁଅନ୍ତି, ତଥାପି ମଙ୍ଗଳ ଯେ ଗ୍ରହଣୀୟ, ସମ୍ମାନନୀୟ, ଏ କଥା ସର୍ବଦା ସର୍ବତ୍ର ସ୍ମରଣ ରଖିବା ଉଚିତ ।

Digitized by srujanika@gmail.com

(ପ୍ରାଚୀନ ଭାରତରେ ମଙ୍ଗଳ କେବଳ ଅରଣ୍ୟରେହିଁ ଅନୁଷ୍ଠିତ ହେଉଥିଲେ । ଏ ଦେଶ ଥିଲା ଅରଣ୍ୟର ସଭ୍ୟତାର ଦେଶ । ଅରଣ୍ୟର ନିର୍ମଳ ନିର୍ଜନ ବାତାବରଣ ମଧ୍ୟରେ ପ୍ରଜ୍ଞା ପ୍ରତିଷ୍ଠିତ ହୋଇଥିଲା । ଯେ ପ୍ରଜ୍ଞା ସଙ୍ଗରେ କୌଣସି କଳୁଷ ଜଡ଼ିତ ହୋଇ ପାରୁ ନ ଥିଲା—ପ୍ରଜ୍ଞା ଥିଲା କେବଳ ପ୍ରଜ୍ଞା ପାଇଁ—ଅର୍ଥଲୋଲୁପତା ପାଇଁ ନୁହେଁ । ବୃହଦାରଣ୍ୟକୋପନିଷଦ ଗୋଟାଏ ଉପନିଷଦ ଅର୍ଥାତ୍ ଏହା ଗୋଟାଏ ଆଧ୍ୟାତ୍ମିକ ଗ୍ରନ୍ଥ । ଏ ଉପନିଷଦର ନାମକରଣରୁ ଏହାର ଜନ୍ମସ୍ଥାନ ସହଜରେ ଲକ୍ଷ୍ୟ କରି ହେବ । 'ଉପ' ଉପସର୍ଗ 'ନି' ଉପସର୍ଗ ସଦ୍ ଧାତୁରେ କ୍ୱିପ୍ ପ୍ରତ୍ୟୟ ହୋଇ ଉପନିଷଦ ଶବ୍ଦର ସୃଷ୍ଟି । ସଦ୍ ଧାତୁର ଅର୍ଥ—(୧) ବିଶରଣ—ଯା'ର ଅର୍ଥ ହତ୍ୟା କରିବା, ଦୁଃଖୋତ୍ପାଦକ ବାସନାଗୁଡ଼ିକର ନାଶ ବିଶରଣ । ହତ୍ୟା ଗୋଟାଏ ହିଂସାତ୍ମକ ପ୍ରବୃତ୍ତି । କିନ୍ତୁ ଏଠାରେ ଏପରି ମହତ୍ ଉଦ୍ଦେଶ୍ୟରେ ହିଂସାର ଅର୍ଥ ଲକ୍ଷ୍ୟ କରିବାର ବିଷୟ । ବିଶରଣ ଅର୍ଥ ଏହିପରି ହିଂସା—ନିରୀହ ପ୍ରାଣୀହତ୍ୟା ନୁହେଁ—ନିରପରାଧକୁ ଦଣ୍ଡ ଦେବା ନୁହେଁ । ୨—ଗତି, ଯା'ର ଅର୍ଥ ଦୁଃଖୋତ୍ପାଦକ ବାସନାଗୁଡ଼ିକର ନାଶ ହେବା ଫଳରେ ବ୍ରହ୍ମ ପର୍ଯ୍ୟନ୍ତ ପହୁଞ୍ଚିବା । (ଏହାର ଅନ୍ୟର ଅନେକ ଅର୍ଥ ଅଛି । ଯଥା—ଅବସ୍ଥା, ବେଶ, ପ୍ରବେଶ ଅନ୍ତିମ ଉପାୟ, ପ୍ରଯତ୍ନ, ସୀମା, ଅବଲମ୍ବନ, ଲୀଳା, ମାୟା ଓ ମୁକ୍ତି ।) ୩—ଅବସାଦନ, ଯା'ର ଅର୍ଥ ନାଶ, କ୍ଷୟ, ଧ୍ୱଂସ, ବିରକ୍ତ, ହେବା (ନିସ୍ପୃହ ହେବା, ଆସକ୍ତିର ବିପରୀତ ବିରକ୍ତି) ଦୀନ ହେବା ଅର୍ଥାତ୍ ଦରିଦ୍ର ହେବା (ଏ ଦରିଦ୍ର ହେବା ଅର୍ଥ ଦୁଃଖୋତ୍ପାଦକ ବାସନାକୁ ହରାଇ ଦରିଦ୍ର ହେବା) । ଦ୍ୱାଦଶ ଉପନିଷଦ କେବଳ ମାନନୀୟ ବୋଲି ଅଗ୍ରଣୀମାନେ କହନ୍ତି । ଅନ୍ୟର

Digitized by srujanika@gmail.com

ଅନେକ ଉପନିଷଦ ଅଛି, ୧୦୮ ପର୍ଯ୍ୟନ୍ତ । ସେ ଗୁଡ଼ିକ ଅଧ୍ୟାଧୁନିକ, ଏହା ବିଦ୍ୱାନମାନଙ୍କ ମତ । କାରଣ ଏଥିରେ ପ୍ରାଚୀନତାର ଅଭାବ ସୁସ୍ପଷ୍ଟ—ପୌରାଣିକ ନାନା ବିକୃତ ଚିନ୍ତା ଆସରରେ ଏ ଗୁଡ଼ିକ ଓତଃପ୍ରୋତ । ଏମାନଙ୍କ ମଧ୍ୟରେ ଅନେକଙ୍କ ନାମ ଗଣେଶ-ଉପନିଷଦ, କୃଷ୍ଣୋପନିଷଦ ଅଦ ୮୦ କିନ୍ତୁ ଗଣେଶଙ୍କ ଆଗରୁ, କୃଷ୍ଣଙ୍କର ଆଗରୁ ଉପନିଷଦର (ବେଦାନ୍ତ ଦର୍ଶନର) ସୃଷ୍ଟି । ଉପନିଷଦର ବ୍ୟାଖ୍ୟା ହେଉଛି, 'ବେଦାନ୍ତୋ ନାମ ଉପନିଷଦ ।' ଅର୍ଥାତ୍ ଉପନିଷଦହିଁ ବେଦାନ୍ତର ଅନ୍ୟ ନାମ । ବେଦାନ୍ତ ଅର୍ଥ ବେଦର ଅନ୍ତ, ଜ୍ଞାନର ଅନ୍ତ ଅର୍ଥାତ୍ ପରମମଙ୍ଗଳ ଆଧ୍ୟାତ୍ମିକ ଜ୍ଞାନ, ବେଦର ଦାର୍ଶନିକ ଜ୍ଞାନ, ଆଧ୍ୟାତ୍ମିକ ଜ୍ଞାନକୁ କୁହାଯାଏ ବେଦାନ୍ତ । ଷଡ଼୍-ଦର୍ଶନ ମଧ୍ୟରେ ବ୍ୟାସକୃତ ବେଦାନ୍ତ ମଧ୍ୟ ଗୋଟିଏ ଦର୍ଶନ ଗ୍ରନ୍ଥ । ଏହାକୁ ବେଦାନ୍ତ ଏଥିପାଇଁ କୁହାଯାଏ ଯେ ବାଦରାୟଣ-କୃତ ଏହି ବ୍ରହ୍ମସୂତ୍ର ଉପନିଷଦ ଜ୍ଞାନର ନିକଟବର୍ତ୍ତୀ । ତେଣୁ ବେଦାନ୍ତ ଅର୍ଥ ଦର୍ଶନ, ଆଉ ବେଦାନ୍ତୀ ଅର୍ଥ ଦାର୍ଶନିକ । ବେଦାନ୍ତୀର ଅର୍ଥ ବ୍ୟାସକୃତ ବେଦାନ୍ତ-ଦର୍ଶନର କେବଳ ପାଠକ ବା ଅନୁଗାମୀଙ୍କୁ ବୁଝାଏ ନା । ସ୍ତର ଦୃଷ୍ଟିରୁ ଉପନିଷଦ ବେଦର ଅନ୍ତ ବା ଚରମ ବା ଶେଷଭାଗ ହୋଇଥିବାରୁ ଉପନିଷଦକୁ ବେଦାନ୍ତ କୁହାଯାଏ, ଯଥା—ପ୍ରଥମରେ ସଂହିତା, ଦ୍ୱିତୀୟରେ ବ୍ରାହ୍ମଣ, ତୃତୀୟରେ ଆରଣ୍ୟକ, ଚତୁର୍ଥରେ ଅର୍ଥାତ୍ ଅନ୍ତରେ ଉପନିଷଦ । ସଂହିତା ବେଦର ମନ୍ତ୍ରଭାଗ, ବ୍ରାହ୍ମଣ ବେଦରେ ଯଜ୍ଞର ବ୍ୟାଖ୍ୟା, ଆରଣ୍ୟକ, ଯଜ୍ଞ ସମ୍ବନ୍ଧରେ ରୂପ କଳ୍ପନା, ଆଉ ଉପନିଷଦ ଚରମ ବ୍ରହ୍ମଜ୍ଞାନର ଉପଦେଶ ।)

(ଏହି ଦ୍ୱାଦଶ ଉପନିଷଦ ମଧ୍ୟରୁ ଗୋଟିଏର ନାମ 'ଆରଣ୍ୟକ ଯେ ଏହାର ନାମ ଆରଣ୍ୟକ ଏଥିପାଇଁ 'ଅରଣ୍ୟେ

Digitized by srujanika@gmail.com

ଅନୁଚ୍ୟମାନତ୍ୱାତ୍ ଅରଣ୍ୟକମ୍', ଏହାର ପଠନ ପାଠନ ଅରଣ୍ୟରେ ହେଉଥିଲା ବୋଲି ଏହାର ନାମ ଆରଣ୍ୟକ । ଅନ୍ୟାନ୍ୟ ଉପନିଷଦ୍ର ପଠନ ପାଠନ ବି ଅରଣ୍ୟରେ ହେଉଥିଲା । କିନ୍ତୁ ଅନ୍ୟାନ୍ୟ ଉପନିଷଦ୍ର ନାମ ଅନ୍ୟ ଭାବରେ ହୋଇ ଯାଇଛି ବୋଲି ଏ ଉପନିଷଦର ନାମ ଆରଣ୍ୟକ ହେଲା । ଏହା ତ ଦୋଷାବହ ନୁହେଁ । ଏ ଉପନିଷଦ୍ ଅନ୍ୟାନ୍ୟ ଉପନିଷଦ ଅପେକ୍ଷା ଆକାରରେ ଅପେକ୍ଷାକୃତ ବୃହତ୍ ବୋଲି ଏ 'ବୃହତ୍' ବିଶେଷଣ ଦ୍ୱାରା ଯୁକ୍ତ । ଆଉ ଏ ଏକ ଆଧ୍ୟାତ୍ମିକ ଗ୍ରନ୍ଥ ବୋଲି ଏହାର ନାମ ଉପନିଷଦ । ଫଳତଃ ଏ ଗ୍ରନ୍ଥ ବୃହଦାରଣ୍ୟକୋପନିଷଦ ନାମରେ ଖ୍ୟାତ । ତେଣୁ ମଙ୍ଗଳର କ୍ଷେତ୍ର ମଧ୍ୟ ଅରଣ୍ୟ) ମଙ୍ଗଳ ଯଦି କେବଳ ନିଜ ଦେଶର ନୁହେଁ, ପର ଦେଶରେ ମଧ୍ୟ ବିରାଜମାନ ହୁଅନ୍ତି, ତାଙ୍କୁ ଭକ୍ତି ସହକାରେ, ନମ୍ରହୋଇ, ଉଦାର ଚିତ୍ତରେ ଗ୍ରହଣ କରିବା ଉଚିତ । ଅଧ୍ୟାତ୍ମିକତାର କ୍ରୀଡ଼ାଭୂମି ପୁଣ୍ୟ ଭାରତବର୍ଷର ତ୍ରିକାଳ-ଦର୍ଶୀ ପ୍ରାଚୀନ ଋଷିଗଣଙ୍କର ଏ ଭବ୍ୟ ବିଚାରଧାରା ସେତେବେଳେ ସମଗ୍ର ବିଶ୍ୱକୁ ସଞ୍ଜୀବିତ କରିଥିଲା—ସମଗ୍ର ଜଗତକୁ ଉଦାର ହେବା ପାଇଁ ଅନୁପ୍ରାଣିତ କରିଥିଲା । ଋଷି ଏଥିପାଇଁ ସେତେବେଳେ, ଈଶ୍ୱରଙ୍କଠାରେ ଏ ପ୍ରାର୍ଥନା କରିଥିଲେ ଯା' ଆଜି ବି ସେହି ଭାରତବର୍ଷ କରୁଛି ଯେ, 'ହେ ଈଶ ! ମନୁଷ୍ୟକୁ ଏ ଉଦାରତା ଏ ଯୋଗ୍ୟତା, ଏ ଚରିତ୍ରବତ୍ତା, ଏ ଆତ୍ମିକ ବଳ ଦିଅ ଯେପରିକି ସେ ମଙ୍ଗଳକୁ, ସେ ଯେ କୌଣସି କ୍ଷେତ୍ରରୁ ଆସିଲେ ମଧ୍ୟ, କ୍ଷେତ୍ର ବିଚାର ନ କରି, କେବଳ ମଙ୍ଗଳ ପ୍ରତି ଦୃଷ୍ଟି ଦେଇ, ସେ ତାଙ୍କୁ ନିଃସଙ୍କୋଚ ମନରେ, ଅକୁଣ୍ଠିତ ଚିତ୍ତରେ, ପବିତ୍ର ମନରେ, ଗ୍ରହଣ କରିବାକୁ ସମର୍ଥ ହୋଇ ପାରିବ । ଫଳତଃ ସମଗ୍ର ବିଶ୍ୱର ଧର୍ମ

Digitized by srujanika@gmail.com

ବ୍ୟାପକ ହୋଇ ପାରିବ; ଯେ ସଂକୀର୍ଣ୍ଣତା, ହେତୁରୁ, ଯେ ଅନୁଦାରତା ହେତୁରୁ, ଯେ ବିଶ୍ୱର ଶକ୍ତିହୀନତା ହେତୁରୁ ମନୁଷ୍ୟ ମନୁଷ୍ୟ ମଧ୍ୟରେ, ଜାତି ଜାତି ମଧ୍ୟରେ, ବର୍ଗବର୍ଗ ମାନଙ୍କ, ଦେଶ ଦେଶ ମଧ୍ୟରେ, ବର୍ଣ୍ଣ ବର୍ଣ୍ଣ ମଧ୍ୟରେ ଅନନ୍ତ ଅମଙ୍ଗଳର ଜଡ ବିଷମତା ରହୁଛି, ଈର୍ଷାଦ୍ୱେଷ ରହିଛି, ହତ୍ୟାବିଭୀଷିକା ପର୍ଯ୍ୟନ୍ତ ରହିଛି, ତା ଦୂର ହୋଇଯିବ । ସେଥିପାଇଁ ଋଷି ବାରମ୍ବାର କହୁଁଛନ୍ତି—

ଆ ନୋ ଭଦ୍ରାଃ କ୍ରତବୋ ଯନ୍ତୁ
ବିଶ୍ୱତୋଽଦବ୍ଧାସୋ ଅପରୀତାସ ଉଦ୍‌ଭିଦଃ ।
ଦେବା ନୋ ଯଥା ସଦାମିଦ୍‌ବୃଧେ
ଅସନ୍ନପ୍ରାୟୁବୋ ରକ୍ଷିତାରୋ ଦିବେଦିବେ ।—ଯଜୁର୍ବେଦ ।

(ନଃ) ଆମ ସମସ୍ତଙ୍କ (ବିଶ୍ୱତଃ) ସମଗ୍ର ବିଶ୍ୱରୁ (ଅଦବ୍ଧାସଃ) ଅବିନାଶୀ ଅର୍ଥାତ୍ ଯା' ଅନ୍ୟ ଦ୍ୱାରା ନଷ୍ଟ ବା ବିକୃତ ହୋଇ ନ ପାରେ (ଅପରୀତାସଃ) ଯା' ସର୍ବଶ୍ରେଷ୍ଠ (ଉଦ୍‌ଭିଦଃ) ଯା' ସମସ୍ତ ଦୁଃଖ ବିନାଶର କାରଣ, ସେ (ଭଦ୍ରାଃ) ମଙ୍ଗଳ (ଆ, ଯନ୍ତୁ) ପ୍ରାପ୍ତ ହେଉ । (ନଃ) ଆମ ସମସ୍ତଙ୍କ (ସଦମ୍) ସେହି ସର୍ବରେ ଉପସ୍ଥିତ (ଅପ୍ରାୟୁବଃ) ଯା'ର ଅବସ୍ଥା ନଷ୍ଟ ହୋଇ ନାହିଁ ଅର୍ଥାତ୍ ଯେ ବୁଦ୍ଧିରେ ବଳରେ ତେଜସ୍ୱୀ (ଦେବାଃ) ଏପରି ବିଦ୍ୱାନ ପୁରୁଷ (ଦିବେଦିବେ) ପ୍ରତିଦିନ (ବୃଧେ) ଆମର ଜ୍ଞାନର ବୃଦ୍ଧି ପାଇଁ (ରକ୍ଷିତାରଃ) ଆମର ରକ୍ଷାକର୍ତ୍ତା ଭାବରେ (ଅସନ୍) ପ୍ରାପ୍ତ ହେଉ । ଅର୍ଥାତ୍ ମଙ୍ଗଳକାରକ ଦୁଃଖନିବାରକ ସମସ୍ତ ପ୍ରକାର ଜ୍ଞାନବିଜ୍ଞାନ ମନୁଷ୍ୟ ସମଗ୍ର ବିଶ୍ୱର ବିଦ୍ୱାନମାନଙ୍କଠାରୁ ପ୍ରାପ୍ତ ହେବାରେ ଯତ୍ନଶୀଳ ହେଉ । ଫଳତଃ ଆପଣା ଆପଣା ମଧ୍ୟରେ ଯେ ଅନ୍ଧ ଦୃଷ୍ଟାମଣା ରହୁଛି, ଅସୂୟା ରହୁଛି, ଯେ କୁସଂସ୍କାର ରହୁଛି, ଯେ

Digitized by srujanika@gmail.com

ବିଶ୍ୱରସ୍ଥାନତା ରହୁଛି, ତା' ଦୂର ହୋଇ ଯିବ; ଅଉ ଯେ ଯଥାର୍ଥ ଧର୍ମ ଦୁଃଖର ନାଶର କାରଣ, ଯେ ମଙ୍ଗଳ ଆନନ୍ଦର କାରଣ, ଯେ ଚିନ୍ତା ଶାନ୍ତିର କାରଣ, ତାର ସର୍ବଜ ବିସ୍ତଜଣ୍ଠାନତା ସ୍ୱତଃ ସ୍ପଷ୍ଟ ହୋଇ ଉଠିବ । ଏହିପରି ଉଦାର ବିଶ୍ୱରର ଧାରା ପୃଥିବୀର ତଥାକଥିତ କୌଣସି ଧର୍ମରେ ଅଛି ? ଏଥିପାଇଁ ସେସବୁ ଧର୍ମ ନୁହେଁ—ସେ ସବୁ ସମ୍ପ୍ରଦାୟ—ସେ ସବୁ ବ୍ୟକ୍ତି ବିଶେଷର ମତବାଦ !

ମଙ୍ଗଳ ଆମ ପାଖକୁ କେଉଁ ଆକାର ପ୍ରକାରରେ ଆସିବ ?—ଧନସମ୍ପତ୍ତି ଆକାରରେ ?—ଭୋଗ ସାମଗ୍ରୀ ରୂପରେ ? ତେବେ ତ ଦେଶ ଦେଶ ମଧ୍ୟରେ, ଜାତି ଜାତି ମଧ୍ୟରେ, ମନୁଷ୍ୟ ମନୁଷ୍ୟ ମଧ୍ୟରେ, ଏପରିକି ସ୍ତ୍ରୀ ପୁରୁଷ ମଧ୍ୟରେ ବାଣିଜ୍ୟଜନିତ ବ୍ୟବସାୟାତ୍ମକ ଆଦାନପ୍ରଦାନର ସମ୍ବନ୍ଧ ସ୍ଥାପିତ ହେବ । ଏ ସମ୍ବନ୍ଧ ତ ଆଧ୍ୟାତ୍ମିକତାର ସମ୍ବନ୍ଧ, ମଙ୍ଗଳର ସମ୍ବନ୍ଧ ହୋଇ ପାରେ ନା । ଏ ସମ୍ବନ୍ଧ ସ୍ୱାର୍ଥର ସମ୍ବନ୍ଧ; ଫଳତଃ ଅମଙ୍ଗଳର ସମ୍ବନ୍ଧ ହେବ । ଏପରି ସମ୍ବନ୍ଧ ସ୍ଥାପିତ ହେବା ଫଳରେ ମନୁଷ୍ୟ ମନରେ କୌଣସି କାରଣବଶତଃ ଲୋଭଜନିତ କୁପ୍ରବୃତ୍ତି ଜାଗ୍ରତ ହେଲେ, ତା' ତ ସୁଖର କାରଣ ହୋଇ ପାରେ ନା । ଯେଉଁଠାରେ କୌଣସି ପ୍ରକାରର ସ୍ୱାର୍ଥର ସ୍ଥାନ ନାହିଁ ଅର୍ଥାତ୍ ଆଧ୍ୟାତ୍ମିକତାକୁ, ମଙ୍ଗଳକୁ ସ୍ଥାନ ଦେବା ପାଇଁ ଯେଉଁଠାରେ କ୍ଷେତ୍ର ଶୂନ୍ୟ ରହିଛି, ସେହିଠାରେହିଁ ଆନନ୍ଦର ଉପଲବ୍ଧି ପାଇଁ କ୍ଷେତ୍ର ପ୍ରସ୍ତୁତ ।

ଆଧ୍ୟାତ୍ମିକତାର ସାଧନ ଚିନ୍ତା—ଉତ୍ତମ ବିଶ୍ୱର । ଚିନ୍ତା, ଉତ୍ତମ ବିଶ୍ୱର କୌଣସି ସ୍ୱାର୍ଥ ନୁହେଁ ବୋଲି ତା' ଆଧ୍ୟାତ୍ମିକତାର ମୂଳ ଉତ୍ସ । ଏଥିପାଇଁ ତ ଆମର ଧର୍ମଗ୍ରନ୍ଥର ନାମ ବେଦ, ଜ୍ଞାନ ।

Digitized by srujanika@gmail.com

ଙ୍କାନ କୌଣସି ସ୍ୱାର୍ଥ ନୁହେ, ଏକଦେଶୀ ନୁହେ ବୋଲି ସେ ଧର୍ମ, ସେ ଅନ୍ୟ କୌଣସି ମତବାଦର ବିରୋଧ କରେ ନା ଯେ ପର୍ଯ୍ୟନ୍ତ ତା' ପ୍ରାଣୀର ଦୁଃଖର କାରଣ ନ ହୋଇଛି । ଅର୍ଥାତ୍ ଏହାହିଁ କାରଣ ଯେ, ଯେ ଈଶ୍ୱର ପରମ ମଙ୍ଗଳମୟ, ତାଙ୍କୁ କୌଣସି ପାର୍ଥିବ ଭୋଗ୍ୟବସ୍ତୁର ମାଧ୍ୟମରେ ପୂଜା କରିବା ବିଧି ବେଦନିଷିଦ୍ଧ । ମଙ୍ଗଳର ମୂଳ ଈଶ୍ୱରଙ୍କର ପୂଜାଅର୍ଚ୍ଚନାର ଏକ ମାତ୍ର ସାଧନ ଚିନ୍ତା, ଉତ୍ତମ ଚିନ୍ତର । ଏଥିପାଇଁ ନିଶ୍ଚଳ ମନରେ, ଶାନ୍ତଭାବରେ ବସି ଈଶ୍ୱରଙ୍କର ମନନ ଚିନ୍ତନ ଧ୍ୟାନର ବିଧି ବେଦାନୁକୂଳ—ଅତ ଏଥିପାଇଁ ହିଁ ସମଗ୍ର ବେଦ ମନ୍ତ୍ରମୟ ଅର୍ଥାତ୍ ଭାବର ଚିନ୍ତାପୂର୍ଣ୍ଣ ପ୍ରାର୍ଥନାସ୍ତୋତ୍ରରେ ପରିପୂର୍ଣ୍ଣ । ('ମନ୍' ଧାତୁରୁ ମନ, ମନନ, ମନ୍ତ୍ର, ମନୁଷ୍ୟ ଆଦି ଶବ୍ଦର ସୃଷ୍ଟି ଯା'ର ଅର୍ଥ ଚିନ୍ତା) । ତେଣୁ ମଙ୍ଗଳ ଆମମାନଙ୍କ ସମ୍ମୁଖରେ ଅବତୀର୍ଣ୍ଣ ହେବ ଚିନ୍ତା ରୂପରେ ମୂର୍ତ୍ତିମନ୍ତ ହୋଇ ।

ଏ ଚିନ୍ତା ପଦାର୍ଥଟା କଣ ? ଗମ୍ଭୀର ବିଚାର । ଏ ଗମ୍ଭୀର ବିଚାରକୁ ଅନେକେ କହନ୍ତି, 'ଫିଲସଫି' । ସଂସ୍କୃତ 'ଦର୍ଶନ' ଶବ୍ଦ ଏବଂ ଇଂରେଜୀ ଫିଲସଫି ଶବ୍ଦର ପ୍ରତିଶବ୍ଦ ବୋଲି ଅନେକଙ୍କର ମତ ତଥା ଧାରଣା । କିନ୍ତୁ ସମଗ୍ରଭାବରେ 'ଦର୍ଶନ' ଶବ୍ଦର ଅର୍ଥ ତ ଗମ୍ଭୀର ବିଚାର ନୁହେ । କୌଣସି ବିଶିଷ୍ଟ ନିର୍ଦ୍ଦିଷ୍ଟ ବିଷୟରେ ଗମ୍ଭୀର ବିଚାର ଦର୍ଶନ । ଯେ ପ୍ରାଚୀନ ଭାରତର ମନୀଷୀଗଣ ବାୟୁ ପରି ଏକ ଅତି ସୂକ୍ଷ୍ମ ବସ୍ତୁକୁ ଊନପଞ୍ଚାଶ ଭାଗରେ ବିଭକ୍ତ କରି ଥାଆନ୍ତି, ସେମାନେ ଗମ୍ଭୀର ବିଚାର ଭଳି ଗୋଟାଏ ସୂକ୍ଷ୍ମ ମାନସିକ ଚେତନାକୁ ବି ଯେ-ଭାଗ କରିବାରେ ଦକ୍ଷ ହୋଇ ପାରିବେ, ଏ କଥାକୁ ତ ଅବିଶ୍ୱାସ କରି ହେବ ନାହିଁ । ତେଣୁ ବ୍ୟାକରଣ ଏପରିଭାବରେ

Digitized by srujanika@gmail.com

ବ୍ୟାଖ୍ୟା କରନ୍ତି ଦର୍ଶନର—'ଦୃଶ୍ୟତେ ଅନେନ ଇତି ଦର୍ଶନମ୍'; ଯାହା ଦ୍ୱାରା ଦେଖାଯାଏ ଅର୍ଥାତ୍ ବସ୍ତୁର ସତ୍ୟଭୂତ ତାତ୍ତ୍ୱିକ ସ୍ୱରୂପ ଜାଣିହୁଏ, ତା ଦର୍ଶନ। ପାର୍ଥିବ ବସ୍ତୁକୁ ସ୍ଥୂଳ ଚକ୍ଷୁରେ ଦେଖିବାକୁ ଦର୍ଶନ କୁହାଯାଏ ତା ଶାସ୍ତ୍ରୀୟ ଭାଷାରେ—ପ୍ରଚଳିତ ଭାଷାରେ ହୁଏ ତ କୁହାଯାଇ ପାରେ। କୌଣସି ପାର୍ଥିବ ବସ୍ତୁକୁ ସ୍ଥୂଳ ଚକ୍ଷୁରେ ଦେଖି, ଗମ୍ଭୀର ଚିନ୍ତାର ଦ୍ୱାରା କୌଣସି ଲୌକିକ ସିଦ୍ଧାନ୍ତ ଅବସ୍ଥାନ୍ତ କରିବା ବି ଦର୍ଶନ ନୁହେଁ—ତା' 'ବିଜ୍ଞାନ' ହୋଇପାରେ। ଦର୍ଶନର ପ୍ରତିପାଦ୍ୟ ବିଷୟ ଚାରି—୧। ହେୟ—ଦୁଃଖର ବାସ୍ତବିକ ସ୍ୱରୂପ କଣ, ଯା' ହେୟ ଅର୍ଥାତ୍ ତ୍ୟାଜ୍ୟ। ୨। ହେୟ ହେତୁ—ଦୁଃଖର କାରଣ କଣ।

୩। ହାନି ଦୁଃଖର ଅଭାବ କିପରି ହୁଏ। ଅର୍ଥାତ୍ 'ହାନ' କହିଲେ ଅବସ୍ଥାର ନାମ। ୪। ହାନୋପାୟ—ଦୁଃଖନିବୃତ୍ତିର ସାଧନ କଣ। (ପାତଞ୍ଜଳ ଯୋଗ ପ୍ରଦୀପ) ଏ ସମ୍ବନ୍ଧରେ ଗମ୍ଭୀର ଚିନ୍ତା ଯେଉଁ ବିଷୟର ଅଙ୍ଗ, ତା ଦର୍ଶନ। ତେଣୁ ଆମେ ଦର୍ଶନକୁ ଫିଲସଫୀର ପ୍ରତି ଶବ୍ଦ ବୋଲି ଅସ୍ୱୀକାର କରିବାକୁ ବାଧ୍ୟ, ଯେହେତୁ ଫିଲସଫୀର ଅର୍ଥ **Pondering over anything** ହୁଏ। (ଲେଖକ ଜଣେ ଦର୍ଶନ-ଅଧ୍ୟାପକଙ୍କ ସଙ୍ଗରେ ଆଲୋଚନା କରିବାବେଳେ ସେ ଫିଲସଫୀ ଶବ୍ଦର ଏହି ବ୍ୟାଖ୍ୟା କରିଥିଲେ ଅଣ ଫିଲସଫୀର ପ୍ରତିଶବ୍ଦ ସଂସ୍କୃତରେ ଯେ ଦର୍ଶନ ଏ କଥା ମଧ୍ୟ ସେ କହିଥିଲେ)। ଦୁଃଖ କୌଣସି ସ୍ଥୂଳବସ୍ତୁ ବିଶେଷ ନୁହେଁ; ତା' ଗୁଣ—ଅଦୃଶ୍ୟମାନ ତଥା ବିଶେଷ। ଅତଏବ ତା' ଅପ୍ରତ୍ୟକ୍ଷ। ଅପ୍ରତ୍ୟକ୍ଷ ବସ୍ତୁ ବିଶେଷ ସମ୍ବନ୍ଧରେ ଗମ୍ଭୀର ଚିନ୍ତାର ଦର୍ଶନ। ଏହି ଅପ୍ରତ୍ୟକ୍ଷ ବସ୍ତୁ ସମ୍ବନ୍ଧରେ ଜାଣିବାକୁ, ଆଲୋଚନା

Digitized by srujanika@gmail.com

କରିବାକୁ ଯେଉଁମାନେ ବିଶେଷ ଅଗ୍ରହୀ ତାଙ୍କୁ ଦେବତା ବୋଲି ଶାସ୍ତ୍ର କହନ୍ତି ।

ପରୋକ୍ଷପ୍ରିୟାହି ଦେବାଃ ପ୍ରତ୍ୟକ୍ଷ ଦ୍ୱିଷଃ ।

ପ୍ରତ୍ୟକ୍ଷ ପଦାର୍ଥ ପ୍ରତି ଯା'ର ଶ୍ରଦ୍ଧା ନାହିଁ—ଅର୍ଥାତ୍ ସଂସାରର ପାର୍ଥିବତା ପ୍ରତି ଯେଉଁମାନେ ବୀତଶ୍ରଦ୍ଧ ଅଥଚ ପରୋକ୍ଷ ପଦାର୍ଥ ପ୍ରତି ଯେଉଁମାନଙ୍କର ମନରେ ପ୍ରିୟଭାବ ରହିଛି ସେହିମାନେ ଦୈବତା ପଦବାଚ୍ୟ ଅର୍ଥାତ୍ ଯେ ଦାର୍ଶନିକ ସେ ଦେବତା । ଏ ଦେଶରେ ଦାର୍ଶନିକ ଛଡ଼ା ଅନ୍ୟ କୌଣସି ବିଦ୍ୱାନଙ୍କ ସମ୍ମାନ ନାହିଁ ଦାର୍ଶନିକ ପରି । ଆଧୁନିକ ବଣିକ ସଭ୍ୟତାର ଯୁଗରେ ଏ ଚଳନର ବ୍ୟତିକ୍ରମ ଘଟିପାରେ ।

ଦର୍ଶନ ସମ୍ବନ୍ଧରେ ଅଲୋଚନା କରିବାକୁ ଯାଇ ଅଗ୍ନିହୋତ୍ରୀ ବୈଦ୍ୟନାଥ ଶାସ୍ତ୍ରୀ କହନ୍ତି—दृश्य आर अदृश्यके बीच के सम्बन्धं का अध्ययन दर्शन है, और उसका उद्देश्य दृश्य से अदृश्य और अदृश्य से दृश्य का बिशलेषण तथा संश्लेषण है । जो दृश्यमान हमारि सामने है, उसका मुल भी कुछ है या नहीं । यदि है तो उस मूल से यह जगत अस्तित्व मे कैसे आया, यह बिषय दर्शन का क्षेत्र है ।

ମୂଳ ସୂକ୍ଷ୍ମ ଭେଦରେ, ଦୃଶ୍ୟ ଅଦୃଶ୍ୟମାନ ଭେଦରେ, ଇହଲୋକ ପରଲୋକଙ୍କ ଭେଦରେ, ଅଧ୍ୟାତ୍ମିକ, ଅଧିଭୌତିକ ଭେଦରେ ଦ୍ୱିବିଧ ଜଗତର ଅସ୍ତିତ୍ୱ ରହିଛି । ଏଥିପାଇଁ କୌଣସି ପ୍ରତ୍ୟକ୍ଷ ପ୍ରମାଣ ପ୍ରତ୍ୟକ୍ଷରେ ନାହିଁ । କିନ୍ତୁ ଚିନ୍ତା ଦ୍ୱାରା ଏ କଥା ବୁଝି ହୁଏ । ଯେ ଜଗତରେ ସମସ୍ତ ପ୍ରକାର ଶକ୍ତିର ବିଦ୍ୟମାନତା ରହିଛି, ତା ସୂକ୍ଷ୍ମ ଜଗତ । ଅର୍ଥ ଶକ୍ତି, ସୂକ୍ଷ୍ମ ଗୁଣ ବିଶେଷ । ଅତଏବ ଏ ଅପ୍ରତ୍ୟକ୍ଷ ହୋଇ ରହିବା ସ୍ୱାଭାବିକ । ଅର୍ଥ ଏହାର

Digitized by srujanika@gmail.com

ଅନୁଷ୍ଠାନ ପାଇଁ ଏକ ଅପ୍ରତ୍ୟକ୍ଷ କ୍ଷେତ୍ରର ଆବଶ୍ୟକତା ମଧ୍ୟ ସ୍ୱାଭାବିକ । ପୁଣି ଏ ଶକ୍ତି ଆତ୍ମପ୍ରକାଶ କରିବାକୁ ଯେ ସ୍ଥୂଳ ପଦାର୍ଥର (ଅଭିବ୍ୟକ୍ତ) ଆଶ୍ରୟ ନିଏ, ତା ସ୍ଥୂଳ ଜଗତ । ସେ ହେଲା ଏ ସ୍ଥୂଳ ପୃଥିବୀ । ସୂକ୍ଷ୍ମ ଜଗତରେ ସମସ୍ତ ପ୍ରକାର ଶକ୍ତିର ଉତ୍ସ ପରମାତ୍ମା ଅଛନ୍ତି, ଆତ୍ମା ଅଛି । ସ୍ଥୂଳ ଜଗତରେ ପରମାତ୍ମାଙ୍କର ଶକ୍ତିର ରୂପ ସ୍ଥୂଳ ପ୍ରକୃତି (ପଞ୍ଚ ମହାଭୂତ) ରହିଛି । ତଥା ଆତ୍ମାର ସ୍ଥୂଳରୂପ ନାନାଦି ପ୍ରାଣୀ ରହିଛନ୍ତି । ତେବେ, ବାସ୍ତବରେ ଏପରି ଦୃଶ୍ୟମାନ ଜଗତର ଅନ୍ତରାଳରେ କୌଣସି ଅପରିଦୃଶ୍ୟମାନ ଜଗତ ରହିଛି କି ନା, ଅଛି ଏ ଅଦୃଶ୍ୟମାନ ଜଗତକୁ ତଥା ଦୃଶ୍ୟମାନ ଜଗତକୁ କୌଣସି ବିଶିଷ୍ଟ ଶକ୍ତି ପରିଚାଳିତ କରୁଛି କି ନା, ଯଦି ସେ ଜଗତ ଥାଏ, ସେ ଶକ୍ତି ଥାଏ, ତେବେ ସେ ଶକ୍ତି, ସେ ଜଗତ ସମ୍ବନ୍ଧରେ ସତ୍ୟକୁ, ତଥ୍ୟକୁ, ତତ୍ତ୍ୱକୁ ଆବିଷ୍କାର କରିବା ଦର୍ଶନର କ୍ଷେତ୍ର—ଏହା ବିଜ୍ଞାନ (Science) ର କ୍ଷେତ୍ର ନୁହେଁ ବା କଳା କଳକୌଶଳର (Art) କ୍ଷେତ୍ର ନୁହେଁ । ତେଣୁ ଦର୍ଶନ କହିଲେ 'ଗମ୍ଭୀର ବିଚାର'କୁ ବୁଝିବା ଠିକ୍ ହେବ ନାହିଁ—କୌଣସି ନିର୍ଦ୍ଦିଷ୍ଟ ବିଷୟରେ କେବଳ 'ଗମ୍ଭୀର ବିଚାର' ଦର୍ଶନ । ମନୁଷ୍ୟ ତ ଗମ୍ଭୀର ବିଚାର କେବଳ ଆତ୍ମାପରମାତ୍ମା ସମ୍ବନ୍ଧରେ କରେ ନା—ଅନ୍ୟାନ୍ୟ ଅନେକ ବିଷୟରେ ସେ ଗମ୍ଭୀର ବିଚାର କରେ । ସାହିତ୍ୟ ସଙ୍ଗୀତ ରାଜନୀତି କୂଟନୀତି ଅର୍ଥନୀତି ସମ୍ବନ୍ଧରେ ବି ସେ ଗମ୍ଭୀର ବିଚାର କରି ଜ୍ଞାନୀ, ମାନୀ, ପଣ୍ଡିତ ହୋଇପାରେ । କିନ୍ତୁ ଏ ସମସ୍ତ ତ ଦର୍ଶନର ବିଷୟ ନୁହେଁ । ସଙ୍ଗୀତ ସମ୍ବନ୍ଧରେ କୌଣସି ନୂତନ ରାଗ ବା ରାଗିଣୀର ଆବିଷ୍କାର କରିବା ବ୍ୟକ୍ତିଙ୍କୁ ତ ଦାର୍ଶନିକ କୁହାଯାଇ ପାରିବ ନାହିଁ । କିନ୍ତୁ କେହି ଯଦି ଈଶ୍ୱରଙ୍କ ଅସ୍ତିତ୍ୱ ସମ୍ବନ୍ଧରେ କୌଣସି ନୂତନ ତଥ୍ୟ ଆବିଷ୍କାର

Digitized by srujanika@gmail.com

କରେ, ସେ ଦାର୍ଶନିକ ହେବ। (ସୂକ୍ଷ୍ମ ଜଗତର ଅସ୍ତିତ୍ୱ ସମ୍ବନ୍ଧରେ ବିଶ୍ୱାସକୁ ପୁନର୍ଜନ୍ମ ସମ୍ବନ୍ଧରେ ଅସ୍ତିକ ବିଶ୍ୱାସ ଠିକ ଏ ସନ୍ଦେହ କରେ। ଆତ୍ମା ସୂକ୍ଷ୍ମ ପଦାର୍ଥ ବିଶେଷ। ମନୁଷ୍ୟର ମୃତ୍ୟୁ ହେବା ଅର୍ଥ ଶରୀର ଏହ୍ଵ ଆତ୍ମାରୁ ବିଚ୍ଛିନ୍ନ ହେବା। ଆଉ ମନୁଷ୍ୟ ପୁନଃ ଶରୀର ଧାରଣ କରିବା ଅର୍ଥ ଶରୀର ସଙ୍ଗରେ ଏହି ଆତ୍ମାର ପୁନଃ ସଂଯୋଗ ଘଟିବା। ତେଣୁ ଏ ସୂକ୍ଷ୍ମ ଆତ୍ମା ଯେଉଁ ଜଗତ ଅତିକ୍ରମ କରି ପୁନଃ ଶରୀରର ପ୍ରବେଶ କରେ, ସେ ଜଗତ ସୂକ୍ଷ୍ମ ଜଗତ ହେବା ସ୍ୱାଭାବିକ। ମୃତ୍ୟୁ ପରେ ମୁକ୍ତ ଜୀବ ଏହି ସୂକ୍ଷ୍ମ ଜଗତରେ ହିଁ ରହେ, ଆଉ ପୁନର୍ବାର ତାର ମୁକ୍ତ-ବାସ ଅବଧି ଶେଷ ହେଲେ ଜନ୍ମ ଗ୍ରହଣ କରେ। ଏ କଥାଟାକୁ ବିଶ୍ୱାସ କଲେ ଉପରୋକ୍ତ କଥାଟାକୁ ବିଶ୍ୱାସ କରିବାକୁ ହେବ। କିମ୍ବା ଉପରୋକ୍ତ କଥାଟାକୁ ବିଶ୍ୱାସ କଲେ, ଆତ୍ମା ସୂକ୍ଷ୍ମ ଜଗତ ଦେଇ ଗତି କରିବା କଥାଟାକୁ ବି ବିଶ୍ୱାସ କରିବାକୁ ହେବ। କାରଣ ଗୋଟାଏ ଅନ୍ୟଟିର ପରିପୂରକ। ଯା'ର ଯେଉଁ ସ୍ୱଭାବ ସେ ସେହିପରି ଆସ୍ଥାନ ଖୋଜିବା ସ୍ୱାଭାବିକ। ତା' ପରେ ପୃଥିବୀରେ କୌଣସି ପଦାର୍ଥର କେବେ ବିଲୟ ଘଟେ ନାହିଁ—କେବଳ ନାଶ ଘଟେ—ପରିବର୍ତ୍ତନ ଘଟେ। ମୃତ୍ୟୁ ଅର୍ଥ ବିନାଶ; ଆଉ ନାଶ ଅର୍ଥ ପରିବର୍ତ୍ତନ। 'ନଶ ଅଦର୍ଶନେ' ଧାତୁରୁ ନାଶ ଶବ୍ଦର ଉତ୍ପତ୍ତି। ଅଦର୍ଶନ ହେବା ଅର୍ଥ 'ଥିବା' 'ଦେଖା ନ ଯିବା'; ଅର୍ଥାତ୍ ଲୁଚି ଥିବା, ପୁଣି ଦେଖାଯିବା। ଏ ବିଶ୍ୱବ୍ରହ୍ମାଣ୍ଡ ଛଡ଼ା ତ ଅନ୍ୟ କିଛି ନାହିଁ—ଏ ବିଶ୍ୱ ବ୍ରହ୍ମାଣ୍ଡକୁ ଛାଡ଼ି ସୃଷ୍ଟିର ସ୍ଥୂଳ ବା ସୂକ୍ଷ୍ମ ପଦାର୍ଥ ଅନ୍ୟ କେଉଁଠିକୁ ଯାଉଛି କିପରି? ସମସ୍ତ ପଦାର୍ଥ ଏ ପୃଥିବୀରେ ରହୁଛି ରୂପ ପରିବର୍ତ୍ତନ କରି। ମୃତ୍ୟୁ ଅର୍ଥ ରୂପ ପରିବର୍ତ୍ତନ କରିବା—ଜନ୍ମ ଅର୍ଥ ରୂପ ପରିବର୍ତ୍ତନ କରିବା। ମୃତ୍ୟୁ ପରେ ଶରୀର ପଞ୍ଚ ମହାଭୂତରେ ମିଶି ଯାଉଛି—ଜନ୍ମ ଅର୍ଥ

Digitized by srujanika@gmail.com

ଏହି ପଞ୍ଚ ମହାଭୂତରୁହିଁ ଶରୀରର ଉତ୍ପତ୍ତି ହେଉଛି । ଏହି ପଞ୍ଚ ମହାଭୂତ ପୃଥିବୀରେ ସର୍ବଦା ରହୁଛି । ଏହାର କ୍ଷୟ, ବୃଦ୍ଧି ବା ନାଶ ନାହିଁ । ତା' ପରେ ଆତ୍ମା । ଆତ୍ମା ସମ୍ବନ୍ଧରେ ଗୀତା କହୁଛନ୍ତି ।

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।

ଆତ୍ମାକୁ ଶସ୍ତ୍ର କାଟି ପାରେ ନାହିଁ, ଅଗ୍ନି ଜାଳି ପାରେ ନାହିଁ, ପାଣି ଓଦା କରି ପାରେ ନାହିଁ, ବାୟୁ ଶୁଖାଇ ପାରେ ନାହିଁ । ଏପରି ଯେ ଆତ୍ମା, ସେ ଅମର ହେବହିଁ ହେବ । ଏ ଅମର ଆତ୍ମାର କୌଣସି ପରିବର୍ତ୍ତନ ମଧ୍ୟ ହୁଏ ନାହିଁ । ଏ ନିଜ ଗୁଣରେ ଅନ୍ୟ ଶରୀରରେ କେବଳ ପ୍ରବେଶ କରେ । ତେବେ, ପୃଥିବୀରେ କୌଣସି ପଦାର୍ଥ ଯେତେବେଳେ ନଷ୍ଟ ହେଉ ନାହିଁ, ସେ ପଦାର୍ଥ ସ୍ଥୂଳ ହେଉ, ସୂକ୍ଷ୍ମ ହେଉ, ତାର ପୁନର୍ଜନ୍ମ ଯେ ସମ୍ଭବ, ଏକଥା ବିଶ୍ୱାସ୍ୟ ।

(ସଂସାରରେ ଦେଖାଯାଏ, ଅନେକ ସ୍ଥଳରେ ଶିଶୁ ଅନ୍ଧ ହୋଇ ଜନ୍ମ ନେଉଛି, ମୂକ ହୋଇ ଜନ୍ମ ନେଉଛି, ବଧିର ହୋଇ ଜନ୍ମ ନେଉଛି । ଈଶ୍ୱରଙ୍କ ଅସ୍ତିତ୍ୱକୁ ଯଦି ବିଶ୍ୱାସ କରାଯାଏ, ଆଉ ତାଙ୍କୁ ନ୍ୟାୟବାଦୀ ବୋଲି କି ଯଦି ବିଶ୍ୱାସ କରାଯାଏ, ତେବେ ଜନ୍ମ ଅନ୍ତେ ନିଷ୍ପାପ ଶିଶୁକୁ ଏପରି ଦଣ୍ଡ ଦେବା ତାଙ୍କ ପକ୍ଷରେ ଉଚିତ ହେଉ ନାହିଁ । ତେଣୁ ବୁଝିବାକୁ ହେବ, ଏହା ପ୍ରାଣୀର ପୂର୍ବ ଜନ୍ମର କୃତକର୍ମର ଫଳ ।)

('ନାଭାବାତ୍ ଭାବୋତ୍ପତ୍ତିଃ'—ଅଭାବରୁ ଭାବର ଉତ୍ପତ୍ତି ହୁଏ ନାହିଁ । କୌଣସି ପଦାର୍ଥ ନ ଥିଲେ କୌଣସି ପଦାର୍ଥ ସୃଷ୍ଟି ହେବ କିପରି ? କିଛି ଥିଲା, କିଛି ହେଲା । ଅତଏବ ପୂର୍ବଜନ୍ମ ଥିଲା ବୋଲି ପରଜନ୍ମ ହେଲା ।)

Digitized by srujanika@gmail.com

(ଅତ୍ମାର ନିତ୍ୟତା ତଥା ପ୍ରକୃତ (ପଞ୍ଚ ମହାଭୂତ, ଯାହାକୁ ନେଇ ଶରୀରର ସୃଷ୍ଟିର ନିତ୍ୟତା ସଙ୍ଗରେ ପୁନର୍ଜନ୍ମ ଘନିଷ୍ଠଭାବରେ ଜଡ଼ିତ । ବର୍ତ୍ତମାନ ପୁନର୍ଜନ୍ମ କଥାଟାକୁ କେତୋଟି ସତ୍ୟମୂଳକ ଘଟଣାର ଉଲ୍ଲେଖ କରି ପ୍ରମାଣ କରିବାର ଚେଷ୍ଟା କରୁଛୁ ।)

୧। ('ଏହା ଡେରାଡୁନର ଘଟନା । ସେଠ ରାମକିଶୋରଙ୍କ ଘରେ ଗୋଟାଏ କନ୍ୟା ଜନ୍ମ ନେଇଛି ୧୯୪୯ ସାଲରେ ଅନନ୍ତ ଚତୁର୍ଦ୍ଦଶୀ ଦିନ । ସେତେବେଳେ ତାର ବୟସ ଥିଲା ୨ ବର୍ଷ ୯ ମାସ । ଏ କନ୍ୟାର ମାତାର ନାମ ଶ୍ୟାମ ଦେବୀ । ଶ୍ୟାମ ଦେବୀ ମହିଳାଶ୍ରମର ଅଧ୍ୟାପିକା । ଦିନେ ଏ କନ୍ୟା ତାର ମା'ଙ୍କୁ କୌଣସି ଜିନିଷ ମାଗିଲା । ମା' ନ ଥିବାରୁ ନାହିଁ କଲେ । କନ୍ୟା ତତ୍‌କ୍ଷଣାତ୍ ଉତ୍ତର ଦେଲା ଯେ ସେ ପଦାର୍ଥ ତାର କୋଠରୀରେ ଅଛି । ଏହିଠାରୁ ପୂର୍ବଜନ୍ମର କଥାର ଆରମ୍ଭ ହୋଇଛି । ଦିନେ ମା' କନ୍ୟାକୁ ଲିଚୁ ଖାଇବାକୁ ଦେଲେ । କିନ୍ତୁ କନ୍ୟା ଏ ଲିଚୁ ଖରାପ ବୋଲି କହି ନଖାଇ ଫୋପାଡ଼ି ଦେଲା, ଆଉ କହିଲା, 'ଆମ ବଗିଚାର ଲିଚୁ ଭଲ ।' ମା' କନ୍ୟାର ଏ କଥା ଶୁଣି ହସି କଥାକୁ ଟାଳି ଦେଲେ । ଏ କନ୍ୟା ଗୁରୁକୁଳକୁ ପଢ଼ିବାକୁ ଯାଏ । ଯେଉଁ ମହିଳାଶ୍ରମରେ ତାର ମା' କାମ କରନ୍ତି, ସେଠାକୁ ସେ କନ୍ୟାକୁ ସଙ୍ଗରେ ନେଇଯାନ୍ତି । ଏହି ମହିଳାଶ୍ରମର ପ୍ରଧାନ ଅଧ୍ୟାପିକା ହେଉଛନ୍ତି ଶ୍ରୀମତୀ ସତ୍ୟବତୀ ସେଠାଣୀ । ଦିନେ ହଠାତ୍ ଏ କନ୍ୟା ସତ୍ୟବତୀଙ୍କୁ ଦେଖି କହିଲା ଯେ ସେ ତାର ମା' । ସେଠାଣୀ ଏ କଥା ଶୁଣି ନ ଶୁଣିଲାପରି ରହିଲେ । ମହିଳାଶ୍ରମର କନ୍ୟାମାନେ ଆପଣା ଆପଣା ମଧ୍ୟରେ ଆଲୋଚନା କରିବାକୁ ଲାଗିଲେ ଯେ ମେଧା ହିଁ ଏଠି ଏ କନ୍ୟା ରୂପରେ ଜନ୍ମ ନେଇଛି । ଏ କଥା ଶୁଣି ସେଠାଣୀ

Digitized by srujanika@gmail.com

ମନରେ ମନରେ ଭାବିବାକୁ ଲାଗିଲେ । ତାଙ୍କର ମେଧା ନାମରେ ଗୋଟାଏ କନ୍ୟା ଥିଲା । ସେ ଥିଲା ତାଙ୍କର ସବୁଠାରୁ ବଡ଼ ଝିଅ । ଖୁବ୍ ଚରିତ୍ରବତୀ ଏବଂ ବୁଦ୍ଧିମତୀ । ସାମାଜିକ ସେବା କାର୍ଯ୍ୟରେ ସେ ଥିଲା ଖୁବ୍ ଅଗ୍ରଣୀ । ଏକ ଅସାଧ୍ୟ ରୋଗରେ ସେ ଆକ୍ରାନ୍ତ ହୋଇ ତା ୩୧-୩-୧୯୪୫ରେ ତାର ମୃତ୍ୟୁ ହୋଇଗଲା । ······ପୂର୍ବ ଜନ୍ମର ମେଧାର ଜ୍ୟେଷ୍ଠ ଭଉଣୀ ଯେତେବେଳେ ଏ ସମସ୍ତ ଘଟଣା ଶୁଣିଲା, ସେ ମହିଳାଶ୍ରମକୁ ଯାଇ ମେଧାକୁ ନିଜ ଘରକୁ ନେଇ ଆସିଲା । ବାଳିକା ପୂର୍ବଜନ୍ମର ଜ୍ୟେଷ୍ଠ ଭଉଣୀକୁ ଦେଖି ହଠାତ୍ ଚିହ୍ନି ପାରିଲା, ଆଉ କହିଲା, ଏ ମୋର ଜ୍ୟେଷ୍ଠ ଭଉଣୀ । ତାର ପୂର୍ବଜନ୍ମର ଘରକୁ ଯାଇ ସେ ହଠାତ୍ ନିଜ କୋଠରୀରେ ପ୍ରବେଶ କରି କହିଲା, ଏ କୋଠରୀ ମୋର । ପୁଣି ସେ କୋଠରୀର ଅନ୍ୟାନ୍ୟ ପଦାର୍ଥମାନଙ୍କ ସମ୍ବନ୍ଧରେ ପ୍ରଶ୍ନ କଲା ଯା' ସେଠାରେ ସେ ଥିବା ସମୟରେ ଥିଲା । ତାର ନାମ ପଚାରିବାରୁ କହିଲା, ତାର ନାମ 'ମୁନ୍ନୁ' ଯଥାର୍ଥରେ ତାର ଡାକ ନାମ ମୁନ୍ନୁ ଥିଲା । ······ ଦିନେ ସେ ଜଣେ ପଣ୍ଡିତଙ୍କ ଆଗରେ ପଦ୍ମାସନରେ ବସି ବେଦମନ୍ତ୍ର ପାଠ କଲା । ମନ୍ତ୍ରୋଚ୍ଚାରଣ ସ୍ପଷ୍ଟ, କିନ୍ତୁ ଶିଶୁ କଣ୍ଠର ଶବ୍ଦ ପରି ସ୍ୱାଭାବିକ, ପ୍ରାର୍ଥନା ମନ୍ତ୍ର ଉଚ୍ଚାରଣ କରି ସେ ଶେଷରେ ଭଗବାନଙ୍କ ଉଦ୍ଦେଶ୍ୟରେ ନମସ୍କାର କଲା; ଆଉ କହିଲା—ଈଶ୍ୱର ଉଁଗ୍ର ରହେ ହମାରା । ଏ ସମସ୍ତ କାର୍ଯ୍ୟ ସେ ପୂର୍ବଜନ୍ମରେ କରୁଥିଲା ବୋଲି ତା'ର ମା' କହିଲେ । ଅନେକ ପଣ୍ଡିତ ତାକୁ ଦେଖିବାକୁ, ପରୀକ୍ଷା କରିବାକୁ ଆସୁଥିଲେ । ···ଘରରେ ମେଧାର ଅନେକ ଫଟୋ ଥିଲା । ଏ ସବୁ ଫଟୋକୁ ସେ ଚିହ୍ନି ପାରିଲା । ଆଉ ଘରର ସମସ୍ତଙ୍କର ନାମ କହିଲା । ··· ତାକୁ ପଚାରିଲେ—'ତୁ କୁଆଡ଼େ ଯାଇଥିଲୁ ?' ସେ ଉତ୍ତର ଦେଲା—'ଭଗବାନଙ୍କ ପାଖକୁ ।' ପୁଣି ପ୍ରଶ୍ନ ହେଲା—

Digitized by srujanika@gmail.com

'କାହିଁକି ପାଉଥିଲୁ ?' ଉତ୍ତର ଦେଲା ଗଳାରୁ ଛାତି ପର୍ଯ୍ୟନ୍ତ ସ୍ପର୍ଶକରି—'ଏଠାରୁ ଏ ପର୍ଯ୍ୟନ୍ତ କଷ୍ଟ ହେଉଥିଲା ।' ତାର ମା' କହିଲେ, ଯଥାର୍ଥରେ ଏ କନ୍ୟାର ଏହି ରୋଗ ଥିଲା । ଅଉ ଏ ରୋଗରେ ତାର ମୃତ୍ୟୁ ହେଲା—(ହିନ୍ଦୁସ୍ଥାନ୍, ୩-୬-୧୯୫୨) (ଆର୍ଯ୍ୟସମାଜ ତରଫରୁ ଏ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରାଯାଇଥିଲା । ଶ୍ରୀମତୀ କୃଷ୍ଣାକୁମାରୀ ଏମ୍. ଏ. ଇ. ଟି. ଅଗ୍ରଣୀ, ଆର୍ଯ୍ୟକନ୍ୟା ମହାବିଦ୍ୟାଳୟ, ଇଟାବା ଯେ କି ଡେରାଡୁନରେ ଥିଲେ । ଏ ଘଟଣାର ଅନୁସନ୍ଧାନ କରିଥିଲେ । ତାଙ୍କର ବିବରଣୀ ହେଉଛି ଏହା ଯା' ଉପରେ କୁହାଗଲା ।)

୨ । (ଏହା ଶାହଜହାଁପୁରର ସମାଚାର । ଅଜୀଜଗଞ୍ଜ ନିବାସୀ ରାମଶରଣ କୋର ପୁତ୍ର ପ୍ରାଣ ଯାର ବୟସ କେବଳ ଗୃର, ନିଜର ପୂର୍ବ ଜନ୍ମର ବିବରଣୀ ଦେଉଛି । ସେ କହେ, 'ତାର ନାମ ଘୋରାମ । ତାର ଘର ସିଠୀ କୋତୱାଲୀର ପଛରେ । ବାଳକ ତାର ପୂର୍ବପରିବାରର ଅନେକ ଗୋପନୀୟ କଥା କହିଲା । ବାଳକକୁ ତାର ପୂର୍ବଜନ୍ମର ଘରକୁ ଅଣାଗଲା । ସେ ଘରର ପଦାର୍ଥକୁ ଚିହ୍ନି ସମସ୍ତ କଥା କହିଲା । ଖବର ନେବାରୁ ଜଣାପଡ଼ିଲା, 'ଘୋରାମ ଚକ୍କୀବାଲେ' ନାମରେ ଏ ବ୍ୟକ୍ତିର ମୃତ୍ୟୁ ପ୍ରାୟ ୪ ବର୍ଷ ପୂର୍ବରେ ହୋଇଥିଲା । ... ସେହିପରି ଅଉ ଗୋଟାଏ ଘଟଣା, 'ବିଡେ ଗାଁ' ବୋଲି ଗୋଟାଏ ଗ୍ରାମରେ ଗୋଟାଏ କାୟସ୍ଥ ପରିବାରରେ ସାତ ବର୍ଷର ଗୋଟାଏ ଝିଅ ଅଛି । ସେ ତାର ପୂର୍ବଜନ୍ମର କଥା କହୁଛି । ସେ କହେ, ପୂର୍ବଜନ୍ମରେ ସେ ତହସିଲି ପୁରିଆଁର ଏକ ବୈଶ୍ୟ ଶ୍ରୀ ମାଟଧାରିବର ସ୍ତ୍ରୀ ଥିଲା । ସେ ତାର ପୂର୍ବ ଘରର ସମସ୍ତ ଘଟଣା

Digitized by srujanika@gmail.com

କହୁଛି । ଅନୁସନ୍ଧାନରୁ ଜଣା ପଡ଼ିଲା ଯେ ମାଧୋଶ୍ରୀବନ୍ତ ସ୍ତ୍ରୀର ମୃତ୍ୟୁ ୭ ବର୍ଷ ପୂର୍ବରେ ତୀର୍ଥଯାତ୍ରା ସମୟରେ କୌଣସି ଦୁର୍ଘଟଣା ବଶତଃ ଘଟିଥିଲା ।)

—('ସାର୍ବଦେଶିକ' ଅଙ୍କ ୪, ବର୍ଷ ୩୨, ଜୁନ ୧୯୫୭)

୩ । ଏହା ଉତ୍ତର ପ୍ରଦେଶର ତା ୨୬-୭-୫୯ ର 'ବରେଲୀ'ର ଘଟଣା । ଏଠାକାର ଜଣେ ମୁସଲମାନ ଅଧ୍ୟାପକ ହଶମତଉଲ୍ଲା ଅଂସାରୀଙ୍କ ପାଞ୍ଚବର୍ଷୀୟ ପୁତ୍ର କରାମତୁଲ୍ଲା ନିଜର ପୂର୍ବଜନ୍ମର ସମସ୍ତ ବିବରଣ ଦେଇ ମୁସଲମାନ ଜଗତରେ ଏକ ଅଭୂତପୂର୍ବ ବାତାବରଣର ସୂତ୍ରପାତ କରି ଦେଇଛି । ମୁସଲମାନ ବିଶ୍ୱାସାନୁସାରେ ପୂର୍ବଜନ୍ମର ସ୍ଥାନ ନାହିଁ । ଫଳତଃ ବଡ଼ ବଡ଼ ମୌଲବୀଗୁଡ଼ିକ ଚିନ୍ତାରେ ପଡ଼ିଯାଇଛନ୍ତି—ତାଙ୍କର ପକ୍ଷରେ ଏ ଏକ ବିରାଟ ସମସ୍ୟା ରୂପରେ ଦଣ୍ଡାୟମାନ ହୋଇଛି । ଘଟଣାଟି ଏହି—ଏ ବାଳକ ଯେତେବେଳେ ନବାବଗଞ୍ଜର ଏକ ଜମିଦାରଙ୍କ ପୁତ୍ରବଧୂର ହାତ ଧରି ପକାଇ କହିଲା, ଏ ମୋର ସ୍ତ୍ରୀ, ତ ସମସ୍ତେ ଆଶ୍ଚର୍ଯ୍ୟଚକିତ ହୋଇ ପଡ଼ିଲେ । ଏହିଠାରୁ ଅନୁସନ୍ଧାନ ଆରମ୍ଭ ହେଲା । ଏହି ବାଳକର ପିତା ଏହି ଜମିଦାରଙ୍କ ଘରେ ପିଲାମାନଙ୍କୁ ପାଠ ପଢ଼ାଉଥିଲେ । ଜମିଦାରଙ୍କ ନାମ ଇକ୍ରାମ ଅଲ୍ଲୀ । ଇଦ୍ ସମୟରେ ବାଳକର ପିତା ତାକୁ ସଙ୍ଗରେ ନେଇ ଜମିଦାରଙ୍କ ଘରକୁ ଆସିଲେ । ଏ ଘରକୁ ଆସିବା ମାତ୍ରକେ ବାଳକ ତାର ପିତାଠାରୁ ହାତ ଛଡ଼େଇ ନେଇ ଜମିଦାରଙ୍କ ଘର ଭିତରକୁ ଚାଲି ଚାଲି ପଶିଗଲା । ଘର ଭିତରେ ଇକ୍ରାମ ଅଲ୍ଲୀଙ୍କ ବିଧବା ପୁତ୍ରବଧୂ ଖଟ ଉପରେ ବସି ପାନ ଭାଙ୍ଗୁଥିଲେ । ତାଙ୍କୁ ଦେଖିବା ମାତ୍ରକେ ବାଳକ କହିଲା, ଫାତିମା ! ମୁଁ ମଧ୍ୟ ଖଣ୍ଡେ ପାନ ଖାଇବି । ଅପରିଚିତ ଏକ

Digitized by srujanika@gmail.com

ବାଳକ ମୁହଁରୁ ନିଜ ନାମ ଶୁଣି ଫାତମା ବିମୁଢ଼ ହୋଇ ପଡ଼ିଲା । ଠିକ୍ ଏତିକିବେଳେ ବାଳକ ଛନୋଟି ଦ୍ୱାର ପାର କରି ଫତମାର ଓଡ଼ାଠଣ୍ଡ ଖୋଲିବାକୁ ଆରମ୍ଭ କରୁଛି, ଫତମା ତା ପାଖକୁ ଯାଇ ତାକୁ କାଖ କରିବାକୁ ଲଗିଲା । ଏ କୋଠରୀଟି ଫତମାର । ବାଳକଟି ଏହା ଦେଖି କହିଲା, ଫତମା ତୁମେ ମୋର ସ୍ତ୍ରୀ । ମୁଁ ମୋର ଚୌକିରେ ବସିବି । ଫତମା ବେଚ୍‌ମ ବାଳକର ଏ କଥା ଶୁଣି ମୂର୍ଚ୍ଛିତ ହୋଇ ପଡ଼ିଲେ । ଠିକ୍ ପାଞ୍ଚବର୍ଷ ପୂର୍ବରେ ଫତମାର ସ୍ୱାମୀ ମୋହମ୍ମଦ ଫାରୁକ୍‌ର ମୃତ୍ୟୁ ହୋଇ ଥିଲା । ଘର ଲୋକେ ବାଳକର ପିତାକୁ ଅନ୍ୟ ଜନାମ ଇକବ୍ରାମ ଅଲ୍ଲୀଙ୍କୁ ଡାକି ଅଣିଲେ । ଇକବ୍ରାମ ଅଲ୍ଲୀଙ୍କୁ ଦେଖି ବାଳକ କହିଲା, ଅବ୍ବା ମିୟାଁ ସଲମ୍ । ଆପଣ ମୋତେ ଚିହ୍ନିପାରୁ ନାହାନ୍ତି—ମୁଁ ଫାରୁକ୍ । ଇକବ୍ରାମ ଅଲ୍ଲୀ ବି ମୂର୍ଚ୍ଛିତ ହେଲେ । ବାଳକ କହିଲା, ବେଙ୍କରେ ମୋର ଟ ୩୦୦୦ଙ୍କା ଜମା ଅଛି । ଅଉ ମୁଁ ମୋର ବଡ଼ଭାଇ ଅମର ଅଦାଲଙ୍କ ପାଖକୁ ପାକିସ୍ଥାନ ଟ ୫୦୦୦ ଙ୍କା ପଠାଇ ଦେଇଛି । ବଡ଼ଭାଇ ଅଜିକାଲି ଲାହୋରରେ ଅଛନ୍ତି—ଜୋତାର ବ୍ୟବସାୟ କରୁଛନ୍ତି । (ମୃତକ ମୋହମ୍ମଦ ଫାରୁଖର ଇଚ୍ଛା ଥିଲା ପାକିସ୍ଥାନରେ ବ୍ୟବସାୟ କରିବା) ଇକବ୍ରାମ ଅଲ୍ଲୀ ଜଣେ ମୁସଲମାନ, ଏପରି କଥା ସେ ବିଶ୍ୱାସ ନ କରିବା କଥା । କିନ୍ତୁ ସେ ପ୍ରକାଶ କରିଛନ୍ତି ଯେ ବାଳକ ତାଙ୍କର ପୁତ୍ରବଧୂକୁ ସେ ସମସ୍ତ କଥା କହିଛି ଯା' ଏ ଉଭୟଙ୍କ ବ୍ୟତୀରେକେ ଅଉ କେହି ଜାଣନ୍ତି ନାହିଁ । ବାଳକ ଏ କଥା ମଧ୍ୟ କହିଲା ଯେ ତାର ଶ୍ୱଶୁର ପାଖରେ ଗୋଟାଏ ବନ୍ଧୁକ ଥିଲା, ତାକୁ କେହି ଚୋରାଇ ନେଇଛି ।)

—(ନବଭାରତ ଟାଇମ୍‌ସ ତା ୨୭-୬-୫୯ ।)

Digitized by srujanika@gmail.com

୪—(ଏ ଘଟଣାଟି ମୁଁ ମୋର ସ୍ମୃତିରୁ କହୁଛି—ଘଟଣାଟି ପ୍ରାୟ ୫ ବର୍ଷ ତଳର—କୌଣସି ଗୋଟାଏ ମାସିକ ପତ୍ରିକାରେ ପ୍ରକାଶ ପାଇଥିଲା । ତେଣୁ ଘଟଣା-ସଂପୃକ୍ତ ବ୍ୟକ୍ତି ବିଶେଷଙ୍କ ନାଆଁ ମୋର ସ୍ମରଣ ନାହିଁ ।)

…… … ଘଟଣାଟି ବନାରସର । କୌଣସି ଗୋଟାଏ ପରିବାରର ନଅ ବର୍ଷର ଝିଅ । ସବୁବେଳେ ସେ ମୌନ ରହୁଛି—ଚିନ୍ତିତ ବୁହୁଛି । ଏହାକୁ ରୋଗ ମନେ କରି ନାନା ଚିକିତ୍ସା ହେଉଛି—ଫଳ କିଛି ହେଉ ନାହିଁ । ଝିଅଟି ପ୍ରକାଶ କରୁଛି, ସେ ପ୍ରୟାଗର ଜଣେ ବିଖ୍ୟାତ ଓକିଲ ଥିଲା । ସେ ମରିବା ପରେ ଏ କନ୍ୟା ରୂପରେ ଜନ୍ମ ନେଇଛି । ସେ କହୁଛି ଯେ, ସେ ରୋଗ-ଶଯ୍ୟାରେ ଥିବାବେଳେ ମାଛ ଖାଇବାକୁ ଇଚ୍ଛା କରୁଛି—ତାକୁ ଏହା ଦିଆ ଯାଉଛି—ତେଣୁ ସେ ଏଥର ସ୍ତ୍ରୀ ଜନ୍ମ ନେଇଛି (ଏ ଉକ୍ତିରେ ବିଶ୍ୱାସ କରିବାର ଯଥେଷ୍ଟ ଉପାଦାନ ନାହିଁ । କିନ୍ତୁ ସେ ଯେ ପୁରୁଷର ସ୍ତ୍ରୀ ହୋଇଛି, ଏ କଥା ସତ୍ୟ । ଏ କଥା ଭାବି ଭାବି ତା'ର ମନ ସ୍ଥିର ରହୁ ନାହିଁ—ସେ ରୁଗ୍ଣ ହୋଇ ପଡ଼ୁଛି । ତା'ର ଏ ସ୍ମୃତିକୁ ଲୁପ୍ତ କରି ଦେବା ପାଇଁ ଚିକିତ୍ସା ଚାଲିଛି—ଫଳ କିଛି ହୋଇ ନାହିଁ ।) ପୂର୍ବ ଜନ୍ମର ସ୍ମୃତିକୁ ଲୋପ କରି ଦେବାର ଯେପରି ଉପାୟ ଅଛି, ପୂର୍ବ ଜନ୍ମର ସ୍ମୃତିକୁ ସେପରି ଜାଗରୁକ କରିବାର ବି ଉପାୟ ଅଛି । କିନ୍ତୁ ଏହା ସାଧନାର କଥା, ପାତଞ୍ଜଳ ଦର୍ଶନ କହନ୍ତି—"ସଂସ୍କାର ସାକ୍ଷାତ୍ କାରଣାତ୍ ପୂର୍ବଜାତି ଜ୍ଞାନଂ"—ଚିତ୍ତର ସଂସ୍କାର ସମୂହକୁ ସଂଯତ କଲେ, ଅର୍ଥାତ୍ ଧ୍ୟାନଧାରଣା ଦ୍ୱାରା ସମାଧି ଫଳରେ ଯୋଗନିଷ୍ଠ ହେଲେ, ପୂର୍ବ ଜନ୍ମର ଜ୍ଞାନ ହୁଏ । ଏହି ଧ୍ୟାନ ଧାରଣା ସମାଧି 'ଯୋଗ'ର ଅଙ୍ଗ ବିଶେଷ ଅର୍ଥାତ୍ ଯୋଗ ବିନା ପୂର୍ବ-ଜୀବନ-ଦର୍ଶନ ଅସମ୍ଭବ ।

Digitized by srujanika@gmail.com

ବୈଦିକ ଧର୍ମର ଏ ବିଶ୍ବରଧାରା ଅତି ପ୍ରବଳଭାବରେ ଆର୍ଯ୍ୟମାନଙ୍କ ମନରେ ସ୍ପଷ୍ଟ ହୋଇ ଉଠିଥିଲା ବୋଲି ସେମାନେ ନାନାଭାବରେ ବାରମ୍ବାର କହୁଥିଲେ :—

ନ ଧନଂ ନ ଜନଂ ନ କବିତାଂ
ସୁନ୍ଦରୀ ବା ଜଗଦୀଶ କାମୟେ ।
ମମ ଜନ୍ମନି ଜନ୍ମନୀଶ୍ବରେ ଭବତାତ୍
ଭକ୍ତିରହୈତୁକୀ ତ୍ବୟି ।

(ପାର୍ଥିବ ପଦାର୍ଥସବୁ ଅସ୍ଥିର ବୋଲି ପ୍ରାଚୀନ ମନୀଷୀଗଣ ଈଶ୍ବରଙ୍କଠାରେ ପ୍ରାର୍ଥନା କରୁଥିଲେ—ହେ ଜଗଦୀଶ ! ଧନ, ଜନ, କବିତା, ସୁନ୍ଦରୀ ମୋର କିଛି ଆବଶ୍ୟକ ନାହିଁ—ତୁମ ପ୍ରତି ଜନ୍ମେ ଜନ୍ମେ ମୋର କେବଳ ଅହେତୁକୀ ଭକ୍ତି ରହିଥାଉ ।)

ନାରୀ କହିଲେ କେବଳ ମାଁକୁ ବୁଝିବା ଠିକ୍ ହେବ ନାହିଁ । ନାରୀ ଯେପରି ମା, ନାରୀ ସେହିପରି ଭଗ୍ନୀ ମଧ୍ୟ, କନ୍ୟା, ପତ୍ନୀ ମଧ୍ୟ । ସେହି ଏକ ଆତ୍ମା ନାରୀ ରୂପରେ ଯେତେବେଳେ ନିଜକୁ ଗର୍ଭରେ ଧାରଣ କରି ଜନ୍ମ ଦେବ, ସେ ହେବ ମା । ଅନ୍ୟ ଏକ ଆତ୍ମା ଯେତେବେଳେ ସେହି ନାରୀ ରୂପରେ ମାତାର ଗର୍ଭରୁ ଜନ୍ମ ନେବ, ସେ ହେବ ଭଗ୍ନୀ । ପୁଣି ସେହିମାନଙ୍କ ପରି ସମାନ ଅନ୍ୟ ଏକ ଆତ୍ମା ଯେତେବେଳେ ନିଜର ସନ୍ତାନକୁ ଗର୍ଭରେ ଧାରଣ କରିବ, ସେ ହେବ ପତ୍ନୀ, ଅଉ ସେ ପତ୍ନୀ ଯେତେବେଳେ ନାରୀ ସନ୍ତାନକୁ ଜନ୍ମ ଦେବ, ସେ ହେବ କନ୍ୟା । ନାରୀ କହିବା ମାତ୍ରକେ ସେ ମାତା ହେଉ, ଭଗ୍ନୀ ହେଉ, ପତ୍ନୀ ହେଉ, ଏକ ପ୍ରକାରର ଅବୟବ ବିଶିଷ୍ଟ ଗୋଟାଏ ପ୍ରାଣୀକୁ ବୁଝାଉଛୁ । ଏହି ଏକ ପ୍ରକାରର ଅବୟବ ବିଶିଷ୍ଟ ପ୍ରାଣୀ ଯେତେବେଳେ ସ୍ନେହ

Digitized by srujanika@gmail.com

ବିଶେଷରେ, ଅବସ୍ଥା ବିଶେଷରେ, ବିଭିନ୍ନ ରୂପରେ ଜନ୍ମ ଗ୍ରହଣ କରୁଛି, ସେତେବେଳେ ତା'ର କ୍ଷେତ୍ର ତଥା ଅବସ୍ଥାର ବିଭିନ୍ନତା ହେତୁରୁ ତା'ର ବିଭିନ୍ନ ପ୍ରକାର ନାମକରଣ ମଧ୍ୟ ହେଉଛି । ଅଣ ଆମ ମନରେ ନାରୀର ଏ ବିଭିନ୍ନ ରୂପ ହେତୁରୁ ସେହି ଏକ ନାରୀ ସମ୍ବନ୍ଧରେ ବିଭିନ୍ନ ପ୍ରକାର ସଂସ୍କାର ବଢୁଛି, ସେହି ଏକ ଅବସ୍ଥବିଶିଷ୍ଟ ପ୍ରାଣୀ ପ୍ରତି । ଅତଏବ ନାରୀ କହିଲେ ବୁଝିବାକୁ ହେବ ଯେ, ନାରୀ ମୂଳତଃ ଏକ ହେବା ସତ୍ତ୍ୱେ ମଧ୍ୟ ଯେପରି ଅନେକ, ଠିକ୍ ସେହିପରି 'ଚିନ୍ତା'ଟା ମୂଳତଃ ଏକ ହେବା ସତ୍ତ୍ୱେ ବି ଅନେକ ! ଏହି ଅନେକକୁ ଅପାତତଃ ବିବିଧ ବୋଲି ଧରିବା । କାରଣ ବିଷୟ-ବସ୍ତୁର ପାର୍ଥକ୍ୟତାକୁ ନେଇ 'ଚିନ୍ତା'ର ମଧ୍ୟ ପୃଥକ୍ ପୃଥକ୍ ନାମକରଣ ହୋଇଛି । ତେଣୁ ପ୍ରତ୍ୟେକ ଚିନ୍ତା ବା ବିଚାର ଦର୍ଶନ ନୁହେଁ । କିପରି ନୁହେଁ, ସେ କଥା ବର୍ତ୍ତମାନ ଦେଖିବା ।

ଉଦାହରଣ ସ୍ୱରୂପ ଧରନ୍ତୁ ପୁସ୍ତକ । ପୁସ୍ତକ ସମ୍ବନ୍ଧରେ ଆମେ ଗମ୍ଭୀର ବିଚାର କରି ପାରୁ । କିନ୍ତୁ ପୁସ୍ତକ-ସମ୍ବନ୍ଧରେ ଆମେ ଚଯ, ସମାନ ପ୍ରକାରର ଗଭୀର ବିଚାର କରିବାକୁ ବାଧ୍ୟ, ଏପରି କୌଣସି ବାଧ୍ୟବାଧକତା ପ୍ରକୃତ ମଧ୍ୟରେ ନାହିଁ । ମନୁଷ୍ୟ ଚିନ୍ତା କରିବାରେ ସ୍ୱତନ୍ତ୍ର । ଜଣକର ଚିନ୍ତା ଅନ୍ୟ ଜଣକର ସଙ୍ଗରେ ସମାନ ନ ହୋଇ ପାରେ । ନିଜର ରୁଚି ଅନୁସାରେ, ନିଜର ଯୋଗ୍ୟତାନୁସାରେ ମନୁଷ୍ୟ ବିଭିନ୍ନ ପ୍ରକାରର ଚିନ୍ତା କରିବା ଏପରିକି ସେହି ଏକ ଦାର୍ଶନିକ ଚିନ୍ତା ମଧ୍ୟ ମନୁଷ୍ୟ ବିଭିନ୍ନ ଭାବରେ କରି ପାରେ । ଏପରିକି ଯେଉଁମାନେ ମୂକ, ମୌନୀ, ଅର୍ଥାତ୍ ଗମ୍ଭୀର ବିଚାରକ, ଦାର୍ଶନିକ ବୋଲି ଯେଉଁମାନେ ମୂକ ଏବଂ ମୌନୀ, ସେମାନେ ମଧ୍ୟ ବିଭିନ୍ନ ପ୍ରକାରର ଚିନ୍ତା କରି ପାରିଲେ ଯାଇ ସେମାନେ ମୁନି

Digitized by srujanika@gmail.com

ବୈଦିକ ଧର୍ମର ଏ ବିଶ୍ବରଧାରା ଅତି ପ୍ରବଳଭାବରେ ଋଷିମାନଙ୍କ ମନରେ ସ୍ପଷ୍ଟ ହୋଇ ଉଠିଥିଲା ବୋଲି ସେମାନେ ନାନାଭାବରେ ବାରମ୍ବାର କହୁଥିଲେ :—

ନ ଧନଂ ନ ଜନଂ ନ କବିତାଂ
ସୁନ୍ଦରୀଂ ବା ଜଗଦୀଶ କାମୟେ ।
ମମ ଜନ୍ମନି ଜନ୍ମନୀଶ୍ବରେ ଭବତାଦ୍
ଭକ୍ତିରହେତୁକୀ ତ୍ବୟି ।

(ପାର୍ଥିବ ପଦାର୍ଥସବୁ ଅସ୍ଥିର ବୋଲି ପ୍ରାଚୀନ ମନୀଷୀଗଣ ଈଶ୍ବରଙ୍କଠାରେ ପ୍ରାର୍ଥନା କରୁଥିଲେ—ହେ ଜଗଦୀଶ ! ଧନ, ଜନ, କବିତା, ସୁନ୍ଦରୀ ମୋର କିଛି ଆବଶ୍ୟକ ନାହିଁ—ତୁମ ପ୍ରତି ଜନ୍ମେ ଜନ୍ମେ ମୋର କେବଳ ଅହେତୁକୀ ଭକ୍ତି ରହିଥାଉ ।)

ନାରୀ କହିଲେ କେବଳ ମା'କୁ ବୁଝିବା ଠିକ୍ ହେବ ନାହିଁ । ନାରୀ ଯେପରି ମା, ନାରୀ ସେହିପରି ଭଗ୍ନୀ ମଧ୍ୟ, କନ୍ୟା, ପତ୍ନୀ ମଧ୍ୟ । ସେହି ଏକ ଆତ୍ମା ନାରୀ ରୂପରେ ଯେତେବେଳେ ନିଜକୁ ଗର୍ଭରେ ଧାରଣ କରି ଜନ୍ମ ଦେବ, ସେ ହେବ ମା । ଅନ୍ୟ ଏକ ଆତ୍ମା ଯେତେବେଳେ ସେହି ନାରୀ ରୂପରେ ମାତାର ଗର୍ଭରୁ ଜନ୍ମ ନେବ, ସେ ହେବ ଭଗ୍ନୀ । ପୁଣି ସେହିମାନଙ୍କ ପରି ସମାନ ଅନ୍ୟ ଏକ ଆତ୍ମା ଯେତେବେଳେ ନିଜର ସନ୍ତାନକୁ ଗର୍ଭରେ ଧାରଣ କରିବ, ସେ ହେବ ପତ୍ନୀ, ଆଉ ସେ ପତ୍ନୀ ଯେତେବେଳେ ନାରୀ ସନ୍ତାନକୁ ଜନ୍ମ ଦେବ, ସେ ହେବ କନ୍ୟା । ନାରୀ କହିବା ମାତ୍ରକେ ସେ ମାତା ହେଉ, ଭଗ୍ନୀ ହେଉ, ପତ୍ନୀ ହେଉ, ଏକ ପ୍ରକାରର ଅବୟବ ବିଶିଷ୍ଟ ଗୋଟାଏ ପ୍ରାଣୀକୁ ବୁଝାଉଛୁ । ଏହି ଏକ ପ୍ରକାରର ଅବୟବ ବିଶିଷ୍ଟ ପ୍ରାଣୀ ଯେତେବେଳେ ସ୍ନେହ

Digitized by srujanika@gmail.com

ବିଶେଷରେ, ଅବସ୍ଥା ବିଶେଷରେ, ବିଭିନ୍ନ ରୂପରେ ଜନ୍ମ ଗ୍ରହଣ କରୁଛି, ସେତେବେଳେ ତା'ରି କ୍ଷେତ୍ର ତଥା ଅବସ୍ଥାର ବିଭିନ୍ନତା ହେତୁରୁ ତା'ର ବିଭିନ୍ନ ପ୍ରକାର ନାମକରଣ ମଧ୍ୟ ହେଉଛି । ଅଥଚ ଆମ ମନରେ ନାରୀର ଏ ବିଭିନ୍ନ ରୂପ ହେତୁରୁ ସେହି ଏକ ନାରୀ ସମ୍ବନ୍ଧରେ ବିଭିନ୍ନ ପ୍ରକାର ସଂସ୍କାର ରହୁଛି, ସେହି ଏକ ଅବୟବବିଶିଷ୍ଟ ପ୍ରାଣୀ ପ୍ରତି । ଅତଏବ ନାରୀ କହିଲେ ବୁଝିବାକୁ ହେବ ଯେ, ନାରୀ ମୂଳତଃ ଏକ ହେବା ସତ୍ତ୍ୱେ ମଧ୍ୟ ଯେପରି ଅନେକ, ଠିକ୍ ସେହିପରି 'ଚିନ୍ତା'ଟା ମୂଳତଃ ଏକ ହେବା ସତ୍ତ୍ୱେ ବି ଅନେକ ! ଏଇ ଅନେକକୁ ଆପାତତଃ ଦ୍ୱିବିଧ ବୋଲି ଧରିବା । କାରଣ ବିଷୟ-ବସ୍ତୁର ପାର୍ଥକ୍ୟତାକୁ ନେଇ 'ଚିନ୍ତା'ର ମଧ୍ୟ ପୃଥକ୍ ପୃଥକ୍ ନାମକରଣ ହୋଇଛି । ତେଣୁ ପ୍ରତ୍ୟେକ ଚିନ୍ତା ବା ବିଗ୍ଭର ଦର୍ଶନ ନୁହେଁ । କିପରି ନୁହେଁ, ସେ କଥା ବର୍ତ୍ତମାନ ଦେଖିବା ।

ଉଦାହରଣ ସ୍ୱରୂପ ଧରନ୍ତୁ ପୁସ୍ତକ । ପୁସ୍ତକ ସମ୍ବନ୍ଧରେ ଆମେ ଗମ୍ଭୀର ବିଚାର କରି ପାରୁଁ । କିନ୍ତୁ ପୁସ୍ତକ ସମ୍ବନ୍ଧରେ ଆମେ ଚଯ, ସମାନ ପ୍ରକାରର ଗଭୀର ବିଚାର କରିବାକୁ ବାଧ୍ୟ, ଏପରି କୌଣସି ବାଧ୍ୟବାଧକତା ପ୍ରକୃତ ମଧ୍ୟରେ ନାହିଁ । ମନୁଷ୍ୟ ଚିନ୍ତା କରିବାରେ ସ୍ୱତନ୍ତ୍ର । ଜଣକର ଚିନ୍ତା ଅନ୍ୟ ଜଣକର ସଙ୍ଗରେ ସମାନ ନ ହୋଇ ପାରେ । ନିଜର ରୁଚି ଅନୁସାରେ, ନିଜର ଯୋଗ୍ୟତାନୁସାରେ ମନୁଷ୍ୟ ବିଭିନ୍ନ ପ୍ରକାରର ଚିନ୍ତା କରିବା ଏପରିକି ସେଇ ଏକ ଦାର୍ଶନିକ ଚିନ୍ତା ମଧ୍ୟ ମନୁଷ୍ୟ ବିଭିନ୍ନ ଭାବରେ କରି ପାରେ । ଏପରିକି ଯେଉଁମାନେ ମୁନି, ମୌନୀ, ଅର୍ଥାତ୍ ଗମ୍ଭୀର ବିଚାରକ, ଦାର୍ଶନିକ ବୋଲି ଯେଉଁମାନେ ମୁନି ଏବଂ ମୌନୀ, ସେମାନେ ମଧ୍ୟ ବିଭିନ୍ନ ପ୍ରକାରର ଚିନ୍ତା କରି ପାରିଲେ ଯାଇ ସେମାନେ ମୁନି

Digitized by srujanika@gmail.com

ହେବେ । ଅନ୍ୟ ଜାହାରର 'ଚିନ୍ତା'କୁ ନିର୍ବିଘ୍ନରେ 'ହଁ, ଠିକ୍' ବୋଲି କହିଲେ, ସେ ଯଥାର୍ଥ ଅର୍ଥରେ ମୁନି ହେବେ ନାହିଁ । ଏ କଥାର ସୂଚନା ଶାସ୍ତ୍ର ଦେଇଛନ୍ତି—"ନାସୌ ମୁନିର୍ଯ୍ୟସ୍ୟ ମତଂ ନ ଭିନ୍ନ"—ଯା'ର ବିଚାର ଅନ୍ୟଠାରୁ ଭିନ୍ନ ନୁହେଁ, ସେ ମୁନି ନୁହେ । ଯଦି ପୁସ୍ତକ ସମ୍ବନ୍ଧରେ ଏକ ପ୍ରକାରର ଚିନ୍ତା କରିବାକୁ ମନୁଷ୍ୟ ବାଧ୍ୟ ନୁହେଁ, ତେବେ ବିଭିନ୍ନ ପ୍ରକାରର ଚିନ୍ତା କରିବା ତା' ପକ୍ଷରେ ସ୍ୱାଭାବିକ । ଅଜି ମନୁଷ୍ୟ ତା' କରୁଛି ମଧ୍ୟ । ଅଜି ଏହି ଚିନ୍ତାର ବିଭିନ୍ନତା ହେତୁରୁ 'ଚିନ୍ତା'ର ବିଭିନ୍ନ ନାମକରଣ ହେଉଛି । ସୌନ୍ଦର୍ଯ୍ୟ ଦୃଷ୍ଟିରୁ ପୁସ୍ତକର ବାହ୍ୟ ଅକାର, ପ୍ରକାର, ବାହ୍ୟ ଅବରଣ, ପୁସ୍ତକର ପ୍ରଚ୍ଛଦ ପଟ୍ଟ ଅଦି ସମ୍ବନ୍ଧରେ ମନୁଷ୍ୟର ଯେ ଗମ୍ଭୀର ବିଚାର, ତା' ହେଉଛି 'କଳା' । ପୁସ୍ତକକୁ କଳାତ୍ମକ ଢଙ୍ଗରେ ପ୍ରସ୍ତୁତ କରିବା ପାଇଁ ମନୁଷ୍ୟ ଯଦି ଗମ୍ଭୀର ବିଚାର କରି ନ ପାରେ, ତେବେ ସେ ପୁସ୍ତକକୁ ସୁନ୍ଦର କରି ନିର୍ମାଣ କରି ପାରିବ ନାହିଁ । ତେଣୁ ପୁସ୍ତକକୁ ସୁନ୍ଦର ରୂପ ଦେବା ଲାଗି ତାକୁ ସୌନ୍ଦର୍ଯ୍ୟ ସମ୍ବନ୍ଧରେ ଗମ୍ଭୀର ବିଚାର ଦେବାକୁ ହେବ । ଅଜି ଏହି ସୌନ୍ଦର୍ଯ୍ୟ ସମ୍ବନ୍ଧରେ ତାର ଯେଉଁ ଗମ୍ଭୀର 'ଚିନ୍ତା' ହେବ, ତାର ନାମ ହେବ 'କଳା' । ସଙ୍ଗୀତର ସୌନ୍ଦର୍ଯ୍ୟ (ସଙ୍ଗୀତକୁ ବିଭିନ୍ନ ବାଦ୍ୟଯନ୍ତ୍ର ସାହାଯ୍ୟରେ, ବିଭିନ୍ନ ରାଗ ରାଗିଣୀର ମାଧ୍ୟମରେ, ବିଭିନ୍ନ ତାଳ ଲୟ ସହିତ ଅଳଙ୍କାରିକ ଢଙ୍ଗରେ ସଙ୍ଗୀତକୁ ମଧୁର କରିବା ବିଦ୍ୟା) ସମ୍ବନ୍ଧରେ ମନୁଷ୍ୟର ଗମ୍ଭୀର ବିଚାର, 'ସଙ୍ଗୀତ କଳା'; ନୃତ୍ୟ-ସୌନ୍ଦର୍ଯ୍ୟ (ମନୁଷ୍ୟର ମନକୁ ପ୍ରବଳଭାବରେ ମୋହିତ କରିବା ଭଳି ଢଙ୍ଗରେ ନୃତ୍ୟ କରିବା କୌଶଳ) ସମ୍ବନ୍ଧରେ ମନୁଷ୍ୟର ଗମ୍ଭୀର ବିଚାର 'ନୃତ୍ୟକଳା', ସାହିତ୍ୟସୌନ୍ଦର୍ଯ୍ୟ (କାବ୍ୟ କବିତା ନାଟକ ଅଦି

Digitized by srujanika@gmail.com

ପୂର୍ବପୂର୍ଣ୍ଣ ରୂପକର ସାହିତ୍ୟ ଗଢ଼ି ତୋଳିବାର ଯୋଗ୍ୟତା) ସମ୍ବନ୍ଧରେ ମନୁଷ୍ୟର ଗମ୍ଭୀର ବିଶ୍ୱାସ 'ସାହିତ୍ୟ କଳା' । ପୁଣି, ପୁସ୍ତକର ଉପାଦାନ କାରଣ କାଗଜ, କାଳି, ଲୌହ-ଲିପି, ଯନ୍ତ୍ରାଦି ସମ୍ବନ୍ଧରେ ମନୁଷ୍ୟର ଯେ ଗମ୍ଭୀର ବିଶ୍ୱାସ ତା ହେଉଛି 'ବିଜ୍ଞାନ' । ମନୁଷ୍ୟର ଯେ ଶ୍ରଦ୍ଧା ମନୁଷ୍ୟକୁ ତାଳପତ୍ର ପୋଥିରୁ, ଭୂର୍ଜପତ୍ରରୁ, ମୁଦ୍ରଣ-ଯନ୍ତ୍ର ସାହାଯ୍ୟରେ ପୁସ୍ତକାକାରରେ ନିର୍ମାଣ କରିବାକୁ ସାହାଯ୍ୟ କଲା, ଫଳତଃ ମନୁଷ୍ୟ ମୁଦ୍ରଣ ଯନ୍ତ୍ର ଆବିଷ୍କାର କରି ପାରିଲା, ମନୁଷ୍ୟର ସେହି ଗମ୍ଭୀର ଶ୍ରଦ୍ଧା 'ବିଜ୍ଞାନ' । କିନ୍ତୁ ଏ ପୁସ୍ତକର ଯେ ମୂଳ କାରଣ, ସୂକ୍ଷ୍ମ ଅପ୍ରତ୍ୟକ୍ଷ କାରଣ, ଅର୍ଥାତ୍ ଯେଉଁ ମୂଳ ସୂକ୍ଷ୍ମ ଅଣୁପରମାଣୁରୁ ଏ ଆକାର ଧାରଣ କରି ପୁସ୍ତକ ସ୍ଥୂଳ ହୋଇଛି, ପ୍ରତ୍ୟକ୍ଷ ହୋଇଛି, ସେହି ଅଣୁପରମାଣୁ ସମ୍ବନ୍ଧରେ ଅର୍ଥାତ୍ ସେହି ସୂକ୍ଷ୍ମ ଜଗତ ସମ୍ବନ୍ଧରେ ମନୁଷ୍ୟର ଗମ୍ଭୀର ବିଶ୍ୱାସ ଦର୍ଶନ । ପୁସ୍ତକର ଯେ ବର୍ତ୍ତମାନର ରୂପ ସମ୍ଭବ ହୋଇଛି, ସୃଷ୍ଟିର ବିକାଶ ହେବା ପୂର୍ବରୁ ଅର୍ଥାତ୍ ସୃଷ୍ଟି ପ୍ରତ୍ୟକ୍ଷ ହେବା ପୂର୍ବରୁ ତାର ଠିକ୍ ଏହି ସ୍ୱରୂପ ନ ଥିଲା । ଏ ପୁସ୍ତକର ମୂଳ କାରଣ ଯେ ପଞ୍ଚମହାଭୂତ, ସେ ମଧ୍ୟ କୌଣସି ଅତି ସୂକ୍ଷ୍ମ ମୂଳ ବସ୍ତୁ ବିଶେଷରେ ପରମ ଅଦୃଶ୍ୟମାନ ରୂପରେ ପର୍ଯ୍ୟବସିତ ଥିଲା । ବର୍ତ୍ତମାନର ତା'ର ଏହି ସ୍ଥୂଳ ରୂପ ସେହି ଅଦୃଶ୍ୟମାନ ଅଣୁର ସ୍ଥୂଳ ରୂପ ମାତ୍ର । ସୃଷ୍ଟିର ଅନେକ ପରିବର୍ତ୍ତନ ବିବର୍ତ୍ତନ ହେବା ପରେ, ସୃଷ୍ଟିର ଅନେକ କାଳ ବିତିଯିବା ପରେ, ଅଣୁ-ପରମାଣୁ ସ୍ଥୂଳ ହୋଇ ଦୃଶ୍ୟମାନ ହେବା ପରେ, ପୁଣି ଏ ଦୃଶ୍ୟମାନ ସ୍ୱରୂପକୁ ବିଜ୍ଞାନ ବଳରେ ମନୁଷ୍ୟ ଅନ୍ୟ ରୂପ ଦେବା ଫଳରେ ପୁସ୍ତକର ଆଧୁନିକ କାଳର ରୂପସୃଷ୍ଟି ସମ୍ଭବ ହୋଇଛି । ବସ୍ତୁତଃ, ପୁସ୍ତକର ଅପ୍ରତ୍ୟକ୍ଷ କାରଣ ସମ୍ବନ୍ଧରେ ମନୁଷ୍ୟର ଯେ ଗମ୍ଭୀର

Digitized by srujanika@gmail.com

ବିଗ୍ଭର, ତା' ମନୁଷ୍ୟର 'ଦାର୍ଶନିକ ବିଗ୍ଭର' । ସୃଷ୍ଟିର ଯେ ମୂଳ ପ୍ରକୃତି (ପ୍ରକୃତିର ମୂଳ କାରଣ ଅର୍ଥାତ୍ ପଞ୍ଚମହାଭୂତର ମୂଳ କାରଣ ଅଣୁପରମାଣୁ), ତଥା ଅସ୍ଥି ଅଳ୍ପ ପରମାତ୍ମା ସର୍ବଦା ସର୍ଜନ କରୁଥିବା ସେହି ନିତତ୍ତ୍ୱ ସମ୍ବନ୍ଧରେ ମନୁଷ୍ୟର ଚିନ୍ତା ଦର୍ଶନର ବିଷୟ—କଳା ବା ବିଜ୍ଞାନର ବିଷୟ ତାହା ନୁହେ । ତେଣୁ ପ୍ରକୃତ ସମ୍ବନ୍ଧରେ ମଧ୍ୟ ମନୁଷ୍ୟର ଯେ ବିଗ୍ଭରଧାରା ସୃଷ୍ଟି ପ୍ରକ୍ରିୟାର ମୂଳ କାରଣ ସଙ୍ଗରେ ସମ୍ବନ୍ଧିତ, ମନୁଷ୍ୟର ସେ ବିଚ୍ଛରଧାରା ଦାର୍ଶନିକ ବିଗ୍ଭରଧାରା । ସୁତରାଂ ଚିନ୍ତା ମାତ୍ରକୁ, ବିଗ୍ଭର ମାତ୍ରକୁ ଦର୍ଶନ ମନେ କରିବା ଅସମୀଚୀନ ।

ଏହି ବିଗ୍ଭର ବା ଚିନ୍ତା ମନୁଷ୍ୟର ମସ୍ତିଷ୍କର ଉପଜ । ମନୁଷ୍ୟର ମସ୍ତିଷ୍କର ଉପଜ କେବଳ ବିଗ୍ଭର ବା ଚିନ୍ତା ନୁହେ—ବିଶ୍ୱାସ ମଧ୍ୟ । ମନୁଷ୍ୟର ମସ୍ତିଷ୍କରେ ବିଗ୍ଭର କରିବା ପାଇଁ ଯେପରି ସ୍ୱତନ୍ତ୍ର କ୍ଷେତ୍ର ରହିଛି, ସ୍ୱତନ୍ତ୍ରଭାବରେ ସାଧନ କରିବାର ଯୋଗ୍ୟତାର ସାଧନ ରହିଛି, ଠିକ୍ ସେହିପରି ବିଶ୍ୱାସ କରିବା ପାଇଁ ମଧ୍ୟ ସ୍ୱତନ୍ତ୍ର କ୍ଷେତ୍ର ରହିଛି ତଥା ସାଧନ ରହିଛି । ଏହାହିଁ କାରଣ ଯେ ଚିନ୍ତା କରିବା ଯେପରି ମନୁଷ୍ୟର ସ୍ୱାଭାବିକ ଗୁଣ, ବିଶ୍ୱାସ କରିବା ମଧ୍ୟ ସେହିପରି ମନୁଷ୍ୟର ସ୍ୱାଭାବିକ ଗୁଣ । କୌଣସି ସନ୍ତାନ କେବେହେଁ ତାର ପିତା ମାତାଙ୍କୁ ବା ତାର ପିତା ମାତା ସମ୍ବନ୍ଧରେ ଅନ୍ୟକୁ ପ୍ରଶ୍ନ କରେ ନା ଯେ ସେମାନେ ଯଥାର୍ଥରେ ତାର ପିତା ମାତା କି ନା । ସନ୍ତାନ ମନରେ ଏପରି କୌଣସି ସନ୍ଦେହ ଜାତ ନ ହେବାର କାରଣ ଏହି ଯେ ମନୁଷ୍ୟର ସ୍ୱଭାବ ବିଶ୍ୱାସ କରିବା । ହଁ, ଏ କଥା ସତ୍ୟ ଯେ ଚିନ୍ତା ଦ୍ୱାରା ହୁଏ ତ ବିଶ୍ୱାସ ଅନେକ କ୍ଷେତ୍ରରେ ନିଃସାର ପ୍ରମାଣିତ ହୁଏ । ପରେ ହୁଏ ତ ମନୁଷ୍ୟ ଚିନ୍ତାର ସାହାଯ୍ୟରେ ବିଶ୍ୱାସର

Digitized by srujanika@gmail.com

ସାରବତ୍ତା ବା ନିଃସାରତାକୁ ଉପଲବ୍ଧି କରି ତାକୁ ଗ୍ରହଣ କରେ ବା ପ୍ରତ୍ୟାଖ୍ୟାନ କରେ । କିନ୍ତୁ ପ୍ରଥମତଃ ଅର୍ଥାତ୍ କୌଣସି କଥା ଶୁଣିବା ମାତ୍ରକେ ମନୁଷ୍ୟ ବିଶ୍ୱାସ କରିବାକୁ ବାଧ୍ୟ ହୁଏ । ଏହାହିଁ ପ୍ରମାଣ ଯେ ବିଶ୍ୱାସ ମନୁଷ୍ୟର ସ୍ୱାଭାବିକ ଗୁଣ । ଏ କଥାର ଅପବାଦ ମଧ୍ୟ ଥାଇ ପାରେ; ଯେପରି ମନୁଷ୍ୟ ପେଟରୁ ପଶୁ ଶାବକ ଜନ୍ମ ନେବା କଥାକୁ ଠିକ ମନୁଷ୍ୟ ବିଶ୍ୱାସ କରି ପାରେ ନା । ତେବେ ଏ କଥାର ଅପବାଦ ଥିବା ସତ୍ତ୍ୱେ, ଏ କଥାର ସତ୍ୟତାର ଅସ୍ତିତ୍ୱକୁ ବି ତ ଅସ୍ୱୀକାର କରିଯାଇ ପାରେ ନା ।

ହଁ, ଏଠାରେ ଆଉ ଗୋଟାଏ କଥା କହି ରଖିବାର ଆବଶ୍ୟକତା ପଡ଼ୁଛି । ନାରୀ ପୁରୁଷ ଭେଦରେ ଚିନ୍ତା ଓ ବିଶ୍ୱାସର ତାରତମ୍ୟତା ରହୁଛି । ଆଉ ଏଠି ଏହାର ବୈଜ୍ଞାନିକ ବିଶ୍ଳେଷଣର ଆବଶ୍ୟକତା ମଧ୍ୟ ରହୁଛି । ତା' ଏହି—

୧ । ସ୍ତ୍ରୀ ଆଉ ପୁରୁଷ ମଧ୍ୟରେ ଯେଉଁ ଶାରୀରିକ ଏବଂ ମାନସିକ ଭେଦ ଦେଖାଯାଏ, ତାର କାରଣ ମସ୍ତିଷ୍କର ପରମାଣୁ-ବୈଭିନ୍ନ । (ଏହି ପରମାଣୁ କଣ ବିଶେଷ; ତାର ପ୍ରତ୍ୟକ୍ଷ ଦର୍ଶନ ଅସମ୍ଭବ; ତା ମନୋବୈଜ୍ଞାନିକ ବିଶ୍ଳେଷଣ ସାପେକ୍ଷ । ଅନ୍ତତଃ, ଏହା ଦର୍ଶନର ବିଷୟ ନୁହେଁ) ।

୨—ପ୍ରତ୍ୟେକଙ୍କର ମସ୍ତିଷ୍କରେ ୨୨ଟି ଶକ୍ତି ଅଛି—ମସ୍ତିଷ୍କର ବାମ ପାଖକୁ ୧୦, ମସ୍ତିଷ୍କର ଦକ୍ଷିଣ ପାଖକୁ ୧୦, ବ୍ରହ୍ମରନ୍ଧ୍ରରେ ୧, ଆଉ ତାଳୁରେ ୧ । (ଏ ଶକ୍ତି ମଧ୍ୟ ଅଦୃଶ୍ୟମାନ ତତ୍ତ୍ୱ ବିଶେଷ । ଏହି ଅଣୁ ଉପରେ ଅଧିକାଂଶତଃ ତା'ର କାର୍ଯ୍ୟକାରିତା ଗୁଣ ନିର୍ଭର କରେ । କୌଣସି ଶକ୍ତିର ପ୍ରକାଶ ବା ଅପ୍ରକାଶ ଅଥବା ପ୍ରକାଶର

Digitized by srujanika@gmail.com

ହ୍ରାସବୃଦ୍ଧି ଯେଉଁ ପଦାର୍ଥ ମାଧ୍ୟମରେ ସେ ପ୍ରକାଶ ଲାଭ କରେ, ତା'ର ଯୋଗ୍ୟତା ବା ଅଯୋଗ୍ୟତା, ଅଥବା ଅବୟବର ବଳିଷ୍ଠତା ବା ହୀନବଳ ଉପରେ ନିର୍ଭର କରେ, ଯଥା :—କ୍ଷୀଣବ୍ୟକ୍ତିର ଶରୀରରେ ଶକ୍ତିର ପ୍ରକାଶ ମଧ୍ୟ କ୍ଷୀଣ ହୁଏ—ବଳିଷ୍ଠ ବ୍ୟକ୍ତିର ଶରୀରରେ ଶକ୍ତିର ପ୍ରାଚୁର୍ଯ୍ୟ ପରିଲକ୍ଷିତ ହୁଏ ।)

୩—ପ୍ରତ୍ୟେକ ପ୍ରାଣୀର ମସ୍ତିଷ୍କରେ ଏ ସମସ୍ତ ଶକ୍ତି ଏକାଧାରରେ ପ୍ରକାଶ ଲାଭ କରେ ନା—ଗୋଟାଏ ଦୁଇଟା ଶକ୍ତିର କେବଳ ପ୍ରାଧାନ୍ୟ ରହେ; କାହାରର ଜ୍ଞାନଶକ୍ତିର ପ୍ରାଧାନ୍ୟ ରହେ ତ କାହାରର ଭକ୍ଷଣଶକ୍ତିର ତ, କାହାରର ଲେଖନଶକ୍ତିର । (ଏହାର କାରଣ ସେହି ଅଣୁର ତାରତମ୍ୟତା ।)

୦—ବ୍ରହ୍ମରନ୍ଧ୍ରରେ ଯେଉଁ ଏକବିଂଶତିତମ ଶକ୍ତି ଅଛି, ତା'ର ନାମ ଅଣୁ ତତ୍ତ୍ୱ, ଅଜ ତା ଆଧ୍ୟାତ୍ମିକ ଶକ୍ତିର କେନ୍ଦ୍ର । (ବ୍ରହ୍ମରନ୍ଧ୍ର ଅର୍ଥ ବ୍ରହ୍ମତାଳୁ । ମସ୍ତକର ମଧ୍ୟଭାଗର ଏକ କ୍ଷୁଦ୍ର; ଲୋକଙ୍କର ବିଶ୍ୱାସ ଏହି ରନ୍ଧ୍ର ଦେଇ ମନୁଷ୍ୟର ପ୍ରାଣବାୟୁ ନିର୍ଗତ ହେଲେ, ମନୁଷ୍ୟ ମୋକ୍ଷ ଲାଭ କରେ ।) ଈଶ୍ୱର ସର୍ବବ୍ୟାପକ ହେଲେ ମଧ୍ୟ ସେ ଏହି ବ୍ରହ୍ମରନ୍ଧ୍ରସ୍ଥିତ ଅଣୁଶକ୍ତି ମାର୍ଗଦ୍ୱାରା ସର୍ବତୋଭାବରେ ପ୍ରକାଶିତ ହୁଅନ୍ତି । (ଏହାର ଅର୍ଥ ଏହି ଯେ, ସର୍ବବ୍ୟାପକ ଈଶ୍ୱର ଯେପରି ପବିତ୍ରାତ୍ମାଠାରେ ଅଧିକ ପ୍ରକାଶ କରନ୍ତି; ଦର୍ପଣ ସମ୍ମୁଖରେ ଥିବା ସତ୍ତ୍ୱେ ବି ଯେପରି ମଳିନ ଦର୍ପଣରେ ମୁଖ ଦେଖି ହୁଏ ନା, ଏହା ପ୍ରାୟ ସେହିପରି ।)

୫—ତାଳୁରେ ଯେଉଁ ଶକ୍ତି ଅଛି, ତା ପାର୍ଥିବ ଶକ୍ତି । ଏ ପାର୍ଥିବ ତତ୍ତ୍ୱରେ ଅଗ୍ନି ତତ୍ତ୍ୱର ଆଧିକ୍ୟ ରହିଛି । ଏଥିପାଇଁ ସୂର୍ଯ୍ୟ ଦ୍ୱାରା

Digitized by srujanika@gmail.com

ଏହା ଜୀବନ୍ତ ହୁଏ। ଆମ ଶରୀରର ସୂର୍ଯ୍ୟ ଓ ବାହ୍ୟସୂର୍ଯ୍ୟ ଏକ— ସେହି ଏକ ଅଗ୍ନିତତ୍ତ୍ୱ।

୬—ସ୍ତ୍ରୀ ବୀଜର ପାର୍ଥିବ ତତ୍ତ୍ୱର ଆଧିକ୍ୟ ଦ୍ୱାରା ତାର ନାରୀ-ଜୀବନକୁ ପ୍ରାପ୍ତ କରେ। ପୁରୁଷ ବୀଜର ଅଣୁତତ୍ତ୍ୱ ଦ୍ୱାରା ତାର ପୁରୁଷ-ଜୀବନକୁ ପ୍ରାପ୍ତ କରେ।

୭—ସୂର୍ଯ୍ୟଙ୍କର ପ୍ରାୟ ୧୦୦୦ କିରଣ ଅଛି। ଏହାର ଗୁଣ ଓ ପ୍ରଭାବ ଭିନ୍ନ ପ୍ରକାର।

୮—ପୁରୁଷର ତତ୍ତ୍ୱ ସୂର୍ଯ୍ୟର ପ୍ରଥମ ଓ ଦ୍ୱିତୀୟ କିରଣକୁ ଅଧିକ ଆକୃଷ୍ଟ କରେ। ସ୍ତ୍ରୀର ତତ୍ତ୍ୱ ସୂର୍ଯ୍ୟର ତୃତୀୟ କିରଣକୁ ଆକୃଷ୍ଟ କରେ।

୯—ସୂର୍ଯ୍ୟର ଏହି ତୃତୀୟ କିରଣରେ ତମୋଗୁଣର ମାତ୍ରା ବେଶୀ। ତେଣୁ ସ୍ତ୍ରୀର ପାର୍ଥିବ କେନ୍ଦ୍ରରେ ତମୋଗୁଣର ଅଂଶ ଅଧିକ। ସ୍ତ୍ରୀଠାରେ ତମୋଗୁଣର ଆଧିକ୍ୟ ଥିବାରୁ ଓ ତମୋଗୁଣକୁ ସ୍ତ୍ରୀର ତତ୍ତ୍ୱ ଅଧିକ ଆକର୍ଷଣ କରୁଥିବାରୁ ସ୍ତ୍ରୀଠାରେ ଶ୍ରଦ୍ଧା ଓ ବିଶ୍ୱାସ ପୁରୁଷ ଅପେକ୍ଷା ବେଶୀ ଦେଖାଯାଏ। (ତମୋଗୁଣ ଅର୍ଥ ତମଃ+ଗୁଣ। ତମଃ ଅର୍ଥ ଅନ୍ଧକାର। ଅନ୍ଧକାରର ଆଳଙ୍କାରିକ ଅର୍ଥ ଅବିଚାର—ଚିନ୍ତାବିହୀନ ବିଶ୍ୱାସ।) ଚିନ୍ତାବିହୀନ ବିଶ୍ୱାସର ଆଧିକ୍ୟ ସ୍ତ୍ରୀମାନଙ୍କଠାରେ ଥିବାରୁ ଅଶରୀରୀଙ୍କୁ ଶ୍ରଦ୍ଧା ଓ ଅଜ୍ଞାତଜନଙ୍କୁ ବିଶ୍ୱାସ କରିବାରେ ମଧ୍ୟ ଏମାନେ କୁଣ୍ଠିତ ହୁଅନ୍ତି ନାହିଁ। ତୀର୍ଥ ରି ଅର୍ଥପିଶାଚ ପଣ୍ଡା ଏମାନଙ୍କ ପକ୍ଷରେ ପରମ ଆଦରଣୀୟ—ଭଣ୍ଡ ତପସ୍ୱୀ ଏମାନଙ୍କର ଗୁରୁ—ଦୁଷ୍ଟ ପୁଅ ବି ଏମାନଙ୍କ ପକ୍ଷରେ ଅତୀବ ପ୍ରିୟ—ଓ ଅସ୍ତିତ୍ୱବିହୀନ ଭୂତ ପ୍ରେତ

ପ୍ରତି ଏମାନଙ୍କର ପ୍ରଗାଢ଼ ବିଶ୍ୱାସ । ଚରିତ୍ରହୀନ ସ୍ୱାମୀ ବି ଏମାନଙ୍କ ପକ୍ଷରେ ପରମ ଉପାସ୍ୟ ଦେବତା । ଏଥିପାଇଁ ହରିଣୀପରି ଭୁଲିବା, ପଥଭ୍ରଷ୍ଟ ହେବା ଏମାନଙ୍କ ପକ୍ଷରେ ସ୍ୱାଭାବିକ । ରାଜସିକ, ସାତ୍ତ୍ୱିକ, ତାମସିକ, ଏଇ ଗୁଣତ୍ରୟ ଦୃଷ୍ଟିରୁ ବିଚାର କଲେ, ସ୍ତ୍ରୀଠାରେ ତମୋଗୁଣ ବେଶି ଥିବାରୁ ସ୍ତ୍ରୀମାନେ ପୁରୁଷ ଅପେକ୍ଷା ବିଳାସିନୀ ବେଶୀ—ପୁରୁଷ ଅପେକ୍ଷା ନେତ୍ରଗ ପ୍ରବୃତ୍ତି ଏମାନଙ୍କର ବେଶି । ସ୍ତ୍ରୀର ଏ ସ୍ୱଭାବର ବ୍ୟତିକ୍ରମ ଘଟିପାରେ ସ୍ଥଳ ବିଶେଷରେ । କିନ୍ତୁ ତା' କେବଳ ଅପବାଦ ।

୧୦—କାମ, କ୍ରୋଧ, ଲୋଭ, ଆଳସ୍ୟ, ନିଦ୍ରା ତଥା ଶ୍ରଦ୍ଧା ବିଶ୍ୱାସ, ଏସବୁ ସାତ ଭାଗରେ ତମୋଗୁଣ ବିଭକ୍ତ । ଏ ମଧ୍ୟରୁ ଶ୍ରଦ୍ଧା ଅନ୍ଧ ବିଶ୍ୱାସକୁ ଛାଡ଼ି ଦେଲେ ବାକି ସମସ୍ତ ଦୁଃଖପ୍ରଦ । ଶ୍ରଦ୍ଧା ଅନ୍ଧ ବିଶ୍ୱାସ ମଧ୍ୟ ତମୋଗୁଣ । ଅନ୍ଧ ଏହା ସ୍ତ୍ରୀଠାରେ ବେଶୀ । ଏହା ମଧ୍ୟ ଦୁଃଖପ୍ରଦ ହୁଏ, ଚିନ୍ତାବିହୀନ ହେବା ଫଳରେ । ଚିନ୍ତାଯୁକ୍ତ ହେଲେ ଶ୍ରଦ୍ଧା ଅନ୍ଧ ବିଶ୍ୱାସ ଦୁଃଖପ୍ରଦ ହୁଏନା; ସେତେବେଳେ ଏହା ପୁରୁଷଠାରେ ପ୍ରକାଶ ପାଏ । (ସ୍ତ୍ରୀଠାରେ ତମୋଗୁଣୀ ଶ୍ରଦ୍ଧା ଅନ୍ଧ ବିଶ୍ୱାସର ପ୍ରବଳତା ଥିବାରୁ ସେମାନେ ସହଜରେ ପ୍ରତାରିତ ହୋଇ ପାରନ୍ତି । ବିଚାରଶକ୍ତି ଏମାନଙ୍କର ଅଳ୍ପ ଥିବାରୁ, ଫଳତଃ ଏମାନେ ଅଜ୍ଞ ଥିବାରୁ ଏମାନଙ୍କୁ ଠକିବା ସହଜ । ଅନ୍ୟ ପକ୍ଷରେ, ଏମାନେ ବିଦୁଷୀ ହେଲେ ମଧ୍ୟ ଏମାନଙ୍କୁ ଠକିବା ସହଜ । କାରଣ ଏମାନେ ବିଦୁଷୀ ହେବାରୁ କୌଣସି କଥାକୁ ସହଜରେ ଗ୍ରହଣ କରି ପାରିବେ, ଅନ୍ଧ ଚିନ୍ତାଶକ୍ତିର କ୍ଷୀଣତା ଥିବାରୁ ଅନ୍ୟ ପ୍ରତି ପ୍ରବଳ ଶ୍ରଦ୍ଧା ଅନ୍ଧ ବିଶ୍ୱାସବଶତଃ ନିଜକୁ ଅନ୍ୟ ଅଗରେ ହରାଇ ଦେଇ ପାରିବେ । ଏହାହିଁ କାରଣ ଯେ ସ୍ତ୍ରୀଠାରେ

ସେବାମୂଳକ ପ୍ରବୃତ୍ତିର ପ୍ରାବଲ୍ୟ ଅଧିକ—ପୁରୁଷ ଦାସତ୍ୱ ସ୍ୱୀକାର କରିବାରେ ମଧ୍ୟ ଏମାନେ ଅକୁଣ୍ଠିତ । ରାଣୀ ମଧ୍ୟ ରାଜାର ଦାସୀ । ବିଦୁଷୀ ପତ୍ନୀ ମଧ୍ୟ ତାର ସ୍ୱାମୀର ଦାସୀ । ବୀରାଙ୍ଗନା ପତ୍ନୀ ମଧ୍ୟ ତା'ର ବୀର ସ୍ୱାମୀର ଦାସୀ । ସୀତା ମଧ୍ୟ ରାମଙ୍କର ଦାସୀ ଥିଲେ ବୋଲି ବନକୁ ତାଙ୍କର ଅନୁଗମନ କରି ପାରିଲେ, ଅଉ ଚୌଦ ବର୍ଷ କାଳ ନାନା ଯାତନା ସହିଲେ ରାମଙ୍କ ସଙ୍ଗରେ ? ଏ ସୀତା ପୁଣି 'ଅଭିଜ୍ଞା ରାଜଧର୍ମିଣାଂ ରାଜପୁତ୍ରୀ, ରାଜପୁତ୍ରୀ ସୀତା ରାଜନୀତିରେ ବି ନିପୁଣା । ଅଥଚ 'ପତିବ୍ରତା ମହାଭାଗା ଛାୟେବାନୁଗତା ସଦା' ପତିବ୍ରତା ମହାଭାଗା ସୀତା ଛାୟା ପରି ରାମଙ୍କର ଅନୁଗାମିନୀ । ପଶୁ ଯେପରି ତମୋଗୁଣର ଆଧିକ୍ୟ ହେତୁରୁ ଅର୍ଥାତ୍ ନିଜର ଶକ୍ତିସାମର୍ଥ୍ୟ ପ୍ରତି ଅନଭିଜ୍ଞତା ହେତୁରୁ ବଳହୀନ ମନୁଷ୍ୟର ବଶ୍ୟତା ସ୍ୱୀକାର କଲେ, ନାରୀ ବି ତାର ଅନ୍ଧ ଶ୍ରଦ୍ଧା ଅଉ ବିଶ୍ୱାସର ଆଧିକ୍ୟରୁ ପୁରୁଷର ବଶ୍ୟତା ସ୍ୱୀକାର କରେ ।)

ବିଶ୍ୱାସ ପାଇଁ କୌଣସି ଏକ ଭିତ୍ତି ଆବଶ୍ୟକ, କାରଣ ଅନାବଶ୍ୟକ, ସତ୍ୟ ଆବଶ୍ୟକ । କାରଣ ବିନା ବିଶ୍ୱାସର ଅସ୍ତିତ୍ୱ ସମ୍ଭବ ନୁହେଁ—ସତ୍ୟ ବିନା ବିଶ୍ୱାସ କରିବାକୁ ମନୁଷ୍ୟ ବାଧ୍ୟ ନୁହେଁ । ଅଉ ସତ୍ୟ ବିନା ମନୁଷ୍ୟ ଯେ ବିଶ୍ୱାସ କରେ, ତା' ବିଶ୍ୱାସ ନୁହେଁ, ତା' ଅନ୍ଧ ବିଶ୍ୱାସ । ଚିନ୍ତା ବିଶ୍ୱାସର ମୂଳ କାରଣ ହେବା ଉଚିତ—ଅଚିନ୍ତିତ ବିଶ୍ୱାସ ଅନ୍ଧବିଶ୍ୱାସ । ସତ୍ୟ ଯୁଗରେ ପର୍ବତଗୁଡ଼ାକ ଆକାଶରେ ଉଡ଼ୁଥିଲେ—ବୃକ୍ଷଗୁଡ଼ାକ ପରସ୍ପରରେ କଥାବାର୍ତ୍ତା କରୁଥିଲେ, ଏପରି କଥାକୁ ଆମେ ଯଦି ବିଶ୍ୱାସ କରୁ, ତେବେ ଆମର ଏ ଚିନ୍ତାହୀନ ବିଶ୍ୱାସ ଅନ୍ଧବିଶ୍ୱାସ ହେବ । ପଦାର୍ଥ-ବିଜ୍ଞାନ ସମ୍ବନ୍ଧରେ ଯା'ର ଅଳ୍ପ କିଛିଏ ବି ଜ୍ଞାନ ଅଛି ସେ ଜାଣେ

Digitized by srujanika@gmail.com

ସେ ଯେ ଏ ପଦାର୍ଥ ଗୁଡ଼ିକ 'ସ୍ଥାଣୁ' ପର୍ଯ୍ୟ ସ୍ୱଭୁକ୍ତ,—ଏମାନଙ୍କର କଥା କହିବା ବା ଚଳନ-ଶକ୍ତି ପ୍ରାପ୍ତ ହେବା ଅସମ୍ଭବ। ଯେ ପଦାର୍ଥର ଯେ ଗୁଣ ସୃଷ୍ଟିର ପ୍ରାରମ୍ଭରେ ଅଛି, ସେ ସୃଷ୍ଟିର ଅନ୍ତ ପର୍ଯ୍ୟନ୍ତ ରହିବ। ଈଶ୍ୱର ମଧ୍ୟ ଏ ଗୁଣର ପରିବର୍ତ୍ତନ କରି ପାରିବେ ନାହିଁ। କାରଣ ନିଜେ କୌଣସି ନିୟମ ନିର୍ମାଣ କରି ତାକୁ ଭାଙ୍ଗିବା ସର୍ବଜ୍ଞ ନ୍ୟାୟୀ ଈଶ୍ୱରଙ୍କର ପକ୍ଷରେ ସମ୍ଭବ ହେବ ନାହିଁ—ଅଧିକନ୍ତୁ କାଳର କୌଣସି ଶାସକ ପକ୍ଷରେ ତାହା ସମ୍ଭବ ହୋଇପାରେ। ପୃଥିବୀରେ ଯେ କେବଳ ତିନୋଟି ପଦାର୍ଥ ସର୍ବଦା ରହିଛି, ଈଶ୍ୱର ତାର କର୍ତ୍ତା ନୁହନ୍ତି—ତାର କେବଳ ସଞ୍ଚାଳନ-କର୍ତ୍ତା। ନିଜର ଗୁଣ ନେଇ ଏ ପଦାର୍ଥସକଳ ଅନାଦି କାଳରୁ ରହିଛି। ଏ ପଦାର୍ଥ ହେଉଛନ୍ତି, ପ୍ରକୃତି ପରମାତ୍ମା, ଜୀବ। ପ୍ରକୃତିର ସ୍ୱଭାବ ହେଉଛି କେବଳ ସତ୍ ଅର୍ଥାତ୍ ଏ ପଦାର୍ଥ ସ୍ଥିର ହୋଇ କେବଳ ରହିଛି—ଫଳତଃ ଏ ଜଡ଼ ପଦାର୍ଥ। ତା' ପରେ ଜୀବ, ଏ ଜୀବ, ସତ୍ ଅର ଚିତ୍। ଅର୍ଥାତ୍ ଏହାର ଜଡ଼ତ୍ୱ ଅଛି, ଅର୍ଥାତ୍ ଏ ରହିଛି, ଅର ଏ ପଦାର୍ଥ ଚେତନଶକ୍ତି-ସମ୍ପନ୍ନ ପଦାର୍ଥ। ଏଇ ପ୍ରକୃତିର ଅନ୍ତର୍ଗତ ହେଉଛନ୍ତି ପାହାଡ଼ ଅର ବୃକ୍ଷ। ତେଣୁ ପାହାଡ଼କୁ ଉଡ଼ିବା ଅର ଗଛକୁ କହିବା ମନେ କରିବା ଅନ୍ଧ ବିଶ୍ୱାସ ଛଡ଼ା ଅନ୍ୟ କିଛି ନୁହେ। (ଏସ୍ୱ ତଞ୍ଜ 'ପଣ୍ଡିତଙ୍କ ମୁହଁରୁ ମଧ୍ୟ ଶୁଣିଛି ଯେ ସେମାନେ କହନ୍ତି ସତ୍ୟ ଯୁଗରେ ପାହାଡ଼ଗୁଡ଼ିକ ଅକାଶରେ ଉଡ଼ୁଥିଲେ ଅର ବୃକ୍ଷଗୁଡ଼ାକ କଥାବାର୍ତ୍ତା କରୁଥିଲେ। ଜଗଦୀଶ ବସୁ ଯା'କୁ ବୃକ୍ଷମାନଙ୍କର କଥାବାର୍ତ୍ତା ବୋଲି କହୁଛନ୍ତି, ତା' ଠିକ୍ କଥାବାର୍ତ୍ତା କିନା ଚିନ୍ତା କରିବାର ବେଳ ଅସିଛି।)

Digitized by srujanika@gmail.com

ସନ୍ତାନ ଯେତେବେଳେ ବିଚାର କରି ଦେଖୁଛି ଯେ ସ୍ତ୍ରୀ ପୁରୁଷର ଶାରୀରିକ ଐକାନ୍ତିକ ସମ୍ବନ୍ଧ ସ୍ଥାପିତ ହେଲେ, ରଜୋବୀର୍ଯ୍ୟର ସମିଶ୍ରଣରେ ସନ୍ତାନୋତ୍ପତ୍ତି ସମ୍ଭବ ହେଉଛି, ଅଥଚ ସେ ଜାଣୁଛି ଯେ ତାର ପିତାମାତା ସେହିପରି ସ୍ତ୍ରୀ ପୁରୁଷ, ସେତେବେଳେ ସେ ବିଶ୍ୱାସ କରୁଛି ଯେ ସେମାନେ ତାର ପିତା ହେବା ସମ୍ଭବ । ଅର୍ଥାତ୍ ପିତାମାତାଙ୍କୁ ବିଶ୍ୱାସ କରିବା ମୂଳରେ ସତ୍ୟ ଅଛି—କାରଣ ଅଛି ବୋଲି ସନ୍ତାନ ଦୁଇଟି ସ୍ତ୍ରୀ ପୁରୁଷଙ୍କୁ ନିଜର ପିତାମାତା ବୋଲି ବିଶ୍ୱାସ କରୁଛି । ଏପରି ବିଶ୍ୱାସ ଅନ୍ଧ ବିଶ୍ୱାସ ନୁହେ । କିନ୍ତୁ ଶିଶୁ, ଯା'ର ଚିନ୍ତା କରିବାର ଶକ୍ତି କ୍ଷୀଣ, ସେ ମଧ୍ୟ ଏପରି ଦୁଇଟି ସ୍ତ୍ରୀ ପୁରୁଷଙ୍କୁ ନିଜର ପିତାମାତା ବୋଲି ବିଶ୍ୱାସ କରେ । ଏହାର କାରଣ ଏଇ ଯେ ଏହା ମନୁଷ୍ୟର ମସ୍ତିଷ୍କର ଗୁଣ, ମନୁଷ୍ୟର ନାନା ଜନ୍ମଗତ ସଂସ୍କାରମୂଳକ ସ୍ୱଭାବ । ଚିନ୍ତା କରିବା ଦୃଷ୍ଟିରୁ ଶିଶୁ ଆଉ ପଶୁର ମାନସିକ ଅବସ୍ଥା ପ୍ରାୟତଃ ଏକ । ପଶୁ ଯେପରି ନିର୍ବିଚାରରେ ସ୍ୱଭାବର ବଶବର୍ତ୍ତୀ ହୋଇ କର୍ମ କରିଯାଏ, ଶିଶୁ ମଧ୍ୟ ସେହିପରି ସ୍ୱଭାବର ବଶବର୍ତ୍ତୀ ହୋଇ କର୍ମ କରେ । ପିତାମାତା ପଦାର୍ଥଟା କଣ ଶିଶୁ ଯେ ଠିକ୍ ତା' ବୁଝି ବିଶ୍ୱାସ କରେ, ଏ କଥା ନୁହେ । ଯେ ତାକୁ ଖାଇବାକୁ ଦିଏ, ପାଳନ କରେ ତା'ର ସୁଖରେ ସୁଖୀ ହୁଏ, ତାର ଦୁଃଖରେ ଦୁଃଖୀ, ଏପରି ଦୁଇଟି ପ୍ରାଣୀଙ୍କୁ ସେ ପିତାମାତା ବୋଲି ବିଶ୍ୱାସ କରେ । ପିତାମାତା ଶବ୍ଦ ଦ୍ୱୟର ଅର୍ଥ କି ତ ଏଇସ୍ତା—'ପା ରକ୍ଷଣେ' ଧାତୁରୁ ପିତା ଶବ୍ଦର ଉତ୍ପତ୍ତି । ଯେ ରକ୍ଷା କରେ ସେ ପିତା । ସଃ ପାତି ସର୍ବାନ୍ ସ ପିତାଃ—ଯେ ସମସ୍ତଙ୍କର ରକ୍ଷା କରେ ସେ ପିତା; ସେଥିପାଇଁ ଈଶ୍ୱରଙ୍କୁ ମଧ୍ୟ ପିତା କୁହାଯାଏ । ଯୋ ମିମୀତେ ମାନୟତି ସର୍ବାଞ୍ଜିବାନ୍ ସ ମାତାଃ—ଯେ ସମସ୍ତଙ୍କର ସୁଖ ଚାହେଁ, କଲ୍ୟାଣ

Digitized by srujanika@gmail.com

ସ୍ତୁହେଁ, ସେ ମାତା । ଏହି ଅର୍ଥରେ ଈଶ୍ୱରଙ୍କୁ ମଧ୍ୟ ମାତା କୁହାଯାଏ—ତ୍ୱମେବ ମାତା ଚ ପିତା ତ୍ୱମେବ । କିନ୍ତୁ ଯେତେବେଳେ ଶିଶୁ ବୟଃ ପ୍ରାପ୍ତ ହୁଏ, ଚିନ୍ତା କରିବାର ଶକ୍ତି ତାର ଜାଗ୍ରତ ହୁଏ, ସେତେବେଳେ ସେ ବିଚାର ପୂର୍ବକ ବିଶ୍ୱାସ କରେ । ଫଳତଃ ସେମାନେ ଯଦି ତାର ବାସ୍ତବିକ ପିତାମାତା ହୁଅନ୍ତି, ସେମାନେ ଯଦି ତାର ଧର୍ମ ପିତାମାତା, ତେବେ ସେ ସେମାନଙ୍କୁ ଧର୍ମ ପିତାମାତା ଭାବରେ ବିଶ୍ୱାସ କରେ—ଜନ୍ମଦାତା ପିତାମାତା ଭାବରେ ନୁହେ । ଅତଏବ ଚିନ୍ତାକୁ ବାଦ୍ ଦେଇ ବିଶ୍ୱାସ ତିଷ୍ଠି ପାରିବ ନାହିଁ ବା ବିଶ୍ୱାସକୁ ବାଦ ଦେଇ ଚିନ୍ତା ତିଷ୍ଠି ପାରିବ ନାହିଁ । ଚିନ୍ତାକୁ ବାଦ୍ ଦେଇ ବିଶ୍ୱାସ କଲେ ତା' ଅନ୍ଧ ବିଶ୍ୱାସ ହେବ; ଆଉ ବିଶ୍ୱାସକୁ ବାଦ୍ ଦେଇ ଚିନ୍ତା କରି ହେବ ନାହିଁ । କଳ୍ପନା ହିଁ ବିଶ୍ୱାସର ମୂଳ । ଆଉ ଏ କଳ୍ପନା ବାସ୍ତବତାର ପ୍ରସୂତି । ବାସ୍ତବତା ନ ଥିଲେ କଳ୍ପନା ନ ଥାନ୍ତା । ଜଳ ନ ଥିଲେ ଜଳ ପରି କୌଣସି ତରଳ ପଦାର୍ଥର କଳ୍ପନା କରିବା ମନୁଷ୍ୟ ପକ୍ଷରେ ସମ୍ଭବ ହୁଅନ୍ତା ନାହିଁ ।

ଚିନ୍ତା ଓ ବିଶ୍ୱାସ ମନୁଷ୍ୟର ମସ୍ତିଷ୍କର ଦୁଇଟି ବିପରୀତ ଗୁଣ । ଫଳତଃ ଏ ଦୁଇ ଗୁଣର ପରିଣାମ ମଧ୍ୟ ବିପରୀତ ହେବା ସ୍ୱାଭାବିକ । ବିଶ୍ୱାସ କରିବା ମନୁଷ୍ୟର ମନର ଗୁଣ, ଚିନ୍ତା କରିବା ମନୁଷ୍ୟର ହୃଦୟର ଗୁଣ । (ହୃଦୟ ଅର୍ଥ ଏଠାରେ ହୃତପିଣ୍ଡ ନୁହେଁ—ଅନ୍ତଃକରଣ) । ମନୁଷ୍ୟର ହୃଦୟର ବିଚାର କରିବା, ଚିନ୍ତା କରିବା ଗୁଣକୁ କୁହାଯାଏ 'ବିବେକ' । ଆଉ ମନୁଷ୍ୟର ମନର ବିଶ୍ୱାସ କରିବା ଗୁଣକୁ କୁହାଯାଏ 'ବିଶ୍ୱାସ' । ଚିନ୍ତା ନ କରି ମନୁଷ୍ୟ ଯଦି ବିଶ୍ୱାସ କରିଥାଏ, ଆଉ ଚିନ୍ତା ଦ୍ୱାରା ବିଶ୍ୱାସ ଅମୂଳକ ସିଦ୍ଧ ହେବା

Digitized by srujanika@gmail.com

ଫଳରେ ତାଙ୍କୁ ଯେଉଁ ମନୋବେଦନା ସହ୍ୟ କରିବାକୁ ହୁଏ, ତା' 'ବିବେକର ଦଂଶନ' । ଅତଏବ ଗୋଟିଏ ପଦାର୍ଥର ଦୁଇଟି ବିପରୀତ ଗୁଣ ହୋଇ ପାରେ ନା । ଅଗ୍ନିର ଗୁଣ ଦହିବା, ଶୀତଳ କରିବା ନୁହେ । ଠିକ୍ ସେହିପରି ମନର ଗୁଣ ବିଶ୍ୱାସ—ଚିନ୍ତା ନୁହେ । ଏହାହିଁ କାରଣ ଯେ ହୃଦୟବାନ ଲୋକଙ୍କୁ କୁହାଯାଏ ବିଶ୍ୱାସବାନ୍ । ଯେ ହୃଦୟର ଇଙ୍ଗିତକୁ ମାନି ଚଳେ, ତାକୁ, ବିଚାର କରି ଚଳେ ବୋଲି ବୁଝିବା ତ ଅସଙ୍ଗତ ହେବ ନାହିଁ । କିନ୍ତୁ ଏହାର ବିପରୀତ, ଯେ ମନର ଇଙ୍ଗିତରେ କାର୍ଯ୍ୟ କରି ଯାଏ, ସେ ଅବିଶ୍ୱାସୀ । କାରଣ ମନର ଗୁଣ କେବଳ ଗ୍ରହଣ କରିବା ଅର୍ଥାତ୍ ବିଶ୍ୱାସ କରିବା; ଅନ୍ତତଃ ଚିନ୍ତା କରି ବିଶ୍ୱାସ କରିବା ନୁହେ । ଏହିମାନେ କହନ୍ତି ଯେ ରାବଣର ଦଶଟି ମୁଣ୍ଡ ଅଉ ବିଂଶଟି ବାହୁ ଥିଲା । କିନ୍ତୁ ଯେଉଁମାନେ ଏ ସମ୍ବନ୍ଧରେ ଚିନ୍ତା କରି ବିଶ୍ୱାସ କରନ୍ତି, ସେମାନେ କହନ୍ତି ଯେ ରାବଣର ଦଶଟି ମସ୍ତିଷ୍କର ବଳ ଥିଲା; ଅଉ ବିଂଶଟି ବାହୁର ବଳ ଥିଲା ତାର ଦୁଇଟି ବାହୁରେ । ଏହା କେବଳ କାବ୍ୟର ଅଳଙ୍କାର—ବେଦବାଣୀ ନୁହେ ।

ମନ ଅଉ ହୃଦୟର ସମାନ୍ତରାଳରେ ପରିପୂର୍ଣ୍ଣ ବିକାଶହିଁ ପୂର୍ଣ୍ଣ ମନୁଷ୍ୟତ୍ୱର ଲକ୍ଷଣ । ପୂର୍ଣ୍ଣ ମନଯୁକ୍ତ ପୁରୁଷ ମତିମାନ ତଥା ପୂର୍ଣ୍ଣ ହୃଦୟଯୁକ୍ତ ମନୁଷ୍ୟ ହୃଦୟବାନ୍ । ମତିମାନ ହେବା ଅର୍ଥ ପ୍ରତ୍ୟେକ କଥାକୁ ସମ୍ପୂର୍ଣ୍ଣଭାବରେ ହୃଦୟଙ୍ଗମ କରିବାର ଯୋଗ୍ୟତାସମ୍ପନ୍ନ ହେବା ଅଉ ହୃଦୟବାନ୍ ହେବାର ଅର୍ଥ ବିଚାର କରିବାର ଶକ୍ତି ସମ୍ପନ୍ନ ହେବା । ମନ ଶରୀରର ଗ୍ରହଣ କରିବାର ଏକ ଯନ୍ତ୍ର ସ୍ୱରୂପ ଓ ହୃଦୟ ବା ଅନ୍ତଃକରଣ ବିଚାର କରିବାର ଏକ ଯନ୍ତ୍ର ସ୍ୱରୂପ ।

Digitized by srujanika@gmail.com

ଏତାଧାରରେ ମତିମାନ୍ ଅତି ବୁଦ୍ଧିମାନ୍ ବ୍ୟକ୍ତିଙ୍କୁ କୁହାଯାଏ ମହାତ୍ମା । ରାମ ଏବଂ ଶ୍ରୀକୃଷ୍ଣ ଏହି ସ୍ତରର ବ୍ୟକ୍ତି ବିଶେଷ । ରାମଙ୍କ ସମ୍ବନ୍ଧରେ ମହର୍ଷି ବାଲ୍ମୀକି କହନ୍ତି—'ବେଦବେଦାଙ୍ଗତତ୍ତ୍ୱଜ୍ଞେ ଧନୁର୍ବେଦେ ଚ ନିଷ୍ଠିତଃ'—ରାମଚନ୍ଦ୍ର ଯେପରି ବେଦବେଦାଙ୍ଗରେ ପାରଙ୍ଗତ, ସେପରି ସେ ଧନୁର୍ବେଦରେ, ଯୁଦ୍ଧ ବିଦ୍ୟାରେ ବି ନିଷ୍ଣାତ । ବେଦବେଦାଙ୍ଗ ଜାଣିବା ଅର୍ଥ ଜ୍ଞାନୀ ହେବା, ବିଚାରବାନ୍ ହେବା, ଚିନ୍ତାଶୀଳ ହେବା । ବେଦର ଅର୍ଥ ହିଁ ଏହିପରି—'ବିଦ୍ ବିଚାରଣେ' ଧାତୁରୁ 'ବେଦ' ଶବ୍ଦର ଉତ୍ପତ୍ତି—'ବିଦ୍ ଜ୍ଞାନେ' ଧାତୁରୁ ବେଦ ଶବ୍ଦର ଉତ୍ପତ୍ତି । ଯେଉଁଥିରେ ଜ୍ଞାନ ରହିଛି, ବିଚାର ରହିଛି, ସେଥିରେ ପାରଙ୍ଗମ ହେଲେ, ନିଜେ ଜ୍ଞାନୀ ବିଚାରବାନ୍ ହେବା ସ୍ୱାଭାବିକ । 'ବିଦନ୍ତ୍ୟନେନ ଧର୍ମଂ ଇତି ବେଦଃ'—ଯା' ଦ୍ୱାରା ଧର୍ମର ଗୂଢ଼ତତ୍ତ୍ୱ ଜାଣି ହୁଏ ତା' ବେଦ । ଏପରି ଯେ ବେଦ, ଏଥିରେ ସ୍ନାତକ ହେବା ଅର୍ଥ ଧାର୍ମିକ ହେବା; ଫଳତଃ ବିଚାରବାନ୍ ହେବା । ବିଚାର ହେଲେ ତ ଅନ୍ୟର ଦୁଃଖ କଥା ଜାଣି ତାକୁ ସାହାଯ୍ୟ କରିବାକୁ ମନରେ ଧାର୍ମିକ ବୃତ୍ତି ଜାଣିବ । 'ଧନୁର୍ବେଦେ ଚ ନିଷ୍ଠିତଃ—ଯୁଦ୍ଧ ବିଦ୍ୟାରେ ପାରଙ୍ଗମ । କେହି କାହାକୁ ଅଘାତ କଲେ ହଠାତ୍ ସହ୍ୟ କରି ନ ପାରି ତାର ପ୍ରତିକାର ପାଇଁ ଅଗଭିର ହେବା ବା ନିଜକୁ କେହି ଆକ୍ରମଣ କଲେ, ହଠାତ୍ ତାର ପ୍ରତିବିଧାନ ପାଇଁ ଚଞ୍ଚଳ ହୋଇ ଉଠିବା ମନର ଗୁଣ । ଏହା କ୍ଷତ୍ରିୟର ଧର୍ମ । ରାମଙ୍କଠାରେ ବ୍ରାହ୍ମଣର ଅତି କ୍ଷତ୍ରିୟର ଏ ଉଭୟ ଗୁଣ ଥିବାରୁ ସେ ମତିମାନ ଅତି ବିଚାରବାନ୍; ତେଣୁ ମହା ପୁରୁଷ, ଋଷି ଏ କଥା ତାଙ୍କର ଗ୍ରନ୍ଥରେ କହିଛନ୍ତି ।

Digitized by srujanika@gmail.com

ହଠାତ୍ କୌଣସି ପଦାର୍ଥ ଦେଖିଲେ, ଶୁଣିଲେ, ସ୍ପର୍ଶ କଲେ, ଶୁଙ୍ଘିଲେ 'ଯେ' ସଂସ୍କାର ମନରେ ପଡ଼େ, ତା' ବିଶ୍ୱାସ। ମନୁଷ୍ୟ ମନର ଏହା ସ୍ୱଭାବ ଯେ ପଞ୍ଚକର୍ମେନ୍ଦ୍ରିୟଗୁଡ଼ିକ ଦ୍ୱାରା ଆନୀତ ବିଷୟ ସକଳକୁ ଗ୍ରହଣ କରିବା, ଅନ୍ୟ କଥାରେ, ବିଶ୍ୱାସ କରିବା। ମନୁଷ୍ୟ ମନର ଗ୍ରହଣ କରିବା ଗୁଣକୁ 'ବିଶ୍ୱାସ' ଏଥିପାଇଁ କୁହାଯାଏ ଯେ ଏ ଗ୍ରହଣ କରିବାରେ ଚିନ୍ତାର ଅବକାଶ ଆଦୌ ପଡ଼ୁନାହିଁ। ମନ ମନୁଷ୍ୟ ମସ୍ତିଷ୍କର ଗ୍ରହଣ କରିବାର ଗୋଟାଏ ଯନ୍ତ୍ର ସ୍ୱରୂପ। ହୃଦୟ ମନର ଗ୍ରହଣ କରୁଥିବା ଅର୍ଥାତ୍ ମନର ବିଶ୍ୱାସ କରିଥିବା ବିଷୟଗୁଡ଼ିକର ବିବେଚନା କରିବାର ଯନ୍ତ୍ର ସ୍ୱରୂପ। ତେଣୁ ମନ ଗ୍ରହଣ କରିଥିବା ବିଷୟ ସମ୍ବନ୍ଧରେ ହୃଦୟର ଚିନ୍ତା କରିବାର ଯେ ମାଧ୍ୟମ, ତା' ହେଉଛି 'ଜ୍ଞାନେନ୍ଦ୍ରିୟ'—ତା' 'କର୍ମେନ୍ଦ୍ରିୟ' ନୁହେ। କିନ୍ତୁ ମନର ଗ୍ରହଣ କରିବାର ସାଧନ କର୍ମେନ୍ଦ୍ରିୟ। ଫଳତଃ ଜ୍ଞାନ ସଙ୍ଗରେ ଚିନ୍ତାର ସମ୍ବନ୍ଧ ରହିଛି—ଆଉ ବିଶ୍ୱାସ ସଙ୍ଗରେ କର୍ମର। ଜ୍ଞାନ ସଙ୍ଗରେ ହୃଦୟର ସମ୍ବନ୍ଧ, କର୍ମ ସଙ୍ଗରେ ମନ ସମ୍ବନ୍ଧିତ।

କୌଣସି ବିଷୟ ପ୍ରଥମରେ ଗୃହୀତ ନ ହେଲେ ତ ସେ ବିଷୟରେ ବିଚାର ବା ଚିନ୍ତା କରିବା ସମ୍ଭବ ହୋଇ ପାରେ ନା। ତେଣୁ ବିଷୟକୁ ଗ୍ରହଣ କରିବାକୁ ଏଇ ଯୋଗ୍ୟତାସମ୍ପନ୍ନ ଗୋଟାଏ ଚେତନ ତତ୍ତ୍ୱ ଆବଶ୍ୟକ। ଆମ ମସ୍ତିଷ୍କର ଏ ଗୁଣକୁ କୁହାଯାଏ 'ମନଃ'। ତେଣୁ ଅନ୍ୟାନ୍ୟ କର୍ମେନ୍ଦ୍ରିୟ ପରି ମନକୁ ମଧ୍ୟ ଇନ୍ଦ୍ରିୟ ବୋଲି ଗୀତା କହନ୍ତି—ଇନ୍ଦ୍ରିୟାଣାଂ ମନଶ୍ଚାସ୍ମି। ପୁଣି ଗୃହୀତ ବିଷୟକୁ କାର୍ଯ୍ୟରେ ପରିଣତ କରିବା ପାଇଁ ପ୍ରେରଣା ଆବଶ୍ୟକ। ଏ ପ୍ରେରଣା ସେତେବେଳେ ସମ୍ଭବ ହେବ ଯେତେବେଳେ ମନୁଷ୍ୟ ଗୃହୀତ ବିଷୟର ସାରବତ୍ତା, ତାର ଶୁଭ

Digitized by srujanika@gmail.com

ପରିଣାମ, ତାର ମଙ୍ଗଳକାରକ ଗୁଣାବଳୀ ଉପଲବ୍ଧି କରିବ । ମିଷ୍ଟାନ୍ନର ସ୍ୱାଦ ପାଇଲେ ଯିନା ମନୁଷ୍ୟ ମିଷ୍ଟାନ୍ନ ପ୍ରାପ୍ତି ପାଇଁ ଚେଷ୍ଟିତ ହେବ । ମନୁଷ୍ୟ ସେତେବେଳେ ପରୋପକାର କରିବ ଯେତେବେଳେ ସେ ବୁଝିବ ଯେ ପରୋପକାର ଫଳରେ ପରର ତଥା ନିଜର ମଧ୍ୟ ମଙ୍ଗଳ ହୁଏ, ଆତ୍ମିକ ଶାନ୍ତି ମିଳେ, ଆଧ୍ୟାତ୍ମିକ ଆନନ୍ଦ ମିଳେ । ପରୋପକାରର ସୁପରିଣାମ ସମ୍ବନ୍ଧରେ ମନୁଷ୍ୟର ଏଇ ଯେ ଉପଲବ୍ଧି, ଏହା ଯେ ସବୁବେଳେ ତାର ଜ୍ଞାତସାରରେ ହୁଏ, ଏପରି ନୁହେଁ—ଅଜ୍ଞାତସାରରେ ମଧ୍ୟ ମନୁଷ୍ୟ ଏହା ଉପଲବ୍ଧି କରେ ବୋଲି ସେ ବିନା ବିଚାରରେ ବି ପରୋପକାର କରେ ସ୍ୱଭାବବଶତଃ ଯା' ହୁଏ ତ ବିଶ୍ୱାସ ଉପରେ ନିର୍ଭର କରେ । କିନ୍ତୁ ବିନା ବିଚାରରେ ମନୁଷ୍ୟ ଯେ ପରୋପକାର କରେ, ତା' ଅନେକ କ୍ଷେତ୍ରରେ ଗୀତୋକ୍ତ ତାମସିକ ଦାନର ପର୍ଯ୍ୟାୟଭୁକ୍ତ ହେବା ଅସମ୍ଭବ ନୁହେ । ଅପାତ୍ରରେ, ଅସମୟରେ, ଅନାବଶ୍ୟକଭାବରେ ଦାନ ତାମସିକ ଦାନ । ପ୍ରତ୍ୟେକ ଶୁଭ ପବିତ୍ର କାର୍ଯ୍ୟକୁ ମଧ୍ୟ ମନୁଷ୍ୟ ଯଦି ବିଚାରପୂର୍ବକ କରେ, ତାର ପରିଣତି ଯେ ଶୁଭଙ୍କର ହେବ, ଏପରି ଆଶା କରିବା ନିରର୍ଥକ ନୁହେ । ଏଇ ବିଚାର କରିବା, ଚିନ୍ତା କରିବା କାର୍ଯ୍ୟ ଆମର ମନ ଦ୍ୱାରା ସମ୍ଭବ ନୁହେ ବୋଲି ଆମ ଶରୀରରେ ଏଥିପାଇଁ ଆଉ ଗୋଟାଏ ଉପାଦାନ ରହିଛି, ତା ହେଉଛି ହୃଦୟ ବା ଅନ୍ତଃକରଣ । ହୃଦୟ ଗୃହୀତ ବିଷୟର ପରିଣାମ ସମ୍ବନ୍ଧରେ ଯଥାର୍ଥ ବିଚାର କରି ପାରେ ବୋଲି ମନୁଷ୍ୟ ବିବେକ ଠାରୁ ପ୍ରେରଣା ପାଇ କର୍ମ କରେ । ଏ କର୍ମର ଫଳ ଶୁଭଙ୍କର ହେବ, ଏଥିରେ ସନ୍ଦେହ ନାହିଁ । ବିବେକୀ ଲୋକଙ୍କୁ ଏହି କାରଣରୁ କୁହାଯାଏ 'ବିଚାରବାନ୍' ଆଉ ଅବିବେକୀକୁ 'ଅବିଚାରୀ' ।

Digitized by srujanika@gmail.com

ମନର ସ୍ୱଭାବ ଚଞ୍ଚଳତା । ମନର ଏ ଚଞ୍ଚଳ ସ୍ୱଭାବ ହେବା ମୂଳରେ ପ୍ରକୃତିର ମହତ୍ ଉଦ୍ଦେଶ୍ୟ ରହିଛି । କର୍ମେନ୍ଦ୍ରିୟ ଯେଉଁ ବିଷୟଗୁଡ଼ାକୁ ମନର ଗ୍ରହଣ କରିବା ପାଇଁ ଅଣେ, ସେ ବିଷୟ ସକଳକୁ ଗ୍ରହଣ କରିବା ପାଇଁ ମନ ସର୍ବଦା ତତ୍ପର ଥାଏ ବୋଲି ସେ ସର୍ବଦା ଚଞ୍ଚଳ ହେବାକୁ ବାଧ୍ୟ । ମନର କର୍ମତତ୍ପରତାହିଁ ମନର ଚଞ୍ଚଳତା । ତେଣୁ ବିଚାର କରିବା ମନର କାମ ନୁହେ—କେବଳ ଗ୍ରହଣ କରିବା ମନର କାମ । ସେହିପରି, ହୃଦୟର ଶାନ୍ତ ରହିବା ମୂଳରେ ମଧ୍ୟ ପ୍ରକୃତିର ସେହି ଏକ ମହତ୍ ଉଦ୍ଦେଶ୍ୟ ରହିଛି । ଯେ ହୃଦୟର କାମ 'ବିଚାର କରିବା', 'ବିବେଚନା କରିବା', ସେ ଶାନ୍ତ ନ ରହିଲେ ସେ ଉଚିତ ବିଚାର,'ନ୍ୟାୟ' କରିପାରିବ ନାହିଁ । ତେଣୁ ସେ ସ୍ୱଭାବତଃ ଶାନ୍ତ । ତାର ଏଇ ଶାନ୍ତ ସ୍ୱଭାବ ପାଇଁ କୁହାଯାଏ — **Soul is dormant** ଶାନ୍ତତା ଅର୍ଥ ଅଳସଂପରାୟଣତା ନୁହେ ବା ନିଦ୍ରା ନୁହେ । ଶାନ୍ତତା ଯଦି ଚିର ଶାନ୍ତତା ହୁଏ ବା ନିଦ୍ରା ହେଉ, ତା ଅମଙ୍ଗଳର କାରଣ ହେବ । ଅର୍ଥାତ୍ ବିବେଚନା କରିବା ପାଇଁ ମନ ଯଦି ବିଷୟକୁ ହୃଦୟ ପର୍ଯ୍ୟନ୍ତ ନ ପହଞ୍ଚାଏ, ତେବେ ଅଭ୍ୟାସହୀନ ହେବା ଫଳରେ (ଅର୍ଥାତ୍ ବିବେଚନା କରିବାର ଅଭ୍ୟାସରୁ ହୃଦୟ ବିରତ ରହିବା ଫଳରେ) ହୃଦୟ ଶାନ୍ତ ହୋଇ ପଡ଼ିବ । ଏପରିଭାବରେ ହୃଦୟ ଶାନ୍ତ ହେବା ଦ୍ୱାରା ମନୁଷ୍ୟ ବିନା ବିଚାରରେ, କେବଳ ମନର ଇଙ୍ଗିତରେ ଯେ କର୍ମ ସେ କରିବ, ତା' ସବୁବେଳେ ଧର୍ମ ହେବ ନାହିଁ—ଅଧର୍ମ ବି ହେବ । ଏଥିପାଇଁ କେବଳ ମନର ବଶବର୍ତ୍ତୀ ହୋଇ ଅର୍ଥାତ୍ କେବଳ ବିଶ୍ୱାସ ଉପରେ ନିର୍ଭର କରି, ହୃଦୟର ଆଦେଶ ନ ମାନି ଅର୍ଥାତ୍ ବିଚାର ନ କରି କର୍ମ କରିବା ଉଚିତ ନୁହେ ।

Digitized by srujanika@gmail.com

ଲୋକେ କହନ୍ତି, ବିଶ୍ୱାସ କରିବା ଉଚିତ, ତର୍କ କରିବା ଉଚିତ ନୁହେଁ; 'ବିଶ୍ୱାସେ ମିଳେନ ହରି ତର୍କେ ବହୁ ଦୂର' ଏହାର ଅର୍ଥ ଏହି ଯେ ମନର ଇଙ୍ଗିତାନୁସାରେ କାର୍ଯ୍ୟ କରିବା ଉଚିତ ଚଞ୍ଚଳ ହେବା ପାଇଁ—ହୃଦୟର ଶାସନାଧୀନରେ ରହି କାର୍ଯ୍ୟ କରିବା ଉଚିତ ନୁହେଁ ସୁଶୃଙ୍ଖଳିତ ହେବା ପାଇଁ । ବିଶ୍ୱାସ ଦେଲେ ଆଶାନୁରୂପ ଫଳ ମିଳିବ, ଏ କଥା ବି ଲୋକେ କହନ୍ତି । ଗୋଟାଏ ପୁରୁଷକୁ ସ୍ତ୍ରୀ ବୋଲି ଯେତେ ଦୃଢ଼ଭାବରେ ବିଶ୍ୱାସ କଲେ ମଧ୍ୟ ସେ ପୁରୁଷଟି ସ୍ତ୍ରୀ ହୋଇ ପାରିବ ? ବିଶ୍ୱାସ ଉପରେ ଯେଉଁମାନଙ୍କର ପ୍ରଗାଢ଼ ବିଶ୍ୱାସ ସେମାନେ ପ୍ରଥମରେ ବିଶ୍ୱାସ କରି ଏ କଥା ହେବାର ଦେଖାନ୍ତୁ, ତେବେ ତାଙ୍କର 'ବିଶ୍ୱାସ' ସମ୍ଭବରେ ଆମର ବିଶ୍ୱାସ ହେବ ।

'ସତ୍ୟ କହିବା ପୁଣ୍ୟ', ଏହା ଯଦି କେବଳ ବିଶ୍ୱାସ କରି ମନୁଷ୍ୟ ସତ୍ୟ କହେ, ଏଥିପାଇଁ ସେ ଅଦୌ ଚିନ୍ତା ନ କରେ, ତେବେ ଅଧିକାଂଶ କ୍ଷେତ୍ରରେ ସତ୍ୟ କହିବାଟା ପୁଣ୍ୟ ନ ହୋଇ ପାପ ହେବ । ଉଦାହରଣ ଦେଲେ କଥାଟା ସ୍ପଷ୍ଟ ହେବ ।······ ଜଣେ ସାଧୁ ଲୋକ ରାସ୍ତାରେ ଯାଉଛି । ମନେ କରନ୍ତୁ, ଜଣେ ସାଧୁ ଲୋକ, ନିରପରାଧ ଲୋକ ରାସ୍ତାରେ ଯାଉଛି । ଜଣେ ପାଗଳ, ମନେ କରନ୍ତୁ, ଜଣେ ପାଗଳ ବିନା ଅପରାଧରେ ସାଧୁଙ୍କୁ ମାରିବା ପାଇଁ ତାଙ୍କ ପଛରେ ଦୌଡ଼ୁଛି । ସାଧୁ ପ୍ରାଣଭୟରେ ଆପଣଙ୍କ ଘରେ ଆଶ୍ରୟ ନେଲେ ପାଗଳ ଆସି ଆପଣଙ୍କୁ ଆପଣଙ୍କ ଘରେ ସାଧୁ ଅଛନ୍ତି କି ନା ପଚାରିଲା । ସତ୍ୟର ଅନୁରୋଧରେ ଆପଣଙ୍କ ପକ୍ଷରେ ସତ କଥାଟା କହି ଦେବା ଉଚିତ କି ? ସତ୍ୟ କହିଲେ ପୁଣ୍ୟ ହେବ, ଏପରି ବିଶ୍ୱାସ ଯଦି ସତ କହନ୍ତି, ତେବେ ନିରପରାଧ ସାଧୁ ଦଣ୍ଡ

Digitized by srujanika@gmail.com

ଯାଇବ । ଆଉ ଯଦି ମିଛ କହନ୍ତି, ସାଧୁ ରକ୍ଷା ପାଇବ । ତେବେ ଏଠାରେ ମିଛ କହିବା ପାପ ନା ସତ କହିବା ପାପ ?

ସତ କହିଲେ ପୁଣ୍ୟ ହୁଏ, ଏ କଥା ଏଥିପାଇଁ କୁହାଯାଏ ଯେ ସତ କହିଲେ ପରିଣାମ ଶୁଭଙ୍କର ହୁଏ, କିନ୍ତୁ ସତ କହିଲେ ପରିଣାମ ଅମଙ୍ଗଳକର ହେଲେ କି କଣ ସତ କହିବା ଉଚିତ ? ପରିଣାମ ଉପରେ କର୍ମର ପାପ ପୁଣ୍ୟ ନିର୍ଭର କରେ—ଶବ୍ଦ ବା ବାକ୍ୟ ଉପରେ ନୁହେଁ । ସତ୍ୟ କହିବାଟାକୁ, ମିଥ୍ୟା କହିବାଟାକୁ ବିଚାର କରି କହିବା ଉଚିତ, ଏ କଥା ଯୁକ୍ତି ଦ୍ୱାରା ଭଗବାନ ଶ୍ରୀକୃଷ୍ଣ ବୁଝଉଥିଲେ ବୋଲି ମହାନ ସତ୍ୟବାଦୀ ଯୁଧିଷ୍ଠିରଙ୍କୁ ମଧ୍ୟ ମିଛ କହିବାକୁ ଭଗବାନ ବାଧ୍ୟ କଲେ । ଯୁଧିଷ୍ଠିର କହିଲେ —ନରେ ବା କୁଞ୍ଜରେ ବା ଅଶ୍ୱତ୍ଥାମା ହତଃ । ଏହା ମଧ୍ୟ ଯଥେଷ୍ଟ ହେଲା ନାହିଁ । 'ନର ଅଶ୍ୱତ୍ଥାମା ହତ' ବୋଲି କହିବା ଉଚିତ ଥିଲା । କିନ୍ତୁ କୃଷ୍ଣଙ୍କ ପରି ଯୁଧିଷ୍ଠିର ବିଚାରବାନ ନ ଥିଲେ । ଯୁଧିଷ୍ଠିର କେବଳ ଆଦର୍ଶବାଦୀ—ଭଗବାନ ଯୋଗୀ—କାର୍ଯ୍ୟର ଶୁଭାଶୁଭ ପରିଣାମ ସମ୍ବନ୍ଧରେ ଯୋଗ ବଳରେ ସେ ଆଗରୁ ପ୍ରତ୍ୟକ୍ଷ କରି ପାରୁଥିଲେ । ଏପରି ବ୍ୟକ୍ତିଙ୍କୁ କୁହାଯାଏ ଦୂରଦ୍ରଷ୍ଟା, ଦୀର୍ଘଦର୍ଶୀ । ରାଜନୀତି କ୍ଷେତ୍ରରେ ସତ୍ୟା ବିଶ୍ରୀପିକା ଯେତେବେଳେ ଅତ୍ୟାବଶ୍ୟକ, ସାଧାରଣ ମିଥ୍ୟା କହିବା କଥାଟା ବା ଉପେକ୍ଷିତ ହେବ କାହିଁକି ? ଛଳେ ବଳେ କୌଶଳେ ଅତ୍ୟାଚାରୀ ଦୁର୍ଯ୍ୟୋଧନ ତଥା ତାର ଦଳର ନିପାତ ସାଧନ କରିବାର ଆବଶ୍ୟକତା ପଡୁଥିଲା ବିଶ୍ୱର ମଙ୍ଗଳ ଦୃଷ୍ଟିରୁ । ଅଥଚ ତା ଯଦି ମିଛ ବିନା ସମ୍ଭବ ନୁହେଁ, ତେବେ ମିଛର ଆଶ୍ରୟ ନେବା ଉଚିତ ହେବ । ଏପରି ବିଚାର ଭଗବାନଙ୍କ ମନରେ ଉଠିବାରୁ ସେ ଯୁଧିଷ୍ଠିରଙ୍କୁ ମିଥ୍ୟାର ଆଶ୍ରୟ

Digitized by srujanika@gmail.com

ନେବାକୁ ପ୍ରେରଣା ଦେଲେ । ନିଜେ ମଧ୍ୟ ଅର୍ଜୁନ ଓ ଭୀମଙ୍କ ସଙ୍ଗରେ ମିଥ୍ୟାର ଆଶ୍ରୟ ନେଇ ଥିଲେ । ଦେଶର କଣ୍ଟକ ଜରାସନ୍ଧକୁ ହତ୍ୟା କରିବା ପାଇଁ ଛଦ୍ମ ବେଶ ଧାରଣପୂର୍ବକ । (ଜରାସନ୍ଧ ଓ ଦୁର୍ଯ୍ୟୋଧନ ଦେଶର କପଟ, ମାରାତ୍ମକ ଭାବରେ ଶତ୍ରୁ, କଣ୍ଟକ, ଏହା ଜାଣିବାକୁ ଚାହିଁଲେ ମହାଭାରତକୁ ରାଜନୈତିକ ଦୃଷ୍ଟି କୋଣରୁ ଅଧ୍ୟୟନ କରନ୍ତୁ) । ତେଣୁ ସେ 'ଅର୍ଜୁନଙ୍କୁ ଧର୍ମର ସୂକ୍ଷ୍ମତା ସମ୍ବନ୍ଧରେ ବୁଝାଇବାକୁ ଯାଇ କହିଛନ୍ତି ମହାଭାରତରେ—

ଭବେତ୍ ସତ୍ୟମବକ୍ତବ୍ୟଂ ବକ୍ତବ୍ୟମନୃତଂ ଭବେତ୍ ।
ଯତ୍ରାନୃତଂ ଭବେତ୍ ସତ୍ୟଂ ସତ୍ୟଂ ଚାପ୍ୟନୃତଂ ଭବେତ୍ ।

ଯେଉଁଠାରେ ମିଥ୍ୟା କହିବାର ପରିଣାମ ସତ୍ୟ କହିବାର ପରିଣାମ ପରି ମଙ୍ଗଳକାରକ, ଓ ସତ୍ୟ କହିବାର ପରିଣାମ ଅସତ୍ୟ କହିବାର ପରିଣାମ ପରି ଅନିଷ୍ଟକାରକ, ସେଠାରେ ଅସତ୍ୟହିଁ କହିବା ଉଚିତ ।

ମହାରାଜ ଯୁଧିଷ୍ଠିରଙ୍କୁ ମହର୍ଷି ମାର୍କଣ୍ଡେୟ ମହାଭାରତରେ କହିଛନ୍ତି—

ଯଦ୍ ଭୂତହିତମତ୍ୟନ୍ତଂ ତତ୍ ସତ୍ୟମିତି ଧାରଣା ।
ବିପର୍ଯ୍ୟୟକୃତୋଽଧର୍ମଃ ପଶ୍ୟ ଧର୍ମସ୍ୟ ସୂକ୍ଷ୍ମତାମ୍ ।

'(ଯେ କର୍ମ କରିବା ଫଳରେ ପ୍ରାଣୀମାନଙ୍କର ହିତ ହୁଏ, ତା ସତ୍ୟ) କିନ୍ତୁ ଏହାର ବିପର୍ଯ୍ୟୟ ଘଟିଲେ (ଅର୍ଥାତ୍ ସତ୍ୟଦ୍ୱାରା ଅନ୍ୟର ଅହିତ ହେଲେ) ତା' ଅଧର୍ମ । ଦେଖ, ଧର୍ମର ଗତି କେତେ ସୂକ୍ଷ୍ମ ।' ଧର୍ମର ଗତି ସୂକ୍ଷ୍ମ । ଧର୍ମ କହିଲେ କୌଣସି ବାହ୍ୟ ଆଚାର ବିଚାରକୁ ବୁଝାଏନା—ମାଳାତିଳକ ଧାରଣ, ହରିନାମ-କୀର୍ତ୍ତନକୁ,

Digitized by srujanika@gmail.com

ପୁରାଣ-ଗାନକୁ ବୁଝାଏ ନା । ଧର୍ମ କହିଲେ ଗଭୀର ଚିନ୍ତନକୁ ବୁଝାଏ । ଆଉ ଗଭୀର ଚିନ୍ତା ହେଲେ ସତ୍ୟମିଥ୍ୟାର ଠିକ୍ ସ୍ୱରୂପକୁ ଜାଣି ହେବ । 'ବେଦପ୍ରତିପାଦିତୋ ଧର୍ମଃ ଅଧର୍ମସ୍ତଦ୍ ବିପର୍ଯ୍ୟୟଃ ।' ବେଦ ଅର୍ଥ ଜ୍ଞାନ, ଜ୍ଞାନ; ଚିନ୍ତା, ଯାକୁ ବାସ୍ତବିକ ଧର୍ମ ବୋଲି ପ୍ରତିପାଦନ କରେ, ତାହାହିଁ ଧର୍ମ । ଆଉ ଏହାର ବିପରୀତ ହେଲେ; ଅର୍ଥାତ୍ ଜ୍ଞାନ ଦ୍ୱାରା, ଚିନ୍ତା ଦ୍ୱାରା ଯଦି କୌଣସି କଥା ପ୍ରତିପାଦିତ ନ ହୁଏ, କେବଳ ବିଶ୍ୱାସ ଉପରେ ନିର୍ଭର କରି କର୍ମ କରାଯାଏ, ତେବେ ତା ଅଧର୍ମ ହେବ । ଅତଃ ସତ କହିବା ଉଚିତ କି ନୁହେଁ, ତା' ବିଚାର ଦ୍ୱାରା ସ୍ଥିର କରିବାକୁ ହେବ—କେବଳ ଗତାନୁଗତିକ ବିଶ୍ୱାସ ଦ୍ୱାରା ନୁହେଁ ।

ମନୁଷ୍ୟର ମନର ସଂସ୍କାରର କାରଣ 'ପରିଣାମ' । କୌଣସି କାର୍ଯ୍ୟର ପରିଣାମ ଯେତେବେଳେ ଆମ ଚକ୍ଷୁ ସମକ୍ଷରେ ପ୍ରତ୍ୟକ୍ଷୀଭୂତ ହୁଏ, ସେତେବେଳେ ଚକ୍ଷୁ ସେ କାର୍ଯ୍ୟର ପରିଣାମ ସମ୍ବନ୍ଧରେ ସ୍ଥାୟୀ ଭାବରେ ମନୁଷ୍ୟ ମନରେ ସଂସ୍କାର ଦେବାପାଇଁ ମନ ପାଖକୁ ତା' ନେଇଯାଏ । ମନ ତାକୁ ଅନ୍ତଃକରଣ ପୀଠରେ ପହଞ୍ଚାଇ ସ୍ଥାୟୀ ଭାବରେ ରଖିଦେଇ ଆସେ । ଯେଉଁ କାର୍ଯ୍ୟର ପରିଣାମ ଶୁଭ ହିତକର, ସେ କାର୍ଯ୍ୟକୁ ପୁଣ୍ୟ, ତଥା ଯେଉଁ କାର୍ଯ୍ୟର ପରିଣାମ ଅଶୁଭଙ୍କର, ତା' ପାପ ବୋଲି ଧରାଯାଏ । ଏପରି ଭାବରେ ମନୁଷ୍ୟର ଅନ୍ତଃକରଣରେ ସଂସ୍କାର ରହେ । କିନ୍ତୁ ଧର୍ମାଧର୍ମ ସମ୍ବନ୍ଧରେ, ପାପ ପୁଣ୍ୟ ସମ୍ବନ୍ଧରେ ମନୁଷ୍ୟ ମନର ସଂସ୍କାର ଯଦି ଏପରି ପ୍ରତ୍ୟକ୍ଷୀଭୂତ ପରିଣାମର ଫଳ ସ୍ୱରୂପ, ଚିନ୍ତାର ଫଳ ସ୍ୱରୂପ ଜାଗ୍ରତ ନ ହୋଇ ବିଶ୍ୱାସ ଦ୍ୱାରା, କେବଳ ବିଶ୍ୱାସ ଦ୍ୱାରା, ବଗୁରବଦ୍ଧୀନ ପ୍ରେରଣା ଦ୍ୱାରା ଜାଗ୍ରତ ହୁଏ, ସେତେବେଳେ ମନୁଷ୍ୟ ମନରେ ସେ ସଂସ୍କାର ଅତି

ସଂସ୍କାର ହୁଏ । ଅଉ ଏ ଅନ୍ଧ ସଂସ୍କାରର ପରିଣାମ କଦାପି ଶୁଭଙ୍କର ହୋଇପାରେ ନା । ମନୁଷ୍ୟ ମନର ସଂସ୍କାର, ସେ ଯେ କୌଣସି ପ୍ରକାରର ସଂସ୍କାର ହେଉ ନା କାହିଁକି, ଅର୍ଥାତ୍ ସେ ସୁସଂସ୍କାର ହେଉ ବା କୁସଂସ୍କାର ହେଉ ମନୁଷ୍ୟ ମନରେ ସ୍ଥାୟୀ ଭାବରେ ଯଦି ରହିଯାଏ, ତେବେ ତାକୁ ଦୂର କରିବା ଅତି ସହଜ ହୋଇ ପାରେ ନା । ଯଦି ଏ ସଂସ୍କାର ସୁ ହୁଏ ତ ମଙ୍ଗଳ, ଯଦି କୁ ହୁଏ, ତେବେ ତାକୁ ଦୂର କରି ହୁଏ ନା । ଅଉ ଏ ଦୂର କରିହେଲ ନ ପାରିବା ଫଳରେ ନାନାପ୍ରକାର ଅଶାନ୍ତିର କାରଣ ହୋଇ ରହେ କାଳକାଳ । ସତୀଦାହ ପ୍ରଥାର ଯେତେବେଳେ ଦେଶରେ ପ୍ରଚଳନ ଥିଲା, ସେତେବେଳେ କେହି ସତୀ ନ ଗଲେ, ତାକୁ ଅପରାଧ ବୋଲି ଧରା ଯାଉଥିଲା । ଅଉ ଯେତେବେଳେ ଏ ପ୍ରଥା ଆଉ ରହିଲା ନାହିଁ, ସେତେବେଳେ କେହି ସତୀ ଗଲେ, ତାକୁ ଅପରାଧ ବୋଲି ଧରାଗଲା । ଏହାର କାରଣ କେବଳ ମନର ସ୍ଥିର ସଂସ୍କାର, ସେ କୁ ହେଉ ବା ସୁ ହେଉ । ତେଣୁ ସଦା ସର୍ବଦା ମନରେ ସୁସଂସ୍କାରକୁ ଅର୍ଥାତ୍ ଚିନ୍ତାଯୁକ୍ତ ସଂସ୍କାରକୁ, ବିଶ୍ୱାସଯୁକ୍ତ ସଂସ୍କାରକୁ ନୁହେ ସ୍ଥାୟୀ ଭାବରେ ରଖିବା ପାଇଁ ଯଥାର୍ଥ ଜ୍ଞାନ ଆବଶ୍ୟକ, ଯଥାର୍ଥ ଭାବରେ ଚିନ୍ତା ଆବଶ୍ୟକ ।

କେହି କେହି ମନେ କରି ପାରନ୍ତି କୌଣସି ବସ୍ତୁ ବା କାର୍ଯ୍ୟ ସମ୍ବନ୍ଧରେ ମନୁଷ୍ୟ ଏକ ପ୍ରକାରର ବିଚାର କରିବାକୁ ବାଧ୍ୟ ନୁହେ— ମନୁଷ୍ୟ ମନରେ ବିଚାର ଭିନ୍ନତା ଆସି ପାରେ । ତେଣୁ ମନୁଷ୍ୟ 'କୁ' କୁ 'ସୁ', ଅଉ 'ସୁ' କୁ 'କୁ' ବୋଲି ମଧ୍ୟ ବିଚାର କରିପାରେ । ଏହା ମନୁଷ୍ୟର ମସ୍ତିଷ୍କର ଯୋଗ୍ୟତା ଉପରେ ନିର୍ଭର କରେ । କିନ୍ତୁ ମନେ ରଖିବାକୁ ହେବ ଯେ, ବିଚାର ମନ କରେ ନା—ମନ

Digitized by srujanika@gmail.com

କେବଳ ଗ୍ରହଣ କରେ । କାରଣ ଗ୍ରହଣ ମନର ଗୁଣ । ଅଉ ବିଚାର କରିବା ବୁଦ୍ଧିର ଗୁଣ । ତେଣୁ ବିଚାର କରିବାକୁ ଗୃହୀତ ବିଷୟକୁ ମନ ପାଖରୁ ପଠାଇବାର ଅଭ୍ୟାସ ରଖିଲେ, ବିଚାର ଭ୍ରାନ୍ତ ହେବାର ପ୍ରଶ୍ନ ନାହିଁ । ଏଥିପାଇଁ ତ କୁହାଯାଏ— **Great men think alike**—ଯେଉଁମାନେ ବିଚାରବାନ୍; ସେମାନେ ଏ ପ୍ରକାର ବିଚାର କରିବାକୁ ବାଧ୍ୟ ।

ଗୋମାଂସ ଭକ୍ଷଣ ପାପ, ଏ କଥା ସତ୍ୟ । କାରଣ ଗୋମାଂସ ଭକ୍ଷଣର ପରିଣାମ ହିତକର ନୁହେ—ସ୍ୱାସ୍ଥ୍ୟ ପକ୍ଷରେ ହାନିକର । ଭାରତବର୍ଷ ପକ୍ଷରେ ତ ଏହା ଅତୀବ ହାନିକର । କାରଣ ଛାଗମାଂସ ଅପେକ୍ଷା ଏ ଅତି ଉତ୍ତେଜକ, ଉତ୍ତାପଜନକ । ଅସ୍ୱାଭାବିକ ଉତ୍ତାପ ଶରୀର ମଧ୍ୟରେ ପ୍ରବେଶ କରାଇ ଶରୀରର ହାନି କରିବା ତ ବୁଦ୍ଧିମନ୍ତର କାମ ହେବ ନାହିଁ । ଏପରି ଅନେକ କାରଣରୁ ଆମର ଶାସ୍ତ୍ରରେ ଗୋହତ୍ୟା, ଗୋମାଂସ ଭକ୍ଷଣ ନିଷିଦ୍ଧ । କିନ୍ତୁ ଜଣେ ଅତି କ୍ଷୁଧାର୍ତ୍ତ ପକ୍ଷରେ, ଅନ୍ନ ବିନା ଯେ ପ୍ରାଣତ୍ୟାଗ କରିବାକୁ ବସିଛି, ଆଉ ଏଇ ଗୋମାଂସ ବିନା ଅନ୍ୟ ସୁଖାଦ୍ୟର ଉପଲବ୍ଧି ସମ୍ଭବ ହେଉ ନାହିଁ ସେତେବେଳେ, ସେତେବେଳେ କେବଳ ଗୋମାଂସର ପରିଣାମ ତ ହାନିକର ହେବ ନାହିଁ ସେହି କ୍ଷୁଧାର୍ତ୍ତ ବ୍ୟକ୍ତି ପକ୍ଷରେ । ଆଉ ସେତେବେଳେ ତ ଗୋମାଂସ ଭକ୍ଷଣକୁ ପାପ କୁହାଯାଇ ପାରିବ ନାହିଁ । ଆଉ ଏ ବ୍ୟକ୍ତିଙ୍କୁ ପତିତ ମଧ୍ୟ କୁହାଯାଇ ପାରିବ ନାହିଁ । ଏହା ଆପଦକାଳୀନ ଧର୍ମ । ମନେ ରଖନ୍ତୁ, ଏହା ଧର୍ମ । ପାପ ନ ହୋଇ ଏହା ଧର୍ମ; ଅର୍ଥାତ୍ କରଣୀୟ । ଏଥିପାଇଁ ଆପଦକାଳୀନ ଧର୍ମଭାବରେ ଗୋମାଂସର ଭକ୍ଷଣରେ ମଧ୍ୟ ଆଜ୍ଞା ଅଛି ଶାସ୍ତ୍ରରେ । ଅତଏବ ଚିନ୍ତାଦ୍ୱାରା ଧର୍ମାଧର୍ମ ନିର୍ଣ୍ଣୟ କରିବା ଉଚିତ—ବିଶ୍ୱାସ ଦ୍ୱାରା ନୁହେ । ଧର୍ମାଧର୍ମର [illegible]

Digitized by srujanika@gmail.com

ସମ୍ବନ୍ଧରେ ବୁଝାଇବାକୁ ଯାଇ ମହାଭାରତ କହନ୍ତି—

"ଭୂତ୍ୱାଧର୍ମୋ ଧର୍ମରୂପାଣି ଧତ୍ତେ
ଧର୍ମଃ କୃତ୍ସ୍ନୋ ଦୃଶ୍ୟତେଽଧର୍ମରୂପଃ ।
ବିଭ୍ରଦ୍ ଧର୍ମୋ ଧର୍ମରୂପଂ ଚ
ବିଦ୍ୱାଂସସ୍ତୁ ସମ୍ପ୍ରପଶ୍ୟନ୍ତି ବୁଦ୍ଧ୍ୟା ।"

"କେଉଁଠାରେ ଅଧର୍ମ ଧର୍ମର ରୂପ ଧାରଣ କରେ ତ କେଉଁଠାରେ ଧର୍ମ ଅଧର୍ମର ରୂପ ଧାରଣ କରେ । ଅଉ କେଉଁଠାରେ ଧର୍ମ ଆପଣାର ଯଥାର୍ଥ ସ୍ୱରୂପକୁ ଧାରଣ କରେ । ଅତଏବ ବିଦ୍ୱାନ୍ ପୁରୁଷ ଆପଣାର (ବୁଦ୍ଧି ଦ୍ୱାରା, ଚିନ୍ତାଦ୍ୱାରା, ବିଚାର ଦ୍ୱାରା, ବିଶ୍ୱାସ ଦ୍ୱାରା ପ୍ରଭୃତି) ଧର୍ମର ଯଥାର୍ଥ ସ୍ୱରୂପକୁ ଗ୍ରହଣ କରିବା ଉଚିତ ।

ଗୋଟାଏ ଅଳ୍ପ ବୟସର ବାଳକ କାହାରି ପରିଣାମ ଉପରେ ନିର୍ଭର କରି ତ ପାପ ପୁଣ୍ୟ ସମ୍ବନ୍ଧରେ ଧାରଣ କରେ ନା— ବିଶ୍ୱାସ ଉପରେ ନିର୍ଭର କରି ସେ ତା' କରେ । ଯେଉଁ କଥାଟାକୁ ପାପ, ଅଉ ଯେଉଁଟାକୁ ପୁଣ୍ୟ ବୋଲି ତା'ର ପିତା ମାତା, ପାଖ ପଡ଼ୋଶୀ, ଲୋକମାନେ ତା'ର ମନରେ ପ୍ରସ୍ତାର ଦେଇଥାନ୍ତି, ସେହି କଥାକୁହିଁ ସେ ଅନ୍ୟର ରୁଚିର ଅନୁସାରେ ଗ୍ରହଣ କରିଥାଏ । କିନ୍ତୁ ବୟସର ବୃଦ୍ଧି ସଙ୍ଗରେ ଯେତେବେଳେ ତା'ର ମସ୍ତିଷ୍କର ବିକାଶ ଘଟେ, ସେତେବେଳେ କେବଳ ସେ ବିଚାର କରି ଗ୍ରହଣ କରେ । ମନୁଷ୍ୟର ଏ ଅତି ସ୍ୱାଭାବିକ କ୍ରିୟାକୁ କାର୍ଯ୍ୟକାରୀ କରେ ଶିକ୍ଷା, ଯଥାର୍ଥ ଶିକ୍ଷା । ଆଜକାଲି ତ ତଥାକଥିତ ଶିକ୍ଷିତ ବୟସ୍କ ବ୍ୟକ୍ତିଙ୍କର ବୁଦ୍ଧି ମଧ୍ୟ ଅନ୍ଧ ବିଶ୍ୱାସର କୁପରିଣାମ ସ୍ୱରୂପ ଅର୍ଥାତ୍ ବିଚାରଶକ୍ତି ହୀନତାର କାରଣରୁ ମୋହିତ ହୋଇ ଯାଉଛି । ତେଣୁ ଏମାନଙ୍କର ବୁଦ୍ଧିକୁ ବାକ୍ ଚାତୁରୀ ଦ୍ୱାରା ଆଚ୍ଛନ୍ନ କରିବା ଉଚିତ ନୁହେଁ । ଏପରି ହେଉଥିବାର କେତୋଟି ଉଦାହରଣ ଦେଉଛୁ—

Digitized by srujanika@gmail.com

୧ । ଆପଣମାନେ ଜାଣନ୍ତି, ଗାନ୍ଧି ଯନ୍ତ୍ରର ବିରୋଧୀ ଥିଲେ—ଯନ୍ତ୍ରର ବିରୋଧରେ ପ୍ରଚାର କରୁଥିଲେ । କିନ୍ତୁ ତାଙ୍କର ଏ କଥା ଓ କାର୍ଯ୍ୟରେ ବିରୋଧ ଥିବାରୁ ଜଣେ ଯୁବକ ଥରେ ତାଙ୍କୁ ପଚାରି ଥିଲେ—"ଆପଣ ତ ଟ୍ରେନ୍‌ରେ ଯାତ୍ରା କରୁଛନ୍ତି, ସେ ଗୋଟାଏ ଯନ୍ତ୍ର, ଫୋନ୍ ବ୍ୟବହାର କରୁଛନ୍ତି, ସେ ବି ଗୋଟାଏ ଯନ୍ତ୍ର । ଘଣ୍ଟା, ଚରଖା, ଚଷମା, ଏ ସମସ୍ତ ବି ଗୋଟାଏ ଗୋଟାଏ ଯନ୍ତ୍ର ବା ଯନ୍ତ୍ରରେ ଏହା ନିର୍ମିତ । ପୁଣି ଗ୍ଲୁକୋଜ୍ ବ୍ୟବହାର କରୁଛନ୍ତି, ସେ ବି ଯନ୍ତ୍ରରେ ତିଆରି । ଏପରି ସ୍ଥଳେ ଯନ୍ତ୍ରର ବିରୋଧର ପ୍ରଚାର କରିବାର କି ଆବଶ୍ୟକତା ଅଛି ?' ଗାନ୍ଧି ଉତ୍ତର ଦେଇଥିଲେ—"ମୁଁ ଯେଉଁ ଜାଗାରେ ଅଛି, ତା'ର ଚତୁର୍ଦ୍ଦିଗରେ କୁଷ୍ଠରୋଗୀଗୁଡ଼ାଏ ଅଛନ୍ତି, ମୁଁ ସେମାନଙ୍କର ସେବା କରୁଛି, ଏହାର ଅର୍ଥ ଏହି ନୁହେ ଯେ, ମୁଁ କୁଷ୍ଠ ରୋଗକୁ ଆହ୍ୱାନ କରୁଛି ।" ସୁନ୍ଦର ଯୁକ୍ତି । ଯଦି ବିଶ୍ୱାସ କରିବେ, ଯଦି ଚିନ୍ତା କରିବେ, ଏହା ବିତଣ୍ଡା ନ୍ୟାୟଶାସ୍ତ୍ରାନୁସାରେ । କୁଷ୍ଠ ରୋଗୀର ସେବା କରିବା ଅର୍ଥ, କୁଷ୍ଠ ରୋଗକୁ ଆହ୍ୱାନ କରିବା କଦାପି ନୁହେ । କୁଷ୍ଠରୋଗ ଦୂର କରିବା ପାଇଁ କୁଷ୍ଠରୋଗୀର ସେବା କରାଯାଏ । କିନ୍ତୁ ଘଣ୍ଟା ଚରଖା, ଫୋନ୍, ଗ୍ଲୁକୋଜ, ଟ୍ରେନ୍ ବ୍ୟବହାର କରିବା ଅର୍ଥ କଣ, ଏ ସବୁ ଲୁପ୍ତ ହେଉ ବୋଲି ଏ ସବୁର ବ୍ୟବହାର କରିବା ? ଏ ସବୁ ଯେତେ ବ୍ୟବହାର କରାଯିବ ସେତେ ଏହା ଉତ୍ପନ୍ନ ହେବ । ଅତଏବ କୁଷ୍ଠରୋଗୀ ସେବା ଆଉ ଯନ୍ତ୍ରର ବ୍ୟବହାର ଉଦ୍ଦେଶ୍ୟ ଏକା ନୁହେ । ଏପରି ତୁଳନା 'ନ୍ୟାୟ' ଦୃଷ୍ଟିରୁ ଭୁଲ । ଅଥଚ ଏପରି ପ୍ରଶ୍ନ କରି ସାଧାରଣ ମନୁଷ୍ୟଙ୍କ ବୁଦ୍ଧିକୁ ଆଚ୍ଛନ୍ନ କରା ହେଲା ।

୨ । ଥରେ ଗୋଟାଏ ପଲ୍ଲୀରେ ବିନୋବାଙ୍କ ସଭାରେ ମୁଁ ଉପସ୍ଥିତ ଥିଲି । ବିନୋବା ଦେଶର ସାମାଜିକ ଦୁର୍ଗତି ସମ୍ବନ୍ଧରେ ଭାଷଣ ଦେଉଥିଲେ । ବିଶେଷ କରି ସ୍ତ୍ରୀମାନଙ୍କ ସମ୍ବନ୍ଧରେ କହୁଥିଲେ । ସ୍ତ୍ରୀମାନେ ଯେ ଅଳଙ୍କାର ବ୍ୟବହାର କରିବା ଅନୁଚିତ—ଏହା ଈଶ୍ୱରଙ୍କ ଅଭିପ୍ରେତ ନୁହେଁ, ଏ କଥା ସେ କହୁଥିଲେ । ତାଙ୍କର ଯୁକ୍ତି ଏହି ଯେ, ସ୍ତ୍ରୀମାନେ ଅଳଙ୍କାର ପିନ୍ଧନ୍ତୁ, ଏହା ଯଦି ଈଶ୍ୱରଙ୍କ ଇଚ୍ଛା ହୋଇଥାନ୍ତା, ତେବେ ସେ ସ୍ତ୍ରୀମାନଙ୍କ କାନରେ ଛିଦ୍ର ଦେଇଥାନ୍ତେ । ଏ ଯୁକ୍ତି ଶୁଣି ଅନେକେ ମୁଗ୍ଧ ହେବାର ମୋର ମନେ ଅଛି । ବାହାରେ କେତେକ କଲେଜ ଛାତ୍ରଙ୍କ ସଙ୍ଗରେ ମୋର ଆଲୋଚନା ହେଲା । ମୁଁ କହିଲି—'ଈଶ୍ୱର ସ୍ତ୍ରୀମାନଙ୍କ କାନରେ ଛିଦ୍ର ଦେଇ ନାହାନ୍ତି, ଏ କଥା' ସତ । ଈଶ୍ୱର ସ୍ତ୍ରୀମାନଙ୍କ ହାତରେ, ପାଦରେ, ମଥାରେ ମଧ୍ୟ ଅଳଙ୍କାର ଧାରଣ କରିବା ପାଇଁ କୌଣସି ଚିହ୍ନ ଦେଇ ନାହାନ୍ତି, ତଥାପି ସ୍ତ୍ରୀମାନେ ଏ ଅଙ୍ଗରେ ଅଳଙ୍କାର ଧାରଣ କରୁଛନ୍ତି । କାନରେ ଛିଦ୍ର ନ ଥିବା ସତ୍ତ୍ୱେ ବି ଏତେ କଷ୍ଟ ସହ୍ୟ କରି ସ୍ତ୍ରୀମାନେ ଯେ କାନରେ ଛିଦ୍ର କରାଉଛନ୍ତି ଅଳଙ୍କାର ଧାରଣ କରିବା ପାଇଁ, ଏ ପ୍ରବଳ ପ୍ରବୃତ୍ତି ତାଙ୍କୁ କିଏ ଦେଲା ? ଏ ପ୍ରବୃତ୍ତି କି ସ୍ତ୍ରୀର ନିଜର ସୃଷ୍ଟି ? ଏ ପ୍ରବୃତ୍ତି ଈଶ୍ୱରଦତ୍ତ । ଯେ କୌଣସି ପ୍ରକାରରେ ନିଜକୁ ସୁନ୍ଦର କରି ସଜେଇବାର ପ୍ରବୃତ୍ତି ସ୍ତ୍ରୀର ସହଜାତ । ଆଜି ଆମର ସଂସ୍କୃତି, ବୈଦିକ ସଂସ୍କୃତି, ବିଶ୍ୱର ସଂସ୍କୃତି ପ୍ରକୃତିର ବିରୁଦ୍ଧରେ ଯିବାକୁ ନିର୍ଦ୍ଦେଶ ଦିଏ ନା । ସେଥିପାଇଁ ବେଦରେ ନାନାଭାବରେ ସ୍ତ୍ରୀକୁ ଅଳଙ୍କାର ଧାରଣ କରିବା ପାଇଁ ଆଦେଶ ଦିଆ ଯାଇଛି । ଏପରିକି କନ୍ୟାର ମାତାକୁ ଆଦେଶ ଅଛି ଯେ ତାର କନ୍ୟାକୁ ସଜେଇ ସେ ତାକୁ ଲୋକ ସମକ୍ଷକୁ ଆଣୁ । ଏଥିପାଇଁ ସ୍ତ୍ରୀକୁ ସମାଜର ଶ୍ରୀ ବୋଲି

Digitized by srujanika@gmail.com

ଲୁହାଯାଏ । (ଏ ସମ୍ବନ୍ଧରେ ପ୍ରମାଣ ପାଇଁ ଏ ଗ୍ରନ୍ଥରେ ପ୍ରକାଶିତ ମୋର 'ଅପ୍ରକାଶ' ପ୍ରବନ୍ଧ ପଢ଼ି ପାରନ୍ତି) ।

୩ । ଈଶ୍ୱରଙ୍କ ପ୍ରତିମା ଅଛି, ଏ କଥାଟାକୁ ସ୍ୱାମୀ ବିବେକାନନ୍ଦ ନାନା ଭାବରେ ପ୍ରମାଣ କରିବାର ଚେଷ୍ଟା କରିଛନ୍ତି । ତାଙ୍କର ପ୍ରଚଳ ଯୁକ୍ତି ଏଇ ଯେ, ଯେପରି ଅରୁନ୍ଧତୀ ନାମର ସୂକ୍ଷ୍ମ ତାରକାକୁ ଦେଖିବାକୁ ହେଲେ, ତା ପାଖର ଗୋଟାଏ ବଡ଼ (ସ୍ଥୂଳ) ତାରାର ଆଶ୍ରୟ ନେଇ ତାକୁ ଦେଖିବାକୁ ହୁଏ, ଅନ୍ୟଥା ତାକୁ ଦେଖିବା ସମ୍ଭବ ହୁଏ ନା, ସେହିପରି ଅତି ସୂକ୍ଷ୍ମ ଈଶ୍ୱରଙ୍କୁ ଦେଖିବାକୁ ହେଲେ, ତାଙ୍କର ମୂର୍ତ୍ତି ସ୍ଥାପନ କରି ପୂଜା କରିବା ଆବଶ୍ୟକ । ନ୍ୟାୟର ଦୃଷ୍ଟିରେ ଏ ଯୁକ୍ତି ତ୍ରୁଟିପୂର୍ଣ୍ଣ । ଅରୁନ୍ଧତୀ ଯେତେ ଛୋଟ ତାରା ହେଲେ ବି ତାକୁ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ଦେଖାଯାଇ ପାରେ । ପୃଥିବୀରେ ଅରୁନ୍ଧତୀ ତାରା ଅପେକ୍ଷା ଅଧିକ ସୂକ୍ଷ୍ମତର ପ୍ରାଣୀ ଅଛନ୍ତି । ଯେଉଁମାନଙ୍କୁ ଅଣୁବୀକ୍ଷଣ ଯନ୍ତ୍ର ଦ୍ୱାରା ଦେଖିବା ଛଡ଼ା ଅନ୍ୟ ଉପାୟ ନାହିଁ । କିନ୍ତୁ ଏ ସମସ୍ତ ସୂକ୍ଷ୍ମ ପଦାର୍ଥମାନଙ୍କ ଅପେକ୍ଷା ବି ଈଶ୍ୱର ସୂକ୍ଷ୍ମତମ । କୌଣସି ଯନ୍ତ୍ର ବା କୌଣସି ପାର୍ଥିବ ବସ୍ତୁ ସାହାଯ୍ୟରେ ତାକୁ ଦେଖିବା ସମ୍ଭବ ନୁହେ । କେବଳ ଚିନ୍ତା ଦ୍ୱାରା, ସମାଧି ଯୋଗ ଦ୍ୱାରା ତାକୁ ଦେଖି ହେବ । କାରଣ ସେ ଇନ୍ଦ୍ରିୟାତୀତ । ଈଶ୍ୱରଙ୍କପରି ସୂକ୍ଷ୍ମ ତତ୍ତ୍ୱକୁ ଅରୁନ୍ଧତୀ ତାରା ପରି ପଞ୍ଚମହାଭୂତର ଏକ ଅଂଶ ସଙ୍ଗରେ ତୁଳନା ନ୍ୟାୟର ବିରୋଧୀ ତୁଳନା । ଅରୁନ୍ଧତୀ ସିନା ସ୍ଥୂଳ ବୋଲି ସ୍ଥୂଳ ପଦାର୍ଥର ମାଧ୍ୟମରେ ତାକୁ ଦେଖାଯାଇ ପାରିବ । କିନ୍ତୁ ଈଶ୍ୱର······ ?

ସ୍ୱାମୀ ବିବେକାନନ୍ଦ ଅଲୱାରର ରାଜ୍ୟକୁ ଯାଇଥିଲେ । ଅଲୱାରର ଦେବାନଙ୍କ ଇଚ୍ଛା ହେଲା, ସେ ସ୍ୱାମୀଙ୍କୁ ଅଲୱାରର

Digitized by srujanika@gmail.com

ରାଜାଙ୍କ ସଙ୍ଗରେ ପରିଚିତ କରାଇଦେବେ । ଦେୱାନଙ୍କ ଅନୁରୋଧରେ ଦିନେ ଅଲୱାରର ଯୁବରାଜ ମଙ୍ଗଳ ସିଂହଙ୍କ ସଙ୍ଗରେ ସ୍ୱାମୀଜୀଙ୍କ ମୂର୍ତ୍ତିପୂଜା ସମ୍ବନ୍ଧରେ ଆଲୋଚନା ହୋଇଥିଲା । ଯୁବରାଜ ମୂର୍ତ୍ତିପୂଜାର ବିରୋଧୀ । ଏ ଆଲୋଚନା କାଳରେ ସ୍ୱାମୀଜୀ ଅଲୱାରର ମହାରାଜାଙ୍କ ଗୋଟିଏ ଫଟୋ ଉପରେ ଦେୱାନଙ୍କୁ ଥୁକିବାକୁ କହିଲେ । ଦେୱାନ ମନା କଲେ । ତା' ପରେ ସ୍ୱାମୀଜୀ ଯୁବରାଜଙ୍କ ଆଡ଼କୁ ଅନାଇ କହିଲେ—'ମହାରାଜାଙ୍କ ଚିତ୍ର ହେଉ, ଏଥିରେ ତ ମହାରାଜ ନାହାନ୍ତି । ଅପର ଦିଗରୁ ଦେଖିଲେ, ଚିତ୍ରଟି ମଧ୍ୟରେ ମହାରାଜାଙ୍କ ଅସ୍ତିତ୍ୱ ବିଦ୍ୟମାନ । ସେହିପରି ଭାବରେ ପ୍ରସ୍ତର ବା, ଧାତୁର ମୂର୍ତ୍ତି ଗୁଡ଼ିକ ମଧ୍ୟ ଭଗବାନଙ୍କ ବିଶେଷ ଗୁଣବାଚକ ମୂର୍ତ୍ତି । ଉକ୍ତ ମୂର୍ତ୍ତି ଭିତର ଦେଇ ଭଗବାନଙ୍କ ଉପାସନା କରାଯାଏ—ଧାତୁ ବା ପ୍ରସ୍ତରକୁ ନୁହେ) ।' କିନ୍ତୁ ବାସ୍ତବରେ ହେଉଛି କଣ ? ଏହି ଧାତୁ ବା ପ୍ରସ୍ତରକୁ ସ୍ନାନ କରାଯାଉଛି—ବସ୍ତ୍ର ପରିଧାନ କରାଯାଉଛି—ନାନାପ୍ରକାର ଫୁଲ ଚନ୍ଦନାଦିରେ ସଜ୍ଜିତ କରାଯାଉଛି । ଆଉ ଏ ଜଡ଼ ପଦାର୍ଥ ବିଶେଷକୁ ଖାଇବାକୁ ମଧ୍ୟ ଦିଆଯାଉଛି—ଆଉ ଏହି ଧାତୁ ଆଉ ପ୍ରସ୍ତରର ପାଦ ତଳରେ ମୁଣ୍ଡ ଲଗାଇ ପ୍ରାର୍ଥନା କରାଯାଉଛି । ଏହାର ମଧ୍ୟରେ ଯେ ଗୁଣବାଚକ ଈଶ୍ୱର ଅଛନ୍ତି, ସେ ତ ଖାଉ ନାହାନ୍ତି, ପିନ୍ଧୁ ନାହାନ୍ତି, ଶୋଉ ନାହାନ୍ତି । ଏ ପଦାର୍ଥ ଗୁଡ଼ିକରେ ଈଶ୍ୱର ଅଛନ୍ତି । କିନ୍ତୁ ଏ ପଦାର୍ଥ ଗୁଡ଼ିକ ନିଜେ ଈଶ୍ୱର ନୁହନ୍ତି । ଈଶ୍ୱରଙ୍କ ଗୁଣ ସତ୍ ଚିତ୍ ଆନନ୍ଦ । ଈଶ୍ୱର ସତ୍ ଅର୍ଥାତ୍ ସେ ଅଛନ୍ତି । ସେ ଚିତ୍ ଅର୍ଥାତ୍ ସେ ଚେତନାଯୁକ୍ତ ଗୋଟାଏ ଗୁଣ, ଆଉ ସେ ଆନନ୍ଦମୟ । ଆଉ ଏହି ଧାତୁ ବା ପ୍ରସ୍ତର କେବଳ ସତ୍ । ଏହାର ଚେତନା ନାହିଁ ବା ଆନନ୍ଦ ନାହିଁ । ଈଶ୍ୱରଙ୍କଠାରୁ ଏହାର ଗୁଣ ଅନ୍ୟ । ତେଣୁ ଜଡ଼ ବସ୍ତୁରେ ଈଶ୍ୱରଙ୍କ ଗୁଣର ଆରୋପ କରି

Digitized by srujanika@gmail.com

ପୂଜା କରିବା ନିରର୍ଥକ । ଜଡ଼ ମୁକ୍ତ ହୋଇ ପାରେ ନା—ଜଡ଼ ଭୋଗର ବ୍ୟବସ୍ଥା କରି ପାରେ ନା ।

ଶ୍ରୀମତୀ ମୃଣାଳିନୀ ବସୁଙ୍କୁ ତା ୩-୧-୧୮୯୮ ପତ୍ରରେ ସ୍ୱାମୀ ବିବେକାନନ୍ଦ ଖଣ୍ଡିଏ ଚିଠି ଲେଖିଥିଲେ—ଚିଠିରେ ସେ 'ବିଧବା-ବିବାହ' ସମ୍ବନ୍ଧରେ ଆଲୋଚନା କରିଛନ୍ତି; ଲେଖିଛନ୍ତି—ଶ୍ରେଷ୍ଠ ଜାତିଙ୍କ ମଧ୍ୟରେ ବିଧବାର ବିବାହ ହୁଏ । ଭଦ୍ରଜାତିମାନଙ୍କ ମଧ୍ୟରେ ପୁରୁଷ ଅପେକ୍ଷା ସ୍ତ୍ରୀ ସଂଖ୍ୟା ଅଧିକ । ଏପରି ଯଦି ପ୍ରତ୍ୟେକ କନ୍ୟାକୁହିଁ ବିବାହ ଦେବା ନିୟମ ହୁଏ, ତା' ହେଲେ ଜ... ଜଣକର ଗୋଟିଏ ଗୋଟିଏ ପାତ୍ର ମିଳିବା କଠିନ ହେବ—ଏଣେ ଏକ ଜଣକର୍ ଦୁଇ ତିନୋଟି କେଉଁଠୁ ଆସିବ ? ଅତଏବ ସମାଜ ଏକ ନିୟମ କରିଛି; ଯେ ଥରେ ପତି ପାଇଛି, ତାକୁ ଆଉ ପତି ଦେବ ନାହିଁ; ଦେଲେ ଗୋଟିଏ କୁମାରୀ ପତି ପାଇବ ନାହିଁ । ଯେ ସକଳ ଜାତିରେ ସ୍ତ୍ରୀ ସଂଖ୍ୟା ଅଧିକ, ସେମାନଙ୍କର ପୂର୍ବୋକ୍ତ ବାଧା ନ ଥିବାରୁ ବିଧବାର ବିବାହ ହୁଏ ।"

ଉପରୋକ୍ତ ମତବାଦକୁ ବିବେକାନନ୍ଦ କେବଳ କହିଛନ୍ତି ବୋଲି କେବଳ ବିଶ୍ୱାସ କରି, ଚିନ୍ତା ଆଦୌ ନ କରି ଯଦି ମାନିବେ, ତେବେ ଏହାର ଫଳରେ ସମାଜର ମଙ୍ଗଳ ହୋଇଛି କି ପ୍ରତ୍ୟକ୍ଷ କରି କହନ୍ତୁ । ଏହି ଯେ ଏକ ବିଚାର, ଶ୍ରେଷ୍ଠଜାତିମାନଙ୍କ ମଧ୍ୟରେ ସ୍ତ୍ରୀ ସଂଖ୍ୟା ଅଧିକ ଆଉ ଉଚ୍ଚ ଜାତି ମଧ୍ୟରେ ସ୍ତ୍ରୀ ସଂଖ୍ୟା କମ୍, ଏହା କିପରି ବିଚାର ? ହୁଏତ କେଉଁ ବର୍ଷ ଜନଗଣନାରେ ସଂଖ୍ୟାର ଏରୂପ ତାରତମ୍ୟତା ଥିଲା । କିନ୍ତୁ ପ୍ରତ୍ୟେକ ଜନଗଣନାରେ କି ଏ କଥା ରହିଛି ? ଚିହ୍ନ ନାହିଁ । ଏପରି ଏକ ଅସ୍ଥାୟୀ କଥାଟା ଉପରେ 'ବିଧବା-ବିବାହ' ପରି ଏକ ସ୍ଥାୟୀ କଥାଟାକୁ ଛାଡ଼ି ଦେବା

Digitized by srujanika@gmail.com

କେତେଦୂର ଠିକ୍ ହେବ, ବିଚାରିବା କଥା—କେବଳ ବିଶ୍ୱାସ କରିବା କଥା ନୁହେଁ । (ଏ ସମ୍ବନ୍ଧରେ ତର୍କ ଅଛି ଶାସ୍ତ୍ର ପ୍ରମାଣ ଅଛି ଅଧିକ ଜାଣିବାକୁ ଚାହିଁଲେ, ମୋର 'କୁମୁଦ ଓ କୁମୁଦନୀ' ପୁସ୍ତକ ପଢ଼ି ପାରନ୍ତି) ।

୨୪ ମେ ୧୯୦୦ରେ ସାନ୍ ଫ୍ରାନ୍ସିସ୍କୋରୁ ଭଗିନୀ ନିବେଦିତାଙ୍କ କେତୋଟି ପ୍ରଶ୍ନର ଉତ୍ତର ସ୍ୱାମିଜୀ ଦେଇଛନ୍ତି ।

ପ୍ରଶ୍ନ—କୃଷ୍ଣ ଯେ ଗୋପାଳ ବାଳକ ମଧ୍ୟରେ ପ୍ରତିପାଳିତ ହୋଇଥିଲେ, ତାର କାରଣ କଣ ? (ନିବେଦିତା)

ଉତ୍ତର—ଏ ରୂପ ଭବିଷ୍ୟବାଣୀ ହୋଇଥିଲା ଯେ କୃଷ୍ଣ କଂସକୁ ସିଂହାସନଚ୍ୟୁତ କରିବେ । କାଳେ ଜନ୍ମ ପରେ କୃଷ୍ଣ କୌଣସି ସ୍ଥାନରେ ଗୋପନରେ ଲାଳିତପାଳିତ ହୁଅନ୍ତି, ସେହି ଭୟରେ ଦୁରାଚାର କଂସ କୃଷ୍ଣଙ୍କ ପିତାମାତାଙ୍କୁ କାରାଗାରରେ ନିକ୍ଷିପ୍ତ କରିଥିଲା ଏବଂ ଏରୂପ ଆଦେଶ ହୋଇଥିଲା ଯେ ସେହି ବର୍ଷ ମଧ୍ୟରେ ରାଜ୍ୟ ମଧ୍ୟରେ ଯେତେ ବାଳକ ଜନ୍ମ ହେବେ, ସମସ୍ତଙ୍କୁ ହତ୍ୟା କରାଯିବ । ଅତ୍ୟାଚାରୀ କଂସର ହାତରୁ ବଞ୍ଚାଇବା ଲାଗି କୃଷ୍ଣଙ୍କ ପିତା କୃଷ୍ଣଙ୍କୁ ଗୋପନରେ ପାର କରିଥିଲେ । (ସ୍ୱାମୀ ବିବେକାନନ୍ଦ)

ଏ ସମସ୍ତ 'ହରିବଂଶ'ର ଘଟଣା । ହରି ଅର୍ଥରେ କୃଷ୍ଣଙ୍କୁ ଧରାଯାଇଛି । ହରିବଂଶ ମହାଭାରତର ଖିଳପର୍ବ, ଅର୍ଥାତ୍ ମହାଭାରତର ପରିଶିଷ୍ଟ ଭାଗ । 'ମହାଭାରତ' କୌଣସି ପୁରାଣ ନୁହେଁ—ଅଷ୍ଟାଦଶ ପୁରାଣ ସଙ୍ଗରେ ଏହାର ଗଣନା ହୁଏ ନା । (ଅଷ୍ଟାଦଶ ପୁରାଣର ତାଲିକା ଏହି—୧ ବିଷ୍ଣୁପୁରାଣ, ୨ ପଦ୍ମପୁରାଣ, ୩ ବ୍ରହ୍ମପୁରାଣ, ୪ ଶିବପୁରାଣ, ୫ ଭାଗବତ ପୁରାଣ, ୬ ନାରଦ ପୁରାଣ, ୭ ମାର୍କଣ୍ଡେୟ ପୁରାଣ, ୮ ଅଗ୍ନି ପୁରାଣ, ୯ ବ୍ରହ୍ମବୈବର୍ତ୍ତ ପୁରାଣ,

Digitized by srujanika@gmail.com

୧୦ ଲିଙ୍ଗ ପୁରାଣ, ୧୧ ବରାହ ପୁରାଣ, ୧୨ ସ୍କନ୍ଦ ପୁରାଣ, ୧୩ ବାମନ ପୁରାଣ, ୧୪ କୂର୍ମ ପୁରାଣ, ୧୫ ମତ୍ସ୍ୟ ପୁରାଣ, ୧୬ ଗରୁଡ଼ ପୁରାଣ, ୧୭ ବ୍ରହ୍ମାଣ୍ଡ ପୁରାଣ, ୧୮ ଭବିଷ୍ୟ ପୁରାଣ ।) ଏହା ଏକ କାବ୍ୟ—ଐତିହାସିକ କାବ୍ୟ । ଏକଥାର ଉଲ୍ଲେଖ 'ମହାଭାରତର' ଉପକ୍ରମ ଭାଗରେ ଅଛି । ମହାଭାରତର ରଚୟିତା ବ୍ୟାସଦେବ ଏ କଥା ବ୍ରହ୍ମାଙ୍କ ଆଗରେ କହୁଛନ୍ତି—'କୃତଂ ମୟେଦଂ ଭଗବନ୍ କାବ୍ୟଂ ପରମ ପୂଜିତମ୍' 'ଭଗବନ ! ପରମ ପୂଜନୀୟ ଗୋଟାଏ କାବ୍ୟ ମୁଁ ରଚନା କରିଛି ।' ଏ କିପରି କାବ୍ୟ—'ଇତିହାସ-ପୁରାଣାନାମୁନ୍ମେଷଂ, ନିର୍ମିତଂ ଚ ଯତ୍'—ଇତିହାସ ପୁରାଣାଦିକୁ ମନ୍ଥନ କରି ଏ ଗ୍ରନ୍ଥ ରଚିତ । ଅର୍ଥାତ୍ ବ୍ୟାସଦେବ କହିବାକୁ ଯାଉଛନ୍ତି ଯେ ସେ ଗୋଟାଏ ଐତିହାସିକ କାବ୍ୟ ରଚନା କରିଛନ୍ତି । ରାମାୟଣ ଆଉ ମହାଭାରତ ଏ ଦୁଇଟି ଐତିହାସିକ କାବ୍ୟ—ଏହା ପୁରାଣ ନୁହେ । ଏହାହିଁ କାରଣ ଯେ ହରିବଂଶକୁ ଏ କାବ୍ୟଦ୍ୱୟ ସଙ୍ଗରେ ଗଣନା କରାଯାଏ—ଏହାର ଗଣନା ଅଷ୍ଟାଦଶ ପୁରାଣମାନଙ୍କ ସଙ୍ଗରେ କି ହୁଏ ନା । ପୁରାଣ କହିଲେ ଠିକ୍ ପ୍ରାଚୀନ ଐତିହାସିକ କଥାକୁ ବୁଝାଏ ନା—ଅତି କଳ୍ପିତ ଘଟଣାବଳୀକୁ କି ବୁଝାଏ । ତେଣୁ ହରିବଂଶର ପ୍ରତ୍ୟେକ ଘଟଣାକୁ ଐତିହାସିକ ବା ଯଥାର୍ଥ ଧର୍ମୀ ମନେ କରିବା ସଙ୍ଗତ ହେବ ନାହିଁ । କିନ୍ତୁ ମହାନ୍ ଐତିହାସିକ ପୁରୁଷଙ୍କୁ ନେଇ ହରିବଂଶ ଗ୍ରନ୍ଥ ରଚିତ । ତେଣୁ ଇତିହାସକୁ ସମ୍ପୂର୍ଣ୍ଣଭାବରେ ବାଦ୍ ଦେଇ ହରିବଂଶର ଆଲୋଚନା କଲେ ଅପ୍ରାସଙ୍ଗିକ ହେବ । ତେଣୁ ଐତିହାସିକ ଦୃଷ୍ଟିକୋଣରୁ ଆମେ ବିବେକାନନ୍ଦଙ୍କର ଉପରୋକ୍ତ ଉକ୍ତିର ଆଲୋଚନା କରିବା ।

'ଭବିଷ୍ୟତବାଣୀ ହୋଇଥିଲା ଯେ କୃଷ୍ଣ କଂସକୁ ସିଂହାସନ-ଚ୍ୟୁତ କରିବେ ।' ଏ ଭବିଷ୍ୟତବାଣୀ କଣ ? ଏହାର ସ୍ୱରୂପ କଣ ?

Digitized by srujanika@gmail.com

କେଉଁ ଯୁକ୍ତି ଦ୍ୱାରା ଆମେ ଏହାକୁ ବିଶ୍ୱାସ କରିବା ? ଏ ଭବିଷ୍ୟତ-ବାଣୀ କେଉଁଠି, କେତେବେଳେ, କାହାର ଆଗରେ, କାହିଁକି, କିଏ କରିଥିଲା ? ଏହାର କୌଣସି ଐତିହାସିକ ପ୍ରମାଣ ଅଛି କି ? ଯଦି ନାହିଁ, ଏହାକୁ ପୁରାଣର ସ୍ୱଭାବସୁଲଭ ଅତି କଳ୍ପିତ ବିଗ୍ରର ବୋଲି ଧରିବାକୁ ଆମେ ବାଧ୍ୟ । ତେବେ ଏହାର ଐତିହାସିକ ସ୍ୱରୂପକୁ ଟିକିଏ ଦେଖିବା । କଂସ ଉଗ୍ରସେନଙ୍କ ଔରସଜାତ ସନ୍ତାନ ନୁହନ୍ତି । କଂସ ଉଗ୍ରସେନଙ୍କ ଜାରଜ ସନ୍ତାନ । ଉଗ୍ରସେନଙ୍କ ରାଣୀ ଅପଣାର ଉଦ୍ୟାନରେ ବିହାର କରୁଥିବା ବେଳେ ଜଣେ ରାକ୍ଷସ ଏହାଙ୍କୁ ବଳାତ୍କାର କଲା । ଏ ବଳାତ୍କାରତାର ପରିଣାମ କଂସ । ସନ୍ତାନ ଜାରଜ ହେଲେ ତା' ଉପରେ ଦୁଃଖଦାୟକ, ତାର ସୂଚନା ଗୀତା ଦେଇଛନ୍ତି—

ଅଧର୍ମାଭିଭବାତ୍ କୃଷ୍ଣ ପ୍ରଦୁଷ୍ୟନ୍ତି କୁଳସ୍ତ୍ରିୟଃ ।
ସ୍ତ୍ରୀଷୁ ଦୁଷ୍ଟାସୁ ବାର୍ଷ୍ଣେୟ ଜାୟତେ ବର୍ଣ୍ଣସଙ୍କରଃ ॥
ସଙ୍କରୋ ନରକାୟୈବ କୁଳଘ୍ନାନାଂ କୁଳସ୍ୟ ଚ ।
ପତନ୍ତି ପିତରୋ ହ୍ୟେଷାଂ ଲୁପ୍ତପିଣ୍ଡୋଦକକ୍ରିୟାଃ ।
ଦୋଷୈରେତୈଃ କୁଳଘ୍ନାନାଂ ବର୍ଣ୍ଣସଙ୍କରକାରକୈଃ ।
ଉତ୍ସାଦ୍ୟନ୍ତେ ଜାତିଧର୍ମାଃ କୁଳଧର୍ମାଶ୍ଚ ଶାଶ୍ୱତାଃ ॥
ଉତ୍ସନ୍ନକୁଳଧର୍ମାଣାଂ ମନୁଷ୍ୟାଣାଂ ଜନାର୍ଦ୍ଦନ ।
ନରକେଽନିୟତଂ ବାସୋ ଭବତୀତ୍ୟନୁଶୁଶ୍ରୁମ ॥

'ହେ କୃଷ୍ଣ ! ପାପ ବଢ଼ିଲେ କୁଳ ସ୍ତ୍ରୀମାନେ ଦୂଷିତ ହୁଅନ୍ତି । ସ୍ତ୍ରୀମାନେ ଦୂଷିତ ହେଲେ ବର୍ଣ୍ଣସଙ୍କର ଉତ୍ପନ୍ନ ହୁଅନ୍ତି । ବର୍ଣ୍ଣସଙ୍କର-ମାନେ କୁଳର ନରକଗାମୀ ହେବାର କାରଣ ହୁଅନ୍ତି । କୁଳର ପିତର ଲୋକ ଏହାଙ୍କ ପାଇଁ ନିନ୍ଦନୀୟ ହୁଅନ୍ତି । ହେ ଜନାର୍ଦ୍ଦନ !'

Digitized by srujanika@gmail.com

ଅଛେ ଶୁଣିଛୁ, ଏହାଙ୍କ ପାଇଁ ଅନନ୍ତ କାଳ ପର୍ଯ୍ୟନ୍ତ କୁଳର ଲୋକେ ନରକରେ ପଡ଼ନ୍ତି ।)

ଏ କଥା ଉଗ୍ରସେନଙ୍କ ପକ୍ଷରେ ଘଟିଛି । ଏହାହିଁ କାରଣ ଯେ ଆମ ଦେଶର ସ୍ତ୍ରୀମାନଙ୍କର ସତୀତ୍ୱ ଜଗିବା ପ୍ରଥା ଅତି ଦୃଢ଼ ତଥା ରୂଢ଼ । ବିବାହିତ ପତିପତ୍ନୀଙ୍କ ମଧ୍ୟରେ ମଧ୍ୟ ଏକାନ୍ତବାସ ଅତି ପବିତ୍ରଭାବରେ କରିବାର ଶାସ୍ତ୍ର-ଆଦେଶ ଆମ ଦେଶରେ ଅଛି । ସ୍ତ୍ରୀ ପୁରୁଷର ସଂଯୋଗ କାଳର ମାନସିକ ପ୍ରଭାବ ସନ୍ତାନ-ଠାରେ ପଡ଼େ ବୋଲି ମନୋବୈଜ୍ଞାନିକମାନେ ତଥା କାମଶାସ୍ତ୍ର କହନ୍ତି । ଯଦି ବଳାତ୍କାରରେ ଅତି ଅସଂଯତ ଅବସ୍ଥାରେ ଏ କଥା ହୁଏ, ତେବେ ସନ୍ତାନର ମସ୍ତିଷ୍କରେ ବିକୃତି ଘଟିବାର ସମ୍ଭାବନା ଅଛି । ବୈଦିକ ଶାସ୍ତ୍ର, ଏହି କାରଣରୁ, ଅଧ୍ୟାତ୍ମିକ ଦୃଷ୍ଟିକୋଣରୁ, କେବଳ ସନ୍ତାନର କାମନା ରଖି ସ୍ତ୍ରୀକୁ ସ୍ପର୍ଶ କରିବା କଥା ବାରମ୍ବାର କହିଛନ୍ତି—'କାମାତୁରଣାଂ ନ ଭୟଂ ନ ଲଜ୍ଜା ।' ଏଥିପାଇଁ କଂସର ନା ତ ଲଜ୍ଜା ଥିଲା ନା ଭୟ । କାରଣ ତାର ଜନ୍ମର କାରଣ ଭୟହୀନ ନିର୍ଲଜ୍ଜତା । ଏପରି ସନ୍ତାନର ମସ୍ତିଷ୍କରେ ବିକୃତି ଘଟିବାର ଆଶଙ୍କା କରିବା ତ ଅଯଥାର୍ଥ ହେବ ନାହିଁ । ସାଧାରଣ ସୁସ୍ଥଲୋକଙ୍କ ପରି ମସ୍ତିଷ୍କ କଂସର ନ ଥିଲା—ଶିଶୁମାନଙ୍କ ପ୍ରତି ବିଦ୍ୱେଷ, ଏପରି ଏକ ମାନସିକ ରୋଗ ତାର ଥିଲା । ଏପରି ରୋଗର ଆଉ ଏକ ଉଦାହରଣ ମଧ୍ୟ ବ୍ୟାସଦେବ ମହାଭାରତରେ ଦେଇଛନ୍ତି । ରାମାୟଣ କାଳରେ ଅଯୋଧ୍ୟାରେ ସଗର ବୋଲି ଜଣେ ରାଜା ଥିଲେ । ଏହାଙ୍କର ଅସମଞ୍ଜସ ବୋଲି ଗୋଟିଏ ପୁଅ ଥିଲେ । ଏହାଙ୍କର ମସ୍ତିଷ୍କ ବିକୃତ ଘଟିଥିଲା । ଏ ଅଯୋଧ୍ୟାର ଛୋଟ ଛୋଟ ପିଲମାନଙ୍କ ସଙ୍ଗରେ ଖେଳୁଥିଲେ; ଆଉ ଖେଳିବା ସମୟରେ ଅଯୋଧ୍ୟା ନିକଟବର୍ତ୍ତୀ ସରଯୂ ନଦୀରେ ବୁଡ଼ାଇ ମାରୁଥିଲେ । ରାଜା

Digitized by srujanika@gmail.com

ଏ କଥା ଜାଣି ତାଙ୍କୁ ନିର୍ବାସିତ କଲେ । ଫଳତଃ ଏହାଙ୍କର ପୁଅ ଅଂଶୁମାନ ରାଜ୍ୟ ପାଇଲେ ।

ଅସମଞ୍ଜସ୍ତୁ ପୁତ୍ରୋଽଭୂତ୍ ସଗରସ୍ୟେତି ନଃ ଶ୍ରୁତମ୍
ଜୀବନ୍ନେବ ସ ପିତ୍ରା ତୁ ନିରସ୍ତଃ ପାପକର୍ମକୃତ୍ ।

(ଶୁଣାଯାଏ ସଗରଙ୍କ ଅସମଞ୍ଜସ ନାମରେ ଗୋଟିଏ ପୁଅ ଥିଲା । ତା'ର ପାପକର୍ମ ପାଇଁ ପିତା ତାକୁ ତ୍ୟାଗ କଲେ ।)

ଏ କଥାର ବିଶଦ ବର୍ଣ୍ଣନା ମହାଭାରତରେ ଅଛି । କଂସର ଏପରି ମସ୍ତିଷ୍କ ବିକୃତ ଘଟିଥିବାରୁ ସେ ଶିଶୁମାନଙ୍କୁ ହତ୍ୟା କରାଉଥିଲା । ଅତ ଏ କଥା ଅସହ୍ୟ ହେବାରୁ, ଏହିପରି ଅନ୍ୟାନ୍ୟ ଅନେକ ବିକୃତ କାମ ସେ କରୁଥିବାରୁ କୃଷ୍ଣ ତାକୁ ହତ୍ୟା କଲେ ।

ଏପରି ଏକ ଐତିହାସିକ କଥା ସ୍ୱାମୀଜୀ ଯଦି କହିଥାନ୍ତେ, ନିବେଦିତାଙ୍କୁ, ଅଧିକ ଭଲ ହୋଇଥାନ୍ତା ବୋଲି ଆମର ବିଶ୍ୱାସ । ବିଦେଶୀମାନଙ୍କ ମସ୍ତିଷ୍କରେ ବୈଜ୍ଞାନିକମୂଳକ ବା ଐତିହାସିକ ମୂଳକ କଥାର ଧାରଣା ନ ଦେଲେ, ଏମାନେ ଆମର ସଂସ୍କୃତିକୁ ଉପହାସ କରିବାରେ ସବଳ ହୋଇ ଉଠିବେ ।

ପ୍ରଶ୍ନ—ଏହି ସମୟର କୌଣସି ଚମତ୍କାରପୂର୍ଣ୍ଣ ଘଟଣା କହି ଯାଉନ୍ତୁ କି ? (ନିବେଦିତା)

ଉତ୍ତର—ଶୈଶବରେ କୃଷ୍ଣ ବଡ଼ ଦୁଷ୍ଟ ଥିଲେ । ଦୁଷ୍ଟାମି ଲାଗି ତାଙ୍କର ଗୋପିନୀ ମାତା ଦିନେ ତାଙ୍କୁ ମନ୍ଥନରଜ୍ଜୁ ଦ୍ୱାରା ବାନ୍ଧିବାକୁ ଚାହିଁଲେ । କିନ୍ତୁ ସମସ୍ତ ରଜ୍ଜୁ ଏକତ୍ର ଯୋଡ଼ି ମଧ୍ୟ ତଦ୍ୱାରା ତାଙ୍କୁ ବାନ୍ଧି ପାରିଲେ ନାହିଁ । ଯେତେବେଳେ ତାଙ୍କର ଆଖି ଖୋଲିଲା, ସେ ଦେଖିଲେ, ଯାହାଙ୍କୁ ସେ ବାନ୍ଧିବାକୁ ଯାଉଛନ୍ତି, ତାଙ୍କ

Digitized by srujanika@gmail.com

ଦେହରେ ସମସ୍ତ ବ୍ରହ୍ମାଣ୍ଡ ଅବସ୍ଥିତ । ଭୟରେ କମ୍ପି କମ୍ପି ସେ ଭଗବାନଙ୍କ ସ୍ତୁତି ଆରମ୍ଭ କଲେ । ଭଗବାନ ସେତେବେଳେ ପୁଣି ତାଙ୍କୁ ମାୟା ଦ୍ୱାରା ଆବୃତ କଲେ । ଆଉ ସେ ବାଳକଟିକୁ ଦେଖିବାକୁ ପାଇଲେ । (ସ୍ୱାମୀ ବିବେକାନନ୍ଦ)

ଗୋଟାଏ ବାଳକକୁ ସମସ୍ତ ରଜ୍ଜୁ ଦ୍ୱାରା ବାନ୍ଧି ହେଉ ନାହିଁ, ଏ କଥା 'ଆରେବିଏନ୍ ନାଇଟ୍ସ୍' କଥା ପରି ଲାଗୁଛି । ଯଦି କୃଷ୍ଣ ଅନାଦି ଅନନ୍ତ ଈଶ୍ୱର ବୋଲି ସ୍ୱାମୀଜୀଙ୍କ ଧାରଣା, ତେବେ ସେ ଦେବକୀଙ୍କ ଗର୍ଭରେ, ଏପରି ଏକ ଶିଶୁରେ ଅବଦ୍ଧ କିପରି ହୋଇ ପାରିଲେ, ବୁଝା ପଡୁନାହିଁ । ଏହା ଦର୍ଶନର ବିଷୟ । ଦର୍ଶନର ମୂଳ କଥା ଜାଣିଲେ, ଏ କଥା ବୁଝି ହେବ ।

"ପରଂବ୍ରହ୍ମ ଯେ ଗୋପାଳ ବାଳକ ହୋଇଛନ୍ତି, ଏ କଥା ଦେବଶ୍ରେଷ୍ଠ ବ୍ରହ୍ମାଙ୍କର ବିଶ୍ୱାସ ହେଲା ନାହିଁ । ତେଣୁ ପରୀକ୍ଷା କରିବା ଲାଗି ଏକଦା ସେ ସମସ୍ତ ଧେନୁ ଓ ଗୋପାଳ ବାଳକମାନଙ୍କୁ ଚୋରିକରି ଏକ ଗୁହାଭ୍ୟନ୍ତରରେ ଶୁଆଇ ରଖିଲେ । କିନ୍ତୁ ଫେରିଆସି ଦେଖନ୍ତି ଯେ, ସମୁଦାୟ ଧେନୁ ଓ ବାଳକ କୃଷ୍ଣଙ୍କୁ ବେଢ଼ି ବିରାଜମାନ । ସେ ପୁଣି ନୂତନ ଦଳକୁ ଚୋରି କଲେ ଏବଂ ଲୁଚାଇ ରଖିଲେ । କିନ୍ତୁ ଫେରିଆସି ଦେଖନ୍ତି, ସେମାନେ ଯେପରି ଥିଲେ, ସେପରି ଅଛନ୍ତି । ସେତେବେଳେ ବ୍ରହ୍ମାଙ୍କର ଜ୍ଞାନନେତ୍ର ଉନ୍ମୀଳିତ ହେଲା । ସେ ଦେଖିଲେ, ଅନନ୍ତ କୋଟି ବ୍ରହ୍ମାଣ୍ଡ ଏବଂ ସହସ୍ର ସହସ୍ର ବ୍ରହ୍ମା କୃଷ୍ଣଙ୍କ ଦେହରେ ବିରାଜମାନ ।

(ସ୍ୱାମୀ ବିବେକାନନ୍ଦ)

ବାଇବଲ୍‌ରେ ଯେପରି ଯୀଶୁଙ୍କ ସମ୍ବନ୍ଧରେ ଅଦ୍ଭୁତ, ଅସଙ୍ଗତ, ଅସ୍ୱାଭାବିକ, ଅଲୌକିକ କଥା ଉଲ୍ଲେଖ କରି ତାଙ୍କର ସମ୍ବନ୍ଧରେ

Digitized by srujanika@gmail.com

ଐତିହାସିକତାକୁ ଅପମାନିତ କରି ଯାଉଛନ୍ତି, ଏ ସେପରି ଏକ ଦୁଃଖଦ ଅନ୍ତ କଳ୍ପନା । 'ବୃଂହତି ବର୍ଦ୍ଧୟତି ପ୍ରଜାଇତି ବ୍ରହ୍ମା'— ଯେ ପ୍ରଜା ସୃଷ୍ଟିକରି ସେମାନଙ୍କର ସଂଖ୍ୟା ବଢାଏ, ସେ ବ୍ରହ୍ମା । 'ବିଷ୍ଣୁ ବ୍ୟାପ୍ତନେ' ଧାତୁରୁ ବିଷ୍ଣୁ ଶବ୍ଦର ଉତ୍ପତ୍ତି । ଯେ ବିଶ୍ୱରେ ବ୍ୟାପକ; ସେ ବିଷ୍ଣୁ । 'ରୋଦୟନ୍ତୀତି ରୁଦ୍ରଃ' ଯେ ଅତ୍ୟାଚାରୀଙ୍କୁ ଦଣ୍ଡ ଦିଏ, ସେ ରୁଦ୍ର । ଏହି ବ୍ରହ୍ମା, ବିଷ୍ଣୁ, ରୁଦ୍ର ସେହି ଏକ ଈଶ୍ୱରଙ୍କ ନାମ; ତାଙ୍କର ବିଭିନ୍ନ ଗୁଣ ପାଇଁ ତାଙ୍କର ଏପରି ବିଭିନ୍ନ ନାମ । ଯଦି କୃଷ୍ଣ ନିଜେ ବିଷ୍ଣୁ ହୁଅନ୍ତି, ତେବେ ଏ ବ୍ରହ୍ମା କିଏ ? ଏ ବ୍ରହ୍ମାଙ୍କ ସମ୍ବନ୍ଧରେ ବାକୀ କଥା ଏ ଦୃଷ୍ଟିକୋଣରୁ ବିଚାର କରନ୍ତୁ ।

"କାଳୀୟ ନାଗ ଯମୁନାର ଜଳକୁ ବିଷାକ୍ତ କରୁଥିଲା ବୋଲି ଶ୍ରୀକୃଷ୍ଣ ତା'ର ଫଣାରେ ନୃତ୍ୟ କରିଥିଲେ ।"

(ସ୍ୱାମୀ ବିବେକାନନ୍ଦ)

ଏ କଥାରେ ଐତିହାସିକ ସତ୍ୟ ଅଛି । ନାଗ ଗୋଟାଏ ଜାତିର ନାମ । ଏବର ନାଗା ଜାତି, ଏ ଜାତିର ଅଧୁନିକ ସଂଜ୍ଞା, ଏ ଜାତି ବଡ ଦୁର୍ଦ୍ଧର୍ଷ । ଭାରତବର୍ଷରେ ଘୂରି ବୁଲୁଥିବା ଇରାନୀ-ମାନଙ୍କ ପରି ଏମାନେ ଯାଯାବର । ମଝିରେ ମଝିରେ ଗୋପ, ମଥୁରା ପରି ପଲ୍ଲୀ ଅଞ୍ଚଳକୁ ଆସି ଏମାନେ ବସବାସ କରୁଥିଲେ । ଆଜି ଯେଉଁଠାରେ ପାଣି ଆଦିର ସୁବିଧା, ସେପରି ସ୍ଥଳରେ ଅର୍ଥାତ୍ ଯମୁନା କୂଳରେ ଡେରା ପକାଇ ଥିଲେ । ଏମାନେ ଅପଣାର ଦୁଷ୍ଟ ସ୍ୱଭାବ ଯୋଗୁଁ ଯମୁନାକୁ ଆସୁଥିବା ଗୋପାଙ୍ଗନାଙ୍କ ପ୍ରତି ଦୁଷ୍କାଚରଣ କରୁଥିଲେ । କୃଷ୍ଣ ଏ କଥା ଜାଣି ଏମାନଙ୍କୁ ଦଳନ କଲେ । ଏମାନଙ୍କର ସ୍ତ୍ରୀମାନେ କ୍ଷମା ମାଗିବାରୁ କୃଷ୍ଣ ଏମାନଙ୍କୁ

Digitized by srujanika@gmail.com

କ୍ଷମା କଲେ, ଏହି ସନ୍ଧିରେ ଯେ ସେମାନେ ଯମୁନାର ଗଣ୍ଡ, ଯେଉଁଠାରେ ପାଣିର ପ୍ରାଚୁର୍ଯ୍ୟ, ସେ ସ୍ଥାନକୁ ଛାଡ଼ି ଅନ୍ୟତ୍ର ଚାଲିଯାନ୍ତୁ । ନାଗମାନେ ସେ ସ୍ଥାନ ଛାଡ଼ି ପଳାଇ ଗଲେ—ଅବସ୍ଥା ଶାନ୍ତ ହେଲା (ନାଗମାନଙ୍କର ବଂଶାବଳି, ବାସସ୍ଥାନ, ତଥା ଆର୍ଯ୍ୟମାନଙ୍କ ସଙ୍ଗରେ ତାଙ୍କର ସମ୍ବନ୍ଧ ଇତ୍ୟାଦି ସମ୍ବନ୍ଧରେ ମୋର ଅପ୍ରକାଶିତ ଗ୍ରନ୍ଥ 'ମହାଭାରତ-ଦର୍ଶନ'ରେ ଅତି ପ୍ରାଞ୍ଜଳଭାବରେ ବର୍ଣ୍ଣନା କରା ଯାଇଛି । ଏହା ସମ୍ପୂର୍ଣ୍ଣ ଐତିହାସିକ କଥା । ନାଗ ଅର୍ଥ ସର୍ପ । ସର୍ପଯଜ୍ଞ ଅର୍ଥ ସରୀସୃପଙ୍କୁ ପୋଡ଼ିବା ନୁହେ—ମନୁଷ୍ୟଙ୍କୁ ହତ୍ୟା କରିବା । ଏହା ରାଜନୈତିକ ହତ୍ୟାକାଣ୍ଡ ।)

"ଇନ୍ଦ୍ରର ପୂଜା କୃଷ୍ଣ ବାରଣ କରିବାରୁ ଇନ୍ଦ୍ର କୁପିତ ହୋଇ ଯେତେବେଳେ ପ୍ରବଳ ବେଗରେ ବାରି ବର୍ଷଣ ଆରମ୍ଭ କଲେ, ସହସ୍ର ବ୍ରଜବାସୀ ବୁଡ଼ିବା ଉପରେ । କୃଷ୍ଣ ଗୋଟାଏ ମାତ୍ର ଅଙ୍ଗୁଳି ଦ୍ୱାରା ସେତେବେଳେ ଗୋବର୍ଦ୍ଧନ ପର୍ବତକୁ ଛତା ପରି ଟେକି ଧରିଲେ । ଆଉ ତାହା ତଳେ ସେମାନେ ସମସ୍ତେ ଆଶ୍ରୟ ଗ୍ରହଣ କଲେ ।" (ବିବେକାନନ୍ଦ)

କୌଣସି ପ୍ରକାରର ବାହ୍ୟ ପୂଜା କରିବାର ପଦ୍ଧତି ସେତେବେଳେ ନ ଥିଲା । ଇନ୍ଦ୍ର ଈଶ୍ୱରଙ୍କର ନାମ । ରାଜାମାନଙ୍କଠାରୁ ଯେ ବଡ଼, ସେ 'ଇନ୍ଦ୍ର' । ଦେବତାମାନଙ୍କ ରାଜାଙ୍କୁ ମଧ୍ୟ ଇନ୍ଦ୍ର କୁହାଯାଏ । ଦେବତାମାନେ ଆମମାନଙ୍କ ପରି ମନୁଷ୍ୟ । ଏହାଙ୍କର ବାସସ୍ଥାନ ତ୍ରିବିଷ୍ଟପ ବା ଆଧୁନିକ ତିବ୍ବତ । ଏମାନଙ୍କ ରାଜା ଆମମାନଙ୍କ ପରି ମନୁଷ୍ୟ । ବର୍ଷା କରିବା ବା ନ କରିବା ଏହାଙ୍କର ଅଧିକାରରେ ନାହିଁ । ବର୍ଷା ପ୍ରକୃତିର ନିୟମାନୁସାରେ ହୁଏ । ସମୟରେ ଗୋପରେ ଭୟଙ୍କର

Digitized by srujanika@gmail.com

ବର୍ଷା ହୋଇଥିଲା । କୃଷ୍ଣ ଗୋରୁଙ୍କୁ ନେଇ ଅରଣ୍ୟରୁ ଅରଣ୍ୟ ବୁଲୁଥିଲେ । ତାଙ୍କୁ ଅରଣ୍ୟର ବିଭିନ୍ନ ସ୍ଥଳ ଜଣା ଥିଲା । କେଉଁଠାରେ ରହିଲେ, ବର୍ଷାରୁ ଆପଣାକୁ ରକ୍ଷାକରି ହେବ, ଏହା ତାଙ୍କୁ ଜଣାଥିଲା । 'ଗୋବର୍ଦ୍ଧନ' ପର୍ବତ ସମ୍ବନ୍ଧରେ ବିଚାର କରନ୍ତୁ । ଗୋ+ବର୍ଦ୍ଧନ । ଯେଉଁଠାରେ ଶସ୍ୟର ପ୍ରାଚୁର୍ଯ୍ୟ ଯା'କୁ ଆହାର କରି ଗୋମାନେ ବୃଦ୍ଧି ପ୍ରାପ୍ତ ହୋଇ ପାରିବେ, ତା' ଗୋବର୍ଦ୍ଧନ । ଏପରି ଏକ ପର୍ବତ ଥିଲା, ଏ ସ୍ଥଳରେ ବର୍ଷାରୁ ରକ୍ଷା ପାଇବାର ଉପାୟ ଥିଲା । କୃଷ୍ଣ ଏ ସ୍ଥଳକୁ ଗୋପବାସୀଙ୍କୁ ନେଇ ଆସିଲେ । ବିବେକାନନ୍ଦଙ୍କ ଉପରୋକ୍ତ କଥା ଏ ଘଟଣାର ଅଳଙ୍କାରିକ ବର୍ଣ୍ଣନା ମାତ୍ର ।

"ଶୈଶବରୁ କୃଷ୍ଣ ନାଗ ପୂଜାର ଓ ଇନ୍ଦ୍ର ପୂଜାର ବିରୋଧୀ ଥିଲେ । ଇନ୍ଦ୍ରପୂଜା ଗୋଟାଏ ବୈଦିକ ଅନୁଷ୍ଠାନ । ଗୀତା ଗ୍ରନ୍ଥରେ ସର୍ବତ୍ର ଏହା ସୁସ୍ପଷ୍ଟ ଯେ, ସେ ବୈଦିକ ଯାଗଯଜ୍ଞର ପକ୍ଷପାତୀ ନ ଥିଲେ ।" (ବିବେକାନନ୍ଦ)

ମହାଭାରତ କାଳରେ କୌଣସି ପ୍ରକାରର ବାହ୍ୟ ପୂଜାର ପ୍ରଚଳନ ନ ଥିଲା । ମୂର୍ତ୍ତିପୂଜାର ଆରମ୍ଭ ବୌଦ୍ଧଧର୍ମର ପତନର ସମୟରୁ ହୋଇଛି । ବୁଦ୍ଧ ନିରୀଶ୍ୱରବାଦୀ ଥିଲେ । ତାଙ୍କର ଶିଷ୍ୟମାନେ ଈଶ୍ୱରଙ୍କୁ ମାନୁଥିଲେ । ବୁଦ୍ଧଙ୍କ ପରେ ଏହି ବୁଦ୍ଧଙ୍କୁହିଁ ଈଶ୍ୱର ମାନି ତାଙ୍କର ମୂର୍ତ୍ତି ନିର୍ମାଣ କରି ପୂଜା କରିବାକୁ ଲାଗିଲେ । ଏଇ 'ବୁଦ୍ଧ' ଶବ୍ଦର ଅପଭ୍ରଂଶ 'ବୁତ୍' ଆରବୀ ଭାଷାରେ । ମୁସଲମାନମାନେ ବୁଦ୍ଧଙ୍କୁ ବୁତ୍ ବୋଲି କହନ୍ତି । ଶେଷରେ ମୂର୍ତ୍ତି ଅର୍ଥରେ ବି 'ବୁତ୍' ଶବ୍ଦର ପ୍ରୟୋଗ ହେଲା । ଆରବୀରେ 'ବୁତ୍' ଅର୍ଥ ମୂର୍ତ୍ତି । 'ବୁତପରସ୍ତ' ଅର୍ଥ ମୂର୍ତ୍ତିପୂଜକ, ଆଉ 'ବୁତପରସ୍ତି'

Digitized by srujanika@gmail.com

ଅର୍ଥ ମୂର୍ତ୍ତିପୂଜା । ଏବେ ମଧ୍ୟ ମୁସଲମାନମାନେ ହିନ୍ଦୁମାନଙ୍କୁ ଭୂତପରସ୍ତ ବୋଲି ଆକ୍ଷେପ କରନ୍ତି । ଇନ୍ଦ୍ରପୂଜା ବୈଦିକ ଅନୁଷ୍ଠାନ ନୁହେଁ । ଯାଗଯଜ୍ଞ ଛଡ଼ା ବେଦରେ ଅନ୍ୟ କୌଣସି ପୂଜାର ଉଲ୍ଲେଖ ନାହିଁ । ଆଉ ଯାଗଯଜ୍ଞ ଅର୍ଥ ବି ଅଗ୍ନିରେ ମନ୍ତ୍ରୋଚ୍ଚାରଣପୂର୍ବକ କେବଳ ଘୃତାହୁତି ଦେବା । ଗୀତା ଗ୍ରନ୍ଥରୁ ହୁଏତ କୃଷ୍ଣ ବୈଦିକ କର୍ମକାଣ୍ଡର ପକ୍ଷପାତୀ ନ ଥିଲେ ବୋଲି ପ୍ରମାଣ କରାଯାଇ ପାରେ । କିନ୍ତୁ ମହାଭାରତରେ ସୁଦର୍ଶନଧାରୀ ବୀର କୃଷ୍ଣ ସମ୍ପୂର୍ଣ୍ଣ ବୈଦିକ ଯଜ୍ଞାନୁଷ୍ଠାନକାରୀ । ଗୀତାର ପ୍ରତ୍ୟେକ ଶ୍ଳୋକ ବେଦବ୍ୟାସକୃତ ନୁହେଁ । ମହାଭାରତ ଗ୍ରନ୍ଥ ବଢ଼ିବା ସଙ୍ଗେ ସଙ୍ଗେ ଗୀତାର ଶ୍ଳୋକ ସଂଖ୍ୟା ବି ବଢ଼ିଛି । ସେତେବେଳେ ମହାଭାରତର ନାମ ମହାଭାରତ ହୋଇଛି । ପ୍ରଥମରେ ଏହାର ନାମ ଥିଲା 'ଜୟ', ପରେ ହେଲା 'ଭାରତ', ସର୍ବ ଶେଷରେ ହେଲା 'ମହାଭାରତ'। (ଏ ସମ୍ବନ୍ଧରେ ବିଶଦ ଆଲୋଚନା ମୋର ଅପ୍ରକାଶିତ ଗ୍ରନ୍ଥ 'ମହାଭାରତ ଦର୍ଶନରେ, ମୁଁ କରିଛି ।)

ଭଗିନୀ ନିବେଦିତାଙ୍କୁ କୃଷ୍ଣଙ୍କର ଅଲୌକିକ କର୍ମ ସମ୍ବନ୍ଧରେ ଏପରି ଦୃଷ୍ଟି କୋଣରୁ ଉତ୍ତର ଦେଇଥିଲେ ସ୍ୱାମୀଜୀ, ଅଧିକ ଭଲ କରିଥାନ୍ତେ ବୋଲି ଆମର ଧାରଣା ।

୪ । ଜଣେ ସଂସ୍କୃତଜ୍ଞ ପଣ୍ଡିତ ଥରେ କହୁଥିଲେ, ଯେପରି ଭାବଟା ଏକ—ଭାଷା ଅନେକ ପ୍ରକାର, ସେଇ ଗୋଟାଏ ଭାବକୁ ବିଭିନ୍ନ ଭାଷାରେ ପ୍ରକାଶ କରାଯାଇ ପାରେ, ଠିକ୍ ସେହିପରି ଈଶ୍ୱର ଏକ, ତାଙ୍କର ପୂଜା ପଦ୍ଧତି ଅନେକ ପ୍ରକାର । ଯେ ଯେଉଁ ଭାବରେ ତାଙ୍କର ଉପାସନା କଲେ ମଧ୍ୟ ତାଙ୍କୁ ପାଇବ । ଅର୍ଥାତ୍ ପଣ୍ଡିତେ ଭାଷା ସଙ୍ଗରେ ପୂଜା ପଦ୍ଧତିର ତୁଳନା କଲେ । କିନ୍ତୁ ଏ ପୂଜା-ପଦ୍ଧତିର

Digitized by srujanika@gmail.com

ସଭ୍ୟତା ଦେଖନ୍ତୁ । ଦଳେ କହୁଛନ୍ତି, ତାଙ୍କର ମତକୁ ନ ମାନିଲେ ତାଙ୍କ ହାତରେ ମର । ମରିଲେ ତୁମେ ନରକରେ ପଡ଼ିବ, ଆଉ ସେମାନେ ମାରିଲେ ସ୍ୱର୍ଗକୁ ଯିବେ । ଆଉ ଦଳେ କହୁଛନ୍ତି, ସ୍ତ୍ରୀ ପୁରୁଷଙ୍କୁ ଉଲଙ୍ଗ କରି ତାଙ୍କର ଲିଙ୍ଗ ଯୋନି ପୂଜା କର, ମୁକ୍ତି ପାଇବ (ଏହାର ଶାସ୍ତ୍ରୀୟ ନାମ ସୁବ୍ରୟସୀ ପୂଜା ବା ଷଡ଼ଶୋସୀ ପୂଜା) । ଆଉ ଦଳେ କହୁଛନ୍ତି, ନିରୀହ ନିରପରାଧ ପ୍ରାଣୀଙ୍କୁ ହତ୍ୟା କରି ଦେବତାଠାରେ ଭୋଗ ଲଗାଅ, ମୁକ୍ତି ପାଇବ । ଅନ୍ୟ ଏକ ଦଳ କହୁଛନ୍ତି, ଈଶ୍ୱରଙ୍କ ପୁତ୍ରର ଆଶ୍ରୟ ନିଅ, ସେ ତୁମକୁ ଈଶ୍ୱରଙ୍କ ପାଖକୁ ନେଇ ଯିବେ । ବୁଦ୍ଧଙ୍କ ଶରଣ ଯାଅ, ମୁକ୍ତି ପାଇବ । ଗଙ୍ଗାରେ ସ୍ନାନ କର ମୁକ୍ତି ପାଇବ । କାର୍ତ୍ତିକ ମାସରେ ଏକମାସ ପର୍ଯ୍ୟନ୍ତ ସ୍ନାନ କରି ହବିଷ୍ୟାନ୍ନ ଖାଅ, ମୁକ୍ତି ପାଇବ । ଏ ସବୁ କଣ ଏକ ବସ୍ତୁ ? ଅନେକ ଭାଷା ଯେପରି ସେଇ ଏକ ଭାବକୁ ପ୍ରକାଶ କରେ, ଏହା କଣ ସେଇଆ ? ଏ ସବୁ କଲେ କଣ ଯଥାର୍ଥରେ ମୁକ୍ତି ମିଳିବ ? ଈଶ୍ୱରଙ୍କ ସଙ୍ଗରେ 'ଭାବ'ର ତୁଳନା ମଧ୍ୟ ଠିକ୍ ହେଲା ନାହିଁ । ଈଶ୍ୱର ସର୍ବବ୍ୟାପକ । ସେ ଏହି ଭାବରେ ମଧ୍ୟ ବ୍ୟାପକ । ଅତଏବ ଭାବ ଈଶ୍ୱରଙ୍କ ଅପେକ୍ଷା ସ୍ଥୂଳ । ପାତ୍ରରେ ଜଳ ରହିଛି । ଏଥିପାଇଁ ଏହା ସମ୍ଭବ ହେଲା ଯେ ଜଳ ଅପେକ୍ଷା ପାତ୍ର ସ୍ଥୂଳ ପଦାର୍ଥ । ସ୍ଥୂଳ ପଦାର୍ଥର ଆଧାର ସ୍ଥୂଳ ପଦାର୍ଥ— ଭାବର ଆଧାର ଭାଷା ହୋଇପାରେ । କିନ୍ତୁ ଈଶ୍ୱର ଏତେ ସୂକ୍ଷ୍ମ ଯେ ତାଙ୍କର ପ୍ରକାଶ ପାଇଁ କୌଣସି ଆଧାରର ଆବଶ୍ୟକତା ନାହିଁ—ସେ ସ୍ୱୟଂପ୍ରକାଶ । ବୈଜ୍ଞାନିକମାନେ କହନ୍ତି ବାୟୁମଣ୍ଡଳରେ 'ଭାବ' ଭାଷାର ସାହାଯ୍ୟରେ ମୂର୍ତ୍ତ ହୋଇ ରହୁଛି । ଅର୍ଥାତ୍ ତାର ରହିବା ପାଇଁ କ୍ଷେତ୍ର ଅଛି । ତାର କ୍ଷେତ୍ର ଥିବାରୁ ସେ ସୀମିତ ହେବାକୁ ବାଧ୍ୟ । ଆଉ ସେ ସୀମିତ ହେଲେ ସେ

Digitized by srujanika@gmail.com

ଅବାସ୍ତବ ହେବ । ଈଶ୍ୱର କିନ୍ତୁ ଅବାସ୍ତବ ନୁହନ୍ତି । ଅତଏବ ଉପରୋକ୍ତ ଯୁକ୍ତି ପଣ୍ଡିତଙ୍କର; ବିଚାର-ବିଭ୍ରାଟର ଦୁଷ୍ପରିଣାମ ।

ଏହି ଗୁରୁ ଜଣଙ୍କୁ ବିଶ୍ୱାସ କରି ଆମେ ଯଦି ନିର୍ବିଚାରୀ ହେବା ଆମର ବୁଦ୍ଧି ଜଡ଼ ପାଲଟି ଯିବ । ଅଉ ଯଦି ଚିନ୍ତା କରିବା, ତେବେ ଯଥାର୍ଥ ଆଲୋକ ଆମକୁ ଦେଖା ଦେବ । ସେଥିପାଇଁ ତ ଆମର ଧର୍ମଗ୍ରନ୍ଥର ନାମ 'ବେଦ' । 'ବିଦ୍ ବିଚାରଣେ' ଧାତୁରୁ ବେଦ ଶବ୍ଦର ଉତ୍ପତ୍ତି । ଆମର ଧର୍ମ ଆମକୁ ବିଚାର କରିବାକୁ ଶିଖାଉଛି—କେବଳ ବିଶ୍ୱାସ କରିବାକୁ ନୁହେଁ ।

ଅତଏବ, ପାପପୁଣ୍ୟ ଧର୍ମାଧର୍ମ ସତ୍ୟମିଥ୍ୟା ନ୍ୟାୟଅନ୍ୟାୟ ଶୁଭ-ଅଶୁଭ ମଙ୍ଗଳ-ଅମଙ୍ଗଳ ହିତ-ଅହିତ ପରିସ୍ଥିତି ପରିଣାମ ଉପରେ ନିର୍ଭର କରେ—ବିଶ୍ୱାସ ଉପରେ ନୁହେଁ; ଚିନ୍ତା ଉପରେ ନିର୍ଭର କରେ—କୌଣସି ବ୍ୟକ୍ତି-ବିଶେଷର ବ୍ୟକ୍ତିତ୍ୱ ଉପରେ ନୁହେଁ । ଏ କଥା ଯେତେ ଚଞ୍ଚଳ ଆମେ ବୁଝୁ, ସେତେ ଚଞ୍ଚଳ ସମସ୍ତଙ୍କର ମଙ୍ଗଳର ଦର୍ଶନ ସମ୍ଭବ ହେବ ।

ମିଛ କହିଲେ ଯଦି ଅନ୍ୟର ମଙ୍ଗଳ ସମ୍ଭବ ହୁଏ, ତେବେ ମିଛ କହିଲେ ପାପ ନ ହୋଇ ପୁଣ୍ୟ ହେବ । ଚୋରି କରିବା ଦ୍ୱାରା ଯଦି ପରର ଉପକାର ହୁଏ, ଚୋରି କରିବା ମଧ୍ୟ ପୁଣ୍ୟ ହେବ । କିନ୍ତୁ ଯା'ଠାରୁ ଚୋରି କରାଯିବ, ତାର ତ ମଙ୍ଗଳ ହେବ ନାହିଁ, ଏପରି ପ୍ରଶ୍ନ ଉଠିବା ସ୍ୱାଭାବିକ । ଦରିଦ୍ର ପାଇଁ ଧନୀକଠାରୁ ନିଃସ୍ୱାର୍ଥ ପରଭାବରେ ଚୋରି ପାପ ନୁହେଁ, ପୁଣ୍ୟ । ଏହାଦ୍ୱାରା ଧନବାନର ମଧ୍ୟ ମଙ୍ଗଳ ହେବ, ଆଉ ଧନହୀନର ବି । ବିଚକ୍ଷଣ ବୁଦ୍ଧି-ସଂପନ୍ନ ବାଳକ ଶ୍ରୀକୃଷ୍ଣ ଏ ସତ୍ୟର ଯଥାର୍ଥ ସ୍ୱରୂପକୁ, ଧର୍ମର ଏ ସଙ୍ଗତ ନିଯମକୁ ବାଲ୍ୟକାଳରୁହିଁ ହୃଦୟଙ୍ଗମ କରିଥିଲେ । ସେ

Digitized by srujanika@gmail.com

ବାଲ୍ୟକାଳରୁହିଁ ଦୁଧ ଦହି ଲବଣୀ ଚୋରି କରିବା ବା କରିବାରେ ଅଭ୍ୟସ୍ତ ଥିଲେ । ଅତ୍ୟାଚାରୀ କଂସ କେବଳ ନିଜର ଭୋଗ ପାଇଁ, ନିଜର ଜ୍ଞାତିକୁଟୁମ୍ବଙ୍କର ଭୋଗ ପାଇଁ, ନିଜର ରାଜପରିବାରର ଭୋଗ ପାଇଁ, ନିଜର ସୈନ୍ୟସାମନ୍ତ ମନ୍ତ୍ରୀଗଣଙ୍କର ଭୋଗପାଇଁ, ନିଜର ରାଜଧାନୀ ମଥୁରା ନଗରୀର ଭୋଗପାଇଁ, ନିଃସ୍ୱ ଦରିଦ୍ର ଗୋକୁଳ-ବାସୀଙ୍କ ଜୀବିକାର୍ଜନର ଏକମାତ୍ର ସାଧନ ଦୁଧ, ଦହି, ଲବଣୀ, ସ୍ଥଳ ବିଶେଷରେ ବଳପୂର୍ବକ ଓ ସ୍ଥଳ ବିଶେଷରେ କୂଟ-ନୀତି ବଳରେ ଅପହରଣ କରି ନେଇ ଯାଉଥିଲା । ଫଳତଃ ଦେଶରେ ଅର୍ଥନୀତିରେ ଏକ ସଙ୍କଟ ଅବସ୍ଥା ଦୃଷ୍ଟି ଗୋଚର ହେଉଥିଲା । ଏ ଅତ୍ୟାଚାର ନ୍ୟାୟପ୍ରିୟ କୃଷ୍ଣଙ୍କ ପକ୍ଷରେ ସହ୍ୟ ହେଲା ନାହିଁ । ଶୁଣାଯାଏ, ଦୁଧରେ କଂସ ଅଉ ତାର ରାଣୀମାନେ ସ୍ନାନ କରୁଥିଲେ । ଦୁଧରେ ସ୍ନାନ କଲେ ଶରୀର କାନ୍ତି ବଢ଼ିବାର ଉଲ୍ଲେଖ ବୈଦ୍ୟକ ଶାସ୍ତ୍ରରେ ଅଛି । ଉପୁରେ ଅନିଚ୍ଛାସତ୍ତ୍ୱେ ଗୋପମାନେ ନିତ୍ୟ ଦୁଧ ଦେବାକୁ ମଥୁରାକୁ ଆସୁଥିଲେ । କଂସର ଏ ଅତ୍ୟାଚାର ବିରୁଦ୍ଧରେ ତେଣୁ କରି ବାଲ୍ୟକାଳରୁହିଁ କୃଷ୍ଣ ଅଭିଯାନ ଆରମ୍ଭ କରିଥିଲେ । ଯେପରି ଅତ୍ୟାଚାରୀ ହିରଣ୍ୟକଶିପୁ ବିରୁଦ୍ଧରେ ତାର ବାଳକ ପୁତ୍ର ପ୍ରହ୍ଲାଦ କରିଥିଲେ । କୃଷ୍ଣଙ୍କୁ ବାଲ୍ୟକାଳରୁହିଁ ଏକ ସଂଗଠନ ଆରମ୍ଭ କରିବାକୁ ପଡ଼ିଥିଲା । ସୁବଳ ସୁଦାମ ଆଦି ଏ କେତେ ଜଣ ବଟୁକ ବ୍ରାହ୍ମଣ ଏ ଅନୁଷ୍ଠାନର ଚାଳକ ଥିଲେ ; ଆଉ କୃଷ୍ଣ ଥିଲେ ଏ ଅନୁଷ୍ଠାନର ସର୍ବମୟ କର୍ତ୍ତା । ଏମାନେ ଗୋପମାନଙ୍କୁ କଂସକୁ ଏ ସବୁ ପଦାର୍ଥ ନ ଦେଇ ନିଜେ ଗ୍ରହଣ କରି ପୁଷ୍ଟ ବଳିଷ୍ଠ ହୋଇ କଂସର ଅତ୍ୟାଚାର ବିରୁଦ୍ଧରେ ଦଣ୍ଡାୟମାନ ହେବାକୁ ପ୍ରବର୍ତ୍ତାଉ ଥିଲେ । ଯେଉଁମାନେ ମାନିଲେ ତ ଭଲ, ଯେଉଁମାନେ ନ ମାନିଲେ ସେମାନଙ୍କର ସବୁ ଅପହରଣ କରି ନେଇ ଯାଉଥିଲେ

Digitized by srujanika@gmail.com

କେବଳ ନିଜ ଭୋଗ ପାଇଁ ନୁହେଁ, ତାଙ୍କର ଦଳର ଭୋଗ ପାଇଁ, ସାରା ଗୋପର ଭୋଗ ପାଇଁ । କୃଷ୍ଣଙ୍କର ନିଜର ଏ ସମସ୍ତ ପଦାର୍ଥର ଅଭାବ ନ ଥିଲା । ସେ ଯେଉଁ ପରିବାରରେ ପାଳିତ ହେଉଥିଲେ, ସେ ପରିବାରରେ ଦୁଗ୍ଧ ଦଧିର ପ୍ରାଚୁର୍ଯ୍ୟ । ସେ ପରିବାର ପୁଣି ଗୋପର ନେତୃତ୍ୱ କରୁଥିଲା ।

କୃଷ୍ଣଙ୍କର ଏହି ସଂଗଠନ ପ୍ରତି କଂସର ସବୁବେଳେ ତୀକ୍ଷ୍ଣ ଦୃଷ୍ଟି ରହିଥିଲା । କାରଣ ତାର ମନରେ ଏ ବିଚକ୍ଷଣ-ବୁଦ୍ଧି ବାଳକ ପ୍ରତି ଭୟ ଥିଲା । ନିଜର ପରିବାରର ହୋଇ ମଧ୍ୟ ଯେ ନିଜର ଲୋକଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର କରିପାରେ, ସେ କପରି ନ୍ୟାୟପ୍ରିୟ ହୋଇଥିବ । ଅଥଚ ଏପରି ଲୋକ ଯଦି ବିରୁଦ୍ଧାଚରଣ କରେ, ତା' କପରି ଭୟାନକ ନ ହେବ । କେଉଁଠି ସମର୍ଥନ ନ ପାଇବ ଲୋକଙ୍କର । ଏହି ଲୋକ-ସମର୍ଥନ ହେତୁରୁ ହିରଣ୍ୟକଶିପୁ କେବଳ ନିର୍ଯ୍ୟାତନା ନ ଦେଲା ନିଜର ପୁଅକୁ, କିନ୍ତୁ ହତ୍ୟା କରି ପାରିଲା ନାହିଁ । ଏହି ଜନତାହିଁ ଈଶ୍ୱର । ଏଥିପାଇଁ କୁହାଯାଏ 'ଜନତା-ଜନାର୍ଦ୍ଦନ' ।

କଂସ ମଧ୍ୟ କୃଷ୍ଣଙ୍କୁ ହତ୍ୟା କରିବାର ଷଡ଼ଯନ୍ତ୍ର କରିଛି । କୂଟନୀତି ପ୍ରୟୋଗ କରି କୃଷ୍ଣଙ୍କୁ ଧନୁଯାତ୍ରା ଦେଖିବା ଉଦ୍ଦେଶ୍ୟରେ ଆମନ୍ତ୍ରଣ କରି ଆଣିଛି । କୃଷ୍ଣ ଏହା ଜାଣନ୍ତି, ତେଣୁ ସେ ପ୍ରସ୍ତୁତ ଥିଲେ । ସେ ନିରସ୍ତ୍ର ହେଲେ ମଧ୍ୟ କୂଟନୀତିରେ ଏହାର ହତ୍ୟା କରି ପାରିବେ, ଏ ବିଶ୍ୱାସ ତାଙ୍କର ଥିଲା । ଏହି କୂଟନୀତି ପ୍ରୟୋଗ କରି ସେ ଅତ୍ୟାଚାରୀ ଜରାସନ୍ଧର ବି ଅନ୍ତ କରାଇ ଥିଲେ ପରବର୍ତ୍ତୀ ରାଜନୀତିକ ଜୀବନ କାଳରେ ।

Digitized by srujanika@gmail.com

ଅକ୍ରୁର, ଯେ କ୍ରୁର ଅର୍ଥାତ୍ ନିଷ୍ଠୁର ନୁହନ୍ତି । ଅକ୍ରୁର ଅତି ସାଧୁ ସ୍ୱଭାବର ବ୍ୟକ୍ତିଭାବରେ ହରିବଂଶରେ ତଥା ଭାଗବତରେ ପ୍ରସିଦ୍ଧ । ଏ ପୁଣି କୃଷ୍ଣଙ୍କର ପରମ ଭକ୍ତ ଉଦ୍ଧବ ପରି । କଂସ କୂଟ କରି ଏହି ଶାନ୍ତ ଶିଷ୍ଟ ଅକ୍ରୁରଙ୍କୁହିଁ ପଠାଇଛି କୃଷ୍ଣଙ୍କୁ ଆଣିବା ପାଇଁ । କାରଣ ଅନ୍ୟ କାହାରିକୁ ହୁଏତ କୃଷ୍ଣ ବିଶ୍ୱାସ କରିବେ ନାହିଁ, ଏ ଶଙ୍କା କଂସର ଥିଲା । କିନ୍ତୁ କୃଷ୍ଣ କଂସ ଅପେକ୍ଷା ଅଧିକ କୂଟନୀତିବିଶାରଦ । ସେ ଅକ୍ରୁରଙ୍କ ସମସ୍ତ ଷଡ଼ଯନ୍ତ୍ରର କଥା ଆଗରୁ ବୁଝି ନେଇ କୃଷ୍ଣ ସାବଧାନ ହୋଇ ରହିଥିଲେ । ସେ କେବଳ ସୁଯୋଗ ଉଣ୍ଡୁଥିଲେ କଂସର ସମ୍ମୁଖୀନ ହେବାକୁ । ଅଜି-ଜାଣିବାକୁ ଚାହୁଁଥିଲେ ମଥୁରାବାସୀଙ୍କ ସମର୍ଥନ ତାଙ୍କ ପ୍ରତି ଅଛି କି ନା । ସେ ମଥୁରାରେ ପହଞ୍ଚିବା ମାତ୍ରକେ ଲୋକଙ୍କର ସମର୍ଥନ ପାଇଲେ । ଏପରି କି ରାଜାର ବ୍ୟକ୍ତିଗତ ମାଳୀ ଓ ରଜକ-ପର୍ଯ୍ୟନ୍ତ କୃଷ୍ଣଙ୍କୁ ସମର୍ଥନ କଲେ । ଗୋଟିଏ ନାରୀ ଯେ କି କୁବ୍ଜା ଅର୍ଥାତ୍ କୂଟନୀତି ପ୍ରୟୋଗ କରି କୃଷ୍ଣଙ୍କୁ ଅବ୍ୟବସ୍ଥିତ କରିବାର ଚେଷ୍ଟା କରିଥିଲା, ସେ ମଧ୍ୟ କୃଷ୍ଣଙ୍କର ଅନୁଗତ ହୋଇ ପଡ଼ିଲା । କୃଷ୍ଣ ଲୋକ ସମର୍ଥନ ପାଇଲେ—କଂସକୁ ହତ୍ୟା କଲେ । ଗୋପର ଧନ ଦୁଧ, ଦହି ଲବଣୀ ଖାଇ ମଧ୍ୟ କୃଷ୍ଣ ଅତ୍ୟାଚାରରୁ ଦେଶକୁ ରକ୍ଷା କଲେ ।

ପରଦାର ଗ୍ରହଣ କରିବା ପାପ, ଏ କଥାକୁ ଯଦି ବିଶ୍ୱାସ କରାଯାଏ, ଏ ସମ୍ବନ୍ଧରେ ବିଚାର ଆଦୌ କରା ନ ଯାଏ, ତେବେ ଏ ବିଶ୍ୱାସ ଆମର ମଙ୍ଗଳ କରିବ ବୋଲି କହି ହେବ ନାହିଁ । ଏପରି ବିଶ୍ୱାସର ପରିଣାମ ସ୍ୱରୂପ ବର୍ତ୍ତମାନ ସମାଜରେ ଅରାଜକତା ରହିଛି । ସାମାଜିକ ଶାନ୍ତି ଶୃଙ୍ଖଳା ତ ଆଦୌ ନାହିଁ । ଅକ୍ଷତଯୋନି ବିଧବାକୁ ପର୍ଯ୍ୟନ୍ତ ଆଜୀବନ କୁମାରୀ ରହିବାକୁ ବାଧ୍ୟ କରାଯାଉଛି ।

Digitized by srujanika@gmail.com

ଅଳ୍ପବୟଃପ୍ରାପ୍ତା ବିଧବା ନାରୀଙ୍କୁ ମଧ୍ୟ ଚିରକାଳ ବୈଧବ୍ୟ ଯନ୍ତ୍ରଣା ସହ୍ୟ କରିବାକୁ ବାଧ୍ୟ କରାଯାଉଛି । ଏହାର ପରିଣାମ ଯଦି ମଙ୍ଗଳକାରକ ହୁଅନ୍ତା, ତେବେ ଏପରି କରିବାରେ କାହାରି କିଛି କହିବାର ନ ଥିଲା । କିନ୍ତୁ ପ୍ରବୃତ୍ତିର ପ୍ରବଳ ପ୍ରକୋପରେ ଏ ଅସହାୟା ନାରୀମାନେ କଳା ବ୍ରୁପାଣ୍ଡ ବ୍ୟଭିଚାର ହୋଇ ଯାଉଛନ୍ତି । ଭ୍ରୂଣହତ୍ୟା, ଶିଶୁହତ୍ୟା, ପୁଣି ନାନାଦି ବ୍ୟଭିଚାର, ନାନାଦି ଗୁପ୍ତ ରୋଗରେ ସମାଜ କଳଙ୍କିତ ହୋଇ ଉଠୁଛି । ଏପରି କଳୁଷିତ ସମାଜକୁ ନେଇ ସୁସ୍ଥ ମଣ୍ଡ ବୈଠକ ଉଠି ପାରିବ ? ଆଉ ଯଦି ପାରିବ ନାହିଁ, ତେବେ ଏହାର କାରଣକୁ ବାହିକ ଦୂର କରି ନ ଦିଅ ? ବାହିକ ଚିନ୍ତାକୁ ବର୍ଜନ କରି ବିଶ୍ୱାସକୁ ଅବୋଧ ଧରି ସ୍ୱଜାତିକୁ ରସାତଳକୁ ନେଇଯିବା ? ଅଧିକାଂଶ ବିଧବା ବୈଧବ୍ୟ ଯନ୍ତ୍ରଣା ସହ୍ୟ କରି ନ ପାରି ଅବୈଧ ସନ୍ତାନ ଜନ୍ମ କରି ସନ୍ତାନର ହତ୍ୟା ବା କାରଣ ନିଜେ ହେଉଛନ୍ତି; ଅଧିକାଂଶ ବିଧବା ବିଧର୍ମୀ କର-କବଳିତ ହୋଇ ସ୍ୱଧର୍ମର ଶତ୍ରୁକୁ ଜନ୍ମ ଦେଉଛନ୍ତି । ସଂଖ୍ୟା ଖଣ୍ଡିତ ହେବା ମୂଳରେ ଏହି ସମାଜର ଅଚତୁର ଅନ୍ଧବିଶ୍ୱାସ ହିଁ ରହିଛି । ବିଦେଶରୁ ବିଧର୍ମୀ ଆସି ଭାରତକୁ ଖଣ୍ଡିତ କରି ନ ଥିଲେ ।

ଫ୍ରାନ୍ସର ଗୃହ ଯୁଦ୍ଧରେ ଅନେକ ବୀର ସୈନିକ, ବୀର ସାମନ୍ତ, ସେନାପତି, ତଥା ଅନ୍ୟାନ୍ୟ ସନ୍ତାନଗଣଙ୍କ ମୃତ୍ୟୁ ଘଟିଲା । ଏ ଭୟାବହ ଲୋକକ୍ଷୟ ଫ୍ରାନ୍ସ ପକ୍ଷରେ ଅସହ୍ୟ ହୋଇ ଉଠିଲା । ଦେଶ କ୍ଷୀଣ ଦୁର୍ବଳ ହୋଇ ପଡ଼ିଲା । ବାହ୍ୟ ଶତ୍ରୁର ଆକ୍ରମଣରୁ ଦେଶକୁ ରକ୍ଷା କରିବାର ଆଉ ଉପାୟ ରହିଲା ନାହିଁ । ଏଥିରେ ଦେଶସାରା ବିଧବାମାନଙ୍କ ଗୁପ୍ତ ଔରସରେ ଦେଶ ପ୍ଲାବିତ ହେବାକୁ ଲାଗିଲା । (ମହାଭାରତ ଯୁଦ୍ଧ ପରେ ଭାରତରେ ବି ଏପରି ଦୁର୍ଦ୍ଦଶା

Digitized by srujanika@gmail.com

ଘଟିଥିଲା) । ରାଜା ଆଦେଶ ଦେଲେ, ପ୍ରତ୍ୟେକ ବିଧବା ଦ୍ୱିତୀୟ-ବାର ବିବାହ କରିବାକୁ ବାଧ୍ୟ । ରାଷ୍ଟ୍ରର ଅସ୍ତିରକ୍ଷା ପାଇଁ, ରାଷ୍ଟ୍ରର କଲ୍ୟାଣ ପାଇଁ ସେମାନଙ୍କୁ ଦେଶକୁ ସନ୍ତାନ ଦାନ କରିବାକୁ ହେବ । କଣ ପାପ ହେଲା ରାଜାଙ୍କର ଏପରି ଆଦେଶ ଦେବା ଦ୍ୱାରା ? ଫ୍ରାନ୍ସ ବର୍ତ୍ତମାନ ବି ବଞ୍ଚି ରହିଛି ଶକ୍ତିଶାଳୀ ରାଷ୍ଟ୍ରଭାବରେ ସଂସାରରେ ।

ବ୍ୟାସଦେବ ଭଗବାନ କୃଷ୍ଣଦ୍ୱୈପାୟନ ଜଣେ ଋଷି, ତ୍ୟାଗୀ ତପସ୍ୱୀ, ନିସ୍ପୃହ; ଏମିତି କି ଏହାଙ୍କୁ ସ୍ୱୟଂ ଭଗବାନ ବୋଲି କି କୁହାଯାଇଛି—'ବ୍ୟାସୋ ନାରାୟଣଂ ସ୍ୱୟମ୍', ସେ ପୁଣି ନିଜର ଭ୍ରାତୃପତ୍ନୀଙ୍କ ଗର୍ଭ ପାଇଁ ରେତଦାନ କଲେ । ଯେ ଭ୍ରାତୃପତ୍ନୀର ଦର୍ଶନ ବି ଦୋଷ ବୋଲି ଭାରତୀୟ ସମାଜ କହେ, ସେ ଭ୍ରାତୃ-ପତ୍ନୀଙ୍କୁ ସ୍ପର୍ଶ କରିବା, ତା' ପୁଣି ଜଣେ ତପସ୍ୱୀ ପକ୍ଷରେ, କି ମାରାତ୍ମକ କଥା ସାଧାରଣଙ୍କ ବିଶ୍ୱାସର ଦୃଷ୍ଟିକୋଣରୁ । କିନ୍ତୁ ବେଦାନ୍ତର ଅଗ୍ରଣୀ ବ୍ୟାସଦେବ ଜଡ଼ବୁଦ୍ଧି ନୁହନ୍ତି, ସେ ବିଚାରକ, ଚିନ୍ତାଶୀଳ, ତେଣୁ ଏହାଙ୍କୁ ସେ ଗର୍ହିତ କାର୍ଯ୍ୟ ମନେ କଲେ ନାହିଁ । କଣ ଅନ୍ୟାୟ ହେଲା ତାଙ୍କର ଏ ରେତଦାନ ଫଳରେ ? ଭାରତ-ରାଷ୍ଟ୍ର ଅରାଜକତାରୁ ରକ୍ଷା ପାଇଲା । ଅତି ଭୋଗର ଦୁଷ୍ପରିଣାମ ସ୍ୱରୂପ ଭାରତ ସମ୍ରାଟ ବିଚିତ୍ରବୀର୍ଯ୍ୟଙ୍କ ବିୟୋଗ ଘଟିଲା ଅକାଳରେ କ୍ଷୟ ରୋଗରେ । ତାଙ୍କର ଉଭୟ ପତ୍ନୀ ଅମ୍ବିକା ଅମ୍ବାଳିକା ବିଧବା ହେଲେ ପରିପୂର୍ଣ୍ଣ ଯୌବନରେ ଅପୁତ୍ରିକ ଭାବରେ । ଭାରତବର୍ଷର ରାଜସିଂହାସନ ଶୂନ୍ୟ ହୋଇ ପଡ଼ିଲା । ରାଜାର ଅଭାବରେ ରାଜ-ପ୍ରତିନିଧି ଭାବରେ ଅନିଚ୍ଛାସତ୍ତ୍ୱେ ସତ୍ୟବ୍ରତ ଭୀଷ୍ମଦେବ ରାଜକାର୍ଯ୍ୟ ସମ୍ଭାଳିଲେ କିଛିକାଳ, ମାତା ସତ୍ୟବତୀଙ୍କ ଏକାନ୍ତ ଅନୁରୋଧରେ । କିନ୍ତୁ ଏ ବ୍ୟବସ୍ଥା ସ୍ଥାୟୀ ବ୍ୟବସ୍ଥା ନ ଥିଲା । ଦେବବ୍ରତ ଭୀଷ୍ମ ରାଜ୍ୟ

Digitized by srujanika@gmail.com

ପ୍ରକୃତ ନିସ୍ପୃହ ଥିଲେ । ଯେଉଁ ନିସ୍ପୃହ ଥିଲେ ଭୋଗ ପ୍ରତି । ଏଥିପାଇଁ ସେ ପ୍ରତିଜ୍ଞିତ ହୋଇଥିଲେ । ଅମ୍ବାଲିକା ଅମ୍ବିକାଙ୍କୁ ପୁତ୍ରଦାନ କରିବାକୁ ବି ଭୀଷ୍ମଦେବ ଅନିଚ୍ଛୁକ ହେଲେ । ଶେଷରେ ରାଜମାତା ସତ୍ୟବତୀ ତପସ୍ୱୀ ବ୍ୟାସଦେବଙ୍କୁ ବୀର୍ଯ୍ୟଦାନ ମାଗିଲେ । ବ୍ୟାସଦେବ ସ୍ୱୀକୃତ ହେଲେ । ବ୍ୟାସଦେବଙ୍କୁ ଆପଦ୍ ଧର୍ମ ଜଣା ଜାଣିନ୍ତି । ବ୍ୟାସଦେବ ବେଦକୁ ପାର କରି ଯାଇଥିଲେ । ସେ ଜାଣନ୍ତି ଏ କଥାକୁ ବେଦ 'ନିଯୋଗ' ନାମରେ ସମର୍ଥନ କରୁଛି—ପାପ ବୋଲି ପ୍ରତ୍ୟାଖ୍ୟାନ କରି ନାହିଁ । ଏହି ନିଯୋଗର ଫଳ ସ୍ୱରୂପ ଜନ୍ମ ନେଲେ ଧୃତରାଷ୍ଟ୍ର ଆଉ ପାଣ୍ଡୁ । ଏହାଙ୍କର ବଂଶ ପରଂପରା କ୍ରମରେ ଭାରତବର୍ଷର ଶାସକ ହେଲେ ।

ଭାରତବର୍ଷ ଋଷି ବେଦବ୍ୟାସଙ୍କୁ, ରାଜମାତା ସତ୍ୟବତୀଙ୍କୁ, ମହାରାଣୀ ଅମ୍ବିକା ଅମ୍ବାଲିକାଙ୍କୁ ଏଥିପାଇଁ ନିନ୍ଦା କରିବାର ଦୁଃସାହସ କରି ପାରି ନାହିଁ ଯେ ଏମାନେ ଅନ୍ଧବିଶ୍ୱାସର ଆଶ୍ରୟ ନେଇ ଜୀବନକୁ କଳୁଷିତ କରି ନ ଥିଲେ, ଚିନ୍ତା କରି ଯା' ସମାଜର, ରାଷ୍ଟ୍ରର ମଙ୍ଗଳ ବୋଲି ବୁଝିଲେ, ତା କଲେ । ଯେତେବେଳେ ଭାରତବର୍ଷରେ ଏହି ଚିନ୍ତାର ଧାରା ଚାଲୁଥିଲା, ସେତେବେଳେ ଭାରତବର୍ଷ ଥିଲା ଜଗତ ଗୁରୁ । ସେତେବେଳେ ଭାରତବର୍ଷରେ ନ ଥିଲା ସାମାଜିକ ଅବିଚାର, ରାଜନୈତିକ ଅରାଜକତା, ଆଧ୍ୟାତ୍ମିକ ଉଶୃଙ୍ଖଳତା ଆଉ ଏ ସବୁର ମୂଳ ଘୋର ଅନ୍ଧ ବିଶ୍ୱାସ ।

ଯେ ଦେଶର ସଂସ୍କୃତି, 'ଅହିଂସା ପରମୋଧର୍ମଃ' ଏ କଥାକୁ ଉଦାତ୍ତ କଣ୍ଠରେ ବଜ୍ର ନିର୍ଘୋଷରେ କହି ପାରେ, ସେ ଦେଶ ଏ କଥା ବି କହି ପାରେ—

ଗୁରୁଂ ବା ବାଲବୃଦ୍ଧୌ ବା ବ୍ରାହ୍ମଣଂ ବା ବହୁଶ୍ରୁତମ୍ ।
ଆତତାୟିନମାୟାନ୍ତଂ ହନ୍ୟାଦେବା ବିଚାରୟନ୍ ॥ (ମନୁସ୍ମୃତି)

Digitized by srujanika@gmail.com

'ଗୁରୁ ହେଉ, ବାଳ ବା ବୃଦ୍ଧ ହେଉ, ବ୍ରାହ୍ମଣ ହେଉ ବା ବେଦବିଦ୍ୱାନ୍ ହେଉ, ଯଦି ସେ ଅତତାୟୀ, ତାକୁ ନିର୍ବିଘ୍ନରେ ହତ୍ୟା କରିବା ଉଚିତ' । କାରଣ—

ନାତତାୟିବଧେ ଦୋଷ ହନ୍ତୁର୍ଭବତି କଶ୍ଚନ ।
ପ୍ରକାଶଂ ବାଽପ୍ରକାଶଂ ବା ମନ୍ୟୁସ୍ତଂ ମନ୍ୟୁମୃଚ୍ଛତି ॥ (ମନୁସ୍ମୃତି)

'ପ୍ରକାଶ୍ୟଭାବରେ ହେଉ ବା ଅପ୍ରକାଶ୍ୟଭାବରେ ହେଉ (ଯେ କୌଣସି ପ୍ରକାରେ ହେଉ) ଅତତାୟୀକୁ ହତ୍ୟା କଲେ, ହତ୍ୟାକାରୀକୁ ଦୋଷ ଲଗେ ନାହିଁ' । ଏ ଅତତାୟୀ କେଉଁମାନେ ?

ଅଗ୍ନିଦୋ ଗରଦଶ୍ଚୈବ ଶସ୍ତ୍ରପାଣିର୍ଧନାପହଃ ।
କ୍ଷେତ୍ରଦାରାପହର୍ତ୍ତା ଚ ଷଡେତେହ୍ୟାତତାୟିନଃ ॥
(ବିଷ୍ଣୁସ୍ମୃତି)

'ଯେ ଅଗ୍ନି ଦ୍ୱାରା ଅନ୍ୟର ପ୍ରାଣ ନାଶ କରେ, ଯେ ବିଷ ପ୍ରୟୋଗ କରେ, ଯେ ଅସ୍ତ୍ରଦ୍ୱାରା ଅନ୍ୟକୁ ଆଘାତ କରେ, ଯେ ଧନ ତଥା ଭୂମି ଅପହରଣ କରେ, ଯେ ପର ସ୍ତ୍ରୀ ହରଣ କରେ, ଏପରି ଛଅ ଜଣ ଅତତାୟୀ' ।

ବର୍ତ୍ତମାନ ବିଚାର କରି ଦେଖିବା ଉଚିତ ଯେ ଅତତାୟୀମାନଙ୍କ ପ୍ରତି ଅହିଂସାବଲମ୍ବନ ବାସ୍ତବିକ ମଙ୍ଗଳର କାରଣ, ନା ଏମାନଙ୍କ ନାଶ ବାସ୍ତବିକ ମଙ୍ଗଳର କାରଣ । ଅହିଂସା ସମ୍ବନ୍ଧରେ କହିବାକୁ ଯାଇ ମହାରାଜ ମନୁ ତାଙ୍କର ସ୍ମୃତିରେ କହିଛନ୍ତି ଯେ, 'ଅହିଂସୟୈବ ଭୂତାନାଂ କାର୍ଯ୍ୟଂ ଶ୍ରେୟୋଽନୁଶାସନମ୍'—ପ୍ରାଣୀମାନଙ୍କ ପ୍ରତି ବୈରଭାବ ତ୍ୟାଗ କରି ହିତକାରୀ ତଥା କଲ୍ୟାଣକର କର୍ମ କରିବା ଉଚିତ' । କେବଳ ମନୁଷ୍ୟ ପ୍ରତି ନୁହେ, ପ୍ରାଣୀ ମାତ୍ର ପ୍ରତି ବୈର-ବୁଦ୍ଧି ତ୍ୟାଗ କରିବାକୁ ମନୁ ଉପଦେଶ ଦେଉଛନ୍ତି ।

Digitized by srujanika@gmail.com

ସେ ପୁଣି ଆତତାୟୀ ହେଲେ ଗୁରୁଙ୍କୁ ପର୍ଯ୍ୟନ୍ତ ହତ୍ୟା କରିବାକୁ କହୁଛନ୍ତି । ତାଙ୍କର ଏପରି ମତଭ୍ରମ (?) କାହିଁକି ହେଲା ? ଏ "ମତଭ୍ରମ (?)" ଏଥିପାଇଁ ଘଟିଛି ଯେ ସେ "ଅହିଂସା ପରମୋଧର୍ମଃ", ଏ ନୀତିବାକ୍ୟକୁ କେବଳ ବିଶ୍ୱାସ କରି ନାହାନ୍ତି—ଚିନ୍ତା କରି ବୁଝିଛନ୍ତି । ଏ ନୀତିକୁ ସେ ଯଦି କେବଳ ବିଶ୍ୱାସ କରିଥାନ୍ତେ, ତେବେ ସେ ଅଗ୍ନିଦ ଗରଦ ଶସ୍ତ୍ରପାଣି ଧନାପହ କ୍ଷେତ୍ରଦାରାପହର୍ତ୍ତା, ଏମାନଙ୍କୁ କ୍ଷମା କରି ଅଭୟ ଦାନ ଦେବା ଫଳରେ, ଏ ସବୁ ଅତ୍ୟାଚାରକୁ ପ୍ରଶ୍ରୟ ଦେଇଥାନ୍ତେ । କିନ୍ତୁ ସେ କଦାପି ତା' କରିଲେ ନାହିଁ । ସେ କହିଲେ, ଆତତାୟୀ ଯେ କେହି ହେଉ, ହତ୍ୟା କର ।

ଭାରତ, ଯେ ପ୍ରାଚୀନ ଭାରତ, ଯେ ପ୍ରବୁଦ୍ଧ ଭାରତ, ଜଗତର ଗୁରୁ ଯେ ଭାରତ, ସେ ବାରଂବାର କହି ଆସିଛି ଯେ ଗୁଡ଼ାଏ ନୀତି କଥାକୁ ଧର୍ମ ବୋଲି କହ ନା, କୌଣସି କଥାକୁ ଯଦି ଧର୍ମ ବୋଲି କହିବାକୁ ଚାହିଁ ତ ସେ ହେଉଛି 'ଅହିଂସା' । ସେ ଭାରତ ପୁଣି କହି ପାରୁଛି ଯେ ଗୁରୁ, ବାଳକ, ବୃଦ୍ଧ, ବ୍ରାହ୍ମଣ, ବେଦ ବିଦ୍ୱାନ ଏମାନଙ୍କୁ ବି ହତ୍ୟା କର, କ୍ଷମା କର ନା, ଏମାନେ ଯଦି ଆତତାୟୀ । ଯେ ଗୁରୁ ପରମ ପୂଜନୀୟ, ଉପାସ୍ୟ, ଶ୍ରଦ୍ଧା ସମ୍ମାନର ପାତ୍ର, ଯେ ବାଳକ ସ୍ନେହର ପାତ୍ର, କ୍ଷମାର ପାତ୍ର. ଯେ ବୃଦ୍ଧ ଆଦରଣୀୟ, ଭକ୍ତିର ଯୋଗ୍ୟ, ଯେ ବ୍ରାହ୍ମଣ ସମାଜର ଗୁରୁ, ଜାତିର ନିୟନ୍ତା, ରାଷ୍ଟ୍ରର ଆଧ୍ୟାତ୍ମିକ ନେତା, ଯେ ବେଦବିଦ୍ୱାନ ଆଦର ଅଭ୍ୟର୍ଥନାର ଅଧିକାରୀ, ଏମାନଙ୍କୁ ମଧ୍ୟ ହତ୍ୟାର ଆଦେଶ ଦେଉଛି ସେହି ପ୍ରାଚୀନ ଭାରତବର୍ଷ, ଜ୍ଞାନଗରିମାରେ ପରମୋଜ୍ଜ୍ୱଳ ସେହି ବୈଦିକ ଭାରତବର୍ଷ । କାରଣ ବେଦକାଳୀନ ଭାରତବର୍ଷ ଚିନ୍ତାଶୀଳ ଭାରତବର୍ଷ ଥିଲା—ଅନ୍ଧବିଶ୍ୱାସୀ ଭାରତବର୍ଷ ସେ ନ ଥିଲା । ଏହାହିଁ କାରଣ ଯେ ସେତେବେଳେ ସେ ଭାରତବର୍ଷ ଥିଲା

Digitized by srujanika@gmail.com

ଜଗତର ମହତ୍ତ୍ୱ ମଣି । ଏମାନଙ୍କ ପ୍ରକାଶ୍ୟଭାବରେ ହତ୍ୟା କରିବା କଥା ବି ଭାରତବର୍ଷ କହୁଛି, ଅର୍ଥାତ୍ ଅପରାଧୀକୁ ରାଜା ଦଣ୍ଡ ଦେବା କଥା କୁହାଯାଇଛି । କିନ୍ତୁ କେବଳ ଏତିକି ନୁହେଁ, ଅପ୍ରକାଶ୍ୟ ଭାବରେ ମଧ୍ୟ ଏମାନଙ୍କର ହତ୍ୟା କରାଯାଇ ପାରେ, ଅର୍ଥାତ୍ ଯା'ର ଯେ ଅପରାଧ କରିଛି, ସେ ନିଜେ ଦଣ୍ଡ ଦେଇପାରେ—ରାଜାଙ୍କୁ ନ ଜଣାଇ, ରାଜା ପାଖକୁ ନ୍ୟାୟ ପାଇଁ ନ ଯାଇ, ନିଜେ ଦଣ୍ଡ ଦେଇ ପାରେ ।

ଆଧୁନିକ ଭାରତ ଅହିଂସା ସମ୍ବନ୍ଧରେ କେବଳ ବିଶ୍ୱାସ କରନ୍ତି, ବିଗ୍ରହ କରି ପାରି ନାହିଁ ବୋଲି ଆତତାୟୀ ଅତ୍ୟାଚାର କରିବାର ଅଧିକାର ପାଇଛି । ଏହି ଅତ୍ୟାଚାର ଫଳରେ ରାଷ୍ଟ୍ର ଖଣ୍ଡିତ ହୋଇଛି । ଆଶ୍ଚର୍ଯ୍ୟ ! ଅଦ୍ଭୁତ ମନୋବୃତ୍ତି !! ଆତତାୟୀକୁ ଅଧିକ ଅତ୍ୟାଚାର କରିବାକୁ ଏକ ସ୍ୱତନ୍ତ୍ର ସ୍ଥାନ ଦିଆ ହୋଇଛି !! ଆତତାୟୀକୁ ଦଳନ କରିବା ପରିବର୍ତ୍ତେ, ତାକୁ ଅନ୍ୟକୁ ଦଳନ କରିବା ପାଇଁ ବ୍ୟବସ୍ଥିତ କରାଯାଉଛି । ଏହା କଣ ଅହିଂସାର ଯଥାର୍ଥ ସ୍ୱରୂପ ? ଆପଣମାନଙ୍କର ମନେ ଅଛି ?—ବିରାଟ ରାଜସୂୟ ଯଜ୍ଞରେ, କୌଣସି ଜନହିତ ଦୃଷ୍ଟିରୁ ନୁହେଁ, ବ୍ୟକ୍ତିଗତ ଭାବରେ କୃଷ୍ଣଙ୍କୁ ଶିଶୁପାଳ ଅପମାନିତ କଲେ ବୋଲି କୃଷ୍ଣ ରକି ଦେଖି ସେହି ବିରାଟ ସଭା ମଧ୍ୟରେହିଁ, ଲକ୍ଷ ଲକ୍ଷ ଲୋକଙ୍କ ସମ୍ମୁଖରେ, ରାଜାମହାରାଜାଙ୍କ ସମ୍ମୁଖରେ, ତାଙ୍କୁ ହତ୍ୟା କଲେ । କାହାରି ସାହସ ହେଲା ନାହିଁ କୃଷ୍ଣଙ୍କ ଏ କାର୍ଯ୍ୟର ପ୍ରତିବାଦ କରିବା ପାଇଁ । ତାହିଁକି ହେବ ? ଏହି ଶ୍ରୀକୃଷ୍ଣ, ନିଜର କୁଟୁମ୍ବର ହେଲେ ମଧ୍ୟ, କଂସ ଆତତାୟୀ ହେବାରୁ ତାଙ୍କ ହତ୍ୟା କଲେ—ଏହି ଶ୍ରୀକୃଷ୍ଣ ଦେଶଦ୍ରୋହୀ ଜରାସନ୍ଧକୁ ହତ୍ୟା କରିଲେ । ଏହି ଜରାସନ୍ଧ ଗୃହଁ ଥିଲେ ଦେଶକୁ ଦ୍ୱିଖଣ୍ଡିତ କରି ଗୋଟାଏ ଭାଗର ସେ ସମ୍ରାଟ ହୁଅନ୍ତେ,

Digitized by srujanika@gmail.com

ଅଜ ବାଙ୍କ ଗୋଟାଏ ଅଂଶର ଯା' ଅବସ୍ଥା ହେଉ, ସେଥିରୁ ତାଙ୍କର ଶ୍ରଦ୍ଧା ନାହିଁ । ଏଇ ଜରାସନ୍ଧ ୧୦୮ ପର୍ଯ୍ୟନ୍ତ ମାଣ୍ଡଳିକ ରାଜାଙ୍କୁ, ଏପରିକି ରାଜପରିବାରର ସ୍ତ୍ରୀଲୋକମାନଙ୍କୁ ବନ୍ଦୀ କରି ରଖିଥିଲେ, ତାଙ୍କର ଆଦେଶ ନ ମାନିଲେ ହତ୍ୟା କରିବାକୁ । ଏପରି ଏକ ଜରାସନ୍ଧକୁ ଶ୍ରୀକୃଷ୍ଣ ହତ୍ୟା କରାଇଲେ । ଏପରି ଯେ ଶ୍ରୀକୃଷ୍ଣ, ଏହାଙ୍କ ଅପେକ୍ଷା କିଏ ଅଧିକ ଅହିଂସାର ବଡ଼ ପକ୍ଷପାତୀ ଥିବ ?

ଅହିଂସା ସମ୍ବନ୍ଧରେ ବିଚାର କହିଲେ (ବିଶ୍ୱାସ କହିଲେ ନୁହେଁ) ଏ କଥାହିଁ ବୁଝାଏ ଯେ ଅନାବଶ୍ୟକଭାବରେ ଗୋଟାଏ କ୍ଷୁଦ୍ର ପିମ୍ପୁଡ଼ିକୁ ପର୍ଯ୍ୟନ୍ତ ହତ୍ୟା କରିବା ହିଂସା; ଆଉ ଆବଶ୍ୟକ ଭାବରେ ମନୁଷ୍ୟକୁ ପର୍ଯ୍ୟନ୍ତ ହତ୍ୟା କରିବା ଅହିଂସା । ଆଶ୍ଚର୍ଯ୍ୟ କଥା !! କାହିଁକି ମୂକ ନିରପରାଧ ପ୍ରାଣୀଙ୍କୁ ହତ୍ୟା କରି ତାର ମାଂସରେ ନିଜର ଶରୀରର ମାଂସକୁ ପୁଷ୍ଟ କରିବାଟା ଦୋଷାବହ ନୁହେଁ—ଅଥଚ ଅତ୍ୟାଚାରୀ ଆତତାୟୀଙ୍କୁ ହତ୍ୟା କରିବାଟା ଦୋଷାବହ !!

ଦୋଷୀକୁ ଦଣ୍ଡ ଦେବା ପୂର୍ବରୁ ବିଚାର କରାଯାଏ ବୋଲି ଦୋଷୀକୁ ତାର ଦୋଷ ଦୃଷ୍ଟିରୁ ନୁହେଁ—ତାର ଅବସ୍ଥା ଦୃଷ୍ଟିରୁ ତାକୁ ଦଣ୍ଡ ଦିଆଯାଏ । ତେଣୁ, ଅତତାୟୀ ମାନଙ୍କେ ଯେ ଶାସ୍ତିର ଯୋଗ୍ୟ, ଏ କଥା ଦଣ୍ଡଦାତା ଉପଲବ୍ଧି କଲେ, ତାର ବିଚାର ନ୍ୟାୟୋଚିତ ସିଦ୍ଧ ହୁଏ । ଅତଏବ ପ୍ରତ୍ୟେକ କ୍ଷେତ୍ରରେ ବିଚାର ଆବଶ୍ୟକ—କେବଳ ବିଶ୍ୱାସ ନୁହେଁ ।

ବିଶ୍ୱାସର ଭିତ୍ତି ସବୁବେଳେ ସତ୍ୟ ଉପରେ ପ୍ରତିଷ୍ଠିତ ନୁହେଁ ବୋଲି, ଏ ଭିତରେ ସତ୍ୟ ଅଛି କି ନା, ଜାଣିବା ପାଇଁ ବିଚାରର ଆଶ୍ରୟ ନିଆଯାଏ । କାରଣ ବିଚାର କରିବାର କାମ ଯେ ହୃଦୟର ସେ ଶ୍ରଦ୍ଧା; ଆଉ ବିଶ୍ୱାସ କରିବା ଯେ ମନର କାମ, ସେ ଚଞ୍ଚଳ ।

Digitized by srujanika@gmail.com

ମନୋବୁଦ୍ଧିର୍ଭ ଚଳନ୍ (ଗୀତା)। ଚଞ୍ଚଳତା ଚିନ୍ତାର ସାଧନ ହୋଇ ପାରେନା—ଶାନ୍ତତା ଚିନ୍ତାର ସାଧନ ।

ପ୍ରଭାତ ବେଳାରେ କୌଣସି ନିର୍ଦ୍ଦିଷ୍ଟ ସ୍ତ୍ରୀ ବା ପୁରୁଷର ମୁଖ ଦେଖିଲେ ଅଶୁଭ ହେବ; କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନେଇ ଘରରୁ ବହିର୍ଗତ ହେବାବେଳେ ବିରାଡ଼ି ଦେଖିଲେ ଅମଙ୍ଗଳ ହେବ; ଅପୂର୍ଣ୍ଣ କୁମ୍ଭ ବା କଳସ ଦେଖିଲେ ମନୋକାମନା ସିଦ୍ଧ ହେବ ନାହିଁ; ପୂର୍ଣ୍ଣ କୁମ୍ଭ ଦେଖିଲେ ଇଚ୍ଛା ପୂର୍ଣ୍ଣ ହେବ; କୌଣସି ତେଲ ବ୍ୟବସାୟୀର ମୁଖ ଦେଖିଲେ ସେ ଦିନଟା ଭଲ କଟିବ ନାହିଁ, ଏ ସମସ୍ତ ବିଶ୍ୱାସର ମୂଳରେ କୌଣସି ସତ୍ୟ ଅଛି ? ଯଦି ଅଛି ତ କେହି ଯୁକ୍ତି କରି ଆମକୁ ବୁଝାନ୍ତୁ । (ମୋର ବ୍ୟକ୍ତିଗତ ଅନୁଭୂତି ଅଛି ଯେ ଉପରୋକ୍ତ ସମସ୍ତ ଘଟଣା ଘଟିତ ହେବା ଫଳରେ ମୋର କେବେ କୌଣସି କ୍ଷତି ହୋଇ ନାହିଁ । ମୁଁ ମୋର ନିଜ ଉପରେ ଏ ସମସ୍ତର ପରୀକ୍ଷା ଚଳେଇଛି ।)

କେହି ଯଦି ଅସୁସ୍ଥ, ସେହି ରୋଗୀର ଘର ନିକଟରେ ଶୃଗାଳ ରଡ଼ିଲେ ସେ ରୋଗୀ ନିଶ୍ଚୟ ମରିବ ବୋଲି ଅନେକଙ୍କର ବିଶ୍ୱାସ । କିନ୍ତୁ ରୋଗୀ ମରେ ନାହିଁ । ତେବେ ଶୃଗାଳ କାହିଁକି ରଡ଼ି କରେ, ସେ କଥା ଜାଣି ରଖିବା ଉଚିତ । ଗୃଧ୍ର ପକ୍ଷୀ ଯେପରି ଅନେକ ଦୂରରୁ ପଦାର୍ଥକୁ ଦେଖିପାରେ, ଠିକ୍ ସେହିପରି ଶୃଗାଳ ଅନେକ ଦୂରରୁ ଆଘ୍ରାଣ କରି ପାରେ । ରୋଗୀ ଅନେକ ଦିନ ପର୍ଯ୍ୟନ୍ତ ଅସୁସ୍ଥ ହୋଇ ପଡ଼ି ରହିଲେ, ତାର ଶରୀରର ଗୋଟାଏ ପ୍ରକାର ଗନ୍ଧ ବାହାରେ । ସେ ଗନ୍ଧର ଆଘ୍ରାଣ ପାଇବା ପରେ ଶୃଗାଳ ଆସେ; ଆଉ ଗନ୍ଧ ପାଇ ଆନନ୍ଦରେ ରଡ଼ି କରେ ।

ପ୍ରତ୍ୟେକ ପରିଣାମର କାରଣ ରହିଛି । କାରଣ ବିନା ପରିଣାମ ନାହିଁ । ନିଆଁରେ ହାତ ଦେଲେ ହାତ ପୋଡ଼ିବ, ଜଳ

Digitized by srujanika@gmail.com

ପାନ କଲେ ତୃଷା ମେଣ୍ଟିବ, ବିଷ ପାନ କଲେ ମୃତ୍ୟୁ ଘଟିବ, ଏହା ବିଜ୍ଞାନର ସିଦ୍ଧାନ୍ତ, ଏ ସମସ୍ତରେ ସତ୍ୟ ପ୍ରତ୍ୟକ୍ଷ । ତେଣୁ ଏହା ସଦା ସର୍ବଜ୍ଞ ସତ୍ୟ । କାରଣ ଏଥିର ପରିଣାମ ରହିଛି, ଠିକ୍ ସେହିପରି ଜଣେ ଅଗ୍ନିକୁଣ୍ଡ କୁନ୍ଦ ଡେଇଁବା ଅବଶ୍ୟ ପରିଣାମ ରହିଛି ?

ଯେ ବିଶ୍ୱାସ ସତ୍ୟର ସୀମା ସ୍ପର୍ଶ କରି ନାହିଁ, ଶ୍ରଦ୍ଧା ସଙ୍ଗରେ ସମ୍ବନ୍ଧ ସ୍ଥାପନ କରି ନାହିଁ, ଶ୍ରଦ୍ଧାର ଅବରୋଧହିଁ କରିଛି, ତା' ଅନ୍ଧ ବିଶ୍ୱାସ । ଏ ଅନ୍ଧ ବିଶ୍ୱାସ ଦେଶ ପକ୍ଷରେ ଘାତକ ସିଦ୍ଧ ହୋଇଛି । ଇତିହାସ ତାର ପ୍ରମାଣ । ରାଷ୍ଟ୍ରକୁ ସର୍ବତୋଭାବରେ ଏ ଅନ୍ଧ ବିଶ୍ୱାସ ଗ୍ରାସ କରିବା ଫଳରେ ରାଷ୍ଟ୍ର ସ୍ୱକୀୟ-ଶକ୍ତିକୁ ହରାଇ ବସିଛି । ଫଳରେ ନାନା ପ୍ରକାରର ଅପଘାତ ସହ୍ୟ କରି ଦେଶ ଜର୍ଜରିତ, ପଙ୍ଗୁ, ଦୁର୍ବଳ, ହୀନବୀର୍ଯ୍ୟ ହୋଇ ପଡ଼ିଛି । ଅନ୍ଧବିଶ୍ୱାସ ଫଳରେ ଦେଶର ଦାସମନୋବୃତ୍ତି ଏପର୍ଯ୍ୟନ୍ତ ଦୂର ହୋଇ ପାରି ନାହିଁ । ନିଜେ କେତେ ଶକ୍ତିଶାଳୀ, ଏ କଥା ଅନ୍ଧ ବିଶ୍ୱାସର ଯୋଗୁଁ ଦେଶ ବୁଝି ପାରୁ ନାହିଁ ଏ ପର୍ଯ୍ୟନ୍ତ । ଫଳତଃ ଯେ ଆତତାୟୀ, ତାର ପଦଲେହନ କରିବାରେ କିଛି ଦୋଷ ନାହିଁ ବରଂ ଶ୍ରେୟ ରହିଛି ବୋଲି ସେ ବିଶ୍ୱାସ କରୁଛି । ରାଷ୍ଟ୍ରରେ ଜ୍ଞାନର ଅଭାବ ନାହିଁ, ରାଷ୍ଟ୍ରରେ ଶକ୍ତିର ଅଭାବ ନାହିଁ, ରାଷ୍ଟ୍ରରେ ଧନର ଅଭାବ ନାହିଁ, ରାଷ୍ଟ୍ରରେ ବିଦ୍ୟାର ଅଭାବ ନାହିଁ, ରାଷ୍ଟ୍ରର ଅଭାବ ଶ୍ରଦ୍ଧା-ଶକ୍ତିର । କାରଣ ରାଷ୍ଟ୍ରର ପତନର ପ୍ରଥମ ପ୍ରଧାନ କାରଣ ଅନ୍ଧ ବିଶ୍ୱାସ—ବିଚାରବିହୀନ ବିଶ୍ୱାସ—ସତ୍ୟଶୂନ୍ୟ କଳ୍ପନାପ୍ରସୂତ ଜ୍ଞାନ ; ଅନ୍ଧ ଜ୍ଞାନ ପାଇଁ, ଶ୍ରଦ୍ଧା ପାଇଁ ଯଥାର୍ଥ ଅଭ୍ୟାସର ଅଭାବ ।

ଏବେ ଭଲଭାବରେ ଏ କଥା କହୁ, ଏହାର କେତୋଟି ଉଦାହରଣ ଦେଉଁ ।

Digitized by srujanika@gmail.com

୧ । ଇତିହାସ କହେ, ସମ୍ମୁଖ ଯୁଦ୍ଧରେ ଭାରତର କ୍ଷତ୍ରିୟମାନଙ୍କ ସମ୍ମୁଖୀନ ହେବା ସେତେବେଳେ ଅନ୍ୟ କୌଣସି ରାଷ୍ଟ୍ରର କ୍ଷତ୍ରିୟମାନଙ୍କର ସାମର୍ଥ୍ୟ ନ ଥିଲା । ସେତେବେଳେ ନାହିଁତ, ଏବେ ତ ସେଇ କଥା । କିନ୍ତୁ ଅନ୍ଧ ବିଶ୍ୱାସର କାରଣରୁ ଦେଶ ପରପଦାନତ ହୋଇ ରହିଲା ଯୁଗ ଯୁଗ ପର୍ଯ୍ୟନ୍ତ । ମନୁଷ୍ୟ ଚିନ୍ତା ଶକ୍ତିହୀନ ହେଲେ, ସେ ଶକ୍ତିହୀନ ହୋଇ ରହିବ, ଆଉ ସେ ଶକ୍ତିହୀନ ହେଲେ ପରପଦାନତ ହେବ । ହାତୀ ନିଜର ବଳ ସାମର୍ଥ୍ୟ ବୁଝେ ନା ବୋଲି ସେ ମନୁଷ୍ୟର ଅଙ୍କୁଶର ମାଡ଼ ସହ୍ୟ କରେ । ଆଉ ଯେତେବେଳେ ସେ ବୁଝେ, 'ତାର ଅଜ୍ଞାନତାବଶତଃ' ତା' ଉପରେ ମନୁଷ୍ୟ ଚଢ଼ି ତାକୁ ଅଙ୍କୁଶ ମାରୁଛି, ସେତେବେଳେ ମାହୁନ୍ତକୁ ସେ ଦଳନ କରେ । ମନୁଷ୍ୟ କି କଣ ଏମିତି ପଶୁ ହୋଇ ରହିବ କାଳ କାଳ ?

ଏହା ଇତିହାସର କଥା—ଗଳ୍ପ ଗୁଜବ ନୁହେଁ...... ସେତେବେଳେ ମହମ୍ମଦଙ୍କ ନୂତନ ଧର୍ମର (?), ସମ୍ପ୍ରଦାୟର ପ୍ରଚାର ଫଳରେ ଅଶିକ୍ଷିତ, ଅଥଚ ଶାନ୍ତଶିଷ୍ଟ ଆରବବାସୀ ବିଚାରଶକ୍ତିହୀନ ଭାବରେ କେବଳ ବିଶ୍ୱାସର ବଶବର୍ତ୍ତୀ ହୋଇ, ଅନ୍ଧ ଭାବରେ ଶ୍ରଦ୍ଧାଶୀଳ ହୋଇ ମହମ୍ମଦଙ୍କ ପ୍ରଚାରିତ ନୂତନ ଭାବଧାରାରେ ଅନୁପ୍ରାଣିତ ହୋଇ ଉନ୍ମତ୍ତ ହୋଇ ଉଠିଲେ । ଗୋଟାଏ ହାତରେ କୋରାନ, ଆଉ ଅନ୍ୟ ହାତରେ କୃପାଣ ଧରି, ଯେ ମତବାଦର ପ୍ରଚାର ହୁଏ, ସେ ମତବାଦର ସମ୍ମୁଖୀନ ହୋଇ ପଡ଼ିବା ବା ମତାନ୍ତରିତ ହେବା, ଏ ଦୁଇ କଥାରୁ ତୃତୀୟ କଥା ପାଇଁ ଏଠି ସ୍ଥାନ କାହିଁ ? ଗୋଟାଏ ବର୍ବର ଜାତିକୁ ହଠାତ ଶିକ୍ଷିତ କରିବା ପାଇଁ ତରବାରିର ମାଧ୍ୟମରେ ଯେ ମତବାଦର ପ୍ରଚାର ହେଲା, ତା ଯେ ତାର ଲକ୍ଷ ଲକ୍ଷ ଜିହ୍ୱାରେ ଶାନ୍ତ ଉନ୍ନତ ଜାତିକୁ ଗ୍ରା

Digitized by srujanika@gmail.com

ପଡ଼ନ୍ତି କରିବା, ଏ କଥା କିଏ ଚିନ୍ତିବ ପାରିଥିଲା !! ଯେଉଁ ପ୍ରକାରର ଗୁଣ ମଞ୍ଜିରେ, ସେ ପ୍ରକାର ଫଳ ଫଳିବା ସ୍ୱାଭାବିକ । ଔଦ୍ଧତ୍ୟରୁ ଏ ମତବାଦର ସୃଷ୍ଟି, ଔଦ୍ଧତ୍ୟ ଦ୍ୱାରା ଏହାର ପ୍ରସାର ହେବା ବି ସେହିପରି ସ୍ୱାଭାବିକ । ଏମାନଙ୍କର ଔଦ୍ଧତ୍ୟ ଏପରି ମାତ୍ରାଧିକ ଭାବରେ ବୃଦ୍ଧି ପାଇବାକୁ ଲାଗିଲା ଯେ ଏମାନେ ଇଚ୍ଛା କରିବାକୁ ଲାଗିଲେ କେବେ କେବେ ସମଗ୍ର ପୃଥିବୀକୁ ଏ ମତବାଦରେ ଦୀକ୍ଷିତ କରିବାକୁ । ତେଣୁ ଏ ମତବାଦ ପାଇଁ କ୍ଷେତ୍ର ପ୍ରସ୍ତୁତ କରିବାକୁ ସେମାନେ ଆରବ ନିକଟବର୍ତ୍ତୀ ପଡ଼ୋଶୀ ରାଜ୍ୟଗୁଡ଼ିକୁ ପଦାକ୍ରାନ୍ତ କରିବାକୁ ଲାଗିଲେ । ପରେ ପରେ ଏମାନଙ୍କର ଦେଶ ଜୟ କରିବାର ଲାଳସା ପ୍ରବଳ ହୋଇ ଉଠିଲା । ଶେଷରେ ସପ୍ତମ ଶତାବ୍ଦୀର ମଧ୍ୟଭାଗରେ ଆରବମାନେ ଭାରତର ସୀମା ସ୍ପର୍ଶ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଅଜ୍ଞ ଭାରତର ଅତୁଳ ବିଭବ ପ୍ରତି ଅତ୍ୟନ୍ତ ପ୍ରଲୋଭିତ ହୋଇ ପଡ଼ିଲେ ଏମାନେ । ଫଳତଃ ଭାରତକୁ ନିଜର କରି ନେବାର କାମନାକୁ ଇଚ୍ଛାକୁ ଏମାନେ ଦମନ କରି ପାରିଲେ ନାହିଁ । କିନ୍ତୁ ଆଶ୍ଚର୍ଯ୍ୟର କଥା !! ଏକଶତ ବର୍ଷ ମଧ୍ୟରେ ଭାରତବର୍ଷର ଗୋଟାଏ ହେଲେ ପ୍ରଦେଶକୁ କରଗତ କରି ପାରିଲେ ନାହିଁ । ସେତେବେଳକାର ଯେ ଉଦ୍ଧତ ଦୁର୍ଦ୍ଧର୍ଷ ଅଗ୍ରଗାମୀ ଜାତିର ସମ୍ମୁଖୀନ ସେତେବେଳକାର ଏସିଆ ଆଫ୍ରିକା ତଥା ୟୁରୋପ ମଧ୍ୟ ହୋଇ ପାରି ନ ଥିଲା, ସେ ଜାତିକୁ ଶହ ଶହ ବର୍ଷ ଲାଗିଛି ଭାରତର କେବଳ ଗୋଟାଏ ପ୍ରଦେଶ ମଧ୍ୟକୁ ପ୍ରବେଶ କରିବାକୁ । ଆଜି ଏହା ସମ୍ଭବ ହୋଇଛି ଭାରତବର୍ଷର ପରମ ଦୁର୍ଯୋଗର କାରଣ ଅନ୍ଧ ବିଶ୍ୱାସ ହେତୁ ହିଁ, ଚିନ୍ତାଶକ୍ତିହୀନତା ହେତୁ ହିଁ ।

Digitized by srujanika@gmail.com

ଆରବମାନେ ସର୍ବପ୍ରଥମରେ ଭାରତ ମଧ୍ୟକୁ ଅଫଗାନସ୍ଥାନ, ବେଲୁଚିସ୍ଥାନ, ମକ୍ରାନ ଦେଇ ପ୍ରବେଶ କରିବାକୁ ଚେଷ୍ଟା କରନ୍ତି । କିନ୍ତୁ ଏ ଅଞ୍ଚଳର ପାର୍ବତ୍ୟ ଜାତିମାନଙ୍କ ଦ୍ୱାରା ଏମାନେ ଅତି ମାରାତ୍ମକ ଭାବରେ ପରାଜିତ ହୋଇ ଫେରନ୍ତି । ଶେଷରେ ସେମାନେ ସମୁଦ୍ର ପଥ ଦେଇ ଆସିବାକୁ ଚେଷ୍ଟା କରନ୍ତି । ଅଙ୍ଗ କପଟ କୌଶଳ ସହକାରେ ଏମାନେ ଏ ଦେଶରେ ପ୍ରବେଶ କରନ୍ତି, ଦେଖନ୍ତୁ ।

ସିନ୍ଧୁ ଦେଶର ଦେବଳ ପୋତାଶ୍ରୟ ନିକଟରେ ଗୋଟିଏ ଆରବୀୟ ଜାହାଜ ଜଳଦସ୍ୟୁମାନଙ୍କ ଦ୍ୱାରା ଆକ୍ରାନ୍ତ ହୁଏ । ସିନ୍ଧୁ ଦେଶର ରାଜା ଦାହିରଙ୍କ ପାଖରେ ଏଥିପାଇଁ ଆରବମାନେ କ୍ଷତିପୂରଣ ଦାବୀ କରନ୍ତି । ରାଜା ଦାହିର ସ୍ପଷ୍ଟ ତଥା ନମ୍ର ଭାବରେ ଜଣାଇ ଦିଅନ୍ତି ଯେ ଦସ୍ୟୁମାନଙ୍କ ଉପରେ ତାଙ୍କର କର୍ତ୍ତୃତ୍ୱ ନାହିଁ । ଦସ୍ୟୁମାନଙ୍କ ଦୋଷ ପାଇଁ ସେ ଦଣ୍ଡିତ ହୋଇ ପାରିବେ ନାହିଁ । ତେଣୁ ସେ କ୍ଷତିପୂରଣ ଦେବାକୁ ବାଧ୍ୟ ନୁହନ୍ତି । ଫଳତଃ ଖଲିଫର ଶାସକ ହଜାଜ୍ ସିନ୍ଧୁରାଜାଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରନ୍ତି । ଯୁଦ୍ଧରେ ଦାହିରଙ୍କ ପୁତ୍ର ଦ୍ୱାରା ଆରବ-ସୈନ୍ୟ ପରାଜିତ ହୋଇ ଫେରଯାନ୍ତି । ହଜାଜ୍, ପୁନର୍ବାର ମହମ୍ମଦ ବିନକାଶିମ୍‌ର ଅଧିନାୟକତ୍ୱରେ ଆଉ ଗୋଟାଏ ସୈନ୍ୟଦଳ ପ୍ରେରଣ କରନ୍ତି । କାଶିମ୍‌ର ସୈନ୍ୟ ସଂଖ୍ୟା ଛଅ ହଜାର । ରାଜାଙ୍କ ସୈନ୍ୟ ସଂଖ୍ୟା ୩୦ ହଜାର । ଆଠ ଦିନ ପର୍ଯ୍ୟନ୍ତ ଗଭୀର ରାତିରେ ଭୀଷଣ ଯୁଦ୍ଧ ହୋଇଛି । କାଶିମ୍ ପରାସ୍ତ ହୋଇ ପଳାଇବାକୁ ଲାଗିଛି । କିନ୍ତୁ କି ଦୁର୍ଭାଗ୍ୟ ଯେ ଦୁର୍ଦ୍ଦଶାଗ୍ରସ୍ତ କାଶିମ୍‌ର ଏଇ ଛଅ ହଜାର ସୈନ୍ୟ ସିନ୍ଧୁ ରାଜାଙ୍କ ତିରିଶ ହଜାର ସୈନ୍ୟଙ୍କୁ ପରବା ବାଟିବା ପରି କାଟି ଯୁଦ୍ଧ ଜୟ କରିଛନ୍ତି, ଅନ୍ଧ ବିଶ୍ୱାସର କାରଣରୁ; ସେ କଥାଟା ବି କହୁଛି ।

Digitized by srujanika@gmail.com

ମୁସଲମାନୀ ଇତିହାସ 'ଚଚନାମ'ରେ ଲେଖା ଅଛି— କାସିମଙ୍କୁ ସ୍ଥାନସ୍ଥାନରେ ବୌଦ୍ଧଭିକ୍ଷୁମାନେ ସ୍ୱାଗତ କଲେ । ଅତି ତାଙ୍କୁ ଅନେକ ପ୍ରକାରରେ ସୁବିଧା ଦେଲେ । କୌଣସି ବୌଦ୍ଧ-ଗ୍ରନ୍ଥରେ ପରି ଲେଖା ଅଛି ଏହି ଭବିଷ୍ୟତ-ବାଣୀ ଯେ, ଦିନେ ମୁସଲମାନଙ୍କ ଦ୍ୱାରା ଏ ଦେଶ ଶାସିତ ହେବ । ଅତଏବ ତାଙ୍କୁ ବାଧା ଦେବା ନିରର୍ଥକ । ଏହି ବୌଦ୍ଧମାନେ ବର୍ତ୍ତମାନ ଦେଶରେ ଅଛନ୍ତି—ଯେହେତୁ ଏମାନଙ୍କର ସମର୍ଥକ । ଦେଶରେ ବୌଦ୍ଧ ଜୟନ୍ତୀ ପାଳିତ ହେଉଛନ୍ତି । ଏହିମାନେ ବୁଦ୍ଧଙ୍କର ଅନୁଯାୟୀ ଭକ୍ତ ଯେଉଁମାନେ ଏପରି ମାରାତ୍ମକଭାବରେ ଅନ୍ଧ ବିଶ୍ୱାସୀ, ବିଶ୍ୱର-ବିଜ୍ଞାନ !!! ଯେଉଁ ବୁଦ୍ଧ ଈଶ୍ୱରଙ୍କୁ ଦେଖି ପାରୁ ନାହାନ୍ତି ବୋଲି, ତାଙ୍କର ଶତ୍ରୁ-ବୁଦ୍ଧି ଈଶ୍ୱରଙ୍କୁ ସ୍ୱୀକାର କରି ପାରନ୍ତି ନାହିଁ । ଏହିମାନେ ସେହି ବୁଦ୍ଧଙ୍କ ଶିଷ୍ୟ !!

ସେହି 'ଚଚନାମ'ର କଥା କହୁଛି—ସେତେବେଳକାର ସିନ୍ଧୁ ଦେଶର ସୁପ୍ରତିଷ୍ଠିତ ମାତଙ୍କ ବ୍ୟକ୍ତି 'କାକା' । କାସିମ ଯେତେବେଳେ ନିରୁପାୟ, ଅସହାୟ, ଯୁଦ୍ଧପ୍ରତି ବିମୁଖ । ଅଥଚ ପୁଣି ବଳ ସଞ୍ଚୟର ଚେଷ୍ଟା କରୁଛନ୍ତି ନାନା କୂଟ କୁମନ୍ତ୍ରଣା ଦ୍ୱାରା, ଏତେବେଳେ ଜୈନିକ ପ୍ରତିଷ୍ଠିତ ବୀର ଜାଠ ସାମନ୍ତ ତାଙ୍କ ପାଖକୁ ପରାମର୍ଶ ପାଇଁ ଗଲେ ଯେ; ଅଜ ସ୍ତରରେ କାସିମ ଉପରେ ଆକ୍ରମଣ କରିହେବ ପାରେ କି ନା ? କାକା କହିଲେ, "ପଣ୍ଡିତ ଅଜ ଯୋଗୀମାନେ ଜ୍ୟୋତିଷ ବିଦ୍ୟା ସାହାଯ୍ୟରେ ଏହି ଭବିଷ୍ୟତ ବାଣୀ କହିଛନ୍ତି ଯେ, ଆମ ଦେଶକୁ ମୁସଲମାନମାନେ ଜୟ କରିବେ । ବୌଦ୍ଧ-ମାନଙ୍କ ଗ୍ରନ୍ଥରେ ବି ଏ କଥା ଲେଖାଅଛି ।" ତା'ପରେ ଏହି ଅର୍ଥଗୃଧ୍ନୁ ବ୍ରାହ୍ମଣ (?) କାସିମ ପାଖକୁ ଯାଇ ଜାଠ ବୀରମାନଙ୍କର ଜାନାନ୍ତର କଥା କହିଦେଲେ । ଅଜ ଏହି ବ୍ରାହ୍ମଣ ତାଙ୍କର ଧାର୍ମିକ

Digitized by srujanika@gmail.com

ପୃଷ୍ଠକରେ ଏ ଭବିଷ୍ୟତ ବାଣୀର କଥା ଉଲ୍ଲେଖ ଥିବା କଥା ବି କହିଲେ । ହାୟ୍ ରେ ଜ୍ୟୋତିଷ ବିଦ୍ୟା ! ଅନ୍ଧବିଶ୍ୱାସହିଁ ତୋର ମୂଳ ? ଆଜି ତୁ ଯା'ର ମସ୍ତିଷ୍କରେ ଅଛୁ, କହିଲୁ, ଏପରି ଏ ଅଳ୍ପ ବ୍ରାହ୍ମଣଙ୍କୁ ବ୍ରାହ୍ମଣ ବୁଝାଯାଇ ପାରିବ ? ରାଜା ଦାହିରଙ୍କ ଅନେକ ବୀର ସାମନ୍ତ ମଧ୍ୟ ଏହି ଅକୁଳୀନ ବ୍ରାହ୍ମଣର କଥାରେ ପଡ଼ି କାସିମର ଶରଣାପନ୍ନ ହେଲେ । ତଥାପି ରାଜା ଦାହିର ନିର୍ଭୟରେ ନିର୍ଭୀକ ଥିଲେ । ଏ ବ୍ରାହ୍ମଣ ଅଦ୍ଭୁତ ଗଣ୍ଡାର ଭାବରେ ବିଶ୍ୱାସ-ଘାତକତା କରିବାକୁ ଲାଗିଲେ ନିଜେ ଅନ୍ଧବିଶ୍ୱାସୀ ଅତି ଅର୍ଥ ଲୋଲୁପ ହୋଇଥିବାରୁ । ··· ··· ସେହି ଅର୍ଥଲୋଭୀ ଦେଶଦ୍ରୋହୀ ଅନ୍ଧବିଶ୍ୱାସୀ ବ୍ରାହ୍ମଣଠାରୁ ଆରବମାନେ ଏକ କପଟ-ମନ୍ତ୍ରର ଦୀକ୍ଷା ନେଲେ । "ଯେ ପର୍ଯ୍ୟନ୍ତ ଏ ନଗରର ସେହି ବିଶାଳ ପ୍ରସିଦ୍ଧ ମନ୍ଦିରର ଶୀର୍ଷଭାଗରେ ପତାକା ଉତ୍ତୋଳିତ ହୋଇ ରହିଥିବ, ସେ ପର୍ଯ୍ୟନ୍ତ ସିନ୍ଧୁରାଜାଙ୍କୁ ପରାଜିତ କରିବା ଅସମ୍ଭବ । ପତାକାକୁ ଅବତରଣ କରିଦେଲେ, ରାଜାଙ୍କର ପତନ ସୁନିଶ୍ଚିତ । କାରଣ ରାଜା ତଥା ଏ ନଗରବାସୀଙ୍କ ବିଶ୍ୱାସ ଯେ, ଯେଉଁଦିନ ଏ ପତାକାର ଅଧୋଗତି ହେବ, ସେହି ଦିନ କେବଳ, ରାଜାଙ୍କର ବି ଅଧୋଗତି ହେବ ।" ଏ ମନ୍ତ୍ର ପାଇବା କ୍ଷଣି ନାନା କୌଶଳରେ କାସିମ ପତାକାକୁ ଅବତରିତ କରାଇଲା । ଆଜି ପ୍ରଚାର କରା ହେଲା ଯେ, ମନ୍ଦିରର ଧ୍ୱଜା ଖସି ପଡ଼ିଲା—ଏଥର ରାଜାଙ୍କ ପରାଜୟ ନିଶ୍ଚିତ । ଏ ଅନୁତ୍ତୋଳିତ ପତାକା ଆଡ଼କୁ ଅନାଇ ରାଜା ନୀରବରେ ଦୀର୍ଘ ନିଃଶ୍ୱାସ ମାରିଲେ—ଅସ୍ତ୍ର ତ୍ୟାଗ କରି ସ୍ଥାଣୁ ପ୍ରାୟ ଦଣ୍ଡାୟମାନ ହୋଇ ରହିଲେ । ଶାନ୍ତଭାବରେ ଦଣ୍ଡାୟମାନ ସମରବିମୁଖ ନିଶ୍ଚେଷ୍ଟ ରାଜାଙ୍କୁ କାସିମ ବୃକ୍ଷ ଛେଦନ କଲା ପରି ତାଙ୍କର ଶିର ଛେଦନ କଲା । ଆଜି ଏ ମସ୍ତକକୁ ଖଡ୍ଗ ଧାରରେ ଉଠାଇ

Digitized by srujanika@gmail.com

ନେଇ ମନ୍ଦିରର ଶୀର୍ଷ ଭାଗରେ ଥୋଇଲା । ଏହି ଖଣ୍ଡିତ ମସ୍ତକକୁ ଦେଖି ଭୀତତ୍ରସ୍ତ ହୋଇ ସୈନ୍ୟ, ସାମନ୍ତ ପଳାୟମାନ ହେଲେ । ଯୁଦ୍ଧବିରତ ପଳାୟମାନ ଶସ୍ତ୍ରହୀନ ବୀର ସୈନ୍ୟମାନଙ୍କର ପଶ୍ଚାତ୍ ଧାବନ କରି ଆରବମାନେ ଏମାନଙ୍କୁ ବଳପୂର୍ବ ଧରି କାଟିବାକୁ ଲାଗିଲେ । ହାୟ ରେ, ରାଜା ! ତୁମେ ଏତେ ବଡ଼ ବୀର ହୋଇ ମଧ୍ୟ ତୁମର ବାହୁରେ ଏତେ ବଳ ଥାଇ ମଧ୍ୟ, ତୁମର ମସ୍ତିଷ୍କରେ ବିଚାର କରିବାର ଶକ୍ତି ନ ଥିବାରୁ ତୁମର ପତନ ହେବା ସଙ୍ଗେ ସଙ୍ଗେ ଦେଶ ପତିତ ହୋଇ ରହିଲା ଏ ପର୍ଯ୍ୟନ୍ତ ।

ଯୁବରାଜ ଏ ସଂମରାନଳରେ ଝାସ ଦେଇ ପ୍ରାଣ ବିସର୍ଜନ କଲେ । ରାଣୀ ନିଜେ ଯୁଦ୍ଧ କରିବାକୁ ଆସିଲେ । ତାଙ୍କର ଉଗ୍ର ଚଣ୍ଡୀ ମୂର୍ତ୍ତି ଦେଖି ଅନେକେ ଭୀତ ହୋଇ ପଳାଇ ଗଲେ । ରାଣୀ ପ୍ରବଳ ପରାକ୍ରମୀ ବିଚକ୍ଷଣ ଯୁଦ୍ଧ କୌଶଳଦକ୍ଷ ହେବା ସତ୍ତ୍ୱେ ବି ସେ ଏକାକିନୀ । ସେ ପରାଜିତ ହୋଇ ଅଗ୍ନିରେ ଝାସଦେଇ ପ୍ରାଣ ବିସର୍ଜନ କଲେ ।

କାସିମ ମନ୍ଦିରକୁ ଧ୍ୱଂସ କଲା । ୪୦ ଦେଗେଁ (ଏକ ପ୍ରକାର ପାତ୍ର—ଏହାର ମୁହଁ ଅଳ୍ପ ପେଟ ଓସାର) ଯହିଁରେ ୧୭୨୦୦ ମହଣ ସୁନା ଥିଲା, ତାକୁ ସେ ଲୁଟି ନେଲା । ୬୦୦୦ ସୁନାର ମୂର୍ତ୍ତି, ଏ ମଧ୍ୟରୁ ସବୁଠାରୁ ବଡ଼ ମୂର୍ତ୍ତିର ଓଜନ ୩୦ ମହଣ, ପୁଣି ହୀରା, ମୋତି, ଲାଲ, ମାଣିକ, ଏ ସବୁ ଓଟରେ ବୋହେଇ ନେଲା । ଆଉ ଯେ ବ୍ରାହ୍ମଣ (କାକା) ଆଉ ସେ ସାମନ୍ତ ରାଜା ଦାହୀର ପ୍ରତି ବିଶ୍ୱାସଘାତକତା କରିଥିଲେ, ତାଙ୍କୁ ପ୍ରାଣଦଣ୍ଡ ଦେଲା । ସିନ୍ଧୁଦେଶ ଆରବ ରାଜ୍ୟର ଅଂଶ ହୋଇ ରହିଲା ।

Digitized by srujanika@gmail.com

ଭାରତ ପରପଦାନତ ହେବାର ଏ ସର୍ବପ୍ରଥମ ଘଟଣା— ଅଟେ ଏହାର ସର୍ବପ୍ରଧାନ କାରଣ ଅନ୍ଧ ବିଶ୍ୱାସ । ଏହା ୭୧୨ ଶତାବ୍ଦୀର ଘଟଣା ।

୨—କାସିମର ଆକ୍ରମଣର ୩୦୦ ବର୍ଷ ପରେ ମହମୁଦ୍ ଗଜନବୀ ଆମର ପ୍ରିୟ ମାତୃଭୂମି ପ୍ରତି ବଳାତ୍କାର କଲା । କ୍ରମାନ୍ୱୟରେ ୩୦ ବର୍ଷ ପର୍ଯ୍ୟନ୍ତ ୧୭ ଥର ଆକ୍ରମଣ କରନ୍ତି । ସବୁଥର ପରାଜିତ ହୋଇ କହ୍ନୁ ଲୁଚଛଣି ଲୁଟିକରି ନେଇ ପଳାଇଛନ୍ତି । ନଗରକୋଟ ମନ୍ଦିରକୁ ଧ୍ୱଂସକରି ୭୦୦ ମହଣ ସୁନା ରୁପାର ପାତ୍ର, ୭୪୦ ମହଣ ସୁନା, ୨୦୦୦ ମହଣ ରୁପା, ୨୦ ମହଣ ହୀରା, ମୁକ୍ତା ଜବାହରାତ ଲୁଟି ନେଇଛନ୍ତି ।

ଆମର ମଜ୍ଜାଗତ ରୋଗ ଅନ୍ଧବିଶ୍ୱାସହିଁ ଏ ଲୋକଙ୍କୁ ଆମଉପରେ ଅତ୍ୟାଚାର କରିବାକୁ ବଳ ଦେଇଛି । ଏହା ଗୁଜୁରାଟର ସୋମନାଥ ମନ୍ଦିରର ଘଟଣା । ଗଜନବୀ ଅତି ଅଳ୍ପସୈନ୍ୟ ନେଇ ମନ୍ଦିର ଉପରେ ଆକ୍ରମଣ କଲା । ସେ ଜାଣେ, ତା'ର ବଳ ଆମର ଅନ୍ଧବିଶ୍ୱାସ— ତାର ନିଜର ବଳରେ ସେ ବଳୀୟାନ୍ ନୁହେ । କ୍ଷତ୍ରିୟମାନେ ମିଳିତ ହୋଇ ଏହାର ଗତିରୋଧ କରିବାକୁ ଆସନ୍ତି । ମନ୍ଦିରର ପୂଜାରୀ ଏ କ୍ଷତ୍ରିୟମାନଙ୍କୁ ବାଧା ଦେଇ କହନ୍ତି—"ଗଜନବୀ ସଙ୍ଗରେ ବୃଥାରେ ଲଢ଼ି ପ୍ରାଣ ଦେବା ନିଷ୍ପ୍ରୟୋଜନ । ମହାଦେବ ତାଙ୍କର ତୃତୀୟ ନେତ୍ର ଖୋଲିଲେ, ଗଜନବୀ ଭସ୍ମ ହୋଇଯିବ ।" ରାଜାମାନେ ନିରସ୍ତ୍ର ହେଲେ । ମହାଦେବ ବାବା କେବେ ନେତ୍ର ଖୋଲିଲେ ନାହିଁ । ଗଜନବୀ ମନ୍ଦିର ଧ୍ୱଂସ କଲା । ଅଗଣିତ ଧନରତ୍ନ ଲୁଟି ନେଲା । ୪୦ ମହଣ ସୁନାର ଓଜନର ଗୋଟାଏ ଶିକୁଳିରେ ମନ୍ଦିରରେ ଗୋଟାଏ ଘଣ୍ଟା ଝୁଲୁଥିଲା । ଏଥିରେ ୫ ଗଜ

Digitized by srujanika@gmail.com

ଭିତର ଗୋଟାଏ ଶିବମୂର୍ତ୍ତି ଲଟକି ଥିଲା । ଗଜନବୀ ନିଜ ହାତରେ ସେ ମୂର୍ତ୍ତିକୁ ଖଣ୍ଡ ଖଣ୍ଡ କଲା । ଏଥିରୁ ଖଣ୍ଡିଏ ମସଜିଦର ପାବଚ୍ଛରେ ଲଗାଇଲା, ଆଉ ଖଣ୍ଡକୁ ନିଜ ମହଲର ପାବଚ୍ଛରେ । ତଥାପି ଶିବ ତାଙ୍କର ତୃତୀୟ ନେତ୍ର ଖୋଲିଲେ ନାହିଁ । ହାୟ ରେ ଅନ୍ଧବିଶ୍ୱାସ ! ପ୍ରାଣ କିଛି କରି ପାରେ ?

ଦ୍ୱିତୀୟ ଘଟଣା । ଗୋଟାଏ ଯୁଦ୍ଧରେ ଗଜନବୀ ହିନ୍ଦୁବୀର-ମାନଙ୍କର ସମ୍ମୁଖ ସମରର ସମ୍ମୁଖୀନ ହୋଇ ପାରିଲା ନାହିଁ । ସେ ପରାଜିତ ହୋଇ ପଳାଇବାକୁ ଲାଗିଲା । ତେଣୁ ସେ କପଟ ଯୁଦ୍ଧର ଆଶ୍ରୟ ନେଲା । ଦ୍ୱିତୀୟ ବାରର ଯୁଦ୍ଧରେ ବ୍ୟୂହର ସମ୍ମୁଖରେ ଗୋରୁ ଆଉ ଗୋରୁମାନଙ୍କ ପଶ୍ଚାତ୍‌ରେ ମୁସଲମାନ ସୈନିକଙ୍କୁ ସ୍ଥାପିତ କରି ଯୁଦ୍ଧ ଆରମ୍ଭ କଲା—ଆଉ ପଛରୁ ତୀର ନିକ୍ଷେପ କଲା । ଭାରତବର୍ଷର ଅର୍ଦ୍ଧଜାତ ଗୋ-ଭକ୍ତ, ଗୋ-ଜାତିକୁ ମାତା ଭଳି ମାନିବା ସଂସ୍କାର ଏ ସଭ୍ୟତାର ଅବଦାନ ମତ ; କିନ୍ତୁ ଏ ଅବଦାନ ତ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହେବା ଉଚିତ ନୁହେଁ । କିନ୍ତୁ ତା ହେଲା । ତୀର ଚଳେଇଥିଲେ ଗୋରୁମାନେ ମଲେ ମହାପାତକ ହେବ ବୋଲି ଭାରତ ହିନ୍ଦୁମାନେ ଯୁଦ୍ଧ ପ୍ରତି ବିମୁଖ ହେଲେ । ଗଜନବୀ ପଳାପଳିବା ପର ହିନ୍ଦୁମାନଙ୍କୁ ଗୋଡ଼େଇ କାଟିଲା । ଫଳରେ ଦେଶ ପରାଧୀନ ହେଲା—ଗୋଖାଦକଙ୍କ ରାଜ୍ୟ ହେଲା—ଗୋ-ପାଳକଙ୍କ ରାଜ୍ୟ ଗଲା । ସେ ଦିନର କେତୋଟି ଗୋରୁ ଯଦି ହିନ୍ଦୁମାନଙ୍କ ଦ୍ୱାରା ମରିଥାନ୍ତେ, ଆଜି ଦିନକୁ ହଜାର ହଜାର ଗୋରୁ, ବୃଦ୍ଧ, ଦୁଗ୍ଧବତୀ ଗାଈରୁ, ଏପରିକି ଶିଶୁ ଗୋରୁ, ଗର୍ଭରେ ଥିବା ଗୋରୁ ବିଧର୍ମୀମାନଙ୍କ ଦ୍ୱାରା ମରୁ ନ ଥାନ୍ତେ । ଗୋରୁ ଉପକାରୀ ପ୍ରାଣୀ ବୋଲି ସିନା ସେମାନଙ୍କ ହତ୍ୟା କରିବା ପାପ ବୋଲି କୁହାଯାଉଛି । ଏହି ଗୋରୁମାନେ ଯଦି ଆମ ଦେଶର ପତନରେ

Digitized by srujanika@gmail.com

କାରଣ ବୁହନ୍ତି···ଆଉ ଏହି ଅଳ୍ପ ସଂଖ୍ୟକ ଗୋରୁ ଯଦି ଆମର ଦେଶ ସାରର, ହଜାର ହଜାର ଗୋରୁଙ୍କ ପତନର, ପ୍ରାଣନାଶର କାରଣ ହୁଅନ୍ତି, ତଥାପି କଣ ଏମାନଙ୍କୁ ହତ୍ୟା କରିବା ପାପ ?

୩—ଗଜନଭୀର ୧୫୦ ବର୍ଷ ପରେ ମହମ୍ମଦ ଘୋରୀ ଆସିଲା । ପୃଥ୍ୱୀରାଜ ଆଉ ଜୟଚନ୍ଦ୍ରର ମନୋମାଳିନ୍ୟର ସୁବିଧା ନେଇ ପୃଥ୍ୱୀରାଜଙ୍କୁ ହତ୍ୟା କଲା । ମୁସଲମାନୀ ସାମ୍ରାଜ୍ୟର ଭିତ୍ତି-ସ୍ଥାପିତ ହେଲା ଆର୍ଯ୍ୟାବର୍ତ୍ତ ପୁଣ୍ୟ ଭାରତଭୂମିରେ । କନୌଜର ୧୦୦୦ ମନ୍ଦିରର ଧ୍ୱଂସ ସାଧନ କଲା । ୪୦୦ ଓଟରେ ସୁନା ରୁପା ଅଫଗାନ-ସ୍ଥାନକୁ ବୋହେଇ କରି ନେଲା ।

୦—ଘୋରୀ ପରେ ଆସିଲା କୁତବୁଦ୍ଦିନ ଏବେକ୍ । ଏହାର ବଂଶଜ ୩୦୦ ବର୍ଷ ପର୍ଯ୍ୟନ୍ତ ଏ ଦେଶରେ ରାଜତ୍ୱ କଲେ । ଏହି ପଠାଣମାନଙ୍କ ରାଜତ୍ୱ କାଳରେ ତୈମୁର ଆମ ଦେଶ ଉପରେ ଆକ୍ରମଣ କଲା ୧୩୯୮ ରେ । ସେଇ ଅନ୍ଧବିଶ୍ୱାସ, ଧାର୍ମିକ ଅସହିଷ୍ଣୁତା ଏହାର କାରଣ—କିନ୍ତୁ ଏହା ତା' ପକ୍ଷରେ । ତଥାପି ଆମକୁ ଏହାକୁ ଏଡ଼ିବାର ଥିଲା ବିଚାର ଦ୍ୱାରା । ପଠାଣମାନେ ପଛଘୁଞ୍ଚା ଦେବାବେଳେ ତୈମୁର ତାର ସୈନ୍ୟମାନଙ୍କୁ କହିଲା,—'ଆପଣମାନେ ଜାଣନ୍ତି, ହିନ୍ଦୁମାନେ ବୁତ୍‌ପରସ୍ତ (ମୂର୍ତ୍ତିପୂଜକ) । ଖୁଦା (ଈଶ୍ୱର) ଆଉ ରସୁଲେ ଖୁଦାର (ଈଶ୍ୱରଙ୍କ ଦୂତର) ଆଜ୍ଞା ଅଛି ଯେ କାଫିରଙ୍କୁ ହତ୍ୟାକର । ମୋର ଇଚ୍ଛା ଏ ଦେଶରେ ଜହାଦ୍ କରିବା ।' (ଏ ଜହାଦର ଡାକ ଏବେ କଥକେ କଥାକେ ଶୁଭୁଛି) । ତା'ପରେ ସମସ୍ତ ସୈନ୍ୟ ଚିତ୍କାର କଲେ—'ଆମୀନ ଅଲ୍ଲାହ । ଭଟନେରରେ ଗୋଟାଏ ଘଣ୍ଟାରେ ୧୦,୦୦୦ ହିନ୍ଦୁଙ୍କୁ ହତ୍ୟା କରାହେଲା—ଲକ୍ଷେ ବନ୍ଦୀ ହେଲେ, ଏମାନେ ନିଜ ଧର୍ମ ଛାଡ଼ିଲେ ନାହିଁ ବୋଲି ।

Digitized by srujanika@gmail.com

୧—ତା'ପରେ ପାନିପଥ ଯୁଦ୍ଧ—ରାଣା ସାଙ୍ଗା ଆଉ ବାବର ମଧ୍ୟରେ। ବାବର ହାରିବାକୁ ଲାଗିଲା। କିନ୍ତୁ ହାତଟିରେ ଭୋଗନ୍ ଧରି ଜହାଦ ଡାକରା ଦେଲା। ସୈନ୍ୟ ଫେରିଲେ। ଯୁଦ୍ଧରେ ରାଣା ହାରିଲେ। ଦ୍ୱିତୀୟ ଯୁଦ୍ଧ—ବୀର ହେମୁ ଆଉ ଅକବର ମଧ୍ୟରେ। ହେମୁର ପିଠକଣ୍ଡ ଭୀରଣ୍ଣ ମେହି ଅନ୍ଧବିଶ୍ୱାସ—ହିନ୍ଦୁମାନଙ୍କର ସେଇ ଅନ୍ଧ ବିଶ୍ୱାସ। ଆମର ଏ ଦୁର୍ବଳତାର କଥା ଜାଣି ଶତ୍ରୁମାନେ ପ୍ରଚାର କଲେ ଯେ ହେମୁ ବଣିଆ—କ୍ଷତ୍ରିୟ ନୁହେଁ। ସେ କିପରି ଶାସକ ହେବ? ହିନ୍ଦୁମାନେ ନିରାଶ ହେଲେ, ଅସ୍ତ୍ର ଛାଡ଼ିଦେଲେ। ଅକବର ଜୟ କଲେ। (ଜାତିଭେଦ ପ୍ରଥା ବି ମାରାତ୍ମକଭାବରେ ଆମର ପତନର କାରଣ ହୋଇଛି।)

ତୃତୀୟ ଯୁଦ୍ଧ—ଅହମଦଶାହ ଅବଦାଲି ଆଉ ପେଶବା ବାଲାଜୀ ବାଜୀରାଓଙ୍କ ମଧ୍ୟରେ। ପେଶବା ହାରିଲେ। କାରଣ ଜାତିଭେଦର ବିଚାର ଜାଠ ଆଉ ହୋଲକାରଙ୍କୁ ଅଲଗା କରିଦେଲା। ଏ ଦୁଃଖଦ କାହାଣୀ ବି ଶୁଣନ୍ତୁ।......ଅବଦାଲି ହାରିବାକୁ ବସିଥିଲା। ଦିନେ ରାତିରେ ଚିନ୍ତିତ ମନରେ ସେ ବୁଲୁଥିଲା, ହଠାତ୍ ତାର ଦୃଷ୍ଟି ପଡ଼ିଲା ମରହଟ୍ଟାମାନଙ୍କ ଛାଉଣୀ ଉପରକୁ। ଦେଖିଲା, ଖୁବ୍ ଯୋର-ସୋରରେ ନିଆଁ ଜଳୁଛି। କାହିଁକି ଏ ଆଲୋକ? ପଚାରି ବୁଝିଲା, ହିନ୍ଦୁ ସୈନ୍ୟମାନେ ଖାଦ୍ୟ ତିଆରି କରୁଛନ୍ତି। ସେମାନେ ଜଣଙ୍କର ଛୁଆଁ ଅନ୍ୟ ଜଣ ଖାଆନ୍ତି ନାହିଁ। ସେଥିପାଇଁ ଅଲଗା ଅଲଗା ଖାଦ୍ୟ ତିଆରି କରୁଥିବାରୁ ଏପରି ପ୍ରକାଶ ଦେଖାଯାଉଛି। ସେ ଖୁସି ହୋଇ ଉଠିଲା—ଏ ଦେଶକୁ ଜୟ କରିବାର ଉପାୟ ତାକୁ ଦିଶିଲା। ଛୁଆଁଛୁଇଁ ନେଇ ଜାତିଭେଦ ତିଆରି ନାନା କୌଶଳରେ ସେ ହିନ୍ଦୁ ସୈନ୍ୟମାନଙ୍କ ମଧ୍ୟରେ ଅପପ୍ରଚାର ଚଳେଇ ଦେଲା। ହିନ୍ଦୁ-ମନରେ ଅସନ୍ତୋଷ ଜାଗିବାରୁ ସେମାନେ ଯୁଦ୍ଧ ପ୍ରତି ବିମୁଖ ହେଲେ।

Digitized by srujanika@gmail.com

ଏହି ବିମୁଖତାର ସୁଯୋଗ ନେଇ ଅବଦାଲି ଜିଣିଲା । ହିନ୍ଦୁମାନେ କାଳକାଳ ଧରି ପରାଧୀନ ହୋଇ ରହିଲେ । ଆଜି ନାନାଧି ଅତ୍ୟାଚାର ସହ୍ୟ କରିବାକୁ ଲାଗିଲେ ପଶୁ ପରି, ନିଜ ସମ୍ବନ୍ଧରେ ନିଜର ବିଚାରହୀନତା ହେତୁରୁ ନିରର୍ଥକଭାବରେ, 'ଅହିଂସା ପରମୋଧର୍ମଃ', ମନ୍ତ୍ର ମୁଖସ୍ଥ କରିଚାଲୁ । (ଅଶୋକ ବୁଦ୍ଧିମାନ ? ଯେ- ସମ୍ରାଟ ହୋଇ ଅହିଂସାର ପ୍ରଚାର କଲେ । ବୁଦ୍ଧ ବୁଦ୍ଧିମାନ୍ ? ଯେ ନିରୀଶ୍ୱରବାଦୀ ହୋଇ ଅହିଂସାର ପ୍ରଚାର କଲେ । ଚୈତନ୍ୟ ବୁଦ୍ଧିମାନ୍ ? —ଯେ ସୁଦର୍ଶନଧାରୀ କୃଷ୍ଣଙ୍କ ଅନନ୍ୟ ଭକ୍ତ ହୋଇ ଅହିଂସା ଧର୍ମ ପ୍ରଚାର କଲେ । ଆଉ ମନୁ ମହର୍ଷି ବୁଦ୍ଧିହୀନ ଯେ ଗୁରୁଙ୍କୁ ମଧ୍ୟ ଆତତାୟୀ ହେଲେ ହତ୍ୟା କରିବାକୁ କହିଲେ ? ମହର୍ଷି ବାଲ୍ମୀକି ବୁଦ୍ଧିହୀନ ? ଯେ ନିଜର ଆଶ୍ରମରେ ଲବକୁଶଙ୍କୁ ଯୁଦ୍ଧ ବିଦ୍ୟା ଶିକ୍ଷା ଦେଲେ । ବିଶ୍ୱାମିତ୍ର ବୁଦ୍ଧିହୀନ ? ଯେ ରାମ ଲକ୍ଷ୍ମଣଙ୍କୁ ଅସ୍ତ୍ର ଶସ୍ତ୍ର ଆଉ ବଳା ଅତିବଳା ବିଦ୍ୟା ଦେଲେ । ଚାଣକ୍ୟ ବୁଦ୍ଧିହୀନ ? ଯେ ନନ୍ଦବଂଶକୁ ଧ୍ୱଂସ କରି ମୌର୍ଯ୍ୟ ସାମ୍ରାଜ୍ୟର ସ୍ଥାପନ କଲେ ?

ଯେଉଁ ରାମ ଆଉ କୃଷ୍ଣଙ୍କୁ ଆମେ ଭଗବାନଙ୍କ ଅବତାର ବୋଲି ମାନୁଛୁ, ସେ ଦୁହେଁ କ୍ଷତ୍ରିୟ, ରାଜା ବୀର—ସେ ଦୁହେଁ ଶତ୍ରୁକୁ ଦଳନ କରୁଥିଲେ । ନାନା ମତବାଦର ସୃଷ୍ଟି ହେବା ଫଳରେ ଆମେ ଏ ଦୁହିଁଙ୍କୁ ଛାଡ଼ି ଯେଉଁମାନେ ଶତ୍ରୁକୁ ସମର୍ଥନ କଲେ, ସେହିପରି ଦୁଇଟି ରାଜପୁତ୍ରଙ୍କ ପୂଜା ଆରମ୍ଭ କଲୁ—ସେମାନେ ବୁଦ୍ଧ, ମହାବୀର । ଫଳ ଏହି ହେଲା ଯେ ଦକ୍ଷିଣେଶ୍ୱର ବା ଜଗଦୀଶ୍ୱର ବା ମନ୍ଦିର (?) ପ୍ରଚାର ଆରମ୍ଭ ହେଲା । ଦେଶରେ ଏହି ନପୁଂସକତାର ଫଳରେ ଦେଶରେ ସର୍ବ

Digitized by srujanika@gmail.com

ସମ୍ପ୍ରଦାୟ ସୃଷ୍ଟି ହେଲା । (ପୁରୁଷ ସ୍ତ୍ରୀ ବେଶରେ ନପୁଂସକ ଭାବରେ ରହିବା ଏ ସମ୍ପ୍ରଦାୟର ପ୍ରଥା ।)

ଯେଉଁ ଅବଲୋକିତେଶ୍ୱର ବୁଦ୍ଧ ତଥା ମହାପୁରୁଷଙ୍କ ପାଇଁ ଏ ଦେଶ ଅଦ୍ୟ ଗର୍ବ କରେ —ଏ ଦେଶର ଗଣ୍ୟ ମାନ୍ୟ ବ୍ୟକ୍ତି-ମାନେ ଗର୍ବ କରନ୍ତି,—ଏ ଦେଶର ଶାସକ (କ୍ଷତ୍ରିୟମାନେ) ଗର୍ବ କରନ୍ତି, ସେ ବୁଦ୍ଧଙ୍କର ଅବସ୍ଥା କଣ ହୋଇଛି, ଦେଖନ୍ତୁ ।

୨—ହୋ ସନ ୧୧୯୮ ଇ: ର ଘଟଣା । ମହମ୍ମଦ ବିନ୍ ବଖ୍ତିୟାର ଖିଲଜୀ ୨୦୦ ଘୋଡ଼ାସବାର ନେଇ ଉଦନ୍ତପୁରୀ ଆକ୍ରମଣ କଲା । ସେଠାର ରାଜା ଗୋବିନ୍ଦପାଳଙ୍କ ପାଖରେ ସେନା ବଦଳରେ ଥିଲେ—ଭିକ୍ଷୁ, ଦୁର୍ଗ ବଦଳରେ ଥିଲା ବିହାର । ମୁଣ୍ଡିତଶିର ପୀତବସ୍ତ୍ର ଭିକ୍ଷୁ ସମୁଦାୟ ଅଶିଷପୂର୍ଣ୍ଣ ମୁଦ୍ରାରେ ଖିଲଜିର ମଦମତ୍ତ ସେନାକୁ ବାଧା ଦେବାକୁ ଦ୍ୱାର ଦେଶକୁ ଆସିଲେ । କି ଦୁର୍ଯୋଗ ! ଶତ୍ରୁ ସେନାର ସମ୍ମୁଖୀନ ହେବାକୁ ସେନା ନାହିଁ ପାଖରେ—ଅଛନ୍ତି ଅହିଂସାବ୍ରତୀ ଭିକ୍ଷୁଙ୍କ ଦଳ !! ସେନାପତି ଇବ୍ରାହିମ ଏମାନଙ୍କୁ ଦେଖିଲା ତୀବ୍ର ନେତ୍ରରେ । ବୁତ୍‌ର ପୂଜକ ଏହି କାଫିରମାନଙ୍କୁ ଦେଖି ସେ ଖିଲ୍‌ଖିଲ୍ କରି ହସି ଉଠିଲା । ତାହାହେଲେ ଏହା ଦୁର୍ଗ ନୁହେ—ବୁତ୍‌ଖାନା । ଏଠାରେ ତରବାରି ସଙ୍ଗରେ ଯୁଝିବାକୁ ସୈନ୍ୟ ନାହାନ୍ତି—ଜଡ଼ ବୁତ୍ ଆଗରେ ଘଣ୍ଟି ହଲାଇବାର ପଣ୍ଡା ଏ ବୁତ୍‌ପରସ୍ତ ଅଛନ୍ତି । ତଥାପି ଧନ ତ ମିଳିବ, କହି ଇବ୍ରାହିମ ଆଗକୁ ବଢ଼ିଲା । ଭିକ୍ଷୁମାନେ ବିନୀତ ହୋଇ ବାରଣ କଲେ । ଚିତ୍କାର କରି ଉଠିଲା ଇବ୍ରାହିମ—"ରାସ୍ତା ଛାଡ଼, ନ ହେଲେ ଫଳ ଭଲ ହେବ ନାହିଁ ।" ଭିକ୍ଷୁମାନେ ପୀତବସ୍ତ୍ର ଦେଖାଇ ଭିତରକୁ ନ

Digitized by srujanika@gmail.com

ପଣ୍ଡିତମାନଙ୍କୁ ବସାଇ ଅନୁରୋଧ କଲେ । ସେ ତରବାରୀ ବୈରୀଙ୍କ ରକ୍ତରୁ ହଟି ଯିବାକୁ ଚେଷ୍ଟା କରି କହୁ ଦୁହିଁଲେ । କି ଲଜ୍ଜାଜନକ ଅସହାୟତା ! କୋଟି କୋଟି ହିନ୍ଦୁର ଦେଶ ଭାରତବର୍ଷରେ ଦେଢ଼ଶହ ମ୍ଲେଚ୍ଛଙ୍କ ଗର୍ବୋକ୍ତି ! ଜାତି ଭେଦ ପାଇଁ, ନାନାପ୍ରକାର ଅନ୍ଧବିଶ୍ୱାସ ପାଇଁ, ଅସଂଗଠିତ ହୋଇ ରହିବାରୁ କି ଭୟାନକ ଦୁଷ୍ପରିଣାମ !!! ଭିକ୍ଷୁମାନେ ଶାନ୍ତ ମୁଦ୍ରାରେ ଦଣ୍ଡାୟମାନ ହୋଇ ରହିଲେ । ଇବ୍ରାହିମ ବିରକ୍ତ ହୋଇ ଉଠିଲେ । ଗୋଟାଏ ନୂତନ ଯୁବକ ଭିକ୍ଷୁ ଗୋଟାଏ ଘୋଡ଼ ସବାରକୁ ଧକ୍କା ଦେଇ ପକାଇ ଦେଲେ । ଏ ଭିକ୍ଷୁର ଶରୀରରେ ବଳ ଶତ୍ରୁର ସମ୍ମୁଖୀନ ହେବାକୁ, ଭିକ୍ଷୁର ମନରେ ପ୍ରବଳ ପ୍ରବୃତ୍ତି ଅତ୍ୟାଚାରର ପ୍ରତିକାର କରିବାକୁ । କିନ୍ତୁ ମନରେ ଅହିଂସାର ଏକ ସଂସ୍କାର—ଅହିଂସା ପ୍ରତି ଦାରୁଣ ମନୋଭାବ ! ଇବ୍ରାହିମ ଉତ୍ତେଜିତ ହୋଇ ଉଠିଲେ । ହୁକୁମ ଦେଲେ—'ତରବାରି ଚଳାଅ !' ଛକ୍ ଛକ୍ ଭିକ୍ଷୁମାନଙ୍କର ମୁଣ୍ଡ କଟିବାକୁ ଲଗିଲା ବଳି ପଶୁ ପରି । ହଁ, ପଶୁ ତ ଏମାନେ । ରକ୍ତର ଧାରା ବହିବାକୁ ଲାଗିଲା । ପଞ୍ଚନଦର ପାଣି ଲାଲ ହୋଇ ଉଠିଲା । ଅବଲୋକିତେଶ୍ୱର ବୁଦ୍ଧ ଆଉ ମହାସ୍ଥବିର ଖଣ୍ଡ ଖଣ୍ଡ ହୋଇ ବିହାରର ପ୍ରାଙ୍ଗଣରେ ଗଡ଼ିବାକୁ ଲଗିଲେ । ଏହା ଅହିଂସାର ଫଳ ? ଏପରି ଅହିଂସା ପରମୋଧର୍ମଃ ?

୭ । ପ୍ରସିଦ୍ଧ ଆରବ ଯାତ୍ରୀ ଅଲବିରୁଣୀ ଲେଖିଛନ୍ତି— "ମୂଲତାନର ସେହି ବିଶାଳ ଦେବ ମନ୍ଦିର ନଗର ବିଜିତ ହେବା ପରେ ମଧ୍ୟ ସୁରକ୍ଷିତ ରହିଲା । କାହିଁକି ? ଏହା ଦ୍ୱାରା ମୁସଲମାନ- ମାନଙ୍କ ଦୁଇଟି ଲାଭ ହେଲା । ଏକ ରାଜନୈତିକ, ଦୁଇ ଆର୍ଥିକ । ରାଜ- ନୈତିକ ଏଇ ଯେ ଯଦି କୌଣସି ହିନ୍ଦୁ ରାଜା ମୂଲତାନକୁ ଆକ୍ରମଣ

Digitized by srujanika@gmail.com

ଦେବତାଙ୍କୁ ଅସ୍ପୃଶ୍ୟ ତ ଅରବ ଶାସକ ଏହା ଜାଣି ଉତ୍ସାହିତ ହେଉ ଥିଲେ ଯେ, ଯଦି କେହି ହିନ୍ଦୁ ମୁଲତାନ ଆକ୍ରମଣ କରନ୍ତି, ତେବେ ମନ୍ଦିରକୁ ଧ୍ୱଂସ କରି ଦିଆଯିବ । ମନ୍ଦିର ଧ୍ୱଂସ ହେବ, ଦେବତା ଧ୍ୱଂସ ହେବେ, ଏ ଭୟରେ ରାଜାମାନେ ପଳାଇ ଯାନ୍ତି । (ହାୟରେ ଜଡ଼ ଦେବତାର ଉପାସକ ଦେଶ ! ବିଗ୍ରହଭକ୍ତିବହୁଳ ଦେଶ !!) । ଆଉ ଆର୍ଥିକ ଲାଭ ଏଇ ଯେ ସମସ୍ତ ଭାରତରୁ ଲୋକେ ତୀର୍ଥଯାତ୍ରା କରିବାକୁ ଏଠାକୁ ଆସନ୍ତି । ଆଉ ମନ୍ଦିରରେ ଧନ ରତ୍ନ ଅଜାଡ଼ନ୍ତି । ଏହା ଅତୁଳ ଅତୁଳ ସମ୍ପତ୍ତିର ଭଣ୍ଡାଘର । ଏପରିକି ଦୂରଦେଶ ଅଶର୍ଫିର ଅଗର ଜଳାଇବା ପାଇଁ ଏଠାକୁ ଆସୁଥିଲେ ପ୍ରତିଦିନ । (ବିଶ୍ୱାସ କରିବେ ? କି ମୋହ ପାଷାଣ ପ୍ରତିମା ପ୍ରତି !!) ।

୮ । ଆରବ ଲେଖକ ଇବ୍‌ନନଦୀମ୍ ଲେଖିଛନ୍ତି—"ଗୁଜରାଟର ରାଜା ବଲ୍ଲଭରାୟଙ୍କ ରାଜଧାନୀ ମହାନଗରରେ ସୁନା ରୁପା ଲୁହା ପିତଳ, ବହୁମୂଲ୍ୟ ପାଷାଣ ଆଉ ମଣିର ୨୦ ହଜାର ମୂର୍ତ୍ତି ଥିଲା । ଗୋଟାଏ ସୁନାର ମୂର୍ତ୍ତି ବାର ହାତ ଉଚ୍ଚ; ଆଉ ସେ ସ୍ୱର୍ଣ୍ଣ ସିଂହାସନରେ ବିରାଜମାନ । ଏ ସିଂହାସନ ଗୋଲାକାର ଉଚ୍ଚ ଟିଗୋଟାଏ ସୁନାର ଭବନରେ ସ୍ଥିତ । ଏ ଭବନ ମୋତି, ଲାଲ, ହୀରା, ପୀତନୀଳ ଜବାହରାତରେ ସୁସଜ୍ଜିତ ।" (ଏ ମନ୍ଦିର ମୁସଲମାନମାନେ ଲୁଟି ନେଲେ । କି ବିମୋହ ଜଡ଼ମୂର୍ତ୍ତି ପ୍ରତି ! କି ଉଦାସୀନ ଅସହାୟ ମନୁଷ୍ୟର ଦୁଃଖ ଦାରିଦ୍ର୍ୟ ପ୍ରତି !! ମନୁଷ୍ୟ ପ୍ରାଣୀ ଅପେକ୍ଷା, ଜୀବନ୍ତ ଦେଶ ଅପେକ୍ଷା ଜଡ଼ମୂର୍ତ୍ତି ଶ୍ରେଷ୍ଠ !!!)

୯ । ମାଲବାରର ଜଣେ ହିନ୍ଦୁ ରାଜା ଚିନ୍ତିଲେ, ନିଜ ରାଜ୍ୟର କୌଣସି ବିଶେଷ ବସ୍ତୁ ବିଦେଶକୁ ପଠାଇବା ଉଚିତ ବ୍ୟବସାୟ ବୃଦ୍ଧିହେବ । ଫଳରେ ଦେଶରେ ବାଣିଜ୍ୟର ଉନ୍ନତି ହେବ । ସେ ଏ

Digitized by srujanika@gmail.com

ସମ୍ବନ୍ଧରେ ମନ୍ତ୍ରୀଙ୍କର ପରାମର୍ଶ ନେଲେ । ମନ୍ତ୍ରୀ ରାଜପୁରୋହିତଙ୍କ ପରାମର୍ଶ ନେଲେ । ସେତେବେଳେ ବି ଏଇ ଅନ୍ଧବିଶ୍ୱାସୀ ଭାରତ-ବାସୀଙ୍କ ଅନ୍ଧ ବିଶ୍ୱାସ ଥିଲା ଅନ୍ଧ ସ୍ୱାର୍ଥପର ବ୍ରାହ୍ମଣମାନଙ୍କ ପ୍ରତି । ପୁରୋହିତ ପରାମର୍ଶ ଦେଲେ ଯେ ଶାସ୍ତ୍ର ସମୁଦ୍ର ଲଙ୍ଘନ କରିବାକୁ ଆଦେଶ ଦିଅନ୍ତି ନାହିଁ । କୌଣସି ହିନ୍ଦୁ ଯଦି ସମୁଦ୍ର ପାର କରନ୍ତି, ତେବେ ସେ ପତିତ ହେବେ । ରାଜା ଓ ମନ୍ତ୍ରୀଙ୍କ ବିଚାର-ଶକ୍ତି ଏତେ ସୀମିତ ଯେ ସେମାନେ ଆଉ ଅଧିକ କିଛି ବିଚାର ପାରିଲେ ନାହିଁ । ଧନ୍ୟ ଏ ରାଜା ! ଧନ୍ୟ ଏ ମନ୍ତ୍ରୀ ! ଅଶୋକ ପରି ରାଜାର ଯେ ମତିଭ୍ରମ ଘଟିଛି, ଏମାନଙ୍କର କଥା ବା କଣ କହିବା । ନୋହିଲେ କି ରାଜା କ୍ଷତ୍ରିୟର କର୍ତ୍ତବ୍ୟ ଛାଡ଼ି 'ଅହିଂସା ପରମୋଧର୍ମଃ' ର ଜପ କରିଥାନ୍ତେ ଇତର ଲୋକଙ୍କ ପରି ? ତେଣୁ ରାଜା ଆରବ ନାବିକ ମଗାଇଲେ । ବାଣିଜ୍ୟିକ ଦ୍ରବ୍ୟ ଏଠାରୁ ନିଅ ଆଣ କରିବା ପାଇଁ ନାବିକ ଆସିଲେ । ଏମାନଙ୍କ ପାଇଁ ରହିବା ଖାଇବା ଆଦିର ସମସ୍ତ ବ୍ୟବସ୍ଥା ହେଲା । ଏମାନଙ୍କ ପାଇଁ ମସ୍‌ଜିଦ ନିର୍ମାଣ କରି ହେଲା; ଅଉ ଏଥିପାଇଁ ସମସ୍ତ ବ୍ୟବସ୍ଥା ଖଞ୍ଜା ହେଲା । ଏ ନାବିକମାନଙ୍କ ସନ୍ତାନ 'ମୋପଲା' ନାମରେ ଖ୍ୟାତ ହେଲେ । ମାଲବାର ଏମାନଙ୍କର ରାଜ୍ୟ ହେଲା । (ହିନ୍ଦୁମାନେ ପଠାଣମାନଙ୍କ ପାଇଁ ମନ୍ଦିର ନିର୍ମାଣ କରିଦେବା କଥା କିଛି ଆଶ୍ଚର୍ଯ୍ୟ ହେବାର କଥା ନୁହେଁ; ଏପରି ଅନେକ ବାର ହୋଇଛି । ହିନ୍ଦୁ ସବୁବେଳେ ସହିଷ୍ଣୁ । ହିନ୍ଦୁ ପଠାଣଙ୍କ ପାଇଁ ମରିଛି-ମାରି ନାହିଁ । ଏଠାରେ ଗୋଟାଏ ରାଜାର କଥା କହୁଛି, ଯେଉଁ ରାଜା ସ୍ୱାମୀ ବିବେକାନନ୍ଦଙ୍କ ଶିଷ୍ୟ । ଫଳତଃ ଯେ କଟ୍ଟର ହିନ୍ଦୁ । ସେଇ ଖେତଡ଼ୀର ରାଜା ଦେବଦ୍ୱାରେ ଥିବା ସମ୍ରାଟ ଅକବରଙ୍କ ସମାଧିର ଗୋଟିଏ ଇଟ ଚୂଡ଼ାରୁ ପଡ଼ିଯାଇ ମରି ଯାଇଛନ୍ତି । ଅଗ୍ରାର ଏହି ପୁରାତନ ରମଣୀୟ ସ୍ଥାପତ୍ୟ-କୀର୍ତ୍ତି ସେ

Digitized by srujanika@gmail.com

ନିଜ ଧୈର୍ଯ୍ୟରେ ସୁସ୍ତାର କରିଥିଲେ । ତାର୍କ ପରିଦର୍ଶନ କରିବାକୁ ଯାଇ ପାଦ ଖସି ଗିବାରୁ ୧୮୦ ଫୁଟ ତଳେ ପଡ଼ି ମଲେ । ଏଥିତେ ବନାରସକୁ ଯାଇ ଦେଖନ୍ତୁ, ଯେଉଁଠି ବେଣୀମାଧବ ମନ୍ଦିର ଥିଲା ସେହି ସ୍ଥଳରେହିଁ ସେହି ମନ୍ଦିରକୁ ଭଙ୍ଗାଯାଇ, ତାର ଇଟା, ମାଟି, ପଥର; କାଠ ଆଦି ଅନ୍ୟାନ୍ୟ ସାମଗ୍ରୀରେ ମସ୍‌ଜିଦ୍ ନିର୍ମାଣ କୋଇଛି ସମ୍ଭବତଃ ଔରଙ୍ଗଜେବଙ୍କ କାଳରେ । କାହିଁକି ? ବେଣୀମାଧବ ମନ୍ଦିର ପାଖରେ କଣ ଜାଗା ନ ଥିଲା ମସ୍‌ଜିଦ୍ ନିର୍ମାଣ କରିବା ପାଇଁ ? ପଠାଣମାନଙ୍କ ପାଖରେ ତାଙ୍କର ରାଜତ୍ୱ କାଳରେ କଣ ଅର୍ଥ ନ ଥିଲା ଇଟା ମାଟି କାଠ ପଥର କିଣିବା ପାଇଁ ? ଥିବୁ ଥିଲା—ନ ଥିଲା ଅନ୍ୟ ଧର୍ମ ପ୍ରତି ସହିଷ୍ଣୁତାର ଭାବ) ।

ଦାକ୍ଷିଣାତ୍ୟର ମୋପଲାମାନେ ଏହି ମୁସଲମାନମାନଙ୍କ ବଂଶଧର । 'ମୋପଲା' ଶବ୍ଦ ମହା-ପିଲ୍ଲାର ଅପଭ୍ରଂଶ । ମୋପଲାର ଅର୍ଥ ଜ୍ୟେଷ୍ଠ ପୁତ୍ର । ଏହି ମୋପଲାମାନଙ୍କର ଦକ୍ଷିଣରେ ବଡ଼ ପ୍ରତିଷ୍ଠା ଥିଲା । ଏମାନେ ଦକ୍ଷିଣର ତାମ୍ବୁରି ବ୍ରାହ୍ମଣ ସଙ୍ଗେ ସମାନ ବୋଲି ଗଣା ଯାଉଥିଲେ । କାଲିକଟ ନଗରର ଏପରି କରି ପାରୁ ନ ଥିଲେ । ମୋପଲାମାନଙ୍କର ଗୁରୁ ରାଜାଙ୍କ ସଙ୍ଗରେ ଗୋଟାଏ ପାଲିଙ୍କିରେ ବସି ଯାଇ ପାରୁ ଥିଲେ ।

ଜାମୋରିନର ଦଯ୍ୟାରୁ ଆରବ ବେପାରୀ ତାଙ୍କର ରାଜ୍ୟରେ ଆସି ବସବାସ କରିବାକୁ ଲାଗିଲେ । ରାଜାଙ୍କ ଏ ବେପାରୀମାନେ ଲାଭାଂଶ ବି ଦେଉଥିଲେ । ଅତି ଏମାନେ ପଡ଼ୋଶୀ ରାଜାମାନଙ୍କ ସଙ୍ଗରେ ଯୁଦ୍ଧ କରି ସେମାନଙ୍କୁ ଜୟ କରି ଜାମୋରିନଙ୍କୁ ରାଜ୍ୟ ଦେଉଥିଲେ । ଅତି ଯେଉଁ ଯେଉଁ ସ୍ଥଳ ଜାମୋରିନର ଅଧିକାରରେ ଆସୁଥିଲା, ସେହି ସ୍ଥଳରେ ମୁସଲମାନ ବେପାରୀମାନେ ବସବାସ

ଭଗ୍ନ ହୋଇ ଯାଉଥିଲେ । ଏହିପରିଭାବରେ କାଲିକଟ ବନ୍ଦର କମ୍ପିତ ହୋଇଥିଲା । ରଜା ଅଙ୍କା ପ୍ରତିଶ୍ରୁତ କରିଥିଲେ ଯେ ମକ୍କୁବାନ ଜାତିର ପ୍ରତ୍ୟେକ ପରିବାରର ଜଣେ ବା ତତୋଧିକ ବ୍ୟକ୍ତି ମୁସଲମାନ ଧର୍ମ ଗ୍ରହଣ କରିବାକୁ ବାଧ୍ୟ । ଧର୍ମ-ପ୍ରତିଶ୍ରୁତିର ଅଦ୍ଭୁତ ଦୃଷ୍ଟାନ୍ତ !! ଏହାର ଫଳ ଏହି ହେଲା ଯେ ଷୋଡ଼ଶ ଶତାବ୍ଦୀରେ କେବଳ କାଲିକଟରେ ୧୦ ହଜାର ମୁସଲମାନ ବସ୍ତି ଥିଲା । ଇଂରାଜଙ୍କ ମାଲବାର ପର୍ଯ୍ୟନ୍ତ ମୁସଲମାନମାନଙ୍କର ଆଧିପତ୍ୟ ଥିଲା । 'ହନୋର'ରେ ମୁସଲମାନମାନଙ୍କ ରାଜ୍ୟ ଥିଲା । ମଙ୍ଗୋଲୁରରେ ୪ ହଜାର ମୁସଲମାନ ବସ୍ତି ଥିଲା । ମାନ୍ଦ୍ରାଜର ମୁସଲମାନ ମାନଙ୍କର ଜୀବନର ଆରମ୍ଭ ଏହିଠାରୁ ହୋଇଛି ।

୧୦ । ଏହା ସେହି ସମୟର କଥା ଯେତେବେଳେ ଭାରତବର୍ଷରେ ଧର୍ମ, ହିନ୍ଦୁ ଧର୍ମ ମଧ୍ୟରେ ଏକ ଅନ୍ତର୍ବିପ୍ଳବ ଦେଖା ଦେଇଥିଲା । ବୌଦ୍ଧ, ଜୈନ, ଶୈବ, ଶାକ୍ତ ପରସ୍ପରରେ ନାନାଭାବରେ ନାନା ପ୍ରକାର ସଂଘର୍ଷରେ ମାତି ରହିଥିଲେ । ନାନା ପ୍ରକାର କୁସଂସ୍କାର ଅନ୍ଧବିଶ୍ୱାସରେ ଏମାନେ ଜଡ଼ିତ ହୋଇ ରହିଥିଲେ । ସେତେବେଳେ ବୌଦ୍ଧ ଆଉ ଜୈନମାନଙ୍କର ପ୍ରାୟ ପତନ ହୋଇ ସାରିଥିଲାଣି । ବ୍ରାହ୍ମଣମାନେ ବୌଦ୍ଧ ତଥା ଜୈନମାନଙ୍କୁ ପ୍ରାୟ ନଷ୍ଟ କରିଦେଇ ଥିଲେଣି । ଫଳତଃ ଶୈବ ଆଉ ବୈଷ୍ଣବମାନଙ୍କର ପ୍ରତାପର ତା' ସମୟ ଥିଲା । ଭାରତର ରାଜନୈତିକ ଅବସ୍ଥା ଛିନ୍ନ ଭିନ୍ନ ହୋଇ ଯାଇ ଥିଲାଣି । ପ୍ରାଚୀନ ରାଜବଂଶ ଲୋପ ପାଇ ନୂଆ ରାଜବଂଶର ସୃଷ୍ଟି ହେଉଥିଲା । ଅନ୍ଧବିଶ୍ୱାସ ରାଜପରିବାରକୁ ମଧ୍ୟ ଆଚ୍ଛନ୍ନ କରି ପତନର ଆଡ଼କୁ ନେଇ ଯାଉଥିଲା । ଏହାର ଏଇ ଏକ ଉଦାହରଣ— ମାଲବାରର କୋଦଙ୍ଗଲୁରର ରାଜା ଚେରାମନ୍ ପେରୁମଲ୍ ଗୋଷ୍ଠୀଏ

Digitized by srujanika@gmail.com

ସ୍ୱପ୍ନ ଦେଖିଲେ ଯେ ଚନ୍ଦ୍ର ଦୁଇ ଖଣ୍ଡ ହୋଇଗଲା । ସକାଳରେ ସେ ତାଙ୍କର ଦରବାରୀ ପଣ୍ଡିତମାନଙ୍କୁ ଏ ସ୍ୱପ୍ନର ତାତ୍ପର୍ଯ୍ୟ ପଚାରିଲେ । କିନ୍ତୁ କେହି କୌଣସି ଉତ୍ତର ଦେଇ ପାରିଲେ ନାହିଁ । ଦୁର୍ଭାଗ୍ୟ ତ, ସେତେବେଳେ ଗୋଟାଏ ମୁସଲମାନ୍ ଦଳ ଲଙ୍କାରୁ ଫେରୁଥିଲେ । ଏ ଦଳର ସର୍ଦ୍ଦାର, ରାଜାଙ୍କର ଏ ସ୍ୱପ୍ନର ବ୍ୟାଖ୍ୟା କରି ଦେଲେ । ରାଜାଙ୍କର ଏ ବ୍ୟାଖ୍ୟାରେ ବିଶ୍ୱାସ ହୋଇଗଲା । ଫଳତଃ ସେ ମୁସଲମାନ ଧର୍ମ ଗ୍ରହଣ କଲେ । ତାଙ୍କର ନାମ ରଖାଗଲା 'ଅବ୍ଦୁର୍ ରହମାନ୍ ସାମିରୀ' । ଆଉ ସେ ଆରବକୁ ପଳାଇ ଗଲେ । ସେ ସେଠାରୁ ମଲିକ୍ ଇବ୍ନେ ଦୀନାର୍, ଶର୍ଫ ଇବନ୍ ମଲିକ୍, ଅଉ ମଲିକ୍ ଇବନ୍ ହବୀବଙ୍କୁ ମାଲବାର ପଠାଇଲେ । ଏମାନେ ଆସି ଭାରତରେ ୧୦ ସ୍ଥାନରେ ମସ୍ଜିଦ୍ ନିର୍ମାଣ କଲେ; ଆଉ ଇସଲାମୀ ମତବାଦର ପ୍ରଚାର କଲେ । ରାଜା ସେଠାରୁ ଫେରିଲେ ନାହିଁ—ଚାରିବର୍ଷ ପରେ ସେଠାରେ ମଲେ । କିନ୍ତୁ ଆଜି ବି ଯେ ଜାମୋରିନ ସିଂହାସନରେ ବସେ, ତାର ମୁଣ୍ଡ ଲଣ୍ଡିତ କରାଯାଏ ଆଉ ତାକୁ ମୁସଲମାନୀ ପୋଷାକ ପିନ୍ଧା ଯାଏ, ସେ ହିନ୍ଦୁ ହେବା ସତ୍ତ୍ୱେ ବି । ତା' ପରେ ଗୋଟାଏ ମୋପଲା (ଗୋଟାଏ ମୁସଲମାନ ଜାତିର ନାମ) ତାର ମୁଣ୍ଡ ଉପରେ ମୁକୁଟ ପିନ୍ଧାଇ ଦିଏ । ରାଜ୍ୟାଭିଷେକ ପରେ ଏ ରାଜା ଜାତି ବହିଷ୍କୃତ ହୁଏ । ସେ ନିଜର ପରିବାର ସଙ୍ଗରେ ଭୋଜନ କରି ପାରେ ନାହିଁ ଅଉ ତାର ହାତରୁ ମଧ୍ୟ କେହି ଖାଆନ୍ତି ନାହିଁ । ଏ ବିଶ୍ୱାସ ଲୋକଙ୍କର ରହିଛି ଯେ ଜାମୋରିନ୍ ଅନ୍ତିମ ଚେରମନ ପେରୁମଲର ପ୍ରତିନିଧି । ଏ ଆଉ ପ୍ରତିନିଧି ରାଜାର ଫେରିବା ପଥକୁ ପ୍ରତୀକ୍ଷା କରି ରହିଛି । ଏବେ ବି କାଲିକଟ୍ ଅଉ ଟ୍ରାବାନ୍କୋର ମହାରାଜ ଅଭିଷେକ ସମୟରେ ତରବାରିକୁ ଉଚ୍ଚ କରି ଧାରନ୍ତି ଅଉ ଘୋଷଣା କରନ୍ତି ଯେ 'ମୁଁ ଏହା ତଲବାରକୁ ସେ

Digitized by srujanika@gmail.com

ପର୍ଯ୍ୟନ୍ତ ତଳକୁ କର ରଖିବ ଯେ ପର୍ଯ୍ୟନ୍ତ ମୋର ବାର୍ତ୍ତା ମକ୍କାରୁ ଫେରି ନ ଆସନ୍ତି ।

ଉପରେ ଯେଉଁ ୧୦ଟି ପରିଚ୍ଛେଦରେ ଆରବମାନଙ୍କ କଥା କୁହାଗଲା, ସେମାନେ କଣ ଠିକ୍ ଏପରି ଥିଲେ ଏ ମତବାଦରେ ଦୀକ୍ଷିତ ହେବା ପୂର୍ବରୁ, ମୁସଲମାନ ହେବା ପୂର୍ବରୁ ? ସେମାନେ କଣ ଥିଲେ, ସେ କଥା ବି ଇତିହାସ ଲେଖି ରଖିଛି । ପ୍ରାୟ ୫୦୦ ବର୍ଷ ପୂର୍ବରେ, ମହମ୍ମଦ ଜନ୍ମ ହେବା ପୂର୍ବରୁ ଅର୍ଥାତ୍ ଆରବମାନେ ମୁସଲମାନ ହେବା ପୂର୍ବରୁ ଆରବମାନଙ୍କ ସଙ୍ଗରେ ଭାରତବର୍ଷର ଘନିଷ୍ଠ ସମ୍ବନ୍ଧ ଥିଲା । ମହମ୍ମଦଙ୍କ ଜନ୍ମର ପ୍ରଥମ ଶତାବ୍ଦୀରେ ୟୁରୋପ ସଙ୍ଗରେ ଭାରତର ବାଣିଜ୍ୟ ଆରବ ଅର୍ଣ୍ଣ ଲଗନ୍ ମାଧ୍ୟମରେ ହେଉଥିଲା । ଏଥିପାଇଁ ଭାରତର ପୂର୍ବ ଏବଂ ପଶ୍ଚିମ ତଟସ୍ଥିତ ବନ୍ଦର କେରୁଗୃଲ, କଲ୍ୟାଣ, ସୁପାଣ ଆଉ ମାଲାବାର ଅର୍ଦ୍ଧର ଆଖ ପାଖରେ ଆରବ ସୌଦାଗରମାନଙ୍କ ଅନେକ ବଡ଼ ବଡ଼ ବସ୍ତି ଥିଲା । ଦକ୍ଷିଣ ଭାରତ ଆଉ ଲଙ୍କାରେ ଆରବମାନଙ୍କ ଓ ଇରାନୀମାନଙ୍କ ଅନେକ ବସତି ଥିଲା । ରୋମ ଆଉ ୟୁନାନର ଯେଉଁ ବାଣିଜ୍ୟ ଜାହାଜ ଭାରତକୁ ଆସୁଥିଲା, ତାର ଚାଳକ ମଧ୍ୟ ଥିଲେ ଏହି ଆରବମାନେ । ଭାରତ ଓ ଚୀନ୍ ମଧ୍ୟରେ ବାଣିଜ୍ୟ ଏହି ଆରବୀୟ ଆଉ ଇରାନୀୟ ମାନଙ୍କ ମାଧ୍ୟମରେ ହେଉଥିଲା । ସେଥିପାଇଁ ଭାରତର ପୂର୍ବତଟରେ ବି ଆରବମାନଙ୍କ ଅନେକ ଜନବସତି ଥିଲା । ସେତେବେଳେ ଆରବମାନେ ଥିଲେ ସିଧାସାଧା, ସରଳ, ବୀର, ସାହସୀ, ଆଉ ଅଟଳ ପ୍ରକୃତିର ଲୋକ । ସେତେବେଳେ ସେମାନେ ଆପଣା ଆପଣାର କୁଳ ଦେବତାମାନଙ୍କର, ପୂର୍ବଜ ମାନଙ୍କର ମୂର୍ତ୍ତିର ଉପାସନା କରୁଥିଲେ, ଅର୍ଥାତ୍ ସେତେବେଳେ

Digitized by srujanika@gmail.com

ସେମାନେ ମୁଣ୍ଡ ଖୁଣ୍ଟୁଥିଲେ ଠିକ୍ ଆମ ପରି । ଭାରତୀୟ ମାନଙ୍କ ସଙ୍ଗରେ ଏମାନଙ୍କର ଘନିଷ୍ଠ ସମ୍ବନ୍ଧ ଥିଲା । ଆଜି ଭାରତରେ ସେମାନଙ୍କର ଜନବସତି ଠିକ୍ ଭାରତୀୟଙ୍କ ଜନବସତି ପରି ଥିଲା ।

କେବଳ ଆରବ ନୁହେଁ, ଫିଲିସ୍ତାନ, ମିଶର୍, କାର୍ଥେଜ୍, ଆବିସିନିଆ ଆଦି ଦେଶ ସଙ୍ଗରେ ବି ଭାରତବର୍ଷର ବାଣିଜ୍ୟିକ ସମ୍ବନ୍ଧ ଘନିଷ୍ଠ ଥିଲା । ୟୁହୁଦୀମାନଙ୍କର ପ୍ରଖ୍ୟାତ ବାଦସାହ ସୁଲେମାନ ତାଙ୍କର ଜଗତବିଖ୍ୟାତ ମନ୍ଦିର ନିର୍ମାଣ କରିବା ପାଇଁ ଭାରତରୁହିଁ ସୁନା, ରତ୍ନ, ମୟୂର ପଙ୍ଖା, ହାତୀଦାନ୍ତ ଆଦି ନେଇଥିଲେ ବାଣିଜ୍ୟ ସୂତ୍ରରେ—ଲୁଟି କରି ନୁହେଁ । ମିଶରର ପ୍ରାଚୀନ ବାଦଶାହ ଭାରତ ସହିତ ବାଣିଜ୍ୟ ସୂତ୍ରରେ ଆବଦ୍ଧ ହେବା ପାଇଁ ଲାଲ୍ ସାଗରର ଖଣ୍ଡିରେ ଅନେକ ବନ୍ଦର ସ୍ଥାପନ କରିଥିଲେ । ଇରାନର ବାଦଶାହ ପାରସ୍ୟରେ ଏହି ଉଦ୍ଦେଶ୍ୟରେ ଅନେକ ପୋତାଶ୍ରୟ ନିର୍ମାଣ କରିଥିଲେ । ରୋମ ଆଉ ୟୁନାନ୍ (ଗ୍ରୀସ) ର ବିଦ୍ୱାନମାନେ ଭାରତର ଭୂଗୋଳ ସମ୍ବନ୍ଧରେ ସୁନ୍ଦରଭାବରେ ପରିଚିତ ଥିଲେ । 'ମ୍ୟୁଟିଙ୍ଗରିଅନ୍ ଟେବୁଲ୍ସ' ନାମକ ପୁସ୍ତକରେ ଲେଖାଅଛି ଯେ ମସୀହାଙ୍କ ତୃତୀୟ ଶତାବ୍ଦୀରେ 'କେରେଗାନୋର'ରେ ରୋମାନ ମାନଙ୍କ ଗୋଟାଏ ଜନବସତି ଥିଲା । ଆଉ ମିଶର୍ ବନ୍ଦର ସିକନ୍ଦରିୟାରେ ହିନ୍ଦୁମାନଙ୍କ ଜନବସତି ଥିଲା । ଏହି ଜନବସତିକୁ ତୃତୀୟ ଶତାବ୍ଦୀରେ ରୋମ ସମ୍ରାଟ କାରକାଲ୍ଲା ହତ୍ୟା କରି ପକାଇଲେ । ଇରାନୀମାନେ ଦଜଲା ଆଉ ଫରାତରେ, ବସରେ ତାଶରେ ବନ୍ଦର ନିର୍ମାଣ କରିଥିଲେ—ତାର ନାମ ଥିଲା ଓବୋଲା । ସେପରି ଆରବ-ମାନେ ତାଙ୍କର ଦେଶର ପଶ୍ଚିମ ତଟରେ ବହୁତ ବନ୍ଦର ନିର୍ମାଣ କରିଥିଲେ । ଏ ବନ୍ଦରମାନଙ୍କ ମଧ୍ୟରୁ ଦକ୍ଷିଣ ଦିଗରେ ସ୍ଥିତ 'ଉଦାର'

Digitized by srujanika@gmail.com

ଆଉ ପୂର୍ବରେ ସ୍ଥିତ 'ସେହୁର' ଅତି ବିଖ୍ୟାତ ବନ୍ଦର । ଏ ବନ୍ଦର ନିର୍ମାଣର ଲକ୍ଷ୍ୟ କେବଳ ଭାରତବର୍ଷ ସଙ୍ଗରେ ବାଣିଜ୍ୟିକ ଘନିଷ୍ଠତା ସ୍ଥାପନ କରିବା । ବହୁ ଆରବୀ ନୌଶ୍ରମିକ ଭାରତୀୟ ଜାହାଜରେ ନୌକର୍ମ କରୁଥିଲେ । ସମୁଦ୍ରର ଦୁଇ ତଟରେ ଏମାନଙ୍କର ଅନେକ ବସ୍ତି ଥିଲା । 'ରନୋ'ର ମଧ୍ୟରେ ଓ ଚତୁର୍ଦ୍ଦଶ ଶତାବ୍ଦୀ ପର୍ଯ୍ୟନ୍ତ ମାଲବାର ତଟରେ ଆରବମାନଙ୍କ ଠିକ୍ ସେହିପରି ଆଧିପତ୍ୟ ଥିଲା, ଯେପରି ପରେ ପର୍ତ୍ତୁଗୀଜମାନଙ୍କ ହୋଇଗଲା ।

ମୁସଲମାନ ଧର୍ମର ସୃଷ୍ଟି ହେବା ପରେ ମଧ୍ୟ ଆରବମାନଙ୍କ ସମ୍ବନ୍ଧ ଭାରତ ସଙ୍ଗରେ ଅତି ସୁନ୍ଦର ଥିଲା । କିନ୍ତୁ ସେମାନଙ୍କ ମଧ୍ୟରେ ନୂତନ ସଭ୍ୟତା, ବିଚାରଧାରା, ଆଉ ନୂଆ ଆଦର୍ଶ ଦେଖା ଦେଇଥିଲା । କିନ୍ତୁ ସେତେବେଳ ପର୍ଯ୍ୟନ୍ତ ଏହା ମାରାତ୍ମକ ଆକାର ଧାରଣ କରି ନ ଥିଲା । ଏହା ସପ୍ତମ ଶତାବ୍ଦୀର ମଧ୍ୟ ଭାଗର କଥା । କାରଣ ସନ୍ ୬୨୯ ରେ ମକ୍କା ନଗର ମହମ୍ମଦଙ୍କ ଅଧୀନତା ସ୍ୱୀକାର କଲା । ଆଉ ସନ୍ ୬୩୨ ରେ, ଏହାର ତିନି ବର୍ଷ ପରେ ସମଗ୍ର ଆରବ ତାଙ୍କର ଅଧୀନକୁ ଆସିଲା । ଏହି ସନରେ ହଜରତ୍ ମହମ୍ମଦ ମଲେ । କିନ୍ତୁ ସନ ୬୩୬ ରେ ଆରବମାନେ ଇରାକ୍ (ମେସୋପୋଟାମିଆ), ଶାମ (ସିରିଆ) କୁ ଅଧିକାର କଲେ । ସନ୍ ୬୩୭ ରେ ଆରବମାନେ 'ବୈତୁଲ୍ ମୁକଦସ' (ଅର୍ଥାତ୍ ଜେରୁସଲମ) କୁ ଜୟ କଲେ । ସପ୍ତମ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ସମସ୍ତ ତାତାର, ଆଉ ତୁର୍କିସ୍ଥାନ ତଥା ଚୀନର ପୂର୍ବ ତଟ ଆରବ-ମାନଙ୍କ ଅଧୀନକୁ ଆସି ଯାଇଥିଲା । ଏହା ମଧ୍ୟରେ ମିଶର, କାଥଜ, ତଥା ସମସ୍ତ ଉତ୍ତର ଆଫ୍ରିକା ମୁସଲମାନମାନଙ୍କ ଅଧିକାରକୁ ଆସି ଯାଇ ଥିଲା । ଆଉ ରୋମନ ସାମ୍ରାଜ୍ୟ ନଷ୍ଟଭ୍ରଷ୍ଟ ହୋଇ ସାରିଥିଲା ।

Digitized by srujanika@gmail.com

ଏପରିକି ସେମାନେ ସ୍ପେନ୍‌କୁ ବି ଅଧିକାର କରିନେଇଥିଲେ । ଆରବମାନେ ଅତି ତୀବ୍ର ଗତିରେ ଚାରିଆଡ଼େ ବିସ୍ତୃତ ହେବାକୁ ଲାଗିଲେ । ଆଉ ଏତେବେଳେ ଆରବ ସୈନ୍ୟ ଅରଣ୍ୟ, ପର୍ବତ, ନଦୀ, ନାନା ଭୂଖଣ୍ଡ ଅତିକ୍ରମ କରି ଭାରତର ସୀମା ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲେ । ଇରାନର ବନ୍ଦରକୁ ଆରବମାନେ ଜଳ ସମାଧି ଦେଲେ । ଆଉ ଭାରତ ମହାସାଗରରେ ଏକାଧିପତ୍ୟ ସ୍ଥାପନ କରିଦେଲେ—ଭାରତ ମହାସାଗରର ସମସ୍ତ ବ୍ୟାପାର ବାଣିଜ୍ୟ ନିଜ ହାତକୁ ନେଇଥିଲେ । ଏ ବ୍ୟାପାର ସଙ୍ଗରେ ଆରବମାନଙ୍କର ଘୋଡ଼ା ବ୍ୟବସାୟ ବି ସମ୍ମିଳିତ । 'ଆରବ' ଶବ୍ଦ ପ୍ରକୃତରେ 'ଅର୍ବ' ଶବ୍ଦର ଅପଭ୍ରଂଶ ମାତ୍ର । ଅର୍ବ ଅର୍ଥ ଯେଉଁଠାରେ ଭଲ ଘୋଡ଼ା ଉତ୍ପନ୍ନ ହୁଅନ୍ତି, ଯେପରି ବ୍ରଜ ଅର୍ଥ ଯେଉଁଠାରେ ଗାଈମାନେ ଚରନ୍ତି, ଆଉ ଗାନ୍ଧାର ଅର୍ଥ ଯେଉଁଠାରେ ଉତ୍ତମ ମେଣ୍ଢା ଉତ୍ପନ୍ନ ହୁଅନ୍ତି ।

ମୁସଲମାନମାନଙ୍କ ପ୍ରଥମ ଦଳ ସନ ୬୩୦ ରେ ଓମରର ଅଧିନାୟକତ୍ୱରେ ଭାରତ ଆଡ଼କୁ ଆସିଲା । ସେତେବେଳେ ଓସ୍‌ମାନ ମକୀଫୀ 'ବାହାରେନର' ସୁବାଦାର ଥିଲା । ସେ ଗୋଟାଏ ଦଳକୁ ସମୁଦ୍ର ପଥରେ ଯିବାକୁ ପଠାଇଲା । ଖଲିଫା ଏକଥାକୁ ପସନ୍ଦ କରି ପାରିଲେ ନାହିଁ । ଆଉ ଭବିଷ୍ୟତରେ ଏପରି ନ କରିବାକୁ ବାରଣ କଲେ । କିନ୍ତୁ ଓସ୍‌ମାନର ଅଧିନାୟକତ୍ୱରେ ଆଉ ଦଳେ ସୈନ୍ୟ ଭାରତ ଆଡ଼କୁ ଆସିଲେ । କିନ୍ତୁ ଭାରତ ମଧ୍ୟକୁ ପ୍ରବେଶ କରି ନ ପାରି ଫେରିଲେ ।

ସପ୍ତମ ଶତାବ୍ଦୀର ମଧ୍ୟ ଭାଗରେ ଯେତେବେଳେ ଏସିଆ ଆଉ ୟୁରୋପରେ ମୁସଲମାନମାନଙ୍କ ପୂର୍ଣ୍ଣ ପ୍ରତାପ ଦେଖା ଦେଉଥିଲା, ସେତେବେଳେ ଭାରତରେ ସମ୍ରାଟ ହର୍ଷବର୍ଦ୍ଧନଙ୍କ

Digitized by srujanika@gmail.com

ରାଜତ୍ୱର ଅନ୍ତ ହେବାକୁ ଆରମ୍ଭ କରୁଥିଲା । ହର୍ଷର ଭାରତର ସାମ୍ରାଜ୍ୟ ଖଣ୍ଡ ଖଣ୍ଡ ହେବାକୁ ଲାଗୁଥାଏ । କେତେକ ପୁରୁଣା ତଥା ନୂଆ ଜାତି ନବୀନ ରାଜପୁତ ଶକ୍ତି ସଙ୍ଗଠନ କରି ପଶ୍ଚିମ ଭାରତରୁ ଆସି ଉତ୍ତର-ପୂର୍ବ ତଥା ମଧ୍ୟ ଭାରତରେ ଅନେକ ଛୋଟ ଛୋଟ ରାଜ୍ୟ ସ୍ଥାପନ କରିଥିଲେ । ଆଉ ମୁସଲମାନମାନଙ୍କ ପ୍ରଥମ ଆକ୍ରମଣରେ ପୂର୍ବରୁ ଏମାନେ ପଞ୍ଜାବରୁ ଦକ୍ଷିଣ ପର୍ଯ୍ୟନ୍ତ ଆଉ ବଙ୍ଗଳାରୁ ଆରବ ସାଗର ପର୍ଯ୍ୟନ୍ତ ସମସ୍ତ ପ୍ରଦେଶକୁ ଅଧିକାର କରି ନେଇ ଥିଲେ । କିନ୍ତୁ କୌଣସି ପ୍ରଧାନ ଶକ୍ତି ଏମାନଙ୍କୁ ନିଜର ଅଧୀନରେ ରଖିବା ପାଇଁ ମୁଣ୍ଡ ଟେକି ପାରି ନ ଥିଲା । ଏମାନଙ୍କ ମଧ୍ୟରେ ପରସ୍ପରରେ ସଂଗ୍ରାମ ହେଉ ଥିଲା । ପ୍ରାଚୀନ ସାମ୍ରାଜ୍ୟର ରାଜଧାନୀ ସେତେବେଳକୁ ଭଗ୍ନାବଶେଷରେ ପରିଣତ ହୋଇ ରହିଥିଲା ।

ଆମେ ବର୍ତ୍ତମାନ ନିଜର ବିଷୟ ବସ୍ତୁ ପ୍ରତି ଫେରି ଆସିବା । ଉପରୋକ୍ତ କଥାରୁ ବୁଝା ପଡ଼ୁଛି, ଆମେ ଅବିଶ୍ୱାସର କାରଣରୁ କେବଳ, ପତିତ ହୋଇଛୁ । ଏବଂ ପତିତ ହୋଇ ରହୁଛୁଁ ଆଜି ପର୍ଯ୍ୟନ୍ତ । ଆମ ଦେଶରେ ଧନର ଅଭାବ ନାହିଁ, ଜ୍ଞାନର ଅଭାବ ନାହିଁ, ପ୍ରାଣ ପ୍ରାଚୁର୍ଯ୍ୟର ଅଭାବ ନାହିଁ, ଅଭାବ କେବଳ ଏକତ୍ର କରିବା ଶକ୍ତିର, ନିଃସ୍ୱାର୍ଥପରଭାବରେ କର୍ମ କରିବାର ପ୍ରେରଣାର ଆଉ ନିଜର ଏ ମହାନ୍ ଦେଶ ପ୍ରତି ଏକାତ୍ମକତା-ବୋଧତାର ଅଭାବର ।

ସଂଗଠନ, ସଂଗଠନ, ଏକମାତ୍ର ସଂଗଠନ ଆମ ଜାତିକୁ ଉନ୍ନତ କରି ପାରିବ, ଆମର ପୂର୍ବ ଗୌରବକୁ ଫେରାଇ ଆଣି ପାରିବ । ଆମକୁ ପୂର୍ବ ପରି ପୃଥିବୀର ଉନ୍ନତ ଦେଶରେ ଅଧିଷ୍ଠିତ କରି ପାରିବ ।

Digitized by srujanika@gmail.com

ଏ ସଂଗଠନ କିନ୍ତୁ ଚିନ୍ତା ଉପରେ ପ୍ରତିଷ୍ଠିତ ହେବ—ଅନ୍ଧ ବିଶ୍ୱାସ ଉପରେ ନୁହେ—ଅମର ଧର୍ମ ଗ୍ରନ୍ଥ ହେବ ବେଦ—କୌଣସି କାବ୍ୟ ଉପନ୍ୟାସ, ପୁରାଣ ନୁହେ ।

ମନେ ରଖିବାକୁ ହେବ, ବିଶ୍ୱାସ ଯଦି ବସ୍ତୁବିହୀନ ହୁଏ, ତ୍ୟାଜ୍ୟ ହେବ । ବିଶ୍ୱାସ ଯଦି ସତ୍ୟର ଭିତ୍ତି ଉପରେ ପ୍ରତିଷ୍ଠିତ ହୁଏ, ତା ଗ୍ରହଣୀୟ ହେବ । ଅର୍ଥାତ୍ ବିଶ୍ୱାସ ଯଦି ଚିନ୍ତା ଦ୍ୱାରା ମାର୍ଜିତ ହୁଏ, ପବିତ୍ର ହୁଏ, ସମ୍ମାନନୀୟ ହେବ, ଅନ୍ୟଥା ନୁହେଁ ।

ମନୁଷ୍ୟର ମସ୍ତିଷ୍କ ସମଗ୍ର ଶରୀରର କାର୍ଯ୍ୟ-ସଂଚାଳନର କେନ୍ଦ୍ର । ମସ୍ତିଷ୍କ ଯେ ଆଦେଶ ଦେବ, ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ତା' ପାଳନ କରିବାକୁ ବାଧ୍ୟ ହେବେ । ମସ୍ତିଷ୍କ ଯଦି କୌଣସି ଅସଙ୍ଗତ କାର୍ଯ୍ୟ କରିବାକୁ ଆଦେଶ ଦିଏ, ତେବେ ସୁଦ୍ଧା ଶରୀରର ଅଙ୍ଗ-ପ୍ରତ୍ୟଙ୍ଗ, ଏ ଅସଙ୍ଗତ ଆଦେଶାନୁସାରେ କର୍ମ କରିବାକୁ ବାଧ୍ୟ ହେବ । ପ୍ରତି ମୁହୂର୍ତ୍ତରେ ମସ୍ତିଷ୍କ କର୍ମ କରିବାକୁ ପ୍ରେରଣା ଦେଉଛି, ସେ ପ୍ରେରଣା ସଙ୍ଗତ ହେଉ ବା ଅସଙ୍ଗତ ହେଉ, ଏହି ଅସଙ୍ଗତ ପ୍ରେରଣା ପାଇ ମନୁଷ୍ୟ କର୍ମ କରିବା ଫଳରେ ସଂସାରରେ ନାନା ପ୍ରକାରର ଅଶାନ୍ତିର ଉଦ୍ଭବ ହେଉଛି । ତେଣୁ ମନୁଷ୍ୟର ମସ୍ତିଷ୍କରୁ ସୁସଂସ୍କୃତ ସଙ୍ଗତ ବିଚାରର ଧାରା ପ୍ରବାହିତ ହେବା ଉଚିତ । ଏହା କେତେବେଳେ ସମ୍ଭବ ହେବ ? ଯେତେବେଳେ ମନୁଷ୍ୟ ଚିନ୍ତା କରିବାର ଅଭ୍ୟାସରୁ ବଞ୍ଚିତ ନ ହେବ ।

ମନୁଷ୍ୟର ମସ୍ତିଷ୍କ ରୁଗ୍ଣ ହେଲେ, ମନୁଷ୍ୟ ପାଗଳ ହୁଏ । ଆଉ ଏଥିପାଇଁ ହିଁ ପାଗଳ ମନୁଷ୍ୟ ଯେ କର୍ମ କରେ ତା' କର୍ମ ନୁହେ—ଅକର୍ମ । ମନୁଷ୍ୟର ମସ୍ତିଷ୍କ ଦୁର୍ବଳ ହେଲେ, ମନୁଷ୍ୟ

Digitized by srujanika@gmail.com

ଅନର୍ଥ କରେ । ଏଥିପାଇଁହିଁ ନିଦ୍ରାବସ୍ଥାରେ ରୁଗ୍‌ଣାବସ୍ଥାରେ ରୋଗୀ ପ୍ରଳାପ କରେ—ଅଭ ଅନିଦ୍ରାବସ୍ଥାରେ ମଧ୍ୟ କ୍ରୋଧ ପ୍ରକାଶ କରେ—ଘୃଣା ପ୍ରକାଶ କରେ । ଚିନ୍ତା ଦ୍ୱାରା ମନୁଷ୍ୟର ମସ୍ତିଷ୍କ ମାର୍ଜିତ ହେଲେ ଶରୀରରୁ ଜ୍ୱରର ପ୍ରାବଲ୍ୟର ଅପଘାତ ନିବାରିତ ହୁଏ—ମନୁଷ୍ୟ ସୁସ୍ଥ ସବଳ ହୋଇ ଉଠେ ।

ଅପତ୍ୟହୀନ ସ୍ତ୍ରୀ ପୁରୁଷ ଯଦି ଅନ୍ୟର ପୁଅକୁ ଦେଖି ପାଖରେ ବଳି ଦିଅନ୍ତି ନିଜର ପୁଅ ହେବ ବୋଲି, ମୃତବତ୍ସାଙ୍କ ନାରୀ ଯଦି ଅନ୍ୟର ସନ୍ତାନକୁ ଗଙ୍ଗା ଗର୍ଭରେ ନିକ୍ଷେପ କରନ୍ତି, ନିଜର ପୁଅ ବଞ୍ଚିବ ବୋଲି, ନିରୀହ ମୂକ ଛାଗ ଶିଶୁକୁ ଯଦି ଗଙ୍ଗା ଗର୍ଭରେ ଭସାଇ ଦିଆ ହୁଏ, ଭବିଷ୍ୟତରେ ନିଜର ସନ୍ତାନ ନ ମରିବ ବୋଲି, ତେବେ ସଂସାରରେ କ'ଣ ନାନା ବିଭ୍ରାନ୍ତି, ନାନା ଅଶାନ୍ତି ଜନ୍ମ ନେବ ନାହିଁ ? ଏପରି ମାରାତ୍ମକ ମର୍ମନ୍ତୁଦ ଦୁର୍ଘଟଣାର ପ୍ରେରଣା-ଦାତା, ଜନ୍ମଦାତା ନ ହେବା ପାଇଁ କଣ ଚିନ୍ତାର ଅଭ୍ୟାସ କରିବା ଉଚିତ ନୁହେ ?—କଣ ବିଶ୍ୱାସ ଉପରେ ନିର୍ଭର କରି ଜଗତର ଅମଙ୍ଗଳର କାରଣ ହେବା ଉଚିତ ହେବ ?

ପୃଥିବୀର ନାନା ସଂପ୍ରଦାୟର ସୃଷ୍ଟି ଏହି ଅନ୍ଧବିଶ୍ୱାସ ଉପରେ ଭିତ୍ତି ଦେଇ । ଏପରି ସଂପ୍ରଦାୟର କାରଣରୁ ସଂସାରରେ ଅଶାନ୍ତ ବାୟୁମଣ୍ଡଳ ସ୍ଥାୟୀ ହୋଇ ରହିବ କିନା, ତା' ଆପଣମାନେ ବିଚାର କରିବାକୁ ତଳେ କେତୋଟି ଉଦାହରଣ ଦେଲି ।

୧ । ହିନ୍ଦୁ ଧର୍ମ । ଧର୍ମ ? ଏହା କୌଣସି ଧର୍ମ ନୁହେ—ସଂପ୍ରଦାୟ—ପୁରାଣର କେତୋଟି ମତବାଦ ଉପରେ ଏହା ପ୍ରତିଷ୍ଠିତ । ଏ ପୁରାଣ କେତୋଟି ବ୍ୟକ୍ତି ବିଶେଷର ନିଜର ରୁଚିର

Digitized by srujanika@gmail.com

ବିଗ୍ରହର ଗ୍ରନ୍ଥ ଏହା କପୋଳ-କଳ୍ପିତ କାହାଣୀର ଗ୍ରନ୍ଥ—ହୁଏତ ଏହା ଚରିତ୍ର ନିର୍ମାଣର ଗ୍ରନ୍ଥ ହୋଇ ପାରେ—କିନ୍ତୁ ସନାତନ ଜ୍ଞାନର ଗ୍ରନ୍ଥ ନୁହେ । କୌଣସି ବ୍ୟକ୍ତି ବିଶେଷର ବିଗ୍ରହ ସନାତନ ହୋଇ ପାରେ ନା । ବ୍ୟକ୍ତି ବିଶେଷ ନିଜେ ଯେତେବେଳେ ସନାତନ ନୁହେଁ, ସେତେବେଳେ ତାର ମତ ବା ସନାତନ ହେବ କିପରି ? ପୁଣି ମନୁଷ୍ୟର ମସ୍ତିଷ୍କର ଚିନ୍ତାଧାରା ନାନା ସ୍ୱାର୍ଥରେ ଜଡ଼ିତ । ସେ ପୁଣି ପରିସ୍ଥିତି ଉପରେ ନିର୍ଭର କରେ । ତେଣୁ ହିନ୍ଦୁ ମତବାଦ ଅ-ସନାତନ । 'ହିନ୍ଦୁ', ଏହି ନାମଟା ମଧ୍ୟ ଆଧୁନିକ । (ଏ ସମ୍ବନ୍ଧରେ ଏ ଗ୍ରନ୍ଥରେ ଅନ୍ୟତ୍ର ବିଶଦଭାବରେ ଲେଖା ଯାଇଛି—ଦେଖି ପାରନ୍ତି ।) ପୃଥିବୀରେ କେବଳ ବୈଦିକ ଧର୍ମ ସନାତନ । କାରଣ ଏ ଧର୍ମର ଭିତ୍ତି କେବଳ ଜ୍ଞାନ—କୌଣସି ପ୍ରକାର ବିଶ୍ୱାସ ବା ମତବାଦ ନୁହେ । ଏହା କୌଣସି ବ୍ୟକ୍ତି ବିଶେଷଙ୍କର ମତ ବା ପ୍ରଗୃହୀତ ବିଗ୍ରହ ନୁହେ । ଜ୍ଞାନ ଅପୌରୁଷେୟ ହେବା ଉଚିତ । ଜ୍ଞାନର କେହି ସୃଷ୍ଟିକର୍ତ୍ତା ନାହାନ୍ତି । ଈଶ୍ୱରଙ୍କର ପରି ଏ ଅନନ୍ତ ଅନାଦି—ରହିଛି ରହିଥିବ । ଏଥିପାଇଁ ଏ ଧର୍ମକୁ କୁହାଯାଏ 'ବୈଦିକ' ଯାର ଅର୍ଥ ଜ୍ଞାନ—'ବିଦ୍ ଜ୍ଞାନେ' ଧାତୁରୁ ବେଦ ଶବ୍ଦର ସୃଷ୍ଟି ।

ହିନ୍ଦୁ ଧର୍ମ ପୁଣି ନାନା ଭାବରେ ବିଭକ୍ତ—ଶୈବ, ଶାକ୍ତ, ବୈଷ୍ଣବ, ଗାଣପତ୍ୟ, ବୌଦ୍ଧ, ଜୈନ ଆଦି ଆଦି । ଏମାନେ ପୁଣି ପରସ୍ପରରେ ଗାଳିଗୁଜବରେ ଲିପ୍ତ ରହୁଥିଲେ—ପରସ୍ପର ପ୍ରତି କ୍ରୋଧରେ, ଘୃଣାରେ ଜର୍ଜରିତ ହେଉଥିଲେ । ଏପରି ହେବାକୁ ଯେ ଧର୍ମ ପ୍ରେରଣା ଦିଏ—ଶିକ୍ଷାଦିଏ, ତା' କେବେ ଧର୍ମ ହୋଇ ପାରେ ? ସେ ହେବ ବ୍ୟକ୍ତିବିଶେଷର ମତ ।

Digitized by srujanika@gmail.com

କିମତ୍ର ବହୁନୋକ୍ତେନ ବ୍ରାହ୍ମଣାଃ ଯେଽପ୍ୟବୈଷ୍ଣବାଃ ।
ନ ସ୍ପ୍ରଷ୍ଟବ୍ୟା ନ ବକ୍ତବ୍ୟା ନ ଦ୍ରଷ୍ଟବ୍ୟାଃ କଦାଚନ ।
(ପଦ୍ମପୁରାଣ)

(ଅଧିକ କଣ କହିବା, ଯେ ବିଷ୍ଣୁଙ୍କ ଛାଡ଼ି, ଅନ୍ୟ କୌଣସି ଦେବତାଙ୍କୁ ମାନିବ, ତା' ସଙ୍ଗରେ କଥା କହିବା, ତାକୁ ସ୍ପର୍ଶ କରିବା, ଦେଖିବା ଅନୁଚିତ ।)

୬ ସବୁଠାରୁ ଦୁଃଖର କଥା ଏହି ଯେ ପ୍ରାତଃସ୍ମରଣୀୟ ବୈଦିକ ମହର୍ଷି ହାରିତଙ୍କ ନାମରେ ବ 'ବୃହତ୍ ହାରିତସ୍ମୃତି' ନାମରେ ଗୋଟାଏ ଗ୍ରନ୍ଥ ଆନନ୍ଦ ଆଶ୍ରମ, ପୁନାରେ ଶାଲିବାହନ ଶକାବ୍ଦ ୧୮୫୧ (୧୯୨୯) ରେ କୌଣସି ବୈଷ୍ଣବ ପଣ୍ଡିତଙ୍କ ଦ୍ୱାରା ପ୍ରକାଶିତ ହୋଇଛି । ଏଥିରେ ଏହି ଅସଙ୍ଗତ କଥା ଉଲ୍ଲେଖ ରହିଛି—

ବୈଷ୍ଣବଃ ପୁରୁଷୋ ଯସ୍ତୁ ଶିବ ବ୍ରହ୍ମାଦ ଦେବତାନ୍ ।
ପ୍ରଣମେଦାର୍ଚ୍ଚୟେଦ୍ ବାପି ବିଷ୍ଠାୟାଂ ଜାୟତେ କୃମିଃ ॥
ଅବୈଷ୍ଣବଃ ସ୍ୟାଦ୍ ଯୋ ବିପ୍ରୋ ବହୁଶାସ୍ତ୍ର ଶ୍ରୁତୋଽପି ବା ।
ସ ଜୀବନ୍ନେବ ଚଣ୍ଡାଳେ ମୃତଃ ଶ୍ୱାନୋଽଭିଜାୟତେ ॥

(ଯେ ବୈଷ୍ଣବ ପୁରୁଷ ଶିବ ବ୍ରହ୍ମା ଆଦି ଦେବତାଙ୍କୁ ପ୍ରଣାମ କରେ, ତାଙ୍କର ପୂଜା କରେ, ସେ ମରିଲେ ବିଷ୍ଠାରେ କୃମି ହୋଇ ଜନ୍ମ ହୁଏ । ଯେ ବ୍ରାହ୍ମଣ, ବହୁ ଶାସ୍ତ୍ରରେ ବିଦ୍ୱାନ ହୋଇ ଏବଂ ଯଦି ସେ ବୈଷ୍ଣବ ନୁହେ, ସେ ଜୀବିତାବସ୍ଥାରେ ଚଣ୍ଡାଳ ଅଟେ ମରିବା ପରେ ଅନ୍ୟ ଜନ୍ମରେ କୁକୁର ହୋଇ ଜନ୍ମ ନିଏ ।)

Digitized by srujanika@gmail.com

ସେହି ଅନନ୍ଦ ଅଶ୍ରମ, ପୁନାରୁ ଶାଳୀବାହନ ଶକାବ୍ଦ ୧୮୪୬ (୧୯୨୪) ରେ ପ୍ରକାଶିତ ସୌର ପୁରାଣରେ ଲେଖାଅଛି :—

ଭେନ ଭକ୍ତ୍ୟାସ୍ତଦା ବିଷ୍ଣୁ ବ୍ରହ୍ମା ବା ଯଦି ବନ୍ଦ୍ୟତେ ।
ଷଷ୍ଟିବର୍ଷ ସହସ୍ରାଣି ବିଷ୍ଠାୟାଂ ଜାୟତେ କୃମିଃ ॥
ଯଦି ପାପରତଃ କ୍ରୂର ସ୍ୱଧର୍ମାଗ୍ନିର ବର୍ଜିତଃ ।
ବୈଷ୍ଣବାନାଂ ସହସ୍ରେଭ୍ୟଃ ଶିବଭକ୍ତୋ ବିଶିଷ୍ୟତେ ॥

(ଯଦି କୌଣସି ବ୍ୟକ୍ତି ବିଷ୍ଣୁ ବା ବ୍ରହ୍ମାଙ୍କ ସଙ୍ଗରେ ଶିବଙ୍କୁ ତୁଲ୍ୟ ମଣେ କରେ, ସେ ଷାଠିଏ ହଜାର ବର୍ଷ ପର୍ଯ୍ୟନ୍ତ ବିଷ୍ଠାର କୀଟ ହେବ । ପାପରତ କ୍ରୂରକର୍ମୀ ଅଶ୍ରମ ଧର୍ମରହିତ ହେଲେ ମଧ୍ୟ ଶୈବ ହଜାର ହଜାର ବୈଷ୍ଣବ ଅପେକ୍ଷା ଶ୍ରେଷ୍ଠ । ଅଜ ଶିବଭକ୍ତରହିତ ବ୍ରାହ୍ମଣ ବି ନୀଚ, ଶ୍ୱପଚ ।)

ଏହା ଶୈବମାନଙ୍କ ମତବାଦ ବୈଷ୍ଣବମାନଙ୍କ ପ୍ରତି । ଏହା ଧର୍ମ ହୋଇପାରେ ? ଏହା କଣ ଜ୍ଞାନର କଥା ? କିନ୍ତୁ ବ୍ରହ୍ମା, ବିଷ୍ଣୁ, ଓ ଶିବ, ସେହି ଏକ ଈଶ୍ୱରଙ୍କ ଏହା ବିଭିନ୍ନ ନାମ ।

"ଏକଂ ସଦ୍‌ବିପ୍ରା ବହୁଧା ବଦନ୍ତି" ସେହି ଏକ ଈଶ୍ୱରଙ୍କୁ ବିପ୍ରମାନେ ଅର୍ଥାତ୍ ଜ୍ଞାନୀମାନେ ଅନେକ ଭାବରେ ବର୍ଣ୍ଣନା କରନ୍ତି । ଅର୍ଥାତ୍ ଈଶ୍ୱର ଏକ—କିନ୍ତୁ ସେ ଅଶେଷ ଗୁଣଶାଳୀ । ତାଙ୍କର ଏ ଅଶେଷ ଗୁଣର ବର୍ଣ୍ଣନା କରିବାବେଳେ ତାଙ୍କର ଗୁଣାନୁଯାୟୀ ଅନେକ ନାମକରଣ ହେବାର ସମ୍ଭାବନା ବେଶୀ । ବ୍ରହ୍ମା, ବିଷ୍ଣୁ ଓ ଶିବ, ଏହି ତିନୋଟି ତାଙ୍କର ଅଶେଷ ଗୁଣର କେବଳ ସଂକ୍ଷିପ୍ତ ନାମକରଣ ।

Digitized by srujanika@gmail.com

ଯେ ଶକ୍ତି ଜନ୍ମ ଦ'ଏ, ସେ ବ୍ରହ୍ମା, ଯେ ପାଳନ କରେ, ସେ ବିଷ୍ଣୁ, ଅଉ ଯେ ନାଶ କରେ ସେ ଶିବ । ଜଗତର ସେ ଗୋଟାଏ ଶକ୍ତି ଈଶ୍ୱର ଏ ତିନି କାମ କରେ । ସେ ଅଶେଷ ଶକ୍ତିଶାଳୀ—ନଚେତ୍ ସେ ଏ ସମସ୍ତ କାର୍ଯ୍ୟ କରିପାରେ—ଏଥିପାଇଁ ଅଉ ତୁନିଟି ଅଲଗା ଭଗବାନ୍ଙ୍କୁ ସୃଷ୍ଟି କରିବା ତା' ପକ୍ଷରେ ଅନାବଶ୍ୟକ । ଏପରି ତତ୍ତ୍ୱର କଣ ବାସ୍ତବରେ ଚିନ୍ତା ଉପରେ ଅଧିଷ୍ଠିତ ? ନା, ଏହା ଅନ୍ଧ ବିଶ୍ୱାସ ଉପରେ ପ୍ରତିଷ୍ଠିତ । ତେଣୁ ଏହା ଧର୍ମ ନୁହେଁ—ମତବାଦ ।

ଏପରି ଅନ୍ୟାନ୍ୟ ଧର୍ମ ପାଖକୁ ଆସନ୍ତୁ । ଇସାଇ ଧର୍ମ; ଏହା ବି ନାନାଭାବରେ ବିଭକ୍ତ ।

୧—ପ୍ରେସ୍‌ବିଟାରିଅନ୍ (Presbyterian)—ଏହି ସମ୍ପ୍ରଦାୟ ଚର୍ଚ୍ଚ ଉପରେ ବିଶପ୍ (Bishop)ଙ୍କର ଅଧିକାରକୁ ସ୍ୱୀକାର କରନ୍ତି ନାହିଁ; ଅର୍ଥାତ୍ ସେମାନେ କହିବାକୁ ଚାହାନ୍ତି, କେବଳ ଧର୍ମାଧ୍ୟକ୍ଷମାନେ ଧର୍ମର ସମସ୍ତ ଅଧିକାରୀ ହେବା ସଙ୍ଗତ ନୁହେ । ତେଣୁ 'ପ୍ରେସ୍‌ବିଟର' ନାମଧାରୀ ଅଧ୍ୟକ୍ଷମାନଙ୍କୁ ମଧ୍ୟ ଚର୍ଚ୍ଚର କାର୍ଯ୍ୟକଳାପର ତୁଲ୍ୟ ଅଧିକାରୀ ବୋଲି କହନ୍ତି । ଏ ସମ୍ପ୍ରଦାୟର ବିଶେଷତାଃ ଏହି ଯେ, ଏମାନେ ଶୃଙ୍ଖଳାର ବିଶେଷ ପକ୍ଷପାତୀ ।

୨—କୋୟେକାର (Quaker)—ଇଂଲଣ୍ଡର ଲେଷ୍ଟରସାୟାରର ଅଧିବାସୀ 'ଜର୍ଜ ଫକ୍ସ' ନାମକ ଜଣେ ବ୍ୟକ୍ତି ୧୬୫୦ ଖ୍ରୀଷ୍ଟାବ୍ଦରେ ଏହି ସମ୍ପ୍ରଦାୟ ସ୍ଥାପନ କରିଥିଲେ । ଏମାନେ ନିଜକୁ Socity of fund ନାମରେ ଅଭିହିତ କରନ୍ତି । ଏହି ସମ୍ପ୍ରଦାୟର ପ୍ରଚାରକଗଣ ତାଙ୍କର ମତ ପ୍ରଚାର କରିବାବେଳେ

Digitized by srujanika@gmail.com

ଏତେ ଅବେଗର ସହିତ ଶ୍ରୋତାମାନଙ୍କୁ ଅସତ୍‌ପଥ ପରିତ୍ୟାଗ କରି ଭଗବତ୍ ପଥରେ ଆସିବାକୁ ଉପଦେଶ ଦେଉଥିଲେ ଯେ, ସମୟ ସମୟରେ ଶ୍ରୋତାଗଣ ଭାବବିଭୋର ହୋଇ "କମ୍ପୁଥିଲେ—ଏପରିକି ବେଳେବେଳେ ମୂର୍ଚ୍ଛିତ ହୋଇ ପଡୁଥିଲେ । ଅନେକଙ୍କର ଦେହରେ କମ୍ପ ଜାତ ହେଉଥିଲା । ଏହି କମ୍ପ ପାଇଁ ଏ ସମ୍ପ୍ରଦାୟର ବିରୋଧୀ-ମାନେ ଏମାନଙ୍କୁ Quaker କହି ବିଦ୍ରୂପ କରୁଥିଲେ ।

୩—ରୋମାନ୍ କାଥୋଲିକ୍ (Roman Catholic)—ଏମାନେ ପୋପ୍ (Pope-ଧର୍ମଯାଜକ)ଙ୍କ ଅଧିକାରକୁ ଧର୍ମଜଗତରେ ସର୍ବମାନ୍ୟ ବୋଲି ସ୍ୱୀକାର କରନ୍ତି—ପୋପଙ୍କ ସମ୍ବନ୍ଧରେ ଏମାନଙ୍କ ମନରେ ଘୋର ଅନ୍ଧ ବିଶ୍ୱାସ । ପୋପ୍ ଯା' କହିବେ, ସେ ଭଲ ହେଉ, ମନ୍ଦ ହେଉ ନିର୍ବିଚାରରେ ଏମାନେ ଗ୍ରହଣ କରନ୍ତି ଭଗବାନଙ୍କ ବାଣୀ ମନେ କରି । ଏମାନଙ୍କ ବିଶ୍ୱାସ, ଖ୍ରୀଷ୍ଟ ତାଙ୍କର ଦ୍ୱାଦଶ ଶିଷ୍ୟଙ୍କ ମଧ୍ୟରୁ ପିଟରଙ୍କୁହିଁ ସର୍ବଶ୍ରେଷ୍ଠ ମନେ କରି ତାଙ୍କର ଉପରେ ଖ୍ରୀଷ୍ଟଧର୍ମର ପ୍ରତିଷ୍ଠା ତଥା ପରିଚାଳନାର ଭାର ନ୍ୟସ୍ତ କରିଥିଲେ । ଏମାନଙ୍କର ଆହୁରି ବିଶ୍ୱାସ, ପିଟର୍ ରୋମର ଚର୍ଚ୍ଚ ପ୍ରତିଷ୍ଠା କରି ପ୍ରଥମ ବିଶପ୍ ହୋଇଥିଲେ ।

୪—ପ୍ରୋଟେଷ୍ଟାଣ୍ଟ୍ (Prostantant)—ଏ ସମ୍ପ୍ରଦାୟର ପ୍ରତିଷ୍ଠାପକ ମାର୍ଟିନ୍ ଲୁଥର୍ । ଏ ଜଣେ ବିଦ୍ୱାନ୍ ତଥା ଚିନ୍ତାଶୀଳ ବ୍ୟକ୍ତି । ନିର୍ବିଚାରରେ ବାଇବେଲର ପ୍ରତ୍ୟେକ ବାକ୍ୟକୁ ଈଶ୍ୱରଙ୍କର ବାଣୀ ମନେ କରିବା ଏମାନଙ୍କର ସ୍ୱଭାବର ବିରୋଧୀ ଗୁଣ । ଏମାନଙ୍କ କହିବାର କଥା ଏହି ଯେ, ଯେ କଥାକୁ ବୁଦ୍ଧି ସମର୍ଥନ କରି ପାରୁନାହିଁ, ତା' କେବଳ ବିଶ୍ୱାସଯୋଗ୍ୟ । ଏମାନଙ୍କ ସମ୍ବନ୍ଧରେ

Digitized by srujanika@gmail.com

ଏତକ୍ କଣ୍ଠିତ ଭାବରେ କୁହାଯାଇ ପାରେ ଯେ, ଏମାନେ ଧର୍ଷଣଶୀଳ ହୁଅନ୍ତି ।

ଯୀଶୁ ଦେହ ତ୍ୟାଗ କରିବାର ପ୍ରାୟ ୨୫ ବର୍ଷ ପରେ ତାଙ୍କର ଶିଷ୍ୟ ଟମାସ୍ (Apostle Thomas) ଙ୍କ ଦ୍ୱାରା ପୃଥିବୀରେ ସବୁଠାରୁ ବିଶୁଦ୍ଧ ଖ୍ରୀଷ୍ଟିୟାନ୍ ସମ୍ପ୍ରଦାୟ ଭାରତରେ ପ୍ରତିଷ୍ଠିତ ହୋଇଥିଲା । ସେତେବେଳେ ଏମାନଙ୍କ ମଧ୍ୟରେ ଏତେ ମାରାତ୍ମକତା ନ ଥିଲା । ଅନ୍ତତଃ Church woman ସେତେବେଳେ ଏମାନଙ୍କ ମଧ୍ୟରେ ନ ଥିଲେ । (Church woman—ମାର୍କିନ୍ ସ୍ତ୍ରୀଲୋକମାନେ ଯେତେବେଳେ ବିବାହ କରିବାକୁ ଇଚ୍ଛା କରନ୍ତି, ସେତେବେଳେ ସେମାନେ ସମୁଦ୍ର ତୀରବର୍ତ୍ତୀ ସବୁ ପ୍ରକାର ସ୍ନାନାଗାରରେ ଘୂରି ବୁଲନ୍ତି । ଏଥିରେ ବିଫଳ ହେଲେ, ସେମାନେ ଚର୍ଚ୍ଚରେ ଯୋଗ ଦିଅନ୍ତି । ଏତେବେଳେ ଏମାନଙ୍କୁ କୁହାଯାଏ— Old maid । ପୁରୋହିତମାନଙ୍କ ସଙ୍ଗରେ ମିଶି ଏମାନେ ସଂସାରଟାକୁ ନରକରେ ପରିଣତ କରନ୍ତି । ଏହି ସ୍ତ୍ରୀଲୋକ ଆଉ ଖ୍ରୀଷ୍ଟିୟାନ୍ ମିସନାରୀମାନଙ୍କୁ ବାଦ୍ ଦେଲେ, ଆମେରିକାନ୍‌ମାନେ ଭଲ ମଣିଷ—ସ୍ୱାମୀ ବିବେକାନନ୍ଦ—'ହିନ୍ଦୁ' ଫେବୃୟାରୀ ୧୮୯୭,) Anglo Saxon ମାନେ ସେତେବେଳେ ମଧ୍ୟ ଅସଭ୍ୟ ଥିଲେ । ଦେହରେ ଏମାନେ ଚିତା କୁଟାଉ ଥିଲେ, ଆଉ ପର୍ବତ ଗୁହାରେ ବାସ କରୁଥିଲେ । ମୁସଲମାନ ଧର୍ମପରି ଇସାଇ ଧର୍ମ ବି ଚିରକାଳ ତରବାରିରେ ପ୍ରବୃତ୍ତ ହୋଇଛି । କାରଣ ସମଗ୍ର ପୃଥିବୀରେ କେବଳ ଏହି ତିନୋଟି ଧର୍ମ ପ୍ରଚାରଶୀଳ—ବୌଦ୍ଧ, ଖ୍ରୀଷ୍ଟ ଓ ଇସଲାମ । ଏ ତିନି ଧର୍ମର ପୂର୍ବବର୍ତ୍ତୀ ଅନ୍ୟ ତିନୋଟି ଧର୍ମ ପ୍ରଚାର ଦ୍ୱାରା ଦଳପୁଷ୍ଟି ପାଇଁ କଦାପି ଚେଷ୍ଟାକର ନାହିଁ, ସେମାନେ

Digitized by srujanika@gmail.com

ହେଉଛନ୍ତି—ହିନ୍ଦୁ, ଇହୁଦୀ ଅଉ ପାରସୀ (ଜରଥୁଷ୍ଟ୍ରଙ୍କ ପ୍ରବର୍ତ୍ତିତ ଧର୍ମ ।)

ଖ୍ରୀଷ୍ଟ ଜଣେ ମହାପୁରୁଷ, ଏ କଥା କେହୁ ଅସ୍ୱୀକାର କରି ପାରିବେ ନାହିଁ । କିନ୍ତୁ ତାଙ୍କର ଅନୁଯାୟୀମାନେ ? ...... ଏମାନେ ଯା' କରୁଛନ୍ତି, ତା' କରିବାକୁ ଖ୍ରୀଷ୍ଟ କହିଥିଲେ କି ? ଖ୍ରୀଷ୍ଟଙ୍କ ସମ୍ବନ୍ଧରେ ମହମ୍ମଦ ବି କହୁଛନ୍ତି—"ଖ୍ରୀଷ୍ଟ କଦାପି କ୍ରୁଶବିଦ୍ଧ ହୋଇ ନାହାନ୍ତି । ଏହା ଗୋଟାଏ ରୂପକ ମାତ୍ର—ଖ୍ରୀଷ୍ଟଙ୍କୁ କେହୁ ହତ୍ୟା କରି ପାରେ ନା ।" ଅନ୍ୟ ଧର୍ମର ପ୍ରତିଷ୍ଠାତା ମଧ୍ୟ ଖ୍ରୀଷ୍ଟଙ୍କ ପ୍ରତି ସହାନୁଭୂତିଶୀଳ । କିନ୍ତୁ ଏ ଧର୍ମର ଅନୁଯାୟୀ ...... ? ଅନେକେ କହନ୍ତି, ଇଂରେଜୀ ସଭ୍ୟତାର ଉପାଦାନ 'ତିନୋଟି ଧବ', ବାଇବଲ, ବୟୋନେଟ ଓ ବାଣ୍ଡି ।

ଆମେ ତ ପ୍ରାର୍ଥନା କରୁଁ, ଈଶ୍ୱର ସମସ୍ତଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ।

୫ । **Christian Scientist** : ଏହା ମାର୍କିନ ଦେଶର ଗୋଟାଏ ଧର୍ମ ସମ୍ପ୍ରଦାୟର ନାମ । ମିସେସ୍ ଏଡ଼ି ନାମ୍ନୀ ଜଣେ ମାର୍କିନ ମହିଳା ଏ ଦଳର ପ୍ରତିଷ୍ଠାତ୍ରୀ । ଏମାନଙ୍କ ମତ ଏହି ଯେ ରୋଗ, ଦୁଃଖ, ପାପ ଆଦି ମନର ଭ୍ରମ ମାତ୍ର । ସୁତରାଂ ମନୁଷ୍ୟର କୌଣସି ରୋଗ ନାହିଁ, ଏ କଥା ପ୍ରତି ଦୃଢ଼ ଆସ୍ଥା ଆସିଲେ, ମନୁଷ୍ୟ ରୋଗମୁକ୍ତ ହେବ । ଏମାନେ କହନ୍ତି, ସେମାନେହିଁ ପ୍ରକୃତରେ ଖ୍ରୀଷ୍ଟଙ୍କର ମତର ଅନୁସରଣ କରୁଛନ୍ତି । ଅଉ ତାଙ୍କର ବିଶ୍ୱାସ ଯେ ଖ୍ରୀଷ୍ଟ ଯେପରି ଅଲୌକିକ ଢଙ୍ଗରେ ଲୋକଙ୍କୁ ରୋଗମୁକ୍ତ କରୁଥିଲେ, ସେମାନେ ବି ସେପରି କରିବାକୁ ସମର୍ଥ ।

Digitized by srujanika@gmail.com

ଏପରି ନାନା ମତ, ନାନା ପନ୍ଥ ସଂସାରରେ ରହିଛି । ଏପରି ନାନା ପାଇଁ ଆମର ଆପତ୍ତି ନାହିଁ । କିନ୍ତୁ ନାନା ଯେ ପରସ୍ପରର ପ୍ରତି ଅସୂୟାର, ବିଦ୍ୱେଷର, ଘୃଣାର, କ୍ରୋଧର ବାତାବରଣ ସୃଷ୍ଟି କରୁଛି ମନୁଷ୍ୟ ବିଶ୍ୱାସବିହୀନ ହେବା ଫଳରେ, ସେ କଥା ଆମକୁ ଦୁଃଖ ଦେଉଛି । ମନୁଷ୍ୟ ଏପରି ଦୁଃଖର ଭାଗୀ ନ ହେଉ, ଏଥିପାଇଁ ସେହି ପରମ ଶକ୍ତି ମନୁଷ୍ୟଙ୍କୁ ଆଶୀର୍ବାଦ କରୁଛନ୍ତି ବେଦରେ—

ସମାନୋ ମନ୍ତ୍ରଃ ସମିତିଃ ସମାନୀ
ସମାନଂ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ
ସମାନେନ ବୋ ହବିଷା ଜୁହୋମି । (ଋଗ୍‌ବେଦ)

"ତୁମମାନଙ୍କର (ମନ୍ତ୍ରଃ) ବିଚାର ବା ଚିନ୍ତା ଏକ ହେଉ । ତୁମମାନଙ୍କର (ସମିତିଃ) ସଭା ବା ଚିନ୍ତା କରିବାର ସ୍ଥଳ ବା ଗୋଷ୍ଠୀ (ସମାନୀ) ସମସ୍ତଙ୍କର ପାଇଁ ଏକପ୍ରକାରର ହେଉ (ଅର୍ଥାତ୍ ତୁମେମାନେ ନାନା ଗୋଷ୍ଠୀରେ, ସମ୍ପ୍ରଦାୟରେ ବିଭକ୍ତ ନ ହୁଅ । କାରଣ ଏ ବିଭାଜନ ଶାନ୍ତିର କାରଣ, ସୁଖର କାରଣ, ମଙ୍ଗଳର କାରଣ ହେବ ନାହିଁ) । ତୁମମାନଙ୍କର (ମନଃ ସମାନଂ) ମନ ଏକ ହେଉ (ତୁମେମାନେ କୌଣସି ଗମ୍ଭୀର ବିଷୟରେ ବିଚାର କରିବା ବେଳେ ତୁମମାନଙ୍କର ମନ ଯେପରି ଏକଭାବରେ ବିଚାର କରିବାରେ ସ୍ଥିର ହେଉ) । ତୁମମାନଙ୍କ ଭିତରୁ କେହି ଯେପରି ଅନ୍ଧ ବିଶ୍ୱାସର ଗ୍ରାସ ହୋଇ ଚିନ୍ତା ଅଭି ବିଶ୍ୱାସର ସଂଘର୍ଷର କାରଣ ସିଦ୍ଧ ନ ହୁଅ । ତୁମମାନଙ୍କର (ଏଷାଂ ଚିତ୍ତ ସହ) ଚିତ୍ତ ବି ସମସ୍ତଙ୍କର ସଙ୍ଗରେ ରହୁ (ତୁମମାନଙ୍କ ମନ, ଯେ ପଦାର୍ଥକୁ ଗ୍ରହଣ କରିବ, ସେ ଯେପରି ସମାନଭାବରେ ଗ୍ରହଣ କରିପାରେ, ସେପରି ଭାବରେ

Digitized by srujanika@gmail.com

ତୁମେମାନେ ତୁମର ମନକୁ ସାମର୍ଥ୍ୟଯୁକ୍ତ କରାଅ, ଆଉ ତୁମର ଚିତ୍ତ ଯେ ମନ ଦ୍ୱାରା ଗୃହୀତ ବିଷୟକୁ ଚିନ୍ତା ଦ୍ୱାରା ଶୃଙ୍ଖଳିତ କରି ସ୍ଥାୟୀ କରି ରଖେ ଅବଶୀଠାରେ, ସେ ବି ସମାନ ହେଉ । ଅର୍ଥାତ୍ ତୁମେମାନେ ଗ୍ରହଣ କରିବାକୁ ଶିଖ ଆଉ ଚିନ୍ତା କରିବାକୁ ବି ଶିଖ ।
(ଖ) ତୁମ ସମସ୍ତଙ୍କୁ (ସମାନଃ ମନ୍ତ୍ରଃ) ଏକ ପ୍ରକାରର ଶବ୍ଦର ଦ୍ୱାରା (ଅଭିମନ୍ତ୍ରୟେ) ଯୁକ୍ତ କରୁଛି (ମୋ ପକ୍ଷରୁ ମୁଁ ଯାହା କରିବା କଥା କରୁଛି, ମୁଁ ନିରପେକ୍ଷ—ମୁଁ ହିନ୍ଦୁ ମୁସଲମାନ ଇସାଇ, ଏମିତି ଭେଦଭାବ କରେ ନା । ତୁମେ ନିଜର ଦୋଷରୁ ଚିନ୍ତା ଶକ୍ତି ହରାଇ ବସିବାକୁ ଦୁଷ୍ଟ ଲୋକଙ୍କର ସଙ୍କୀର୍ଣ୍ଣ ସ୍ୱାର୍ଥଜଡ଼ିତ, ବାସନାଯୁକ୍ତ ମତବାଦର ଗ୍ରାସ ହୋଇ ନିପୀଡ଼ିତ ହେଉଛ ।)
(ଗ) ତୁମସମସ୍ତଙ୍କୁ (ସମାନେନ ହବିଷା) ଏକପ୍ରକାରର ଭୋଗ ପଦାର୍ଥ (ଜୁହୋମି) ଦେଉଛି (ମୁଁ ତ ତୁମ ସମସ୍ତଙ୍କ ପାଇଁ ଏକ ପ୍ରକାର ଭୋଗ୍ୟ ପଦାର୍ଥ ଦେଉଛି, ତା' ଗ୍ରହଣ କରି ସମାନଭାବରେ ମନରେ ଶରୀରରେ ଆତ୍ମାରେ ପୁଷ୍ଟ ବଳିଷ୍ଠ ହେବାକୁ । ତୁମେମାନେ ତ ତାକୁ ବି ନିଜର ସଙ୍କୀର୍ଣ୍ଣ ଅନୁଦାର ସ୍ୱାର୍ଥ ବୁଦ୍ଧିରୁ ବାଣ୍ଟର କରି ତାରତମ୍ୟ କରିଛ । କିଏ ଖାଇବାକୁ ପାଉଛି ତ କିଏ ପାଉ ନାହିଁ; କିଏ ଦୁର୍ବଳ ତ କିଏ ସବଳ, କିଏ ମୂର୍ଖ ତ କିଏ ପଣ୍ଡିତ, ଏମିତି ଭେଦଭାବ କାହିଁକି ରଖିଛ ? ଏ ସବୁକୁ ଦୂର କର । ଏହାକୁ ଦୂର ନ କରି ପାରିଲେ ତୁମେମାନେ ସମାନଭାବରେ ବାଣ୍ଟର କରି ପାରିବ ନାହିଁ । ତୁମମାନଙ୍କର ସମିତି ସମାନ ହେବନାହିଁ, ତୁମମାନଙ୍କର ମନ ସମାନ ହେବନାହିଁ ତୁମମାନଙ୍କର ଚିତ୍ତ ସମାନ ହେବନାହିଁ । ଫଳତଃ ଏ ଅଭାବର ଫଳରେ ରାଷ୍ଟ୍ରରେ ଉତ୍ପାତ ଦେଖାଦେବ । ଅତଏବ ସାବଧାନ ହୁଅ—ଅନ୍ନ ସମସ୍ତଙ୍କୁ ସମାନ ଭୋଗ ଦେଇ ସମାନ ଚିନ୍ତା ଶକ୍ତିରେ ଯୁକ୍ତ ହୁଅ—ଅନ୍ଧ ବିଶ୍ୱାସର ପାଖ ମାଡ଼ ନା ।

Digitized by srujanika@gmail.com

ଏହି ଭଗବାନ, ଯେ ମନୁଷ୍ୟ ମାନଙ୍କୁ, ସ୍ୱେ ଯେ କୌଣସି ସ୍ଥାନରେ ଗୋଷ୍ଠୀର, ଜାତିର, ଦେଶର, ଧର୍ମର, ଲିଙ୍ଗର ହେଉନା କାହିଁକି ଏ ଉପଦେଶ ଦେଉଛନ୍ତି, ସେ କୋରାନର ଭଗବାନ ନୁହନ୍ତି— ସେ ବାଇବଲର ଭଗବାନ ନୁହନ୍ତି—ସେ ପୁରାଣର ଭଗବାନ ନୁହନ୍ତି। ସେ ଭଗବାନ ହେଉଛନ୍ତି 'ଈଶ୍ୱର' ଅର୍ଥାତ୍, ଜ୍ଞାନର, ଅନ୍ଧ ବିଶ୍ୱାସର ସେ ନୁହନ୍ତି—କୌଣସି ମତବାଦର ସେ ଭଗବାନ ନୁହନ୍ତି।

କିନ୍ତୁ ତୁମେ କ'ଣ କରିଛ ମୁସଲମାନ ଭାଇମାନେ ?— ତୁମେ ବି ନାନା ମତବାଦରେ ବିଭକ୍ତ ହୋଇଛ । କିପରି ? ସେ କଥା କହୁଛି—

୧ । ଏକ ଅଦ୍ଭୁତ ଶ୍ରେଣୀର ମୁସଲମାନ ସମ୍ପ୍ରଦାୟ ଅଛନ୍ତି ଏମାନେ ଏତେ ବେଶୀ ଅନ୍ଧବିଶ୍ୱାସୀ ଯେ କୌଣସି ଶିଶୁ ଜନ୍ମିବା ମାତ୍ରେ, ତାକୁ ପଥରେ ଫିଙ୍ଗି ଦେଇ କହନ୍ତି, ଯଦି ଅଲ୍ଲା ତା ତୁମକୁ ସୃଷ୍ଟି କରିଛି, ତେବେ ମର । ଆଉ ଯଦି ଅଲ୍ଲା ତୁମକୁ ସୃଷ୍ଟି କରିଛି, ତେବେ ବଞ୍ଚ । (ଅର୍ଥାତ୍ କୋରାନ୍‌ର ଈଶ୍ୱରଙ୍କ ପ୍ରତି ଏମାନଙ୍କର ବିଶ୍ୱାସ ନାହିଁ । ତାଙ୍କର ବିଶ୍ୱାସ, ଯା' କିଛି ସଂସାରରେ ହେଉଛି, ତା' ମନୁଷ୍ୟ ଦ୍ୱାରାହିଁ ହେଉଛି—ଈଶ୍ୱରଙ୍କ ଏଥିରେ କୌଣସି କର୍ତ୍ତୃତ୍ୱ ନାହିଁ । ମନୁଷ୍ୟ ନିଜେ ସନ୍ତାନ ସୃଷ୍ଟି କରୁଛି—ଈଶ୍ୱର ନୁହେଁ । ଅତଏବ ତାଙ୍କପ୍ରତି ବୃଥା ଆସ୍ଥା ଅନାବଶ୍ୟକ । ଏମାନଙ୍କର କହିବା କଥା ଯେ, ଦେଖିବା କିପରି ଈଶ୍ୱର ଶିଶୁକୁ ସୃଷ୍ଟି କରୁଛି । ଯଦି ଈଶ୍ୱର ତାକୁ ସୃଷ୍ଟି କରିଛି, ତେବେ ଆମେ ତାକୁ ତ୍ୟାଗ କରୁଛୁ ? ତାର ଲାଳନପାଳନ କରିବୁ ନାହିଁ । ସେ କିପରି ତାକୁ ବଞ୍ଚାଇବ, ଦେଖିବା, ଏହି ଭାବନାରେ ସେମାନେ ପଥରେ ଶିଶୁକୁ ତ୍ୟାଗ କରନ୍ତି) ।

Digitized by srujanika@gmail.com

୨ । ବାବିପନ୍ଥ—(Babists) ଏ ପନ୍ଥ ପାରସ୍ୟରେ ସୃଷ୍ଟି । ଏମାନଙ୍କୁ (Babists) ଲୁହାପାଏ ଇଂରେଜୀରେ 'ବାବ-ପନ୍ଥୀ' ବୋଲି ବି କହନ୍ତି । ୧୮୪୪-୧୮୪୫ ଖ୍ରୀଷ୍ଟାବ୍ଦରେ ମିର୍ଜା ଅଲି ମହମ୍ମଦ ନାମରେ ଜଣେ ପଚିଶ ବର୍ଷୀୟ ଯୁବକଦ୍ୱାରା ଏ ନୂତନ ସମ୍ପ୍ରଦାୟର ସୃଷ୍ଟି । ସେମାନେ କହନ୍ତି ମହମ୍ମଦଙ୍କ ଭଗବାନ ପ୍ରେରିତ ବ୍ୟକ୍ତି ଓ କୋରାନକୁ ଭଗବାନଙ୍କ ବାଣୀ ବୋଲି ସ୍ୱୀକାର କଲେ ମଧ୍ୟ କୋରାନ ଯେ ଭଗବାନଙ୍କ ଅନ୍ତିମ ବାଣୀ ଏ କଥା ସ୍ୱୀକାର କରନ୍ତି ନାହିଁ । ସେମାନେ କହନ୍ତି, ଭଗବାନଙ୍କ ବାଣୀ କୋରାନ୍ ମଧ୍ୟରେ କେବଳ ସୀମିତ ନୁହେ—ତା' ଅନ୍ତର ଅସ୍ତୁତ । (ଏମାନଙ୍କର ଏ ମତବାଦରେ ଅସନ୍ତୁଷ୍ଟ ହୋଇ ୧୮୫୦ ସାଲରେ ପାରସ୍ୟ ସରକାର ତାଙ୍କୁ ସର୍ବସମକ୍ଷରେ ଗୁଳି କରି ହତ୍ୟା କଲେ । ଏହାଙ୍କର ମୃତ୍ୟୁ ପରେ ଏହାଙ୍କର ମତାବଲମ୍ବୀମାନେ ପୁଣି ଦୁଇ ଭାଗରେ ବିଭକ୍ତ ହେଲେ । ଗୋଟାଏ ଦଳର ନାମ ହେଲା 'ଅଜାଲି' ଅନ୍ୟ ଦଳଟି 'ବହାଇ' । ବହାଇମାନେ ପାଶ୍ଚାତ୍ୟ ଦେଶମାନଙ୍କରେ ଆଉ ଭାରତବର୍ଷରେ ଧର୍ମ ପ୍ରଚାର କଲେ । ଭାରତବର୍ଷରେ ଧର୍ମ-ବିଦ୍ୱେଷିତା ବା ଅସହିଷ୍ଣୁତା ନାହିଁ । ତେଣୁ ଏମାନଙ୍କ ମଧ୍ୟରୁ କାହାରିକୁ ହତ୍ୟା କରାଯାଇ ନାହିଁ ।)

୩ । ପାର୍ସି—ଏମାନେ ପ୍ରାଚୀନ ଅବରବାସୀ । ଏକ ସମୟରେ ଏମାନଙ୍କର ସଂଖ୍ୟା ଥିଲା ପ୍ରାୟ ୧୦ କୋଟି । ଆରବୀୟମାନେ ଏମାନଙ୍କର ମଧ୍ୟରୁ ଅଧିକାଂଶଙ୍କୁ ପରାଜିତ କଲେ ଆଉ ହତ୍ୟା କଲେ; ଆଉ ଯେଉଁମାନେ ମୁସଲମାନ ହେଲେ, ବଞ୍ଚିଲେ । ଅଳ୍ପ କେତେଜଣ ସେମାନଙ୍କର ଧର୍ମଗ୍ରନ୍ଥ ନେଇ ପଳାଇ ଗଲେ । ଆଜି ସେହି ଗ୍ରନ୍ଥ ବଳରେ ସେମାନେ ଏ ପର୍ଯ୍ୟନ୍ତ ଜୀବିତ । ହିନ୍ଦୁମାନଙ୍କ

Digitized by srujanika@gmail.com

ପର ଏମାନେ ମଧ୍ୟ ହୋମ ଯଜ୍ଞର ପକ୍ଷପାତୀ । (କେତେକ ଐତିହାସିକଙ୍କର ମତ ଯେ ଏମାନେ ହିନ୍ଦୁମାନଙ୍କର ଏକ ଶାଖା । ଭାରତବର୍ଷରୁ ଅଫଗାନ ଯେତେବେଳେ ପୃଥିବୀର ଅନ୍ୟ ସ୍ଥଳକୁ ବିଚ୍ଛିନ୍ନ ହୋଇ ପଡ଼ିଲେ, ସେତେବେଳେ ହିନ୍ଦୁଙ୍କ ଦଳଟି ଯାଇ ପାରସ୍ୟରେ ବସବାସ କଲେ, ସେଇମାନେ ଏହି ପାର୍ସି । ତେଣୁ ଏମାନଙ୍କ ମଧ୍ୟରେ ଅନେକଟା ହିନ୍ଦୁର ସଂସ୍କାର ରହିଛି) ।

୪ । ସୁଫୀ ସଂପ୍ରଦାୟ—ଏମାନେ ଜୀବାତ୍ମାକୁ ପରମାତ୍ମାଙ୍କ ସହିତ ଅଭିନ୍ନ ଜ୍ଞାନ କରନ୍ତି ଭାରତବର୍ଷର ଅଦ୍ୱୈତ ବ୍ରହ୍ମବାଦୀମାନଙ୍କ ପର । ଏମାନଙ୍କର ମନ୍ତ୍ର ହେଉଛି—'ଅନଲ ହକ୍' (ମୁହିଁ ସତ୍ୟ ସ୍ୱରୂପ) । ଅଦ୍ୱୈତବାଦୀମାନଙ୍କର 'ଅହଂ ବ୍ରହ୍ମାସ୍ମି' (ମୁଁ ବ୍ରହ୍ମ ସ୍ୱରୂପ) ସଙ୍ଗରେ ଏହା ସମାନ । ୮୨୦ ଖ୍ରୀଷ୍ଟାବ୍ଦରେ 'ଅବୁ ସୟଦ' ଅବୁଲ୍ ଖେର୍'ଙ୍କ ଦ୍ୱାରା ଏହା ପ୍ରତିଷ୍ଠିତ । ଏହି ସମ୍ପ୍ରଦାୟର ମର୍ମ ସହିତ ମହମ୍ମଦଙ୍କ ଶିକ୍ଷା ଅପେକ୍ଷା ବେଦାନ୍ତର ଅଦ୍ୱୈତବାଦର ଅଧିକ ମେଳ ଅଛି । ଏମାନଙ୍କ ବିଶ୍ୱାସ, ମନୁଷ୍ୟ ପ୍ରେମର ମାଧ୍ୟମରେ ଈଶ୍ୱରଙ୍କୁ ପ୍ରାପ୍ତ ହୁଏ—ଅର୍ଥାତ୍ ତାଙ୍କଠାରେ ଲୀନ ହୋଇଯାଏ । ଆଉ ଭଗବାନଙ୍କଠାରେ ଲୀନ ହେବା ପାଇଁ ଏମାନେ ସାଧନାଦର ଉପଦେଶ ଦିଅନ୍ତି । ତ୍ୟାଗ ଆଉ ବୈରାଗ୍ୟ ଏମାନଙ୍କ ଉପଦେଶର ସାର କଥା । (ଅନେକଙ୍କର ମତ ଯେ ଭାରତୀୟ ବେଦାନ୍ତର ପ୍ରଭାବରେ ଏ ସମ୍ପ୍ରଦାୟର ଉତ୍ପତ୍ତି । ମୁସଲମାନମାନଙ୍କ ଭାରତ ବିଜୟ ପରେ, ଭାରତବାସୀଙ୍କ ନିକଟ ସଂସର୍ଗରେ ଆସିବା ଫଳରେ ଏମାନଙ୍କର ଏରୂପ ମତର ସୃଷ୍ଟି ହୋଇଥିଲା । ଶିକ୍ଷିତ ମୁସଲ୍‌ମାନମାନେ ପ୍ରାୟ ସମସ୍ତେ ସୁଫୀ । ଏମାନେ ଗୋମାଂସ ଭକ୍ଷଣ କରନ୍ତି ନାହିଁ) ।

Digitized by srujanika@gmail.com

ଏ ସଂପ୍ରଦାୟ ହିନ୍ଦୁ ଧର୍ମର କେତେ ନିକଟବର୍ତ୍ତୀ, ଦେଖନ୍ତୁ । ପ୍ରାଚୀନ ପାରସ୍ୟ ଦେଶୀୟ ଗୋଟାଏ କବିତାର ଭାବ ଏହିପରି—"ମୁଁ ପ୍ରେମାସ୍ପଦଙ୍କ ନିକଟକୁ ଗଲି; ଦେଖିଲି ତାଙ୍କର ଗୃହଦ୍ୱାର ରୁଦ୍ଧ । ମୁଁ ଦ୍ୱାରରେ କରାଘାତ କଲି । ଭିତରୁ ଗୋଟାଏ ସ୍ୱର କହିଲା—'କିଏ' । ମୁଁ ଉତ୍ତର ଦେଲି—'ମୁଁ' । ଦ୍ୱାର ଖୋଲିଲା ନାହିଁ । ମୁଁ ଦ୍ୱିତୀୟ ଥର ଅପି କରାଘାତ କଲି । ସେ ସ୍ୱର ପୁଣି କହିଲା—'କିଏ' । ମୁଁ ପୁଣି ଉତ୍ତର ଦେଲି—'ମୁଁ ଅମୁକ' । ତଥାପି ଦ୍ୱାର ଖୋଲିଲା ନାହିଁ । ତୃତୀୟ ଥର ଅପି କରାଘାତ କଲି । ସେ ସ୍ୱର ପୁଣି ପ୍ରଶ୍ନ କଲା । ସେତେବେଳେ ମୁଁ ଉତ୍ତର ଦେଲି—'ହେ ପ୍ରିୟତମ ! ମୁଁ ଯେ ତୁମେ ସେ । ତୁମେ ଯେ ମୁଁ ସେ' । ସେତେବେଳେ ଦ୍ୱାର ଖୋଲିଲା ।

୫ । ହାଶାଶିନ୍—ଏ ଗୋଟାଏ ବଡ଼ିଆ ପ୍ରାଚୀନ ମୁସଲମାନ ସଂପ୍ରଦାୟ । ଏ ସଂପ୍ରଦାୟର ଲୋକଙ୍କର ମତ ଯେ, ଏମାନଙ୍କର ଧର୍ମର ଏହା ଅଙ୍ଗ ଯେ, ଯେ ଅନ୍ୟଧର୍ମାବଲମ୍ବୀ (ଯାକୁ ଏମାନେ କାଫିର ବୋଲି କହନ୍ତି) ଅର୍ଥାତ୍ ଯେ ଅବିଶ୍ୱାସୀ, ତାକୁ ହତ୍ୟା କରିବା—ଏପରି ହତ୍ୟା କଲେ ପୁଣ୍ୟ ହୁଏ । ଏମାନଙ୍କର ଧର୍ମର ଏହାହିଁ ଲକ୍ଷଣ—ଯେ ତାଙ୍କର ମତ ଗ୍ରହଣ ନ କରେ, ତାକୁ ହତ୍ୟା କରିବା ପୁଣ୍ୟ—ପୁଣ୍ୟ କରିବାର ଆଉ ଅନ୍ୟ କୌଣସି ମାର୍ଗ ନାହିଁ । ('ହାଶାଶିନ' ଶବ୍ଦରୁ ଇଂରେଜୀ assassin (ହତ୍ୟାକାରୀ) ଶବ୍ଦର ସୃଷ୍ଟି । ହାଶାଶିନ ଶବ୍ଦର ଅର୍ଥ ହାଶିଶ୍ ଅର୍ଥାତ୍ ଭକ୍ଷକ । 'ହାଶିଶ୍' ଗୋଟାଏ ପ୍ରକାରର ମଦର ନାମ । ଏ ସଂପ୍ରଦାୟର ଲୋକେ ଏ ମଦ ପାନ କରି ହତ୍ୟା-କାର୍ଯ୍ୟରେ ପ୍ରବୃତ୍ତ ହେଉଥିଲେ ବୋଲି ଏମାନଙ୍କର ଏରୂପ ନାମକରଣ ହୋଇଛି । ଏ ସଂପ୍ରଦାୟ

Digitized by srujanika@gmail.com

ମନୁଷ୍ୟର ଆଚରଣ ଉପରେ ନିର୍ଭର କରେ । ମନୁଷ୍ୟର ଆଚରଣର ଶୁଦ୍ଧତା ମନୁଷ୍ୟର ଧ୍ୟେୟ ଉପରେ ନିର୍ଭର କରେ । ଏପରି ଧ୍ୟେୟ ଯୁକ୍ତ, ଆଚରଣ ଯୁକ୍ତ ମନୁଷ୍ୟର ମିଳନ ଆବଶ୍ୟକ । ଆଉ ଏଥିପାଇଁ ଯେ ମନ ଆବଶ୍ୟକ, ସେ ଉତ୍ତମ କଥାକୁ ଗ୍ରହଣ କଲେ ସିନା ଶୁଦ୍ଧ ହେବ; ଆଉ ଏଥିପାଇଁ ଯେ ଉତ୍ତମ ହୃଦୟ ଆବଶ୍ୟକ, ତାହା ଚିନ୍ତାଶୀଳ ହେଲେ ତ ଅନ୍ଧ ବିଶ୍ୱାସକୁ ଛାଡ଼ି ଉତ୍ତମ ହୋଇ ପାରିବ । ଈଶ୍ୱର କହୁଛନ୍ତି—ହେ ମନୁଷ୍ୟ ଅନ୍ଧବିଶ୍ୱାସୀ ହୁଅ ନା—ଚିନ୍ତାଶୀଳ ହୁଅ, ତର୍କବାନ ହୁଅ । ତୁମ୍ଭର ଅନ୍ୟ ନାମ 'ନର' । କାରଣ ତୁମେ 'ନ ରମତେ ଇତି ନରଃ'—ତମେ ବିଷୟରେ ଆସକ୍ତ ହୁଅ ନାହିଁ ବୋଲି ତମେ ନର । ତୁମେ ମନନ କରିବାର ଶକ୍ତିସମ୍ପନ୍ନ ବୋଲି, ତମେ ମନୁଷ୍ୟ । ତମେ ନାନା ଅନ୍ଧ ବିଶ୍ୱାସରୁ ଜାତ କୌଣସି ସମ୍ପ୍ରଦାୟରେ ସଂପୃକ୍ତ ହୁଅ ନାହିଁ । ତମେ ମନୁଷ୍ୟ ହୁଅ—କେବଳ ମନୁଷ୍ୟ ; ହୁଅ ଅର୍ଥାତ୍ ଚିନ୍ତାଶୀଳ ହୁଅ, ଅନ୍ଧବିଶ୍ୱାସୀ ହୁଅ ନା ।

ଭାରତବର୍ଷର ବେଦ-ଧର୍ମ, ଜ୍ଞାନର ଧର୍ମ, ଏ କଥା କହୁଛୁ । ଏ ଧର୍ମ ଧର୍ମର ବାସ୍ତବ ଅର୍ଥରେ ଧର୍ମ ନା ସମ୍ପ୍ରଦାୟ; ବିଚାରଶୀଳ ମନୁଷ୍ୟମାନେ ଏ କଥା ବିଚାର କରିବେ ।

ପକ୍ଷୀ ମନୁଷ୍ୟର ମସ୍ତକରେ ପଡ଼ିଲେ ରାଜ୍ୟ ଲାଭ ହୁଏ, ହସ୍ତରେ ଐଶ୍ୱର୍ଯ୍ୟ, କର୍ଣ୍ଣରେ ଭୂଷଣ, ଚକ୍ଷୁରେ ବନ୍ଧୁ ଦର୍ଶନ, ନାସାରେ ସୁଗନ୍ଧ, ମୁଖରେ ମିଷ୍ଟାନ୍ନ, ଗଣ୍ଡଦେଶରେ ବସ୍ତ୍ର ସୁପାତ୍ର, ସ୍ତନରେ ସୌଭାଗ୍ୟ, ବକ୍ଷ ସ୍ଥଳରେ ସୁଖ, ପୃଷ୍ଠରେ ଭୂମି, ପାର୍ଶ୍ୱରେ ବନ୍ଧୁ ଦର୍ଶନ, କଟିରେ ବସନ, ହୃଦୟରେ ମୃତ୍ୟୁ, ଊରୁରେ ବନ୍ଧନ, ଜାନୁଜଙ୍ଘରେ ଅର୍ଥହାନି, ଦକ୍ଷିଣାଙ୍ଗରେ ମିତ୍ର ଲାଭ, ବାମାଙ୍ଗରେ ଅଶୁଭ ହୁଏ । ଭାରତବର୍ଷର କେଉଁ ମହାତ୍ମା, କେଉଁ ମନୀଷୀ, କେଉଁ

Digitized by srujanika@gmail.com

ଅଗ୍ରୁପି, କୌଣ୍ଡି. ଋଷି ମୁନି ଏ ମହାବାକ୍ୟ (?) ପ୍ରଚାର କଲେ ଆମେ ଜାଣୁ ନା । ଏଥିପାଇଁ କି ଯୁକ୍ତି ଅଛି ତା' ବି ଆମକୁ ଅଜଣା । ଆମକୁ ଯେତେବେଳେ ଯୁକ୍ତି ଜଣା ନାହିଁ, ସେତେବେଳେ ତାର ପ୍ରତିଯୁକ୍ତି କରିବାକୁ ସୁଦ୍ଧା ଆମେ ଅସମର୍ଥ । ଆମେ କେବଳ ଏତିକି ଏଠାରେ କହିବୁଂ ଯେ ଆମର ହୃନ୍ମୂରେ ପକ୍ଷୀ ପଡ଼ିଲେ ସୁଦ୍ଧା ଆମର ମୃତ୍ୟୁ ହୋଇ ନାହିଁ—ଆମେ ବଞ୍ଚି ରହିଛୁ । ଆଜି ବଞ୍ଚି ରହିଛୁ ବୋଲି ଏହି କେତେ ପଂକ୍ତି ଆମେ ଲେଖିବାକୁ ସମର୍ଥ ହୋଇଛୁଁ ।

ଏ ସମସ୍ତ ବିଶ୍ୱାସ କଣ ଯଥାର୍ଥରେ ଚିନ୍ତାର ପରିଣାମ ? ?

ପୁଣି ଦେଖନ୍ତୁ, ବାମଚକ୍ଷୁର ଅଧୋଭାଗର ଅଧୋସ୍ଥାନ ସ୍ଫୁରିଲେ ଅଙ୍ଗପୀଡ଼ା ହୁଏ, ଊର୍ଦ୍ଧ୍ୱସ୍ଥାନ ସ୍ଫୁରିଲେ ହାନି, ନେତ୍ର ପ୍ରାନ୍ତ ସ୍ଫୁରିଲେ ଧନ ହାନି, କୋଣ ସ୍ଫୁରିଲେ ବନ୍ଧୁନାଶ, ଦକ୍ଷିଣ ଚକ୍ଷୁର ଅଧୋଭାଗରେ ଅଧସ୍ଥାନ ସ୍ଫୁରିଲେ ସୁଖଭୋଗ, ଊର୍ଦ୍ଧ୍ୱରେ ସ୍ଫୁରିଲେ ସମ୍ମାନ ଲାଭ, ନେତ୍ର ପ୍ରାନ୍ତ ସ୍ଫୁରିଲେ ଧନ ଲାଭ, କୋଣରେ ସ୍ଫୁରିଲେ ବନ୍ଧୁଲାଭ ହୁଏ । ଏ ସମସ୍ତ ଲାଭ ବା ଅଲାଭ ହୁଏ କି ନା ଆମକୁ ଅଜଣା । କିନ୍ତୁ ଚକ୍ଷୁ ଘନ ଘନ ସ୍ଫୁରିଲେ ରୋଗ ହୁଏ, ଏ କଥା ଆମକୁ ଜଣା । ବାତ ରୋଗର ଏହା ଏକ ପୂର୍ବ ଲକ୍ଷଣ, (ଏ ସମ୍ବନ୍ଧରେ ଲେଖକର ନିଜର ଅନୁଭୂତି ଅଛି) ।

ଏପରି କେତେ ଗୁଡ଼ାଏ କଥାକୁ ଶ୍ଲୋକବଦ୍ଧ କରି ମନୁଷ୍ୟର ମନରେ ଏ ସଂସ୍କାର ଦେବାର ଚେଷ୍ଟା କରାଯାଇଛି ଯେ ଏହା ଯେପରି ଭାରତବର୍ଷର କୌଣସି ପ୍ରାଚୀନ ମୁନି ଋଷିଙ୍କ ବାଣୀ ଏହା ଆର୍ଷ ଜ୍ଞାନ । (?)

Digitized by srujanika@gmail.com

ଏକାଦଶ ଶତାବ୍ଦୀରେ ସିରିଆରେ ପ୍ରଚଳିତ ଥିଲା । ଏମାନେ ଆପଣାର ନେତାର ଆଦେଶାନୁସାରେ ବହୁ ଗୁପ୍ତ ହତ୍ୟା କରୁଥିଲେ) ।

ଏହି କେତୋଟି ସମ୍ପ୍ରଦାୟ ଛଡ଼ା ସିଆ, ସୁନ୍ନି ଆଦି ଆହୁରି ଅନେକେ ମତବାଦରେ ଏ ଧର୍ମ ବିଭକ୍ତ ।

ଏପରି ନାନା ମତବାଦରେ ବିଭକ୍ତ ହେବା ଫଳରେ ଅନ୍ୟୋନ୍ୟ କଥା ତ ଛାଡ଼ନ୍ତୁ, ମୁସଲମାନମାନଙ୍କର ମଧ୍ୟ ମଙ୍ଗଳ ହୋଇ ଥିବାର ଦୃଷ୍ଟି ଗୋଚର ହୁଏ ନା । ଔରଙ୍ଗଜେବଙ୍କ ହିନ୍ଦୁବିଦ୍ୱେଷ ଫଳରେ ମୁସଲମାନମାନଙ୍କ ସଂଖ୍ୟା ବଢ଼ିଛି ନା କମିଛି ? ଆଉ ଯଦି ବଢ଼ିଛି ତା' କଣ ଯଥାର୍ଥରେ 'ଧର୍ମ' ହୋଇ ବଢ଼ିଛି ? ଔରଙ୍ଗଜେବ ବହୁଲେ ଚିରକାଳ ତାଙ୍କର ସମ୍ପ୍ରଦାୟକୁ ଚିରଂଜୀବ କରି ରଖିପାରି ପାରି ?

ତେଣୁ, ଏ କଥା ଧରାଯାଇପାରେ ସୁସ୍ପଷ୍ଟ ଯେ କୌଣସି ବ୍ୟକ୍ତି ବିଶେଷର ମତବାଦ ଶାନ୍ତିର କାରଣ, ମଙ୍ଗଳର କାରଣ ହୋଇ ପାରେ ନା, ଅନ୍ୟକୁ ହତ୍ୟା କରିବା କଦାପି ଶାନ୍ତିର କାରଣ ତ ନୁହେ । ହତ୍ୟା ଅବଶ୍ୟକ ଦୁଷ୍ଟକୁ ହତ୍ୟା କରିବା ପାଇଁ—ଶାନ୍ତ ଶିଷ୍ଟ ଜନତାକୁ ନୁହେ । ମନୁଷ୍ୟର ଏପରି ହତ୍ୟା—ପ୍ରବୃତ୍ତି ଅନ୍ଧବିଶ୍ୱାସର ପରିଣାମ—ଅନ୍ୟ କିଛି ନୁହେ । ମନୁଷ୍ୟ ବିଗୁରକ ହେଲେ ବିଗୁର କରି ହତ୍ୟା କରିବ—ତାହାର ମତକୁ ବିଶ୍ୱାସ କରି ନୁହେ । ଆଜି ସେତେବେଳେ ସେ ହେବ ବିଗୁରପତି, ଏହାର ଅନ୍ୟଥା ହେଲେ, ସେ ହେବ ଅତତାୟୀ ।

Digitized by srujanika@gmail.com

ଏପରି ଦୁଃଖର ଭାଗୀ ମନୁଷ୍ୟ ନ ହେଉ, ଏଥିପାଇଁ ଈଶ୍ୱର ବେଦରେ ମନୁଷ୍ୟଙ୍କୁ ଆଶୀର୍ବାଦ କରୁଛନ୍ତି—

ସମାନୀବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ॥ (ଋଗ୍‌ବେଦ)

(ବଃ ଆକୂତି) ତୁମମାନଙ୍କର ଧ୍ୟେୟ (ବଃ ହୃଦୟାନି) ତୁମ ସମସ୍ତଙ୍କର ହୃଦୟ (ବଃ ମନଃ) ତୁମ ସମସ୍ତଙ୍କର ମନ (ସମାନ ଅସ୍ତୁ) ସମାନ ହେଉ । (ଯଥା) ଫଳତଃ (ବଃ) ତୁମମାନଙ୍କର ଆଚରଣ (ସହ ସୁ ଅସିତ) ସମାନ ହେବ ।

ମନୁଷ୍ୟର ଆଚରଣ ଶୁଦ୍ଧ ହେବାକୁ ଈଶ୍ୱର ଚାହାନ୍ତି । ଆଚରଣ ଶୁଦ୍ଧି କିପରି ହେବ ? ମନୁଷ୍ୟ ଆପଣାର ଇନ୍ଦ୍ରିୟଗଣଙ୍କର ଦ୍ୱାରା ଶୁଦ୍ଧ ବିଷୟ ଗ୍ରହଣ କଲେ ମନୁଷ୍ୟର ମନ ଶୁଦ୍ଧ ହେବ, ଅର୍ଥାତ୍ ମନୁଷ୍ୟ ଶୁଦ୍ଧ ପଦାର୍ଥ ଦେଖିବ, ଶୁଦ୍ଧ ପଦାର୍ଥ ଶୁଣିବ, ଶୁଦ୍ଧ ପଦାର୍ଥ ଶୁଣିବ, ଶୁଦ୍ଧ ପଦାର୍ଥ ସ୍ପର୍ଶ କରିବ, ଶୁଦ୍ଧ ପଦାର୍ଥ ସୁଙ୍ଘିବ, ଏହି ପଞ୍ଚେନ୍ଦ୍ରିୟ ଦ୍ୱାରା ମନୁଷ୍ୟ ଶୁଦ୍ଧ ପଦାର୍ଥ ଗୁଡ଼ିକୁ କେବଳ ଗ୍ରହଣ କରିବ । କେବଳ ମନ ଶୁଦ୍ଧ ହେଲେ ତ ଚଳିବ ନାହିଁ । ମନ ଯେଉଁ ଶୁଦ୍ଧ ପଦାର୍ଥର ବିଚାର ପାଇଁ ହୃଦୟ ପାଖକୁ ପଠାଇବ, ସେ ବି ଶୁଦ୍ଧ ହେବ । ହୃଦୟ କିପରି ଶୁଦ୍ଧ ହେବ ? ମନ ପଠାଇଥିବା ବିଷୟକୁ ବିଚାର କରିବାରେ ସେ ଅବ୍ୟସ୍ତ ରହିଲେ ସେ ଶୁଦ୍ଧ ହେବ ନଦୀର ପ୍ରବାହ ପରି । କାରଣ ନଦୀର ପ୍ରବାହ ସର୍ବଦା ଚଳମାନ ବୋଲି ସେ ଶୁଦ୍ଧ । ନଦୀ ଜଳ ଅବଦ୍ଧ ନୁହେ ବୋଲି ସେ ଶୁଦ୍ଧ । ହୃଦୟ ଶୁଦ୍ଧ ହେଲେ ମନୁଷ୍ୟର ଯେ ଧ୍ୟେୟ, ସେ ବି ଶୁଦ୍ଧ ହେବ । ଏପରି ଶୁଦ୍ଧ ମନ, ହୃଦୟ, ଆଚରଣ, ଫଳତଃ ଧ୍ୟେୟ ଯୁକ୍ତ, ମନୁଷ୍ୟ ସମାଜର କଥା ଈଶ୍ୱର କହୁଛନ୍ତି । ମନୁଷ୍ୟର ଧ୍ୟେୟର ଶୁଦ୍ଧତା

Digitized by srujanika@gmail.com

ସମଗ୍ର ପୃଥିବୀର ଅତି ପ୍ରାଚୀନ ଅବ ଭାଷା ସଂସ୍କୃତ ପ୍ରତି ଆମମାନଙ୍କ ମନରେ ଯଥେଷ୍ଟ ଶ୍ରଦ୍ଧା ସମ୍ମାନ ରହିଛି । ଏହେତୁ ଏ ଭାଷା ଆମ ଦେଶର, ତା' ପରେ ଏ ଦେବଭାଷା ଅର୍ଥାତ୍ ଦିବ୍ୟଭାଷା ଭାବରେ ପ୍ରସିଦ୍ଧ । ଅଉ ଏ ଦେଶରେ ପ୍ରାଚୀନ କାଳରେ ଏ ଦେଶର ମୁକ୍ତଚିନ୍ତି ମନୀଷୀମାନେ ଏ ଭାଷାର ମାଧ୍ୟମରେ ହିଁ ନିଜର ଅମୃତ ବାଣୀର ବର୍ଷଣ କରୁଥିଲେ । ତା'ପରେ ପୃଥିବୀ ଅଦ୍ୟତମ ଗ୍ରନ୍ଥ ଏ ଭାଷାରେ ନିର୍ମିତ; ତା ହେଉଛି 'ବେଦ' । ଫଳତଃ ଶ୍ଳୋକବଦ୍ଧ କୌଣସି କଥାକୁ ଆମେ ପରମ ଶ୍ରଦ୍ଧାର ସହିତ ବିଶ୍ୱାସ କରି ଥାଉଁ—ବିଚାର କରି ବିଶ୍ୱାସ କରୁ ନା' । ଫଳତଃ ଆମର ଏ ଦୁର୍ବଳ ସୁଯୋଗର ସୁବିଧା ନେଇ କେତେ ଅନ୍ଧବିଶ୍ୱାସୀ ପ୍ରାଣୀ ଏପରି ଶ୍ଳୋକ ରଚନା କରି ଯାଇଥାନ୍ତି । ତେବେ ସିନା ଆପଣ ପଲ୍ଲୀ ପତନରେ ବା ଚକ୍ଷୁ-ସ୍ଫୁରଣରେ ଅମଙ୍ଗଳର ଆଶଙ୍କା କରି ଏମାନଙ୍କୁ ଡାକିବେ ତାଙ୍କର ସ୍ୱାର୍ଥର ସାଧନ କରିବାକୁ, ଅନ୍ନବସ୍ତ୍ର ଦାନ କରିବାକୁ ।

ମନୁଷ୍ୟ ମନର ସଂସ୍କାର ଉପରେ ମନୁଷ୍ୟର ସବଳତା ଦୁର୍ବଳତା ନିର୍ଭର କରେ । ଏହାର କାରଣ ଏହି ଯେ 'ସଂସ୍କାର' ମାନସିକ ପଦାର୍ଥ । ଅଉ ମନୁଷ୍ୟ ସାଧାରଣତଃ ମନର ଇଙ୍ଗିତା-ନୁସାରେ କର୍ମ କରେ । ଅଉ ଏ ମନ ମସ୍ତିଷ୍କର ଗୁଣ ବିଶେଷ । ଅଉ ଏ ମସ୍ତିଷ୍କ ଶରୀର-ଶୃଙ୍ଖଳାର ଶକ୍ତି-ଭଣ୍ଡାର ବା ଶକ୍ତିର କେନ୍ଦ୍ରସ୍ଥଳ । ତେଣୁ ମନୁଷ୍ୟର ମାନସିକ ସଂସ୍କାର ଯଦି ମଳିନ ହୁଏ, ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୁଏ, ମନୁଷ୍ୟର ମନରେ ସର୍ବଦା ଭୟ ଆଶଙ୍କା, ଦୁଶ୍ଚିନ୍ତା, ଉତ୍ସାହହୀନତା ଅବ ମାନସିକ ଦୁର୍ଗୁଣ ଦେଖା ଦେବ । ଏପରି ଦୁର୍ଗୁଣ ଦ୍ୱାରା ମନୁଷ୍ୟ ଅଜାନ୍ତ ହେଲେ ସେ

Digitized by srujanika@gmail.com

କଦାପି ତାର ସ୍ୱଗୁଣର ବିକାଶ କରି ପାରିବ ନାହିଁ, ସେ ଯେତେ ବଡ଼ ବିଦ୍ୱାନ ହେଉ, ଦୁର୍ବଳ ହେବ, ସେ ଯେତେ ବଡ଼ ଜ୍ଞାନୀ ହେଉ, ଦୁର୍ବଳ ହେବ, ସେ ଯେତେ ବଡ଼ ଚିନ୍ତାଶୀଳ ହେଉ, ଦୁର୍ବଳ ହେବ, ଏପରିକି ତାର ପ୍ରାଣହାନି ବି ଘଟିବ । ଅସ୍ତିତ୍ୱହୀନ ଭୂତପ୍ରେତାଦି ସମ୍ପର୍କରେ ଯେଉଁମାନଙ୍କର ଅନ୍ଧବିଶ୍ୱାସ ରହିଛି, ସେ ଅନ୍ଧକାରରେ ସାମାନ୍ୟ କୌଣସି ଶବ୍ଦରେ ମଧ୍ୟ ଭୟ କରି ଉଠିବେ । ଏପରି ଭୟର ପ୍ରାବଲ୍ୟ ଯଦି ଅତ୍ୟଧିକ ହୁଏ, ତାର ମୃତ୍ୟୁ ଘଟିବାରେ ଅସମ୍ଭବତା ତ ନାହିଁ । ମିଥ୍ୟା ଭୟରେ ମୃତ୍ୟୁ ଏ କଣ କମ୍ ଦୁଃଖର ବିଷୟ ! ଜଡ଼ ପଦାର୍ଥରେ ଜୀବନପ୍ରଦ ଶକ୍ତିର ଆରୋପ, ସେ ଶକ୍ତି ପୁଣି ମନୁଷ୍ୟ ଖାଦକ, ଏପରି ଅନ୍ଧବିଶ୍ୱାସ, ସେ ଅନ୍ଧବିଶ୍ୱାସ ପୁଣି ମୃତ୍ୟୁର କାରଣ, ଏପରି ଦୁର୍ଘଟଣା କଣ କମ୍ ଦୁର୍ବିସହ !

କାଳୀ ଗୋଟାଏ ଦେବୀ—ଏ ଦେବୀ ରକ୍ତଲୋଲୁପ । ଏ ଦେବୀର ପ୍ରତିମା, ମାଟିଗୋଡ଼ର ପ୍ରତିମା, ପଥରର ପ୍ରତିମା ବି ପ୍ରାଣଶକ୍ତିରେ ଭରପୂର । ଏହାକୁ ପୁଣି ମନୁଷ୍ୟ ଜୀବନ୍ୟାସ କରେ । ଯେ ମନୁଷ୍ୟ ନିଜର ବା ନିଜର ଜ୍ଞାତି କୁଟୁମ୍ବର ଜୀବନ ରକ୍ଷା କରି ପାରେ ନା, ସେ ପୁଣି ପାଷାଣରେ ପ୍ରାଣ ସଞ୍ଚାର କରେ । ହାୟରେ ଦୁର୍ଦ୍ଦୈବ !! ଈଶ୍ୱରଙ୍କ ଅଧିକାରଟାକୁ ମଧ୍ୟ ମନୁଷ୍ୟ ନିଜର ଅଧିକାର ବୋଲି ଦାବୀ କରିବାର ଛଳନା କରେ ! ଏ ଦେବୀ, ଯାକୁ ମା' ବୋଲି କୁହାଯାଏ, ସେ ମୂକ ନିରୀହ ପ୍ରାଣୀର ରକ୍ତମାଂସ ପ୍ରତି କାହିଁକି ଏତେ ଲୋଲୁପ ବୁଝିବା ଅତ୍ୟନ୍ତ କଠିଣ ଆମ ପକ୍ଷରେ । ଏପରି ଅନ୍ଧବିଶ୍ୱାସର ଦୁଷ୍ପରିଣାମର ଏକ ମର୍ମନ୍ତୁଦ ଦୁର୍ଘଟଣାର ଘଟଣା ଶୁଣନ୍ତୁ । ସମ୍ବଲପୁରର ଘଟଣା । ଦଶହରା ସମୟରେ

Digitized by srujanika@gmail.com

ସାଧାରଣତଃ ଦୁର୍ଗାଙ୍କର ପ୍ରତିମା ତିଆରି କରି ପୂଜା କରାଯାଏ । ଆଉ କେତେ ଦିନ ପୂଜା କଲା ପରେ ପ୍ରତିମାକୁ ପୁଣି ବିସର୍ଜନ କରାଯାଏ । ଦିନେ ରାତିରେ ନାନା ବାଦ୍ୟ ସହକାରେ ପ୍ରତିମାକୁ ବିସର୍ଜନ କରିବା ପାଇଁ ନଗରରେ ପରିକ୍ରମା କରାଯାଉଛି । ଏ ଉତ୍ସବ ଦେଖିବା ପାଇଁ ଗୋଟାଏ ୧୦।୧୨ ବର୍ଷ ବୟସର ବାଳକ ଘରରୁ ତରତରରେ ଉଠି ଆସୁଛି । ମୂର୍ତ୍ତିର ଭୀଷଣ ଆକାର-ପ୍ରକାର, ନାନା ଅସ୍ତ୍ର ଶସ୍ତ୍ରରେ ସଜ୍ଜିତ ପ୍ରତିମାର ରଣଚଣ୍ଡୀ ସାଜସଜ୍ଜା ଦେଖି ଚମକି ପଡୁଛି, ହଠାତ୍ ତାର ହୃଦୟର ଗତିରୋଧ ହୋଇଛି—ବାଳକର ସେହି ସ୍ଥଳରେହିଁ ମୃତ୍ୟୁ ଘଟିଛି । କେତେକ ନିର୍ବିଚାରରେ ବିଶ୍ୱାସ କରନ୍ତି ଯେ ଦୁର୍ଗା ବାଳକକୁ ଭକ୍ଷି ଦେଲେ—ଅର୍ଥାତ୍ ମାଟିର ମୂର୍ତ୍ତି ଗୋଟାଏ ଜୀବନ୍ତ, ପ୍ରାଣୀ ଖାଇ ପକାଇଲା । ବାଳକର ମନରେ ଯଦି ଅନ୍ଧବିଶ୍ୱାସ ନ ଥାନ୍ତା ଯେ ମାଟିର ପ୍ରତିମା ବି ଜୀବନ୍ତ, ମନୁଷ୍ୟ ପରି କର୍ମ କରେ, ତେବେ ତାର ଏପରି ଅସହାୟଭାବରେ ମୃତ୍ୟୁ ଘଟି ନ ଥାନ୍ତା ।

ଦ୍ୱିତୀୟ ଘଟଣା କଟକର । ନିଜର ପତ୍ନୀ ସଙ୍ଗରେ ଝଗଡ଼ା କରି ଜଣେ ଡାକ୍ତରୀ ବିଦ୍ୟାର ଅଧ୍ୟାପକ ଆତ୍ମହତ୍ୟା କରନ୍ତି, ଡାକ୍ତରଖାନାର ଉପର ମହଲରେ । ଆତ୍ମହତ୍ୟାର ପୂର୍ବରୁ ସେ ବିଜୁଳୀ ବତୀକୁ ଲିଭାଇ ଦେବାର ଚେଷ୍ଟା କରନ୍ତି । ସେ ବତୀକୁ ତରବରରେ ଲିଭାଇବା ଫଳରେ ବିଜ୍ଞାନର କଣ ଅସୁବିଧା ହୁଏ, କେଜାଣି, ବତୀଟା ଦପ୍ କରି ଜଳି ଉଠେ, ପୁଣି ଲିଭି ଯାଏ, ଏପରି ଅନେକ ସମୟ ପର୍ଯ୍ୟନ୍ତ ହୋଇଛି । ଛାତ୍ରମାନଙ୍କ ଧାରଣା ହୋଇଛି ଯେ ଅଧ୍ୟାପକଙ୍କର ଅପମୃତ୍ୟୁ ହୋଇଥିବାରୁ ସେ ପ୍ରେତ ପାଲଟି ଯାଇଛନ୍ତି । ଫଳତଃ ରାତ୍ରିରେ କୌଣସି ଛାତ୍ର ଉପର ମହଲକୁ ଯିବାକୁ

Digitized by srujanika@gmail.com

ସାହସ କରନ୍ତି ନାହିଁ । ଉପର ମହଲର ଦ୍ୱାର ବନ୍ଦ ଥିବା ସତ୍ତ୍ୱେ ବି ପାଚଲି ପର୍ଯ୍ୟନ୍ତ ମଧ୍ୟ କେହି ଯିବାକୁ ସାହସ କରନ୍ତି ନାହିଁ । ଛାତ୍ରମାନେ ଭୟ କରି କରି ଏପରି କଣ୍ଟି ଦିନ ଅତିବାହିତ ହୋଇଛନ୍ତି —ରାତିରେ କେହି ନିଜ ନିଜ କୋଠରୀରୁ ପଦାକୁ ମଧ୍ୟ ବାହାରିବାକୁ ସାହିସ କରନ୍ତି ନାହିଁ । ଏମାନଙ୍କ ମଧ୍ୟରେ ଏପରି ଛାତ୍ର ବି ଅଛନ୍ତି ଯେଉଁମାନେ ଏପରି କଥାକୁ ବିଶ୍ୱାସ କରନ୍ତି ନାହିଁ । ଅର୍ଥାତ୍ ମନର ଅନେକ ଦିନର ଏ ଦୁର୍ବଳ ସଂସ୍କାର ଲୁପ୍ତପ୍ରାୟରେ ରହିଛି ଯେ ଭୂତ ମନୁଷ୍ୟକୁ ଖାଇଯାଏ । ଅନେକ ଦିନ ଗଲା ପରେ, ଯେତେବେଳେ ଭୟର ବାତାବରଣ କମିଛି, ଛାତ୍ରମାନଙ୍କ ମଧ୍ୟରେ ଭୂତ ପ୍ରେତର ସପକ୍ଷରେ ଆଉ ବିପକ୍ଷରେ ଆଲୋଚନା ହୋଇଛି । ଏହି ଆଲୋଚନା ମାଧ୍ୟମରେ ଏହି ସର୍ତ୍ତ ରହିଛି ଯେ ରାତିରେ ଗୋଟାଏ କଣ୍ଟା ନେଇ ଉପର ମହଲର ଦ୍ୱାରରେ ପିଟି ଦେଇ ଆସିବ, ତାକୁ ପୁରସ୍କାର ଦିଆଯିବ ଆଉ ତେବେ ଯାଇ ବୁଝାଯିବ ଯେ ଭୂତ ପ୍ରେତର ଅସ୍ତିତ୍ୱ ନାହିଁ । ଜଣେ ଛାତ୍ର ଏହା କରିବାକୁ ଆଗେଇ ଆସନ୍ତି । ବିଶ୍ୱାସ ନାହିଁ, ଅଥଚ ଅନେକ ଦିନର ସଂସ୍କାର ଫଳରେ ମନରେ ଭୟ, ପୁଣି ପୁରସ୍କାର ପ୍ରତି ଲୋଭ, ଏପରି ଅବସ୍ଥାରେ ସେ କଣ୍ଟା ପିଟିବାକୁ ଯାଆନ୍ତି । ବିଚଳିତ ମନରେ ଡର ଡର କଣ୍ଟା ପିଟିବାବେଳେ ଅବ୍ୟବସ୍ଥିତ ହୋଇ ନିଜର କମିଜର କିଛି ଅଂଶକୁ ନେଇ ଦ୍ୱାରରେ କଣ୍ଟା ପିଟି ଦିଅନ୍ତି । ତତ୍ପରବରେ ଭୟ କରି କରି ଫେରିବାବେଳେ ଅନୁଭବ କରନ୍ତି, ସେ ଆସି ପାରୁ ନାହାନ୍ତି । ତାଙ୍କର ଧାରଣା ହୁଏ ଯେ ଭୂତ ତାଙ୍କୁ ଧରିଛି । ସେ ଚିତ୍କାର କରି ଉଠନ୍ତି । ଅନ୍ୟାନ୍ୟମାନେ ଯାଇ ଦେଖନ୍ତି, ତାଙ୍କର ହୃଦ୍‌ଯନ୍ତ୍ରର କ୍ରିୟା ହଠାତ୍ ବନ୍ଦ ହେବା ଫଳରେ ତାଙ୍କର ମୃତ୍ୟୁ ହୋଇଛି । ତାଙ୍କର ଯଦି ଦୃଢ଼ ବିଶ୍ୱାସ ଥାନ୍ତା ଯେ ଭୂତପ୍ରେତ

ଅଛେଁ ନାହିଁ, ମର ଯାଉଥିବା ବ୍ୟକ୍ତିକୁହିଁ କୁହାଯ ଏ ଭୂତ, ଅର୍ଥାତ୍ ଅତୀତ, ଆଉ ଯେ ଶବ ପଡ଼ ରହୁଛି, 'ପ'ର ଦାହ-ସଂସ୍କାର ହୋଇ ନାହିଁ, ତ୍ସେ ପ୍ରେତ, ତେବେ ତ ଏ ଦୁର୍ଘଟଣା ଘଟି ନ ଥାନ୍ତା ।

ଏଥିପାଇଁହିଁ ମନୋବୈଜ୍ଞାନକମାନେ କହନ୍ତି, ଶିଶୁର ମନରେ କୌଣସି ପ୍ରକାରର ଭୟର ସଂସ୍କାର ଦେବା ଉଚିତ ନୁହେ । ଥରେ ସଂସ୍କାର ମନରେ ଜମି ଗଲେ, ତାକୁ ଆଉ ଦୂର କରିବା ସହଜ ହୋଇ ପାରେ ନା ।

କୁତୂହଳ ଘଟଣାଟି ବଦେଶର । କୌଣସି ଗୋଟାଏ ଅପରାଧୀକୁ ମୃତ୍ୟୁ ଦଣ୍ଡ ହୁଏ । ବନା କୌଣସି ରକ୍ତପାତରେ, କେବଳ ମାନସିକ ଉପାୟର ଅବଲମ୍ବନରେ ଅପରାଧୀର ମୃତ୍ୟୁ ଘଟାଇବା ପାଇଁ, ମନୋବୈଜ୍ଞାନକମାନେ ଅପରାଧୀକୁ ନଜର ଅଧୀନକୁ ଆଣନ୍ତି ବଚାରପତଙ୍କ ଆଜ୍ଞା ନେଇ । ତାକୁ ଏପରି ଏକ ଘରରେ, ତାର ସମସ୍ତ ଶରୀରକୁ ଆବୃତ କର ଗୋଟାଏ ଟେବୁଲରେ ଶୁଆଇ ରଖନ୍ତି, ତାର ଯେପରି ଅନୁଭବ ହେବ, ଏ ଘରରେ ନାନା ଅସ୍ତ୍ରଶସ୍ତ୍ର ଅଛି । ତା'ପରେ ତାର ଶରୀରର ଗୋଟାଏ ଅଂଶରେ ଗୋଟାଏ ରବର ନଳୀ ଲଗାଇ ଦଅନ୍ତି, ଆଉ ନଳୀର ପ୍ରାନ୍ତଭାଗ ଲାଗିଥାଏ ଗୋଟାଏ ପାତ୍ରରେ । ପାତ୍ରରେ ଟୋପାଟୋପା ପାଣି ଢାଳୁଥାନ୍ତି, ଆଉ ଅପରାଧୀର ମନରେ ଭୟଜନତ ସଂସ୍କାର ଦେବା ଉଦ୍ଦେଶ୍ୟରେ ବାରମ୍ବାର ଆପଣା ଆପଣା ମଧ୍ୟରେ କଥାବାର୍ତ୍ତା କରୁଥାନ୍ତି ଯେ ଅପରାଧୀର ଶରୀରରୁ ରକ୍ତ ପଡ଼ୁଛି । ଆଉ ଏପରି କରିବା ବେଳେ ଅପରାଧୀର ନାଡ଼ୀ ପରୀକ୍ଷା କର କହୁଥାନ୍ତି ଯେ ସେ ଅଳ୍ପେ ଅଳ୍ପେ ଦୁର୍ବଳ ହୋଇ ପଡ଼ୁଛି—ତାର ନାଡ଼ୀ କ୍ଷୀଣ ହୋଇ

Digitized by srujanika@gmail.com

ଅଛନ୍ତି । ଶେଷରେ ଯେତେବେଳେ କହନ୍ତି ଯେ ଅପରାଧୀର ଶରୀରର ସମସ୍ତ ରକ୍ତ ବାହାରି ପଡ଼ିଲା—ବର୍ତ୍ତମାନ ଅପରାଧୀ ଆଉ ବଞ୍ଚିବ ନାହିଁ, ଠିକ୍ ସେତେବେଳେ ତାର ମୃତ୍ୟୁ ହୁଏ । କେବଳ ମିଥ୍ୟାରେ ମିଥ୍ୟାରେ ଲୋକଟିର ମୃତ୍ୟୁ ଘଟିଲା, ତାର ମନରେ ଏ ବିଶ୍ୱାସ ଆସି ପାରିଲା ନାହିଁ ଯେ ତାର ଶରୀରରୁ ଯଥାର୍ଥରେ ରକ୍ତ ବହୁ ନାହିଁ—, ନଳରୁ ପାଣି ଚାଲି ଯାଉଛି ପାତ୍ରରେ । ଏଇ ଅନ୍ଧ ସଂସ୍କାର ପାଇଁ ତାର ମୃତ୍ୟୁ ଘଟିଲା, ଏପରିଭାବରେ ଯେ ମନ ଦୁର୍ବଳ, ସେ ମନକୁ କିପରି ସାବଧାନତାର ସହିତ ସବଳ କରିବାକୁ ହେବ, ଚିନ୍ତା ଦ୍ୱାରା ଅନ୍ଧ ବିଶ୍ୱାସକୁ ହତ୍ୟା କରି ଏ କଥା ବୁଝି ପାରୁଛନ୍ତି ତ ?

ବିଶ୍ୱାସଜନିତ ସଂସ୍କାର ମନୁଷ୍ୟର ମନକୁ ଏପରି ପ୍ରବଳଭାବରେ ଆଚ୍ଛନ୍ନ କରେ ଯେ ମନୁଷ୍ୟ ବିଚାର-ଶକ୍ତିକୁ ହରାଇ ବସେ । ଅର୍ଥାତ୍ ମନୁଷ୍ୟ ମନରେ ମନର ପ୍ରାଧାନ୍ୟ ଏପରି ଦୃଢ଼ଭାବରେ ରହେ ଯେ ମନୁଷ୍ୟର ବିଚାର କରିବାର ଶକ୍ତି କ୍ଷୀଣ ହୋଇ ପଡ଼େ । କାରଣ ମନର କାର୍ଯ୍ୟ ବିଶ୍ୱାସ କରିବା—ଚିନ୍ତା କରିବା ନୁହେ । ମନ ଯା' ବିଶ୍ୱାସ କରେ, ସେ ବିଷୟ ଯଥାର୍ଥ କି ନା, ଏ ବିଶ୍ୱାସର ମୂଳରେ ସତ୍ୟ ଅଛି କି ନା, ଏହାର ପରୀକ୍ଷଣ ପାଇଁ ମନ ହୃଦୟ ପାଖକୁ ବିଶ୍ୱାସକୁ ନ ପଠାଇବା ଫଳରେ ହୃଦୟ ବିଚାର କରିବାର ଅଭ୍ୟାସରୁ ବିରତ ହୋଇ ରହେ । ତେଣୁ ମନ ଅବସି କଭାବରେ ହୃଦୟ ପାଖକୁ କିଛି ପଠାଇଲେ, ସେ ବିଚାର କରି ପାରେନା । ଏପରି ବ୍ୟକ୍ତିକୁ କୁହାଯାଏ ହୃଦୟହୀନ ବା ଅବିବେକୀ । ଆଉ ଏ ଅବିବେକୀ ଯେଉଁ କର୍ମ କରନ୍ତି, ତା' କର୍ମ ହୁଏ ନା—ହୁଏ ଅପକର୍ମ । ଅତଏବ ଚିନ୍ତାର ଅଭ୍ୟାସ ଆବଶ୍ୟକ । ଅପକର୍ମରୁ ପାପକର୍ମରୁ ଚିନ୍ତାହିଁ ରକ୍ଷା କରେ—ବିଶ୍ୱାସ ନୁହେ । ବିଶ୍ୱାସ ରକ୍ଷା

Digitized by srujanika@gmail.com

କରି ପାରୁଥିଲେ, ସେ ବାଳକ, ସେହି ଡାକ୍ତର ଘର, ଅଉ ସେହି ଅପରାଧୀ ରକ୍ଷା ପାଉଥାନ୍ତେ ।

ଚିନ୍ତାଶକ୍ତିହୀନ ହେବା ଫଳରେ ମନୁଷ୍ୟ ସତ୍ୟଜ୍ଞାନକୁ ହରାଇ ବସେ । ଅଉ ସତ୍ୟଜ୍ଞାନର ଅଭାବରୁ ସେ କେବଳ କଳ୍ପନା କରି ତୃପ୍ତ ହେବାକୁ ଚେଷ୍ଟା କରେ । ତା'ର ଏ ତୃପ୍ତିର କଥାକୁ ସାଧାରଣ ଲୋକେ ସତ୍ୟ ବୋଲି ଗ୍ରହଣ କରନ୍ତି । ଏପରି ମିଥ୍ୟା ଜ୍ଞାନ, ମିଥ୍ୟା ବିଶ୍ୱାସ ଆମର ସଂସ୍କୃତିକୁ ପ୍ରବଳଭାବରେ ଆଘାତ କରେ । ଆମେ ବିଦେଶୀମାନଙ୍କଠାରେ ହସ୍ୟାସ୍ପଦ ହେଉଁ । ଉଦାହରଣ ଦେଲେ କଥାଟା ସ୍ପଷ୍ଟ ହେବ । (୧) ଗଙ୍ଗା ଯମୁନା ସରସ୍ୱତୀ (?) ର ମିଳନ ସ୍ଥଳକୁ କୁହାଯାଏ ତ୍ରିବେଣୀ ବା ତ୍ରିବେଣୀ-ସଙ୍ଗମ । ଏହାର ପ୍ରାଚୀନ ନାମ ପ୍ରୟାଗ ବା ପ୍ରୟାଗ-ତୀର୍ଥ (ଏହାର ଆଧୁନିକ ନାମ ଇଲ୍ଲାହାବାଦ । ଅଲ୍ଲାହ ଅର୍ଥାତ୍ ଈଶ୍ୱରଙ୍କ ଦ୍ୱାରା ଏହା ଅବାଦ୍ ଅର୍ଥାତ୍ ସ୍ଥାପିତ । ଏ ନାମ ମୁସଲମାନମାନଙ୍କ ରାଜତ୍ୱ କାଳରୁ— ତାଙ୍କରି ଦ୍ୱାରା ରକ୍ଷିତ ।) ତ୍ରିବେଣୀ କହିବା ମାତ୍ରକେ ତିନୋଟି ଧାରର କଳ୍ପନା ସ୍ୱତଃ ମନୁଷ୍ୟର ମନରେ ଆସୁଛି । ଯେ ହେତୁ ତ୍ରି ଅର୍ଥ ତିନି ଅଉ 'ବେଣୀ' ଅର୍ଥ ଧାର । ଫଳତଃ ତ୍ରିବେଣୀ ସଙ୍ଗମ କହିଲେ ତିନୋଟି ନଦୀର ମିଳନ ଯେ ହୋଇଥିବ, ଏପରି ବିଚାରିବା ମନୁଷ୍ୟ ପକ୍ଷରେ ସ୍ୱାଭାବିକ । ତେଣୁ ତିନୋଟି ନାମର କଳ୍ପନା କରିବା ମଧ୍ୟ ମନୁଷ୍ୟ ପକ୍ଷରେ ସ୍ୱାଭାବିକ । କିନ୍ତୁ ପ୍ରତ୍ୟକ୍ଷରେ ଦେଖୁଛୁଁ, ଗଙ୍ଗା ଅଛି, ଯମୁନା ଅଛି, ସରସ୍ୱତୀ କାହିଁ ? ସରସ୍ୱତୀ ନଦୀର କଳ୍ପନା କରିବାକୁ ପଡୁଛି, ଅଉ ଏହି କଳ୍ପନାର ମାତ୍ରା ବଢୁଛି । ବିଶ୍ୱାସ କରାଯାଉଛି; ସରସ୍ୱତୀ ଉଭେଇ ଗଲେ ପାତାଳ-ଗାମୀ ହେଲେ । ଗଙ୍ଗା ଯମୁନା ସରସ୍ୱତୀ ଏ ତିନିହେଁ ସ୍ତ୍ରୀ—

Digitized by srujanika@gmail.com

ଭଗବାନ ବିଷ୍ଣୁଙ୍କ ସ୍ତ୍ରୀ । ସପତ୍ନୀମାନଙ୍କ ମଧ୍ୟରେ କଳହ ହେବାରୁ ସରସ୍ୱତୀ ଅନ୍ତହିତା ହେଲେ । ତ୍ରିବେଣୀ ସଙ୍ଗମ ସମ୍ବନ୍ଧରେ ଆମେ ଯଦି ବିଚାର କରିଥାନ୍ତେ, ତେବେ ଆମେ ଏପରି ବିଶେଷ କଳ୍ପନା କରି ନ ଥାନ୍ତେ । ତ୍ରିବେଣୀ କହିବା ମାତ୍ରକେ ତିନୋଟି ଧାରାକୁ ବୁଝାଉଛି, ଏ କଥାଟା ସତ । କିନ୍ତୁ ଦୁଇଟି ଭିନ୍ନ ଦିଗରୁ ଦୁଇଟି ନଦୀ ଆସି ଯଦି ଗୋଟାଏ ସ୍ଥଳରେ ମିଳିତ ହୁଅନ୍ତି, ଆଉ ଏ ନଦୀ ଦ୍ୱୟର ମିଳିତ ଧାରା ଯଦି ଗୋଟାଏ ଦିଗକୁ ପ୍ରବାହିତ ହୁଏ, ତେବେ କଣ ଏ ଦୁଇ ନଦୀର ମିଳନ ସ୍ଥଳରେ ତିନୋଟି ଧାରାର ଦର୍ଶନ ହେଉନାହିଁ ? ପ୍ରୟାଗ, ଯେଉଁଠାରେ କି ଗଙ୍ଗା ଯମୁନା ମିଳିତ ହୋଇଛନ୍ତି, ସେଠାରେ ଠିକ୍ ଏହିପରି ଅବସ୍ଥା ସୃଷ୍ଟି ହୋଇଛି । ତେଣୁ ସରସ୍ୱତୀ ନଦୀ ସମ୍ବନ୍ଧରେ ଅଯଥା କଳ୍ପନା ଅଯଥାର୍ଥ । (୨) ଠିକ୍ ସେହିପରି ଅଗସ୍ତି ଋଷିଙ୍କ ସମ୍ବନ୍ଧରେ । ପୁରାଣରେ ଲେଖାଅଛି, ଅଗସ୍ତି ଋଷି ସମୁଦ୍ରର ପାଣିକୁ ଚଳୁ କରି ଦେଲେ । ଅଗସ୍ତି ଗୋଟାଏ ନକ୍ଷତ୍ରର ନାମ । ନକ୍ଷତ୍ରର ନାମକୁ ଅନୁସରଣ କରି, ମନୁଷ୍ୟର ନାମ-କରଣ ହୋଇଛି । ଆଗେ ନକ୍ଷତ୍ରର ସୃଷ୍ଟି, ପରେ ମନୁଷ୍ୟର । ପ୍ରାଚୀନ ସମୟରେ ଋଷିମାନେ କେବଳ ଦାର୍ଶନିକ ନ ଥିଲେ ବୈଜ୍ଞାନିକ ବି ଥିଲେ । 'ବିମାନ ଶାସ୍ତ୍ର' ପଢନ୍ତୁ । ଜଣେ ଋଷି ପ୍ରାଚୀନ ସମୟରେ ବିମାନର ଆବିଷ୍କାରକ । ଋଷି ଅଗସ୍ତି ସମୁଦ୍ର ଗର୍ଭର ଗବେଷଣା ବିଦ୍ୟାରେ ପାରଙ୍ଗମ ଥିଲେ । ଚଳୁ କରିବା ଅର୍ଥ ପାଣିକୁ ପଦ୍ମରେ ରଖି ଶୋଷିବା । ଋଷି ଅଗସ୍ତି ଏ ବିଦ୍ୟାରେ ଏତେ ପ୍ରବୀଣ ଥିଲେ ଯେ ସମୁଦ୍ର ପାଣିକୁ ତାଙ୍କର ହାତର ପଦ୍ମରେ ରଖିଥିଲେ ବୋଲି କହିବାକୁ ହେବ । ଏ କଥାର ଏହା କେବଳ ରୂପକ କଳ୍ପନା । ଦ୍ୱିତୀୟ କଥା ଏହି ଯେ, ଅଗସ୍ତି ଗୋଟାଏ ନକ୍ଷତ୍ରର ନାମ । ଏ ନକ୍ଷତ୍ର ଆକାଶରେ

Digitized by srujanika@gmail.com

ଦେଖା ଦେଲେ ବୁଝିବାକୁ ହେବ, ବର୍ଷାକାଳର ଅନ୍ତ ହେଲା । ଏ ନକ୍ଷତ୍ର ଉଦୟ ହେଲେ ବର୍ଷା ଆଉ ହୁଏ ନାହିଁ । ତେଣୁ ଅଗସ୍ତି ଋଷିଙ୍କ ସମୁଦ୍ର ପାଣି ଶୋଷି ଦେଲେ ବୋଲି କହନ୍ତି । (୩) ଲକ୍ଷ୍ମୀ ସମୁଦ୍ରରୁ ଉତ୍ପନ୍ନ, ଏ କଥାଟାକୁ ଠିକ ଅର୍ଥରେ ବୁଝିବା ଉଚିତ—ଅକ୍ଷରାର୍ଥ କରି ନୁହେଁ । ଏ ପୌରାଣିକ କଥାର ମୂଳ ଲକ୍ଷ୍ୟକୁ ବୁଝିବା ଉଚିତ, ସାହିତ୍ୟର ଏ ଅଳଙ୍କାରକ ରଚନାକୁ ବୁଝିବା ଉଚିତ, ଏ ପୌରାଣିକ କଥାର ପ୍ରତ୍ୟେକ ବାକ୍ୟକୁ ବେଦବାଣୀ ମନେ କରି ବୁଝିବା ଉଚିତ ନୁହେ । ସାଧାରଣତଃ ମନେ କରାଯାଏ ଲକ୍ଷ୍ମୀ ଧନର ଅଧିଷ୍ଠାତ୍ରୀ ଦେବୀ, ଆଉ ସମୁଦ୍ରକୁ କୁହାଯାଏ 'ରତ୍ନାକର' 'ରତ୍ନଗର୍ଭ' ଆଦି ଆଦି । ବାସ୍ତବରେ ଯେତେ ଅମୂଲ୍ୟ ଧନରାଶି, ବହୁମୂଲ୍ୟ ପଥରଆଦି ମଣି ମାଣିକ୍ୟ ହୀରା ନୀଲା ଆଦି ସମୁଦ୍ର ଗର୍ଭରେ ସ୍ଥିତ । ଧନକୁ ଲକ୍ଷ୍ମୀ କୁହାଯାଏ, ଆଉ ଏ ଧନ ଯେତେବେଳେ ସମୁଦ୍ର ଗର୍ଭରେ ଅଛି, ସେତେବେଳେ ଲକ୍ଷ୍ମୀଙ୍କ ସମୁଦ୍ରରୁ ଜାତ ବୋଲିବା ଠିକ୍ ହୋଇଛି । ଲକ୍ଷ୍ମୀଙ୍କ ସଙ୍ଗରେ ପୁଣି ଆହୁରି ଅନେକ ପଦାର୍ଥର ଜନ୍ମ ଏହି ସମୁଦ୍ରରୁ, ଏ ସମସ୍ତେ ଲକ୍ଷ୍ମୀଙ୍କର ଭାଇ ବା ଭଉଣୀ । ତେଣୁ ଲକ୍ଷ୍ମୀଙ୍କ ସଙ୍ଗରେ ଏ ସମସ୍ତ ଭାଇ ଆଉ ଭଉଣୀର ମଧ୍ୟ ଗୁଣର ସାମଞ୍ଜସ୍ୟ ଥାଇପାରେ । ଅତଏବ ଲକ୍ଷ୍ମୀ ଚନ୍ଦ୍ରଙ୍କଠାରୁ ବକ୍ରତା, ଉଚ୍ଚୈଃଶ୍ରବାଠାରୁ ଚଞ୍ଚଳତା, କାଳକୂଟଠାରୁ ଅନ୍ୟକୁ ନାଶ କରିବାର ଶକ୍ତି, ମଦିରାଠାରୁ ମୋହିନୀ ଶକ୍ତି, ଆଉ କୌସ୍ତୁଭମଣିଠାରୁ ନୈଷ୍ଠୁର୍ଯ୍ୟ ନେଇ ଜନ୍ମ ନେଇଛନ୍ତି । ପୁରାଣର କଥାନୁସାରେ ଏ ସମସ୍ତ ପଦାର୍ଥ ମଧ୍ୟ ସମୁଦ୍ରରୁ ଜାତ । ଯେ ଲକ୍ଷ୍ମୀ ଏପରି ଭାବରେ ନାନାଙ୍କୁ ବିରୋଧୀ ଗୁଣ ନେଇଛନ୍ତି, ତାଙ୍କୁ ଆୟତ୍ତ କରିବା ସମସ୍ତଙ୍କ ପକ୍ଷରେ ସହଜ ନୁହେଁ । ତେଣୁ ଏହି ଲକ୍ଷ୍ମୀର ସ୍ୱାମୀ ହେଉଛନ୍ତି ବିଷ୍ଣୁ । ଏହି ବିଷ୍ଣୁଙ୍କ ଉତ୍ସର୍ଗ କରି

Digitized by srujanika@gmail.com

ଯଦି ଧନର ବ୍ୟବହାର କର, ଅର୍ଥାତ୍ ଯେ ବସ୍ତୁ ସର୍ବବ୍ୟାପକ, ସେ ଏ ମଧ୍ୟରେ ମଧ୍ୟ ବ୍ୟାପକ; ଏହା ଉପରେ ତାଙ୍କର ସମ୍ପୂର୍ଣ୍ଣ କରିଛନ୍ତି, ଅଛି ଈଶ୍ୱର ବିଶ୍ୱର ତ୍ୟାଗପୂର୍ବକ ଯଦି ଧନକୁ ବ୍ୟବହାର କର, ତେବେ ଧନର ଉପରେକ୍ତ ଦୁର୍ଗୁଣ ଭ୍ରଷ୍ଟ ଧନ ତୁମକୁ ଶିକ୍ଷା ଦେବ, ଏ ରୂପକର ଏହାହିଁ ଲକ୍ଷ୍ୟ । ଏ କଥାଟାକୁ ମନୁଷ୍ୟ ଯଦି ବିଶ୍ୱାସ ନ କରି ବୁଝେ, ତେବେ ସେ ବିଶ୍ୱାସ କରିବ ଯେ, ସତରେ ସମୁଦ୍ର ଗର୍ଭରୁ ଏ ସମସ୍ତ ପଦାର୍ଥ ବାହାରିଛି । କିନ୍ତୁ ମନୁଷ୍ୟର ବୁଦ୍ଧି କଣ ଏ କଥାକୁ ଗ୍ରହଣ କରି ପାରୁଛି ଯେ, ପାଣି ଭିତରୁ ଘୋଡ଼ା, ହାତୀ, ଚନ୍ଦ୍ର, ବିଷ ଓ ମଦଆଦି ଉତ୍ପନ୍ନ ହେଉଛି ? ଯା'ର ଏ କଥାରେ ବିଶ୍ୱାସ ଉତ୍ପନ୍ନ ହେଉଛି, ସେମାନେ ତା' କରି ପାରନ୍ତି । ଆମର ବିଶ୍ୱାସ ନାହିଁ—ଆମେ ବିଶ୍ୱାସ କରିବୁ ନାହିଁ ।

"ଜ୍ଞାନଂ ଭାରଃ କ୍ରିୟାଂ ବିନା"

(କ୍ରିୟା ବିନା ଜ୍ଞାନ ଭାର ସ୍ୱରୂପ)

ଭାରର ଠିକ୍ ଅର୍ଥ କଣ ? ଆମର ଇଚ୍ଛା ବିନା କୌଣସି ଯେଉଁ କାର୍ଯ୍ୟକୁ ଆମ ଉପରେ ନ୍ୟସ୍ତ କରାଯାଏ; ଫଳତଃ ଯା'କୁ ଆମେ ସବୁବେଳେ ତ୍ୟାଗ କରିବାକୁ ବାଟ ଖୋଜୁଥାଉଁ, ଯା'ଠାରୁ ଦୂରତ୍ୱ ଅବଲମ୍ବନ କରିବାକୁ ଆମର ଇଚ୍ଛା ହେଉଥାଏ, ତା' ଭାର । ଜ୍ଞାନ କଣ ? ଯା' ଆମେ ଜାଣୁ, ଯା ଆମେ କେବଳ ଜାଣୁ, ଇନ୍ଦ୍ରିୟ ଦ୍ୱାରା, ସାଧାରଣ ସ୍ୱାଭାବିକ ପ୍ରବୃତ୍ତିର, କାରଣରୁ—ବିଶ୍ୱାସ କରି କିମ୍ବା ବା ଚିନ୍ତାକରି କିମ୍ବା, ତା' ଜ୍ଞାନ, ଅର୍ଥାତ୍ ବିଶ୍ୱାସ କରି ଯା ଜାଣୁ, ତା ଜ୍ଞାନ । ଏହି ଜ୍ଞାନର ଇଂରେଜୀରେ ପ୍ରତିଶବ୍ଦ ହେବ—Information ବା Knowledge, Thoughts ବା Intelli-

Digitized by srujanika@gmail.com

gence ନୁହେ । ଅତ ଏହି Thoughts ବା Intelligenceର ପ୍ରତିଶବ୍ଦ ସଂସ୍କୃତରେ 'ଚିନ୍ତା' । ଏ ଜ୍ଞାନ ଆମକୁ ଯାହା କରିବାକୁ ଦେବ, ତା' କ୍ରିୟା । "ଜ୍ଞାନଂ ଭାରଃ କ୍ରିୟାଂ ବିନା," ଏହାର ଅର୍ଥ ଏହି ଯେ, ସାଧାରଣ ଜ୍ଞାନ (ମେଧା ବା ବୁଦ୍ଧି ନୁହେ) ଆମ ପକ୍ଷରେ ଭାର ସ୍ୱରୂପ ହେବ, ଯଦି ଆମକୁ ଜ୍ଞାନ କର୍ମ-ପ୍ରେରଣା ଦେଇ ପାରିବ ନାହିଁ । ଏ ଅବସ୍ଥା କେତେବେଳେ ସମ୍ଭବ ହେବ ? ଯେତେବେଳେ ଜ୍ଞାନ ବିଚାର ଦ୍ୱାରା, ଚିନ୍ତା ଦ୍ୱାରା ଅନୁପ୍ରାଣିତ ହେବ ନାହିଁ—କେବଳ ବିଶ୍ୱାସ ଦ୍ୱାରା ପରିଚାଳିତ ହେବ । ବିଚାର ଦ୍ୱାରା ଅନୁପ୍ରାଣିତ ନ ହୋଇ, କେବଳ ବିଶ୍ୱାସ ଦ୍ୱାରା ଚାଳିତ ହୋଇ ଜ୍ଞାନ ଯଦି କର୍ମ-ପ୍ରେରଣା ଦିଏ, ତେବେ ସେଠା ଠିକ୍ କର୍ମ ହେବ ନାହିଁ—ସେ ହେବ ଅପକର୍ମ, ଯଥା—ହୃଦସ୍ଥରେ ପକ୍ଷୀ ପଡ଼ିବାର ଫଳରେ ମନୁଷ୍ୟର ମୃତ୍ୟୁ ଘଟେ । ମନୁଷ୍ୟ ଯଦି ଏ ଜ୍ଞାନର ଦ୍ୱାରା ଚାଳିତ ହୁଏ, ତେବେ ସେ ଶଙ୍କିତ ହେବା ଫଳରେ ଦୁର୍ବଳ ସିନା ହେବ, ଅନ୍ୟ କୌଣସି ଲାଭ ବା କ୍ଷତି ତ ହେବ ନାହିଁ । ଅନ୍ୟତ୍ର ସନ୍ତାନକୁ ବଳି ଦେଲେ, କାଳୀ ପ୍ରସନ୍ନ ହେବେ—ଏ ଜ୍ଞାନର ବଶବର୍ତ୍ତୀ ହୋଇ ଏ କୁକର୍ତ୍ତବ୍ୟ କଲେ; ମୃତ୍ୟୁଦଣ୍ଡ ସିନା ପାଇବ—ଅନ୍ୟ ଲାଭ ତ କିଛି ହେବ ନାହିଁ । କାଫିରମାନଙ୍କ ସ୍ତ୍ରୀମାନଙ୍କୁ ରମଣ କଲେ, ପୁଣ୍ୟ ହେବ; ଏପରି ଜ୍ଞାନାନୁସାରେ ଏ କର୍ମ କଲେ, ଦଣ୍ଡ ସିନା ପାଇବ, ପୁଣ୍ୟ ତ ହେବ ନାହିଁ । ଅତଏବ ମନୁଷ୍ୟକୁ ଏ ପ୍ରକାର ପାପକର୍ମରେ ଲିପ୍ତ ହେବାକୁ ଯେ ଜ୍ଞାନ ପ୍ରେରଣା ଦେବ, ସେ କଣ ମନୁଷ୍ୟ ପକ୍ଷରେ ଭାର ସ୍ୱରୂପ, ଅର୍ଥାତ୍ ଦୁଃଖର କାରଣ ସ୍ୱରୂପ ହେବ ନାହିଁ ? ମନୁଷ୍ୟକୁ ତେବେ ପାପକର୍ମରୁ ନିବୃତ୍ତ କରିବ କିଏ ? ଯେ କରିବ, ସେ ହେଉଛି ମାର୍ଜିତ ଜ୍ଞାନ, ଚିନ୍ତାଯୁକ୍ତ ଜ୍ଞାନ, ବିଚାରଶକ୍ତିସମ୍ପନ୍ନ ହୃଦୟାନୁବର୍ତ୍ତୀ ଜ୍ଞାନ ଯା'ର ଅନ୍ୟ ନାମ ମେଧା ବା ବୁଦ୍ଧି, ଯା' ଅନ୍ଧ ବିଶ୍ୱାସ ଆଦୌ ନୁହେ ।

Digitized by srujanika@gmail.com

ସୁତରାଂ ମନୁଷ୍ୟ ମଙ୍ଗଳ ପାଇଁ, ଶୁଭ ପାଇଁ, ପବିତ୍ରତା ପାଇଁ, ଫଳତଃ ନିର୍ମଳ ଅନ୍ତର ପ୍ରାପ୍ତି ପାଇଁ, ବିଶ୍ୱାସକୁ ନୁହେ, ଅନ୍ଧ ବିଶ୍ୱାସକୁ ନୁହେ, ଅମାର୍ଜିତ ଜ୍ଞାନକୁ ନୁହେ, ଚିନ୍ତାକୁ କେବଳ ଚିନ୍ତାକୁ; ସେ ଯେ କୌଣସି କ୍ଷେତ୍ରରୁ ଆସିଲେ ମଧ୍ୟ ଉଦାର ଚିତ୍ତରେ, ନିର୍ମଳ ମନରେ, ନମ୍ର ହୋଇ, ଭକ୍ତି ସହକାରେ ସ୍ୱାଗତ କରିବ। ଫଳତଃ ନିଜର ବ୍ୟକ୍ତିର, ସମଗ୍ର ବିଶ୍ୱର ମଙ୍ଗଳ ସାଧିତ ହେବ। ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ବୈମନସ୍ୟ, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ବିଚ୍ଛେଦ, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ କଳହ ଅଶାନ୍ତି, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଅଭାବ ଅନାଟନ ଜନିତ ଦୁଃଖ କ୍ଲେଶ ଅଚିରେ ଅକ୍ଲେଶରେ ଦୂର ହୋଇଯିବ।

ଋଷି ତେଣୁ ସମସ୍ତ ଜଗତର କଲ୍ୟାଣ କାମନା କରି, ଶାନ୍ତି କାମନା କରି, ସୁଖସମୃଦ୍ଧି କାମନା କରି ଈଶ୍ୱରଙ୍କଠାରେ ଏ ପ୍ରାର୍ଥନା କରୁଛନ୍ତି—

"ଆନୋ ଭଦ୍ରାଃ କ୍ରତବୋ ଯନ୍ତୁ ବିଶ୍ୱତଃ"

(Let all noble thoughts come to us from all sides.)

Digitized by srujanika@gmail.com